ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ

(ମୂଳ ସଂସ୍କୃତ ଶ୍ଳୋକ ଓ ପଦ୍ୟାନୁବାଦ)

ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ

(ମୂଳ ସଂସ୍କୃତ ଶ୍ଳୋକ ଓ ପଦ୍ୟାନୁବାଦ)

ଲେଖକ:—

କବିଭୂଷଣ ଶ୍ରୀ ସ୍ୱପ୍ନେଶ୍ୱର ଦାଶ

ପ୍ରଥମ ସଂସ୍କରଣ

୧୯୬୫

ପ୍ରକାଶକ

ଉତ୍କଳ ବିଶ୍ୱବିଦ୍ୟାଳୟ

ବା ଣୀ ବି ହା ର

ଭୁବନେଶ୍ୱର

ମୂଲ୍ୟ ଟ ୫.୦୦ ପାଞ୍ଚ ଟଙ୍କା ମାତ୍ର

ପରିଶିଷ୍ଟ

ମହାପୁରୁଷ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କର ୫୭ ଗୋଟି ଗ୍ରନ୍ଥ ଏହି ଗ୍ରନ୍ଥାବଳୀରେ ସଂଗୃହୀତ ହୋଇଅଛି । ସେ ଯେ କେବଳ ୫୭ଟି ଗ୍ରନ୍ଥ ରଚନା କରିଥିଲେ, ଏହା ଅଭ୍ରାନ୍ତ ସତ୍ୟ-ରୂପେ କୁହାଯାଇ ନ ପାରେ । କାରଣ ଓଡ଼ିଶାର ଅନେକ ବ୍ରାହ୍ମଣଙ୍କ ଗୃହରେ ସେପରି ଅନେକ ଗୁଣାଗୁଣି ଜୀର୍ଣ୍ଣ ତାଳପତ୍ର ଲେଖା ତାହାରିତ, ଯହିଁରେ ଶଙ୍କରାଚାର୍ଯ୍ୟଙ୍କ ନାମରେ ଭଣିତ ଅନେକ ଦେବଦେବୀ ସ୍ତବ ସ୍ତୋତ୍ର ରହିଅଛି । ଭାରତର ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ସେପରି ହାତଲେଖା ପୁସ୍ତକ ଅନେକ ଥାଇପାରେ । ଶଙ୍କରାଚାର୍ଯ୍ୟ-ଗ୍ରନ୍ଥାବଳୀର ଅନୁବାଦକର ଶ୍ୱଶୁରାଳୟରେ ଖଣ୍ଡିଏ ଗୁଣାଗୁଣି ତାଳପତ୍ର ପୋଥି ତନ୍ନପୂର୍ବରୁ ସଞ୍ଚିତ ଥିଲା । ସେଥିରେ ଯେ ଭୁଜଙ୍ଗ ପ୍ରୟାତ ଛନ୍ଦରେ ଶିବସ୍ତୋତ୍ର ରହିଥିଲା, ସେଥିର କତିପୟ ଶ୍ଳୋକ ମୁଁ ମୁଖସ୍ଥ କରିଥିଲି ଏବଂ ନିତ୍ୟ ପୂଜା ସମୟରେ ତାହା ପାଠ କରୁଥିଲି । ମୋର ସ୍ତ୍ରୀ ମୋର ମାଧୁର୍ଯ୍ୟ ଓ ଗମ୍ଭୀର ଗାନରେ ବିମୁଗ୍ଧା ହୋଇ ଗୃହକର୍ମ ଭୁଲି ଯାଉଥିଲେ । ମୋର ମୁଖସ୍ଥ ହୋଇଥିବା ଶିବ ଭୁଜଙ୍ଗ ପ୍ରୟାତ ସ୍ତୋତ୍ରଟି ପାଠକଙ୍କ କୌତୂହଳ ନିବାରଣ ଉଦ୍ଦେଶ୍ୟରେ ଗ୍ରନ୍ଥାବଳୀର ପ୍ରାନ୍ତ ପୃଷ୍ଠାରେ ଉଦ୍ଧୃତ ହୋଇଅଛି । ତାଳପତ୍ର ପୋଥିରୁ ମୁଖସ୍ଥ ଓ ମୁଖସ୍ଥରୁ ଉଦ୍ଧୃତ ରଚନାର ଭ୍ରମପ୍ରମାଦ ଜନିତ ଦୋଷ ବିଜ୍ଞପାଠକ ସମାଜରେ ଉପେକ୍ଷିତ ହେବ ବୋଲି ଆଶା କରେ । ସେହିଦିନରୁ ମୋର ସ୍ତ୍ରୀଙ୍କ ଅନ୍ତଃକରଣରେ ଗୋଟିଏ ପ୍ରବଳ ଆକାଂକ୍ଷା ସ୍ୱତଃ ଉଦ୍ଭୂତ ହୋଇ ଉଠିଲା ଯେ ମୁଁ ଶଙ୍କରାଚାର୍ଯ୍ୟଙ୍କ ସମସ୍ତ ଗ୍ରନ୍ଥ ଥରେ ପଢ଼ି ତାଙ୍କୁ ଶୁଣାଇବି । ଭଗବାନଙ୍କ ଇଚ୍ଛାରେ କେତେକ ବର୍ଷ ପରେ ଖଣ୍ଡିଏ ବଙ୍ଗାକ୍ଷରେ ମୁଦ୍ରିତ ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ ମୋତେ ମିଳି ଯାଇଥିଲା ।

ମୁଁ ଉକ୍ତ ଗ୍ରନ୍ଥ ଦେଖି ଯତ୍ପରୋନାସ୍ତି ସଂପ୍ରୀତ ହେଲି । ତାହା ପଢ଼ି ବୁଝାଇ ଦେବା ନିମନ୍ତେ ମୋର ସ୍ତ୍ରୀ ସନିର୍ବନ୍ଧ ଅନୁରୋଧ କଲେ । ତାଙ୍କର ମନ ରକ୍ଷାକର ପ୍ରତ୍ୟହ କିଛି କିଛି ପଢ଼ି ତାଙ୍କୁ ବୁଝାଇବାକୁ ଲାଗିଲି । ଗ୍ରନ୍ଥାବଳୀ କେତେ ଆବୃତ୍ତି ହୋଇଥିବା, ତାହାର ସଂଖ୍ୟା କରି ପାରି ନାହିଁ । ପରିଣାମରେ ଉକ୍ତ ଗ୍ରନ୍ଥାବଳୀ ପ୍ରତି ମୁଁ ଏପରି ଆସକ୍ତ ହୋଇଗଲି ଯେ, ସେଥିରୁ ଗୋଟିଏ ଗୋଟିଏ କ୍ଷୁଦ୍ର ସ୍ତୋତ୍ରର ପଦ୍ୟାନୁବାଦ କରିବା ପାଇଁ ଇଚ୍ଛା ହେଲି । ଯାହାହେଉ, ଦୟାମୟଙ୍କ ଅସୀମ ଦୟାରେ ହିଁ ଆଜି ଏହି ଦୁରୂହ କାର୍ଯ୍ୟ ସାଙ୍ଗ ହୋଇଅଛି । ଏହି ଅନୁବାଦ-ରଚନା ଯେ, କେତେଦୂର ସାଫଲ୍ୟ ଲାଭ କରିଅଛି, ତାହା ବିଜ୍ଞପାଠକଗଣ ବୁଝିବେ ।

ଗ୍ରନ୍ଥାବଳୀସ୍ଥ ଗ୍ରନ୍ଥଗୁଡ଼ିକ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ବେଦାନ୍ତତତ୍ତ୍ୱ, ଦ୍ୱିତୀୟତଃ ଦେବଦେବୀ ସ୍ତୋତ୍ର । ଯେ ସବୁ ଗ୍ରନ୍ଥରେ ବେଦାନ୍ତ ତତ୍ତ୍ୱ ରହିଛି, ତାହାର ଭାବ ଅତ୍ୟନ୍ତ ଦୁରବଗମ୍ୟ, ସେ ସବୁ ବେଦାନ୍ତତତ୍ତ୍ୱ ଗଦ୍ୟରେ

ପ୍ରକାଶ କରିବା ମଧ୍ୟ କଷ୍ଟସାଧ୍ୟ । ସେହିପରିସ୍ଥଳେ ସେଥିର ପଦ୍ୟାନୁବାଦ ମାତ୍ରକ୍ ବ୍ୟକ୍ତି ପକ୍ଷେ ଗହନ ବ୍ୟାପାର । ତାʼ ପର ବିଭିନ୍ନ ଛନ୍ଦରେ ନିୟମାବଳୀ ରକ୍ଷା, ମୂଳଶ୍ଳୋକର ଭାବରକ୍ଷା ଓ ଶ୍ରୁତିକଟୁତା ପ୍ରଭୃତି ଦୋଷ ପ୍ରତି ଦୃଷ୍ଟିଦେଇ ଚାଲିବା ଯେ ବିଷମ ସମସ୍ୟା, ଏହା ସେ ଭଳି ଅନୁବାଦକ ବ୍ୟତୀତ ଅନ୍ୟ କେହି ହୃଦୟଙ୍ଗମ କରି ପାରନ୍ତି ନାହିଁ । ରଚନା ଅପେକ୍ଷା ଅନୁବାଦ ରଚନା ଯେ ବଡ଼ କଷ୍ଟକର, ଏହା କହିବା ବାହୁଲ୍ୟ ମାତ୍ର ।

ଏ ସମ୍ପର୍କରେ ପ୍ରଶ୍ନ ଉଠି ପାରେ ଯେ, ଦେଶର ଅଧିକାଂଶ କବି ବା ଲେଖକ ଅନୁବାଦ କରନ୍ତି କାହିଁକି ? ଏ ପ୍ରଶ୍ନର ସହଜ ଉତ୍ତର ଏହି ଯେ ମୂଳସଂସ୍କୃତ ଭାଷା ବା ଅନ୍ୟାନ୍ୟ ପରିପୁଷ୍ଟ ବୈଦେଶିକ ବା ପ୍ରାଦେଶିକ ଭାଷାରୁ ସାରସଂଗ୍ରହ କରି ନିଜ ମାତୃଭାଷାକୁ ପୁଷ୍ଟ କରିବା ଶ୍ରେୟସ୍କର ନୁହେଁ କି ? ଏଥିପାଇଁ ସମସ୍ତ ଭାଷାର ଲେଖକ ବା ସାହିତ୍ୟିକମାନେ ଭାଷାର ଆଦାନପ୍ରଦାନ କରିଥାନ୍ତି ।

ପ୍ରାଚୀନ ଓଡ଼ିଆଭାଷା ପ୍ରାଚୀନ କବିମାନଙ୍କ ଦ୍ୱାରା ଏହି ଅନୁବାଦ ପ୍ରକ୍ରିୟା ହେତୁ ପରିପୁଷ୍ଟ ହୋଇଥିଲା ।

ବହୁ ସଂସ୍କୃତ ପୁରାଣ ଓଡ଼ିଆ ପଦ୍ୟରେ ଅନୂଦିତ ହୋଇଅଛି । ଏ ବିଷୟରେ ପ୍ରାଚୀନ ଓଡ଼ିଆ କବିମାନେ ଅପେକ୍ଷାକୃତ ଅଧିକ କୃତକାର୍ଯ୍ୟତା ଓ ପଟୁତା ଦେଖାଇ ଯାଇଅଛନ୍ତି । ସେଥିପାଇଁ ପ୍ରାଚୀନ ଓଡ଼ିଆ ଭାଷା ସମଧିକ ଶ୍ରୀ ସମ୍ପନ୍ନ ହୋଇପାରିଅଛି ।

ଗଦ୍ୟାନୁବାଦ ଅପେକ୍ଷା ପଦ୍ୟାନୁବାଦର ପ୍ରଭାବ ବେଶୀ । ସର୍ବସାଧାରଣଙ୍କର ଚିତ୍ତାକର୍ଷଣ ପକ୍ଷେ ପଦ୍ୟାନୁବାଦ ଯେପରି ସୁଗମ ପନ୍ଥା, ଗଦ୍ୟାନୁବାଦ ସେପରି ନୁହେଁ । ମୁଁ ମୋର ଓଡ଼ିଆ ଭଉଣୀ ଓ ଭାଇମାନଙ୍କ ହୃଦୟରେ ଧର୍ମଭାବ ବଢ଼ାଇବା ଏବଂ ବୈଦିକ ଧର୍ମର ପୁନରୁଦ୍ଧାରକ ମହାସନ୍ନ୍ୟାସୀ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ପ୍ରତି କୃତଜ୍ଞତା ପ୍ରଖ୍ୟାପନ କରାଇବା ଉଦ୍ଦେଶ୍ୟରେ ଏହି ଦୁଃପ୍ରୟାସ କରିଅଛି ।

ମହାପୁରୁଷ ବୁଦ୍ଧଦେବଙ୍କ ପ୍ରତିପାଦିତ ଧର୍ମ ତାଙ୍କ ପରେ ତାଙ୍କର ଶିଷ୍ୟ ପ୍ରଶିଷ୍ୟମାନଙ୍କଦ୍ୱାରା କଦାଚାର ଓ କମାଚାର ହୋଇ ଦେଶର ନୈତିକ ଜୀବନ ଧ୍ୱଂସ କରିବାକୁ ଯାଉଥିବା ସମୟରେ ମହାପୁରୁଷ ଶଙ୍କରାଚାର୍ଯ୍ୟ ସହସା ଆବିର୍ଭୂତ ହୋଇ ଦେଶକୁ ଧର୍ମ ବିପ୍ଳବ ମୁଖରୁ ପରିତ୍ରାଣ କରିଥିଲେ । ସେ ଅତ୍ୟଳ୍ପ ସମୟ ମଧ୍ୟରେ ଯେ ଅସମ୍ଭବ କାର୍ଯ୍ୟ ସମାଧାନ କରିଥିଲେ, ତାହା ବାସ୍ତବରେ ଆଶ୍ଚର୍ଯ୍ୟୋଦ୍ଦୀପକ । ବୌଦ୍ଧରାଜ ଶକ୍ତିର ପୂର୍ଣ୍ଣ ପ୍ରାବଲ୍ୟ ଏବଂ ବୌଦ୍ଧ ପଣ୍ଡିତମାନଙ୍କର ସମବେତ ଦୌରାତ୍ମ୍ୟ ସମୟରେ

ଯେ ଶିଶୁ, ବାଳକ ଓ ତରୁଣ ସନ୍ନ୍ୟାସୀ ଜଣେ ଧର୍ମାଚାର୍ଯ୍ୟରେ ସାର୍ବଭୌମତ୍ୱ ପ୍ରତିଷ୍ଠିତ କରିବାରେ ସମ୍ପୂର୍ଣ୍ଣ ସମର୍ଥ ହୋଇ ପାରିଥିଲେ ତାହା ଶଙ୍କରଙ୍କର ଦୈବୀଶକ୍ତି ବ୍ୟତୀତ ଅନ୍ୟ କିଛି ବୋଲି କୁହାଯାଇ ନ ପାରେ । ଫଳତଃ ସେହି ସମୟରେ ଶଙ୍କରଙ୍କ ସଦୃଶ ମହାପ୍ରତିଭାଶାଳୀ ମହାତ୍ୟାଗୀ ମହାକର୍ମୀ ମହାପୁରୁଷ ଆବିର୍ଭୂତ ହୋଇ ନ ଥିଲେ, ଭାରତୀୟ ପ୍ରାଚୀନ ଆର୍ଯ୍ୟଜାତିର ପ୍ରତିଷ୍ଠିତ ବୈଦିକ ଧର୍ମର ପୁନରୁଦ୍ଧାର କାର୍ଯ୍ୟ ସୁସମ୍ପନ୍ନ ହୋଇ ନ ଥାନ୍ତା ।

ପ୍ରାଚୀନ ଉତ୍କଳୀୟ ପଦ୍ୟାନୁବାଦକମାନେ ଅନୁବାଦ ରଚନାରେ ପ୍ରଧାନତଃ ଦୁଇଟି ପନ୍ଥାର ଆଶ୍ରୟ ନେଇଥିବା ଦେଖାଯାଏ । ୧ମ ମୂଳ ସଂସ୍କୃତ ଶ୍ଲୋକର ଭାବ ନେବା, ୨ୟ ଅବିକଳ ପ୍ରତିଶବ୍ଦ ରଖିବା । ପ୍ରଥମ ପ୍ରକାରର ଅନୁବାଦକମାନେ ଶ୍ଲୋକର ଭାବମାତ୍ର ନେଇ ନିଜ ନିଜ ରଚନାରେ ପରିବର୍ଦ୍ଧନ, ପରିବର୍ଜନ ଓ ଅଭିନବ-ଦୃଷ୍ଟାନ୍ତ ଦେଖାଇଛନ୍ତି । ଦ୍ୱିତୀୟ ପ୍ରକାରର ଅନୁବାଦକଗଣ ମୂଳ ଶ୍ଲୋକର ଭାବରକ୍ଷା ସଙ୍ଗେ ସଙ୍ଗେ ଶବ୍ଦାର୍ଥ ରକ୍ଷା କରିବା ସକାଶେ ପ୍ରୟାସ କରିଛନ୍ତି । ତେବେ ଶେଷୋକ୍ତ ପ୍ରଣାଳୀର ଅନୁବାଦ ଅତିକ୍ୱଚିତ୍ ଦେଖିବାକୁ ମିଳେ । ମୋର ଅନୁବାଦଟି କେଉଁ ଶ୍ରେଣୀରେ ସ୍ଥାନ ପାଇପାରେ, ତାହା ସହୃଦୟ ସମାଲୋଚକମାନେହିଁ ମୀମାଂସା କରିନେବେ ।

ବର୍ତ୍ତମାନ ଗ୍ରନ୍ଥାବଳୀର କିଞ୍ଚିତ ସମାଲୋଚନା କରି ମୁଁ ଏହି ପ୍ରବନ୍ଧର ଉପସଂହାର କରିବି । ଭଗବାନ ଶଙ୍କରାଚାର୍ଯ୍ୟ ବେଦାନ୍ତୀ ଓ ଅଦ୍ୱୈତବାଦୀ । ତାଙ୍କ ନାମରେ ଯେଉଁସବୁ ଗ୍ରନ୍ଥ ଏହି ଗ୍ରନ୍ଥାବଳୀ ମଧ୍ୟରେ ସନ୍ନିବେଶିତ ହୋଇଅଛି ସେଥିରେ ଯେଉଁସବୁ ଗ୍ରନ୍ଥ ବେଦାନ୍ତ ସମ୍ବନ୍ଧରେ ରଚିତ, ସେ ସବୁ ପ୍ରାୟ ଜଣଙ୍କର ରଚନା ବୋଲି ଜଣାପଡ଼େ, କିନ୍ତୁ ଦେବ-ଦେବୀ ସ୍ତୋତ୍ର ସମ୍ବନ୍ଧୀ ଗ୍ରନ୍ଥଗୁଡ଼ିକର ରଚନା-ସରଣୀରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଶେଷୋକ୍ତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ କେତେକ ସରଳ ଭାଷା-ଅନୁପ୍ରାଣିତ ଅପର କେତେକ କାବ୍ୟ ଛଟାରେ ରଚିତ । ଏଥିରୁ ଅନୁମାନ କରାଯାଇପାରେ ଯେ, ଭିନ୍ନ ଭିନ୍ନ ଲେଖକ ବିଭିନ୍ନ ସମୟରେ କେତେକ ସ୍ତୋତ୍ର ରଚନା କରି ଶ୍ରୀମଚ୍ଛଙ୍କରାଚାର୍ଯ୍ୟଙ୍କ ନାମରେ ତାହା ସମ୍ପାଦିତ କରିଥିଲେ । କାରଣ ଏତାବତ୍-ଆଚାର୍ଯ୍ୟ ଶଙ୍କରଙ୍କ ପ୍ରତିଷ୍ଠିତ ମଠାଧୀଶମାନେ ମଧ୍ୟ ଗୁରୁଶିଷ୍ୟ ପରମ୍ପରାକ୍ରମେ ଶଙ୍କରାଚାର୍ଯ୍ୟ ନାମ ବା ଉପାଧି ଗ୍ରହଣ କରି ଆସୁଛନ୍ତି । ହୁଏତ ପ୍ରଥମ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ ପ୍ରଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ପାଣ୍ଡିତ୍ୟ ଲାଭ କରି ଗୋଟିଏ ଗୋଟିଏ ସ୍ତୋତ୍ର ଗ୍ରନ୍ଥ ରଚନା କରି ସ୍ୱୀୟ ମଠ ଓ ଧର୍ମର ପ୍ରତିଷ୍ଠାତା ଗୁରୁଦେବ ମୂଳ ଶଙ୍କରାଚାର୍ଯ୍ୟଙ୍କ ନାମରେ ଭଣିତ କରି ଦେଇଛନ୍ତି । ଏଥିପାଇଁ ଆଧୁନିକ ଐତିହାସିକଗଣ ତର୍କ କରିଥାନ୍ତି ଯେ, ଅଦ୍ୱୈତମତବାଦୀ ଶଙ୍କରାଚାର୍ଯ୍ୟ ବୈଦିକ ଧର୍ମ ମଧ୍ୟରେ ପୌରାଣିକ ବ୍ରାହ୍ମଣ୍ୟ ଧର୍ମର ସମିଶ୍ରଣ କରି ଦିଅନ୍ତେ କାହିଁକି !

ଶଙ୍କରାଚାର୍ଯ୍ୟ ଧର୍ମ ପ୍ରଚାର କରିବା ନିମନ୍ତେ ୧୧ବର୍ଷ ବୟସରୁ ୩୧ ବର୍ଷ ବୟସ ପର୍ଯ୍ୟନ୍ତ ୨୦ବର୍ଷ କାଳ ଭାରତରେ ପ୍ରାୟ ସର୍ବତ୍ର ପର୍ଯ୍ୟଟନ କରିଥିଲେ ଏବଂ ତତ୍କାଳୀନ ପ୍ରଚଳିତ ସହସ୍ରାଧିକ ଉପଧର୍ମ ବିଶେଷତଃ ସୁଦ୍ଧା ଭାରତରାଜଧର୍ମରୂପେ ପ୍ରତିଷ୍ଠିତ ବୌଦ୍ଧଧର୍ମ ବିରୁଦ୍ଧରେ ଧର୍ମ ଯୁଦ୍ଧ କରିଥିଲେ ଏବଂ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ବୌଦ୍ଧଧର୍ମ ସହିତ ଉକ୍ତ ସମସ୍ତ ଉପଧର୍ମର ଉନ୍ମୂଳୋତ୍ପାଟନ କରିବାରେ ସମର୍ଥ ହୋଇଥିଲେ । ଏଣୁ ମନସ୍ୱୀମାନଙ୍କ ଏହା ମଧ୍ୟ ତର୍କ ଉଠିପାରେ ଯେ, ଶଙ୍କରାଚାର୍ଯ୍ୟ ବିଭିନ୍ନ ଅଞ୍ଚଳର ବିଭିନ୍ନଧର୍ମୀ ଜନସାଧାରଣଙ୍କ ମନୋରଞ୍ଜନ କରିବାଃ ନିଜର ଅଦ୍ୱୈତମତାନୁଗତ ଧର୍ମ ପ୍ରତିଷ୍ଠିତ କରିବା-ଉଦ୍ଦେଶ୍ୟରେ ସେସବୁ ଦେବଦେବୀ ପ୍ରଭୃତିଙ୍କ ସ୍ତୋତ୍ର ରଚନା କରିବାକୁ ଆବଶ୍ୟକତା ବୋଧ କରିଥିଲେ । ଉକ୍ତ ସ୍ତବ ଗୁଡ଼ିକର ଅଭ୍ୟନ୍ତର ପର୍ଯ୍ୟାଲୋଚନା କଲେ ଏହା ମଧ୍ୟ ଉପଲବ୍ଧି ହୋଇପାରିବ ଯେ ଦେବ ପ୍ରତିମାରେ ମଧ୍ୟ ପ୍ରୋକ୍ତ ବେଦବାଦ୍ ଅଦ୍ୱୈତ ମତବାଦୀ ମନୀଷିଙ୍କର ଅଦ୍ୱୈତ ନିର୍ଭରତା ପ୍ରତି ନିର୍ଦ୍ଦେଶ ହୋଇଅଛି ।

ମହାମତି ଶଙ୍କରାଚାର୍ଯ୍ୟ ଅଦ୍ୱୈତୀ ଥିଲେହେଁ, ତାଙ୍କୁ ପ୍ରକୃତତଃ ଶୈବ ବୋଲି କହିଲେ ଅର୍ବାଚୀନ ହେବ ନାହିଁ । ସେ ଅବଳୀରୁ ଏକମାତ୍ର ଶିବଙ୍କୁ ଇଷ୍ଟଦେବରୂପେ ଗ୍ରହଣ କରି ଆସୁଥିଲେ । ପରେ ଶକ୍ତିଙ୍କର ଶ୍ରେଷ୍ଠତ୍ୱ ଉପଲବ୍ଧି କରି ଶକ୍ତି ବ୍ୟତୀତ ଶିବଙ୍କୁ ଜଡ଼ ବା ନିଷ୍ପନ୍ଦ ବୋଲି ପ୍ରତିପାଦନ କରିଥିଲେ । ଯଥାଃ—

"ଶିବଃ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ
ନଚେଦେବଂ ଦେବୋ ନ ଖଳୁ କୁଶଳଃ ସ୍ପନ୍ଦିତୁମପି ।
ଅତସ୍ତ୍ୱାମାରାଧ୍ୟାଂ ହରିହରବିରିଞ୍ଚ୍ୟାଦିଭିରପି
ପ୍ରଣନ୍ତୁଂ ସ୍ତୋତୁଂ ବା କଥମକୃତପୁଣ୍ୟଃ ପ୍ରଭବତି ॥

(ଆନନ୍ଦଲହରୀର ଶ୍ଲୋକ)

ଶିବ ଶକ୍ତିଯୁକ୍ତ ଯଦି ହୁଅନ୍ତି ହେ ମାତ । ତେବେ ତାଙ୍କ ସର୍ବଶକ୍ତି ହୁଅଇ ସଞ୍ଜାତ ॥
ଶକ୍ତି ବିହୀନରେ ସ୍ୱୟଂ ସେ ପୁରୁଷୋତ୍ତମ । ସ୍ପନ୍ଦିତ ହେବାକୁ ସୁଦ୍ଧାନୁହନ୍ତି ସକ୍ଷମ ॥
ବ୍ରହ୍ମା ବିଷ୍ଣୁ ଶିବ ଆଦି ଦେବତା ସକଳେ । ତେଣୁ ପୂଜି ଥାନ୍ତି ତବ ଚରଣ କମଳେ ॥
ମୋପରି ଅକୃତପୁଣ୍ୟ ବ୍ୟକ୍ତି କି ପ୍ରକାରେ । ସମର୍ଥ ହେବ ପ୍ରଣାମ ସ୍ତୁତିକରିବାରେ ॥

(ଅନୁବାଦ)

ଐତିହାସିକମାନେ ଶଙ୍କରଙ୍କ ଜୀବିତକାଳ ୩୨ ବର୍ଷ ବୋଲି ନିର୍ଣ୍ଣୟ କରି ଅଛନ୍ତି । ପରନ୍ତୁ ଶଙ୍କରାଚାର୍ଯ୍ୟଙ୍କର ବେଦବେଦାନ୍ତ ଦର୍ଶନ, ଉପନିଷଦ ଓ ଗୀତା ପ୍ରଭୃତିର ସୂତ୍ରକାଣ୍ଡ ଭାଷ୍ୟ ଓ ଗ୍ରନ୍ଥାବଳୀର ଆଧିକ୍ୟ ଦେଖିଲେ ସନ୍ଦେହ ଜନ୍ମେ ଯେ, କୌଣସି ମନୁଷ୍ୟ ୩୨ ବର୍ଷ ବୟସ ମଧ୍ୟରେ ଏତେ ଆଲୋଚନା ଓ ମୀମାଂସା ମୂଳକ ଭାଷ୍ୟାବଳୀ ଓ ଗ୍ରନ୍ଥାବଳୀ କିପରି କରିପାରିଥିଲେ ? ଏଥିପାଇଁ ତାଙ୍କୁ କେହିକେହି ଅବତାର ବୋଲି ଜନସାଧାରଣ କହୁଥାନ୍ତି । କିନ୍ତୁ ଗ୍ରନ୍ଥାବଳୀସ୍ଥ କେତେ ଶ୍ଳୋକରେ ଶଙ୍କର ନିଜର ବାର୍ଦ୍ଧକ୍ୟ ୨୮୫ ବର୍ଷର ଅବସ୍ଥାର ବର୍ଣ୍ଣନା କରିଅଛନ୍ତି । ପ୍ରବନ୍ଧ ବାହୁଲ୍ୟ ଭୟରେ ସେ ସବୁର ଦୃଷ୍ଟାନ୍ତ ଏଠାରେ ଉଲ୍ଲେଖ କରିପାରି ନାହିଁ । ଫଳତଃ ଶଙ୍କରାଚାର୍ଯ୍ୟଙ୍କ ବୟସ ସମ୍ବନ୍ଧରେ ମତଦ୍ୱୈଧତାର ଯଥେଷ୍ଟ କାରଣ ରହିଅଛି ।

ଶଙ୍କରଙ୍କ ବ୍ୟକ୍ତିଗତ ଜୀବନରେ ଦେବତ୍ୱର ସୁନିର୍ମଳ ମହତ୍ତ୍ୱ ପରିପୂର୍ଣ୍ଣ ରହିଥିଲା । ସେ ଶତ୍ରୁମିତ୍ର ସମସ୍ତଙ୍କୁ ବ୍ରହ୍ମମୟ ଦେଖୁଥିଲେ । ସେ ଛଦ୍ମବେଶୀ ବୌଦ୍ଧ କାପାଳିକ କଥାରେ ଆତ୍ମବଳି ଦେବାପାଇଁ ଅକୁଣ୍ଠିତ ଚିତ୍ତରେ ସ୍ୱୀକୃତ ହୋଇଥିବା ଘଟଣା ପାଠକଗଣ ତାଙ୍କର ଜୀବନ ବୃତ୍ତାନ୍ତରୁ ବୁଝି ପାରିଥିବେ । ସେ ବୌଦ୍ଧ ଧର୍ମ ବିରୁଦ୍ଧରେ ସଂଗ୍ରାମ ଘୋଷଣା କରି ଧର୍ମପ୍ରଚାର ଦିଗ୍‌ବିଜୟ କରିଥିଲେହେଁ, ମହାପୁରୁଷ ବୁଦ୍ଧଦେବଙ୍କୁ ଈଶ୍ୱରଙ୍କ ଅବତାର ବୋଲି ଗ୍ରହଣ କରିବାକୁ ସଙ୍କୁଚିତ ହୋଇ ନଥିଲେ । ତାଙ୍କର ଦଶାବତାର ସ୍ତୋତ୍ର ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ସେ ଜଣେ ସାମ୍ୟବାଦୀ ଥିଲେ ।

ଶଙ୍କର ଗୃହତ୍ୟାଗୀ ସନ୍ନ୍ୟାସୀ ହେଲେହେଁ, ସ୍ୱୀୟ ଗର୍ଭଧାରିଣୀଙ୍କୁ ଭୁଲି ପାରି ନଥିଲେ । ଦେହ ପ୍ରତି ତାଙ୍କର ଅଣୁମାତ୍ର ମମତା ନ ଥିଲା, ସତ୍ୟ; କିନ୍ତୁ ସେ ଦେହ ଯାହା ଯୋଗୁଁ ପାଇଥିଲେ, ତା' ପ୍ରତି ତାଙ୍କର ଐକାନ୍ତିକୀ ଭକ୍ତି ଯେ ରହିଥିଲା, ତାହା ତାଙ୍କ ମାତାଙ୍କ ଅନ୍ତିମ କାଳୀନ ଘଟଣାରୁ ସ୍ପଷ୍ଟ ପ୍ରତିଭାତ ହୁଏ ।

ଅତ୍ୟନ୍ତ ଦୁଃଖର ବିଷୟ ଯେ, ଏରୂପ ଜଣେ ମହାପୁରୁଷଙ୍କ ପ୍ରଭାବ ଉତ୍କଳରେ ଅବଧି ପଡ଼ି ପାରି ନାହିଁ । ତାଙ୍କ ଗ୍ରନ୍ଥାବଳୀ ମଧ୍ୟରୁ ଦୁଇ ଏକ ଖଣ୍ଡମାତ୍ର କ୍ଷୁଦ୍ର ଗ୍ରନ୍ଥ ମୌଳିକ ଓ ଭାଷାନୁବାଦ ସହିତ ଉତ୍କଳାକ୍ଷରରେ ମୁଦ୍ରିତ ହୋଇଅଛି । ମୋର ଅନୂଦିତ ଶିବପଞ୍ଚାକ୍ଷର ସ୍ତୋତ୍ର ଅନ୍ନପୂର୍ଣ୍ଣା ସ୍ତୋତ୍ର ବହୁଦିନ ପୂର୍ବେ ମୁଦ୍ରିତ ହୋଇଥିଲା । ସେତିକ କେବଳ ସମ୍ବଲପୁର ଜିଲ୍ଲାରେ ଶେଷ ପାଇଥିଲା । ଏଣୁ ମୁଁ ଆଶା କରେଁ ଯେ ଶଙ୍କରାଚାର୍ଯ୍ୟଙ୍କ ସମଗ୍ର ଗ୍ରନ୍ଥ ଓ ମୋହର ପଦ୍ୟାନୁବାଦ ପ୍ରତି ଉତ୍କଳବାସୀ ଜନସାଧାରଣ ଆସ୍ଥା ପ୍ରଦର୍ଶନ କରିବେ ।

ଡାଃ ମୁଃ ନନ୍ଦପଡ଼ା, ସମ୍ବଲପୁର }   ଶ୍ରୀ ଦୁର୍ଗେଶ୍ୱର ଦାଶ କବିଭୂଷଣ
ତା ୬।୮।୧୯୫୭ }   ଉ. ପି. ଭବନ, ବରଗଡ଼, ସମ୍ବଲପୁର

ଦୁଃଖର ବିଷୟ ଯେ ୰ ସ୍ୱପ୍ନେଶ୍ୱର ଦାସ କବିଭୂଷଣ ଆଉ ଇହଜଗତରେ ନାହାନ୍ତି । ସେ ଗତବର୍ଷ ଜୁନମାସ ୩ ତାରିଖରେ କେତେକ ଘଣ୍ଟାମାତ୍ର ଅସୁସ୍ଥ ରହି ସ୍ୱର୍ଗାରୋହଣ କଲେ । ମୃତ୍ୟୁଦିନ ୨ ତାରିଖରେ ସେ ସୁସ୍ଥଥିବା ବିଷୟ ତାଙ୍କ ପୁତ୍ର ଶ୍ରୀ ଅନିରୁଦ୍ଧ ଦାସ—ସେକ୍ରେଟେରୀ ରେଭିନ୍ୟୁବୋର୍ଡଙ୍କ ପାଖକୁ ଲେଖିଥିଲେ । ସେ "ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀର ଶୀଘ୍ର ମୁଦ୍ରଣ ପାଇଁ ଅତୀବ କାତର ହୋଇ ଏହି ମହା-ପ୍ରୟାଣ ଦିନ କଟକରୁ ତାଙ୍କ ପୁତ୍ରଙ୍କର ବାସଭବନକୁ ଯିବାକୁ ପୂର୍ବରୁ ଲେଖିଥିଲେ । କିନ୍ତୁ ବିଧାତା ତାଙ୍କୁ "ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ"ର ପ୍ରକାଶନ ଦେଖିବାକୁ ସୁଯୋଗ ଦେଇ ନାହାନ୍ତି । ତାଙ୍କର ପୁତ୍ର ୰ ପିତାଙ୍କର ଦ୍ୱାଦଶାହ ଉପଲକ୍ଷରେ ଶୋକ ସନ୍ତପ୍ତ ଗୀତରେ ଏହା ଲେଖିଥିଲେ—

"ଶଙ୍କରଙ୍କ ଗ୍ରନ୍ଥାବଳୀ" ମୁଦ୍ରଣର ଅନ୍ତରରେ
ରହିଥିଲ ମୃତ୍ୟୁଦିନ ଆସିବାକୁ ମୋର ପୁରେ ।
ବର୍ଷେ ଏବେ ହେଲା ଯାଇ   ବାକି ରହିଗଲା କାମ
ବାକି ରହିଗଲା ତବ ବୈଦ୍ୟକଲ୍ପଦ୍ରୁମ" ।
ସୁବର୍ଣ୍ଣଜ ସୁମହାନ ଯଥା କଳ୍ପଦ୍ରୁମ ।

ସୂଚୀପତ୍ର

ବିଷୟ	ପୃଷ୍ଠା
ବିବେକ ଚୂଡ଼ାମଣିଃ	୧—୧୦୧
ଧନ୍ୟାଷ୍ଟକମ୍	୧୦୨—୧୦୪
ବିଜ୍ଞାନ-ନୌକା	୧୦୫—୧୦୬
ମୋହ-ମୁଦ୍‌ଗରଃ	୧୦୭—୧୦୯
ନିର୍ବାଣ ଦଶକମ୍	୧୧୦—୧୧୨
ନିର୍ବାଣ ଷଟ୍‌କମ୍	୧୧୩—୧୧୪
ବ୍ରହ୍ମନାମାବଳୀ ମାଳା	୧୧୫—୧୧୮
ଆତ୍ମ-ପୂଜା ବା ପରାପୂଜା	୧୧୯—୧୨୦
କୌପୀନ ପଞ୍ଚକମ୍	୧୨୧
ଆତ୍ମାନାତ୍ମ-ବିବେକଃ	୧୨୨—୧୩୬
ପ୍ରଶ୍ନୋତ୍ତର ରତ୍ନମାଳିକା	୧୩୭—୧୪୧
ଆତ୍ମବୋଧ	୧୪୨—୧୫୪
ଯୋଗ ତାରାବଳୀ	୧୫୫—୧୬୦
କେବଲୋଽହମ୍	୧୬୧—୧୬୨
ଅପରୋକ୍ଷାନୁଭୂତି	୧୬୩—୨୦୧
ସାଧନ ପଞ୍ଚକମ୍	୨୦୨—୨୦୪
ସାରତତ୍ତ୍ୱୋପଦେଶଃ	୨୦୫
ଅଜ୍ଞାନାଷ୍ଟାଦଶକମ୍	୨୦୬—୨୧୩
ଆନନ୍ଦଲହରୀ	୨୧୪—୨୪୯
ବାକ୍ୟବୃତ୍ତିଃ	୨୫୦—୨୫୮
ହରିତତ୍ତ୍ୱମୁକ୍ତାବଳୀ	୨୫୯—୨୭୦
ତତ୍ତ୍ୱୋପଦେଶଃ	୨୭୧—୨୯୦
ଗୁର୍ବଷ୍ଟକମ୍	୨୯୧—୨୯୩
ଭଗବନ୍ମାନସ ପୂଜା	୨୯୪—୨୯୮
ଷଟ୍‌ପଦୀ-ସ୍ତୋତ୍ରମ୍	୨୯୯—୩୦୦
ଦକ୍ଷିଣାମୂର୍ତ୍ତି ସ୍ତୋତ୍ରମ୍	୩୦୧—୩୦୬
ଅଜ୍ଞାନ ବୋଧିନୀ	୩୦୭—୩୪୮
ହସ୍ତାମଲକମ୍	୩୪୯—୩୫୧
ଆନନ୍ଦଲହରୀ ସ୍ତୋତ୍ରମ୍ (ପ୍ରକାରାନ୍ତରମ୍)	୩୫୨—୩୫୭

ବିଷୟ	ପୃଷ୍ଠା
ଅପୁଷଟ୍ଟନମ୍	୩୪୮—୩୪୯
ଅନ୍ନପୂର୍ଣ୍ଣା ସ୍ତୋତ୍ରମ୍	୩୫୦—୩୫୨
ବିମ୍ବଚୂଡଷ୍ଟ ସ୍ତୋତ୍ରମ୍	୩୫୩—୩୫୪
ଦେବ୍ୟପରାଧ କ୍ଷମାପଣ ସ୍ତୋତ୍ରମ୍	୩୫୬—୩୫୯
ଚର୍ପଟ ପଞ୍ଜରିକା ସ୍ତୋତ୍ରମ୍	୩୬୦—୩୬୪
ହରିନାମ ମାଳା-ସ୍ତୋତ୍ରମ୍	୩୬୪—୩୬୬
ଶିବାପରାଧ-କ୍ଷମାପଣ ସ୍ତୋତ୍ରମ୍	୩୬୮—୩୮୧
ଶିବନାମାବଲ୍ୟଷ୍ଟକମ୍	୩୮୩—୩୮୦
ବେଦସାର ଶିବ-ସ୍ତୋତ୍ରମ୍	୩୮୪—୩୮୮
ଶିବ ପଞ୍ଚାକ୍ଷର ସ୍ତୋତ୍ରମ୍	୩୮୯—୩୯୦
କାଳଭୈରବାଷ୍ଟକମ୍ ...	୩୯୧—୩୯୨
ଶିବଭୁଜଙ୍ଗ ପ୍ରୟାତ ସ୍ତୋତ୍ରମ୍ ...	୩୯୩—୩୯୫
ପାଣ୍ଡୁରଙ୍ଗାଷ୍ଟକମ୍ ...	୩୯୬—୩୯୭
ନାରାୟଣ ସ୍ତୋତ୍ରମ୍	୩୯୮—୪୦୧
ଅଚ୍ୟୁତାଷ୍ଟକମ୍	୪୦୩—୪୦୦
ଦଶାବତାର ସ୍ତୋତ୍ରମ୍	୪୦୫—୪୦୬
ସଙ୍କଟ ନାଶନ ଲକ୍ଷ୍ମୀନୃସିଂହ ସ୍ତୋତ୍ରମ୍	୪୦୭—୪୦୯
କୃଷ୍ଣାଷ୍ଟକ ସ୍ତୋତ୍ରମ୍ ...	୪୧୦—୪୧୨
ଅଚ୍ୟୁତାଷ୍ଟକମ୍	୪୧୩—୪୧୪
ଗଙ୍ଗା ସ୍ତୋତ୍ରମ୍	୪୧୫—୪୧୭
ମଣିକର୍ଣ୍ଣିକାଷ୍ଟକ ସ୍ତୋତ୍ରମ୍	୪୧୮—୪୨୦
କାଶୀପଞ୍ଚକ ସ୍ତୋତ୍ରମ୍	୪୨୧—୪୨୨
ଯମୁନାଷ୍ଟକ ସ୍ତୋତ୍ରମ୍	୪୨୩—୪୨୫
ନର୍ମ୍ମଦାଷ୍ଟକ ସ୍ତୋତ୍ରମ୍	୪୨୬—୪୨୭
ଯମୁନାଷ୍ଟକ ସ୍ତୋତ୍ରମ୍ (ପ୍ରକାରାନ୍ତର)	୪୨୮—୪୨୯
ମଣିରତ୍ନମାଳା ...	୪୩୦—୪୩୫
ଆତ୍ମଜ୍ଞାନ କଥନମ୍	୪୩୬—୪୩୮
ଦ୍ୱାଦଶପଞ୍ଜରିକା ସ୍ତୋତ୍ରମ୍	୪୩୯—୪୪୦
ଶିବଭୁଜଙ୍ଗ ପ୍ରୟାତ ସ୍ତୋତ୍ରମ୍	୪୪୧—୪୪୨

ଶଙ୍କରାଚାର୍ଯ୍ୟ ଗ୍ରନ୍ଥାବଳୀ

ବିବେକ ଚୂଡ଼ାମଣିଃ

ସର୍ବବେଦାନ୍ତ ସିଦ୍ଧାନ୍ତ ଗୋଚରଂ ତମଗୋଚରମ୍ ।
ଗୋବିନ୍ଦଂ ପରମାନନ୍ଦଂ ସଦ୍‌ଗୁରୁଂ ପ୍ରଣତୋଽସ୍ମ୍ୟହମ୍ । ୧ ।

ଜନ୍ତୂନାଂ ନରଜନ୍ମ ଦୁର୍ଲ୍ଲଭମତଃ ପୁଂସ୍ତ୍ୱଂ ତତୋ ବିପ୍ରତା
ତସ୍ମାଦ୍‌ବୈଦିକ ଧର୍ମ୍ମମାର୍ଗପରତା ବିଦ୍ୱତ୍ତ୍ୱମସ୍ମାତ୍ ପରମ୍ ।
ଆତ୍ମାନାତ୍ମ ବିବେଚନଂ ସ୍ୱନୁଭବୋ ବ୍ରହ୍ମାତ୍ମନା ସଂସ୍ଥିତି—
ର୍ମୁକ୍ତିର୍ନୋ ଶତଜନ୍ମ କୋଟି ସୁକୃତୈଃ ପୁଣ୍ୟୈର୍ବିନା ଲଭ୍ୟତେ । ୨ ।

ଦୁର୍ଲ୍ଲଭଂ ତ୍ରୟମେବୈତଦ୍ଦେବାନୁଗ୍ରହହେତୁକମ୍ ।
ମନୁଷ୍ୟତ୍ୱଂ ମୁମୁକ୍ଷୁତ୍ୱଂ ମହାପୁରୁଷ ସଂଶ୍ରୟଃ । ୩ ।

ପଦ୍ୟାନୁବାଦ ।

ରାଗ—ମଙ୍ଗଳଗୁଜରୀ ।

ସର୍ବବେଦାନ୍ତ ସିଦ୍ଧାନ୍ତ ଗୋଚର ଯାହାଙ୍କର । କରି ନ ପାରନ୍ତି ଯାକୁ ଇନ୍ଦ୍ରିୟେ ଗୋଚର ।
ଗୋବିନ୍ଦ * ପରମାନନ୍ଦ ସଦ୍‌ଗୁରୁ ପଦ୍ମରେ । କରୁଛନ୍ତି ପ୍ରଣାମ ମୁହିଁ ଭକତି ଭାବରେ ।୧।
ପ୍ରାଣୀଙ୍କ ମଧ୍ୟେ ଦୁର୍ଲ୍ଲଭ ମନୁଷ୍ୟ ଜନମ । ମନୁଷ୍ୟ ମଧ୍ୟେ ପୁରୁଷ ଜନମ ତେସନ ।
ପୁରୁଷ ମଧ୍ୟେ ଦୁର୍ଲ୍ଲଭ ଜନମ ବ୍ରାହ୍ମଣ । ବ୍ରାହ୍ମଣମଧ୍ୟେ ବୈଦିକ ଧର୍ମ୍ମପରାୟଣ । ୨ ।
ତାହାଙ୍କ ମଧ୍ୟେ ଦୁର୍ଲ୍ଲଭ ଧର୍ମ୍ମମର୍ମ୍ମଜ୍ଞ ଜନ । ଆତ୍ମା ଅନାତ୍ମା ବିଚାର ତହୁଁ ଶ୍ରେଷ୍ଠ ଜାଣ ।
ତହୁଁ ଅଟଇ ଦୁର୍ଲ୍ଲଭ ଆତ୍ମା ଅନୁଭବ । ବ୍ରହ୍ମେ ଅବସ୍ଥିତ ମୁକ୍ତି ତହୁଁ ସୁଦୁର୍ଲ୍ଲଭ । ୩ ।

---

* ମହାତ୍ମା ଶଙ୍କରାଚାର୍ଯ୍ୟଙ୍କ ଗୁରୁଙ୍କର ନାମ ଗୋବିନ୍ଦାନନ୍ଦ, ତେଣୁ ପରବ୍ରହ୍ମସ୍ୱରୂପ ଗୋବିନ୍ଦଙ୍କ ସହିତ ଅଭିନ୍ନ ରୂପେ ନିଜ ଗୁରୁଙ୍କ ନାମ ଆଣି କୌଶଳରେ ତାଙ୍କୁ ସ୍ତୁତି ଶ୍ଳୋକମୁଖରେ ନମସ୍କାର କରୁଅଛନ୍ତି ।

ଲବ୍ଧ୍ୱା କଥଞ୍ଚିତ୍ ନରଜନ୍ମ ଦୁର୍ଲ୍ଲଭଂ ତତ୍ରାପି ପୁଂସ୍ତ୍ୱଂ ଶ୍ରୁତିପାରଦର୍ଶନମ୍ ।
ଯସ୍ତ୍ୱାତ୍ମମୁକ୍ତୌ ନ ଯତେତ ମୂଢ଼ଧୀଃ ସ ହ୍ୟାତ୍ମହା ସ୍ୱଂ ବିନିହନ୍ତ୍ୟସଦ୍ଗ୍ରହାତ୍ ।୪।
ଇତଃ କୋ ନ୍ୱସ୍ତି ମୂଢ଼ାତ୍ମା ଯସ୍ତୁ ସ୍ୱାର୍ଥେ ପ୍ରମାଦ୍ୟତି ।
ଦୁର୍ଲ୍ଲଭଂ ମାନୁଷଂ ଦେହଂ ପ୍ରାପ୍ୟ ତତ୍ରାପି ପୌରୁଷମ୍ । ୫ ।
ବଦନ୍ତୁ ଶାସ୍ତ୍ରାଣି ଯଜନ୍ତୁ ଦେବାନ୍ କୁର୍ବନ୍ତୁ କର୍ମାଣି ଭଜନ୍ତୁ ଦେବତାଃ ।
ଆତ୍ମୈକ୍ୟବୋଧେନ ବିନାପି ମୁକ୍ତିର୍ନ ସିଧ୍ୟତି ବ୍ରହ୍ମଶତାନ୍ତରେଽପି । ୬ ।
ଅମୃତତ୍ୱସ୍ୟ ନାଶାସ୍ତି ବିତ୍ତେନେତ୍ୟେବହି ଶ୍ରୁତିଃ ।
ବ୍ରବୀତି କର୍ମଣୋମୁକ୍ତେରହେତୁତ୍ୱଂ ସ୍ଫୁଟଂ ଯତଃ ।୭।
ଅତୋ ବିମୁକ୍ତ୍ୟୈ ପ୍ରଯତେତ ବିଦ୍ୱାନ୍ ସଂନ୍ୟସ୍ତ ବାହ୍ୟାର୍ଥ ସୁଖସ୍ପୃହଃସନ୍ ।
ସନ୍ତଂ ମହାନ୍ତଂ ସମୁପେତ୍ୟ ଦେଶିକଂ ତେନୋପଦିଷ୍ଟାର୍ଥସମାହିତାତ୍ମା ।୮।
ଉଦ୍ଧରେଦାତ୍ମନାତ୍ମାନଂ ମଗ୍ନଂ ସଂସାର—ବାରିଧୌ ।
ଯୋଗାରୂଢ଼ତ୍ୱମାସାଦ୍ୟ ସମ୍ୟଗ୍ଦର୍ଶନନିଷ୍ଠୟା । ୯ ।

ଶତକୋଟି ଜନମର ପୁଣ୍ୟ ବିନା ସେହି—ମୁକତି ଲଭି ନ ପାରେ ବ୍ରହ୍ମାଣ୍ଡରେ କେହି ।
ମୁମୁକ୍ଷୁତା * ମନୁଷ୍ୟତା ମହାତ୍ମ ଆଶ୍ରୟ । ଦୁର୍ଲ୍ଲଭ ଜଗତେ ଜାଣ ଏ ତିନି ବିଷୟ । ୪ ।
ଏ ସୁଯୋଗ ଦେବତାଙ୍କ ଅନୁଗ୍ରହ ବିନା । ନ ଘଟଇ ବିଶ୍ୱମଧ୍ୟେ ଭାଗ୍ୟବଶେ ସିନା ।
କିଞ୍ଚିତ ସଞ୍ଚିତ ପୂର୍ବ ସୁକୃତ ବଳରେ । ଯେବେ ମନୁଷ୍ୟ ଜନମ କେହି ଲଭି କରେ । ୫ ।
ଶ୍ରୁତି ପାରଦର୍ଶୀ ହୋଇ ଲଭି ପୁଂସତ୍ୱ । ସଂସାରୁ ହେବାକୁ ମୁକ୍ତ ନ କରେ ଯତନ ।
ସେ ଗ୍ରହ-ଦୋଷରେ ନିଜ ଆତ୍ମ ବିନାଶଇ । ଆତ୍ମଘାତୀ ମୂଢ଼ମତି ତାହାକୁହିଁ କହି ।
ଏମନ୍ତ ଦୁର୍ଲ୍ଲଭ ସେହି ନର କଳେବର । ଅବର ପୌରୁଷ ଲଭି କରି ଯେଉଁ ନର ॥
ଆପଣା ହିତ ସାଧନେ ତତ୍ପର ନୁହଇ । ତା'ଠାରୁ ବଳି ମୂଢ଼ାତ୍ମା ଅନ୍ୟକେ ଅଛଇ ?
ପଢ଼ି ନାନା ଶାସ୍ତ୍ର, ନାନା ଯଜ୍ଞ କର୍ମ କରି । ଭଜି ବହୁ ଦେବାଦେବୀ ତଥାପି ତୁମ୍ଭର ।
ଆତ୍ମାର ଅଭେଦ ଜ୍ଞାନ ବିଚାର ବ୍ୟତୀତ । ଶତ ବ୍ରହ୍ମକଳ୍ପେ ମୁକ୍ତି ନ ହେବ ସାଧିତ ।୬।
"ଅମୃତତ୍ୱସ୍ୟ ନାଶାସ୍ତି ବିତ୍ତେନ" ଏମାନ । ଶ୍ରୁତି ସ୍ପଷ୍ଟତର ରୂପେ କରିଛନ୍ତି ବଖାଣ ।
ଏ ଅଧ ମତ ସମସ୍ତ ନିଗମ କହଇ । କର୍ମଦ୍ୱାରା ମୁକ୍ତି କେବେ ହୋଇ ନ ପାରଇ । ୭ ।
ଏଣୁ ବିଷୟ ସୁଖକୁ ହୋଇ ବିମୁଖିତ । ମହାତ୍ମା ସଦ୍‌ଗୁରୁ ପାଶେ ହୋଇ ଉପଗତ ।
ତାଙ୍କ ଉପଦେଶ ଯେଣି ସମାହିତ ଚିତ୍ତେ । କରନ୍ତି ଜ୍ଞାନୀଏ ଯତ୍ନ ମୁକତି ନିମନ୍ତେ । ୮ ।
ଯୋଗାରୂଢ଼ ହୋଇ ପୂର୍ଣ୍ଣ ଜ୍ଞାନ ନିଷ୍ଠା ବଳେ । ସଂସାର ସାଗର ମଗ୍ନ ଆତ୍ମାକୁ କୌଶଳେ ।
କରନ୍ତି ଉଦ୍ଧାର ପୁଣି ବୁଦ୍ଧିବନ୍ତ ଜନେ । ଜିତେନ୍ଦ୍ରିୟ ହୋଇ ସିନା ସଦ୍‌ଗୁରୁ ବଚନେ ।୯।

---

* ମୁକ୍ତିଇଚ୍ଛା ।

ସଂନ୍ୟସ୍ତ ସର୍ବକର୍ମାଣି ଭବବନ୍ଧ ବିମୁକ୍ତୟେ ।
ଯତ୍ୟତାଂ ପଣ୍ଡିତୈର୍ଧୀରୈରାତ୍ମାଭ୍ୟାସ ଉପସ୍ଥିତୈଃ । ୧୦ ।

ଚିତ୍ତସ୍ୟ ଶୁଦ୍ଧୟେ କର୍ମ ନତୁ ବସ୍ତୂପଲବ୍ଧୟେ ।
ବସ୍ତୁସିଦ୍ଧିର୍ବିଚାରେଣ ନ କିଞ୍ଚିତ୍ କର୍ମ କୋଟିଭିଃ । ୧୧ ।

ସମ୍ୟଗ୍ବିଚାରତଃ ସିଦ୍ଧା ରଜ୍ଜୁତତ୍ତ୍ୱାବଧାରଣା ।
ଭ୍ରାନ୍ତୋଦିତ ମହାସର୍ପ ଭୟ ଦୁଃଖ—ବିନାଶିନୀ । ୧୨ ।

ଅର୍ଥସ୍ୟ ନିଶ୍ଚୟୋ ଦୃଷ୍ଟୋ ବିଚାରେଣ ହିତୋକ୍ତିତଃ ।
ନ ସ୍ନାନେନ ନ ଦାନେନ ପ୍ରାଣାୟାମ ଶତେନ ବା । ୧୩ ।

ଅଧିକାରିଣମାଶାସ୍ତେ ଫଳସିଦ୍ଧିର୍ବିଶେଷତଃ ।
ଉପାୟା ଦେଶକାଳାଦ୍ୟାଃ ସନ୍ତ୍ୟସ୍ମିନ୍ ସହକାରିଣଃ । ୧୪ ।

ଅତୋ ବିଚାରଃ କର୍ତ୍ତବ୍ୟୋ ଜିଜ୍ଞାସୋରାତ୍ମ ବସ୍ତୁନଃ ।
ସମାସାଦ୍ୟ ଦୟାସିନ୍ଧୁଂ ଗୁରୁଂ ବ୍ରହ୍ମବିଦୁତ୍ତମମ୍ । ୧୫ ।

ମେଧାବୀ ପୁରୁଷୋ ବିଦ୍ୱାନୂହାପୋହ—ବିଚକ୍ଷଣଃ ।
ଅଧିକାର୍ଯ୍ୟାତ୍ମବିଦ୍ୟାୟାଂ ମୁକ୍ତ ଲକ୍ଷଣ—ଲକ୍ଷିତଃ ॥

ଆତ୍ମଜ୍ଞାନ ଅଭ୍ୟାସରେ ଯେତକ ଯତ୍ନବାନ । ସକଳ କର୍ମେ ଆସକ୍ତି † ରହିତ ବିଦ୍ୱାନ୍ ।
ସଂସାର-ବନ୍ଧନୁଁ ମୁକ୍ତି ଲଭିବା କାରଣେ । ଯତ୍ନ କରିବେ ଜଗତେ ସଦା ଧୀର ମନେ ।୧୦।

ନିଷ୍କାମ କର୍ମ ସାଧନେ ଶୁଦ୍ଧ ହୁଏ ଚିତ୍ତ । ଆତ୍ମବସ୍ତୁ ଉପଲବ୍ଧି ନୁହେ ତଦାଶ୍ରିତ ।
ତତ୍ତ୍ୱ ବିଚାରେ କେବଳ ଜନ୍ମେ ଆତ୍ମଜ୍ଞାନ । କୋଟିକର୍ମ କଲେ ମଧ୍ୟ ସିଦ୍ଧି ନୁହେ ଜାଣ ॥

ଯେସନେ ସର୍ପଜ୍ଞାନ ହେଲେ ରଜ୍ଜୁରେ ଉଦିତ । ବିଚାର ବଳରେ ତାହା ହୁଏ ବାହୂରତ ।
ତତ୍ତ୍ୱ ଅବଧାରଣରେ ରଜ୍ଜୁ ବୋଲି ଯେବେ । ବିଶ୍ୱାସ ଉପୁଜେ ଭ୍ରାନ୍ତି-ଦୁଃଖ ତୁଟେ ତେବେ
ତେସନେ ଗୁରୁ ହିତ ବାକ୍ୟ ବିଚାର ବଳରେ । ଆତ୍ମାକୁ ନିଶ୍ଚୟ କରିଥାନ୍ତି ବିଜ୍ଞଜନରେ ।
ସ୍ନାନ ଦାନ ଅବା ଶତ ପ୍ରାଣାୟାମ * ଦ୍ୱାର । ବିଚାର ବିହୀନେ ଆତ୍ମା ନୁହଇ ଗୋଚର ॥
ଫଳ ସିଦ୍ଧି କରି ପାରେ ଏକା ଅଧିକାରୀ । ଦେଶକାଳାଦି ଉପାୟ ଯେଣୁ ସହକାରୀ ।୧୪।

ଆତ୍ମତତ୍ତ୍ୱ ଜାଣିବାକୁ ଇଚ୍ଛା କର ଯେବେ । ଆତ୍ମଜ୍ଞ ଦୟାଳୁ ଗୁରୁ ପାଶେ ରହି ତେବେ ।
ଉପାସନା କରି ତାଙ୍କୁ ଭକ୍ତିଭାବ ବହି । ତତ୍ତ୍ୱ ବିଚାର କରିବା ଉଚିତ ଅଟଇ । ୧୫ ।

---

† ଅନୁରାଗ । * ବାୟୁସଂଯମ

ବିବେକିନୋ ବିରକ୍ତସ୍ୟ ଶମାଦି ଗୁଣ ଶାଳିନଃ ।
ମୁମୁକ୍ଷୋରେବ ହି ବ୍ରହ୍ମ ଜିଜ୍ଞାସାଯୋଗ୍ୟତା ମତା । ୧୭ ।
ସାଧନାନ୍ୟତ୍ର ଚତ୍ୱାରି କଥିତାନି ମନୀଷିଭିଃ ।
ଯେଷୁ ସତ୍ସ୍ୱେବ ସନ୍ନିଷ୍ଠା ଯଦଭାବେ ନ ସିଧ୍ୟତି । ୧୮ ।
ଆଦୌ ନିତ୍ୟାନିତ୍ୟ ବସ୍ତୁ ବିବେକଃ ପରିଗଣ୍ୟତେ ।
ଇହାମୂତ୍ର ଫଳ ଭୋଗ ବିରାଗ ସ୍ତଦନନ୍ତରମ୍ । ୧୯ ।
ଶମାଦିଷଟ୍କ ସମ୍ପତ୍ତି ର୍ମୁମୁକ୍ଷୁତ୍ୱମିତି ସ୍ଫୁଟମ୍ ।
ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟେ ତ୍ୟେବଂ ରୂପୋ ବିନିଶ୍ଚୟଃ । ୨୦ ।
ସୋଽୟଂ ନିତ୍ୟାନିତ୍ୟ ବସ୍ତୁ ବିବେକଃ ସମୁଦାହୃତଃ ।
ତଦ୍‌ବୈରାଗ୍ୟଂ ଜିହାସା ଯା ଦର୍ଶନଶ୍ରବଣାଦିଭିଃ । ୨୧ ।
ଦେହାଦିବ୍ରହ୍ମପର୍ଯ୍ୟନ୍ତେ ହ୍ୟନିତ୍ୟେ ଭୋଗବସ୍ତୁନି ।
ବିରଜ୍ୟ ବିଷୟବ୍ରାତାଦ୍ଦୋଷଦୃଷ୍ଟ୍ୟା ମୁହୁର୍ମୁହୁଃ । ୨୨ ।

* ଊହାପୋହ-ବିଚକ୍ଷଣ ମେଧାବୀ ବିଦ୍ୱାନ । ସେ ଲୋକ ଆତ୍ମ ବିଦ୍ୟାରେ ଅଧିକାରୀ ଜାଣ ।
ରଜ୍ଜୁଠାରେ ସର୍ପଭ୍ରମ ଆରୋପ ପ୍ରକାରେ । ଅଜ୍ଞାନାଦି ଅବରୋପଣ ତଥ ଆତ୍ମାଠାରେ ।୧୬।
ସେ ଭାବକୁ ଅଧ୍ୟାରୋପ ବୋଲନ୍ତି ଜଗତେ । ଉହାଟି ଅଟଇ ଯାହା ଯେନ ଦ୍ରବ୍ୟଗତେ ।
ଉପାଦାନ ରୂପାନ୍ତର ହୁଅଇ ଯାହାର । ତାହାକୁ କହନ୍ତି ସେହି ଦ୍ରବ୍ୟର ବିକାର ।୧୭।
ସ୍ୱର୍ଣ୍ଣର ବିକାର ଜାଣ କେୟୂର କୁଣ୍ଡଳ । ଉପାଦାନ ରୂପାନ୍ତର ସେହିଟି କେବଳ ।
ଉପାଦାନ ରୂପାନ୍ତର ଯାହାର ନୁହଇ । କେବଳ ଭ୍ରମରେ ଆନଦ୍ରବ୍ୟ ବୋଲି କହି ।୧୮।
“ବିବର୍ତ୍ତ” କହନ୍ତି ତାକୁ ସାଧୁଗଣ ତହିଁ । ରଜ୍ଜୁଠାରେ ସର୍ପଭ୍ରମ ବିବର୍ତ୍ତ ଅଟଇ ।
ଅପବାଦ ବୋଲନ୍ତି ସେ ନିବର୍ତ୍ତି ଭାବକୁ । *“ଅପୋହ” ଅଟଇ ତାହା ଜାଣ ମାନସକୁ ॥
ବିବେକ-ବୈରାଗ୍ୟଯୁତ ମୁମୁକ୍ଷୁ ଅବର । ଶମଦମ ଆଦି ଗୁଣବନ୍ତ ଯେଉଁ ନର ।
ବ୍ରହ୍ମଜ୍ଞାନ ଜାଣିବାକୁ ଇଚ୍ଛା ସେ କରଇ । ମୂଢ଼ଜନଠାରେ ଏହା ସମ୍ଭବ ନୁହଇ । ୨୦ ।
ମହାମୁନିମାନେ କରିଛନ୍ତି ନିରୂପଣ । ସଂସାର ମଧ୍ୟେ ଅଛଇ ଚାରିଟି ସାଧନ ।
ସାଧନ ଚାରିଟି ଥିଲେ ଜନ୍ମେ ବ୍ରହ୍ମେ ନିଷ୍ଠା । ତାହାର ଅଭାବେ କେବେଁ ନୁହଇ ପ୍ରତିଷ୍ଠା ॥
‘ନିତ୍ୟ ଅନିତ୍ୟ ବସ୍ତୁର ବିବେକ’ କରଣ । ପ୍ରଥମ ସାଧନ ତାହା କର ହେ ଶ୍ରବଣ ।
“ଇହାମୂତ୍ର ଫଳଭୋଗ-ବିରାଗ” ଦ୍ୱିତୀୟ । ‘ଶମାଦି ଷଡ଼ସମ୍ପଦ ଅଟଇ ତୃତୀୟ ।୨୨।

* ଊହ+ଅପୋହ (ଅପ୍+ଊହ)—ଊହାପୋହ । ଊହ—ବିଚାର; ଅପୋହ=ଅଧ୍ୟା—ରୋପ—ଅପବାଦ । ରଜ୍ଜୁରେ ସର୍ପଭ୍ରମ ହେବାକୁ ଅଧ୍ୟାରୋପ ଓ ଅପବାଦ ବୋଲାଯାଏ ଏହାହିଁ ବିବର୍ତ୍ତଭାବ । ସ୍ୱର୍ଣ୍ଣର ଉପାଦାନ ରୂପାନ୍ତରିତ ହୋଇ କେୟୂର କୁଣ୍ଡଳ ଆଦିରେ ପରିଣତକୁ ବିକାର ଭାବ ବୋଲାଯାଏ ।

ସ୍ୱଲକ୍ଷ୍ୟେ ନିୟତାବସ୍ଥା ମନସଃ ଶମ ଉଚ୍ୟତେ ।
ବିଷୟେଭ୍ୟ ପରାବର୍ତ୍ୟ ସ୍ଥାପନଂ ସ୍ୱସ୍ୱଗୋଳକେ । ୨୩ ।

ଉଭୟେଷାମିନ୍ଦ୍ରିୟାଣାଂ ସ ଦମଃ ପରିକୀର୍ତ୍ତିତଃ ।
ବାହ୍ୟାନାଲମ୍ବନଂ ବୃତ୍ତେରେଷୋପରତିରୁତ୍ତମା । ୨୪ ।

ସହନଂ ସର୍ବଦୁଃଖାନାମପ୍ରତୀକାରପୂର୍ବକମ୍ ।
ଚିନ୍ତାବିଳାପରହିତଂ ସା ତିତିକ୍ଷା ନିଗଦ୍ୟତେ । ୨୫ ।

ଶାସ୍ତ୍ରସ୍ୟ ଗୁରୁବାକ୍ୟସ୍ୟ ସତ୍ୟବୁଦ୍ଧ୍ୟବଧାରଣମ୍ ।
ସା ଶ୍ରଦ୍ଧା କଥିତା ସଦ୍‌ଭିର୍ଯ୍ୟୟା ବସ୍ତୂପଲଭ୍ୟତେ । ୨୬ ।

ସର୍ବଦା ସ୍ଥାପନଂ ବୁଦ୍ଧେଃ ଶୁଦ୍ଧେ ବ୍ରହ୍ମଣି ନିର୍ମ୍ମଳେ ।
ତତ୍ ସମାଧାନ ମିତ୍ୟୁକ୍ତଂ ନ ତୁ ଚିତ୍ତସ୍ୟ ଲାଳନମ୍ । ୨୭ ।

ଅହଙ୍କାରାଦିଦେହାନ୍ତାନ୍ ବନ୍ଧାନଜ୍ଞାନକଳ୍ପିତାନ୍ ।
ସ୍ୱ ସ୍ୱରୂପ ବବୋଧେନ ମୋକ୍ତୁମିଚ୍ଛା ମୁମୁକ୍ଷୁତା । ୨୮ ।

ଶମ, ଦମ, ଉପରତି, ତିତିକ୍ଷା ଆବର । ଶ୍ରଦ୍ଧା, ସମାଧାନ ଏହି ଛଅ ହେଲେ ସବ ।
ଏହାଙ୍କୁ ଷଡ଼ ସମ୍ପତ୍ତି ବୋଲନ୍ତି ଧୀମାନେ । ତୃତୀୟ ସାଧନ ଏହି ବୁଝ ସାବଧାନେ ।୨୩।

ମୁମୁକ୍ଷୁ ଅଟଇ ପୁଣ ଚତୁର୍ଥ ସାଧନ । ସେମାନଙ୍କ ନାମ ଶୁଣ ଶୁଣ ସାଧୁଜନ ।
'ବ୍ରହ୍ମସତ୍ୟ ଜଗତ୍ ମିଥ୍ୟା' ନିଶ୍ଚୟ କାରଣ । ଏହାହିଁ ଅଟଇ ଜାଣ ପ୍ରଥମ ସାଧନ ।୨୪।

ଦେହାଦି ବ୍ରହ୍ମ ପର୍ଯ୍ୟନ୍ତ ଅନିତ୍ୟ ଥିବାର । ଏ ଦେହ ଦେଖି ଭୋଗରୁ ବିରତ ହେବାର ।
'ଇହାମୁତ୍ର ଫଳଭୋଗ ବିରାଗ' ନାମରେ । କଥିତ ହୁଅଇ ତାହା ସାଧନ ମଧ୍ୟରେ ।୨୫।

ମନର ଲକ୍ଷ୍ୟ ବିଷୟେ ନିବୃତାବସ୍ଥାନ । 'ଶମ' ତାହାକୁ ବୋଲନ୍ତି ଜ୍ଞାନିଗଣ ଜାଣ ।
ଜ୍ଞାନେନ୍ଦ୍ରିୟ * କର୍ମେନ୍ଦ୍ରିୟ † ଏ ଇନ୍ଦ୍ରିୟ ଦ୍ୱୟେ । ପ୍ରତିନିବୃତ୍ତ କରଣ ଯେ ଯାହା ବିଷୟେ ।
ନିଜ ନିଜ ଅବସ୍ଥାରେ ସ୍ଥାପନ କରଣ । 'ଦମ' ବୋଲି କହିଥାନ୍ତି ତାକୁ ବିଜ୍ଞଗଣ ।
ଉଭୟ ବିଷୟ ପଥରୁ କର୍ମେନ୍ଦ୍ରିୟ ଗତି । ନିରୋଧ କରିବା ନାମ ଅଟେ ଉପରତି ୨୬ ।

ନ କରଣି ପ୍ରତିକାର ଚେଷ୍ଟା କଦାଚନ । ଅବର ଚିନ୍ତା ବିଳାପ କରି ବରଜନ ।
ସର୍ବ ଦୁଃଖ ସହିବାକୁ ସକଳ ବିଦ୍ୱାନ । 'ତିତିକ୍ଷା' ବୋଲିଣ କହିଅଛନ୍ତି ପ୍ରମାଣ । ୨୭ ।

---

* ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ (ଚର୍ମ) । † ବାକ୍, ପାଣି, ପାଦ, ପାୟୁ (ଗୁହ୍ୟ) ଓ ଉପସ୍ଥ ।

ମନ୍ଦମଧ୍ୟମରୂପାପି ବୈରାଗ୍ୟେଣ ଶମାଦିନା ।
ପ୍ରସାଦେନ ଗୁରୋଃ ସେୟଂ ପ୍ରବୃଦ୍ଧା ସୂୟତେ ଫଳମ୍ ॥ ୨୯ ॥

ବୈରାଗ୍ୟଞ୍ଚ ମୁମୁକ୍ଷୁତ୍ୱଂ ତୀବ୍ରଂ ଯସ୍ୟ ତୁ ବିଦ୍ୟତେ ।
ତସ୍ମିନ୍ନେବାର୍ଥବନ୍ତଃ ସ୍ୟୁଃ ଫଳବନ୍ତଃ ଶମାଦୟଃ ॥ ୩୦ ॥

ଏତୟୋର୍ମନ୍ଦତା ଯତ୍ର ବିରକ୍ତତ୍ୱମୁମୁକ୍ଷୟୋଃ ।
ମରୌ ସଲିଲବତ୍ତତ୍ର ଶମାଦେର୍ଭାନମାତ୍ରତା ॥ ୩୧ ॥

ମୋକ୍ଷକାରଣସାମଗ୍ର୍ୟାଂ ଭକ୍ତିରେବ ଗରୀୟସୀ ।
ସ୍ୱସ୍ୱରୂପାନୁସନ୍ଧାନଂ ଭକ୍ତିରିତ୍ୟଭିଧୀୟତେ ।
ସ୍ୱାତ୍ମତତ୍ତ୍ୱାନୁସନ୍ଧାନଂ ଭକ୍ତିରିତ୍ୟପରେ ଜଗୁଃ ॥ ୩୨ ॥

ଉକ୍ତସାଧନସମ୍ପନ୍ନସ୍ତତ୍ତ୍ୱଜିଜ୍ଞାସୁରାତ୍ମନଃ ।
ଉପସୀଦେଦ୍ ଗୁରୁଂ ପ୍ରାଜ୍ଞଂ ଯସ୍ମାଦ୍ବନ୍ଧବିମୋକ୍ଷଣମ୍ ॥ ୩୩ ॥

ଶ୍ରୋତ୍ରିୟୋଽବୃଜିନୋଽକାମହତୋ ଯୋ ବ୍ରହ୍ମବିତ୍ତମଃ ।
ବ୍ରହ୍ମଣ୍ୟୁପରତଃ ଶାନ୍ତୋନିରିନ୍ଧନ ଇବାନଲଃ ॥ ୩୪ ॥

ଶାସ୍ତ୍ରବାଣୀ ଗୁରୁବାକ୍ୟ-ସତ୍ୟାବଧାରଣ । ତାହାକୁ 'ଶ୍ରଦ୍ଧା' ବୋଲନ୍ତି କହନ୍ତି ସୁଜନ ॥
ଶ୍ରଦ୍ଧାରେ ଅମୂଲ୍ୟବସ୍ତୁ ହୁଏ ଉପଲବ୍ଧ । ସେ ଶ୍ରଦ୍ଧାକୁ ଅଶାକର ଯତ୍ନେ ନିର୍ବନ୍ଧ ॥ ୨୯ ॥

ନିର୍ମଳ ଶୁଦ୍ଧ ବ୍ରହ୍ମେ ମାନସ ସ୍ଥାପନ । 'ସମାଧାନ' କହୁଥାନ୍ତି ତାହା ବିଜ୍ଞଜନ ।
ସେ ସମାଧି ଅବସ୍ଥାରେ ଅନ୍ୟ ବିଷୟରେ । ନ ଥାଏ ଚିତ୍ତ ଚଳନା କଳ୍ପିତମାତରେ ॥ ୩୦ ॥

ଅଜ୍ଞାନ କଳ୍ପିତ "ମୁହିଁ" ଆଦି ଅଭିମାନ । ଏ ଦେହ ଭିତରେ ଯାହା ଅଛି ବିଦ୍ୟମାନ ॥
ଆତ୍ମସ୍ୱରୂପ ଜ୍ଞାନରେ ସେ ଅହଂବନ୍ଧନ । ଛାଡ଼ିବା ଇଚ୍ଛାକୁ କହି 'ମୁମୁକ୍ଷୁତା' ଜାଣ ॥ ୩୧ ॥

ଆଉ ପରେ ମୁମୁକ୍ଷୁତା ମନ୍ଦ ମଧ୍ୟମରେ । ବୈରାଗ୍ୟ ଶମାଦି ପୁଣି ଗୁରୁ ପ୍ରସାଦରେ ।
ବର୍ଦ୍ଧିତ ହୋଇ ମୁକ୍ତି ଫଳ ପ୍ରଦାନେ । ସମର୍ଥ ହୁଅଇ ସେହି ବିପୁଳ ବିଧାନେ ॥ ୩୨ ॥

ବୈରାଗ୍ୟ ମୁମୁକ୍ଷୁତା ଯାହାର ପ୍ରବଳ ।—ଆଏ, ଶମ ଦି* ସାଧନ ତାହାକୁ କେବଳ ।
ଅର୍ଥବନ୍ତ ଫଳବନ୍ତ କରଇ ନିଶ୍ଚୟ । ରହି ନ ପାରଇ ତାର ଅଜ୍ଞାନ ନିଚୟ ॥ ୩୩ ॥

ବୈରାଗ୍ୟ ମୁକ୍ତି ଇଚ୍ଛା ମନ୍ଦଥାଏ ଯାର । ଶମାଦି କାର୍ଯ୍ୟକାରକ ନ ହୁଅଇ ତାର ।
ମରୁଭୂମିରେ ସଲିଳ ଦିଶିଲେ ଯେସନ । ଶମ ଦମାଦି ତା ପକ୍ଷେ ହୁଅଇ ତେସନ ॥ ୩୪ ॥

---

* ଶମ, ଦମ, ଉପରତି, ତିତିକ୍ଷା, ଶ୍ରଦ୍ଧା, ସମାଧାନ, ମୁମୁକ୍ଷୁତା ।

ଅହେତୁକଦୟାସିନ୍ଧୁଂ ଭୁବନମଙ୍ଗଳଂ ସତାମ୍ ।
ତସ୍ମାଦ୍ଧ୍ୟ ଗୁରୁଂ ଭକ୍ତ୍ୟା ପ୍ରାକ୍ ପ୍ରଶ୍ରୟସେବନୈଃ । ୩୫ ।
ପ୍ରସନ୍ନଂ ତମନୁପ୍ରାପ୍ୟ ପୃଚ୍ଛେତ୍ ଜ୍ଞାତବ୍ୟମାତ୍ମନଃ । ୩୬ ।

ସ୍ୱାମିନ୍ନମସ୍ତେ ନତଲୋକବନ୍ଧୋ !
କାରୁଣ୍ୟସିନ୍ଧୋ ! ପତିତଂ ଭବାବ୍ଧୌ ।
ମାମୁଦ୍ଧରାମୋଘକଟାକ୍ଷଦୃଷ୍ଟ୍ୟା
ଋଜ୍ୱାତିକାରୁଣ୍ୟ ସୁଧାଭି ବୃଷ୍ଟ୍ୟା । ୩୭ ।

ଦୁର୍ବାରସଂସାରଦାବାଗ୍ନି ତପ୍ତଂ ଦୋଧୂୟମାନଂ ଦୁରଦୃଷ୍ଟବାତୈଃ ।
ଭୀତଂ ପ୍ରପନ୍ନଂ ପରିପାହି ମୃତ୍ୟୋଃ ଶରଣ୍ୟମନ୍ୟଦ୍ୟଦହଂ ନ ଜାନେ ॥
ଶାନ୍ତା ମହାନ୍ତୋ ନିବସନ୍ତି ସନ୍ତୋ ବସନ୍ତବଲ୍ଲୋକହିତଂ ଚରନ୍ତଃ ।
ତୀର୍ଣ୍ଣାଃ ସ୍ୱୟଂ ଭୀମ ଭବାର୍ଣ୍ଣବଂ ଜନାନହେତୁନାଽନ୍ୟାନପି ତାରୟନ୍ତଃ ।୩୯।

ସକଳ ମୋକ୍ଷ କାରଣ ସାମଗ୍ରୀ ମଧ୍ୟରେ । ଭକ୍ତିହିଁ ଅଟଇ ଶ୍ରେଷ୍ଠ ଯେଉଁ ମାନସରେ ।
ଜୀବର ସ୍ୱରୂପ ଅନୁସନ୍ଧାନକୁ ଭକ୍ତି । ବୋଲି କହୁଥାନ୍ତି କେତେ ବହୁ ଧୀର ମତି ।
କେତେ ଜ୍ଞାନୀଙ୍କ ମତରେ ଏ ଜୀବ ଅସାରେ । ପରମାତ୍ମାନୁସନ୍ଧାନ ଭକ୍ତିନାମ ଧରେ ।୩୪।
ସାଧନ-ସମ୍ପନ୍ନ, ତତ୍ତ୍ୱ-ଜିଜ୍ଞାସୁ ମାନବ । ପ୍ରାଜ୍ଞ, ବନ୍ଧ-ବିମୋଚକ ଗୁରୁସ୍ଥାନେ ଯିବ ।
ବେଦବିଦ, ପାପହୀନ, କାମନା-ରହିତ । ବ୍ରହ୍ମବିଦଙ୍କରେ ଶ୍ରେଷ୍ଠ ପରବ୍ରହ୍ମରତ ।
କାଷ୍ଠ ନ ଥିବା ଅନଳ ସମ ଶାନ୍ତ ସ୍ଥିର । ଅକାରଣ-ଦୟାସିନ୍ଧୁ ପ୍ରଶାନ୍ତଗମ୍ଭୀର
ଭକତ ବିନୟ-କରି ତା'ହାଙ୍କୁ ପୂଜିବ । ପ୍ରସନ୍ନ କରାଇ ଆତ୍ମକଥା ପଚାରିବ ।୩୬।
"ନମୋ ହେ ସ୍ୱାମୀ ! ପ୍ରଣତ ଜନଙ୍କର ବନ୍ଧୁ । ଉଦ୍ଧର ଭବସିନ୍ଧୁରୁ ମୋତେ କୃପାସିନ୍ଧୁ !
ପ୍ରସାରି ତବ ଅମୋଘ * କଟାକ୍ଷ ଦୃଷ୍ଟି । କରି ସରଳ କାରୁଣ୍ୟ-ସୁଧା-ବିନ୍ଦୁ ବୃଷ୍ଟି ।୩୭।
ମୁହିଁ ଦୁର୍ବାର-ସଂସାର-ଦାବାନଳେ ତପ୍ତ । ହୋଇଛି ପୁଣି ଦୁର୍ଯୋଗ-ବାତେ ଉତ୍ପୀଡ଼ିତ ।
ତବ ଶରଣ ପଶିଲି, ମୃତ୍ୟୁ-ମୁଖୁଁ ତ୍ରାଣ । କର ମୋତେ, ତୁମ୍ଭ ବିନା ନାହିଁ ମୋର ଆନ ।
ପ୍ରଶାନ୍ତ ମହାନ୍ତଗଣ ବସନ୍ତ ପ୍ରକାର । ନିଜେ ହୋଇ କମ୍ପଙ୍କର ଭବାର୍ଣ୍ଣବୁ ପାର-।
ବହୁ ଅକାରଣ-ପରହିତୈଷୀ ସ୍ୱଭାବରୁ । ରହିଥାନ୍ତି ତାରିବାକୁ ଜଗତଜନଙ୍କୁ ।୩୯।

---

* ଅବ୍ୟର୍ଥ ।

ଅୟଂ ସ୍ୱଭାବଃ ସ୍ୱତ ଏବ ଯତ୍ ପରଶ୍ରମାପନୋଦପ୍ରବଣଂ ମହାତ୍ମନାମ୍ ।
ସୁଧାଂଶୁରେଷ ସ୍ୱୟମର୍କ କର୍କଶ ପ୍ରଭାଭିତପ୍ତାମବତି କ୍ଷିତିଂ କିଲ । ୪୦ ।

ବ୍ରହ୍ମାନନ୍ଦରସାନୁଭୂତିକଳିତୈଃ ପୂତୈଃ ସୁଶୀତୈର୍ଯୁତୈ—
ର୍ଯୁଷ୍ମଦ୍ ବାକ୍କଲଶୋଜ୍ଝିତୈଃ ଶ୍ରୁତିସୁଖୈର୍ବାକ୍ୟାମୃତୈଃ ସେଚୟ ।
ସନ୍ତପ୍ତଂ ଭବତାପଦାବଦହନ ଜ୍ୱାଲାଭିରେନଂ ପ୍ରଭୋ !
ଧନ୍ୟାସ୍ତେ ଭବଦୀକ୍ଷଣକ୍ଷଣଗତେଃ ପାତ୍ରୀକୃତାଃ ସ୍ୱୀକୃତାଃ । ୪୧ ।

କଥଂ ତରେୟଂ ଭବସିନ୍ଧୁମେତଂ ? କା ବା ଗତିର୍ମେ ? କତମୋଽସ୍ତ୍ୟପାୟଃ ?
ଜାନେ ନ କିଞ୍ଚିତ୍ କୃପୟାଽବ ମାଂ ପ୍ରଭୋ ! ସଂସାରଦୁଃଖକ୍ଷତିମାତନୁଷ୍ୱ । ୪୨ ।

ତଥା ବଦନ୍ତଂ ଶରଣାଗତଂ ସ୍ୱଂ ସଂସାର ଦାବାନଳତାପତପ୍ତମ୍ ।
ନିରୀକ୍ଷ୍ୟ କାରୁଣ୍ୟରସାର୍ଦ୍ରଦୃଷ୍ଟ୍ୟା ଦଦ୍ୟାଦଭୀତିଂ ସହସା ମହାତ୍ମା । ୪୩ ।

ବିଦ୍ୱାନ୍ ସ ତସ୍ମା ଉପସତ୍ତିମୀୟୁଷେ ମୁମୁକ୍ଷବେ ସାଧୁ ଯଥୋକ୍ତ-କାରିଣେ ।
ପ୍ରଶାନ୍ତଚିତ୍ତାୟ ଶମାନ୍ୱିତାୟ ତତ୍ତ୍ୱୋପଦେଶଂ କୃପୟୈବ କୁର୍ଯ୍ୟାତ୍ । ୪୪ ।

ଖରକର † ଖରକରେ ସନ୍ତପ୍ତ ଭୁବନେ । ଶୀତଳ କରଇ ନିଜେ ଚନ୍ଦ୍ରମା ଯେସନେ ।
ତେହ୍ନେ ମହାତ୍ମାଗଣଙ୍କ ସ୍ୱଭାବ ଏସନ । କରଥାନ୍ତି ସ୍ୱତଃ ପର-ଶ୍ରମକୁ ହରଣ । ୪୦ ।

ଅହେ ପ୍ରଭୁ ତବ ବାକ୍ୟ-କଳସ-ନିଃସୃତା ଶ୍ରୁତି-ସୁଖକର ଯେଉଁ ବଚନ-ଅମୃତା ।
ପର'ବ୍ରହ୍ମାନନ୍ଦରସ ଅନୁଭୂତି-ଯୁତ । ଅବର ଅଟଇ ଯାହା ସୁଶୀତଳ ପୂତ ॥

ଭବତାପ-ଦାବାନଳ ✽ ସନ୍ତପ୍ତ ଜୀବନେ । ସିଞ୍ଚ ସେହୁ ବାକ୍ୟାମୃତ ମୋହର ବହନେ ।
ଯେଉଁ ଲୋକ ଆପଣଙ୍କ ନୟନ ପଥରେ । ପଡ଼ିଅଛୁ ଧନ୍ୟ ସେହୁ ଜଗତ ଭିତରେ ॥

ଏ ଭବ-ସାଗରୁ ମୁହିଁ ତରିବି କେସନେ ? । କି ହେବ ମୋହରଗତି ଏ ଭବ-ଗହନେ ?
ଭବସିନ୍ଧୁ ତରଣେ କି ଉପାୟ ଅଛଇ ? । କହ କୃପାକରି ମୁହିଁ କିଛି ନ ଜାଣଇ ।
ରକ୍ଷ ଅହେ ପ୍ରଭୁ ମୋତେ କର ସେ ବିଧାନ । ଯେମନ୍ତେ ସଂସାର-ଦୁଃଖ ହେବ ଅବସାନ ॥

ଭବ-ଦାବାନଳ-ତପ୍ତ ଶରଣ-ଆଗତ । ଶିଷ୍ୟଙ୍କୁ ଅଭୟ ଦେଇ ସଦ୍‌ଗୁରୁ ମହନ୍ତ ।
କାରୁଣ୍ୟ-ରସାର୍ଦ୍ର-ନେତ୍ରେ କରି ନିରୀକ୍ଷଣ । ସମ୍ବୋଧି ମଧୁର ବାକ୍ୟେ କହିବ ଏସନ ॥

ଆଜ୍ଞାକାରୀ ଉପସନ୍ନ ମୁମୁକ୍ଷୁ ବଦାନ୍ୟ । ପ୍ରଶାନ୍ତଚିତ୍ତ ଅବର ଶମ ଗୁଣବାନ ।
ସାଧୁ ସଦ୍‌ଗୁରୁ ଅବର ଯେ ଶିଷ୍ୟ ବିଶେଷ । କୃପା କରି ଦେବତାଙ୍କୁ ତତ୍ତ୍ୱ ଉପଦେଶ ।୪୪

---

† ସୂର୍ଯ୍ୟ । ✽ ବନାଗ୍ନି ।

ମା ଭୈଷ୍ଟ ବିଦ୍ୱଂସ୍ତବ ନାସ୍ତ୍ୟପାୟଃ ସଂସାରସିନ୍ଧୋସ୍ତରଣେଽସ୍ତ୍ୟୁପାୟଃ ।
ଯେନୈବ ଯାତା ଯତୟୋଽସ୍ୟ ପାରଂ ତମେବ ମାର୍ଗଂ ତବ ନିର୍ଦ୍ଦିଶାମି । ୪୫ ।

ଅସ୍ତ୍ୟୁପାୟୋ ମହାନ୍ କଶ୍ଚିତ୍ ସଂସାର ଭୟ ନାଶନଃ ।
ତେନ ତୀର୍ତ୍ତ୍ୱା ଭବାମ୍ଭୋଧିଂ ପରମାନନ୍ଦମାପ୍ସ୍ୟସି । ୪୬ ।

ବେଦାନ୍ତାର୍ଥବିଚାରେଣ ଜାୟତେ ଜ୍ଞାନମୁତ୍ତମମ୍ ।
ତେନାତ୍ୟନ୍ତିକସଂସାର ଦୁଃଖନାଶୋ ଭବତ୍ୟନୁ । ୪୭ ।

ଶ୍ରଦ୍ଧାଭକ୍ତିଧ୍ୟାନଯୋଗାନ୍ମୁମୁକ୍ଷୋର୍ମୁକ୍ତେର୍ହେତୂନ୍ ବକ୍ତି ସାକ୍ଷାଚ୍ଛ୍ରୁତେର୍ଗୀଃ ।
ଯୋ ବା ଏତେଷ୍ୱେବ ତିଷ୍ଠତ୍ୟମୁଷ୍ୟ ମୋକ୍ଷୋଽବିଦ୍ୟାକଳ୍ପିତାଦ୍ଦେହବନ୍ଧାତ୍ । ୪୮ ।

ଅଜ୍ଞାନଯୋଗାତ୍ ପରମାତ୍ମନସ୍ତବ ହ୍ୟନାତ୍ମବନ୍ଧସ୍ତତ ଏବ ସଂସୃତିଃ ।
ତୟୋର୍ବିବେକୋଦିତ ବୋଧବହ୍ନିରଜ୍ଞାନକାର୍ଯ୍ୟଂ ପ୍ରଦହେତ୍ ସମୂଳମ୍ । ୪୯ ।

ଶିଷ୍ୟ ଉବାଚ ।

କୃପୟା ଶ୍ରୂୟତାଂ ସ୍ୱାମିନ୍ ! ପ୍ରଶ୍ନୋଽୟଂ କ୍ରିୟତେ ମୟା ।
ଯଦୁତ୍ତରମହଂ ଶ୍ରୁତ୍ୱା କୃତାର୍ଥଃ ସ୍ୟାଂ ଭବନ୍ମୁଖାତ୍ । ୫୦ ।

ଭୟ ନାହିଁ କିଛି ଅହେ ବିଦ୍ୱାନ ତୁମ୍ଭର । ନାହିଁ କଦାଚିତ ତବ ବିନାଶ ଅବର ।
ଅଛି ଉପାୟ ସଂସାର-ସାଗର ତରଣେ । ଯେ ଉପାୟ ଅବଲମ୍ବି ଯତି ମୁନିଜନେ ।
ସଂସାର ସାଗରୁଁ ପାର ହୋଇଥାନ୍ତି ପୁଣ । ସେହି ଉପାୟ ତୁମ୍ଭକୁ କହୁଛି ମୁଁ ଶୁଣ ।୪୫।
ଅଛି ଏକ ମହୋପାୟ ଶୁଣ ସାବଧାନେ । ସଂସାର-ଭୟକୁ ଯେହୁ ନାଶଇ ବିଧାନେ ।
ତାର ବଳେ ପାର ହୋଇ ଭବ-ପାରାବାର । ଲଭିବ ପରମାନନ୍ଦ ଅନନ୍ତ ଉଦାର ।୪୬।
ପ୍ରଥମେ ବେଦାନ୍ତ ଅର୍ଥ ବିଚାର କରନ୍ତେ । ଉତ୍ତମ ଜ୍ଞାନ ପ୍ରକାଶ ହୁଏ ହୃଦଗତେ ।
ସଂସାରର ଘୋର ଦୁଃଖ ସେ ଜ୍ଞାନ ବଳରେ । ଲଭଇ ବିନାଶ ନିଷ୍ଟେ ଘେନ ମାନସରେ ।
ଶ୍ରଦ୍ଧା ଭକ୍ତି ଜ୍ଞାନ ଯୋଗ ମୁକ୍ତିର କାରଣ । ମୁମୁକ୍ଷୁ ଜନର ପକ୍ଷେ ଏ ବେଦ-ବଚନ ।
ଯେଉଁ ଲୋକ ହୁଏ ଶ୍ରଦ୍ଧାଭକ୍ତି ଧ୍ୟାନଯୁକ୍ତ । ଅବିଦ୍ୟା * କଳ୍ପିତ-ଦେହ-ବନ୍ଧନୁଁ ସେ ମୁକ୍ତ ।
ପରମାତ୍ମା ରୂପୀ ତୁମ୍ଭେ ଅଟ ଶିଷ୍ୟବର । ଅଜ୍ଞାନଯୋଗେ ବନ୍ଧନ ଘଟିଛି ତୁମ୍ଭର ।
ସେ ଘେନ ହୋଇଛି ଏହୁ ସଂସାର ବିସ୍ତାର । ଏକଥ ନିଶ୍ଚୟ ହୋଇ ମାନସେ ବିଚାର ।
ବିବେକରୁ ଜ୍ଞାନ-ଅଗ୍ନି ଯେବେ ହେବ ଜାତ । ଅଜ୍ଞାନ କାର୍ଯ୍ୟ ସମୂଳେ ହୋଇବ ନିପାତ ।

ଶିଷ୍ୟ ଉବାଚ ।

ହେ ଗୁରୋ ! କେତେକ ପ୍ରଶ୍ନ ମୁହିଁ ପୁଛୁଅଛି । ଶୁଣିବା ହେଉନ୍ତୁ ସ୍ୱାମୀ କୃପାକରି ବଚ୍ଛ ।
ଆପଣଙ୍କ ମୁଖୁଁ ଶୁଣି ତହିଁର ଉତ୍ତର । କୃତାର୍ଥ ହୋଇବ ଦେବ ଏହୁ ଜୀବନ ମୋହର ୫୦
ବନ୍ଧ ବୋଲି ଜଗତରେ କାହାକୁଟି କହ ? । କିରୂପେ ଅଛଇ ? ପୁଣି କିରୂପେ ରହଇ ?

---

* ମାୟା, ଅଜ୍ଞାନ ।

କୋ ନାମ ବନ୍ଧଃ ? କଥମେଷ ଆଗତଃ ? କଥଂ ପ୍ରତିଷ୍ଠାସ୍ୟ ? କଥଂ ବିମୋକ୍ଷ ।
କୋଽସାବନାତ୍ମା ? ପରମଃ କ ଆତ୍ମା ? ତୟୋର୍ବିବେକଃ କଥମେତଦୁଚ୍ୟତାମ୍ ।୫୧।

ଶ୍ରୀ ଗୁରୁରୁବାଚ ।

ଧନ୍ୟୋଽସି କୃତକୃତ୍ୟୋଽସି ପାବିତଂ ତେ କୁଳଂ ତ୍ୱୟା ।
ଯଦବିଦ୍ୟାବନ୍ଧମୁକ୍ତ୍ୟା ବ୍ରହ୍ମୀଭବିତୁମିଚ୍ଛସି । ୫୨ ।

ଋଣମୋଚନକର୍ତ୍ତାରଃ ପିତୁଃ ସନ୍ତି ସୁତାଦୟଃ ।
ବନ୍ଧମୋଚନକର୍ତ୍ତା ତୁ ସ୍ୱସ୍ମାଦନ୍ୟୋ ନ କଶ୍ଚନ । ୫୩ ।

ମସ୍ତକନ୍ୟସ୍ତଭାରାଦେର୍ଦୁଃଖମନ୍ୟୈର୍ନିବାର୍ଯ୍ୟତେ ।
କ୍ଷୁଧାଦିକୃତଦୁଃଖଂ ତୁ ବିନା ସ୍ୱେନ ନ କେନଚିତ୍ । ୫୪ ।

ପଥ୍ୟମୌଷଧସେବା ଚ କ୍ରିୟତେ ଯେନ ରୋଗିଣା ।
ଆରୋଗ୍ୟସିଦ୍ଧିର୍ଦୃଷ୍ଟାସ୍ୟ ନାନ୍ୟାନୁଷ୍ଠିତକର୍ମଣା ।୫୫।

ବସ୍ତୁସ୍ୱରୂପଂ ସ୍ଫୁଟବୋଧଚକ୍ଷୁଷା ସ୍ୱେନୈବ ବେଦ୍ୟଂ ନନୁ ପଣ୍ଡିତେନ ।
ଚନ୍ଦ୍ରସ୍ୱରୂପଂ ନିଜଚକ୍ଷୁଷୈବ ଜ୍ଞାତବ୍ୟମନ୍ୟୈରବଗମ୍ୟତେ କିମ୍ ।୫୬।

କେଉଁ ପ୍ରକାରେ ତାର ମୋକ୍ଷ ହୁଏ ? ପୁଣ । ଅନାତ୍ମା କୋଲି କାହାକୁ କହନ୍ତି ନିପୁଣ ।
କାହାକୁ ପରମାତ୍ମା ବୋଲନ୍ତି ଗୁରୁଜନେ ? ସେ ଦୁହିଁ ବିବେକ-ଜ୍ଞାନ ହୁଅଇ କେସନେ ॥

ଶ୍ରୀଗୁରୁରୁବାଚ

ଧନ୍ୟ ତୁମ୍ଭେ କୃତକୃତ୍ୟ ହୋଇଛ ହେ ବତ୍ସ ! । ହୋଇଛି ପବିତ୍ର ତୁମ୍ଭଦ୍ୱାରେ ତୁମ୍ଭ ବଂଶ
ଅବିଦ୍ୟା-ବନ୍ଧନରୁ ହେବ ମୁକତ ଯେସନେ । ବ୍ରହ୍ମଭାବ ଲଭିବାକୁ ବାଞ୍ଛୁଅଛ ମନେ ।୫ ।
ପୁତ୍ର ପୌତ୍ର ଆଦି ଯେତେ ବଂଶଧରଗଣ । କରନ୍ତି ପିତୃ ଋଣରୁ ପିତା ବିମୋଚନ ।
କିନ୍ତୁ ସଂସାର-ବନ୍ଧନ ମୋଚନ କାରଣେ । ନିଜ ବିନା ଆନ କେହି ନାହିଁ ତ୍ରିଭୁବନେ ।
ମସ୍ତକ ଉପରେ ଥିବା ବୋଝିରୁ ଯେ ଦୁଃଖ । ହରିପାରେ ଅନ୍ୟ କେହି ନେଇ ବା ବିମୁଖ ।
କିନ୍ତୁ କ୍ଷୁଧାତୃଷ୍ଣାଦିରୁ ଯେ ଦୁଃଖ ଜନ୍ମଇ । ନିଜ ବିନା ଅନ୍ୟଦ୍ୱାରା ନିବୃତ୍ତ ନୁହଇ ।୫୪ ।
ଯେଉଁ ରୋଗୀ ପଥ୍ୟବନ୍ତ ଔଷଧ ସେବଇ । ଆରୋଗ୍ୟ ସିଦ୍ଧି ତାହାର ଭାଗ୍ୟରେ ଘଟଇ ।
ପଥ୍ୟ ଔଷଧକୁ ଛାଡ଼ି ଅନ୍ୟ କାର୍ଯ୍ୟମାନ । କଲେ ନ ଯାଆନ୍ତି କେବେଁ ରୋଗ ମୂର୍ଖ ଜାଣ ।
ଆପଣା ନୟନ ବିନା ଅନ୍ୟଦ୍ୱାରା ଯେସନେ । ଚନ୍ଦ୍ରର ସ୍ୱରୂପ ବୋଧ ନ ହୁଅଇ କେବେ ।
ନିଜଜ୍ଞାନ, ନେତ୍ର ବଳେ ଆତ୍ମବସ୍ତୁ ଜ୍ଞାନ । ପଣ୍ଡିତମାନଙ୍କ ଦ୍ୱାରା ଜାଣନ୍ତୁ ହେ ଜାଣ ।୫୬।

ଅବିଦ୍ୟାକାମକର୍ମାଦି ପାଶବନ୍ଧଂ ବିମୋଚିତୁମ୍ ।
କଃ ଶକ୍ନୁୟାଦ୍ୱିନାତ୍ମାନଂ କଳ୍ପକୋଟିଶତୈରପି । ୫୭ ।

ନ ଯୋଗେନ ନ ସାଂଖ୍ୟେନ କର୍ମଣା ନୋ ନ ବିଦ୍ୟୟା ।
ବ୍ରହ୍ମାତ୍ମୈକତ୍ୱବୋଧେନ ମୋକ୍ଷଃ ସିଧ୍ୟତି ନାନ୍ୟଥା । ୫୮ ।

ବୀଣାୟା ରୂପସୌନ୍ଦର୍ଯ୍ୟଂ ତନ୍ତ୍ରୀବାଦନସୌଷ୍ଠବମ୍ ।
ପ୍ରଜାରଞ୍ଜନମାତ୍ରଂ ତନ୍ନ ସାମ୍ରାଜ୍ୟାୟ କଳ୍ପତେ । ୫୯ ।

ବାଗ୍‌ବୈଖରୀ ଶବ୍ଦଝରୀ ଶାସ୍ତ୍ରବ୍ୟାଖ୍ୟାନକୌଶଳମ୍ ।
ବୈଦୁଷ୍ୟଂ ବିଦୁଷାଂ ତଦ୍ୱଦ୍‌ଭୁକ୍ତୟେ ନ ତୁ ମୁକ୍ତୟେ । ୬୦ ।

ଅବିଜ୍ଞାତେ ପରେ ତତ୍ତ୍ୱେ ଶାସ୍ତ୍ରାଧୀତିସ୍ତୁ ନିଷ୍ଫଳା ।
ବିଜ୍ଞାତେଽପି ପରେ ତତ୍ତ୍ୱେ ଶାସ୍ତ୍ରାଧୀତିସ୍ତୁ ନିଷ୍ଫଳା । ୬୧ ।

ଶବ୍ଦଜାଳଂ ମହାରଣ୍ୟଂ ଚିତ୍ତଭ୍ରମଣକାରଣମ୍ ।
ଅତଃ ପ୍ରଯତ୍ନାତ୍ ଜ୍ଞାତବ୍ୟଂ ତତ୍ତ୍ୱଜ୍ଞାତ୍ ତତ୍ତ୍ୱମାତ୍ମନଃ । ୬୨ ।

ଅଜ୍ଞାନ-ସର୍ପଦଷ୍ଟସ୍ୟ ବ୍ରହ୍ମଜ୍ଞାନୌଷଧଂ ବିନା ।
କିମୁ ବେଦୈଶ୍ଚ ଶାସ୍ତ୍ରୈଶ୍ଚ କିମୁ ମନ୍ତ୍ରୈଃ କିମୌଷଧୈଃ । ୬୩ ।

ଅବିଦ୍ୟାକାମକର୍ମାଦି ଭବର ବନ୍ଧନ । ଆତ୍ମା ବିନା କେହି କରି ନ ପାରେ ମୋଚନ ।
ଶତକୋଟିକଳ୍ପ ଯଦି କଲେହେଁ ଯତନ । ଆତ୍ମା ବିନା ଆନ କେହି ନୁହନ୍ତି ସୁଜନ । ୫୭ ।
ଯୋଗସାଧନେ କି ଅବା ସାଂଖ୍ୟ †ଅଧ୍ୟୟନେ । ଅବା ବିଦ୍ୟାବଳେ କିବା କର୍ମ ଅନୁଷ୍ଠାନେ ।
ବ୍ରହ୍ମ ଆତ୍ମାର 'ଏକତ୍ୱ'ଜ୍ଞାନ ଅଭାବରେ । ମୋକ୍ଷ ଲାଭ ନ ହୁଅଇ କଦାଚ ଆନରେ । ୫୮ ।
ବୀଣାର ରୂପ ସୌନ୍ଦର୍ଯ୍ୟ ତନ୍ତ୍ରୀର ବାଦନ । ମାଧୁର୍ଯ୍ୟରେ ହେବ ଯଥା ପ୍ରଜାରଞ୍ଜନ ।
ସେହିରୀତି ଭୂପଙ୍କର ପ୍ରକୃତି-ରଞ୍ଜନ । *ବଳରେ ସାମ୍ରାଜ୍ୟ ଲାଭ ନୁହେ କଦାଚନ । ୫୯ ।
ବାକ୍‌ବୈଖରୀ ଶବ୍ଦଝରୀ ଯେ ବାକ୍ୟ ସକଳ । ଶାସ୍ତ୍ରସମୂହର ବ୍ୟାଖ୍ୟା କୌଶଳ କେବଳ ।
ତେମନ୍ତ ପଣ୍ଡିତଙ୍କର ପାଣ୍ଡିତ୍ୟଟି ଜାଣ । ଭୁକ୍ତି ‡ ପାଇଁ, କିନ୍ତୁ ନୁହେ ମୁକ୍ତିର କାରଣ । ୬୦ ।
ଯାବତ ଉପୁଜ ନାହିଁ ଆତ୍ମତତ୍ତ୍ୱ ଜ୍ଞାନ । ଶାସ୍ତ୍ର ପଠନ ନିଷ୍ଫଳ ବୋଲି ନିଶ୍ଚେ ଜାଣ ।
ଆତ୍ମତତ୍ତ୍ୱ ଜ୍ଞାନ ପରେ ଶାସ୍ତ୍ର ଅଧ୍ୟୟନ । ଅଟଇ ପୁଣି ଜଗତେ ନିଷ୍ଫଳ ତେସନ । ୬୧ ।
ମହାଅରଣ୍ୟ ଅଟଇ ଯେବେ ଶାସ୍ତ୍ରଚୟ । ଚିତ୍ତର ଭ୍ରମ ତହିଁ ଜନ୍ମେ ଅତିଶୟ ।
ତେଣୁ ତତ୍ତ୍ୱଜ୍ଞ ଗୁରୁଙ୍କ ଠାରୁ ଯତନେ । ବୁଝିବ ହେ ଆତ୍ମତତ୍ତ୍ୱ ଅବହିତ ମନେ । ୬୨ ।
ଯାହାକୁ ଅଜ୍ଞାନ-ସର୍ପ କରିଛି ଦଂଶନ । ବ୍ରହ୍ମଜ୍ଞାନ ଔଷଧ ଏକହିଁ କାରଣ ।
ସେ ଔଷଧ ବିନା ବେଦ ଶାସ୍ତ୍ର କିବା ମନ୍ତ୍ର । ବିଫଳ ସକଳ ମହୌଷଧି କିମ୍ବା ତନ୍ତ୍ର । ୬୩ ।

---

† କପିଳ ମୁନି ପ୍ରଣୀତ ଦର୍ଶନ ଶାସ୍ତ୍ର । * ପ୍ରଜାରଞ୍ଜନ । ‡ ଭୋଗ ।

ନ ଗଚ୍ଛତି ବିନା ପାନଂ ବ୍ୟାଧିରୌଷଧ ଶବ୍ଦତଃ ।
ବିନା'ପରୋକ୍ଷାନୁଭବଂ ବ୍ରହ୍ମଶବ୍ଦୈର୍ନ ମୁଚ୍ୟତେ । ୬୨ ।
ଅକୃତ୍ୱା ଦୃଶ୍ୟବିଲୟମଜ୍ଞାତ୍ୱା ତତ୍ତ୍ୱମାତ୍ମନଃ ।
ବାହ୍ୟଶବ୍ଦୈଃ କୁତୋମୁକ୍ତିରୁକ୍ତିମାତ୍ରଫଲୈର୍ନୃଣାମ୍ । ୬୩ ।
ଅକୃତ୍ୱା ଶତ୍ରୁସଂହାରମଗତ୍ୱାଖିଳଭୂଶ୍ରିୟମ୍ ।
ରାଜାହମିତିଶବ୍ଦାନ୍ନୋ ରାଜା ଭବିତୁମର୍ହତି । ୬୪ ।

ଆପ୍ତୋକ୍ତିଂ ଖନନଂ ତଥୋପରି ଶିଳାଦ୍ୟୁତ୍କର୍ଷଣଂ ସ୍ୱୀକୃତିଂ, ନିକ୍ଷେପଃ ସମପେକ୍ଷତେ । ନହି ବହିଃ ଶବ୍ଦୈସ୍ତୁ ନିର୍ଗଚ୍ଛତି । ତଦ୍ୱଦ୍‌ବ୍ରହ୍ମବିଦୋପଦେଶମନନଧ୍ୟାନାଦିଭିର୍ଲଭ୍ୟତେ, ମାୟାକାର୍ଯ୍ୟତିରୋହିତଂ ସ୍ୱମମଳଂ ତତ୍ତ୍ୱଂ ନ ଦୁର୍ଯୁକ୍ତିଭିଃ ।

ତସ୍ମାତ୍ ସର୍ବପ୍ରଯତ୍ନେନ ଭବବନ୍ଧ ବିମୁକ୍ତୟେ ।
ସ୍ୱୈରେବ ଯତ୍ନଃ କର୍ତ୍ତବ୍ୟୋ ରୋଗାଦାବିବ ପଣ୍ଡିତୈଃ । ୬୬ ।
ଯସ୍ତ୍ୱୟାଦ୍ୟ କୃତଃ ପ୍ରଶ୍ନୋ ବରୀୟାଞ୍ଛାସ୍ତ୍ରବିନ୍ମତଃ ।
ସୂତ୍ରପ୍ରାୟୋ ନିଗୂଢ଼ାର୍ଥୋ ଜ୍ଞାତବ୍ୟଶ୍ଚ ମୁମୁକ୍ଷୁଭିଃ । ୬୭ ।

ଔଷଧ ନ ପିଇ ତାର ନାମ ଉଚ୍ଚାରନ୍ତେ । ବ୍ୟାଧି ନ ଛାଡ଼ଇ କେବେହେଁ କାହାର ଯେମନ୍ତେ ।
ପରୋକ୍ଷ ନୁହନ୍ତି * ବିନା ଶବ୍ଦ ଉଚ୍ଚାରଣେ । ମୁକତି ଲଭ କଦାପି ନୁହଇ ତେସନେ ।୬୨।
ହୃଦେ ଜନ୍ମି ନାହିଁ ଯାର ଆତ୍ମତତ୍ତ୍ୱ ଜ୍ଞାନ । ମାୟା ବୋଲି ବୁଝି ନାହିଁ ଦୃଶ୍ୟ ବସ୍ତୁମାନ ।
ଶବ୍ଦ ଆଡ଼ମ୍ବରେ ହୋଇ ନପାରେ ମୁକତ । ଫଳମାତ୍ର ପାଇ ତାର ବଚନ ଉକତ ।୬୩।
ଶତ୍ରୁ ମାରି ରାଜ୍ୟଧନ ଯେହୁ ପାଇ ନାହିଁ । ସେ ଯେବେ ମୁଁ ରାଜା ବୋଲି ଭ୍ରମେ କହୁଥାଇ
ପଣ୍ଡିତରେ ରାଜା ସେହୁ ନୁହଇ ଯେସନ । ଶବ୍ଦାଡ଼ମ୍ବରେ ନ ମିଳେ ମୁକତି ତେସନ ।୬୪।
ବିଶ୍ୱାସୀ ଲୋକ ବଚନେ ମୃତ୍ତିକା ଖନନ । କରି ପ୍ରସ୍ତରାଦି କଲେ ସିନା ଉତ୍ପାଟନ ।
ପୋତା ଗୁପତ ସମ୍ପଦ ଲଭଇରେ ଜନ । ବାଗାଡ଼ମ୍ବରେ ବାହାର ନୋହେ ଯାଆ ଧନ ।
ତଥା ବ୍ରହ୍ମ ବିତ୍ତଙ୍କର ଉପଦେଶ ବିନା । ନୁହଇ ଲଭ ବିମଳ ଆତ୍ମତତ୍ତ୍ୱ ସିନା ।
କୁଯୁକ୍ତିରେ ମାୟା କେବେହେଁ ଅନ୍ତର ନୁହଇ । ମାୟା ନ ତୁଟିଲେ ଆତ୍ମ ତତ୍ତ୍ୱ ନ ମିଳଇ ॥
ରୋଗୁଁ ମୁକ୍ତ ହେବା ଲାଗି ଯଥା ବିଜ୍ଞଗଣ । କରନ୍ତି ଯତନେ ପୁଣି ଔଷଧ ସେବନ ।
ତଥା ବ୍ରହ୍ମ ବନ୍ଧନରୁ ବିମୁକ୍ତ ନିମିତ୍ତ । ନିଜ ପାଇଁ ନିଜେ ଯତ୍ନ କରିବା ଉଚିତ ।୬୬।
ହେ ଶିଷ୍ୟ ତୁମ୍ଭର ପ୍ରଶ୍ନ ସୁନ୍ଦର ମହାନ । ସୂତ୍ରପ୍ରାୟ ପୂରିଅଛି ଗୂଢ଼ ଅର୍ଥମାନ ।
ଶାସ୍ତ୍ର ବାଦୀଗଣଙ୍କର ସମ୍ମତ ଅଟଇ । ଜାଣିବାର ଯୋଗ୍ୟ ତାହା ମୁମୁକ୍ଷୁଗଣର । ୬୭ ।

---

* ଅପରୋକ୍ଷାନୁଭବ ।

ଶୃଣୁଷ୍ୱ ବକ୍ଷ୍ୟାମି ବିଦ୍ୱନ୍ ! ଯତ୍ତେ ସମୁଦୀର୍ଯ୍ୟତେ ।
ତଦେତଚ୍ଛ୍ରବଣାତ୍ ସଦ୍ୟୋ ଭବବନ୍ଧାଦ୍ୱିମୋକ୍ଷ୍ୟସେ । ୭୦ ।

ମୋକ୍ଷସ୍ୟ ହେତୁଃ ପ୍ରଥମୋ ନିଗଦ୍ୟତେ ବୈରାଗ୍ୟମତ୍ୟନ୍ତମନିତ୍ୟବସ୍ତୁଷୁ ।
ତତଃ ଶମଶ୍ଚାପି ଦମସ୍ତିତିକ୍ଷା ନ୍ୟାସଃ ପ୍ରସକ୍ତାଖିଳକର୍ମଣାଂ ଭୃଶମ୍ । ୭୧ ।

ତତଃ ଶ୍ରୁତିସ୍ତନ୍ମନନଂ ସତତ୍ତ୍ୱଧ୍ୟାନଂ ଚିରଂ ନିତ୍ୟନିରନ୍ତରଂ ମୁନେଃ ।
ତତୋଽବିକଳ୍ପଂ ପରମେତ୍ୟ ବିଦ୍ୱାନିହୈବ ନିର୍ବାଣସୁଖଂ ସମୃଚ୍ଛତି । ୭୨ ।

ଯଦ୍ ବୋଧବ୍ୟଂ ତବେଦାନୀମାତ୍ମାନାତ୍ମବିବେଚନମ୍ ।
ତଦୁଚ୍ୟତେ ମୟା ସମ୍ୟକ୍ ଶ୍ରୁତ୍ୱାତ୍ମନ୍ୟବଧାରୟ । ୭୩ ।

ମଜ୍ଜାସ୍ଥିମେଦଃପଲରକ୍ତ ଶୁକ୍ରରସାହ୍ୱୟୈର୍ଧାତୁଭିରନ୍ୱିତଂ ତତ୍ ।
ପାଦୋରୁବକ୍ଷୋଭୁଜପୃଷ୍ଠମସ୍ତକୈରଙ୍ଗୈରୁପାଙ୍ଗୈରୁପଯୁକ୍ତମେତତ୍ । ୭୪ ।

ଅହଂ ମମେତି ପ୍ରଥିତଃ ଶରୀରଂ, ମୋହାସ୍ପଦଂ ସ୍ଥୂଳମିତୀର୍ଯ୍ୟତେ ବୁଧୈଃ ।
ନଭୋନଭସ୍ୱଦ୍ଦହନାମ୍ବୁଭୂମୟଃ, ସୂକ୍ଷ୍ମାଣି ଭୂତାନି ଭବନ୍ତି ତାନି । ୭୫ ।

ହେ ବିଦ୍ୱାନ ସାବଧାନେ ଶୁଣ ମୋ ବଚନ । ଶୁଣନ୍ତେ ଭବ ବନ୍ଧନୁଁ ହେବ ବିମୋଚନ ।
ଅନିତ୍ୟ ବସ୍ତୁରେ ମହାବୈରାଗ୍ୟ ଜନମ । ଏହାହିଁ ମୁକ୍ତିର ଅଟେ ପ୍ରଥମ କାରଣ ।
ଶମ ଦମ କ୍ଷମା ଇଷ୍ଟ କର୍ମ ବରଜନ । ଏବେ ଏବେ ଅଟଇ ସେ ମୁକ୍ତିର କାରଣ । ୭୧ ।
ତେଣୁ ମୋକ୍ଷ ପରାୟଣ ଯେଉଁ ଜନ ହେବ । ବେଦ ବାକ୍ୟ ଦ୍ୱାରା ଆତ୍ମ ଶ୍ରବଣ କରିବ ।
ମୁକ୍ତିବଳେ ଆତ୍ମଚିନ୍ତା କରିବ ଅପାର । ଚିର ଆତ୍ମତତ୍ତ୍ୱ ଧ୍ୟାନ କରି ନିରନ୍ତର ।
ଏରୂପେ ବିକଳ୍ପ ଯେତେକ ମାନସୁଁ ମେଣ୍ଟିବ । ସେ ବିଦ୍ୱାନ ମୋକ୍ଷ ସୁଖ ନିଶ୍ଚୟ ଲଭିବ ॥
ଆତ୍ମ ଅନାତ୍ମ ବିବେକ କହୁଅଛି ଶୁଣି । ତୁମ୍ଭ ଜାଣିବା ଉଚିତ ଅଟଇ ଯା ପୁଣି ।
ବିସ୍ତାରି କହିବି ଧୀରେ କରଣ ଶ୍ରବଣ । ଆପଣ ହୃଦୟେ କରି ତା ଅବଧାରଣ । ୭୩ ।
ମଜ୍ଜା୧ ଅସ୍ଥି ମେଦ୨ ମାଂସ ଶୁକ୍ର୩ ରସ ରକ୍ତ । ଏ ସପ୍ତ ଧାତୁରେ ଯାହା ଅଟଇ ଯୁକତ ।
ପାଦ ଉରୁ୪ ବକ୍ଷ ଭୁଜ ପୃଷ୍ଠ ମସ୍ତକରେ । ଯୁକତ ହୋଇଛି ପୁଣି ଯେଉଁ କଳେବରେ ॥
ସ୍ଥୂଳଶରୀର ତାହାକୁ ବୋଲନ୍ତି ପଣ୍ଡିତ । 'ମୁଁ'; ମୋର ଏ ଆଦି ମୋହ ଯେଥିରେ ପୂରିତ ।
ଆକାଶ ଜଳ ଅନଳ ପୃଥିବୀ ମରୁତ । ଏହାକୁ କହନ୍ତି ବିଜ୍ଞେ ସୂକ୍ଷ୍ମ ପଞ୍ଚଭୂତ । ୭୫ ।

---

୧ । ଅସ୍ଥି ମଧ୍ୟଗତ ଧାତୁ । ୨ । ମାଂସଜାତ ଧାତୁ । ୩ । ବୀର୍ଯ୍ୟ । ୪ । ଜଂଘ ।

ପରସ୍ପରାଂଶୈର୍ମିଳିତାନି ଭୂତ୍ୱା ସ୍ଥୂଳାନି ଚ ସ୍ଥୂଳଶରୀରହେତବଃ ।
ମାତ୍ରାସ୍ତଦୀୟା ବିଷୟା ଭବନ୍ତି ଶବ୍ଦାଦୟଃ ପଞ୍ଚସୁଖାୟ ଭୋକ୍ତୁଃ । ୭୬ ।

ଯ ଏଷୁ ମୂଢା ବିଷୟେଷୁ ବଦ୍ଧା ରାଗୋରୁପାଶେନ ସୁଦୁର୍ଦ୍ଦମେନ ।
ଆୟାନ୍ତି ନିର୍ଯ୍ୟାନ୍ତ୍ୟଧ ଊର୍ଦ୍ଧ୍ୱମୁଚ୍ଚୈଃ ସ୍ୱକର୍ମଦୂତେନ ଜବେନ ନୀତାଃ । ୭୭ ।

ଶବ୍ଦାଦିଭିଃ ପଞ୍ଚଭିରେବ ପଞ୍ଚ ପଞ୍ଚତ୍ୱମାପୁଃ ସ୍ୱଗୁଣେନ ବଦ୍ଧାଃ ।
କୁରଙ୍ଗମାତଙ୍ଗପତଙ୍ଗମୀନ ଭୃଙ୍ଗା ନରଃ ପଞ୍ଚଭିରଞ୍ଚିତଃ କିମ୍ । ୭୮ ।

ଦୋଷେଣ ତୀବ୍ରୋ ବିଷୟଃ କୃଷ୍ଣସର୍ପ ବିଷାଦପି ।
ବିଷଂ ନିହନ୍ତି ଭୋକ୍ତାରଂ ଦ୍ରଷ୍ଟାରଂ ଚକ୍ଷୁଷାପ୍ୟୟମ୍ । ୭୯ ।

ଏକ ସୂକ୍ଷ୍ମଭୂତ ସହ ଅନ୍ୟ ସୂକ୍ଷ୍ମଭୂତ । ମିଳିଲେ ସ୍ଥୂଳ ଭୂତେକ ହୁଅଇ ସମ୍ଭୂତ । *
ସେ ସ୍ଥୂଳ ଭୂତରୁ ସ୍ଥୂଳ ଦେହ ଜାତ ହୁଏ । ଶବ୍ଦାଦି ପଞ୍ଚବିଷୟ † ଭୋକ୍ତା ସୁଖ ଦିଏ ॥

ଯେଉଁମାନେ ସେ ବିଷୟେ ହୋଇଣ ବିମୁଗ୍ଧ । ଦୁର୍ଦ୍ଦାନ୍ତ ବିଷୟ ପାଶେ ହୁଅନ୍ତି ଆବଦ୍ଧ ।
ସେମାନଙ୍କୁ ନିଜ ନିଜ କର୍ମ ଦୂତ ବେଗେ । କେବେଁ ଆଣଇ ମର୍ତ୍ତ୍ୟକୁ କେବେଁ ନିଏ ସ୍ୱର୍ଗେ ॥

ପଞ୍ଚଗୁଣୁଁ ଏକ ଏକ ଗୁଣର ମୋହରେ । ମୃଗ ମାତଙ୍ଗ ପତଙ୍ଗ ମୀନ ଭୃଙ୍ଗ ମରେ । ‡
ଯେ ପଞ୍ଚଗୁଣେ ରଞ୍ଜିତ ହୋଇଣ ମାନବ । ଅମୃତ ହରାଇବା ତାର କିବା ଅସମ୍ଭବ ? ।୭୮।

କୃଷ୍ଣସର୍ପ ବିଷଠାରୁ ବିଷୟ ଉତ୍କଟ । ବିଷ ଭରେ ସିନା ବିଷପାୟୀକୁ ବିନଷ୍ଟ ।
କିନ୍ତୁ ସେ ବିଷୟ-ବିଷ ଦେଖନ୍ତା ଲୋକକୁ । ନେଇଯାଏ ତୁରିତରେ ବିନାଶ ପଥକୁ ॥

---

* ସୂକ୍ଷ୍ମଭୂତମାନଙ୍କର ପରସ୍ପର ମିଳନକୁ ପଞ୍ଚୀକରଣ କହନ୍ତି । ସୂକ୍ଷ୍ମ ପୃଥିବୀର ଆଠପଣ ସହ ଅନ୍ୟ ସୂକ୍ଷ୍ମଭୂତର ପ୍ରତ୍ୟେକର ଦୁଇପଣ ଲେଖାଏଁ ମିଳିତ ହେଲେ, ସ୍ଥୂଳପୃଥିବୀ ହୁଏ । ସୂକ୍ଷ୍ମଜଳର ଆଠପଣ ଏବଂ ଅନ୍ୟ ସୂକ୍ଷ୍ମଭୂତର ପ୍ରତ୍ୟେକର ଦୁଇପଣ ଲେଖାଏଁ ମିଳିତ ହୋଇ ସ୍ଥୂଳଜଳ ହୁଏ । ସୂକ୍ଷ୍ମତେଜର ଆଠପଣ ଏବଂ ଅନ୍ୟ ସୂକ୍ଷ୍ମଭୂତର ପ୍ରତ୍ୟେକର ଦୁଇପଣ ଲେଖାଏଁ ମିଶି ସ୍ଥୂଳତେଜ ହୁଏ । ସୂକ୍ଷ୍ମବାୟୁର ଆଠପଣ ସହ ଅନ୍ୟ ସୂକ୍ଷ୍ମଭୂତର ଦୁଇପଣ ଲେଖାଏଁ ମିଳିତ ହୋଇ ସ୍ଥୂଳବାୟୁ ହୋଇଥାଏ । ସୂକ୍ଷ୍ମ ଆକାଶର ଆଠପଣ ଓ ଅନ୍ୟ ସୂକ୍ଷ୍ମଭୂତର ପ୍ରତ୍ୟେକର ଦୁଇପଣ ଲେଖାଏଁ ମିଶିଲେ ସ୍ଥୂଳଆକାଶ ହୁଏ । ପାଞ୍ଚଟି ଭୂତ ମିଳିତ ହୋଇ ଏକ ଏକ ସ୍ଥୂଳଭୂତ ହୁଏ ବୋଲି ଏହାକୁ ଭୂତର ପଞ୍ଚୀକରଣ ଅବସ୍ଥା କହନ୍ତି ।

† ପଞ୍ଚବିଷୟ ଯଥା—ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ । ଶବ୍ଦାଦି ପଞ୍ଚବିଷୟ ପଞ୍ଚଭୂତର ଅଂଶ ସ୍ୱରୂପ ଅଟନ୍ତି ।

‡ ମୃଗ ଶବ୍ଦର ଗୁଣରେ, ହସ୍ତୀ ସ୍ପର୍ଶ ଗୁଣରେ, ପତଙ୍ଗ ରୂପ ଗୁଣରେ, ମୀନ ରସଗୁଣରେ ଏବଂ ଭ୍ରମର ଗନ୍ଧଗୁଣରେ ଆକୃଷ୍ଟ ହୋଇ ପଞ୍ଚତ୍ୱପ୍ରାପ୍ତ ହୁଅନ୍ତି ।

ବିଷୟାଶାମହାପାଶାଦ୍ ଯୋ ବିମୁକ୍ତଃ ସୁଦୁସ୍ତ୍ୟଜାତ୍ ।
ସ ଏବ କଳ୍ପତେ ମୁକ୍ତ୍ୟୈ ନାନ୍ୟଃ ଷଟ୍‌ଶାସ୍ତ୍ରବେଦ୍ୟପି ।୮୦।

ଆପାତବୈରାଗ୍ୟବତୋ ମୁମୁକ୍ଷୂନ୍ ଭବାବ୍ଧିପାରଂ ପ୍ରତିଯାତୁମୁଦ୍ୟତାନ୍ ।
ଆଶାଗ୍ରହୋ ମଜ୍ଜୟତେଽନ୍ତରାଳେ ନିଗୃହ୍ୟ କଣ୍ଠେ ବିନିବର୍ତ୍ତ୍ୟ ବେଗାତ୍ ।୮୧।

ବିଷୟାଖ୍ୟଗ୍ରହୋ ଯେନ ସୁବିରକ୍ତ୍ୟସିନା ହତଃ ।
ସ ଗଚ୍ଛତି ଭବାମ୍ଭୋଧେଃ ପାରଂ ପ୍ରତ୍ୟୂହବର୍ଜ୍ଜିତଃ ।୮୨।

ବିଷମବିଷୟମାର୍ଗୈର୍ଗଚ୍ଛତୋଽନଚ୍ଛବୁଦ୍ଧେଃ ପ୍ରତିପଦମଭିଯାତୋ ମୃତ୍ୟୁରପ୍ୟେଷ ସିଦ୍ଧଂ ।
ହିତ ସୁଜନଗୁରୁକ୍ତ୍ୟା ଗଚ୍ଛତଃ ସ୍ୱସ୍ୟ ଯୁକ୍ତ୍ୟା ପ୍ରଭବତି ଫଳସିଦ୍ଧିଃ ସତ୍ୟମିତ୍ୟେବ ବିଦ୍ଧି ॥

ମୋକ୍ଷସ୍ୟ କାଂକ୍ଷା ଯଦି ବୈ ତବାସ୍ତି ତ୍ୟଜାତି ଦୂରାଦ୍ ବିଷୟାନ୍ ବିଷଂ ଯଥା ।
ପୀୟୂଷବତ୍ତୋଷଦୟାକ୍ଷମାର୍ଜ୍ଜବପ୍ରଶାନ୍ତିଦାନ୍ତୀର୍ଭଜ ନିତ୍ୟମାଦରାତ୍ ।୮୪।

ବିଷୟ-ଆଶା-ପାଶୁଁ ଯେ ବିମୁକ୍ତ ଅଟଇ । ମୁକ୍ତି ଲଭେ ସୁସମର୍ଥ ସେ ହୋଇ ପାରଇ ।
ଷଡ଼ଦର୍ଶନେ *ପ୍ରବୀଣ ହେଲେ ହେଲେ ଜନ । ମୋକ୍ଷ ପାଇବାକୁ ହୋଇ ନ ପାରେ ଭାଜନ
ଯେଉଁ ଲୋକ ବର୍ତ୍ତମାନ ବଇରାଗ୍ୟବନ୍ତ । ଭବସିନ୍ଧୁ ଅନ୍ୟପାର ଗମନେ ଉଦ୍ୟତ ।
ସେ ମୁମୁକ୍ଷୁ ଲୋକେ ଧରି ଆଶା-ଜଳଚରେ । ନିକ୍ଷେପନ୍ତି ମହାବେଗେ ସାଗର ଗର୍ଭରେ ।
ଆଉର ଯେବଣ ଜନ ବୈରାଗ୍ୟ-ଅସିରେ । ନିହତ କରି ପାରନ୍ତି ବିଷୟ କୁମ୍ଭୀରେ ।
ସେ ଲୋକ ସକଳ ବିଘ୍ନ କରି ବରଜନ । ଅନାୟାସେ କରେ ଭବସିନ୍ଧୁ ସନ୍ତରଣ ।୮୨।
ବିଷମ ବିଷୟ, ପଥେ ଯେ କରେ ଗମନ । ବିଶେଷେ ମଳିନବୁଦ୍ଧି ଅଟଇ ଯେ ଜନ ।
ପଦେପଦେ ମୃତ୍ୟୁ ତାକୁ କରଇ ବରଣ । ସେ ସୁଦ୍ଧା ପାଳିଣି ଯେବେ ସଦ୍‌ଗୁରୁ ବଚନ ॥
ଗୁରୁବାକ୍ୟମତେ କର୍ମ ଅନୁଷ୍ଠାନ କରେ । ନିଶ୍ଚେ ତାର ଫଳସିଦ୍ଧ ହୁଅଇ ସତ୍ୱରେ ।।୮୩।
ମୁକ୍ତି ପାଇବାକୁ ତୁମ୍ଭେ ଇଚ୍ଛା ଯେବେ କର । ବିଷୟକୁ ବିଷସମ ଦୂରେ ପରିହର ।
ସନ୍ତୋଷ ସାରଲ୍ୟ ଦୟାକ୍ଷମା ଶମଦମ । ନିତି ସମାଦରେ ସେବା କର ସୁଧାସମ ।୮୪।

---

* ଷଡ଼ଦର୍ଶନ ଯଥା—ପୂର୍ବମୀମାଂସା, ବେଦାନ୍ତ, ସାଂଖ୍ୟ, ପାତଞ୍ଜଳ, ନ୍ୟାୟ ଓ ବୈଶେଷିକ । ବେଦାନ୍ତର ଅନ୍ୟ ନାମ ଉତ୍ତର ମୀମାଂସା । ପୂର୍ବମୀମାଂସା—ଜୈମିନି କୃତ, ବେଦାନ୍ତ—ବ୍ୟାସଦେବଙ୍କ କୃତ, ସାଂଖ୍ୟ—କପିଳ କୃତ, ପାତଞ୍ଜଳ-ପାତଞ୍ଜଳି କୃତ, ନ୍ୟାୟ-ଗୌତମ କୃତ, ବୈଶେଷିକ-କଣାଦ କୃତ । ଏହାଛଡ଼ା ବୌଦ୍ଧ ଦର୍ଶନ, ଚାର୍ବାକ ଦର୍ଶନ ପ୍ରଭୃତି ଆଉ କେତେକ ଦର୍ଶନ ଅଛି ।

ଅନୁକ୍ଷଣଂ ଯତ୍ ପରିହୃତ୍ୟ କୃତ୍ୟମନାଦ୍ୟବିଦ୍ୟାକୃତବନ୍ଧମୋକ୍ଷଣମ୍ ।
ଦେହଃ ପରାର୍ଥୋଽୟମମୁଷ୍ୟ ପୋଷଣେ ଯଃ ସଜ୍ଜତେ ସ ସ୍ୱମନେନ ହନ୍ତି ॥୮୫॥
ଶରୀରପୋଷଣାର୍ଥୀ ସନ୍ ଯ ଆତ୍ମାନଂ ଦିଦୃକ୍ଷତି ।
ଗ୍ରାହଂ ଦାରୁଧିୟା ଧୃତ୍ୱା ନଦୀଂ ତର୍ତ୍ତୁଂ ସ ଇଚ୍ଛତି ॥୮୬॥
ମୋହ ଏବ ମହାମୃତ୍ୟୁର୍ମୁମୁକ୍ଷୋର୍ୱପୁରାଦିଷୁ ।
ମୋହୋ ବିନିର୍ଜିତୋ ଯେନ ସ ମୁକ୍ତିପଦମର୍ହତି ॥୮୭॥
ମୋହଂ ଜହି ମହାମୃତ୍ୟୁଂ ଦେହଦାରସୁତାଦିଷୁ ।
ଯଂ ଜିତ୍ୱା ମୁନୟୋ ଯାନ୍ତି ତଦ୍ୱିଷ୍ଣୋଃ ପରମଂ ପଦମ୍ ॥୮୮॥
ତ୍ୱଙ୍ମାଂସରୁଧିରସ୍ନାୟୁମେଦୋମଜ୍ଜାସ୍ଥିସଙ୍କୁଳମ୍ ।
ପୂର୍ଣ୍ଣଂ ମୂତ୍ରପୁରୀଷାଭ୍ୟାଂ ସ୍ଥୂଲଂ ନିନ୍ଦ୍ୟମିଦଂ ବପୁଃ ।୮୯।
ପଞ୍ଚୀକୃତେଭ୍ୟୋ ଭୂତେଭ୍ୟଃ ସ୍ଥୂଲେଭ୍ୟଃ ପୂର୍ବକର୍ମଣା ।
ସମୁତ୍ପନ୍ନମିଦଂ ସ୍ଥୂଲଂ ଭୋଗାୟତନମାତ୍ମନଃ ।
ଅବସ୍ଥା ଜାଗରସ୍ତସ୍ୟ ସ୍ଥୂଲାର୍ଥାନୁଭବୋ ଯତଃ ।୯୦।
ବାହ୍ୟେନ୍ଦ୍ରିୟୈଃ ସ୍ଥୂଲପଦାର୍ଥସେବାଂ ସ୍ରକ୍ଚନ୍ଦନସ୍ତ୍ର୍ୟାଦିବିଚିତ୍ରରୂପାମ୍ ।
କରୋତି ଜୀବଃ ସ୍ୱୟମେତଦାତ୍ମନା ତସ୍ମାତ୍ ପ୍ରଶସ୍ତିର୍ୱପୁଷୋଽସ୍ୟ ଜାଗରେ ।୯୧।

ଅନାଦି ଅବିଦ୍ୟାକୃତ ଜୀବର ବନ୍ଧନ । ପରିହାର କରିବାକୁ ନାହିଁ ଯାର ମନ ।
ଯେ ଇନ୍ଦ୍ରିୟ ପରାୟଣ ଶରୀର ପୋଷଣେ । ଆସକ୍ତ ସତତ ସେହି ବିନାଶେ ଆପଣେ ।୮୫।
ଏ ଶରୀର ପୋଷଣକୁ ଆତ୍ମା ଦରଶନ । କାରଣ ବୋଲି ବିଚାର କରେ ଯେଉଁଜନ ।
ନଦୀ ପାର ହେବାକୁ ସେ କରାଳ ମଗରେ* । କାଠ ଭ୍ରମରେ ଦୃଢ଼ କାମୁ ବୋଲି ଧରେ
'ମୁଁ ଦେହୀ', 'ମୋହର ଦେହ' ଆଦି ମୋହ ଭାବ । ମୁମୁକ୍ଷୁଙ୍କର ପକ୍ଷେ ମୃତ୍ୟୁ ବୋଲି ଭାବ
ସେ ମୋହକୁ ଯେଉଁ ଲୋକ କରିଅଛି ଜୟ । ଶାଶ୍ୱତ† ମୁକ୍ତି ପଦ ସେ ଲଭିବ ନିଶ୍ଚୟ
ଦେହ ଦାରାସୁତ ଆଦି ମୋହର ନିଦାନ । ତାହାହିଁ ମହାମୃତ୍ୟୁର ହେତୁ ବୋଲି ଜାଣ ।
ସେ ଭବ-ମୋହକୁ ଜିଣି ମହାମୁନିଗଣ । ବିଷ୍ଣୁ-ପରମ ପଦକୁ କରନ୍ତି ଗମନ ।୮୮।
ଚର୍ମ ମାଂସ ସ୍ନାୟୁ ମେଦ ଅସ୍ଥି ଯେ ଶୋଣିତ । ଏମାନଙ୍କେ ସ୍ଥୂଳ ଦେହ ହୋଇଛି ଗଠିତ ।
ଅତି ମଳମୂତ୍ରରେ ହୋଇଛି ପୂରିତ । ଏଣୁ ସବୁରୂପେ ଦେହ ହୋଇଛି ନିନ୍ଦିତ ।୮୯।
ପଞ୍ଚୀକରଣ ନିୟମେ ମିଳି ପଞ୍ଚଭୂତ । ଏକ ଏକ ସ୍ଥୂଳଭୂତ ହୁଅଇ ସମ୍ଭୂତ ।
ସେହି ପଞ୍ଚୀକୃତ ସ୍ଥୂଳଭୂତଙ୍କ ସଂଯୋଗେ । ଏ ସ୍ଥୂଳ ଦେହ ହୋଇଛି ପୂର୍ବ କର୍ମ ଯୋଗେ ।
ଏ ଦେହଟି ସୁଖ ଦୁଃଖ ଭୋଗର ଆଧାର । ତେଣୁ ଭୋଗ ଆୟତନ ନାମଟି ଏହାର ।
ଦେହରେ ସ୍ଥୂଳ ବିଷୟ ଅନୁଭୂତ ହେଲେ । ଜାଗ୍ରତାବସ୍ଥା ବୋଲନ୍ତି ତାକୁ ସେତେବେଳେ

---

* କୁମ୍ଭୀର । † ନିତ୍ୟ, ଅବିନଶ୍ୱର । ‡ ମୃତ୍ୟୁଶୀଳ ।

ସର୍ବୋଽପି ବାହ୍ୟସଂସାରଃ ପୁରୁଷସ୍ୟ ଯଦାଶ୍ରୟଃ ।
ବିଦ୍ଧି ଦେହମିଦଂ ସ୍ଥୂଲଂ ଗୃହବଦ୍ ଗୃହମେଧିନଃ । ୯୨ ।

ସ୍ଥୂଲସ୍ୟ ସମ୍ଭବଜରାମରଣାନି ଧର୍ମାଃ ସ୍ଥୌଲ୍ୟାଦୟୋ ବହୁବିଧାଃ ଶିଶୁତାଦ୍ୟବସ୍ଥାଃ
ବର୍ଣ୍ଣାଶ୍ରମାଦିନିୟମା ବହୁଧାମୟାଃ ସ୍ୟୁଃ ପୂଜାବମାନବହୁମାନମୁଖା ବିଶେଷାଃ ।୯୩।

ବୁଦ୍ଧୀନ୍ଦ୍ରିୟାଣି ଶ୍ରବଣଂ ତ୍ୱଗକ୍ଷି ଘ୍ରାଣଂ ଚ ଜିହ୍ୱା ବିଷୟାବବୋଧନାତ୍
ବାକ୍ପାଣିପାଦା ଗୁଦମପ୍ୟୁପସ୍ଥଃ କର୍ମେନ୍ଦ୍ରିୟାଣି ପ୍ରବଣେନ କର୍ମସୁ ।୯୪।

ନିଗଦ୍ୟତେଽନ୍ତଃକରଣଂ ମନୋଧୀରହଂକୃତିଶ୍ଚିତ୍ତମିତି ସ୍ୱବୃତ୍ତିଭିଃ ।
ମନସ୍ତୁ ସଂକଲ୍ପବିକଲ୍ପନାଦିଭିର୍ବୁଦ୍ଧିଃ ପଦାର୍ଥାଧ୍ୟବସାୟଧର୍ମତଃ ୯୫।

ଅତ୍ରାଭିମାନାଦହମିତ୍ୟହଂକୃତିଃ ।
ସ୍ୱାର୍ଥାନୁସନ୍ଧାନଗୁଣେନ ଚିତ୍ତମ୍ ।୯୬।

ପ୍ରାଣାପାନବ୍ୟାନୋଦାନସମାନା ଭବତ୍ୟସୌ ପ୍ରାଣଃ ।
ସ୍ୱୟମେବ ବୃତ୍ତିଭେଦାଦ୍ବିକୃତିଭେଦାତ୍ ସୁବର୍ଣ୍ଣସଲିଳାଦିବତ୍ ।୯୭।

ବାହ୍ୟେନ୍ଦ୍ରିୟ ଦ୍ୱାରା ଜୀବ ଜାଗ୍ରତ ଅବସ୍ଥାରେ । ମାଲ୍ୟ ଚନ୍ଦନ ବନିତା ସୁଖ ବୋଧ କରେ ॥
ସ୍ଥୂଳ ଦେହରେ ବିକାଶ ଜାଗ୍ରତ ଅବସ୍ଥା । ନ ଜାଣେ ବିଷୟ ଭୋଗ ଅନ୍ୟ ଦେହ ତଥା ।୯୧।

ଏ ସ୍ଥୂଳ ଦେହକୁ ଜୀବ କରଇ ଆଶ୍ରୟେ । ଜମ୍ନ ଭଣିଲ ବାହ୍ୟ ସକଳ ବିଷୟେ ।
ଗୃହଟି ଗୃହୀମାନଙ୍କ ଆଶ୍ରୟ ଯେସନେ । ସ୍ଥୂଳ ଦେହଟି ଜୀବର ଆଶ୍ରୟ ତେସନେ ୯୨

ଉତ୍ପତ୍ତି ଜରା ମରଣ ସ୍ଥୂଳତା କୃଶତା । ଯୌବନ ଶୈଶବ ଆଦି ଯେତେକ ଅବସ୍ଥା
ବର୍ଣ୍ଣାଶ୍ରମ ନିୟମାଦି ବିବିଧ ବିଧାନ । ସ୍ଥୂଳ ଦେହ ଲଭେ ପୂଜାମାନ ଅପମାନ ୯୩

କର୍ଣ୍ଣ ଚର୍ମ ଚକ୍ଷୁ ନାସା ରସନା ଅପର । ଏ ପଞ୍ଚ ଇନ୍ଦ୍ରିୟେ ହୁଏ ବିଷୟ ଗୋଚର
ତେଣୁ ଜ୍ଞାନେନ୍ଦ୍ରିୟ ନାମେ ହୁଅନ୍ତି କଥିତ । (କର୍ମେନ୍ଦ୍ରିୟ ନାମ ଏବେ ଶୁଣ ଦେଇ ଚିତ୍ତ
ବାକ୍ୟପାଣି ପାଦଗୁହ୍ୟ ଉପସ୍ଥ ସହିତ । ଏମାନଙ୍କେ ବାହ୍ୟ କର୍ମ ହୁଏ ସମବେତ ।୯୪।

ମନବୁଦ୍ଧି ଅହଙ୍କାର ଚିତ୍ତ ଚହିଛରେ । ଅନ୍ତଃ କରଣ ନାମେ ସେ ଖ୍ୟାତ ଜଗତରେ
ସଙ୍କଳ୍ପ ବିକଳ୍ପ ଯେଣୁ ମନ ବୋଲି କହି । ଅଧ୍ୟବସାୟ ଆଧାର ବୁଦ୍ଧିଟି ଅଟଇ ।୯୫।

'ମୁହିଁ' 'ମୋର' ଏହି ଭାବ ଅହଙ୍କାର ଜାଣ । ଚିତ୍ତବୋଲି ବିଷୟର ତତ୍ତ୍ୱାନୁସନ୍ଧାନ ॥
କୁଣ୍ଡଳ ବଳୟ ଆଦି ସୁବର୍ଣ୍ଣରୁ ଜାତ । ନାନା ନାମରେ ଯେସନେ ହୁଅଇ ଆଖ୍ୟାତ ॥

ବାଷ୍ପ ଶିଶିର କରକା ତୁଷାରାଦି ଜାଣ । ଏକମାତ୍ର ଜଳ ଭେଦେ ଧରେ ନାନା ନାମ ।
। ପ୍ରାଣ ଅପାନ ସମାନ ଉଦାନ ସେ ବ୍ୟାନ । ଏକ ପ୍ରାଣବାୟୁ ଭେଦେ ବହେ ପଞ୍ଚ ନାମ ॥

ବାଗାଦିପଞ୍ଚ ଶ୍ରବଣାଦିପଞ୍ଚ ପ୍ରାଣାଦିପଞ୍ଚାଭ୍ରମୁଖାନିପଞ୍ଚ ।
ବୁଦ୍ଧ୍ୟାଦ୍ୟବିଦ୍ୟାପି ଚ କାମକର୍ମଣୀ ପୁର୍ଯ୍ୟଷ୍ଟକଂ ସୂକ୍ଷ୍ମଶରୀରମାହୁଃ ।୯୮।
ଇଦଂ ଶରୀରଂ ଶୃଣୁ ସୂକ୍ଷ୍ମ ସଂଜ୍ଞିତଂ, ଲିଙ୍ଗନ୍ତ୍ୱପଞ୍ଚୀକୃତଭୂତସମ୍ଭବମ୍ ।
ସବାସନଂ କର୍ମଫଳାନୁଭାବକଂ ସ୍ୱାଜ୍ଞାନତୋଽନାଦିରୁପାଧିରାତ୍ମନଃ ।୯୯।
ସ୍ୱପ୍ନୋ ଭବତ୍ୟସ୍ୟ ବିଭକ୍ତ୍ୟବସ୍ଥା ସ୍ୱମାତ୍ରଶେଷେଣ ବିଭାତି ଯତ୍ର ।
ସ୍ୱପ୍ନେ ତୁ ବୁଦ୍ଧିଃ ସ୍ୱୟମେବ ଜାଗ୍ରତ୍ କାଳୀନ ନାନାବିଧବାସନାଭିଃ ।୧୦୦।
କର୍ତ୍ରାଦିଭାବଂ ପ୍ରତିପଦ୍ୟ ରାଜତେ ଯତ୍ର ସ୍ୱୟଂ ଭାତି ହ୍ୟୟଂ ପରାତ୍ମା ।
ଧୀମାତ୍ରକୋପାଧିରଶେଷ ସାକ୍ଷୀ ନ ଲିପ୍ୟତେ ତତ୍କୃତକର୍ମଲେଶୈଃ ।୧୦୧।
ଯସ୍ମାଦସଙ୍ଗସ୍ତତ ଏବ କର୍ମଭିର୍ନ ଲିପ୍ୟତେ କିଞ୍ଚିଦୁପାଧିନା କୃତୈଃ ।
ସର୍ବବ୍ୟାପୃତିକରଣଂ ଲିଙ୍ଗମିଦଂ ସ୍ୟାଚ୍ଚିଦାତ୍ମନଃ ପୁଂସଃ ।
ବାସ୍ୟାଦିକମିବ ତକ୍ଷ୍ଣସ୍ତେନୈବାତ୍ମା ଭବତ୍ୟସଙ୍ଗୋଽୟମ୍ ।୧୦୨।

ବାକ୍ୟ ଆଦି ପଞ୍ଚ ପୁଣି କର୍ଣ୍ଣ ଆଦି ପଞ୍ଚ । ପ୍ରାଣ ଆଦି ପଞ୍ଚ ବାୟୁ କ୍ଷିତି ଆଦି ପଞ୍ଚ ॥
ବୁଦ୍ଧି ମନ ଅହଙ୍କାର ଚିତ୍ତ ଏହି ଚୂର । ଅନ୍ତଃକରଣ ବୋଲନ୍ତି ଯା ନାମ ଉଚ୍ଚାର ॥
ଅବିଦ୍ୟା କାମନା କର୍ମ ସହିତ ସମସ୍ତ ! । ଏ ଅଷ୍ଟପୁରୀକୁ ✽ ସୂକ୍ଷ୍ମ ଶରୀର କହନ୍ତି । ୯୮ ।
ଅପଞ୍ଚୀକୃତ ଭୂତରୁ ସୂକ୍ଷ୍ମଦେହ ଜାତ । ଲିଙ୍ଗ ଶରୀର ନାମେ ସେ ଜଗତେ ବିଖ୍ୟାତ ॥
କର୍ମଫଳ ଅନୁଭବ ନିରତେ କରଇ । ବିବିଧ ବାସନା ଲିଙ୍ଗ ଶରୀର ଧରଇ ॥
ଅଜ୍ଞାନ ବଶେ ଅନାଦି ଉପାଧି ଆତ୍ମାର । ବୋଲନ୍ତି ଲିଙ୍ଗ ଦେହକୁ ମାନସେ ବିଚାର ।୯୯।
ସୂକ୍ଷ୍ମଦେହର ବିଭକ୍ତ ଅବସ୍ଥାର ନାମ । ସ୍ୱପ୍ନାବସ୍ଥା ବୋଲି ତାକୁ କହନ୍ତି ବିଦ୍ୱାନ ॥
ସେ ଅବସ୍ଥାରେ ଆତ୍ମାର ସ୍ୱରୂପ ପ୍ରକାଶେ । ଜାଗ୍ରତ କାଳରେ ଯେତେ ବାସନା ବିକାଶେ ॥
ସେ ସକଳ ବାସନାରେ ହୋଇଣ ବାସିତ । ସ୍ୱପ୍ନାବସ୍ଥାରେ ହୁଏ ବୁଦ୍ଧି ପ୍ରକାଶିତ ।୧୦୦।
ବାସନା ବାସିତ ବୁଦ୍ଧି ଉପାଧି ଯୁକତ । ବିରାଜେ ଆତ୍ମା କର୍ତ୍ତାଦି ଭାବ ହୋଇ ପ୍ରାପ୍ତ ॥
ଅଶେଷ କର୍ମର ସାକ୍ଷୀ ଆତ୍ମା ଟି ଅଟଇ । କିନ୍ତୁ ସେ ସକଳ କର୍ମେ ଲିପ୍ତ ସେ ନୁହଇ ।୧୦୧।
ଆତ୍ମା ଅସଙ୍ଗ ଅଟଇ ଜଗତରେ ଯେଣୁ । ଉପାଧିକୃତ କର୍ମରେ ଲିପ୍ତ ନୁହେ ତେଣୁ ॥
ଚିଦାତ୍ମା ଲୋକର ଲିଙ୍ଗ ଶରୀରଟି ଜାଣ । କରଇ ସେହି ସକଳ ବ୍ୟାପାର ଉଆଣ ॥
ସୂତ୍ରଧରର ବାସ୍ୟାଦି ଅସ୍ତ୍ର ଯେମନ । କାର୍ଯ୍ୟ ସାଧି ତନ୍ତ୍ରେ ଲିପ୍ତ ନୁହେ କଦାଚନ ।୧୦୨।

✽ ଅଷ୍ଟପୁରୀ ବା ସୂକ୍ଷ୍ମଶରୀର=୧ କର୍ମେନ୍ଦ୍ରିୟ (ବାକ୍ୟ, ହସ୍ତ, ପାଦ, ଗୁହ୍ୟ ଓ ଉପସ୍ଥ), ୨ ଜ୍ଞାନେନ୍ଦ୍ରିୟ (କର୍ଣ୍ଣ ନେତ୍ର, ତ୍ୱକ, ଜିହ୍ୱା ଓ ନାସା), ୩ ପ୍ରାଣବାୟୁ (ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ), ୪ ପଞ୍ଚଭୂତ (କ୍ଷିତି, ଜଳ, ଅଗ୍ନି, ବାୟୁ ଓ ଆକାଶ), ୫ ଅନ୍ତଃକରଣ (ବୁଦ୍ଧି, ମନ, ଅହଙ୍କାର ଓ ଚିତ୍ତ), ୬ ଅବିଦ୍ୟା (ଅଜ୍ଞାନ), ୭ କାମନା ୮ କର୍ମ । ଏହି ଆଠଟି ଅଷ୍ଟପୁରୀ ନାମରେ କଥିତ ।

ଅନ୍ଧତ୍ୱମନ୍ଦତ୍ୱପଟୁତ୍ୱଧର୍ମାଃ ସୌଗୁଣ୍ୟବୈଗୁଣ୍ୟବଶାଦ୍ଧି ଚକ୍ଷୁଷଃ ।
ବାଧିର୍ଯ୍ୟମୂକତ୍ୱମୁଖାସ୍ତଥୈବ ଶ୍ରୋତ୍ରାଦିଧର୍ମା ନ ତୁ ବେତ୍ତୁରାତ୍ମନଃ ।୧୦୩।

ଉଚ୍ଛ୍ୱାସନିଃଶ୍ୱାସବିଜୃମ୍ଭଣକ୍ଷୁତ୍ ପ୍ରସ୍ୟନ୍ଦନାଦ୍ୟୁତ୍କ୍ରମଣାଦିକାଃ କ୍ରିୟାଃ ।
ପ୍ରାଣାଦିକର୍ମାଣି ବଦନ୍ତି ତଜ୍ଜ୍ଞାଃ ପ୍ରାଣସ୍ୟ ଧର୍ମାବଶନାପିପାସେ ।୧୦୪।

ଅନ୍ତଃକରଣମେତେଷୁ ଚକ୍ଷୁରାଦିଷୁ ବର୍ଷ୍ମଣି ।
ଅହମିତ୍ୟଭିମାନେନ ତିଷ୍ଠତ୍ୟାଭାସତେଜସା ।୧୦୫।

ଅହଂକାରଃ ସ ବିଜ୍ଞେୟଃ କର୍ତ୍ତା ଭୋକ୍ତାଭିମାନ୍ୟୟମ୍ ।
ସତ୍ତ୍ୱାଦିଗୁଣଯୋଗେନ ଚାବସ୍ଥାତ୍ରୟମଶ୍ନୁତେ ।୧୦୬।

ବିଷୟାଣାମାନୁକୂଲ୍ୟେ ସୁଖୀ ଦୁଃଖୀ ବିପର୍ଯ୍ୟୟେ ।
ସୁଖଂ ଦୁଃଖଞ୍ଚ ତଦ୍ଧର୍ମଃ ସଦାନନ୍ଦସ୍ୟ ନାତ୍ମନଃ ।୧୦୭।

ଆତ୍ମାର୍ଥତ୍ୱେନ ହି ପ୍ରେୟାନ୍ ବିଷୟୋ ନ ସ୍ୱତଃ ପ୍ରିୟଃ ।
ସ୍ୱତ ଏବ ହି ସର୍ବେଷାମାତ୍ମା ପ୍ରିୟତମୋ ଯତଃ ।୧୦୮।

ଅନ୍ଧତା ମନ୍ଦତା ଅବା ପଟୁତାଦି ଗୁଣ । ଚକ୍ଷୁ ଦୋଷ ଗୁଣ ହେତୁ ହୋଇଥାଏ ପୁଣ ॥
ବଧିରତା ମୂକତାଦି ଦେଖା ପଡ଼େ ଯାହା । କର୍ଣ୍ଣାଦି ବିକଳ ହେତୁ ହୋଇଥାଏ ତାହା ।୧୦୩।
ଉଚ୍ଛ୍ୱାସ[*] ନିଶ୍ୱାସ ହାଇ ଛିଙ୍କ ପ୍ରସ୍ୟନ୍ଦନ[୧] । କ୍ଷୁଧା ପିପାସା ଆଦିର କାର୍ଯ୍ୟ ଉତ୍କ୍ରମଣ[୨] ।
ପ୍ରାଣାଦି ବାୟୁର ଧର୍ମ୍ମ ଅଟେ ସେ ସକଳ । ସାକ୍ଷୀ ସ୍ୱରୂପରେ ଆତ୍ମା ଦେଖଇ କେବଳ ॥
ପ୍ରାଣର ଧର୍ମ୍ମ ବୁଭୁକ୍ଷା[୩] ପିପାସା ଅଟଇ । ବାୟୁ ତତ୍ତ୍ୱଜ୍ଞ ପଣ୍ଡିତେ ଥାନ୍ତି ଏହା କହି ।୧୦୪।
'ମୁଁ', ଏ ଅଭିମାନ ବଶେ ଆଭାସ ବଳରେ । ବସଇ ଅନ୍ତଃକରଣ ନେତ୍ରାଦି ମାର୍ଗରେ ॥
'ମୁହିଁ କର୍ତ୍ତା' ମୁହିଁ ଭୋକ୍ତା' 'ମୁହିଁ ଅଭିମାନୀ' । ଆତ୍ମାର ଏ ଅଭାସକୁ ଅହଙ୍କାର ଜାଣି
ସତ୍ତ୍ୱ ରଜ ତମ ଏହି ତ୍ରିଗୁଣ ଯୋଗରେ । ତିନି ଅବସ୍ଥାକୁ ପୁଣ ଆତ୍ମା ଲଭ କରେ ॥
ବିଷୟର ଅନୁକୂଳ ପ୍ରତିକୂଳ ବଶେ । ଅନ୍ତଃକରଣରେ ସୁଖ ଅବା ଦୁଃଖ ବସେ ॥
ମନର ଧର୍ମ୍ମ ଅଟଇ ସୁଖ ଦୁଃଖ ଦୁଇ । ସଦାନନ୍ଦ ଆତ୍ମାର ସେ ଧରମ ନୁହଇ । ୧୦୭ ।
ସ୍ୱଭାବେ ସମସ୍ତଙ୍କର ଆତ୍ମା ପ୍ରିୟତମ । ତେଣୁ ବିଷୟ ସକଳ ଲାଗଇ ଉତ୍ତମ ॥
ରୂପ ସ୍ପର୍ଶ ରସ ବର୍ଣ୍ଣ ଗନ୍ଧ ଯେତେ ଗୁଣ । ପ୍ରକୃତରେ ବିଷୟର ନାହିଁ ପ୍ରିୟଗୁଣ ।୧୦୮।
ସୁପ୍ତ ସ୍ଥିର ଅବସ୍ଥାରେ ବିଷୟ ସହିତ । ସମ୍ବନ୍ଧ ନ ଥାଏ ଯେବେ ଦେହର କିଞ୍ଚିତ ॥

---

[*] ପ୍ରଶ୍ୱାସ । ୧ ବେଗଗମନ । ୨ ଊର୍ଦ୍ଧ୍ୱଗମନ । ୩ ଭୋଜନ ଇଚ୍ଛା ।

ତତ୍ର ଆତ୍ମା ସଦାନନ୍ଦୋ ନାସ୍ୟ ଦୁଃଖଂ କଦାଚନ ।
ଯତ୍ ସୁଷୁପ୍ତୌ ନିର୍ବିଷୟ ଆତ୍ମାନନ୍ଦୋଽନୁଭୂୟତେ ।
ଶ୍ରୁତିଃ ପ୍ରତ୍ୟକ୍ଷମୈତିହ୍ୟମନୁମାନଞ୍ଚ ଜାଗ୍ରତି । ୧୦୯।

ଅବ୍ୟକ୍ତନାମ୍ନୀ ପରମେଶଶକ୍ତି ରନାଦ୍ୟବିଦ୍ୟା ତ୍ରିଗୁଣାତ୍ମିକା ପରା ।
କାର୍ଯ୍ୟାନୁମେୟା ସୁଧିୟୈବ ମାୟା ଯୟା ଜଗତ୍ ସର୍ବମିଦଂ ପ୍ରସୂୟତେ । ୧୧୦ ।
ସନ୍ନାପ୍ୟସନ୍ନାପ୍ୟୁଭୟାତ୍ମିକା ନୋ ଭିନ୍ନାପ୍ୟଭିନ୍ନାପ୍ୟୁଭୟାତ୍ମିକା ନୋ ।
ସାଙ୍ଗାପ୍ୟନଙ୍ଗା ହ୍ୟୁଭୟାତ୍ମିକା ନୋ ମହାଦ୍ଭୁତାନିର୍ବଚନୀୟରୂପା । ୧୧୧ ।
ଶୁଦ୍ଧାଦ୍ୱୟବ୍ରହ୍ମବିବୋଧନାଶ୍ୟା ସର୍ପଭ୍ରମୋ ରଜ୍ଜୁବିବେକତୋ ଯଥା ।
ରଜସ୍ତମଃ ସତ୍ତ୍ୱମିତି ପ୍ରସିଦ୍ଧା ଗୁଣାସ୍ତଦୀୟାଃ ପ୍ରଥିତୈଃ ସ୍ୱକାର୍ଯ୍ୟୈଃ ୧୧୨ ।
ବିକ୍ଷେପଶକ୍ତିରଜସଃ କ୍ରିୟାତ୍ମିକା ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।
ରାଗାଦୟୋଽସ୍ୟାଃ ପ୍ରଭବନ୍ତି ନିତ୍ୟଂ ଦୁଃଖାଦୟୋ ଯେ ମନସୋ ବିକାରାଃ ।୧୧୩।
କାମଃ କ୍ରୋଧୋ ଲୋଭଦମ୍ଭାଦ୍ୟସୂୟାହଙ୍କାରେର୍ଷ୍ୟାମତ୍ସରାଦ୍ୟାସ୍ତୁ ଘୋରାଃ ।
ଧର୍ମ୍ମା ଏତେ ରାଜସାଃ ପୁମ୍ପ୍ରବୃତ୍ତିର୍ଯସ୍ମାଦେଷା ତଦ୍ରଜୋ ବନ୍ଧହେତୁଃ ।୧୧୪।

ଯେ କାଳରେ ଶୁଦ୍ଧ ଆତ୍ମା ରହେ ଆନନ୍ଦରେ । ତାହାର ନାନା ପ୍ରମାଣ ମିଳେ ଜାଗ୍ରତରେ ॥
ଶ୍ରୁତି, ପ୍ରତ୍ୟକ୍ଷ, ଐତିହ୍ୟ*, ଅନୁମାନ ବଳ । ଆତ୍ମାର ଦୁଃଖ ନ ଥିବା ସୁପ୍ରମାଣ ମିଳେ ।୧୦୯
ପରମେଶ୍ୱରଙ୍କ ଶକ୍ତି ମାୟା ଯେ ଅଟଇ । ଅନାଦି ଅବିଦ୍ୟା ପୁଣି ତ୍ରିଗୁଣମୟୀ ॥
ସେ ପରମା ମାୟା ଖ୍ୟାତ ଅବ୍ୟକ୍ତ ନାମରେ । ଅନୁମାନ କରନ୍ତି ଜ୍ଞାନୀଏ କାର୍ଯ୍ୟରେ ॥
ମାୟା ବଳେ ଜଗତର ହୁଅଇ ଉତ୍ପତ୍ତି । ତେଣୁ ମାୟା ଈଶ୍ୱରଙ୍କ ପରମ ଶକତି । ୧୧୦ ।
ସେ ମାୟା ନୁହଇ ସତ ଅଥବା ଅସତ । ହୋଇ ନ ପାରଇ ତେଣୁ ସେହୁ ସଦସତ ॥
ଆତ୍ମାଠାରୁ ନୁହେ ଭିନ୍ନ ଅଥବା ଅଭିନ୍ନ । ହୋଇ ନ ପାରଇ ତେଣୁ ସେହୁ ଭିନ୍ନାଭିନ୍ନ
ସେ ମାୟା ନୁହଇ ସାଙ୍ଗ ଅଥବା ଅନଙ୍ଗ । ହୋଇ ନ ପାରଇ ତେଣୁ ସେ ସାଙ୍ଗ ଅନଙ୍ଗ ॥
ମହା ଅଦ୍ଭୁତ ସ୍ୱରୂପ ସେ ମାୟା ଅଟଇ । ବଚନରେ ତାର ତତ୍ତ୍ୱ କହି ନ ହୁଅଇ ।୧୧୧।
ରଜ୍ଜୁରେ ଉପୁଜିଥିବା ସର୍ପଭ୍ରମ ଯଥା । ରଜ୍ଜୁ ବିବେକ ବୋଧ ହେଲେ ନ ରହଇ ତଥା ॥
ଶୁଦ୍ଧ ଅଦ୍ୱୟ ବ୍ରହ୍ମକୁ ଜାଣି ପାରିଲେଟି । ମାୟାର ପ୍ରଭାବ ଯାଏ ଏକାବେଳେ ଛୁଟି ॥
ସେ ମାୟାର ଅଛି ସତ୍ତ୍ୱ ରଜ ତମ ଗୁଣ । ସେ ତିନିହେଁ ନିଜ ନିଜ କାର୍ଯ୍ୟେ ଖ୍ୟାତ ପୁଣ ॥
ରଜଗୁଣରୁ ବିକ୍ଷେପ ଶକ୍ତି ପ୍ରକାଶଇ । ଜଗତ ପ୍ରବୃତ୍ତି ତହୁଁ ଉଦ୍ଭୂତ ହୁଅଇ ॥
ରାଗ ଦୁଃଖାଦି ମନର ବିକାର ସକଳେ । ଜନ୍ମନ୍ତି ସେ ବିକ୍ଷେପ ଶକତିର ବଳେ ।୧୧୩।
କାମ କ୍ରୋଧ ଲୋଭ ଦମ୍ଭ ଈର୍ଷା ଅହଙ୍କାର । ମାତ୍ସର୍ଯ୍ୟ ଅସୂୟା * ଏତେ ରଜର ବିକାର ।
ଏତେକ ପୁରୁଷର ଯେଣୁ ସଂସାର ପ୍ରବୃତ୍ତି । ବନ୍ଧନର ହେତୁ ରଜ କଠୋର ପ୍ରକୃତି ।୧୧୪।

---

* ପ୍ରମାଣ ବିଶେଷ । ପରମ୍ପରାଗତ ଉପଦେଶ ବାକ୍ୟ ଯଥାଃ—ଅମୁକ ବୃକ୍ଷରେ ଭୂତ ଅଛି ।

ଏଷାଽଽବୃତିର୍ନାମ ତମୋଗୁଣସ୍ୟ ଶକ୍ତିର୍ଯୟା ବସ୍ତ୍ୱବଭାସତେଽନ୍ୟଥା ।
ସୈଷା ନିଦାନଂ ପୁରୁଷସ୍ୟ ସଂସୃତେର୍ବିକ୍ଷେପଶକ୍ତେଃ ପ୍ରବଣସ୍ୟ ହେତୁଃ ।୧୧୫।
ପ୍ରଜ୍ଞାବାନପି ପଣ୍ଡିତୋଽପି ଚତୁରୋଽପ୍ୟତ୍ୟନ୍ତସୂକ୍ଷ୍ମାତ୍ମଦୃକ୍ ବ୍ୟାଲୀଢସ୍ତମସା ନ ବେତ୍ତି
ବହୁଧା ସଂବୋଧିତୋଽପି ସ୍ଫୁଟମ୍
ଭ୍ରାନ୍ତ୍ୟାରୋପିତମେବ ସାଧୁ କଲୟତ୍ୟାଲମ୍ବତେ ତଦ୍ଗୁଣାନ୍ ହନ୍ତାସୌ ପ୍ରବଳ
ଦୁରନ୍ତତମସଃ ଶକ୍ତିର୍ମହତ୍ୟାବୃତିଃ ।୧୧୬।

ଅଭାବନା ବା ବିପରୀତଭାବନା ସମ୍ଭାବନା ବିପ୍ରତିପତ୍ତିରସ୍ୟାଃ ।
ସଂସର୍ଗଯୁକ୍ତଂ ନ ବିମୁଞ୍ଚତି ଧ୍ରୁବଂ ବିକ୍ଷେପଶକ୍ତିଃ କ୍ଷପୟତ୍ୟଜସ୍ରମ୍ ।୧୧୭।
ଅଜ୍ଞାନମାଲସ୍ୟଜଡତ୍ୱନିଦ୍ରା ପ୍ରମାଦମୂଢତ୍ୱମୁଖାସ୍ତମୋଗୁଣାଃ ।
ଏତୈଃ ପ୍ରଯୁକ୍ତୋ ନ ହି ବେତ୍ତି କିଞ୍ଚିନ୍ନିଦ୍ରାଳୁବତ୍ ସ୍ତମ୍ଭବଦେବ ତିଷ୍ଠତି ।୧୧୮।
ସତ୍ତ୍ୱଂ ବିଶୁଦ୍ଧଂ ଜଲବତ୍ ତଥାପି ତାଭ୍ୟାଂ ମିଳିତ୍ୱା ଶରଣାୟ କଳ୍ପତେ ।
ଯତ୍ର ସ୍ୱବିମ୍ବଃ ପ୍ରତିବିମ୍ବିତଃ ସନ୍ ପ୍ରକାଶୟତ୍ୟର୍କ ଇବାଖିଳଂ ଜଡମ୍ ।୧୧୯।
ମିଶ୍ରସ୍ୟ ସତ୍ତ୍ୱସ୍ୟ ଭବନ୍ତି ଧର୍ମାଃ ତ୍ୱମାନିତାଦ୍ୟା ନିୟମା ଯମାଦ୍ୟାଃ ।
ଶ୍ରଦ୍ଧା ଚ ଭକ୍ତିଶ୍ଚ ମୁମୁକ୍ଷୁତା ଚ ଦୈବୀ ଚ ସମ୍ପତ୍ତିରସନ୍ନିବୃତ୍ତିଃ ।୧୨୦।

ତମଗୁଣୁଁ ଆବରଣ ଶକ୍ତିର ପ୍ରକାଶ । ବସ୍ତୁକୁ ଯେ ଅନ୍ୟରୂପେ କରେ ଅଭାସ * ॥
ସଂସାର କାରଣ ସେହି ପୁରୁଷର ଜାଣ । ବିକ୍ଷେପ ଶକ୍ତିର ପୁଣି ଅଟଇ ନିଦାନ ।୧୧୫।
ଅତ୍ୟନ୍ତ ସୂକ୍ଷ୍ମ ଦରଶୀ ଚତୁର ପଣ୍ଡିତ । ବୁଦ୍ଧିମନ୍ତ ଲୋକ ପୁଣି ହେଲେହେଁ ବିଦିତ ॥
ତମ ଗୁଣେ ଆବୃତ ସେ ହୋଇଥିବ ଯେବେ । ପ୍ରକୃତ ବସ୍ତୁକୁ ଜାଣି ନ ପାରନ୍ତି ତେବେ ॥
ଭ୍ରାନ୍ତି ବଶେ ଆରୋପିତ ବସ୍ତୁ ସତ୍ୟବତ । ବିଶ୍ୱାସ କରି ଧେନଇ ତା ଗୁଣ ସମସ୍ତ ॥
ଦୁରନ୍ତ ** ତମ ଗୁଣର ଆବରଣ ଶକ୍ତି । ମହାଭୟଙ୍କର ପୁଣି ପରବଳ ଅତି ।୧୧୬।
କି ବିପରୀତ ଭାବନା ଅବା ଅଭାବନା । [୧] ଅଥବା ବିପ୍ରତିପତ୍ତି [୨] କିମ୍ବା ସମ୍ଭାବନା ॥
ତମ ଗୁଣର ସକଳ କାର୍ଯ୍ୟ ଏହା ଜାଣ । ବିକ୍ଷେପ ଶକ୍ତି ସଂସର୍ଗଯୁକ୍ତ ଯେଉଁଜନ ॥
ସେ ଲୋକଙ୍କୁ ନ ଛାଡ଼ନ୍ତି ସେମାନେ କଦାପି । ଭ୍ରମାନ୍ତି ସଂସାରେ ସଦା କିଛି ତେଜ ନାହିଁ ।
ଆଳସ୍ୟ ଜଡ଼ତ୍ୱ ନିଦ୍ରା ପ୍ରମାଦ [୩] ଅଜ୍ଞାନ । ମୂଢ଼ତ୍ୱାଦି ତମଗୁଣ କାର୍ଯ୍ୟ ବୋଲି ଜାଣ ॥
ଏ ଗୁଣେ ଯୁକତ ଯେହୁ କିଛି ସେ ନ ଜାଣେ । ରହଇ ନିଦ୍ରାଳୁ ନ୍ୟାୟେ [୪] ସ୍ତମ୍ଭର ସମାନେ
ସତ୍ତ୍ୱଗୁଣ ଜଳ ନ୍ୟାୟ ବିଶୁଦ୍ଧ ଅଟଇ । ରଜ ତମ ସହ ମିଳି ସଂସାର ରଚଇ ॥
ଆତ୍ମ ବିମ୍ବ ହୋଇ ତହିଁ ପ୍ରତିବିମ୍ବିତ । ରବି ତୁଲ୍ୟ ଚରାଚର କରେ ପ୍ରକାଶିତ ।୧୧୯।
ଅମାନିତ୍ୱ ନିୟମାଦି ଯମ ଶ୍ରଦ୍ଧା ଭକ୍ତି । ଅସନ୍ନିବୃତ୍ତି ମୁମୁକ୍ଷାଦି ଦୈବୀସମ୍ପତ୍ତି ॥
ମିଶ୍ରିତ ସତ୍ତ୍ୱଗୁଣର ଧର୍ମ୍ମ ସେ ସ୍ୱଭାବେ । ବିଶୁଦ୍ଧ ସତ୍ତ୍ୱର ଧର୍ମ୍ମ ଶୁଣ ବତ୍ସ, ଏବେ ।୧୨୦।

---

* ପରଗୁଣରେ ଦୋଷାରୋପଣ ବା ଗୁଣରେ ଦୋଷୋଦ୍ଘାଟନ ।
** ପ୍ରକାଶିତ । ଦୁର୍ଦ୍ଦମ; ଦୁଷ୍ଟ ।
୧ ବୃଥା ଚିନ୍ତା । ୨ ଅବସ୍ତୁରେ ବସ୍ତୁତ୍ୱ ଜ୍ଞାନ । ୩ କାର୍ଯ୍ୟରେ ଅନବଧାନତା । ୪ ସ୍ତମ୍ଭ, ଖମ୍ବ ।

ବିଶୁଦ୍ଧସତ୍ତ୍ୱସ୍ୟ ଗୁଣାଃ ପ୍ରସାଦଃ ସ୍ୱାତ୍ମାନୁଭୂତିଃ ପରମା ପ୍ରଶାନ୍ତିଃ ।
ତୃପ୍ତିଃ ପ୍ରହର୍ଷଃ ପରମାତ୍ମନିଷ୍ଠା ଯୟା ସଦାନନ୍ଦରସଂ ସମୃଚ୍ଛତି ॥୧୨୧॥

ଅବ୍ୟକ୍ତମେତତ୍ତ୍ରିଗୁଣୈର୍ନିରୁକ୍ତଂ ତତ୍ କାରଣଂ ନାମ ଶରୀରମାତ୍ମନଃ ।
ସୁଷୁପ୍ତିରେତସ୍ୟ ବିଭକ୍ତ୍ୟବସ୍ଥା ପ୍ରଲୀନସର୍ବେନ୍ଦ୍ରିୟବୁଦ୍ଧିବୃତ୍ତିଃ ॥୧୨୨॥

ସର୍ବପ୍ରକାରପ୍ରମିତି ପ୍ରଶାନ୍ତିର୍ବୀଜାତ୍ମନାବସ୍ଥିତିରେବ ବୁଦ୍ଧେଃ ।
ସୁଷୁପ୍ତିରେତସ୍ୟ କିଲ ପ୍ରତୀତିଃ କିଞ୍ଚିନ୍ନ ବେଦ୍ମୀତି ଜଗତ୍ପ୍ରସିଦ୍ଧେଃ ॥୧୨୩॥

ଦେହେନ୍ଦ୍ରିୟପ୍ରାଣମନୋଽହମାଦୟଃ ସର୍ବେ ବିକାରା ବିଷୟାଃ ସୁଖାଦୟଃ ।
ବ୍ୟୋମାଦିଭୂତାନ୍ୟଖିଳଞ୍ଚ ବିଶ୍ୱମବ୍ୟକ୍ତପର୍ଯ୍ୟନ୍ତମିଦଂ ହ୍ୟନାତ୍ମା ॥୧୨୪॥

ମାୟା ମାୟାକାର୍ଯ୍ୟଂ ସର୍ବଂ ମହଦାଦିଦେହପର୍ଯ୍ୟନ୍ତମ୍ ।
ଅସଦିଦମନାତ୍ମତତ୍ତ୍ୱଂ ବିଦ୍ଧି ତ୍ୱଂ ମରୁମରୀଚିକାକଳ୍ପମ୍ ॥୧୨୫॥

ଅଥ ତେ ସମ୍ପ୍ରବକ୍ଷ୍ୟାମି ସ୍ୱରୂପଂ ପରମାତ୍ମନଃ ।
ଯଦ୍ବିଜ୍ଞାୟ ନରୋ ବନ୍ଧାନ୍ମୁକ୍ତଃ କୈବଲ୍ୟମଶ୍ନୁତେ ॥୧୨୬॥

ପରମାତ୍ମନିଷ୍ଠା ହର୍ଷ ଆତ୍ମ ଅନୁଭୂତି । ପରମା ପ୍ରଶାନ୍ତି ପୁଣି ପ୍ରସନ୍ନତା ତୃପ୍ତି ॥
ପରମାତ୍ମନିଷ୍ଠା ଯୋଗେ ମାନବ ସତତ । ସହଜେ ଆନନ୍ଦରସ ହୁଅଇ ପ୍ରାପତ ।୧୨୧।
ସେ ତିନି ଗୁଣ ଯୁକତ ଯେଉଁକୁ ପଣ୍ଡିତେ । ଅବ୍ୟକ୍ତ ବୋଲନ୍ତି ବସ୍ତୁ, ଘେନ ଦ୍ରବ୍ୟଗତେ ॥
ସେହି ଅବ୍ୟକ୍ତ ଆତ୍ମାର କାରଣ ଶରୀର । ବୋଲି କହୁଥାନ୍ତି ସର୍ବ ମୁନିଜ୍ଞାନୀ ଧୀର ॥
ଇନ୍ଦ୍ରିୟ ବୁଦ୍ଧି ବୃତ୍ତି ସେ ଦେହେଁ ଲୀନ ହେଲେ । ସୁଷୁପ୍ତି[୧] ମୁକ୍ତ ଅବସ୍ଥା ଆତ୍ମା ଲଭେ ହେଲେ
ସେ ସୁଷୁପ୍ତି ଅବସ୍ଥାରେ ବୁଦ୍ଧି ଯତନରେ । ବୀଜାତ୍ମକ ପ୍ରକୃତିରେ ଅବସ୍ଥିତ କରେ ॥
ବୀଜଭୂତ ଅବ୍ୟକ୍ତରେ ବୁଦ୍ଧି ରହେ ଯେଣୁ । ସର୍ବପ୍ରକାର ଜ୍ଞାନର ଶାନ୍ତି ହୁଏ ତେଣୁ ।
'ସୁଖେ ମୁଁ ନିଦ୍ରିତ ଥିଲି କିଛି ନ ଜାଣଇ ।' ସୁଷୁପ୍ତି ଅନ୍ତେ ଏମନ୍ତ ପ୍ରତୀତି ହୁଅଇ ।
ଶରୀର ଇନ୍ଦ୍ରିୟ ପ୍ରାଣ ମନ ଅହଙ୍କାର । ଏ ଆଦି ଅଛଇ ଯେତେ ପ୍ରକୃତି ବିକାର ॥
ସୁଖାଦି ବିଷୟ ବ୍ୟୋମଆଦି ପଞ୍ଚଭୂତ । ଅଖିଳ ବିଶ୍ୱ ଯେ ଭୂତୁଁ ହୋଇଛି ସମ୍ଭୂତ ॥
ଅବ୍ୟକ୍ତ ପର୍ଯ୍ୟନ୍ତ ଯେତେ ବସ୍ତୁ କହିଲଇ । ସେସବୁ ଅନାତ୍ମବସ୍ତୁ ନିଶ୍ଚୟ ଅଟଇ ।୧୨୪।
ମାୟା ଓ ମାୟାର କାର୍ଯ୍ୟ ମହତାଦି ଦେହ । ଅନାତ୍ମା ସେ ସର୍ବ ଏଣେ ନ କର ସନ୍ଦେହ
ମରୁଭୂମେ ମରୀଚିକା ପ୍ରାୟ ସେ ସମସ୍ତ । ଅସତ ବସ୍ତୁ ବୋଲି କି ହୋଇଛି ସାବ୍ୟସ୍ତ[†] ।୧୨୫
ଏ ଅନ୍ତେ ଆତ୍ମାସ୍ୱରୂପ କରୁଛି ବର୍ଣ୍ଣନ । ଅହେ ପ୍ରିୟ ଶିଷ୍ୟ ଶୁଣ ଦେଇ କର୍ଣ୍ଣମନ ॥
ଯାହା ଜାଣିଲେ ସଂସାର ବନ୍ଧନୁଁ ମୁକତ । ହୋଇ ମାନବେ କୈବଲ୍ୟ * ହୁଅନ୍ତି ପ୍ରାପତ ॥

---

୧ ସୁଷୁପ୍ତି—ଘୋର ନିଦ୍ରା । ସୁଷୁପ୍ତି ଅବସ୍ଥାରେ କୌଣସି ସ୍ୱପ୍ନ ଆଦି ଦେଖାଯାଏ ନାହିଁ ।
† ସ୍ଥାପିତ । * ପରମାତ୍ମାରେ ଲୀନ ହେବା, ମୋକ୍ଷ ।

ଅସ୍ତି କଶ୍ଚିତ୍ ସ୍ୱୟଂ ନିତ୍ୟମହଂ ପ୍ରତ୍ୟୟଲମ୍ବନଃ ।
ଅବସ୍ଥାତ୍ରୟସାକ୍ଷୀ ସନ୍ ପଞ୍ଚକୋଷବିଲକ୍ଷଣଃ ।୧୨୭।

ଯୋ ବିଜାନାତି ସକଳଂ ଜାଗ୍ରତ୍ସ୍ୱପ୍ନସୁଷୁପ୍ତିଷୁ ।
ବୁଦ୍ଧିତଦ୍ବୃତ୍ତିସଦ୍ଭାବମଭାବମହମିତ୍ୟୟମ୍ ।୧୨୮।

ଯଃ ପଶ୍ୟତି ସ୍ୱୟଂ ସର୍ବଂ ଯଂ ନ ପଶ୍ୟତି କଶ୍ଚନ ।
ଯଶ୍ଚେତୟତି ବୁଦ୍ଧ୍ୟାଦି ନ ତଦ୍ ଯଂ ଚେତୟତ୍ୟୟମ୍ ।୧୨୯।

ଯେନ ବିଶ୍ୱମିଦଂ ବ୍ୟାପ୍ତଂ ଯନ୍ନ ବ୍ୟାପ୍ନୋତି କିଞ୍ଚନ
ଆଭାରୂପମିଦଂ ସର୍ବଂ ଯଂ ଭାନ୍ତମନୁଭାତ୍ୟୟମ୍ ।୧୩୦।

ଯସ୍ୟ ସନ୍ନିଧିମାତ୍ରେଣ ଦେହେନ୍ଦ୍ରିୟମନୋଧିୟଃ ।
ବିଷୟେଷୁ ସ୍ୱକୀୟେଷୁ ବର୍ତ୍ତନ୍ତେ ପ୍ରେରିତା ଇବ ।୧୩୧।

ଅହଙ୍କାରାଦିଦେହାନ୍ତା ବିଷୟାଶ୍ଚ ସୁଖାଦୟଃ ।
ବେଦ୍ୟନ୍ତେ ଘଟବଦ୍ୟେନ ନିତ୍ୟବୋଧସ୍ୱରୂପିଣା ।୧୩୨।

ଏଷୋଽନ୍ତରାତ୍ମା ପୁରୁଷଃ ପୁରାଣୋ ନିରନ୍ତରାଖଣ୍ଡସୁଖାନୁଭୂତିଃ ।
ସଦୈକରୂପଃ ପ୍ରତିବୋଧମାତ୍ରୋ ଯେନେଷିତା ବାଗସବଶ୍ଚରନ୍ତି ।୧୩୩।

'ମୁହିଁ' ଏହି ଜ୍ଞାନକୁ ଯେ କରନ୍ତି ଆଶ୍ରିତ । ଅନ୍ନମୟ ଆଦି ପଞ୍ଚକୋଷର ଅତୀତ ॥
ଅବସ୍ଥା ତ୍ରୟର ସାକ୍ଷୀ ରୂପୀ ହୋଇ ଜାଣ । ଅଛି କେହି ଜଣେ ନିତ୍ୟରୂପେ ବିଦ୍ୟମାନ ॥
ବୁଦ୍ଧି ଓ ବୁଦ୍ଧିବୃତ୍ତିର ସଦ୍ଭାବ ଅଭାବ । କରୁଛନ୍ତି ଯେଉଁ ପୁରୁଷ ନିତ୍ୟ ଅନୁଭବ ॥
ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ତିନି ଅବସ୍ଥାର । ସେହିଟି "ମୁହିଁ" ବୋଲି ବିଦିତ ସଂସାରେ ॥
ଯେହୁ କରୁଛନ୍ତି ସମସ୍ତ ବିଶ୍ୱକୁ ଦର୍ଶନ । କେହି ଦେଖି ନ ପାରନ୍ତି ଯାକୁ କଦାଚନ ॥
ବୁଦ୍ଧି ଆଦିକୁ ଯେ ନିତ୍ୟ ପ୍ରକାଶିତ କରେ । ଯାକୁ ବୁଦ୍ଧି ଆଦି ଦୀପ୍ତ କରନ୍ତି ନ ପାରେ ॥
ଏ ବିଶ୍ୱକୁ ପରିବ୍ୟାପ୍ତ କରିଅଛି ଯେହି । ଯାକୁ ପରିବ୍ୟାପ୍ତ କରନ୍ତି ନ ପାରଇ କେହି ॥
ବିଶ୍ୱ ପ୍ରତିଭାତ ହୁଏ ଯାହାର ଆଭାରେ । କିନ୍ତୁ ଯାକୁ ପ୍ରତିଭାତ କରି କେ ନପାରେ ।୧୩୦।
ନିକଟରେ ଅବସ୍ଥିତ ସକାଶରୁ ଯାର । ଯେଣୁ ବିଷୟ ପ୍ରେରିତ ଭୃତ୍ୟ ପରକାର ॥
ପ୍ରବୃତ୍ତ ହୋଇଥାନ୍ତି ସେ ଶରୀରେନ୍ଦ୍ରିୟ । ମନବୁଦ୍ଧି ଆଦି ନିଜ ବୃତ୍ତି ଯାବତୀୟ ।୧୩୧।
ଅହଙ୍କାର ଦେହ ଆଦି ପଦାର୍ଥ ସମସ୍ତ । ସୁଖାଦି ବିଷୟ ପୁଣି ଅବର ଯାବତ ॥
ଏ ସର୍ବ ଯେ ଘଟପଟ ପରି ପ୍ରକାଶଇ । ସେ ନିତ୍ୟବୋଧ ପୁରୁଷେ "ଅହଂ" ବୋଲି କହି ॥
ସେହି ପୁରୁଷକୁ ଅନ୍ତରାତ୍ମା ବୋଲି ଜାଣି । ସଦା ଏକରୂପ ମୂର୍ତ୍ତି ସେହିଟି ପୁରାଣ ॥
ସେ ନିରନ୍ତର ଅଖଣ୍ଡ ସୁଖବୋଧ କାରୀ । ସମସ୍ତ ଜ୍ଞାନର ସେହି ଏକ ଅଧିକାରୀ ।୧୩୩।

ଅତ୍ରୈବ ସତ୍ତ୍ୱାତ୍ମନି ଧୀଗୁହାୟାମବ୍ୟାକୃତାକାଶ ଉରୁ ପ୍ରକାଶଃ ।
ଆକାଶ ଉଚ୍ଚୈରବିବତ୍ ପ୍ରକାଶତେ ସ୍ୱତେଜସା ବିଶ୍ୱମିଦଂ ପ୍ରକାଶୟନ୍ ॥
ଜ୍ଞାତା ମନୋଽହଂକୃତି ବିକ୍ରିୟାଣାଂ ଦେହେନ୍ଦ୍ରିୟ ପ୍ରାଣକୃତକ୍ରିୟାଣାମ୍ ।
ଅୟୋଽଗ୍ନିବତ୍ତାନନୁ ବର୍ତ୍ତମାନୋ ନ ଚେଷ୍ଟତେ ନୋ ବିକରୋତି କିଞ୍ଚନ ॥
ନ ଜାୟତେ ନୋ ମ୍ରିୟତେ ନ ବର୍ଦ୍ଧତେ ନକ୍ଷୀୟତେ ନୋ ବିକରୋତି ନିତ୍ୟଃ ।
ବିଲୀୟମାନେଽପି ବପୁଷ୍ୟମୁଷ୍ମିନ୍ ନ ଲୀୟତେ କୁମ୍ଭ ଇବାମ୍ବରଂ ସ୍ୱୟମ୍ ।୧୩୬ ।
ପ୍ରକୃତିବିକୃତି ଭିନ୍ନଃ ଶୁଦ୍ଧବୋଧସ୍ୱଭାବଃ ସଦସଦିଦମଶେଷଂ ଭାସୟନ୍ନିର୍ବିଶେଷଃ ।
ବିଲସତି ପରମାତ୍ମା ଜାଗ୍ରଦାଦିଷ୍ୱବସ୍ଥାସ୍ୱହମହମିତି ସାକ୍ଷାତ୍ ସାକ୍ଷିରୂପେଣ ବୁଦ୍ଧେଃ ।
ନିୟମିତମନସାମୁଂ ତ୍ୱଂ ସ୍ୱମାତ୍ମାନମାତ୍ମନ୍ୟୟମହମିତି ସାକ୍ଷାଦ୍ୱିଦ୍ଧି ବୁଦ୍ଧି ପ୍ରସାଦାତ୍ ।
ଜନିମରଣତରଙ୍ଗାପାର ସଂସାର ସିନ୍ଧୁଂ ପ୍ରତର ଭବ କୃତାର୍ଥୋ ବ୍ରହ୍ମରୂପେଣ ସଂସ୍ଥଃ ॥

ତାହାର ପ୍ରେରଣା ବଳେ ବାକ୍ୟ ପ୍ରାଣମନ । ଆପଣା ଆପଣା କାର୍ଯ୍ୟ କରନ୍ତି ସାଧନ ॥
ସେ ପୁରୁଷ ନିଜ ତେଜେ ନିଖିଳ ଜଗତ । ପ୍ରକାଶିତ କରି ସୂର୍ଯ୍ୟ ପରିକର ସତ ॥
ଅପେ ଆପଣାକୁ ଅତିଶୟ ପ୍ରକାଶଇ । ସତ୍ତ୍ୱମୟୀ-ବୁଦ୍ଧି-ଗୁହାନ୍ତର-ନଭେ ରହି । ୧୩୪ ।
ମନ ଅହଂକାର ଦେହ ଇନ୍ଦ୍ରିୟ ଯେ ପ୍ରାଣ । ନିତ୍ୟ କରୁଛନ୍ତି ଯେଉଁ ଯେଉଁ କାର୍ଯ୍ୟମାନ ॥
ସେହି ପରମ ପୁରୁଷ ସେ ସବୁ ଜାଣଇ । କିନ୍ତୁ କାହିଁରେ ସେ ଚେଷ୍ଟା କିଛି ନ କରଇ ॥
ଯଥା ଅଗ୍ନି ଯୋଗେ ଲୌହ ହୋଇ ସନ୍ତପତ । ବୋଧହୁଏ ଏକଭାବ ପରିପନ୍ଥୀତ ॥
ନାହିଁ ତାର ଜନ୍ମ ମୃତ୍ୟୁ ନାହିଁ ତାର କ୍ଷୟ । ନାହିଁ ତା' ବୃଦ୍ଧି ବିକୃତି ସେ ନିତ୍ୟ ଅବ୍ୟୟ ॥
ଦେହ ବିଲୀନ ହେଲେହେଁ ସେ ଆତ୍ମା ପୁରୁଷ । କୁମ୍ଭ-ଗତ-ନଭ ପ୍ରାୟ ନ ଲଭେ ବିନାଶ ॥
ନୁହେ ସେ ପ୍ରକୃତି କିମ୍ବା ବିକୃତି ନୁହଇ । ଶୁଦ୍ଧବୋଧ ସ୍ୱଭାବରେ ପୁରୁଷ ଅଟଇ ॥
ସତ ଅସତ ବିଶ୍ୱର ପଦାର୍ଥ ବିଶେଷ । କରଇ ସେ ପ୍ରକାଶିତ ହୋଇ ନିର୍ବିଶେଷ ॥
ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ତିନି ଅବସ୍ଥାରେ । ଯେବଣ ପୁରୁଷ ଆପଣାକୁ ଜାଣିପାରେ ॥
ସେହି ପରମାତ୍ମା ଜାଣ ନିଖିଳ ମଧ୍ୟରେ । ବୁଦ୍ଧିର ସାକ୍ଷୀସ୍ୱରୂପ ଅବସ୍ଥାନ କରେ ॥
ଅତେବ ପ୍ରିୟଶିଷ୍ୟ ! ତୁମ୍ଭେ ସଂଯତମାନସେ । ବୁଦ୍ଧି ପ୍ରସାଦରେ ବୁଝ ସେ ଆତ୍ମାରୂପେ ॥
ବ୍ରହ୍ମସ୍ଥ ହୋଇ ତରିଯାଅ ଏ ପ୍ରକାରେ । ଜନ୍ମ-ମୃତ୍ୟୁ-ବୀଚୀ-ଯୁତ-ଭବ ପାରାବାରେ ।୧୩

---

୧ – ଅଗ୍ନିର ଧର୍ମ ଦାହକତାଦି ଲୌହରେ ଏବଂ ଲୌହର ଧର୍ମ (ଗୁରୁତ୍ୱାଦି) ଅଗ୍ନିରେ ଆରୋପ କଲାପରି ସେହି ପୁରୁଷ ଦେହଇନ୍ଦ୍ରିୟାଦରୀମନ୍ତରେ ଏକାତ୍ମକ ପାଇଲେହେଁ, ଯଥାର୍ଥରେ ସେ କୌଣସି ଚେଷ୍ଟା କରେ ନାହିଁ; ବା କୌଣସି ପଦାର୍ଥକୁ ବିକୃତ କରେ ନାହିଁ ।)
୨ – ଘଟ ଭଗ୍ନ ହେଲେ ତହିଁ ଭିତରେ ଥିବା ଆକାଶ ଯେପରି ବିନଷ୍ଟ ହୁଏ ନାହିଁ ସେପରି ଏ ଶରୀର ବିନଷ୍ଟ ହେଲେ ମଧ୍ୟ ସେହି ପୁରୁଷ (ଆତ୍ମା) ବିନଷ୍ଟ ହୁଏ ନାହିଁ ।
୩—ଜନ୍ମ ଓ ମୃତ୍ୟୁ ଭବସାଗରର ଲହରୀ ପରି । ଜନ୍ମମୃତ୍ୟୁ ସମାକୁଳ ସଂସାରରୂପୀ ସମୁଦ୍ର ।

ଅତ୍ରାନାତ୍ମନ୍ୟହମିତି ମତିର୍ବନ୍ଧ ଏଷୋଽସ୍ୟ ପୁଂସଃ ।
ପ୍ରାପ୍ତୋଽଜ୍ଞାନାଜ୍ଜନନମରଣକ୍ଲେଶସମ୍ପାତହେତୁଃ ।
ଯେନୈବାୟଂ ବପୁରିଦମସତ୍ ସତ୍ୟମିତ୍ୟାତ୍ମବୁଦ୍ଧ୍ୟା,
ପୁଷ୍ୟତ୍ୟୁକ୍ଷତ୍ୟବତି ବିଷୟୈସ୍ତନ୍ତୁଭିଃ କୋଷକୃଦ୍ବତ୍ ।୧୩୯।

ଅତସ୍ମିଂସ୍ତଦ୍ବୁଦ୍ଧିଃ ପ୍ରଭବତି ବିମୂଢ଼ସ୍ୟ ତମସା ବିବେକାଭାବାଦ୍ବୈ ସ୍ଫୁରତି ଭୁଜଗେ ରଜ୍ଜୁଧିଷଣା ତତୋଽନର୍ଥବ୍ରାତୋ ନିପତତି ସମାଦାତୁରଧିକସ୍ତତୋ ଯୋଽସଦ୍ଗ୍ରାହଃ ସହି ଭବତି ବନ୍ଧଃ ଶୃଣୁ ସଖେ ! ।୧୪୦।

ଅଖଣ୍ଡ ନିତ୍ୟାଦ୍ୱୟ ବୋଧଶକ୍ତ୍ୟା ସ୍ଫୁରନ୍ତମାତ୍ମାନମନନ୍ତବୈଭବମ୍ ।
ସମାବୃଣୋତ୍ୟାବୃତିଶକ୍ତିରେଷା ତମୋମୟୀ ରାହୁରିବାର୍କବିମ୍ବମ୍ ।୧୪୧।

ତିରୋଭୂତେ ସ୍ୱାତ୍ମନ୍ୟମଳତରତେଜୋବତି ପୁମାନନାତ୍ମାନଂ ମୋହାଦହମିତି ଶରୀରଂ କଳୟତି ତତଃ କାମକ୍ରୋଧପ୍ରଭୃତିଭିରମୁଂ ବନ୍ଧନଗୁଣୈଃ ପରଂ ବିକ୍ଷେପାଖ୍ୟା ରଜସଃ ଶକ୍ତିର୍ବ୍ୟଥୟତି ।୧୪୨।

ଅନାତ୍ମ ବସ୍ତୁ ଅଟଇ ଦେହ ଆଦି ଜାଣ । ସେ ଦେହେ ହୁଅଇ ଯାର "ଅହଂ" ବସ୍ତୁଜ୍ଞାନ[୧] ॥
ସେହି ଅହଂ ବୁଦ୍ଧି ଅଟେ ଦେହୀର ବନ୍ଧନ । ତାହାହିଁ ଜନ୍ମମରଣ କ୍ଲେଶର କାରଣ ॥

ତନ୍ତୁ-କୀଟ-କୋଷ[୨]ପ୍ରାୟ ଅସତ୍ୟ ଶରୀରେ । ସତ୍ୟ ବୋଲି ସେ ପୁରୁଷେ ମଣନ୍ତି ଭ୍ରାନ୍ତିରେ ॥
ପୋଷଣ ପାଳନ ତେଣୁ କରନ୍ତି ଯତନେ । ବିବେକ ବର୍ଜ୍ଜିତେ ପଡ଼ି ଅଜ୍ଞାନ-ବନ୍ଧନେ ॥

ତମଗୁଣଯୁକ୍ତ ମୂଢ଼ ବିବେକ ଅଭାବେ । ଅନାତ୍ମଦେହରେ ଆତ୍ମବୁଦ୍ଧି ତା ସମ୍ଭବେ ॥
ତେଣୁ ଅନର୍ଥସମୂହ ହୁଏ ନିପତିତ । ଅସତ୍ୟଗ୍ରହଣେ ବନ୍ଧା ହୁଏ ସେ ନିଶ୍ଚିତ ॥
ସର୍ପେ ରଜ୍ଜୁଜ୍ଞାନ କରି ଧରନ୍ତେ ଯେସନେ । ହେ ସଖେ ! ପଡ଼ଇ ନର ବିପଦ ବଦନେ ॥

ଅନନ୍ତ ବିଭବଶାଳୀ ଅଖଣ୍ଡ ଅଦ୍ୱୟ । ଅଟଇ ଯେ ଆତ୍ମା ନିତ୍ୟ ଜ୍ଞାନ ଜ୍ୟୋତିର୍ମୟ ॥
ସେ ଆତ୍ମାକୁ ତମୋମୟୀ-ଶକ୍ତି-ଆବରଣ । କରନ୍ତି ଆବୃତ, ରାହୁ ସୂର୍ଯ୍ୟକୁ ଯେସନ ।୧୪୧।

ଅତ୍ୟନ୍ତ ବିମଳ ତେଜୋମୟ ଆତ୍ମାଭାବ । ଛାଡ଼ି ଅଜ୍ଞାନେ ଯେ ଦେହେ କରେ ଅହଂଭାବ ॥
ବିକ୍ଷେପ ନାମେ ଶକତି ରଜୋଗୁଣୁ ଜାତ । ବିଶେଷ ପ୍ରଭାବ ତାର ଜଗତେ ବିଖ୍ୟାତ ॥
ସେ ମହାଶକତି କାମକ୍ରୋଧାଦି ବନ୍ଧନେ । ତାହାକୁ ବ୍ୟଥିତ କରୁଥାଏ ଅନୁଦିନେ ।୧୪୨।

୧—ଦେହ ଆଦି ଅନାତ୍ମ ବସ୍ତୁକୁ ଆତ୍ମା ଅର୍ଥାତ୍ ଅହଂ ବୋଲି ଜ୍ଞାନ କରିବା ।
୨—ମାକଡ଼ସା ଜାଲ ।

ମହାମୋହଗ୍ରାହଗ୍ରସନଗଳିତାତ୍ମାବଗମନୋ
ଧିୟୋ ନାନାବସ୍ଥାଃ ସ୍ୱୟମଭିନୟଂସ୍ତଦ୍‌ଗୁଣତୟା ।
ଅପାରେ ସଂସାରେ ବିଷୟବିଷପୂରେ ଜଳନିଧୌ
ନିମଜ୍ଜ୍ୟୋନ୍ମଜ୍ଜ୍ୟାୟଂ ଭ୍ରମତି କୁମତିଃ କୁତ୍ସିତଗତିଃ ।୧୪୩।

ଭାନୁପ୍ରଭାସଞ୍ଜନିତାଭ୍ରପଂକ୍ତିର୍ଭାନୁଂ ତିରୋଧାୟ ବିଜୃମ୍ଭତେ ଯଥା ।
ଆତ୍ମୋଦିତାହଙ୍କୃତିରାତ୍ମତତ୍ତ୍ୱଂ ତଥା ତିରୋଧାୟ ବିଜୃମ୍ଭତେ ସ୍ୱୟମ୍ । ୧୪୪ ।

କବଳିତ ଦିନନାଥେ ଦୁର୍ଦ୍ଦିନେ ସାନ୍ଦ୍ରମେଘୈ—
ର୍ବ୍ୟଥୟତି ହିମ ଝଞ୍ଜାବାୟୁ ରୁଗ୍ରୋ ଯଥୈତାନ୍ ।
ଅବିରତ ତମସାତ୍ମନ୍ୟାବୃତେ ମୂଢ଼ବୁଦ୍ଧିଂ,
କ୍ଷପୟତି ବହୁଦୁଃଖୈ ସ୍ତୀବ୍ରବିକ୍ଷେପଶକ୍ତିଃ । ୧୪୫ ।

ଏତାଭ୍ୟାମେବ ଶକ୍ତିଭ୍ୟାଂ ବନ୍ଧଃ ପୁଂସଃ ସମାଗତଃ ।
ଯାଭ୍ୟାଂ ବିମୋହିତୋ ଦେହଂ ମତ୍ୱାତ୍ମାନଂ ଭ୍ରମତ୍ୟୟମ୍ । ୧୪୬ ।

ବୀଜଂ ସଂସୃତିଭୂମିଜସ୍ୟ ତୁ ତମୋ ଦେହାତ୍ମଧୀରଙ୍କୁରୋ ରାଗଃ ପଲ୍ଲବମମ୍ବୁ କର୍ମ ତୁ
ବପୁଃ ସ୍କନ୍ଧୋଽସବଃ ଶାଖିକାଃ । ଅଗ୍ରାଣୀନ୍ଦ୍ରିୟସଂହତିଶ୍ଚ ବିଷୟାଃ ପୁଷ୍ପାଣି ଦୁଃଖଂ ।
ଫଳଂ ନାନାକର୍ମସମୁଦ୍ଭବଂ ବହୁବିଧଂ ଭୋକ୍ତାତ୍ର ଜୀବଃ ଖଗଃ । ୧୪୭ ।

ଆତ୍ମଜ୍ଞାନରୁ ସ୍ଖଳିତ ହୁଏ ଯେବେ ଜନ । ମହାମୋହ-ନକ୍ରମୁଖେ ୧ ପଡ଼େ ସେ ବହନ ॥
ନିଜ ବୁଦ୍ଧି ମତେ କରି ନାନା ଅଭିନୟ । କୁମତି, କୁତ୍ସିତ-ଗତି ହୁଏ ସେ ନିଶ୍ଚୟ ॥
ବିଷୟ-ବିଷପୂରିତ ଅପାର ସଂସାର । ସାଗରେ ବୁଡ଼ି ଭ୍ରମଣ କରେ ବାରବାର ।୧୪୩।
ରବିକରୁଁ ଜନ୍ମି ଯେସନେ ଜଳଧରଗଣ । ସେ ରବିକୁ ଢାଙ୍କି ଥାଏ ଆଚ୍ଛାଦି ଗଗନ ॥
ତେସନେ ଅହଙ୍କାର ହୋଇ ଆତ୍ମାଠୁ ଜାତ । ଆତ୍ମତତ୍ତ୍ୱକୁ ଘୋଡ଼ାଇ ସ୍ୱୟଂ ହୁଏ ଖ୍ୟାତ ॥
ଦୁର୍ଦ୍ଦିନେ ୨ ନିବିଡ଼ ମେଘ ଲୁଚାଇ ତପନ । ହିମଝଞ୍ଜାବାତ ବ୍ୟସ୍ତ କରଇ ଯେସନ ॥
ସେ ମେଘମାଳାକୁ, ତଥା ସଦା ତମଗୁଣ । ଆତ୍ମାକୁ ଆବୃତ କରେ ଯେ ଲୋକର ପୁଣି ॥
ସେ ମୂଢ଼ ଲୋକକୁ ତୀବ୍ର ବିକ୍ଷେପ ଶକତି । ନାନା ଦୁଃଖରେ ପକାଇ ଦିଏ କଷ୍ଟ ଅତି ।୧୪୫।
ସେ ବିକ୍ଷେପ ଶକ୍ତି ସେହି ମୋହ ଆବରଣ । ଏ ଦୁହିଁ ଯୋଗେ ଘଟଇ ଲୋକର ବନ୍ଧନ ॥
ବିମୋହିତ ହୋଇ ଲୋକେ ସେ ଶକତି ବଳେ । ଦେହକୁ ଆତ୍ମା ବିଚାରି ଭ୍ରମନ୍ତି ସକଳେ
ସଂସାର-ବୃକ୍ଷର ବୀଜ ଅଟଇ ତମ ଗୁଣ । ଦେହେ ଆତ୍ମା ଜ୍ଞାନ ତାର ଅଙ୍କୁରଟି ପୁଣ ।
ଅନୁରାଗତା ପଲ୍ଲବ କର୍ମ ଜଳ ଦାନ । ଶରୀର ସ୍କନ୍ଧ ଶାଖାଦି ପଞ୍ଚବାୟୁ ଜାଣ ॥
ସେ ବୃକ୍ଷର ଅଗ୍ରଭାଗ ଇନ୍ଦ୍ରିୟ ନିଚୟ । ପୁଷ୍ପ ଅଟଇ ଆବର ସକଳ ବିଷୟ ॥
ନାନାକର୍ମଜାତ ଦୁଃଖ ସେ ବୃକ୍ଷର ଫଳ । ଫଳଭୋଗୀ ପକ୍ଷୀ ଏହି ଜୀବଟି କେବଳ । ୧୪୭ ।

୧—ମୋହରୂପୀ କୁମ୍ଭୀର ମୁହଁରେ ।
୨ ବର୍ଷା ଦିନରେ ।

ଅଜ୍ଞାନମୂଳୋଽୟମନାତ୍ମବନ୍ଧୋ ନୈସର୍ଗିକୋଽନାଦିରନନ୍ତ ଈରିତଃ ।
ଜନ୍ମାପ୍ୟୟବ୍ୟାଧିଜରାଦିଦୁଃଖପ୍ରବାହପାତଂ ଜନୟତ୍ୟମୁଷ୍ୟ । ୧୪୮ ।
ନାସ୍ତ୍ରୈର୍ନ ଶାସ୍ତ୍ରୈରନିଲେନ ବହ୍ନିନା ଛେତ୍ତୁଂ ନ ଶକ୍ୟୋ ନ ଚ କର୍ମକୋଟିଭିଃ ।
ବିବେକବିଜ୍ଞାନମହାସିନା ବିନା ଧାତୁଃ ପ୍ରସାଦେନ ଶିତେନ ମଞ୍ଜୁନା । ୧୪୯ ।
ଶ୍ରୁତିପ୍ରମାଣୈକମତେଃ ସ୍ୱଧର୍ମନିଷ୍ଠା ତୟୈବାତ୍ମବିଶୁଦ୍ଧିରସ୍ୟ ।
ବିଶୁଦ୍ଧବୁଦ୍ଧେଃ ପରମାତ୍ମବେଦନଂ ତେନୈବ ସଂସାରସମୂଲନାଶଃ ।୧୫୦।
କୋଶୈରନ୍ନମୟାଦ୍ୟୈଃ ପଞ୍ଚଭିରାତ୍ମା ନ ସଂବୃତୋ ଭାତି ।
ନିଜଶକ୍ତିସମୁତ୍ପନ୍ନୈଃ ଶୈବାଳପଟଳୈରିବାମ୍ବୁ ବାପୀସ୍ଥମ୍ ।୧୫୧।
ତଚ୍ଛୈବାଳାପନୟେ ସମ୍ୟକ୍ ସଲିଲଂ ପ୍ରତୀୟତେ ଶୁଦ୍ଧମ୍ ।
ତୃଷ୍ଣାସନ୍ତାପହରଂ ସଦ୍ୟଃ ସୌଖ୍ୟପ୍ରଦଂ ପରଂ ପୁଂସଃ ।୧୫୨।
ପଞ୍ଚାନାମପି କୋଶାନାମପବାଦେ ବିଭାତ୍ୟୟଂ ଶୁଦ୍ଧଃ ।
ନିତ୍ୟାନନ୍ଦୈକରସଃ ପ୍ରତ୍ୟଗ୍ରୂପଃ ପରଂ ସ୍ୱୟଂଜ୍ୟୋତିଃ ।୧୫୩।
ଆତ୍ମାନାତ୍ମବିବେକଃ କର୍ତ୍ତବ୍ୟୋ ବନ୍ଧମୁକ୍ତୟେ ବିଦୁଷା ।
ତେନୈବାନନ୍ଦୀଭବତି ସ୍ୱଂ ବିଜ୍ଞାୟ ସଚ୍ଚିଦାନନ୍ଦମ୍ ।୧୫୪।

ଏ ଅନାତ୍ମ-ବନ୍ଧନର ମୂଳଟି ଅଜ୍ଞାନ । ନାହିଁ ତାର ଆଦି ଅନ୍ତ ସ୍ୱଭାବରେ ଜାଣ ॥
ଜନମ ମରଣ ବ୍ୟାଧି ଜରାଦି(୧) କଷଣ । ସେହି ଅନାତ୍ମ-ବନ୍ଧନୁ ହୁଏ ଉତପନ୍ନ । ୧୪୮ ।
ଶସ୍ତ୍ରରେ ଶାସ୍ତ୍ରରେ କିବା ଅନଳ ଅନିଳେ(୨) । ଛେଦ ନୁହେ ସେ ବନ୍ଧନେ କୋଟିକର୍ମ କଲେ ॥
କେବଳ ବିବେକ-ଜ୍ଞାନ-ସୁତୀକ୍ଷ୍ଣ ଖଡ୍ଗରେ । ପ୍ରଭୁଙ୍କ କରୁଣା ହେଲେ ଛିଣ୍ଡେ ଯାଇ ତାରେ ॥
ଶ୍ରୁତି ପ୍ରମାଣକୁ ଯେହୁ ବିଶ୍ୱାସ କରଇ । ଆପଣା ଧରମେ ତାର ଶରଧା ଜନ୍ମଇ ॥
ସ୍ୱଧର୍ମନିଷ୍ଠାର ବୁଦ୍ଧି ଶୁଦ୍ଧ ହୁଏ ଜାଣି । ବୁଦ୍ଧି ଶୁଦ୍ଧ ହେଲେ ଜନ୍ମେ ପରମାତ୍ମଜ୍ଞାନ ॥
ସଂସାରର ମୂଳହେତୁ ଅଜ୍ଞାନ ସକଳ । ପରମାତ୍ମ ଜ୍ଞାନ ହେଲେ ତୁଟଇ କେବଳ ।୧୫୦।
ଅନ୍ନମୟ ଆଦି ପଞ୍ଚକୋଷେ(୩) ଆଚ୍ଛାଦିତ । ହୋଇଥିବା ହେତୁ ଆତ୍ମା ନୁହେ ପ୍ରକାଶିତ ॥
ବାପୀଜଳ ଶୈବାଳରାଶି ଆବରଣେ । ଲୋକନୟନେ ପ୍ରକାଶ ନ ପାଏ ଯେସନେ ।୧୫୧।
ସେ ଶୈବାଳ କାଢ଼ିନେଲେ ନିର୍ମଳ ଶୀତଳ । ଦିଶେ ସଦ୍ୟ ସୁଖଦ ତୃଷାହର ଜଳ ॥
ପଞ୍ଚକୋଷ ଆବରଣ ମୁକ୍ତିଲେ ସେରୂପ । ପ୍ରକାଶଇ ଶୁଦ୍ଧନିତ୍ୟ ଆନନ୍ଦସ୍ୱରୂପ ॥
ପ୍ରତ୍ୟଗାତ୍ମା ସ୍ୱୟଂଜ୍ୟୋତି ସଦା ଏକରସ । (ସଂସାର-ଉତ୍କଟ-ବିଷହାରି-ସୁଧାରସ) ।୧୫୩।
ବନ୍ଧନମୁକତି ଲାଗି ଯେ ଜ୍ଞାନ-ନିଚୟ । ଆତ୍ମା ଅନାତ୍ମ ବିବେକ କରନ୍ତୁ ନିଶ୍ଚୟ ॥
ସଚ୍ଚିଦାନନ୍ଦସ୍ୱରୂପ ସ୍ୱାତ୍ମଜ୍ଞାନବାନ । ହୋଇଣ ଆନନ୍ଦମୟ ସେ ହୁଅନ୍ତି ଜାଣ ।୧୫୪।

---

(୧) ବୃଦ୍ଧତ୍ୱାଦି, ବାର୍ଦ୍ଧକ୍ୟାଦି ।
(୨) ବାୟୁଦ୍ୱାରା, (୩)—ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଆନନ୍ଦମୟ ।

ମୁଞ୍ଜାଦୀଷିକାମିବ ଦୃଶ୍ୟବର୍ଗାତ୍ ପ୍ରତ୍ୟଞ୍ଚମାତ୍ମାନ ମସଙ୍ଗମକ୍ରିୟମ୍ ।
ବିବିଚ୍ୟ ତତ୍ର ପ୍ରବିଲାପ୍ୟ ସର୍ବଂ ତଦାତ୍ମନା ତିଷ୍ଠତି ଯଃ ସ ମୁକ୍ତଃ ।୧୫୫।
ଦେହୋଽୟମନ୍ନଭବନୋଽନ୍ନମୟସ୍ତୁ କୋଷଶ୍ଚାନ୍ନେନ ଜୀବତି ବିନଶ୍ୟତି ତଦ୍ବିହୀନଃ ।
ତ୍ୱକ୍ଚର୍ମମାଂସରୁଧିରାସ୍ଥିପୁରୀଷରାଶିର୍ନାୟଂ ସ୍ୱୟଂ ଭବିତୁମର୍ହତି ନିତ୍ୟଶୁଦ୍ଧଃ ।୧୫୬।
ପୂର୍ବଂ ଜନେରପି ମୃତେରଥ ନାୟମସ୍ତି ଜାତକ୍ଷଣଃ କ୍ଷଣଗୁଣୋଽନିୟତସ୍ୱଭାବଃ ।
ନୈକୋ ଜଡଶ୍ଚ ଘଟବତ୍ ପରିଦୃଶ୍ୟମାନଃ ସ୍ୱାତ୍ମା କଥଂ ଭବତି ଭାବବିକାରବେତ୍ତା ।୧୫୭।
ପାଣିପାଦାଦିମାନ୍ ଦେହୋ ନାତ୍ମା ବ୍ୟଙ୍ଗେଽପି ଜୀବନାତ୍ ।
ତତ୍ତଚ୍ଛକ୍ତେରନାଶାଚ୍ଚ ନ ନିୟମ୍ୟୋ ନିୟାମକଃ । ୧୫୮ ।
ଦେହତଦ୍ଧର୍ମତତ୍କର୍ମ ତଦବସ୍ଥାଦିସାକ୍ଷିଣଃ ।
ସ୍ୱତ ଏବ ସ୍ୱତଃସିଦ୍ଧଂ ତଦ୍ୱୈଲକ୍ଷଣ୍ୟମାତ୍ମନଃ । ୧୫୯ ।
ଶଲ୍ୟରାଶିର୍ମାଂସଲିପ୍ତୋ ମଲପୂର୍ଣ୍ଣୋଽତିକଶ୍ମଳଃ ।
କଥଂ ଭବେଦୟଂ ବେତ୍ତା ସ୍ୱୟମେତଦ୍ୱିଲକ୍ଷଣଃ । ୧୬୦।

ଈଷିକା ମୁଞ୍ଜତୃଣରୁ ରହଇ ଯେସନେ । ଦୃଶ୍ୟ ବର୍ଗ ମଧ୍ୟେ ଆତ୍ମା ପୃଥକ ତେସନେ ॥
ସେ ଦୃଶ୍ୟବର୍ଗୁଁ ଆତ୍ମାକୁ ଅସଙ୍ଗ ଅକ୍ରିୟ । ପ୍ରତ୍ୟକ ବୋଲିଣ କରି ହୃଦୟେ ନିଶ୍ଚୟ ॥
ସକଳ ବସ୍ତୁର ଲୟ କରି ତାହା ପ୍ରତି । ତତ୍ସ୍ୱରୂପେ ରହେ ସେହି ଲଭଇ ମୁକତି ।୧୫୫।
ଏ ଦେହ ଅନ୍ନରୁ ଜାତ ହୋଇଅଛି ଯେଣୁ । ଅନ୍ନମୟକୋଷ ତାର ନାମ ଅଟେ ତେଣୁ ॥
ଜୀବିତ ରହଇ ଅନ୍ନ ରସ ଯୋଗେ ସିନା । ବିନାଶ ଲଭଇ ସେହି ଅନ୍ନ ରସ ବିନା ॥
ଚର୍ମମାଂସ ରକ୍ତ ଅସ୍ଥି ବିଷ୍ଠାମୟ ତାହି । ନିତ୍ୟ ଶୁଦ୍ଧ ସ୍ୱୟଂ ଆତ୍ମା ସେ ହୋଇବ କାହିଁ ? ॥
ଜନ୍ମ ପୂର୍ବେ ଥିଲା ପୁଣି ଅଛି ମୃତ୍ୟୁ ପରେ । କ୍ଷଣେ କ୍ଷଣେ ନାନାଗୁଣ ଯାହା ଜାତ କରେ ॥
ଅନେକ ଜଡ଼ ଅସ୍ଥିର ସ୍ୱଭାବେ ଅଛାୟୀ । ଘଟପ୍ରାୟ ଦୃଶ୍ୟମାନ ଯେତେକ ଅଟଇ ॥
ସେହି ଅନ୍ନମୟ କୋଷ ଆତ୍ମା କିପ୍ରକାରେ-ହେବ ? ଯେ ଆତ୍ମ ବିଜ୍ଞାନସ୍ୱଭାବ ବିକାରର ॥
କରଚରଣ ଇତ୍ୟାଦି ଦେହର ଅଛଇ । ଅଙ୍ଗପ୍ରତ୍ୟଙ୍ଗରହିତ ଆତ୍ମାଟି ଅଟଇ ॥
ନ ଥିଲେହେଁ ପାଦପାଣି ଜୀବନଯାବତ । କରପଦାଦି ଶକ୍ତିର ଅନାଶ ବିଶଦ ।
କାହାର ନିୟମାଧୀନ ସେ ଆତ୍ମା ନୁହଇ । ସମସ୍ତଙ୍କ ନିୟାମକ ❋ ବିଶେଷେ ଅଟଇ ।୧୫୮।
ଧର୍ମ କର୍ମ ଅବସ୍ଥାଦି ଯେ ଅଛି ଦେହର । ଆତ୍ମାଟି ଅଟଇ ସାକ୍ଷୀ ଦେହର ଆବର ॥
ଦେହ ଓ ଦେହ ଧର୍ମାଦି ଦୃଶ୍ୟବସ୍ତୁ ଜାଣ । ଦର୍ଶକ ଅଟଇ ଏକା ଆତ୍ମା ବିଦ୍ୟମାନ ॥
ଏରୂପେ ଦେହ ଆତ୍ମାର ଭେଦ ବିଲକ୍ଷଣ । ସ୍ୱତଃସିଦ୍ଧ ହୋଇଅଛି ହେ ପ୍ରିୟ ଶିଷ୍ୟମଣ ।
ମାଂସଲିପ୍ତ ଶଲ୍ୟରାଶି ଅତ୍ୟନ୍ତ କଶ୍ମଳ† । ଆବର ପୂରିଛି ଯହିଁ ସଦା ମୂତ୍ରମଳ ॥
ସେ ଦେହର ବିଲକ୍ଷଣ ଆତ୍ମା ଯେଣୁ ଜାଣେ । କହ ତେବେ ଦେହ, ଆତ୍ମା ହେବ କି ପ୍ରମାଣେ?
ଚର୍ମମାଂସ ମେଦ ଅସ୍ଥି ବିଷ୍ଠାରାଶି ଦେହେ । ମୂଢ଼ଜନେ ଅହଂବୁଦ୍ଧି‡ କରଥାନ୍ତି ସ୍ନେହେ ॥

❋ ପରିଚାଳକ । † ଅତ୍ୟନ୍ତ ମଳାବୃତ ।
‡ ଆମ୍ଭ ବୋଲି ଜ୍ଞାନ କରିବା ।

ତ୍ୱଙ୍ମାଂସମେଦୋଽସ୍ଥି ପୁରୀଷରାଶୌ ଅହଂମତିଂ ମୂଢଜନଃ କରୋତି ।
ବିଲକ୍ଷଣଂ ବେତ୍ତି ବିଚାରଶୀଳୋ ନିଜସ୍ୱରୂପଂ ପରମାର୍ଥଭୂତମ୍ । ୧୬୧ ।

ଦେହୋଽହମିତ୍ୟେବ ଜଡସ୍ୟ ବୁଦ୍ଧିର୍ଦେହେ ଚ ଜୀବେ ବିଦୁଷସ୍ତ୍ୱହଂଧୀଃ ॥
ବିବେକବିଜ୍ଞାନବତୋ ମହାତ୍ମନୋ ବ୍ରହ୍ମାହମିତ୍ୟେବ ମତିଃ ସଦାତ୍ମନି ।୧୬୨।

ଅତ୍ରାତ୍ମବୁଦ୍ଧିଂ ତ୍ୟଜ ମୂଢବୁଦ୍ଧେ ! ତ୍ୱଙ୍ମାଂସ ମେଦୋଽସ୍ଥିପୁରୀଷରାଶୌ ।
ସର୍ବାତ୍ମନି ବ୍ରହ୍ମଣି ନିର୍ବିକଳ୍ପେ କୁରୁଷ୍ୱ ଶାନ୍ତିଂ ପରମାଂ ଭଜସ୍ୱ । ୧୬୩ ।

ଦେହେନ୍ଦ୍ରିୟାଦାବସତି ଭ୍ରମୋଦିତାଂ ବିଦ୍ୱାନହନ୍ତାଂ ନ ଜହାତି ଯାବତ୍ ।
ତାବନ୍ନ ତସ୍ୟାସ୍ତି ବିମୁକ୍ତିବାର୍ତ୍ତାପ୍ୟସ୍ତ୍ୱେଷ ବେଦାନ୍ତନୟାନ୍ତଦର୍ଶୀ । ୧୬୪ ।

ଛାୟାଶରୀରେ ପ୍ରତିବିମ୍ବଗାତ୍ରେ ଯତ୍ ସ୍ୱପ୍ନଦେହେ ହୃଦି କଳ୍ପିତାଙ୍ଗେ ।
ଯଥାତ୍ମବୁଦ୍ଧିସ୍ତବ ନାସ୍ତି କାଚିଜ୍ଜୀବଚ୍ଛରୀରେ ଚ ତଥୈବ ମାସ୍ତୁ । ୧୬୫ ।

ଦେହାତ୍ମଧୀରେବ ନୃଣାମସଦ୍ଧିୟାଂ ଜନ୍ମାଦି ଦୁଃଖପ୍ରଭବସ୍ୟ ବୀଜମ୍ ।
ଯତସ୍ତତସ୍ତ୍ୱଂ ଜହି ତାଂ ପ୍ରଯତ୍ନାତ୍ ତ୍ୟକ୍ତେ ତୁ ଚିତ୍ତେ ନ ପୁନର୍ଭବାଶା । ୧୬୬ ।

କର୍ମେନ୍ଦ୍ରିୟୈଃ ପଞ୍ଚଭିରଞ୍ଚିତୋଽୟଂ ପ୍ରାଣୋ ଭବେତ୍ ପ୍ରାଣମୟସ୍ତୁ କୋଶଃ ।
ଯେନାତ୍ମବାନନ୍ନମୟୋଽନ୍ନପୂର୍ଣ୍ଣଃ ପ୍ରବର୍ତ୍ତତେଽସୌ ସକଳକ୍ରିୟାସୁ । ୧୬୭ ।

ବିଚାରଶୀଳ ବ୍ୟକ୍ତିଏ ଦେହ ବିଲକ୍ଷଣ । ପରମାର୍ଥଭୂତ ନିଜ ସ୍ୱରୂପ ଜାଣିଣ ॥
ଦେହକୁ କଦାପି ଆତ୍ମାବୋଲି ନ ମଣନ୍ତି । ସଂସାର ମୋହରେ ତେଣୁ ସେହି ନ ଭୁଲନ୍ତି ।
ଦେହକୁ ଅହଂ ବୋଲିଣ ଜଡ଼ ଭାବେ ଶଠେ । ଦେହ ଓ ଜୀବକୁ ଅହଂ ମଣନ୍ତି ପଣ୍ଡିତେ
ବିବେକ-ବିଜ୍ଞାନ-ବନ୍ତ ମହାତ୍ମା ସକଳ । ଦେହାତ୍ମାରେ ମଣିଥାନ୍ତି "ବ୍ରହ୍ମାହଂ" କେବଳ ॥
ଚର୍ମ ମାଂସ ଅସ୍ଥି ବିଷ୍ଠା ପୂର୍ଣ୍ଣ ଏ ଦେହରେ । ଆତ୍ମବୁଦ୍ଧି ପରିତ୍ୟାଗ କର ମୂଢ଼ ନରେ ।
ନିର୍ବିକଳ୍ପ ସର୍ବ ଆତ୍ମାବ୍ରହ୍ମ ସେ ଦେହରେ । ଆତ୍ମ ବୁଦ୍ଧି ସ୍ଥାପି ରହ ପରମ ସୁଖରେ ।୧୬୩।
କେବଳ ବେଦାନ୍ତ-ତତ୍ତ୍ୱଦର୍ଶୀ-ସୁବିଦ୍ୱାନ । ଦେହ ଇନ୍ଦ୍ରିୟ ଆଦିରେ ଥାଇ ଅହଂ ଜ୍ଞାନ ।
ଯେତେଦିନଯାଏ ସେହି ଛାଡ଼ି ନ ପାରଇ । ତାବତ ତାହାର ମୁକ୍ତିଲାଭ ନ ହୁଅଇ ।୧୬୪।
ପ୍ରତିବିମ୍ବ ଦେହେ ଅବା ଛାୟା କଳେବରେ । ସ୍ୱପ୍ନଦୃଷ୍ଟ ଗାତ୍ରେ କିମ୍ବା କଳ୍ପିତ ଅଙ୍ଗରେ ॥
ଏ ସର୍ବ ଶରୀରେ ନୁହେ ଆତ୍ମବୁଦ୍ଧି ଯଥା । ଜୀବନ୍ତ ଶରୀରେ ସୁଦ୍ଧା ନୋହୁ ତଦ୍ୱତଥା ॥
ଅସଦ୍‌ବୁଦ୍ଧି ନରଙ୍କର ଦେହେ ଆତ୍ମଜ୍ଞାନ । ଅଟଇ ଜନ୍ମାଦି ଦୁଃଖ ଜନ୍ମର କାରଣ ॥
ଏ ଦେହ ତତ୍‌ଜ୍ଞାନ ତେଣୁ ଛାଡ଼ ଯତ୍ନ କରି । ତେବେ ପୁନର୍ଜନ୍ମ ଭୟ ନଥିବ ତୁମ୍ଭର ॥
ପଞ୍ଚ କର୍ମେନ୍ଦ୍ରିୟ ସଙ୍ଗେ ମିଳି ପଞ୍ଚପ୍ରାଣ । ପ୍ରାଣମୟ କୋଷ ନାମ ଲଭନ୍ତି ସେ ଜାଣ ॥
ଯେହ୍ନ ପ୍ରାଣମୟ କୋଷ ଯୁକତା ଅଟଇ । ଅନ୍ନମୟ କୋଷ ସର୍ବକ୍ରିୟା ସମ୍ପାଦଇ । ୧୬୭ ।

ନୈବାତ୍ମାପି ପ୍ରାଣମୟୋ- ବାୟୁବିକାରୋ ଗନ୍ତାଗନ୍ତା ବାୟୁବଦନ୍ତର୍ବହିରେଷଃ ।
ଯସ୍ମାତ୍ କିଞ୍ଚିତ୍ କ୍ୱାପି ନ ବେତ୍ତୀଷ୍ଟମନିଷ୍ଟଂ ସ୍ୱଂ ବାନ୍ୟଂ ବା କିଞ୍ଚନ ନିତ୍ୟଂ ପରତନ୍ତ୍ରଃ ॥
ଜ୍ଞାନେନ୍ଦ୍ରିୟାଣି ଚ ମନଶ୍ଚ ମନୋମୟଃ ସ୍ୟାତ୍ କୋଷୋ ମମାହମିତି ବସ୍ତୁବିକଳ୍ପହେତୁଃ
ସଂଜ୍ଞାଦିଭେଦକଳନାକଳିତୋ ବଲୀୟାଂସ୍ତତ୍ପୂର୍ବକୋଷମଭିପୂର୍ଯ୍ୟ ବିଜୃମ୍ଭତେ ଯଃ ।
ପଞ୍ଚେନ୍ଦ୍ରିୟୈଃ ପଞ୍ଚଭିରେବ ହୋତୃଭିଃ ପ୍ରଚୀୟମାନୋ ବିଷୟାଜ୍ୟଧାରୟା ॥
ଜାଜ୍ୱଲ୍ୟମାନୋ ବହୁବାସନେନ୍ଧନୈର୍ମନୋମୟାଗ୍ନିର୍ଦହତି ପ୍ରପଞ୍ଚମ୍ । ୧୭୦ ।
ନ ହ୍ୟସ୍ତ୍ୟବିଦ୍ୟା ମନସୋଽତିରିକ୍ତା ମନୋ ହ୍ୟବିଦ୍ୟା ଭବବନ୍ଧହେତୁଃ ।
ତସ୍ମିନ୍ ବିନଷ୍ଟେ ସକଲଂ ବିନଷ୍ଟଂ ବିଜୃମ୍ଭିତେଽସ୍ମିନ୍ ସକଲଂ ବିଜୃମ୍ଭତେ । ୧୭୧ ।
ସ୍ୱପ୍ନେଽର୍ଥଶୂନ୍ୟେ ସୃଜତି ସ୍ୱଶକ୍ତ୍ୟା ଭୋକ୍ତ୍ରାଦି ବିଶ୍ୱଂ ମନ ଏବ ସର୍ବମ୍ ।
ତଥୈବ ଜାଗ୍ରତ୍ୟପି ନୋ ବିଶେଷସ୍ତତ୍ ସର୍ବମେତନ୍ମନସୋ ବିଜୃମ୍ଭଣମ୍ । ୧୭୨ ।
ସୁଷୁପ୍ତିକାଳେ ମନସି ପ୍ରଲୀନେ ନୈବାସ୍ତି କିଞ୍ଚିତ୍ ସକଲ ପ୍ରସିଦ୍ଧେଃ ।
ଅତୋ ମନଃକଳ୍ପିତ ଏବ ପୁଂସଃ ସଂସାର ଏତସ୍ୟ ନ ବସ୍ତୁତୋଽସ୍ତି । ୧୭୩ ।

ବାୟୁ ପରି ଆତ୍ମା ସର୍ବ ପ୍ରାଣିଙ୍କ ଦେହରେ । ସ୍ୱାଧୀନ ଭାବରେ ସଦା ଗତାୟାତ କରେ ॥
ପ୍ରାଣମୟ କୋଷ ଯେଣୁ ବାୟୁର ବିକାର । ତେଣୁ ତାକୁ ଆତ୍ମା ବୋଲି ନ କର ବିଚାର
ଆତ୍ମାର ଅଧୀନ ପ୍ରାଣମୟ କୋଷ ଜାଣ । ଇଷ୍ଟ ଅନିଷ୍ଟ ବା ନିଜ ପର ନାହିଁ ଜ୍ଞାନ ।୧୬୮।
ମିଳି ପଞ୍ଚଜ୍ଞାନେନ୍ଦ୍ରିୟ ସହିତ ସେ ମନ । ମନୋମୟ କୋଷ ନାମ କରନ୍ତି ଧାରଣ ॥
'ମମ' 'ଅହଂ' ଆଦି ବସ୍ତୁ ବିକଳ୍ପ କାରଣ । ମନୋମୟ କୋଷ ସିନା ଅଟଇ ସୁଜନ ॥
ମନୋମୟ କୋଷ ନାମ ମାତ୍ର ଭିନ୍ନ ବହି । ପ୍ରାଣମୟ କୋଷେ ପୂର୍ଣ୍ଣ କରି ପ୍ରକାଶଇ ॥
ପୁଣି ପଞ୍ଚେନ୍ଦ୍ରିୟ ପଞ୍ଚହୋତା[1] ପରକାରେ । କରେ ନିକ୍ଷେପ ବିଷୟ ରୂପ ଘୃତ ଧାରେ ॥
ମନୋମୟାନଳେ, ତେଣୁ ହୁଏ ବର୍ଦ୍ଧମାନ । ବହୁ ବାସନା ତହିଁକି ଇନ୍ଧନ[2] ସମାନ ॥
ଲଭଣି ଜାଜ୍ୱଲ୍ୟମାନ ହୋଇ ସେ ଦହନ[3] । ଏ ନିଖିଳ ପ୍ରପଞ୍ଚକୁ କରଇ ଦହନ ॥
ମନଠାରୁ ଭିନ୍ନ ନାହିଁ ଅବିଦ୍ୟା ଅପର । ମନହିଁ ଅବିଦ୍ୟା ହେତୁ ଭବବନ୍ଧନର ॥
ମନର ବିନାଶେ ସର୍ବ ବିନାଶ ଲଭଇ । ମନର ବିକାଶେ ସର୍ବ ବିଶ୍ୱ ପ୍ରକାଶଇ । ୧୭୧ ।
ନ ଥାଏ ବାହ୍ୟବିଷୟ ସ୍ୱପ୍ନ ଅବସ୍ଥାରେ । ସୃଜଇ ସେକାଳେ ମନ ନିଖିଳ ସଂସାରେ ॥
ନିଜ ଶକତି ପ୍ରଭାବେ ଭୋଗାଦି ସକଳ । ଜାଗ୍ରତରେ ସେହି ମନ ପ୍ରକାଶେ କେବଳ ॥
ଏହିପରି ଦୃଶ୍ୟମାନ ଚରାଚର ଯେଣୁ । ସ୍ୱପ୍ନେ ବା ଜାଗ୍ରତେ ନାହିଁ ବିଶେଷତ୍ୱ ତେଣୁ ॥
ସୁଷୁପ୍ତିରେ ଯେବେ ମନ ବିଲୀନ ହୁଅଇ । ସେକାଳେ ନାମ ରୂପାଦି କିଛି ନ ରହଇ ॥
ମନର କଳ୍ପିତ ଏହି ସଂସାର ସକଳ । ବାସ୍ତବରେ ସାର କିଛି ନାହିଁନ କେବଳ । ୧୭୩ ।

---

୧ ହୋମକର୍ତ୍ତା । ୨ କାଷ୍ଠ । ୩ ଅଗ୍ନି ।

ବାୟୁନାନୀୟତେ ମେଘଃ ପୁନସ୍ତେନୈବ ନୀୟତେ ।
ମନସା କଲ୍ପ୍ୟତେ ବନ୍ଧୋ ମୋକ୍ଷସ୍ତେନୈବ କଲ୍ପ୍ୟତେ ।୧୭୪ ।

ଦେହାଦି ସର୍ବବିଷୟେ ପରିକଲ୍ପ୍ୟ ରାଗଂ ବଧ୍ନାତି ତେନ ପୁରୁଷଂ ପଶୁବଦ୍ ଗୁଣେନ
ବୈରସ୍ୟମତ୍ର ବିଷବତ୍ ସୁବିଧାୟ ପଶ୍ଚାଦେନଂ ବିମୋଚୟତି ତନ୍ମନ ଏବ ବନ୍ଧାତ୍ ।

ତସ୍ମାନ୍ମନଃ କାରଣମସ୍ୟ ଜନ୍ତୋର୍ବନ୍ଧସ୍ୟ ମୋକ୍ଷସ୍ୟ ଚ ବା ବିଧାନେ ।
ବନ୍ଧସ୍ୟ ହେତୁର୍ମଳିନଂ ରଜୋଗୁଣୈର୍ମୋକ୍ଷସ୍ୟ ଶୁଦ୍ଧଂ ବିରଜସ୍ତମସ୍କମ୍ ।୧୭୬।

ବିବେକବୈରାଗ୍ୟଗୁଣାତିରେକାଚ୍ଛୁଦ୍ଧତ୍ୱମାସାଦ୍ୟ ମନୋ ବିମୁକ୍ତ୍ୟୈ ।
ଭବତ୍ୟତୋ ବୁଦ୍ଧିମତୋ ମୁମୁକ୍ଷୋସ୍ତାଭ୍ୟାଂ ଦୃଢାଭ୍ୟାଂ ଭବିତବ୍ୟମଗ୍ରେ ।୧୭୭ ।

ମନୋ ନାମ ମହାବ୍ୟାଘ୍ରୋ ବିଷୟାରଣ୍ୟଭୂମିଷୁ ।
ଚରତ୍ୟତ୍ର ନ ଗଚ୍ଛନ୍ତୁ ସାଧବୋ ଯେ ମୁମୁକ୍ଷବଃ ।୧୭୮ ।

ମନଃ ପ୍ରସୂତେ ବିଷୟାନଶେଷାନ୍ ସ୍ଥୂଳାତ୍ମନା ସୂକ୍ଷ୍ମତୟା ଚ ଭୋକ୍ତୁଃ ।
ଶରୀରବର୍ଣ୍ଣାଶ୍ରମଜାତିଭେଦାନ୍ ଗୁଣକ୍ରିୟାହେତୁଫଳାନି ନିତ୍ୟମ୍ ।୧୭୯ ।

ଯେମନ୍ତ ବାୟୁଯୋଗେ ମେଘ ହୋଇଥାଇ ସଞ୍ଚିତ । ପୁଣି ସେହି ବାୟୁଦ୍ୱାରା ହୁଅଇ କ୍ଷପିତ ॥
ସେମନ୍ତ ମନର କଳ୍ପିତ ସଂସାର-ବନ୍ଧନ । ଏକା ସେ ମନର ଯୋଗୁଁ ହୁଅଇ ବିଚ୍ଛିନ୍ନ ।୧୭୪।
ପଶୁଙ୍କୁ ବନ୍ଧନ କରେ ରଜ୍ଜୁରେ ଯେମନ୍ତ । ଅନୁରାଗ ଭାବେ ମନ ମାନବେ ତେମନ୍ତ ॥
ଦେହାଦି ବିଷୟେ ସୃଷ୍ଟି କରି ଅନୁରାଗ । ସେହି ମନ ଜନମାଇ ପୁଣି ବୈରାଗ — ॥
ବିଷପ୍ରାୟ ବନ୍ଧନୁଁ କରେ ଲୋକଙ୍କୁ ମୁକତ । (ବାଳକ ବାଳିକାଙ୍କର ଧୂଳି ଖେଳବତ) ।୧୭୫।
ପ୍ରାଣୀମାନଙ୍କ ବନ୍ଧନ ମୁକତି କାରଣ । ମନଟି ଅଟଇ ଜାଣ ଆହେ ଜ୍ଞାନୀଗଣ ॥
ରଜଗୁଣରେ ମଳିନ ଅଟଇ ଯେ ମନ । ସେହିଟି ଦେହୀର ଏଥେ ବନ୍ଧନ କାରଣ ॥
ରଜ-ତମ ବିରହିତ ଶୁଦ୍ଧ ଯେଉଁ ମନ । ମୋକ୍ଷର କାରଣ ସେହି ବୁଝ ହେ ସୁଜନ ।୧୭୬।
ବିବେକ ବୈରାଗ୍ୟ ଗୁଣ ହେଲେ ଅତିଶୟ । ସେ ଲୋକର ମନ ଶୁଦ୍ଧ ହୁଅଇ ନିଶ୍ଚୟ ॥
ଶୁଦ୍ଧ ମନ ମୁକ୍ତିଲାଭେ ହୁଅଇ ସକ୍ଷମ । ବିବେକ ବୈରାଗ୍ୟାଭ୍ୟାସେ କର ପରିଶ୍ରମ ।୧୭୭।
ମନରୂପୀ ମହାବ୍ୟାଘ୍ର ବିଷୟ ବନରେ । ମହାଆନନ୍ଦରେ ସଦା ବିଚରଣ କରେ ॥
ତେଣୁ ମୁମୁକ୍ଷୁ ସାଧବେ* ବିଷୟ କାନନେ । କେବେହେଁ ନ ବିହରନ୍ତୁ ଜାଗ୍ରତ ଶୟନେ ॥
ବହୁ ବିଷୟ ଶରୀର ବର୍ଣ୍ଣ ଓ ଆଶ୍ରମ । ଜାତିଭେଦ ଗୁଣକ୍ରିୟା ଫଳ ଓ କାରଣ ॥
ସ୍ଥୂଳ ସୂକ୍ଷ୍ମରୂପେ ନିତ୍ୟ ଭୋକ୍ତାର କାରଣେ । ଜନମ କରଇ ମନ ଅଶେଷ ଯତନେ ।୧୭୯।

---

* ସାଧବେ । * ସାଧୁମାନେ ।

ଅସଙ୍ଗଚିଦ୍ରୂପମମୁଂ ବିଡମ୍ବ୍ୟ ଦେହେନ୍ଦ୍ରିୟ ପ୍ରାଣଗୁଣୈର୍ନିବଧ୍ୟ ।
ଅହଂ ମମେତି ଭ୍ରମୟତ୍ୟଜସ୍ରଂ ମନଃ ସ୍ୱକୃତେଷୁ ଫଲୋପଭୁକ୍ତିଷୁ । ୧୮୦ ।
ଅଧ୍ୟାସ ଦୋଷାତ୍ ପୁରୁଷସ୍ୟ ସଂସୃତିରଧ୍ୟାସବନ୍ଧସ୍ତ୍ୱମୁନୈବ କଳ୍ପିତଃ ।
ରଜସ୍ତମୋଦୋଷବତୋଽବିବେକିନୋ ଜନ୍ମାଦିଦୁଃଖସ୍ୟ ନିଦାନମେତତ୍ ।୧୮୧।
ଅତଃ ପ୍ରାହୁର୍ମନୋଽବିଦ୍ୟାଂ ପଣ୍ଡିତାସ୍ତତ୍ତ୍ୱଦର୍ଶିନଃ ।
ଯେନୈବ ଭ୍ରାମ୍ୟତେ ବିଶ୍ୱଂ ବାୟୁନେବାଭ୍ରମଣ୍ଡଳମ୍ । ୧୮୨ ।
ତନ୍ମନଃ ଶୋଧନଂ କାର୍ଯ୍ୟଂ ପ୍ରୟତ୍ନେନ ମୁମୁକ୍ଷୁଣା ।
ବିଶୁଦ୍ଧେ ସତି ଚୈତସ୍ମିନ୍ ମୁକ୍ତିଃ କରଫଳାୟତେ । ୧୮୩ ।
ମୋକ୍ଷୈକସକ୍ତ୍ୟା ବିଷୟେଷୁ ରାଗଂ ନିର୍ମୂଲ୍ୟ ସନ୍ନ୍ୟସ୍ୟ ଚ ସର୍ବକର୍ମ ।
ସଚ୍ଛ୍ରଦ୍ଧୟା ଯଃ ଶ୍ରବଣାଦିନିଷ୍ଠୋ ରଜଃସ୍ୱଭାବଂ ସ ଧୁନୋତି ବୁଦ୍ଧେଃ । ୧୮୪ ।
ମନୋମୟୋ ନାପି ଭବେତ୍ ପରାତ୍ମା ହ୍ୟାଦ୍ୟନ୍ତବତ୍ତ୍ୱାତ୍ ପରିଣାମି ଭାବାତ୍ ।
ଦୁଃଖାତ୍ମକତ୍ୱାଦ୍ବିଷୟତ୍ୱହେତୋର୍ଦ୍ରଷ୍ଟା ହି ଦୃଶ୍ୟାତ୍ମତୟା ନ ଦୃଷ୍ଟଃ । ୧୮୫ ।

ଅସଙ୍ଗ ଚୈତନ୍ୟରୂପୀ ପୁରୁଷକୁ ମନ । ଦେହେନ୍ଦ୍ରିୟ ପ୍ରାଣଗୁଣେ କରଣ ବନ୍ଧନ ॥
'ମୁହିଁ' 'ମୋର' ଆଦ ଏହି ଅଭିମାନ ବଶେ । ଭ୍ରମାଏ ସ୍ୱକୃତ ଫଳ ଭୁଞ୍ଜିବା ସକାଶେ ।
ମନହିଁ ଅଧ୍ୟାସ ବନ୍ଧ ୧ନରକୁ କରଇ । ସେହି ଅଧ୍ୟାସ ଦୋଷରୁ ସଂସାର ହୁଅଇ ॥
ରଜତମଗୁଣୀ ଅବିବେକୀ ନରଙ୍କର- । ଜନ୍ମାଦି ଦୁଃଖର ହେତୁ ମନହିଁ ଅବର ।୧୮୧।
ଅତଏବ ତତ୍ତ୍ୱଦର୍ଶୀ ପଣ୍ଡିତ ସକଳ । ଅବିଦ୍ୟା ବୋଲନ୍ତି ସେହି ମନକୁ କେବଳ ॥
ବାୟୁଯୋଗେ ମେଘ ଯଥା ହୁଏ ସଞ୍ଚାଳିତ । ମନଦ୍ୱାରା ବିଶ୍ୱ ତଥା ହୁଅଇ ଭ୍ରାମିତ ।୧୮୨।
ଏଣୁ ମୁକ୍ତିଇଚ୍ଛାକାରୀ ମାନବେ ଯତନେ । ମନକୁ ଶୋଧନ ଅଟେ କରନ୍ତୁ ଜତନେ ॥
ସେ ମନ ବିଶୁଦ୍ଧ ହେଲେ କରତଳଗତ- । ଫଳ ପରି ଏ ମୁକତି ହୁଏ ପରାପତ ।୧୮୩।
ମୁକ୍ତି ପାଇବାକୁ ଯାର କାମନା ଅତୁଳ । ବିଷୟରେ ଅନୁରାଗ କରି ସେ ନିର୍ମୂଳ ॥
ସକଳ କରମ କରି ସନ୍ନ୍ୟାସ ୨ଆଚରି । ଶ୍ରବଣ ମନନାଦିରେ ୩ହେଲେ ନିଷ୍ଠାପର ॥
ସତ୍ଶ୍ରଦ୍ଧା ଅବଲମ୍ବନେ ଯେ ସାଧକ ଜନ । ରଜଗୁଣ ତେଜନ୍ତି ତାଙ୍କୁ ହୁଅଇ ଭଜନ । ୧୮୪ ।
ନୁହଇ ଯେ ମନୋମୟ୪ପରମାତ୍ମା ଜାଣ । ଯେଣୁ ତାର ଆଦି ଅନ୍ତ ଅଛି ବିଦ୍ୟମାନ ॥
ପରିଣାମୀ ପରିଣୁଆ ଦୁଃଖାତ୍ମକ ସେହି । ଦ୍ରଷ୍ଟା ଦୃଶ୍ୟ ଏକବସ୍ତୁ ହୋଇପାରେ କାହିଁ ।୧୮୫।

---

୧ । ଅନାତ୍ମାରେ ଆତ୍ମବୁଦ୍ଧି କରିବାକୁ ଅଧ୍ୟାସ ବୋଲାଯାଏ । ୨ ପରିତ୍ୟାଗ ବା ବର୍ଜ୍ଜନ । ୩ ମନନ -ଚିନ୍ତା । ୪ ମନୋମୟ କୋଷ ଆତ୍ମା ବା ପରମାତ୍ମା ହୋଇ ନ ପାରେ । କାରଣ ଆତ୍ମା ମନୋମୟ କୋଷର ଦ୍ରଷ୍ଟା ଅର୍ଥାତ୍ ଆତ୍ମା ମନୋମୟ କୋଷକୁ ଦେଖନ୍ତି ସୁତରାଂ ମନୋମୟ-କୋଷ ଆତ୍ମାର ଦୃଶ୍ୟ ବସ୍ତୁ; ପୁଣି ମନୋମୟ କୋଷର ଆଦି ଓ ଅନ୍ତ ଅଛି । କିନ୍ତୁ ଆତ୍ମା ବା ପରମାତ୍ମାର ଆଦ୍ୟନ୍ତ ନାହିଁ; ଅଧିକନ୍ତୁ ମନୋମୟ କୋଷ ପରିଣାମୀ ଓ ଦୁଃଖାତ୍ମକ, କିନ୍ତୁ ଆତ୍ମା ବା ପରମାତ୍ମାର ପରିଣାମ ଓ ଦୁଃଖ ନାହିଁ ।

ବୁଦ୍ଧି ର୍ବୁଦ୍ଧୀନ୍ଦ୍ରିୟୈଃ ସାର୍ଦ୍ଧଂ ସବୃତ୍ତିଃ କର୍ତ୍ତୃଲକ୍ଷଣଃ ।
ବିଜ୍ଞାନମୟକୋଷଃ ସ୍ୟାତ୍ ପୁଂସଃ ସଂସାରକାରଣମ୍ । ୧୮୬ ।

ଅନୁବ୍ରଜଚ୍ଚିତ୍ ପ୍ରତିବିମ୍ବଶକ୍ତିର୍ବିଜ୍ଞାନସଂଜ୍ଞଃ ପ୍ରକୃତେର୍ବିକାରଃ ।
ଜ୍ଞାନକ୍ରିୟାବାନହମିତ୍ୟଜସ୍ରଂ ଦେହେନ୍ଦ୍ରିୟାଦିଷ୍ୱଭିମନ୍ୟତେ ଭୃଶମ୍ । ୧୮୭ ।

ଅନାଦିକାଳୋଽୟମହଂ ସ୍ୱଭାବୋ ଜୀବଃ ସମସ୍ତବ୍ୟବହାରବୋଢ଼ା ।
କରୋତି କର୍ମାଣ୍ୟପି ପୂର୍ବବାସନଃ ପୁଣ୍ୟାନ୍ୟପୁଣ୍ୟାନି ଚ ତତ୍ଫଳାନି । ୧୮୮ ।

ଭୁଙ୍କ୍ତେ ବିଚିତ୍ରାସ୍ୱପି ଯୋନିଷୁ ବ୍ରଜନ୍ନାୟାତି ନିର୍ଯାତ୍ୟଧ ଊର୍ଦ୍ଧ୍ୱମେଷଃ ।
ଅସ୍ୟୈବ ବିଜ୍ଞାନମୟସ୍ୟ ଜାଗ୍ରତ୍ ସ୍ୱପ୍ନାଦ୍ୟବସ୍ଥାଃ ସୁଖଦୁଃଖଭୋଗଃ । ୧୮୯ ।

ଦେହାଦିନିଷ୍ଠାଶ୍ରମଧର୍ମକର୍ମଗୁଣାଭିମାନଂ ସତତଂ ମମେତି ।
ବିଜ୍ଞାନକୋଷୋଽୟମତିପ୍ରକାଶଃ ପ୍ରକୃଷ୍ଟସାନ୍ନିଧ୍ୟବଶାତ୍ ପରାତ୍ମନଃ ।
ଅତୋ ଭବତ୍ୟେଷ ଉପାଧିରସ୍ୟ ଯଦାତ୍ମଧୀଃ ସଂସରତି ଭ୍ରମେଣ । ୧୯୦ ।

ବୁଦ୍ଧି ପଞ୍ଚଜ୍ଞାନେନ୍ଦ୍ରିୟ ହୋଇଣ ମିଳିତ । ସେ ବିଜ୍ଞାନମୟ କୋଷ ନାମରେ କଥିତ ॥
ଏହି କୋଷ ପୁରୁଷର ସଂସାର କାରଣ । ଘେନଇ ବୃତ୍ତି ସହ କର୍ତ୍ତୃତ୍ୱ ଲକ୍ଷଣ । ୧୮୬ ।

ହୋଇ ସେ ଅନୁପ୍ରାଣିତ ଚିତ୍ ପ୍ରତିବିମ୍ବରେ । ଜ୍ଞାନବାନ କ୍ରିୟାବାନ ହୁଅଇ ବିଶ୍ୱରେ ॥
ଦେହଇନ୍ଦ୍ରିୟ ଆଦିରେ କରି 'ଅହଂଜ୍ଞାନ' । କରେ ସେ ବିଜ୍ଞାନମୟ କୋଷ † ଅଭିମାନ ॥

ଅନାଦିକାଳରୁ ଏହି 'ଅହଂ' ଭାବେ ଜନେ । ଜୀବ ବୋଲି ବ୍ୟବହାରେ କହନ୍ତି ଭୁବନେ
ସେ ବ୍ୟାବହାରିକ ଜୀବ ତା ପୂର୍ବ ବାସନା । ଅନୁସାରେ ପାପପୁଣ୍ୟ କରଇ କାମନା ॥
ସ୍ୱକୃତ ପାପ ପୁଣ୍ୟର ଫଳ ସେ ଭୁଞ୍ଜଇ । ନାନା ଯୋନିରେ ଭ୍ରମଣ ସେ ଜୀବ କରଇ ।୧୮୮

କେବେ ଊର୍ଦ୍ଧ୍ୱଗାମୀ କେବେ ହୋଇ ନିମ୍ନଗାମୀ । ଗତାୟାତ କରେ ସେହି ଜୀବ ଭ୍ରମି ଭ୍ରମି
ବହୁବିଧ ଯୋନିରେ, ସେ ବିଜ୍ଞାନମୟ । ଜାଗ୍ରତେ ସ୍ୱପନେ ଭୋଗେ ଦୁଃଖ ସୁଖଚୟ ।

ଅତ୍ୟନ୍ତ ପ୍ରକାଶବନ୍ତ ସେ ବିଜ୍ଞାନମୟ । ପରମାତ୍ମାର ନୈକଟ୍ୟହେତୁ ଅତିଶୟ ॥
ଦେହ ଧର୍ମ କର୍ମ ଗୁଣ ଆଶ୍ରମ ଆଦିରେ । 'ମୋର' 'ମୁହିଁ' ଏହିପରି ଅଭିମାନ କରେ ॥

ଆତ୍ମାର ମୁଖ୍ୟ ଉପାଧି ସେ ବିଜ୍ଞାନମୟ । ଅଟେ ହେ ପ୍ରିୟବତ୍ସ ! ଏଥେଁ ନ କର ସଂଶୟ ।
ସେ ବିଜ୍ଞାନମୟ କୋଷେ ଆତ୍ମବୁଦ୍ଧି କରି । ଲୋକେ ଭ୍ରାନ୍ତି ବଶେ ସିନା ହୁଅନ୍ତି ସଂସାରୀ ॥

---

† ବିଜ୍ଞାନମୟ କୋଷ ପରମାତ୍ମାର ପ୍ରତିବିମ୍ବରେ ପ୍ରତିବିମ୍ବିତ ହୋଇ ଦେହ ଇନ୍ଦ୍ରିୟ ଆଦିକୁ ଆତ୍ମାବୋଲି ବିଶ୍ୱାସ କରେ । ଅବହମାନକାଳରୁ ଏହି 'ଅହଂ' ଭାବକୁ ଲୋକମାନେ ବ୍ୟବହାରରେ ଜୀବ ବୋଲି କହନ୍ତି ।

ସୋଽୟଂ ବିଜ୍ଞାନମୟଃ ପ୍ରାଣେଷୁ ହୃଦି ସ୍ଫୁରତ୍ୟୟଂ ଜ୍ୟୋତିଃ ।
କୂଟସ୍ଥଃ ସନ୍ନାତ୍ମା କର୍ତ୍ତା ଭୋକ୍ତା ଭବତ୍ୟୁପାଧିସ୍ଥଃ । ୧୯୧ ।
ସ୍ୱୟଂ ପରିଚ୍ଛେଦମୁପେତ୍ୟ ବୁଦ୍ଧେ ସ୍ତାଦାତ୍ମ୍ୟ ଦୋଷେଣ ପରଂ ମୃଷାତ୍ମନଃ ।
ସର୍ବାତ୍ମକଃ ସନ୍ନପି ବୀକ୍ଷତେ ସ୍ୱଂ ସ୍ୱତଃ ପୃଥକ୍ତ୍ୱେନ ମୃଦୋଘଟାନିବ । ୧୯୨ ।
ଉପାଧିସମ୍ବନ୍ଧବଶାତ୍ ପରାତ୍ମା ହ୍ୟୁପାଧିଧର୍ମାନନୁଭାତି ତଦ୍‌ଗୁଣଃ ।
ଅୟୋବିକାରାନବିକାରବହ୍ନିବତ୍ ସଦୈକରୂପୋଽପି ପରଃ ସ୍ୱଭାବାତ୍ ।୧୯୩।

ଶିଷ୍ୟ ଉବାଚ ।

ଭ୍ରମେଣାପ୍ୟନ୍ୟଥା ବାସ୍ତୁ ଜୀବଭାବଃ ପରାତ୍ମନଃ ।
ତଦୁପାଧେରନାଦିତ୍ୱାନ୍ନାନାଦେର୍ନାଶ ଇଷ୍ୟତେ । ୧ ।
ଅତୋଽସ୍ୟ ଜୀବଭାବୋଽପି ନିତ୍ୟା ଭବତି ସଂସୃତିଃ ।
ନ ନିବର୍ତ୍ତେତ ତନ୍ମୋକ୍ଷଃ କଥଂ ମେ ଶ୍ରୀଗୁରୋ ! ବଦ ୨ ।

ଶ୍ରୀ ଗୁରୁରୁବାଚ ।

ସମ୍ୟକ୍ ପୃଷ୍ଟଂ ତ୍ୱୟା ବିଦ୍ୱନ୍ ! ସାବଧାନେନ ତଚ୍ଛୃଣୁ ।
ପ୍ରାମାଣିକୀ ନ ଭବତି ଭ୍ରାନ୍ତ୍ୟା ମୋହିତକଳ୍ପନା । ୩ ।

ସେ ବିଜ୍ଞାନମୟ କୋଷ ହୃଦ ମଧ୍ୟେ ରହି । ପ୍ରାଣାଦିପୂରେ ସର୍ବଦା ସ୍ଫୁରିତ ହୁଅଇ ॥
କୂଟସ୍ଥ ହେଲେହେଁ ଆତ୍ମା ଉପାଧି ବଶରେ । ହୋଇଛନ୍ତି ଜଥିତ କର୍ତ୍ତା ଭୋକ୍ତାସ୍ୱରୂପରେ ॥
ମିଥ୍ୟା ସ୍ୱଭାବ ବୁଦ୍ଧିର ସହିତରେ ଯେଣୁ । ତାଦାତ୍ମ୍ୟାଧ୍ୟାସଭାବକୁ କରେ ଆତ୍ମା ତେଣୁ
ସର୍ବାତ୍ମକ ହୋଇ ପୃଥକ୍ ହୁଏ ପରିଛିନ୍ନ । ମାଟିଘଟମାଟିଠାରୁ ଯଥା ଦିଶେ ଭିନ୍ନ ।୧୯୨।
ଉପାଧି ସମ୍ବନ୍ଧ ଯୋଗେ ଉପାଧି ଗୁଣରେ । ଅନୁରଞ୍ଜିତ ହୋଇଣ ପରମାତ୍ମା ଧରେ ॥
ଉପାଧି ଧର୍ମର ଅନୁରୂପ ଧର୍ମଗୁଣ । (ଏଥିକି ଉପମା ଦେବା ସାବଧାନେ ଶୁଣ)
ବିକୃତ ନୋହିଲେ ହେଲେ ଅଗ୍ନି ଯେ ପ୍ରକାର । ଲଭଇ ଲୌହ ସଂଯୋଗେ ଲୌହର ବିକାର
ତଥା ସଦା ଏକରୂପ ଆତ୍ମା ଅବିକାରୀ । ଉପାଧି ଯୋଗେ ହୁଅଇ ତାର ଗୁଣ ଉଧାରୀ । ୧୯୩

ଶିଷ୍ୟ ଉବାଚ :—

ହେ ଗୁରୁ ଆପଣ ମୋତେ କହିଲେ ପ୍ରସ୍ତାବେ । ପରମାତ୍ମାର ଜୀବଭାବ ଯେ କେବଣଭାବେ ॥
ଅନାଦି ଉପାଧିକୃତ ଅଟଇ ସ୍ୱରୂପେ । କେବେ ଅନାଦିର, ନାଶ ହୁଏ କେଉଁରୂପେ ? ।୧।
ପରମାତ୍ମାର ଜୀବଭାବ ସଂସାର ଅବର । ଏ ବେନି ନିତ୍ୟ ଅଟଇ ବୁଝିଲି ଏଥର ॥
ଏ ହୀତ ନିବୃତ୍ତି କେବେ ହେବାର ନୁହଇ । କେବେକହିଁ ମୁକ୍ତ ହେବ କହ ତା ବୁଝାଇ ॥

ଶ୍ରୀ ଗୁରୁରୁବାଚ :—

ହେ ବିଦ୍ୱାନ ଶିଷ୍ୟ ପ୍ରଶ୍ନ ଉତ୍ତମ ତୁମ୍ଭର । ସାବଧାନେ ଶୁଣ ତାର ଉଚିତ ଉତ୍ତର ॥
ପରମାତ୍ମାଠାରେ ଜୀବଭାବ ଯେଉଁମାନେ । କରନ୍ତି କଳ୍ପନା, ପଡ଼ି ଭ୍ରାନ୍ତି ଅନୁମାନେ ॥
ଭ୍ରମ ବିମୋହିତ ହୋଇ କଳ୍ପନା କରିବା । ପ୍ରମାଣ ହେବ କେମନ୍ତ ଭାବନା କହିବା ? ।୩।

ଭ୍ରାନ୍ତିଂ ବିନା ତ୍ୱସଙ୍ଗସ୍ୟ ନିଷ୍କ୍ରିୟସ୍ୟ ନିବକ୍ଷତେଃ ।
ନ ଘଟେତାର୍ଥସମ୍ବନ୍ଧୋ ନଭସୋ ନୀଲତାଦିବତ୍ । ୪ ।
ସ୍ୱସ୍ୟ ଦ୍ରଷ୍ଟୁର୍ନିର୍ଗୁଣସ୍ୟାକ୍ରିୟସ୍ୟ ପ୍ରତ୍ୟଗ୍‌ବୋଧାନନ୍ଦରୂପସ୍ୟ ବୁଦ୍ଧେଃ ।
ଭ୍ରାନ୍ତ୍ୟା ପ୍ରାପ୍ତୋ ଜୀବଭାବୋ ନ ସତ୍ୟୋମୋହାପାୟେ ନାସ୍ତ୍ୟବସ୍ତୁ ସ୍ୱଭାବାତ୍ ।୫।
ଯାବଦ୍ ଭ୍ରାନ୍ତିସ୍ତାବଦେବାସ୍ୟ ସତ୍ତା ମିଥ୍ୟା ଜ୍ଞାନୋଜ୍ଜୃମ୍ଭିତସ୍ୟ ପ୍ରମାଦାତ୍ ।
ରଜ୍ଜ୍ୱାଂ ସର୍ପୋଭ୍ରାନ୍ତିକାଳୀନ ଏବ ଭ୍ରାନ୍ତେର୍ନାଶେ ନୈବ ସର୍ପୋଽପି ତଦ୍‌ବତ ।୬।
ଅନାଦିତ୍ୱମବିଦ୍ୟାୟାଃ କାର୍ଯ୍ୟସ୍ୟାପି ତଥେଷ୍ୟତେ ।
ଉତ୍ପନ୍ନାୟାନ୍ତୁ ବିଦ୍ୟାୟାମାବିଦ୍ୟକମନାଦ୍ୟପି ।୭।
ପ୍ରବୋଧେ ସ୍ୱପ୍ନବତ୍ ସର୍ବଂ ସହମୂଳଂ ବିନଶ୍ୟତି ।
ଅନାଦ୍ୟପୀଦଂ ନୋ ନିତ୍ୟଂ ପ୍ରାଗଭାବବଦିତ ସ୍ଫୁଟମ୍ ।୮।
ଅନାଦେରପି ବିଧ୍ୱଂସଃ ପ୍ରାଗଭାବସ୍ୟ ବୀକ୍ଷିତଃ ।
ଯଦ୍‌ବୁଦ୍ଧ୍ୟୁପାଧିସମ୍ବନ୍ଧାତ୍ ପରିକଳ୍ପିତମାତ୍ମନି ।୯।
ଜୀବତ୍ୱଂ ନ ତତୋଽନ୍ୟସ୍ତୁ ସ୍ୱରୂପେଣ ବିଲକ୍ଷଣଃ ।
ସମ୍ବନ୍ଧଃ ସ୍ୱାତ୍ମନୋ ବୁଦ୍ଧ୍ୟା ମିଥ୍ୟାଜ୍ଞାନପୁରଃସରଃ ।୧୦।

ଅକାଶର ନୀଳିମାଦି କଲପନା ଯିନା । ନୁହେ ତା ସମ୍ଭବ କେବେହେ ଯେସନେ ଭ୍ରମ ବିନା ।।
ବିଷୟ ସମ୍ବନ୍ଧ ଥିବା ପରମ ଆତ୍ମାର । ଏ କଳ୍ପନା ଜେହ୍ନେ ଭ୍ରମ ପୁରୀତ ଅସାର ।୪।
ପରମାତ୍ମା ନିତ୍‌କାର ନିର୍ଗୁଣ ନିଷ୍କ୍ରିୟ । ଜ୍ଞାନ ଆନନ୍ଦ ସ୍ୱରୂପ ଅସଙ୍ଗ ଅମେୟ ।।
ପରମାତ୍ମାଠାରେ ଜୀବଭାବ କଲପନା । ଭ୍ରମବଶେ କରଥାନ୍ତି ମୂଢ଼ ଜନେ ସିନା ।।
ଅବସ୍ତୁ ସ୍ୱରୂପ ଜୀବ ଭାବର ଅସ୍ତିତ୍ୱ । ସେ ଭ୍ରମ ହୋଇଲେ ଦୂର ନ ରହେ କଦ୍ଭୁତ ।୫।
ପରମାତ୍ମାଠାରେ ଯେହ୍ନେ ଭ୍ରାନ୍ତିଥିବା ଯାଏ । ମିଥ୍ୟାରେ କଳ୍ପିତ ଜୀବଭାବ ସତ୍ତା ଥାଏ ।।
ଯେସନେ ରଜ୍ଜୁରେ ସର୍ପ ଭ୍ରମ ହୋଇଥାଇ । ଭ୍ରମଥିବା ଯାଏ ତାହା ହୋଇଥାଏ ସ୍ଥାୟୀ ।।
ଭ୍ରାନ୍ତି ତୁଟିଲେ ସେ ଭାବ ନ ରହଇ ଯଥା । ପରମାତ୍ମାଠାରେ କଳ୍ପିତ ଜୀବଭାବ ତଥା ।୬।
ଅବିଦ୍ୟା ଆଉ ସଂସାର ଅନାଦି ଏ ଦୁହେଁ । ଅବିଦ୍ୟା ବିନଷ୍ଟ ହୁଏ ବିଦ୍ୟାର ଉଦୟେ ।୭।
ସ୍ୱପ୍ନେ ଦେଖିଥିବା ବସ୍ତୁ ଯେସନେ ଜାଗ୍ରତେ । ଦେଖାଯାଏ ନାହିଁ ଆଉ, ଅବିଦ୍ୟା ସେମନ୍ତେ
ବିଦ୍ୟା ପ୍ରକାଶେ ସମୂଳେ ବିନାଶ ଲଭଇ । ତେଣୁ ପ୍ରାଗଭାବ[୧] ପ୍ରାୟ ନିତ୍ୟା ସେ ନୁହଇ ।୮।
ଅନାଦି ହେଲେହେଁ ପ୍ରାଗଭାବର ଯେମନ୍ତ । ବିନାଶ ଘଟଇ ଏହା ସମସ୍ତଙ୍କ ମତ ।।
ବୁଦ୍ଧି ଉପାଧି କଳ୍ପିତ ଆତ୍ମାର ଜୀବତ୍ୱ । ବିନଶ୍ୱର, ଅନିତ୍ୟତା ଅଟଇ ଯେମନ୍ତ ।୯।
ବୁଦ୍ଧି ସହିତ ଆତ୍ମାର ସମ୍ବନ୍ଧ ଭାବନା କରିବାର ସିନା ମିଥ୍ୟା ଜ୍ଞାନ କଲପନା ।।
ବୁଦ୍ଧିଠାରୁ ଆତ୍ମା ଅଟେ ପୃଥକ ପଦାର୍ଥ । ମନେରଖ ସଦା ବତ୍ସ ! ଏ ତତ୍ତ୍ୱ ଯଥାର୍ଥ ।୧୦।

୧—ଅନୁତ୍ପନ୍ନଜାତ ଭାବ ।

ବିନିବୃତ୍ତିର୍ଭବେତ୍ତସ୍ୟ ସମ୍ୟଗ୍‌ଜ୍ଞାନେନ ନାନ୍ୟଥା ।
ବ୍ରହ୍ମାତ୍ମୈକତ୍ୱବିଜ୍ଞାନଂ ସମ୍ୟଗ୍‌ଜ୍ଞାନଂ ଶ୍ରୁତେର୍ମତମ୍ ।୧୧।

ତଦାତ୍ମାନାତ୍ମନୋଃ ସମ୍ୟଗ୍‌ବିବେକେନୈବ ସିଧ୍ୟତି ।
ତତୋ ବିବେକଃ କର୍ତ୍ତବ୍ୟଃ ପ୍ରତ୍ୟଗାତ୍ମସଦାତ୍ମନୋଃ ।୧୨।

ଜଳଂ ପଙ୍କବଦତ୍ୟନ୍ତଂ ପଙ୍କାପାୟେ ଜଳଂ ସ୍ଫୁଟମ୍ ।
ଯଥା ଭାତି ତଥାତ୍ମାପି ଦୋଷାଭାବେ ସ୍ଫୁଟପ୍ରଭଃ ।୧୩।

ଅସନ୍ନିବୃତ୍ତୌ ତୁ ସଦାତ୍ମନା ସ୍ଫୁଟଂ ପ୍ରତୀତିରେତସ୍ୟ ଭବେତ୍ ପ୍ରତୀଚଃ ।
ତତୋ ନିରାସଃ କରଣୀୟ ଏବ ସଦାତ୍ମନଃ ସାଧ୍ୱହମାଦିବସ୍ତୁନଃ ।୧୪।

ଅତୋ ନାୟଂ ପରାତ୍ମା ସ୍ୟାଦ୍‌ବିଜ୍ଞାନମୟଶବ୍ଦଭାକ୍ ।
ବିକାରିତ୍ୱାଜ୍ଜଡତ୍ୱାଚ୍ଚ ପରିଚ୍ଛିନ୍ନତ୍ୱହେତୁତଃ ।
ଦୃଶ୍ୟତ୍ୱାଦ୍‌ବ୍ୟଭିଚାରିତ୍ୱାନ୍ନାନିତ୍ୟୋ ନିତ୍ୟ ଇଷ୍ୟତେ ।୧୫।

ମିଥ୍ୟାଜ୍ଞାନ ନାଶଭଞ୍ଜ ସମ୍ୟଗ୍ ଜ୍ଞାନ ବଳେ । ନ ତୁଟଇ ଆନ ଯେତେମତେ କାର୍ଯ୍ୟ କଲେ
ପରମାତ୍ମା ଜୀବାତ୍ମାର ଏକ ଆତ୍ମା ଜ୍ଞାନ । ଏହାହିଁ ସମ୍ୟକ ଜ୍ଞାନ ୧ ଶ୍ରୁତିର ପ୍ରମାଣ ।୧୧।

ଆତ୍ମା ଅନାତ୍ମା ବିବେକ ବଳରେ ନିଶ୍ଚିତ । ସେ ସମ୍ୟକ ଜ୍ଞାନ ପୁଣି ହୁଏ ପ୍ରକାଶିତ ॥
ସମ୍ୟକ ଜ୍ଞାନ ଲଭିବା ପାଇଁ ଅହେ ଶିଷ୍ୟ । ଆତ୍ମା ଅନାତ୍ମା ବିବେକ କରିବ ଅବଶ୍ୟ ।୧୨।

ଜଳ ପଙ୍କ ମିଶିଥିବା କାଳରେ ଯେସନେ । ସ୍ୱଚ୍ଛରୂପେ ପ୍ରତିଭାତ ନ ହୁଏ ନୟନେ ॥
ପଙ୍କ ପୃଥକ ହେଲେଟି ପ୍ରକାଶଇ ଜଳ । ତେସନେ ଅବିଦ୍ୟା ଦୋଷ ତୁଟିଲେ କେବଳ ॥
ଆତ୍ମ ପ୍ରଭା ନିର୍ମଳରେ ହୁଏ ବିକଶିତ । ତେଣୁ ସେ ଅବିଦ୍ୟା ଦୋଷ କର
ବିଦୂରିତ ।୧୩।

ପରମାତ୍ମା ପ୍ରତ୍ୟଗାତ୍ମା ଅଭେଦ ପ୍ରତୀତ । ହୁଅଇ ଅବିବେକର ହେଲେକ ନିବୃତ୍ତ ॥
ତେଣୁ ଅବସ୍ତୁରେ 'ଅହଂ' ଆଦି ମଣିବାର । ଜଗତ ଅଟଇ ଆଗେ ଦୂର କରିବାର ।୧୪।

ଯେ ବିଜ୍ଞାନମୟକୋଷ ଅନିତ୍ୟ ବିକାରୀ । ଜଡ ପରିଚ୍ଛିନ୍ନ ଦୃଶ୍ୟ ପୁଣି ଅହଙ୍କାରୀ ।
ସେ କି ରୂପେ ହେବ ନିତ୍ୟ ପରମାତ୍ମା ତେବେ ? । ହେ ଶିଷ୍ୟ ଏ ଭ୍ରାନ୍ତି ହୃଦେ
ନ ବହିବ କେବେ ।୧୫।

୧-ପରମାତ୍ମା ଜୀବାତ୍ମାର ଏକାତ୍ମଜ୍ଞାନ ନାମ—ସମ୍ୟକ୍ ଜ୍ଞାନ ।

ଆନନ୍ଦପ୍ରତିବିମ୍ବଚୁମ୍ବିତତନୁର୍ବୃତ୍ତିସ୍ତମୋଜୃମ୍ଭିତା ସ୍ୟାଦାନନ୍ଦମୟଃ ପ୍ରିୟାଦିଗୁଣକଃ ସ୍ୱେଷ୍ଟାର୍ଥ—
ଲାଭୋଦୟଃ । ପୁଣ୍ୟସ୍ୟାନୁଭବେ ବିଭାତି କୃତିନାମାନନ୍ଦରୂପଃ ସ୍ୱୟଂ ଭୂତ୍ୱାନନ୍ଦତି ଯତ୍ର
ସାଧୁ ତନୁଭୃନ୍ମାତ୍ରଃ ପ୍ରଯତ୍ନଂ ବିନା । ୧୬ ।

ଆନନ୍ଦମୟକୋଷସ୍ୟ ସୁଷୁପ୍ତୌ ସ୍ଫୂର୍ତ୍ତିରୁତ୍କଟା ।
ସ୍ୱପ୍ନଜାଗରୟୋରୀଷଦିଷ୍ଟସନ୍ଦର୍ଶନାଦିନା । ୧୭ ।
ନୈବାୟମାନନ୍ଦମୟଃ ପରାତ୍ମା ସୋପାଧିକତ୍ୱାତ୍ ପ୍ରକୃତେର୍ବିକାରାତ୍ ।
କାର୍ଯ୍ୟତ୍ୱହେତୋଃ ସୁକୃତକ୍ରିୟାୟା ବିକାରସଙ୍ଘାତସମାହିତତ୍ୱାତ୍ । ୧୮ ।
ପଞ୍ଚାନାମପି କୋଷାଣାଂ ନିଷେଧେ ଯୁକ୍ତିତଃ ଶ୍ରୁତେଃ ।
ତନ୍ନିଷେଧାବଧିଃ ସାକ୍ଷୀ ବୋଧରୂପୋଽବଶିଷ୍ୟତେ । ୧୯ ।
ଯୋଽୟମାତ୍ମା ସ୍ୱୟଂଜ୍ୟୋତିଃ ପଞ୍ଚକୋଷବିଲକ୍ଷଣଃ ।
ଅବସ୍ଥାତ୍ରୟସାକ୍ଷୀ ସନ୍ ନିର୍ବିକାରୋ ନିରଞ୍ଜନଃ ।
ସଦାନନ୍ଦଃ ସ ବିଜ୍ଞେୟଃ ସ୍ୱାତ୍ମତ୍ୱେନ ବିପଶ୍ଚିତା । ୨୦ ।

ଆନନ୍ଦ ପ୍ରତିବିମ୍ବରେ ଚୁମ୍ବିତ ଯେ ଦେହ । ତମଗୁଣେ ବିଜୃମ୍ଭିତ ବୃତ୍ତି ଯେତୁ ନିଃସନ୍ଦେହ ॥
ପ୍ରିୟତ୍ୱ ଅପ୍ରିୟତ୍ୱାଦି ଗୁଣ ଅଛି ଯହିଁ । ନିଜ ଇଷ୍ଟ ଅର୍ଥଲାଭେ ଯେ ଉଦେ ହୁଅଇ ॥
ଯେ ଦେହେ ପୁଣ୍ୟବନ୍ତ ଏ ପୁଣ୍ୟ ଅନୁଭବେ । ଆନନ୍ଦରୂପେ ପ୍ରକାଶ ନିଜେ ପ୍ରଭୁ ହେବେ
ସାଧୁତନୁଧାରୀମାନେ ଆବର ଯହିଁରେ । ଆନନ୍ଦ ଅନୁଭବନ୍ତି ବିନା ଯତନରେ ॥
ସେହିଟି ଆନନ୍ଦମୟ କୋଷ ନାମ ଧରେ ॥ ହେ ଶିଷ୍ୟ ! ସ୍ୱଦେହେ ଯେ ଜନ ଲକ୍ଷଣ ଧରନ୍ତେ ॥
ସୁଷୁପ୍ତି ଅବସ୍ଥାରେ ସେ ଆନନ୍ଦମୟର । ସ୍ଫୂର୍ତ୍ତି ପ୍ରକାଶିତ ପୁଣି ଉତ୍କଟର ପ୍ରକାର ॥
ଇଷ୍ଟ ଦର୍ଶନାଦି ଯୋଗେ ସ୍ୱପନେ ଜାଗ୍ରତେ । ସେ କୋଷର ସ୍ଫୂର୍ତ୍ତି ହୁଏ ଅଳ୍ପ ପ୍ରକାଶିତେ
ସେ ଆନନ୍ଦମୟ କୋଷ ଅଟେ ଉପାଧିକ । ପ୍ରକୃତି ବିକାର ଥାଏ ତହିଁରେ ଅଧିକ ॥
ସୁକୃତ କ୍ରିୟାର କାର୍ଯ୍ୟ ଅଟଇ ସେ ଜାଣ । ବିକାର ସଙ୍ଘାତେ ତହିଁ ହୁଅଇ ନିର୍ମାଣ ॥
ସେ କୋଷ କଦାପି ଆତ୍ମା ହୋଇ ନ ପାରଇ । ଏଣୁ ତାଙ୍କୁ ଆତ୍ମ ବୋଲି କେହୁ ନ
ଅଛଇ ॥

ଅନ୍ନମୟ ଆଦି ପଞ୍ଚକୋଷ କଦାଚନ । ଆତ୍ମା ନୁହନ୍ତି ଏ ଯୁକ୍ତି-ସିଦ୍ଧାନ୍ତ-ବଚନେ ॥
ନିଷେଧ ଅବଧି ଭୂତ ସେ ସାକ୍ଷୀ ବିଶେଷ । ପରମଆତ୍ମା କେବଳ ଥାଏ ଅବଶେଷ । ୧୯ ।
ସ୍ୱପ୍ନ ସୁଷୁପ୍ତି ଜାଗ୍ରତ ଅବସ୍ଥା ତ୍ରୟର । ସାକ୍ଷୀ ସ୍ୱରୂପ ସେ ଆତ୍ମା ଅଟନ୍ତି ଆବର ॥
ପଞ୍ଚକୋଷରୁ ପୃଥକ ନିତ୍ୟ ନିରଞ୍ଜନ । ସଦାନନ୍ଦ ନିର୍ବିକାର ସ୍ୱୟଂ ଜ୍ୟୋତିର୍ଘନ ॥
ଏମନ୍ତ ବସ୍ତୁକୁ ଜାଣି ପଣ୍ଡିତ ନିଜେ ସ୍ୱୀୟ ଆତ୍ମା ବୋଲି ତାଙ୍କୁ କରନ୍ତି ନିଶ୍ଚୟ । ୨୦ ।

୧— ଉଦ୍ଦୀପିତ, ପ୍ରକାଶିତ, ଉତ୍କର୍ଷିତ ।

ଶିଷ୍ୟ ଉବାଚ

ମିଥ୍ୟାତ୍ୱେନ ନିଷିଦ୍ଧେଷୁ କୋଷେଷ୍ୱେତେଷୁ ପଞ୍ଚସୁ ।
ସର୍ବାଭାବଂ ବିନା କିଞ୍ଚିନ୍ନ ପଶ୍ୟାମ୍ୟତ୍ର ହେ ଗୁରୋ ! ।
ବିଜ୍ଞେୟଂ କିମୁ ବସ୍ତ୍ୱସ୍ତି ସ୍ୱାତ୍ମନାତ୍ମବିପଶ୍ଚିତା ।୧।

ଶ୍ରୀ ଗୁରୁରୁବାଚ

ସତ୍ୟମୁକ୍ତଂ ତ୍ୱୟା ବିଦ୍ୱନ୍ ! ନିପୁଣୋଽସି ବିଚାରଣେ ।
ଅହମାଦି ବିକାରାସ୍ତେ ତଦଭାବୋଽୟମପ୍ୟନୁ ।୨।
ସର୍ବେ ଯେନାନୁଭୂୟନ୍ତେ ଯଃ ସ୍ୱୟଂ ନାନୁଭୂୟତେ ।
ତମାତ୍ମାନଂ ବେଦିତାରଂ ବିଦ୍ଧି ବୁଦ୍ଧ୍ୟା ସୁସୂକ୍ଷ୍ମୟା ।୩।
ତତ୍ ସାକ୍ଷିକଂ ଭବେତ୍ତତ୍ ଯଦ୍ ଯଦ୍ ଯେନାନୁଭୂୟତେ ।
କସ୍ୟାପ୍ୟନନୁଭୂତାର୍ଥେ ସାକ୍ଷିତ୍ୱଂ ନୋପଯୁଜ୍ୟତେ ।୪।
ଅସୌ ସ୍ୱସାକ୍ଷିକୋ ଭାବୋ ଯତଃ ସ୍ୱେନାନୁଭୂୟତେ ।
ଅତଃ ପରଂ ସ୍ୱୟଂ ସାକ୍ଷାତ୍ ପ୍ରତ୍ୟଗାତ୍ମା ନ ଚେତରଃ ।୫।

ଶିଷ୍ୟ ଉବାଚ

ମିଥ୍ୟାରୂପେ ନିଷେଧିଲ ପଞ୍ଚକୋଷ ଯେବେ । ଆତ୍ମା ଅନାତ୍ମ ବିଚାରଶୀଳ ଜନେ ତେବେ ॥
କେବଣ ବସ୍ତୁକୁ ଆତ୍ମା ବୋଲି ନେବେ ବାଛି ? । ଅଭାବ ବିନୁ ତ ଗୁରୁ ଦେଖୁ ନାହିଁ କିଛି ॥

ଶ୍ରୀ ଗୁରୁରୁବାଚ

ହେ ବିଦ୍ୱାନ ପଚାରିଲ ଭଲ ପ୍ରଶ୍ନ ପୁଣି । ବିଚାର ବିଷୟେ ତୁମ୍ଭେ ଅଟନ୍ତ ନିପୁଣି ॥
ଦେହ ଅହଙ୍କାର ଆଦି ଯେ ବସ୍ତୁ ସକଳ । ବିକାର ପଦାର୍ଥ ଜାଣ ତାହାହିଁ କେବଳ ॥
ସେ ସବୁର ଅଭାବରେ ଯେ ରହନ୍ତି ଶେଷ । ସେ ସୂକ୍ଷ୍ମ ବସ୍ତୁକୁ ବୋଲି ଆତମା ବିଶେଷ ।୨।
ଯାକୁ ଅନୁଭବ କରି ନ ପାରନ୍ତି କେହି । କିନ୍ତୁ ସମସ୍ତଙ୍କୁ କରେ ଅନୁଭବ ଯେହି ॥
ସୂକ୍ଷ୍ମବୁଦ୍ଧିବଳେ ତାକୁ ଅହେ ବୁଦ୍ଧିମାନ । ସର୍ବଜ୍ଞ ଆତ୍ମା ବୋଲି କର ସୁପ୍ରମାଣ ।୩।
ଯେ ଯେବଣ ପଦାର୍ଥର ଅନୁଭବ କରେ । ସେ ବସ୍ତୁର ସାକ୍ଷୀ ସେହି ସିନା ଜଗତରେ ॥
ଅନୁଭବ ନ କଲେକ କାହାର ସାକ୍ଷିତ୍ୱ । କେବଣ କାଳେ ନୁହଇ ଜଗତେ ଗୃହୀତ ।୪।
ଆତ୍ମଦ୍ୱାରା ଅନୁଭୂତ ଏ ନିଖିଳ-ଭାବ । ଏଣୁ ତାହା ସସାକ୍ଷିକ ମାନସରେ ଭାବ ॥
ସେ ଭାବର ଅତୀତ ଯେ ସାକ୍ଷୀ ସେ ନିଶ୍ଚୟ । ପ୍ରତ୍ୟଗାତ୍ମା ଅଟଇ ଏଥିଁ ନ କର ସଂଶୟ ।୫।

ଜାଗ୍ରତ୍ସ୍ୱପ୍ନସୁଷୁପ୍ତିଷୁ ସ୍ଫୁଟତରଂ ଯୋଽସୌ ସମୁଜ୍ଜୃମ୍ଭତେ ପ୍ରତ୍ୟଗ୍ରୂପତୟା ସଦା
ହମହମିତ୍ୟନ୍ତଃ ସ୍ଫୁରନ୍ନେକଧା ।
ନାନାକାରବିକାରଭାଗିନ ଇମାନ୍ ପଶ୍ୟନ୍ନହଂଧୀମୁଖାନ୍ ନିତ୍ୟାନନ୍ଦଚିଦାତ୍ମନା ସ୍ଫୁରତି ତଂ
ବିଦ୍ଧି ସ୍ୱମେତଂ ହୃଦା ।୬।

ଘଟୋଦକେ ବିମ୍ବିତମର୍କବିମ୍ବମାଲୋକ୍ୟ ମୂଢୋ ରବିମେବ ମନ୍ୟତେ ।
ତଥା ଚିଦାଭାସମୁପାଧିସଂସ୍ଥଂ ଭ୍ରାନ୍ତ୍ୟାହମିତ୍ୟେବ ଜଡୋଽଭିମନ୍ୟତେ ।୭।

ଘଟଂ ଜଳଂ ତଦ୍ଗତମର୍କବିମ୍ବଂ ବିହାୟ ସର୍ବଂ ବିନିରୀକ୍ଷ୍ୟତେଽର୍କଃ ।
ତଟସ୍ଥ ଏତତ୍ତ୍ରିତୟାବଭାସକଃ ସ୍ୱୟଂପ୍ରକାଶୋ ବିଦୁଷା ଯଥା ତଥା । ୮ ।
ଦେହଂ ଧିୟଂ ଚିତ୍ପ୍ରତିବିମ୍ବମେବଂ ବିସୃଜ୍ୟ ବୁଦ୍ଧୌ ନିହିତଂ ଗୁହାୟାମ୍ ।
ଦ୍ରଷ୍ଟାରମାତ୍ମାନମଖଣ୍ଡବୋଧଂ ସର୍ବପ୍ରକାଶଂ ସଦସଦ୍ୱିଲକ୍ଷଣମ୍ । ୯ ।
ନିତ୍ୟଂ ବିଭୁଂ ସର୍ବଗତଂ ସୁସୂକ୍ଷ୍ମମନ୍ତର୍ବହିଃଶୂନ୍ୟମନନ୍ୟମାତ୍ମନଃ ।
ବିଜ୍ଞାୟ ସମ୍ୟଙ୍ନିଜରୂପମେତତ୍ ପୁମାନ୍ ବିପାପ୍ମା ବିରଜୋ ବିମୃତ୍ୟୁଃ । ୧୦ ।

ଯେହୁ ଜାଗ୍ରତ ସୁଷୁପ୍ତି ସ୍ୱପ୍ନ ଅବସ୍ଥାରେ । ପ୍ରକାଶଇ ପ୍ରତ୍ୟଗାତ୍ମାରୂପେ ନିରନ୍ତରେ ॥
'ଅହଂ' ଆଦି ବିଶ୍ୱାସର ଯେହୁ ଆଲମ୍ବନ । ବୁଦ୍ଧି ଅହଙ୍କାର ଆଦି ଯେ କର ଦର୍ଶନ ॥
ଚିଦାନନ୍ଦ ନିତ୍ୟାନନ୍ଦ ସ୍ୱରୂପ ସ୍ଫୁରଇ । ନିଜ ଆତ୍ମା ବୋଲି ବତ୍ସେ ତାହାଙ୍କୁହିଁ କହି ।୬।
ଘଟ ଜଳେ ରବି ବିମ୍ବ ଦେଖି ମୂଢ଼ଜନ । ସୂର୍ଯ୍ୟଙ୍କୁ ସବିତା ବୋଲି ବିଚାରେ ଯେସନ ॥
ଜଡ଼ ନର ଭ୍ରମ ବଶେ ମାନସେ ତେସନ । ଉପାଧିସ୍ଥ ଚିଦାଭାସେ 'ଅହଂ' ବୋଲି ମଣେ ।୭।
କିନ୍ତୁ ଜ୍ଞାନି ନରେ ଘଟ, ଘଟ-ଗତ ଜଳ । ସେ ଜଳେ ପ୍ରତିବିମ୍ବିତ ତପନ ମଣ୍ଡଳ ॥
ଏ ତିନିକି ଛାଡ଼ି ଯଥା ଦେଖନ୍ତି ତପନେ । ଯେହୁ ସ୍ୱୟଂ ପ୍ରକାଶକ ଅଟଇ ଭୁବନେ ॥
ସେ ଘଟ ସେ ଜଳ ପୁଣି ସେ ପ୍ରତିବିମ୍ବର । ଅବଭାସକ[1] ଅଟଇ ଯେଉଁ ଦିନକର ।୮।
ଦେହ, ବୁଦ୍ଧି, ବୁଦ୍ଧିଗତ-ଚିତ୍ ପ୍ରତିବିମ୍ବକୁ । ତେସନେ ହେ ଶିଷ୍ୟ ଛାଡ଼ି ଏ ତିନି ଦ୍ରବ୍ୟକୁ
କର ସର୍ବ ପ୍ରକାଶକ ଆତ୍ମା ବିଲୋକନ । ଅଖଣ୍ଡ ବୋଧ ଯେ ସଦାସତ ବିଲକ୍ଷଣ ॥
ବୁଦ୍ଧିରୂପ ଗୁହାରେ ଯେ ହୋଇଛନ୍ତି ନିହିତ । ସମସ୍ତ ଦେଖଇ ଯେଉଁ ଆତ୍ମା ଅବିରତ ।୯।
ନିତ୍ୟ, ବିଭୁ, ସର୍ବଗତ, ଅନ୍ତର୍ବାହ ଶୂନ୍ୟ । ସୁସୂକ୍ଷ୍ମ ଆତ୍ମସ୍ୱରୂପ, ଅନାଦି ଅନନ୍ୟ ।
ଏ ରୂପ ନିଜ ରୂପକୁ ଉତ୍ତମ ରୂପରେ । ଅବଗତ ହୋଇ ଜ୍ଞାନି ପୁରୁଷ-ନିକରେ ॥
ପାପ-ରହିତ, ବିରଜ[2] ହୋଇଣ ସଂସାରେ । ମୃତ୍ୟୁକୁ ଜିଣନ୍ତି ଜ୍ଞାନବଳେ ଏ ପ୍ରକାରେ ॥

---

୧ । ପ୍ରକାଶକ । ୨ ନୀରୋଗ ।

ବିଶୋକ ଆନନ୍ଦଘନୋ ବିପଶ୍ଚିତ୍ ସ୍ୱୟଂ କୁତଶ୍ଚିନ୍ନ ବିଭେତି କଶ୍ଚିତ୍ ।
ନାନ୍ୟୋଽସ୍ତି ପନ୍ଥା ଭବବନ୍ଧମୁକ୍ତେର୍ବିନା ସ୍ୱତତ୍ତ୍ୱାବଗମଂ ମୁମୁକ୍ଷୋଃ । ୧୧ ।

ବ୍ରହ୍ମାଭିନ୍ନତ୍ୱବିଜ୍ଞାନଂ ଭବମୋକ୍ଷସ୍ୟ କାରଣମ୍ ।
ଯେନାଦ୍ୱିତୀୟମାନନ୍ଦଂ ବ୍ରହ୍ମ ସମ୍ପଦ୍ୟତେ ବୁଧୈଃ । ୧୨ ।
ବ୍ରହ୍ମଭୂତସ୍ତୁ ସଂସୃତ୍ୟୈ ବିଦ୍ୱାନ୍ନାବର୍ତ୍ତତେ ପୁନଃ ।
ବିଜ୍ଞାତବ୍ୟମତଃ ସମ୍ୟଗ୍ ବ୍ରହ୍ମାଭିନ୍ନତ୍ୱମାତ୍ମନଃ । ୧୩ ।
ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ ବିଶୁଦ୍ଧଂ ପରଂ ସ୍ୱତଃସିଦ୍ଧମ୍ ।
ନିତ୍ୟାନନ୍ଦୈକରସଂ ପ୍ରତ୍ୟଗଭିନ୍ନଂ ନିରନ୍ତରଂ ଜୟତି । ୧୪ ।
ସଦିଦଂ ପରମାଦ୍ୱୈତଂ ସ୍ୱସ୍ମାଦନ୍ୟସ୍ୟ ବସ୍ତୁନୋଽଭାବାତ୍ ।
ନ ହ୍ୟନ୍ୟଦସ୍ତି କିଞ୍ଚିତ୍ ସମ୍ୟକ୍ ପରମାର୍ଥତତ୍ତ୍ୱବୋଧଦଶାୟାମ୍ । ୧୫ ।
ଯଦିଦଂ ସକଳଂ ବିଶ୍ୱଂ ନାନାରୂପଂ ପ୍ରତୀତମଜ୍ଞାନାତ୍ ।
ତତ୍ ସର୍ବଂ ବ୍ରହ୍ମୈବ ପ୍ରତ୍ୟସ୍ତାଶେଷଭାବନାଦୋଷମ୍ । ୧୬ ।
ମୃତ୍କାର୍ଯ୍ୟଭୂତୋଽପି ମୃଦୋ ନ ଭିନ୍ନଃ କୁମ୍ଭୋଽସ୍ତି ସର୍ବତ୍ର ତୁ ମୃତ୍ସ୍ୱରୂପାତ୍ ।
ନ କୁମ୍ଭରୂପଂ ପୃଥଗସ୍ତି କୁମ୍ଭଃ କୁତୋ ମୃଷା କଳ୍ପିତନାମମାତ୍ରଃ । ୧୭ ।

ସ୍ୱୟଂ ଆତ୍ମସ୍ୱରୂପକୁ ଜାଣିଥାନ୍ତି ଯେଣୁ । ଶୋକ-ରହିତ ଆନନ୍ଦମୟ ବିଜ୍ଞେ ତେଣୁ ॥
କାହାକୁ ମନରେ ଭୟ ନ କରନ୍ତି କବେ । ବିଚାର କରନ୍ତି ସଦା ଆନନ୍ଦ ଏ ଭବେ ॥
ଭବ-ବନ୍ଧନୁଁ ମୁକତ ହେବ ପାଇଁ ସିନା ଅନ୍ୟ ପନ୍ଥା ନାହିଁ ଆଉ ଆତ୍ମଜ୍ଞାନ ବିନା ।୧୧।
ପରମାତ୍ମା ଜୀବାତ୍ମା ମଧ୍ୟେ ଭେଦ ନାହିଁ । ଭବ-ମୋକ୍ଷର କାରଣ ଜାଣ ସ ଜ୍ଞାନହିଁ ॥
ଅଦ୍ୱୈତ ଓ ଆନନ୍ଦମୟ ବ୍ରହ୍ମସ୍ୱରୂପରେ । ସମ୍ପନ୍ନ ହୁଅନ୍ତି ବିଜ୍ଞେ ସେ ଜ୍ଞାନବଳରେ ।୧୨।
ବ୍ରହ୍ମଭୂତ * ଜ୍ଞାନୀ ଯେଉଁ ପୁରୁଷ ହୁଅଇ । ପୁନର୍ବାର ଏ ଭବକୁ କେବେ ନ ଆସଇ ॥
ଜୀବାତ୍ମା ବ୍ରହ୍ମ ମଧ୍ୟରେ ଭେଦ ନ ଥିବାର । ବୁଝ ତେଣୁ ଭଲରୂପେ ହେ ପଣ୍ଡିତବର ।୧୩।
ଅନନ୍ତ- ବିଶୁଦ୍ଧ, ଜ୍ଞାନସ୍ୱରୂପ ଯେ ନିତ୍ୟ । ସ୍ୱତଃସିଦ୍ଧ, ଏକରୂପ, ସଦାନନ୍ଦ, ସତ୍ୟ ॥
ସେ ପରବ୍ରହ୍ମ ନୁହନ୍ତି ଆତ୍ମ ଠାରୁ ଭିନ୍ନ ସର୍ବଭୂତେ ପୂର୍ଣ୍ଣରୂପେ ସଦା ବିଦ୍ୟମାନ ।୧୪।
ବ୍ରହ୍ମ ବିନା ଅନ୍ୟ ବସ୍ତୁ ନ ଥିବାରୁ ଜାଣ । ଅଦ୍ୱୟ ଅଟଇ ବ୍ରହ୍ମ ସଦ୍ରୂପ ପ୍ରଧାନ ॥
ଏହି ପରମାର୍ଥ ତତ୍ତ୍ୱବୋଧ ଅବସ୍ଥାରେ । ଆନ କେଉଁଣି ପଦାର୍ଥ ନ ଦେଖେ ସଂସାରେ ।୧୫।
ନିଖିଳ ବିଶ୍ୱ ଯେ ନାନା ସ୍ୱରୂପେ ଦିଶଇ । ଅଜ୍ଞାନ କେବଳ ତାର କାରଣ ଅଟଇ ॥
ଅଶେଷ-ଭାବନା-ଦୋଷ-ରହିତ-ବ୍ରହ୍ମହିଁ । ବାସ୍ତବରେ ଏ ନିଖିଳ ଜଗତ ଅଟଇ ।୧୬।
ମୃତ୍ତିକା ନିର୍ମିତ କୁମ୍ଭ ମାଟି ବିନା ଆନ । କେବେ ସେ ପଦାର୍ଥ ଯଥା ନୁହଇ ତା ଜାଣ ॥
କୁମ୍ଭ ନାମରେ ସ୍ୱତନ୍ତ୍ର ବସ୍ତୁ ତହିଁ ନାହିଁ । 'କୁମ୍ଭ' ଏହି ନାମ ମିଥ୍ୟାକଳ୍ପିତ ଅଟଇ ।୧୭।

---

* ଅଦ୍ୱିତୀୟ, ଏକମେବ । * ବ୍ରହ୍ମମୟ ।

କେନାପି ମୃଦ୍‌ଭିନ୍ନତୟା ସ୍ୱରୂପଂ ଘଟସ୍ୟ ସନ୍ଦର୍ଶୟିତୁଂ ନ ଶକ୍ୟତେ ।
ଅତୋ ଘଟଃ କଳ୍ପିତ ଏବ ମୋହାନ୍ମୃଦେବ ସତ୍ୟଂ ପରମାର୍ଥଭୂତମ୍ । ୧୮ ।
ସଦ୍‌ବ୍ରହ୍ମକାର୍ଯ୍ୟଂ ସକଳଂ ସଦେବ ତନ୍ମାତ୍ରମେତନ୍ନ ତତୋଽନ୍ୟଦସ୍ତି ।
ଅସ୍ତୀତି ଯୋ ବକ୍ତି ନ ତସ୍ୟ ମୋହୋ ବିନିର୍ଗତୋ ନିଦ୍ରିତବତ୍ ପ୍ରଜଳ୍ପଃ ।୧୯।
ବ୍ରହ୍ମୈବେଦଂ ବିଶ୍ୱମିତ୍ୟେବ ବାଣୀ ଶ୍ରୌତୀ ବ୍ରୂତେଽଥର୍ବନିଷ୍ଠା ବରିଷ୍ଠା ।
ତସ୍ମାଦେତଦ୍‌ବ୍ରହ୍ମମାତ୍ରଂ ହି ବିଶ୍ୱଂ ନାଧିଷ୍ଠାନାଦ୍ଭିନ୍ନତାରୋପିତସ୍ୟ । ୨୦ ।
ସତ୍ୟଂ ଯଦି ସ୍ୟାଜ୍ଜଗଦେତଦାତ୍ମନୋଽନନ୍ତତ୍ୱହାନିର୍ନିଗମାପ୍ରମାଣତା ।
ଅସତ୍ୟବାଦିତ୍ୱମପୀଶିତୁଃ ସ୍ୟାନ୍ନୈତତ୍ତ୍ରୟଂ ସାଧୁ ହିତଂ ମହାତ୍ମନାମ୍ । ୨୧ ।

ଈଶ୍ୱରୋ ବସ୍ତୁତତ୍ତ୍ୱଜ୍ଞୋ ନ ଚାହଂ ତେଷ୍ୱବସ୍ଥିତଃ ।
ନ ଚ ମତ୍‌ସ୍ଥାନି ଭୂତାନୀତ୍ୟେବମେବ ବ୍ୟଚୀକ୍ଲ୍ପତ୍ ।୨୨।
ଯଦି ସତ୍ୟଂ ଭବେଦ୍ ବିଶ୍ୱଂ ସୁଷୁପ୍ତାବୁପଲଭ୍ୟତାମ୍ ।
ଯନ୍ନୋପଲଭ୍ୟତେ କିଞ୍ଚିଦତୋଽସତ୍ ସ୍ୱପ୍ନବନ୍ମୃଷା । ୨୩ ।

ମୃତ୍ତିକା ଛଡ଼ା କୁମ୍ଭର ସତ୍ତା ଥିବ ନାହିଁ । କେହୁ କଦାପି ପ୍ରମାଣ କରି ନ ପାରଇ ॥
ତେଣୁ କୁମ୍ଭର ଏ ନାମ କଳ୍ପିତ ସକଳ । ମୃତ୍ତିକା ହିଁ ସତ୍ୟ ବସ୍ତୁ ଅଟଇ କେବଳ ।୧୮।
ନିଖିଳ ବସ୍ତୁ ସଦ୍‌ବ୍ରହ୍ମ କଳ୍ପିତ ଯେଣୁ । ସଦ୍‌ବ୍ରହ୍ମସ୍ୱରୂପ ବିନା ଏ ସମସ୍ତ ତେଣୁ ॥
ବ୍ରହ୍ମ ଛଡ଼ା ଅନ୍ୟ କିଛୁ ନାହିଁ ସଂସାରେ । ଅସ୍ତି ବୋଲି ଯେବେ କହେ ମୂର୍ଖ ଯେଉଁ ନର ॥
ନିଦ୍ରିତ ଲୋକର ଜଳ୍ପନା ପ୍ରାୟ ସେହି । ଘୋର ମୋହେ ପଡ଼ି ଭ୍ରାନ୍ତି କଳ୍ପନା କରଇ ।୧୯
"ବ୍ରହ୍ମୈବେଦଂ ବିଶ୍ୱଂ" ୧ ଏହି ମହତ ବଚନ । ଚତୁର୍ଥ ବେଦ-ଅଥର୍ବ ହୋଇଛି ନିଶ୍ଚିତ
ନିଖିଳ ବ୍ରହ୍ମାଣ୍ଡ ବ୍ରହ୍ମମାତ୍ର ବୋଲେ ବେଦ । ହୋଇ ନ ପାରଇ ବିଶ୍ୱ ଅଧିଷ୍ଠାନରୁ ଭେଦ
ବୋଲିବ ଏ ଜଗତକୁ ସତ୍ୟ ବୋଲି ଯେବେ । ଆତ୍ମାର ଅନନ୍ତତ୍ୱରେ ହାନି ହେବ ତେବେ
ବେଦଙ୍କ ବଚନ ପୁଣି ହେବ ଅପ୍ରମାଣ । ମିଥ୍ୟାବାଦୀ ହେବେ ବେଦକର୍ତ୍ତା ଭଗବାନ ॥
ତେଣୁ ମହାତ୍ମା ସଜ୍ଜନେ ଏ ତିନି କଥାରେ । ସମ୍ମତ ନୁହନ୍ତି କେବେ ଜାଣି
ଏ ବିଷୟରେ ।୨୧।
ବସ୍ତୁତତ୍ତ୍ୱଜ୍ଞାନୀ ସ୍ୱୟଂ ଈଶ୍ୱର ଏ କଥା । କହନ୍ତି "ନାହିଁ ମୁହିଁ ଭୂତେ ଅବସ୍ଥିତ ॥
ସେ ଭୂତ ସକଳ ସ୍ଥିତ ନାହିଁ ମୋ ଠାରେ । ଅବସ୍ଥିତ ନୁହନ୍ତି କୌଣସି ପ୍ରକାରେ ॥
ଏ ନିଖିଳ ବିଶ୍ୱ ସତ୍ୟ ହୋଇଥାନ୍ତା ଯେବେ । ସୁଷୁପ୍ତିରେ ସୁଦ୍ଧା ତାହା ଜଣାଯାନ୍ତା ତେବେ ॥
କିନ୍ତୁ ସୁଷୁପ୍ତିରେ କିଛି ନ ଦିଶଇ ଯେଣୁ । ସ୍ୱପ୍ନପ୍ରାୟ ମିଥ୍ୟାବସ୍ତୁ ବିଶ୍ୱ ଅଟେ ତେଣୁ ।୨୩।

---

୧ ବ୍ରହ୍ମ+ଏବ (ହିଁ) + ଇଦଂ (ଏହି) = ବ୍ରହ୍ମୈବେଦଂ ଅର୍ଥାତ୍ ଏହି ବିଶ୍ୱ ବ୍ରହ୍ମହିଁ ଅଟେ ।

ଅତଃ ପୃଥକ୍ ନାସ୍ତି ଜଗତ୍ ପରାତ୍ମନଃ ପୃଥକ୍ ପ୍ରତୀତିସ୍ତୁ ମୃଷା ଗୁଣାହିବତ୍ ।
ଆରୋପିତସ୍ୟାସ୍ତି କିମର୍ଥବତ୍ତାଧିଷ୍ଠାନମାଭାତି ତଥା ଭ୍ରମେଣ । ୨୪ ।
ଭ୍ରାନ୍ତସ୍ୟ ଯଦ୍ୟଦ୍ ଭ୍ରମତଃ ପ୍ରତୀତଂ ବ୍ରହ୍ମୈବ ତତ୍ତଦ୍ରଜତଂ ହି ଶୁକ୍ତିଃ ।
ଇଦନ୍ତୟା ବ୍ରହ୍ମ ସଦୈବ ରୂପ୍ୟତେ ତ୍ୱାରୋପିତଂ ବ୍ରହ୍ମଣି ନାମମାତ୍ରମ୍ । ୨୫ ।
ଅତଃ ପରଂ ବ୍ରହ୍ମ ସଦଦ୍ୱିତୀୟଂ ବିଶୁଦ୍ଧବିଜ୍ଞାନଘନଂ ନିରଞ୍ଜନମ ।
ପ୍ରଶାନ୍ତମାଦ୍ୟନ୍ତବିହୀନମକ୍ରିୟଂ ନିରନ୍ତରାନନ୍ଦରସ ସ୍ୱରୂପମ୍ । ୨୬ ।
ନିରସ୍ତମାୟାକୃତସର୍ବଭେଦଂ ନିତ୍ୟଂ ଧ୍ରୁବଂ ନିଷ୍କଳମ ପ୍ରମେୟମ୍ ।
ଅରୂପମବ୍ୟକ୍ତମନାଖ୍ୟମବ୍ୟୟଂ ଜ୍ୟୋତିଃ ସ୍ୱୟଂ କିଞ୍ଚିଦିଦଂ ଚକାସ୍ତି । ୨୭ ।
ଜ୍ଞାତୃଜ୍ଞେୟଜ୍ଞାନଶୂନ୍ୟମନନ୍ତଂ ନିର୍ବିକଳ୍ପକମ୍ ।
କେବଳାଖଣ୍ଡଚିନ୍ମାତ୍ରଂ ପରଂ ତତ୍ତ୍ୱଂ ବିଦୁର୍ବୁଧାଃ । ୨୮ ।
ଅହେୟମନୁପାଦେୟଂ ମନୋବାଚାମଗୋଚରମ୍ ।
ଅପ୍ରମେୟମନାଦ୍ୟନ୍ତଂ ବ୍ରହ୍ମ ପୂର୍ଣ୍ଣମହଂ ମହଃ । ୨୯ ।

ପରମାତ୍ମାଠାରୁ ବିଶ୍ୱ ଭିନ୍ନ ନୁହେ ପୁଣ । ଏଥିକି ଦୃଷ୍ଟାନ୍ତ ଏକ ଦେଉଛୁଁ ମୁଁ ଶୁଣ । ୨୩
ଭ୍ରାନ୍ତିରେ ରଜ୍ଜୁରେ ଯଥା ହୁଏ ସର୍ପଜ୍ଞାନ । ସେ ବିଶ୍ୱାସ ବାସ୍ତବରେ ମିଥ୍ୟା ମାତ୍ର ଜାଣ ॥
ପରମାତ୍ମାଠାରୁ ବିଶ୍ୱ ପୃଥକ ପ୍ରତ୍ୟୟ । ମିଥ୍ୟା ବୋଲି ଜାଣ ତଥା ପଣ୍ଡିତ-ନିଚୟ । ୨୪ ।
ଭ୍ରାନ୍ତନର ଭ୍ରମ ବଶେ ଶାମୁକାକୁ ଯଥା । ରଜତ ବୋଲି ମନେ ବିଚାରଇ ତଥା ।
ଭ୍ରମେ ବ୍ରହ୍ମଠାରୁ ବିଶ୍ୱେ ଭିନ୍ନ କରେ ଜ୍ଞାନ । କିନ୍ତୁ ଯଥାର୍ଥରେ ବିଶ୍ୱବ୍ରହ୍ମରୂପ ଜାଣ । ୨୫।
ତେଣୁ ପରବ୍ରହ୍ମ ଜାଣ ସତ ଅଦ୍ୱିତୀୟ । ବିଶୁଦ୍ଧ, ବିଜ୍ଞାନରୂପ, ପ୍ରଶାନ୍ତ, ନିଷ୍କ୍ରିୟ ॥
ଆଦିଅନ୍ତହୀନ, ପୁଣି ପୂର୍ଣ୍ଣ, ନିରଞ୍ଜନ । ସତତଆନନ୍ଦରସସ୍ୱରୂପ, ଚିଦ୍‌ଘନ । ୨୬ ।
ମାୟାକୃତ ସର୍ବଭେଦ ରହିତ, ଅଚଳ । ଅପ୍ରମେୟ, ରୂପହୀନ, ଅବ୍ୟକ୍ତ, ନିଷ୍କଳ ୧ ॥
ନିତ୍ୟ, ନାମହୀନ ସେହି ଅବିର ଅକ୍ଷୟ । ଆତ୍ମାରୂପେ ପ୍ରକାଶଇ ସ୍ୱୟଂ ଜ୍ୟୋତିର୍ମୟ । ୨୭।
ଜ୍ଞାତା ନୁହେ, ଜ୍ଞେୟ ନୁହେ, ଜ୍ଞାନହିଁ ସେ ନୁହେ । ଅନନ୍ତ, ନିର୍ବିକଳ୍ପ ସେ ପୁରୁଷ ସମୂହେ
ଅଖଣ୍ଡ, ଚିନ୍ମାତ୍ର, ପରବ୍ରହ୍ମ ସେ କେବଳ । ସେ ତତ୍ତ୍ୱ ଜାଣି ପାରନ୍ତି ପଣ୍ଡିତ ସକଳ । ୨୮ ।
ଉପାଦେୟ ନୁହଇ, ସେ ହେୟହିଁ ନୁହଇ । ମନ ବଚନ ତାହାକୁ ଜାଣି ନ ପାରଇ ॥
ଆଦିଅନ୍ତ ନାହିଁ ତାର ସେହି ଅପ୍ରମେୟ । ଉଦଂଜ୍ଞାନର ତେଜ ପୂର୍ଣ୍ଣ ବ୍ରହ୍ମ ସ୍ୱୟଂ । ୨୯।

ଫଳିତାର୍ଥ :—୨୩ପଦ—ବିଶ୍ୱ ସତ୍ୟ ହୋଇଥିଲେ ମନୁଷ୍ୟ ସୁଷୁପ୍ତି ଅବସ୍ଥାରେ ମଧ୍ୟ ଉପଲବ୍ଧ କରିପାରୁଥାନ୍ତା ।
ମାତ୍ର ସୁଷୁପ୍ତିରେ ତାହା ଜଣାପଡେ ନାହିଁ, ଏଣୁ ବିଶ୍ୱ ସ୍ୱପ୍ନପ୍ରାୟ ମିଥ୍ୟା ପଦାର୍ଥ ।
୨୪ପଦ :—ପରମାତ୍ମାରୁ ଜଗତର ପୃଥକ ଅସ୍ତିତ୍ୱ ନାହିଁ ।
୧ ନିଷ୍କଳ--ମାୟାରହିତ, କଳଙ୍କହୀନ

ତତ୍ତ୍ୱମ୍ପଦାଭ୍ୟାମଭିଧୀୟମାନୟୋର୍ବ୍ରହ୍ମାତ୍ମନୋଃ ଶୋଧିତୟୋର୍ଯଦିତ୍ଥମ୍ ।
ଶ୍ରୁତ୍ୟା ତୟୋସ୍ତତ୍ତ୍ୱମସୀତି ସମ୍ୟକ୍ ଏକତ୍ୱମେବ ପ୍ରତିପାଦ୍ୟତେ ମୁହୁଃ । ୪୦ ।
ଐକ୍ୟଂ ତୟୋର୍ଲକ୍ଷିତୟୋର୍ନ ବାଚ୍ୟୟୋର୍ନିଗଦ୍ୟତେଽନ୍ୟୋନ୍ୟବିରୁଦ୍ଧଧର୍ମିଣୋଃ
ଖଦ୍ୟୋତଭାନ୍ୱୋରିବ ରାଜଭୃତ୍ୟୟୋଃ କୂପାମ୍ବୁରାଶ୍ୟୋଃ ପରମାଣୁମେର୍ୱୋଃ ।୪୧।
ତୟୋର୍ବିରୋଧୋଽୟମୁପାଧିକଳ୍ପିତୋ ନ ବାସ୍ତବଃ କଶ୍ଚିଦୁପାଧିରେଷଃ ।
ଈଶସ୍ୟ ମାୟା ମହଦାଦ କାରଣାତ୍ ଜୀବସ୍ୟ କାର୍ଯ୍ୟଂ ଶୃଣୁ ପଞ୍ଚକୋଷମ୍ । ୪୨ ।
ଏତାବୁପାଧୀ ପରଜୀବୟୋସ୍ତୟୋଃ ସମ୍ୟକ୍ ନିରାସେ ନ ପରୋ ନ ଜୀବଃ ।
ରାଜ୍ୟଂ ନରେନ୍ଦ୍ରସ୍ୟ ଭଟସ୍ୟ ଖେଟକସ୍ତୟୋରପୋହେ ନ ଭଟୋ ନ ରାଜା । ୪୩ ।
ଅଥାତ ଆଦେଶ ଇତି ଶ୍ରୁତିଃ ସ୍ୱୟଂ ନିଷେଧତି ବ୍ରହ୍ମଣି କଳ୍ପିତଂ ଦ୍ୱୟମ୍
ଶ୍ରୁତି ପ୍ରମାଣାନୁଗୃହୀତବୋଧାତ୍ତୟୋର୍ନିରାସଃ କରଣୀୟ ଏବ । ୪୪ ।

"ତତ୍ତ୍ୱମସି" ଏହି ବାକ୍ୟ ବୋଲେ ଶ୍ରୁତିଚୟ । ଆତ୍ମାଜୀବର ଏକତ୍ୱ କରନ୍ତି ନିର୍ଣ୍ଣୟ ॥
ତତ୍ ଆଉ ତ୍ୱଂ ପଦର ଅଭିଧୀୟମାନ † । ଆତ୍ମା ଆଉ ଜୀବ ଏହି ବେନି ଅର୍ଥ ଜାଣ ।୪୦।
ତତ୍ ବୋଲି ପରବ୍ରହ୍ମଙ୍କୁ, ତ୍ୱଂ ଜୀବଙ୍କୁ କହି । ଏ ବେନି ବିରୁଦ୍ଧଗୁଣ ଧର୍ମ୍ମଆନ୍ତି ବହି ॥
ତତ୍ ଓ ତ୍ୱଂ ପଦର ବାଚ୍ୟ ବ୍ରହ୍ମ ଆଉ ଜୀବ । ଏ ଉଭୟର ଏକତ୍ୱ ନୁହଇ ସମ୍ଭବ ॥
ଦୁଇ ପଦର ବାଚ୍ୟାର୍ଥ ତେଣୁ ପରିହରି । ଐକ୍ୟସିଦ୍ଧାନ୍ତକରତେ ଲକ୍ଷ୍ୟାର୍ଥକୁ ଧରି ॥
ଯେସନେ ଖଦ୍ୟୋତ *ଭାନୁ, କୂପ-ରତ୍ନାକର । ରାଜା-ଭୃତ୍ୟ, ପରମାଣୁ-ମେରୁମହୀଧର ।
ଏ ସବୁ ନୁହନ୍ତି ଏକ ସେହି ପ୍ରକାରେ । ଜୀବବ୍ରହ୍ମର ଏକତ୍ୱ ସମ୍ଭବ ନ ପାରେ । ୪୧ ।
ଜୀବ ବ୍ରହ୍ମଙ୍କୁ ବିରୁଦ୍ଧଧର୍ମୀ ବୋଲି ଜନା । ସେ ବିରୁଦ୍ଧତା ଉପାଧି କଳ୍ପିତ ସିନା ॥
ମହତ୍ତତ୍ତ୍ୱ ଆଦିର କାରଣ ଯେ ମାୟା । ଈଶ୍ୱରଙ୍କର ଉପାଧି ଅଟଇଟି ତାହା ॥
ଜୀବର ଉପାଧି କାର୍ଯ୍ୟ ପଞ୍ଚକୋଷ ଜାଣ । ବାସ୍ତବରେ ମିଥ୍ୟା ସିନା ସେ ଉପାଧିମାନ ॥
ଉପାଧିତ ମିଥ୍ୟା, ତେଣୁ ତାର କୃତ ଭେଦ । ମିଥ୍ୟା ଅଟଇ ନିଶ୍ଚୟ ଜାଣ ହେ କୋବିଦ+
ପରମାତ୍ମା ଜୀବର ସେ ଉପାଧି ଅନ୍ତର । ହୋଇଲେ ନୁହେ କେ ଜୀବ ନୁହେ କେହି ପର ॥
ରାଜ୍ୟ ଯୋଗେ ମନୁଷ୍ୟକୁ ରାଜା ବୋଲି କହି । ଭଟ ବୋଲିଏ ଖେଟକ ଉପାଧିକି ବହି ॥
ସେ ଦୁହିଙ୍କ ଉପାଧିକି କାଢ଼ିନେବ ଯେବେ । କେହି ନୁହେ ରାଜା କେହି ଭଟ ନୁହେ ତେବେ ॥

ଅଥାତ୍ ଆଦେଶଃ" ଏହି ବାକ୍ୟେ ପୂର୍ଣ୍ଣଶ୍ରୁତି । ବ୍ରହ୍ମର ବେନି ଉପାଧି କରନ୍ତି ବାରିତ ॥
ବେଦ ପ୍ରମାଣ ନିସ୍ପନ୍ନ ବିଗୁରୁଙ୍କୁ ଯେବେ । ଗ୍ରହଣ କର ମାନବେ ପନ୍ଥ ଗୁମ୍ଫ ହେବେ ॥
ସେକାଳେ ବେନି ଉପାଧି ହୋଇବ ଅନ୍ତର । ଉପାଧି ତୁଟିଲେ ବ୍ରହ୍ମଜୀବ ନୁହେ ପର
ଏବେଶ୍ୟ ଜଗତ ମୋତେ ବ୍ରହ୍ମ ସେ ନୁହଇ । ସମସ୍ତ ମାୟା କଳ୍ପିତ ଅସତ୍ୟ ଅଟଇ ॥

---

† ଶବ୍ଦାର୍ଥ । * ଜହ୍ନକଳିଅପୋକ । + ପଣ୍ଡିତ ।

ନେଦଂ ନେଦଂ କଳ୍ପିତତ୍ୱାନ୍ନ ସତ୍ୟଂ ରଜ୍ଜୁଦୃଷ୍ଟ ବ୍ୟାଳବତ୍ ସ୍ୱପ୍ନବଚ୍ଚ ।
ଇତ୍ଥଂ ଦୃଶ୍ୟଂ ସାଧୁଯୁକ୍ତ୍ୟା ବ୍ୟପୋହ୍ୟ ଜ୍ଞେୟଃ ପଶ୍ଚାଦେକଭାବସ୍ତୟୋର୍ଯଃ ।୩୫।
ତତସ୍ତୁ ତୌ ଲକ୍ଷଣୟା ସୁଲକ୍ଷ୍ୟୌ ତୟୋରଖଣ୍ଡୈକରସତ୍ୱସିଦ୍ଧୟେ ।
ନାଲଂ ଜହତ୍ୟା ନ ତଥାଽଜହତ୍ୟା କିନ୍ତୂଭୟାର୍ଥାତ୍ମିକୟୈବ ଭାବ୍ୟମ୍ ।୩୬।
ସ ଦେବଦତ୍ତୋଽୟମିତୀହ ଚୈକତା ବିରୁଦ୍ଧଧର୍ମାଂଶମପାସ୍ୟ କଥ୍ୟତେ ।
ଯଥା ତଥା ତତ୍ତ୍ୱମସୀତିବାକ୍ୟେ ବିରୁଦ୍ଧଧର୍ମାନୁଭୟତ୍ର ହିତ୍ୱା ।୩୭।

ରଜ୍ଜୁରେ ଯେସନ ସର୍ପଜ୍ଞାନ ହେଲେ ଜାତ । ନୁହେ ସତ୍ୟ କେବେ ସେହୁ କଳ୍ପିତ ପଦାର୍ଥ ॥
ଅବର ସ୍ୱପନେ ଦେଖାପଡ଼େ ଦ୍ରବ୍ୟ ଯାହା । ସତ୍ୟ ନୁହଇ, କଳ୍ପନାମାତ୍ର ଯଥା ତାହା ॥
ତେସନେ ମାୟା କଳ୍ପିତ ଜଗତ ସକଳ । ମିଥ୍ୟା ବୋଲି ଭାବନ୍ତି ଜ୍ଞାନୀଏ କେବଳ ॥
ଏରୂପ ଯୁକତି ବଳେ ପ୍ରପଞ୍ଚକୁ ତେଜି । ବ୍ରହ୍ମଜୀବର ଏକତା ଜ୍ଞାନୀ ଥାନ୍ତି ଭେଜି ॥
ଆତ୍ମା ଜୀବର ଅଖଣ୍ଡ ଏକରସ ସିଦ୍ଧି । 'ତତ୍ ଅଉ ତ୍ୱଂ' ପଦାର୍ଥକୁ ଲକ୍ଷିବ ଏ ବିଧି ॥
[1]ଲକ୍ଷଣାର୍ଥ ଯୋଗେ ଆହେ ପଣ୍ଡିତ ସକଳ । ଜହତ୍ ସ୍ୱାର୍ଥ ଲକ୍ଷଣାରେ ନ ଘଟେ କେବଳ ॥
ଅଥବା ଅଜହତ ସ୍ୱାର୍ଥ ଲକ୍ଷଣାର ବଳେ । ପ୍ରମାଣି କରିବ ପାଇଁ ନ ଘଟେ ଏ ସ୍ଥଳେ ॥
ତେଣୁ ଜହତ୍ ସ୍ୱାର୍ଥ ଆଉ ଅଜହତ ଏ ଯୋଗେ । ଜୀବ-ଅତ୍ମାର ଏକତା ପ୍ରମାଣିବ ଆଗେ ॥
"ସେହି ଏହି ଦେବଦତ୍ତ" ଏ ବାକ୍ୟ ଯେସନ । ସେକାଳ ଏକାଳ ଅର୍ଥ କରି ବରଜନ ॥
ଏକତ୍ୱ ଅର୍ଥକୁ କରିଅଛି ସପ୍ରମାଣ । "ତତ୍ତ୍ୱମସି" ବାକ୍ୟେ ସେହି ପରକାରେ ଜାଣ ॥
ପରୋକ୍ଷ ଓ ଅପରୋକ୍ଷ ବୃତ୍ତି ଅର୍ଥ ତେଜ । ପରମାତ୍ମା ଜୀବାତ୍ମାଙ୍କୁ ଏକ ବୋଲି ଘେନ ।୩୭।

୧। ଲକ୍ଷଣା ତିନ ପ୍ରକାର ଯଥା — ୧ମ ଜହତ୍ ସ୍ୱାର୍ଥ ଲକ୍ଷଣା; ୨ୟ, ଅଜହତ୍ ସ୍ୱାର୍ଥ ଲକ୍ଷଣା; ୩। ଅଜହଦ୍ ଜହତ୍ ସ୍ୱାର୍ଥଲକ୍ଷଣା ।

ଅର୍ଥ ଦୁଇ ପ୍ରକାର ଯଥା :—ଶକ୍ୟାର୍ଥ ଓ ଲକ୍ଷ୍ୟାର୍ଥ । ଶବ୍ଦ ଉଚ୍ଚାରଣ ମାତ୍ରେ ସ୍ୱଭାବତଃ ଯେ ଅର୍ଥର ପ୍ରତୀତି ହୁଏ, ତାକୁ ଶକ୍ୟାର୍ଥ କହନ୍ତି । ପ୍ରୟୋଜନାନୁସାରେ ଶକ୍ୟାର୍ଥ ପରିତ୍ୟାଗ ବା ଅନ୍ୟାର୍ଥ ଗ୍ରହଣ କରି ଶବ୍ଦାର୍ଥର ହ୍ରାସ ବା ବୃଦ୍ଧି କଲେ, ତାକୁ ଲକ୍ଷ୍ୟାର୍ଥ କହନ୍ତି ।

(କ) ଜହତ୍ସ୍ୱାର୍ଥଲକ୍ଷଣା—"ଗଙ୍ଗାୟାଂ ଘୋଷଃ ପ୍ରତିବସତି" (ଗଙ୍ଗାରେ ଗଉଡ଼ ପଲ୍ଲି ବସିଅଛି) ଏସ୍ଥଳେ ଗଙ୍ଗାଗର୍ଭେ ବାସ କରିବା ଅସମ୍ଭବ ବୋଲି ଗଙ୍ଗା ଶବ୍ଦରେ ଗଙ୍ଗାତୀର ବୁଝାଉଅଛି । ଏଠାରେ ସ୍ୱୀୟ ଅର୍ଥ ତ୍ୟାଗ ଅନ୍ୟ ଅର୍ଥ ଗ୍ରହଣ କରୁଅଛି ।

(ଖ) ଅଜହତ୍ ସ୍ୱାର୍ଥ ଲକ୍ଷଣା—"ଶୋଣୋ ଧାବତି" (ରକ୍ତବର୍ଣ୍ଣ ଦୌଡ଼ୁଅଛି) ଏଠାରେ ରକ୍ତ ବର୍ଣ୍ଣ ଦୌଡ଼ିବାର ଅସମ୍ଭବ ବୋଲି ରକ୍ତବର୍ଣ୍ଣ ବିଶିଷ୍ଟ ଘୋଡ଼ା ବା ଅନ୍ୟ କୌଣସି ପଶୁକୁ ବୁଝାଉଅଛି । ଏଠାରେ ନିଜର ଅର୍ଥ ରଖି ଆଶ୍ରୟର ଅନ୍ୟ ବସ୍ତୁକୁ ବୁଝାଉଅଛି ।

ଫଲସ୍ୟ ଶବ୍ଦାନ୍ତରସ୍ୟାସଦାତ୍ମନୋରଖଣ୍ଡଭାବଃ ପରଗୀଯତେ ବୁଧୈଃ ।
ଏବଂ ମହାବାକ୍ୟଶତେନ କଥ୍ୟତେ ବ୍ରହ୍ମାତ୍ମନୋରୈକ୍ୟମଖଣ୍ଡଭାବଃ ।୩୮ ।
ଅସ୍ଥୂଳମିତ୍ୟେତଦସନ୍ନିରସ୍ୟ ସିଦ୍ଧଂ ସ୍ୱତୋବ୍ୟୋମବଦପ୍ରତର୍କ୍ୟମ୍ । ୩୯ ।
ଅତୋ ମୃଷା ମାତ୍ରମିଦଂ ପ୍ରତୀତଂ ଜହୀହି ଯତ୍ ସ୍ୱାତ୍ମତୟା ଗୃହୀତମ୍ ।
ବ୍ରହ୍ମାହମିତ୍ୟେବ ବିଶୁଦ୍ଧବୁଦ୍ଧ୍ୟା ବିଦ୍ଧି ସ୍ୱମାତ୍ମାନମଖଣ୍ଡ ବୋଧମ୍ । ୪୦ ।
ମୃତ୍କାର୍ଯ୍ୟଂ ସକଳଂ ଘଟାଦି ସତତଂ ମୃଣ୍ମାତ୍ରମେବାହିତଂ
ତଦ୍‌ବତ୍ ସଜ୍ଜନିତଂ ସଦାତ୍ମକମିଦଂ ସନ୍ମାତ୍ରମେବାଖିଳମ୍ ।
ଯସ୍ମାନ୍ନାସ୍ତି ସତଃ ପରଂ କିମପି ତତ୍ ସତ୍ୟଂ ସ ଆତ୍ମା ସ୍ୱୟଂ ।
ତସ୍ମାତ୍ତତ୍ତ୍ୱମସି ପ୍ରଶାନ୍ତମମଳଂ ବ୍ରହ୍ମାଦ୍ୱୟଂ ଯତ୍ପରମ୍ । ୪୧ ।
ନିଦ୍ରାକଳ୍ପିତ ଦେଶକାଳ ବିଷୟଜ୍ଞାତ୍ରାଦି ସର୍ବଂ ଯଥା
ମିଥ୍ୟା ତଦ୍‌ବଦିହାପି ଜାଗ୍ରତି ଜଗତ୍ ସ୍ୱାଜ୍ଞାନକାର୍ଯ୍ୟତ୍ୱତଃ ।
ଯସ୍ମାଦେବମିଦଂ ଶରୀର କରଣ ପ୍ରାଣାହମାଦ୍ୟପ୍ୟସତ୍
ତସ୍ମାତ୍ତତ୍ତ୍ୱମସି ପ୍ରଶାନ୍ତମମଳଂ ବ୍ରହ୍ମାଦ୍ୱୟଂ ଯତ୍ପରମ୍ ।୪୨।

ତତ୍ପର ଅଖଣ୍ଡଭାବ ଜୀବ ଆତ୍ମର । ଏହାକୁ ବୁଝିଲେ ଆହେ ପଣ୍ଡିତ ନିକର ॥
ବ୍ରହ୍ମ ଜୀବର ଅଖଣ୍ଡ ଏକତା ପ୍ରମାଣ । କରନ୍ତି, ସେସବୁ ଶତମହାବାକ୍ୟ ଜାଣ । ୩୮ ।
"ଅସ୍ଥୂଳମନଣ୍ୱହ୍ରସ୍ୱ" ଆଦି ବାକ୍ୟମାନ । ଆତ୍ମାର ଅପ୍ରତର୍କ୍ୟତା ୨ କରନ୍ତି ପ୍ରମାଣ ॥
ଆକାଶ ପ୍ରାୟ ଅଟଇ ଆତ୍ମାର ବିକାଶ । ଆଉର କରନ୍ତି ସ୍ୱତଃ ଅସତ୍ ନିରାସ ୩ । ୩୯ ।
ଏଣୁ ଆହେ ଶିଷ୍ୟ ଭବ ପ୍ରତୀତ ବିଷୟ । ମିଥ୍ୟା ଜ୍ଞାନେ ପରିତ୍ୟାଗ କର ସମୁଦାୟ ॥
"ମୁଁ ବ୍ରହ୍ମ" ଏହି ବିଶୁଦ୍ଧ ଜ୍ଞାନାବଲମ୍ବନେ । ଅଖଣ୍ଡବୋଧ ସ୍ୱଆତ୍ମା ଜାଣୁର ବଚନେ ।୪୦।
ମୃତ୍ତିକାରୁ ଜାତ ଯେତେ ଘଟାଦି ସମସ୍ତ । ମାଟି ବିନା ଅନ୍ୟକିଛି ନୁହଇ ଯେମନ୍ତ ॥
ତେସନେ ସତରୁ ଜାତ ନିଖିଳ ସକଳ । ଅନ୍ୟ କିଛି ନୁହଇ ସଦାତ୍ମକ ସେ କେବଳ ॥
ଯେଣୁ କିଛି ସତଠାରୁ ଶ୍ରେଷ୍ଠ ନାହିଁ ଆନ । ତୁମ୍ଭ ଆତ୍ମା ସତ ବିନା ଆନ ନୁହଇ ଜାଣ ॥
ଏଣୁ ପ୍ରଶାନ୍ତ ନିର୍ମଳ ଆଉର ଅଦ୍ୱୟ । ଏମନ୍ତ ଯେ ପରଂବ୍ରହ୍ମ ସେହି ତୁମ୍ଭେ ସ୍ୱୟଂ ।୪୧।
ଯେ ଦେଶକାଳ ବିଷୟ କଳ୍ପିତ ସ୍ୱପନେ । ଜାଗ୍ରତେ ସେ ସବୁ ମିଥ୍ୟା ହୁଅଇ ଯେସନେ ॥
ତେସନେ ଅଜ୍ଞାନଭୂତ ନିଖିଳ ଜଗତ । ନିଶ୍ଚୟ ଜାଣି ହେ ମିଥ୍ୟା ବୋଲି ସେ ସମସ୍ତ ॥
ଶରୀର ଇନ୍ଦ୍ରିୟ ପ୍ରାଣ ଅହଂ ଆଦ ଯେତେ । ଅସତ୍ୟ ଅଟଇ ଆହେ ଶିଷ୍ୟ ବେଦମତେ ॥
ତେଣୁ ପ୍ରଶାନ୍ତ ନିର୍ମଳ ଆଉର ଅଦ୍ୱୟ । ଏମନ୍ତ ଯେ ପରଂବ୍ରହ୍ମ ସେହି ତୁମ୍ଭେ ସ୍ୱୟଂ ।୪୨।

(ଗ) ଜହଦ ଜହତ୍ ସ୍ୱାର୍ଥ ଲକ୍ଷଣା—"ସୋଽୟଂ ମନୁଷ୍ୟ" (ସେ ଏହି ମନୁଷ୍ୟ) ଏ ସ୍ଥଳେ ସେହି କାଳବିଶିଷ୍ଟ ମନୁଷ୍ୟ ଏବଂ କାଳବିଶିଷ୍ଟମନୁଷ୍ୟ ଏକ ହେବା ଅସମ୍ଭବ ବୋଲି ଅଂଶିକଭାବରେ ଅର୍ଥ ଗ୍ରହଣ ଓ ପରିତ୍ୟାଗ କରୁଅଛି । (ତ୍ୟାଗ

୨ । ଅବଚଳତା, ନିଶ୍ଚୟତା ।
୩ । ପରିତ୍ୟାଗ, ବହିଷ୍କାର ।

ଜାତିନୀତିକୁଳଗୋତ୍ରଦୂରଗଂ ନାମରୂପଗୁଣଦୋଷବର୍ଜ୍ଜିତମ୍ ।
ଦେଶକାଳବିଷୟାତିବର୍ତ୍ତି ଯଦ୍‌ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୩ ।
ଯତ୍‌ପରଂ ସକଳବାଗଗୋଚରଂ ଗୋଚରଂ ବିମଳବୋଧଚକ୍ଷୁଷଃ ।
ଶୁଦ୍ଧଚିଦ୍‌ଘନମନାଦିବସ୍ତୁ ଯଦ୍‌ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୪ ।
ଭ୍ରାନ୍ତିକଳ୍ପିତ ଜଗତ୍‌କଳାଶ୍ରୟଂ ସ୍ୱାଶ୍ରୟଞ୍ଚ ସଦସଦ୍ୱିଲକ୍ଷଣମ୍ ।
ନିଷ୍କଳଂ ନିରୁପମାନବଦ୍ଧି ଯଦ୍‌ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୫ ।
ଷଡ଼୍‌ଭିରୂର୍ମିଭିରଯୋଗି ଯୋଗିହୃଦ୍‌ଭାବିତଂ ନ କରଣୈର୍ବିଭାବିତମ୍ ।
ବୁଦ୍ଧ୍ୟବେଦ୍ୟମନବଦ୍ୟଭୂତି ଯଦ୍‌ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୬ ।
ଜନ୍ମବୃଦ୍ଧିପରିଣତ୍ୟପକ୍ଷୟ ବ୍ୟାଧିନାଶନବିହୀନମବ୍ୟୟମ୍ ।
ବିଶ୍ୱସୃଷ୍ଟ୍ୟବନଘାତକାରଣଂ ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୭ ।
ଅସ୍ତଭେଦମନପାସ୍ତଲକ୍ଷଣଂ ନିସ୍ତରଙ୍ଗ ୧ ଜଳରାଶିନିଶ୍ଚଳମ୍ ।
ନିତ୍ୟମୁକ୍ତମବିଭକ୍ତମୂର୍ତ୍ତି ଯଦ୍‌ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୮ ।
ଏକମେବ ସଦନେକକାରଣଂ କାରଣାନ୍ତରନିରାସ୍ୟକାରଣମ୍ ।
କାର୍ଯ୍ୟକାରଣବିଲକ୍ଷଣଂ ସ୍ୱୟଂ ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୪୯ ।

ନାହିଁ ଯାର ଜାତି ନୀତି କୁଳଗୋତ୍ର ଗୁଣ । ନାହିଁ ଦୋଷ ନାମ ରୂପ ଯେ ବ୍ରହ୍ମର ପୁଣ ॥
ଦେଶକାଳ ବିଷୟଂ ଯେ ଅତିଦୂରେ ରହେ । ତୁମ୍ଭେ ସେହି ପରବ୍ରହ୍ମ ବିଚାର ତତ୍ତ୍ୱ ହେ ॥
ଯେହୁ ସକଳ ବାକ୍ୟର ଅଟଇ ଅଗୋଚର । ବିମଳ ଜ୍ଞାନଚକ୍ଷୁର ବିଷୟ ଯେ ପାର ॥
ଯେ ଶୁଦ୍ଧ ଚିଦ୍‌ଘନବସ୍ତୁ ଅନାଦି ଅବର । ତୁମ୍ଭେହିଁ ସେ ପରବ୍ରହ୍ମ ବୋଲି ମନେ କର ।୪୪।
ଷଡ଼ଊର୍ମି ୧ ଯାକୁ ଛୁଇଁ ନ ପାରନ୍ତି କଦା । ଯୋଗିଗଣ ଯାକୁ ହୃଦେ ଧ୍ୟାଉଥାନ୍ତି ସଦା ॥
ନ ଯାନ୍ତି ଇନ୍ଦ୍ରିୟଗଣ ଯାହାର ଗୋଚର । ବୁଦ୍ଧିର ଅଜଣା ଯେହୁ ଅଟଇ ଅବର ॥
ଯାହାର ଐଶ୍ୱର୍ଯ୍ୟ କେବେ ନାଶ ନୁହେ ଦେଖା । ତୁମ୍ଭେ ସେ ବ୍ରହ୍ମସ୍ୱରୂପ ମନେ ବୁଝ ଏକ
ଯେ ଏହି ଭ୍ରମକଳ୍ପିତ ବିଶ୍ୱର ଆଶ୍ରୟ । ମପୂହୀନ ଯେହୁ ନିଜେ ନିଜର ଆଶ୍ରୟ ॥
ସଦସତ୍‌ବିଲକ୍ଷଣ ଉପମା ବିହୀନ । ନିଜେ ସେହି ବ୍ରହ୍ମବସ୍ତୁ ବୋଲି ତୁମ୍ଭେ ଚିନ୍ତ । ୪୫ ।
ନାହିଁ ଯାର ଜନ୍ମ ବୃଦ୍ଧି ବ୍ୟାଧି ଅପକ୍ଷୟ । ନାଶ ପରିଣାମ ହୀନ ଯେ ପୁଣି ଅବ୍ୟୟ ॥
ସୃଷ୍ଟି-ପ୍ରଳୟ- କାରଣ ଯେହୁ ବ୍ରହ୍ମାଣ୍ଡର । ସେ ବ୍ରହ୍ମ ତୁମ୍ଭର ସ୍ୱ ବୋଲି ମନେ କର ।୪୭
ନାହିଁ ଯାର ଭେଦ, ନାହିଁ ଲକ୍ଷଣ ସକଳ । ନିସ୍ତରଙ୍ଗ ୩-ସିନ୍ଧୁ ସମ ସଦା ଯେ ନିଶ୍ଚଳ ॥
ଯେ ନିତ୍ୟ, ମୁକ୍ତ; ବିଭକ୍ତ ନୁହେ ମୂର୍ତ୍ତି ଯାର । ସେ ବ୍ରହ୍ମ ତୁମ୍ଭର ଆତ୍ମା ହୃଦୟେ ବିଚାର ॥
ଯେ ଏକ ହୋଇଲେହେଁ ବହୁ ବସ୍ତୁର କାରଣ । କାର୍ଯ୍ୟ କାରଣ ଠାରୁ ଯେହୁ ବିଲକ୍ଷଣ ॥
ଅନ୍ୟ କେଉଁଣସି କାରଣ ନାହିଁ ଟି ଯାହାର । ସେ ବ୍ରହ୍ମ ଟି ତୁମ୍ଭେ ଏହା ମାନସେ ବିଚାର ।୪୯।

୧ କ୍ଷୁଧା, ପିପାସା, ଶୋକ, ମୋହ, ଜରା ଓ ମୃତ୍ୟୁ । ୨ ପୃଥକ୍, ବିଭିନ୍ନ, ବିଭକ୍ତ ।
୩ । ଲହରୀଶୂନ୍ୟ ସ୍ଥିର ।

ନିର୍ବିକଲ୍ପକମନଳ୍ପମକ୍ଷରଂ ଯତ୍ କ୍ଷରାକ୍ଷରବିଲକ୍ଷଣଂ ପରମ୍ ।
ନିତ୍ୟମବ୍ୟୟସୁଖଂ ନିରଞ୍ଜନଂ ବ୍ରହ୍ମତତ୍ତ୍ୱମସି ଭାବୟାତ୍ମନି । ୫୦ ।
ଯଦ୍ ବିଭାତି ସଦନେକଧା ଭ୍ରମାନ୍ନାମରୂପଗୁଣବିକ୍ରିୟାତ୍ମନା ।
ହେମବତ୍ ସ୍ୱୟମବିକ୍ରିୟଂ ସଦା ବ୍ରହ୍ମ ତତ୍ତ୍ୱମସି ଭାବୟାତ୍ମନି । ୫୧ ।
ଯଚ୍ଚକାସ୍ତ୍ୟନପରଂ ପରାତ୍ ପରଂ ପ୍ରତ୍ୟଗେକରସମାତ୍ମଲକ୍ଷଣମ୍ ।
ସତ୍ୟଚିତ୍ ସୁଖମନନ୍ତମବ୍ୟୟଂ ବ୍ରହ୍ମତତ୍ତ୍ୱମସି ଭାବୟାତ୍ମନି । ୫୨ ।
ଉକ୍ତମର୍ଥମିମମାତ୍ମନି ସ୍ୱୟଂ ଭାବୟେତ୍ ପ୍ରଥିତ ଯୁକ୍ତିଭିର୍ଧିୟା ।
ସଂଶୟାଦିରହିତଂ କରାମ୍ବୁବତ୍ତେନ ତତ୍ତ୍ୱନିଗମୋ ଭବିଷ୍ୟତି । ୫୩ ।
ସମ୍ବୋଧମାତ୍ରଂ ପରିଶୁଦ୍ଧତତ୍ତ୍ୱଂ ବିଜ୍ଞାୟ ସଂଘେ ନୃପବଚ୍ଚ ସୈନ୍ୟେ ।
ତଦାଶ୍ରୟଃ ସ୍ୱାତ୍ମନି ସର୍ବଦା ସ୍ଥିତୋ ବିଲାପୟ ବ୍ରହ୍ମଣି ବିଶ୍ୱଜାତମ୍ । ୫୪ ।
ବୁଦ୍ଧୌ ଗୁହାୟାଂ ସଦସଦ୍ବିଲକ୍ଷଣଂ ବ୍ରହ୍ମାସ୍ତି ସତ୍ୟଂ ପରମଦ୍ୱିତୀୟମ୍ ।
ତଦାତ୍ମନା ଯୋଽତ୍ର ବସେଦ୍ ଗୁହାୟାଂ ପୁନର୍ନ ତସ୍ୟାଙ୍ଗ ଗୁହା ପ୍ରବେଶଃ । ୫୫ ।

ଯେ ନିତ୍ୟ ଅବ୍ୟୟ ସୁଖୀ ଅଟେ ଅନଳ୍ପ । କ୍ଷରାକ୍ଷରଙ୍କୁଁ ବିଲକ୍ଷଣ ଯେହୁ ନିର୍ବିକଳ୍ପ ॥
ସେହି ନିରଞ୍ଜନ ବ୍ରହ୍ମ ତୁମ୍ଭେଟି ଅଟର । ଏ ରୂପ ଭାବନା ମନେ କରୁଥିବ ତୁମ୍ଭେ ର । ୫୦ ।
ଯେ ସତ୍ ସ୍ୱରୂପ ହୋଇ ମଧ ଭ୍ରମବଶେ । ନାମ ରୂପ ଗୁଣଦୋଷ ବିକାରେ ବର୍ତ୍ତେ ।
ହୁଏ ପ୍ରକାଶିତ ଭିନ୍ନ ଭିନ୍ନ ନାମ ବହି । କିନ୍ତୁ ସ୍ୱର୍ଣ୍ଣପରି ଆପେ ଅବିକ୍ରିୟ[1] ସେହି ।
ତୁମ୍ଭେ ସେହି ବ୍ରହ୍ମ ଏହିପରି ଭାବ ମନେ । (ପରମ୍ପ-ଅସ୍ମାରେ ଭେଦ ନ ହବର କ୍ଷଣେ)
ଅଦ୍ୱିତୀୟ ପରପର ଯେହୁ ଏକରସ ପ୍ରତ୍ୟଗାତ୍ମ । ସତ୍ୟଚିତ ଅନନ୍ତ ପୂରୁଷ ॥
ଅବ୍ୟୟ ପ୍ରକାଶମାନ ବ୍ରହ୍ମ ମହାମନା । ସେହି ତୁମ୍ଭେ ବୋଲି କର ହୃଦୟେ ଭାବନା ॥
ପ୍ରଖ୍ୟାତ ଯୁକ୍ତିରେ ବୁଦ୍ଧିବୃତ୍ତି-ସହାୟରେ । ଅସ୍ମାକୁ ବ୍ରହ୍ମ ଅର୍ଥରେ ଧେନ ମନରେ ॥
ଏମନ୍ତ କଲେକ କର-ଗତ-ଜଳବତ । ତୁଟି ସଂଶୟ ହୋଇବ ଅଧିଗମ୍ୟ ତତ୍ତ୍ୱ । ୫୩ ।
ସେ ବିଶୁଦ୍ଧ ତତ୍ତ୍ୱ ଜ୍ଞାନ ହୋଇ ଅବଗତ । ସେନାମଣ୍ଡଳ ମଧ୍ୟରେ ନରପତିବତ ॥
ଆପଣା ଅସ୍ମାରେ ସଦା କର ଅବସ୍ଥାନ । ବିଶ୍ୱକୁ ବ୍ର-ହ୍ମ ବିଳୟ କର ଅଭିଜ୍ଞାନ । ୫୪ ।
ସତ ଅସତରୁ ଯେହୁ ରହେ ବିଲକ୍ଷଣ । ଅଦ୍ୱିତୀୟ ପରବ୍ରହ୍ମ ନିତ୍ୟ ନିରଞ୍ଜନ ।
ବୁଦ୍ଧିରୂପ ଗୁହାମଧ୍ୟେ ସଦା ବିଦ୍ୟମାନ । ହୋଇଛନ୍ତି, ସତ୍ୟଭାବେ ଅହେ ଶିଷ୍ୟ ଜାଣ ।
ବ୍ରହ୍ମଭାବେ ସେ ଗୁହାରେ ବାସ କଲେ ବାବେ । ତାର ଅଙ୍ଗ ଅଉ କେବେ ନ ପଶେ
ଗୁହାରେ । ୫୫ ।

---

[1] ବିକାରହୀନ ମୂଳବସ୍ତୁ ।

ଜ୍ଞାତେ ବସ୍ତୁନ୍ୟପି ବଲବତୀ ବାସନାନାଦିରେଷା—
କର୍ତ୍ତା ଭୋକ୍ତାପ୍ୟହମିତି ଦୃଢ଼ା ଯାସ୍ୟ ସଂସାର ହେତୁଃ ।
ପ୍ରତ୍ୟଗ୍ ଦୃଷ୍ଟ୍ୟାତ୍ମନି ନିବସତା ସାପନେୟା ପ୍ରଯତ୍ନାତ୍
ମୁକ୍ତିଂ ପ୍ରାହୁସ୍ତଦିହ ମୁନୟୋ ବାସନାତାନବଂ ଯତ୍ । ୫୬ ।
ଅହଂମମେତି ଯୋ ଭାବୋ ଦେହାକ୍ଷାଦାବନାତ୍ମନି ।
ଅଧ୍ୟାସୋଽୟଂ ନିରସ୍ତବ୍ୟୋ ବିଦୁଷା ସ୍ୱାତ୍ମନିଷ୍ଠୟା । ୫୭ ।
ଜ୍ଞାତ୍ୱା ସ୍ୱଂ ପ୍ରତ୍ୟଗାତ୍ମାନଂ ବୁଦ୍ଧିତଦ୍ବୃତ୍ତି ସାକ୍ଷିଣମ୍ ।
ସୋଽହମିତ୍ୟେବ ସଦ୍ବୃତ୍ତ୍ୟାନାତ୍ମନ୍ୟାତ୍ମମତିଂ ଜହି । ୫୮ ।
ଲୋକାନୁବର୍ତ୍ତନଂ ତ୍ୟକ୍ତ୍ୱା ତ୍ୟକ୍ତ୍ୱା ଦେହାନୁବର୍ତ୍ତନଂ ।
ଶାସ୍ତ୍ରାନୁବର୍ତ୍ତନଂ ତ୍ୟକ୍ତ୍ୱା ସ୍ୱାଧ୍ୟାସାପନୟଂ କୁରୁ । ୫୯ ।
ଲୋକବାସନୟା ଜନ୍ତୋଃ ଶାସ୍ତ୍ରବାସନୟାପିଚ ।
ଦେହବାସନୟା ଜ୍ଞାନଂ ଯଥାବନ୍ନୈବ ଜାୟତେ । ୬୦ ।
ସଂସାରକାରାଗୃହମୋକ୍ଷମିଚ୍ଛୋ ରୟୋମୟଂ ପାଦନିବଦ୍ଧଶୃଙ୍ଖଲମ୍ ।
ବଦନ୍ତି ତଜ୍ଜ୍ଞାଃ ପଟୁ ବାସନାତ୍ରୟଂ ଯୋଽସ୍ମାଦ୍ବିମୁକ୍ତଃ ସମୁପୈତି ମୁକ୍ତିମ୍ । ୬୧ ।
ଜଲାଦିସମ୍ପର୍କବଶାତ୍ ପ୍ରଭୂତଦୁର୍ଗନ୍ଧଧୂତାଗୁରୁଦିବ୍ୟବାସନା ।
ସଂଘର୍ଷଣେନୈବ ବିଭାତି ସମ୍ୟଗ୍ବିଧୂୟମାନେ ସତି ବାହ୍ୟଗନ୍ଧେ । ୬୨ ।

ବସ୍ତୁକୁ ଜାଣିଲେ ମଧ୍ୟ ସେହି ବଳବତୀ- । ଅନାଦି ବାସନା, ମନାସଇ ଏହିମନ୍ତ :—
"ମୁହିଁକର୍ତ୍ତା" "ମୁହିଁଭୋକ୍ତା" ଏ ଭାବ ଜନ୍ମାଇ । ଦେହିର ସଂସାର ହେତୁ ସେହି ହୋଇଥାଇ
ତେଣୁ ଆତ୍ମନିଷ୍ଠ ହୋଇ ପ୍ରତ୍ୟକ୍ଷ ଦର୍ଶନ- । ଅପ୍ରମେୟ ଯତନେ କର ବାସନା ବର୍ଜ୍ଜନ । ୫୬ ।
ଦେହ ଇନ୍ଦ୍ରିୟ ଆଦିକୁ "ମୁହିଁ ମୋର" ଜ୍ଞାନ । ତାଙ୍କୁହିଁ ଅଧ୍ୟାସ[1] ବୋଲି କହିଥାନ୍ତି ଜାଣ
ସେ ଅଧ୍ୟାସ ସ୍ୱାତ୍ମନିଷ୍ଠ- ଜ୍ଞାନିଏ ଯତନେ । ଦୂର କରିଦେବ ଆଗେ ମନିଷୀଁ ବହନେ ॥
ଯେ ବୁଦ୍ଧି ବୁଦ୍ଧିବୃତ୍ତିର ସାକ୍ଷୀରୂପେ ଥାଇ । ଆଗେ ସେ ପ୍ରତ୍ୟଗାତ୍ମାକୁ ଅବଗତ ହୋଇ ॥
"ସେ ବ୍ରହ୍ମ ମୁଁ" ଏସଦ୍ବୃତ୍ତି ଅବଲମ୍ବନରେ । ଅନାତ୍ମରେ ଆତ୍ମବୁଦ୍ଧି ତେଜିବ ସତ୍ୱରେ ॥
ଲୋକାନୁବର୍ତ୍ତନ ପୁଣି ଦେହାନୁବର୍ତ୍ତନ । ଆଉରି ଶାସ୍ତ୍ରାନୁବୃତ୍ତି କରି ବରଜନ ॥
ଆପଣା ଅଧ୍ୟାସ ବେଗ କରିବ ଅନ୍ତର । ଅଧ୍ୟାସ ତୁଟିଲେ ଜ୍ଞାନ ଜନ୍ମିବ ମୁକର । ୫୯ ।
ଲୋକବାସନାରେ କିବା ଶାସ୍ତ୍ର ବାସନାରେ । ନ ଜନ୍ମେ ଯଥାର୍ଥ ଜ୍ଞାନ ଦେହ ବାସନାରେ ॥
ସଂସାର କାରାଗାର ମୁମୁକ୍ଷୁ-ମୁକ୍ତି-ପକ୍ଷ । ଏ ବାସନାତ୍ରୟ ଲୌହ ଶୃଙ୍ଖଳ ପ୍ରତ୍ୟକ୍ଷ ॥
ସେ ବନ୍ଧନରୁ ମୁକତ ଯେ ହୋଇ ପାରନ୍ତି । ସେ ମୁକ୍ତି ଲଭନ୍ତି ଏହା ତତ୍ତ୍ୱଜ୍ଞେ କହନ୍ତି ॥
ଜଳ ଆଦି ଯୋଗ ଯୋଗେ ଅତିନ ଦୁର୍ଗନ୍ଧ । ଧୂଆ ହଲେ ଅଗୁରୁର ଦୂରକାଣେ ଦୁର୍ଗନ୍ଧ ॥
ତେମନ୍ତେ ବାହ୍ୟ-ଜ୍ଞାନରୂପ ବାହ୍ୟ ବାସନା । ଦୂର ହେଲେ ପୁଣି ଉଠେ ଦିବ୍ୟ ସୁବାସନା ॥

---

[1] ଅଜ୍ଞାନ, ମାୟା । ଅନାତ୍ମାରେ ଆତ୍ମବୋଧ ।

ଅନ୍ତଃ ଶ୍ରିତାନନ୍ତ ଦୁରନ୍ତ ବାସନା ଧୂଳୀବିଲିପ୍ତା ପରମାତ୍ମବାସନା ।
ପ୍ରଜ୍ଞାତିସଂଘର୍ଷଣତୋ ବିଶୁଦ୍ଧା ପ୍ରତୀୟତେ ଚନ୍ଦନଗନ୍ଧବତ୍ ସ୍ଫୁଟମ୍ । ୬୩ ।
ଅନାତ୍ମବାସନାଜାଲୈଃ ସ୍ତିରୋଭୂତାତ୍ମବାସନା ।
ନିତ୍ୟାତ୍ମନିଷ୍ଠୟା ତେଷାଂ ନାଶେ ଭାତି ସ୍ୱୟଂ ସ୍ଫୁଟମ୍ । ୬୪ ।
ଯଥା ଯଥା ପ୍ରତ୍ୟଗବସ୍ଥିତଂ ମନସ୍ତଥା ତଥା ମୁଞ୍ଚତି ବାହ୍ୟବାସନାମ୍ ।
ନିଃଶେଷମୋକ୍ଷେ ସତି ବାସନାନାମାତ୍ମାନୁଭୂତିଃ ପ୍ରତିବନ୍ଧଶୂନ୍ୟା । ୬୫ ।
ସ୍ୱାତ୍ମନ୍ୟେବ ସଦା ସ୍ଥିତ୍ୱା ମନୋ ନଶ୍ୟତି ଯୋଗିନଃ ।
ବାସନାନାଂ କ୍ଷୟଶ୍ଚାତଃ ସ୍ୱାଧ୍ୟାସାପନୟଂ କୁରୁ । ୬୬ ।
ତମୋ ଦ୍ୱାଭ୍ୟାଂ ରଜଃ ସତ୍ତ୍ୱାତ୍ ସତ୍ତ୍ୱଂ ଶୁଦ୍ଧେନ ନଶ୍ୟତି ।
ତସ୍ମାତ୍ ସତ୍ତ୍ୱମବଷ୍ଟଭ୍ୟ ସ୍ୱାଧ୍ୟାସାପନୟଂ କୁରୁ । ୬୭ ।
ପ୍ରାରବ୍ଧଂ ପୁଷ୍ୟତି ବପୁରିତି ନିଶ୍ଚିତ୍ୟ ନିଶ୍ଚଳଃ ।
ଧୈର୍ଯ୍ୟମାଲମ୍ବ୍ୟ ଯତ୍ନେନ ସ୍ୱାଧ୍ୟାସାପନୟଂ କୁରୁ । ୬୮ ।
ନାହଂ ଜୀବଃ ପରଂ ବ୍ରହ୍ମେତ୍ୟତଦ୍ବ୍ୟାବୃତ୍ତିପୂର୍ବକମ୍ ।
ବାସନାବେଗତଃ ପ୍ରାପ୍ତ ସ୍ୱାଧ୍ୟାସାପନୟଂ କୁରୁ । ୬୯ ।

ବାସନା-ଧୂଳି ଅନନ୍ତ ଦୁରନ୍ତ, ଅନ୍ତର । ଆଶ୍ରି ପରାତ୍ମା- ବାସନା କରନ୍ତି ଜର୍ଜର ॥
ବୁଦ୍ଧିବୃତ୍ତିର ଅତ୍ୟନ୍ତ ସଂଘର୍ଷଣ ବଳେ । ପରମଆତ୍ମା- ବାସନା ସୁବିଶୁଦ୍ଧ ହେଲେ ॥
ସୁଗନ୍ଧ ଚନ୍ଦନ ପ୍ରାୟ ଚହଟାଇ ବାସ । ପରମାତ୍ମା- ବାସନା ହୃଦେ ଲଭଇ ବିକାଶ ।୬୩ ।
ଆତ୍ମ - ବାସନା, ଅନାତ୍ମ - ବାସନା - ପଟଳେ । ଆବୃତ ହୋଇ ପଡ଼ନ୍ତି ଅନ୍ତରେ ସମୂଳେ ।
ନିତ୍ୟ ଆତ୍ମ ନିଷ୍ଠାରେ ତା' ଲଭିଲେ ବିନାଶ । ଆତ୍ମ- ବାସନା ବିମଳେ ପାଇବ ପ୍ରକାଶ ॥
ଯେତିକି ଯେତିକି ମନ ପ୍ରତ୍ୟଗେ[1] ରହଇ । ସେତିକି ସେତିକି ବାହ୍ୟ ବାସନା ଛାଡ଼ଇ ॥
ସେ ବାସନା ପୂର୍ଣ୍ଣରୂପେ ଶେଷ ହେଲେ କ୍ରମେ । ପ୍ରତିବନ୍ଧ ଶୂନ୍ୟ ଆତ୍ମ ଅନୁଭୂତି ଜନ୍ମେ ॥
ଆତ୍ମ ନିଷ୍ଠ ହେଲେ ଯୋଗିଜନଙ୍କର ମନ । ବାସନା ସକଳ କ୍ଷୟ ହୁଏ ତତକ୍ଷଣ ॥
ଏଣୁ ଆହେ ଶିଷ୍ୟ ଏହା ସରବତ୍ର ହେଜ । ଆପଣା ଅଧ୍ୟାସ[2] ଦୂର ମାନସରୁ ତେଜ ॥
ସତ୍ତ୍ୱ ରଜଗୁଣ ବଳେ ତମ ନଶ ଯାଏ । ତଥା ସତ୍ତ୍ୱ ଗୁଣ ଯୋଗେ ରଜ କ୍ଷୟ ପାଏ ॥
ବିଶୁଦ୍ଧ ସତ୍ତ୍ୱ ଜନ୍ମିଲେ ସତ୍ତ୍ୱ ଯାଏ ନାଶ । ତେଣୁ ସେ ସତ୍ତ୍ୱ ଆଶ୍ରମେ ଛଡ଼ାଅ ଅଧ୍ୟାସ ।୬୭।
ପ୍ରାରବ୍ଧ କର୍ମ କରଇ ଦେହକୁ ପୋଷଣ । ନିଶ୍ଚଳ ହୁଅ ନିଶ୍ଚୟ କରିଣ ଏସନ ॥
ଧଇର୍ଯ୍ୟ ଅବଲମ୍ବନ କର ସଯତନେ । ଆପଣା ଅଧ୍ୟାସ ଦୂର କରିବ ବହନେ ।୬୮।
"ମୁଁ ଜୀବ ନୁହଇଁ ମୁହିଁ ପର ବ୍ରହ୍ମ ସ୍ୱୟଂ" । ଦୃଢ଼େ ହୃଦୟେ କରିଣ ଏମନ୍ତ ନିର୍ଣ୍ଣୟ ।
ନାନା ବାସନା ଆବେଗେ ଉପୁଜ[3] ଅଧ୍ୟାସ । ଯତନେ ମାନସୁଁ ବେଗେ କର ହେ ନିରାସ ॥

---

୧ ପ୍ରତ୍ୟଗାତ୍ମାରେ । ୨ ଅନାତ୍ମାରେ ଆତ୍ମବୁଦ୍ଧି ବୋଧ । ୩ ଭୂତ, ଜନ୍ମକରଣ ।

ଶ୍ରୁତ୍ୟା ଯୁକ୍ତ୍ୟା ସ୍ୱାନୁଭୂତ୍ୟା ଜ୍ଞାତ୍ୱା ସାର୍ବାତ୍ମ୍ୟମାତ୍ମନଃ ।
କ୍ୱଚିଦାଭାସତଃ ପ୍ରାପ୍ତଂ ସ୍ୱାଧ୍ୟାସାପନୟଂ କୁରୁ । ୭୦ ।
ଅନାଦାନବିସର୍ଗାଭ୍ୟାମୀଷନ୍ନାସ୍ତି କ୍ରିୟା ମୁନେଃ ।
ତଦେକନିଷ୍ଠୟା ନିତ୍ୟଂ ସ୍ୱାଧ୍ୟାସାପନୟଂ କୁରୁ । ୭୧ ।
ତତ୍ତ୍ୱମସ୍ୟାଦିବାକ୍ୟୋତ୍ଥ-ବ୍ରହ୍ମାତ୍ମୈକତ୍ୱବୋଧତଃ ।
ବ୍ରହ୍ମଣ୍ୟାତ୍ମତ୍ୱଦାର୍ଢ୍ୟାୟ ସ୍ୱାଧ୍ୟାସାପନୟଂ କୁରୁ । ୭୨ ।
ଅହଂଭାବସ୍ୟ ଦେହେଽସ୍ମିନ୍ନିଃଶେଷବିଲୟାବଧି ।
ସାବଧାନେନ ଯୁକ୍ତାତ୍ମା ସ୍ୱାଧ୍ୟାସାପନୟଂ କୁରୁ । ୭୩ ।
ପ୍ରତୀତିର୍ଜୀବଜଗତୋଃ ସ୍ୱପ୍ନବଦ୍ଭାତି ଯାବତା ।
ତାବନ୍ନିରନ୍ତରଂ ବିଦ୍ୱନ୍ ସ୍ୱାଧ୍ୟାସାପନୟଂ କୁରୁ । ୭୪ ।
ନିଦ୍ରାୟା ଲୋକବାର୍ତ୍ତାୟାଃ ଶବ୍ଦାଦେରପି ବିସ୍ମୃତେଃ ।
କ୍ୱଚିନ୍ନାବସରଂ ଦତ୍ତ୍ୱା ଚିନ୍ତୟାତ୍ମାନମାତ୍ମନି । ୭୫ ।
ମାତାପିତ୍ରୋର୍ମଲୋଦ୍ଭୂତଂ ମଲମାଂସମୟଂ ବପୁଃ ।
ତ୍ୟକ୍ତ୍ୱା ଚାଣ୍ଡାଲବଦ୍ଦୂରଂ ବ୍ରହ୍ମୀଭୂୟ କୃତୀ ଭବ । ୭୬ ।

ଶ୍ରୁତି ଯୁକ୍ତି ଆଉ ନିଜ ଅନୁଭୂତି ବଳେ । ଆତ୍ମାର ସର୍ବ ଆତ୍ମତା ବୁଝି ପାରି ଭଲେ ॥
ଆଭାସେ ପାଇଛ ଯେଉଁ ଅଧ୍ୟାସ ତୁମ୍ଭର । ଯତନେ ହୃଦୟୁଁ ବତ୍ସ ! ବେଗେ ପରିହର ॥
ମନନଶୀଳ ଲୋକଙ୍କୁ ମୁନି ବୋଲି କହି । ସେ ଲୋକର କୌଣସି କ୍ରିୟାକର୍ମ ନାହିଁ ॥
ଆତ୍ମମନନକୁ ନିତ୍ୟ କରିଣ ଅଭ୍ୟାସ । ହୃଦୟରୁ ଦୂର କର ଯତନେ ଅଧ୍ୟାସ । ୭୧ ।
'ତତ୍ତ୍ୱମସି' ବେଦର ଯେ ମହତ ଆଖ୍ୟାନ । ବ୍ରହ୍ମ ଆତ୍ମାର ଏକତ୍ୱ କରନ୍ତି ପ୍ରମାଣ ॥
ସେ ଜ୍ଞାନ ବଳରେ ବ୍ରହ୍ମେ ଆତ୍ମବୁଦ୍ଧି ଦୃଢ଼ି । କରିବା ନିମନ୍ତେ ନିଜ ଅଧ୍ୟାସକୁ ଛାଡ଼ି ।୭୨।
ଦେହପ୍ରତି ଅହଂଭାବ ଯେତେବେଳେ ଯାଏ । ନିଃଶେଷ ରୂପରେ ଲୟ ହୋଇ ତ ନ ଯାଏ ॥
ସେଯାଏ ସତର୍କ ହୋଇ ଯୁକ୍ତଚିତ୍ତ ଆଶୟ । କର, ନିଜ ଅଧ୍ୟାସକୁ କରିବ କ୍ଷୟ । ୭୩ ।
ସ୍ୱପ୍ନ ପରି ମିଥ୍ୟା ସିନା ଜଗତ ଓ ଜୀବ । ଯେ ପର୍ଯ୍ୟନ୍ତ ତୁମ୍ଭର ଏ ବିଶ୍ୱାସ ଜନ୍ମିବ ।
ସେ ପର୍ଯ୍ୟନ୍ତ ନିରନ୍ତର ଆପଣା ଅଧ୍ୟାସ । ଯତନରେ ହେ ବିଦ୍ୱାନ କରିବ ନିରାସ । ୭୪ ।
ନିଦ୍ରା ବା କଥାବାର୍ତ୍ତା ଗୀତ ବାଦ୍ୟାଦି ଶବଦେ । ବିସ୍ମୃତିକି ସ୍ଥାନ କ୍ଷଣେ ନ ଦେଇଣ ହୃଦେ
ଅନ୍ତଃକରଣରେ ସଦା ଆତ୍ମଚିନ୍ତା କର । (ସେ ଚିନ୍ତା ସହଯୋଗେ ମୁକ୍ତି ହେବଟି ତୁମ୍ଭର)
ମାତାପିତାଙ୍କର ମଳୁଁ ଜାତ ଯେ ଶରୀର । ମଳମାଂସ ଉପାଦାନ ଅଟଇ ଯାହାର ॥
ଚଣ୍ଡାଳ ସମାନ ଦୂରେ ସେ ଦେହ ତେଜିଣ । ବ୍ରହ୍ମସ୍ୱରୂପ ହୁଅ ହେ କୃତାର୍ଥ ହୋଇଣ ॥

(ଚଣ୍ଡାଯୁକ୍ତା)

ଘଟାକାଶଂ ମହାକାଶ ଇବାତ୍ମାନଂ ପରାତ୍ମନି ।
ବିଲାପ୍ୟାଖଣ୍ଡଭାବେନ ତୂଷ୍ଣୀଂଭବ ସଦା ମୁନେ ॥ ୭୭ ।

ସ୍ୱ ପ୍ରକାଶମଧିଷ୍ଠାନଂ ସ୍ୱୟଂ ଭୂୟ ସଦାତ୍ମନା ।
ବ୍ରହ୍ମାଣ୍ଡମପି ପିଣ୍ଡାଣ୍ଡଂ ତ୍ୟଜ୍ୟତାଂ ମଳଭାଣ୍ଡବତ୍ । ୭୮ ।

ଚିଦାତ୍ମନି ସଦାନନ୍ଦେ ଦେହାରୂଢ଼ାମହଂ ଧିୟମ୍ ।
ନିବେଶ୍ୟ ଲିଙ୍ଗମୁତ୍ସୃଜ୍ୟ କେବଲୋ ଭବ ସର୍ବଦା । ୭୯ ।

ଯତ୍ରୈଷ ଜଗଦାଭାସୋ ଦର୍ପଣାନ୍ତଃ ପୁରଂ ଯଥା ।
ତଦ୍ ବ୍ରହ୍ମାହମିତି ଜ୍ଞାତ୍ୱା କୃତକୃତ୍ୟୋ ଭବିଷ୍ୟସି । ୮୦ ।

ଯତ୍ ସତ୍ୟଭୂତଂ ନିଜରୂପମାଦ୍ୟଂ ଚିଦଦ୍ୱୟାନନ୍ଦ ମରୂପମକ୍ରିୟମ୍ ।
ତଦେତ୍ୟ ମିଥ୍ୟାବପୁରୁତ୍ସୃଜେତ ଶୈଳୂଷ ବଦ୍‌ବେଶମୁପାତ୍ତମାତ୍ମନଃ । ୮୧ ।

ସର୍ବାତ୍ମନା ଦୃଶ୍ୟମିଦଂ ମୃଷୈବ ନୈବାହମର୍ଥଃ କ୍ଷଣିକତ୍ୱ ଦର୍ଶନାତ୍ ।
ଜାନାମ୍ୟହଂ ସର୍ବମିତି ପ୍ରତୀତିଃ କୁତୋଽହମାଦେ କ୍ଷଣିକସ୍ୟ ସିଧ୍ୟେତ୍ । ୮୨ ।

ମହାକାଶେ ଘଟାକାଶ ମିଳନ ପ୍ରକାରେ । ଆତ୍ମାକୁ ବିଲସ୍ତ କରି ପରମଆତ୍ମାରେ ॥
ତୂଷ୍ଣୀମ୍ଭାବ[୧] ଅବଲମ୍ବି ହେ ମୁନି ସତତ । ଅଖଣ୍ଡଭାବରେ ତୁମ୍ଭେ ରହ ଏ ଜଗତେ ।୭୭।

ଆପଣାକୁ ସ୍ୱପ୍ରକାଶ ସ୍ୱରୂପ ବିଚାରି । ନିଜଆତ୍ମାକୁ ପରମ ଆତ୍ମାସ୍ଥିର କରି ॥
ପିଣ୍ଡାଣ୍ଡଠାରୁ ବ୍ରହ୍ମାଣ୍ଡ ଯାଏ ସେ ସମସ୍ତ । ପରିତ୍ୟାଗ କରି ବେଗେ ମଳ ଭାଣ୍ଡବତ ।୭୮।

ଦେହରେ ଯେଉଁ ଅହଂଭାବ କରିଛୁ ଅବେଶ । କରି ତାହା ସଦାନନ୍ଦ ଚିଦାତ୍ମେ ନିବେଶ ॥
ଲିଙ୍ଗ ଦେହକୁ ବର୍ଜ୍ଜନ କରିଣ ଆଦରି । କେବଳ ୨ ହୁଅ ହେ ଶିଷ୍ୟ ସର୍ବତ୍ର ନିରନ୍ତର ॥

ଆଭାସିତ ହୋଇଅଛୁ ଯହିଁରେ ଜଗତ । ଦର୍ପଣରେ ଗୃହାଦିର ପ୍ରତିବିମ୍ବବତ ॥
"ମୁହିଁଟି ସେ ବ୍ରହ୍ମ" ବୋଲି ବିଚାରି ଏସନ । କୃତକୃତ୍ୟ ୩ ହୁଅ ତୁମ୍ଭେ ହେ ଶିଷ୍ୟ ରତନ

ଆପଣା ରୂପକୁ ଜାଣି ନିଷ୍କ୍ରିୟ ଅଦ୍ୱୟ । ରୂପହୀନ, ସତ୍ୟଭୂତ, ଚିତାନନ୍ଦମୟ ॥
ମିଥ୍ୟା ଶରୀରକୁ ତ୍ୟାଗ କର ହେ ବହନେ । ଧୋଇଥିବା ବେଶ ନଟ ଛାଡ଼ଇ ଯେସନେ ॥

କ୍ଷଣିକ ବୋଲି ପ୍ରତୀତ ହେଣୁ ସେ ସମସ୍ତ । ସର୍ବରୂପେ ମିଥ୍ୟା ଜେଣ ଏ ଦୃଶ୍ୟ ଜଗତ ॥
ଏହା ଅହଂ ଅର୍ଥ ମିଥ୍ୟା ନୁହେ କଦାଚନ । ନୁହଇ କ୍ଷଣିକ ତାହା ବିଚାର ସୁମନ !
ଅହଂ ଅର୍ଥ ଯେବେ ମିଥ୍ୟା କ୍ଷଣିକ ହୁଅନ୍ତା । ମୁଁ ଜାଣୁଛି ଏ ପ୍ରତୀତ ସିଦ୍ଧ ନ ହୁଅନ୍ତା ।୮୨।

---

୧ । ମୌନ ୨ ମୁକ୍ତ ୩ କୃତାର୍ଥ, ପୂର୍ଣ୍ଣ ମନୋରଥ, କୃତକାର୍ଯ୍ୟ । ୨ ଜ୍ଞାନୀ ।

ଅହଂ ପଦାର୍ଥସ୍ତ୍ୱହମାଦିସାକ୍ଷୀ ନିତ୍ୟଂ ସୁଷୁପ୍ତାବପି ଭାବଦର୍ଶନାତ୍ ।
ବ୍ରୂତେ ହ୍ୟଜୋ ନିତ୍ୟ ଇତି ଶ୍ରୁତିଃ ସ୍ୱୟଂ ତତ୍ ପ୍ରତ୍ୟଗାତ୍ମା ସଦସଦ୍ୱିଲକ୍ଷଣଃ ।୮୩
ବିକାରିଣାଂ ସର୍ବବିକାରବେତ୍ତା ନିତ୍ୟାବିକାରୋ ଭବିତୁଂ ସମର୍ହତି ।
ମନୋରଥ ସ୍ୱପ୍ନସୁଷୁପ୍ତିଷୁ ସ୍ଫୁଟଂ ପୁନଃ ପୁନର୍ଦୃଷ୍ଟ ମସତ୍ତ୍ୱମେତୟୋଃ ।୮୪।
ଅତୋଽଭିମାନଂ ତ୍ୟଜମାଂସପିଣ୍ଡେ ପିଣ୍ଡାଭିମାନିନ୍ୟପି ବୁଦ୍ଧିକଳ୍ପିତେ ।
କାଳତ୍ରୟାବାଧ ମଖଣ୍ଡବୋଧଂ ଜ୍ଞାତ୍ୱା ସ୍ୱମାତ୍ମାନମୁପୈହି ଶାନ୍ତିଂ ।୮୫।
ତ୍ୟଜାଭିମାନଂ କୁଳଗୋତ୍ରନାମରୂପାଶ୍ରମେଷ୍ୱାର୍ଦ୍ର ଶବାଶ୍ରିତେଷୁ ।
ଲିଙ୍ଗସ୍ୟ ଧର୍ମାନପି କର୍ତ୍ତୃତାଦୀଂସ୍ତ୍ୟକ୍ତ୍ୱା ଭବାଖଣ୍ଡସୁଖସ୍ୱରୂପଃ ।୮୬।

ସନ୍ତ୍ୟନ୍ୟେ ପ୍ରତିବନ୍ଧାଃ ପୁଂସଃ ସଂସାରହେତବୋ ଦୃଷ୍ଟାଃ ।
ତେଷାମେବ ମୂଳଂ ପ୍ରଥମୋ ବିକାରୋ ଭବତ୍ୟହଙ୍କାରଃ ।୮୭।
ଯାବତ୍ ସ୍ୟାତ୍ ସ୍ୱସ୍ୟ ସମ୍ବନ୍ଧୋଽହଙ୍କାରେଣ ଦୁରାତ୍ମନା ।
ତାବନ୍ନ ଲେଶମାତ୍ରାପି ମୁକ୍ତିବାର୍ତ୍ତା ବିଲକ୍ଷଣା ।୮୮।

ସ୍ୱପ୍ନ ଜାଗ୍ରତ ସୁଷୁପ୍ତି ତିନି ଅବସ୍ଥାରେ । ଅହଂ ଜ୍ଞାନର ବିଲୟ ନ ହୁଏ ସଂସାରେ ॥
ସେ ଅହଂ ଜ୍ଞାନର ସାକ୍ଷୀ ଅହଂ ବସ୍ତୁ ଯେଣୁ । ତାକୁ ନିତ୍ୟ ଅଜ[୧] ବୋଲି ବେଦ ଭଣେ ତେଣୁ ॥
"ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣଃ" [୨] ଏ ଆଦି । ବାକ୍ୟ ପ୍ରତ୍ୟଗ ଆତ୍ମାକୁ ଦେଉଛନ୍ତି ସମ୍ବାଦ ।୮୩।
ସର୍ବ ବିକାରୀ ବସ୍ତୁର ବିକାରକୁ ଯେହୁ । ଜାଣିପାରେ ଅବିକାରୀ ନିତ୍ୟସିନା ସେହୁ ॥
ମନୋରଥ ସ୍ୱପ୍ନସୁଷୁପ୍ତିରେ ପୁନଃପୁନ । ଦେହାଭିମାନ ଅସତ୍ତ୍ୱ ଦେଖାଯାଏ ପୁଣ ।୮୪।
ତେଣୁ ସେହି ମାଂସପିଣ୍ଡ ଦେହରେ ତୁମ୍ଭର । ବହନ ହେ ଶିଷ୍ୟ ଅଭିମାନ ତ୍ୟାଗ କର ॥
ଦେହ ଅଭିମାନୀ ବୁଦ୍ଧି କଳ୍ପିତ ଜୀବରେ । ଅହଂଜ୍ଞାନ ଛାଡ଼ିଦିଅ ପୁଣି ସେ ରୂପରେ ॥
କାଳତ୍ରୟର ଅବାଧ ଅଖଣ୍ଡ ଅବର । ଜ୍ଞାନ ସ୍ୱରୂପ ଜାଣିଣ ଆତ୍ମାକୁ ତୁମ୍ଭର ॥
ଏ ଦେହରେ ତଥା ବୁଦ୍ଧି କଳ୍ପିତ ଜୀବରେ । ତେଜି ଅଭିମାନ ଶାନ୍ତି ଲଭ ହେ ବତ୍ସରେ ।
କୁଳଗୋତ୍ର ନାମରୂପ ଆଶ୍ରମ ଆଦିର । ଦେହର ଆଶ୍ରିତ ବୋଲି ଏହା ମନେକର ॥
ସେ ସବୁରେ ଅଭିମାନ କଦାପି ନ କର । ରସଚକ୍ରେ ଆର୍ଦ୍ର ଶବତୁଲ୍ୟ ପରିହର ॥
ଲିଙ୍ଗ ଦେହର ଧରମ କର୍ତ୍ତୃତ୍ୱାଦି ଯାହା । ଅଖଣ୍ଡ ସୁଖ ସ୍ୱରୂପ ହୁଅ ତେଜି ତାହା ।୮୬।
ଭବବନ୍ଧନର ହେତୁ ନରମାନଙ୍କର । ଦେଖ ଏ ବିଶ୍ୱେ ପୂରିଛି ପଦାର୍ଥ ବିସ୍ତର ॥
ଅହଙ୍କାର ସେମାନଙ୍କ ମଧ୍ୟେ ଆଦିମୂଳ । ପ୍ରଥମ ବିକାରେ ଯାହା ଅଟଇ ସଙ୍କୁଳ ॥
ସେ ଦୁରାତ୍ମା ଅହଙ୍କାର ସହିତ ଯାବତ । ଆତ୍ମାର ସମ୍ବନ୍ଧ ଥିବ ଜାଣ ହେ ତାବତ ।
ଲେଶମାତ୍ର ମୁକ୍ତିକଥା ନୁହେ ସମ୍ଭାବିତ । ସେ ଅହଙ୍କାରକୁ ତେଣୁ କର ବିଦୂରିତ ।୮୮।

---

୧ ଜନ୍ମ ରହିତ । ୨ ବେଦର ଏକବାକ୍ୟ ।

ଅହଙ୍କାରଗ୍ରହାନ୍ମୁକ୍ତଃ ସ୍ୱରୂପମୁପପଦ୍ୟତେ ।
ଚନ୍ଦ୍ରବଦ୍ବିମଳଃ ପୂର୍ଣ୍ଣଃ ସଦାନନ୍ଦଃ ସ୍ୱୟଂପ୍ରଭଃ । ୮୯ ।

ଯୋ ବା ପୁରେ ସୋଽହମିତି ପ୍ରତୀତୋ ବୁଦ୍ଧ୍ୟା ପ୍ରକ୍ଳୃପ୍ତସ୍ତମସାତିମୂଢ଼ୟା ।
ତସ୍ୟୈବ ନିଃଶେଷତୟା ବିନାଶେ ବ୍ରହ୍ମାତ୍ମଭାବଃ ପ୍ରତିବନ୍ଧଶୂନ୍ୟଃ । ୯୦ ।

ବ୍ରହ୍ମାନନ୍ଦନିଧିର୍ମହାବଳବତାହଙ୍କାରଘୋରାହିନା ।
ସଂବେଷ୍ଟ୍ୟାତ୍ମନି ରକ୍ଷ୍ୟତେ ଗୁଣମୟୈଶ୍ଚଣ୍ଡୈସ୍ତ୍ରିଭିର୍ମସ୍ତକୈଃ
ବିଜ୍ଞାନାଖ୍ୟମହାସିନା ଶ୍ରୁତିମତା ବିଚ୍ଛିଦ୍ୟ ଶୀର୍ଷତ୍ରୟଂ
ନିର୍ମୂଲ୍ୟାହିମିମଂ ନିଧିଂ ସୁଖକରଂ ଧୀରୋଽନୁଭୋକ୍ତୁଂ କ୍ଷମଃ । ୯୧ ।

ଯାବତ୍ ଯାବତ୍ କିଞ୍ଚିତ୍ ବିଷଦୋଷସ୍ଫୂର୍ତ୍ତିରସ୍ତି ଚେଦ୍ଦେହେ ।
କଥମାରୋଗ୍ୟାୟ ଭବେତ୍ତଦ୍ୱଦହନ୍ତାପି ଯୋଗିନୋ ମୁକ୍ତ୍ୟୈ । ୯୨ ।

ଅହମୋଽତ୍ୟନ୍ତନିବୃତ୍ତ୍ୟା ତତ୍କୃତନାନାବିକଳ୍ପସଂହୃତ୍ୟା ।
ପ୍ରତ୍ୟକ୍ତତ୍ତ୍ୱବିବେକାଦିଦମହମସ୍ମୀତି ବିନ୍ଦତେ ତତ୍ତ୍ୱମ୍ । ୯୩ ।

---

(୧) ଗ୍ରହଣକବଳୁଁ ମୁକୁଳି ଚନ୍ଦ୍ରମା ଯେସନ । ବିମଳ ପ୍ରକାଶରୂପ ଲଭନ୍ତି; ତେସନ-
ଅହଙ୍କାର-ଗ୍ରହମୁକ୍ତ ଆତ୍ମାରୂପ ଲଭି । ହୁଅନ୍ତି ପୂର୍ଣ୍ଣ ସଦାନନ୍ଦ (୨)ସ୍ୱୟଂ-ପ୍ରଭ ଛବି ।୮୯।
ଦେହ ମଧ୍ୟେ ବହୁ ବୁଦ୍ଧି ତମୋଗୁଣେ ଜଡ଼ । ସେ ଦେହଟି ମୁହିଁ ବୋଲି ଦେଖଣ ।
ମୋତେ ପଡ଼ ।
ସେ ଦେହାତ୍ମ ବୁଦ୍ଧି ପୂର୍ଣ୍ଣରୂପେ ହେଲେ କ୍ଷୟ । ପ୍ରତିବନ୍ଧଶୂନ୍ୟ ବ୍ରହ୍ମ ପ୍ରକାଶଇ ସ୍ୱୟଂ ।
ମହାବଳବନ୍ତ (୩) ଅହଙ୍କାର-ବିଷଧର । ତ୍ରିଗୁଣମୟ ପ୍ରଚଣ୍ଡ ତ୍ରିମୁଣ୍ଡ ଉପର ॥
ବହୁ ରକ୍ଷିଛି ଯତନେ ବ୍ରହ୍ମାନନ୍ଦ-ନିଧି(୪) । ଯେ ରୂପେ ମିଳଇ ତାହା ଶୁଣ ତାର ବିଧି ॥
ବିଜ୍ଞାନ-ମହାଖଡ଼ଗେ ଧୀରେ ବୁଦ୍ଧିଜନ । ଅହଙ୍କାର ଅହି ମୁଣ୍ଡ କରିଣ ଛେଦନ ॥
ସର୍ପନାଶି, ବ୍ରହ୍ମାନନ୍ଦ-ନିଧି ସୁଖକର । ଭୋଗିବାକୁ ସମର୍ଥ ସେ ହୁଅଇ ସତ୍ୱର । ୯୧।
କିଛିମାତ୍ର ବିଷଦୋଷ ଦେହେ ଥିବାଯାଏ । ଆରୋଗ୍ୟର ସମ୍ଭାବନା ଯେସନେ ନ ଥାଏ ।
ତେସନେ ଯେଉଁ ଯୋଗୀର କିଛି ଅହଙ୍କାର । ଥିବାଯାଏ, ମୁକତିର ଆଶା ନାହିଁ ତାର ॥
ଅଭିମାନ ନିଃଶେଷରେ ନିବୃତ୍ତ ପାଇଲେ । ଅବର ତତ୍କୃତ ସର୍ବ ବିକଳ୍ପ ତୁଟିଲେ ॥
ସେକାଳେ ବିବେକ ବଳେ ମିଳେ ତତ୍ତ୍ୱଜ୍ଞାନ । "ତତ୍ତ୍ୱମସି" ବାକ୍ୟବେଦ କରେ
ଯା ବଖାଣ । ॥ ।୯୩।

---

(୧) ରାହୁ ଓ କେତୁ ଗ୍ରହର ଗ୍ରାସରୁ । (୨) ନିଜେ ପ୍ରକାଶିତ । (୩) ଅଭିମାନରୂପୀ ସର୍ପ ।
(୪) ସମ୍ପଦ ବା ମଣି ।

ଅହଙ୍କାରେ କର୍ତ୍ତର୍ଯ୍ୟହମିତି ମତିଂ ମୁଞ୍ଚ ସହସା ।
ବିକାରାତ୍ମନ୍ୟାତ୍ମ ପ୍ରତିଫଳ ଜୁଷି ସ୍ୱସ୍ଥିତିମୁଷି ।
ଯଦଧ୍ୟାସାତ୍ ପ୍ରାପ୍ତା ଜନିମୃତିଜରା ଦୁଃଖବହୁଳା
ପ୍ରତୀଚଶ୍ଚିନ୍ମୂର୍ତ୍ତେସ୍ତବ ସୁଖତନୋଃ ସଂସୃତିରିୟମ୍ । ୯୪ ।

ସଦୈକରୂପସ୍ୟ ଚିଦାତ୍ମନୋ ବିଭୋରାନନ୍ଦମୂର୍ତ୍ତେରନବଦ୍ୟକୀର୍ତ୍ତେଃ ।
ନୈବାନ୍ୟଥା କ୍ୱାପ୍ୟବିକାରିଣସ୍ତେ ବିନାହମଧ୍ୟାସମମୁଷ୍ୟ ସଂସୃତିଃ । ୯୫ ।

ତସ୍ମାଦହଙ୍କାରମିମଂ ସ୍ୱଶତ୍ରୁଂ ଭୋକ୍ତୁର୍ଗଳେ କଣ୍ଟକବତ୍ ପ୍ରତୀତମ୍ ।
ବିଚ୍ଛିଦ୍ୟ ବିଜ୍ଞାନମହାସିନା ସ୍ଫୁଟଂ ଭୁଙ୍କ୍ଷ୍ୱାତ୍ମସାମ୍ରାଜ୍ୟସୁଖଂ ଯଥେଷ୍ଟମ୍ । ୯୬ ।

ତତୋଽହମାଦେର୍ବିନିବର୍ତ୍ତ୍ୟ ବୃତ୍ତିଂ ସନ୍ତ୍ୟକ୍ତରାଗଃ ପରମାର୍ଥ ଲାଭାତ୍ ।
ତୂଷ୍ଣୀଂ ସମାସ୍ସ୍ୱାତ୍ମସୁଖାନୁଭୂତ୍ୟା । ପୂର୍ଣ୍ଣାତ୍ମନା ବ୍ରହ୍ମଣି ନିର୍ବିକଳ୍ପଃ । ୯୭ ।

ସମୂଳକୃତ୍ତୋଽପି ମହାନହଂ ପୁନର୍ବ୍ୟୁଲ୍ଲେଖିତଃ ସ୍ୟାଦ୍ୟଦି ଚେତସା କ୍ଷଣମ୍ ।
ସଞ୍ଜୀବ୍ୟ ବିକ୍ଷେପଶତଂ କରୋତି ନଭସ୍ୱତା ପ୍ରାବୃଷି ବାରିଦୋ ଯଥା । ୯୮ ।

ଅଭିମାନଭୋକ୍ତା ଆତ୍ମସ୍ଥିତି ନାଶକାରୀ । ବିକାରସ୍ୱଭାବ ଅହଙ୍କାର ରୂପଧାରୀ ॥
କର୍ତ୍ତାରେ ଅହଂମତି ବେଗେ ପରିହର । ଜନ୍ମମୃତ୍ୟୁଜରାଦିକବେଦନୋଦ୍ଭବ ତୁମ୍ଭର ॥
ତୁମ୍ଭେ ଚିତ୍ ସ୍ୱରୂପ ପ୍ରତ୍ୟଗାତ୍ମା ସୁଖମୂର୍ତ୍ତି । ଅହଙ୍କାର ଅଧ୍ୟାସରୁ ଲଭୁଅଛ (୧) ସଂସୃତି ।୯୪।
ତୁମ୍ଭେ ବିଭୁ ଏକରୂପ ଆନନ୍ଦ ମୂରତି । ଅବିକାରୀ ଚିତ୍ ସ୍ୱଭାବ ନିର୍ମଳ କୀରତି (୨) ॥
ଅହଂ ଅଧ୍ୟାସବିହୀନେ କେବେ ଅନ୍ୟାକାର । ହୋଇନପାରେ ତୁମ୍ଭର ଅଥବା ସଂସାର ॥
ଭୋକ୍ତାଗଳାର କଣ୍ଟକ ପ୍ରାୟ ଅହଙ୍କାରେ । ଛେଦିଦିଅ ବିଜ୍ଞାନମହାଖଡ୍ଗଧାରେ ॥
ଏରୂପେ ନିଜ ଶତ୍ରୁକୁ ବିନାଶି ତୁମ୍ଭର । ଯଥେଷ୍ଟ ଆତ୍ମ-ସାମ୍ରାଜ୍ୟ-ସୁଖ ଭୋଗକର ॥
ଏହିରୂପେ ପରମାର୍ଥ ଲାଭ ସକାଶରୁ । ଆତ୍ମ-ସୁଖ-ଅନୁଭୂତି ତଥା କରୁଁ କରୁଁ ॥
ନିରୋଳେ ପୂର୍ଣ୍ଣ ବ୍ରହ୍ମେ ନିର୍ବିକଳ୍ପଭାବେ । କର ଅବସ୍ଥାନ ବେଗେ ବିମଳସ୍ୱଭାବେ ॥
ସେ ପ୍ରବଳ ଅହଂବୃତ୍ତି ସମୂଳେ ବିଚ୍ଛିନ୍ନ - । ହୋଇ କ୍ଷଣ ପାଇଁ ଚିତ୍ତେ ହେଲେ
ଉତ୍ପନ୍ନ ॥
ସଞ୍ଜୀବିତ ହୋଇ ଶତ ବିକ୍ଷେପ ଜନ୍ମାଏ । ପବନ ସଂଯୋଗେ ବର୍ଷାବାରିଦ (୩)
ପରାଏ । ୯୮ ।

---

(୧) ସଂସାରର ଦୁଃଖ । (୨) ନିଷ୍କଳଙ୍କ କୀର୍ତ୍ତି । (୩) ବୃଷ୍ଟିଶୀଳ ମେଘ ।

ନିଗୃହ୍ୟ ଶତ୍ରୋରହମୋଽବକାଶଃ କ୍ୱଚିନ୍ନ ଦେୟୋ ବିଷୟାନୁଚିନ୍ତୟା ।୯୮।
ସ ଏବ ସଞ୍ଜୀବନହେତୁରସ୍ୟ ପ୍ରକ୍ଷୀଣଜମ୍ବୀରତରୋରିବାମ୍ବୁ । ୯୯ ।
ଦେହାତ୍ମନା ସଂସ୍ଥିତ ଏବ କାମୀ ବିଲକ୍ଷଣଂ କାମୟିତା କଥଂ ସ୍ୟାତ୍ ।
ଅତୋଽର୍ଥସନ୍ଧାନପରତ୍ୱମେବ ଭେଦପ୍ରସକ୍ତ୍ୟା ଭବବନ୍ଧହେତୁଃ । ୧୦୦ ।

କାର୍ଯ୍ୟପ୍ରବର୍ଦ୍ଧନାଦ୍ ବୀଜପ୍ରବୃଦ୍ଧିଃ ପରିଦୃଶ୍ୟତେ ।
କାର୍ଯ୍ୟନାଶାଦ୍ ବୀଜନାଶସ୍ତସ୍ମାତ୍ କାର୍ଯ୍ୟଂ ନିରୋଧୟେତ୍ । ୧୦୧ ।
ବାସନାବୃଦ୍ଧିତଃ କାର୍ଯ୍ୟବୃଦ୍ଧ୍ୟା ଚ ବାସନା ।
ବର୍ଦ୍ଧତେ ସର୍ବଥା ପୁଂସଃ ସଂସାରୋ ନ ନିବର୍ତ୍ତତେ । ୧୦୨ । ୧୦୨ ।
ସଂସାରବନ୍ଧବିଚ୍ଛିତ୍ତ୍ୟୈ ତଦ୍ଦ୍ୱୟଂ ପ୍ରଦହେଦ୍ୟତିଃ ।
ବାସନାବୃଦ୍ଧିରେତାଭ୍ୟାଂ ଚିନ୍ତୟା କ୍ରିୟୟା ବହିଃ । ୧୦୩ ।
ତାଭ୍ୟାଂ ପ୍ରବର୍ଦ୍ଧମାନା ସା ସୂତେ ସଂସୃତିମାତ୍ମନଃ ।
ତ୍ରୟାଣାଂ ଚ କ୍ଷୟୋପାୟଃ ସର୍ବାବସ୍ଥାସୁ ସର୍ବଦା । ୧୦୪ ।

ନିଗ୍ରହିତ ମହାଶତ୍ରୁ ଅହଙ୍କାରେ କ୍ଷଣେ । ଦିଅ ନାହିଁ ଅବକାଶ ବିଷୟ ଚିନ୍ତନେ ॥
ଯେସନେ କ୍ଷୀଣ ଜମ୍ବୀରିତରୁ ପାଇ ଜଳ । ସଞ୍ଜୀବିତ ହୋଇ ଧରେ ପତ୍ର ପୁଷ୍ପ ଫଳ ॥
ବିଷୟ-ଅନୁଚିନ୍ତନେ ତେମନ୍ତେ ଅହଙ୍କାର । ଲଭି ନବପ୍ରାଣ ଘେନେ,ବିବିଧ ବିକାର ॥
ଦେହୁଁ ପୃଥକ୍-କାମନା ପ୍ରେରକ ମାନବ । କିରୂପେ ସେ ହେବ ? ଏହା ନୁହଇ ସମ୍ଭବ ॥
ବିଷୟାନୁଚିନ୍ତା ଘଟେ ଦେହାତ୍ମ ଜ୍ଞାନରେ । ସଂସାର-ବନ୍ଧନ ହେତୁ ତାହା
ଜାଣ ନରେ । ୧୦୦ ।

କର୍ମବୃଦ୍ଧି ସଙ୍ଗେ ବଢ଼େ ସଂସାରର ବୀଜ । କର୍ମନାଶେ ସେ ବୀଜର ନାଶ ହୁଏ ନିଜ ॥
ତେଣୁ କର୍ମରୁ ନିବୃତ୍ତ ହୁଅ ଜ୍ଞାନିଜନ । (କର୍ମରେ ଆସକ୍ତି ସିନା ସଂସାର ବନ୍ଧନ) ॥
ଅନାସକ୍ତ ଭାବେ କର୍ମ ଅନୁଷ୍ଠାନ କଲେ । ସଂସାର କାରଣ ତାହା ନୁହଇଟି ଭଲେ ॥
କର୍ମାସକ୍ତି ନିବୃତ୍ତିକୁ କର୍ମର ନିବୃତ୍ତି । ବୋଲି କହନ୍ତି ବୁଧେ (୧) ଶାସ୍ତ୍ରରେ ବିବୃତ୍ତି ॥
ବାସନା ବଢ଼ିଲେ ହୁଏ କାର୍ଯ୍ୟ ଅନୁଷ୍ଠାନ । କାର୍ଯ୍ୟ ବୃଦ୍ଧି ଯୋଗେ ବଢ଼େ ସେ
ବାସନା ଜାଣ ॥

ଏରୂପେ ନିତ୍ୟ ସମ୍ବନ୍ଧ କାର୍ଯ୍ୟ ବାସନାର । କେବେ ନିବୃତ୍ତ ନ ହୁଏ ଲୋକର ସଂସାର ॥
ଭବବନ୍ଧନ ଛେଦନ ପାଇଁ ଯତିଗଣ । ବାସନା କାର୍ଯ୍ୟ ଦୋହିଁକୁ କରନ୍ତି ଦହନ ॥
ବିଷୟର ଚିନ୍ତା ପୁଣି ବାହ୍ୟକ୍ରିୟାବଳେ । ବାସନାର ବୃଦ୍ଧି ସିନା ହୁଏ ଏ ସ୍ଥଳେ ॥
ଏରୂପେ ବାସନା ବଢ଼ି ଆତ୍ମାକୁ ସଂସାରେ । ରଖଇ ଅଟକି କରି ଭୁଞ୍ଜଇ ମାୟାରେ ।
ତେଣୁ ବାସନା ବିଷୟ ଚିନ୍ତା ଓ କର୍ମର । କ୍ଷୟ ଉପାୟ ଯତନେ ଖୋଜ ନିରନ୍ତର ।୧୦୪॥

---

୧ । ପଣ୍ଡିତମାନେ ।

ସର୍ବତ୍ର ସର୍ବତଃ ସର୍ବ ବ୍ରହ୍ମମାତ୍ରାବଲୋକନମ୍ ।
ସଦ୍ଭାବବାସନାଦାର୍ଢ୍ୟାତ୍ତତ୍ତ୍ରୟଂ ଲୟମଶ୍ନୁତେ । ୧୦୫ ।

କ୍ରିୟାନାଶେ ଭବେଚ୍ଚିନ୍ତାନାଶୋଽସ୍ମାଦ୍ବାସନାକ୍ଷୟଃ ।
ବାସନାପ୍ରକ୍ଷୟୋ ମୋକ୍ଷଃ ସା ଜୀବନ୍ମୁକ୍ତିରିଷ୍ୟତେ । ୧୦୬ ।

ସଦ୍ବାସନାସ୍ଫୂର୍ତ୍ତିବିଜୃମ୍ଭଣେ ସତି ହ୍ୟସୌ ବିଲୀନାପ୍ୟହମାଦିବାସନା ।
ଅତି ପ୍ରକୃଷ୍ଟାପ୍ୟରୁଣପ୍ରଭାୟାଂ ବିଲୀୟତେ ସାଧୁ ଯଥା ତମିସ୍ରା । ୧୦୭ ।

ତମସ୍ତମଃକାର୍ଯ୍ୟମନର୍ଥଜାଲଂ ନ ଦୃଶ୍ୟତେ ସତ୍ୟୁଦିତେ ଦିନେଶେ ।
ତଥାଽଦ୍ୱୟାନନ୍ଦରସାନୁଭୂତୌ ନୈବାସ୍ତି ବନ୍ଧୋ ନ ଚ ଦୁଃଖଗନ୍ଧଃ । ୧୦୮ ।

ଦୃଶ୍ୟଂ ପ୍ରତୀତଂ ପ୍ରବିଲାପୟନ୍ ସ୍ୱୟଂ ସନ୍ମାତ୍ରମାନନ୍ଦଘନଂ ବିଭାବୟନ୍ ।
ସମାହିତଃ ସନ୍ ବହିରନ୍ତରଂ ବା କାଲଂ ନୟେଥାଃ ସତି କର୍ମବନ୍ଧେ ।୧୦୯।

ପ୍ରମାଦୋ ବ୍ରହ୍ମନିଷ୍ଠାୟାଂ ନ କର୍ତ୍ତବ୍ୟଃ କଦାଚନ ।
ପ୍ରମାଦୋ ମୃତ୍ୟୁରିତ୍ୟାହ ଭଗବାନ୍ ବ୍ରହ୍ମଣଃ ସୁତଃ । ୧୧୦ ।

ଯେ ସମସ୍ତ ବ୍ରହ୍ମାଣ୍ଡକୁ ଦେଖେ ବ୍ରହ୍ମମୟ । ବ୍ରହ୍ମେ ସୁଦୃଢ଼ ହୋଇଛି ଯା ବାସନାଚୟ ॥
ଯାର ବିଷୟ ବାସନା ହୋଇଛି ଉଦୟ । ତା ବାସନା ଚିନ୍ତା କର୍ମ ସ୍ୱତଃ ହୁଏ କ୍ଷୟ ।୧୦୫।

କର୍ମ ନାଶେ ହୁଏ ତାର ଚିନ୍ତାର ବିନାଶ । ଚିନ୍ତା କ୍ଷୟ ହେଲେ ହୁଏ ବାସନାର ନାଶ ॥
ବାସନାର କ୍ଷୟ ହେଲେ ହୁଅଇ ମୁକତି । ଜୀବନ୍ମୁକ୍ତି [2] ତାହାକୁହିଁ ପଣ୍ଡିତେ କହନ୍ତି ॥

ସେହି ବାସନା ହୃଦୟେ ହୋଇଲେ ବିକାଶ । ଅହଂ ଏ ଆଦି ବାସନା ଲଭଇ ବିନାଶ ॥
ଅରୁଣ ପ୍ରଭା [3] ପ୍ରକାଶ ହେଲେ ଯେ ପ୍ରକାର । କ୍ଷଣକେ ବିଲୀନ ହୁଏ ଗାଢ଼—ଅନ୍ଧକାର ॥

ତମ ଓ ତମର କାର୍ଯ୍ୟ ଅନର୍ଥ ନିଚୟ । ଯେସନେ ରବି ଉଦୟେ ହୋଇଯାଏ କ୍ଷୟ ॥
ତେସନେ ଅଦ୍ୱୟାନନ୍ଦରସ ଅନୁଭବେ । ବନ୍ଧ ଓ ବନ୍ଧନ ଦୁଃଖ ନ ହୋଇ ଲଭେ ।୧୦୮।

ପ୍ରାରବ୍ଧ କର୍ମବନ୍ଧନ ଥିବା ଯାଏ ଦେହ । ଦୃଶ୍ୟ ବିଷୟ କେବଳ ଜ୍ଞାନାନଳେ ଦହ ॥
ସନ୍ମାତ୍ର, ଆନନ୍ଦ ଘନ ବ୍ରହ୍ମେ କର ଲୟ । ଏପରି ବାହ୍ୟ ଅନ୍ତର ଯାପିବ ସମୟ ।୧୦୯।

ବ୍ରହ୍ମନିଷ୍ଠାରେ କଦାଚ ନ କରିବ ହେଳା । ତହିଁ ପ୍ରମାଦ (୪) ବହିଲେ ବୁଦ୍ଧେ ପ୍ରଣେ-
ତେଲା ॥
ବ୍ରହ୍ମନିଷ୍ଠାରେ ପ୍ରମାଦ ମୃତ୍ୟୁର କାରଣ । ବୋଲି ସ୍ଥିର କହନ୍ତି ବ୍ରହ୍ମା-ପୁତ୍ରଗଣ ।୧୧୦। ❋

---

୧ ସ୍ୱାଭାବିକ, ସ୍ୱତଃ । ୨ । ଜୀବଦ୍ଦଶାରେ ମୁକ୍ତ ୩ ସୂର୍ଯ୍ୟ କିରଣ । ୪ ଅନବଧାନତା ତ୍ରୁଟି ଅବହେଳା (❋) ସନକାଦି ।

ନ ପ୍ରମାଦାଦନର୍ଥୋଽନ୍ୟୋ ଜ୍ଞାନିନଃ ସ୍ୱସ୍ୱରୂପତଃ ।
ତତୋ ମୋହସ୍ତତୋଽହଂ ଧୀ ସ୍ତତୋ ବନ୍ଧ ସ୍ତତୋ ବ୍ୟଥା ।୧୧୧।

ବିଷୟାଭିମୁଖଂ ଦୃଷ୍ଟ୍ୱା ବିଦ୍ୱାଂସମପି ବିସ୍ମୃତିଃ ।
ବିକ୍ଷେପୟତି ଧୀ ଦୋଷୈର୍ଯୋଷା ଜାରମିବ ପ୍ରିୟମ୍ ।୧୧୨।

ଯଥାପକୃଷ୍ଟଂ ଶୈବାଳଂ କ୍ଷଣମାତ୍ରଂ ନ ତିଷ୍ଠତି ।
ଆବୃଣୋତି ତଥା ମାୟା ପ୍ରାଜ୍ଞଂ ବାପି ପରାଙ୍ମୁଖମ । ୧୧୩ ।

ଲକ୍ଷ୍ୟଂଚ୍ୟୁତଂ ଚେଦ୍ ଯଦି ଚିତ୍ତମୀଷଦ୍‌ବହିର୍ମୁଖଂ ସନ୍ନିପତେତ୍ ତତସ୍ତତଃ ।
ପ୍ରମାଦତଂ ପ୍ରଚ୍ୟୁତ କେଲି କନ୍ଦୁକଂ ସୋପାନପଂକ୍ତୌପତିତୋ ଯଥାତଥା । ୧୧୪ ।

ବିଷୟେଷ୍ୱାବିଶଚ୍ଚେତଃ ସଂକଳ୍ପୟତି ତଦ୍‌ଗୁଣାନ୍ ।
ସମ୍ୟକ ସଂକଳ୍ପନାତ କାମଃ କାମାତ୍ ପୁଂସଃ ପ୍ରବର୍ତ୍ତନମ୍ । ୧୧୫ ।

ଅତଃ ସ୍ୱରୂପ ବିଭ୍ରଂଶୋ ବିଭ୍ରଷ୍ଟସ୍ତୁ ପତତ୍ୟଧଃ ।
ପତିତସ୍ୟ ବିନାନାଶଂ ପୁନର୍ନାରୋହ ଈକ୍ଷ୍ୟତେ ॥
ସଂକଳ୍ପଂ ବର୍ଜ୍ଜୟେତ୍ତସ୍ମାତ ସର୍ବାନର୍ଥସ୍ୟ କାରଣମ୍ । ୧୧୬ ।

ବ୍ରହ୍ମରେ ଅନବଧାନତା ବିନା ବ୍ରହ୍ମଜ୍ଞର । ଆନ କେହଣି ପ୍ରମାଦ ନାହିଁ ଗ୍ରନ୍ଥେର ॥
ସେ ଅବହେଳାରୁ ପ୍ରମାଦ, ମୋହ ଅହଂମତି । ତହୁଁ ବନ୍ଧନ, ବନ୍ଧନୁଁ ଯାତନା ଜପତି ॥

ପଣ୍ଡିତ ବ୍ୟକ୍ତି ହେଲେ ବିଷୟ-ଆସକ୍ତ । ଭ୍ରାନ୍ତିରୂପିଣୀ ଅବିଦ୍ୟା କରଇ ବ୍ୟସ୍ତ ॥
ତା' ପ୍ରିୟ ଉପପତିକି ରମଣୀ ଯେମନ୍ତ । ବୁଦ୍ଧି କଉଶଳ ଦୋଷେ କରେ ବିଭ୍ରାନ୍ତଃ ॥

ଅପ୍ରେଇ ଦେଲେହେଁ ଯଥା ଶଇବାଳଦାମ୍ । କ୍ଷଣେ ସ୍ଥିର ନ ରହଇ ଡାକେ ପଣିଥାମ୍ ॥
ତେସନେ ବ୍ରହ୍ମେ ବିମୁଖ ଦେଖି ଜ୍ଞାନୀଜନେ । ରହନେ ଆବୃତ କରେ ମୋହ ଆବରଣେ

ଯେସନେ କେଳି—କନ୍ଦୁକ (୧) ହେଲି କରୁଁ କରୁଁ ।
ପାହଚୁଁ ପାହଚକୁ ଗଡ଼େ ପଡ଼େ ଖସି କରୁଁ ॥
ତେସନେ ଅଳପ ଲକ୍ଷ୍ୟଚ୍ୟୁତ ହେଲେ ଚିତ୍ତ ।
ବାହ୍ୟମୁଖୀ ହେଲେ ତେବେ ଦ୍ରୁତ ପଥାବତ । ୧୧୪ ।
ବିଷୟ ପଶିଲେ ଚିତ୍ତ କଳ୍ପଇ ତା'ଗୁଣ ।
ପୂର୍ଣ୍ଣ ସଂକଳ୍ପୁଁ କାମରେ ଭୋଗ ଚେଷ୍ଟା ପୁଣ ॥

ବାସନାର ପ୍ରବାହର ସଂସାର-ପ୍ରବୃତ୍ତି (୨) । ଜନମଇ ମହତେ ଯା' ନ ଲଭେ ନିବୃତ୍ତି ॥
ସଂସାରେ ପତିତ ହେଲେ ହେଲେ ତିଷ୍ଠିବାକୁ । ମୁକ୍ତପଦ ହୋଇ ଭ୍ରଷ୍ଟ ହୁଏ ଅଧଃଗତ୍ୟ
ତେଣୁ ସର୍ବ ଅନର୍ଥର ନିଦାନ କାରଣ । ସଂକଳ୍ପକୁ ପରିତ୍ୟାଗ କରିବ ବହନ । ୧୧୬ ।

---

(୧) ଖେଳିବା ଗେଣ୍ଡୁ । (୨) ସଂସାର ଭଜିବାର ଇଚ୍ଛା ।

ଅତଃ ପ୍ରମାଦାନ୍ନ ପରୋଽସ୍ତି ମୃତ୍ୟୁର୍ବିବେକିନୋ ବ୍ରହ୍ମବିଦଃ ସମାଧୌ ।
ସମାହିତଃ ସିଦ୍ଧିମୁପୈତି ସମ୍ୟକ୍ ସମାହିତାତ୍ମା ଭବ ସାବଧାନଃ । ୧୧୭ ।
ଜୀବତୋ ଯସ୍ୟ କୈବଲ୍ୟଂ ବିଦେହେ ଚ ସ କେବଲଃ ।
ଯତ୍ କିଞ୍ଚିତ୍ ପଶ୍ୟତୋ ଭେଦଂ ଭୟଂ ବ୍ରୂତେ ଯଜୁଃ ଶ୍ରୁତିଃ । ୧୧୮ ।

ଯଦା କଦା ବାପି ବିପଶ୍ଚିଦେଷ ବ୍ରହ୍ମଣ୍ୟନନ୍ତେଽପ୍ୟଣୁମାତ୍ର ଭେଦମ୍ ।
ପଶ୍ୟତ୍ୟଥାମୁଷ୍ୟ ଭୟଂ ତଦୈବ ଯଦ୍ ବୀକ୍ଷିତଂ ଭିନ୍ନତୟା ପ୍ରମାଦାତ୍ । ୧୧୯ ।
ଶ୍ରୁତି ସ୍ମୃତି ନ୍ୟାୟ ଶତୈର୍ନିଷିଦ୍ଧେ ଦୃଶ୍ୟେଽତ୍ର ଯଃ ସ୍ୱାତ୍ମ ମତିଂ କରୋତି ।
ଉପୈତି ଦୁଃଖୋପରି ଦୁଃଖ ଜାତଂ ନିଷିଦ୍ଧ କର୍ତ୍ତା ସ ମଳିମ୍ଳୁଚୋ ଯଥା । ୧୨୦ ।

ସତ୍ୟାଭିସନ୍ଧାନରତୋ ବିମୁକ୍ତୋ ମହତ୍ତ୍ୱମାତ୍ମୀୟମୁପୈତି ନିତ୍ୟମ୍ ।
ମିଥ୍ୟାଭିସନ୍ଧାନରତସ୍ତୁ ନଶ୍ୟେଦ୍ ଦୃଷ୍ଟଂ ତଦେତଦ୍ ଯଚ୍ଚୌରଚୌରୟୋଃ । ୧୨୧ ।

ବ୍ରହ୍ମଜ୍ଞାତା ବିବେକୀର ସମାଧିରେ ଯେବେ । ପ୍ରମାଦ ଘଟେ, ତା'ଠାରୁ ମୃତ୍ୟୁ ନାହିଁ କେବେ ॥
ତେଣୁ ସତର୍କ ଚିତ୍ତକୁ ସମାହିତ କର । ସମାହିତ ବ୍ୟକ୍ତି ସିଦ୍ଧି ଲଭଇ ସତ୍ୱର । ୧୧୭ ।
ଜୀବିତରେ ଯେଉଁ ଜନ ଲଭେ ମୁକତି । ଦେହାନ୍ତେ ମଧ ତାହାର ହୁଏ ସଦଗତି ॥
କିନ୍ତୁ କିଞ୍ଚିମାତ୍ର ଭେଦ ଦୃଷ୍ଟି ଯେବେ ରହେ । ନ ତୁଟେ ତାହାର ଭୟ ଯଜୁର୍ବେଦ କହେ ॥

ଯେଯାଏ ଅନନ୍ତ ବ୍ରହ୍ମେ ବ୍ରହ୍ମ ଜ୍ଞାନୀଜନେ । ଅଣୁମାତ୍ର ଭେଦ ଜ୍ଞାନ ରହିଥାନ୍ତି ମନେ ॥
ସେ ପର୍ଯ୍ୟନ୍ତ ସେମାନଙ୍କ ଭବ-ବ୍ୟାଧି ଭୟ । ଛାଡ଼ି ନ ପାରଇ ଏଥେଁ ନ କର ସଂଶୟ ॥

ଶ୍ରୁତି (୧) ସ୍ମୃତି (୨) ନ୍ୟାୟ ଆଦି ଶାସ୍ତ୍ର ଶତଶତ । କହନ୍ତି ନିଷେଧି "ନାହିଁ ଦୃଶ୍ୟର ଅସ୍ତିତ୍ୱ" ॥
ଏହା ଜାଣି ଜାଣି ଯେହୁ ଦୃଶ୍ୟ ପ୍ରପଞ୍ଚରେ । ଭ୍ରମବଶେ ପଡ଼ି ନିଜ ଆତ୍ମଜ୍ଞାନ କରେ ॥

ସେ ଜନ ବିଧି-ନିଷିଦ୍ଧ କର୍ମକୁ ଆଚରେ । ଅବିବେକୀ ମୂଢ଼ମତି ସେହି ଜଗତରେ ॥
ଅତଏ ସେ ଅକର୍ମଣ୍ୟ ମଳମାସ ପ୍ରାୟେ । ଦୁଃଖର ଉପରେ ତାର ଦୁଃଖ ହୋଇଥାଏ ॥

ଅଚୋର ବ୍ୟକ୍ତି ବନ୍ଧନ ନ ଲଭେ ଯେସନ । ସତ୍ୟ-ଅନୁସନ୍ଧୀ ମୁକ୍ତ ହୁଅଇ ତେସନ ॥
ମିଥ୍ୟାଦୃଶ୍ୟ ପ୍ରପଞ୍ଚେ ଯେ ଅନୁରାଗ କରେ । ଚୋରପରି ନଷ୍ଟ ହୁଏ ପଡ଼ି ବନ୍ଧନରେ ॥

ତେଣୁ ବନ୍ଧନ-କାରଣ ମିଥ୍ୟା-ଅନ୍ୱେଷଣ । ପରିତ୍ୟାଗ କରି ବେଗେ ଯତି ବ୍ୟକ୍ତିଗଣ ॥
"ମୁଁ ସ୍ୱୟଂ ବ୍ରହ୍ମ" ଏରୂପ ଆତ୍ମ ଦରଶନ । କରି ବ୍ରହ୍ମେ ଅବସ୍ଥିତ ହେବେ ସେ ସଜନ ॥

---

(୧) ବେଦ (ଏହା ଈଶ୍ୱରଙ୍କର ରଚିତ (୨) ସଂହିତା (ଏହା ଋଷିମାନଙ୍କ ଦ୍ୱାରା ରଚିତ) ।

ଯତଃସଦନୁସନ୍ଧିଃ ବନ୍ଧ ହେତୁଂ ବିହାୟ ସ୍ୱୟମୟମହମସ୍ମୀ ତ୍ୟାତ୍ମ ଦୃଷ୍ଟ୍ୟୈ
ବ ତିଷ୍ଠେତ୍ ।
ସୁଖୟତି ନନୁ ନିଷ୍ଠା ବ୍ରହ୍ମଣି ସ୍ୱାନୁଭୂତ୍ୟା ହରତି ପରମବିଦ୍ୟା କାର୍ଯ୍ୟ ଦୁଃଖଂ
ପ୍ରତୀତମ୍ । ୧୨୨ ।

ବାହ୍ୟାନୁସନ୍ଧିଃ ପରିବର୍ଦ୍ଧୟେତ୍ ଫଳଂ ଦୁର୍ବାସନାମେବ ତତସ୍ତତୋଽଧିକାମ୍ ।
ଜ୍ଞାତ୍ୱା ବିବେକୈଃ ପରିହୃତ୍ୟ ବାହ୍ୟଂ ସ୍ୱାତ୍ମାନୁସନ୍ଧିଂ ବିଦଧୀତ ନିତ୍ୟମ୍ । ୧୨୩ ।

ବାହ୍ୟେ ନିରୁଦ୍ଧେ ମନସଃ ପ୍ରସନ୍ନତା ମନଃ ପ୍ରସାଦେ ପରମାତ୍ମ ଦର୍ଶନମ୍ ।
ତସ୍ମିନ୍ ସୁଦୃଷ୍ଟେ ଭବବନ୍ଧ ନାଶୋ ବହିର୍ନିରୋଧଃ ପଦବୀ ବିମୁକ୍ତେଃ । ୧୨୪ ।

କଃ ପଣ୍ଡିତଃ ସନ୍ ସଦସଦ୍ୱିବେକୀ ଶ୍ରୁତିପ୍ରମାଣଃ ପରମାର୍ଥଦର୍ଶୀ ।
ଜାନନ୍ହି କୁର୍ଯ୍ୟାଦସତୋଽବଲମ୍ବଂ ସ୍ୱପାତହେତୋଃ ଶିଶୁବନ୍ମୁମୁକ୍ଷୁଃ । ୧୨୫ ।

ଦେହାଦିସଂସକ୍ତିମତୋ ନ ମୁକ୍ତିର୍ମୁକ୍ତସ୍ୟ ଦେହାଦ୍ୟଭିମତ୍ୟଭାବଃ ।
ସୁପ୍ତସ୍ୟ ନୋ ଜାଗରଣଂ ନ ଜାଗ୍ରତଃ ସ୍ୱପ୍ନସ୍ତୟୋର୍ଭିନ୍ନଗୁଣାଶ୍ରୟତ୍ୱାତ୍ । ୧୨୬ ।

ଅନ୍ତର୍ବହିଃ ସ୍ୱଂ ସ୍ଥିର ଜଙ୍ଗମେଷୁ ଜ୍ଞାତ୍ୱାତ୍ମ ନାଧାରତୟା ବିଲୋକ୍ୟ ।
ତ୍ୟକ୍ତାଖିଳୋପାଧିରଖଣ୍ଡରୂପଃ ପୂର୍ଣ୍ଣାତ୍ମନା ଯଃ ସ୍ଥିତ ଏଷ ମୁକ୍ତଃ । ୧୨୭ ।

ବ୍ରହ୍ମପରାୟଣ ହେଲେ ସୁଖରାଶି ମିଳେ । ଆତ୍ମ-ଅନୁଭୂତି ବ୍ରହ୍ମେ ବିରାଜିତ ହେଲେ ॥
ପ୍ରତୀତ ଅବିଦ୍ୟା କାର୍ଯ୍ୟରୂପୀ ଦୁଃଖଚୟ । ଅତେବ ସ୍ୱପ୍ରେମ ବେଗେ ହୋଇପାରେ କ୍ଷୟ ॥
ଯେ ବାହ୍ୟ ଅନୁସନ୍ଧାନ ଦୁର୍ବାସନା ଫଳ । ତାହା ଏ ଦିନକୁ ଦିନ ହୋଇ ପ୍ରବଳ ॥ ।
ତେଣୁ ବାହ୍ୟ ବିଷୟାଦି କର ବରଜନ । ସଦା କରିବ ଆପଣା ଆତ୍ମା ଅନ୍ୱେଷଣ ॥
ବାହ୍ୟ ବିଷୟ ଯେମନ୍ତ ହେଲେକ ନିରୁଦ୍ଧ । ପ୍ରସନ୍ନତା ଲଭି ମନ ହୁଅଇ ବିଶୁଦ୍ଧ ॥
ମନ ବିଶୁଦ୍ଧ ହୋଇଲେ ପରମାତ୍ମାଙ୍କର । ସାକ୍ଷାତ ଦର୍ଶନ ଲଭ ହୁଅଇ ସତ୍ୱର ॥
ବ୍ରହ୍ମ ଦରଶନେ ଛୁଟେ ସଂସାର ବନ୍ଧନ । ତେଣୁ ମୁକତିର ପଥ ବାହ୍ୟ ନିରୋଧନ ।୧୨୪।
କେଉଁ ସଦସତ୍ ବିବେକୀ ପରମାର୍ଥଦର୍ଶୀ । ମୁମୁକ୍ଷୁ ପଣ୍ଡିତ ବେଦ ପ୍ରମାଣ ଅନ୍ୱେଷୀ ॥
ଶିଶୁପ୍ରାୟ ଆପଣାର ଅଧଃ ପତନାର୍ଥ । ଜାଣି ଜାଣି ଆଶ୍ରିବ ସେ ଅସତ୍ ପଦାର୍ଥ ।୧୨୫।
[illegible] ଦେହ ଆଦିରେ ଯାହାର ଆସକ୍ତି । ନ ହୁଅଇ ସେ ଲୋକର କଦାପି ମୁକତି ॥
ସୁପ୍ତର ଜାଗରଣ ଜାଗ୍ରତର ତଥା । ସ୍ୱପ୍ନ ହୋଇ ନ ପାରଇ ସମ୍ଭାବନା ଯଥା । ୧୨୬ ।
ଆତ୍ମ ବୁଦ୍ଧି ବଳେ ଯେହୁ ବାହ୍ୟ ଅଭ୍ୟନ୍ତର । ସ୍ଥାବର ଜଙ୍ଗମ ଆଦି ନିଖିଳ ବିଶ୍ୱର ॥
ସମସ୍ତ ବସ୍ତୁରେ କରି ଆତ୍ମା ବିବେଚନ । ଆଧାର ସ୍ୱରୂପେ; ସର୍ବ ଉପାଧି ବର୍ଜନ ॥
କରଣ ଅଖଣ୍ଡ ପୂର୍ଣ୍ଣ ଆତ୍ମାରୂପେ ରହେ । ସକଳବେଦ ତାହାକୁ ମୁକ୍ତ ବୋଲି କହେ ॥

ସର୍ବାତ୍ମନା ବନ୍ଧବିମୁକ୍ତିହେତୁଃ ସର୍ବାତ୍ମଭାବାନ୍ନ ପରୋଽସ୍ତି କିଞ୍ଚିତ୍ ।
ଦୃଶ୍ୟାଗ୍ରହେ ସତ୍ୟୁପପଦ୍ୟତେଽସୌ ସର୍ବାତ୍ମଭାବୋଽସ୍ୟ ସଦାତ୍ମନିଷ୍ଠୟା । ୧୨୮ ।

ଦୃଶ୍ୟସ୍ୟାଗ୍ରହଣଂ କଥଂ ନୁ ଘଟତେ ଦେହାତ୍ମନା ତିଷ୍ଠତୋ ।
ବାହ୍ୟାର୍ଥାନୁଭବ ପ୍ରସକ୍ତମନସସ୍ତତ୍ତତ୍ କ୍ରିୟାଂ କୁର୍ବତଃ ।
ସଂନ୍ୟସ୍ତାଖିଳଧର୍ମକର୍ମ ବିଷୟୈର୍ନିତ୍ୟାତ୍ମନିଷ୍ଠା ପରୈ ।
ସ୍ତତ୍ତ୍ୱଜ୍ଞୈଃ କରଣୀୟମାତ୍ମନି ସଦାନନ୍ଦେଚ୍ଛୁଭିର୍ଯତ୍ନତଃ । ୧୨୯ ।

ସାର୍ବାତ୍ମ୍ୟସିଦ୍ଧୟେ ଭିକ୍ଷୋଃ କୃତଶ୍ରବଣ କର୍ମଣଃ ।
ସମାଧିଂ ବିଦଧାତ୍ୟେଷା ଶାନ୍ତୋ ଦାନ୍ତ ଇତି ଶ୍ରୁତିଃ । ୧୩୦ ।

ଆରୂଢ଼ ଶକ୍ତେରହମୋ ବିନାଶଃ କର୍ତ୍ତୁଂ ନ ଶକ୍ୟଃ ସହସାପି ପଣ୍ଡିତୈଃ ।
ଯେ ନିର୍ବିକଳ୍ପାଖ୍ୟ ସମାଧିନିଶ୍ଚଳା ସ୍ତାନନ୍ତରାନନ୍ତ ଭବା ହି ବାସନାଃ ।୧୩୧ ।

ଅହଂବୁଦ୍ଧ୍ୟୈବ ମୋହିନ୍ୟା ଯୋଜୟିତ୍ୱାବୃତେର୍ବଳାତ୍ ।
ବିକ୍ଷେପଶକ୍ତିଃ ପୁରୁଷଂ ବିକ୍ଷେପୟତି ତଦ୍‌ଗୁଣୈଃ । ୧୩୨ ।

ସର୍ବାତ୍ମଭାବ ପ୍ରକାଶ ବିନା ଏ ସଂସାରେ । ମୁକ୍ତିର ଅନ୍ୟ ଉପାୟ ନାହିଁ ଏକେବାରେ ॥
ଦୃଶ୍ୟ ନ କରି ଗ୍ରହଣ ହୋଇଲେ ଆତ୍ମନିଷ୍ଠ । ସର୍ବାତ୍ମଭାବ ଉଦିତ ହୁଅଇ ସୁନିଷ୍ଠ ।୧୨୮।

ପ୍ରଶ୍ନ-ଅଖିଳର ଧର୍ମକର୍ମ ସକଳ ବିଷୟ । ତ୍ୟାଗ କରିଥାନ୍ତି ଯେଉଁ ତତ୍ତ୍ୱଜ୍ଞାନୀଚୟ ।
ସଦାନନ୍ଦ ଇଚ୍ଛୁକ ଯେ ସଦା ଆତ୍ମନିଷ୍ଠ । ଯେ ଦୃଶ୍ୟ ଗ୍ରହଣ ମାରନ୍ତି ଅତିକଷ୍ଟ ଯତ୍ନେ ॥
ସେ ବାହ୍ୟ ଦୃଶ୍ୟକୁ ଗ୍ରହଣ ପରିବେ କେସନେ । ଶରୀରକୁ ଆତ୍ମା ବୋଲି ଭାବନ୍ତି
ଯେସନେ ॥
ବାହ୍ୟ ବିଷୟରେ ଯେନ୍ତା ଆସକ୍ତ ସତତ । ଆଚର ସେରୂପ କାର୍ଯ୍ୟ କରିବାରେ ବ୍ୟସ୍ତ ॥
ଉତ୍ତର—ଗୁରୁନିକଟେ ଶ୍ରବଣକର୍ମ ସମାପନ । କରିଥିବେ ଜିତେନ୍ଦ୍ରିୟ ଯେଉଁ
ଭିକ୍ଷୁଗଣ ॥
ସର୍ବାତ୍ମ ସିଦ୍ଧି ନିମନ୍ତେ ତାଙ୍କ ପାଇଁ ଶ୍ରୁତି । "ଶାନ୍ତୋ ଦାନ୍ତ" ଏ ସମାଧି କରିଛନ୍ତି ବିହିତି ॥
ଜ୍ଞାନୀ ସୁଦ୍ଧା ସହସା ବଳବାନ ଅହଙ୍କାରେ । ସହସା ସମର୍ଥ ନୁହେ ନାଶ କରିବାରେ ॥
ସମାଧିରେ ଯେ ନିଶ୍ଚଳ ନିର୍ବିକଳ୍ପ ସଦା । ବିଷମ ବାସନା ବ୍ୟସ୍ତ କରେ ତାଙ୍କୁ
କଦା ।୧୩୧

ମୋହପ୍ରଦା ଅହଂବୁଦ୍ଧି ଆବରଣ ବଳେ । ପୁରୁଷକୁ ବିମ୍ବପୂର୍ବେ ଲଗାଇ କୌଶଳେ ॥
ଅହଙ୍କାର ଗୁଣ ଯୋଗେ ବିକ୍ଷେପ ଶକତି । ବିକ୍ଷିପ୍ତ କରଇ ଅଥୟ କରିଦିଏ ମତି । ୧୩୨ ।

ବିକ୍ଷେପଶକ୍ତିବିଜୟୋ ବିଷମୋ ବିଧାତୁଂ ନିଃଶେଷମାବରଣଶକ୍ତିନିବୃତ୍ତ୍ୟଭାବେ ।
ଦୃଗ୍‌ଦୃଶ୍ୟୟୋଃ ସ୍ଫୁଟପୟୋଜଳବଦ୍‌ବିଭାଗେ ନଶ୍ୟେତ୍ତଦାବରଣମାତ୍ମନି ଚ ସ୍ୱଭାବାତ୍‌
ନିଃସଂଶୟେନ ଭବତି ପ୍ରତିବନ୍ଧଶୂନ୍ୟୋ ବିକ୍ଷେପଣଂ ନହି ତଦା ଯଦି ଚେନ୍ମୃଷାର୍ଥେ ॥

ସମ୍ୟଗ୍‌ବିବେକଃ ସ୍ଫୁଟବୋଧଜନ୍ୟୋ ବିଭଜ୍ୟ ଦୃଗ୍‌ଦୃଶ୍ୟପଦାର୍ଥତତ୍ତ୍ୱମ୍‌ ।
ଛିନତ୍ତି ମାୟାକୃତମୋହବନ୍ଧଂ ଯସ୍ମାଦ୍‌ବିମୁକ୍ତସ୍ୟ ପୁନର୍ନ-ସଂସୃତିଃ । ୧ ୪ ।

ପରାବରୈକତ୍ୱବିବେକବହ୍ନିର୍ଦହତ୍ୟବିଦ୍ୟାଗହନଂ ହ୍ୟଶେଷମ୍‌ ।
କିଂ ସ୍ୟାତ୍ପୁନଃ ସଂସରଣସ୍ୟ ବୀଜମଦ୍ୱୈତଭାବଂ ସମୁପେୟୁଷୋଽସ୍ୟ । ୧୩୫ ।

ଆବରଣସ୍ୟ ନିବୃତ୍ତିର୍ଭବତି ଚ ସମ୍ୟକ୍‌ ପଦାର୍ଥଦର୍ଶନତଃ ।
ମିଥ୍ୟାଜ୍ଞାନବିନାଶସ୍ତଦ୍‌ବିକ୍ଷେପଜନିତଦୁଃଖନିବୃତ୍ତିଃ । ୧୩୬ ।

ଆବରଣ ଶକ୍ତି ତୁଟିଲେନ ନିବର୍ତ୍ତି ଯେବେ । ବିକ୍ଷେପ ଶକ୍ତିକୁ ଜିଣି ନ ହୁଅଇ କେବେ ॥
ଦର୍ଶନ ଦୃଶ୍ୟ ବେନିକୁ ଦୁଗ୍ଧ ଜଳବତ । ପୃଥକ ପୃଥକ ଭାବେ ହେଲେ ଅବଗତ ॥

ଆତ୍ମ ବିଷୟରେ ସେହି ଶକ୍ତି ଆବରଣ । ସ୍ୱଭାବେ ବିନଷ୍ଟ ହୋଇଯାଏ ତତକ୍ଷଣ ॥
ମିଥ୍ୟା ବିଷୟେ ବିକ୍ଷେପ ନ ରହିଲେ ଆଉ । ଏକାବେଳେ ତୁଟିଯାଏ ପ୍ରତିବନ୍ଧ ଦାଉ ॥

ଦର୍ଶନ ଦୃଶ୍ୟ ବସ୍ତୁର ତତ୍ତ୍ୱ ଭାଗ କଲେ । ନିର୍ମଳ ଜ୍ଞାନଜନିତ ବିବେକର ବଳେ ॥
ମାୟାର ବନ୍ଧନ ଛେଦ ପାରନ୍ତି ମାନବେ । ବିମୁକ୍ତ ବ୍ୟକ୍ତିଏ ଆଉ ନ ଫେରନ୍ତି ଭବେ ॥

ପର(୧) ଅବର (୨) ଏକତ୍ୱ-ବିବେକ- ଅନଳ । ସମ୍ପୂର୍ଣ୍ଣେ ଦହେ ଅବିଦ୍ୟା
ଅରଣ୍ୟ ଦଳ
ତେଣୁ ଯେ ଥରେ ଲଭିଛ ଅଦ୍ୱୈତ ଭାବକୁ । ଆଉ କି ଦେଖିବ ସେହି ସଂସାର
ବୀଜକୁ । ୧୩୫ ।

ଉତ୍ତମ ରୂପେ ସେ ତତ୍ତ୍ୱ ବସ୍ତୁକୁ ଦର୍ଶନ । କରି ପାରିଲେ ନିବୃତ୍ତି ଲଭେ ଆବରଣ ॥
ଆବରଣ ବିନାଶରେ ତୁଟେ ମିଥ୍ୟା ଜ୍ଞାନ । ତେବେ ବିକ୍ଷେପରୁ ଜାତ
ଦୁଃଖ ଘୁଞ୍ଚେ ଜାଣ ।୧୩୬ ।

---

(୧) ପର—ପରମାତ୍ମା (୨) ଅବର—ପ୍ରତ୍ୟଗାତ୍ମା । ପରାବର ଏକତ୍ୱ ବିବେକ ଅନଳ ପରମାତ୍ମା ପ୍ରତ୍ୟଗାତ୍ମାଙ୍କୁ ଏକ ଜ୍ଞାନ କରିବା ରୂପ ଅଗ୍ନି । ଏହି ବିବେକ ଅଗ୍ନି ହିଁ ଅବିଦ୍ୟା (ଅସତ୍ ଜ୍ଞାନ)ରୂପ ବନକୁ ଦଗ୍ଧ କରେ ।

ଏତତ୍ତ୍ରିତୟଂ ଦୃଷ୍ଟଂ ସମ୍ୟଗ୍ ରଜ୍ଜୁସ୍ୱରୂପ ବିଜ୍ଞାନାତ୍ ।
ତସ୍ମାଦ୍ବସ୍ତୁ ସତତ୍ତ୍ୱଂ ଜ୍ଞାତବ୍ୟଂ ବନ୍ଧମୁକ୍ତୟେ ବିଦୁଷା । ୧୩୭ ।

ଅୟୋଽଗ୍ନି ଯୋଗାଦିବ ସତ୍ ସମନ୍ୱୟାନ୍ମାତ୍ରାଦିରୂପେଣ ବିଜୃମ୍ଭତେ ଧୀଃ ।
ତତ୍କାର୍ଯ୍ୟମେତଦ୍ ତ୍ରିତୟଂ ଯତୋ ମୃଷା ଦୃଷ୍ଟଂ ଭ୍ରମସ୍ୱପ୍ନ ମନୋରଥେଷୁ । ୧୩୮ ।

ତତୋ ବିକାରା ପ୍ରକୃତେରହଂମୁଖା ଦେହାବସାନା ବିଷୟାଶ୍ଚ ସର୍ବେ ।
କ୍ଷଣେଽନ୍ୟଥା ଭାବିତୟା ହ୍ୟମୀଷାମସତ୍ତ୍ୱମାତ୍ମା ତୁ କଦାପି ନାନ୍ୟଥା । ୧୩୯ ।

ନିତ୍ୟାଦ୍ୱୟାଖଣ୍ଡ ଚିଦେକରୂପୋ ବୁଦ୍ଧ୍ୟାଦିସାକ୍ଷୀ ସଦସଦ୍ବିଲକ୍ଷଣଃ ।
ଅହଂ ପଦପ୍ରତ୍ୟୟ ଲକ୍ଷିତାର୍ଥଃ ପ୍ରତ୍ୟକ୍ ସଦାନନ୍ଦ ଘନଃ ପରାତ୍ମା । ୧୪୦ ।

ଇତ୍ଥଂ ବିପଶ୍ଚିତ୍ ସଦସଦ୍ ବିଭଜ୍ୟ ନିଶ୍ଚିତ୍ୟ ତତ୍ତ୍ୱଂ ନିଜବୋଧଦୃଷ୍ଟ୍ୟା ।
ଜ୍ଞାତ୍ୱା ସ୍ୱମାତ୍ମାନମଖଣ୍ଡବୋଧଂ ତେଭ୍ୟୋ ବିମୁକ୍ତଃ ସ୍ୱୟମେବ ଶାମ୍ୟତି । ୧୪୧ ।

ଆବରଣ, ମିଥ୍ୟାଜ୍ଞାନ, ବିକ୍ଷେପ ଏ ତିନି । ରଜ୍ଜୁ ସ୍ୱରୂପରେ ଭଲରୂପେ ହୁଏ ଶକ୍ତି ।
ତେଣୁ ପଣ୍ଡିତ ସକଳ ଲଭିବାକୁ ମୁକ୍ତି । ବସ୍ତୁ ତତ୍ତ୍ୱକୁ ଜାଣିବେ କରି ତର୍କ ଯୁକ୍ତି ।୧୩୭।
ଅପ୍ରକାଶ ବସ୍ତୁ ଲୌହ ଅଗ୍ନି ସଂଯୋଗରେ । ଦିଶେ ଦୀପ୍ତିମନ୍ତ ଯଥା ଲୋକ ଲୋଚନରେ ॥
ଆତ୍ମା-ସଂଯୋଗରେ ଜାଣ ବୁଦ୍ଧି ସେହିରୂପେ । ପ୍ରକାଶେ ଇନ୍ଦ୍ରିୟ ବୃତ୍ତି ଇତ୍ୟାଦି ସ୍ୱରୂପେ
ମିଥ୍ୟାଜ୍ଞାନ ଆବରଣ ବିକ୍ଷେପ ଆଦିର । ବୁଦ୍ଧିର କାର୍ଯ୍ୟ ଅଟଇ ବିଜ୍ଞେ ହେତୁ କର ॥
ତହୁଁ ଭ୍ରମରେ ସ୍ୱପ୍ନରେ ଅଉ ବାସନାରେ । ଦିଶଇ ମିଥ୍ୟା ବିଷୟ ନାନା ପ୍ରକାରେ ॥
ଅହଙ୍କାରଠାରୁ ଦେହ ଯାଏ ଏ ସକଳ । ବିଷୟ, ସେ ପ୍ରକୃତିର ବିକୃତି କେବଳ ॥
କ୍ଷଣେ କ୍ଷଣେ ଆନ ଆନ ଭାବ ଯେ ଧରନ୍ତି । ଯେଣୁ ଅସତ୍ୟ ପଦାର୍ଥ ସେ ସର୍ବ ଅଟନ୍ତି ॥
କିନ୍ତୁ ଆତ୍ମା ଅନ୍ୟଭାବ କଦାଚ ନୁହଇ । ତେଣୁ ସେହି ସତ୍ୟବସ୍ତୁ କେବଳ ଅଟଇ ।୧୩୯ ।
ଆତ୍ମାଟି ଚୈତନ୍ୟ ରୂପୀ ଅଖଣ୍ଡ ଅଦ୍ୱୟ । ବୁଦ୍ଧି ଆଦି ପଦାର୍ଥର ସାକ୍ଷୀ ନିତ୍ୟ ସ୍ୱୟଂ ॥
ଅହଂପଦ ଜ୍ଞାନବଶେ ଲକ୍ଷିତ ବିଷୟ । ସତ୍ୟ ଅସତ୍ୟୁଁ ପୃଥକ ସଦାନନ୍ଦମୟ । ୧୪୦ ।
ଏରୂପେ ସତ୍ୟ ଅସତ୍ୟ କରି ବେନି ଭାଗ । ତତ୍ତ୍ୱ ନିର୍ଣ୍ଣୟ କରନ୍ତି ଜ୍ଞାନୀଗଣ ଆଗ ॥
ଆପଣା ଆତ୍ମାକୁ ପୂର୍ଣ୍ଣ ଜ୍ଞାନରୂପୀ ଜାଣି । ପ୍ରକୃତି ବିକୃତିଠାରୁ ଲଭନ୍ତି ମେଲାଣି ॥
ସଂସାରୁ ମୁକତି ଲଭି ଆତ୍ମଜ୍ଞାନ ବଳେ । ଭୁଞ୍ଜନ୍ତି ଅଖଣ୍ଡ ସୁଖଶାନ୍ତି ଏ ସ୍ଥଳେ । ୧୪୧ ।

---

୧୩୭ ପଦ :—ମାୟାର ତିନୋଟି ଶକ୍ତି ଯଥା:— ଆବରଣ, ମିଥ୍ୟା ଜ୍ଞାନ, ଓ ବିକ୍ଷେପ ।
ବିକ୍ଷେପ ଶକ୍ତି ଦ୍ୱାରା ବିଶ୍ୱ ପ୍ରକାଶିତ ହୁଏ । ରଜ୍ଜୁକୁ ସର୍ପ ବୋଲି ବିଭ୍ରମ ହେବା ସ୍ଥଳେ ଆବରଣ ଶକ୍ତି
ଦ୍ୱାରା ରଜ୍ଜୁର ତିରୋଧାନ ଓ ବିକ୍ଷେପ ଶକ୍ତି ଦ୍ୱାରା ସେଥିରେ ସର୍ପର ଆବିର୍ଭାବ ହୁଏ ।

ଅଜ୍ଞାନ ହୃଦୟ ଗ୍ରନ୍ଥେର୍ନିଃଶେଷ ବିଲୟସ୍ତଦା ।
ସମାଧିନା ବିକଳ୍ପେନ ଯଦାଦ୍ୱୈତାତ୍ମ ଦର୍ଶନମ୍ । ୧୪୨ ।
ତ୍ୱମହମିଦମିତୀୟଂ କଳ୍ପନା ବୁଦ୍ଧିଦୋଷାତ୍ ।
ପ୍ରଭବତି ପରମାତ୍ମନ୍ୟଦ୍ୱୟେ ନିର୍ବିଶେଷେ ।
ପ୍ରବିଲସତି ସମାଧାବସ୍ୟ ସର୍ବୋ ବିକଳ୍ପୋ ।
ବିଲୟନମୁପଗଚ୍ଛେତ୍ତ୍ୱଦ୍‌ବସ୍ତୁତତ୍ତ୍ୱାବଧୃତ୍ୟା । ୧୪୩ ।
ଶାନ୍ତୋଦାନ୍ତଃ ପରମୁପରତଃ କ୍ଷାନ୍ତିଯୁକ୍ତଃ ସମାଧିଂ
କୁର୍ବନ୍ନିତ୍ୟଂ କଳୟତି ଯତିଃ ସ୍ୱସ୍ୟ ସର୍ବାତ୍ମଭାବମ୍ ।
ତେନାବିଦ୍ୟାତିମିର ଜନିତାନ୍ ସାଧୁ ଦଗ୍‌ଧ୍ୱା ବିକଳ୍ପାନ୍ ।
ବ୍ରହ୍ମାକୃତ୍ୟା ନିବସତି ସୁଖଂ ନିଷ୍କ୍ରିୟୋ ନିର୍ବିକଳ୍ପଃ । ୧୪୪ ।
ସମାହିତା ଯେ ପ୍ରବିଲାପ୍ୟ ବାହ୍ୟଂ ଶ୍ରୋତ୍ରାଦିଚେତଃ ସ୍ୱମହଂ ଚିଦାତ୍ମନି ।
ତ ଏବ ମୁକ୍ତା ଭବପାଶବନ୍ଧୈର୍ନାନ୍ୟେ ତୁ ପାରୋକ୍ଷ୍ୟକଥାଭିଧାୟିନଃ । ୧୪୫ ।

ନିର୍ବିକଳ୍ପ ସମାଧିରେ ବସି ଯୋଗିଗଣ । ଅଦ୍ୱୈତରୂପୀ ଆତ୍ମାକୁ କରନ୍ତେ ଦର୍ଶନ ॥
ଅଜ୍ଞାନ ହୃଦୟ ଗ୍ରନ୍ଥି ବେଗେ ଛିଣ୍ଡିଯାଏ । ନିଃଶେଷ ରୂପରେ; ଯେନ ଏ ଶ୍ରେଷ୍ଠ ଉପାୟେ ॥
ସେ ଅଦ୍ୱୟ ନିର୍ବିଷୟ ପରମାତ୍ମାରେ ତ । "ମୁଁ" "ତୁ" "ଏ" ଆଦି କଳ୍ପନା କରେ
ମୂଢ଼ମତି ॥
ସମାଧି ବିକାଶେ, ହେଲେ ବସ୍ତୁତତ୍ତ୍ୱ ଜ୍ଞାତ । ସେ ବୁଦ୍ଧି ବିକଳ୍ପ ମାନ ହୁଅଇ ନିପାତ ॥
ଶାନ୍ତ ୧ ଦାନ୍ତ ୨ ଉପରତ ୩ କ୍ଷମାଶୀଳ ହୋଇ । ସର୍ବାତ୍ମଭାବ ଜାଣିବ ସମାଧିରେ ରହି ॥
ଅଜ୍ଞାନ-ତିମିର-ଜାତ-ବିକଳ୍ପ ସକଳେ । ନିଃଶେଷ ଦହନ କର ବିବେକ-ଅନଳେ ॥
କ୍ରିୟାହୀନ ନିର୍ବିକଳ୍ପ ହୋଇଣ ଅବର । ବ୍ରହ୍ମାକାରେ ଅହେ ସାଧୁ ସୁଖେ ବାସ କର ॥
ବିଷୟ ଇନ୍ଦ୍ରିୟ ଚିତ୍ତ ଅହଂକାର ଆଦି । ଚିଦାତ୍ମାରେ ନାଶେ ଯେ ଆଚରି ସମାଧି ॥
ବିଶ୍ୱକୁ ଯେ ଆତ୍ମାଭାବେ ଦେଖଇ ସତତ । ସେହି ସିନା ହେବ ଭବ-ବନ୍ଧନୁଁ ମୁକତ ॥
ମୁଖେ କେବଳ ଯେ "ମୁହିଁ ବ୍ରହ୍ମ' ବୋଲି ଭାଷେ । କାଟି ନ ପାରେ ସେ କେବେ
ଭବ-ବନ୍ଧ-ପାଶେ । ୧୪୫ ।

---

୧ । ଶାନ୍ତ—ଯେ ମନକୁ ବଶ କରିଅଛି । ୨ । ଦାନ୍ତ-ଯେ ଇନ୍ଦ୍ରିୟମାନଙ୍କୁ ଜିଣିଅଛି ।
୩ ଉପରତ-ଯେ ବିଷୟାଦିରୁ ନିବୃତ୍ତ ।

ଉପାଧିଭେଦାତ୍ ସ୍ୱୟମେବ ଭିଦ୍ୟତେ ଚୋପାଧ୍ୟପୋହେ ସ୍ୱୟମେବ କେବଳଃ ।
ତସ୍ମାଦୁପାଧେର୍ବିଲୟାୟ ବିଦ୍ୱାନ୍ ବସେତ୍ ସଦା କଳ୍ପସମାଧିନିଷ୍ଠୟା । ୧୪୬ ।
ସତି ସକ୍ତୋ ନରୋ ଯାତି ସଦ୍ଭାବଂ ହ୍ୟେକନିଷ୍ଠୟା ।
କୀଟକୋ ଭ୍ରମରଂ ଧ୍ୟାୟନ୍ ଭ୍ରମରତ୍ୱାୟ କଳ୍ପତେ । ୧୪୭ ।
କ୍ରିୟାନ୍ତରାସକ୍ତିମପାସ୍ୟ କୀଟକୋ ଧ୍ୟାୟନ୍ନଳିତ୍ୱଂ ହ୍ୟଳିଭାବମୃଚ୍ଛତି ।
ତଥୈବ ଯୋଗୀ ପରମାତ୍ମତତ୍ତ୍ୱଂ ଧ୍ୟାତ୍ୱା ସମାୟାତି ତଦେକନିଷ୍ଠୟା । ୧୪୮ ।
ଅତୀବ ସୂକ୍ଷ୍ମଂ ପରମାତ୍ମତତ୍ତ୍ୱଂ ନ ସ୍ଥୂଳଦୃଷ୍ଟ୍ୟା ପ୍ରତିପତ୍ତୁମର୍ହତି ।
ସମାଧିନାତ୍ୟନ୍ତ ସୁସୂକ୍ଷ୍ମବୃତ୍ତ୍ୟା ଜ୍ଞାତବ୍ୟମାର୍ଯ୍ୟୈରତିଶୁଦ୍ଧବୁଦ୍ଧିଭିଃ । ୧୪୯ ।
ଯଥା ସୁବର୍ଣ୍ଣଂ ପୁଟପାକଶୋଧିତଂ ତ୍ୟକ୍ତ୍ୱା ମଳଂ ସ୍ୱାତ୍ମଗୁଣଂ ସମୃଚ୍ଛତି ।
ତଥା ମନଃ ସତ୍ତ୍ୱରଜସ୍ତମୋମଳଂ-ଧ୍ୟାନେନ ସନ୍ତ୍ୟଜ୍ୟ ସମେତି ତତ୍ତ୍ୱମ୍ । ୧୫୦ ।
ନିରନ୍ତରାଭ୍ୟାସବଶାତ୍ତଦିତ୍ଥଂ ପକ୍ୱଂ ମନୋ ବ୍ରହ୍ମଣି ଲୀୟତେ ଯଦା ।
ତଦା ସମାଧିଃ ସବିକଳ୍ପବର୍ଜିତଃ ସ୍ୱତୋଽଦ୍ୱୟାନନ୍ଦରସାନୁଭାବକଃ ।୧୫୧ ।
ସମାଧିନାନେନ ସମସ୍ତବାସନା-ଗ୍ରନ୍ଥେର୍ବିନାଶୋଽଖିଳ କର୍ମନାଶଃ ।
ଅନ୍ତର୍ବହିଃ ସର୍ବତ ଏବ ସର୍ବଦା ସ୍ୱରୂପ ବିସ୍ଫୂର୍ତ୍ତିରଯତ୍ନତଃ ସ୍ୟାତ୍ ।୧୫୨ ।

ଉପାଧି ଭେଦରେ ଆତ୍ମା ଭିନ୍ନ ଜଣାଯାଏ । ଉପାଧି କ୍ଷୟେ ସେ ଏକା ପରକାଶ ପାଏ ॥
ତେଣୁ ହେ ବିଜ୍ଞେ ଉପାଧି କରିବାକୁ କ୍ଷୟ । ନିର୍ବିକଳ୍ପ ସମାଧିରେ ରହ ଅହରହ ॥
ଭ୍ରମର କୀଟର ୧ ରୂପ ଧ୍ୟାନ କରି କରି । ତୈଳପାୟିକା ୨ ତା ରୂପ ଲଭଇ ଯେପରି ॥
ତେହ୍ନେ ବ୍ରହ୍ମେ ରତ ନର ବ୍ରହ୍ମନିଷ୍ଠାବଳେ । ସେହି ବ୍ରହ୍ମରୂପ ଲଭ କରଥାଏ ଭଲେ ॥
ଅନ୍ୟ କ୍ରିୟା ଶକ୍ତି ତେଜି ସେ କୀଟ ଭ୍ରମରେ । ଧ୍ୟାଇ ଧ୍ୟାଇ ଅଳିରୂପ ଲଭେ ଯେ ରୂପରେ ॥
ତେହ୍ନେ ଆତ୍ମନିଷ୍ଠ ଯୋଗୀ ପରମାତ୍ମ ତତ୍ତ୍ୱ । ଧ୍ୟାନ କରୁଁ କରୁଁ ଲଭ କରଇ ବ୍ରହ୍ମତ୍ୱ ।୧୪୮।
ଅତ୍ୟନ୍ତ ସୂକ୍ଷ୍ମବିଷୟ ପରମାତ୍ମା ତତ୍ତ୍ୱ । ସ୍ଥୂଳ ଦୃଷ୍ଟିରେ କେହି ତା ନୁହେ ଅବଗତ ॥
ଅତି ଶୁଦ୍ଧ ବୁଦ୍ଧିମନ୍ତ ଯେ ଆର୍ଯ୍ୟ ଅଟନ୍ତି । ସୂକ୍ଷ୍ମବୃତ୍ତି ସମାଧିରେ ଜାଣି ସେ ପାରନ୍ତି ।୧୪୯।
ଉତ୍ତମ ପାକେ ଶୋଧିଲେ ସୁବର୍ଣ୍ଣ ଯେସନ । ପ୍ରକାଶେ ଆପଣା ଗୁଣ ମଳ ତ୍ୟାଗ କରି ॥
ସତ୍ତ୍ୱରଜତମ ମଳ ଘୁଞ୍ଚିଣ ତେସନ । ଆତ୍ମଧ୍ୟାନ ଦ୍ୱାରା ଲଭେ ଆତ୍ମ ତତ୍ତ୍ୱମନ ।୧୫୦।
ସତତ ଅଭ୍ୟାସ ବଳେ ଯେତେବେଳେ ମନ । ପରିଣତ ଅବସ୍ଥାରେ ବ୍ରହ୍ମେ ହୁଏ ଲୀନ ॥
ସେକାଳେ ଅଦ୍ୱୟାନନ୍ଦରସ ଅନୁଭବେ ବିକଳ୍ପହୀନ ସମାଧି ସ୍ୱେଚ୍ଛାରେ ସମ୍ଭବେ । ॥ ।
ସର୍ବ ବାସନା-ବନ୍ଧନ ସେ ସମାଧି ବଳେ । ଅଖିଳ କର୍ମ ସହିତ ନାଶିଦିଏ ହେଲେ ॥
ସେକାଳେ ବାହ୍ୟ ଅନ୍ତର ବିନା ଯତନରେ । ସର୍ବଦାରେ ସ୍ଫୁରେ ସଦା ଆତ୍ମା ସ୍ୱରୂପରେ ॥

---

୧ । ଭ୍ରମର କୀଟ—ସୁନାଣ୍ଠି ପୋକ । ୨ ତୈଳପାୟିକା- ତେଲପା ପୋକ । ସୁନାଣ୍ଠି ପୋକ, ଶାଗ ପୋକ ଅଦ ଜୀବନରେ ଆଣି ଘରେ ପୂରାଇ ତାକୁ ମାଡ ପକାଏ । ସେ ଶାଗ ପୋକ ତାକୁ ଏକଲୟରେ ଚିନ୍ତି ଚିନ୍ତି ଜୀଉ ଛାଡ଼େ । ତେଣୁ ସେ ସୁନାଣ୍ଠି ପୋକରୂପେ ଜାତ ହୋଇଥାଏ ।

ଶ୍ରୁତେଃ ଶତଗୁଣଂ ବିଦ୍ୟାନ୍ମନନଂ ମନନାଦପି ।
ନିଦିଧ୍ୟାସଂ ଲକ୍ଷଗୁଣମନନ୍ତଂ ନିର୍ବିକଲ୍ପକଂ । ୧୫୩ ।
ନିର୍ବିକଲ୍ପସମାଧିନାସ୍ଫୁଟଂ ବ୍ରହ୍ମତତ୍ତ୍ୱମବଗମ୍ୟତେ ଧ୍ରୁବମ୍ ।
ନାନ୍ୟଥା ଚଳତୟା ମନୋଗତେଃ ପ୍ରତ୍ୟୟାନ୍ତରବିମିଶ୍ରିତଂ
ଭବେତ୍ ।୧୫୪ ।

ଅତଃ ସମାଧତ୍ସ୍ୱ ଯତେନ୍ଦ୍ରିୟଃ ସନ୍ନିରନ୍ତରଂ ଶାନ୍ତମନାଃ ପ୍ରତୀଚି ।
ବିଧ୍ୱଂସୟ ଧ୍ୱାନ୍ତମନାଦ୍ୟବିଦ୍ୟୟା କୃତଂ ସଦେକତ୍ୱ ବିଲୋକନେନ । ୧୫୫ ।
ଯୋଗସ୍ୟ ପ୍ରଥମଦ୍ୱାରଂ ବାଙ୍ନିରୋଧୋଽ ପରିଗ୍ରହଃ ।
ନିରାଶା ଚ ନିରୀହା ଚ ନିତ୍ୟମେକାନ୍ତଶୀଳତା । ୧୫୬ ।
ଏକାନ୍ତସ୍ଥିତିରିନ୍ଦ୍ରିୟୋପରମଣେ ହେତୁର୍ଦମଶ୍ଚେତସଃ
ସଂରୋଧେ କରଣଂ ଶମେନ ବିଲୟଂ ଯାୟାଦହଂ ବାସନା ।
ତେନାନନ୍ଦରସାନୁଭୂତିରଚଳା ବ୍ରାହ୍ମୀସଦା ଯୋଗିନ—
ସ୍ତସ୍ମାଚ୍ଚିତ୍ତ ନିରୋଧ ଏବ ସତତଂ କାର୍ଯ୍ୟଃ ପ୍ରଯତ୍ନାନ୍ମୁନେ । ୧୫୭ ।

ଶ୍ରବଣ ଅପେକ୍ଷା ଆତ୍ମତତ୍ତ୍ୱର ମନନ । ଶତଗୁଣେ ଫଳ ଦିଏ ଜାଣ ଧୀର ଜନ ॥
ମନନୁଁ ନିଦିଧ୍ୟାସନ ୧ ଶ୍ରେଷ୍ଠ ଲକ୍ଷଗୁଣ । ଅନନ୍ତ ଗୁଣ ଅଟଇ ନିର୍ବିକଲ୍ପ ୨ ପୁଣ ।୧୫୩।
ନିର୍ବିକଳ୍ପ ସମାଧିରେ ନିଶ୍ଚେ ବ୍ରହ୍ମ ତତ୍ତ୍ୱ । ବିଶଦଭାବରେ ଲୋକ ହୁଏ ଅବଗତ ॥
ଅନ୍ୟ ଉପାୟେ ନୁହଇ ସେ ଜ୍ଞାନ ପ୍ରାପତ । ହୋଇ ନାହିଁ ନିର୍ବିକଳ୍ପ ସମାଧି ଯାବତ ॥
ମନୋଗତ ଚଞ୍ଚଳ୍ୟରୁ ଅନ୍ୟ ବସ୍ତୁ ଜ୍ଞାନ । ବ୍ରହ୍ମତତ୍ତ୍ୱ ଜ୍ଞାନସହ ମିଶିଯାଏ ଜାଣ ।୧୫୪।
ଇନ୍ଦ୍ରିୟ ସଂଯମ କରି ପ୍ରଶାନ୍ତ ଚିତ୍ତରେ । ପ୍ରତ୍ୟଗାତ୍ମାରେ ସମାଧି କର ନିରନ୍ତରେ ॥
ସତ ଆତ୍ମାର ଏକତ୍ୱ କରିଣ ନିର୍ଣ୍ଣୟ । ଅବିଦ୍ୟାକୃତ ଅଜ୍ଞାନ-ତମ କର କ୍ଷୟ । ୧୫୫ ।
ବଚନ-ସଂଯମ ପରିଗ୍ରହ-ବିହୀନତା । ନୈରାଶ୍ୟ ଅବିର ସବୁ କର୍ମେ ନିଶ୍ଚେଷ୍ଟତା ॥
ନିର୍ଜ୍ଜନ ସ୍ଥାନେ ନିବାସ ଏ ସବୁ ଲକ୍ଷଣ । ଯୋଗାରମ୍ଭ କଲେ କ୍ରମେ ହୁଏ ଉତପନ୍ନ ।୧୫୬।
ଇନ୍ଦ୍ରିୟ ବୃତ୍ତି ନିରୋଧ, ନିର୍ଜ୍ଜନ ବାସରେ । ହୁଅଇ, ତେଣୁ ସାଧକ ରହେ ଏକାନ୍ତରେ ॥
ବାହ୍ୟ ବିଷୟୁଁ ଇନ୍ଦ୍ରିୟ-ନିରୋଧ-କରଣ । ଏହାକୁହିଁ ଦମ ବୋଲି କହନ୍ତି ସଜ୍ଜନ ॥
ଦମଟି ଅଟଇ ଚିତ୍ତ ନିରୋଧର ହେତୁ । ଚିତ୍ତ ନିରୋଧିଲେ ଲୟ ହୁଏ ମୁକ୍ତି ସେତୁ ॥
ଚିତ୍ତ ନିରୋଧକୁ ଶମ ବୋଲନ୍ତି ଜ୍ଞାନିଏ । ଅହଂ ବାସନା ସେ ଶମଦ୍ୱାରା କ୍ଷୟ ହୁଏ ॥
ତେତେବେଳେ ବ୍ରହ୍ମାନନ୍ଦ ରସ ପଡ଼େ ଜଣା । ତେଣୁ ଚିତ୍ତରୋଧ କର ଯତ୍ନେ ମହାମନା ॥

---

୧ ଆତ୍ମଧ୍ୟାନ । ୨ ନିର୍ବିକଳ୍ପ ସମାଧି । ୩ ଜ୍ଞାନୀ ।

ବାଚଂ ନିଯଚ୍ଛାତ୍ମନି ତଂ ନିଯଚ୍ଛ ବୁଦ୍ଧୌ ଧିୟଂ ଯଚ୍ଛ ଚ ବୁଦ୍ଧିସାକ୍ଷିଣି ।
ତଂ ଚାପି ପୂର୍ଣ୍ଣାତ୍ମନି ନିର୍ବିକଳ୍ପେ ବିଲାପ୍ୟ ଶାନ୍ତିଂ ପରମାଂ ଭଜସ୍ୱ । ୧୫୮ ।

ଦେହପ୍ରାଣେନ୍ଦ୍ରିୟମନୋବୁଦ୍ଧ୍ୟାଦିଭିରୁପାଧିଭିଃ ।
ଯୈର୍ଯୈର୍ବୃତ୍ତେଃ ସମାଯୋଗସ୍ତତ୍ତଦ୍ଭାବୋଽସ୍ୟ ଯୋଗିନଃ । ୧୫୯ ।

ତନ୍ନିବୃତ୍ତ୍ୟା ମୁନେଃ ସମ୍ୟକ୍ ସର୍ବୋପରମଣଂ ସୁଖମ୍ ।
ସଂଦୃଶ୍ୟତେ ସଦାନନ୍ଦରସାନୁଭବବିପ୍ଳବଃ । ୧୬୦ ।

ଅନ୍ତସ୍ତ୍ୟାଗୋ ବହିସ୍ତ୍ୟାଗୋ ବିରକ୍ତସ୍ୟୈବ ଯୁଜ୍ୟତେ ।
ତ୍ୟଜତ୍ୟନ୍ତର୍ବହିଃ ସଙ୍ଗମ୍ ବିରକ୍ତସ୍ତୁ ମୁମୁକ୍ଷୟା । ୧୬୧ ।

ବହିସ୍ତୁ ବିଷୟୈଃ ସଙ୍ଗଂ ତଥାନ୍ତରହମାଦିଭିଃ ।
ବିରକ୍ତ ଏବ ଶକ୍ନୋତି ତ୍ୟକ୍ତୁଂ ବ୍ରହ୍ମଣି ନିଷ୍ଠିତଃ । ୧୬୨ ।

ବୈରାଗ୍ୟବୋଧୌ ପୁରୁଷସ୍ୟ ପକ୍ଷିବତ୍ ପକ୍ଷୌ ବିଜାନୀହି ବିଚକ୍ଷଣ ! ତ୍ୱମ୍ ।
ବିମୁକ୍ତିସୌଧାଗ୍ରତଲାଧିରୋହଣଂ ତାଭ୍ୟାଂ ବିନା ନାନ୍ୟତରେଣ ସିଧ୍ୟତି । ୧୬୩ ।

ପ୍ରଥମେ ବାକ୍ୟକୁ ଲୟ କର ହେ ମନରେ । ମନକୁ ବୁଦ୍ଧିରେ ଲୟ କର ତଦନ୍ତରେ ।
ପ୍ରତ୍ୟଗାତ୍ମାକୁ ୧ ବୁଦ୍ଧିର ସାକ୍ଷୀ ବୋଲି ଜାଣି । ତହିଁରେ ବୁଦ୍ଧିକି ଲୟ କରିଦିଅ ଆଣି ॥
ସେ ପ୍ରତ୍ୟଗାତ୍ମାକୁ ନିର୍ବିକଳ୍ପ ପୂର୍ଣ୍ଣାତ୍ମାରେ । ଲୟ କରି ନିତ୍ୟ ଶାନ୍ତି ଲଭ ଏ ସଂସାରେ ॥
ଦେହ, ପ୍ରାଣ, ମନ, ବୁଦ୍ଧି, ଇନ୍ଦ୍ରିୟ ଇତ୍ୟାଦି । ଏ ସର୍ବ ଅଟନ୍ତି ଏକ ଏକଟି ଉପାଧି୨ ॥
ଏ ସମସ୍ତ ମଧ୍ୟୁଁ ଯେଉଁ ଉପାଧି ସହିତ । ସଂଯୁକ୍ତ ହୁଅଇ ଯୋଗିମାନଙ୍କର ଚିତ୍ତ ॥
ସେ ଉପାଧିର ଆକାରେ ହୋଇ ପରିଣତ । ତାର ଭାବ ଗୁଣ ଆଦି ହୁଅଇ ପ୍ରାପତ ।୧୫୯।
ସେସବ ଉପାଧି ମୂଳୀ ବୃତ୍ତିର ନିବୃତ୍ତି । ହେଲେ, ପୂର୍ଣ୍ଣରୂପେ ଯୋଗୀ କରେ ଅନୁଭୂତି ॥
ସର୍ବୋପରମଣରୂପ ସୁଖ, ସଦାନନ୍ଦରସ ; । ସେ ରସ ସଞ୍ଚାରେ ମନେ ଉପୁଜେ ହରଷ ।୧୬୦।
ଯେଉଁ ଲୋକର ନ ଥାଏ ବିଷୟେ ସରାଗ । ଅନ୍ତର ବାହ୍ୟ ସେ କରିପାରେ ପରିତ୍ୟାଗ ॥
ତେଣୁ ବିରାଗୀ ପୁରୁଷେ ମୁକ୍ତି ଇଚ୍ଛା କରି । ଅନ୍ତର ବାହ୍ୟ ଆସକ୍ତି ଦିଅ ପରିହରି ।୧୬୧।
ଯେଉଁମାନେ ବ୍ରହ୍ମନିଷ୍ଠ ବିରାଗୀ ହୁଅନ୍ତି । ବାହ୍ୟ ଅନ୍ତର ବିଷୟ ଛାଡ଼ି ସେ ପାରନ୍ତି ॥
ଅହଙ୍କାରାଦି ଅନ୍ତର ବୃତ୍ତିର ସହିତ । ଆସକ୍ତି ଛାଡ଼ିବାକୁ ସେ ହୁଅନ୍ତି ସମର୍ଥ । ୧୬୨ ।
ବୈରାଗ୍ୟ ବିଜ୍ଞାନ ପୁରୁଷର ଡେଣାବେନି । ମୁକ୍ତିକାମୀ ବ୍ୟକ୍ତିମାନେ ସେହିପକ୍ଷ ଘେନି ।
ମୁକ୍ତି ପ୍ରାସାଦର ଶିଖେ ୩ କରେ ଆରୋହଣ । ନାହିଁ ଅନ୍ୟୋପାୟ ଆଉ ଅହେ ବିଚକ୍ଷଣ ॥

---

୧ । ଜୀବକୁ । ୨ ନାମ, ପଦ, ଧର୍ମ, ସମ୍ପତ୍ତି, ଆଧାର, କାରଣ, ଛଳ, ଉପନାମ । ଭେଦକର୍ମ । ୩ ମୁକ୍ତିରୂପ ପକ୍କା ଘରର ଶୀର୍ଷରେ ।

ଅତ୍ୟନ୍ତବୈରାଗ୍ୟବତଃ ସମାଧିଃ ସମାହିତସ୍ୟୈବ ଦୃଢ଼ପ୍ରବୋଧଃ ।
ପ୍ରବୁଦ୍ଧତତ୍ତ୍ୱସ୍ୟ ହି ବନ୍ଧମୁକ୍ତିର୍ମୁକ୍ତାତ୍ମନୋ ନିତ୍ୟସୁଖାନୁଭୂତିଃ । ୧୬୪ ।
ବୈରାଗ୍ୟାନ୍ନ ପରଂ ସୁଖସ୍ୟ ଜନକଂ ପଶ୍ୟାମି ବଶ୍ୟାତ୍ମନ—
ସ୍ତଚ୍ଚେଚ୍ଛୁଦ୍ଧତରାତ୍ମବୋଧ ସହିତଂ ସ୍ୱାରାଜ୍ୟସାମ୍ରାଜ୍ୟଧୁକ୍ ।
ଏତଦ୍ୱାରମଜସ୍ରମୁକ୍ତି ଯୁବତେର୍ଯସ୍ମାତ୍ତ୍ୱମସ୍ମାତ୍ ପରଃ—
ସର୍ବତ୍ରାସ୍ପୃହୟା ସଦାତ୍ମନି ସଦା ପ୍ରଜ୍ଞାଂ କୁରୁ ଶ୍ରେୟସେ । ୧୬୫ ।
ଆଶାଂ ଛିନ୍ଧି ବିଷୋପମେଷୁ ବିଷୟେଷ୍ୱେଷୈବ ମୃତ୍ୟୋଃ କୃତି—
ସ୍ତ୍ୟକ୍ତ୍ୱା ଜାତିକୁଳାଶ୍ରମେଷ୍ୱଭିମତିଂ ମୁଞ୍ଚାତିଦୂରାତ୍ କ୍ରିୟାଃ ।
ଦେହାଦାବସତି ତ୍ୟଜାତ୍ମଧିଷଣାଂ ପ୍ରଜ୍ଞାଂ କୁରୁଷ୍ୱାତ୍ମନି—
ତ୍ୱଂ ଦ୍ରଷ୍ଟାଽସ୍ୟମନୋଽସି ନିର୍ଦ୍ୱୟପରଂ ବ୍ରହ୍ମାସି ଯଦ୍ୱସ୍ତୁତଃ । ୧୬୬ ।
ଲକ୍ଷ୍ୟେ ବ୍ରହ୍ମଣି ମାନସଂ ଦୃଢ଼ତରଂ ସଂସ୍ଥାପ୍ୟ ବାହ୍ୟେନ୍ଦ୍ରିୟଂ
ସ୍ୱସ୍ଥାନେ ବିନିବେଶ୍ୟ ନିଶ୍ଚଳତନୁଶ୍ଚୋପେକ୍ଷ୍ୟ ଦେହସ୍ଥିତିମ୍ ।
ବ୍ରହ୍ମାତ୍ମୈକ୍ୟମୁପେତ୍ୟ ତନ୍ମୟତୟା ଚାଖଣ୍ଡବୃତ୍ତ୍ୟାଽନିଶଂ
ବ୍ରହ୍ମାନନ୍ଦରସଂ ପିବାତ୍ମନି ମୁଦା ଶୂନ୍ୟୈଃ କିମନ୍ୟୈର୍ଭୃଶମ୍ । ୧୬୭ ।

ଯେଉଁମାନେ ବଇରାଗ୍ୟ-ଯୁକ୍ତ ବିଶେଷରେ । ସେମାନଙ୍କର ସମାଧି ହୁଏ ସହଜରେ ॥
ସମାହିତ ୧ ପୁରୁଷର ଜନ୍ମେ ଦୃଢ଼ଜ୍ଞାନ । ତତ୍ତ୍ୱଜ୍ଞାନୀ ଭବ-ବନ୍ଧ ମୁକ୍ତି ଲଭେ ଜାଣ ॥
ପୁଣି ମୁକ୍ତାତ୍ମା ଲୋକର ହୃଦୟ କମଳେ । ନିତ୍ୟସୁଖ-ଅନୁଭୂତି ହୁଅଇ ସମୂଳେ । ୧୬୪ ।
ଜିତେନ୍ଦ୍ରିୟ ମାନବର ବଇରାଗ୍ୟ ବିନା । ସୁଖର କାରଣ ଆନ କିଛି ନାହିଁ ସିନା ॥
ଶୁଦ୍ଧ ଆତ୍ମଜ୍ଞାନେ ମିଶେ ବଇରାଗ୍ୟ ଯେବେ । ସ୍ୱର୍ଗମଣ୍ଡଳ ସାମ୍ରାଜ୍ୟ ପ୍ରଦାନେ ସେ ତେବେ ॥
ମୁକ୍ତି ଯୁବତୀର ୨ ସୁଖ ଅନୁଭବ ଦ୍ୱାର । ତାହା ଅଟଇଟି ଭାଳ ହୃଦୟେ ବିଚାର ॥
କାମନା ବରଜ ଆତ୍ମା ମଙ୍ଗଳ କାରଣେ । ସଦାତ୍ମାରେ କର ସ୍ଥିର ବୁଦ୍ଧି ଅନୁକ୍ଷଣେ । ୧୬୫ ।
ମୃତ୍ୟୁର କାରଣ ଆଶା ଅଟଇଟି ଯେଣୁ । ବିଷୋପମ ବିଷୟରୁଁ ସେ ଆଶା ଛିନ୍ଦ ତେଣୁ ॥
ଜାତିକୁଳ ଆଶ୍ରମର ଛାଡ଼ି ଅଭିମାନ । ଦୂରେ କର ପରିତ୍ୟାଗ ଛାର କାର୍ଯ୍ୟମାନ ॥
ଦେହାଦିକୁ ଆତ୍ମା ବୋଲି କରୁଛ ଯେ ଜ୍ଞାନ । ତା' ଛାଡ଼ି ଆତ୍ମାରେ କର ବୁଦ୍ଧିକି ସ୍ଥାପନ ॥
ହେ ସାଧୁ ! ଏମନ୍ତ ତୁମ୍ଭେ କରିପାର ଯେବେ । ହୋଇ ପାରିବ ପରମ ବ୍ରହ୍ମରୂପ ତେବେ
ବ୍ରହ୍ମ ଅମନ ଅଦ୍ୱୟ ଆତ୍ମଚିତ୍-ଦ୍ରଷ୍ଟା । ସେହି ବ୍ରହ୍ମ ହେବ ତୁମ୍ଭେ କଲେ ଏତେ ନିଷ୍ଠା ॥
ବ୍ରହ୍ମରେ ମନକୁ ସ୍ଥାପି ଦୃଢ଼େ ସାବଧାନେ । ନିବେଶି ବାହ୍ୟ ଇନ୍ଦ୍ରିୟେ ନିଜ ନିଜ ସ୍ଥାନେ ॥
ଲକ୍ଷ୍ୟ ନ ରଖି ଏ ଦେହ ସ୍ଥିତିର କାରଣେ । ନିଶ୍ଚଳ ଶରୀର ହୁଅ ବ୍ରହ୍ମନିରୂପଣେ ॥
ବ୍ରହ୍ମଜୀବ ଏ ବେନିଙ୍କି ଏକ ଜ୍ଞାନ କରି । ତନ୍ମୟ ହୋଇ ଅଖଣ୍ଡ ବୃତ୍ତି ଅନୁସରି ॥
ଆନନ୍ଦରେ ବ୍ରହ୍ମାନନ୍ଦରସ କର ପାନ । ମିଥ୍ୟାମନ୍ୟ ଆନନ୍ଦଦ୍ରବ୍ୟେ କିବା ପ୍ରୟୋଜନ ? । ୧୬୭ ।

---

୧ ସମାଧିଯୁକ୍ତ, ସମାଧିମଗ୍ନ । ୨ । ମୁକ୍ତିରୂପିଣୀ ନାରୀ ।

ଅନାତ୍ମ ଚିନ୍ତନଂ ତ୍ୟକ୍ତ୍ୱା କଶ୍ମଳଂ ଦୁଃଖକାରଣମ୍ ।
ଚିନ୍ତୟାତ୍ମାନମାନନ୍ଦ ରୂପଂ ଯନ୍ମୁକ୍ତି କାରଣମ୍ । ୧୬୮ ।

ଏଷସ୍ୱୟଂ ଜ୍ୟୋତିର ଶେଷ ସାକ୍ଷୀ ବିଜ୍ଞାନକୋଷେ ବିଲସତ୍ୟଜସ୍ରମ୍ ।
ଲକ୍ଷ୍ୟଂ ବିଧାୟୈନମ ସଦ୍ୱିଲକ୍ଷଣମଖଣ୍ଡବୃତ୍ତ୍ୟାତ୍ମତୟାନୁଭାବୟ । ୧୬୯ ।

ଏତମଚ୍ଛିନ୍ନୟାବୃତ୍ତ୍ୟା ପ୍ରତ୍ୟୟାନ୍ତରଶୂନ୍ୟୟା ।
ଉଲ୍ଲେଖୟନ୍ ବିଜାନୀୟାତ୍ ସ୍ୱସ୍ୱରୂପତୟା ସ୍ଫୁଟମ୍ । ୧୭୦ ।

ଅତ୍ରାତ୍ମତ୍ୱଂ ଦୃଢ଼ୀକୁର୍ବନ୍ନହମାଦିଷୁ ସନ୍ତ୍ୟଜନ୍ ।
ଉଦାସୀନ ତୟା ତେଷୁ ତିଷ୍ଠନ୍ ସ୍ଫୁଟଘଟାଦିବତ୍ ।୧୭୧।

ବିଶୁଦ୍ଧମନ୍ତଃକରଣଂ ସ୍ୱରୂପେ ନିବେଶ୍ୟ ସାକ୍ଷିଣ୍ୟବବୋଧମାତ୍ରେ ।
ଶନୈଃଶନୈର୍ନିଶ୍ଚଳତାମୁପାନୟନ୍ ପୂର୍ଣ୍ଣାତ୍ମମେବାନୁବିଲୋକୟେତ୍ତତଃ ।୧୭୨।

ଦେହେନ୍ଦ୍ରିୟ ପ୍ରାଣମନୋଽହମ ଦିଭିଃ ସ୍ୱାଜ୍ଞାନକ୍ଳୃପ୍ତୈ ରଖିଳୈରୁପାଧିଭିଃ ।
ବିମୁକ୍ତମାତ୍ମାନମଖଣ୍ଡରୂପଂ ପୂର୍ଣ୍ଣଂ ମହାକାଶମିବାବଲୋକୟେତ୍ । ୧୭୩ ।

ଘଟକଳସ କୁସୂଲସୂଚୀମୁଖୈର୍ଗଗନମୁପାଧିଶତୈର୍ବିମୁକ୍ତମେକମ୍ ।
ଭବତି ନ ବିବିଧଂ ତଥୈବ ଶୁଦ୍ଧଂ ପରମହମାଦିବିମୁକ୍ତମେକମେବ । ୧୭୪ ।

ମୋହପ୍ରଦ ଅଟେ ପୁଣି ସେ ଦୁଃଖ-କାରଣ । ଅଟଇ ଅନାତ୍ମା ଜାଣ ଅହେ ବିଚକ୍ଷଣ ॥
ମୁକ୍ତିର କାରଣ ପୁଣି ଆନନ୍ଦମୂରତି । ଆତ୍ମା ଅଟଇଟି ଚିନ୍ତା ଅହେ ଧୀରମତି ॥
ସେ ଅନାତ୍ମା ବିଷୟକ ଚିନ୍ତା ପରିହରି । ଆତ୍ମାକୁ ସର୍ବଦା ଧ୍ୟାନ କର ଦୃଢ଼ କରି ।୧୬୮।
ଆତ୍ମା ସ୍ୱୟଂ ଜ୍ୟୋତିର୍ମୟ ସେ ସାକ୍ଷୀ ଅଶେଷ । ବିଜ୍ଞାନମୟକୋଷରେ ସଦା ତା'ର ପ୍ରକାଶ ॥
ଅସତରୁ ପୃଥକ ସେ ଅଟଇ ଆବର । ଜାଣି ସେ ଅଖଣ୍ଡ ଆତ୍ମାରୂପେ ଧ୍ୟାନ କର । ୧୬୯ ।
ନିଃସଂଶୟେ ଏକ ଚିତ୍ତେ ଧାରଣାକୁ ଧରି । ପ୍ରତ୍ୟଗାତ୍ମାର ସ୍ୱରୂପ ବୁଝ ଭଲ କରି ।୧୭୦।
ଦେହାଦିକୁ ମଣି କ୍ଷୁଦ୍ରଯୁକ୍ତ ଘଟ ପରି । ସେସବୁରେ ଉଦାସୀନ ଭାବକୁ ଆଚରି ॥
ପ୍ରତ୍ୟଗାତ୍ମାଠାରେ ଆତ୍ମବୁଦ୍ଧି ଦୃଢ଼ କର । ଦେହାଦି ବିଷୟେଁ ଅହଂବୁଦ୍ଧି ପରିହର ।୧୭୧।
ଜ୍ଞାନମାତ୍ର ସ୍ୱରୂପ ସେ ସାକ୍ଷୀ ଆତ୍ମାଠାରେ । ବିଶୁଦ୍ଧ ଅନ୍ତଃକରଣେ ନିବେଶି ନିଷ୍ଠାରେ ॥
ନିଶ୍ଚଳ ଭାବକୁ ଲଭିକରି କ୍ରମେ କ୍ରମେ । ପୂର୍ଣ୍ଣ ଆତ୍ମାକୁ ଦର୍ଶନ କରିବ ସୁଗମେ । ୧୭୨ ।
ଅଜ୍ଞାନ-କଳ୍ପିତ ଦେହପ୍ରାଣ ଅହଙ୍କାର । ଇନ୍ଦ୍ରିୟ ଆଦି ଯେତେକ ଉପାଧି ସଂସାର ॥
ସେ ଉପାଧିରୁ ମୁକତ ଅଖଣ୍ଡ ଆବର । ପୂର୍ଣ୍ଣାତ୍ମାକୁ ମହାକାଶ ପ୍ରାୟ ଦୃଷ୍ଟି କର । ୧୭୩ ।
ଘଟ, କଳସ ଯେ ଧାନ୍ୟପାତ୍ର, ତୈଳପାତ୍ର । ଏ ସକଳ ଆକାରରେ ଭିନ୍ନ ଭିନ୍ନ ମାତ୍ର ॥
ଘଟାଦି ମଧ୍ୟୁଁ ଆକାଶ ହେଲେ ବିମୁକତ । ଏକ ବୋଲିଣ ପ୍ରତୀତ ହୁଅଇ ଯେସନ୍ତ ॥
ତଥା ଅହଙ୍କାରାଦିରୁ ବିମୁକ୍ତ ବିଶୁଦ୍ଧ । ସେ ବ୍ରହ୍ମ ଅଟଇ ଏକ, ନୁହଇ ବିବିଧ । ୧୭୪ ।

ବ୍ରହ୍ମାଦିସ୍ତମ୍ବପର୍ଯ୍ୟନ୍ତା ମୃଷାମାତ୍ରା ଉପାଧୟଃ ।
ତତଃ ପୂର୍ଣ୍ଣଂ ସ୍ୱମାତ୍ମାନଂ ପଶ୍ୟେଦେକାତ୍ମନା ସ୍ଥିତମ୍ ।୧୭୫।

ଯତ୍ର ଭ୍ରାନ୍ତ୍ୟା କଳ୍ପିତଂ ତଦ୍‌ବିବେକେ ତତ୍ତନ୍ମାତ୍ରଂ ନୈବ ତସ୍ମାଦ୍‌ବିଭିନ୍ନମ୍ ।
ଭ୍ରାନ୍ତେର୍ନାଶେ ଭାତି ଦୃଷ୍ଟାହିତତ୍ତ୍ୱଂ ରଜ୍ଜୁସ୍ତଦ୍‌ବଦ୍‌ବିଶ୍ୱମାତ୍ମସ୍ୱରୂପମ୍ ।୧୭୬।

ସ୍ୱୟଂ ବ୍ରହ୍ମା ସ୍ୱୟଂ ବିଷ୍ଣୁଃ ସ୍ୱୟମିନ୍ଦ୍ରଃ ସ୍ୱୟଂ ଶିବଃ ।
ସ୍ୱୟଂ ବିଶ୍ୱମିଦଂ ସର୍ବଂ ସ୍ୱସ୍ମାଦନ୍ୟନ୍ନ କିଞ୍ଚନ ।୧୭୭।

ଅନ୍ତଃ ସ୍ୱୟଂ ଚାପି ବହିଃ ସ୍ୱୟଞ୍ଚ ସ୍ୱୟଂ ପୁରସ୍ତାତ୍ ସ୍ୱୟମେବ ପଶ୍ଚାତ୍ ।
ସ୍ୱୟଂ ହ୍ୟବାଚ୍ୟାଂ ସ୍ୱୟମପ୍ୟୁଦୀଚ୍ୟାଂ ତଥୋପରିଷ୍ଟାତ୍ ସ୍ୱୟମପ୍ୟଧସ୍ତାତ୍ ।୧୭୮।

ତରଙ୍ଗଫେନଭ୍ରମବୁଦ୍‌ବୁଦାଦି ସର୍ବଂ ସ୍ୱରୂପେଣ ଜଳଂ ଯଥା ତଥା ।
ଚିଦେବ ଦେହାଦ୍ୟହମନ୍ତମେତତ୍ ସର୍ବଂ ଚିଦେବୈକରସଂ ବିଶୁଦ୍ଧମ୍ ।୧୭୯।

"ବ୍ରହ୍ମଠାରୁ ସ୍ତମ୍ବ ୧ ଯାଏ ଉପାଧି ସକଳ । ନିଃଶ୍ଚେ ଜାଣି ଏହା ମିଥ୍ୟା ଅଟଇ କେବଳ ॥
ତେଣୁ ଏକ ଆତ୍ମ ରୂପେ କର ଅବସ୍ଥାନ । ଆପଣା ଆତ୍ମାକୁ କର ପୂର୍ଣ୍ଣ ଦରଶନ ।୧୭୫।

ଯେଉଁ ଯେଉଁ ବସ୍ତୁ ବୋଲି ଭ୍ରମକୁ କଳ୍ପନା । କରଇ ଭ୍ରମରେ ପଡ଼ି ଅଜ୍ଞ ଧୀର ମନ ॥
ବିବେକ ହେଲେ ସଂଜାତ ସେ ବିଶ୍ୱ ଆକାର । ଯେ ବସ୍ତୁ ବୋଲି ପ୍ରତୀତ ହୁଅଇ ଭ୍ରମର ॥
ସେ ବସ୍ତୁକୁ ଅନ୍ୟ ବୋଲି ବୋଧ ନ ହୁଅଇ । ରଜ୍ଜୁକୁ ଭ୍ରମରେ ଦେଖେ ଟଣିଆଁଏ ଅହି ॥
କିନ୍ତୁ ସେ ଭ୍ରମ ତୁଟିଲେ ତାହା ରଜ୍ଜୁ ବିନା । ଆନ ଯେଉଁ ବସ୍ତୁ ଥାଏ ବୋଧ ନୁହେ ପୁନ ॥
ଏ ବିଶ୍ୱ ଆତ୍ମସ୍ୱରୂପ ଅଟଇଟି ଜାଣ । ସିଦ୍ଧାନ୍ତ କଥାଏ ଆତ୍ମା ବିନା ନୁହେ ଆନ ।୧୭୬।

ସ୍ୱୟଂ ବ୍ରହ୍ମା, ସ୍ୱୟଂ ବିଷ୍ଣୁ, ସ୍ୱୟଂ ପୁରନ୍ଦର । ହୋଇଛି ସ୍ୱୟଂ, ସ୍ୱୟଂ ଏ ବିଶ୍ୱ ଅଚର ॥
ଅଟନ୍ତି ସ୍ୱୟଂ ଆତ୍ମାସ୍ୱରୂପ ସମସ୍ତ । ଆତ୍ମା ବିନା ଆନ କିଛି ନାହିଁ ଏ ଜଗତେ ।୧୭୭।

ଅନ୍ତର ସ୍ୱୟଂ, ଆଉର ସ୍ୱୟଂ ବହିର୍ଭାଗ । ସ୍ୱୟଂ ପୂର୍ବେ ଆଗ ପୁଣି ସ୍ୱୟଂ ପଶ୍ଚାଦ୍‌ଭାଗ ॥
ପଶ୍ଚିମ ଅଟଇ ସ୍ୱୟଂ, ଉତ୍ତରେ ହିଁ ସ୍ୱୟଂ । ସ୍ୱୟଂ ଊର୍ଦ୍ଧ୍ୱ, ସ୍ୱୟଂ ଅଧଃ, ସର୍ବେ ଆତ୍ମା ସ୍ୱୟଂ ॥

ତରଙ୍ଗ ଆବର୍ତ୍ତ, ଫେନ, ବୁଦ୍‌ବୁଦ ଯେମନ୍ତ । ଜଳ ବିନା ଆନ କିଛି ନୁହେ ଏ ସମସ୍ତ ॥
ଦେହଠାରୁ ଅହଙ୍କାର ଯାଏ ସବୁ ତଥା । ଚିତ୍‌ସ୍ୱରୂପ ବ୍ରହ୍ମ ବିନା ନୁହଇ ଅନ୍ୟଥା ।୧୭୯।

୧—ସ୍ତମ୍ବ ତୃଣର ଗାଛ, ଅଜ୍ଞାନ ଅବସ୍ଥା ।

ସଦେବେଦଂ ସର୍ବଂ ଜଗଦବଗତଂ ବାଙ୍ମନସୟୋଃ,
ସତୋଽନ୍ୟନ୍ନାସ୍ତ୍ୟେବ ପ୍ରକୃତିପରସୀମ୍ନି ସ୍ଥିତବତଃ ।
ପୃଥକ୍ କିଂ ମୃତ୍ସ୍ନାୟାଃ କଳଶଘଟକୁମ୍ଭାଦ୍ୟବଗତଂ
ବଦତ୍ୟେଷ ଭ୍ରାନ୍ତସ୍ତ୍ୱମହମିତି ମାୟାମଦିରୟା ।୧୮୦।
କ୍ରିୟାସମଭିହାରେଣ ଯତ୍ର ନାନ୍ୟଦିତି ଶ୍ରୁତିଃ ।
ବ୍ରବୀତି ଦ୍ୱୈତରାହିତ୍ୟଂ ମିଥ୍ୟାଧ୍ୟାସନିବୃତ୍ତୟେ ।୧୮୧।
ଆକାଶବନ୍ନିର୍ମଳନିର୍ବିକଳ୍ପଃ ନିଃସୀମନିଃସ୍ପନ୍ଦନନିର୍ବିକାରମ୍ ।
ଅନ୍ତର୍ବହିଃଶୂନ୍ୟମନନ୍ୟମଦ୍ୱୟଂ ସ୍ୱୟଂ ପରଂବ୍ରହ୍ମ କିମସ୍ତି ବୋଧ୍ୟମ୍ ।୧୮୨।
ବକ୍ତବ୍ୟଂ କିମୁ ବିଦ୍ୟତେଽତ୍ର ବହୁଧା ବ୍ରହ୍ମୈବ ଜୀବଃ ସ୍ୱୟଂ,
ବ୍ରହ୍ମୈତଜ୍ଜଗଦାପରାଣୁ ସକଳଂ ବ୍ରହ୍ମାଦ୍ୱିତୀୟଂ ଶ୍ରୁତିଃ ।
ବ୍ରହ୍ମୈବାହମିତି ପ୍ରବୁଦ୍ଧମତୟଃ ସନ୍ତ୍ୟକ୍ତବାହ୍ୟାଃ ସ୍ଫୁଟଂ
ବ୍ରହ୍ମୀଭୂୟ ବସନ୍ତି ସନ୍ତତଚିଦାନନ୍ଦାତ୍ମନୈବ ଧ୍ରୁବମ୍ ।୧୮୩।

ବାକ୍ୟମନର ବିଷୟୀଭୂତ ଏ ଜଗତ । ସତ୍‌ସ୍ୱରୂପ ବୋଲି ଭଲେ ହେଲ ଅବଗତ ॥
ସତ୍‌ସ୍ୱରୂପ ପ୍ରକୃତିର ପରବର୍ତ୍ତୀ ଜାଣ । ଆତ୍ମାବିନା ସତ୍ ସ୍ୱରୂପ ନୁହେ କିଛି ଆନ ॥
ଯେମନ୍ତେ କଳସ, ଘଟ, କୁମ୍ଭ ଇତ୍ୟାଦିରେ । ମାଟିବିନା ଆନ କିଛି ନ ମିଳେ ତହିଁରେ ॥
ସେମନ୍ତେ ଅନନ୍ତ ବିଶ୍ୱ ଆତ୍ମାବିନା ଆନ । କିଛି ନୁହଇ, ଏ ତତ୍ତ୍ୱ ଭଲରୂପେ ଜାଣ ॥
ମାୟା-ମଦିରାରେ ଭ୍ରାନ୍ତ ହୋଇଥାଏ ଯେହୁ । "ମୁହିଁ ତୁହି" ଆଦି ଭେଦ ପଛଥାଏ ସେହି ।୧୮୦।
"ଯତ୍ର ନାନ୍ୟତ୍"[୧] ଆଦି ବାକ୍ୟ ବେଦ ବାରମ୍ବାର । ପ୍ରମାଣ କରୁଛି ଦ୍ୱୈତ ଅଭାବ ଆତ୍ମାର ।୧୮୧।
ଆକାଶ ପ୍ରାୟ ଯେ ନିରମଳ ନିର୍ବିକାର । ଯେହୁ ନିର୍ବିକଳ୍ପ ନାହିଁ ବାହ୍ୟାନ୍ତର ଯାର ॥
ଅସୀମ, ନିଃସ୍ପନ୍ଦ ଶୂନ୍ୟ ଅନନ୍ୟ, ଅଦ୍ୱୟ । କେ ଅଛି ତା ବିନା ସେହୁ ପରଂବ୍ରହ୍ମ ସ୍ୱୟଂ ।୧୮୨।
ଅଧିକ କହିବା ଆଉ କିବା ପ୍ରୟୋଜନ । ? ଜୀବ, ସ୍ୱୟଂ ବ୍ରହ୍ମ ଏହା କର ନିରୂପଣ ॥
ବ୍ରହ୍ମାଦି ସ୍ତମ୍ବ ପର୍ଯ୍ୟନ୍ତ ବିଶ୍ୱ ସମୁଦାୟ । ବ୍ରହ୍ମରୂପ ବୋଲି ବେଦ କହୁଛି ନିଶ୍ଚୟ ॥
"ଅଦ୍ୱିତୀୟଂ ବ୍ରହ୍ମ" ଏହି ବେଦବାକ୍ୟବଳେ । ବ୍ରହ୍ମମୟ ବୋଲି ସ୍ଥିର କର ଏ ସମସ୍ତେ ॥
"ଅହଂବ୍ରହ୍ମ" ଏ ଜ୍ଞାନ ଯାର ବୁଦ୍ଧି ହୋଇଥାଏ । ବାହ୍ୟ ବିଷୟ ତାହା ବେଗେ ଛାଡ଼ି ଯାଏ ॥
ଆତ୍ମସ୍ୱରୂପ ହୋଇ ସେ ପ୍ରବଳ ମନରେ । ଚିଦାନନ୍ଦ ଆତ୍ମରୂପେ ସଦା ବାସ କରେ ॥

---

୧ ଯତ୍ର ନାନ୍ୟତ୍ (ଯେଉଁଠାରେ ଅନ୍ୟ ନାହିଁ) ଏହା ବେଦର ଗୋଟିଏ ବାକ୍ୟ, ଏହି ବାକ୍ୟଦ୍ୱାରା ପ୍ରମାଣିତ ହୋଇଅଛି ଯେ, ଆତ୍ମା ଦ୍ୱୈତଶୂନ୍ୟ ଅଟନ୍ତି । ଅର୍ଥାତ୍ ଆତ୍ମାର ଦ୍ୱିତୀୟ ନାହିଁ ।

ଜହି ମଳମୟ କୋଷେଽହଂଧିୟୋତ୍ଥାପିତାଶାଂ
ପ୍ରସଭମନିଳକଳ୍ପେ ଲିଙ୍ଗଦେହେଽପି ପଶ୍ଚାତ୍ ।
ନିଗମଗଦିତକୀର୍ତ୍ତିଂ ନିତ୍ୟମାନନ୍ଦମୂର୍ତ୍ତିଂ
ସ୍ୱୟମିତି ପରିଚୀୟ ବ୍ରହ୍ମରୂପେଣ ତିଷ୍ଠ ।୧୮୪।

ଶବାକାରଂ ଯାବଦ୍ଭଜତି ମନୁଜସ୍ତାବଦଶୁଚିଃ
ପରେଭ୍ୟଃ ସ୍ୟାତ୍ କ୍ଳେଶୋ ଜନନମରଣବ୍ୟାଧିନିଳୟଃ ।
ଯଦାତ୍ମାନଂ ଶୁଦ୍ଧଂ କଳୟତି ଶିବାକାରମଚଳଂ ।
ତଦା ତେଭ୍ୟୋ ମୁକ୍ତୋ ଭବତି ହି ତଦାହ ଶ୍ରୁତିରପି ।୧୮୫।

ସ୍ୱାତ୍ମନ୍ୟାରୋପିତାଶେଷାଭାସବସ୍ତୁନିରାସତଃ ।
ସ୍ୱୟମେବ ପରଂ ବ୍ରହ୍ମ ପୂର୍ଣ୍ଣମଦ୍ୱୟମକ୍ରିୟମ୍ ।୧୮୬।

ସମାହିତାୟାଂ ସତି ଚିତ୍ତବୃତ୍ତୌ ପରାତ୍ମନି ବ୍ରହ୍ମଣି ନିର୍ବିକଳ୍ପେ ।
ନ ଦୃଶ୍ୟତେ କଶ୍ଚିଦୟଂ ବିକଳ୍ପଃ ପ୍ରଜଳ୍ପମାତ୍ରଃ ପରିଶିଷ୍ୟତେ ତତଃ ।୧୮୭।

ଅସତ୍କଳ୍ପୋ ବିକଳ୍ପୋଽୟଂ ବିଶ୍ୱମିତ୍ୟେକବସ୍ତୁନି ।
ନିର୍ବିକାରେ ନିରାକାରେ ନିର୍ବିଶେଷେ ଭିଦା କୁତଃ ।୧୮୮।

ଦ୍ରଷ୍ଟୃଦର୍ଶନଦୃଶ୍ୟାଦିଭାବଶୂନ୍ୟୈକବସ୍ତୁନି ।
ନିର୍ବିକାରେ ନିରାକାରେ ନିର୍ବିଶେଷେ ଭିଦା କୁତଃ ।୧୮୯।

ହେ ବତ୍ସ ! ଦେହକୁ ମଳମୟ କୋଷ ଜାଣି । ଅହଂବୁଦ୍ଧି-ଜାତ ଆଶା ତ୍ୟଜ ଶୀଘ୍ର ପୁଣି ॥
ବାୟୁ ପ୍ରାୟ ଅଟଇ ଯେ ଲିଙ୍ଗ କଳେବର । ସେ ଦେହକୁ ମଧ୍ୟ ପଛେ ଆଶା ଦୂର କର ॥
ବେଦେ ଯାର କୀର୍ତ୍ତି ନିତ୍ୟ କରନ୍ତି ବଖାଣି । ତୁମ୍ଭେ ସେ ଆନନ୍ଦମୂର୍ତ୍ତି ପର ବ୍ରହ୍ମ ଜାଣି ॥
ଏହୁ ପରିଚୟ ଜାଣି ଅହେ ଶିଷ୍ୟବର । ପରଂବ୍ରହ୍ମରୂପ ସ୍ୱୟଂ ଅବସ୍ଥାନ କର ।୧୮୪।
ଶବାକାର ଜଡ଼ ଦେହେ ମନୁଷ୍ୟ ଯାବତ । ଭଜଇ ଥାଏ, ତହିଁ ସେ ଅଶୁଚି ଥାଇତ ॥
ଜନ୍ମ ଜରା ବ୍ୟାଧି ଆଦି ନାନା କଷ୍ଟମାନ । କାମାଦି ଶତ୍ରୁଏ ତାକୁ ଦେଉଥାନ୍ତି ଜାଣ ॥
ଯେବେ ଶିବାକାର ଶୁଦ୍ଧ ଆତ୍ମା ସେ ଅଚଳ । ତେବେ ତହୁଁ ମୁକ୍ତ ହୁଏ ବେଦ ଯାହା ଘୋଷଇ ॥
ସ୍ୱ ଆତ୍ମାର ଆରୋପିତ ଯେ ବସ୍ତୁ ସକଳ । ମାୟା ବୁଦ୍ଧି ଦୂର କରି ରହ ହେ କେବଳ ॥
ଆପଣାକୁ ମଣ ସ୍ୱୟଂ ବ୍ରହ୍ମ ଅଦ୍ୱିତୀୟ । ପରଂବ୍ରହ୍ମ, ସଦାନନ୍ଦ, ଅନନ୍ତ, ନିଷ୍କ୍ରିୟ ।୧୮୬।
ନିର୍ବିକଳ୍ପ ପରମାତ୍ମା ବ୍ରହ୍ମଠାରେ ଯେବେ । ସମାହିତ ହୋଇଯାଏ ଚିତ୍ତବୃତ୍ତି ତେବେ ॥
କେବଣ ବିକଳ୍ପ ଆଉ ମନରେ ନ ରହେ । କଥାମାତ୍ର ବୋଲି ଏକା ତାହା ବୋଧହୁଏ ॥
ଏହୁ ବିଶ୍ୱ ବୋଲି ଯାହା କରିଛ କଳ୍ପନା ସେ କଳ୍ପନା ଅସତ୍ ମାତ୍ର ଜାଣ ମହାମନା ॥
ଯେ ଆତ୍ମା ଅଟଇ ଏକବସ୍ତୁ ନିର୍ବିକାର । ନିର୍ବିଶେଷ ନିରାକାର, କାହିଁ ଭେଦ ତାର ? ॥
ଦ୍ରଷ୍ଟା, ଦର୍ଶନ, ଦୃଶ୍ୟାଦି ଭାବ ନାହିଁ ଯାର । ଏକବସ୍ତୁ, ନିର୍ବିକାର, ଅସ୍ଥ, ନିରାକାର ॥
ଆବର ଯେ ନିର୍ବିଶେଷ ଭେଦ ତାର କାହିଁ ? (ଯେ ଭେଦ ବିଗୁଣରେ ଥାଇ କିଛୁ ଲକ୍ଷଣ ନାହିଁ ॥

କଳ୍ପାର୍ଣ୍ଣବ ଇବାତ୍ୟନ୍ତପରିପୂର୍ଣ୍ଣୈକବସ୍ତୁନି ।
ନିର୍ବିକାରେ ନିରାକାରେ ନିର୍ବିଶେଷେ ଭିଦା କୁତଃ ।୧୯୦।
ତେଜସୀବ ତମୋ ଯତ୍ର ପ୍ରଲୀନଂ ଭ୍ରାନ୍ତିକାରଣମ୍ ।
ଅଦ୍ୱିତୀୟେ ପରେ ତତ୍ତ୍ୱେ ନିର୍ବିଶେଷେ ଭିଦା କୁତଃ ।୧୯୧।
ଏକାତ୍ମକେ ପରେ ତତ୍ତ୍ୱେ ଭେଦବାର୍ତ୍ତା କଥଂ ବସେତ୍ ।
ସୁଷୁପ୍ତୌ ସୁଖମାତ୍ରାୟାଂ ଭେଦଃ କେନାବଲୋକିତଃ ।୧୯୨।
ନ ହ୍ୟସ୍ତି ବିଶ୍ୱଂ ପରତତ୍ତ୍ୱବୋଧାତ୍ ସଦାତ୍ମନି ବ୍ରହ୍ମଣି ନିର୍ବିକଳ୍ପେ ।
କାଳତ୍ରୟେ ନାପ୍ୟହିରୀକ୍ଷିତୋ ଗୁଣେ ନ ହ୍ୟମ୍ବୁବିନ୍ଦୁର୍ମୃଗତୃଷ୍ଣିକାୟାମ୍ ।୧୯୩।
ମାୟାମାତ୍ରମିଦଂ ଦ୍ୱୈତମଦ୍ୱୈତଂ ପରମାର୍ଥତଃ ।
ଇତି ବ୍ରୂତେ ଶ୍ରୁତିଃ ସାକ୍ଷାତ୍ ସୁଷୁପ୍ତାବନୁଭୂୟତେ ।୧୯୪।
ଅନନ୍ୟତ୍ୱମଧିଷ୍ଠାନାଦାରୋପ୍ୟସ୍ୟ ନିରୀକ୍ଷିତମ୍ ।
ପଣ୍ଡିତୈ ରଜ୍ଜୁସର୍ପାଦୌ ବିକଳ୍ପୋ ଭ୍ରାନ୍ତିଜୀବନମ୍ ।୧୯୫।
ଚିତ୍ତମୂଳୋ ବିକଳ୍ପୋଽୟଂ ଚିତ୍ତାଭାବେ ନ କଶ୍ଚନ ।
ଅତଶ୍ଚିତ୍ତଂ ସମାଧେହି ପ୍ରତ୍ୟଗ୍ରୂପେ ପରାତ୍ମନି ।୧୯୬।

ପ୍ରଳୟ-ସାଗର ପ୍ରାୟ ପରିପୂର୍ଣ୍ଣ ଯେହୁ । ଏକବସ୍ତୁ, ନିର୍ବିକାର, ନିରାକାର ସେହୁ ॥
ଆଉ ଯେ ନିର୍ବିଶେଷ ଭେଦ ତାର କାହିଁ ? (ଯେ ଭେଦ ମଣଇ ତାର କିଛି ଜ୍ଞାନ ନାହିଁ)
ଯାହାରେ ଭ୍ରାନ୍ତିର ହେତୁ ଅଜ୍ଞାନ-ନିଚୟ । ଆଲୋକେ ଅନ୍ଧାର ପ୍ରାୟ ହୋଇଯାଏ କ୍ଷୟ ॥
ସେହୁ ଅଦ୍ୱିତୀୟ, ପର ତତ୍ତ୍ୱ ନିର୍ବିଶେଷ । ଆହାରେ ପ୍ରଭେଦ କାହିଁ ଅଛି ଲବଲେଶ ॥
ଏକ ପରତତ୍ତ୍ୱ ଆତ୍ମାରେ ଭେଦ କଥା । କିରୂପେ ସମ୍ଭବ ହେବ ? ଅଟେ ଯେ ଅଯଥା ॥
ସୁଖ ସ୍ୱରୂପ ସୁଷୁପ୍ତି କାଳେ କେଉଁଜନ । ଆତ୍ମାର ଭେଦ କି କେବେ କରିଛି [1] ଲୋଚନ ?॥
ରଜ୍ଜୁର ସ୍ୱରୂପ ଜ୍ଞାନ ହେଲେ ଯତନ । ରଜ୍ଜୁ ସର୍ପ ବୋଲି ଆଉ ନ ଭାବଇ ମନ ॥
ମୃଗତୃଷ୍ଣା [2] ବୋଲି ଜାଣି ପାରିଲେ ଯେମନ୍ତ । ତାହାପରେ ଜଳଜ୍ଞାନ ନ କରନ୍ତି ; ତେମନ୍ତ ॥
ଆତ୍ମତତ୍ତ୍ୱଜ୍ଞାନ ହେଲେ ବ୍ରହ୍ମ ତ୍ରିକାଳରେ । ବିଶ୍ୱବୋଲି କଳପନା ନ ହୁଏ ମନରେ ॥
ଏ ବିଶ୍ୱକୁ ମାୟାମାତ୍ର ବୋଲି ବେଦଚୟ । ନାନା ପ୍ରମାଣରେ କରି ଅଛନ୍ତି ନିଶ୍ଚୟ ॥
ଅଦ୍ୱୈତ ପଦାର୍ଥ ଆତ୍ମା ଅଟେ ଯଥାର୍ଥରେ । ତାହାର ଦ୍ୱିତୀୟ କିଛି ନାହିଁ ବ୍ରହ୍ମାଣ୍ଡରେ ॥
ସୁଷୁପ୍ତିରେ ଏକମାତ୍ର ଆତ୍ମା ଅନୁଭୂତ । ହୁଅଇ ହେ ତେଣୁ ଦ୍ୱୈତ ନ ମଣ ସୁମତ ! ॥
ଆରୋପ୍ୟ ବସ୍ତୁକୁ ପୁଣି ବିଶେଷ ଜ୍ଞାନୀଗଣ । ତା' ଆଧାର ବସ୍ତୁଠାରୁ ଦେଖନ୍ତି ଅଭିନ୍ନ ॥
ରଜ୍ଜୁରେ ସର୍ପର ଭେଦ ଭ୍ରାନ୍ତିମାତ୍ର ସିନା । ଆରୋପିତ ସର୍ପ ନୁହେ କିଛି ରଜ୍ଜୁ ବିନା ॥
ଚିତ୍ତସଙ୍ଗ ଥିବା ଯାଏ ଥାଏ ଯେ ବିକଳ୍ପ । ଚିତ୍ତର ଅଭାବେ ତାର ନ ରହଇ ଅଳ୍ପ ॥
ତେଣୁ ପରମାତ୍ମାରେ ଚିତ୍ତ ସମାଧାନ କର । ରହିବ ନାହିଁ ବିକଳ୍ପ କଦାପି ତୁମ୍ଭର । ୧୯୬ ।

---

୧ ଦର୍ଶନ । ୨ ମରୀଚିକା ।

କମପି ସତତବୋଧଂ କେବଳାନନ୍ଦରୂପଂ ନିରୁପମ୍‌ମତିବେଲଂ ନିତ୍ୟମୁକ୍ତଂ ନିରୀହମ ।
ନିରବଧି ଗଗନାଭଂ ନିଷ୍କଳଂ ନିର୍ବିକଳ୍ପଂ ହୃଦିକଳୟତି ବିଦ୍ୱାନ୍ ବ୍ରହ୍ମପୂର୍ଣ୍ଣଂ ସମାଧୌ ॥

ପ୍ରକୃତିବିକୃତିଶୂନ୍ୟଂ ଭାବନାତୀତ ଭାବଂ
ସମରସମସମାନଂ ମାନସମ୍ବନ୍ଧଦୂରମ୍ ।
ନିଗମବଚନସିଦ୍ଧଂ ନିତ୍ୟମସ୍ମତ୍ ପ୍ରସିଦ୍ଧଂ
ହୃଦି କଳୟତି ବିଦ୍ୱାନ ବ୍ରହ୍ମ ପୂର୍ଣ୍ଣଂ ସମାଧୌ । ୧୯୮ ।

ଅଜରମମରମସ୍ତାଭାବବସ୍ତୁସ୍ୱରୂପଂ
ସ୍ତିମିତସଲିଳରାଶି ପ୍ରଖ୍ୟମାଖ୍ୟା ବିହୀନମ୍ ।
ଶମିତ ଗୁଣବିକାରଂ ଶାଶ୍ୱତଂ ଶାନ୍ତମେକଂ
ହୃଦି କଳୟତି ବିଦ୍ୱାନ୍ ବ୍ରହ୍ମ ପୂର୍ଣ୍ଣଂ ସମାଧୌ । ୧୯୯ ।

ସମାହିତାନ୍ତଃକରଣଃ ସ୍ୱରୂପେ ବିଲୋକୟାତ୍ମାନମଖଣ୍ଡ ବୈଭବମ୍ ।
ବିଚ୍ଛିନ୍ଧି ବନ୍ଧଂ ଭବଗନ୍ଧଗନ୍ଧିତଂ ଯତ୍ନେନ ପୁଂ ସ୍ତ୍ୱଂ ସଫଳୀକୁରୁଷ୍ୱ । ୨୦୦ ।

ସର୍ବୋପାଧିବିନିର୍ମୁକ୍ତଂ ସଚ୍ଚିଦାନନ୍ଦମଦ୍ୱୟମ୍ ।
ଭାବୟନ୍ନାତ୍ମନାତ୍ମାନଂ ନ ଭୂୟଃ କଳ୍ପତେଽଧ୍ୱନେ । ୨୦୧ ।

ସମାଧିରେ ରହି ସଦା ପଣ୍ଡିତ ସକଳେ । କହୁଥାନ୍ତି ଅନୁଭୂତ ହୃଦୟ ମଣ୍ଡଳେ ।
କେବଳ, ଆନନ୍ଦମୂର୍ତ୍ତି, ନିତ୍ୟ, ଜ୍ଞାନରୂପ । ନିରୁପମ, ନିତ୍ୟମୁକ୍ତ, ଅଜ ନିର୍ବିକଳ୍ପ ॥
ନିଶ୍ଚେଷ୍ଟ, ଅସୀମ, ପୁଣି ଗଗନସଙ୍କାଶ । ସେ ପୂର୍ଣ୍ଣବ୍ରହ୍ମଙ୍କୁ ଯେହୁ ସ୍ୱୟଂ ସ୍ୱପ୍ରକାଶ ।୧୯୭।
ଅପର ପଣ୍ଡିତଗଣ ସମାଧି ଦଶାରେ । କହୁଥାନ୍ତି ଅନୁଭୂତ ବ୍ରହ୍ମେ ଏ ପ୍ରକାରେ :— ॥
ପ୍ରକୃତି-ବିକୃତି ବସ୍ତୁ ଶୂନ୍ୟ ଏକରସେ । ଅଚିନ୍ତ୍ୟ ଭାବ ଯେ ନିତ୍ୟ ହୃଦୟୁ ସାର ସେ ॥
ଅତୁଳ୍ୟ ଶ୍ରୁତି ପ୍ରସିଦ୍ଧ ଯେ ଅପରିମିତ । ସଦା ଅନୁଭୂୟମାନ[୧] ପ୍ରକୃତ ବହିତ । ୧୯୮ ।
ଯେହୁ ଜରା-ମୃତ୍ୟୁ-ହୀନ ପ୍ରଶାନ୍ତ ଶାଶ୍ୱତ । ଯେହୁ ଅମ୍ବୁଧି [୨] ନିଶ୍ଚଳ ପାରାବାର ବତ ॥
ଯାର ସ୍ୱରୂପର କେବେ ଅଭାବ ନୁହଇ । ଯେ ନାମ-ବର୍ଜ୍ଜିତ, ଏକ, ନିଶ୍ଚଳ ଅଟଇ ॥
ଯେ ଗୁଣ-ବିକାର-ଶୂନ୍ୟ, ସେ ବ୍ରହ୍ମେ ପଣ୍ଡିତେ । ସମାଧିରେ ବିଲୋକନ୍ତି ନିଜ ହୃଦଗତେ ।
ହେ ବତ୍ସ, ଅନ୍ତଃକରଣେ କର ସମାହିତ । ଅଖଣ୍ଡ ପୂର୍ଣ୍ଣ ଆତ୍ମାକୁ ଯତ୍ନେ ଦେଖ ନିତ୍ୟ ॥
ଭବ-ବନ୍ଧନ ଛେଦନ କରଣ ସତ୍ୱର । ମାନବ ଜନ୍ମକୁ ତବ ଚରିତାର୍ଥ କର । ୧୦୦ ।
ସର୍ବୋପାଧି ନିର୍ମୁକ୍ତ ଯେ ସଚ୍ଚିଦାନନ୍ଦ । ବୁଦ୍ଧି-ଗୁହା-ଅବସ୍ଥିତ ଅଦ୍ୱୟ ମୁକୁନ୍ଦ ॥
ସେ ଆତ୍ମାକୁ ହୃଦୟରେ ଭାବି ବହେ ଯେବେ । ଏ ସଂସାରେ ଜନ୍ମ ଆଉ ନ ଲଭିବ କେବେ । ୨୦୧ ।

---

୧ ଅନୁଭୂତିଗମ୍ୟ । ୨- ଦୁଃଖଗ୍ଳାନ, ଅନ୍ଧାତର ।

ଛାୟେବ ପୁଂସଃ ପରିଦୃଶ୍ୟମାନମାଭାସରୂପେଣ ଫଳାନୁଭୂତ୍ୟା ।
ଶରୀରମାରାଚ୍ଛବବନ୍ନିରସ୍ତଂ ପୁନର୍ନ ସନ୍ଧତ୍ତ ଇଦଂ ମହାତ୍ମା । ୨'୨ ।
ସତତବିମଳବୋଧାନନ୍ଦରୂପଂ ସମେତ୍ୟ ତ୍ୟଜ ଜଡ଼ମଳରୂପୋପାଧିମେତଂ ସୁଦୂରେ ।
ଅଥ ପୁନରପି ନୈଷ ସ୍ମର୍ଯ୍ୟତାଂ ବାନ୍ତବସ୍ତୁ-ସ୍ମରଣବିଷୟଭୂତଂ କଳ୍ପତେ କୁତ୍ସନାୟ ॥
ସମୂଲମେତତ୍ ପରିଦହ୍ୟ ବହ୍ନୌ ସଦାତ୍ମନି ବ୍ରହ୍ମଣି ନିର୍ବିକଳ୍ପେ ।
ତତଃ ସ୍ୱୟଂ ନିତ୍ୟ ବିଶୁଦ୍ଧବୋଧାନନ୍ଦାତ୍ମନା ତିଷ୍ଠତି ବିଦ୍ୱରିଷ୍ଠଃ । ୨୦୪ ।
ପ୍ରାରବ୍ଧ କର୍ମସୂତ୍ର ଗ୍ରଥିତଂ ଶରୀରଂ ପ୍ରୟାତୁ ବା ତିଷ୍ଠତୁ ଗୋରିବାସ୍ରକ୍ ।
ନ ତତ୍ ପୁନଃ ପଶ୍ୟତି ତତ୍ତ୍ୱବେତ୍ତାନନ୍ଦାତ୍ମନି ବ୍ରହ୍ମଣି ଲୀନବୃତ୍ତିଃ । ୨୦୫ ।

ଅଖଣ୍ଡାନନ୍ଦମାତ୍ମାନଂ ବିଜ୍ଞାୟ ସ୍ୱସ୍ୱରୂପତଃ ।
କିମିଚ୍ଛନ୍ କସ୍ୟ ବା ହେତୋର୍ଦେହଂ ପୁଷ୍ଣାତି ତତ୍ତ୍ୱବିତ୍ । ୨୦୬ ।
ସଂସିଦ୍ଧସ୍ୟ ଫଳଂ ତ୍ୱେତଜ୍ଜୀବନ୍ମୁକ୍ତସ୍ୟ ଯୋଗିନଃ ।
ବହିରନ୍ତଃ ସଦାନନ୍ଦରସାସ୍ୱାଦନମାତ୍ମନି । ୨୦୭ ।
ବୈରାଗ୍ୟସ୍ୟ ଫଳଂ ବୋଧୋ ବୋଧସ୍ୟୋପରତିଃ ଫଳମ୍ ।
ସ୍ୱାନନ୍ଦାନୁଭବାଚ୍ଛାନ୍ତିରେଷୈବୋପରତେଃ ଫଳମ୍ । ୨୦୮ ।

କର୍ମ୍ମଫଳ-ଅନୁଭୂତି ନିମନ୍ତେ ଆଭାସ- । ରୂପରେ ଲୋକ ନେତ୍ରେ ଦିଶେ ଯେ ପ୍ରକାଶ ॥
ଅବର ଏ ଛାୟା ପ୍ରାୟ ନଶ୍ୱର ଶରୀରେ । ଜ୍ଞାନୀ ଏ ଶବ ସମାନ ନିକ୍ଷେପନ୍ତି ଦୂରେ ॥
ଜ୍ଞାନାନନ୍ଦମୂର୍ତ୍ତି ଆତ୍ମା ସତତ ନିର୍ମ୍ମଳ । ହେ ବତ୍ସ, ପ୍ରାପତ ହୋଇ ତାହାକୁ କେବଳ ॥
ଜଡ଼ ମଳିନ ସ୍ୱଭାବ ଉପାଧିକି ଦୂରେ । ପରିତ୍ୟାଗ କର କେବେ ନ ସ୍ମରିବ ଭୁରେ ॥
ସ୍ମରଣ କଲେକ ମଧ ଘୃଣା ଉପୁଜଇ । ବାନ୍ତ[୧] ବସ୍ତୁକୁ ସ୍ମରିବା ଉଚିତ ନୁହଇ । ୨୦୩ ।
ନିର୍ମଳ ସଦାତ୍ମରୂପ ବ୍ରହ୍ମ- ଅନଳରେ । ନିଖିଳ ବିଶ୍ୱକୁ କରି ଦଗ୍ଧ ଜ୍ଞାନୀନରେ ॥
ବିଶୁଦ୍ଧ ଜ୍ଞାନ ଅନନ୍ଦ-ରୂପ ଆତ୍ମାରୂପେ । ନିତ୍ୟ ଅବସ୍ଥିତ କରେ ଆନନ୍ଦରେ ଆପେ ॥
ପ୍ରାରବ୍ଧକର୍ମ୍ମ-ସୂତ୍ରରେ ଗ୍ରଥିତ ଶରୀର । ଖୋରକ୍ତ ସମାନ ତାହା ଅପବିତ୍ରକର[୨] ।
ଆନନ୍ଦ ସ୍ୱରୂପ ବ୍ରହ୍ମେ ଲୀନ ଯେଉଁ ଲୋକ । ଏ ଦେହ ଥାଉବା ଯାଉ ନ କରେ ବିଲୋକ
ଅଖଣ୍ଡାନନ୍ଦମୂରତି ଆତ୍ମାକୁ ଜାଣିଣ । (ଭବ-ବନ୍ଧନକୁ ଛେଦ ବ୍ରହ୍ମେ ହୁଅ ଲୀନ) ॥
ତତ୍ତ୍ୱଜ୍ଞ ବିଜ୍ଞାନୀ ଯେଉଁ ଲୋକ ହୋଇଥିବ । କି ଶଧରେ ଦେହେ ପୁଷ୍ଟ[୩] କର୍ମାସେ କରିବ?
ସିଦ୍ଧ ଜୀବନ୍ମୁକ୍ତ ଯୋଗୀ ବାହାରେ ଅନ୍ତରେ । ଆତ୍ମାରେ ସେ ସଦାନନ୍ଦ ରସାସ୍ୱାଦ କରେ
ପରମ ବ୍ରହ୍ମ ସମାନ ଆତ୍ମାକୁ ଦେଖଇ । ତାହାହିଁ ତାହାର ଫଳ ସ୍ୱରୂପ ମଣଇ । ୨୦୭ ।
ବୈରାଗ୍ୟରୁ ଜ୍ଞାନୋଦୟ ହୁଅଇ ନିର୍ମ୍ମଳ । ତେଣୁ ସେ ଜ୍ଞାନ ଅଟଇ ବୈରାଗ୍ୟର ଫଳ ॥
ଜ୍ଞାନର ଫଳ ଅଟଇ ଇନ୍ଦ୍ରିୟ ସଂଯମ । ସ୍ୱାତ୍ମାନନ୍ଦାନୁଭବର ଫଳ ଅଟେ ଶମ ॥
ସହି ଶାନ୍ତିହିଁ ଇନ୍ଦ୍ରିୟ ସଂଯମର ଫଳ । (ବ୍ରହ୍ମ ଲଭିବାର ପଥ ଅଟଇ କେବଳ) ।

---

୧ ବାନ୍ତ କରିଥିବା ଦ୍ରବ୍ୟ । ୨ ଅଶୁଦ୍ଧ । ୩ ପୋଷିତ ।

ଯଦ୍ୟୁତ୍ତରୋତ୍ତରାଭାବଃ ପୂର୍ବ ପୂର୍ବନ୍ତୁ ନିଷ୍ଫଳମ୍ ।
ନିବୃତ୍ତିଃ ପରମା ତୃପ୍ତି ରାନନ୍ଦୋଽନୁପମଃ ସ୍ୱତଃ । ୨୦୯ ।
ଦୃଷ୍ଟ ଦୁଃଖେଷ୍ୱନୁଦ୍ୱେଗ ବିଦ୍ୟାୟାଃ ପ୍ରସ୍ତୁତଂ ଫଳମ୍ ।
ଯତ୍ କୃତଂ ଭ୍ରାନ୍ତିବେଳାୟାଂ ନାନା କର୍ମ ଜୁଗୁପ୍ସିତମ୍ ୧୧୦ ।
ବିଦ୍ୟାଫଳଂ ସ୍ୟାଦସତୋ ନିବୃତ୍ତିଃ ପ୍ରବୃତ୍ତିର ଜ୍ଞାନଫଳଂ ତଦୀକ୍ଷିତମ୍ ।
ତଜ୍ଜ୍ଞାଜ୍ଞୟୋର୍ଯନ୍ମୃଗତୃଷ୍ଣିକାଦୌ ନୋ ଚେଦ୍ୱିଦାଂ ଦୃଷ୍ଟଫଳଂ କିମସ୍ମାତ୍ ।୨୧୧।
ଅଜ୍ଞାନ ହୃଦୟଗ୍ରନ୍ଥେର୍ବିନାଶୋ ଯଦ୍ୟଶେଷତଃ ।
ଅନିଚ୍ଛୋର୍ବିଷୟଃ କିନ୍ନୁ ପ୍ରବୃତ୍ତେଃ କାରଣଂ ସ୍ୱତଃ ।୨୧୨।
ବାସନାନୁଦୟୋ ଭୋଗ୍ୟେ ବୈରାଗ୍ୟସ୍ୟ ତଦାବଧିଃ ।
ଅହଂଭାବୋଦୟାଭାବୋ ବୋଧସ୍ୟ ପରମାବଧିଃ ।
ଲୀନବୃତ୍ତେରନୁତ୍ପତ୍ତିର୍ମର୍ଯାଦୋପରତେସ୍ତୁ ସା । ୨୧୩ ।

ସାଧନାର ଅନୁଷ୍ଠାନ କ୍ରମେ କ୍ରମେ ଯେବେ । ନ କରି ପାରିଲେ ସର୍ବ କ୍ଷୟ ଯାଏ ତେବେ
ଅନୁପମ ଆନନ୍ଦର ସ୍ଫୂର୍ତ୍ତି ସ୍ୱତଃ ହେଲେ । ସେଥିରେ ପରମ ତୃପ୍ତି ଉପୁଜଇ ଭଲେ ॥
ତାହାହିଁ ମୂଳତ ବୋଲି ଜାଣିବ ନିଶ୍ଚୟ । ଏଣୁ ସେହି ଶେଷ ଫଳ କହିବ ଅକ୍ଷୟ ॥
ଦୁଃଖ ଉପସ୍ଥିତ ହେଲେ ଉଦ୍‌ବେଗ ନୋହିବ । ଜ୍ଞାନର ଫଳ ବୋଲି ତାହାକୁ ଜାଣିବ
ଜ୍ଞାନର ବିକାଶ ହେଲେ ମନୁଷ୍ୟ ଅବର । ଦୁଃଖରେ କଦାଚ ସେହୁ ନ ହୁଏ କାତର ॥
ମନୁଷ୍ୟର ଭ୍ରାନ୍ତ ଦଶା ଥାଏ ଯେତେକ୍ଷଣ । କରଇ ନାନା ନିନ୍ଦିତ କାର୍ଯ୍ୟ ଅଟେବଣି ॥
କିନ୍ତୁ ଥରେ ବିବେକର ହେଲେକ ଜନମ । ସେ ରୂପ କାର୍ଯ୍ୟ କରଣେ ନ ହୁଅଇ କ୍ଷମ ॥
ଦେହାଦି ଅସତ ବସ୍ତୁ ଅଟଇ କେବଳ । ତହିଁରେ ଆସକ୍ତ ହେବା ଅଜ୍ଞାନର ଫଳ ॥
ଦେହାଦିରେ ଆତ୍ମବୁଦ୍ଧି ନିବୃତ୍ତି ହେବାର । ଅଟଇ ନିଶ୍ଚୟ ଜାଣ ଫଳ ସେ ବିଦ୍ୟାର ॥
ମୃଗତୃଷ୍ଣା ବୋଲି ଯେବେ ଜ୍ଞାନ ଜନମଇ । କଦାପି ତହିଁରେ ଜଳ ଭ୍ରମ ନ ହୁଅଇ ॥
ମୃଗତୃଷ୍ଣା ବିଷୟରେ ଜ୍ଞାନ ନାହିଁ ଯାର । ତାକୁ ଦେଖି ଜଳବୋଲି ଭ୍ରାନ୍ତି ଜନ୍ମେ ତାର
ଅଜ୍ଞାନରୂପ ହୃଦୟ ଗ୍ରନ୍ଥି ନିଃଶେଷରେ । ବିନଷ୍ଟ ହେଲେ ନ ହୁଏ ଇଚ୍ଛା ବିଷୟରେ ॥
ବିଷୟେ ପ୍ରବୃତ୍ତି ପୁଣି ଯାହାର ନ ଥିବ । ସ୍ୱତଃ କି ସଂସାରେ ତାର ପ୍ରବୃତ୍ତି ଜନ୍ମିବ ॥
ଭୋଗ୍ୟ ବିଷୟେ ବାସନା ନ ବଳଇ ଯେବେ । ଜାଣିବା ହୋଇଛନ୍ତି ଶେଷ ବୈରାଗ୍ୟର
ତେବେ ॥

ଅହଂ ଭାବର ବିନାଶ ହେଲେହିଁ ସତର । ଜାଣିବଟି ଶେଷ ସୀମା ହୋଇଛନ୍ତି ଜ୍ଞାନର ॥
ବିଲୀନ ଚିତ୍ତବୃତ୍ତିର ନୋହିଲେ ଉଦୟ । ସଂଯମର ପରାକାଷ୍ଠା ଜାଣିବ ନିଶ୍ଚୟ ।
ବାହ୍ୟ ବିଷୟରେ ବୁଦ୍ଧି ଛାଡ଼ିଥାଏ ଯେହୁ । ବ୍ରହ୍ମସ୍ୱରୂପରେ ହୋଇ ଅବସ୍ଥିତ ସେହୁ ।୨୧୩।

ବ୍ରହ୍ମାକାରତୟା ସଦା ସ୍ଥିତତୟା ନିର୍ମୁକ୍ତବାହ୍ୟାର୍ଥଧୀ
ରନ୍ୟାବେଦିତଭୋଗ୍ୟଭୋଗକଳନୋ ନିଦ୍ରାଳୁବତ୍ କାଳବତ୍ ।
ସ୍ୱପ୍ନାଲୋକିତଲୋକବତ ଜଗଦଦଂ ପଶ୍ୟନ୍ କ୍ୱଚିଲ୍ଲବ୍ଧଧୀ—
ରାସ୍ତେ କଶ୍ଚିଦନନ୍ତପୁଣ୍ୟଫଳଭୁଗ୍ ଧନ୍ୟଃ ସ ମାନ୍ୟୋ ଭୁବି । ୨୧୪ ।

ସ୍ଥିତପ୍ରଜ୍ଞୋ ଯତିରୟଂ ଯଃ ସଦାନନ୍ଦମଶ୍ନୁତେ ।
ବ୍ରହ୍ମଣ୍ୟେବ ବିଲୀନାତ୍ମା ନିର୍ବିକାରୋ ବିନିଷ୍କ୍ରିୟଃ । ୨୧୫ ।

ବ୍ରହ୍ମାତ୍ମନୋଃ ଶୋଧିତୟୋରେକଭାବାବଗାହିନୀ ।
ନିର୍ବିକଳ୍ପା ଚ ଚିନ୍ମାତ୍ରା ବୃତ୍ତିଃ ପ୍ରଜ୍ଞେତି କଥ୍ୟତେ । ୨୧୬ ।

ସୁସ୍ଥିତାସୌ ଭବେଦ୍ୟସ୍ୟ ସ୍ଥିତପ୍ରଜ୍ଞଃ ସ ଉଚ୍ୟତେ ।
ଯସ୍ୟ ସ୍ଥିରା ଭବେତ୍ ପ୍ରଜ୍ଞା ଯସ୍ୟାନନ୍ଦୋ ନିରନ୍ତରଃ ।
ପ୍ରପଞ୍ଚୋ ବିସ୍ମୃତପ୍ରାୟଃ ସ ଜୀବନ୍ମୁକ୍ତ ଇଷ୍ୟତେ । ୨୧୭ ।

ଲୀନଧୀରପି ଜାଗର୍ତ୍ତି ଯୋ ଜାଗ୍ରଦ୍ଧର୍ମବର୍ଜିତଃ ।
ବୋଧୋ ନିର୍ବାସନୋ ଯସ୍ୟ ସ ଜୀବନ୍ମୁକ୍ତ ଇଷ୍ୟତେ । ୨୧୮ ।

ନିଦ୍ରିତ ସମାନ ପୁଣି ବାଳକର ପ୍ରାୟେ । ଅନ୍ୟଦ୍ୱାରା ଦତ୍ତ ହୋଇ ଭୋଜ୍ୟ ଦ୍ରବ୍ୟ ଖାଏ ॥
ସ୍ୱପ୍ନ-ଦୃଷ୍ଟ ଲୋକପରି ଦେଖେ ସେ ଏ ଭବେ । ଅନନ୍ତ ପୁଣ୍ୟର ଫଳ ଭୋଗେ ଉଠି ଶୋଇବେ ।
ସେ ଲୋକ ଲୋକରେ [1] ଧନ୍ୟ ମାନ୍ୟ ଅଟେ ଜାଣ । ସେହି ବିବେକୀ, ଅସ୍ପୃହ, ତତ୍ତ୍ୱଜ୍ଞ ମହାନ । ୨୧୪ ।

ବ୍ରହ୍ମରେ ଚିତ୍ତ ବିଲୟ ହେତୁ ଯେଉଁ ନର । ହୋଇ ନିର୍ବିକାର ବିଶେଷେ ନିଷ୍କ୍ରିୟ ଅବର ॥
ନିତ୍ୟାନନ୍ଦ ଉପଭୋଗ କରଇ ଅପାରେ । ତାକୁ ସ୍ଥିତପ୍ରଜ୍ଞ [2] ବୋଲି ବୋଲନ୍ତି ସଂସାରେ ॥
ବ୍ରହ୍ମ ଆଉ ଆତ୍ମା (ଜୀବ) ହେଲେଟି ଶୋଧିତ । "ତତ୍ତ୍ୱମସି" ଏହି ଜ୍ଞାନ ହୁଅଇ ଉଦିତ ॥
ଜୀବବ୍ରହ୍ମରେ ବିକଳ୍ପ-ଶୂନ୍ୟା-ଚିତ୍ତବୃତ୍ତି । ତାକୁହିଁ ମାନବେ ପ୍ରଜ୍ଞା ବୋଲି କହୁଥାନ୍ତି ।୨୧୬।

ସେହି ପ୍ରଜ୍ଞା ବଶୀଭୂତ ହୋଇଛି ଯାହାର । ତାକୁ ସ୍ଥିତପ୍ରଜ୍ଞ ବୋଲି କହଇ ସଂସାର ॥
ଯେହୁ ସ୍ଥିତପ୍ରଜ୍ଞ ପୁଣି ଯା ଆନନ୍ଦ ସ୍ରୋତ । ନିରବଚ୍ଛିନ୍ନ ଭାବରେ ହୁଏ ପ୍ରବାହିତ ॥
ଦୃଶ୍ୟ ପ୍ରପଞ୍ଚ ଯାହାର ହୋଇଛି ବିସ୍ମୃତ । ସେ ଯୋଗୀ ଅଟଇ ଜାଣ ବିଶେଷେ ଜୀବନ୍ମୁକ୍ତ ॥
ଚିତ୍ତବୃତ୍ତି ବ୍ରହ୍ମେ ଲୀନ କରି ମଧ୍ୟେ ଯେହି । ବିଷୟମାନଙ୍କ ମଧ୍ୟେ ଜାଗ୍ରତ ରହଇ ॥

---

[1] ଜଗତରେ । [2] ଯାହାର ଜ୍ଞାନ ସ୍ଥିର ହୋଇଅଛି ।

ଶାନ୍ତ ସଂସାର କଳନଃ କଳାବାନପି ନିଷ୍କଳଃ ।
ଯସ୍ୟ ଚିତ୍ତଂ ବିନିଶ୍ଚିନ୍ତଂ ସ ଜୀବନ୍ମୁକ୍ତ ଇଷ୍ୟତେ । ୨୧୯ ।

ବର୍ତ୍ତମାନେଽପି ଦେହେଽସ୍ମିନ୍ ଛାୟାବଦନୁବର୍ତ୍ତିନି ।
ଅହନ୍ତାମମତାଽଭାବୋ ଜୀବନ୍ମୁକ୍ତସ୍ୟ ଲକ୍ଷଣମ୍ । ୨୨୦ ।

ଅତୀତାନନୁସନ୍ଧାନଂ ଭବିଷ୍ୟଦବିଚାରଣମ୍ ।
ଔଦାସୀନ୍ୟମପି ପ୍ରାପ୍ତଂ ଜୀବନ୍ମୁକ୍ତସ୍ୟ ଲକ୍ଷଣମ୍ ॥

ଗୁଣ ଦୋଷ ବିଶିଷ୍ଟେଽସ୍ମିନ୍ ସ୍ୱଭାବେନ ବିଲକ୍ଷଣେ ।
ସର୍ବତ୍ର ସମଦର୍ଶିତ୍ୱଂ ଜୀବନ୍ମୁକ୍ତସ୍ୟ ଲକ୍ଷଣମ୍ । ୨୨୨ ।

ଇଷ୍ଟାନିଷ୍ଟାର୍ଥସଂପ୍ରାପ୍ତୌ ସମଦର୍ଶିତୟାତ୍ମନି ।
ଉଭୟତ୍ରାବିକାରିତ୍ୱଂ ଜୀବନ୍ମୁକ୍ତସ୍ୟ ଲକ୍ଷଣମ୍ । ୨୨୩ ।

ବ୍ରହ୍ମାନନ୍ଦରସାସ୍ୱାଦାସକ୍ତଚିତ୍ତତୟା ଯତେଃ ।
ଅନ୍ତର୍ବହିରବିଜ୍ଞାନଂ ଜୀବନ୍ମୁକ୍ତସ୍ୟ ଲକ୍ଷଣମ୍ । ୨୨୪ ।

ଜାଗ୍ରତ ଲୋକର ଧର୍ମ ଦେଖା ନ ପଡ଼ଇ । ଯା ଜ୍ଞାନ ବାସନାଶୂନ୍ୟ ଜୀବନ୍ମୁକ୍ତ ସେହି ॥
ସଂସାର-ଆସକ୍ତି ଯାର ହୋଇଛି ନିବୃତ୍ତି । କେବଳେ ହେଁ ଅବଦ୍ୟ ଯୁକ୍ତ ତେବେ ଅସମ୍ପୃକ୍ତ[୧] ॥
ଫୁଗୁଳା ହୋଇଛି ଯାର ଚିତ୍ତ-ଗ୍ରନ୍ଥି[୨] ପୁଣ । ଜୀବନ୍ମୁକ୍ତ ବୋଲି ତାଙ୍କୁ କହନ୍ତି ନିପୁଣ ॥
ଛାୟା ପରି ଅନୁବର୍ତ୍ତୀ ଅଟଇ ଯେ ଦେହ । ଏଥିରେ ଯେ ଅଭିମାନ ନ କରଇ ସ୍ନେହ ॥
ଦେହଗତ, "ମୁଁ ମୋହର" ଭାବ ଯେ ତେଜଇ । ଜୀବନ୍ମୁକ୍ତ ପୁରୁଷ ସେ ଜଗତେ
ଅଟଇ । ୨୨୦ ।

ଯେତୁ ଗତ ବିଷୟରେ ନ ଦିଏ ଧିଆନ । ଭାବୀ ବିଷୟ[୩] ବିଚାର ନ କରଇ ଜାଣି ॥
ଉଦାସୀନ ଭାବେ ରହେ ସକଳ ବିଷୟେ । ସେ ପୁରୁଷ ଜୀବନ୍ମୁକ୍ତ ଅଟଇ ନିଶ୍ଚୟେ ॥
ଗୁଣଯୁକ୍ତ ଅବା ଦୋଷ ବିଶିଷ୍ଟେ ହେବାର । ଯାଁସଂକ ସ୍ୱଭାବର ଲକ୍ଷଣ ପାତର ॥
ନିଖିଳ ପଦାର୍ଥ ଯେହୁ ଦେଖଇ ସମାନେ । ଜୀବନ୍ମୁକ୍ତ ବୋଲି ତାଙ୍କୁ କହନ୍ତି ବିଦ୍ୱାନେ ॥
ସମଦର୍ଶୀ ଲୋକ ଇଷ୍ଟ ଅନିଷ୍ଟ ଲଭରେ । ନ ହେନେ ହରଷ ଅବା ବିଷାଦ ମନରେ ।
ସମଦର୍ଶିତା ସବାଙ୍କୁ ସମାନ ମଣାଇ । ସେ ମହାତ୍ମା ଜୀବନ୍ମୁକ୍ତ ଜଗତେ ଅଟଇ । ୨୨୩ ।
ବ୍ରହ୍ମାନନ୍ଦରସ ସ୍ୱାଦେ ଆସକ୍ତ ଯା ଚିତ୍ତ । ଅନ୍ତର ବାହାର ଜ୍ଞାନ ନାହିଁ ମ କହିଁତ ॥
ସକଳ ଆତ୍ମାଙ୍କୁ ବ୍ରହ୍ମ ବୋଲି ଯେ ମଣଇ । ସେହି ଯତି ଜୀବନ୍ମୁକ୍ତ ଜଗତେ ଅଟଇ ।୨୨୪

---

୧ ସମ୍ବନ୍ଧହୀନ । ୨ ମନ ଲୁମକ ଗଣ୍ଠି । ୩ ଭବିଷ୍ୟତ ବିଷୟରେ ।

ଦେହେନ୍ଦ୍ରିୟାଦୌ କର୍ତ୍ତବ୍ୟେ ମମାହଂଭାବବର୍ଜ୍ଜିତଃ
ଔଦାସୀନ୍ୟେନ ଯସ୍ତିଷ୍ଠେତ୍ ସ ଜୀବନ୍ମୁକ୍ତ ଲକ୍ଷଣଃ ।୨୨୫।
ବିଜ୍ଞାତ ଆତ୍ମତତ୍ତ୍ୱୋ ଯସ୍ୟ ବ୍ରହ୍ମଭାବଃ ଶ୍ରୁତେର୍ବଲାତ୍ ।
ଭବବନ୍ଧ ବିନିର୍ମୁକ୍ତଃ ସ ଜୀବନ୍ମୁକ୍ତ ଲକ୍ଷଣଃ । ୨୨୬ ।
ଦେହେନ୍ଦ୍ରିୟେଷ୍ୱହଂ ଭାବ ଇଦଂଭାବ ସ୍ତଦନ୍ୟକେ ।
ଯସ୍ୟ ନ ଭବତଃ କ୍ୱାପି ସ ଜୀବନ୍ମୁକ୍ତ ଇଷ୍ୟତେ । ୨୨୭ ।
ନ ପ୍ରତ୍ୟଗ୍ବ୍ରହ୍ମଣୋ ଭେଦଃ କଦାପି ବ୍ରହ୍ମସର୍ଗୟୋଃ ।
ପ୍ରଜ୍ଞୟା ଯୋ ବିଜାନାତି ସ ଜୀବନ୍ମୁକ୍ତଲକ୍ଷଣଃ ।
ସାଧୁଭିଃ ପୂଜ୍ୟମାନେଽସ୍ମିନ୍ ପୀଡ୍ୟମାନେଽପି ଦୁର୍ଜ୍ଜନୈଃ ।
ସମଭାବୋ ଭବେଦ୍ୟସ୍ୟ ସ ଜୀବନ୍ମୁକ୍ତ ଲକ୍ଷଣଃ । ୨୨୯ ।
ଯତ୍ର ପ୍ରବିଷ୍ଟା ବିଷୟାଃ ପରେରିତା ନଦୀପ୍ରବାହା ଇବ ବାରିରାଶୌ ।
ଲୀନନ୍ତି ସନ୍ମାତ୍ରତୟା ନ ବିକ୍ରିୟା ମୁତ୍ପାଦୟନ୍ତ୍ୟେଷ ଯତିର୍ବିମୁକ୍ତଃ ।୨୩୦।

ଦେହ ଇନ୍ଦ୍ରିୟ ଆଦିରେ "ମୁଁ ମୋର" ଏ ଜ୍ଞାନ । ଛାଡ଼ିଦେଇ ଉଦାସୀନ ଭାବେ ଯେ ବିଦ୍ୱାନ ॥
ସଂସାରେ ରହିଲେ ତାଙ୍କୁ ଜୀବନ୍ମୁକ୍ତ କହି । ଆତ୍ମାକୁ ବ୍ରହ୍ମସ୍ୱରୂପେ ଜାଣି ସେ ଦେଖଇ ॥
ଶ୍ରୁତି ବିଦ୍ୟାବଳେ ଯେତ୍ତେ ସତତ ପ୍ରମାଣି । ଆତ୍ମାର ବ୍ରହ୍ମତ୍ୱକୁ ଭଲେ ଅଛି ଜାଣି ॥
ସଂସାର ବନ୍ଧନରୁଁ ଯେହୁ ହୋଇଛି ନିର୍ମୁକ୍ତ । ସେ ଯତି ଅଟଇ ଜାଣ ବିଶ୍ୱେ ଜୀବନ୍ମୁକ୍ତ ॥
ଦେହ ଇନ୍ଦ୍ରିୟ ଆଦିରେ ଅହଂଭାବମାନ । ତା' ଛଡ଼ା ଅନ୍ୟ ବସ୍ତୁରେ ମୋହରି ବୁଦ୍ଧି ପୁଣ ॥
ନ ହୋଇଅଛି ଏକାବେଳେ ଯାର ଅନ୍ତର୍ହିତ । ଜୀବନ୍ମୁକ୍ତ ବୋଲି ତେହୁ ହୁଅଇ କଥିତ ॥
ପ୍ରତ୍ୟଗାତ୍ମାର ସହିତ ପରମ ଆତ୍ମାର - । ଆବର ବ୍ରହ୍ମ ସହିତ ଦୃଶ୍ୟ ପ୍ରପଞ୍ଚର- ॥
ନ ଦେଖେ ଯେ ଭେଦ ସେହି ଯତି ଜୀବନ୍ମୁକ୍ତ । ଦୁଃଖେ ସୁଖେ ସମଜ୍ଞାନ ବ୍ରହ୍ମେ ସେ ନିଯୁକ୍ତ । ୨୨ ।
ସୁଜନେ ଯାର ଦେହକୁ ପୂଜା କରନ୍ତୁ ବା । ଦୁର୍ଜ୍ଜନେ ଦେଉନ୍ତୁ ପୀଡ଼ା ଗଞ୍ଜଣା ଅଥବା ॥
ହରଷ ଅବା ବିଷାଦ ଯେ ନ ବହେ ମନେ । ଜୀବନ୍ମୁକ୍ତ ବୋଲି ତାଙ୍କୁ କହନ୍ତି ଜନେ
ନଦୀ ପ୍ରବାହ ଯେସନେ ମହାର୍ଣ୍ଣବ ଜଳେ[2] । ହୋଇଥାଏ ଲୀନ ତେସନେ ବିଷୟ ସକଳେ ॥
ଇନ୍ଦ୍ରିୟ-ପ୍ରେରଣେ ଯାର ପ୍ରବେଶି ଚିତ୍ତରେ । ହୋଇଥାଏ ସମ୍ପୂର୍ଣ୍ଣ ଅଲକ୍ଷ୍ୟଭାବରେ ॥
ସନ୍ମାତ୍ର ସ୍ୱରୂପ ସ୍ଥିତ ହୋଇଥାଏ ଯେଣୁ । କରି ନ ପାରେ ବିକୃତି ସେ ମୁକ୍ତକୁ ତେଣୁ ॥

---

୧ ଜଗତ୍ । ୨ ମହାସମୁଦ୍ର ।

ବିଜ୍ଞାତବ୍ରହ୍ମତତ୍ତ୍ୱସ୍ୟ ଯଥାପୂର୍ବଂ ନ ସଂସୃତିଃ ।
ଅସ୍ତି ଚେନ୍ନ ସ ବିଜ୍ଞାତବ୍ରହ୍ମଭାବୋ ବହିର୍ମୁଖଃ । ୪୪୨ ।
ପ୍ରାଚୀନ ବାସନାବେଗାଦସୌ ସଂସରତୀତି ଚେତ୍ ।
ନ ସଦେକତ୍ୱ ବିଜ୍ଞାନାନ୍ମନ୍ଦୀଭବତି ବାସନା । ୪୪୩ ।
ଅତ୍ୟନ୍ତକାମୁକସ୍ୟାପି ବୃତ୍ତିଃ କୁଣ୍ଠତି ମାତରି ।
ତଥୈବ ବ୍ରହ୍ମଣି ଜ୍ଞାତେ ପୂର୍ଣ୍ଣାନନ୍ଦେ ମନୀଷିଣଃ । ୪୪୪ ।
ନିଦିଧ୍ୟାସନଶୀଳସ୍ୟ ବାହ୍ୟପ୍ରତ୍ୟୟ ଈକ୍ଷ୍ୟତେ ।
ବ୍ରବୀତି ଶ୍ରୁତିରେତସ୍ୟ ପ୍ରାରବ୍ଧଫଳଦର୍ଶନାତ୍ । ୪୪୫ ।
ସୁଖାଦ୍ୟନୁଭବୋ ଯାବତ୍ ତାବତ୍ ପ୍ରାରବ୍ଧମିଷ୍ୟତେ ।
ଫଳୋଦୟଃ କ୍ରିୟାପୂର୍ବୋ ନିଷ୍କ୍ରିୟୋ ନ ହି କୁତ୍ରଚିତ୍ । ୪୪୬ ।
ଅହଂ ବ୍ରହ୍ମେତି ବିଜ୍ଞାନାତ୍ କଳ୍ପକୋଟି ଶତାର୍ଜିତମ୍ ।
ସଞ୍ଚିତଂ ବିଳୟଂ ଯାତି ପ୍ରବୋଧାତ୍ ସ୍ୱପ୍ନକର୍ମବତ୍ । ୪୪୭ ।
ଯତ୍କୃତଂ ସ୍ୱପ୍ନବେଳାୟାଂ ପୁଣ୍ୟଂ ବା ପାପମୁଲ୍ବଣମ୍ ।
ସୁପ୍ତୋତ୍ଥିତସ୍ୟ କିଂ ତତ୍ ସ୍ୟାତ୍ ସ୍ୱର୍ଗାୟ ନରକାୟ ବା । ୪୪୮ ।

ଥରେ ବ୍ରହ୍ମତତ୍ତ୍ୱଜ୍ଞାନ ହୋଇଥାଏ ଯାର । ହୋଇ ନାହିଁରେ ସଂସାର ପୂର୍ବପ୍ରାୟ ତାର ॥
ଯଦି ପୁନଶ୍ଚ ସଂସାରେ ହୁଅଇ ସେ ବ୍ୟାପ୍ତ । ହୋଇନାହିଁ ସେ ନରର ବ୍ରହ୍ମତ୍ୱ ପ୍ରାପ୍ତ ।
ବହିର୍ମୁଖ ପୁରୁଷ ସେ ଅଟଇ ଜାଣିବ । ଜୀବନ୍ମୁକ୍ତ ବୋଲି ତାକୁ କେବେ ନ କହିବ ॥
ପ୍ରାଚୀନ ବାସନା ବଳେ ସେ ପ୍ରବୃତ୍ତ ହେବେ । ପୁଣି ସଂସାରେ ଅବଶ୍ୟ ହୋଇଥାଏ ତେବେ ॥
ବୁଝିବ ତାହାର ପୂର୍ବବାସନାର ଗତି । ହୋଇନାହିଁ ମନ୍ଦୀଭୂତ ନାହିଁ ତା ସଂଯତ[1] ।୪୪୩।
ଅତିକାମୁକ ଲୋକର କାମ ବୃତ୍ତି ଯେହ୍ନେ । କୁଣ୍ଠିତ ହୁଅଇ ନିଜମାତାଠାରେ ତେହ୍ନେ ।
ପୂର୍ଣ୍ଣାନନ୍ଦ ବ୍ରହ୍ମତତ୍ତ୍ୱ ଜ୍ଞାତ ଥାଏ ଯାର । ବିଷୟେ ନିବୃତ୍ତ[2] ହୁଏ ସର୍ବ ବୃତ୍ତି ତାର ।୪୪୪।
ଅବର ଯେତଣେ ଯତି ଧ୍ୟାନ-ପରାୟଣ । ପ୍ରାରବ୍ଧ କର୍ମର ଫଳ ଦର୍ଶନ କାରଣ ।
ବାହ୍ୟ ବିଷୟରେ ଜ୍ଞାନ ତାର ରହିଥାଏ । ବେଦର ବଚନ ଏହା ଅନୁମାନ ଯାଏ ।୪୪୫।
ସୁଖ ଦୁଃଖ ଅନୁଭବ ହୁଅଇ ଯାବତ । ପ୍ରାରବ୍ଧ କର୍ମର ଫଳ କହନ୍ତି ତାବତ ॥
ପୂର୍ବ କର୍ମ ହେତୁ ତାର ଫଳ ଦେଖାଯାଏ । ନିଷ୍କ୍ରିୟର ଫଳୋଦୟ ସମ୍ଭବ ନ ଥାଏ ।୪୪୬।
"ମୁଁ ବ୍ରହ୍ମ"ଏ ଜ୍ଞାନ ଯେବେ ଉଦୟ ହୁଅଇ । ଶତକୋଟି ଜନ୍ମାର୍ଜିତ କର୍ମକୁ ନାଶଇ ॥
ଯେସନେ ସ୍ୱପ୍ନରେ ଲୋକ କରିଥିବା କର୍ମ । ଜାଗ୍ରତ ହେଲେହିଁ ଆଉ ନ ଥାଏ ତା ଧର୍ମ ॥
ସ୍ୱପ୍ନେ ଲୋକ ପୁଣ୍ୟ କିବା ପାପ କରୁ ଯାହା । ଜାଗ୍ରତରେ ସ୍ୱର୍ଗ ନର୍କ ଲଭିବ କି ତାହା ॥

---

୧ । ଉଦ୍ଧୃତ ବଶୀଭୂତ ୨ ନିବୃତ୍ତ ।

ସ୍ୱମସଙ୍ଗମୁଦାସୀନଂ ପରିଜ୍ଞାୟ ନଭୋ ଯଥା ।
ନ ଶ୍ଲିଷ୍ୟତି ଚ ଯତ୍ କିଞ୍ଚିତ୍ କଦାଚିଦ୍ଭାବିକର୍ମଭିଃ । ୨୩୮ ।
ନ ନଭୋ ଘଟଯୋଗେନ ସୁରାଗନ୍ଧେନ ଲିପ୍ୟତେ ।
ତଥାତ୍ମୋପାଧିଯୋଗେନ ତଦ୍ଧର୍ମୈର୍ନୈବ ଲିପ୍ୟତେ । ୨୩୯ ।
ଜ୍ଞାନୋଦୟାତ୍ ପୁରାରବ୍ଧଂ କର୍ମ ଜ୍ଞାନାନ୍ନ ନଶ୍ୟତି ।
ଅଦତ୍ୱା ସ୍ୱଫଳଂ ଲକ୍ଷ୍ୟମୁଦ୍ଦିଶ୍ୟୋତ୍ସୃଷ୍ଟବାଣବତ୍ । ୨୪୦ ।
ବ୍ୟାଘ୍ରବୁଦ୍ଧ୍ୟା ବିନିର୍ମୁକ୍ତୋ ବାଣଃ ପଶ୍ଚାତ୍ତୁ ଗୋମତୌ ।
ନ ତିଷ୍ଠତି ଛିନତ୍ତ୍ୟେବ ଲକ୍ଷ୍ୟଂ ବେଗେନ ନିର୍ଭରମ୍ । ୨୪୧ ।
ପ୍ରାରବ୍ଧଂ ବଳବତ୍ତରଂ ଖଳୁ ବିଦାଂ ଭୋଗେନ ତସ୍ୟ କ୍ଷୟଃ
ସମ୍ୟଗ୍ଜ୍ଞାନହୁତାଶନେନ ବିଳୟଃ ପ୍ରାକ୍ସଞ୍ଚିତାଗାମିନାମ୍ । ୨୪୨ ।
ବ୍ରହ୍ମାତ୍ମୈକ୍ୟମବେକ୍ଷ୍ୟ ତନ୍ମୟତୟା ଯେ ସର୍ବଦା ସଂସ୍ଥିତାଃ—
ତେଷାଂ ତତ୍ତ୍ରିତୟଂ ନ ହି କ୍ୱଚିଦପି ବ୍ରହ୍ମୈବ ତେ ନିର୍ଗୁଣମ୍ । ୨୪୩ ।
ଉପାଧିତାଦାତ୍ମ୍ୟବିହୀନକେବଳବ୍ରହ୍ମାତ୍ମନୈବାତ୍ମନି ତିଷ୍ଠତୋ ମୁନେଃ ।
ପ୍ରାରବ୍ଧସଦ୍ଭାବକଥା ନ ଯୁକ୍ତା ସ୍ୱପ୍ନାର୍ଥସମ୍ବନ୍ଧକଥେବ ଜାଗ୍ରତଃ । ୨୪୪ ।

ଆତ୍ମାକୁ ସେ ଜଡ଼ ରୀତି ଅସଙ୍ଗ ୧ ମଣଇ । କର୍ମ ତାଙ୍କୁ ବଶ କେବେ କରି ନ ପାରଇ ॥
ଯେସନେକ ଆକାଶ ନୁହେ କାହିଁରେ ଲିପ୍ତ ୨ । ସେସନେକ ବ୍ୟାପ୍ତ ନୁହନ୍ତି ଆତ୍ମା ବ୍ରହ୍ମନିଷ୍ଠ ॥
ଘଟଯୋଗେ ଆକାଶର ଭିନ୍ନ ଅଂଶ ପରା । ଘଟସ୍ଥ ମଦ୍ୟର ଗନ୍ଧେ ଲିପ୍ତ ନୁହେ ତଥା
ଉପାଧି ସଙ୍ଗେ ଆତ୍ମା ଉପାଧି ଧର୍ମରେ । ନ ହୁଏ ଆସକ୍ତ ଜାଣ କେବେ କାଳରେ । ୩ ।
ଜ୍ଞାନୋଦୟ ପୂର୍ବରୁ ଆରମ୍ଭ ଥିବା କର୍ମମାନ । ଜ୍ଞାନଦ୍ୱାରା ନଷ୍ଟ ହୁଏ ନୋହି ଫଳଦାନ ॥
ବ୍ୟାଘ୍ରଭ୍ରମେ ୪ ଗାଈ ଯଥା ଛାଡ଼ିଥିବା ବାଣ । ଲକ୍ଷ୍ୟ ନଭେଦି ନିବୃତ୍ତ ନ ହୁଅଇ ଜାଣ ॥
ପ୍ରାରବ୍ଧ କର୍ମ ଅତ୍ୟନ୍ତ ବଳବନ୍ତ ଅଟଇ । ନ କରି ଭୋଗ କଦାଚ କ୍ଷୟ ତା ନୁହଇ ॥
କିନ୍ତୁ ଜ୍ଞାନୀଙ୍କର ସେ ଜ୍ଞାନ-ହୁତାଶ ୫ । ପ୍ରାରବ୍ଧ-ସଞ୍ଚିତ-ଭାବୀ କର୍ମ କରେ ନାଶ ॥
ବ୍ରହ୍ମ ଜୀବ ଏକ ଭାବି ଯେ ପୁଣି ମଣଇ । ନିର୍ଗୁଣ ବ୍ରହ୍ମ ସ୍ୱରୂପେ ସେ ନିତ୍ୟ ରହଇ ॥
ପ୍ରାରବ୍ଧ, ସଞ୍ଚିତ, ଭାବୀ, ଏହି ତିନି କର୍ମ ୬ । ସମ୍ଭବ ନୁହେ ବ୍ୟକ୍ତିର ବୁଝ ଏହି ମର୍ମ ॥
ଉପାଧି-ସମ୍ବନ୍ଧ-ହୀନ ହୋଇ ଯେଉଁ ଯତି । କେବଳ ଆତ୍ମା ସ୍ୱରୂପେ କରେ ଅବସ୍ଥିତି ॥
ତାର ପ୍ରାରବ୍ଧ ସତ୍ତ୍ୱ ସମ୍ଭବ ନୁହଇ । ଜାଗ୍ରତେ ଯେସନେ ସ୍ୱପ୍ନ କଥା ନ ଲାଗଇ ॥

---

୧ । ସଙ୍ଗହୀନ ସମ୍ବନ୍ଧ ରହିତ । ୨ ବ୍ୟାପ୍ତ । ୩ ଜ୍ଞାନ ହେବା ପୂର୍ବରୁ ବା ଅଜ୍ଞାନ ଅବସ୍ଥାରେ ।
୪ ବାଘ ଭ୍ରମେ । ୫ ଜ୍ଞାନରୂପକ ଅଗ୍ନି । ୬ ପ୍ରାରବ୍ଧ ଆଗ ଜନ୍ମର, ସଞ୍ଚିତ-ଏହି ଜୀବନରେ ଭାବୀ ଭବିଷ୍ୟତର ଏହି ତିନି ସମୟର କାର୍ଯ୍ୟ ।

ନାହଂ ପ୍ରତ୍ୟକ୍ତଃ ପ୍ରତିଭାସ ଦେହକ ଦେହୋପଯୋଗିନ୍ୟପି ଚ ପ୍ରପଞ୍ଚେ ।
ଉଚ୍ୟେତାହନ୍ତାଂ ମମତାମିଦନ୍ତାଂ କଥ୍ଂ ସ୍ୱୟଂ ବସ୍ତୁତ ଜାଗରେଣ ।୨୪୪।
ନ ତସ୍ୟ ମିଥ୍ୟାର୍ଥସମର୍ଥନେଚ୍ଛା ନ ସଂଗ୍ରହସ୍ତଜ୍ଜଗତୋଽପି ଦୃଷ୍ଟଃ ।
ତତ୍ରାନୁବୃତ୍ତିର୍ଯଦି ଚେନ୍ମୃଷାର୍ଥେ ନ ନିଦ୍ରୟା ମୁକ୍ତ ଇତୀଷ୍ୟତେ ଧ୍ରୁବମ୍ ।୨୪୫।
ତଦ୍‌ବତ୍‌ ପରେ ବ୍ରହ୍ମଣି ବର୍ତ୍ତମାନଃ ସଦାତ୍ମନା ତିଷ୍ଠତି ନାନ୍ୟଦୀକ୍ଷତେ ।
ସ୍ମୃତିର୍ଯଥା ସ୍ୱପ୍ନବିଲୋକିତାର୍ଥେ ତଥା ବିଦଃ ପ୍ରାଶନମୋଚନାଦୌ ।୨୪୬।
କର୍ମଣା ନିର୍ମିତୋ ଦେହଃ ପ୍ରାରବ୍ଧଂ ତସ୍ୟ କଳ୍ପତାମ୍ ।
ନାନାଦେରାତ୍ମନୋ ଯୁକ୍ତଂ ନୈବାତ୍ମା କର୍ମନିର୍ମିତଃ ।୨୪୭।
ଅଜୋ ନିତ୍ୟଃ ଶାଶ୍ୱତଶ୍ଚ ବ୍ରୂତେ ଶ୍ରୁତିରମୋଘବାକ୍ ।
ତଦାତ୍ମନା ତିଷ୍ଠତୋଽସ୍ୟ କୁତଃ ପ୍ରାରବ୍ଧ କଳ୍ପନା । ୨୪୮ ।
ପ୍ରାରବ୍ଧଂ ସିଧ୍ୟତି ତଦା ଯଦା ଦେହାତ୍ମନା ସ୍ଥିତଃ ।
ଦେହାତ୍ମଭାବୋ ନୈବେଷ୍ଟଃ ପ୍ରାରବ୍ଧଂ ତ୍ୟଜ୍ୟତାମତଃ । ୨୪୯ ।

ଅହଂ-ପ୍ରତିଭାସ-ରୂପ ଏ ଦେହ ଅବର । ଦେହୋପକାରୀ ନିଖିଳ ପ୍ରପଞ୍ଚ-ଆକର ॥୨
ଏଣୁ ଏ ଦେହକୁ-ଅହଂ ଏ ସଂସାର ପ୍ରତି । "ମୁଁ ମୋର, ଏହି" ଇତ୍ୟାଦି ଜ୍ଞାନନ କରନ୍ତି॥
ସ୍ୱପ୍ନେ ଦେଖିଥିବା କଥ ସମର୍ଥନ ଲାଗି । ଜାଗ୍ରତଲୋକ ଯେସନେ ନୁହେ ଅନୁରାଗୀ ॥
ସେ ମିଥ୍ୟା ବିଷୟେ ଅନୁବୃତ୍ତି ଦେଖାଗଲେ । ଜାଣିବ ସେ ନିଦ୍ରାଠାରୁ ମୁକ୍ତ ନୁହେ ॥
ଭଲେ ॥

ତେସନେ ପରମ ବ୍ରହ୍ମେ ସ୍ଥିତ ଯେଉଁଜନ । ବ୍ରହ୍ମବିନା ଅନ୍ୟ କିଛି ନ କରେ ଦର୍ଶନ ॥
ଜାଗ୍ରତ ଲୋକର ସ୍ୱପ୍ନେ ଦେଖିଥିବା କଥା । ସେ ବିଷୟର ହୁଏଇ ସ୍ମୃତି ମାତ୍ର ଯଥା ॥
ଜ୍ଞାନବାନ ମନୁଷ୍ୟର ତଥା ପାନାହାର । ଅବର ମଳ ମୂତ୍ରାଦି ତ୍ୟାଗ କରିବାର ।—॥
ବିଷୟ ର ମନୋଯୋଗ-ବର୍ଜ୍ଜିତ ପ୍ରବୃତ୍ତି । ହୋଇଥାଏ ହେ ବିଦୁଷେ, ୧ କହେ
ସର୍ବ ଶ୍ରୁତି ।୨୪୬।

ହୋଇଛି ପ୍ରସୂତ ଦେହ କର୍ମଦ୍ୱାରା ଯେଣୁ । ତାର ପ୍ରାରବ୍ଧ-କଳ୍ପନା ହୋଇପାରେ ତେଣୁ
କର୍ମରେ ନିର୍ମିତ ଆତ୍ମା କଦାଚ ନୁହଇ । ତାର ପ୍ରାରବ୍ଧ କଳ୍ପିତ ହୋଇ ନ ପାରଇ ॥
ଅତ୍ମ ଅଜ, ଅତ୍ମାନିତ୍ୟ, ଅତ୍ମା ସନାତନ । ବୋଲିଣ କରିଛି ବେଦ ସତ୍ୟ ନିର୍ଦ୍ଧାରଣ ॥
ସେହି ଅତ୍ମାର ପ୍ରାରବ୍ଧ କଳ୍ପନା କେସନେ । ସମ୍ଭାବିତ ହେବ ଏହା ବିଚାର ହେ ମନେ॥
ଦେହକୁ ଆତ୍ମ' ବୋ'ଲିଣି ମଣେ ଯେ ଯାବତ । ବହୁଥାଏ ସେ ଲୋକର ପ୍ରାରବ୍ଧ ତାବତ
ଦେହାତ୍ମ-ଭାବ ବିମୁକ୍ତ ହୋଇଯାଏ ଯେବେ । ପ୍ରାରବ୍ଧ ତାହାର ହୁଏ ପରିତ୍ୟକ୍ତ
ତେବେ ।୨୦୯।

ଶରୀରସ୍ୟାପି ପ୍ରାରବ୍ଧକଳ୍ପନା ଭ୍ରାନ୍ତିରେବ ହି ।
ଅଧ୍ୟସ୍ତସ୍ୟ କୁତଃ ସତ୍ତ୍ୱମ୍ ଅସତ୍ୟସ୍ୟ କୁତୋ ଜନିଃ । ୨୫୦ ।
ଅଜାତସ୍ୟ କୁତୋ ନାଶଃ ପ୍ରାରବ୍ଧମସତଃ କୁତଃ ।
ଜ୍ଞାନେନାଜ୍ଞାନକାର୍ଯ୍ୟସ୍ୟ ସମୂଳସ୍ୟ ଲୟୋ ଯଦି । ୨୫୧ ।
ତିଷ୍ଠତ୍ୟୟଂ କଥଂ ଦେହ ଇତି ଶଙ୍କାବତୋ ଜଡ଼ାନ୍ ।
ସମାଧାତୁଂ ବାହ୍ୟଦୃଷ୍ଟ୍ୟା ପ୍ରାରବ୍ଧଂ ବଦତି ଶ୍ରୁତିଃ । ୨୫୨ ।
ନ ତୁ ଦେହାଦିସତ୍ୟତ୍ୱବୋଧନାୟ ବିପଶ୍ଚିତାମ୍ । ୨୫୨ ।
ପରିପୂର୍ଣ୍ଣମନାଦ୍ୟନ୍ତମ ପ୍ରମେୟମବିକ୍ରିୟମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ । ୨୫୩ ।
ସଦ୍‌ଘନଂ ଚିଦ୍‌ଘନଂ ନିତ୍ୟମାନନ୍ଦଘନମକ୍ରିୟମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ ।୨୫୪।
ପ୍ରତ୍ୟଗେକରସଂ ପୂର୍ଣ୍ଣମନନ୍ତଂ ସର୍ବତୋମୁଖମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ ।୨୫୫।

ଦେହର ସୃଷ୍ଟି ପ୍ରାରବ୍ଧ ନୁହେ ହାଦେ ଜାଣ । ଏ କଳ୍ପନା ଭ୍ରାନ୍ତି ମାତ୍ର ଶୁଣ ତା' ପ୍ରମାଣ।
ଆରୋପିତ[୧] ବସ୍ତୁ ଅଟେ ଏ ଶରୀର ଯେଣୁ । ପ୍ରକୃତ ପକ୍ଷରେ ତାର ସତ୍ତା[୨] ନାହିଁ ତେଣୁ ॥
ସତ୍ତା ନାହିଁ ଯାର ସେହୁ ଅସତ ନିଶ୍ଚିତ । ତେବେ କିପରି ସେ ହେବ ପ୍ରାରବ୍ଧ ନିର୍ମିତ ॥
ଜ୍ଞାନଦ୍ୱାରା ହେବ ଯେବେ ଅଜ୍ଞାନତା କ୍ଷୟ । ସେ କାଳେ ପାରିବ ଜାଣି ଏକଥା ନିଶ୍ଚୟ ॥
ଯେ ଦେହର ଜନ୍ମ ନାହିଁ ନାଶ ତାର କାହିଁ । ସେ କଳ୍ପନା କେତେବେଳେ ସମ୍ଭବ ନୁହଇ ।୨୫୧।
ଜଡ଼ବୁଦ୍ଧି ଲୋକେ ଶଙ୍କା କରନ୍ତି ଏପରି । "ଦେହ ଯେବେ ଅସତ୍ ବସ୍ତୁ ସ୍ଥିତି ତା କିପରି ?
ସେମାନଙ୍କୁ ବୁଝାଇବା ପାଇଁ ବେଦଚୟ । କରିଛନ୍ତି ବାହ୍ୟ ଦୃଷ୍ଟେ[୩] ପ୍ରାରବ୍ଧ ଆଶ୍ରୟ ॥
ଦେହାଦି ସତ୍ୟ ବୋଧାର୍ଥ ପଣ୍ଡିତଙ୍କ ପାଇଁ । ପ୍ରାରବ୍ଧର କଥା କିଛି ଶ୍ରୁତି ମଧ୍ୟେ ନାହିଁ ॥
ପରିପୂର୍ଣ୍ଣ, ଅପ୍ରମେୟ, ବ୍ରହ୍ମ, ଅବିକାରୀ । ବ୍ରହ୍ମ ଆଦିଅନ୍ତ ଶୂନ୍ୟ, ଏକ, ଅଦ୍ୱିତୀୟ ॥
ଜଗତରେ ବ୍ରହ୍ମ ବିନା ଆଉ କିଛି ନାହିଁ । ଏ ବେଦ ବଚନ; ତେଣୁ ବିଜ୍ଞେ ଧେନ ତାହି
ବ୍ରହ୍ମ ସନ୍ମାତ୍ର, ଚିଦ୍ରୂପ ଆନନ୍ଦ ମୂରତି । ଅକ୍ରିୟ,ଅଦ୍ୱୟ, ନିତ୍ୟ ତେଣୁ ହେ ସୁମତି ॥
ବିବିଧ ବସ୍ତୁର ସତ୍ତା ବ୍ରହ୍ମବିନା ନାହିଁ । ଏ ଶ୍ରୁତି ବଚନ; ବିଜ୍ଞଗଣ ଧେନ ତାହି ।୨୫୮।
ବ୍ରହ୍ମ ପ୍ରତ୍ୟକ୍ଷ ସ୍ୱରୂପ ଏକରସ ପୂର୍ଣ୍ଣ । ଅନନ୍ତ ଅଦ୍ୱୟ ଏକ ସର୍ବବ୍ୟାପୀ ପୁଣ ॥
ତେଣୁ ଆତ୍ମାଭିନ୍ନ ନାନା ପଦାର୍ଥର ସତ୍ତା । ନାହିଁ କିଛି ଜଗତରେ ଏ ଶ୍ରୁତିର କଥା ।

---

୧ ଅବାସ୍ତବ ପଦ । ୨ ଅସ୍ତିତ୍ୱ । ୩ ବାହାରେ ଦେଖାଇବାକୁ ।

ଅଦ୍ଵୈତମନନ୍ତାଦ୍ୱୈତମନାଦ୍ୱୈତମନାଶ୍ରୟମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ । ୨୫୬ ।
ନିର୍ଗୁଣଂ ନିଷ୍କଳଂ ସୂକ୍ଷ୍ମଂ ନିର୍ବିକଳ୍ପଂ ନିରଞ୍ଜନମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ । ୨୫୭ ।
ଅନିରୂପ୍ୟସ୍ୱରୂପଂ ଯନ୍ମନୋବାଚାମଗୋଚରମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ । ୨୫୮ ।
ସତ୍ ସମୃଦ୍ଧଂ ସ୍ୱତଃସିଦ୍ଧଂ ଶୁଦ୍ଧଂ ବୁଦ୍ଧମନୀଦୃଶମ୍ ।
ଏକମେବାଦ୍ୱୟଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ । ୨୫୯ ।

ନିରସ୍ତରାଗା ନିରପାସ୍ତଭୋଗାଃ ଶାନ୍ତାଃ ସୁଦାନ୍ତା ଯତୟୋ ମହାନ୍ତଃ ।
ବିଜ୍ଞାୟ ତତ୍ତ୍ୱଂ ପରମେ ତଦନ୍ତେ ପ୍ରାପ୍ତାଃ ପରାଂ ନିର୍ବୃତିମାତ୍ମଯୋଗାତ୍ । ୨୬୦ ।
ଭବାନପୀଦଂ ପରତତ୍ତ୍ୱମାତ୍ମନଃ ସ୍ୱରୂପମାନନ୍ଦଘନଂ ବିଚାର୍ଯ୍ୟ ।
ବିଧୂୟ ମୋହଂ ସ୍ୱମନଃ ପ୍ରକଳ୍ପିତଂ ମୁକ୍ତଃ କୃତାର୍ଥୋ ଭବତୁ ପ୍ରବୁଦ୍ଧଃ । ୨୬୧ ।
ସମାଧିନା ସାଧୁବିନିଶ୍ଚଳାତ୍ମନା ପଶ୍ୟାତ୍ମତତ୍ତ୍ୱଂ ସ୍ଫୁଟବୋଧ ଚକ୍ଷୁଷା ।
ନିଃସଂଶୟଂ ସମ୍ୟଗବେକ୍ଷିତଶ୍ଚେଚ୍ଛ୍ରୁତଃ ପଦାର୍ଥୋ ନ ପୁନର୍ବିକଳ୍ପ୍ୟତେ । ୨୬୨ ।

ଆତ୍ମା ଅତ୍ୟାଜ୍ୟ ୧ ଅଗ୍ରାହ୍ୟ ଏକ ଅନାଶ୍ରୟ । ଅନୁପାଦେୟ, ନିର୍ଗୁଣ, ଆଉର ଅଦ୍ୱୟ ॥
ତେଣୁ ଆତ୍ମା ବିନା ନାନା ପଦାର୍ଥର ସତ୍ତା । ନାହିଁ କିଛି ଜଗତରେ ଏ ବେଦର କଥା ॥
ଆତ୍ମା ସୂକ୍ଷ୍ମ, ନିର୍ବିକଳ୍ପ ଏକ, ନିରଞ୍ଜନ । ମାୟା ରହିତ ଅଦ୍ୱୟ, ଅଟଇ ସେ ପୂର୍ଣ୍ଣ ॥
ତେଣୁ ଅଆତ୍ମାଛଡ଼ା ସତ୍ତା ନାନା ପଦାର୍ଥର । ଜଗତରେ କିଛି ନାହିଁ ଅଟେ ବିଜ୍ଞାନର ॥
ଅନିରୂପ୍ୟ, ସ୍ୱରୂପ, ସେ ସନ୍ମାତ୍ର ସମୃଦ୍ଧ । ମନବାକ୍ୟ ଅଗୋଚରେ ଏକ, ଶୁଦ୍ଧ, ବୁଦ୍ଧ, ॥
ଅଦ୍ୱିତୀୟ, ସ୍ୱତଃସିଦ୍ଧି ନିରୁପମ ସିନା । ନାନାବସ୍ତୁ-ସତ୍ତା ନାହିଁ ତେଣୁ ଆତ୍ମା ବିନା । ୨୫୯ ।
ଯେଉଁମାନଙ୍କର ନାହିଁ କାହିଁରେ ଆସକ୍ତି । ଭୋଗବାସନାରୁ ଯେତୁ ନିବୃତ୍ତ ଅଟନ୍ତି ॥
ଆଉର ଅଟନ୍ତି ଯେହୁ ଶାନ୍ତ ଦାନ୍ତ ଯତି । ଆତ୍ମତତ୍ତ୍ୱ ଜାଣି ସେହୁ ଶାନ୍ତି କି ଲଭନ୍ତି । ୨୬୦
ଏଣୁ କରି ତୁମ୍ଭେ ମଧ୍ୟ ସେ ଆନନ୍ଦଘନ । ପରତତ୍ତ୍ୱ ଆତ୍ମାରୂପ କରି ବିଚାରଣ ॥
ମାନସିକ କଳ୍ପନାର ନିଦାନ କାରଣ । ମୋହକୁ ଅବଲମ୍ବରେ କରଣ ବର୍ଜନ ॥
ଜ୍ଞାନଲଭ କରି ହୁଅ ମୁକତି-ପ୍ରାପତ । ଏରୂପେ ମାନବ ଜନ୍ମ କର ହେ କୃତାର୍ଥ । ୨୬୧ ।
ନିଶ୍ଚଳ ସମାଧି କରି ଅନ୍ତରେ ମତତ । ସ୍ଫୁଟଜ୍ଞାନ-ଚକ୍ଷୁରେ ଦେଖ ଆତ୍ମ ତତ୍ତ୍ୱ ॥
ନିଃସଂଶୟରେ ଆତ୍ମାକୁ ଦେଖିପାର ଯେବେ । ଶ୍ରୁତ ବସ୍ତୁରେ ବିକଳ୍ପ ନ କରିବ ତେବେ

---

୧ ଯାହା ଛଡ଼ା ନ ଯାଏ ।

ସ୍ୱସ୍ୟାବିଦ୍ୟାବନ୍ଧସମ୍ବନ୍ଧମୋକ୍ଷାତ୍ ସତ୍ୟଜ୍ଞାନାନନ୍ଦରୂପାତ୍ମଲବ୍ଧୌ ।
ଶାସ୍ତ୍ରଂ ଯୁକ୍ତିର୍ଦେଶିକୋକ୍ତିଃ ପ୍ରମାଣଂ ଚାନ୍ତଃସିଦ୍ଧା ସ୍ୱାନୁଭୂତିଃ ପ୍ରମାଣମ୍ । ୪୭୩

ବନ୍ଧୋ ମୋକ୍ଷଶ୍ଚ ତୃପ୍ତିଶ୍ଚ ଚିନ୍ତାରୋଗ୍ୟ ସୁଖାଦୟଃ ।
ସ୍ୱେନୈବ ବେଦ୍ୟା ଯଜ୍ଜ୍ଞାନଂ ପରେଷାମାନୁମାନିକମ୍ । ୪୭୪ ।

ତଟସ୍ଥିତା ବୋଧୟନ୍ତି ଗୁରବଃ ଶ୍ରୁତୟୋ ଯଥା ।
ପ୍ରଜ୍ଞୟୈବ ତରେଦ୍ ବିଦ୍ୱାନୀଶ୍ୱରାନୁଗୃହୀତୟା । ୪୭୫ ।

ସ୍ୱାନୁଭୂତ୍ୟା ସ୍ୱୟଂ ଜ୍ଞାତ୍ୱା ସ୍ୱମାତ୍ମାନମଖଣ୍ଡିତମ୍ ।
ସଂସିଦ୍ଧଃ ସମ୍ମୁଖଂ ତିଷ୍ଠେନ୍ ନିର୍ବିକଳ୍ପାତ୍ମନାତ୍ମନି । ୪୭୬ ।

ବେଦାନ୍ତସିଦ୍ଧାନ୍ତନିରୁକ୍ତିରେଷା ବ୍ରହ୍ମୈବ ଜୀବଃ ସକଳଂ ଜଗଚ୍ଚ ।
ଅଖଣ୍ଡରୂପସ୍ଥିତିରେବ ମୋକ୍ଷୋ ବ୍ରହ୍ମାଦ୍ୱିତୀୟେ ଶ୍ରୁତୟଃ ପ୍ରମାଣମ୍ । ୪୭୭ ।

ଶ୍ରୀଗୁରୁବଚନାତ୍ ଶ୍ରୁତିପ୍ରମାଣାତ୍ ପରମବଗମ୍ୟ ସତତ୍ତ୍ୱମାତ୍ମଯୁକ୍ତ୍ୟା ।
ପ୍ରଶମିତକରଣଃ ସମାହିତାତ୍ମା କ୍ୱଚିଦଚଳାକୃତିରାତ୍ମନିଷ୍ଠିତୋଽଭୂତ୍ । ୪୭୮

ଅବିଦ୍ୟା-ବନ୍ଧନୁଁ ମୁକ୍ତ ହୋଇଣ ଯେ ଜ୍ଞାନ । ଆନନ୍ଦ ସ୍ୱରୂପ ଅତ୍ମାଁ ଜ୍ଞାତ ହୁଏ ଜାଣ ॥
ସେ ବିଷୟେ ଶାସ୍ତ୍ର ଯୁକ୍ତି ଗୁରୁ ବାକ୍ୟମାନ । ଅନ୍ତରର ଅନୁଭୂତି ବିଶିଷ୍ଟ ପ୍ରମାଣ । ୪୭୩ ।

ବନ୍ଧ ମୋକ୍ଷ ତୃପ୍ତି ଚିନ୍ତା ଆରୋଗ୍ୟ ଆଦିର । ସୁଖ ଦୁଃଖ ଅନୁଭୂତି ପ୍ରତ୍ୟେକଙ୍କର ॥
ସେ ସବୁର ଅନୁଭୂତି ଆପଣା ଅନ୍ତରେ । ହୋଇଥାଏ ଭଲେ ଜାଣ ଅନେ ବିଜ୍ଞାନରେ ॥

ଶ୍ରୁତିସମ ଗୁରୁଗଣ ଶିଷ୍ୟ ପାଖେ ଥାଇ । ଶିଷ୍ୟର ସଂଶୟମାନ ଦିଅନ୍ତି ବୁଝାଇ ॥
ଈଶ୍ୱର-ଅନୁଗୃହୀତ[1] ବୁଦ୍ଧିର ସହାୟେ[2] । ସେ ଶିଷ୍ୟ ଭବାର୍ଣ୍ଣବରୁ[3] ପାର ହୋଇଥାଏ ॥

ନିଜ ଅନୁଭୂତିଦ୍ୱାରା ଆତ୍ମକୁ ସତତ ଅଖଣ୍ଡିତ ଭାବେ ଶିଷ୍ୟ ହୋଇ ଅବଗତ ॥
ସିଦ୍ଧିଲାଭ କରି ତହୁଁ ନିର୍ବିକଳ୍ପମନେ । ଆତ୍ମାରେ ସେ ଅବସ୍ଥିତ କରଇ ଆପଣେ ॥

ବ୍ରହ୍ମହିଁ ଜୀବ ସେ ପୁଣି ନିଖିଳ ଜଗତ । ଏହା ବେଦାନ୍ତ ବାକ୍ୟର ଚୂଡ଼ାନ୍ତ ସିଦ୍ଧାନ୍ତ ॥
ଅଦ୍ୱୟ ବ୍ରହ୍ମେ ଅଖଣ୍ଡରୂପେ ଯେ ବସତି । ତାହାହିଁ ମୁକତି ଏହା ବେଦାନ୍ତ ଜକତି ॥

ଗୁରୁବାକ୍ୟ ପୁଣି ଶ୍ରୁତି-ପ୍ରମାଣ ବଳରେ । ଆବର ଆତ୍ମ ଯୁକ୍ତିରେ ଶିଷ୍ୟ ସହଜରେ ॥
ବୁଝି ଆତ୍ମତତ୍ତ୍ୱ, ହୋଇ ସମାହିତ ଚିତ୍ତ । ପ୍ରଶାନ୍ତେନ୍ଦ୍ରିୟ ହୋଇଣ ହୁଏ ଆତ୍ମନିଷ୍ଠ । ୪୭୮ ।

୧- ଈଶ୍ୱରଙ୍କ ପ୍ରଭୁଙ୍କ ଦୟାପ୍ରାପ୍ତ । ୨ ସାହାଯ୍ୟରେ । ୩ ସଂସାରରୂପୀ ସମୁଦ୍ରରୁ ।
୪ ବ୍ରହ୍ମରୂପ ସମୁଦ୍ରର ।

କଞ୍ଚିତ୍ କାଳଂ ସମାଧାୟ ପରେ ବ୍ରହ୍ମଣି ମାନସମ୍ ।
ବ୍ୟୁତ୍ଥାୟ ପରମାନନ୍ଦାଦିଦଂ ବଚନମବ୍ରବୀତ୍ । ୨୬୯ ।
ବୁଦ୍ଧିର୍ବିନଷ୍ଟା ଗଳିତା ପ୍ରବୃତ୍ତିର୍ବ୍ରହ୍ମାତ୍ମନୋରେକତୟାଧିଗତ୍ୟା ।
ଇଦଂ ନ ଜାନେଽପ୍ୟନିଦଂ ନ ଜାନେ କିମ୍ବା କିୟଦ୍ବା ସୁଖମସ୍ତ୍ୟପାରମ୍
ବାଚା ବକ୍ତୁମଶକ୍ୟମେବ ମନସା ମନ୍ତୁଂ ନ ବାସ୍ୱାଦ୍ୟତେ ।
ସ୍ୱାନନ୍ଦାମୃତପୂର ପୂରିତପରବ୍ରହ୍ମାମ୍ବୁଧେର୍ବୈଭବଂ ।
ଅମ୍ଭୋରାଶିବିଶୀର୍ଣ୍ଣବାର୍ଷିକଶିଳାଭାବଂ ଭଜନ୍ମେ ମନୋ --
ଯସ୍ୟାଂଶାଂଶଲବେ ବିଲୀନମଧୁନାନନ୍ଦାତ୍ମନା ନିର୍ବୃତମ୍ । ୨୭୧ ।
କ୍ୱ ଗତଂ କେନ ବା ନୀତଂ କୁତ୍ର ଲୀନମିଦଂ ଜଗତ୍
ଅଧୁନୈବ ମୟା ଦୃଷ୍ଟଂ ନାସ୍ତି କିଂ ମହଦଦ୍ଭୁତମ୍ । ୨୭୨ ।
କିଂ ହେୟଂ କିମୁପାଦେୟଂ କିମନ୍ୟତ୍ କିଂ ବିଲକ୍ଷଣମ୍ ।
ଅଖଣ୍ଡାନନ୍ଦପୀୟୂଷପୂର୍ଣ୍ଣେ ବ୍ରହ୍ମମହାର୍ଣ୍ଣବେ । ୨୭୩ ।
ନ କିଞ୍ଚିଦତ୍ର ପଶ୍ୟାମି ନ ଶୃଣୋମି ନ ବେଦ୍ମ୍ୟହମ୍ ।
ସ୍ୱାତ୍ମନୈବ ସଦାନନ୍ଦରୂପେଣାସ୍ମି ବିଲକ୍ଷଣଃ । ୨୭୪ ।

ଏହି ରୂପେ କିଛୁ କାଳ ପରବ୍ରହ୍ମେ ଚିତ୍ତ । ସମାହିତ କରି ଯେବେ ହୁଅନ୍ତ ବ୍ୟୁତ୍ଥିତ ॥
ସେକାଳେ ପରମାନନ୍ଦ ହେବାରୁ ଜନମ । ଶିଷ୍ୟର ମୁଖରୁ ବାକ୍ୟ ସ୍ଫୁରଇ ଏମନ ।୨୬୯।
ବ୍ରହ୍ମଜୀବ ଏକ ବୋଲି ମୁହିଁ ଜାଣିଅଛି । ମୋହର ଦେହାତ୍ମବୁଦ୍ଧି ନଷ୍ଟ ହୋଇଅଛି ॥
ସଂସାର ପ୍ରବୃତ୍ତି ମୋର ଅନ୍ତର ହୋଇଛି । ଦୃଶ୍ୟାତ୍ମକ ବସ୍ତୁ ମୁହିଁ ନ ଜାଣଇଁ କିଛି ॥
ଏହା ଛଡ଼ା ଆନ କିଛି ନ ଜାଣଇ ପୁଣି । ଅପାର ନ ଜାଣେ ଏ କି ସୁଖ କି ଗୁଣ ।୨୭୦।
ଆନନ୍ଦାମୃତ ସ୍ୱଭାବ ମୂର୍ତ୍ତି ଭବ ବ୍ୟୂହର ୧ । ବୈଭବ ବର୍ଣ୍ଣନା ପଇଁ ନାହିଁ ମନ ଗିର ।
ମନେ ଚିନ୍ତା କରିବାକୁ ସମର୍ଥ ନୁହଇ । ଅଥବା ଆସ୍ୱାଦ ତାହା କରି ନ ପାରଇ ॥
ବରଷା, ଯେପରି ପଡ଼ି ମହାସିନ୍ଧୁ-ନୀରେ । ହୁଅଇ ବିଲୀନ ସିନା ତତ୍କ୍ଷଣ ସେଥିରେ ॥
ତେମନ୍ତ ପରବ୍ରହ୍ମର କଣାମାତ୍ର ଅଂଶେ । ମୋ ମନ ବିଲୀନ ହୋଇ ରହଇ ହରଷେ ॥
ଏ ଜଗତ କେଉଁଠି ଗଲା କିଏ କାହିଁ ନେଲା । କେଉଁଠାରେ ଅବା ଏହା ଲୟ ପ୍ରାପ୍ତ ହେଲା ॥
ଏ କ୍ଷଣିତ ଦେଖିଥିଲି ନାହିଁ ଅଛି ତାହା । କି ମହାଅଦ୍ଭୁତ କଥା ନ ଜାଣଇ ଅହା ୨୭୨
ଦେଖୁଛୁଁ, ଯୌବନେ ବ୍ରହ୍ମ-ମହାର୍ଣ୍ଣବ ପୂର୍ଣ୍ଣ । ପରମ ଅଖଣ୍ଡ ଆନନ୍ଦସୁଧା ପରିପୂର୍ଣ୍ଣ ॥
କି ବର୍ଜନୀୟ, କି ଗ୍ରହଣୀୟ କି ଅନ୍ୟ ସମାନ । କିଅବା ମୋ ବିଲକ୍ଷଣ ୨ ଅଛି ବର୍ତ୍ତମାନ ॥
କିଛିହିଁ ଦେଖୁ ନାହିଁ ଜଗତ ଭିତରେ । ଶୁଣୁ ନାହିଁ କିଛି, କିଛି ଜାଣୁ ନାହିଁ ଅରେ ॥
ସର୍ବ ବିଲକ୍ଷଣରୂପ ରହୁଛୁଁ କେବଳ । ସଦାନନ୍ଦ ଭାବେ ମୁହିଁ ଏବେ ଅବିରଳ ।୨୭୩।

---

୧ । ସମାନରୂପୀ ସମୁଦ୍ରର । ୨ । ପ୍ରଭେଦ, ପାର୍ଥକ୍ୟ ।

ନମୋ ନମସ୍ତେ ଗୁରବେ ମହାତ୍ମନେ ବିମୁକ୍ତସଙ୍ଗାୟ ସଦୁତ୍ତମାୟ ।
ନିତ୍ୟାଦ୍ୱୟାନନ୍ଦରସ ସ୍ୱରୂପିଣେ ଭୂମ୍ନେ ସଦାଽପାର ଦୟାମ୍ବୁଧାମ୍ନେ । ୨୭୫ ।

ଯତ୍ କଟାକ୍ଷ-ଶଶି-ସାନ୍ଦ୍ର-ଚନ୍ଦ୍ରିକାପାତ ଧୂତ ଭବତାପଜଶ୍ରମଃ ।
ପ୍ରାପ୍ତବାନହମଖଣ୍ଡବୈଭବାନନ୍ଦମାତ୍ମ ପଦମକ୍ଷୟଂ କ୍ଷଣାତ୍ । ୨୭୬ ।

ଧନ୍ୟୋଽହଂ କୃତକୃତ୍ୟୋଽହଂ ବିମୁକ୍ତୋଽହଂ ଭବଗ୍ରହାତ୍ ।
ନିତ୍ୟାନନ୍ଦସ୍ୱରୂପୋଽହଂ ପୂର୍ଣ୍ଣୋଽହଂ ତ୍ୱଦନୁଗ୍ରହାତ୍ । ୨୭୭ ।

ଅସଙ୍ଗୋଽହମନଙ୍ଗୋଽହମଲିଙ୍ଗୋଽହମଭଙ୍ଗୁରଃ ।
ପ୍ରଶାନ୍ତୋଽହମନନ୍ତୋଽହମମଲୋଽହଂ ଚିରନ୍ତନଃ । ୨୭୮ ।

ଅକର୍ତ୍ତାହମଭୋକ୍ତାହମବିକାରୋଽହମକ୍ରିୟଃ ।
ଶୁଦ୍ଧବୋଧ ସ୍ୱରୂପୋଽହଂ କେବଳୋଽହଂ ସଦାଶିବଃ ।୨୭୯।

ଦ୍ରଷ୍ଟୁଃ ଶ୍ରୋତୁର୍ବକ୍ତୁଃ କର୍ତ୍ତୁର୍ଭୋକ୍ତୁର୍ବିଭିନ୍ନ ଏବାହମ୍ ।
ନିତ୍ୟ ନିରନ୍ତର ନିଷ୍କ୍ରିୟୋ ନିଃସୀମାସଙ୍ଗ ପୂର୍ଣ୍ଣବୋଧାତ୍ମା ।୨୮୦।

ନାହମିଦଂ ନାହମଦୋଽପ୍ୟୁଭୟୋରବଭାସକଂ ପରଂ ଶୁଦ୍ଧମ୍ ।
ବାହ୍ୟାଭ୍ୟନ୍ତରଶୂନ୍ୟଂ ପୂର୍ଣ୍ଣଂ ବ୍ରହ୍ମାଦ୍ୱିତୀୟମେବାହମ୍ । ୨୮୧ ।

ଯାଙ୍କ କଟାକ୍ଷ-ଶଶାଙ୍କର ୧ ଘନ ଆଲୋକରେ । ଭବ-ତାପ-ଜାତ ଦୁଃଖ ଦୂର ହେଲା ଖରେ ॥
ଅଖଣ୍ଡ ଐଶ୍ୱର୍ଯ୍ୟାନନ୍ଦ ଅକ୍ଷୟ ଅନନ୍ତ । ଆତ୍ମପଦ ମୁହିଁ ତ୍ୱରା ହୋଇଛିଁ ପ୍ରାପତ । ୨୭୫ ।
ସେ ମହାତ୍ମା ସେ ବିମୁକ୍ତ- ସଙ୍ଗ ଜ୍ଞାନାକର । ସର୍ବବ୍ୟାପକ ଅପାର ଦୟାର ସାଗର ॥
ଆନନ୍ଦରସସ୍ୱରୂପ ଅଦ୍ୱୟ ଶାଶ୍ୱତ । ଶ୍ରୀଗୁରୁଦେବେ ପ୍ରଣାମ କରେଁ ଅବିରତ । ୨୭୬ ।
ଗୁରୋ ! ତବ ଅନୁଗ୍ରହେ ଧନ୍ୟ କୃତକୃତ୍ୟ । ହୋଇଛିଁ ଭବ-ବନ୍ଧନୁଁ ମୁଁ ପୁଣି ବିମୁକ୍ତ ॥
ନିତ୍ୟ ଆନନ୍ଦସ୍ୱରୂପେ ସମ୍ପୂର୍ଣ୍ଣ ରୂପରେ । ହୋଇଛି ମୁଁ ସ୍ଥିତ ତବ କରୁଣା ବଳରେ ।୨୭୭।
ଅଟେ ମୁଁ ଅବିନଶ୍ୱର ଅଲିଙ୍ଗ ଅନଙ୍ଗ । ପ୍ରଶାନ୍ତ ଅନନ୍ତ ପୁଣି ନିର୍ମଳ ଅସଙ୍ଗ ॥
ଚିରନ୍ତନ ଅବିକାର ଅକ୍ରିୟ ଅକର୍ତ୍ତା । ଶୁଦ୍ଧବିଜ୍ଞାନ ସ୍ୱରୂପ କେବଳ ଅଭୋକ୍ତା । ୨୭୯ ।
ଦ୍ରଷ୍ଟା ଶ୍ରୋତା ବକ୍ତା କର୍ତ୍ତା ଭୋକ୍ତାଠାରୁ ଭିନ୍ନ । ଅଟଇଁ ମୁଁ ସଦାଶିବ ମୁଁ ନିରବଚ୍ଛିନ୍ନ ॥
ମୁଁ ପୁଣି ନିତ୍ୟ ନିଷ୍କ୍ରିୟ ଅସୀମ ଅସଙ୍ଗ । ପୂର୍ଣ୍ଣ ଜ୍ଞାନସ୍ୱରୂପ ମୁଁ ନାହିଁ ମୋର ଅଙ୍ଗ । ୨୮୦ ।
'ଏହି' ଅବା 'ସେହି' ଶବ୍ଦ ବାଚ୍ୟ ମୁଁ ନୁହଇଁ । ସେ ଦୁଇ ଶବ୍ଦର ଅବଭାସକ ଅଟଇ ॥
ମୁହିଁ ଶୁଦ୍ଧ ଅଦ୍ୱିତୀୟ ମୁଁ ପୁଣି ପରମ । ବାହ୍ୟ-ଅଭ୍ୟନ୍ତର-ଶୂନ୍ୟ ମୁହିଁ ପୂର୍ଣ୍ଣ ବ୍ରହ୍ମ । ୨୮୧ ।

---

୧ ଅତଗୃହାର୍ଣ୍ଣ ରୂପକ ଚନ୍ଦ୍ରମା ।

ନିରୁପମମନାଦିତତ୍ତ୍ୱଂ ତ୍ୱମହମିଦମଦ ଇତି କଳ୍ପନାଦୂରମ୍ ।
ନିତ୍ୟାନନ୍ଦୈକରସଂ ସତ୍ୟଂ ବ୍ରହ୍ମାଦ୍ୱିତୀୟମେବାହମ୍ ।୪୮୨।
ନାରାୟଣୋଽହଂ ନରକାନ୍ତକୋଽହଂ ପୁରାନ୍ତକୋଽହଂ ପୁରୁଷୋଽହମୀଶଃ ।
ଅଖଣ୍ଡବୋଧୋଽହମଶେଷସାକ୍ଷୀ ନିରୀଶ୍ୱରୋଽହଂ ନିରହଞ୍ଚ ନିର୍ମମଃ ॥
ସର୍ବେଷୁ ଭୂତେଷ୍ୱହମେବ ସଂସ୍ଥିତୋ ଜ୍ଞାନାତ୍ମନାନ୍ତର୍ବହିରାଶ୍ରୟଃ ସନ୍ ।
ଭୋକ୍ତା ଚ ଭୋଗ୍ୟଂ ସ୍ୱୟମେବ ସର୍ବଂ ଯଦ୍ୟତ୍ ପୃଥକ୍ ଦୃଷ୍ଟମିଦନ୍ତୟା ପୁରା ।
ମୟ୍ୟଖଣ୍ଡସୁଖାମ୍ଭୋଧୌ ବହୁଧା ବିଶ୍ୱବୀଚୟଃ ।
ଉତ୍ପଦ୍ୟନ୍ତେ ବିଲୀୟନ୍ତେ ମାୟାମାରୁତବିଭ୍ରମାତ୍ ।୪୮୫।
ସ୍ଥୂଳାଦିଭାବା ମୟି କଳ୍ପିତା ଭ୍ରମାଦାରୋପିତାନୁସ୍ଫୁରଣେନ ଲୋକୈଃ ।
କାଳେ ଯଥା କଳ୍ପକବତ୍ସରାୟନର୍ତ୍ତ୍ୱାଦୟୋ ନିଷ୍କଳନିର୍ବିକଳ୍ପେ ॥
ଆରୋପିତଂ ନାଶ୍ରୟଦୂଷକଂ ଭବେତ୍ କଦାପି ମୂଢୈରତିଦୋଷଦୂଷିତୈଃ ।
ନାର୍ଦ୍ରୀକରୋତ୍ୟୂଷରଭୂମିଭାଗଂ ମରୀଚିକାବାରିମହାପ୍ରବାହଃ ॥
ଆକାଶବତ୍ କଳ୍ପବିଦୂରଗୋଽହମାଦିତ୍ୟବଦ୍ଭାସ୍ୟବିଲକ୍ଷଣୋଽହମ୍ ॥
ଅହାର୍ଯ୍ୟବନ୍ନିତ୍ୟବିନିଶ୍ଚଳୋଽହମମ୍ଭୋଧିବତ୍ ପାରବିବର୍ଜ୍ଜିତୋଽହମ୍ ।୪୮୮।

ମୁଁ ଅନାଦିତତ୍ତ୍ୱ ଏକ ଅଦ୍ୱିତୀୟ ନିତ୍ୟ । କଳ୍ପନାର ଦୂରବର୍ତ୍ତୀ ନିରୁପମ ସତ୍ୟ ॥
ମୁଁ ଆନନ୍ଦ ଏକରସ ବ୍ରହ୍ମରୂପ ପୁଣ । 'ତୁହି', 'ମୁହିଁ', 'ଏହି', 'ସେହି' ନାହିଁ ମୋର ଗୁଣ
ମୁଁ ନାରାୟଣ ସ୍ୱରୂପ ନର୍କ-ନିବାରକ । ମୁହିଁ ଈଶ୍ୱର ସ୍ୱରୂପ ପୁର ବିଧ୍ୱଂସକ ॥
ମୁଁ ନିର୍ମମ ନିରୀଶ୍ୱର ମୁଁ ଅଖଣ୍ଡଜ୍ଞାନ । ନିରହଙ୍କାର ମୁଁ ସାକ୍ଷୀ ସମସ୍ତଙ୍କ ଜାଣ । ୪୮୩ ।
ମୁଁ ଜ୍ଞାନାତ୍ମ ସ୍ୱରୂପରେ ବାହ୍ୟ ଅଭ୍ୟନ୍ତର । ଆଶ୍ରୟରେ ସର୍ବଭୂତେ ହୋଇଛି ଅବର ॥
ମୁଁ ସ୍ୱୟଂ ଭୋକ୍ତା ମୁଁ ପୁଣି ଭୋଗ୍ୟହିଁ ଅଟଇ । ସେ ସବୁ ମୁଁ ଯାହାପୂର୍ବେ ଜାଣେଣି ଅଛଇ ॥
ଅଖଣ୍ଡ ସୁଖାର୍ଣ୍ଣବରେ ନାନା ପରକାର । ବିଶ୍ୱ-ଲହରୀ ସକଳ ହେଉଛନ୍ତି ସଞ୍ଚାର ॥
ମାୟା-ମରୁତର ଯୋଗେ ଉପୁଜି ମୋ ଠାରେ । ବିଲୀନ ହେଉଛନ୍ତି ପୁଣି ବୁଦ୍‌ବୁଦ ଯେସନେ
ଯେସନେ ମାନବ ଏହି ଅଖଣ୍ଡ କାଳରେ । କଳ୍ପ ବର୍ଷ ଋତୁ ଆଦି କଳପନା କରେ ॥
ତେସନେ ନିଷ୍କଳ ନିର୍ବିକଳ୍ପ ମମ ପ୍ରତି । ସ୍ଥୂଳ ସୂକ୍ଷ୍ମ ଆଦି କେତେ କଳ୍ପନା କରନ୍ତି ।୪୮୬।
ଅଜ୍ଞାନ-ଦୋଷ-ଦୂଷିତ ମହାମୂର୍ଖଗଣ । ଆତ୍ମାରେ କରନ୍ତି ନାନା ଭାବ ଆରୋପଣ ॥
ସେମାନଙ୍କ ଆରୋପିତ କଳ୍ପନା କଦାପି । ବ୍ରହ୍ମୈକନିଷ୍ଠ ଆତ୍ମାରେ ନ ପାରନ୍ତି ବ୍ୟାପି ॥
ମରୀଚିକାରେ କଳ୍ପିତ ସଳିଳ ଯେପର । ଊଷର ଭୂମିକୁ [1] ଆର୍ଦ୍ର ନ ପାରଇ କରି ।୪୮୭।
ମୁଁ ଅଟେ କଳ୍ପନାତୀତ ଆକାଶ ସମାନ । ଆଦିତ୍ୟ ପ୍ରାୟ ମୁଁ ବିଲକ୍ଷଣ ଭାସମାନ ॥[2]
ପର୍ବତ ପରି ମୁଁ ପୁଣି ଅଟଇ ନିଶ୍ଚଳ । ଅସୀମ ଅଟଇ ମୁହିଁ ଯେସନେ ସିନ୍ଧୁଜଳ । ୪୮୮ ।

---

୧ ମରୁଭୂମି । ୨ ପ୍ରକାଶ୍ୟ ପଦାର୍ଥମାନଙ୍କଠାରୁ ପୃଥକ୍ ।

ନ ମେ ଦେହେନ ସମ୍ବନ୍ଧୋ ମେଘେନେବ ବିହାୟସଃ ।
ଅତଃ କୁତୋ ମେ ତଦ୍ଧର୍ମା ଜାଗ୍ରତ ସ୍ୱପ୍ନ ସୁଷୁପ୍ତୟଃ । ୨୮୯ ।

ଉପାଧିରାୟାତି ସ ଏବ ଗଚ୍ଛତି ସ ଏବ କର୍ମାଣି କରୋତି ଭୁଙ୍କ୍ତେ ।
ସ ଏବ ଜୀର୍ଯ୍ୟନ ମ୍ରିୟତେ ସଦାହଂ କୁଳାଦ୍ରିବନ୍ନିଶ୍ଚଳ ଏବ ସଂସ୍ଥିତଃ । ୨୯୦ ।

ନ ମେ ପ୍ରବୃତ୍ତିର୍ନ ଚ ମେ ନିବୃତ୍ତିଃ ସଦୈକରୂପସ୍ୟ ନିରଂଶକସ୍ୟ ।
ଏକାତ୍ମକୋ ଯୋ ନିବିଡୋ ନିରନ୍ତରୋ ବ୍ୟୋମେବ ପୂର୍ଣ୍ଣଃ ସ କଥଂ ନୁ ଚେଷ୍ଟତେ ?

ପୁଣ୍ୟାନି ପାପାନି ନିରିନ୍ଦ୍ରିୟସ୍ୟ ନିଶ୍ଚେତସୋ ନିର୍ବିକୃତେର୍ନିରାକୃତେଃ ।
କୁତୋ ମମାଖଣ୍ଡ ସୁଖାନୁଭୂତେର୍ବ୍ରୂତେ ହ୍ୟନନ୍ୱାଗତମିତ୍ୟପି ଶ୍ରୁତିଃ । ୨୯୨ ।

ଛାୟୟା ସ୍ପୃଷ୍ଟମୁଷ୍ଣଂ ବା ଶୀତଂ ବା ସୁଷ୍ଠୁ ଦୁଷ୍ଠୁ ବା ।
ନ ସ୍ପୃଶତ୍ୟେବ ଯତ୍ କିଞ୍ଚିତ୍ ପୁରୁଷଂ ତଦ୍ ବିଲକ୍ଷଣମ୍ । ୨୯୩ ।

ନ ସାକ୍ଷିଣଂ ସାକ୍ଷ୍ୟଧର୍ମାଃ ସଂସ୍ପୃଶନ୍ତି ବିଲକ୍ଷଣମ୍ ।
ଅବିକାରମୁଦାସୀନଂ ଗୃହଧର୍ମାଃ ପ୍ରଦୀପବତ୍ । ୨୯୪ ।

ଯେସନେ ସମ୍ବନ୍ଧ ନାହିଁ ମେଘ ଆକାଶର । ଏ ଦେହ ସହ ସମ୍ବନ୍ଧ ନାହିଁଟି ମୋହର ॥
ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଦେହ ଧର୍ମ୍ମ ଯେଣୁ । ମୋଠାରେ ତାହାର ସତ୍ତା ନ ସମ୍ଭବେ ତେଣୁ ॥
ଆସୁଛି ଯାଉଛି ଭବେ ଉପାଧି[1] କେବଳ । ସେ କରୁଛି କର୍ମ, ସେହି ଭୁଞ୍ଜେ କର୍ମଫଳ ॥
ଜନ୍ମେ ମରଇ ସଦା ସେ ଲିଙ୍ଗ ଶରୀର । କୁଳ-ପର୍ବତ ପରାଏ ଆତ୍ମା ରହେ ସ୍ଥିର ।୨୯୦।
ନାହିଁ ମୋ ପ୍ରବୃତ୍ତି ପୁଣି ନିବୃତ୍ତି ମୋ ନାହିଁ । ନାହିଁ ମୋର ଅଂଶ ସଦା ଏକ ରୂପ ଥାଇ ॥
ଆକାଶର ପ୍ରାୟ ଯେହୁ ନିରନ୍ତର ଘନ । ସେ ଏକାତ୍ମରୂପ ଚେଷ୍ଟା କରିବ କେସନ ? ।୨୯୧।
ନିର୍ବିକାର ନିରାକାର ମୁଁ ଚିତ୍ତ-ବିହୀନ । ମୁଁ ଅଖଣ୍ଡ ସୁଖ ଭୋଗୀ ମୁଁ ଇନ୍ଦ୍ରିୟ ହୀନ ॥
ଏବେ ଏ ଯେ ମୁହିଁ ମୋର ପୁଣ୍ୟପାପ କାହିଁ ? । ବେଦ ବୁଝା ମୁକ୍ତ କଣ୍ଠେ ଏହା ଅଛି ଗାଇ ॥
ଶୀତ ଉଷ୍ଣତା ସୌନ୍ଦର୍ଯ୍ୟ କୁତ୍ସିତତା ଛାୟା । ଏ ଆଦି ଛୁଇଁ ନ ପାରେ କେବେ ଆତ୍ମାକାୟା
ସବୁଠାରୁ ସ୍ୱତନ୍ତ୍ର ସେ ଆତ୍ମା ଅଟଇ ଯେଣୁ । ସୁଖ ଦୁଃଖ ପାପପୁଣ୍ୟ ନାହିଁ ତାର ତେଣୁ ॥
ଗୃହ-ପ୍ରକାଶକ-ଦୀପ-ଆଲୋକ ଯେସନ । ନ ପାରନ୍ତି ଛୁଇଁ ଗୃହ ଧରମ, ତେସନ ॥
ସାକ୍ଷ୍ୟଧର୍ମ କଦାଚନ ସେ ସାକ୍ଷୀ ସ୍ୱରୂପ । ସାକ୍ଷ୍ୟ ବିଲକ୍ଷଣ ପୁଣି ଅବିକାର ରୂପ ।
ଉଦାସୀନ ପୁରୁଷକୁ ଛୁଇଁ ନ ପାରଇ । ସେ ଆପଣା ଗୁଣେ ଯେଣୁ ପୃଥକ ରହଇ ।୨୯୪।

---

୧ । ଉପାଧି ଅର୍ଥାତ୍ ଲିଙ୍ଗ ଦେହର ଜନ୍ମ ମୃତ୍ୟୁ ହେଉଛି; କିନ୍ତୁ ଆତ୍ମାର ଜନ୍ମମରଣ ନାହିଁ ।

ରବେ ର୍ଯଥା କର୍ମଣି ସାକ୍ଷିଭାବୋ ବହ୍ନେର୍ଯଥା ଦାହନିୟାମକତ୍ୱମ୍ ।
ରଜ୍ଜୋର୍ଯଥାରୋପିତବସ୍ତୁସଙ୍ଗସ୍ତଥୈବ କୂଟସ୍ଥଚିଦାତ୍ମନୋ ମେ । ୧୯୫ ।
କର୍ତ୍ତାପି ବା କାରୟିତାପି ନାହଂ ଭୋକ୍ତାପି ବା ଭୋଜୟିତାପି ନାହଂ ।
ଦ୍ରଷ୍ଟାପି ବା ଦର୍ଶୟିତାପି ନାହଂ ସୋଽହଂ ସ୍ୱୟଂଜ୍ୟୋତିରନୀଦୃଗାତ୍ମା । ୧୯୬ ।
ଚଲତ୍ୟୁପାଧୌ ପ୍ରତିବିମ୍ବଲୌଲ୍ୟମୌପାଧିକଂ ମୂଢଧିୟୋ ନୟନ୍ତି ।
ସ୍ୱବିମ୍ବଭୂତଂ ରବିବଦ୍ୱିନିଷ୍କ୍ରିୟଂ କର୍ତ୍ତାସ୍ମି ଭୋକ୍ତାସ୍ମି ହତୋଽସ୍ମି ହେତି ।୧୯୭।
ଜଲେ ବାପି ସ୍ଥଲେ ବାପି ଲୁଠତ୍ୱେଷ ଜଡାତ୍ମକଃ ।
ନାହଂ ବିଲିପ୍ୟେ ତଦ୍ଧର୍ମୈର୍ଘଟଧର୍ମୈର୍ନଭୋ ଯଥା । ୧୯୮ ।
କର୍ତ୍ତୃତ୍ୱଭୋକ୍ତୃତ୍ୱଖଲତ୍ୱମତ୍ତତାଜଡତ୍ୱବଦ୍ଧତ୍ୱବିମୁକ୍ତତାଦୟଃ ।
ବୁଦ୍ଧେର୍ବିକଳ୍ପା ନ ତୁ ସନ୍ତି ବସ୍ତୁତଃ ସ୍ୱସ୍ମିନ୍ ପରେ ବ୍ରହ୍ମଣି କେବଳେଽଦ୍ୱୟେ ॥
ସନ୍ତୁ ବିକାରାଃ ପ୍ରକୃତେର୍ଦଶଧା ଶତଧା ସହସ୍ରଧା ବାପି ।
କିଂ ମେଽସଙ୍ଗଚିତସ୍ତୈର୍ନ ଘନଃ କ୍ୱଚିଦମ୍ବରଂ ସ୍ପୃଶତି ।୨୦୦।

ଲୋକ ଚେଷ୍ଟାରେ ସୂର୍ଯ୍ୟର ସାକ୍ଷୀ ଭାବ ଯଥା । ଅବାର ଅଗ୍ନିର ଦାହ କର୍ତ୍ତୃତ୍ୱହିଁ ଯଥା ॥
ରଜ୍ଜୁଠାରେ ଆରୋପିତ ସର୍ପର ସମ୍ବନ୍ଧ । ନ ଥାଏ ସମ୍ବନ୍ଧ ଯଥା ରଜ୍ଜୁର କିଞ୍ଚିତ ॥
ତଥା କୂଟସ୍ଥ ଚିଦାତ୍ମ ସ୍ୱରୂପ ଦେହର । ସଦ୍ଭାବ ସମ୍ବନ୍ଧ କିଛି ନ ହିଁଟେ ମୋହର ।୧୯୫।
ମୁଁ ନୁହଇଁ କର୍ତ୍ତା କିମ୍ବା କରାଇବା ଜନ । ଭୋକ୍ତା ଅଥବା ଭୋଗର ପ୍ରୟୋଜକ ପୁଣି ॥
ମୁଁ ଦ୍ରଷ୍ଟା ବା ଦର୍ଶନର ପ୍ରୟୋଜକ ନୁହେଁ । ସ୍ୱୟଂ ଜ୍ୟୋତି ଅନୁରୂପ ଅଟଇ ମୁଁ ସ୍ୱୟେଂ ॥
ଚଞ୍ଚଳ ଜଳରେ ସୂର୍ଯ୍ୟ ପ୍ରତିବିମ୍ବ ଯଥା । ଚଞ୍ଚଳ ବୋଲି ମନେ ବୋଧହୁଏ ତଥା ॥
ଦେହାଦି ଉପାଧିଗତ ନିଷ୍କ୍ରିୟ ଆତ୍ମାର । ପ୍ରତିବିମ୍ବେ ଆରୋପନ୍ତି ମୂଢ଼ ବୁଦ୍ଧି ନର ॥
ଚପଳତା, ଉପାଧିର ଚପଳତା ହେତୁ । ତଦନ୍ତର ସାରତତ୍ତ୍ୱ ନ ଜାଣନ୍ତି କିଛୁ ॥
"ମୁଁ କର୍ତ୍ତା" "ମୁଁ ଭୋକ୍ତା" "ମୁହିଁ ହେଉଅଛି ହତ", ଇତ୍ୟାଦି କଳ୍ପନା କରଥାନ୍ତି ଶତଶତ
ଏ ଜଡ଼ରୂପୀ ଦେହାଦି ଉପାଧି ସକଳେ । ନିୟୁକ୍ତ ହେଲେହେଁ ଭଲା ଜଳ କିମ୍ବା ସ୍ଥଳେ
ଘଟ ଧର୍ମେ ସମାଶ୍ଲିଷ୍ଟ ନଭ ନୁହେ ଯଥା । ଆତ୍ମା ଜଡ଼ ସ୍ଥୂଳ ଗୁଣେ ଲିପ୍ତ ନୁହେ ତଥା ।
କର୍ତ୍ତୃତ୍ୱ ଭୋକ୍ତୃତ୍ୱ ପୁଣି ଖଳତ୍ୱ ମତ୍ତତା । ଜଡ଼ତ୍ୱ ମୁକ୍ତତ୍ୱ ଆଉ ଦେହର ବଦ୍ଧତା ॥
ଏ ସମସ୍ତହିଁ ମନର ବିକଳ୍ପ ମାତ୍ର । ଅଦ୍ୱୟ ବ୍ରହ୍ମ ଆତ୍ମାରେ ସେଥି ନାହିଁ ତାର ।୧୯୯।
ପ୍ରକୃତିର ହେଲେ ହେଉ ଦଶ କିବା ଶତ । କିବା ସହସ୍ର ବିକୃତି, ମୋ ଅସଙ୍ଗ-ଚିତ୍ ॥
ହେବ ନାହିଁ କେବେ କିଛି ଜଳଦ[2] ଯେପରି । ଆକାଶକୁ ଛୁଇଁବାକୁ ନୁହଇ ଭାଜନ ।୨୦୦।

୧-ମୁକ୍ତ । ୨ ମେଘ

ଅବ୍ୟକ୍ତାଦିସ୍ଥୂଳପର୍ଯ୍ୟନ୍ତ ମେତଦ୍ ବିଶ୍ୱଂ ଯତ୍ରାଭାସମାତ୍ରଂ ପ୍ରତୀତମ୍ ।
ବ୍ୟୋମପ୍ରଖ୍ୟଂ ସୂକ୍ଷ୍ମମାଦ୍ୟନ୍ତହୀନଂ ବ୍ରହ୍ମାଦ୍ୱୈତଂ ଯତ୍ତଦେବାହମସ୍ମି । ୧ ।
ସର୍ବାଧାରଂ ସର୍ବବସ୍ତୁ ପ୍ରକାଶଂ ସର୍ବାକାରଂସର୍ବଗଂ ସର୍ବଶୂନ୍ୟମ୍ ।
ନିତ୍ୟଂ ଶୁଦ୍ଧଂ ନିଶ୍ଚଳଂ ନିର୍ବିକଳ୍ପଂ ବ୍ରହ୍ମାଦ୍ୱୈତଂ ଯତ୍ତଦେବା ହମସ୍ମି । ୨ ।
ଯସ୍ମିନ୍ନସ୍ତାଶେଷମାୟା ବିଶେଷଂ ପ୍ରତ୍ୟଗ୍ରୂପଂ ପ୍ରତ୍ୟୟାଗମ୍ୟମାନମ୍ ।
ସତ୍ୟଜ୍ଞାନାନନ୍ଦମାନନ୍ଦରୂପଂ ବ୍ରହ୍ମାଦ୍ୱୈତଂ ଯତ୍ତଦେବାହମସ୍ମି । ୩ ।
ନିଷ୍କ୍ରିୟୋଽସ୍ମ୍ୟବିକାରୋଽସ୍ମି ନିଷ୍କଲୋଽସ୍ମି ନିରାକୃତିଃ ।
ନିର୍ବିକଳ୍ପୋଽସ୍ମି ନିତ୍ୟୋଽସ୍ମି ନିରାଲମ୍ବୋଽସ୍ମି ନିର୍ଦ୍ୱୟଃ ।୪।
ସର୍ବାତ୍ମକୋଽହଂ ସର୍ବୋଽହଂ ସର୍ବାତୀତୋଽହମଦ୍ୱୟଃ ।
କେବଲାଖଣ୍ଡବୋଧୋଽହମାନନ୍ଦୋଽହଂ ନିରନ୍ତରମ୍ । ୫ ।
ସ୍ୱାରାଜ୍ୟ ସାମ୍ରାଜ୍ୟବିଭୂତିରେଷା ଭବତ୍କୃପାଶ୍ରୀମହିମପ୍ରସାଦାତ୍ ।
ପ୍ରାପ୍ତାମୟା ଶ୍ରୀଗୁରବେ ମହାତ୍ମନେ ନମୋ ନମସ୍ତେଽସ୍ତୁ ପୁନର୍ନମୋଽସ୍ତୁ । ୬ ।

ପ୍ରକୃତିରୁ ସ୍ଥୂଳଦୃଶ୍ୟ ପ୍ରପଞ୍ଚ ପର୍ଯ୍ୟନ୍ତେ । ନିଖିଳ ବିଶ୍ୱ ଆଭାସ ରୂପେ ହୁଏ ପ୍ରତେ ॥
ଯାହାଠାରେ, ମୁହିଁ ସେହି ଆକାଶପ୍ରତିମ ୧ । ଅଦ୍ୟନ୍ତ ହୀନ ଅଦ୍ୱୈତସୂକ୍ଷ୍ମ ପରଂବ୍ରହ୍ମ ।୧।
ଯେ ସର୍ବବସ୍ତୁର ପ୍ରକାଶକ ସର୍ବାଧାର । ସର୍ବଗତ ସର୍ବଶୂନ୍ୟ ନିତ୍ୟ ସର୍ବାକାର ॥
ଯେହୁ ନିର୍ବିକଳ୍ପ ପୁଣି ବିଶୁଦ୍ଧ ନିଶ୍ଚଳ । ସେ ଅଦ୍ୱୈତ ବ୍ରହ୍ମରୂପୀ ମୁହିଁଟି କେବଳ । ୨ ।
ଯାହାଠାରେ ମାୟାକୃତ ନିଖିଳ ଯାବତ । ବିଶେଷ ଅବସ୍ଥା ପୁଣି ହୁଏ ହସ୍ତଗତ ॥
ଯେପୁଣି ପ୍ରତ୍ୟକ୍ଷରୂପ ପ୍ରତ୍ୟୟ ଅଗମ୍ୟ । ମୁଁ ସେ ସତ୍ୟଜ୍ଞାନାନନ୍ଦ ଅଦ୍ୱୟ ସୁବ୍ରହ୍ମ । ୩ ।
ନିଷ୍କ୍ରିୟ ମୁଁ ନିଷ୍କଳ ମୁଁ ମୁହିଁ ଅବିକାର । ମୁଁ ବିକଳ୍ପ ହୀନ ତଥା ମୁହିଁ ନିରାକାର ॥
ମୁହିଁ ନିରାଲମ୍ବ ଆତ୍ମା ନାମଟି ମୋହର । ଅଦ୍ୱୟ ସ୍ୱରୂପ ମୁହିଁ ଅଟଇଁ ଅବର । ୪ ।
ମୁହିଁ ସର୍ବାତୀତ ମୁହିଁ ଆନନ୍ଦ ସ୍ୱରୂପ । ମୁହିଁ ସର୍ବାତ୍ମକ ତଥା ମୁଁ ସର୍ବ ସ୍ୱରୂପ ॥
କେବଳ ଅଖଣ୍ଡ ଜ୍ଞାନରୂପ ନିରନ୍ତର । ଅଦ୍ୱୟ ବସ୍ତୁ ଏ ବିଶ୍ୱେ ଅଟେଁ ମୁଁ ଅବର । ୫ ।
ହେ ଗୁରୁ ଆପଣଙ୍କର କୃପା ମହିମାରେ । ସ୍ୱରାଜ୍ୟ-ସାମ୍ରାଜ୍ୟ-ଭୂତି ଲଭିଛୁଁ ସଂସାରେ ॥
ଏଣୁ ଅହେ ଗୁରୁଦେବ ଅହେ ମହାତ୍ମନ । ଆପଣଙ୍କୁ ପ୍ରଣାମ ମୁଁ କରେ ପୁନଃ ପୁନ ।୬।
ମାୟାକୃତ ଜନ୍ମ ଜରା ମୃତ୍ୟୁରେ ଗହନ । ମହାସ୍ୱପ୍ନ ସଂସାରରେ ନିତ୍ୟ ମୋ ଭ୍ରମଣ ॥
ବହୁ ସନ୍ତାପରେ ମୁହିଁ କଷ୍ଟୀ ନିରନ୍ତର । ଅହଙ୍କାର-ବ୍ୟାଘ୍ର ଦ୍ୱାରା ବ୍ୟଥିତ-ଅନ୍ତର ।

୧-ଆକାଶତୁଲ୍ୟ ।

ମହାସ୍ୱପ୍ନେ ମାୟାକୃତଜନିଜରାମୃତ୍ୟୁଗହନେ
ଭ୍ରମନ୍ତଂ କ୍ଲିଶ୍ୟନ୍ତଂ ବହୁଲତରତାପୈରନୁଦିନମ୍ ।
ଅହଙ୍କାରବ୍ୟାଘ୍ରବ୍ୟଥିତମିମମତ୍ୟନ୍ତକୃପୟା
ପ୍ରବୋଧ୍ୟ ପ୍ରସ୍ୱାପାତ୍ ପରମବିତବାନ୍ମାମସି ଗୁରୋ ।। ୭ ।
ନମସ୍ତସ୍ମୈ ସଦେକସ୍ମୈ କସ୍ମୈ ଚିନ୍ମହସେ ନମଃ ।
ଯଦେତଦ୍‌ବିଶ୍ୱରୂପେଣ ରାଜତେ ଗୁରୁରାଜ ତେ । ୮ ।
ଇତି ନତମବଲୋକ୍ୟ ଶିଷ୍ୟବର୍ଯ୍ୟଂ ସମଧିଗତାତ୍ମସୁଖଂ ପ୍ରବୁଦ୍ଧତତ୍ତ୍ୱମ୍ ।
ପ୍ରମୁଦିତହୃଦୟଃ ସ ଦେଶିକେନ୍ଦ୍ରଃ ପୁନରିଦମାହ ବଚଃ ପରଂ ମହାତ୍ମା । ୯ ।
ବ୍ରହ୍ମପ୍ରତ୍ୟୟସନ୍ତତିର୍ଜଗଦତୋ ବ୍ରହ୍ମୈବ ସତ୍ ସର୍ବତଃ
ପଶ୍ୟାଧ୍ୟାତ୍ମଦୃଶା ପ୍ରଶାନ୍ତମନସା ସର୍ବାସ୍ୱବସ୍ଥାସ୍ୱପି ।
ରୂପାଦନ୍ୟଦବେକ୍ଷିତଂ କିମଭିତଶ୍ଚକ୍ଷୁଷ୍ମତାଂ ଦୃଶ୍ୟତେ
ତଦ୍‌ବଦ୍ ବ୍ରହ୍ମବିଦଃ ସତଃ କିମପରଂ ବୁଦ୍ଧେର୍ବିହାରାସ୍ପଦମ୍ । ୧୦ ।
କସ୍ତାଂ ପରାନନ୍ଦରସାନୁଭୂତିମୁତ୍ସୃଜ୍ୟ ଶୂନ୍ୟେଷୁ ରମେତ ବିଦ୍ୱାନ୍ ।
ଚନ୍ଦ୍ରେ ମହାହ୍ଲାଦିନି ଦୀପ୍ୟମାନେ ଚିତ୍ରେନ୍ଦୁମାଲୋକୟିତୁଂ କ ଇଚ୍ଛେତ୍ । ୧୧ ।
ଅସତ୍ପଦାର୍ଥାନୁଭବେନ କିଞ୍ଚିନ୍ନ ହ୍ୟସ୍ତି ତୃପ୍ତିର୍ନ ଚ ଦୁଃଖହାନିଃ ।
ତଦଦ୍ୱୟାନନ୍ଦରସାନୁଭୂତ୍ୟା ତୃପ୍ତଃ ସୁଖଂ ତିଷ୍ଠ ସଦାତ୍ମନିଷ୍ଠୟା । ୧୨ ।

ହେ ଗୁରୁ ଏ ମହାସ୍ୱପ୍ନୁ ପ୍ରବୋଧି ଆପଣ । ଦୟାକରି ପର ତତ୍ତ୍ୱେ ୧କଲେ ନିମଗନ ।୭।
ସେହି ଅଦ୍ୱିତୀୟ ବ୍ରହ୍ମ ସଚ୍ଚିତ୍ୟେ ନମଇଁ । ଆପଣଙ୍କଠାରେ ବିଶ୍ୱରୂପ ଯେ ଗଳଇ ॥
ପ୍ରଣମଇଁ ସେ ଅମ୍ଭାକୁ ଯେହୁ ଅଦ୍ୱିତୀୟ । ତେଜଃସ୍ୱରୂପ ଅଟଇ ଅନିର୍ବଚନୀୟ ।୮।
ଆତ୍ମତତ୍ତ୍ୱରେ ପ୍ରବୁଦ୍ଧ ନତ ଶିଷ୍ୟବରେ । ଆଉର ନିମଗ୍ନ ସଦା ଯେ ଆତ୍ମ ସୁଖରେ ॥
ଦେଖିଣ ଶ୍ରୀଗୁରୁଦେବ ହୋଇ ହୃଷ୍ଟ ମନ । ମନରଙ୍ଗି ବୁଝାଇଲେ କହିଣ ଏସନ :—
ଏହି ସୁପ୍ରକାଶ ବିଶ୍ୱ, ବ୍ରହ୍ମ ପ୍ରତ୍ୟୟର ୨ । ଅଟଇ ବିସ୍ତାର ମାତ୍ର; ତେଣୁ ଶିଷ୍ୟବର ।
ଅଧ୍ୟାତ୍ମ ଦୃଷ୍ଟି ଆଶ୍ରୟେ ପ୍ରଶାନ୍ତ ମନରେ । ସତ ସ୍ୱରୂପ ସେ ବ୍ରହ୍ମକୁ ଦେଖ ସର୍ବଠାରେ ॥
ଚକ୍ଷୁଥିବା ଲୋକ ଯଥା ଚତୁର୍ଦ୍ଦିଗେ ଜାଣ । ନ ଦେଖଇ ତା ଚକ୍ଷୁରେ ରୂପବିନା ଆନ ॥
ବୁଦ୍ଧିର ବିହାରସ୍ଥଳ ବ୍ରହ୍ମଜ୍ଞ ଲୋକର— । ବ୍ରହ୍ମବିନା ଆନନୁହେ ଦୃଷ୍ଟିର ଗୋଚର ।୧୦।
ଏଣୁ ସେ ପରମାନନ୍ଦ ବ୍ରହ୍ମରସ ତେଜି । ଶୂନ୍ୟ ପ୍ରପଞ୍ଚେ ମଜ୍ଜିବ କିଏ ସୁଖ ଖୋଜି ? ॥
ଅତ୍ୟନ୍ତ ଆହ୍ଲାଦପ୍ରଦ ଚନ୍ଦ୍ରେ ଯେ ଦେଖିବ । ଚିତ୍ର ଚନ୍ଦ୍ର ୩ଦେଖିବା କି ତା ଇଚ୍ଛା ହୋଇବ ।୧୧।
ଅସତବସ୍ତୁର ଅନୁଭୂତିରେ କାହାର । ନୁହଇ ତୃପତି କିବା ଦୁଃଖ ଅପହାର ॥
ଅଦ୍ୱୟ ବ୍ରହ୍ମ ଆନନ୍ଦ-ରସ-ଅନୁଭୂତି । କରି ଆତ୍ମନିଷ୍ଠ ହୋଇ ଲଭିବ ତୃପତି । ୧୨ ।

---

୧ ବ୍ରହ୍ମ ବିଷୟରେ । ୨ ବ୍ରହ୍ମଠାରେ ବିଶ୍ୱାସ । ୩ ଚନ୍ଦ୍ରର ଛବି ।

ସ୍ୱମେବ ସର୍ବତଃ ପଶ୍ୟନ୍ମନ୍ୟମାନଃ ସ୍ୱମଦ୍ୱୟମ୍ ।
ସ୍ୱାନନ୍ଦମନୁଭୁଞ୍ଜାନଃ କାଳଂ ନୟ ମହାମତେ । ୧୩ ।
ଅଖଣ୍ଡବୋଧାତ୍ମନି ନିର୍ବିକଳ୍ପେ ବିକଳ୍ପନଂ ବ୍ୟୋମ୍ନି ପୁରଃ ପ୍ରକଳ୍ପନମ୍ ।
ତଦଦ୍ୱୟାନନ୍ଦମୟାତ୍ମନା ସଦା ଶାନ୍ତିଂ ପରାମେତ୍ୟ ଭଜସ୍ୱ ମୌନମ୍ । ୧୪ ।
ତୂଷ୍ଣୀମବସ୍ଥା ପରମୋପଶାନ୍ତିର୍ବୁଦ୍ଧେରସତ୍କଳ୍ପ ବିକଳ୍ପ ହେତୋଃ ।
ବ୍ରହ୍ମାତ୍ମନା ବ୍ରହ୍ମବିଦୋ ମହାତ୍ମନୋ ଯତ୍ରାଦ୍ୱୟାନନ୍ଦସୁଖଂ ନିରନ୍ତରମ୍ । ୧୫ ।
ନାସ୍ତି ନିର୍ବାସନାନ୍ମୌନାତ୍ ପରଂ ସୁଖକୃଦୁତ୍ତମମ୍ ।
ବିଜ୍ଞାତାତ୍ମସ୍ୱରୂପସ୍ୟ ସ୍ୱାନନ୍ଦରସପାୟିନଃ । ୧୬ ।
ଗଚ୍ଛଂସ୍ତିଷ୍ଠନ୍ନୁପବିଶଞ୍ଛୟାନୋ ବାଽନ୍ୟଥାପି ବା ।
ଯଥେଚ୍ଛୟା ବସେଦ୍ୱିଦ୍ୱାନାତ୍ମାରାମଃ ସଦା ମୁନିଃ । ୧୭ ।
ନ ଦେଶକାଳାସନଦିଗ୍ ଯମାଦିଲକ୍ଷ୍ୟାଦ୍ୟପେକ୍ଷା ପ୍ରତିବଦ୍ଧବୃତ୍ତେଃ ।
ସଂସିଦ୍ଧତତ୍ତ୍ୱସ୍ୟ ମହାତ୍ମନୋଽସ୍ତି ସ୍ୱବେଦନେ କା ନିୟମାଦ୍ୟବସ୍ଥା । ୧୮ ।
ଘଟୋଽୟମିତି ବିଜ୍ଞାତୁଂ ନିୟମଃ କୋଽନ୍ୱପେକ୍ଷତେ ।
ବିନା ପ୍ରମାଣସୁଷ୍ଠୁତ୍ୱଂ ଯସ୍ମିନ୍ ସତି ପଦାର୍ଥଧୀଃ । ୧୯ ।

ନିଜ ଆତ୍ମାଙ୍କୁ ସର୍ବତ୍ର କରି ବିଲୋକନ । ତାହାଙ୍କହିଁ ନିରନ୍ତର କରଣ ମନନ ॥
ଆତ୍ମାନନ୍ଦ ଅନୁଭବ କର ସେ ଭାବରେ । ହେ ମହାମତି ସମୟ କାଟ ଏ ଭାବରେ । ୧୩ ।
ଅଖଣ୍ଡ ବୋଧ ସ୍ୱରୂପ ଯେହୁ ନିର୍ବିକଳ୍ପ । ସେ ଆତ୍ମାରେ କରିବାର ବିବିଧ ବିକଳ୍ପ ॥
ଆକାଶେ ପୁଷ୍ପ ନିର୍ମାଣ ପରି ସେ ସକଳ । ହେ ସୁମତି ଏ ପ୍ରମାଣ ବଚନ କେବଳ ।୧୪।
ଅଦ୍ୱୟ ଆନନ୍ଦମୟ ଆତ୍ମସ୍ୱରୂପରେ । ଶାନ୍ତି ଲଭି ମୌନଭାବ ଧେନ ଜଗତରେ । ୪ ।
ବ୍ରହ୍ମଜ୍ଞ ମହାତ୍ମା ବ୍ରହ୍ମରୂପେ ଯେ ଥାଳରେ । ଶାନ୍ତ ହୋଇ ମଉନରେ ଅବସ୍ଥିତ କରେ ॥
ସଙ୍କଳ୍ପ ବିକଳ୍ପାଦିର ନିଦାନକାରଣ - । ବୁଦ୍ଧିର ଶାନ୍ତ ଅବସ୍ଥା ହୁଏ ତତକ୍ଷଣ ॥
ସଂକଳ୍ପ ବିକଳ୍ପ ଆଦି କିଛି ନ ରହଇ । ଅଦ୍ୱୟ ଆନନ୍ଦ ସୁଖ ସଦା ଉପୁଜଇ । ୧୫ ।
ଆତ୍ମାନନ୍ଦ ରସପାୟୀ ଅଟନ୍ତି ଯେ ନର । ହୋଇଅଛି ଯାର ଆତ୍ମ ସ୍ୱରୂପ ଗୋଚର ॥
ସକଳ ବାସନା ତେଜି ମଉନେ ରହିବା । ତହୁଁ ବଳି ସୁଖ ଆଉ ଅଛି ତାର କିବା ? ।୧୬।
କି ଗମନ, ଅବସ୍ଥାନ, କି ଉପବେଶନ । ଶୟନ ଆଦି ପ୍ରକାର ଯେ ନିତ୍ୟ ଚରମ ॥
ଯଥେଚ୍ଛା ଭାବରେ କରିବ ଆତ୍ମାରାମ ମୁନି । ବିଧି-ନିଷେଧ-ଅଧୀନ ନ ହୁଏ ସେ ପୁଣି ।୧୭।
ହୋଇଛି ଯା ପ୍ରତିବଦ୍ଧ ବାହ୍ୟ ବୃତ୍ତି ନ । ସଂସାରେ ହୋଇଛି ସିଦ୍ଧ ଯାର ତତ୍ତ୍ୱଜ୍ଞାନ ॥
ଆତ୍ମୋପଲବ୍ଧି ସକାଶେ ଦେଶକାଳ ଯମ[2] । ନ ଥାଏ ଅପେକ୍ଷା ତାର ଆସନ ନିୟମ ।୧୮।

---

୧ ଲକ୍ଷ୍ୟ । ୨-ସଂଯମ ।

ଅପ୍ରମାତ୍ମା ନିତ୍ୟସିଦ୍ଧଃ ପ୍ରମାଣେ ସତି ଭାସତେ ।
ନ ଦେଶଂ ନାପି ବା କାଳଂ ନ ଶୁଦ୍ଧିଂ ବାପ୍ୟପେକ୍ଷତେ । ୨୦ ।
ଦେବଦତ୍ତୋଽହମିତ୍ୟେତଦ୍‌ବିଜ୍ଞାନଂ ନିରପେକ୍ଷକମ୍ ।
ତଦ୍ୱଦ୍ ବ୍ରହ୍ମବିଦୋଽପ୍ୟସ୍ୟ ବ୍ରହ୍ମାହମିତି ବେଦନମ୍ । ୨୧ ।
ଭାନୁନେବ ଜଗତ୍ ସର୍ବଂ ଭାସ ତ ଯସ୍ୟ ତେଜସା ।
ଅନାତ୍ମକମସତ୍ତୁଚ୍ଛଂ କିଂ ନୁ ତସ୍ୟାବଭାସକମ୍ । ୨୨ ।
ବେଦଶାସ୍ତ୍ରପୁରାଣାନି ଭୂତାନି ସକଳାନ୍ୟପି ।
ଯେନାର୍ଥବନ୍ତି ତଂ କିଂ ନୁ ବିଜ୍ଞାତାରଂ ପ୍ରକାଶୟେତ୍ ।୨୩।
ଏଷ ସ୍ୱୟଂ ଜ୍ୟୋତିରନନ୍ତଶକ୍ତିରାତ୍ମାଽପ୍ରମେୟଃ ସକଳାନୁଭୂତିଃ ।
ଯମେବ ବିଜ୍ଞାୟ ବିମୁକ୍ତବନ୍ଧୋ ଜୟତ୍ୟୟଂ ବ୍ରହ୍ମବିଦୁତ୍ତମୋତ୍ତମଃ । ୨୪ ।
ନ ଖିଦ୍ୟତେ ନ ବିଷୟୈଃ ପ୍ରମୋଦତେ ନ ସଜ୍ଜତେ ନାପି ବିରଜ୍ୟତେ ଚ ।
ସ୍ୱସ୍ମିନ୍ ସଦା କ୍ରୀଡ଼ତି ନନ୍ଦତି ସ୍ୱୟଂ ନିରନ୍ତରାନନ୍ଦରସେନ ତୃପ୍ତଃ । ୨୫ ।

ପ୍ରମାଣ ସଦ୍ଭାବେ † ହୁଏ ପଦାର୍ଥର ଜ୍ଞାନ । ପ୍ରମାତ୍ର-ସୌଷ୍ଠବ ବିନା ସେଥିପାଇଁ ଜାଣ ॥
"ଏହାହିଁ ଘଟ" ଏରୂପ ଜ୍ଞାନର ପାଇଁକି । ନିୟମାଦିର ଅପେକ୍ଷା ରହିବ କାହିଁକି ? ।୧୯
ପ୍ରମାଣର ସତ୍ତା ଥାଏ ବିଦ୍ୟମାନ ଯହିଁ । ହୁଅଇ ଅବଭାସିତ ଆତ୍ମ ସ୍ୱୟଂ ତହିଁ ॥
ନିତ୍ୟସିଦ୍ଧ ଆତ୍ମା ପକ୍ଷେ ଦେଶଅବା କାଳ । କିମ୍ବା ଶୁଦ୍ଧିର ନ ଥାଏ ଅପେକ୍ଷା ଜଂଜାଳ ।୨୦
ଦେବଦତ୍ତର "ମୁଁ ଦେବଦତ୍ତ" ଏହି ଜ୍ଞାନ । ଅନ୍ୟର ଅପେକ୍ଷା ଯଥା ନ କରଇ ଜାଣ ॥
ତେସନେ ବ୍ରହ୍ମ ବିଦର "ମୁଁ ବ୍ରହ୍ମ" ଏ ଜ୍ଞାନ । ଅନ୍ୟ କାହାର ଅପେକ୍ଷା ନ କରଇ ଜାଣ
ସୂର୍ଯ୍ୟର ସମାନତେଜ ଯାହାର ଅଟଇ । ଅବଭାସିତ ସକଳ ବିଶ୍ୱକୁ କରଇ ॥
ଅନାତ୍ମ ସ୍ୱରୂପ ଅସତ୍ ପଦାର୍ଥ କେବଣ । ତାହାର ଅବଭାସକ ହେବ ସେ କେମନ ? ॥
ଶ୍ରୁତିବେଦ ସର୍ବଶାସ୍ତ୍ର ସକଳ ପୁରାଣ । ଆଉର ଭୂତ ଭୌତିକ ପଦାର୍ଥାଦି ଜାଣ ॥
ଯାହାଦ୍ୱାରା ଚରାଚର ପ୍ରକାଶ ହୁଅଇ । ସେହି ବିଜ୍ଞାତାକୁ କିଏ ପ୍ରକାଶ କରଇ ? । ୨୩ ।
ଯାକୁ ଜାଣି ସର୍ବୋତ୍ତମ ବ୍ରହ୍ମବିଦବ୍ୟକ୍ତି । ବନ୍ଧନ ମୋଚନ କରି ବିଜୟ ଲଭନ୍ତି ॥
ସେହି ଆତ୍ମା ସ୍ୱୟଂ ଜ୍ୟୋତିଃ ସ୍ୱରୂପ ପରନ୍ତୁ । ଅନନ୍ତଶକ୍ତି ପୁଣି ଅପ୍ରମେୟ ବସ୍ତୁ ॥
ସମସ୍ତଙ୍କ ଅନୁଭୂତି ବିଷୟ ଅଟଇ । ଏ ବେଦ ବଚନ ଅଟେ ଶିଷ୍ୟ ମନେ କର) ।୨୪।
ବ୍ରହ୍ମାନନ୍ଦେ ପରିତୃପ୍ତ ଯେ ମହାତ୍ମା ସଦା । ନୁହେ ବିଷୟେ ଦୁଃଖିତ କିମ୍ବା ହୃଷ୍ଟ କଦା ॥
କାହିଁରେ ଆସକ୍ତ କିବା ବିରକ୍ତ ନୁହଇ । ଆପେ ଆପେ କ୍ରୀଡ଼ା କରି ଆନନ୍ଦ ଲଭଇ ॥

---

† ସତ୍ତ୍ୱେ ଥିବାରେ ।

କ୍ଷୁଧାଂ ଦେହବ୍ୟଥାଂ ତ୍ୟକ୍ତ୍ୱା ବାଳଃ କ୍ରୀଡ଼ତି ବସ୍ତୁନି ।
ତଥୈବ ବିଦ୍ୱାନ୍ ରମତେ ନିର୍ମମୋ ନିରହଂ ସୁଖୀ । ୨୬ ।
ଚିନ୍ତାଶୂନ୍ୟମଦୈନ୍ୟଭୈକ୍ଷ୍ୟମଶନଂ ସ ପାନଂ ସରିଦ୍‌ବାରିଷୁ
ସ୍ୱାତନ୍ତ୍ର୍ୟେଣ ନିରଙ୍କୁଶା ସ୍ଥିତିରଭୀର୍ନିଦ୍ରା ଶ୍ମଶାନେ ବନେ ।
ବସ୍ତ୍ରଂ କ୍ଷାଳନଶୋଷଣାଦିରହିତଂ ଦିଗ୍‌ବାସ୍ତୁ ଶଯ୍ୟାମହୀ-
ସଞ୍ଚାରୋ ନିଗମାନ୍ତବୀଥିଷୁ ବିଦାଂ କ୍ରୀଡ଼ାପରେ ବ୍ରହ୍ମଣି ।୨୭।
ବିମାନମାଲମ୍ବ୍ୟ ଶରୀରମେତଦ୍ ଭୁନକ୍ତ୍ୟଶେଷାନ୍ ବିଷୟାନୁପସ୍ଥିତାନ୍ ।
ପରେଚ୍ଛୟା ବାଳବଦାତ୍ମବେତ୍ତା ଯୋଽବ୍ୟକ୍ତଲିଙ୍ଗୋଽନନୁଷକ୍ତବାହ୍ୟଃ ।୨୮।
ଦିଗମ୍ବରୋ ବାପି ଚ ସାମ୍ବରୋ ବା ତ୍ୱଗମ୍ବରୋ ବାପି ଚିଦମ୍ବରସ୍ଥଃ ।
ଉନ୍ମତ୍ତବଦ୍ ବାପି ଚ ବାଳବଦ୍ ବା ପିଶାଚବଦ୍ ବାପି ଚରତ୍ୟବନ୍ୟାମ୍ ।୨୯।
କାମାନ୍ନିଷ୍କାମରୂପୀ ସଞ୍ଚରତ୍ୟେକଚରୋ ମୁନିଃ
ସ୍ୱାତ୍ମନୈବ ସଦା ତୁଷ୍ଟଃ ସ୍ୱୟଂ ସର୍ବାତ୍ମନା ସ୍ଥିତଃ । ୩୦ ।

କ୍ରୀଡ଼ନକ ୧ ବସ୍ତୁ ପାଇ ବାଳକ ଯେସନ । ଭୁଲି କ୍ଷୁଧା ଦେହବାଧା ଖେଳଇ ବହନ ॥
ତେସନେ ଜ୍ଞାନୀ ଅହଂକାର ମମତା ବରଜି । ଆତ୍ମାରେ ସୁଖରେ କ୍ରୀଡ଼ାରଙ୍ଗେ ରହେ ମଜ୍ଜି ॥
ଆତ୍ମବିଦ ଜ୍ଞାନବ୍ୟକ୍ତି ହୋଇ ଚିନ୍ତାହୀନ । ଭିକ୍ଷାପ୍ରାପ୍ତ ଦ୍ରବ୍ୟ ଭୁଞ୍ଜେ ଦୀନତା ତେଜିଣ ॥
ପିଅଇ ନଦୀରେ ଜଳ ପାନ-ଅଭାବରେ । ସ୍ୱତନ୍ତ୍ର ଭାବେ ନିର୍ବାଧେ ଅବସ୍ଥାନ କରେ ॥
ନିର୍ଭୟେ ଶ୍ମଶାନେ ବନେ କରଇ ଶୟନ । ବସ୍ତ୍ର ଧୁଆ ଶୁଖାରେ ସେ ନ କରେ ଯତନ ॥
କେବେ କେବେ ଉଲଙ୍ଗରେ ହୁଅଇ ବାହାର । ପୃଥିବୀ ପୃଷ୍ଠହିଁ ଶଯ୍ୟା ଅଟଇ ତାହାର ॥
ବେଦାନ୍ତ ପଥେ କେବଳ କରଇ ସଞ୍ଚାର । ପରମ ବ୍ରହ୍ମରେ ସୁଖେ କରଇ ବିହାର ।୨୭।
ବାହ୍ୟବିଷୟେ ଆସକ୍ତିହୀନ ଯେ ଅଟଇ । ଯେ ଆତ୍ମବିଦ ଅବ୍ୟକ୍ତ ଚିହ୍ନକୁ ବହଇ ॥
ବିମାନ ପ୍ରାପ୍ତ ଯଥେଚ୍ଛା କରେ ବିଚରଣ ।-ଏମନ୍ତ ଶରୀର ମାତ୍ର କରି ସେ ଧାରଣ ॥
ପର ଇଚ୍ଛାରେ ବାଳକ ପ୍ରାୟ ଉପଗତ । ହୋଇ କରୁଥାଏ ଭୋଗ ବିଷୟ ଯାବତ ।୨୮।
କେବେ ସେ ଉଲଗ୍ନ କେବେ ପିନ୍ଧିଣ ବସନ । ଅଥବା କରଣ କେବେ ବଳ୍କଳ ଧାରଣ ।
ଜ୍ଞାନାକାଶେ ରହି କେବେ ବାତୁଳ ପରାୟେ । କେବେ ବା ବାଳକବତ ବିଶେଷ ଭୁଲି ଥାଏ
କେବେ ବା ପିଶାଚ ପ୍ରାୟେକରେ ବିଚରଣ । କେବେ ହସେ କାନ୍ଦେ କେବେ କରଇ ନର୍ତ୍ତନ
ଅଟେ ସର୍ବାତ୍ମ ସ୍ୱରୂପେ ଅବସ୍ଥିତ କରି । ଯେଉଁ ଏକଚର ୧ ମୁନି ରହଇ ଆଦରି ॥
ଆତ୍ମା ଦ୍ୱାରା ସବୁବେଳେ ସନ୍ତୁଷ୍ଟ ରହଇ । ନିଷ୍କାମ ହୋଇ ବିଷୟ ଭୋଗ ସେ କରଇ ।୩୦।

---

୧ ଖେଳବସ୍ତୁ ବା ଖେଳନା" । ୨ — ଏକପଥଗାମୀ ।

କ୍ୱଚିନ୍ ମୂଢୋ ବିଦ୍ୱାନ୍ କ୍ୱଚିଦପି ମହାରାଜବିଭବଃ
କ୍ୱଚିଦ୍ ଭ୍ରାନ୍ତଃ ସୌମ୍ୟଃ କ୍ୱଚିଦଜଗରାଚାରକଳିତଃ ।
କ୍ୱଚିତ୍ ପାତ୍ରୀଭୂତଃ କ୍ୱଚିଦବମତଃ କ୍ୱାପ୍ୟବିଦିତ
ଶ୍ଚରତ୍ୟେବଂ ପ୍ରାଜ୍ଞଃ ସତତ ପରମାନନ୍ଦ ସୁଖିତଃ । ୩୧ ।
ନିର୍ଧନୋଽପି ସଦା ତୁଷ୍ଟୋଽପ୍ୟସହାୟୋ ମହାବଳଃ
ନିତ୍ୟତୃପ୍ତୋଽପ୍ୟଭୁଞ୍ଜାନୋଽପ୍ୟସମଃ ସମଦର୍ଶନଃ । ୩୨ ।
ଅପି କୁର୍ବନ୍ନକୁର୍ବାଣଶ୍ଚାଭୋକ୍ତା ଫଳଭୋଗ୍ୟପି ।
ଶରୀର୍ୟପ୍ୟଶରୀର୍ୟେଷ ପରିଚ୍ଛିନ୍ନୋଽପି ସର୍ବଗଃ । ୩୩ ।
ଅଶରୀରଂ ସଦା ସନ୍ତମିମଂ ବ୍ରହ୍ମବିଦଂ କ୍ୱଚିତ୍ ।
ପ୍ରିୟାପ୍ରିୟେ ନ ସ୍ପୃଶତସ୍ତଥୈବ ଚ ଶୁଭାଶୁଭେ । ୩୪ ।
ସ୍ଥୂଳାଦିସମ୍ବନ୍ଧବତୋଽଭିମାନିନଃ ସୁଖଞ୍ଚ ଶୁଭାଶୁଭେ ଚ ।
ବିଧ୍ୱସ୍ତବନ୍ଧସ୍ୟ ସଦାତ୍ମନୋ ମୁନେଃ କୁତଃ ଶୁଭଂ ବାପ୍ୟଶୁଭଂ ଫଳଂ ବା । ୩୫ ।
ତମସା ଗ୍ରସ୍ତବଦ୍ଭାନାଦଗ୍ରସ୍ତୋଽପି ରବିର୍ଜନୈଃ ।
ଗ୍ରସ୍ତ ଇତ୍ୟୁଚ୍ୟତେ ଭ୍ରାନ୍ତ୍ୟା ହ୍ୟଜ୍ଞାତ୍ୱା ବସ୍ତୁଲକ୍ଷଣମ୍ । ୩୬ ।

ପରମ ଆନନ୍ଦ ସୁଖେ ସୁଖୀ ପ୍ରାଜ୍ଞଜନ । କେବେ ମୂର୍ଖ ସମ କେବେ ପଣ୍ଡିତ ଯେସନ ॥
କେବେ ମହାରାଜ ପ୍ରାୟ ବିଭବ ସମ୍ପନ୍ନ । କେବେ ଭ୍ରାନ୍ତ କେବେ ହୋଇ ଶାନ୍ତ ଅପଘନ ॥
ନିଶ୍ଚଳ ହୋଇଣ କେବେ ଅଜଗର ବତ । କେବେ ଦାନଗ୍ରହଣରେ ଭିକ୍ଷାପାତ୍ର ହସ୍ତ ॥
କେବେ ଅବିଦିତ ହୋଇ ଲୋକଙ୍କ ଆଗରେ । ଏହି ମତେ ନାନାଭାବେ ବିଚରଣ କରେ ॥
ନିର୍ଧନ ହୋଇ ସୁଦ୍ଧା ସଦା ତୋଷେ ରହେ । ଅସହାୟ ହୋଇ ମଧ୍ୟ ମହାବଳ ବହେ ॥
ଅନାହାରେ ଥାଇ ସୁଦ୍ଧା ନିତ୍ୟତୃପ୍ତକାୟେ । ଅସମ ହୋଇଣ ସଦା ସର୍ବଦର୍ଶୀ ଥାଏ । ୩୨ ।
କର୍ମ୍ମ କରି ସୁଦ୍ଧା ସେହୁ ଅକର୍ତ୍ତା ଅଟଇ । ଫଳଭୋଗୀ ହୋଇ ମଧ୍ୟ ଅଭୋକ୍ତାଟି ସେହୁ ॥
ଦେହୀ ହୋଇ ସୁଦ୍ଧା ଦେହେ ନ ରଖେ ସମ୍ବନ୍ଧ । ସର୍ବଗାମୀ ଅଟଇ ସେ ହେଲେହେଁ ଅବଦ୍ଧ ॥
ଦେହେ ବାସ କରି ସୁଦ୍ଧା ଅଦେହ ବୋଲାଏ । ଦେହ ସଙ୍ଗେ ଯେଣୁ ତାର ସମ୍ବନ୍ଧ ନ ଥାଏ
ସେ ବ୍ରହ୍ମବିଦ ଲୋକର ପ୍ରିୟାପ୍ରିୟ କାହିଁ ? ତାଙ୍କୁ ଶୁଭାଶୁଭ କିଛି ଛୁଇଁ ପାରେ ନାହିଁ । ୩୪ ।
ସ୍ଥୂଳସୂକ୍ଷ୍ମାଦି ଦେହ ଯା ସମ୍ବନ୍ଧ ରହଇ । ଦେହକୁ ଆତ୍ମା ବୋଲିଣ ଯେ ଅହଂ ବହଇ ॥
ପ୍ରିୟ ଅପ୍ରିୟ ସେ ସିନା କରଇ ବିଚାର । ସୁଖ ଦୁଃଖ ଶୁଭାଶୁଭ ହୁଅଇ ତାହାର ॥
ସଦାତ୍ମ ସ୍ୱରୂପ ମୁନି ଯେ ମୁକ୍ତ ବନ୍ଧନ[୧] । ଶୁଭାଶୁଭ ଫଳ ତାର ନାହିଁ କଦାଚନ । ୩୫ ।
ଦ୍ରବ୍ୟ ଲକ୍ଷଣ ନ ଜାଣି ଲୋକଯଥା ଭ୍ରମେ । ମଣେ ତମୋଗ୍ରସ୍ତ, ତମ-ଅଗ୍ରସ୍ତ ତପନେ[୨] ॥
ଦେହାଦି- ବନ୍ଧନ-ମୁକ୍ତ ବ୍ରହ୍ମବିଦଜନେ । ଦେହବାନ ବୋଲି ମୂର୍ଖେ ମଣିଥାନ୍ତି ମନେ ॥
ଶରୀର ଆଭାସ ଦେଖି ଅଜ୍ଞାନତା ପଣେ । ସେ ବ୍ରହ୍ମବିଦ ପୁରୁଷେ ନ ଚିହ୍ନି ଚେତନେ । ୩୬ ।

୧—ବନ୍ଧନରୁ ଯେ ମୁକ୍ତ ହୋଇଥିବ । ୨ ଅନ୍ଧକାର ଆଚ୍ଛାଦ ନ ଥିବା ସୂର୍ଯ୍ୟକୁ ।

ତଦ୍‌ବଦ୍ଦେହାଦିବନ୍ଧେଭ୍ୟୋ ବିମୁକ୍ତଂ ବ୍ରହ୍ମବିତ୍ତମମ୍ ।
ପଶ୍ୟନ୍ତି ଦେହିବନ୍ମୂଢ଼ାଃ ଶରୀରାଭାସଦର୍ଶନାତ୍ । ୩୭ ।
ଅହିନିର୍ଲ୍ବୟନୀବାୟଂ ମୁକ୍ତଦେହସ୍ତୁ ତିଷ୍ଠତି ।
ଇତସ୍ତତଶ୍ଚାଲ୍ୟମାନୋ ଯତ୍କିଞ୍ଚିତ୍ ପ୍ରାଣବାୟୁନା । ୩୮ ।
ସ୍ରୋତସା ନୀୟତେ ଦାରୁ ଯଥା ନିମ୍ନୋନ୍ନତଂ ସ୍ଥଳମ୍ ।
ଦୈବେନ ନୀୟତେ ଦେହସ୍ତଥା କାଲୋପଭୁକ୍ତିଷୁ । ୩୯ ।
ପ୍ରାରବ୍ଧକର୍ମପରିକଳ୍ପିତବାସନାଭିଃ ସଂସାରିବଚ୍ଚରତି ଭୁକ୍ତିଷୁ ମୁକ୍ତଦେହଃ ।
ସିଦ୍ଧଃ ସ୍ୱୟଂ ବସତି ସାକ୍ଷିବଦତ୍ର ତୂଷ୍ଣୀଂ ଚକ୍ରସ୍ୟ ମୂଳମିବ କଳ୍ପବିକଳ୍ପଶୂନ୍ୟଃ ।୪୦ ।
ନୈବେନ୍ଦ୍ରିୟାଣି ବିଷୟେଷୁ ନିଯୁଙ୍କ୍ତ ଏଷ ନୈବାପଯୁଙ୍କ୍ତ ଉପଦର୍ଶନଲକ୍ଷଣସ୍ଥଃ,
ନୈବ କ୍ରିୟାଫଲମପୀଷଦବେକ୍ଷତେ ସ ସ୍ୱାନନ୍ଦସାନ୍ଦ୍ରରସପାନସୁମତ୍ତଚିତ୍ତଃ । ୪୧ ।
ଲକ୍ଷ୍ୟାଲକ୍ଷ୍ୟଗତିଂ ତ୍ୟକ୍ତ୍ୱା ଯସ୍ତିଷ୍ଠେତ୍ କେବଲାତ୍ମନା ।
ଶିବ ଏବ ସ୍ୱୟଂ ସାକ୍ଷାଦୟଂ ବ୍ରହ୍ମବିଦୁତ୍ତମଃ । ୪୨ ।
ଜୀବନ୍ନେବ ସଦାମୁକ୍ତଃ କୃତାର୍ଥୋ ବ୍ରହ୍ମବିତ୍ତମଃ ।
ଉପାଧିନାଶାଦ୍ ବ୍ରହ୍ମୈବ ସନ୍ ବ୍ରହ୍ମାପ୍ୟେତି ନିର୍ଦ୍ୱୟମ୍ । ୪୩ ।

ଦେହଯୁକ୍ତ ହୋଇ ରହେ ସେ ଯୋଗୀ ସ୍ୱଭାବେ । ସର୍ପ-ନିର୍ମୋକ[1] ପ୍ରାୟକ ଅସମ୍ପୃକ୍ତଭାବେ
ପ୍ରାଣବାୟୁ ଦ୍ୱାରା ହୋଇ ସେ ପରିଚାଳିତ । ଏଣେତେଣେ ମହାସୁଖେ କରେ ଅବସ୍ଥିତ ।୩୮।
ଯଥା ନଦୀ ସ୍ରୋତଦ୍ୱାରା କାଷ୍ଠଖଣ୍ଡ ଯାଇ । ଉଚ୍ଚ ଅବା ନୀଚସ୍ଥଳେ ହୁଏ ଅଜଯାଇ ॥
ତଥା ଦୈବଦ୍ୱାରା[2] ଜାଣ ଏହି କଳେବର । ଭୋଗପାଇଁ ନୀତ ହୁଏ ସ୍ଥାନୁଁ ସ୍ଥାନାନ୍ତର ।୩୯।
ଦେହ ସମ୍ବନ୍ଧ ମୁକ୍ତ ହୋଇ ଯୋଗିବରେ । ପ୍ରାରବ୍ଧ କର୍ମ କଳ୍ପିତ ବାସନା ବଶରେ ॥
ସଂସାରୀ ଲୋକ ପରାଏ ବିଷୟ ଭୋଗାର୍ଥ । ବିଶ୍ୱେ ବିଚରଣ କରେ ଦେଖ ପୁରୁଷାର୍ଥ ॥
ସଂକଳ୍ପ ବିକଳ୍ପ କିଛି ନ ରଖି ମନରେ । କୁମ୍ଭାର ଚକ ପରାଏ ପରିକ୍ରମା କରେ ॥
ଚକର ମୂଳ ପ୍ରାୟକ ଦେହେ ସିଦ୍ଧରୂପେ । ସାକ୍ଷୀଭାବେ ମଉନରେ ବାସକରେ ଆପେ ।୪୦
ଉପଦ୍ରଷ୍ଟା ଭାବେ ଯୋଗୀ ଅବସ୍ଥିତ କରେ । ନ ଲଗାଏ ବିଷୟରେ ଇନ୍ଦ୍ରିୟ ନିକରେ ॥
ନ କରେ ବିମୁକ୍ତ ପୁଣି ସେ ଇନ୍ଦ୍ରିୟ ଗଣେ । କର୍ମଫଳକୁ ଅପେକ୍ଷା ନ କରେ ଆପଣେ ॥
ବ୍ରହ୍ମାନନ୍ଦ ରସପାନେ ସେ ଯୋଗୀ ସତତ । କରେ ଅବସ୍ଥାନ ସ୍ୱୟଂ ହୋଇଣ ସୁମତ୍ତ ।୪୧।
ଲକ୍ଷ୍ୟାଲକ୍ଷ୍ୟ ଯେ କେବଳ ବିଷୟେ ମନର - । ଗତି ତେଜି ଆତ୍ମରୂପେ ରହେ ଯେ ମୁନିବର
ସେ ଯୋଗୀ ବ୍ରହ୍ମବିଦଙ୍କ ମଧ୍ୟେ ଶ୍ରେଷ୍ଠତମ । ସେ ସାକ୍ଷାତେ ସ୍ୱୟଂ ଶିବ ସ୍ୱରୂପ ଉତ୍ତମ ॥
ଯେଉଁ ବ୍ରହ୍ମବିଦ ବ୍ୟକ୍ତି ଜୀବିତ ଦଶାରେ । ସର୍ବଦା କୃତାର୍ଥ ମୁକ୍ତ ଅଟଇ ସଂସାରେ ॥
ସେ ଯୋଗୀ ଦେହ ବିନାଶେ ବ୍ରହ୍ମରୂପ ପାଏ । ଅଦ୍ୱୟ ପରମ ବ୍ରହ୍ମ ସହ ମିଶିଯାଏ ।୪୩।

୧—ସାପର ଖୋଳସା ବା ସାପଯୁଗ ।

୨—ପୂର୍ବକୃତ କର୍ମଫଳହେତୁ)+ବନ୍ଧନରୁ ଯେ ମୁକ୍ତହୋଇଥିବ ଅନ୍ଧକାର ଅଚ୍ଛାଦ

ଶୈଳୂଷୋ ବେଷସଦ୍ଭାବାଭାବୟୋଶ୍ଚ ଯଥା ପୁମାନ୍ ।
ତଥୈବ ବ୍ରହ୍ମବିଚ୍ଛ୍ରେଷ୍ଠଃ ସଦା ବ୍ରହ୍ମୈବ ନାପରଃ । ୪୪ ।
ଯତ୍ର କ୍ୱାପି ବିଶୀର୍ଣ୍ଣଂ ସତ୍ ପର୍ଣ୍ଣମିବ ତରୋର୍ବପୁଃ ପତନାତ୍ ।
ବ୍ରହ୍ମୀଭୂତସ୍ୟ ଯତେଃ ପ୍ରାଗେବ ତଚ୍ଚିଦଗ୍ନିନା ଦଗ୍ଧମ୍ ।୪୫।
ସଦାତ୍ମନି ବ୍ରହ୍ମଣି ତିଷ୍ଠତୋ ମୁନେଃ ପୂର୍ଣ୍ଣାଦ୍ୱୟାନନ୍ଦମୟାତ୍ମନା ସଦା ।
ନ ଦେଶକାଳାଦ୍ୟୁଚିତପ୍ରତୀକ୍ଷା ତ୍ୱଙ୍ମାଂସବିଟ୍‌ପିଣ୍ଡବିସର୍ଜନାୟ । ୪୬ ।
ଦେହସ୍ୟ ମୋକ୍ଷେ ନ ମୋକ୍ଷେ ନ ଦଣ୍ଡସ୍ୟ କମଣ୍ଡଳୋଃ ।
ଅବିଦ୍ୟାହୃଦୟଗ୍ରନ୍ଥିମୋକ୍ଷୋମୋକ୍ଷୋ ଯତସ୍ତତଃ । ୪୭ ।
କୁଲ୍ୟାୟାମଥ ନଦ୍ୟାଂ ବା ଶିବକ୍ଷେତ୍ରେଽପି ଚତ୍ୱରେ ।
ପର୍ଣ୍ଣଂ ପତତି ଚେତ୍ତେନ ତରୋଃ କିଂ ନୁ ଶୁଭାଶୁଭମ୍ । ୪୮ ।
ପତ୍ରସ୍ୟ ପୁଷ୍ପସ୍ୟ ଫଳସ୍ୟ ନାଶବଦ୍ଦେହେନ୍ଦ୍ରିୟପ୍ରାଣଧିୟାଂ ବିନାଶଃ ।
ନୈବାତ୍ମନଃ ସ୍ୱସ୍ୟ ସଦାତ୍ମକସ୍ୟାନନ୍ଦାକୃତେର୍ବୃକ୍ଷବଦସ୍ତି ଚୈଷଃ । ୪୯ ।
ପ୍ରଜ୍ଞାନଘନ ଇତ୍ୟାତ୍ମ ଲକ୍ଷଣଂ ସତ୍ୟସୂଚକମ୍ ।
ଅନୂଦ୍ୟୋପାଧିକସ୍ୟୈବ କଥୟନ୍ତି ବିନାଶନମ୍ । ୫୦ ।

ନଟ ଯେ କୌଣସି ରୂପ କଲେହେଁ ଧାରଣ । ତାର ପୁଂସତ୍ୱେ ବ୍ୟାଘାତ ନ ହୁଏ ଯେସନ
ଦେହର ସ୍ଥିତି ଅସ୍ଥିତି ସର୍ବ ଅବସ୍ଥାରେ । ବ୍ରହ୍ମବିଦ ବ୍ରହ୍ମରୂପେ ରହେ ସେ ପ୍ରକାରେ ।୪୪।
ପଡ଼ିବା ପୂର୍ବରୁ ପତ୍ର ବୃକ୍ଷୁଁ ଯେ ରୂପରେ । ବିଶୀର୍ଣ୍ଣ ହୋଇଣ ପଡ଼େ ଯେ କେଉଁ ସ୍ଥାନରେ
ତଥା ଜ୍ଞାନାନଳେ ଆଗେ ହୋଇ ଦଗ୍ଧୀଭୂତ । ବ୍ରହ୍ମୀଭୂତ ଯତି-ଦେହ ହୁଅଇ ପତିତ ॥
ଯେହୁ ସତ୍‌ସ୍ୱରୂପ ବ୍ରହ୍ମେ ସର୍ବଦା ସଂସ୍ଥିତ । ପୂର୍ଣ୍ଣ ଅଦ୍ୱୟ ସ୍ୱରୂପେ, ତାହାର ନିମିତ୍ତ—॥
ଚର୍ମ-ମାଂସ-ମଳ-ପୂର୍ଣ୍ଣ-ଦେହ ଖଣ୍ଡିବାର । ନ ଥାଏ ଉଚିତ ଦେଶ କାଳାଦି ବିଚାର ।୪୬।
ଦେହତ୍ୟାଗ ଅବା ଦଣ୍ଡ କମଣ୍ଡଳୁ ତ୍ୟାଗ । ଏ ନୁହଇ ମୋକ୍ଷ କହୁଅଛନ୍ତି ମହାଭାଗ ॥
ଅବିଦ୍ୟା-ହୃଦୟ-ଗ୍ରନ୍ଥି ପରିତ୍ୟାଗ ଜାଣ । ତାକୁହିଁ ପ୍ରକୃତ ମୁକ୍ତି ବୋଲନ୍ତି ସୁଜାଣ ।୪୭।
ବୃକ୍ଷର ପତ୍ର ପଡ଼ିଲେ କ୍ଷୁଦ୍ରଜଳାଶୟେ । ଅଥବା ନଦୀ ଅଗଣା କିବା ଶିବାଳୟେ ॥
ଯେ କେଉଣ ସ୍ଥାନେ ପତ୍ର ହେଲେହେଁ ପତିତ । ନ ହୁଏ ବୃକ୍ଷର ଶୁଭ ଅଶୁଭ କିଞ୍ଚିତ ॥
ପତ୍ର କୁସୁମ ଫଳର ବିନାଶ ପରାଏ । ଦେହ ଇନ୍ଦ୍ରିୟ ବୁଦ୍ଧିର ନାଶ ହୋଇଥାଏ ॥
କିନ୍ତୁ ସେହୁ ସତ୍‌ସ୍ୱରୂପ ଆନନ୍ଦମୂରତି । ଆତ୍ମାର ବିନାଶ କେବେ ନ ହୁଏ ସୁମତି ॥
ବୃକ୍ଷର ପ୍ରାୟକ ଜାଣ ସେ ଅବିଚଳିତ । ହୋଇ ଅଜର ଅମର ହୁଏ ଅବସ୍ଥିତ । ୪୯ ।
ବିଶୁଦ୍ଧ ଜ୍ଞାନ ସ୍ୱରୂପ ଆତ୍ମାଟି ଅଟଇ । ଆତ୍ମାର ସତ୍ୟ ଲକ୍ଷଣ ଏହାକୁହିଁ କହି ।
ତେଣୁ ଅବିଦ୍ୟା-ଉପାଧି-ଆଶ୍ରିତ ପୁରୁଷର । ବିନାଶ ସିଦ୍ଧାନ୍ତ କରିଛନ୍ତି ବିଜ୍ଞନର । ୫୦ ।

୧—ପାତ୍ର ବା ପୁରୁଷ, ଶୁଷ୍କ ।

ଅବିନାଶୀ ବା ଅରେଽୟମାତ୍ମେତି ଶ୍ରୁତିରାତ୍ମନଃ ।
ପ୍ରବ୍ରବୀତ୍ୟବିନାଶିତ୍ୱଂ ବିନଶ୍ୟତ୍ସୁ ବିକାରିଷୁ । ୫୧ ।
ପାଷାଣବୃକ୍ଷତୃଣଧାନ୍ୟକଟାମ୍ବରାଦ୍ୟା ଦଗ୍ଧା ଭବନ୍ତି ହି ମୃଦେବ ଯଥା ତଥୈବ ।
ଦେହେନ୍ଦ୍ରିୟାସୁମନଆଦିସମସ୍ତଦୃଶ୍ୟଂ ଜ୍ଞାନାଗ୍ନିଦଗ୍ଧମୁପୟାତି ପରାତ୍ମଭାବମ୍ ।୫୨ ।
ବିଲକ୍ଷଣଂ ଯଥା ଧ୍ୱାନ୍ତଂ ଲୀୟତେ ଭାନୁତେଜସି ।
ତଥୈବ ସକଳଂ ଦୃଶ୍ୟଂ ବ୍ରହ୍ମଣି ପ୍ରବିଲୀୟତେ । ୫୩ ।
ଘଟେ ନଷ୍ଟେ ଯଥା ବ୍ୟୋମ ବ୍ୟୋମୈବ ଭବତି ସ୍ଫୁଟମ୍ ।
ତଥୈବୋପାଧିବିଲୟେ ବ୍ରହ୍ମୈବ ବ୍ରହ୍ମବିତ୍ ସ୍ୱୟମ୍ ।
କ୍ଷୀରଂ କ୍ଷୀରେ ଯଥା କ୍ଷିପ୍ତଂ ତୈଳଂ ତୈଳେ ଜଳଂ ଜଳେ ।
ସଂଯୁକ୍ତମେକତାଂ ଯାତି ତଥାତ୍ମନ୍ୟାତ୍ମବିନ୍ମୁନିଃ । ୫୫ ।
ଏବଂ ବିଦେହକୈବଲ୍ୟଂ ସନ୍ମାତ୍ରତ୍ୱମଖଣ୍ଡିତମ୍ ।
ବ୍ରହ୍ମଭାବଂ ପ୍ରପଦ୍ୟୈଷ ଯତିର୍ନାବର୍ତ୍ତତେ ପୁନଃ । ୫୬ ।
ସଦାତ୍ମୈକତ୍ୱବିଜ୍ଞାନଦଗ୍ଧାବିଦ୍ୟାଦିବର୍ଷ୍ମଣଃ ।
ଅମୁଷ୍ୟ ବ୍ରହ୍ମଭୂତତ୍ୱାଦ୍ ବ୍ରହ୍ମଣଃ କୁତ ଉଦ୍ଭବଃ । ୫୭ ।

ବିକାର ସ୍ୱଭାବ ବସ୍ତୁ ଉପାଧି ସମୂହ । ବିନଷ୍ଟ ହେଲେହେଁ, ଆତ୍ମ ବିନଷ୍ଟ ନ ହୁଏ ॥
" ଅବିନାଶୀ ଆତ୍ମା " ଏହା ଶ୍ରୁତିର ବଚନ । ଏ ସିଦ୍ଧାନ୍ତ କଥା ମୂଳକର ବିଜ୍ଞଗଣ । ୧ ।
ଶିଳ, ବୃକ୍ଷ, ତୃଣ ଧାନ୍ୟ, ବସ୍ତ୍ର, ଆଦି ଯେ । ପୋଡ଼ି ମୃତ୍ତିକାରେ ହୁଏଁ ପରିଣତ ତଥା-
ଦେହେନ୍ଦ୍ରିୟ ପ୍ରାଣମନଆଦି ଦୃଶ୍ୟବର୍ଗ । ଜ୍ଞାନାନଳେ ପୋଡ଼ି ବ୍ରହ୍ମ ସ୍ୱରୂପ ସମ୍ଭବେ ॥
ତେଜରୁ ପୃଥକ ହେଲେ ମଧ ଅନ୍ଧକାର । ଯଥା ସୂର୍ଯ୍ୟକରେ ଲୀନ ହୁଏ ଧ୍ୱାନ୍ତକାର ॥
ତଥା ସେ ସମସ୍ତ ଦୃଶ୍ୟ ପଦାର୍ଥ ନିକର । ବ୍ରହ୍ମରେ ବିଲୀନ ହୋଇ ଯାଏ ମନେକର ।୫୩।
ଘଟନାଶେ ଯଥା ଘଟମଧ୍ୟସ୍ଥ ଗଗନ । ମହାକାଶେ ମିଳିଯାଏ ବ୍ରହ୍ମଜ୍ଞ ସେସନ ॥
ଦେହନଷ୍ଟେ ସ୍ୱୟଂ ବ୍ରହ୍ମସ୍ୱରୂପେ ପ୍ରକାଶେ । ଦେହ ସଙ୍ଗେ ମନପ୍ରାଣ ଇନ୍ଦ୍ରିୟ ବିନାଶେ ॥
ଦୁଗ୍ଧେ ଦୁଗ୍ଧ ତୈଳେ ତୈଳ ଜଳେ ଜଳ ଯଥା । ପକାଇଲେ ଏକ ହୋଇ ମିଶିଯାଏ ତଥା
ଆତ୍ମବେଦୀ ମୁନି ନିଜ ଆତ୍ମାରେ ବିଲୀନ । ମିଶିଯାଏ ପୃଥକ ତା' ନୁହେ କଦାଚନ । ୫୫ ।
ଏହାକୁ ସନ୍ମାତ୍ର ବ୍ରହ୍ମପଦ କହନ୍ତି । ଯେ ଏ ଅଖଣ୍ଡ ବିଦେହ କୈବଲ୍ୟ [1] ଲଭନ୍ତି ॥
ଏ ରୂପ ବ୍ରହ୍ମତ୍ୱକୁ ଯେବେ ଯେ ପ୍ରାପତ । ନ ହୁଅନ୍ତି ଏ ସଂସାରେ ଆଉ ପ୍ରତ୍ୟାଗତ ।୫୬।
ଜୀବ ଆଉ ପରମର ଏକତ୍ୱ ଜ୍ଞାନରେ । ଦଗ୍ଧ ହୋଇ ଯାଇଛି ଯା' ଅବିଦ୍ୟାଦି ଧରେ ॥
ସେରୂପ ବ୍ରହ୍ମସ୍ୱରୂପ ଜ୍ଞାତା କେମନ୍ତ । ପୁଣି ଜନମ ସମ୍ଭବ ହୋଇବ ଜଗତେ ? ।୫୭।

---

୧ ମୁକ୍ତ ସଂସାରର ମୁକ୍ତି, ଅତ୍ୟନ୍ତ ଦୁଃଖ ନିବୃତ୍ତିରୂପ ମୋକ୍ଷ, ପରମାତ୍ମାରେ ଲୀନ ହେବା ।

ମାୟାକ୍ଳୃପ୍ତୌ ବନ୍ଧମୋକ୍ଷୌ ନସ୍ତଃ ସ୍ୱାତ୍ମନି ବସ୍ତୁତଃ ।
ଯଥାରଜ୍ଜୌ ନିଷ୍କ୍ରିୟାୟାଂ ସର୍ପାଭାସ ବିନିର୍ଗମୌ । ୫୮ ।
ଅବୁଦ୍ଧତଃ ସଦସଦ୍ଭ୍ୟାଂ ବକ୍ତବ୍ୟେ ବନ୍ଧ ମୋକ୍ଷଣେ ।
ନାବୃତିର୍ବ୍ରହ୍ମଣଃ କାଚିଦନ୍ୟାଭାବାଦନାବୃତମ ॥
ଯଦ୍ୟସ୍ତ୍ୟନ୍ୟଦ୍ୱିତୀୟ ନାଃ ସ୍ୟାତ୍ ଦ୍ୱୈତଂ ନୋ ସହତେ ଶ୍ରୁତିଃ । ୫୯ ।
ବନ୍ଧଶ୍ଚ ମୋକ୍ଷଶ୍ଚ ମୃଷୈବ ମୂଢା ବୁଦ୍ଧେର୍ଗୁଣଂ ବସ୍ତୁନି କଳ୍ପୟନ୍ତି ।
ଦୃଗାବୃତିଂ ମେଘକୃତାଂ ଯଥାରବୌ ଯତୋଽଦ୍ୱୟାସଙ୍ଗଚିଦେତଦକ୍ଷରମ୍ । ୬୦ ।
ଅସ୍ତୀତି ପ୍ରତ୍ୟୟୋ ଯଶ୍ଚ ଯଶ୍ଚ ନାସ୍ତୀତି ବସ୍ତୁନି ।
ବୁଦ୍ଧେରେବ ଗୁଣାବେତୌ ନ ତୁ ନିତ୍ୟସ୍ୟ ବସ୍ତୁନଃ । ୬୧ ।
ଅତସ୍ତୌ ମାୟୟା କ୍ଳୃପ୍ତୌ ବନ୍ଧମୋକ୍ଷୌ ନ ଚାତ୍ମନି ।
ନିଷ୍କଳେ ନିଷ୍କ୍ରିୟେ ଶାନ୍ତେ ନିରବଦ୍ୟେ ନିରଞ୍ଜନେ ।
ଅଦ୍ୱିତୀୟେ ପରେ ତତ୍ତ୍ୱେ ବ୍ୟୋମବତ୍ କଳ୍ପନା କୁତଃ । ୬୨ ।

ବାସ୍ତବ ସର୍ପର ଜନ୍ମ ଅଥବା ଅଭାବ । କଳ୍ପିତ ରଜ୍ଜୁରେ ଯଥା ନ ହୁଏ ସମ୍ଭବ ॥
ତଥା ଏ ମାୟା କଳ୍ପିତ ମୋକ୍ଷ ବା ବନ୍ଧନ । ପ୍ରକୃତ ମଧ୍ୟ ଆତ୍ମାରେ ପାଏ ନାହିଁ ସ୍ଥାନ ॥
ଆବରଣବଶ ହେତୁ ବନ୍ଧର ଭାବନା । ଆବରଣ ଅଭାବରେ ମୋକ୍ଷର କଳ୍ପନା ॥
ଆତ୍ମା ବ୍ୟତୀତ ଦ୍ୱିତୀୟ ବସ୍ତୁ ନାହିଁ ଯେଣୁ । ପରମ ବ୍ରହ୍ମର ନାହିଁ ଆବରଣ ତେଣୁ ।
ଏଣୁ ସେ ବ୍ରହ୍ମ ଅନାଦି ଅନାବୃତ । ଶ୍ରୁତିରେ ଅଦ୍ୱୈତ ବାଦ କରିଅଛନ୍ତି ସ୍ୱୀକୃତ ॥
ଆବରଣ ଦ୍ୱୈତ ବସ୍ତୁ ସତ୍ୟ ମାନ[1] ଯେବେ । ବେଦୋକ୍ତ ଅଦ୍ୱୈତ ବାଦେ ହାନି ହେବ ତେବେ ।୫୯।
ମେଘଛନ୍ନ ଦର୍ଶନେ ଲୋକ ଯେ ଭ୍ରମରେ । ସୂର୍ଯ୍ୟକୁହିଁ ମେଘାଚ୍ଛନ୍ନ ବୋଲି ମାନ କରେ
ବୁଦ୍ଧିଗୁଣ ମଣି ବନ୍ଧ ମୋକ୍ଷ ଆଦି କଥା । ଆତ୍ମାରେ କଳ୍ପନା ମୂର୍ଖେ କରିଥାନ୍ତି ତଥା ॥
ପ୍ରକୃତ ପକ୍ଷରେ ବ୍ରହ୍ମ ଅଦ୍ୱୟ ଅକ୍ଷର । ଅସଙ୍ଗ ଓ ଚୈତନ୍ୟରୂପ (ଅନନ୍ତ ଅକ୍ଷୟ) । । ୬୦ ।
କିଛି ନାହିଁ ଆଦି ଜ୍ଞାନ ଆତ୍ମାରେ ହେବାର । ବୁଦ୍ଧିର ଧର୍ମତା ସିନା ଅଟେ ବିଚାରର[2] ॥
ପ୍ରକୃତରେ ନିତ୍ୟବସ୍ତୁ-ଆତ୍ମାର ବିଷୟେ । ଅଛି, ନାହିଁ, ଏହି ଜ୍ଞାନ ନ ହୁଏ ଉଦୟେ ॥
ମାୟା-ପରିକଳ୍ପିତ ସେ ବନ୍ଧ ମୋକ୍ଷ ଗୁଣ । ଆତ୍ମାରେ ସମ୍ଭବ ତବ ନ ହୁଅଇ ପୁଣ ॥
ଆତ୍ମା ନିରାକାର ଶାନ୍ତ ନିଷ୍କ୍ରିୟ ନିଷ୍କଳ । ପରମ ତତ୍ତ୍ୱ ସ୍ୱରୂପ ପୁଣି ଅଦ୍ୱିତୀୟ ॥
ପରବ୍ୟାପକ ଅଟଇ ଆକାଶ ସମାନ । ନିରଞ୍ଜନ, କଳ୍ପନା ତହିଁ ହେବ ଅନ ? । ୬୨ ।

୧—ଦ୍ୱିତୀୟ ପଦ ଅର୍ଥାତ୍ ମାନିଲେ । ୨ ଭାବ ସମୂହ, ଦେ ।

ନ ନିରୋଧୋ ନ ଚୋତ୍ପତ୍ତିର୍ନ ବଦ୍ଧୋ ନ ଚ ସାଧକଃ ।
ନ ମୁମୁକ୍ଷୁର୍ନ ବୈ ମୁକ୍ତ ଇତ୍ୟେଷା ପରମାର୍ଥତା । ୬୩ ।

ସକଳନିଗମ ଚୂଡ଼ାସ୍ୱାନ୍ତସିଦ୍ଧାନ୍ତଗୁହ୍ୟଂ ପରମିଦମତିଗୁହ୍ୟଂ ଦର୍ଶିତଂ ତେ ମୟାଦ୍ୟ ।
ଅପଗତକଳିଦୋଷଂ କାମନିର୍ମୁକ୍ତବୁଦ୍ଧିଂ ସ୍ୱସୁତବଦସକୃତ୍ତ୍ୱାଂ ଭାବୟିତ୍ୱା ମୁମୁକ୍ଷୁମ୍

ଇତି ଶ୍ରୁତ୍ୱା ଗୁରୋର୍ବାକ୍ୟଂ ପ୍ରଶ୍ରୟେଣ କୃତାନତିଃ ।
ସତେନ ସମନୁଜ୍ଞାତୋ ଯଯୌ ନିର୍ମୁକ୍ତ ବନ୍ଧନଃ । ୬୫ ।

ଗୁରୁରେବ ସଦାନନ୍ଦସିନ୍ଧୌ ନିର୍ମଗ୍ନମାନସଃ ।
ପାବୟନ୍ ବସୁଧାଂ ସର୍ବାଂ ବିଚଚାର ନିରନ୍ତରଃ ।୬୬।

ଇତ୍ୟାଚାର୍ଯ୍ୟସ୍ୟ ଶିଷ୍ୟସ୍ୟ ସମ୍ବାଦେନାତ୍ମଲକ୍ଷଣମ୍ !
ନିରୂପିତଂ ମୁମୁକ୍ଷୂଣାଂ ସୁଖବୋଧୋପପତ୍ତୟେ । ୬୭ ।

ହିତମିମମୁପଦେଶମାଦ୍ରିୟନ୍ତାଂ ବିହିତନିରସ୍ତ ସମସ୍ତ ଚିତ୍ତଦୋଷାଃ ।
ଭବସୁଖବିରତାଃ ପ୍ରଶାନ୍ତଚିତ୍ତାଃ ଶ୍ରୁତିରସିକା ଯତୟୋ ମୁମୁକ୍ଷବୋ ଯେ । ୬୮ ।

ଆତ୍ମାର ନିରୋଧ ବନ୍ଧ ମୋକ୍ଷ ବା ଉତ୍ପତ୍ତି । ନାହିଁ କିଛି ଏହି ଶ୍ରୁତି ପଣ୍ଡିତେ କହନ୍ତି ॥
ଆତ୍ମା ନୁହଇ ସାଧକ ମୁମୁକ୍ଷୁ ନୁହଇ । ମୁକ୍ତ ନୁହଇ ଏ ସତ୍ୟ ବଚନ ଅଟଇ । ୬୩ ।

ସର୍ବବେଦାନ୍ତ ଶାସ୍ତ୍ରର ଏ ଗୁହ୍ୟ ସିଦ୍ଧାନ୍ତ । ଗୁପ୍ତ ରହସ୍ୟ ହେ ବତ୍ସ କଲି ମୁଁ ବ୍ୟକତ ॥
ଯେହୁ ହୋଇଥିବ ପାପଦୋଷରୁ ନିର୍ମୁକ୍ତ । ଯେ କୃତକୃତ୍ୟ ମୁମୁକ୍ଷୁ ବୁଦ୍ଧି ଅନାସକ୍ତ ॥
ତା'ଠାରେ ବ୍ୟକତ ତୁମ୍ଭେ ଏ ଜ୍ଞାନ କରିବ । ଅନାଧିକାରୀ ଲୋକଙ୍କୁ କେବେ ନ କହିବ ॥
ସେ ଶିଷ୍ୟ ଏହି ପ୍ରକାରେ ଗୁରୁବାକ୍ୟ ଶୁଣି । ବିନୟେ ଗୁରୁଙ୍କୁ କରି ନମସ୍କାର ପୁଣି ॥
ଭବ ବନ୍ଧନ ଜାଲରୁ ନିର୍ମୁକ୍ତ ହୋଇଣ । ପ୍ରସ୍ଥାନ କଲେ ସେ ତାଙ୍କ ଅନୁଜ୍ଞା ଘେନିଣ ॥
ଶିଷ୍ୟର ଗମନ ପରେ ଶ୍ରୀଗୁରୁ ତୁରିତ । ସଦାନନ୍ଦାର୍ଣ୍ଣବେ ହୋଇ ନିମଗ୍ନଚିତ୍ତ ॥
ପବିତ୍ର କରି ସମଗ୍ର ବସୁଧାକୁ ଅବିର । ବିଚରଣ କରିବାରେ ହେଲେ ତତପର । ୬୬ ।
ଏରୂପେ ଗୁରୁଶିଷ୍ୟଙ୍କ ପ୍ରଶ୍ନୋତ୍ତର ଛଳେ । ମୁମୁକ୍ଷୁମାନଙ୍କ ଜ୍ଞାନ ଜନ୍ମିବା କୌଶଳେ ॥
ସୁଗମମାର୍ଗରେ ଜ୍ଞାନ ଉତ୍ପତ୍ତି ନିମିତ୍ତ । ଆତ୍ମ ଲକ୍ଷଣ ସମସ୍ତ ହେଲା ନିରୂପିତ । ୬୭ ।

ହୋଇଅଛି ଚିତ୍ତଦୋଷ ଯାଙ୍କ ଦୂରୀଭୂତ । ସଂସାର ସୁଖୁଁ ବିରତ ଯେ ପ୍ରଶାନ୍ତ ଚିତ୍ତ ॥
ବେଦାନ୍ତପାଠ-ରସିକ ମୁମୁକ୍ଷୁ ଅବିର । ସେ ଯତିଗଣ କରନ୍ତୁ ଏ ଶିକ୍ଷା ଆଦର । ୬୮ ।

ସଂସାରାଧ୍ୱନି ତାପଭାନୁକିରଣ ପ୍ରୋଦ୍ଭୂତ ଦାହବ୍ୟଥା—
ଖିନ୍ନାନାଂ ଜଳକାଂକ୍ଷୟା ମରୁଭୁବି ଶ୍ରାନ୍ତ୍ୟା ପରିଭ୍ରାମ୍ୟତାମ୍ ।
ଅତ୍ୟାସନ୍ନ ସୁଧାମ୍ବୁଧିଂ ସୁଖକରଂ ବ୍ରହ୍ମାଦ୍ୱୟଂ ଦର୍ଶୟ—
ନ୍ତ୍ୟେଷା ଶଙ୍କରଭାରତୀ ବିଜୟତେ ନିର୍ବାଣସନ୍ଦାୟିନୀ । ୬୯ ।

ସଂସାର-ମାର୍ଗେ ତ୍ରିତାପ ଭାନୁ କିରଣରେ ୧ । ଦାହବ୍ୟଥାରେ ବ୍ୟଥିତ ଶ୍ରାନ୍ତ ଯେଉଁ ନରେ ।
ବିଶ୍ୱ-ମରୁଭୂମେ ଶାନ୍ତି-ଜଳ-ଆକାଂକ୍ଷାରେ । ଭ୍ରମୁଛନ୍ତି ଅହରହ ଭ୍ରମେ ଏ ସଂସାରେ ॥
ସେମାନଙ୍କ ପକ୍ଷେ ଏହି ଶଙ୍କର-ଭାରତୀ । (ଯାହା ଉପଦେଶମୟୀ, ଦିଏ ଯେ ମୁକତି) ॥ ।
ବ୍ରହ୍ମାଦ୍ୱୟ ରୂପ-ସୁଧା ସିନ୍ଧୁ ସୁଖକର । ଦେଖାଇ ଦେଉଛି ଅତି ନିକଟେ ସତ୍ୱର । ୬୯

ଇତି ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଗୋବିନ୍ଦଭଗବତ୍ ପୂଜ୍ୟପାଦ ଶିଷ୍ୟ
ଶ୍ରୀମଚ୍ଛଙ୍କର ଭଗବତ କୃତୌ ବିବେକ ଚୂଡ଼ାମଣିଃ ସମାପ୍ତଃ ।

୧—ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ । ଏହି ତ୍ରିତାପରୂପକ ସୂର୍ଯ୍ୟ କିରଣରେ ।

ଧନ୍ୟାଷ୍ଟକମ୍

ତଜ୍ଜ୍ଞାନଂ ପ୍ରଶମକରଂ ଯଦିନ୍ଦ୍ରିୟାଣାଂ ତଜ୍ଜ୍ଞେୟଂ ଯଦୁପନିଷତ୍ସୁ ନିଶ୍ଚିତାର୍ଥଂ ।
ତେ ଧନ୍ୟା ଭୁବି ପରମାର୍ଥ-ନିଶ୍ଚିତେହାଃ ଶେଷାସ୍ତୁ ଭ୍ରମନିଲୟେ ପରିଭ୍ରମନ୍ତି । ୧ ।
ଆଦୌ ବିଜିତ୍ୟ ବିଷୟାନ୍ ମଦ-ମୋହ-ରାଗ-ଦ୍ୱେଷାଦି ଶତ୍ରୁଗଣମାହୃତଯୋଗରାଜ୍ୟାଃ
ଜ୍ଞାତ୍ୱାମୃତଂ ସମନୁଭୂୟ ପରାତ୍ମବିଦ୍ୟାକାନ୍ତାସୁଖଂ ବନଗୃହେ ବିଚରନ୍ତି ଧନ୍ୟା । ୨ ।
ତ୍ୟକ୍ତ୍ୱା ଗୃହେ ରତିମଧୋଗତିହେତୁଭୂତା ମାତ୍ମେଚ୍ଛୟୋପନିଷଦର୍ଥରସଂ ପିବନ୍ତଃ ।
ବୀତସ୍ପୃହା ବିଷୟଭୋଗପଦେ ବିରକ୍ତା ଧନ୍ୟାଶ୍ଚରନ୍ତି ବିଜନେଷୁ ବିରକ୍ତସଙ୍ଗାଃ । ୩ ।
ତ୍ୟକ୍ତ୍ୱା ମମାହମିତି ବନ୍ଧକରେ ପଦେ ଦ୍ୱେ ମାନାପମାନସଦୃଶାଃ ସମଦର୍ଶିନଶ୍ଚ ।
କର୍ତାରମନ୍ୟମବଗମ୍ୟ ତଦର୍ପିତାନି କୁର୍ବନ୍ତି କର୍ମପରିପାକଫଲାନି ଧନ୍ୟାଃ । ୪ ।

ପଦ୍ୟାନୁବାଦ

ରାଗ-କଳହଂସ କେଦାର

ଯାକୁ ଜାଣି ପାରିଲେ ଇନ୍ଦ୍ରିୟଗଣ । କରନ୍ତି ସୁପ୍ରଶାନ୍ତ ଗୁଣଧାରଣ ଯେ ।
ଉପନିଷଦ[୧] ସର୍ବ ଯାକୁ ନିଶ୍ଚୟ । କରିଛନ୍ତି, ସେ ବ୍ରହ୍ମେ ଯେ କରେ ଆଶ୍ରୟ ଯେ ॥
ପୁଣି ସଂସାରୁ ସଦା ରହେ ବିରତେ । ସେହି ପୁରୁଷ ଧନ୍ୟ ସିନା ଜଗତେ ଯେ ।
ପରମାର୍ଥ ତତ୍ତ୍ୱରେ ନାହିଁ ଯା ଲୟେ । ଭ୍ରମଇ ସେ ସଂସାର ଭ୍ରାନ୍ତି-ଆଳୟେ ଯେ । ୧ ।
ଆଗେ ସର୍ବ ବିଷୟ ଯେ ପରିହରେ । ଜିଣି ମଦମୋହାଦି ଶତ୍ରୁ-ନିକରେ ଯେ ।
ଯୋଗ-ରାଜ୍ୟେ ପ୍ରବେଶି ତଦନନ୍ତରେ । ଅମୃତରୂପୀ ବ୍ରହ୍ମେ ହୃଦ୍‌ବୋଧ କରେ ଯେ ॥
ପରାତ୍ମ-ବିଦ୍ୟାରୂପା କାନ୍ତା ସଙ୍ଗରେ । ବିହରି ପୂର୍ଣ୍ଣସୁଖ-ଅନୁଭବରେ ଯେ ।
ବିଶ୍ୱ-ଗୃହେ ବିଚରେ ଯେହୁ ସତତେ । ସେହି ପୁରୁଷ ଧନ୍ୟ ସିନା ଜଗତେ ଯେ । ୨ ।
ଅଧୋଗତିର ଯାହା ମୂଳକାରଣୀ- । ଗୃହ-ମାୟା-ମମତା କରି ବର୍ଜ୍ଜନ ଯେ ।
ଆପଣା ଇଚ୍ଛାମତେ ଯେହୁ ଚଳଇ । ଉପନିଷଦ ଅର୍ଥ-ରସ ପିଅଇ ଯେ ॥
ବିଷୟ-ଭୋଗ-ଇଚ୍ଛା ଛାଡ଼ି ସକଳ । ଏକାକୀ ବିଜନରେ ଭ୍ରମେ କେବଳ ଯେ ।
ପୁଣି ସଂସାରୁ ସଦା ରହେ ବିରତେ । ସେହି ପୁରୁଷ ଧନ୍ୟ ସିନା ଜଗତେ ଯେ ।୩ ।
ସଂସାର-ବନ୍ଧନର ଯାହା ନିଦାନ । ତେଜି "ମୁହିଁ" "ମୋହର" ଏ ଅଭି ଜ୍ଞାନ ଯେ ।
ମାନ ଅପମାନ ଯେ ସମାନ ମଣେ । ସମାନରୂପେ ଦେଖେ ସର୍ବଭୁବନେ ଯେ ।
ନିଜକୁ କର୍ତ୍ତା ବୋଲି କେବେ ନ ଭାବେ । ସର୍ବକର୍ମ ସମର୍ପେ ପ୍ରଭୁଙ୍କ ଠାବେ ଯେ ।
ସନ୍ତୋଷ ଭଜନେ ରହେ ଯେବା ସତତେ । ସେହି ପୁରୁଷ ଧନ୍ୟ ସିନା ଜଗତେ ଯେ । ୪ ।

୧—ବ୍ରହ୍ମବିଦ୍ୟା ।

ତ୍ୟକ୍ତ୍ୟୈଷଣା ବସ୍ତ୍ରମବେଷ୍ଟିତମୋକ୍ଷମାର୍ଗା ଭୈକ୍ଷାମୃତେନ ପରିକଲ୍ପିତ ଦେହମାନ ।
ଜ୍ୟୋତିଃ ପରାତ୍ ପରତରଂ ପରମାତ୍ମସଂଜ୍ଞଂ ଧନ୍ୟା ଦ୍ଵିଜା ରହସି ହୃଦ୍ୟବଲୋକୟନ୍ତି । ୫ ।
ନାସନ୍ନ ସନ୍ନ ସଦସନ୍ନ ମହନ୍ନ ଚାଣୁ ନ ସ୍ତ୍ରୀ ପୁମାନ୍ନଚ ନପୁଂସକମେକବୀଜଂ ।
ଯୈର୍ବ୍ରହ୍ମ ତତ୍ସମନୁପାସିତମେକଚିତ୍ତୈ ଧନ୍ୟା ବିରେଜୁରିତରେ ଭବପାଶବଦ୍ଧାଃ । ୬ ।
ଅଜ୍ଞାନପଙ୍କପରିମଗ୍ନମପେତସାରଂ ଦୁଃଖାଳୟଂ ମରଣଜନ୍ମଜରାବସକ୍ତଂ ।
ସଂସାରବନ୍ଧନମନିତ୍ୟମବେକ୍ଷ୍ୟ ଧନ୍ୟା, ଜ୍ଞାନାସିନା ତଦବଶୀର୍ଯ୍ୟ ବିନିଶ୍ଚୟନ୍ତି ।୭।
ଶାନ୍ତୈରନନ୍ୟମତିଭିର୍ମଧୁରସ୍ୱଭାବୈରେକତ୍ୱନିଶ୍ଚିତମନୋଭିରପେତମୋହୈଃ ।
ସାକଂ ବନେଷୁ ବିଜିତାତ୍ମପଦସ୍ୱରୂପଂ ତଚ୍ଛାସ୍ତ୍ରେଷୁ ସମ୍ୟଗନିଶଂ ବିମୃଶନ୍ତି ଧନ୍ୟାଃ ।୮।
ଅହିମିବ ଜନଯୋଗଂ ସର୍ବଦା ବର୍ଜୟେଦ୍ୟଃ କୁଣପମିବ ସୁନାରୀଂ ତ୍ୟକ୍ତୁକାମୋ ବିରାଗୀ ।
ବିଷମିବ ବିଷୟାନ୍ୟୋ ମନ୍ୟମାନୋ ଦୁରନ୍ତାନ୍; ଜୟତି ପରମହଂସୋ ମୁକ୍ତିଭାବଂ ସମେତି ।୯।

ବାସନା ବସ୍ତ୍ର ପରେ କର ବର୍ଜନ । ଲୋଡ଼ଇ ମୋକ୍ଷ ମାର୍ଗ ଯେଉଁ ଜନ ଯେ ।
ଭିକ୍ଷା-ଲବ୍ଧ-ବସ୍ତୁ ଅମୃତ ପରି । ତହିଁରେ ଦେହ ଯାହାର ନିର୍ବାହ କରି ଯେ ॥
ଏକାନ୍ତେ ବସି ହୃଦେ କରେ ଲୋକନ । ପରାତ୍ପର ପରାତ୍ମା ଅଦ୍ଵୟକାରଣ ଯେ ।—
ଜ୍ୟୋତିର୍ମୟଙ୍କ ଜ୍ୟୋତି ଯେ ଈଶ୍ଵରଙ୍କୁ—ସେହି ପୁରୁଷ ଧନ୍ୟ ସିନା ଜଗତେ ଯେ ।୫।
ନୁହନ୍ତି ପରଂବ୍ରହ୍ମ ବସ୍ତୁ ଅସତ । ନୁହନ୍ତି ସତ ପୁଣି ସେ ସଦସତ ଯେ ।
ସୂକ୍ଷ୍ମ ମହତ ବେନି ନୁହନ୍ତି ପୁଣ । ସ୍ତ୍ରୀ ପୁଂସ ନପୁଂସକ ନୁହନ୍ତି ଶୁଣ ଯେ ।
ଏକ ଅଦ୍ଵୟକାରଣ ସେ ଅନୁପମ । ତାଙ୍କୁ ଯେ ଭଜେ ସେହି ଧନ୍ୟ ଉତ୍ତମ ଯେ ।
ସେହି ଏକା ସଂସାର-ବିରାଗି ଜନେ । ଅନ୍ୟେ ଆବଦ୍ଧ ଭବ-ପାଶ-ବନ୍ଧନେ ଯେ ।୬।
ଅଜ୍ଞାନ-ପଙ୍କ-ମଗ୍ନ ସାର ବିହୀନ । ଅନିତ୍ୟ, ଜନ୍ମ-ଜରା ମରଣ ଲୀନ ଯେ ।
ଚିର ଦୁଃଖ ଆଳୟ ଭବ ବନ୍ଧନ । ଅସତ୍ୟ ବୋଲି ଯେହୁ କରେ ଲୋକନ ଯେ ॥
ଛେଦି ଜ୍ଞାନ ଅସିରେ ଭବ ବନ୍ଧନେ । ଜଗତେ ବିଚରଇ ଆନନ୍ଦ ମନେ ଯେ ।
ପରମାତ୍ମାଙ୍କୁ ସ୍ମରି ହୃଦେ ସତତେ । ସେହି ପୁରୁଷ ଧନ୍ୟ ସିନା ଜଗତେ ଯେ । ୭ ।
ଅନନ୍ୟ-ମତି, ଧୀର, ପ୍ରଶାନ୍ତ ଚିତ୍ତ । ମଧୁର ସ୍ୱଭାବ ଯେ ସାଧୁ ବନିତ ଯେ ।
ଏକତ୍ୱ ବିନିଶ୍ଚୟ କାହାର ନୀରତେ । ନିବୃତ୍ତି-ମୋହେ ଯୋଗିଗଣ ସଙ୍ଗତେ ଯେ ॥
କାନନେ କରି ବାସ ଶାସ୍ତ୍ରାଲୋଚନେ । ବ୍ରହ୍ମପଦ ଅନ୍ୱେଷେ ଯେହୁ ଯତନେ ଯେ ।
ଆତ୍ମାକୁ ଜିଣି ସୁଖେ ରହେ ସତତେ । ସେହି ଧନ୍ୟ ପୁରୁଷ ଅଟେ ଜଗତେ ଯେ । ୮ ।
ଲୋକସଙ୍ଗ ଯେ ସର୍ପସମ ବର୍ଜଇ । ସୁନ୍ଦରୀ ନାରୀ ଶବ ସମ ତେଜଇ ଯେ ।
ବିଷସମ ଦୁରନ୍ତ ବିଷୟ ମଣେ । ସଂସାର ବିରାଗୀ ସେ ଜାଣ ସୁଜନେ ଯେ ॥
ପ୍ରକୃତ ଜୟୀ ଏକା ସେହି ଅଟଇ । ସେହି ପରମହଂସ ମୁକ୍ତି ଲଭଇ ଯେ । ୯ ।

୧—ଶବ୍ଦାର୍ଥ

ସମ୍ପୂର୍ଣ୍ଣଂ ଜଗଦେବ ନନ୍ଦନବନଂ ସର୍ବେଽପି କଳ୍ପଦ୍ରୁମା
ଗାଙ୍ଗଂ ବାରି ସମସ୍ତବାରିନିବହାଃ ପୁଣ୍ୟାଃ ସମସ୍ତାଃ କ୍ରିୟାଃ ।
ବାଚଃ ପ୍ରାକୃତ-ସଂସ୍କୃତାଃ ଶ୍ରୁତିଶିରୋ ବାରାଣସୀ ମେଦିନୀ ।
ସର୍ବାବସ୍ଥିତିରସ୍ୟ ବସ୍ତୁ ବିଷୟା ଦୃଷ୍ଟେ ପରେ ବ୍ରହ୍ମଣି । ୧୦ ।

ଇତି ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତଂ ଧନ୍ୟାଷ୍ଟକଂ ସମାପ୍ତମ୍ ।

ମିଳଇ ପରଂବ୍ରହ୍ମ ଯାକୁ ଦର୍ଶନ । ସର୍ବବିଶ୍ୱ ସେ ମଣେ ନନ୍ଦନ ବନ ଯେ ।
ସକଳ ବୃକ୍ଷେ କଳ୍ପବୃକ୍ଷର ଜ୍ଞାନ । ସମସ୍ତ ଜଳ ଗଙ୍ଗା ଜଳ ସମାନ ଯେ ॥
କି ସଂସ୍କୃତ ପ୍ରାକୃତ ବାକ୍ୟ ସକଳ । ବେଦ ବଚନ ବୋଲି ମଣେ କେବଳ ଯେ ।
ସର୍ବକ୍ରିୟା ପବିତ୍ର ବୋଲି ସେ ଲେଖେ । ବାରାଣସୀ ସମାନ ବିଶ୍ୱକୁ ଦେଖେ ଯେ ॥
ବିଷୟବସ୍ତୁ ଅଛି ଯେତେ ଜଗତେ । ସର୍ବତ୍ର ବ୍ରହ୍ମମୟ ସେ କରେ ପ୍ରତେ ଯେ । ୧୦ ।

ଜ୍ଞାନ-ନୌକା

ଓଁ ତପୋଯଜ୍ଞଦାନାଦିଭିଃ ଶୁଦ୍ଧବୁଦ୍ଧିର୍ବିରକ୍ତୋ ନୃପାଦୌ ପଦେ ତୁଚ୍ଛବୁଦ୍ଧ୍ୟା ।
ପରିତ୍ୟଜ୍ୟ ସର୍ବଂ ଯଦାପ୍ନୋତି ତତ୍ତ୍ୱଂ ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି । ୧ ।
ଦୟାଳୁଂ ଗୁରୁଂ ବ୍ରହ୍ମନିଷ୍ଠଂ ପ୍ରଶାନ୍ତଂ, ସମାରାଧ୍ୟ ଭକ୍ତ୍ୟା ବିଚାର୍ଯ୍ୟ ସ୍ୱରୂପଂ ।
ଯଦାପ୍ନୋତି ତତ୍ତ୍ୱଂ ନିଦିଧ୍ୟାସ୍ୟ ବିଦ୍ୱାନ୍, ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି । ୨ ।
ଯଦାନନ୍ଦରୂପଂ ପ୍ରକାଶସ୍ୱରୂପଂ, ନିରସ୍ତପ୍ରପଞ୍ଚଂ ପରିଚ୍ଛେଦଶୂନ୍ୟଂ ।
ଅହଂ ବ୍ରହ୍ମବୃତ୍ତ୍ୟୈକଗମ୍ୟଂ ତୁରୀୟଂ, ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି । ୩ ।
ଯଦଜ୍ଞାନତୋ ଭାତି ବିଶ୍ୱଂ ସମସ୍ତଂ, ବିନଷ୍ଟଂ ଚ ସଦ୍ୟୋ ଯଦାତ୍ମପ୍ରବୋଧେ ।
ମନୋବାଗତୀତଂ ବିଶୁଦ୍ଧଂ ବିମୁକ୍ତଂ, ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି । ୪ ।
ନିଷେଧେ କୃତେ ନେତି ନେତୀତି ବାକ୍ୟୈଃ, ସମାଧିସ୍ଥିତାନାଂ ଯଦାଭାତି ପୂର୍ଣ୍ଣମ୍ ।
ଅବସ୍ଥାତ୍ରୟାତୀତମେକଂ ତୁରୀୟଂ, ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି । ୫ ।

ରାଗ-ଗୁଞ୍ଜରୀ

ତପ ଯଜ୍ଞ ଦାନ ଆଦିରେ । ଯତ୍ନେ ଶୁଦ୍ଧ କରି ବୁଦ୍ଧିରେ ।
ରାଜପଦକୁ ତୁଚ୍ଛ କରି । ବିଷୟ ଭୋଗ ପରିହରି ।
ଲଭନ୍ତି ଯେ ପରମବ୍ରହ୍ମ । ମୁହିଁ ଅଟେଁ ସେ ପରଂବ୍ରହ୍ମ । ୧ ।
ଦୟାଳୁ ବ୍ରହ୍ମ-ପରାୟଣ । ପ୍ରଶାନ୍ତ ଗୁରୁଙ୍କ ଚରଣ ।
ମନନେ୧ ବିଚାରି ଆରାଧି । ନିଦିଧ୍ୟାସନ ଯୋଗ୨ ସାଧି ।
ଲଭନ୍ତି ଯେ ପରମ ବ୍ରହ୍ମ । ମୁହିଁ ଅଟେଁ ସେ ପରଂବ୍ରହ୍ମ । ୨ ।
ଆନନ୍ଦରୂପ ଜ୍ୟୋତିର୍ମୟ । ପ୍ରପଞ୍ଚେ ନାହିଁ ଯେ ଜନ୍ମ ।
ଅପରିଚ୍ଛିନ୍ନ ପୂର୍ଣ୍ଣ ରମ୍ୟ । "ଅହଂ ବ୍ରହ୍ମ"ଏ ଜ୍ଞାନେ ଗମ୍ୟ ।
ତୁରୀୟ ପରଂବ୍ରହ୍ମ ନିତ୍ୟ । ମୁଁ ଅଟେ ମଣି ଏହୁ ସତ୍ୟ । ୩ ।
ଯାହାର ତତ୍ତ୍ୱକୁ ନ ଜାଣି । ସଂସାର ସତ୍ୟତା ପ୍ରମାଣି ।
ଯା ତତ୍ତ୍ୱ ହେଲେ ସୁ ପ୍ରକାଶ । ବିଶ୍ୱ-ସତ୍ୟତା ଯାଏ ନାଶ ।
ବିଶୁଦ୍ଧ ବାକ୍ୟ ମନାତୀତ । ବିମୁକ୍ତ ପରଂବ୍ରହ୍ମ ନିତ୍ୟ ।
ନିର୍ବିକାର ଚୈତନ୍ୟମୟ । ମୁଁ ସେହି ପରଂବ୍ରହ୍ମ ସ୍ୱୟଂ । ୪ ।
"ତା ନୁହେଁ" "ତା ନୁହେଁ" ବାକ୍ୟରେ । ବେଦ ଯାକୁ ନିର୍ଣ୍ଣୟ କରେ ।
ସମାଧିସ୍ଥିତ ହୃଦାକାଶେ । ଯାହାର ତେଜ ପରକାଶେ ।
ମୁଁ ତିନି ଅବସ୍ଥାତୀତ । ତୁରୀୟ ପରଂବ୍ରହ୍ମ ନିତ୍ୟ । ୫ ।

• ୧—ଚିନ୍ତାରେ । ୨—ଅବିଶ୍ରାନ୍ତ ଓ ଅନନ୍ୟ ଚିତ୍ତରେ । ପ୍ରଗାଢ଼ ଧ୍ୟାନ କରିବାର ଯୋଗକୁ ନିଦିଧ୍ୟାସନ ଯୋଗ କହନ୍ତି ।

ଯଦାନନ୍ଦଲେଶୈଃ ସମାନନ୍ଦି-ବିଶ୍ୱଂ, ଯଦାଭାତି ସତ୍ତ୍ୱେ ତଦା ଭାତି ସର୍ବଂ ।
ଯଦାଲୋଚନେ ରୂପମନ୍ୟତ୍ ସମାନଂ ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି ।୬।
ଅନନ୍ତଂ ବିଭୁଂ ସର୍ବଯୋନିଂ ନିରୀହଂ, ଶିବଂ ସଙ୍ଗହୀନଂ ଯଦୋଙ୍କାରଗମ୍ୟଂ ।
ନିରାକାରମତ୍ୟୁଜ୍ଜ୍ୱଳଂ ମୃତ୍ୟୁହୀନଂ, ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି ।୭।
ଯଦାନନ୍ଦସିନ୍ଧୌ ନିମଗ୍ନଃ ପୁମାନ୍ ସ୍ୟା.ଦବିଦ୍ୟା.ବିଳାସ ସମସ୍ତ ପ୍ରପଞ୍ଚଂ ।
ଯଦା ନ ସ୍ଫୁରତ୍ୟଦ୍ଭୁତଂ ଯନ୍ନିମିତ୍ତଂ, ପରଂବ୍ରହ୍ମ ନିତ୍ୟଂ ତଦେବାହମସ୍ମି ।୮।
ସ୍ୱରୂପାନୁସନ୍ଧାନରୂପାଂ ସ୍ତୁତିଂ ଯଃ; ପଠେଦାଦରାଦ୍ଭକ୍ତିଭାବୋ ମନୁଷ୍ୟଃ ।
ଶୃଣୋତୀହ ବା ନିତ୍ୟମୁଦ୍ୟୁକ୍ତଚେତା ଭବେଦ୍ ବିଷ୍ଣୁରତ୍ରୈବ ବେଦପ୍ରମାଣାତ୍ ।୯।
ବିଜ୍ଞାନନାବଂ ପରିଗୃହ୍ୟ କଶ୍ଚିତ୍ତରେଦ୍ଯଦଜ୍ଞାନମୟଂ ଭବାବ୍ଧିଂ ।
ଜ୍ଞାନାସିନା ଯୋ ହି ବିଚ୍ଛିଦ୍ୟ ତୃଷ୍ଣାଂ ବିଷ୍ଣୋଃପଦଂ ଯାତି ସ ଏବ ଧନ୍ୟଃ ।୧୦।

ଇତି ଶ୍ରୀମତ୍ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତା ବିଜ୍ଞାନନୌକା । ସମ୍ପୂର୍ଣ୍ଣ

ପାଇ ଯାର ଆନନ୍ଦ ଲବେ । ବିଶ୍ୱ ଆନନ୍ଦ ଅନୁଭବେ ।
ଯାହାର ସତ୍ତ୍ୱରେ ବିଶ୍ୱର । ସତ୍ତ୍ୱା ପୁଣି ହୁଏ ଗୋଚର ।
ଯା ଦର୍ଶନେ ଅନ୍ୟ ସମସ୍ତ । ସ୍ୱରୂପ ହୁଅଇ ବ୍ୟକତ ।
ମୁଁ ସେ ସଚ୍ଚିଦାନନ୍ଦମୟ । ପରମ ବ୍ରହ୍ମଟି ନିଶ୍ଚୟ ।୬।
ଯେ ନିଶ୍ଚେଷ୍ଟ ବିଭୁ ଅନନ୍ତ । ସର୍ବଯୋନି-ମଙ୍ଗଳବନ୍ତ ॥
ସଙ୍ଗହୀନ ଓଁକାରମୂଳ ୧ । ନିରାକାର ଅତି ଉଜ୍ଜ୍ୱଳ ॥
ଅଜର ମୃତ୍ୟୁହୀନ ଯେହୁ । ମୁଁ ନିତ୍ୟ ପରଂବ୍ରହ୍ମ ସେହୁ ॥ ୭ ॥
ଯେବଣ ଆନନ୍ଦ-ସାଗରେ । ନିମଗ୍ନ ହୋଇଗଲେ ଥରେ ॥
ସଂସାର ବିଳାସ ସମସ୍ତ । ଅବିଦ୍ୟା ବୋଲି ହୁଏ ବ୍ୟକ୍ତ ॥
ଅସାଧ୍ୟ କିଛି ନାହିଁ ଯାର । ମୁଁ ସେ ପରମବ୍ରହ୍ମ ସାର ॥ ୮ ॥
ଭକତି କରି ସମାଦରେ । ଯେ ଏହି ସ୍ତୁତି ପାଠ କରେ ॥
ଅଥବା ହୋଇ ସ୍ଥିର ମନ । ଯେ ଏହା କରଇ ଶ୍ରବଣ ॥
ବେଦ-ବାକ୍ୟ ପ୍ରମାଣ ଏହି । ଏ ଭବେ ବିଷ୍ଣୁ ଲଭେ ସେହି ॥ ୯ ॥
ଯେ ଏହି ବିଜ୍ଞାନ-ନୌକାରେ । ସୌଭାଗ୍ୟବଳେ ଚଢ଼ିପାରେ ॥
ଅଜ୍ଞାନ-ଭବ-ପାରାବାର । ସେ ହୁଏ ଅନାୟାସେ ପାର ॥
ବିଜ୍ଞାନ-ଖଡ଼ଗେ ସେ ଜନ । ତୃଷ୍ଣା-ରଜ୍ଜୁ କରି ଛେଦନ ॥
ବିଷ୍ଣୁ-ଚରଣ ଲାଭ କରେ । ଧନ୍ୟ ସେ ଜଗତ ମଧ୍ୟରେ ॥ ୧୦ ॥

---

୧ ଓଁକାର—ମୂଳରୂପ 'ଓମ୍', କିନ୍ତୁ ଲେଖନ ପ୍ରଣାଳୀରେ 'ଓଁ' ରୂପରେ ଲେଖା ହୋଇ ଆସୁଛି ଅ+ଉ+ମ୍ ଓମ୍ (ଓଁ) । ଅ=ବିଷ୍ଣୁ, ଉ=ଶିବ, ମ୍=ବ୍ରହ୍ମା । ପ୍ରଣବ, ସମସ୍ତ ମନ୍ତ୍ରର ଆଦ୍ୟରେ ଓଁ ଉଚ୍ଚାରିତ ହୁଏ । ବ୍ରହ୍ମା ବିଷ୍ଣୁ ଶିବ ତ୍ରିବର୍ଣ୍ଣାତ୍ମକ ବୀଜ ।

ମୋହ-ମୁଦ୍‌ଗରଃ ।

ମୂଢ଼ ! ଜହୀହି ଧନାଗମତୃଷ୍ଣାଂ, କୁରୁ ତନୁବୁଦ୍ଧେ ! ମନସି ବିତୃଷ୍ଣାମ୍ ।
ଯଲ୍ଲଭସେ ନିଜକର୍ମୋପାତ୍ତଂ ବିତ୍ତଂ ତେନ ବିନୋଦୟ ଚିତ୍ତମ୍ । ୧ ।
କା ତବ କାନ୍ତା କସ୍ତେ ପୁତ୍ରଃ, ସଂସାରୋଽୟମତୀବ ବିଚିତ୍ରଃ ।
କସ୍ୟ ତ୍ୱଂ ବା କୁତ ଆୟାତସ୍ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ । ୨ ।
ମା କୁରୁ ଧନଜନଯୌବନଗର୍ବଂ ହରତି ନିମେଷାତ୍ କାଳଃ ସର୍ବମ୍ ।
ମାୟାମୟମିଦମଖିଳଂ ହିତ୍ୱା, ବ୍ରହ୍ମପଦଂ ପ୍ରବିଶାଶୁ ବିଦିତ୍ୱା । ୩ ।
ନଳିନୀ-ଦଳଗତ ଜଳମତିତରଳଂ ତଦ୍ୱଜ୍ଜୀବନମତିଶୟ-ଚପଳମ୍ ।
କ୍ଷଣମିହ ସଜ୍ଜନସଙ୍ଗତିରେକା, ଭବତି ଭବାର୍ଣ୍ଣବତରଣେ ନୌକା । ୪ ।
ଯାବଜ୍ଜନନଂ ତାବନ୍ମରଣଂ ତାବଜ୍ଜନନୀଜଠରେ ଶୟନମ୍ ।
ଇତି ସଂସାରେ ସ୍ଫୁଟତର ଦୋଷଃ କଥମିହ ମାନବ ତବ ସନ୍ତୋଷଃ । ୫ ।

ରାଗ-ଗୁଜ୍ଜରୀ

ରେ ମୂଢ଼ ! ଧନ ଅରଜନ- । ଆଶାକୁ କର ବରଜନ ॥
ହେ ଅଳ୍ପବୁଦ୍ଧିମନ୍ତ ନର । ମନରୁ ତୃଷ୍ଣା ପରିହର ॥
ପ୍ରାକ୍ତନ-କର୍ମ-ଲବ୍ଧ ବିତ୍ତେ୧ । ବିନୋଦ ଉପୁଜାଅ ଚିତ୍ତେ ।୧।
ହେ ଭାଇ ଏ ସଂସାର ଚିତ୍ର । ଅଟଇ ଅତ୍ୟନ୍ତ ବିଚିତ୍ର ॥
କେ ତୁମ୍ଭ ପତ୍ନୀ ? କେ କୁମର ? । ତୁମ୍ଭେ ପୁଣି ଅଟ କାହାର ? ॥
କାହୁଁ ଆସିଛ ଏଣେ ପୁଣି । ଥରେ ଚିନ୍ତ ହେ ଏହା ଜାଣି
ଜାଣିବ ସଂସାର ଅସାର । ଇନ୍ଦ୍ରଜାଲ ମାୟା ପ୍ରକାର । ୨ ।
ଧନ ଜନ ଯୌବନ ଗର୍ବ । କ୍ଷଣକେ କାଳ ହରେ ସର୍ବ ॥
ଏଣୁ ହେ ଭାଇ ଏହା ପାଇଁ । କେବେ ଗରବ କର ନାହିଁ ॥
ମାୟାମୟ ସଂସାର ତେଜ । ପ୍ରବେଶ ବ୍ରହ୍ମପଦେ ହେଜ । ୩ ।
କମଳ ପତ୍ର ଗତ ଜଳ । ପ୍ରାୟ ଏ ଜୀବନ ଚଞ୍ଚଳ ॥
ସଜ୍ଜନ-ସଙ୍ଗତି ଏକା । ଭବ ସିନ୍ଧୁ ତରଣେ ନୌକା । ୪ ।
ଜନମ ହେଲେଟି ମରଣ । ମୃତ୍ୟୁପରେ ପୁଣି ଜନମ ॥
ଜନମ ମରଣ ହେବାର । ଜୀବର ଘଟେ ବାରବାର ॥
ହେ ନର ଥାଉଁ ଏହି ଦୋଷ । କେବେ କାହିଁ ତବ ସନ୍ତୋଷ ? ୫ ।

୧—ପୂର୍ବକାଳୀନ ବା ପୂର୍ବ ଜନ୍ମରେ ଲବ୍ଧ ହୋଇଥିବା ସମ୍ପତ୍ତିରେ ।

ଦିନଯାମିନ୍ୟୌ ସାୟଂପ୍ରାତଃ, ଶିଶିରବସନ୍ତୌ ପୁନରାୟାତଃ ।
କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁସ୍ତଦପି ନ ମୁଞ୍ଚତ୍ୟାଶାବାୟୁଃ । ୬ ।
ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ, ଦନ୍ତବିହୀନଂ ଜାତଂ ତୁଣ୍ଡମ୍ ।
କରଧୃତକମ୍ପିତ ଶୋଭିତ ଦଣ୍ଡଂ, ତଦପି ନ ମୁଞ୍ଚତ୍ୟାଶାଭାଣ୍ଡମ୍ । ୭ ।
ସୁରବରମନ୍ଦିରତରୁତଳବାସଃ ଶଯ୍ୟା ଭୂତଳମଜିନଂ ବାସଃ ।
ସର୍ବପରିଗ୍ରହଭୋଗତ୍ୟାଗଃ, କସ୍ୟ ସୁଖଂ ନ କରୋତି ବିରାଗଃ । ୮ ।
ଶତ୍ରୌ ମିତ୍ରେ ପୁତ୍ରେ ବନ୍ଧୌ, ମା କୁରୁ ଯତ୍ନଂ ବିଗ୍ରହସନ୍ଧୌ ।
ଭବ ସମଚିତ୍ତଃ ସର୍ବତ୍ର ତ୍ୱଂ ବାଞ୍ଛସ୍ୟଚିରାଦ୍ୟଦି ବିଷ୍ଣୁତ୍ୱମ୍ । ୯ ।
ଅଷ୍ଟକୁଳାଚଳ-ସପ୍ତସମୁଦ୍ରାଃ, ବ୍ରହ୍ମପୁରନ୍ଦର ଦିନକରରୁଦ୍ରାଃ ।
ନ ତ୍ୱଂ ନାହଂ ନାୟଂ ଲୋକସ୍ତଦପି କିମର୍ଥଂ କ୍ରିୟତେ ଶୋକଃ । ୧୦ ।

ଦିନଗତେ ରାତ୍ରି ଆସଇ । ସନ୍ଧ୍ୟାପରେ ପ୍ରାତ ହୁଅଇ ॥
ଶିଶିର ବସନ୍ତ ଗ୍ରୀଷମ । ଯଥାକ୍ରମେ କରେ ଆଗମ ॥
ଏ ରୂପେ କାଳ କ୍ରୀଡ଼ା କରେ । ନିତି ନରର ଆୟୁ ସରେ ॥
ଯଦ୍ୟପି ହେଲେହେଁ ପରମାୟୁ । ଛାଡ଼ଇ ନାହିଁ ଆଶା-ବାୟୁ । ୬ ।
ଅଙ୍ଗ ହେଲାଣି ଗଳିତ ୧ । ହେଲାଣିତ ମୁଣ୍ଡ ପଳିତ ୨ ॥
କମ୍ପିତ କରଧୃତ ଦଣ୍ଡ । ତେବେ ନ ଛାଡ଼େ ଆଶାଭାଣ୍ଡ । ୭ ।
ଦେବ ମନ୍ଦିରେ ତରୁତଳେ- । ନିବାସ ଶୟନ ଭୂତଳେ ॥
ପରିଧାନ କରି ଅଜିନ ୩ । ସକଳ ଭୋଗ ବିରଜଣ ॥
କଲେକ ବୈରାଗ୍ୟ ଆଶ୍ରୟ । ନୋହିବ କା'ର ସୁଖୋଦୟ ? । ୮ ।
ବିଷ୍ଣୁଙ୍କୁ ଲଭିବାକୁ ଯେବେ । ଇଚ୍ଛୁଛ ଅଳ୍ପକାଳେ ତେବେ—
ଶତ୍ରୁ ମିତ୍ର ପୁତ୍ର ବାନ୍ଧବେ । ଯତ୍ନ ନ କର ଭାବ ଲଢେ ।
ଦେଖିଲେ ସର୍ବତ୍ର ସମାନ । ନିଶ୍ଚେ ଲଭିବ ଭଗବାନ । ୯ ।
ଅଠଗିରି ୪ ସାତ ସମୁଦ୍ର ୫ । ବ୍ରହ୍ମା, ଇନ୍ଦ୍ର, ତପନ, ରୁଦ୍ର ॥
ତୁମ୍ଭେ ଆମ୍ଭେ ବା ଲୋକତ୍ରୟ । କାଳେ ସକଳେ ହେବେ କ୍ଷୟ ॥
ତେବେ ହେ ମାୟାମୁଗ୍ଧ-ଲୋକ-୬ । ବିଅର୍ଥେ କିପାଁ କର ଶୋକ । ୧୦ ।

୧—ଶିଥିଳ । ୨—ପକ୍ୱ । ୩—ଚର୍ମ । ୪—ଅଠଗିରି :—ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମା, ଋକ୍ଷ, ବିନ୍ଧ୍ୟ, ପାରିଯାତ୍ର ଓ ହିମାଳୟ । ୫—ସାତସମୁଦ୍ର :—ଲବଣ, ଇକ୍ଷୁ, ଘୃତ, କ୍ଷୀର, ଶ୍ୱେତ, ଲୋହିତ ଓ କୃଷ୍ଣ । ୬—ଅଜ୍ଞାନଦ୍ୱାରା ମୋହିତ ମନୁଷ୍ୟ ।

ତ୍ୱୟି ମୟି ଚାନ୍ୟତ୍ରୈକୋ ବିଷ୍ଣୁର୍ବ୍ୟର୍ଥଂ କୁପ୍ୟସି ମୟ୍ୟସହିଷ୍ଣୁଃ ।
ସର୍ବସ୍ମିନ୍ନପି ପଶ୍ୟାତ୍ମାନଂ ସର୍ବତ୍ରୋତ୍ସୃଜ ଭେଦଜ୍ଞାନମ୍ । ୧୧ ।
ବାଲସ୍ତାବତ୍ କ୍ରୀଡାସକ୍ତସ୍ତରୁଣସ୍ତାବତ୍ତରୁଣୀରକ୍ତଃ ।
ବୃଦ୍ଧସ୍ତାବଚ୍ଚିନ୍ତାମଗ୍ନଃ, ପରମେ ବ୍ରହ୍ମଣି କୋଽପି ନ ଲଗ୍ନଃ । ୧୨ ।
ଅର୍ଥମନର୍ଥଂ ଭାବୟ ନିତ୍ୟଂ ନାସ୍ତି ତତଃ ସୁଖଲେଶଃ ସତ୍ୟମ୍ ।
ପୁତ୍ରାଦପି ଧନଭାଜାଂ ଭୀତିଃ ସର୍ବତ୍ରୈଷା କଥିତା ନୀତିଃ । ୧୩ ।
ଯାବଦ୍‌ବିତ୍ତୋପାର୍ଜ୍ଜନଶକ୍ତସ୍ତାବନ୍ନିଜପରିବାରେ—ରକ୍ତଃ ।
ତଦନୁ ଚ ଜରୟା ଜର୍ଜ୍ଜରଦେହେ ବାର୍ତ୍ତାଂ କୋଽପି ନ ପୃଚ୍ଛତି ଗେହେ ।୧୪।
କାମଂ କ୍ରୋଧଂ ଲୋଭଂ ମୋହଂ ତ୍ୟକ୍ତ୍ୱାତ୍ମାନଂ ଭାବୟ କୋଽହମ୍ ।
ଆତ୍ମଜ୍ଞାନବିହୀନାମୂଢାସ୍ତେ ପଚ୍ୟନ୍ତେ ନରକନିଗୂଢାଃ । ୧୫ ।
ଷୋଡଶପଜ୍ଝଟିକାଭିରଶେଷଃ * ଶିଷ୍ୟାଣାଂ କଥିତୋଽଭ୍ୟୁପଦେଶଃ ।
ଯେଷାଂ ନୈଷ କରୋତି ବିବେକଂ ତେଷାଂ କଃ କୁରୁତାମତିରେକମ୍ । ୧୬ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଃ ମୋହମୁଦ୍‌ଗରଃ ସମାପ୍ତଃ ॥

ତୁମ୍ଭ ଅମ୍ଭ ବା ଅନ୍ୟସ୍ଥରେ । ବିଷ୍ଣୁ ଛନ୍ତି ଏକ ରୂପରେ ॥
ବୃଥା କାହିଁକି କୋପ କର । ସଦା ସହିଷ୍ଣୁତା ଆଚର ॥
ସର୍ବ ଦେଖ ଆତ୍ମ ସମାନ । ସର୍ବସ୍ଥ ଛାଡ଼ ଭେଦ ଜ୍ଞାନ ॥ ୧୧ ॥
ଦେଖ ଏ ବାଳକ ଯାବତ । ସମସ୍ତେ କ୍ରୀଡ଼ାରେ ଆସକ୍ତ ॥
ଇଛନ୍ତି ତରୁଣୀ ଯାବତ । ସଦା ତରୁଣୀ ଅନୁରକ୍ତ ॥
ବୃଦ୍ଧ ସକଳ ଚିନ୍ତାମଗ୍ନ । କେହି ନୁହନ୍ତି ବ୍ରହ୍ମ ଲଗ୍ନ ୧ ॥ ୧୨ ॥
ଅର୍ଥକୁ ୨ ଅହେ ନରଗଣି । ଅନର୍ଥ ହେତୁ ବୋଲି ମଣି ॥
ଏ ତୁଚ୍ଛ ଲୌକିକ-ବିଭବେ ୩ । ନମିଳେ ସତ୍ୟ ସୁଖ ଲବେ ॥
ପୁତ୍ରକୁ ଦେଖି ଧନେଶ୍ୱରେ । ରହିଥାନ୍ତି ଭୟ ଅନ୍ତରେ ୪ ॥ ୧୩ ॥
ଧନୋପାର୍ଜ୍ଜନ ତୁମ୍ଭ ବଳ । ଥିବା ଯାଏ ଭାଇ, କେବଳ ॥
ତୁମ୍ଭ ପରିବାର ସମସ୍ତ । ତୁମ୍ଭଠାରେ ଥିବେ ଆସକ୍ତ ॥
ଯେବେ ତୁମ୍ଭର କଳେବର । ହେବ ଜରାରେ ୫ ଜରଜର ॥
ତେବେ ତୁମ୍ଭର ଗୃହେ ଭାଇ । ବାର୍ତ୍ତା ସୁଦ୍ଧା ପୁଛିବେ ନାହିଁ ॥ ୧୪ ॥
କାମ କ୍ରୋଧ ଲୋଭ ଆବର । ମୋହାଦି ମନୁ ତ୍ୟାଗ କର ॥
ଆତ୍ମାକୁ ଚିନ୍ତ ନିରନ୍ତର । "ମୁଁ କିଏ" ବୋଲି ଅହେ ନର ॥
ଆତ୍ମଜ୍ଞାନ ବିହୀନ ମୂଢ଼ । ଭୁଞ୍ଜଇ ନରକ ନିଗୂଢ଼ ॥ ୧୫ ॥
ଷୋଡ଼ଶ ଶ୍ଲୋକେ ହେଲା ଶେଷ । ଶିଷ୍ୟଙ୍କ ପ୍ରତି ଉପଦେଶ ॥
ଏଥେଁ ଯା ବିବେକ ନୋହିବ । ଅଧିକ କେ ଆଉ କହିବ ? ॥ ୧୬ ॥

---

* ସଂସ୍କୃତ ଛନ୍ଦ ବିଶେଷ ।

୧-ରତ, ଅଗ୍ରିତ; ୨-ସମ୍ପଦ ୩-ବ୍ୟାବହାରିକ ଧନାଦି ୪-ଅନ୍ତଃକରଣରେ ୫-ବାର୍ଦ୍ଧକ୍ୟ ଦ୍ୱାରା

ନିର୍ବାଣଦଶକମ୍ ।

ନ ଭୂମିର୍ନ ତୋୟଂ ନ ତେଜୋ ନ ବାୟୁର୍ନଖଂ ନେନ୍ଦ୍ରିୟଂବାନତେଷାଂ ସମୂହଃ ।
ଅନୈକାନ୍ତିକତ୍ୱାତ୍ ସୁଷୁପ୍ତ୍ୟେକସିଦ୍ଧସ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ । ୧ ।

ନ ବର୍ଣ୍ଣା ନ ବର୍ଣ୍ଣାଶ୍ରମାଚାରଧର୍ମ୍ମା, ନ ମେ ଧାରଣାଧ୍ୟାନଯୋଗାଦୟୋଽପି ।
ଅନାତ୍ମାଶ୍ରୟୋଽହଂ ମମାଧ୍ୟାସହାନାତ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ । ୨ ।

ନ ମାତା ପିତା ବା ନ ଦେବା ନ ଲୋକା ନ ବେଦା ନ ଯଜ୍ଞା ନ ତୀର୍ଥଂ ବ୍ରୁବନ୍ତି ।
ସୁଷୁପ୍ତୌ ନିରସ୍ତାତିଶୂନ୍ୟାତ୍ମକତ୍ୱାତ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ । ୩ ।

ରାଗ-ଗୁର୍ଜ୍ଜରୀ ।

ଯେ ନୁହେଁ ଭୂମିଜଳ ତେଜ । ବାୟୁ ବା ଆକାଶ ନ ହେଜ ॥
ଇନ୍ଦ୍ରିୟ ସମୂହ ନୁହଇ । ପ୍ରଳୟେ ଏକା ଯେ ରହଇ ॥
ମୁହିଁଟି ସେ ମଙ୍ଗଳମୟ । ପରମାତ୍ମ ରୂପ ବିଜୟ । ୧ ।

ମୋହର ନାହିଁ ବର୍ଣ୍ଣ ଧର୍ମ୍ମ । ବର୍ଣ୍ଣାଚାର ୧ ଅବା ଆଶ୍ରମ ୨ ॥
ଧ୍ୟାନ ଧାରଣା ଯୋଗ ନାହିଁ । ଦେହ ଆଶ୍ରୟୀ ମୁଁ ନୁହଇଁ ॥
ଅଧ୍ୟାସ ୩ ତୁଟିଲେ ଆଗ୍ରହେ । ମୁଁ ଏକା ଅବଶିଷ୍ଟ ରହେଁ ॥
ମୁଁ ଅଟେଁ ସେ ମଙ୍ଗଳମୟ । ପରମାତ୍ମରୂପ ବିଜୟ । ୨ ।

ମୋହର ନାହିଁ ପିତାମାତା । ନାହିଁ ଲୋକ ଅବା ଦେବତା ॥
ବେଦ ଯଜ୍ଞ ନାହିଁ ମୋହର । ସୁଷୁପ୍ତି କାଳରେ ଅବର ॥
ହେଲେହେଁ ବିଲୟ ସକଳ । ମୁଁ ପୁଣି ରହଇଁ କେବଳ ॥
ମୁହିଁ ସର୍ବମଙ୍ଗଳମୟ । ପରମାତ୍ମରୂପେ ଉଦୟ । ୩ ।

୧—ବ୍ରାହ୍ମଣାଦି ଜାତିଗତ ନୀତି । ୨ ଆଶ୍ରମ ୪ ପ୍ରକାର ଯଥା—ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଭୈକ୍ଷ୍ୟ ବା ସନ୍ନ୍ୟାସ । ମଠ, ବନ, ଋଷି ପ୍ରଭୃତିର ବାସସ୍ଥାନ । ୩ ଆରୋପ ଏକବସ୍ତୁରେ ଅନ୍ୟବସ୍ତୁର କଳ୍ପନା ।

ନ ସାଙ୍ଖ୍ୟଂ ନ ଶୈବଂ ନ ତତ୍ ପାଞ୍ଚରାତ୍ରଂ ନ ଜୈନଂ ମୀମାଂସକାଦେର୍ମତଂ ବା ।
ବିଶିଷ୍ଟାନୁଭୂତ୍ୟା ବିଶୁଦ୍ଧାତ୍ମକତ୍ୱାତ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ । ୪ ।

ନ ଶୁକ୍ଲଂ ନ କୃଷ୍ଣଂ ନ ରକ୍ତଂ ନ ପୀତଂ ନ ପୀନଂ ନ କୁବ୍ଜଂ ନ ହ୍ରସ୍ୱଂ ନ ଦୀର୍ଘମ୍ ।
ଅରୂପଂ ତଥା ଜ୍ୟୋତିରାକାରକତ୍ୱାତ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ । ୫ ।

ନ ଜାଗ୍ରନ୍ନ ମେ ସ୍ୱପ୍ନକୋ ବା ସୁଷୁପ୍ତିର୍ନ ବିଶ୍ୱୋ ନ ବା ତୈଜସଃ ପ୍ରାଜ୍ଞକୋ ବା ।
ଅବିଦ୍ୟାତ୍ମକତ୍ୱାତ୍ ତ୍ରୟାଣାଂ ତୁରୀୟଂ ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ ।

ନ ଶାସ୍ତା ନ ଶାସ୍ତ୍ରଂ ନ ଶିଷ୍ୟୋ ନ ଶିକ୍ଷା ନ ଚ ତ୍ୱଂ ନ ଚାହଂ ନ ଚାୟଂ ପ୍ରପଞ୍ଚଃ ।
ସ୍ୱରୂପାବବୋଧାଦ୍ ବିକଳ୍ପାସହିଷ୍ଣୁସ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ ।୭।

ସାଙ୍ଖ୍ୟ[୧] ଶୈବ ଯେ ପଞ୍ଚରାତ୍ର[୨] । ଜୈନମୀମାଂସକାଦି ମତ ॥
ଏ ଅଦ କଲେହେଁ ଆଶ୍ରୟ । ଯାକୁ କର ନୁହେ ନିର୍ଣ୍ଣୟ ॥
ବିଶେଷ ରୂପ ଅନୁଭବେ । ଯା' ବିଶୁଦ୍ଧାତ୍ମକତା ଭବେ[୩] ।
ଯେ ମହାପ୍ରଳୟ କାଳରେ । ଏକମାତ୍ର ରହେ ବିଶ୍ୱରେ ॥
ମୁହିଁଟି ସେ ମଙ୍ଗଳମୟ । ପରମାତ୍ମରୂପେ ବିଜୟ । ୪ ।

ମୁଁ ନୁହେଁ ଶୁକଳ ଲୋହିତ । ନୁହଇଁ କୃଷ୍ଣ ଅବା ପୀତ ॥
ନୁହଇଁ ସ୍ଥୂଳ ନୁହେଁ କୁଜ । ନୁହଇଁ ହ୍ରସ୍ୱ ଦୀର୍ଘ ଜଜ ॥
ଅରୂପ ମୁହିଁ ଜ୍ୟୋତିର୍ମୟ । ପ୍ରଳୟେ ସୁଦ୍ଧା ନୁହେଁ କ୍ଷୟ ॥
ମୁଁ ଅଟେ ସେ ମଙ୍ଗଳମୟ । ପରମାତ୍ମରୂପେ ଉଦୟ । ୫ ।

ନାହିଁ ମୋ ଜାଗ୍ରତ ସ୍ୱପନ । ନୁହେଁ ସୁଷୁପ୍ତି ପରିମ୍ଳାଣ ॥
ନୁହଇଁ ମୁଁ ବିଶ୍ୱ ପୁରୁଷ । ପ୍ରାଜ୍ଞ-ପୁରୁଷ ବା ତୈଜସ[୪] ॥
ତା' ଅବିଦ୍ୟାତ୍ମକ କଥିତ । ମୁଁ ତୁରୀୟ[୫] ଅବସ୍ଥାନ୍ୱିତ ॥
କେବଳ ମୁଁ ମଙ୍ଗଳମୟ । ପରମାତ୍ମରୂପେ ଉଦୟ । ୬ ।

ନାହିଁ ମୋ ଶାସକ ବା ଶାସ୍ତ୍ର । ଶିକ୍ଷା ଅଥବା ଶିଷ୍ୟପାତ୍ର ॥
ନାହିଁ ମୋହର ମୁଁ, ତୁ, ଭେଦ । ନାହିଁ ମୋ ପ୍ରପଞ୍ଚାଦି ଖେଦ ॥
ନିଖିଳ ଅଖିଳର ଏକ । ମୁଁ ସ୍ୱରୂପ ଅବବୋଧକ ॥
କେବଳ ମୁଁ ମଙ୍ଗଳମୟ । ପରମାତ୍ମରୂପେ ଉଦୟ । ୭ ।

---

୧ ଦର୍ଶନ ଶାସ୍ତ୍ର ବିଶେଷ; ୨ ସାଧନ ଗ୍ରନ୍ଥ ବିଶେଷ ୩ ହୁଏ; ୪ବିଭୋଗୁଣୋପହିତ ୫ ପରଂବ୍ରହ୍ମ ।

ନ ଚୋର୍ଦ୍ଧ୍ୱଂ ନ ଚାଧୋ ନ ଚାନ୍ତର୍ନ ବାହ୍ୟଂ ନ ମଧ୍ୟଂ ନ ତିର୍ଯ୍ୟକ୍ ନ ପୂର୍ବାପରାଦିକ୍
ବିୟଦ୍‌ବ୍ୟାପକତ୍ୱାଦଖଣ୍ଡୈକରୂପସ୍ତଦେକୋ ବଶିଷ୍ଟଃ ଶିବଃ କେବଲୋଽହମ୍ । ୮ ।

ଅପି ବ୍ୟାପକତ୍ୱାଦ୍ଧିତତ୍ତ୍ୱତ୍ ପ୍ରୟୋଗାତ୍ ସ୍ୱତଃସିଦ୍ଧଭାବାଦନନ୍ୟାଶ୍ରୟତ୍ୱାତ୍ ।
ଜଗତ୍ତୁଚ୍ଛମେତତ୍ ସମସ୍ତଂ ତଦନ୍ୟତ୍ତଦେକୋଽବଶିଷ୍ଟଃ ଶିବଃ କେବଲୋଽହମ୍ ।୯।

ନ ଚୈକଂ ତଦନ୍ୟଦ୍ଦ୍ୱିତୀୟଂ କୁତଃ ସ୍ୟାନ୍ନ ଚାକେବଲତ୍ୱଂ ନ ବା କେବଲତ୍ୱମ୍ ।
ନ ଶୂନ୍ୟଂ ନ ଚାଶୂନ୍ୟମଦ୍ୱୈତକତ୍ୱାତ୍ କଥଂ ସର୍ବବେଦାନ୍ତସିଦ୍ଧଂ ବ୍ରବୀମି । ୧୦ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ନିର୍ବାଣଦଶକଂ ସମାପ୍ତଂ ।

ନାହିଁ ଅଧଃଊର୍ଦ୍ଧ୍ୱ ମୋହର । ବାହ୍ୟ ମଧ୍ୟ ବିଚ ଅନ୍ତର ॥
ନାହିଁ ମୋ ପଶ୍ଚିମାଦି ଦିକ । ଆକାଶ ପ୍ରାୟେ ମୁଁ ବ୍ୟାପକ ॥
ଅଖଣ୍ଡରୂପୀ ମୁଁ ଅଟଇ । ପ୍ରଳୟେ ଏକା ମୁଁ ରହଇ ॥
ମୁଁ ପୁଣି ସର୍ବ ଶୁଭମୟ । ପରମ ସ୍ୱରୂପେ ବିଜୟ । ୮ ।

ଯେ ଅଟଇ ଜଗତ-ବ୍ୟାପକ । ସର୍ବଜ୍ଞ ବିଚାର କାରକ ॥
ସର୍ବଜ୍ଞ ପ୍ରୟୋଗ ଯାହାର । ସ୍ୱତଃସିଦ୍ଧ ଅନନ୍ୟାଧାର ॥
ସକଳ ମିଥ୍ୟା ଯାର ବିନା । ପ୍ରଳୟେ ଏକା ରହେ ସିନା ॥
ମୁହିଁ ସେ ସର୍ବ ଶୁଭମୟ । ପରମ ସ୍ୱରୂପେ ବିଜୟ । ୯ ।

ପରମାତ୍ମା ବିନା ଜଗତେ । ଦ୍ୱିତୀୟ ସତ୍ତା ନାହିଁ ସତେ ॥
ସେ ପୁଣି ମାୟାବଶ ଯେଣୁ । ନୁହଇ ଅଦ୍ୱିତୀୟ ତେଣୁ ॥
ପୁଣି ସେ ମାୟା ମିଥ୍ୟା ଅଟେ । ବୋଲିବା ସଦ୍ୱିତୀୟ କାହିଁ ? ॥
ଶୂନ୍ୟ ଅଶୂନ୍ୟ ନୁହେଁ ଯେହୁ । ସର୍ବ ବେଦାନ୍ତ ସିଦ୍ଧ ସେହୁ ॥
ପରମାତ୍ମାକୁ ମୁଁ କିପରି । କହିବି ନିରୂପଣ କରି ? । ୧୦ ।

ନିର୍ବାଣଷଟ୍କମ୍ ।

ମନୋବୁଦ୍ଧ୍ୟହଙ୍କାରଚିତ୍ତାନି ନାହଂ ନ ଶ୍ରୋତ୍ରଂ ନ ଜିହ୍ୱାନ ଚ ଘ୍ରାଣନେତ୍ରମ୍ ।
ନ ଚ ବ୍ୟୋମ ଭୂମିର୍ନ ତେଜୋନ ବାୟୁଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।୧।

ଅହଂ ପ୍ରାଣସଞ୍ଜ୍ଞୋନ ବୈ ପଞ୍ଚବାୟୁର୍ନ ବା ସପ୍ତଧାତୁର୍ନ ବା ପଞ୍ଚକୋଶଃ ।
ନବାକ ପାଣିପାଦୌ ନ ଚୋପସ୍ଥପାୟୁଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ । ୨ ।

ନ ମେ ଦ୍ୱେଷରାଗୌ ନ ମେ ଲୋଭମୋହୌ ମେନୈବ ମଦୋ ମେ ନୈବମାତ୍ସର୍ଯ୍ୟଭାବଃ ।
ନ ଧର୍ମ୍ମୋ ନ ଚାର୍ଥୋ ନ କାମୋନ ମୋକ୍ଷଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।୩।

ନ ପୁଣ୍ୟଂ ନ ପାପଂ ନ ସୌଖ୍ୟଂ ନ ଦୁଃଖଂନ ମନ୍ତ୍ରୋନ ତୀର୍ଥଂ ନ ବେଦାନ ଯଜ୍ଞାଃ ।
ଅହଂ ଭୋଜନଂ ନୈବ ଭୋଜ୍ୟଂ ନ ଭୋକ୍ତା ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ ।୪।

ସାର-ଗୁଚ୍ଛ ।

ନୁହଁଇ ମନ ବୁଦ୍ଧି ସୁଦ୍ଧି । ଚିତ୍ତ ଅହଙ୍କାର ନୁହଇଁ ॥
ନୁହଇଁ ଚକ୍ଷୁ ନୁହେଁ କର୍ଣ୍ଣ । ଜିହ୍ୱା ନାସା ଅବା ନୟନ ॥
ନୁହଁଇ ପୃଥିବୀ ଆକାଶ । ଅଥବା ତେଜ ସୂକ୍ଷ୍ମକୋଶ ॥
ମୁଁ ଚିଦାନନ୍ଦରୂପୀ ଶିବ । ମୁଁ ଚିଦାନନ୍ଦରୂପୀ ଶିବ ।୧।

ମୁଁ ନୁହେ ପ୍ରାଣ ପଞ୍ଚବାୟୁ । ନୁହଇଁ ସପ୍ତଧାତୁ ଆଉ ॥
ନୁହେଁ ପଞ୍ଚକୋଷ ଆଦର । ନାହିଁ ମୋ ବାକ୍ୟ ପାଦ କର ॥
ନାହିଁ ମୋ ଉପସ୍ଥ ବା ପାୟୁ । ନାହିଁ ମୋ ମଜ୍ଜା ଅସ୍ଥି ସ୍ନାୟୁ ॥
ମୁଁ ଚିଦାନନ୍ଦରୂପୀ ଶିବ । ମୁଁ ଚିଦାନନ୍ଦରୂପୀ ଶିବ । ୨ ।

ନାହିଁ ମୋ ଦ୍ୱେଷ ଲୋଭ ମୋହ । ମଦ ମାତ୍ସର୍ଯ୍ୟ କାମ କୋହ ॥
ନାହିଁ ଧର୍ମ୍ମ ଅର୍ଥ ଆଦର । କାମ ଅବା ମୋକ୍ଷ ମୋହର ॥
ମୁଁ ଚିଦାନନ୍ଦରୂପୀ ଶିବ । ମୁଁ ଚିଦାନନ୍ଦରୂପୀ ଶିବ ।୩।

ନାହିଁ ମୋହର ପାପପୁଣ୍ୟ । ସୁଖ ଦୁଃଖ ନାହିଁ ମୋ ଭୁଣ ॥
ନାହିଁ ମୋ ମନ୍ତ୍ର ତୀର୍ଥ ବେଦ । ମୋହର ନାହିଁ ଯଜ୍ଞ ଭେଦ ॥
ଭୋଜନ ଭୋଜ୍ୟ ମୁଁ ନୁହଇ । ଭୋକ୍ତା ବୋଲି ମୋତେ ନ କହ ॥
ମୁଁ ଚିଦାନନ୍ଦରୂପୀ ଶିବ । ମୁଁ ଚିଦାନନ୍ଦରୂପୀ ଶିବ । ୪ ।

ନ ମୃତ୍ୟୁର୍ନ ଶଙ୍କା ନ ମେ ଜାତିଭେଦଃ ପିତା ନୈବ ମେ ନୈବ ମାତା ନ ଜନ୍ମ ।
ନ ବନ୍ଧୁର୍ନ ମିତ୍ରଂ ଗୁରୁର୍ନୈବ ଶିଷ୍ୟଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ ।୫।
ଅହଂ ନିର୍ବିକଳ୍ପୋ ନିରାକାରରୂପୋ ବିଭୁର୍ବ୍ୟାପୀ ସର୍ବତ୍ର ସର୍ବେନ୍ଦ୍ରିୟାଣାମ୍ ।
ନ ବା ବନ୍ଧନଂ ନୈବ ମୁକ୍ତିର୍ନ ଭୀତିଶ୍ଚିଦାନନ୍ଦରୂପଃ ଶିବୋଽହଂ ଶିବୋଽହମ୍ । ୬ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ କୃତଂ ନିର୍ବାଣଂ ଷଟ୍କମ୍ ସମ୍ପୂର୍ଣ୍ଣମ ।

ନାହିଁ ମୋ ମୃତ୍ୟୁ ନାହିଁ ଭୟ । ନାହିଁ ମୋ ଜାତିଭେଦ ଲୟ ॥
ପିତା ନାହିଁ ବା ମାତା ନାହିଁ । ଜନ୍ମ ମୋ ଅଛି ଅବା କାହିଁ ॥
ମୋହର ନାହିଁ ବନ୍ଧୁ ମିତ୍ର । ନାହିଁ ମୋ ଗୁରୁ ଶିଷ୍ୟ ପୁତ୍ର ॥
ମୁଁ ଚିଦାନନ୍ଦରୂପୀ ଶିବ । ମୁଁ ଚିଦାନନ୍ଦରୂପୀ ଶିବ । ୫ ।
ମୁଁ ନିର୍ବିକଳ୍ପ ନିରାକାର । ଇନ୍ଦ୍ରିୟମାନଙ୍କ ଈଶ୍ୱର ॥
ନାହିଁ ମୋ କିଛି ଅସଙ୍ଗତ । ମୁଁ ନୁହେଁ ସମ୍ପର୍କ-ରହିତ ॥
ନାହିଁ ମୋହର ମୁକ୍ତି ଜାଣ । ଅବାର ନାହିଁ ପରିତ୍ରାଣ ॥
ମୁଁ ଚିଦାନନ୍ଦରୂପୀ ଶିବ । ମୁଁ ଚିଦାନନ୍ଦରୂପୀ ଶିବ ।୬।

ବ୍ରହ୍ମନାମାବଳୀମାଳା

ସକୃତ ଶ୍ରବଣମାତ୍ରେଣ ବ୍ରହ୍ମଜ୍ଞାନଂ ଯତୋ ଭବେତ୍ । ୧ ।
ବ୍ରହ୍ମନାମାବଳୀମାଳା ସର୍ବେଷାଂ ମୁକ୍ତିସିଦ୍ଧୟେ ।
ଅସଙ୍ଗୋଽହମସଙ୍ଗୋଽହମସନ୍ଦେହଃ ପୁନଃପୁନଃ ।
ସଚ୍ଚିଦାନନ୍ଦରୂପୋଽହମହମେବାହମବ୍ୟୟଃ । ୨ ।
ନିତ୍ୟଂଶୁଦ୍ଧୋବିମୁକ୍ତୋଽହଂ ନିରାକାରୋଽହମବ୍ୟୟଃ ।
ଭୂମାନନ୍ଦସ୍ୱରୂପୋଽହମହମେବାହମବ୍ୟୟଃ ।୩ ।
ନିତ୍ୟୋଽହଂ ନିରବଦ୍ୟୋଽହଂ ନିରାକାରୋଽହମଚ୍ୟୁତଃ
ପରମାନନ୍ଦ ରୂପୋଽହମହମେବାହମବ୍ୟୟଃ ।୪ ।
ଶୁଦ୍ଧଚୈତନ୍ୟ ରୂପୋଽହମାତ୍ମାରାମ ଅହମେବ ଚ ॥
ଅଖଣ୍ଡାନନ୍ଦରୂପୋଽହମହମେବାହମବ୍ୟୟଃ ।୫ ।
ସ୍ୱୟଂ ପ୍ରକାଶରୂପୋଽହଂ ଚିନ୍ମୟୋଽହଂ ପରୋଽସ୍ମ୍ୟହମ୍ ॥
ଅଦ୍ୱୈତାନନ୍ଦରୂପୋଽହମହମେବାହମବ୍ୟୟଃ । ୬ ।

ସଗ-ଗୁଚ୍ଛସ୍ତ ।

ବାରେକ ଯହିଁର ଶ୍ରବଣ । ବ୍ରହ୍ମଜ୍ଞାନ ହୁଏ ଜନମ ॥
ସେ ବ୍ରହ୍ମ ନାମାବଳୀ-ମାଳା । ମଣ୍ଡିତ କରେ ଯାର ଗଳା ॥
ସେ ନର ମୁକତ ଜୀବନେ । ଭକ୍ତ ହୃଦେ ମୁଁ ତା' କହଇ ୧ ।
ମୁଁ ଅଟେ ନିର୍ଲେପ ଅସଙ୍ଗ । ଅସନ୍ଦେହ ବହ୍ନିନ ଅନଙ୍ଗ ॥
ମୁଁ ସଚ୍ଚିଦାନନ୍ଦସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ ।୨।
ମୁଁ ନିତ୍ୟ ଶୁଦ୍ଧ ନିରାକାର । ବିମୁକ୍ତ ଅବିନାଶୀ ସାର ॥
ମୁଁ ମହାଆନନ୍ଦ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ ।୩।
ମୁଁ ନିତ୍ୟ ନିର୍ଦ୍ଦୋଷ ଅକ୍ଷର । ନିରାକାର ମୁହିଁ ଅଘର ॥
ମୁଁ ପରମାନନ୍ଦ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ ।୪।
ମୁଁ ଶୁଦ୍ଧ ଚୈତନ୍ୟ ମୂରତି । ଆତ୍ମାରାମ ମୋତେ ବୋଲନ୍ତି ॥
ଅଖଣ୍ଡ ଆନନ୍ଦ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୫ ।
ମୁହିଁ ସ୍ୱୟଂ ପ୍ରକାଶକର । ଚିନ୍ମୟ ପ୍ରକୃତରୁ ପର ॥
ଅଦ୍ୱୈତ ଆନନ୍ଦ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୬ ।

ଶାଶ୍ୱତାନନ୍ଦରୂପୋଽହଂ ମୁକ୍ତୋଽହଂ ପ୍ରକୃତେଃ ପରଃ ।
ପ୍ରତ୍ୟକ୍ ଚୈତନ୍ୟରୂପୋଽହମହମେବାହମବ୍ୟୟଃ ।୭ ।
ତତ୍ତ୍ୱାତୀତଃ ପରାତ୍ମାହଂ ମଧ୍ୟାତୀତଃ ପରଃ ଶିବଃ ।
ମାୟାତୀତଃ ପରଂ ଜ୍ୟୋତିରହମେବାହମବ୍ୟୟଃ । ୮ ।
ନାମରୂପ ବ୍ୟତୀତୋଽହଂ ଚିଦାକାରୋଽହମଚ୍ୟୁତଃ ।
ସୁଖପ୍ରକାଶରୂପୋଽହମହମେବାହମବ୍ୟୟଃ ୯ ।
ମାୟା ତତ୍କାର୍ଯ୍ୟ ଦେହାଦି ମମ ନାସ୍ତ୍ୟେବ ସର୍ବଦା ।
ସ୍ୱପ୍ରକାଶୈକରୂପୋଽହମହମେବାହମବ୍ୟୟଃ । ୧୦ ।
ଗୁଣତ୍ରୟବ୍ୟତୀତୋଽହଂ ବ୍ରହ୍ମାଦୀନାଞ୍ଚ ସାକ୍ଷ୍ୟହମ ।
ଅନନ୍ତାନନ୍ଦରୂପୋଽହମହମେବାହମବ୍ୟୟଃ ।୧୧ ।
ଅନ୍ତର୍ଯ୍ୟାମୀ ସ୍ୱରୂପୋଽହଂ କୂଟସ୍ଥଃ ସର୍ବଗୋଽସ୍ମ୍ୟହମ୍ ।
ପରମାନନ୍ଦରୂପୋଽହମହମେବାହମବ୍ୟୟଃ । ୧୨ ।
ଦ୍ୱନ୍ଦ୍ୱାଦି ସାକ୍ଷିରୂପୋଽହମଚଳୋଽହଂ ସନାତନଃ ।
ସର୍ବରୂପସ୍ୱରୂପୋଽହମହମେବାହମବ୍ୟୟଃ । ୧୩ ।

ମୁଁ ନିତ୍ୟାନନ୍ଦ ଶାନ୍ତ ମୂର୍ତ୍ତି । ମୁଁ ପ୍ରକୃତିର ପରବର୍ତ୍ତୀ ॥
ପ୍ରତ୍ୟକ୍ଷ ଚୈତନ୍ୟ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୭ ।
ମୁଁ ଶିବ ତତ୍ତ୍ୱର ଅତୀତ । ପରାତ୍ମା ପର ମଧ୍ୟାତୀତ ॥
ମୁଁ ମାୟାତୀତ ପରଂଜ୍ୟୋତି । ଅବ୍ୟୟ ପୁରୁଷ ମୂରତି । ୮ ।
ମୋହର ନାମ ରୂପ ନାହିଁ । ଚିଦାକାର ଅଚ୍ୟୁତ ମୁହିଁ ।
ମୁଁ ସୁଖ ପ୍ରକାଶ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୯ ।
ମାୟା, ତାହାର କାର୍ଯ୍ୟମାନ । ନାହିଁ ମୋଠାରେ ବିଦ୍ୟମାନ ।
ମୁଁ ସ୍ୱପ୍ରକାଶକ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ ।୧୦।
ନିର୍ଗୁଣାତୀତ ମୁଁ ଅଚର । ସାକ୍ଷୀ ମୁଁ ବ୍ରହ୍ମାଦି ବିଷ୍ଣୁର ।
ଅନନ୍ତ ଆନନ୍ଦ ସ୍ୱରୂପ । ମୁହିଁ ଅବ୍ୟୟ ମୁଁ ଅରୂପ । ୧୧ ।
ମୁଁ ଅଟେ ସର୍ବ ଅନ୍ତର୍ଯ୍ୟାମୀ । କୂଟସ୍ଥ[2] ପୁଣି ସର୍ବଗାମୀ ।
ପରମ ଆନନ୍ଦ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ ।୧୨ ।
ଦ୍ୱନ୍ଦ୍ୱର ସାକ୍ଷୀ ମୁଁ ନିଶ୍ଚଳ । ମୁଁ ସଦା ଅଟଇ ଉଜ୍ଜ୍ୱଳ
ମୁହିଁ ସର୍ବରୂପ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୧୩ ।

୧-ସତ୍ତ୍ୱ, ରଜ, ତମ । ୨-ଦେହ ମଧ୍ୟସ୍ଥ ବା ନିଶ୍ଚଳ ।

ନିଷ୍କଳୋଽହଂ ନିଷ୍କ୍ରିୟୋଽହଂ ସର୍ବାତ୍ମା ଚ ସନାତନଃ
ଅପରୋକ୍ଷସ୍ୱରୂପୋଽହମହମେବାହମବ୍ୟୟଃ ।୧୪ ।
ପ୍ରଜ୍ଞାନଘନ ଏବାହଂ ବିଜ୍ଞାନଘନ ଏବ ଚ ।
ଅକର୍ତ୍ତାହମଭୋକ୍ତାହମହମେବାହମବ୍ୟୟଃ । ୧୫ ।
ନିରାଧାରସ୍ୱରୂପୋଽହଂ ସର୍ବାଧାରୋଽହମେବ ଚ ।
ଆପ୍ତକାମ ସ୍ୱରୂପୋଽହମହମେବାହମବ୍ୟୟଃ । ୧୬ ।
ତାପତ୍ରୟ ବିମୁକ୍ତୋଽହଂ ଦେହତ୍ରୟ ବିଲକ୍ଷଣଃ ।
ଅବସ୍ଥାତ୍ରୟ ସାକ୍ଷ୍ୟସ୍ମି ଅହମେବାହମବ୍ୟୟଃ ।୧୭ ।
ଦୃଗଦୃଶ୍ୟୌ ଦ୍ୱୌ ପଦାର୍ଥୌ ସ୍ତଃ ପରସ୍ପର ବିଲକ୍ଷଣୌ ।
ଦୃଗ୍ ବ୍ରହ୍ମ ଦୃଶ୍ୟଂ ମାୟେତି ସର୍ବବେଦାନ୍ତ ଡିଣ୍ଡିମଃ । ୧୮ ।
ଘଽକ୍ତୁଡ୍ୟାଦକଂ ସର୍ବଂ ମୁତ୍ତକାମାନମେବ ହି ।
ତଦନ୍ତର୍ ବ୍ରହ୍ମଜଗତ୍ ସର୍ବମିତି ବେଦାନ୍ତଡିଣ୍ଡିମଃ । ୧୯ ।

ନିଷ୍କଳଂ ନିଷ୍କ୍ରିୟ ମୁଁ ପୁଣ । ସର୍ବାତ୍ମା ନିତ୍ୟ ସନାତନ ।
ମୁହିଁ ଅପୋରକ୍ଷ ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୧୪ ।
ପ୍ରଜ୍ଞାନଘନ ରୂପୀ ମୁହିଁ । ବିଜ୍ଞାନଘନ ମୁଁ ଗୋଟାଇ ।
ଅକର୍ତ୍ତା ଅଭୋକ୍ତା ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୧୫ ।
ମୁହିଁ ଅଟଇଁ ନିରାଧାର । ମୁଁ ପୁଣି ବ୍ରହ୍ମାଣ୍ଡ ଆଧାର ।
ମୁଁ ଆପ୍ତ-କାମନା ସ୍ୱରୂପ । ଅବ୍ୟୟ ପୁରୁଷ ଅରୂପ । ୧୬ ।
ମୁଁ ତିନି ତାପରୁ ୨ ବିମୁକ୍ତ । ଶରୀର ତ୍ରୟ ୩ ବିବର୍ଜିତ ॥
ଅବସ୍ଥାତ୍ରୟ ୪ ସାକ୍ଷୀରୂପ । ଅବ୍ୟୟ ପୁରୁଷ ସ୍ୱରୂପ ॥ ୧୭ ॥
ଦୃକ ଦୃଶ୍ୟ ପଦାର୍ଥେ ପୁଣ । ପ୍ରଭେଦ ଅଛୁ ବିଲକ୍ଷଣ ॥
ଦୃକ୍ ବ୍ରହ୍ମ ବିଶ୍ୱ ଅଟେ ମାୟା । ସର୍ବବେଦାନ୍ତ ୫ ଭାଷେ ତାହା ॥୧୮॥
ଯେ ବିଚାରଣ ବାରମ୍ବାର । ଆତ୍ମାକୁ ସାକ୍ଷୀ ପରକାର ॥
ମଣଇ ସେ ମୁକ୍ତ ବିଦ୍ୱାନ । ବେଦାନ୍ତ କରେ ଏହା ଗାନ ॥ ୧୯ ॥

---

୧ କଳନାରହିତ ।
୨ ତ୍ରିତାପ :—ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ।
୩ ଶରୀରତ୍ରୟ :—ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର ।
୪ ଅବସ୍ଥାତ୍ରୟ :—ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି ।
୫ ବେଦାନ୍ତ :—ବ୍ୟାସଦେବ ପ୍ରଣୀତ ଉତ୍ତର ମୀମାଂସା ।

ଅହଂ ସାକ୍ଷୀତି ଯୋ ବିଦ୍ୟାଦ୍ ବିବିଚ୍ୟୈବଂ ପୁନଃ ପୁନଃ ।
ସ ଏବଂ ମୁକ୍ତୋ ବିଦ୍ୱାନ ସ ଇତି ବେଦାନ୍ତ ଡିଣ୍ଡିମଃ । ୨୦ ।

ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।
ଇଦମେବ ତୁ ସଚ୍ଛାସ୍ତ୍ରମିତି ବେଦାନ୍ତଡିଣ୍ଡିମଃ । ୨୧ ।

ଅନ୍ତର୍ଜ୍ୟୋତିର୍ବହିର୍ଜ୍ୟୋତିଃ ପ୍ରତ୍ୟଗ୍‌ଜ୍ୟୋତିଃ ପରାତ୍ ପରଃ ।
ଜ୍ୟୋତିର୍ଜ୍ୟୋତିଃ ସ୍ୱୟଂଜ୍ୟୋତି ରାତ୍ମଜ୍ୟୋତିଃ ଶିବୋଽସ୍ମ୍ୟହମ୍ । ୨୨ ।

ଇତି ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀ ଶଙ୍କର ଭଗବତ୍ ବିରଚିତା
ବ୍ରହ୍ମନାମାବଳୀମାଳା ସମାପ୍ତା ॥

ମାଟିଅ କୁମ୍ଭକା ଯେସନ । ମାଟି ବ୍ୟତୀତ ନୁହେ ଆନ ॥
ତେସନ ଜଗତ ସକଳ । ବ୍ରହ୍ମମୟ ଅଟେ କେବଳ ॥
ଏମନ୍ତ ଅଟଇ ସିଦ୍ଧାନ୍ତ । ଘୋଷୁଛି ସକଳ ବେଦାନ୍ତ ॥ ୨୦ ॥

ବ୍ରହ୍ମ ସତ୍ୟ ଅଟେ କେବଳ । ମିଥ୍ୟା ଏ ଜଗତ ସକଳ ॥
ଏଣୁ ଜୀବହିଁ ବ୍ରହ୍ମ ଜାଣି । ବ୍ରହ୍ମ ବିନା ନୁହଇ ଆନ ॥
ଏହାହିଁ ସାର ଉପଦେଶ । ଘୋଷଇ ବେଦାନ୍ତ ବିଶେଷ । ୨୧ ।

ମୁଁ ଅନ୍ତର୍ଜ୍ୟୋତି ବହିର୍ଜ୍ୟୋତି । ପରାତ୍ପର ପ୍ରତ୍ୟକ୍ ଜ୍ୟୋତି ॥
ମୁଁ ଜ୍ୟୋତିର୍ଜ୍ୟୋତି ସ୍ୱୟଂଜ୍ୟୋତି । ମଙ୍ଗଳମୟ ଆତ୍ମଜ୍ୟୋତି ।୨୨।

ଆତ୍ମ-ପୂଜା ବା ପରାପୂଜା

ଅଖଣ୍ଡେ ସଚ୍ଚିଦାନନ୍ଦେ ନିର୍ବିକଳ୍ପୈକରୂପିଣି ।
ସ୍ଥିତେ ଦ୍ୱିତୀୟଭାବେ ଚ କଥଂ ପୂଜା ବିଧୀୟତେ । ୧ ।
ପୂର୍ଣ୍ଣସ୍ୟାବାହନଂ କୁତ୍ର ସର୍ବାଧାରସ୍ୟ ଚାସନଂ ।
ସ୍ୱଚ୍ଛସ୍ୟ ପାଦ୍ୟମର୍ଘ୍ୟଞ୍ଚ ଶୁଦ୍ଧସ୍ୟାଚମନଂ କୁତଃ ୨ ।
ନିର୍ମଳସ୍ୟ କୁତଃ ସ୍ନାନଂ ବସ୍ତ୍ରଂ ବିଶ୍ୱୋଦରସ୍ୟ ଚ ।
ନିରାଲମ୍ବସ୍ୟୋପବୀତଂ ରମ୍ୟସ୍ୟାଭରଣଂ କୁତଃ । ୩ ।
ନିର୍ଲେପସ୍ୟ କୁତୋ ଗନ୍ଧଃ ପୁଷ୍ପଂ ନିର୍ବାସନସ୍ୟ ଚ ।
ନିର୍ଗନ୍ଧସ୍ୟ କୁତୋ ଧୂପଃ ସ୍ୱପ୍ରକାଶସ୍ୟ ଦୀପିକା । ୪ ।
ନିତ୍ୟତୃପ୍ତସ୍ୟ ନୈବେଦ୍ୟଂ ନିଷ୍କାମସ୍ୟ ଫଳଂ କୁତଃ ।
ତାମ୍ବୂଳଞ୍ଚ ବିଭୋଃ କୁତ୍ର ନିତ୍ୟାନନ୍ଦସ୍ୟ ଦକ୍ଷିଣା । ୫ ।

ସ୍ୱଗ-ଗୁଚ୍ଛବ ।

ଆତ୍ମ ବିନା ବ୍ରହ୍ମାଣ୍ଡେ ଆନ । ଦ୍ୱିତୀୟ ବସ୍ତୁ ନାହିଁ ଜାଣ ॥
ସେ ଆତ୍ମା ଆନନ୍ଦ ସ୍ୱରୂପ । ସଚ୍ଚିଦାନନ୍ଦ ନିର୍ବିକଳ୍ପ ॥
ସେ ଏକରୂପ ଅଟେ ଯେଣୁ । କେ ତାହାକୁ ପୂଜିବ ତେଣୁ ? । ୧ ।
ଆତ୍ମା ସର୍ବତ୍ର ପରିପୂର୍ଣ୍ଣ । ତେବେ ତାଙ୍କ କାହିଁ ଆବାହନ ? ॥
ସେ ଯେଣୁ ବ୍ରହ୍ମାଣ୍ଡ-ଆଧାର । ଆସନ ସମ୍ଭବେ କି ତାର ? ॥
ଯେ ସ୍ୱଚ୍ଛ ପଦାର୍ଥ ଆତ୍ମନ । ପାଦ୍ୟ ଅର୍ଘ୍ୟ କି ପ୍ରୟୋଜନ ? ॥
ଯେ ପୁଣି ବିଶୁଦ୍ଧ ଅଟଇ । ତାଙ୍କ ଆଚମନ କି ହୁଅଇ ? । ୨ ।
ନିର୍ମଳ ପକ୍ଷେ କିବା ସ୍ନାନ ? । ବିଶ୍ୱୋଦରଙ୍କ[1] କି ବସ୍ତ୍ରଦାନ ? ॥
ଯେହୁ ଅଟଇ ନିରାଲମ୍ବ । ଉପବୀତ କି ତାଙ୍କ ସମ୍ଭବ ?
ଆତ୍ମା ତ ସଦା ମନୋରମ । ଆଭରଣ କି ପ୍ରୟୋଜନ ? । ୩ ।
ନିର୍ଲେପର କାହିଁ ଚନ୍ଦନ ? । ବାସନାହୀନକୁ କି ସୁମନ ? ॥
ନିର୍ଗନ୍ଧେ[2] ସମ୍ଭବେ କି ଧୂପ ? ସ୍ୱପ୍ରକାଶଙ୍କ କାହିଁ ଦୀପ ? । ୧୦ ।
ଆତ୍ମା ନିତ୍ୟ ତୃପ୍ତ ଅଟଇ । ନୈବେଦ୍ୟ ପ୍ରୟୋଜନ ନାହିଁ ? ॥
ଯେ ଅଟେ ନିଷ୍କାମ ପ୍ରବୁଦ୍ଧ । ତାଙ୍କୁ ଫଳ ଅର୍ପଣ କିସ ? ॥
ଆତ୍ମା ତ ସକଳ ବ୍ୟାପକ । ତାମ୍ବୁଳ କିବା ଆବଶ୍ୟକ ? ॥
ଯେ ନିତ୍ୟାନନ୍ଦ ମହାତ୍ମନ । ଦକ୍ଷିଣା କିବା ପ୍ରୟୋଜନ ? । ୫ ।

୧—ଯେଉଁ ଆତ୍ମାର ଉଦରରେ ବିଶ୍ୱବ୍ରହ୍ମାଣ୍ଡ ଅବସ୍ଥିତ
୨—ଯାହାର ଘ୍ରାଣଶକ୍ତି ନାହିଁ ।

ସ୍ୱୟଂ ପ୍ରକାଶମାନସ୍ୟ କୁତୋନୀରାଜନା ବିଭୋଃ ।
ପ୍ରଦକ୍ଷିଣମନନ୍ତସ୍ୟାଦ୍ୱିତୀୟସ୍ୟ ଚ କା ନତିଃ । ୬ ।
ଅନ୍ତର୍ବହିଶ୍ଚ ପୂର୍ଣ୍ଣସ୍ୟ କଥଂ ମୁଦ୍ରାସନଂ ଭବେତ୍ ।
ଇଦମେବ ପରା ପୂଜା ବସ୍ତୋଃ ସତ୍ତ୍ୱସ୍ୱରୂପିଣୀ । ୭ ।
ଦେହୋ ଦେବାଳୟଃ ପ୍ରୋକ୍ତୋ ଜୀବୋଦେବଃ ସଦାଶିବଃ ।
ତ୍ୟଜେଦଜ୍ଞାନ ନିର୍ମାଲ୍ୟଂ ସୋଽହଂ ଭାବେନ ପୂଜୟେତ୍ ॥ ୮ ।
ତୁଭ୍ୟଂ ମହ୍ୟମନନ୍ତାୟ ମହ୍ୟଂ ତୁଭ୍ୟଂ ଶିବାତ୍ମନେ ।
ନମୋ ଦେବାଦି ଦେବାୟ ପରାୟ ପରମାତ୍ମନେ । ୯ ।
ଯୋଗୀ ଦେହାଭିମାନୀସ୍ୟାଦ୍ଭୋଗୀ କର୍ମଣି ତତ୍ପରଃ ।
ଜ୍ଞାନୀ ମୋକ୍ଷାଭିମାନେବ ତଜ୍ଜ୍ଞୋ ନାଭିମାନତା । ୧୦ ।
କିଂ କରୋମି କ୍ୱ ଗଚ୍ଛାମି କିଂ ଗୃହ୍ଣାମି ତ୍ୟଜାମି କିଂ ।
ଆତ୍ମନା ପୂରିତଂ ସର୍ବଂ ମହାକଳ୍ପାମ୍ବୁନା ଯଥା । ୧୧ ।

ଇତି ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଚ୍ଛଙ୍କର ଭଗବତ୍ ବିରଚିତା ଆତ୍ମପୂଜା ସମାପ୍ତାଃ ।

ଯେ ସ୍ୱୟଂ ପ୍ରକାଶ୍ୟ ଅଟନ୍ତି । ତାଙ୍କୁ କି ସମ୍ଭବେ ଆରତି ॥
ଯାହାର ଆଦି ଅନ୍ତ ନାହିଁ । ପ୍ରଦକ୍ଷିଣ ସମ୍ଭବେ କାହିଁ ? ॥
ଯେ ଅଦ୍ୱିତୀୟ ଆତ୍ମା ଜାଣି । କେ ତାଙ୍କୁ କରିବ ପ୍ରଣାମ ? । ୬ ।
ଯେ ବାହ୍ୟାନ୍ତରେ ବିରାଜିତ । ତାଙ୍କୁ କି ମୁଦ୍ରା[1] ଆସନାବିତ ? ॥
ଏହାକୁ ପରା ପୂଜା କହି । ବସ୍ତୁର ସତ୍ତ୍ୱ ରୂପା ସେହି । ୭ ।
ଏ ଦେହ ଦେବାଳୟ ଭାବ । ଜୀବନ୍ତି ଦେବ ସଦାଶିବ ॥
ଅଜ୍ଞାନ ନିର୍ମାଲ୍ୟ ତେଜିତ । ସେହି ମୁଁ ଏ ଭାବେ ପୂଜିବ ॥
ଏହାକୁ ଆତ୍ମପୂଜା କହି । ଅନ୍ୟଥା ସାତ୍ତ୍ୱିକ ନୁହଇ । ୮ ।
ତୁ, ମୁଁ, ମୁଁ, ତୁ, ନାହିଁ ଏମାନ । ସର୍ବେ ଅନନ୍ତ ଶିବାତ୍ମାନ ॥
ତେଣୁ ପରମ ପରାତ୍ମାନ । ଦେବାଦି ଦେବଙ୍କୁ ପ୍ରଣାମ । ୯ ।
ଯୋଗୀ ତା ଦେହେ ଅଭିମାନୀ । ମୋକ୍ଷାଭିମାନୀ ହୁଏ ଜ୍ଞାନୀ ॥
ଭୋଗୀ ଯେ କର୍ମରେ ତତ୍ପର । ନଥାଏ ମାନ ତତ୍ତ୍ୱଜ୍ଞର । ୧୦ ।
ମହାପ୍ରଳୟରେ ଯେସନ । ସଲିଳେ ବ୍ୟାପ୍ତ ତ୍ରିଭୁବନ ॥
ତେସନ ବ୍ରହ୍ମାଣ୍ଡ ସକଳ । ଆତ୍ମାରେ ପୂରିତ କେବଳ ॥
ଏଣୁ ମୁଁ କେମନ୍ତ କରିବି ? । କେବଣଠାକୁ ଅବା ଯିବି ? ॥
କାହାକୁ କରିବି ଗ୍ରହଣ ? । କି ଅବା କରିବି ବର୍ଜ୍ଜନ ? । ୧୧ ।

୧-ଦେବାର୍ଚ୍ଚନକାଳେ ଅଙ୍ଗୁଳି ଆଦିର ସନ୍ନିବେଶ —

କୌପୀନ-ପଞ୍ଚକମ୍ ।

ବେଦାନ୍ତବାକ୍ୟେଷୁ ସଦା ରମନ୍ତେ । ଭିକ୍ଷାନ୍ନମାତ୍ରେଣ ଚ ତୁଷ୍ଟିମନ୍ତଃ ।
ଅଶୋକମନ୍ତଃକରଣେ ଚରନ୍ତଃ, କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ । ୧ ।
ମୂଳଂ ତରୋଃ କେବଳମାଶ୍ରୟନ୍ତଃ ପାଣିଦ୍ୱୟଂ ଭୋକ୍ତୁମମନ୍ତ୍ରୟନ୍ତଃ ।
କନ୍ଥାମିବ ଶ୍ରୀମପି କୁତ୍ସୟନ୍ତଃ କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ । ୨ ।
ସ୍ୱାନନ୍ଦଭାବେ ପରିତୁଷ୍ଟିମନ୍ତଃ ସୁଶାନ୍ତସର୍ବେନ୍ଦ୍ରିୟ ବୃତ୍ତିମନ୍ତଃ ।
ଅହର୍ନିଶଂ ବ୍ରହ୍ମଣି ଯେ ରମନ୍ତଃ କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ । ୩ ।
ଦେହାଦିଭାବଂ ପରିବର୍ତ୍ତୟନ୍ତଃ ସ୍ୱମାତ୍ମନାତ୍ମାନମବଲୋକୟନ୍ତଃ ।
ନାନ୍ତଂ ନ ମଧ୍ୟଂ ନ ବହିଃ ସ୍ମରନ୍ତଃ କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ । ୪ ।
ବ୍ରହ୍ମାକ୍ଷରଂ ପାବନମୁଚ୍ଚରନ୍ତୋ ବ୍ରହ୍ମାହମସ୍ମୀତି ବିଭାବୟନ୍ତଃ ।
ଭିକ୍ଷାଶିନୋ ଦିକ୍ଷୁ ପରିଭ୍ରମନ୍ତଃ କୌପୀନବନ୍ତଃ ଖଲୁ ଭାଗ୍ୟବନ୍ତଃ । ୫ ।
ଇତି ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଚ୍ଛଙ୍କର ଭଗବତ୍ ବିରଚିତଂ
କୌପୀନ-ପଞ୍ଚକଂ ସମାପ୍ତମ୍ ।

ରାଗ-ଚକ୍ରକେଳି ।

ଯେ ବେଦ ବାକ୍ୟେ ସଦା ରସେ । ଭିକ୍ଷାନ୍ନେ ରହନ୍ତି ହରଷେ ॥
ସର୍ବଦା ପ୍ରଫୁଲ୍ଲ- ଅନ୍ତରେ । ଜଗତେ ବିଚରଣ କରେ ॥
ସେହି କୌପୀନଂଧାରୀ ଜାଣ । ନିଶ୍ଚୟ ଅଟେ ଭାଗ୍ୟବାନ । ୧ ।
ବୃକ୍ଷ-ମୂଳ ଯାର ଆଶ୍ରୟ । ଭକ୍ଷେ ବିରତ କରଦ୍ୱୟ ॥
ସର୍ବ ସମ୍ପଦେ କନ୍ଥା ସମ । ଯେମନ୍ତ କରଇ ତୁଚ୍ଛ ଜ୍ଞାନ ॥
ସେହି କୌପୀନବନ୍ତ ଜାଣି । ତେଣୁ ନିଶ୍ଚୟ ଭାଗ୍ୟବାନ । ୨ ।
ଯେ ଆତ୍ମାନନ୍ଦେ ପରିତୁଷ୍ଟ । ଦିବାରଜନୀ ବ୍ରହ୍ମନିଷ୍ଠ ॥
ଯାହାର ଇନ୍ଦ୍ରିୟ ସମସ୍ତ । ବିଷୟେ ନୁହନ୍ତି ଆସକ୍ତ ॥
ସେହି କୌପୀନଧାରୀଜାଣ । ଅଟଇ ନିଶ୍ଚେ ଭାଗ୍ୟବାନ । ୩ ।
ଯେ ଦେହ ମଧ୍ୟୁଁ ଅହଙ୍କାର । ଦୂରରେ କରଣ ଅନ୍ତର ॥
ଆପେ ଆପଣାକୁ ନିରେଖେ । ଅନ୍ତ ମଧ୍ୟ ବାହ୍ୟ ନ ରଖେ ॥
ସେହି କୌପୀନଧାରୀ ଜାଣ । ଅଟଇ ନିଶ୍ଚେ ଭାଗ୍ୟବାନ । ୪ ।
ପବିତ୍ର ନାମ ବ୍ରହ୍ମଙ୍କର । ଉଚ୍ଚାରଣେ ଯେ ତତପର ॥
"ଅହଂ ବ୍ରହ୍ମ" ଭାବନା-ରତ । ଅଟଇ ଯେ ପୁଣି ସତତ ॥
ଭିକ୍ଷାଦ୍ରବ୍ୟ କରି ଭୋଜନ । ଚୌଦିଗେ କରେ ବିଚରଣ ॥
ସେହି କୌପୀନଧାରୀ ଜାଣ । ନିଶ୍ଚୟ ଅଟେ ଭାଗ୍ୟବାନ । ୫ ।

ଆତ୍ମାନାତ୍ମ-ବିବେକଃ ।

ଦୃଶ୍ୟଂ ସର୍ବମନାତ୍ମା ସ୍ୟାଦ୍ ଦୃଗେବାତ୍ମା ବିବେକିନଃ ।
ଆତ୍ମାନାତ୍ମ ବିବେକୋଽୟଂ କଥ୍ୟତେ ଗ୍ରନ୍ଥ କୋଟିଭିଃ ॥

ଆତ୍ମାନାତ୍ମବିବେକଃ କଥ୍ୟତେ । ଆତ୍ମନଃ କିଂ ନିମିତ୍ତଂ ଦୁଃଖଂ ? ଶରୀର ପରିଗ୍ରହ ନିମିତ୍ତଂ । ନ ହ ବୈ ସଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋରପହତିରସ୍ତୀତି ଶ୍ରୁତେଃ । ଶରୀରପରିଗ୍ରହଃ କେନ ଭବତି, କର୍ମଣା । କର୍ମ ବା କେନ ଭବତୀତି ଚେତ୍ ? ରାଗାଦିଭ୍ୟଃ । ରାଗାଦି କେନ ଭବନ୍ତୀତି ଚେତ୍ ? ଅଭିମାନାତ୍ । ଅଭିମାନୋଽପି କସ୍ମାତ୍ ଭବତୀତି ଚେତ୍ ? ଅବିବେକାତ୍ । ଅବିବେକଃ କେନ ଭବତୀତି ଚେତ୍ ? ଅଜ୍ଞାନାତ୍ । ଅଜ୍ଞାନ କେନ ଭବତୀତି ଚେତ୍ ? ନ କେନାପି ଭବତୀତି । ଅଜ୍ଞାନଂ ନାମାନାଦ୍ୟନିର୍ବଚନୀୟଂ ତ୍ରିଗୁଣାତ୍ମକଂ ଜ୍ଞାନବିରୋଧି ଭାବରୂପଂ । ବଦନ୍ତି । ଅଜ୍ଞାନମନାଦ୍ୟନିର୍ବଚନୀୟଂ ତସ୍ମାଦଜ୍ଞାନାଦବିବେକୋ ଜାୟତେ । ଅବିବେକାଦଭିମାନୋ ଜାୟତେ । ଅଭିମାନାଦ୍ରାଗାଦୟୋ ଜାୟନ୍ତେ ରାଗାଦିଭ୍ୟଃ କର୍ମାଣି ଜାୟନ୍ତେ । କର୍ମଭ୍ୟଃ ଶରୀର ପରିଗ୍ରହୋ ଜାୟତେ । ଶରୀର ପରିଗ୍ରହାତ୍ ଦୁଃଖଂ ଜାୟତେ । ଦୁଃଖସ୍ୟ କଦା ନିବୃତ୍ତିଃ ? । ସର୍ବାତ୍ମନା ଶରୀର ପରିଗ୍ରହନାଶେ ସତି ଦୁଃଖସ୍ୟ ନିବୃତ୍ତିର୍ଭବତି ।୧ ।

ରାଗ-ବଙ୍ଗଶ୍ରୀ ।

ଦୃଶ୍ୟ ସବୁ ଅଟନ୍ତି ଅନାତ୍ମା । ଦ୍ରଷ୍ଟା ଯେ ବିବେକୀର ଆତ୍ମା ॥ ସେ ଆତ୍ମା ଅନାତ୍ମା ବିବେକ । ବର୍ଣ୍ଣିତ ହୋଇଛନ୍ତି ଅନେକ ॥ ପ୍ରକାରେ କୋଟି କୋଟି ଗ୍ରନ୍ଥେ । ସଂକ୍ଷେପେ ଶୁଣ ସ୍ଥିର ଚିତ୍ତେ ॥ ଆତ୍ମାର ଦୁଃଖ ଯେ କାରଣ । ହୁଅଇ ଶୁଣ ସ୍ଥିର ମନେ ॥ ଶରୀର କର ପରିଗ୍ରହ । ଆତ୍ମା ହୁଅଇ ଦୁଃଖୀବହ ॥ ଦେହେ ଯାବତ ଅଭିମାନ । ପ୍ରାଣୀର ଥାଏ ବିଦ୍ୟମାନ ॥ ସୁଖ ବା ଦୁଃଖରୁ ତାବତ । ହୋଇ ନ ପାରଇ ମୁକତ ॥ ଦୁଃଖଟି ଦେହ ପରିଗ୍ରହେ । ଏହା ହିଁ ସର୍ବ ବେଦ କହେ ॥ କପାଁ ହୁଏ ଦେହ ଗ୍ରହଣ । କର୍ମ ଲାଗି ହେ—ବିଚକ୍ଷଣ ॥ କପାଇଁ କର୍ମ କରଇ ନର । ଆସକ୍ତି ହେତୁରୁ ନେକର ॥ ଆସକ୍ତି ହୁଅଇ କପାଇଁ । ଅଭିମାନ ବଳରୁ ଭାଇ ॥ କପାଁ ଜନ୍ମଇ ଅଭିମାନ । ଅବିବେକତା-ଯୋଗୁଁ ଜାଣ ॥ କାହିଁରୁ ଜନ୍ମେ ଅବିବେକ । ଅଜ୍ଞାନରୁ କହ ବିବେକ ॥ ଅଜ୍ଞାନ କାହିଁରୁ ଜନ୍ମିଛି । ତାର କାରଣ ନାହିଁ କିଛି ॥ ଏହିର ଅନାଦି ଅଜ୍ଞାନ । ଅନିର୍ବଚନୀୟ ବୋଲି ଜାଣ ॥ ଏଥିରୁଁ ଅବିବେକ ଭବେ । ତହୁଁ ଅଭିମାନ ସମ୍ଭବେ । ରାଗାଦି ଏଥିରୁଁ ଜାତ । ରାଗ ଆଦିରୁ କର୍ମ ଘାତ । କର୍ମରୁ ଶରୀର ଗ୍ରହଣ । ତାହା ହିଁ ଦୁଃଖର କାରଣ ॥ ଶରୀର ପରିଗ୍ରହ ଯେବେ । ନିବୃତ୍ତ ହୋଇ ଯାଏ ତେବେ ॥ ସର୍ବାତ୍ମଭାବେ ବିଜ୍ଞ ଜାଣ । ଦୁଃଖର ହୁଏ ଅବସାନ । ୨ ।

ସର୍ବାତ୍ମପଦଂ କିମର୍ଥଂ ? ସୁଷୁପ୍ତ୍ୟବସ୍ଥାୟାଂ ଦୁଃଖେ ନିବୃତ୍ତେଽପି ପୁନରୁତ୍ଥାନ ସମୟେ ଉତ୍ପଦ୍ୟମାନତ୍ୱାଦ୍ ବାସନାତ୍ମନାସ୍ଥିତଂ ଭବତି । ଅତସ୍ତନ୍ନିବୃତ୍ତ୍ୟର୍ଥଂ ସର୍ବାତ୍ମପଦଂ (ସର୍ବାତ୍ମନାଽସ୍ୟ ପରିଗ୍ରହ ନିବୃତ୍ତୌ ସତି ଦୁଃଖସ୍ୟ ନିବୃତ୍ତିର୍ଭବତି । ସ୍ୱର୍ଗ-ସଂଗ୍ର । ନିବୃତ୍ତି କଦା ଭବତି । ସର୍ବାତ୍ମନା କର୍ମଣି ନିବୃତ୍ତେ ସତି (ଶରୀରପରିଗ୍ରହ ନିବୃତ୍ତିର୍ଭବତି କର୍ମନିବୃତ୍ତିଃ କଦା ଭବତି ? ସର୍ବାତ୍ମନା ରାଗାଦୌ ନିବୃତ୍ତେ ସତି କର୍ମ ନିବୃତ୍ତିର୍ଭବତି), କଦାଭି ମାନ ନିବୃତ୍ତି ? ସର୍ବାତ୍ମନା ଅଭିମାନ ନିବୃତ୍ତେ ସତି (ରାଗାଦି ନିବୃତ୍ତିର୍ଭବତି) ଅବିବେକନିବୃତ୍ତିଃ କଦା ଭବତି ? ସର୍ବାତ୍ମନା ଅଜ୍ଞାନ ନିବୃତ୍ତେ ସତି (ଅବିବେକ ନିବୃତ୍ତିଃ । କଦା ଅଜ୍ଞାନ ନିବୃତ୍ତିଃ ? ବ୍ରହ୍ମାତ୍ମୈକତ୍ୱବିଜ୍ଞାନାତେ ସର୍ବାତ୍ମନା ଅବିବେକ ନିବୃତ୍ତି ସତି ସର୍ବାତ୍ମନାଽବିଦ୍ୟା ନିବୃତ୍ତିଃ । ୨ ।

ନନୁ ନିତ୍ୟାନାଂ କର୍ମଣାଂ ବୁଦ୍ଧିଶୁଦ୍ଧିଦ୍ୱାରେଣ କର୍ମଭ୍ୟୋଽବିଦ୍ୟାନିବୃତ୍ତିଃ ସ୍ୟାତ୍, କିମର୍ଥଂ ଜ୍ଞାନେନେତ୍ୟାଶଙ୍କ୍ୟ । ନ କର୍ମଣାଦିନା ଅବିଦ୍ୟାନିବୃତ୍ତିଃ । କୁତ ଇତି ଚେତ୍ ? କର୍ମାଜ୍ଞାନୟୋର୍ବିରୋଧୋ ନ ଭବେତ୍ ଜ୍ଞାନାଜ୍ଞାନୟୋର୍ବିରୋଧୋ ଭବେତ୍ । ଅତୋ ଜ୍ଞାନେନୈବ ଅଜ୍ଞାନନିବୃତ୍ତିଃ । ତଜ୍ଜ୍ଞାନଂ କୁତ ଇତି ଚେତ୍ ? ବିଚାରାଦେବ ଭବତି । ଆତ୍ମାନାତ୍ମ ବିବେକ ବିଷୟ ବିଚାରାଦେବ ଭବତି । ଆତ୍ମାନାତ୍ମ ବିବେକେ କୋ ଽଧିକାରୀ ? ସାଧନ ଚତୁଷ୍ଟୟସମ୍ପନ୍ନୋଽଧିକାରୀ । ସାଧନ ଚତୁଷ୍ଟୟଂ ନାମ (୧) ନିତ୍ୟାନିତ୍ୟ ବସ୍ତୁ ବିବେକଃ ୨ଇହାମୁତ୍ରାର୍ଥଫଳଭୋଗ ବିରାଗଃ ।୩

ସର୍ବାତ୍ମଭାବର କାରଣ । କହୁଛନ୍ତି କରି ହେ ଶ୍ରବଣ ॥ ଦୁଃଖ ସୁଷୁପ୍ତି ଅବସ୍ଥାରେ । ନିବୃତ୍ତି ପାଏ ଯେ ପ୍ରକାରେ । ଜାଗ୍ରତେ ହୁଏ ଅନୁଭୂତ । ବାସନା ନୁହନ୍ତେ ନିବୃତ୍ତ ॥ ତେଣୁ ସୁଷୁପ୍ତି ଅବସ୍ଥାରେ । ଦୁଃଖ ନ ମେଣ୍ଟେ ଏକେବାରେ ॥ ସମ୍ପୂର୍ଣ୍ଣରୂପେ ଯେ ସମୟ । ନିବର୍ତ୍ତେ ଦେହ ପରିଗ୍ରହ ॥ ଦୁଃଖର ନିବୃତ୍ତି ତକ୍ଷଣେ । ହୁଅଇ ଜାଣ ବାଦୁଜନେ ॥ ନିଃଶେଷ ରୂପେ କର୍ମ ଯେବେ । ନିବୃତ୍ତି ହୋଇଯାଏ ତେବେ ॥ ଶରୀର ପରିଗ୍ରହଣର । ନିବୃତ୍ତି ହୁଏ ହେତୁକର ॥ ସମୂଳେ ରାଗାଦି ନିବୃତ୍ତି । ହେଲେ ନ ରହଇ ଅସକ୍ତି ॥ ସମୂଳେ ଅଭିମାନ ଗଲେ । ରାଗାଦି ନରହଇ ଭଲେ ॥ ସମୂଳେ ଅବିବେକ ନାଶେ । ଅଭିମାନ ନ ରହେ ଲେଶ ॥ ସମୂଳେ ତୁଟିଲେ ଅଜ୍ଞାନ । ଅବିବେକ ନ ରହେ ଜାଣ ॥ ଜୀବ ବ୍ରହ୍ମ ଏକତା ଜ୍ଞାନ । ଜନ୍ମିଲେ ନ ରହେ ଅଜ୍ଞାନ । ୨ ।

ନିତ୍ୟାଦି କର୍ମ ଅନୁଷ୍ଠାନ । ଶାସ୍ତ୍ରେ ତ ହୋଇଛି ବିଧାନ ॥ ସେ ନୋହେ ଅବିଦ୍ୟା ନାଶନ । ଅଜ୍ଞାନ ନାଶର କାରଣ ॥ ଜ୍ଞାନକୁ କହନ୍ତି କିପାଇଁ । ଏଣି ତ କହୁଛନ୍ତି ବୁଝାଇ ॥ କର୍ମ ଅଜ୍ଞାନ ମଧ୍ୟେ ଜାଣି । ବିରୋଧ ନାହିଁ ବିଦ୍ୟମାନ ॥ ଜ୍ଞାନ ଅଜ୍ଞାନ ଏହୁ ବେନି । ବହନ୍ତି ବିରୋଧକୁ ଘେନି ॥ ଏକତ୍ରେ ନ ପାରନ୍ତି ରହି । ଜ୍ଞାନ ଅଜ୍ଞାନେ ଦିଏ ଦହି ॥ ତେଣୁ

ଶମ ଦମାଦିଷଟ୍‌ସମ୍ପତ୍ତିଃ । (୪) ମୁମୁକ୍ଷୁତ୍ୱଞ୍ଚେତି । ନିତ୍ୟାନିତ୍ୟବସ୍ତୁବିବେକୋ ନାମ ? ବ୍ରହ୍ମୈବ ସତ୍ୟଂ ଜଗନ୍ମିଥ୍ୟେତି ନିଶ୍ଚୟୋ (ନିତ୍ୟାନିତ୍ୟବସ୍ତୁବିବେକଃ) ଇହାମୁତ୍ରାର୍ଥଫଳଭୋଗବିରାଗୋ ନାମ ? ଇହାସ୍ମିନ୍ ଲୋକେ ଦେହଧାରଣବ୍ୟତିରିକ୍ତ ବିଷୟେଷୁ ସ୍ରକ୍‌ଚନ୍ଦନବନିତାଦିଷୁ ସମ୍ଭୋଗେଷୁ ବାନ୍ତାଶନମୂତ୍ରପୁରୀଷାଦୌ ଯଥେଚ୍ଛା ନାସ୍ତି ତଥେଚ୍ଛା ଯଦନିତ୍ୟମିତି ଇହଲୋକ ଫଳ ଭୋଗବିରାଗଃ । ଅମୁତ୍ର ସ୍ୱର୍ଗଲୋକାଦି ବ୍ରହ୍ମଲୋକାନ୍ତର୍ବର୍ତ୍ତିଷୁ ଚିରସ୍ଥାୟିତ୍ୱାଦି ବିଷୟେଷୁ ତଦ୍‌ବତ୍ ପୂର୍ବବତ୍ ।

ଶମାଦିଷଟ୍‌କଂ ନାମ ? ଶମଦମୋପରତିତିତିକ୍ଷାସମାଧାନଶ୍ରଦ୍ଧାଃ । ଶମୋ ନାମ ? ଅନ୍ତରିନ୍ଦ୍ରିୟନିଗ୍ରହଃ । ଅନ୍ତରିନ୍ଦ୍ରିୟଂ ନାମ ? ମନଃ ତସ୍ୟ ନିଗ୍ରହୋଽନ୍ତରିନ୍ଦ୍ରିୟନିଗ୍ରହଃ ଶ୍ରବଣ ମନନ ନିଦିଧ୍ୟାସନ ଶ୍ରବଣାଦିବ୍ୟତିରିକ୍ତବିଷୟେଭ୍ୟୋ ନିବୃତ୍ତିଃ । ଶ୍ରବଣାଦୌବର୍ତ୍ତିନଂ ବର୍ତ୍ତମାନତ୍ୱଂ ବା ଶମଃ ଦମୋ ନାମ ? ବାହ୍ୟେନ୍ଦ୍ରିୟନିଗ୍ରହଃ । ବାହ୍ୟେନ୍ଦ୍ରିୟାଣି କାନି କର୍ମେନ୍ଦ୍ରିୟାଣି ପଞ୍ଚ, ଜ୍ଞାନେନ୍ଦ୍ରିୟାଣି ଚ । ତେଷାଂ ନିଗ୍ରହଃ ଶ୍ରବଣାଦିବ୍ୟତିରିକ୍ତବିଷୟେଭ୍ୟୋ ନିବର୍ତ୍ତନଂ ଦମଃ । ଉପରତିର୍ନାମ ? ବିହିତାନାଂ କର୍ମଣାଂ ବିଧିନା ପରିତ୍ୟାଗଃ । ଶ୍ରବଣାଦିଷୁ ବର୍ତ୍ତମାନସ୍ୟ ମନସଃ ଶ୍ରବଣାଦିଷ୍ୱେବ ବର୍ତ୍ତନଂ ବୋପରତିଃ । ତିତିକ୍ଷା ନାମ ? ଶୀତୋଷ୍ଣାଦିଦ୍ୱନ୍ଦ୍ୱସହନଂ ଦେହବିଚ୍ଛେଦ ବ୍ୟତିରିକ୍ତଂ ।

ଜ୍ଞାନଦ୍ୱାରା ଅଜ୍ଞାନ । ନିବୃତ୍ତି ହୋଇଥାଏ ଜାଣ ॥ ଆତ୍ମା ଅନାତ୍ମା ବିବେକରେ ॥ ସେ ଜ୍ଞାନ ହୁଏକେ ଅନ୍ତରେ ॥ ଆତ୍ମା ଅନାତ୍ମା ବିଚାରଣେ । ଯେ ଅଧିକାରୀ ଏ ଭୁବନେ ॥ କହେଁ ତା ଶୁଣ ସାବଧାନେ । ଯେମନ୍ତ ସିଦ୍ଧାନ୍ତ ବିଧାନେ ॥ ଚାରି ସାଧନଯୁକ୍ତ ଜନ । ତହିଁକି ଅଟଇ ଭାଜନ ॥ ସାଧନ ଚାରି ନାମ ଘେନ । କହୁଅଛୁଁ ମନଦେଇ ଶୁଣ ॥ ନିତ୍ୟାନିତ୍ୟ ବସ୍ତୁ ବିବେକ ସାଧନ ମଧ୍ୟେ ଜାଣ ଏକ ॥ ଅର୍ଥ ଫଳ ଭୋଗ ବିରକ୍ତି । ଶମଦମାଦି ଷଟ୍ ସମ୍ପତ୍ତି ॥ ଅବର ମୁମୁକ୍ଷୁତ୍ୱ ଜାଣ । ସାଧନ ଚତୁଷ୍ଟୟ ନାମ ॥ କେବଳ ବ୍ରହ୍ମମାତ୍ର ସତ୍ୟ । ଅଟଇ ଜଗତ ଅସତ୍ୟ ॥ ଏମନ୍ତ ନିଶ୍ଚୟ ଯାହିଁ । ନିତ୍ୟାନିତ୍ୟ ବିବେକ କହି ॥ ଦେହ-ଧାରଣ-ଅତିରିକ୍ତ । ଯେ ଥାନ ବିଷୟ ସମସ୍ତ ॥ ମାଲ୍ୟ ଚନ୍ଦନ ବନିତାଦି । ଏଥୁଁ ଯେ ଇଚ୍ଛାକୁ ନିରୋଧି ॥ ଭୋଗ ଇଚ୍ଛାକୁ ଯାର ମନ । ଯେସନେ ମଳମୂତ୍ର ବମନ ॥ ଏ ଇହଲୋକ-ଫଳଭୋଗ । ଅବର ରମ୍ଭାଦି[1] ସମ୍ଭୋଗ ॥ ପରଲୋକର ଭୋଗ କହି । ଏଥୁଁ ଯେ ନିବୃତ୍ତି ହୁଅଇ ॥ ଶମ ଆଦି ସମ୍ପତ୍ତି ଯାହା । କହୁଛୁଁ ପୁଣ ଶୁଣ ତାହା ॥ ଶମ ଦମ ଯେ ସମାଧାନ । ଉପରତି ତିତିକ୍ଷା ଜାଣ ॥ ଶ୍ରଦ୍ଧାମିଶି ଷଟ୍ ସମ୍ପତ୍ତି । ଶୁଣ କହିବା ସେ ଭାରତୀ ॥ ଅନ୍ତରିନ୍ଦ୍ରିୟ ନିଗ୍ରହକୁ । ଶମ କହନ୍ତି ବେଦ ତାକୁ ॥ ଅନ୍ତରିନ୍ଦ୍ରିୟ ବୋଲି ଯାହା ॥ ମନ ଅଟଇ ଜାଣ ତାହା ॥

୧- ଅପ୍‌ସରା ବିଶେଷ । ୨ ଥିବା ।

ନିଗ୍ରହଶକ୍ତାବପି ପରାପରାଧେ ସୋଢ଼ୃତ୍ୱଂ ବା ତିତିକ୍ଷା । ସମାଧାନଂ ନାମ ? ଶ୍ରବଣାଦିଷୁ ବର୍ତ୍ତମାନଂ ମନୋ ବାସନାବଶାଦ୍ ବିଷୟେଷୁ ଗଚ୍ଛତି ଯଦା ଯଦା ତଦା ତଦା ଦାର୍ଢ୍ୟାତ୍ତେଷ୍ୱେ ଶ୍ରବଣାଦିଷୁ ସମାଧିଃ । ଶ୍ରଦ୍ଧା ନାମ ? ଗୁରୁବେଦାନ୍ତବାକ୍ୟେଷୁ ଅତୀବ ବିଶ୍ୱାସଃ । ଇଦଂ ତୁ ବତ୍ ଶମାଦିଷଟ୍କମୁକ୍ତଂ । ମୁମୁକ୍ଷୁତ୍ୱଂ ନାମ ମୋକ୍ଷେଚ୍ଛାତୀବ୍ରେଚ୍ଛାବତ୍ତ୍ୱଂ । ଏତତ୍ ସାଧନଚତୁଷ୍ଟୟସମ୍ପତ୍ତିସଦ୍ଭାବାତ୍ ସାଧନଚତୁଷ୍ଟୟସମ୍ପନ୍ନଃ । ତସ୍ୟାତ୍ମାନାତ୍ମବିବେକଶ୍ରବଣେଽଧିକାରୋ ନାନ୍ୟସ୍ୟ । ତସ୍ୟାତ୍ମାନାତ୍ମବିଚାରଃ କର୍ତ୍ତବ୍ୟୋଽସ୍ତି । ଯଥା ବ୍ରହ୍ମଚାରିଣଃ କର୍ତ୍ତବ୍ୟାନ୍ତରଂ ନାସ୍ତି ତଥାଽନ୍ୟତ୍ କର୍ତ୍ତବ୍ୟଂ ନାସ୍ତି । ସାଧନଚତୁଷ୍ଟୟସମ୍ପତ୍ତ୍ୟଭାବେଽପି ଗୃହସ୍ଥାନମାତ୍ମାନାତ୍ମବିଚାରେ କ୍ରିୟମାଣେ ସତି ତେନ ପ୍ରତ୍ୟବାୟୋ ନାସ୍ତି କିନ୍ତୁ ଅତୀବ ଶ୍ରେୟୋ-ଭବତି । ଯଥା ଦିନେ ଦିନେ ତୁ ବେଦାନ୍ତବିଚାରାଦ୍ ଭକ୍ତ୍ୟା—ସଂଯୁତାଦ୍ ଗୁରୁଶୁଶ୍ରୂଷୟା ଲବ୍ଧାଚ୍ଚ କୃଚ୍ଛ୍ରାଶୀତିଫଲଂ ଲଭେଦିତ୍ୟୁକ୍ତଂ । ଆତ୍ମାନାତ୍ମବିଚାରଃ କର୍ତ୍ତବ୍ୟ ଇତ୍ୟୁକ୍ତଂ । ୫ ।

ଆତ୍ମା ନାମ ? ସ୍ଥୂଳସୂକ୍ଷ୍ମ କାରଣଶରୀରତ୍ରୟ ବିଲକ୍ଷଣଃ ପଞ୍ଚକୋଷ ବ୍ୟତିରିକ୍ତଃ-ଽବସ୍ଥାତ୍ରୟସାକ୍ଷୀ ସଚ୍ଚିଦାନନ୍ଦସ୍ୱରୂପଃ । ଅନାତ୍ମା ନାମ ? ଅନୃତ ଜଡ଼ଦୁଃଖାତ୍ମକଂ ସମଷ୍ଟିବ୍ୟଷ୍ଟ୍ୟାତ୍ମକଂ ଶରୀରତ୍ରୟମନାତ୍ମା । ଶରୀରତ୍ରୟଂ ନାମ ? ସ୍ଥୂଳସୂକ୍ଷ୍ମ କାରଣ ଶରୀର ତ୍ରୟଂ । ସ୍ଥୂଳ ଶରୀରଂ ନାମ ? ପଞ୍ଚୀକୃତ ମହାଭୂତକାର୍ଯ୍ୟଂ

ଶ୍ରବଣାଦି ବିଷୟମାନ । ନିଗ୍ରହିତ କରେ ଯେ ଜନ ॥ ସେ କାର୍ଯ୍ୟ ଶମ ବୋଲି କହି । ଆଉର ଶୁଣ ମନ ଦେଇ ॥ ପଞ୍ଚକର୍ମେନ୍ଦ୍ରିୟ ଆଉର ପଞ୍ଚଜ୍ଞାନେନ୍ଦ୍ରିୟ ସକଳ ॥ ଏହାକୁ ଜ୍ଞାନେନ୍ଦ୍ରିୟ କହି । ଆଉର ଶୁଣ କହୁଛଇଁ ॥ ଶ୍ରବଣ ଆଦି ଅନ୍ତରକ୍ତ । ବିଷୟ ଯେତେକ ଅବସ୍ଥିତ ॥ ତହୁଁ ସେ ଦଶ ଇନ୍ଦ୍ରିୟକୁ । ଯେହୁ କରଇ ନିଗ୍ରହକୁ ॥ ସେ କାର୍ଯ୍ୟକୁ ଦମ କହନ୍ତି । ଏବେ କହିବା ଉପରତି ॥ ବିହିତ କର୍ମକୁ ବିଧାନେ । ତ୍ୟାଗ କରିବା ସାବଧାନେ ॥ ତାହାକୁ କହି ଉପରତି । ଅବା ମନକୁ ନିବାରନ୍ତି ॥ ଶ୍ରବଣାଦି କାର୍ଯ୍ୟେ ବ୍ୟାସକ୍ତ । ତହିଁ କରିବା ସମାସକ୍ତ ॥ ଦେହକୁ ନ କରି ବିନାଶ । ସହିବା ଶୀତ ଉଷ୍ଣ ଆସ । ତାକୁ ତିତିକ୍ଷା ବୋଲି କହି । ଅଥବା ଅଙ୍ଗେ ବଳବାହି ॥ ଥାଉଁ ପ୍ରତିକାର ସାମର୍ଥ୍ୟ । ଯେ ସହେ ଦୋଷ ଅନ୍ୟକୃତ ତାର ସେ ସହିଷ୍ଣୁତା ଗୁଣ । ତିତିକ୍ଷା ବୋଲି ଥାନ୍ତି ପୁଣ ॥ ଶ୍ରବଣାଦି ଆସକ୍ତ ଚିତ୍ତ । ବାସନାବଶେ କଦାଚିତ ॥ ଯେବେ ଆନ ବିଷୟେ ଗତ । କରେ ତା ଦୋଷ ଦେଖି ଚିତ୍ତ ॥ ମନକୁ ତହୁଁ ଟାଣି ଆଣି । ଶ୍ରବଣାଦିରେ ସ୍ଥାପେ ପୁଣି ॥ ତାହାକୁ କହି ସମାଧାନ । ଶୁଣ ଶ୍ରଦ୍ଧାର ଯେ ବିଧାନ ॥ ଗୁରୁ ଓ ବେଦାନ୍ତ ବଚନ । ଅତ୍ୟନ୍ତ ବିଶ୍ୱାସ ସ୍ଥାପନ ॥ ତାହାକୁ ଶ୍ରଦ୍ଧା ବୋଲି କହି । ଏ ଷଟ କର୍ମ କହିଲଇଁ ॥ ମୋକ୍ଷ ଲଭିବେ ବଳବତୀ । ଇଚ୍ଛା ମୁମୁକ୍ଷୁ କହନ୍ତି ॥ ସାଧନ ଚତୁଷ୍ଟୟ ଏହି । ଅଭ୍ୟାସ କରି ଥାଏ ଯେହି ॥ ଚତୁଃସାଧନ ଯୁକ୍ତ ବୋଲି । ତାକୁହିଁ ଜଗତେ ବୋଲନ୍ତି ।

କର୍ମଜନ୍ୟଂ ଜନ୍ମାଦିଷଡ଼୍‌ଭାବବିକାରଂ । ତଥାଚୋକ୍ତଂ । ପଞ୍ଚୀକୃତ ମହାଭୂତ-ସମ୍ଭବଂ କର୍ମସଞ୍ଚିତଂ । ଶରୀରଂ ସୁଖଦୁଃଖାନାଂ ଭୋଗାୟତନମୁଚ୍ୟତେ । ଶୀର୍ଯ୍ୟତେ-ବୟୋଭିର୍ବାଲ୍ୟକୌମାରଯୌବନ ବାର୍ଦ୍ଧକ୍ୟାଦିଭିରିତି ଶରୀରଂ । ଦହ ଭସ୍ମୀ କରଣେ ଇତି ବ୍ୟୁତ୍ପତ୍ତ୍ୟା ଚ ଦେହୋ ଭସ୍ମୀଭାବଂ ପ୍ରାପ୍ନୋତୀତ୍ୟର୍ଥଃ । ନନୁ କେଷାଞ୍ଚିଦ୍ଦେହାନ ଭସ୍ମୀଭାବଂ ପ୍ରାପ୍ନୁବନ୍ତି କେଷାଞ୍ଚିଦ୍ଦେହାଃ ଖନନାଦି ପ୍ରାପ୍ନୁବନ୍ତି; କଥମୁଚ୍ୟତେ ସର୍ବ ସ୍ଥୂଲାଦିକ ସ୍ଥୂଳଦେହଜାତଂ ଯଦ୍ୟପ୍ୟେବଂ ତଥାପି କେନାଗ୍ନିନା ଦାହତ୍ୱଂ ଭସ୍ମୀଭାବଂ ପ୍ରାପ୍ନୋତି ସମ୍ଭବତୀତ୍ୟତ ଆହ ସର୍ବେଷାଂ ସ୍ଥୂଳାଦି ଦେହାନାମାଧ୍ୟାତ୍ମିକାଧିଭୌତିକାଧିଦୈବିକ ତାପତ୍ରୟାଗ୍ନିନା ଦାହତ୍ୱଂ ସମ୍ଭବତୀତ୍ୟର୍ଥଃ । ଆଧ୍ୟାତ୍ମିକଂ ନାମ ? ଅତ୍ମାନଂ ଦେହମଧିକୃତ୍ୟ ବର୍ତ୍ତତେ ଇତି ତଦ୍ଦୁଃଖଂ ଆଧ୍ୟାତ୍ମିକଂ ବାତପିତ୍ତ କଫଜାତଂ ଶିରୋରୋଗଜ୍ୱରାଦି ବ୍ୟାଧିରୂପଂ ଆଧିଭୌତିକଂ ନାମ ? ଭୂତମଧିକୃତ୍ୟ ବର୍ତ୍ତତ ଇତ୍ୟାଧିଭୌତିକଂ; ବ୍ୟାଘ୍ର-ତସ୍କରାଦିଜନ୍ୟ ଦୁଃଖମ । ଆଧିଦୈବିକଂ ନାମ ? ଦେବମଧିକୃତ୍ୟ ବର୍ତ୍ତତ ଇତ୍ୟାଧିଦୈବିକଂ ଦୁଃଖମଶନିପାତାଦିଜନ୍ୟଂ । ୪ ।

ତେମନ୍ତ ସାଧକଙ୍କି ଯେହୁ । ଆତ୍ମାନାତ୍ମ ବିଚାରେ ସେହୁ ॥ ଅଧିକାରୀ ଅଟଇ ଜାଣ । ଭାଜନ ନୁହେ ଏଥୁଁ ଆନ ॥ ବ୍ରହ୍ମଚାରୀର ଯଥା ଜାଣ । ଗୁରୁ ସେବାଦି ବିନା ଆନ ॥ କେବଣ କର୍ତ୍ତବ୍ୟ ନ ଥାଏ । ଚତୁଃସାଧକର ସେ ପ୍ରାଏ ॥ ଆତ୍ମାନାତ୍ମ ବିଚାର ବିନା । ଅନ୍ୟ କର୍ତ୍ତବ୍ୟ ନାହିଁ ସିନା ॥ କିନ୍ତୁ ଗୃହସ୍ଥ ଯେଉଁଜନ । ନ ଥାଉ ପଛକେ ସାଧନ ॥ ସେ ଯେବେ ଗୁରୁ ସେବା କରି । ଭକ୍ତିରେ ହୃଦପଦ୍ମେ ଧରି ॥ କରେ ଆତ୍ମାନାତ୍ମ ବିଚାର । ତା'ହୁଏ ବହୁ ଉପକାର ॥ ଅଶୀତି କୃଚ୍ଛ୍ରବ୍ରତ ଫଳ । ସେ ଲଭ କରଇ କେବଳ ॥ ତେଣୁ ଆତ୍ମାନାତ୍ମ ବିଚାର । ଅବଶ୍ୟ ଅଟଇ କରିବାର । ୩ ।

ଆତ୍ମାର ପରିଚୟ ପୂର୍ଣ୍ଣ । ଏଠାରେ କହୁଅଛୁଁ ଶୁଣ ॥ ଏଯେ ସ୍ଥୂଳସୂକ୍ଷ୍ମ କାରଣ । ଅଟଇ ଦେହର ଲକ୍ଷଣ ॥ ଏ ତିନି ଦେହୁଁ ଅତିରିକ୍ତ । ପଞ୍ଚକୋଷୁଁ ପୃଥକ୍‌ଭୂତ ॥ ସାକ୍ଷୀ ଯେ ଅବସ୍ଥାତ୍ରୟର । ସଚ୍ଚିଦାନନ୍ଦ ଯେ ଅବିକାର ॥ ତାହାଙ୍କୁ ଆତ୍ମା ବୋଲି କହି । ଅନାତ୍ମା ଶୁଣ ଯେବା ତହିଁ ॥ ଅନିତ୍ୟ ଜଡ଼ ଦୁଃଖ ଯୁତ । ସମଷ୍ଟି ବ୍ୟଷ୍ଟି ଭାବ ଶ୍ରିତ । ଶରୀର ତ୍ରୟକୁ †ଅନାତ୍ମା । ବୋଲନ୍ତି କହନ୍ତି ମହାତ୍ମା ॥ ସ୍ଥୂଳ ସୂକ୍ଷ୍ମ କାରଣ ଦେହ । ଶରୀର ତ୍ରୟ ଅଟେ ସେହୁ ॥ ପଞ୍ଚମହାଭୂତ ମିଶ୍ରଣେ । ଯେବଣ ପଦାର୍ଥ ଜନମେ ॥ କର୍ମରୁ ଉଦ୍ଭବ ଯାହାର । ଘେନଇ ଜନ୍ମାଦି ବିକାର ॥ ସୁଖ ଦୁଃଖ ଭୋଗ କରଇ । ସ୍ଥୂଳ ଦେହ ତାକୁ କହି ॥ ବାଲ୍ୟକୌମାର ଯୌବନେ । ବାର୍ଦ୍ଧକ୍ୟ ଏଆଦି କାରଣେ ॥ ଶୀର୍ଣ୍ଣ ହୁଅଇ କ୍ରମେ ଯେଣୁ ।

---

† ତିନିଶରୀର :—ସ୍ଥୂଳ, ସୂକ୍ଷ୍ମ କାରଣ ଶରୀର ।

୧-ଜନ୍ମ, ମୃତ୍ୟୁ, ବାଲ୍ୟ, କୌମାର, ଯୌବନ ଓ ବାର୍ଦ୍ଧକ୍ୟ ଏହାକୁ ଷଡ଼ବିକାର କହନ୍ତି ।

ସୂକ୍ଷ୍ମ ଶରୀରଂ ନାମ ? ଅପଞ୍ଚୀକୃତଭୂତକାର୍ଯ୍ୟଂ ସପ୍ତଦଶକଂ ଲିଙ୍ଗଂ । ସପ୍ତଦଶକଂ ନାମ ? ଜ୍ଞାନେନ୍ଦ୍ରିୟାଣି ପଞ୍ଚ, କର୍ମ୍ମେନ୍ଦ୍ରିୟାଣି ପଞ୍ଚ, ପ୍ରାଣାଦି ପଞ୍ଚବାୟବୋ, ବୁଦ୍ଧିର୍ମ୍ମନଶ୍ଚେତି । ଜ୍ଞାନେନ୍ଦ୍ରିୟାଣି କାନି ? ଶ୍ରୋତ୍ରତ୍ୱକ୍‌ଚକ୍ଷୁ ର୍ଜିହ୍ୱା ଘ୍ରାଣାଖ୍ୟାନି । ଶ୍ରୋତ୍ରେନ୍ଦ୍ରିୟଂ ନାମ ? ଶ୍ରୋତ୍ର ବ୍ୟତିରିକ୍ତଂ କର୍ଣ୍ଣଶଷ୍କୁଲ୍ୟ ବଚ୍ଛିନ୍ନନଭୋଦେଶାଶ୍ରୟଂ ଶବ୍ଦଗ୍ରହଣଶକ୍ତିମଦିନ୍ଦ୍ରିୟଂ ଶ୍ରୋତ୍ରେନ୍ଦ୍ରିୟମିତି । ତ୍ୱଗିନ୍ଦ୍ରିୟଂ ନାମ ? ତ୍ୱକ୍ ବ୍ୟତିରିକ୍ତଂ ତ୍ୱଗାଶ୍ରୟମାପାଦତଳମସ୍ତକବ୍ୟାପି ଶୀତୋଷ୍ଣାଦି ସ୍ପର୍ଶଶକ୍ତିମଦିନ୍ଦ୍ରିୟଂ ତ୍ୱଗିନ୍ଦ୍ରିୟମିତି । ଚକ୍ଷୁରିନ୍ଦ୍ରିୟଂ ନାମ ? ଗୋଲକ-ବ୍ୟତିରିକ୍ତଂ ଗୋଲକାଶ୍ରୟଂ କୃଷ୍ଣତାରକାଗ୍ରବର୍ତ୍ତି ରୂପାଦି ଗ୍ରହଣ ଶକ୍ତିମଦିନ୍ଦ୍ରିୟଂ ଚକ୍ଷୁରିନ୍ଦ୍ରିୟମିତି । ଜିହ୍ୱେନ୍ଦ୍ରିୟଂ ନାମ ? ଜିହ୍ୱାବ୍ୟତିରିକ୍ତଂ ଜିହ୍ୱାଶ୍ରୟଂ ଜିହ୍ୱାଗ୍ରବର୍ତ୍ତି ରସ ଗ୍ରହଣଶକ୍ତିମଦିନ୍ଦ୍ରିୟଂ ଜିହ୍ୱେନ୍ଦ୍ରିୟମିତି । ଘ୍ରାଣେନ୍ଦ୍ରିୟଂ ନାମ ? ନାସିକାବ୍ୟତିରିକ୍ତଂ ନାସିକା ଶ୍ରୟଂ ନାସିକାଗ୍ରବର୍ତ୍ତି ଗନ୍ଧଗ୍ରହଣ ଶକ୍ତିମଦିନ୍ଦ୍ରିୟଂ ଘ୍ରାଣେନ୍ଦ୍ରିୟମିତି ।

ଶରୀର ନାମ ବହେ ତେଣୁ ॥ ଦହନ ହେବାରୁ ତାହାର । ଦେହ ନାମ ଅଟେ ପ୍ରଚୁର ॥ କରିପାର ତୁମ୍ଭେ ସନ୍ଦେହ । ଭସ୍ମ ନ ହୁଏ ସବୁ ଦେହ । କେତେ ଦେହ ଭସ୍ମ ହୁଅଇ । କେତେବା ମାଟିରେ ପଚଇ ॥ ଦାହ ନୁହେଁତ ସବୁଠାଇଁ । ଦେହ ନାମ ତେବେ କିପାଇଁ ? ॥ ଏଥିକୁ ବହୁତ ଉତ୍ତର । ଦେଉଛୁଁ ମନ ସ୍ଥିର କର ॥ ଆଧ୍ୟାତ୍ମିକ ଆଧି-ଭୌତିକ । ଆଉରି ସେ ଆଧି ଦୈବିକ ॥ ଏ ତାପତ୍ରୟ[୧] ଅଗ୍ନିପରି । ଦହେ ସ୍ଥୂଳ ଦେହକୁ ଧରି ॥ ତେଣୁ ତାହାର ନାମ ଦେହ । ନ କର ଏଥିରେ ସନ୍ଦେହ ॥ ତାପତ୍ରୟ ଲକ୍ଷଣମାନ । କହୁଛୁଁ ହୁଅ ସାବଧାନ ॥ ଦେହକୁ କରି ଆଧିକାର । ଯେ ଦୁଃଖ ହୁଅଇ ତାହାର ॥ ଶିର-ରୋଗ ଆଦି ଏ ଜାଣ । ଆଧ୍ୟାତ୍ମିକ ତାପ ପ୍ରମାଣ ॥ ଭୂତବୋଲି ପ୍ରାଣୀକୁ କହି । ଯେ ଦୁଃଖ ପ୍ରାଣୀଠାରୁ ହୋଇ । ଆଧିଭୌତିକ ବୋଲି ତାହା । ବ୍ୟାଘ୍ର ସର୍ପଙ୍କ ଦୁଃଖ ଯାହା । ଯେ ଦୁଃଖ ଦେବତାଙ୍କ ବଳେ । ମନୁଷ୍ୟେ ଭୁଞ୍ଜନ୍ତି ସ୍ଥଳେ ॥ ବଜ୍ରାଦିପାତ ଯା ହୁଅଇ । ଆଧିଦୈବିକ ତାକୁ କହି ॥ ୪ ॥

---

୧ ତ୍ରିତାପ ବା ତିନ ଦୁଃଖ:—ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ । ଆଧ୍ୟାତ୍ମିକ ଏହା ଦେହରୁ ଜନ୍ମ ହୁଏ । ଯଥା, ଶିର ରୋଗ ଆଦି ସମସ୍ତ ରୋଗ ।

ଆଧିଭୌତିକ—ଏହି ଦୁଃଖ ଭୂତ ଅର୍ଥାତ୍ ପ୍ରାଣିମାନଙ୍କଦ୍ୱାରା ଘଟେ । ଯଥା—ବ୍ୟାଘ୍ର, ସର୍ପ, କୁକୁର ଦ୍ୱାରା ଜାତ ଦୁଃଖ ।

ଆଧିଦୈବିକ—ଏହା ଶୂନ୍ୟରୁ ଅକସ୍ମାତ୍ ଘଟେ । ଯଥା, ବଜ୍ରପାତ କରକାପାତ, ବୃକ୍ଷରୁ ପତନ ଓ ଝୁଣ୍ଟି ପଡ଼ିବା, ଜଳମଗ୍ନ ହେବା ।

କର୍ମେନ୍ଦ୍ରିୟାଣି କାନି ? ବାକ୍‌ପାଣି ପାଦପାୟୂପସ୍ଥାଖ୍ୟାନି । ବାଗିନ୍ଦ୍ରିୟଂ ନାମ ? ବାଗ୍ ବ୍ୟବହାରକଂ ବାଗାଶ୍ରୟମଷ୍ଟସ୍ଥାନବର୍ତ୍ତି ଶବ୍ଦୋଚ୍ଚାରଣଶକ୍ତିମଦିନ୍ଦ୍ରିୟଂ ବାଗିନ୍ଦ୍ରିୟମିତି । ଅଷ୍ଟସ୍ଥାନାନି ? ଉରଃ କଣ୍ଠ ଶିରସ୍ତାଲୁ ଜିହ୍ୱା ଦନ୍ତୌଷ୍ଠ ନାସିକାଃ । ଅଷ୍ଟସ୍ଥାନନାମ । ହୃଦୟ କଣ୍ଠଶିର ଊର୍ଦ୍ଧ୍ୱୋଷ୍ଠାଧରେଷୁ ଚତୁଃସ୍ଥାନ ନା । ପାଣୀନ୍ଦ୍ରିୟଂ ନାମ । ପାଣି ବ୍ୟବହାରକଂ କରତଳାଶ୍ରୟଂ ଦାନାଦାନଶକ୍ତିମଦିନ୍ଦ୍ରିୟଂ ପାଣୀନ୍ଦ୍ରିୟମିତି । ପାଦେନ୍ଦ୍ରିୟଂ ନାମ ? ପାଦବ୍ୟବହାରକଂ ପାଦାଶ୍ରୟଂ ପଦତଳବର୍ତ୍ତି ଗମନାଗମନଶକ୍ତିମଦିନ୍ଦ୍ରିୟଂ ପାଦେନ୍ଦ୍ରିୟମିତି । ପାୟିନ୍ଦ୍ରିୟଂ ନାମ ? ଗୁଦବ୍ୟବହାରକଂ ଗୁଦାଶ୍ରୟଂ ପୁରୀଷୋତ୍ସର୍ଗଶକ୍ତିମଦିନ୍ଦ୍ରିୟଂ ପାୟିନ୍ଦ୍ରିୟମିତି । ଉପସ୍ଥେନ୍ଦ୍ରିୟଂ ବ୍ୟବହାରକଂ ଉପସ୍ଥାଶ୍ରୟଂ ମୂତ୍ରଶୁକ୍ରୋତ୍ସର୍ଗଶକ୍ତିମଦିନ୍ଦ୍ରିୟଂ ଉପସ୍ଥେନ୍ଦ୍ରିୟମିତି ଏତାନି କର୍ମେନ୍ଦ୍ରିୟଂ ନାମ ? ଶ୍ରୂୟତେ ।

ସୂକ୍ଷ୍ମ ଶରୀର ରୂପ ଗୁଣ । କହୁଛୁଁ ସାବଧାନେ ଶୁଣ ॥ ଅପଞ୍ଚୀକୃତ ପଞ୍ଚଭୂତ । ତହୁଁ ଯେ ହୁଅଇ ସମ୍ଭୂତ ॥ ସପ୍ତଦଶକ ଲିଙ୍ଗ[1] ଯାହା । ସୂକ୍ଷ୍ମ ଶରୀର ଜାଣ ତାହା ॥ କର୍ଣ୍ଣାଦି ପଞ୍ଚ ଜ୍ଞାନେନ୍ଦ୍ରିୟ । ବାଗାଦି ପଞ୍ଚକର୍ମେନ୍ଦ୍ରିୟ । ପ୍ରାଣଆଦି ଯେ ପଞ୍ଚବାୟୁ । ମନ ସହିତ ବୁଦ୍ଧି ଅଭ ॥ ଏ ସପ୍ତଦଶ ଲିଙ୍ଗ ଜାଣ । ଶୁଣ ଜ୍ଞାନେନ୍ଦ୍ରିୟ ବିଧାନ ॥ କର୍ଣ୍ଣତ୍ୱକ୍ ନୟନ ଘ୍ରାଣ । ରସନା ମିଶି ପଞ୍ଚ ଜାଣ ॥ କର୍ଣ୍ଣ ନୁହେଁ ଅଥର ଦେହ । କର୍ଣ୍ଣରନ୍ଧ୍ର ଆଶ୍ରୟେ ରହି ॥ ଶବଦ ଗ୍ରହଣ କରଇ । ତାହାକୁ କର୍ଣ୍ଣେନ୍ଦ୍ରିୟ କହି । ତ୍ୱକ ନୁହଇ ତ୍ୱଗାଶ୍ରୟେ । ଆପାଦଶିର ବ୍ୟାପି ରହେ ॥ ଶୀତୋଷ୍ଣାଦି ସ୍ପର୍ଶ ଜାଣଇ । ତାହାକୁ ତ୍ୱଗିନ୍ଦ୍ରିୟ କହି ॥ ଚକ୍ଷୁ ଗୋଲକ ଯେ ନୁହଇ । ଗୋଲକାଶ୍ରୟେ ଥାଏ ରହି । କୃଷ୍ଣ ତାରକା ଅଗ୍ରବର୍ତ୍ତୀ । ରୂପ ଗ୍ରହଣେ ଯାର ଶକ୍ତି ॥ ଚକ୍ଷୁରିନ୍ଦ୍ରିୟ ତାର ନାମ । ଏବେ ଶୁଣ ନାସା ବିଧାନ ॥ ନାସା ନୁହେଁ ନାସା ଆଶ୍ରିତ ॥ ହୋଇ ଯେ ଥାଏ ବିରାଜିତ ॥ ନାସିକା ଅଗ୍ର ବିଦ୍ୟମାନ । ଗନ୍ଧ ଗ୍ରହଣେ ଶକ୍ତିମାନ ॥ ତାହାକୁ ଘ୍ରାଣେନ୍ଦ୍ରିୟ କହି । ରସନା ଶୁଣ ଯେ ଅଟଇ ॥ ଜିହ୍ୱା ନୁହଇ ଯେ ଜିହ୍ୱାଶ୍ରିତ । ହୋଇଣ ରହେ ପ୍ରକାଶିତ ॥ ଜିହ୍ୱାଗ୍ରବର୍ତ୍ତୀ ରସଗ୍ରାହୀ । ରସନେନ୍ଦ୍ରିୟ ଜାଣ ସେହି ॥ ବାକ୍ ପାଣି ପାଦ ପାୟୂପସ୍ଥ । ଏ କର୍ମେନ୍ଦ୍ରିୟ ନାମେ ଖ୍ୟାତ ॥ ବାକ୍ ନୁହେଁ କଣ୍ଠ ଜିହ୍ୱାଦି । ବାକ୍ୟଯନ୍ତ୍ର କରି ଆଶ୍ରୟ । ଅଷ୍ଟସ୍ଥାନର ଶବ୍ଦମାନ । ଉଚ୍ଚାରଣେ ଯେ ଶକ୍ତିମାନ ॥ ତାହାକୁ ବୋଲି ବାଗିନ୍ଦ୍ରିୟ । ଶୁଣ ଅଷ୍ଟସ୍ଥାନ ନିର୍ଣ୍ଣୟ ॥ ଶିରଧର କଣ୍ଠ ହୃଦୟ

---

୧ ସୂକ୍ଷ୍ମଶରୀରର ଅନ୍ୟନାମ ଲିଙ୍ଗ ଶରୀର । ସତର ଲିଙ୍ଗ ମିଶି ସୂକ୍ଷ୍ମ ଶରୀର ହୁଏ । ଜ୍ଞାନେନ୍ଦ୍ରିୟ ପଞ୍ଚ, କର୍ମେନ୍ଦ୍ରିୟ ପଞ୍ଚ ପଞ୍ଚବାୟୁ ଓ ମନ ଏବଂ ବୁଦ୍ଧିକୁ ସତରଲିଙ୍ଗ କହନ୍ତି । ଜ୍ଞାନେନ୍ଦ୍ରିୟ (କର୍ଣ୍ଣ (ଚର୍ମ) ଚକ୍ଷୁ ନାସା ଓ ଜିହ୍ୱା) । କର୍ମେନ୍ଦ୍ରିୟ (ବାକ୍ ପାଣି ପାଦ, ପାୟୁ (ଗୁହ୍ୟ) ଓ ଉପସ୍ଥ) ପଞ୍ଚବାୟୁ (ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ) ।

ଅନ୍ତଃକରଣଂ ନାମ ? ମନୋବୁଦ୍ଧିଶ୍ଚିତ୍ତମହଙ୍କାରଶ୍ଚେତି । ମନଃ ସ୍ଥାନଂ ଗଳାନ୍ତରମ୍ ବୁଦ୍ଧେର୍ବଦନଂ । ଚିତ୍ତସ୍ୟ ନାଭିଃ, ଅହଙ୍କାରସ୍ୟ ହୃଦୟଂ ॥ ଅନ୍ତଃକରଣ ଚତୁଷ୍ଟୟସ୍ୟ ବିଷୟାଃ ସଂଶୟ ନିଶ୍ଚୟଧାରଣାଭିମାନାଃ । ପ୍ରାଣାଦିବାୟୁପଞ୍ଚକଂ ନାମ ? ପ୍ରାଣାପାନବ୍ୟାନୋଦାନ ସମାନାଃ । ତେଷାଂ ସ୍ଥାନବିଶେଷା ଉଚ୍ୟନ୍ତେ । ହୃଦି ପ୍ରାଣୋ ଗୁଦେଽପାନଃ ସମାନୋ ନାଭି ସଂସ୍ଥିତଃ । ଉଦାନଃ କଣ୍ଠଦେଶସ୍ଥୋ ବ୍ୟାନଃ ସର୍ବଶରୀରଗଃ । ଏତେଷାଂ ବିଷୟାଃ । ପ୍ରାଣଃ ପ୍ରାଗଗମନବାନ୍ । ଅପାନୋଽବାଗ୍‌ଗମନବାନ୍ । ଉଦାନ ଉର୍ଦ୍ଧ୍ୱଗମନବାନ୍ । ସମାନଃ ସମୀକରଣବାନ୍ । ବ୍ୟାନୋ ବିଷ୍ୱଗ୍‌ଗମନବାନ୍ । ଏତେଷାମୁପବାୟବଃ ପଞ୍ଚ । ନାଗଃ କୂର୍ମଶ୍ଚ କୃକରୋ ଦେବଦତ୍ତୋ ଧନଞ୍ଜୟଃ । ଏତେଷାଂ ବିଷୟାଃ । ନାଗ ଉଦ୍‌ଗୀରଣମପି କୂର୍ମ ଉନ୍ମୀଳନନ୍ତଥା । ଧନଞ୍ଜୟାତ୍ ପୋଷଣଞ୍ଚ ଦେବଦତ୍ତଜ୍ଜୃମ୍ଭଣଂ । କୃକରାତ କ୍ଷୁତଂ ଜାତମିତି ଯୋଗବିଦୋ ବିଦୁଃ (ନାଗ ଉଦ୍‌ଗୀରଣକରଃ । କୂର୍ମ ଉନ୍ମୀଳନକରଃ । ଧନଞ୍ଜୟଃ ପୋଷଣକରଃ । ଦେବଦତ୍ତୋ ଜୃମ୍ଭଣକରଃ । କୃକରଃ କ୍ଷୁତକରଃ । ୫ ।

ରସନା ଓଷ୍ଠ ତାଙ୍କ ଦ୍ୱୟ ॥ କର ନୁହଇ କରତଳ । ଅଶ୍ରୟେ ରହେ ଯେ କେବଳ ।
ଦେବାନେବା ଶକ୍ତି ଘେନଇ । ତାଙ୍କୁ ପାଣି ଇନ୍ଦ୍ରିୟ କହି ॥ ପାଦ ନୁହଇ ପାଦାଶ୍ରୟେ ।
ରହି ଯେ ଗତି ଶକ୍ତି ବହେ ॥ ପାଦ ଇନ୍ଦ୍ରିୟ ନାମ ତାର । ଏବେ ଶୁଣ ପାୟୁ ବିଚାର ॥
ଗୁହ୍ୟ ଦେଶ କଭୁ ନୁହଇ । ଗୁହ୍ୟ ଅଶ୍ରୟେ ଯେ ରହଇ ॥ ମଳ ବର୍ଜନ ଶକ୍ତିମାନ ।
ପାୟୁ ଇନ୍ଦ୍ରିୟ ତାହା ଜାଣ । ଉପସ୍ଥଠାରୁ ଅତିରିକ୍ତ । ଅଥଚ ଉପସ୍ଥ ଆଶ୍ରିତ ॥
ମୂତ୍ର ଶୁକ୍ର ଉତ୍ସର୍ଗକାରୀ । ଉପସ୍ଥ ନାମଟି ତାହାରି ॥ ଚିତ୍ତାହଙ୍କାର ବୁଦ୍ଧି ମନ ।
ଏ ଚାରି ଯେ ଅନ୍ତଃକରଣ ॥ ମନର ସ୍ଥାନ ଗଳାଦେଶ । ମୁଖରେ ବୁଦ୍ଧି କରେ ବାସ ॥
ନାଭିରେ ଚିତ୍ତର ବିହାର । ହୃଦୟେ ବସେ ଅହଙ୍କାର ॥ ସଂଶୟ ନିଶ୍ଚୟ ଧାରଣା ।
ଅଭିମାନ ଏ ଚାରି ସିନା ॥ ଅନ୍ତଃକରଣ ଚାରିଙ୍କର । ଅଟନ୍ତି ବିଷୟ ଅବର ॥
ପ୍ରାଣ ଅପାନ ପୁଣି ବ୍ୟାନ । ସଙ୍ଗତେ ଉଦାନ ସମାନ ॥ ଏ ପଞ୍ଚ ବାୟୁଙ୍କର ନାମ । ଶୁଣ
ତାହାଙ୍କ କାର୍ଯ୍ୟସ୍ଥାନ ॥ ହୃଦେ ପ୍ରାଣ ଗୁହ୍ୟେ ଅପାନ । ନାଭିରେ ରହଇ ସମାନ ॥ କଣ୍ଠ
ଦେଶେ ବସେ ଉଦାନ । ସର୍ବଶରୀରେ ରହେ ବ୍ୟାନ ॥ ଭୁକ୍ତ ଅନ୍ନ ସମୀକରଣ । କରଇ
ସମାନ ପବନ ॥ ବହିର୍ଗମନ ଶୀଳ ପ୍ରାଣ । ଅଧୋଗତିଶୀଳ ଅପାନ । ଉଦାନ ଊର୍ଦ୍ଧ୍ୱଗତି
ମାନ । ସର୍ବଶରୀରେ ରହେ ବ୍ୟାନ । ପଞ୍ଚବାୟୁର ଉପବାୟୁ[1] । ପାଞ୍ଚୋଟି ଅଛନ୍ତି ଶୁଣ ଆଜ ॥

---

୧. ଉପବାୟୁ ୫ ଗୋଟି । ଯଥା: – ନାଗ (ପ୍ରାଣବାୟୁର ଅନ୍ତର୍ଗତ), କୂର୍ମ (ଅପମାନ ବାୟୁର ଅନ୍ତର୍ଗତ) । କୃକର (ବ୍ୟାନବାୟୁର ଉପବାୟୁ) ଦେବଦତ୍ତ ଉଦାନ ବାୟୁର ଉପବାୟୁ ଏବଂ ଧନଞ୍ଜୟ (ସମାନବାୟୁର ଉପବାୟୁ ।

ଏତଚ୍ଚକ୍ଷୁଃ ଜ୍ଞାନେନ୍ଦ୍ରିୟାଦୀନାମଧିପତୟୋ ଦିଗାଦୟଃ । ଦିକ୍ ବାତାର୍କ ପ୍ରଚେତୋଽଶ୍ୱି-ବହ୍ନୀନ୍ଦ୍ରୋପେନ୍ଦ୍ରମିତ୍ରକାଃ । ତଥା ଚନ୍ଦ୍ରଶ୍ଚତୁର୍ବକ୍ତ୍ରୋ ରୁଦ୍ରଃ କ୍ଷେତ୍ରଜ୍ଞ ଈଶ୍ୱରଃ । ବଶିଷ୍ଠୋ ବିଶ୍ୱସ୍ରଷ୍ଟା ଚ ବିଶ୍ୱବ୍ୟାପାରଯୋନିଜଃ । କ୍ରମେଣ ଦେବତାଃ ପ୍ରୋକ୍ତାଃ ଶ୍ରୋତ୍ରାଦୀନାଂ ଯଥାକ୍ରମାତ୍ । ଏତତ୍ ସର୍ବଂ ମିଳିତଂ ଲିଙ୍ଗଶରୀରମିତ୍ୟୁଚ୍ୟତେ । ତଥା ଚୋକ୍ତଂ । ପଞ୍ଚପ୍ରାଣମନୋବୁଦ୍ଧିଦଶେନ୍ଦ୍ରିୟସମନ୍ୱିତଂ । ଅପଞ୍ଚୀକୃତଭୂତୋତ୍ଥଂ ସୂକ୍ଷ୍ମାଙ୍ଗଂ ଭୋଗସାଧନଂ । ଲୀନମର୍ଥଂ ଗମୟତୀତି ବ୍ୟୁତ୍ପତ୍ତ୍ୟା ଲିଙ୍ଗଶରୀରଂ ନିଗଦ୍ୟତେ । ଶୀର୍ଯ୍ୟତେ ଇତି ବ୍ୟୁତ୍ପତ୍ତ୍ୟା ଶରୀରମିତ୍ୟୁଚ୍ୟତେ । କଥଂ ଶୀର୍ଯ୍ୟତେ ଇତି ଚେତ୍ ? ଅହଂ ବ୍ରହ୍ମାସ୍ମୀତି ଜ୍ଞାନେନ ଶୀର୍ଯ୍ୟତେ । ଦହତି ସ୍ୱୀକରଣେ ଇତି ବ୍ୟୁତ୍ପତ୍ତ୍ୟା ଲିଙ୍ଗଦେହସ୍ୟ ପୂର୍ବାପୂର୍ବଃ ସ୍ୱରଂ ସ୍ୱପ୍ନ ଉଚ୍ୟତେ । କଥଂ ? ବାଗାଦ୍ୟାକାରେଣ ପରିଣାମୋ ବୁଦ୍ଧେଃ । ତତ୍ ସଙ୍କୋଚେନାମ ଜର୍ଣ୍ଣତ୍ୟା । ୬ ।

ନାଗ କୂର୍ମ୍ମ କୃକର ଆଉ । ଦେବଦତ୍ତ ଯେ ଧନଞ୍ଜୟ ॥ ତାହାଙ୍କ କାର୍ଯ୍ୟ ଶୁଣ ଅବା । ଉଦଗାର କାର୍ଯ୍ୟ ଅଟେ ନାଗ । କୂର୍ମ କରଇ ଉନ୍ମୀଳନ । ଧନଞ୍ଜୟ କରେ ପୋଷଣ ॥ ଦେବଦତ୍ତରୁ ଜାତ 'ହାଇ' । କୃକର ଛିଙ୍କ ଉପୁଜାଇ । ୫ ।

ଇନ୍ଦ୍ରିୟମାନଙ୍କର ପୁଣି । ଯାହା ଯେ ଅଧିପତି ଶୁଣ ॥ କର୍ଣ୍ଣର ଦିଗ ଅଧିପତି । ତ୍ୱକର ବାୟୁ ବେଦ ମତ ॥ ନେତ୍ର ଅଧିପତି ଅରୁଣ । ରସନାର ଅଟେ ବରୁଣ ॥ ନାସାର ଅଶ୍ୱିନୀକୁମାର । ବାକର ବହ୍ନି ପରଚୁର ॥ ହସ୍ତର ଅଧିପତି ଇନ୍ଦ୍ର । ପାଦର ଅଧିପ ଉପେନ୍ଦ୍ର ॥ ଶମନ ପାୟୁ ଅଧୀଶ୍ୱର । ଉପସ୍ଥ ଈଶ ହିମକର ॥ ବ୍ରହ୍ମା ମନର ଅଧିପତି । ବୁଦ୍ଧିର ସ୍ୱାମୀ ପଶୁପତି ॥ ଚିତ୍ତର କ୍ଷେତ୍ରଜ୍ଞ ଈଶ୍ୱର । ଅହଙ୍କାରର ଅଧୀଶ୍ୱର—॥ ସ୍ୱୟୋନି ଅଯୋନି ଜାତ । ବିଶ୍ୱସ୍ରଷ୍ଟା ବିଶ୍ୱବିଖ୍ୟାତ ॥ ଅପଞ୍ଚୀକୃତ ପଞ୍ଚଭୂତ । ତହୁଁ ଯେ ହୋଇଛନ୍ତି ସମ୍ଭୂତ ॥ ଦଶ ଇନ୍ଦ୍ରିୟ ପଞ୍ଚପ୍ରାଣ । ମନ ବୁଦ୍ଧି ସହିତ ଜାଣ ॥ ଏ ସର୍ବେ ହୋଇଣ ମିଳିତ । "ଲିଙ୍ଗ ଶରୀର" ନାମେ ଖ୍ୟାତ ॥ *

ଏହା ଅତ୍ୟନ୍ତ ସୂକ୍ଷ୍ମାକାର । ଭୋଗ ସାଧନ ଯେ ଏହାର ॥ ଲୀନ ହେବରୁ ଲିଙ୍ଗ ନାମ । ଏହାର ହୋଇଛି ବ୍ୟାଖ୍ୟାନ ॥ ଶୀର୍ଣ୍ଣତାରୁ ଶରୀର ଯଥା । ହୋଇଛି ଜାଣିଛ ସେ କଥା ॥ "ମୁଁ ବ୍ରହ୍ମ ଅଟଇ" ଏ ଜ୍ଞାନେ । ଶରୀର ଶୀର୍ଣ୍ଣତା ବିଧାନେ ॥ ପୃଥ୍ୱୀକି କର ଅଗ୍ରସର । ଭସ୍ମ ହୁଅଇ କଳେବର ॥ ଇନ୍ଦ୍ରିୟ ବାଗାଦି ଆକାରେ । ପରିଣତ ହେବା କାଳରେ ॥ ବୁଦ୍ଧି ଅବସ୍ଥା ତାକୁ କହି । ଯେକାଳେ ସଙ୍କୋଚିତ ହୋଇ ॥ ସ୍ୱପ୍ନାକାରରେ ଅବସ୍ଥାନ । କରନ୍ତି ସ୍ୱପ୍ନାବସ୍ଥା ଜାଣ । ୬ ।

---

୧ ବସ୍ତ । * 'ଚନ୍ଦ୍ରଚତୁର୍ମୁଖ ଶଙ୍କରାଚ୍ୟୁତୈ କ୍ରମାନ୍ନିୟନ୍ତ୍ରେଣ ମନୋବୁଦ୍ଧ୍ୟହଙ୍କାର ଚିତ୍ତାଖ୍ୟେନ୍ଦ୍ରିୟ ଚତୁଷ୍କେଣ" ଏହି ବେଦାନ୍ତସାରର ବାକ୍ୟଦ୍ୱାରା ମନର ଅଧିପତି ଚନ୍ଦ୍ର, ବୁଦ୍ଧିର ବ୍ରହ୍ମା, ଅହଙ୍କାରର ଶଙ୍କର ଏବଂ ଚିତ୍ତର ଅଚ୍ୟୁତ ଅଧିପତି ।

କାରଣଶରୀରଂ ନାମ ଶରୀରଦ୍ୱୟହେତୁଭୂତମନାଦ୍ୟନିର୍ବାଚ୍ୟଂ ସାଭାସଂ ବ୍ରହ୍ମାତ୍ମୈକତ୍ୱଜ୍ଞାନନିବର୍ତ୍ତ୍ୟମଜ୍ଞାନଂ କାରଣ ଶରୀର ମିତ୍ୟୁଚ୍ୟତେ । ତଥାଚୋକ୍ତଂ । ଅନାଦ୍ୟବିଦ୍ୟାନିର୍ବାଚ୍ୟା କାରଣୋପାଧିରୁଚ୍ୟତେ । ଉପାଧିତ୍ରିତୟାଦନ୍ୟମାତ୍ମାନମବଧାରୟେତ୍ । ଶୀର୍ୟତ ଇତି ବ୍ୟୁତ୍ପତ୍ତ୍ୟା ଶରୀରଂ କଥମିତି ଚେତ୍ ? ବ୍ରହ୍ମାତ୍ମୈକତ୍ୱଜ୍ଞାନେନ ଶୀର୍ୟତେ । ଦହ ଭସ୍ମୀକରଣ ଇତି ବ୍ୟୁତ୍ପତ୍ତ୍ୟା କାରଣଶରୀରସ୍ୟ ପୂର୍ବାବସ୍ଥଃସନ୍ଦଂ ଦେହ ଇତ୍ୟୁଚ୍ୟତେ । ଅନୃତ ଜଡ଼ଦୁଃଖ ସ୍ୱରୂପମିତ୍ୟୁକ୍ତଂ । ଅନୃତଂ ନାମ ? କାଳତ୍ରୟେଷ୍ୱବିଦ୍ୟମାନବସ୍ତୁ ଅନୃତମିତ୍ୟୁଚ୍ୟତେ । ସ୍ୱବିଷୟପରବିଷୟଜ୍ଞାନରହିତଂ ବସ୍ତୁ ଜଡ଼ମିତ୍ୟୁଚ୍ୟତେ । ଦୁଃଖଂ ନାମ ? ଅପ୍ରୀତି ରୂପଂ ବସ୍ତୁ ଦୁଃଖମିତ୍ୟୁଚ୍ୟତେ । ସମଷ୍ଟିବ୍ୟଷ୍ଟ୍ୟାତ୍ମକମିତ୍ୟୁକ୍ତଂ । ୭ ।

କା ସମଷ୍ଟିଃ ? କା ବ୍ୟଷ୍ଟିଃ ? ଯଥା ବନସ୍ୟ ସମଷ୍ଟିଃ ଯଥା ବୃକ୍ଷସ୍ୟ ବ୍ୟଷ୍ଟିର୍ଜଳସମୂହସ୍ୟ ସମଷ୍ଟିର୍ଜଳସ୍ୟ ବ୍ୟଷ୍ଟିସ୍ତଦ୍ୱଦନେକଶରୀରସ୍ୟ ସମଷ୍ଟିରେକ ଶରୀରସ୍ୟ ବ୍ୟଷ୍ଟିଃ । ଅବସ୍ଥାତ୍ରୟଂ ନାମ ? ଜାଗ୍ରତ୍ସ୍ୱପ୍ନସୁଷୁପ୍ତୟଃ । ଜାଗରଣଂ ନାମ ? ଇନ୍ଦ୍ରିୟୈର୍-

---

ସ୍ଥୂଳ ସୂକ୍ଷ୍ମ ଏ ବେନି ଦେହ । ହେତୁ ସ୍ୱରୂପ ଅଟେ ଯେହୁ ॥ ଅନିର୍ବଚନୀୟ ଅନାଦି । ଜୀବ ବ୍ରହ୍ମ ଭିନ୍ନତ୍ୱ ବାଦୀ ॥ ଅଟଇ ଯେଉଁଣ ଅଜ୍ଞାନ । କାରଣ ଶରୀର ସେ ଜାଣ ॥ ଅନାଦି ଅନିର୍ବଚନୀୟ । ଯେଉଁଣ ଅବିଦ୍ୟା ନିଶ୍ଚୟ ॥ "କାରଣ ଉପାଧି" ନାମରେ କଥିତ ହୋଇଛି ଶାସ୍ତ୍ରରେ ॥ ସ୍ଥୂଳ ସୂକ୍ଷ୍ମ କାରଣ ଯେହୁ । ଉପାଧି ଅଟଇ ନିଶ୍ଚୟ ॥ ଏ ତିନି ଉପାଧି ମଧ୍ୟରେ । ଆତ୍ମାଙ୍କୁ ସ୍ୱତନ୍ତ୍ର ଭାବରେ ॥ କରିବ ଯେ ଅବଧାରଣ । କହୁଛୁଁ ଶୁଣ ତା କାରଣ ॥ ବ୍ରହ୍ମଆତ୍ମା ଏକତ୍ୱ ଜ୍ଞାନ । ହେଲେ ଶୀର୍ଣ୍ଣ ହେବାରୁ ଜାଣ ॥ ଶରୀର ବୋଲି ତାକୁ କହି । ପୃଥିବୀ ଆଦି ଯେ ଅଛଇ ॥ ନିଜ ନିଜ କାରଣେ ଲୟ । ହୁଅଇ ବିଶ୍ୱ-ସମୁଦାୟ ॥ କାରଣ ଶରୀର ବ୍ରହ୍ମରେ । ଲୀନ ହୁଅଇ ଯେ ରୂପରେ ॥ ଦହନ ହୁଅଇ ସେ ଯେଣୁ । କାରଣ ଦେହ ନାମ ତେଣୁ ॥ ସେହି କାରଣ କଳେବର । ଅନୃତ ଜଡ଼ ଦୁଃଖକର ॥ ତ୍ରିକାଳେ ଯେ ଅବିଦ୍ୟମାନ । ଅନୃତ ବୋଲି ତାହା ଜାଣ ॥ ନିଜ ପର ବିଷୟ ଜ୍ଞାନ ॥ ଯାହାଠାରେ ନାହିଁ ଜାଣ ॥ ତାହାକୁ ଜଡ଼ ବୋଲି କହି । ଅବାଞ୍ଛିତ ଦୁଃଖ ଅଟଇ । ୭ ।

ସମଷ୍ଟି ବ୍ୟଷ୍ଟି ନାମ ଗୁଣ । କହୁଁ ମନଦେଇ ଶୁଣ ॥ ଅନେକ ହେଲେ ସମ୍ମିଳିତ । ସମଷ୍ଟି ବୋଲନ୍ତି ପଣ୍ଡିତ ॥ ଗୋଟିଏ ଗୋଟିଏ ଧରନ୍ତେ । ବ୍ୟଷ୍ଟି ବୋଲନ୍ତି ସେହିମତେ ॥ ଅନେକ ବୃକ୍ଷର ମିଳନ । ହେଲେ ଯଥା ହୁଅଇ ବନ । ଅନେକ ଜଳ ମିଳନରେ । ଜଳ ଶବ୍ଦ ନାମକୁ ଧରେ ॥ ଏକ ଏକ ବୃକ୍ଷ ଆଦିର । ବ୍ୟଷ୍ଟି ନାମେ ହୁଏ ଗୋଚର ॥ ପ୍ରତ୍ୟେକ

ର୍ଥୋପଲବ୍ଧିର୍ଜାଗରଣମ୍ । ସ୍ୱପ୍ନୋ ନାମ ? ଜାଗରିତସଂସ୍କାରଜନ୍ୟପ୍ରତ୍ୟୟଃ ସବିଷୟଃ ସ୍ୱପ୍ନଃ । ସୁଷୁପ୍ତି ନାମ ? ସର୍ବ ବିଷୟ ଜ୍ଞାନାଭାବଃ । ଜାଗ୍ରତ୍ ସ୍ଥୂଳଶରୀରାଭିମାନୀ ବିଶ୍ୱଃ । ସ୍ୱପ୍ନଃ ସୂକ୍ଷ୍ମଶରୀରାଭିମାନୀ ତୈଜସଃ । ସୁଷୁପ୍ତିଃ କାରଣ ଶରୀରାଭିମାନୀ ପ୍ରାଜ୍ଞଃ । ୮ ।

କୋଷପଞ୍ଚକଂ ନାମ ? ଅନ୍ନମୟ ପ୍ରାଣମୟମନୋମୟବିଜ୍ଞାନମୟାନନ୍ଦମୟାଖ୍ୟାଃ । **ଅଥ** ଅନ୍ନମୟୋଽନ୍ନବିକାରଃ । ପ୍ରାଣମୟଃ ପ୍ରାଣବିକାରଃ । ମନୋମୟୋ ମନୋବିକାରଃ । ବିଜ୍ଞାନମୟୋ ବିଜ୍ଞାନବିକାରଃ । ଆନନ୍ଦମୟ ଆନନ୍ଦବିକାରଃ । ଅନ୍ନମୟ କୋଷୋ ନାମ ? ସ୍ଥୂଳଶରୀରଂ । କଥଂ ? ମାତୃପିତୃଭ୍ୟାମନ୍ନେ ଭୁକ୍ତେ ସତି ଶୁକ୍ରଶୋଣିତାକାରେଣ ପରିଣତଂ ତୟୋଃ ସଂଯୋଗାଦେବ ଦେହାକାରେଣ ପରିଣତେନ କୋଷବଦାଚ୍ଛାଦକତ୍ୱାତ୍ କୋଷ ଇତ୍ୟୁଚ୍ୟତେ । ଇତିବ୍ୟୁତ୍ପତ୍ତ୍ୟାନ୍ନବିକାରତ୍ୱେ ସତି ଆତ୍ମାନମାଚ୍ଛାଦୟତି । କଥମପରିଚ୍ଛିନ୍ନମାତ୍ମାନଂ ପରିଚ୍ଛିନ୍ନମିବ ଜନ୍ମାଦିଷଡ଼ବିକାର ରହିତମାତ୍ମାନଂ ଜନ୍ମାଦି ଷଡ଼ ଭାବବନ୍ତ ମିବ ତାପତ୍ରୟରହିତମାତ୍ମାନଂ ତାପତ୍ରୟବନ୍ତମିବାଚ୍ଛାଦୟତି । ଯଥାକୋଷଃ ଖଡ଼୍ଗମାଚ୍ଛାଦୟତି । ଯଥା ତୁଷସ୍ତଣ୍ଡୁଲମାଚ୍ଛାଦୟତି । ଯଥା ଗର୍ଭଃସନ୍ତାନମାବରୟତି ତଥାତ୍ମାନମାବରୟତି । ପ୍ରାଣମୟ କୋଷୋ ନାମ ? କର୍ମେନ୍ଦ୍ରିୟାଣିପଞ୍ଚପ୍ରାଣାଦି ବାୟବଃ ପଞ୍ଚ ଏତତ୍ ସର୍ବଂ ମିଳିତଂ ସତ୍ ପ୍ରାଣମୟକୋଷୋ ଇତ୍ୟୁଚ୍ୟତେ । ପ୍ରାଣବିକାରେ ସତି ବକ୍ତୃତ୍ୱାଦିରହିତମାତ୍ମାନଂ ବକ୍ତାରମିବ, ଦାନାଦିତ୍ୱାଦି ରହିତ

ଜଳ ବ୍ୟଷ୍ଟି ନାମେ । କଥିତ ହୁଏ ସେ ବିଧାନେ ॥ ଅନେକ ଶରୀର ମିଳନେ । ଶରୀର
ସମଷ୍ଟି ତେସନେ ॥ ଏକ ଏକଟି କଳେବରେ । ବ୍ୟଷ୍ଟି ବୋଲନ୍ତି ଜ୍ଞାନୀ ନରେ ॥ ଜାଗ୍ରତ
ସ୍ୱପନ ସୁଷୁପ୍ତି । ଅବସ୍ଥାତ୍ରୟ ଅନୁଭୂତି ॥ ଇନ୍ଦ୍ରିୟଗଣ ଯେ ଅବଧି । କରେ ବିଷୟ ଉପଲବ୍ଧି ।
ସେ ଅବସ୍ଥାକୁ ଜ୍ଞାନୀଗଣ । କହନ୍ତି ବୋଲି ଜାଗରଣ ॥ ଜାଗ୍ରତ ସଂସ୍କାର ଜନିତ । ପ୍ରତ୍ୟୟ
ବିଷୟ ସହିତ ॥ ହୁଅଇ ଯେଉଁ ଅବସ୍ଥାରେ । ସ୍ୱପନ ବୋଲନ୍ତି ସଂସାରେ ॥ ସକଳ
ବିଷୟରେ ଜ୍ଞାନ ॥ ନ ରହେ ଯେଉଁ କାଳେ ଜାଣ ॥ ତା ନାମ ସୁଷୁପ୍ତି ଅବସ୍ଥା । ଜ୍ଞାନିଏ
ବୋଲନ୍ତି ସର୍ବଥା ॥ ସ୍ଥୂଳଶରୀର ଅଭିମାନୀ । ଚୈତନ୍ୟକୁ "ବିଶ୍ୱ" ବଖାଣି ॥ ସୂକ୍ଷ୍ମଶରୀର ପ୍ରାଜ୍ଞ
ଅଭିମାନୀ । ଚୈତନ୍ୟେ "ତୈଜସ" ବଖାଣି ॥ କାରଣ ଦେହ ଅଭିମାନୀ । ଚଇତନ୍ୟେ
"ବଖାଣି ॥ ଜାଗ୍ରତ" ସ୍ୱପ୍ନ ସୁଷୁପ୍ତିରେ । ବିଶ୍ୱ ତୈଜସ ପ୍ରାଜ୍ଞ ଧୀରେ ॥ ପଞ୍ଚକୋଷର ବିବରଣ ।
କହୁଛି ଶୁଣ ସାଧୁଗଣ ॥ ଅନ୍ନମୟ ଯେ ପ୍ରାଣମୟ । ମନୋମୟ ବିଜ୍ଞାନମୟ ॥ ଆନନ୍ଦମୟ
ଯେ ଅପର । ଏ ପଞ୍ଚକୋଷ ହେତୁକର ॥ ଅନ୍ନ ବିକାର ଅନ୍ନମୟ । ପ୍ରାଣବିକାର ପ୍ରାଣମୟ ॥
ମନୋମୟ ମନୋବିକାର । ଜ୍ଞାନମୟ ଜ୍ଞାନ ବିକାର ॥ ଆନନ୍ଦମୟ କୋଷ ଯାହା । ଆନନ୍ଦ
ବିକାରଟି ତାହା ॥ ଏ ସ୍ଥୂଳ ଶରୀରେ ସୁମତି । ଅନ୍ନମୟ କୋଷ ବୋଲନ୍ତି । ମାତାପିତାଙ୍କ
ଭୁକ୍ତ ଅନ୍ନେ । ଶୁକ୍ର ଶୋଣିତ ଉତପନ୍ନେ ॥ ସେ ଶୁକ୍ର ଶୋଣିତ ମିଳନ । ଦେହାକାର କରେ
ଧାରଣ ॥ ଅନ୍ନର ବିକାର ସେ ଯେଣୁ । ଅନ୍ନମୟ ନାମ ତା ତେଣୁ ॥ କୋଷପର ଅବୃତ୍ତ

ମାତ୍ମାନଂ ଦଦାତୀବ, ଯେନାଦିକୃତ ମର୍ଦ୍ଦନଂ ଗୃହ୍ଣାତୀବ, କ୍ଷୁତ୍ ପିପାସା ଦିରହିତମାତ୍ମାନଂ କ୍ଷୁତ୍ପିପାସାବନ୍ତମିବ କାରୟତି । ମନୋମୟୋ କୋଷୋ-ନାମ ଜ୍ଞାନେନ୍ଦ୍ରିୟାଣି ପଞ୍ଚ ମନଶ୍ଚ ; ଏତଦ୍ୱୟଂ ମିଳିତ୍ୱା ମନୋମୟକୋଷ ଇତ୍ୟୁଚ୍ୟତେ । କଥଂ ? ମନୋବିକାରେ ସତି ସଂଶୟାଦିରହିତମାତ୍ମାନଂ ସଂଶୟବନ୍ତମିବ ; ଶୋକମୋହାଦି ରହିତମାତ୍ମାନଂ ଶୋକମୋହାଦିବନ୍ତମିବ, ଦର୍ଶନାଦିରହିତମାତ୍ମାନଂ ଦ୍ରଷ୍ଟାରମିବ କାରୟତି । ବିଜ୍ଞାନମୟଃ କୋଷୋ ନାମ ? ଜ୍ଞାନେନ୍ଦ୍ରିୟାଣି ପଞ୍ଚ ବୁଦ୍ଧିଶ୍ଚ ; ଏତଦ୍ୱୟଂ ମିଳିତ୍ୱା ବିଜ୍ଞାନମୟ-କୋଷ ଇତ୍ୟୁଚ୍ୟତେ । କଥଂ ? କର୍ତ୍ତୃତ୍ୱଭୋକ୍ତୃତ୍ୱାଦ୍ୟଭିମାନେନ ଇହଲୋକପରଲୋକଗାମୀ ବ୍ୟାବହାରିକୋ ଜୀବ ଇତ୍ୟୁଚ୍ୟତେ । ବିଜ୍ଞାନବିକାରେ ସତି ଅକର୍ତ୍ତାରମାତ୍ମାନଂ କର୍ତ୍ତାରମିବ ; ଅବିଜ୍ଞାତାରମାତ୍ମାନଂ ବିଜ୍ଞାତାରମିବ, ନିଶ୍ଚୟରହିତମାତ୍ମାନଂ ନିଶ୍ଚୟବନ୍ତମିବ, ମାନ୍ଦ୍ୟଜା-ଡ୍ୟାଦିରହିତମାତ୍ମାନଂ ଜାଡ୍ୟାଦିବନ୍ତମିବ କାରୟତି । ଆନନ୍ଦମୟକୋଷୋ ନାମ ପ୍ରିୟ-ମୋଦପ୍ରମୋଦବୃତ୍ତିମଦଜ୍ଞାନ ପ୍ରଧାନମନ୍ତଃକରଣମାନନ୍ଦମୟଃ କୋଷ ଇତ୍ୟୁଚ୍ୟତେ । କଥଂ ? ପ୍ରିୟମୋଦ ପ୍ରମୋଦରହିତମାତ୍ମାନଂ ପ୍ରିୟମୋଦପ୍ରମୋଦବନ୍ତମିବାଭୋକ୍ତାରମାତ୍ମାନଂ ଭୋକ୍ତା-ରମିବ, ପରିଚ୍ଛିନ୍ନ ଶୂନ୍ୟ ରହିତମାତ୍ମାନଂ ପରିଚ୍ଛିନ୍ନଶୂନ୍ୟବନ୍ତମିବ କାରୟତି । ୯ ।

ତେଣୁ ସେ କୋଷ ନାମ ଧରେ ॥ ଯେସନେ ଖଡ୍ଗକୁ କୋଷ ଧରେ । ତଣ୍ଡୁଳକୁ ତୁଷ ଆବରେ ॥ ସନ୍ତାନକୁ ଗର୍ଭ ଆବରେ । ନିରବେ ରଖଇ ଯୋଗରେ ॥ ଅନ୍ନମୟକୋଷ ଚେତନ । ଆତ୍ମାକୁ ରଖଇ ଯତନେ ॥ ଯେଉଁ ଆତ୍ମା ଅପରିଚ୍ଛିନ୍ନ । ଜନ୍ମାଦି ଷଡ୍ବିକାର ହୀନ ॥ ପୂର୍ଣ୍ଣ ତାପତ୍ରୟ ରହିତ । ତାହାକୁ କରେ ଆଚ୍ଛାଦିତ ॥ କରଇ ପରିଚ୍ଛିନ୍ନ ଜାଣ । ଜନ୍ମାଦି ଷଡ୍ବିକାରଗଣ ॥ ତାପତ୍ରୟ ନିକଟେ କରେ । ଆତ୍ମାକୁ ରଖଇ ଆବରି । ପଞ୍ଚ-କର୍ମେନ୍ଦ୍ରିୟ ସହିତ । ପଞ୍ଚବାୟୁ ହୋଇ ମିଳିତ । ପ୍ରାଣମୟ କୋଷ ହୁଅଇ । ପ୍ରାଣଙ୍କର ସେ ଅଟଇ ॥ ଆତ୍ମାର ବାକ ଶକ୍ତି ନାହିଁ । ଦାନ କରିବା ବଳ କାହିଁ ? ॥ ଗମନ ଶକ୍ତି ବିରହିତ । କ୍ଷୁଧା ପିପାସାଦି ରହିତ ॥ ତାହାକୁ କୋଷ ପ୍ରାଣମୟ । ଆବୃତ କରି ଅଛଇ । କରଇ ବକ୍ତା ଦାତା ତଥା । ଆଗମନ କରତା ॥ କ୍ଷୁଧା ପିପାସା ଯୁକ୍ତ କରି । ଆତ୍ମାକୁ ରଖଇ ଆବରି ॥ ପଞ୍ଚଜ୍ଞାନେନ୍ଦ୍ରିୟ ସହିତ । ମନ ହୋଇ କରି ମିଳିତ । ମନୋମୟକୋଷ ନାମରେ । କଥିତ ହୁଅଇ ଶାସ୍ତ୍ରରେ ॥ ସଂଶୟ ଶୋକମୋହ ହୀନ । ଦର୍ଶନାଦି କ୍ରିୟାହୀନ ॥ ଆତ୍ମାକୁ କୋଷ ମନୋମୟ । କରଇ ଯୁକତ ସଂଶୟ ॥ ଶୋକମୋହ ଦୃଷ୍ଟି ଯୁକତ । କରେ ଆଚ୍ଛାଦିତ ସତତ ॥ ପଞ୍ଚଜ୍ଞାନେ-ନ୍ଦ୍ରିୟ ସଙ୍ଗତେ । ବୁଦ୍ଧି ଯେ ମିଳିଣ ସଙ୍ଗତେ ॥ ବିଜ୍ଞାନମୟ କୋଷ ନାମେ । କଥିତ ହୁଏ ଉପାୟମେ ॥ କର୍ମ କରଇ ଫଳ ଭୋଗେ । ବୋଲି ଏ ଅଭିମାନ ଯୋଗେ ॥ ଇହଲୋକପର-ଲୋକରେ । ଜୀବଟି ଯାତାୟାତ କରେ ॥ କର୍ତ୍ତୃ ବିଜ୍ଞାନେ ତୋଷେ । ଏହି ବିଜ୍ଞାନମୟ

ଶରୀରାତ୍ମନୋର୍ବିଲକ୍ଷଣତ୍ୱମୁଚ୍ୟତେ । କଥଂ? ସତ୍ୟରୂପୋଽସତ୍ୟରୂପୋ ନ ଭବତି । ଅସତ୍ୟସ୍ୱରୂପଃ ସତ୍ୟସ୍ୱରୂପୋ ନ ଭବତି । ଜ୍ଞାନସ୍ୱରୂପୋ ଜଡସ୍ୱରୂପୋ ନ ଭବତି । ଜଡସ୍ୱରୂପୋ ଜ୍ଞାନସ୍ୱରୂପୋ ନ ଭବତି । ସୁଖସ୍ୱରୂପୋ ଦୁଃଖସ୍ୱରୂପୋ ନ ଭବତି । ଦୁଃଖସ୍ୱରୂପଃ ସୁଖସ୍ୱରୂପୋ ନ ଭବତି । ଏବଂ ଶରୀରାତ୍ମନୋର୍ବିଲକ୍ଷଣତ୍ୱମୁକ୍ତ୍ୱା ଅବସ୍ଥାତ୍ରୟସାକ୍ଷିତ୍ୱମୁଚ୍ୟତେ । କଥଂ ? ଜାଗ୍ରଦବସ୍ଥା ଜାତା, ଜାଗ୍ରଦବସ୍ଥା ଭବତି, ଜାଗ୍ରଦବସ୍ଥା ଭବିଷ୍ୟତି । ସ୍ୱପ୍ନାବସ୍ଥା ଜାତା ସ୍ୱପ୍ନାବସ୍ଥା ଭବତି, ସ୍ୱପ୍ନାବସ୍ଥା ଭବିଷ୍ୟତି । ସୁଷୁପ୍ତ୍ୟବସ୍ଥା ଜାତା ସୁଷୁପ୍ତ୍ୟବସ୍ଥା ଭବତି । ସୁଷୁପ୍ତ୍ୟବସ୍ଥା ଭବିଷ୍ୟତୀତ୍ୟେବମବସ୍ଥାତ୍ରୟମଧିକାରିତୟା ଜାନାତି । ୧୦ ।

କୋଷେ ॥ ବୁଦ୍ଧିର ବିକାର ବଶରେ । ବିଜ୍ଞାନମୟ କୋଷ ଧରେ ॥ ଆତ୍ମା ଅକର୍ତ୍ତା ଅବିଜ୍ଞାତା । ତାହାଙ୍କୁ କରେ କର୍ତ୍ତାଜ୍ଞାତା ॥ ଯେ ଆତ୍ମା ନିତ୍ୟ ବିଧାନ । ଜଡ଼ତାମନ୍ଦତାଦି ହୀନ । ତାଙ୍କୁ ନିତ୍ୟ ଜାଡ଼୍ୟ ଯୁକ୍ତ । ଅବର କରି ମନ୍ଦୀଭୂତ ॥ ଏଣେ ଆଚ୍ଛାଦ ସତତେ । ବିଜ୍ଞାନମୟ କୋଷ ସତେ ॥ ପ୍ରିୟମୋଦ ପ୍ରମୋଦ ବାନ । ଅନ୍ତର ଅଜ୍ଞାନ ପ୍ରଧାନ । ତାଙ୍କୁ କୋଷ ଆନନ୍ଦମୟ । ବୋଲନ୍ତି ପଣ୍ଡିତ ନିଚୟ ॥ ପ୍ରିୟମୋଦ ପ୍ରମୋଦ ଶୂନ୍ୟ । ଆତ୍ମାଙ୍କୁ କରଇ ସେ ପୁଣ । ପ୍ରିୟମୋଦପ୍ରମୋଦ ବାନ । ଆନନ୍ଦମୟ କୋଷ ଜାଣ । ଅଭୋକ୍ତା ଆତ୍ମେ ଭୋକ୍ତା କରେ । ସତତ ବିହର ଅନ୍ତରେ । ପରିଚ୍ଛିନ୍ନ ଅପରିଚ୍ଛିନ୍ନେ । ସୁଖ ଯୁକତ ଦୁଖ ହୀନେ । କରଣ ଆତ୍ମାଙ୍କୁ ଅବରେ । ଆନନ୍ଦମୟ ଏ ରୂପରେ । ୯ ।

ଶରୀରଠୁ ଆତ୍ମା ଭିନ୍ନ । ଅଟଇ ଶୁଣ ତା ପ୍ରମାଣ । ଆତ୍ମା ଅଟେ ସତ୍ୟ ସ୍ୱରୂପ । ଦେହଟି ଅସତ୍ୟ ସ୍ୱରୂପ । ଆତ୍ମା କେବେ ଦେହ ନୁହଇ । ଦେହ ନ ପାରେ ଆତ୍ମା ହୋଇ । ଜ୍ଞାନ ସ୍ୱରୂପ ଆତ୍ମା ତହିଁ । ଦେହ ଜଡ଼ ରୂପୀ ଅଟଇ । ନ ହୁଏ ଆତ୍ମା ଦେହ ଯଥା । ଦେହ ନ ହୁଏ ଆତ୍ମା ତଥା । ଆତ୍ମା ସୁଖ ସ୍ୱରୂପ ପୁଣ । ଦୁଃଖ ସ୍ୱରୂପ ଦେହ ଶୁଣ । ଆତ୍ମାଦେହ ହୋଇ ନ ପାରେ । ଦେହ ଆତ୍ମା ସେହି ପ୍ରକାରେ । ଶରୀର-ସ୍ୱ ଆତ୍ମା ପୁଣି । ପୃଥକ ଅଟେ ଏଣେ ଶୁଣି । ସାକ୍ଷୀ ସେ ଅବସ୍ଥାତ୍ରୟର । ପ୍ରମାଣ ଶୁଣ ତା ଅବର । ମୁଁ ଥିଲି ଜାଗ୍ରତ ବିଧାନେ । ଜାଗ୍ରତ ଅଛୁଁ ବର୍ତ୍ତମାନେ ॥ ଜାଗ୍ରତ ଥିବ ଭବିଷ୍ୟରେ । ଆତ୍ମା ଏହା ପ୍ରତ୍ୟକ୍ଷ କରେ ॥ ସ୍ୱପ୍ନାବସ୍ଥାରେ ମୁଁ ଥିଲଇଁ । ସ୍ୱପ୍ନାବସ୍ଥାରେ ମୁଁ ଅଛଇ ॥ ରହିବି ସ୍ୱପ୍ନ ଅବସ୍ଥାରେ । ଆତ୍ମା ପ୍ରତ୍ୟକ୍ଷ କରୁଥାଏ । ସୁଷୁପ୍ତ ଥିଲି ମୁହିଁ ଏବେ । ସୁଷୁପ୍ତ ଅଛୁ ପୁଣି ଏବେ ॥ ଭବିଷ୍ୟେ ରହିବ ସୁଷୁପ୍ତ । ଆତ୍ମା କରଇ ଅନୁଭୂତ ॥ ଅବସ୍ଥା ତ୍ରୟେ ଆତ୍ମା ଯେଣୁ । ପ୍ରତ୍ୟକ୍ଷ କରୁଥାଏ ତେଣୁ । ତାଙ୍କୁ ସେ ଅବସ୍ଥାତ୍ରୟର । ସାକ୍ଷୀ ବୋଲନ୍ତି ବିଜ୍ଞବର । ୧୦ ।

ଅଥ ସ୍ୱତଃ ପଞ୍ଚକୋଷବିଲକ୍ଷଣତ୍ୱମୁଚ୍ୟତେ । ପଞ୍ଚକୋଷବିଲକ୍ଷଣତ୍ୱମ ସ୍ୱତଃ କଥଂ ? ଦୃଷ୍ଟାନ୍ତରୂପେଣ ପ୍ରତିପାଦୟତି । ମଦୀୟଂ ଗୌଃ, ମଦୀୟଂ ଗୃହଂ, ମଦୀୟଂ କୁମାରଃ, ମଦୀୟଂ କୁମାରୀ । ମଦୀୟଂ ସ୍ତ୍ରୀ ଏବମାଦିପଦାର୍ଥଜାତ ପୃଥକ୍ ନ ଭବତି । ତଥା ମମାନ୍ନମୟକୋଷ । ମମପ୍ରାଣମୟକୋଷଃ । ମମ ମନୋମୟକୋଷଃ । ମମ ବିଜ୍ଞାନମୟ-କୋଷ । ମମାନନ୍ଦମୟ କୋଷଃ । ଏବଂ ପଞ୍ଚକୋଷଜାତାତ୍ମା ନ ଭବତି । ତେଭ୍ୟ ବିଲକ୍ଷଣଃ ସାକ୍ଷୀ । ଅଶବ୍ଦମସ୍ପର୍ଶମରୂପମବ୍ୟୟଂ ତଥାରସଂ ନିତ୍ୟମଗନ୍ଧବଚ୍ଚ ଯତ୍ । ଅନାଦ୍ୟ-ନନ୍ତଂ ମହତଃ ପରଂ ଧ୍ରୁବଂ ନିଚାଯ୍ୟ ତଂ ମୃତ୍ୟୁମୁଖାତ୍ ପ୍ରମୁଚ୍ୟତେ । ଇତି ଶ୍ରୁତେଃ । ତସ୍ମାତ୍ ସ୍ୱତଃ ସଚ୍ଚିଦାନନ୍ଦସ୍ୱରୂପତ୍ୱମୁକ୍ତଂ । ୧୧ ।

ପଞ୍ଚକୋଷରୁ ଆତ୍ମା ତଥା । ଅଟଇ ପୃଥକ ଯେ ଯଥା ॥ କହିବ ଦୃଷ୍ଟାନ୍ତ ଦେଖାଇ । ଶୁଣ ହେ ମନକୁ ଲଗାଇ ॥ ଯଥା ମନୁଷ୍ୟ ମୋର ଗାଈ । ମୋର ବାଳୁଙ୍ଗି ବୋଲୁଥାଇ ॥ ମୋର କୁମାର ମୋ କୁମାରୀ । ପୁଣି ମଣିଷ ମୋର ନାରୀ । କିନ୍ତୁ ସେ ସେ ପଦାର୍ଥଜାତ । ଦେହେ ନ ହୋଇ ନ ପାରେ ଜାଣି ସେ ଦ୍ରବ୍ୟୁଁ ପୃଥକ ଅଟଇ । ତେସନ ଆତ୍ମା ଥାଏ ରହି ॥ ମୋହର ଅନ୍ନମୟ କୋଷ । ମୋହର ପ୍ରାଣମୟ କୋଷ ॥ ମନୋମୟ କୋଷ ମୋହର । ବିଜ୍ଞାନମୟ ମୋ ଅନ୍ତର ॥ ମୋର ଆନନ୍ଦମୟ କୋଷ । ବୋଲିଣ ଲଭଇ ସନ୍ତୋଷ ॥ ମୋହର ମୋହର ବୋଲଇ । କିନ୍ତୁ ତା ଯୁକ୍ତ ନ ହୁଅଇ ॥ ତହିଁରୁ ରହେ ବିଲକ୍ଷଣ ୧ । ସାକ୍ଷୀସ୍ୱରୂପେ ଅନୁକ୍ଷଣ ॥ ଶୁଣ ଏ ଶ୍ରୁତିର ପ୍ରମାଣ । ଆତ୍ମାର ସ୍ୱରୂପ ବଚନ ॥ ଆତ୍ମା ଅଶବ୍ଦ ଅସ୍ପର୍ଶ । ଅରୂପ ଅରସ ଅସେ ॥ ଅବ୍ୟୟ ଅନାଦି ଅନନ୍ତ । ନିତ୍ୟ ନିଷ୍କଳ ଓ ମହତ ॥ ଆତ୍ମାକୁ ଯଥାର୍ଥ ରୂପରେ । ଜାଣି ପାରିଲେ ଏ ଭବରେ ॥ ମୁକ୍ତି ଲଭିବ ସେ ଜନ । ଏ ଶ୍ରୁତି ସିଦ୍ଧାନ୍ତ ବଚନ ॥ ଆତ୍ମା ସଚ୍ଚିଦାନନ୍ଦମୟ । ନ କର ଏଥିରେ ସଂଶୟ । ୧୧ ।

---

୧ ପୃଥକ ।

ସଦ୍ରୂପତ୍ୱଂ ନାମ ? କେନାପ୍ୟବାଧ୍ୟମାନତ୍ୱେନ କାଳତ୍ରୟେଽପ୍ୟେକରୂପେଣ ବିଦ୍ୟମାନତ୍ୱମୁଚ୍ୟତେ । ଚିଦ୍ରୂପତ୍ୱଂ ନାମ ? ସାଧନାନ୍ତରନିରପେକ୍ଷତୟା ସ୍ୱୟଂ ପ୍ରକାଶମାନଂ ସ୍ୱସ୍ମିନ୍ନଧ୍ୟାରୋପିତସର୍ବପଦାର୍ଥାବଭାସକବସ୍ତୁତ୍ୱଂ ଚିଦ୍ରୂପତ୍ୱମିତ୍ୟୁଚ୍ୟତେ । ଆନନ୍ଦସ୍ୱରୂପତ୍ୱଂ ନାମ ? ପରମପ୍ରେମାସ୍ପଦତ୍ୱଂ ନିତ୍ୟନିରତିଶୟତ୍ୱମାନନ୍ଦସ୍ୱରୂପତ୍ୱମିତ୍ୟୁଚ୍ୟତେ । ବିଜ୍ଞାନ ମାନନ୍ଦଂ ବ୍ରହ୍ମେତ୍ୟେଦ୍ୟା ତୁଃ ପ୍ରମାଣମିତି ଶ୍ରୁତେଃ । ଏବଂ ନିତ୍ୟଶୁଦ୍ଧବୁଦ୍ଧମୁକ୍ତ ସ୍ୱଭାବଂ ବ୍ରହ୍ମାହମସ୍ମୀତି ସନ୍ଦେହସମ୍ଭାବନା ବିପରୀତ ଭାବନାରହିତେନ ଯସ୍ତୁ ଜାନାତି ସ ଜୀବନ୍ମୁକ୍ତୋ ଭବତି । ୧୨ ।

ଇତି ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଚ୍ଛଙ୍କର
ଭଗବତ୍ ବିରଚିତ ଆତ୍ମାନାତ୍ମ-ବିବେକଃ
ସମାପ୍ତଃ ।

ବାଧ୍ୟ ନୁହଇ ଯେଉଁ କାହିଁ । ତ୍ରିକାଳେ ଏକରୂପ ଥାଇ ॥
ତାହାକୁ ସତ ବୋଲି ଜାଣ । କହନ୍ତି ଜ୍ଞାନୀଏ ବଖାଣି ॥
ଅପେକ୍ଷା ନ କରି ସାଧନେ । ପ୍ରକାଶ୍ୟ ରହଇ ଆପଣେ ।
ନିଜ ଉପରେ ଆରୋପିତ । ଥାଆନ୍ତି ଯେ ଦ୍ରବ୍ୟ ସମସ୍ତ ॥
ତାଙ୍କୁ ପ୍ରକାଶ ଯେ କରଇ । ଚିତ୍‌ସ୍ୱରୂପ ସେ ଅଟଇ ॥
ଯେହୁ ପରମ ପ୍ରେମାସ୍ପଦ । ନିତ୍ୟ ନିରତିଶୟାନନ୍ଦ ॥
ଆନନ୍ଦ ସ୍ୱରୂପ ସେ ଜାଣ । ଶୁଣ ଏ ଶ୍ରୁତିର ପ୍ରମାଣ ॥
ବ୍ରହ୍ମ ବିଜ୍ଞାନାନନ୍ଦମୟ । ଦାତାର ପରମ ଆଶ୍ରୟ ॥
ଏରୂପେ ବରଜି ସଂଶୟ । ବିପରୀତ ଭାବନାଚୟ ।
ଆତ୍ମାକୁ ବ୍ରହ୍ମ ସହିତରେ । ଅଭେଦ ବୋଲି ବୋଧ କରେ ॥
ମୁଁ ନିତ୍ୟ ଶୁଦ୍ଧ ବୁଦ୍ଧ ମୁକ୍ତ । ସ୍ୱଭାବ ପରଂବ୍ରହ୍ମ ଯୁକ୍ତ ॥
ନିଜକୁ ଏ ରୂପେ ମଣଇ । ସେହି ଜୀବନ୍ମୁକ୍ତ ହୁଅଇ ॥

ପ୍ରଶ୍ନୋତ୍ତର ରତ୍ନମାଳିକା

କଃ ଖଲୁ ନାଲଂକ୍ରିୟତେ ଦୃଷ୍ଟାଦୃଷ୍ଟାର୍ଥ ସାଧନପଟୀୟାନ୍ ।
ଅନୟା କଣ୍ଠସ୍ଥିତୟା ପ୍ରଶ୍ନୋତ୍ତର ରତ୍ନମାଳିକୟା । ୧

ଭଗବନ୍ ! କିମୁପାଦେୟଂ ଗୁରୁବଚନଂ ହେୟମପି ଚ କିମକାର୍ଯ୍ୟମ୍ ।
କୋ ଗୁରୁରଧିଗତତତ୍ତ୍ୱଃ ଶିଷ୍ୟହିତାୟୋଦ୍ୟତଃ ସତତମ୍ ।   ।

ତ୍ୱରିତଂ କିଂ କର୍ତ୍ତବ୍ୟଂ ବିଦୁଷାଂ ସଂସାରସନ୍ତତିଚ୍ଛେଦଃ ।
କିଂ ମୋକ୍ଷତରୋର୍ବୀଜଂ ସମ୍ୟଗ୍ଜ୍ଞାନଂ କ୍ରିୟାସିଦ୍ଧମ୍ । ୩ ।

କଃ ପଥ୍ୟତରୋ ଧର୍ମଃ କଃ ଶୁଚିରିହ ଯସ୍ୟ ମାନସଂ ଶୁଦ୍ଧମ୍ ।
କଃ ପଣ୍ଡିତୋ ବିବେକୀ କିଂ ବିଷମବଧୀରଣା ଗୁରୁଷୁ । ୪ ।

କିଂ ସଂସାରେ ସାରଂ ବହୁଶୋ ବିଚିନ୍ତ୍ୟମାନମିଦମେବ ।
ମନୁଜେଷୁ ଦୃଷ୍ଟତତ୍ତ୍ୱଂ ସ୍ୱପରହିତାୟୋଦ୍ୟତଂ ଜନ୍ମ । ୫ ।

ରାଗ-ଗୁଜ୍ଜରୀ

ଘେନ ହେ ବାଳକ ବାଳିକା । ପ୍ରଶ୍ନୋତ୍ତର-ରତ୍ନମାଳିକା ॥
କଣ୍ଠେ ଯେ କରଇ ଧାରଣ । ସକଳ କରେ ସେ ସାଧନ । ୧ ॥

କି ଉପାଦେୟ ଏ ଜଗତେ ? । "ଗୁରୁଙ୍କ ବଚନ" ସତତେ ॥
ହେୟ ବୋଲି କହି କାହାକୁ ? । 'ଅକାର୍ଯ୍ୟ" ଚିହ୍ନି ରଖ ତାକୁ ॥
ଗୁରୁ କେ? "ଯେ ତତ୍ତ୍ୱଜ୍ଞାତା" । ସର୍ବଦା ଶିଷ୍ୟ ହିତକାରୀ । ୨ ॥

ଶୀଘ୍ର କି କରନ୍ତି ସୁଜନ ? । "ସଂସାର-ସନ୍ତତି-ଛେଦନ" ।
ମୋକ୍ଷ-ବୃକ୍ଷ-ବୀଜ କି ଜାଣ ? । "କ୍ରିୟାସିଦ୍ଧ ସମ୍ୟକ୍ ଜ୍ଞାନ" । ୩ ॥

ବଡ଼ବ୍ୟ ପଥର ମୂଳ ? । "ଧର୍ମ" ଅଟଇ କେବଳ ॥
ସଂସାରେ ଶୁଚି କେ ଅଟଇ ? । "ଯା'ମନ ବିଶୁଦ୍ଧ ହେବ" ॥
ପଣ୍ଡିତ କାହାକୁଟି କହି ? । 'ଯାହାର ବିବେକ ଅଛଇ" ॥
ବିଷ ବୋଲି କିସ ଭାବନା ? । "ଗୁରୁ ଅବଜ୍ଞା" ଘେନ ମନେ । ୪ ॥

ସଂସାର-ସାର କି ଆଖ୍ୟାତ? "ନର ନିଜପର ହିତେ ଜାତ" ॥
ବାରମ୍ବାର ଚିନ୍ତିଲେ ଏ ସିଦ୍ଧାନ୍ତ । ଦେଇଛନ୍ତି ଜ୍ଞାନୀ ତତ୍ତ୍ୱବେତ୍ତା । ୫ ॥

ମଦିରେବମୋହଜନକଃ କଃ ସ୍ନେହଃ କେ ଚ ଦସ୍ୟବୋ ବିଷୟାଃ ।
କା ଭବବଲ୍ଲୀ ତୃଷ୍ଣା କୋ ବୈରୀ ଯସ୍ତ୍ୱନୁଦ୍ୟୋଗଃ । ୬ ।
କସ୍ମାଦ୍ଭୟମିହ ମରଣାଦନ୍ଧାଦପି କୋ ବିଶିଷ୍ୟତେ ରାଗୀ ।
କଃ ଶୂରୋ ଯୋ ଲଲନାଲୋଚନବାଣୈର୍ନ ଚ ବ୍ୟଥିତଃ । ୭ ।
ପାତୁଂ କର୍ଣ୍ଣାଞ୍ଜଳିଭିଃ କିମମୃତମିବ ଯୁଜ୍ୟତେ ସଦୁପଦେଶଃ ।
କିଂ ଗୁରୁତାୟା ମୂଳଂ ଯଦେତଦପ୍ରାର୍ଥନଂ ନାମ । ୮ ।
କିଂ ଗହନଂ ସ୍ତ୍ରୀଚରିତଂ, କଶ୍ଚତୁରୋ ଯୋ ନ ଖଣ୍ଡିତସ୍ତେନ ।
କିଂ ଦାରିଦ୍ର୍ୟମସନ୍ତୋଷଃ କିଂ ଲଘୁତ୍ୱମନ୍ୟଧନତଶ୍ଚ ଯାଚ୍ଞା । ୯ ।
କିଂ ଜୀବିତମନବଦ୍ୟଂ କିଂ, ଜାଡ୍ୟଂ ପାଠତୋଽପ୍ୟନଭ୍ୟାସଃ ।
କୋ ଜାଗର୍ତ୍ତି ବିବେକୀ, କା ନିଦ୍ରା, ମୂଢ଼ତା ଜନ୍ତୋଃ । ୧୦ ।
ନଳିନୀଦଳଗତଜଳବତ୍ତରଳଂ କିଂ, ଯୌବନଂ ଧନଂ ଚାୟୁଃ ।
କେ ଶଶଧରକରନିକରାନୁକାରିଣଃ ସଜ୍ଜନା ଏବ । ୧୧ ।

ମଦ୍ୟସମ କି ମୋହକର ? । "ସ୍ନେହ' ହୃଦୟେ ହେଜୁ କର ॥
ଦସ୍ୟୁ କେ ଜଗତ ମଧ୍ୟରେ? । "ବିଷୟ" ବୋଲି ଜାଣି ନରେ ॥
ଭବଲତା କିବା ଅଟଇ ? । "ତୃଷ୍ଣା" ପଣ୍ଡିତେ ଥାନ୍ତି କହି ॥
ବୈରୀ କେ ଅଟଇ ଲୋକରେ ? । ଅନୁଦ୍‌ଯୋଗ ଘେନ ମନରେ ।୬।
କାହାକୁ ଭୟ ଜନ୍ତୁଗଣ । କରନ୍ତି "ଅଟଇ ମରଣ" ॥
ଅନ୍ଧଠାରୁ କିଏ ପ୍ରଧାନ ? । ରାଗୀ ଅଟଇ ଭଲେ ଜାଣ ॥
ଶୂରକେ ? "ନାରୀ ନେତ୍ରବାଣ । ବ୍ୟଥିତ ନ କରେ ଯା' ପ୍ରାଣ" । ୭ ।
କର୍ଣ୍ଣ-ପୁଟେ ସୁଧା ସଙ୍କାଶ -୧ । କି ପିଅନ୍ତି ? ସଦୁପଦେଶ ।
ଗୁରୁତା କି ଅଟଇ ମୂଳ ? । "ଅପ୍ରାର୍ଥନା" ନାମେ ତୂର୍ଣ୍ଣ । ୮ ।
କି ଗହନ ! "ନାରୀଚରିତ" । (କେ) ଚତୁର ? "ଯେ ନୁହେଁ ବଞ୍ଚିତ" ॥
ଦାରିଦ୍ର୍ୟ କି ? "ଅସନ୍ତୁଷ୍ଟତା" । କିସ ଲାଘବ ? "ଯାଚକତା" ୨ । ୯ ।
କେଉଁ ଜୀବନ ଅଟେ ସାର ? । "ନିନ୍ଦିତ ନୁହେ ଯେ ସଂସାର" ॥
ଜଡ଼ତା କିସ ଅଟେ ଆଉ ? । "ସ୍ମୃତିହୀନ ଯେ ଶିକ୍ଷା ଥାଉଁ" ॥
କିଏ ଜାଗ୍ରତ ? "ସେ ବିବେକୀ" । ନିଦ୍ରା କି ? "ଜଡ଼ତା ନୁହେ କି" ? ।୧୦।
ନଳିନୀ-ଦଳ-ଜଳସମ କିସ ? "ଆୟୁ, ଧନ, ଯୌବନ" ॥
କିଏ ଚନ୍ଦ୍ରିକା-ଗୁଣ ଧରେ ? । "ସଜ୍ଜନ" ଜାଣି ଏ ବିଶ୍ୱରେ । ୧୧ ।

---

୧ ପ୍ରାୟ । ୨ ଭିକ୍ଷା ।

କୋ ନରକଃ ପରବଶତା କିଂ ସୌଖ୍ୟଂ ସର୍ବସଙ୍ଗବିରତିର୍ଯା ।
କିଂ ସାଧ୍ୟଂ ଭୂତହିତଂ କିମ୍ବୁ ପ୍ରିୟଂ ପ୍ରାଣିନାମସବଃ । ୧୨ ।

କିଂ ଦାନମନାକାଂକ୍ଷଂ କିଂ ମିତ୍ରଂ ଯନ୍ନିବର୍ତ୍ତୟତି ପାପାତ୍ । ୧୩ ।

କୋଽଲଙ୍କାରଃ ଶୀଲଂ କିଂ ବାଚାଂ ମଣ୍ଡନଂ ସତ୍ୟମ୍ ।
କିମନର୍ଥଫଳଂ ମାନଃ ସୁସଙ୍ଗତିଃ କା ସୁଖାବହା ମୈତ୍ରୀ । ୧୪ ।

ସର୍ବବ୍ୟସନ ବିନାଶେ କୋ ଦକ୍ଷଃ ସର୍ବଥା ପରିତ୍ୟାଗୀ ।
କୋଽନ୍ଧୋ ଯୋ-କାର୍ଯ୍ୟରତଃ, କୋ ବଧିରୋ ଯଃ ଶୃଣୋତି ନ ହିତାନି ।୧୫।

କୋ ମୂକୋ ଯଃ କାଲେ ପ୍ରିୟାଣି ବକ୍ତୁଂ ନ ଜାନାତି ।
କିଂ ମରଣଂ ମୂର୍ଖତ୍ୱଂ, କିମନର୍ଘ୍ୟଂ ଦତ୍ତମବସରେ ଯତ୍ । ୧୬ ।

ନରକ କି ? "ପରାଧୀନତା" ସୁଖ କି ? "କାମନାହୀନତା" ॥
କି ଅଟେ ସାଧନ ଜଗତେ ? । "ସକଳ ପ୍ରାଣୀଙ୍କର ହିତ" ॥
କିସ ପ୍ରାଣୀଙ୍କ ପ୍ରିୟତମ ? "ପ୍ରାଣଟି ଅଟଇ ପରମ" । ୧୨।

କେଉଁ ଦାନ ଶ୍ରେଷ୍ଠ ବୋଲଇ ? "ଫଳ ଅକାଂକ୍ଷା ଯହିଁ ନାହିଁ ॥
ମିତ୍ର କାହାକୁ ପୁଣି କହି ? । "ପାପୁଁ ଯେ ନିବୃତ୍ତ କରଇ" । ୧୩ ।

କିସ ଅଟଇ ଅଭରଣ ? । "ସ୍ୱଭାବ" ନରର ଭୂଷଣ ॥
କି ପୁଣି ବାକ୍ୟର ଭୂଷଣ ? । "ସତ୍ୟ" ବୋଲନ୍ତି ବିଜ୍ଞଗଣ ॥
କିବା ଅଟେ ଅମୂଲ୍ୟ ଫଳ ? । "ମାନ" ମାନବର କେବଳ ॥
କାହାକୁ ବୋଲି ସୁସଙ୍ଗତି ? "ମିତ୍ରତା ସୁଖକର ଅଟି" । ୧୪ ।
କେ ଦକ୍ଷ ବିନାଶେ ବ୍ୟସନ[୧] । "ଯେ ସର୍ବ କରେ ବରଜନ" ॥
କେ ଅନ୍ଧ ? "ଯେ ଅକାର୍ଯ୍ୟରତ" । କେ ବଧିର ଯେ ନ ଶୁଣେ ହିତ । ୧୫
ମୂକ କେ "ଯେ ଯଥା କାଳରେ । ପ୍ରିୟକଥା କହି ନ ପାରେ" ॥
ମରଣ କି ? "ମୂର୍ଖତା" ନରେ । (କି) ଅମୂଲ୍ୟ ? "ଦତ୍ତ ଯା କାଳରେ" ।୧୬।

---

୧ ଆପଦ, ପତନ, ଦୁଃଖ, ବିପଦାଶଙ୍କା, କାମ ଦୋଷ । ଦୋଷ ଦୁଇ ପ୍ରକାର ୧ମ କାମଜ ୨ୟ କ୍ରୋଧଜ । ମୃଗୟା, ଦ୍ୟୂତ, ଦିବାନିଦ୍ରା, ପରନିନ୍ଦା, ବେଶ୍ୟାଶକ୍ତି, ନୃତ୍ୟ, ଗୀତ, କ୍ରୀଡା, ବୃଥାଭ୍ରମଣ ମଦପାନ ଏହି ୧୦ଟି କାମଜଦୋଷ । ଦୁଷ୍ଟତା ଦୌର୍ଜନ୍ୟ, ସାହସ, ଦ୍ରୋହ, ଈର୍ଷା ପ୍ରତାରଣା, କଟୂକ୍ତି ଓ ନିଷ୍ଠୁରତା ଏହି ୮ଟି କ୍ରୋଧ ଦୋଷ ।

ଅଦରଣୀୟ କିଂ ଶ୍ଳୋଂ ଦ୍ରଷ୍ଟନ୍ୟଂ ଦୁଷ୍କୃତଂ ପାପମ୍ ।
କୁତ୍ର ବିଧେୟୋ ଯତ୍ନୋ ବିଦ୍ୟାଭ୍ୟାସେ ସଦୌଷଧେ ଦାନେ । ୧୭ ।
ଅବଧୀରଣା କ୍ୱ କାର୍ଯ୍ୟା, ଖଳପରଯୋଷିତ୍ ପରଧନେଷୁ ।
କାହର୍ନିଶମନୁଚିନ୍ତ୍ୟା ସଂସାରାସାରତା ନତୁ ପ୍ରମଦା । ୧୮ ।
କା ପ୍ରେୟସୀ ବିଧେୟା କରୁଣା ଦୀନେଷୁ ସଜ୍ଜନେ ମୈତ୍ରୀ ।
କଃ ପୂଜ୍ୟଃ ସଦ୍‌ବୃତ୍ତଃ କମଧମମାଚକ୍ଷତେ ଚଳିତବୃତ୍ତମ୍ । ୧୯ ।
କଣ୍ଠଗତୈରପ୍ୟସୁଭିଃ କସ୍ୟାତ୍ମା ନ ବଶମୁପଯାତି ।
ମୂର୍ଖସ୍ୟ ବିଷାଦିନଶ୍ଚ ଗର୍ବିତସ୍ୟାପି ଚ କୃତଘ୍ନସ୍ୟ । ୨୦ ।
କେନ ଜିତଂ ଜଗଦେତତ୍ ସତ୍ୟତିତିକ୍ଷାବତା ପୁଂସା ।
କୁତ୍ର ବିଧେୟୋ ବାସଃ ସଜ୍ଜନ ନିକଟେଽଥବା କାଶ୍ୟାମ୍ । ୨୧ ।
କସ୍ମିନ୍ ନ ମର୍ତ୍ତ୍ୟୋ ସ୍ୟାଦେବାନାମପି ଦଶ୍ୟ ପ୍ରଧାନସ୍ୟ ।
କସ୍ମାଦୁଦ୍‌ବେଗ ଇଷ୍ୟଂ ସଂସାରାରଣ୍ୟତଃ ସୁଧିୟା । ୨୨ ।

ମରିବା ଯାଏ ଶଲ୍ୟ ପରି-୧ । କି ଥାଏ ହୃଦୟେ ଅବିରି ? ॥
"ମନୁଷ୍ୟ ଯେ ପାପ ଗୋପନେ- । କରିଥାଏ," ହେ ବିଜ୍ଞଜନେ ॥
କେବଣ କେବଣ କାର୍ଯ୍ୟରେ- । ଯତ୍ନ କରନ୍ତୁ ସୁଜ୍ଞ ନରେ ।
"ବିଦ୍ୟାଭ୍ୟାସ, ସଦ-ଔଷଧି- । ସଂଗ୍ରହ ଦାନ" ନିରବଧି । ୧୭ ।
କରିବ ଅବଜ୍ଞା କେଉଁଠାରେ ? । "ପରସ୍ତ୍ରୀ, ଖଳ, ପରଧନେ" ।
କି ଚିନ୍ତା କରିବାର ଅଛି । "ଏ ସଂସାରର ଅସାରତା" ॥
'ପ୍ରମଦା-ଚିନ୍ତା କେବେହେଲେ । କରିବ ନାହିଁ ମତିମନ୍ତେ" ॥ ୧୮ ।
କି ପ୍ରିୟ ମଣିବ ହେ ମନେ । "ଦୀନେ କୃପା, ମୈତ୍ରୀ ସଜ୍ଜନେ ।
ପୂଜ୍ୟ କେ ? "ଯେହୁ ସଚ୍ଚରିତ" । ଅଧମ କେ) "ଯେ ଅସଚ୍ଚରିତ" । ୧୯ ।
ପ୍ରାଣ ହେଲେହେଁ କଣ୍ଠଗତ । କା ଅତ୍ମା ନୁହେଁ ବଶୀଭୂତ ? ।
"ମୂର୍ଖ, ବିଷଣ୍ଣ, ଗର୍ବବାନ । ଅବର କୃତଘ୍ନର ଜାଣ" । ୨୦ ।
ଜଗତ ଜିଣି ପାରେ କେହୁ । "ସତ୍ୟ ଓ କ୍ଷମାବାନ ଯେହୁ" ।
ରହିବା ଉଚିତ କାହିଁରେ । "ସୁଜନ ପାଖେ ବାକାଶୀରେ ॥ ୨୧ ॥
ଅମରେ ୨ କାହାକୁ ସନ୍ତାନ-କରନ୍ତି ? "ଯେହୁ ସତ୍ୟବାନ" ॥
କେ କରେ ଚଞ୍ଚଳ ସୁଜନେ ? "ସଂସାର ଅରଣ୍ୟ" ହେ ଜନେ । । ୨୨ ।

---

୧ । କଣ୍ଟା, ବାଣ ଶାବକ । ୨ । ଦେବତାମାନେ ।

କସ୍ୟ ବଶେ ପ୍ରାଣୀଗଣଃ, ସତ୍ୟପ୍ରିୟଭାଷିଣୋ ବିନୀତସ୍ୟ ।
କ୍ୱ ସ୍ଥାତବ୍ୟଂ ନ୍ୟାଯ୍ୟେ ପଥି ଦୃଷ୍ଟାର୍ଥଲାଭାଢ୍ୟେ । ୨୩ ।
ବିଦ୍ୟୁଦ୍‌ବିଲସିତଚପଳଂ କିଂ ଦୁର୍ଜ୍ଜନସଙ୍ଗତିର୍ଯୁବତୟଶ୍ଚ ।
କୁଳଶୀଳ ନିଷ୍ପ୍ରକମ୍ପାଃ କେ କଳିକାଳେଽପି ସତ୍ପୁରୁଷାଃ । ୨୪ ।
କିଂଶୋଚ୍ୟଂ କାର୍ପଣ୍ୟଂ ସତି ବିଭବେ କିଂ ପ୍ରଶସ୍ତମୌଦାର୍ଯ୍ୟମ୍ ।
ତନୁତର ବିଭବସ୍ୟ ପ୍ରଭବିଷ୍ଣୋର୍ବା କିଂ ଯତ୍ ସହିଷ୍ଣୁତ୍ୱମ୍ । ୨୫ ।
ଚିନ୍ତାମଣିରିବ ଦୁର୍ଲ୍ଲଭମିହ କିଂ କଥୟାମି ତଚ୍ଚତୁର୍ଭଦ୍ରମ୍ ।
କିଂ ତଦ୍‌ବଦନ୍ତି ଭୂୟୋ ବିଧୂତତମସା ବିଶେଷେଣ । ୨୬ ।
ଦାନଂ ପ୍ରିୟବାକ୍‌ସହିତଂ ଜ୍ଞାନମଗର୍ବଂ କ୍ଷମାନ୍ୱିତଂ ଶୌର୍ଯ୍ୟମ୍ ।
ବିତ୍ତଂ ତ୍ୟାଗନିୟୁକ୍ତଂ ଦୁର୍ଲ୍ଲଭମେତଚ୍ଚତୁର୍ଭଦ୍ରମ୍ । ୨୭ ।
ଇତି କଣ୍ଠଗତା ବିମଳପ୍ରଶ୍ନୋତ୍ତରରତ୍ନମାଳିକା ଯେଷାମ୍ ।
ତେ ମୁକ୍ତାଭରଣା ଅପି ବିଭାନ୍ତି ବିଦ୍ୱତ୍ସମାଜେଷୁ । ୨୮ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତା ପ୍ରଶ୍ନୋତ୍ତର-ରତ୍ନମାଳିକା ।

ପ୍ରାଣୀଏ କାହା ବଶୀଭୂତ ? । "ସତ ପ୍ରିୟ ଭାଷୀ ବିନୀତ" ॥
ଆହୁରି ମୂଳଲାଭ ଅର୍ଥେ । କାହିଁ ଥିବ ? "ନ୍ୟାଯ୍ୟ ପଥେ" । ୨୩ ।
ବିଜୁଳି ଭଳି ଚପଳ କିସ ? । "ଯୁବତୀ, ଦୁର୍ଜ୍ଜନ ସଙ୍ଗ" ॥
କୁଳ ଶୀଳ ହୋଇ ସମ୍ପନ୍ନ – । ଏ କଳି କାଳେ କେଉଁ ଜନ ॥
ରହନ୍ତି ନ ହୋଇ ଚଞ୍ଚଳ । "ସୁପୁରୁଷଗଣ କେବଳ" । ୨୪ ।
ବିଭବ ଥାଇଲେ କା ସ୍ତୁତି – । କହ ତ ଶୋଚନୀୟ ? "କାର୍ପଣ୍ୟ"
ଧନୀ ଲୋକଙ୍କୁ କି ସ୍ତୁତି ? । "ଉଦାରତା" ସଦ୍‌ଗୁଣ ସାର ॥
ଅଳ୍ପ ବିତ୍ତବନ୍ତ ଜନ – । କି ଅବା ପ୍ରଭୁ-ସମ୍ପନ୍ନ –॥
ଲଭନ୍ତି କି ଗୁଣ ଧାରଣି ? । "ସହିଷ୍ଣୁତା ନାମେ ରତନ" । ୨୫ ।
କିଏ ଚିନ୍ତାମଣି ସମାନ । ଦୁର୍ଲ୍ଲଭ ? "ଚତୁର୍ଭଦ୍ର" ଜାଣ ॥
ଚତୁର୍ଭଦ୍ର କାହାକୁ କହୁ ? ଶୁଣ କହୁଛି ମନ ଦେଇ । ୨୬ ।
ପ୍ରିୟ ବଚନ ମିଶା ଦାନ । କ୍ଷମାନ୍ୱିତ ଶୌର୍ଯ୍ୟ, ଜ୍ଞାନ, ॥
ଯେଉଁ ବିତ୍ତ ଦାନ ପାଇଁ ଥିବ । ଏ ଚତୁର୍ଭଦ୍ର ଘେନ ଚିତ୍ତେ । ୨୭ ।
ବିମଳ ଏ ପ୍ରଶ୍ନ ଉତ୍ତର – । ରତ୍ନମାଳିକା ଯେଉଁ ନର – ॥
କଣ୍ଠରେ କରିଣ ଧାରଣି । ନ ଥାଉ ଆନ ଆଭରଣ ॥
ବିଜ୍ଞ ସମାଜେ ସେହି ଜନ । ଶୋଭନ୍ତି ଅତି ମନୋହର । ୨୮ ।

୧–ଦେବତାମାନେ ।

ଆତ୍ମ-ବୋଧ

ତପୋଭିଃ କ୍ଷୀଣପାପାନାଂ ଶାନ୍ତାନାଂ ବୀତରାଗିଣାମ୍ ।
ମୁମୁକ୍ଷୂଣାମପେକ୍ଷୋଽୟମାତ୍ମବୋଧୋ ବିଧୀୟତେ । ୧ ।

ବୋଧୋଽନ୍ୟସାଧନେଭ୍ୟୋ ହି ସାକ୍ଷାନ୍ମୋକ୍ଷୈକସାଧନମ୍ ।
ପାକସ୍ୟ ବହ୍ନିବତ୍ ଜ୍ଞାନଂ ବିନାମୋକ୍ଷୋ ନ ସିଧ୍ୟତି । ୨ ।

ଅବିରୋଧିତୟା କର୍ମ ନାବିଦ୍ୟାଂ ବିନିବର୍ତୟେତ୍ ।
ବିଦ୍ୟାଽବିଦ୍ୟାଂ ନିହନ୍ତ୍ୟେବ ତେଜସ୍ତିମିରସଙ୍ଘବତ୍ । ୩ ।

ପରିଚ୍ଛିନ୍ନ ଇବାଜ୍ଞାନାତ୍ତନ୍ନାଶେ ସତି କେବଳଃ ।
ସ୍ୱୟଂ ପ୍ରକାଶତେ ହ୍ୟାତ୍ମା ମେଘାପାୟେଽଂଶୁମାନିବ । ୪ ।

ସଗ—ଗୃହସ୍ଥ ।

ତପସ୍ୟା ଦ୍ୱାରା ପାପଚୟ । ଯେ ଜନ କରିଅଛନ୍ତି କ୍ଷୟ ॥
ଶାନ୍ତ ମୁକତି ଅଭିଳାଷୀ । ବିରାଗୀ ଅବର ଉଦାସୀ ॥
ଏମନ୍ତ ଜନଙ୍କ ନିମିତ୍ତ । ହୋଇଛନ୍ତି ଏ ଗ୍ରନ୍ଥ ଲିଖିତ । ୧ ।
ଜ୍ଞାନ ବିନା ସର୍ବସାଧନ । ନୁହନ୍ତି ମୋକ୍ଷର କାରଣ ॥
ଯେସନେ ଅନଳ ବର୍ଜିତ । ନୁହଇ ପାକ ନିର୍ବାହିତ । ୨ ।
କର୍ମ ଅବିଦ୍ୟାକୁ ନାଶନ । କରି ନ ପାରେ କଦାଚନ ॥
ବିରୋଧୀ ବସ୍ତୁ ବିରୋଧରେ । ବିନାଶ ଲଭଇ ବହୁତରେ ॥
ଆଲୋକ ତମକୁ ଯେସନ । ବିନାଶ କରଇ କହନ ॥
ବିଦ୍ୟା । ଅବିଦ୍ୟାକୁ ତେସନେ । ବିନାଶ କରେ ହେ ସୁଜନେ । ୩ ।
ଅଜ୍ଞାନ ଅଂଶକୁ ଆଚ୍ଛନ୍ନ । କରି ରଖଇ ହେ ସୁଜନ ॥
ରବି ବିମ୍ବକୁ ମେଘ ଯଥା । ଅବୃତ କରି ରଖେ ତଥା ॥
ସେ ମେଘ ହେଲେକ ଅନ୍ତର । ସ୍ୱୟଂ ପ୍ରକାଶନ୍ତି ଭାସ୍କର ॥
ତେସନ ଅଜ୍ଞାନ ବିନାଶେ । ସ୍ୱେଚ୍ଛାରେ ଜୀବାତ୍ମା ପ୍ରକାଶେ । ୪ ।

ଅଜ୍ଞାନକଳୁଷଂ ଜୀବଂ ଜ୍ଞାନାଭ୍ୟାସାଦ୍ୱିନିର୍ମଳମ୍ ।
କୃତ୍ୱା ଜ୍ଞାନଂ ସ୍ୱୟଂ ନଶ୍ୟେଜ୍ଜଳଂ କେତକରେଣୁବତ୍ । ୫ ।
ସଂସାରଃ ସ୍ୱପ୍ନତୁଲ୍ୟୋ ହି ରାଗଦ୍ୱେଷାଦିସଙ୍କୁଳଃ ।
ସ୍ୱକାଳେ ତୁ ସତ୍ୟବଦ୍ଭାତି ପ୍ରବୋଧେଽସତ୍ୟବଦ୍ଭବେତ୍ । ୬ ।
ତାବତ୍ ସତ୍ୟଂ ଜଗଦ୍ଭାତି ଶୁକ୍ତିକାରଜତଂ ଯଥା
ଯାବନ୍ନ ଜ୍ଞାୟତେ ବ୍ରହ୍ମ ସର୍ବାଧିଷ୍ଠାନମଦ୍ୱୟମ୍ । ୭ ।
ସଚ୍ଚିଦାତ୍ମନ୍ୟନୁସ୍ୟୂତେ ନିତ୍ୟେ ବିଷ୍ଣୌ ପ୍ରକଳ୍ପିତାଃ ।
ବ୍ୟକ୍ତୟୋ ବିବିଧାଃ ସର୍ବା ହାଟକେ କଟକାଦିବତ୍ । ୮ ।
ଯଥାକାଶୋ ହୃଷୀକେଶୋ ନାନୋପାଧିଗତୋ ବିଭୁଃ ।
ତଦ୍ଭେଦାଦ୍ଭିନ୍ନବଦ୍ଭାତି ତନ୍ନାଶାଦେକବଦ୍ଭବେତ୍ । ୯ ।

ଅଜ୍ଞାନ ଯୋଗେ କଳୁଷିତ । ଜୀବଟି ହୁଅଇ ନିଶ୍ଚିତ ॥
ଜ୍ଞାନର ଅଭ୍ୟାସେ କେବଳ । ଜୀବାତ୍ମା ହୁଅଇ ନିର୍ମଳ ॥
କେତକ ୧ରେଣୁ ଜଳେ ଯେହ୍ନେ । ନିର୍ମଳ କରି ବୁଡେ ତେହ୍ନେ ॥
ଜ୍ଞାନଟି ନିର୍ମଳ ଜୀବକୁ । କରି ଲଭଇ ବିନାଶକୁ । ୫ ।
ରାଗ ବିଦ୍ୱେଷାଦି ସଙ୍କୁଳ । ଏହି ସଂସାର ସ୍ୱପ୍ନତୁଲ୍ୟ ॥
ଅଜ୍ଞାନ ସ୍ୱପନ ଯାବତ । ମନେ ବହୁଥାଏ ତାବତ ॥
ସତ୍ୟ ବୋଲି ବୋଧ ହୁଅଇ । କିନ୍ତୁ ଜ୍ଞାନ ଯେତେବେ ଉଦଇ ॥
ଅସତ୍ୟ ବୋଲିଣ ସମସ୍ତ । ବିଦିତ ହୁଅଇ ଜଗତ । ୬ ।
ଯେ ଯାଏ ସର୍ବ ଅଧିଷ୍ଠାନ । ନୁହେ ଅଦ୍ୱୟ ବ୍ରହ୍ମଜ୍ଞାନ ॥
ସେ ଯାଏ ପ୍ରପଞ୍ଚ ଜଗତ । ସତ୍ୟ ବୋଲି ହୁଏ ପ୍ରତୀତ ॥
ଶାମୁକା ଦେଖି ରୁପା ଜ୍ଞାନ । ଯେହ୍ନେ ହୁଅଇ ବିଦ୍ୟମାନ । ୭ ।
ଏକ ସୁବର୍ଣ୍ଣରେ ନିର୍ମାଣ । ବଳୟ ୨ କୁଣ୍ଡଳାଦି ଜାଣ ॥
ହେଲେହେଁ ଗଠନ ଭେଦରେ । ଦିଶେ ଯେହ୍ନେ ନାନା ରୂପରେ ॥
ତେହ୍ନେ ସଚ୍ଚିଦାନନ୍ଦମୟ । ନିତ୍ୟ ସର୍ବବ୍ୟାପୀ ଅଦ୍ୱୟ ॥
ଆତ୍ମା ବାହ୍ୟରୂପ ଭେଦରେ । କଳ୍ପିତ ବିଭିନ୍ନରୂପରେ । ୮ ।
ଯେସନେ ଏକହିଁ ଆକାଶ । ନାନା ଉପାଧିରେ ପ୍ରକାଶ ॥
ତେସନେ ଏକ ହୃଷୀକେଶ ୩ । ଘେନିଣ ଉପାଧି ବିଶେଷ ॥
ଭିନ୍ନ ଭିନ୍ନ ଲାଗି ପ୍ରତୀତ । ହୁଅନ୍ତି କିନ୍ତୁ ଏକ ନିତ୍ୟ ॥
ସେ ଉପାଧି ହେଲେ ବିନାଶ । ଏକତ୍ୱ ହୁଅଇ ପ୍ରକାଶ । ୯ ।

୧—କେତକ । ([illegible]) । [illegible] = [illegible] ।
[illegible] ରେଣୁ—ନିର୍ମଳୀବୀଜ ରେଣୁ—ପାଠାନ୍ତର
୨ । [illegible] । ୩-ବିଷ୍ଣୁ ବା ବିଷ୍ଣୁ ; ହୃଷୀକ+ଈଶ=ହୃଷୀକେଶ । ହୃଷୀକ=ଇନ୍ଦ୍ରିୟ ।

ନାନୋପାଧିବଶାଦେବଂ ଜାତିନାମାଶ୍ରମାଦୟଃ ।
ଆତ୍ମନ୍ୟାରୋପିତାସ୍ତୋୟେ ରସବର୍ଣ୍ଣାଦିଭେଦବତ୍ । ୧୦ ।
ପଞ୍ଚୀକୃତମହାଭୂତସମ୍ଭବଂ କର୍ମସଞ୍ଚିତମ୍ ।
ଶରୀରଂ ସୁଖଦୁଃଖାନାଂ ଭୋଗାୟତନମୁଚ୍ୟତେ । ୧୧ ।
ପଞ୍ଚପ୍ରାଣମନୋବୁଦ୍ଧିଦଶେନ୍ଦ୍ରିୟ ସମନ୍ୱିତଂ ।
ଅପଞ୍ଚୀକୃତ ଭୂତୋତ୍ଥଂ ସୂକ୍ଷ୍ମାଙ୍ଗଂ ଭୋଗସାଧନମ୍ ।୧୨।
ଅନାଦ୍ୟବିଦ୍ୟା ନିର୍ବାଚ୍ୟା କାରଣୋପାଧିରୁଚ୍ୟତେ ।
ଉପାଧିତ୍ରିତୟାଦନ୍ୟମାତ୍ମାନ ମବଧାରୟେତ୍ । । ୧୩ ।
ପଞ୍ଚକୋଷାଦି ଯୋଗେନ ତତ୍ତନ୍ମୟ ଇବ ସ୍ଥିତଃ ।
ଶୁଦ୍ଧାତ୍ମା ନୀଳବସ୍ତ୍ରାଦିଯୋଗେନ ସ୍ଫଟିକୋ ଯଥା । ୧୪ ।

ଏକହିଁ ଜଳ ଯେଉଁ ପରି । ବିଭିନ୍ନ ବର୍ଣ୍ଣ ରସ ଧରି ॥
ବିବିଧ ବରଣ ଦିଶଇ । ବିବିଧ ରସ ପ୍ରକାଶଇ ॥
ତେମନ୍ତେ ଏକଇ ଆତ୍ମାରେ । ନାନା ଉପାଧି ସଂଯୋଗରେ ॥
ଜାତି ନାମ ଆଶ୍ରମ ସ୍ଥାନ । ହୋଇଛି ଆରୋପିତ ଜାଣ । ୧୦ ।

ସଞ୍ଚିତ କର୍ମ ଅନୁସାରେ । ପଞ୍ଚୀକୃତ ମହାଭୂତରେ ॥
ନାନା ସ୍ଥୂଳ ଦେହ ଜନ୍ମଇ । ସୁଖ ଦୁଃଖ ଯେହୁ ଭୁଞ୍ଜଇ ।୧୧।

ଅପଞ୍ଚୀକୃତ ପଞ୍ଚଭୂତ । ଏଥିରୁ ହୁଏ ଯେ ସମ୍ଭୂତ ।
ପଞ୍ଚପ୍ରାଣ ବୁଦ୍ଧି ଓ ମନ । ଦଶ ଇନ୍ଦ୍ରିୟ ସମନ୍ୱିତ ॥
ଭୋଗ ସାଧନ ଯେଉଁ ଦେହ । ତାହାକୁ ବୋଲି ସୂକ୍ଷ୍ମ ଦେହ । ୧୨ ।

ଅନାଦି ପୁଣି ଅକଥନ । ଅବିଦ୍ୟାକୁ ପଣ୍ଡିତ ଜନ ॥
କାରଣ ଶରୀର ନାମରେ । କହିଛନ୍ତି ସର୍ବ ଶାସ୍ତ୍ରରେ ॥
ଏ ତିନି ଦେହରୁ ଆତ୍ମାକୁ । ପୃଥକ ରୂପେ ଧେନ ତାକୁ । ୧୩ ।

ସ୍ଫଟିକ ଯେସନେ ଶୁକ୍ଳ । ସ୍ୱଭାବେ ଅଟଇ କେବଳ ॥
ନୀଳପୀତ ବସ୍ତ୍ର ନିକଟେ । ରହିଲେ ସେ ବର୍ଣ୍ଣ ପ୍ରକଟେ ॥
ବିଶୁଦ୍ଧ ଆତ୍ମା ସେହିମତେ । ମିଳି ପଞ୍ଚଭୂତ ସଙ୍ଗତେ ॥
ପଞ୍ଚକୋଶ ଯେନି ତା ଅନ୍ତର । ଏହୁ ସିଦ୍ଧାନ୍ତ ମତ ସାର । ୧୪ ।

ବପୁସ୍ତୁଷାଦିଭିଃ କୋଶୈର୍ଯୁକ୍ତଂ ଯୁକ୍ତ୍ୟବଘାତତଃ ।
ଆତ୍ମାନମନ୍ତରଂ ଶୁଦ୍ଧଂ ବିବିଚ୍ୟାତ୍ତଣ୍ଡୁଳଂ ଯଥା । ୧୫ ।

ସଦା ସର୍ବଗତୋଽପ୍ୟାତ୍ମା ନ ସର୍ବତ୍ରାବଭାସତେ ।
ବୁଦ୍ଧାବେବାବଭାସେତ ସ୍ୱଚ୍ଛେଷୁ ପ୍ରତିବିମ୍ବବତ୍ । ୧୬ ।

ଦେହେନ୍ଦ୍ରିୟମନୋବୁଦ୍ଧିପ୍ରକୃତିଭ୍ୟୋ ବିଲକ୍ଷଣମ୍ ।
ତଦ୍ବୃତ୍ତିସାକ୍ଷିଣଂ ବିଦ୍ୟାଦାତ୍ମାନଂ ରାଜବତ୍ ସଦା । ୧୭ ।

ବ୍ୟାପୃତେଷ୍ୱିନ୍ଦ୍ରିୟେଷ୍ୱାତ୍ମା ବ୍ୟାପାରୀବାବିବେକିନାମ୍ ।
ଦୃଶ୍ୟତେଽଭ୍ରେଷୁ ଧାବତ୍ସୁ ଧାବନ୍ନିବ ଯଥା ଶଶୀ । ୧୮ ।

ଆତ୍ମଚୈତନ୍ୟମାଶ୍ରିତ୍ୟ ଦେହେନ୍ଦ୍ରିୟମନୋଧିୟଃ ।
ସ୍ୱକୀୟାର୍ଥେଷୁ ବର୍ତ୍ତନ୍ତେ ସୂର୍ଯ୍ୟାଲୋକଂ ଯଥା ଜନାଃ । ୧୯ ।

ଦେଖ ତଣ୍ଡୁଳ ଯେଉଁକ ସାର । ତୁଷାଦିରେ ଆବୃତ ଥାଇ ॥
ଗୋଟି ହୁ ଅବୃତ ତେସନେ । ପଞ୍ଚକୋଷରେ ଏହିମନେ ॥
ତୁଷ ଦୂର କରି ବରଜନ । ତଣ୍ଡୁଳ ଘେନନ୍ତି ଯେସନ ॥
ବିଚାର କରିବ ତେସନ । ଆତ୍ମାକୁ କରିବ ଗ୍ରହଣ । ୧୫ ।

ହେଲେହେଁ ଆତ୍ମା ସର୍ବଗତ । ସର୍ବତ୍ର ନୁହେ ପ୍ରକାଶିତ ॥
ବୁଦ୍ଧିଜଳରେ ଉଦ୍ଭାସିତ । କେବଳ ହୁଅଇ ନିଶ୍ଚିତ ॥
ଯେସନେ ସ୍ୱଚ୍ଛ ପଦାର୍ଥରେ । ପ୍ରତିବିମ୍ବ ପ୍ରକାଶ କରେ । ୧୬ ।
ଦେହ ଇନ୍ଦ୍ରିୟ ବୁଦ୍ଧି ମନ । ଏ ମଧ୍ୟୁଁ ଆତ୍ମା ବିଲକ୍ଷଣ ॥
ସାକ୍ଷୀ ସ୍ୱରୂପେ ଥାଏ ତଥା । ପ୍ରଜାଙ୍କ ମଧ୍ୟେ ରାଜା ଯଥା । ୧୭ ।

ଇନ୍ଦ୍ରିୟଙ୍କ ବ୍ୟାପାର ଦେଖି । ଆତ୍ମାକୁ ମଣେ ଅବିବେକୀ ॥
ବ୍ୟାପାରୀ ବୋଲି ମୂଢ଼ ପଣେ । ନ ଜାଣି ତତ୍ତ୍ୱର କାରଣେ ॥
ଯେସନ୍ତେ ମେଘ ଧାଇଁବା ଗୁହିଁ । ଶଶୀ ଧାଉଁଛି ବୋଲେ ଭାବ । ୧୮ ।

ଆତ୍ମ-ଚୈତନ୍ୟ ଆଶ୍ରିତ । ଦେହ ଇନ୍ଦ୍ରିୟ ବୁଦ୍ଧି ଚିତ୍ତ ॥
ଚୈତନ୍ୟ ହୋଇଣ ପ୍ରାପତ । ହୁଅନ୍ତି ନିଜ କାର୍ଯ୍ୟେ ରତ ॥
ଯେସନେ ନର ନାରୀଗଣ । ଲଭିଣ ସୂର୍ଯ୍ୟଙ୍କ କିରଣ ॥
ସର୍ବେ ହୋଇଣ ପ୍ରକାଶିତ । ହୁଅନ୍ତି ଯେସା କାର୍ଯ୍ୟେ ରତ । ୧୯ ।

ଦେହେନ୍ଦ୍ରିୟଗୁଣାନ୍ କର୍ମାଣି ଅମଲେ ସଚ୍ଚିଦାତ୍ମନି ।
ଅଧ୍ୟସ୍ୟନ୍ତ୍ୟବିବେକେନ ଗଗନେ ନୀଳତାଦିବତ୍ । ୨୦ ।

ଅଜ୍ଞାନାନ୍ମାନସୋପାଧେଃ କର୍ତ୍ତୃତ୍ୱାଦୀନି ଚାତ୍ମନି ।
କଳ୍ପ୍ୟନ୍ତେଽମ୍ବୁଗତେ ଚନ୍ଦ୍ରେ ଚଳନାଦି ଯଥାମ୍ଭସଃ । ୨୧ ।

ରାଗେଚ୍ଛାସୁଖଦୁଃଖାଦି ବୁଦ୍ଧୌ ସତ୍ୟାଂ ପ୍ରବର୍ତ୍ତତେ ।
ସୁଷୁପ୍ତୌ ନାସ୍ତି ତନ୍ନାଶେ ତସ୍ମାଦ୍ବୁଦ୍ଧେସ୍ତୁ ନାତ୍ମନଃ । ୨୨ ।

ପ୍ରକାଶୋଽର୍କସ୍ୟ ତୋୟସ୍ୟ ଶୈତ୍ୟମଗ୍ନେର୍ଯଥୋଷ୍ଣତା ।
ସ୍ୱଭାବଃ ସଚ୍ଚିଦାନନ୍ଦନିତ୍ୟନିର୍ମ୍ମଳତାତ୍ମନଃ । ୨୩ ।

ଆତ୍ମନଃ ସଚ୍ଚିଦଂଶଶ୍ଚ ବୁଦ୍ଧେର୍ବୃତ୍ତିରିତି ଦ୍ୱୟମ୍ ।
ସଂଯୋଜ୍ୟ ଚାବିବେକେନ ଜାନାମୀତି ପ୍ରବର୍ତ୍ତତେ । ୨୪ ।

ମେଘର ନୀଳ ରକ୍ତ ବର୍ଣ୍ଣ । ନିର୍ମଳ ଆକାଶେ ଯେସନ ॥
ଆରୋପ କରେ ମୂଢ଼ଜନ । ଅମଳ ଆତ୍ମାରେ ତେସନ ॥
ସଚ୍ଚିଦାନନ୍ଦ ଯେ ଅଟଇ । ଅଜ୍ଞାନ କଣେ ଆରୋପଇ ॥
ଦେହ ଇନ୍ଦ୍ରିୟ ବୁଦ୍ଧି ମନ । ଏହାଙ୍କ ଗୁଣ ଆଉ କର୍ମ ।୨୦।
ମାନସ ଅଜ୍ଞାନ ବଶରେ । ଉପାଧି କର୍ତ୍ତୃତ୍ୱ ଆତ୍ମାରେ ॥
କରଇ ପୁଣି ଆରୋପିତ । ମନର ସମସ୍ତ କଳ୍ପିତ ॥
ଜଳଗତେ ଚନ୍ଦ୍ର ଯେସନ । ଜଳର ସ୍ପନ୍ଦନ ଚଳନ ॥
ମୂଢ଼େ କରନ୍ତି ଆରୋପିତ । ହୋଇଣ ମାୟାରେ ଜଡ଼ିତ । ୨୧ ।
ବୁଦ୍ଧିର ସତ୍ତ୍ୱ ଥିବାଯାଏ । ସୁଖ ଦୁଃଖାଦି ହୋଇଥାଏ ॥
ସୁଷୁପ୍ତି ଅବସ୍ଥାରେ ଯେବେ । ବୁଦ୍ଧି ବିଲୟ ହୁଏ ତେବେ ॥
ରାଗ ଦ୍ୱେଷାଦି ନ ରହଇ । ସୁଖ ଦୁଃଖ ଅବର ତହିଁ ॥
ରାଗ ଦ୍ୱେଷାଦି ଅଟେ ଯାହା । ବୁଦ୍ଧିର ଧର୍ମ ଜାଣ ତାହା । ୨୨ ।
ଯେସନେ ଜଳର ଶୀତଳତା । ଅବର ଅଗ୍ନିର ଉଷ୍ଣତା ॥
ସୂର୍ଯ୍ୟର ପ୍ରକାଶ ଯେ ପୁଣ । ଅଟଇ ସ୍ୱାଭାବିକ ଗୁଣ ॥
ତେସନେ ଆତ୍ମାର ନିର୍ମଳତା । ସଚ୍ଚିଦାନନ୍ଦତ୍ୱ ନିତ୍ୟତା ॥
ଅଟଇ ପ୍ରାକୃତିକ ଧର୍ମ । ମୂଢ଼ ନ ଜାଣେ ଏହି ମର୍ମ । ୨୩ ।
ଆତ୍ମାର ସଚ୍ଚିଦଂଶ ସଙ୍ଗେ । ବୁଦ୍ଧିର ବୃତ୍ତି ମିଶି ରଙ୍ଗେ ॥
ଅବିବେକ ବଶରୁ ଜାଣ । ପ୍ରକାଶେ "ମୁଁ ଜାଣେ" ଏ ଜ୍ଞାନ । ୨୪ ।

ଆତ୍ମନୋ ବିକ୍ରିୟା ନାସ୍ତି ବୁଦ୍ଧେର୍ବୋଧୋ ନ ଜାତ୍ୱିତି ।
ଜୀବଃ ସର୍ବମଳଂ ଜ୍ଞାତ୍ୱା ଜ୍ଞାତା ଦ୍ରଷ୍ଟେତି ମୁହ୍ୟତି । ୨୫ ।

ରଜ୍ଜୁସର୍ପବଦାତ୍ମାନଂ ଜୀବୋ ଜ୍ଞାତ୍ୱା ଭୟଂ ବହେତ୍ ।
ନାହଂ ଜୀବଃ ପରାତ୍ମେତି ଜ୍ଞାତଶ୍ଚେନ୍ନିର୍ଭୟୋ ଭବେତ୍ । ୨୬ ।

ଆତ୍ମାବଭାସୟତ୍ୟେକୋ ବୁଦ୍ଧ୍ୟାଦୀନୀନ୍ଦ୍ରିୟାଣି ହି ।
ଦୀପୋ ଘଟାଦିବତ୍ ସ୍ୱାତ୍ମା ଜଡୈସ୍ତୈର୍ନାବଭାସ୍ୟତେ । ୨୭ ।

ସ୍ୱବୋଧେନାନ୍ୟବୋଧେଚ୍ଛା ବୋଧରୂପତୟାତ୍ମନଃ ।
ନ ଦୀପସ୍ୟାନ୍ୟଦୀପେଚ୍ଛା ତଥା ସ୍ୱାତ୍ମପ୍ରକାଶନେ । ୨୮ ।

ନିଷିଧ୍ୟ ନିଖିଳୋପାଧୀନେତି ନେତୀତି ବାକ୍ୟତଃ ।
ବିଦ୍ୟାଦୈକ୍ୟଂ ମହାବାକ୍ୟୈର୍ଜୀବାତ୍ମ ପରମାତ୍ମନୋଃ । ୨୯ ।

ବୁଦ୍ଧି ଅଟଇ ଜଡ଼ ଯେଣୁ । ଜ୍ଞାନ ତାହାର ନାହିଁ ତେଣୁ ॥
ଆତ୍ମାର ନାହିଁଟି ବିକାର । ନ ହୁଏ କେବେହେଁ କାହାର ॥
ବୁଦ୍ଧି ଯୁକତ ଜୀବ ତାହା । ଜାଣି ବିମୁଗଧ ହୁଏ ଅହା ॥
"ମୁଁ ଦ୍ରଷ୍ଟା ମୁଁ ଜ୍ଞାତା ବୋଲଇ" । ତେଣୁ ସେ ଅଜ୍ଞାନେ ରହଇ । ୨୫ ।

ରଜ୍ଜୁକୁ ସର୍ପ ମଣି ଯଥା । ମନୁଷ୍ୟ ଭୟ କରେ ତଥା ॥
ଆତ୍ମାକୁ ବୁଦ୍ଧି ଭ୍ରମହତ । ଜାଣିଣି ଜୀବ ହୁଏ ଭୀତ ॥
ଯେବେ ମୁହିଁ ଜୀବ ନୁହଇଁ । ମୁହିଁ ପରମାତ୍ମା ଅଟଇଁ ॥
ଏ ଭାବ ବିକାଶ ହୁଅଇ । ସେପାରେ ଭୟ ନ ବହଇ । ୨୬ ।

ପ୍ରଦୀପ ଘଟାଦିକୁ ଯଥା । ପ୍ରକାଶ କରଇ ସର୍ବଥା ॥
କିନ୍ତୁ ଘଟାଦି ପ୍ରଦୀପକୁ । ନ ପାରନ୍ତି କରି ପ୍ରକାଶକୁ ॥
ସେହିପରି ଏକ ଆତ୍ମା ଅଟଇ । ବୁଦ୍ଧି ଇନ୍ଦ୍ରିୟେ ପ୍ରକାଶଇ ॥
ସେ ଜଡ଼ ପଦାର୍ଥ ସକଳ । ଆତ୍ମାକୁ ନ କରେ ଉଜ୍ଜ୍ୱଳ । ୨୭ ।

ନିଜ ପ୍ରକାଶ ପାଇଁ ଯେସନ୍ତେ । ଦୀପ ନ ଲୋଡ଼େ ଦୀପ ଅନେ ॥
ଜ୍ଞାନରୂପୀ ଆତ୍ମା ତେସନ । ଆପଣା ପ୍ରକାଶ କାରଣ ॥
ବାଞ୍ଛା ନ କରେ ଅନ୍ୟ ଜ୍ଞାନ । ସ୍ୱୟଂ ହୁଏ ପ୍ରକାଶମାନ । ୨୮ ।

ନିଖିଳ ବସ୍ତୁ ଏକ ଏକ । ଅଲେଖ କରିବ ବିବେକ ॥
ଏ ବ୍ରହ୍ମ ନୁହେ ବ୍ରହ୍ମ ନୁହେ । ଅବଧାରଣେ ଜ୍ଞାନ ହୁଏ ॥
ଜୀବ ବ୍ରହ୍ମ ଅଟନ୍ତି ଏକ । ଏ ଜ୍ଞାନେ କରଇ ସାଧକ । ୨୯ ।

ଅବିଦ୍ୟକଂ ଶରୀରାଦି ଦୃଶ୍ୟଂ ବୁଦ୍‌ବୁଦବତ୍ କ୍ଷରମ୍ ।
ଏତଦ୍ୱିଲକ୍ଷଣଂ ବିଦ୍ୟାଦହଂ ବ୍ରହ୍ମେତି ନିର୍ମଳମ୍ । ୩୦ ।
ଦେହାନ୍ୟତ୍ୱାନ୍ନ ମେ ଜନ୍ମଜରାକାର୍ଶ୍ୟଲୟାଦୟଃ ।
ଶବ୍ଦାଦି ବିଷୟୈଃ ସଙ୍ଗୋ ନିରିନ୍ଦ୍ରିୟତୟା ନ ଚ । ୩୧ ।
ଅମନସ୍ତ୍ୱାନ୍ନ ମେ ଦୁଃଖରାଗଦ୍ୱେଷଭୟାଦୟଃ ।
ଅପ୍ରାଣୋ ହ୍ୟମନାଃ ଶୁଭ୍ର ଇତ୍ୟାଦି ଶ୍ରୁତି ଶାସନାତ୍ । ୩୨ ।
ନିର୍ଗୁଣୋ ନିଷ୍କ୍ରିୟୋ ନିତ୍ୟୋ ନିର୍ବିକଳ୍ପୋ ନିରଞ୍ଜନଃ ।
ନିର୍ବିକାରୋ ନିରାକାରୋ ନିତ୍ୟମୁକ୍ତୋଽସ୍ମି ନିର୍ମଳଃ । ୩୩ ।
ଅହମାକାଶବତ୍ ସର୍ବବହିରନ୍ତର୍ଗତୋଽଚ୍ୟୁତଃ ।
ସଦା ସର୍ବସମଃ ଶୁଦ୍ଧୋ ନିଃସଙ୍ଗୋ ନିର୍ମଳୋଽଚଳଃ । ୩୪ ।
ନିତ୍ୟଶୁଦ୍ଧ ବିମୁକ୍ତୈକ ମଖଣ୍ଡାନନ୍ଦମଦ୍ୱୟମ୍ ।
ସତ୍ୟଂ ଜ୍ଞାନମନନ୍ତଂ ଯତ୍ ପରଂ ବ୍ରହ୍ମାହମେବ ତତ୍ । ୩୫ ।

ଦେହାଦି ଦୃଶ୍ୟ ବସ୍ତୁ ଯେତେ । ଅବିଦ୍ୟା ବୋଲି ଜାଣ ଚିତ୍ତେ ॥
ପାଣିଫୋଟକାର ସମାନ । ସକଳ କ୍ଷଣସ୍ଥାୟୀ ଜାଣ ॥
ଆତ୍ମାକୁ ବିଭିନ୍ନ ଚିହ୍ନି । ଅହଂ ବ୍ରହ୍ମ ବୋଲି ଜାଣି । ୩୦ ।
ଦେହରୁଁ ପୃଥକ ମୁହିଁ ଯେଣୁ । ନ ଲାଗେ ଜନମ ଜରା ତେଣୁ ॥
କ୍ଷୀଣତା ପ୍ରଳୟାଦି ମନ । ହୋଇ ନ ପାରେ କଦାଚନ ॥
ମୁଁ ଯେଣୁ ଇନ୍ଦ୍ରିୟ ରହିତ । ନୁହଇଁ ଶବ୍ଦ ଆସକ୍ତ । ୩୧ ।
ମନ ସୁଖ ଦୁଃଖ କାରଣ । ମୋହର ନାହିଁ ଦେହ ମନ ॥
ଦୁଃଖ ରାଗ ଦ୍ୱେଷ ଯେ ଭୟ । ତେଣୁ ମୋ ନୁହଇ ଉଦୟ ॥
"ଅପ୍ରାଣୋ ହ୍ୟମନାଃ" ଏ ପଦ । ଶ୍ରୁତି ବଚନ ଛନ୍ଦପଦ । ୩୨ ।
ମୁଁ ନିତ୍ୟ ନିଷ୍କ୍ରିୟ ନିର୍ଗୁଣ । ନିର୍ମଳ ନିତ୍ୟ ମୁକ୍ତ ପୂର୍ଣ୍ଣ ॥
ମୁଁ ନିର୍ବିକଳ୍ପ ନିର୍ବିକାର । ନିରଞ୍ଜନ ଓ ନିରାକାର । ୩୩ ।
ମୁଁ ସର୍ବ ଆକାଶ ସମାନ । ବାହ୍ୟ ଅନ୍ତରେ ବିଦ୍ୟମାନ ॥
ସର୍ବତ୍ର ସମେ ଥାଏଁ ସଦା । ମୋହର କ୍ଷୟ ନାହିଁ କଦା ॥
ମୁଁ ଶୁଦ୍ଧ ନିଃସଙ୍ଗ ନିର୍ମଳ । ଅମର ଅଟଇଁ ଅଚଳ । ୩୪ ।
ନିତ୍ୟ ଶୁଦ୍ଧ ଆନନ୍ଦମୟ । ଏକ ଅଖଣ୍ଡ ଯେ ଅଦ୍ୱୟ ॥
ସତ୍ୟଜ୍ଞାନରୂପୀ ଅନନ୍ତ । ଅଟଇ ଯେ ବ୍ରହ୍ମ ଅନନ୍ତ ॥
ମୁହିଁ ଅଟେଁ ସେହି ପରବ୍ରହ୍ମ । ଏ ଭାବେ କର ନିରୂପଣ । ୩୫ ।

ଏବଂ ନିରନ୍ତରଂ କୃତ୍ୱା ବ୍ରହ୍ମୈବାସ୍ମୀତି ବାସନା ।
ହରତ୍ୟବିଦ୍ୟାବିକ୍ଷେପାନ୍ ରୋଗାନିବ ରସାୟନମ୍ । ୩୬ ।
ବିବିକ୍ତ ଦେଶ ଆସୀନୋ ବିରାଗୋ ବିଜିତେନ୍ଦ୍ରିୟଃ ।
ଭାବୟେଦେକମାତ୍ମାନଂ ତମନନ୍ତମନନ୍ୟଧୀଃ । ୩୭ ।
ଆତ୍ମନ୍ୟେବାଖିଲଂ ଦୃଶ୍ୟଂ ପ୍ରବିଲାପ୍ୟ ଧିୟା ସୁଧୀଃ ।
ଭାବୟେଦେକମାତ୍ମାନଂ ନିର୍ମଳାକାଶବତ୍ ସଦା । ୩୮
ରୂପବର୍ଣ୍ଣାଦିକଂ ସର୍ବଂ ବିହାୟ ପରମାର୍ଥବିତ୍ ।
ପରିପୂର୍ଣ୍ଣଚିଦାନନ୍ଦସ୍ୱରୂପେଣାବତିଷ୍ଠତେ । ୩୯ ।
ଜ୍ଞାତୃଜ୍ଞାନଜ୍ଞେୟଭେଦଃ ପରେ ନାତ୍ମନି ବିଦ୍ୟତେ ।
ଚିଦାନନ୍ଦୈକରୂପତ୍ୱାଦ୍ଦୀପ୍ୟତେ ସ୍ୱୟମେବ ହି । ୪୦ ।
ଏବମାତ୍ମାରଣୌ ଧ୍ୟାନମଥନେ ସତତଂ କୃତେ ।
ଉଦିତାବଗତିର୍ଜ୍ୱାଳା ସର୍ବାଜ୍ଞାନେନ୍ଧନଂ ଦହେତ୍ । ୪୧ ।

ମୁଁ ବ୍ରହ୍ମ ବୋଲି ନିରନ୍ତର । ବାସନା କରଇ ଯେ
ଅବିଦ୍ୟା ବିକ୍ଷେପ ସକଳ । ବିନଷ୍ଟ ହୁଏ ତା କେବଳ ॥
ସମସ୍ତ ରୋଗକୁ ଯେସନ । ବିନାଶ କରଇ ରସାୟନ । ୩୬ ।
ନିର୍ଜ୍ଜନ ସ୍ଥାନେ ଯୋଗିଜନ । ନିରେଲେ ହୋଇ ଦୃଢ଼ାସନ ॥
ବିରାଗ ବିଜିତେନ୍ଦ୍ରିୟରେ । ଅଚର ଅନନ୍ୟ ମନରେ ॥
ସେହି ଏକଆତ୍ମା ଅନନ୍ତ । ଭାବନା କରିବେ ଏମନ୍ତ । ୩୭ ।
ପଣ୍ଡିତଗଣ ବୁଦ୍ଧିବଳେ । ଅଖିଳର ଦୃଶ୍ୟ ସକଳେ ॥
ଆତ୍ମାରେ ବିଲୟ କରଣି । ସର୍ବଦା ପବିତ୍ର ହୋଇଣି ॥
ନିର୍ମଳ ଆକାଶ ସମାନ । ଆତ୍ମାକୁ ଭାବିବେ ମହାନ । ୩୮ ।
ରୂପବର୍ଣ୍ଣ ଆଦି ସକଳ । ମାୟା ଆବରଣ କେବଳ ॥
ତେଣୁ ପରମାର୍ଥଜ୍ଞ ଜନ । ସେ ସର୍ବ କରି ବର୍ଜନ ॥
ପରିପୂର୍ଣ୍ଣ ସଚ୍ଚିଦାନନ୍ଦେ । ଅବସ୍ଥି କରନ୍ତି ଆନନ୍ଦେ । ୩୯ ।
ତ୍ରିଭେଦ ଜ୍ଞାତା ଜ୍ଞେୟ ଜ୍ଞାନ । ପରମାତ୍ମାରେ ନାହିଁ ଜାଣ ॥
ଚିଦାନନ୍ଦ ଏକସ୍ୱରୂପେ । ପ୍ରକାଶେ ଆତ୍ମା ଆପେ ଆପେ । ୪୦ ।
ଆତ୍ମାରୂପ ଅରଣି ୧ ଭଲେ । ଧ୍ୟାନରୂପ ମନ୍ଥନ କଲେ ॥
ଏହି ବିଧାନେ ଅନୁକ୍ଷଣ । ଜନ୍ମିବ ଜ୍ଞାନ-ହୁତାଶନ ॥
ପ୍ରଜ୍ୱଳି ସେ ଜ୍ଞାନ ଦହନ । ଦହଇ ଅଜ୍ଞାନ ଇନ୍ଧନ । ୪୧ ।

୧—ଅଗ୍ନି ଉତ୍ପାଦକ ମନ୍ଥନ ଦଣ୍ଡ ।

ଅରୁଣେନୈବ ବୋଧେନ ପୂର୍ବଂ ସନ୍ତମସେ ହୃତେ ।
ତତ ଆବିର୍ଭବେଦାତ୍ମା ସ୍ୱୟମେବାଂଶୁମାନିବ । ୪୨ ।

ଆତ୍ମା ତୁ ସତତଂ ପ୍ରାପ୍ତୋଽପ୍ୟପ୍ରାପ୍ତବଦବିଦ୍ୟୟା ।
ତନ୍ନାଶେ ପ୍ରାପ୍ତବଦ୍ଭାତି ସ୍ୱକଣ୍ଠାଭରଣଂ ଯଥା । ୪୩ ।

ସ୍ଥାଣୌ ପୁରୁଷବଦ୍ଭ୍ରାନ୍ତ୍ୟା କୃତା ବ୍ରହ୍ମଣି ଜୀବତା ।
ଜୀବସ୍ୟ ତାତ୍ତ୍ୱିକେ ରୂପେ ତସ୍ମିନ୍ ଦୃଷ୍ଟେ ନିବର୍ତ୍ତତେ । ୪୪ ।

ତତ୍ତ୍ୱସ୍ୱରୂପାନୁଭବାଦୁତ୍ପନ୍ନଂ ଜ୍ଞାନମଞ୍ଜସା ।
ଅହଂ ମମେତି ଚାଜ୍ଞାନଂ ବାଧତେ ଦିଗ୍ଭ୍ରମାଦିବତ୍ । ୪୫ ।

ସମ୍ୟଗ୍ବିଜ୍ଞାନବାନ୍ ଯୋଗୀ ସ୍ୱାତ୍ମନ୍ୟେବାଖିଳଂ ଜଗତ୍ ।
ଏକଞ୍ଚ ସର୍ବମାତ୍ମାନମୀକ୍ଷତେ ଜ୍ଞାନଚକ୍ଷୁଷା । ୪୬ ।

ଅଗେ ଜ୍ଞାନ ଅରୁଣ ବଳେ । ମୋହ-ଅନ୍ଧାର ତୁଟିଗଲେ ॥
ଆତ୍ମା ସ୍ୱରୂପ ଅଂଶୁମାନ ୧ । ପରେ ହୁଏ ପ୍ରକାଶମାନ । ୪୨ ।

ଆତ୍ମା ପ୍ରାପ୍ତ ବସ୍ତୁ ସତତ । ଅପ୍ରାପ୍ତ ଅଜ୍ଞାନ ବଶତଃ ॥
ଅଜ୍ଞାନ ହେଲେଟି ବିନାଶ । ପ୍ରାପ୍ତ ପରି ହୁଏ ପ୍ରକାଶ ॥
କଣ୍ଠସ୍ଥିତ ହାରକୁ ଯେହ୍ନେ । ଭ୍ରମରେ ଲୋଡ଼ି ଏଣେତେଣେ ॥
ଭ୍ରମାନ୍ତେ ଦେଖିଣ କଣ୍ଠରେ । ପାଇଲି ବୋଲି ମନେ କରେ । ୪୩ ।

ଶାଖା ବିହୀନ ବୃକ୍ଷେ ଗୁଣ୍ଡି । ଭ୍ରମେ "ମନୁଷ୍ୟ" ବୋଲି ଥାଇ ॥
ବୃକ୍ଷ ସ୍ୱରୂପ ଦେଖେ ଯେବେ । ଭ୍ରମ ତୁଟଇ ଯେହ୍ନେ ତେବେ ॥
ତେହ୍ନେ ଅଜ୍ଞାନ ବଶେ ଜାଣ । ବ୍ରହ୍ମକୁ କରେ ଜୀବ ଜ୍ଞାନ । ୪୪ ।

ଦିଗ ଭ୍ରମ ଭାନୁ ଦର୍ଶନେ । ଦୂରିତ ହୁଏ ଯେସନେ ॥
ତେସନେ ଯେ ଜ୍ଞାନ ସମ୍ଭବେ । ତତ୍ତ୍ୱ ସ୍ୱରୂପ ଅନୁଭବେ ॥
ମୁଁ ମୋର ଅହ ଏ ଅଜ୍ଞାନ । ବିନାଶ କରି ଦିଏ ଜାଣ । ୪୫ ।

ସମ୍ୟକଜ୍ଞାନ ଯୋଗିଜନ । ଜ୍ଞାନନୟନେ ଦରଶନ ॥
କରନ୍ତି ନିଖିଳ ଜଗତେ । ସକଳ ଆତ୍ମା ଏକ ଗତେ ॥
ସର୍ବାତ୍ମା ନିଜ ଆତ୍ମା ସମ । ଯୋଗିଏ କରନ୍ତି ଲେଖନ । ୪୬ ।

---

୧ ସୂର୍ଯ୍ୟ ।

ଆତ୍ମୈବେଦଂ ଜଗତ୍ ସର୍ବମାତ୍ମନୋଽନ୍ୟଂ ନ ବିଦ୍ୟତେ ।
ମୃଦୋ ଯଦ୍ୱଦ୍ ଘଟାଦୀନି ସ୍ୱାତ୍ମାନଂ ସର୍ବମୀକ୍ଷତେ । ୪୭ ।

ଜୀବନ୍ମୁକ୍ତସ୍ତୁ ତଦ୍ୱିଦ୍ୱାନ୍ ପୂର୍ବୋପାଧିଗୁଣାଂସ୍ତ୍ୟଜେତ୍ ।
ସଚ୍ଚିଦାନନ୍ଦରୂପତ୍ୱାଦ୍ଭଜେତ୍ଭ୍ରମରକୀଟବତ୍ । ୪୮ ।

ତୀର୍ତ୍ୱା ମୋହାର୍ଣ୍ଣବଂ ହତ୍ୱା ରାଗଦ୍ୱେଷାଦିରାକ୍ଷସାନ୍ ।
ଯୋଗୀ ସର୍ବସମାଯୁକ୍ତୋ ହ୍ୟାତ୍ମାରାମୋ ବିରାଜତେ । ୪୯ ।

ବାହ୍ୟାନିତ୍ୟସୁଖାସକ୍ତିଂ ହିତ୍ୱାତ୍ମସୁଖନିର୍ବୃତଃ ।
ଘଟସ୍ଥଦୀପବତ୍ ସ୍ୱଚ୍ଛମନ୍ତରେବ ପ୍ରକାଶତେ । ୫୦ ।
ଉପାଧିସ୍ଥୋଽପି ତଦ୍ଧର୍ମୈର୍ନିର୍ଲିପ୍ତୋ ବ୍ୟୋମବନ୍ମୁନିଃ ।
ସର୍ବବିନ୍ମୂଢବତ୍ତିଷ୍ଠେଦସକ୍ତୋ ବାୟୁବଚ୍ଚରେତ୍ । ୫୧ ।

ଏହି ଯେ ଜଗତ ସକଳ । ଏକ ଆତ୍ମ ରୂପୀ କେବଳ ॥
ଆତ୍ମା ବିନା ଆନ ନୁହଇ । ବାହ୍ୟେ ନାନାରୂପ ଦିଶଇ ॥
ଘଟାଦି ମାଟି ବିନା ଆନ । କିଛି ନୁହେ ଯେସନ ଜାଣ ॥
ବିଜ୍ଞାନୀ ଯୋଗୀ ଏହି ମତେ । ଆତ୍ମାଙ୍କିବେ ଦେଖେ ଜଗତେ ୪୭।
ସେ ଜୀବନ୍ମୁକ୍ତ ଆତ୍ମଜ୍ଞାନୀ । ସଂସାର ମିଥ୍ୟାପ୍ରାୟ ଜାଣି ॥
ପୂର୍ବ ଉପାଧି ଗୁଣ ତେଜି । ସଚ୍ଚିଦାନନ୍ଦ ରୂପ ହେଜି ॥
ସେ ରୂପ କରି ନିତ୍ୟ ଧ୍ୟାନ । ଭ୍ରମର କୀଟର ସମାନ ॥
ବ୍ରହ୍ମ ସ୍ୱରୂପକୁ ଧରଇ । ଏହାକୁ ଜୀବନ୍ମୁକ୍ତ କହି । ୪୮ ।
ମୋହ ସାଗର ହୋଇପାରି । ରାଗଦ୍ୱେଷାଦି ଦୈତ୍ୟ ମାରି ॥
ସମାଧିରତ ଯୋଗିଜନ । ଆତ୍ମାରେ କରଇ ରମଣ । ୪୯ ।
ଆତ୍ମସୁଖକୁ ଯୋଗୀ ହେଜି । ବାହ୍ୟ ଅନିତ୍ୟ ସୁଖ ତେଜି ॥
ଅନ୍ତରେ ସ୍ୱେଚ୍ଛା ପ୍ରକାଶଇ । ଘଟସ୍ଥ ଦୀପପ୍ରାୟ ବହି । ୫୦ ।
ହେଲେହେଁ ଉପାଧିରେ ସ୍ଥିତ । ନୁହଇ ତା' ଧର୍ମେ ଲିପ୍ତ ॥
ଆକାଶ ପ୍ରାୟ ମୁନିଜନ । ଜଗତେ ଧରଇ ଜୀବନ ॥
ସେହି ସର୍ବଜ୍ଞ ଭାଗ୍ୟବାନ । ରହଇ ମୂଢ଼ର ସମାନ ॥
କାହିଁରେ ନୋହି ଆସକତ । ଭ୍ରମଇ ବିଶ୍ୱେ ବାୟୁବତ । ୫୧ ।

୧-ଶୂନାସ୍ତ ସେ ଦ ।

ଉପାଧିବିଲୟାଦ୍ ବିଷ୍ଣୌ ନିର୍ବିଶେଷଂ ବିଶେନ୍ମୁନିଃ ।
ଜଲେ ଜଲଂ ବିୟଦ୍ ବ୍ୟୋମ୍ନି ତେଜସ୍ତେଜସି ବା ଯଥା ।୫୨ ।

ଯଲ୍ଲାଭାନ୍ନାପରୋ ଲାଭୋ ଯତ୍ ସୁଖାନ୍ନାପରଂ ସୁଖମ୍ ।
ଯଜ୍ଜ୍ଞାନାନ୍ନାପରଂ ଜ୍ଞାନଂ ତଦ୍ ବ୍ରହ୍ମେତ୍ୟବଧାରୟେତ୍ । ୫୩ ।
ଯଦ୍ ଦୃଷ୍ଟ୍ୱା ନାପରଂ ଦୃଶ୍ୟଂ ଯଦ୍ ଭୂତ୍ୱା ନ ପୁନର୍ଭବଃ ।
ଯଜ୍ଜ୍ଞାତ୍ୱା ନାପରଂ ଜ୍ଞେୟଂ ତଦ୍ ବ୍ରହ୍ମେତ୍ୟବଧାରୟେତ୍ । ୫୪ ।
ତିର୍ୟଗୂର୍ଦ୍ଧ୍ୱମଧଃପୂର୍ଣ୍ଣଂ ସଚ୍ଚିଦାନନ୍ଦମଦ୍ୱୟମ୍
ଅନନ୍ତଂ ନିତ୍ୟମେକଂ ଯତ୍ ତଦ୍ ବ୍ରହ୍ମେତ୍ୟବଧାରୟେତ୍ । ୫୫ ।
ଅତଦ୍ ବ୍ୟାବୃତ୍ତିରୂପେଣ ବେଦାନ୍ତୈର୍ଲକ୍ଷ୍ୟତେଽଦ୍ୱୟମ୍ ।
ଅଖଣ୍ଡାନନ୍ଦମେକଂ ଯତ୍ ତଦ୍ ବ୍ରହ୍ମେତ୍ୟବଧାରୟେତ୍ । ୫୬
ଅଖଣ୍ଡାନନ୍ଦରୂପସ୍ୟ ତସ୍ୟାନନ୍ଦଲବାଶ୍ରିତାଃ ।
ବ୍ରହ୍ମାଦ୍ୟାସ୍ତାରତମ୍ୟେନ ଭବନ୍ତ୍ୟାନନ୍ଦିନୋ ଲବାଃ । ୫୭ ।
ତଦ୍ ଯୁକ୍ତମଖିଲଂ ବସ୍ତୁ ବ୍ୟବହାରସ୍ତଦନ୍ୱିତଃ ।
ତସ୍ମାତ୍ ସର୍ବଗତଂ ବ୍ରହ୍ମ କ୍ଷୀରେ ସର୍ପିରିବାଖିଲେ ॥ ୫୮ ।

ଜଳେ ଜଳ ନଭେ ଗଗନ । ଅନଳେ ଅନଳ ଯେସନ ॥
ମିଶଇ ମୁନି ସେହିମତେ । ସର୍ବବ୍ୟାପକ ଆତ୍ମାଗତ ॥
ଉପାଧି କରଣ ବିଲୟ । ନିର୍ବିଶେଷେ ଉଜୁଡ଼ ଥୟ । ୫୨ ।
ଯାହା ଲାଭରୁ ଲାଭ ନାହିଁ । ଯେବଣ ସୁଖୁଁ ସୁଖ ନାହିଁ ॥
ଯେଉଁ ଜ୍ଞାନରୁ ନାହିଁ ଜ୍ଞାନ । କରିବ ସେ ବ୍ରହ୍ମଙ୍କୁ ଧ୍ୟାନ ।୫୩।
ଯା ଦେଖିଲେନୁ ଦୃଶ୍ୟ ନାହିଁ । ଯା ହେଲେ ପୁନର୍ଜନ୍ମ ନାହିଁ ॥
ଯାକୁ ଜାଣିଲେ ନାହିଁ ଜ୍ଞେୟ୧ । ଅଟନ୍ତି ସେହି ବ୍ରହ୍ମ ଧ୍ୟେୟ୨ । ୫୪ ।
ଯେ ଅଧ ଊର୍ଦ୍ଧ୍ୱ ମଧ୍ୟମୟ । ଯେ ସଚ୍ଚିଦାନନ୍ଦ ଅଦ୍ୱୟ ॥
ଯେହୁ ଅନନ୍ତ ବ୍ରହ୍ମ ଏକ । ସେ ବ୍ରହ୍ମ କରିବ ବିବେକ । ୫୫ ॥
ତା ବ୍ରହ୍ମ ନୁହେଁ, ବ୍ରହ୍ମ ନୁହେଁ । ଏମନ୍ତ ବେଦ ଯାକୁ କହେ ।
ଏକ ଅଖଣ୍ଡାନନ୍ଦମୟ । ସେ ବ୍ରହ୍ମେ କରିବ ନିର୍ଣ୍ଣୟ । ୫୬ ॥
ଅଖଣ୍ଡାନନ୍ଦ ଯେହୁ ଭବେ । ତହୁଁ ଆନନ୍ଦ ଘେନି ଲବେ ।
ତାହାର ଅଂଶୁ ଉତପନ୍ନ । ବିଧାତା ଆଦି ଦେବଗଣ ।
ଉପାଧି ତାରତମ୍ୟ ବଳେ । ଆନନ୍ଦ ଲଭନ୍ତି ସକଳେ । ୫୭ ॥
ବ୍ରହ୍ମାଣ୍ଡେ ପଦାର୍ଥ ସମସ୍ତ । ଆତ୍ମାରେ ହୋଇଣ ଯୁକତ ॥
ବ୍ୟବହାରେ ପ୍ରକାଶ ପାଏ । ଯେସନେ ଦୁଗ୍ଧରେ ଘୃତ ଥାଏ ।୫୮।

୧-ଜାଣିବା ଯୋଗ୍ୟ । ୨-ଧ୍ୟାନ କରିବା ଯୋଗ୍ୟ ।

ଅନଣ୍ୱସ୍ଥୂଳମହ୍ରସ୍ୱମଦୀର୍ଘମଜମବ୍ୟୟମ୍ ।
ଅରୂପଗୁଣବର୍ଣ୍ଣାଖ୍ୟଂ ତଦ୍‌ବ୍ରହ୍ମେତ୍ୟବଧାରୟେତ୍ । ୫୯ ।
ଯଦ୍ଭାସା ଭାସ୍ୟତେଽର୍କାଦିଃ ଭାସ୍ୟୈର୍ଯତ୍ତୁ ନ ଭାସ୍ୟତେ ।
ଯେନ ସର୍ବମିଦଂ ଭାତି ତଦ୍ ବ୍ରହ୍ମେତ୍ୟବଧାରୟେତ । ୬୦ ।
ସ୍ୱୟମନ୍ତର୍ବହିର୍ବ୍ୟାପ୍ୟ ଭାସୟନ୍ନଖିଳଂ ଜଗତ୍ ।
ବ୍ରହ୍ମ ପ୍ରକାଶତେ ବହ୍ନିଃ ପ୍ରତପ୍ତାୟସପିଣ୍ଡବତ୍ । ୬୧ ।
ଜଗଦ୍‌ବିଲକ୍ଷଣଂ ବ୍ରହ୍ମ ବ୍ରହ୍ମଣୋଽନ୍ୟନ୍ନ କିଞ୍ଚନ ।
ବ୍ରହ୍ମାନ୍ୟଦ୍ଭାତି ଚେନ୍ମିଥ୍ୟା ଯଥା ମରୁମରୀଚିକା । ୬୨ ।
ଦୃଶ୍ୟତେ ଶ୍ରୂୟତେ ଯଦ୍ୟଦ୍ ବ୍ରହ୍ମଣୋଽନ୍ୟନ୍ନ ତଦ୍ଭବେତ୍ ।
ତତ୍ତ୍ୱଜ୍ଞାନାଚ୍ଚ ତଦ୍ ବ୍ରହ୍ମ ସଚ୍ଚିଦାନନ୍ଦମଦ୍ୱୟମ୍ । ୬୩ ।

ଯେ ଅଣୁ ନୁହେଁ ନୁହେଁ ସ୍ଥୂଳ । ନୁହଇ ହ୍ରସ୍ୱଦୀର୍ଘ ମୂଳ ।
ଯେ ଅଜ ଅବ୍ୟୟ ଅଗୁଣ । ଅରୂପ ବର୍ଣ୍ଣହୀନ ପୂର୍ଣ୍ଣ ।
ଏମନ୍ତ ଯେଉଁ ପରାତ୍ପର । ବ୍ରହ୍ମେ ଅବଧାରଣ କର । ୫୯ ।
ସୂର୍ଯ୍ୟାଦି ଯାହାର ପ୍ରଭାରେ । ପ୍ରକାଶ ଲଭନ୍ତି ସଂସାରେ ।
ଜ୍ୟୋତିଷ୍କ † ଯାହାଙ୍କୁ କଦାଚିତ । କର ନ ପାରନ୍ତି ଭାସିତ ॥
ନିଖିଳ କରେ ଯେ ଉଜ୍ଜ୍ୱଳ । ସେ ବ୍ରହ୍ମେ ଜାଣନ୍ତୁ କେବଳ । ୬୦ ।
ତପ୍ତ ଲୌହପିଣ୍ଡେ ଯଥା । ଅନଳ ପ୍ରକାଶଇ ତଥା ॥
ବ୍ରହ୍ମାଣ୍ଡ ବାହ୍ୟାନ୍ତରେ ରହି । ପରମ ବ୍ରହ୍ମ ପ୍ରକାଶଇ । ୬୧ ।
ବ୍ରହ୍ମାଣ୍ଡରୁ ବ୍ରହ୍ମଙ୍କୁ ଆନ । ବୋଲିଣ କର ଅନୁମାନ ॥
ବ୍ରହ୍ମବିନା ସମସ୍ତ ମିଥ୍ୟା । ମରୁର ମରୀଚିକା ✻ ଯଥା । ୬୨ ।
ଯେ ସର୍ବ କରୁଁ ଦରଶନ । କିମ୍ବା କରଥାଉଁ ଶ୍ରବଣ ।
ସେ ସମସ୍ତ ବ୍ରହ୍ମ ଅଟଇ । ବ୍ରହ୍ମ ବିନା ଆନ ନୁହଇ ।
ତତ୍ତ୍ୱଜ୍ଞାନ ହେଲେ ଉଦୟ । ସେ ସଚ୍ଚିଦାନନ୍ଦ ଅଦ୍ୱୟ ।
ବ୍ରହ୍ମ ଉପଲବ୍ଧ ହୁଅଇ । ଶ୍ରୁତି ବଚନ ଏ ଅଟଇ । ୬୩ ।

---

† ଜ୍ୟୋତିଷ୍କ—ତେଜବାନ୍ ଅର୍ଥାତ୍ ସୂର୍ଯ୍ୟାଦି ।
✻ ମରୀଚିକା—ମୃଗତୃଷ୍ଣା ।

ସର୍ବାଗଂ ସଚ୍ଚିଦାତ୍ମାନଂ ଜ୍ଞାନଚକ୍ଷୁର୍ନିରୀକ୍ଷତେ ।
ଅଜ୍ଞାନଚକ୍ଷୁର୍ନେକ୍ଷେତ ଭାସ୍ୱନ୍ତଂ ଭାନୁମନ୍ଧବତ୍ । ୬୪ ।
ଶ୍ରବଣାଦିଭିରୁଦ୍ଦୀପ୍ତୋ ଜ୍ଞାନାଗ୍ନିପରିତାପିତଃ ।
ଜୀବଃ ସର୍ବମଲାନ୍ମୁକ୍ତଃ ସ୍ୱର୍ଣ୍ଣବଦ୍ଦ୍ୟୋତତେ ସ୍ୱୟମ୍ । ୬୫ ।
ହୃଦାକାଶୋଦିତୋ ହ୍ୟାତ୍ମା ବୋଧଭାନୁସ୍ତମୋପହୃତ୍ ।
ସର୍ବବ୍ୟାପୀ ସର୍ବଧାରୀ ଭାତି ସର୍ବଂ ପ୍ରକାଶତେ । ୬୬ ।
ଦିଗ୍‌ଦେଶକାଲାଦ୍ୟନପେକ୍ଷ ସର୍ବଗଂ ଶୀତାଦିହୃନ୍ନିତ୍ୟ ସୁଖଂ ନିରଞ୍ଜନମ୍ ।
ଯଃ ସ୍ୱାତ୍ମତୀର୍ଥଂ ଭଜତେ ବିନିଷ୍କ୍ରିୟଃ ସ ସର୍ବବିତ୍ ସର୍ବଗତୋଽମୃତୋ ଭବେତ୍ ।୬୭।

ଇତି ପରମହଂସ-ପରିବ୍ରାଜକାଚାର୍ଯ୍ୟ-ଶ୍ରୀମଚ୍ଛଙ୍କରାଚାର୍ଯ୍ୟ-
ବିରଚିତଃ ଆତ୍ମବୋଧଃ ସମାପ୍ତଃ ॥

ଜ୍ଞାନଚକ୍ଷୁ[1] ମାନବଗଣ । ଜ୍ଞାନଚକ୍ଷୁରେ ଦରଶନ ॥
କରନ୍ତି ଆତ୍ମା ସର୍ବଗତେ । ସଚ୍ଚିଦାନନ୍ଦ ଯେ ଜଗତେ ॥
ଉଦିତ ରବିକୁ ଯେସନ । ଦେଖି ନ ପାରେ ଅନ୍ଧଜନ ॥
ତେଣେ ଅଜ୍ଞାନଚକ୍ଷୁମନ୍ତ[2] । ନ ପାଏ ବ୍ରହ୍ମର ତଦନ୍ତ । ୬୪ ।
ଶ୍ରବଣାଦିରେ ଉଦ୍ଦୀପିତ । ଜ୍ଞାନାନଳେ ପରିତାପିତ ॥
ଅବିଦ୍ୟାରୁ ହୋଇ ନିର୍ମୁକ୍ତ । ଜୀବ ଦିଶଇ ପ୍ରଭାଯୁକ୍ତ ॥
ଯେସନେ ସୁବର୍ଣ୍ଣ ଅନଳ । ଦହନେ ଦିଶଇ ଉଜ୍ଜ୍ୱଳ । ୬୫ ।
ଜ୍ଞାନ-ସୂର୍ଯ୍ୟ ହୋଇ ଉଦିତ । ଅଜ୍ଞାନ-ତମେ ବିଦୂରିତ ॥
କରନ୍ତେ ହୃଦୟ ଆକାଶେ । ଆତ୍ମା କିରଣ ପରକାଶେ ॥
ସର୍ବବ୍ୟାପୀ ନିଖିଳାଶ୍ରୟ । ଆତ୍ମା ପ୍ରକାଶେ ସମୁଦାୟ ॥
ପ୍ରକାଶିତ ହୁଏ ତତ୍‌କ୍ଷଣେ । ମଞ୍ଜୁଳ ଉଜ୍ଜ୍ୱଳ କିରଣେ । ୬୬ ।
ଦିଗଦେ[illegible] କାଳ ଆଦିରେ । ଅନବଚ୍ଛିନ୍ନ ଯେ ବିଧିରେ ॥
ସର୍ବଗତ ଶୀତାଦି ହାରୀ[3] । ନିତ୍ୟସୁଖ ନିତ୍ୟ ବିହାରୀ ॥
ନିରଞ୍ଜନ ଆତ୍ମ-ତୀର୍ଥର । ଭଜନା କରେ ନିରନ୍ତର ॥
ନିଷ୍କ୍ରିୟ ହୋଇ ଯେଉଁ ଜନ । ସେ ହୋଇ ସର୍ବ ବିଚକ୍ଷଣ ॥
ଅମର ହୋଇ ସର୍ବଗତ । ଏ ଭବୁଁ ହୁଅଇ ମୁକତ । ୬୭ ।

୧-ଜ୍ଞାନରୂପକ ଚକ୍ଷୁ ଯାହାର । ୨-ଅଜ୍ଞାନରୂପକ ନେତ୍ର ଯାହାର । ୩-ହରଣକାରୀ ।

ଯୋଗ ତାରାବଳୀ

ବନ୍ଦେ ଗୁରୂଣାଂ ଚରଣାରବିନ୍ଦେ, ସନ୍ଦର୍ଶିତ-ସ୍ୱାତ୍ମସୁଖାବବୋଧେ ।
ନିଃଶ୍ରେୟସେ ଜାଙ୍ଗଲିକାୟମାନେ, ସଂସାରହାଲାହଲମୋହଶାନ୍ତ୍ୟୈ । ୧ ।
ସଦାଶିବୋକ୍ତାନି ସପାଦଲକ୍ଷଲୟାବଧାନାନି ବସନ୍ତି ଲୋକେ ।
ନାଦାନୁସନ୍ଧାନସମାଧିମେକଂ, ମନ୍ୟାମହେ ମାନ୍ୟତମଂ ଲୟାନାମ୍ । ୨ ।
ସରେଚପୂରୈରନିଲସ୍ୟ କୁମ୍ଭୈ, ସର୍ବାସୁ ନାଡୀଷୁ ବିଶୋଧିତାସୁ ।
ଅନାହତାଦମ୍ବୁରୁହାଦୁଦେତି, ସ୍ୱାତ୍ମାବଗମ୍ୟଃ ସ୍ୱୟମେବ ବୋଧଃ । ୩ ।
ନାଦାନୁସନ୍ଧାନ ! ନମୋଽସ୍ତୁ ତୁଭ୍ୟଂ, ତ୍ୱାଂ ମନ୍ମହେ ତତ୍ତ୍ୱପଦଂ ଲୟାନାମ୍ ।
ଭବତ୍ପ୍ରସାଦାତ୍ ପବନେନ ସାକଂ, ବିଲୀୟତେ ବିଷ୍ଣୁପଦେ ମନୋ ମେ । ୪ ।
ଜାଲନ୍ଧରୋଡ୍ଡୀୟନମୂଳବନ୍ଧାନ୍, ଜଳ୍ପନ୍ତି କଣ୍ଠୋଦରପାୟୁମୂଳାନ ।
ବନ୍ଧତ୍ରୟେଽସ୍ମିନ୍ ପରିଚୀୟମାନେ, ବନ୍ଧଃ କୁତୋ ଦାରୁଣକାଳପାଶାତ୍ । ୫ ।

ଯୋଗ ତାରାବଳୀ

ରାଗ-ଗୁର୍ଜ୍ଜରୀ

ଆତ୍ମର ସୁଖ ବୋଧମାର୍ଗ । ଦେଖାଇ ଦଅନ୍ତି ଯେ ଅଗ ॥
ମୁକ୍ତି ଲଭର ଯେ କାରଣ । ମଙ୍ଗଳମୟ ବିଚକ୍ଷଣ ॥
ସଂସାର ହଳାହଳ ମୋହ । ଶାନ୍ତି କାରଣେ ଅହରହ ॥
ସେ ଗୁରୁ ଚରଣ ପଙ୍କଜେ । ଭକତି ଭରେ ମୁହିଁ ଭଜେଁ । ୧ ।
ଶିବୋକ୍ତ ଲୟ ଅବଧାନ । ସପାଦ ଲକ୍ଷେ ବିଦ୍ୟମାନ ॥
ସେ ମଧ୍ୟେ ନାଦାନୁସନ୍ଧାନ ୨ । ସମାଧି ସର୍ବ ଶ୍ରେଷ୍ଠ ଜାଣ । ୨ ।
ରେଚକ ପୂରକ କୁମ୍ଭରେ ୩ । ଶୋଧା ହେଲେ ନାଡ଼ୀ ନିକରେ ॥
ଅନାହତ ପଥର ଜାଣ । ସ୍ୱତଃ ଉପୁଜେ ଆତ୍ମଜ୍ଞାନ । ୩ ।
ହେ ପ୍ରିୟ ନାଦାନୁସନ୍ଧାନ । ତୁମ୍ଭଙ୍କୁ କରେଁ ମୁଁ ପ୍ରଣାମ ॥
ତୁମ୍ଭଙ୍କୁ ଲୟଙ୍କର ମଧ୍ୟେ । ଗଣ୍ୟ ମୁଁ କରେଁ ତତ୍ତ୍ୱପଦେ ॥
ତୁମ୍ଭ ପ୍ରସାଦେ ମୋର ଚିତ୍ତ । ପ୍ରାଣାଦ ପବନ ସହିତ ॥
ଲୀନ ହୋଇଛି ବିଷ୍ଣୁ ପଦେ । ତେଣୁ ମୁଁ ବିହରେଁ ଆନନ୍ଦେ । ୪ ।
ଜାଳନ୍ଧର ଉଡ୍‌ଡୀନ ଯେନି । ମୂଳବନ୍ଧ ଏ ବନ୍ଧ ତିନି ॥
କଣ୍ଠ ଉଦର ପାୟୁଦେଶ । ଏ ମଧ୍ୟେ ତାଙ୍କ ସନ୍ନିବେଶ ॥
ସେ ବନ୍ଧ ତ୍ରୟର ପଦ୍ଧତି । ଯୋଗୀମାନେ ଶାସ୍ତ୍ରେ କହନ୍ତି ॥
ଯେ କରେ ସେମାନ ଅଭ୍ୟାସ । ତାହାର କାହିଁ ମୃତ୍ୟୁପାଶ ? ୫ ।

୧-ଯୋଗବିଶେଷ । ୨-ସମାଧି ବିଶେଷ । ୩ ପ୍ରାଣ ଯୁକ୍ତଶରୀର ବାୟୁର କ୍ରିୟା । ୪-[illegible] ।

ଉଡ୍ଡୀୟାନଜାଲନ୍ଧରମୂଳବନ୍ଧୈରୁନ୍ନିଦ୍ରିତାୟାମୁରଗାଙ୍ଗନାୟାମ୍ ।
ପ୍ରତ୍ୟଙ୍ମୁଖତ୍ୱାତ୍ ପ୍ରବିଶନ୍ ସୁଷୁମ୍ନାଂ, ଗମାଗମୌ ମୁଞ୍ଚତି ଗନ୍ଧବାହଃ ।
ଉତ୍ଥାପିତାଧାରହୁତାଶନୋଲ୍କୈ-ରାକୁଞ୍ଚନୈଃ ଶଶ୍ୱଦପାନବାୟୋଃ ।
ସନ୍ତାପିତେ ଚନ୍ଦ୍ରମସଃ ଦ୍ରବନ୍ତୀ ପୀୟୂଷଧାରାଂ ପିବତୀହ ଧନ୍ୟଃ । ୭ ।
ବନ୍ଧତ୍ରୟାଭ୍ୟାସବିପାକଜାତାଂ, ବିବର୍ଜିତାଂ ରେଚକପୂରକାଭ୍ୟାମ୍ ।
ବିଶୋଧୟନ୍ତୀଂ ବିଷୟପ୍ରବାହଂ ବିଦ୍ୟାଂ, ଭଜେ କେବଳକୁମ୍ଭରୂପାମ୍ । ୮ ।
ଅନାହତେ ଚେତସି ସାବଧାନୈରଭ୍ୟାସଶୂରୈରନୁଭୂୟମାନା ।
ସଂସ୍ତମ୍ଭିତଶ୍ୱାସମନଃପ୍ରଚାରା, ସାଜୃମ୍ଭତେ କେବଳକୁମ୍ଭକଶ୍ରୀଃ । ୯ ।
ସହସ୍ରଶଃ ସନ୍ତୁ ହଠେଷୁ କୁମ୍ଭାଃ ସମ୍ଭାବ୍ୟତେ କେବଳକୁମ୍ଭ ଏବ ।
କୁମ୍ଭୋତ୍ତମେ ଯତ୍ର ତୁ ରେଚପୂରୌ ପ୍ରାଣସ୍ୟ ନ ପ୍ରାକୃତବୈକୃତାଖ୍ୟୌ । ୧୦ ।

ସେ ବନ୍ଧ ତ୍ରୟଙ୍କର ବଳେ । କୁଣ୍ଡଳିନୀ ୧ ଜାଗ୍ରତା ହେଲେ ॥
ସୁଷୁମ୍ନା ୨ ପଥେ ଅଧୋମୁଖେ । ବାୟୁ ପ୍ରବେଶି ଅନ୍ତାସୁଖେ ॥
କରି ନ ପାରେ ଗତାଗତ । ହିନ ହୁଏ ପବନ ସଂପାତ । ୬ ।
ଆଧାର ସ୍ଥିତ ହୁତାଶନ । ବାୟୁ ଯେ କରେ ଆକୁଞ୍ଚନ ॥
ଅପାନବାୟୁ ଇଡ଼ା ପଥେ । ସଂଗୃହ କରଇ ନିରତେ ॥
ସଂସାରେ ଧନ୍ୟ ସେ ପୁରୁଷ । ଚନ୍ଦ୍ରରୁ ସ୍ରବେ ଯେ ପୀୟୂଷ ॥
ତା ପାନ କରି ଅନୁକ୍ଷଣ । ସଫଳ କରଇ ଜୀବନ । ୭ ।
ବନ୍ଧତ୍ରୟ ଅଭ୍ୟାସ ଫଳେ । ମାତା ଜାତ ହୁଏ ଶୂନ୍ୟେ ॥
ତେଣୁ ରେଚକ ପୂରକର । ନ ଥାଏ ପ୍ରୟୋଜନ ॥
ବିଷୟ ... କୁମ୍ଭକ ...
ତେଣୁ ସେ ... ଭଜନା । ୮ ।
ଅଭ୍ୟାସ କରନ୍ତି ସାବଧାନେ । ଯେ ... ତହିଁ ସୁବିଧାନେ ॥
ମିଳି ଅନାହତ କମଳେ । ସ୍ଥିତ ହୁଅଇ ସେ କାଳେ ॥
କୁମ୍ଭକ ହେବ ଅନୁମିତ । ନିସ୍ତବ୍ଧ ହେବ ଶ୍ୱାସ ଗତି । ୯ ।
ସହସ୍ର ପ୍ରକାର ବିଧାନ । କୁମ୍ଭକ କ୍ରିୟା ବିଦ୍ୟମାନ ॥
ହଠଯୋଗମଧ୍ୟେ ଅଛଇ । କୁମ୍ଭକ ଶ୍ରେଷ୍ଠ ଯେ ବୋଲଇ ॥
ପ୍ରାଣର ପ୍ରାକୃତ ବିକୃତ । ରେଚକ ପୂରକ ବର୍ଜିତ ॥
ଏ କେବଳ ଅଟେ ଜ୍ଞାନସେଣି । କୁମ୍ଭକେ ନାହିଁ ପ୍ରୟୋଜନ । ୧୦ ।

୧। [illegible] । ୨—ନାଡ଼ୀ ବିଶେଷ ।

ତ୍ରିକୂଟନାମ୍ନି ସ୍ତିମିତେଽନ୍ତରେ ଖେ, ସ୍ତମ୍ଭଂ ଗତେ କେବଳକୁମ୍ଭ ଏବ ।
ପ୍ରାଣାନିଳୋ ଭାନୁଶଶାଙ୍କନାଡ୍ୟୌ, ବିହାୟ ସଦ୍ୟୋ ବିଲୟଂ ପ୍ରୟାତି । ୧୧ ।
ପ୍ରତ୍ୟାହୃତଃ କେବଳକୁମ୍ଭକେନ ପ୍ରବୁଦ୍ଧକୁଣ୍ଡଲ୍ୟୁପଭୁକ୍ତଶେଷଃ ।
ପ୍ରାଣଃ ପ୍ରତୀଚୀନପଥେଷୁ ମନ୍ଦଂ ବିଲୀୟତେ ବିଷ୍ଣୁପଦେ ମନୋ ମେ । ୧୨ ।
ନିରଙ୍କୁଶାନାଂ ଶ୍ୱସନୋଦ୍‌ଗମାନାଂ ନିରୋଧନୈଃ କେବଳକୁମ୍ଭକାଖ୍ୟୈଃ ।
ଉଦେତି ସର୍ବେନ୍ଦ୍ରିୟବୃତ୍ତିଶୂନ୍ୟୋ ମରୁଲ୍ଲୟଃ କୋଽପି ମହାମତୀନାମ୍ । ୧୩ ।
ନ ଦୃଷ୍ଟିଲକ୍ଷ୍ୟାଣି ନ ଚିତ୍ତବନ୍ଧୋ ନ ଦେଶକାଲୌ ନ ଚ ବାୟୁରୋଧଃ ।
ନ ଧାରଣା ଧ୍ୟାନ ପରିଶ୍ରମୋ ବା ସମେଧମାନେ ସତି ରାଜଯୋଗେ । ୧୪ ।
ଅଶେଷଦୃଶ୍ୟୋଜ୍ଝିତଦୃଗ୍‌ଜନ୍ମାନମବସ୍ଥିତାନାମିହ ରାଜଯୋଗେ ।
ନ ଜାଗରୋ ନାସ୍ତି ସୁଷୁପ୍ତିଭାବୋ ନ ଜୀବିତଂ ନୋ ମରଣଂ ନ ଚିତ୍ତମ୍ । ୧୫ ।

ତ୍ରିକୂଟ ନାମକ ଆକାଶେ । ଅନ୍ତରେ ଅନ୍ଧାର ପ୍ରକାଶେ ॥
ତହିଁରେ ହେଲେକ ବିଲିପ୍ତ । ହୁଅଇ କୁମ୍ଭକ ସାଧିତ ॥
ଭାନୁଶଶାଙ୍କ ନାମ ଯେନି । ଇଡ଼ା ପିଙ୍ଗଳା ନାଡ଼ୀ ଚେନି ॥
ବହନ୍ତି ଶରୀର ମଧ୍ୟରେ । ପ୍ରାଣ ପବନ ସେ କାଳରେ ॥
ତେଜି ସେ ନାଡ଼ୀ ଦ୍ୱୟ । ତକ୍ଷଣେ ଲଭଇ ବିଲୟ । ୧୧ ।
କୁଣ୍ଡଳୀ ନୀର ଭୋଗ ପାଇ । ଯେ ପ୍ରାଣବାୟୁ ବଳିଥାଇ ॥
ସେ ବାୟୁ କୁମ୍ଭକ ଯୋଗରେ । ପ୍ରତ୍ୟାହୃତ ହୋଇ କ୍ରମରେ ॥
ଅଧୋମାର୍ଗରେ ଯେ କାଳରେ । ବିଲୀନ ହୁଏ ସେ କାଳରେ ॥
ମୋହର ମନ ବିଷ୍ଣୁପଦେ । ବିଲୟ ଲଭେ ନିରାପଦେ । ୧୨ ।
ନିରଙ୍କୁଶ ଯେଉଁ ପବନ । ତା ଉଦ୍‌ଗମନ ନିରୋଧନ ॥
ହୁଏ କୁମ୍ଭକ ଯୋଗେ ଯେବେ । ସମୁଦାୟ ଇନ୍ଦ୍ରିୟ ତେବେ ॥
ବୃତ୍ତି ଶୂନ୍ୟ ହୋଇ ପଡ଼ନ୍ତି । ତାକୁ ମରୁଲ୍ଲୟଂ କହନ୍ତି ॥
ମହାମତି ଯୋଗିଗଣର । ଏ ଯୋଗ ମହାସୁଖ କର । ୧୩ ।
ସେ ରାଜଯୋଗ ଯେବେ ଥରେ । ବର୍ଦ୍ଧିତ ହୁଅଇ ଭାଗ୍ୟରେ ॥
ଦୃଷ୍ଟି ଲକ୍ଷଣ ଚିତ୍ତବନ୍ଧ । ଦେଶ, କାଳ, ବାୟୁ ନିରୋଧ ॥
ଧ୍ୟାନ ଧାରଣା ପରିଶ୍ରମ । ନ ଥାଏ କିଛି ପ୍ରୟୋଜନ । ୧୪ ।
ସକଳ ଦୃଶ୍ୟ ଯା ନୟନ । ଜିଣି ପାରନ୍ତି ଅନୁକ୍ଷଣ ॥
ରାଜଯୋଗରେ ଅବସ୍ଥିତ । ଯେ ନର ହୋଇଛନ୍ତି ସହିତ ॥
ତାର ସୁଷୁପ୍ତି ଜାଗରଣ । ନାହିଁ ଜୀବନ ବା ମରଣ । ୧୫ ।

୧-ଲଯୁବଶେଷ ।

ଅହଂମମତ୍ୱାଦି ବିହାୟସର୍ବଂ ଶ୍ରୀ ରାଜଯୋଗେ ସ୍ଥିରମାନସାନାମ୍ ।
ନ ଦ୍ରଷ୍ଟୃତା ନାସ୍ତି ଚ ଦୃଶ୍ୟଭାବଃ ସା ଜୃମ୍ଭତେ କେବଳ ସଂବିଦେବ । ୧୬ ।

ନେତ୍ରେ ଯଯୋନ୍ମେଷନିମେଷଶୂନ୍ୟେ ବାୟୁର୍ଯଥା ବର୍ଜିତରେଚପୂରଃ ।
ମନଶ୍ଚ ସଂକଳ୍ପ ବିକଳ୍ପ ଶୂନ୍ୟଂ ମନୋନ୍ମନୀ ସା ମୟି ସନ୍ନିଧତ୍ତାମ୍ । ୧୭ ।

ଚିତ୍ତେନ୍ଦ୍ରିୟାଣାଂ ଚିର ନିଗ୍ରହେଣ ଶ୍ୱାସପ୍ରଚାରେ ଶମିତେ ସମସ୍ତେ ।
ନିର୍ବାତଦୀପୈରିବ ନିଶ୍ଚଳାଙ୍ଗୈସ୍ତ୍ୱ ମନୋନ୍ମନୀ ସାମୟି ସନ୍ନିଧତ୍ତାମ୍ । ୧୮ ।

ଉନ୍ମନ୍ୟବସ୍ଥାଧିଗମାୟ ବିଦ୍ୱନ୍ନୁପାୟମେକଂ ତବ ନିର୍ଦ୍ଦିଶାମଃ ।
ପଶ୍ୟନ୍ନୁଦାସୀନଦୃଶା ପ୍ରପଞ୍ଚଂ ସଂକଳ୍ପମୁନ୍ମୂଳୟ ସାବଧାନଃ ।୧୯।

ପ୍ରସହ୍ୟ ସଂକଳ୍ପପରଂପରାଣାଂ ସଂଭେଦନେ ସନ୍ତତସାବଧାନଃ ।
ଆଲମ୍ବନାଶାଦପଚୀୟମାନେ ଶନୈଃ ଶନୈଃ ଶାନ୍ତିମୁପୈତି ଚେତଃ । ୨୦ ।

ମୁଁ ମୋର ଆଦି ଅଭିମାନ । ତେଜନ୍ତି ଯେଉଁ ଜ୍ଞାନବାନ ॥
ରାଜଯୋଗେ ଚିତ୍ତକୁ ସ୍ଥିର । କରନ୍ତି ସେହି ମହାଧୀର ॥
ଦ୍ରଷ୍ଟା ବା ଦୃଶ୍ୟ ଭାବ ନାହିଁ । ଜ୍ଞାନ କେବଳ ଦୀପ୍ତ ଥାଇ । ୧୬ ।
ଉନ୍ମେଷ ନିମେଷ ଯାହାର । ନୟନୁ ହୋଇଛି ବାହାର ॥
ରେଚକ ପୂରକ ଯେ ଆଦି । ବିହୀନ ଅଟେ ଯାର ବାୟୁ ॥
ସଂକଳ୍ପ ବିକଳ୍ପ ରହିତ । ଅଟଇ ପୁଣି ଯାର ଚିତ୍ତ ॥
ସେହି ମନୋମନ୍ନୀ ଶକତି । ମୋ ହୃଦେ ହେଉ ଉପଗତି । ୧୭ ।
ଯେଉଁକାଳେ ଇନ୍ଦ୍ରିୟ ଚିତ୍ତ । ହୁଅଇ ନିରୁଦ୍ଧ ନିଶ୍ଚିନ୍ତ ॥
ଶ୍ୱାସପ୍ରବାହ ହୁଏ ଶାନ୍ତ । ସ୍ପନ୍ଦନ ନ ହୁଏ ସଜାତ ॥
ନିବାତ ପ୍ରଦୀପ ସମାନ । ନିଶ୍ଚଳ ହୁଏ ଅଙ୍ଗମାନ ॥
ସେ କାଳେ ମନୋମନ୍ନୀ ଶକ୍ତି । ସଂବିତ ହୁଏ ଉପଗତି । ୧୮ ।
ଯେରୂପେ ଉନ୍ମନୀ ଅବସ୍ଥା । ମିଳଇ ଶୁଣ ତାର କଥା ॥
ହେ ବିଜ୍ଞେ ସ୍ଥିର କରି ମନ । କର ଏ ଉପାୟ ଗ୍ରହଣ ॥
ପ୍ରପଞ୍ଚ ଦୃଶ୍ୟ ସମୂହରେ । ଦେଖ ଉଦାସୀନ ଭାବରେ ॥
ଚିତ୍ତ କରଣ ଅବହିତ । ସଂକଳ୍ପ କର ଉତ୍ପାଟିତ । ୧୯ ।
ମନରେ ବାନ୍ଧ ଦୃଢ଼ ବଳ । ବିନାଶ ସଂକଳ୍ପ ସକଳ ॥
ଚିତ୍ତର ଆଲମ୍ବନ ଗତି । କ୍ରମରେ କର ଅବରତି ॥
ଚିତ୍ତରେ ଶାନ୍ତି ଉପୁଜିବ । ଯଦ୍ୟପି ସଂକଳ୍ପ ଛେଦିବ । ୨୦ ।

ନିଶ୍ୱାସଲୋପୈର୍ନିଭୃତୈଃ ଶରୀରୈର୍ନେତ୍ରାମ୍ବୁଜୈରର୍ଦ୍ଧନିମୀଲିତୈଶ୍ଚ ।
ଆବିର୍ଭବନ୍ତୀମ ମନସ୍କମୁଦ୍ରାମାଲୋକୟାମୋ ମୁନିପୁଙ୍ଗବାନାମ୍ । ୨୧ ।
ଅମୀହ ଚେଦ୍ୟା ସହଜା ମନସ୍କା ଦେହେ ମମତ୍ୱଂ ଶିଥିଳାୟମାନେ ।
ମନୋଗତଂ ମାରୁତ ବୃତ୍ତିଶୂନ୍ୟଂ ଗଚ୍ଛନ୍ତ୍ୟଗମ୍ୟାଂ ଗମନାବଶେଷାମ୍ । ୨୨ ।
ନିବୃତ୍ତିମୂର୍ତ୍ତିଂ ନିଖିଳେନ୍ଦ୍ରିୟାଣାଂ ପ୍ରବୃତ୍ତିମୂର୍ତ୍ତିଂ ପରମାତ୍ମ ଯୋଗମ୍ ।
ସ୍ୱାନୁଭୂତିଂ ତାଂ ସହଜାମବସ୍ଥାଂ କଦା ଗମିଷ୍ୟାମି ଗତାନ୍ୟଭାବଃ । ୨୩ ।
ପ୍ରତ୍ୟଗ୍ବିମର୍ଶାତିଶୟେନ ପୁଂସାଂ ପ୍ରାଚୀନସଙ୍ଗେଷୁ ପଲାୟିତେଷୁ ।
ପ୍ରାଦୁର୍ଭବେତ୍ କ୍ୱାପି ନ ଜାଡ୍ୟନିଦ୍ରା ପ୍ରଚଣ୍ଡଏକୋ ବାଲସ୍ୟଂ ପ୍ରସୂତି । ୨୪ ।
ବିଚ୍ଛିନ୍ନ ସଙ୍କଳ୍ପବିକଳ୍ପମୂଳେ ନିଃଶେଷନିର୍ମୂଳିତ କର୍ମଜାଳେ ।
ନିରନ୍ତରାଭ୍ୟାସିନ ନିତ୍ୟଭଦ୍ରେ ବିରାଜତେ ଯୋଗିନି ଯୋଗନିଦ୍ରା । ୨୫ ।

ନିଶ୍ୱାସ ପ୍ରଶ୍ୱାସ ସଞ୍ଚାର । ସ୍ଥଗିତ ହେଲେଟି ତାହାର ॥
ଅବଦ୍ଧ ହେବ ନେତ୍ର ହେନ । ନିମୀଳିତ ଭାବକୁ ଘେନ ॥
ତହୁଁ ମନସ୍କ ୧ ମୁଦ୍ରା ଜାତ । ମୁନିପୁଙ୍ଗବଙ୍କର ୨ ଖ୍ୟାତ ॥
ମନସ୍କ ମୁଦ୍ରା ଶ୍ରେଷ୍ଠଧନ । ମୁଁ ସ୍ୱୟଂ କରନ୍ତୁଁ ଦର୍ଶନ । ୨୧ ।
ଦେହ ପ୍ରତି ମମତା ଯେବେ । ଊଣା ହୁଅଇ ମୋର ତେବେ ।
ମନ ଇନ୍ଦ୍ରିୟ ବୃତ୍ତି ଶୂନ୍ୟ । ନିଶ୍ଚଳ ହୋଇଥାଏ ପୁଣ ॥
ଅଗମ୍ୟ ଗମନାବଶେଷ । ସ୍ଥାନେ ମୁଁ କରେଁ ପରବେଶ । ୨୨ ।
ନିଭୃତ ଇନ୍ଦ୍ରିୟମାନଙ୍କ । ଯେହୁ ଅଟଇ ନିବୃତ୍ତିକ ॥
ପରମାତ୍ମ ଯୋଗର ଯେହୁ । ପ୍ରବୃତ୍ତିକ ପୁଣି ଅଟଇ ॥
ସେ ସର୍ବାତ୍ ଶ୍ରେଷ୍ଠମୟ ଭାବ । ସହଜେ ମୋର ହେବ ଲଭ । ୨୩ ।
ଇନ୍ଦ୍ରିୟଙ୍କର କାର୍ଯ୍ୟ ପୁଣି । ଭଲ ଭାବେ ଦେଖିଲେ ଶୁଣି ॥
ରସ ବୋଧ ଛାଡ଼ିଗଲେ । ଜାଡ୍ୟ ନିଦ୍ରା ନ ରହେ ଭଲେ ।
ତେଣୁ ସେ ପ୍ରତିଷ୍ଠ କେବଳ । ବାଲ୍ୟ ହୁଏ ତତକାଳ । ୨୪ ।
ସଙ୍କଳ୍ପ ବିକଳ୍ପ ଯେ କାଳେ । ବିଚ୍ଛିନ୍ନ ହୁଅଇ ସମୂଳେ ।
ହୁଏ ସେ କାଳେ କର୍ମଜାଳ । ନିଃଶେଷ ରୂପରେ ନିର୍ମୂଳ ॥
ସେ ଯୋଗ ନିତ୍ୟ ଶୁଭମୟ । ଅଭ୍ୟାସ ହୁଏ ଯେ ସମୟ ॥
ତତ୍କ୍ଷଣେ ଯୋଗୀଙ୍କ ମନରେ । ଯୋଗ ନିଦ୍ରା ବିରାଜ କରେ । ୨୫ ।

୧—ମୁଦ୍ରାବିଶେଷ । ୨ ଶ୍ରେଷ୍ଠମୁନି ।

ବିଶ୍ରାନ୍ତିମ ସାଦ୍ୟ ତୁରୀୟତଲ୍ପେ ବିଶ୍ୱାଦ୍ୟବସ୍ଥା ତ୍ରିତୟୋପରସ୍ଥେ ।
ସଂବିନ୍ମୟୀଂ କାମପି ସର୍ବକାଳଂ ନିଦ୍ରାଂ ଭଜ ନିର୍ବିଶନିର୍ବିକଳ୍ପାମ୍ । ୨୬।
ପ୍ରକାଶମାନେ ପରମାତ୍ମଭାନୌ, ନଶ୍ୟତ୍ୟବିଦ୍ୟାତିମିରେ ସମସ୍ତେ ।
ଅହୋବୁଧା ନିର୍ମଳ ଦୃଷ୍ଟୟୋଽପି କିଞ୍ଚିନ୍ନ ପଶ୍ୟନ୍ତି ଜଗତ୍ ସମଗ୍ରମ୍ ॥ ୨୭ ॥
ସିଦ୍ଧିଂ ତଥାବିଧମନୋବିଲୟାଂ ସମାଧୌ ଶ୍ରୀଶୈଳଶୃଙ୍ଗକୁହରେଷୁ କଦୋପ ଲପ୍ସ୍ୟେ
ଗାତ୍ରଂ ଯଦାମରଲତାଃ ପରିବେଷ୍ଟୟନ୍ତି, କର୍ଣ୍ଣେ ଯଥା ବିରଚୟନ୍ତି ଖଗାଶ୍ଚ ନୀଡ଼ମ୍ ॥
ବ୍ରହ୍ମରନ୍ଧ୍ରଗତେ ବାୟୌ ଗିରେଃ ପ୍ରସ୍ରବଣଂ ଭବେତ୍ ।
ଶୃଣୋତି ଶ୍ରବଣାତୀତଂ ନାଦଂ ମୁକ୍ତିର୍ନ ସଂଶୟଃ ॥ ୨୯ ॥
ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତ ଯୋଗତାରାବଳୀ
ସମାପ୍ତା ।

ବିଶ୍ୱ ବୈଶ୍ୱାନର୧ ତୈଜସ । ଏ ତିନି ଅବସ୍ଥା ବିଶେଷ ।
ତୁରୀୟ ୨ ଅବସ୍ଥାରେ ଯେବେ । ବିଶ୍ରାମ ଲଭି କରେ ତେବେ ॥
ସେହି ସର୍ବକାଳ ବ୍ୟାପିନୀ । ନିଦ୍ରା ସମ୍ବିତ ସ୍ୱରୂପିଣୀ ॥
ପ୍ରକାଶ ହୁଅଇ ମନରେ । ତେଣୁ ହେ ବତ୍ସେ ଯତନରେ ॥
ସେ ନିର୍ବିକଳ୍ପ ନିର୍ବିଶେଷ । ନିଦ୍ରାକୁ କର ହେ ଆଶ୍ରୟ । ୨୬ ।
ପରମାତ୍ମରୂପ ତପନ । ଉଦିତ ହେଲେଟି ବହନ ॥
ଅବିଦ୍ୟାରୂପ ଅନ୍ଧକାର । ସମସ୍ତ ହୁଅଇ ସଂହାର ॥
ତେଣୁ ନିର୍ମଳ ବିଶ୍ୱପ୍ରତି । ଜ୍ଞାନୀଏ ତିଳେ ନ ଦେଖନ୍ତି ॥ ୨୭ ॥
ମନ ଲୟ କରିବା ପାଇଁ । ସମର୍ଥ କେବେ ହେବି ମୁହିଁ ॥
ଶ୍ରୀ ଶ୍ରୀ-ଶୈଳ-ଶୃଙ୍ଗ-କୁହର ୩ । କେବେ ହେବ ଲଭ ମୋହର ॥
ଅମର ଲତିକା ୪ ଯେସନ । ଶୈଳ-ଗାତ୍ର କରେ ବେଷ୍ଟନ ॥
ତାହାର କର୍ଣ୍ଣରେ ଯେସନ । ନୀଡ଼ ୫ ରଚନ୍ତି ପକ୍ଷିଗଣ ॥
ସେହି ସୁଯୋଗ କେବେ ମୁହିଁ । ଲଭିଣ ସୁଖେ ରହିବଇଁ ॥ ୨୮ ॥
ବ୍ରହ୍ମରନ୍ଧ୍ରଗତ ପବନ । ହେଲେ ଗିରିରୁ ପ୍ରସ୍ରବଣ ॥
ଜାତ ହୁଅଇ ସେକାଳରେ । ଶ୍ରବଣାତୀତ ଯେ ନାଦରେ ॥
ଶୁଣି ପାରନ୍ତି ଯୋଗିଏ । ଏଥିରେ ନାହିଁ ନା ସଂଶୟ ॥ ୨୯ ॥

---

୧ ଅଗ୍ନି । ୨ ତୁରୀୟ (ଚତୁର+ଈୟ) ଚତୁର୍ଥ । ଚତୁର୍ଥତା । ଗତିଯୁକ୍ତ, ପରଂବ୍ରହ୍ମ ।
୩ ବ୍ରହ୍ମରୂପକ୍ ପର୍ବତ ଶିଖରସ୍ଥ ଗୁହା । ଅର୍ଥାତ୍ ପରମେଶ୍ୱରଙ୍କ ଅଙ୍ଗଦେଶ ।
୪ ଦେବଲତା । ୫ ବସା ।

କେବଳୋଽହମ୍

ଷାଂଶାଦ ଅନନ୍ତମୟୋ ବାଦୈସ୍ତିର୍ ସ୍ୱୟଂ କୁଟସ୍ଥେନ ବଭେଶ ଚକ୍ଷୁଷ୍ ।
ନାଽନ୍ୟୋଽସ୍ତି ପନ୍ଥା ଭବବନ୍ଧମୁକ୍ତ୍ୟୈ ବିନା ସ୍ୱତତ୍ତ୍ୱାବଗମଂ ମୁମୁକ୍ଷୁମ୍ । ୧ ।

ନିତ୍ୟଂ ବିଭୁଂ ସର୍ବଗତଂ ସୁସୂକ୍ଷ୍ମମନ୍ତର୍ବହିଃଶୂନ୍ୟମନନ୍ୟମାତ୍ମନଃ ॥
ବିଜ୍ଞାୟ ସମ୍ୟଗ୍ ନିଜ ତତ୍ତ୍ୱମେତତ୍, ପୁମାନ ବିପାପ୍ମା ବିରଜୋ ବିମୃତ୍ୟୁଃ । ୨ ।

ବ୍ରହ୍ମାଭିନ୍ନତ୍ୱବିଜ୍ଞାନଂ ଭବମୋକ୍ଷସ୍ୟ କାରଣମ୍ ।
ଯେନାଦ୍ୱିତୀୟମାନନ୍ଦଂ ବ୍ରହ୍ମ ସମ୍ପଦ୍ୟତେ ବୁଧୈଃ । ୩ ।

ବ୍ରହ୍ମଭୂତସ୍ତୁ ସଂସୃତ୍ୟୈ ବିଦ୍ୱାନ୍ନାବର୍ତ୍ତତେ ପୁନଃ ।
ବିଜ୍ଞାତବ୍ୟମତଃ ସମ୍ୟଗ୍ ବ୍ରହ୍ମାଭିନ୍ନତ୍ୱମାତ୍ମନଃ । ୪ ।

ମୁଁ କେବଳ (ବ୍ରହ୍ମ କେବଳ)

ଯେହୁ ଆତ୍ମଜ୍ଞ ସୁପଣ୍ଡିତ । ନ ଥାଏ ଭୟ ତା କିଞ୍ଚିତ ॥
ସଦା ଆନନ୍ଦ ତାର ଚିତ୍ତ । ହୁଏ ସେ ଶୋକ-ବିରହିତ ॥
ଆତ୍ମତତ୍ତ୍ୱର ସୂକ୍ଷ୍ମ ଜ୍ଞାନ । ବିନା ଏ ଜଗତରେ ଜାଣ ॥
ଭବ-ବନ୍ଧନୁଁ ମୁକ୍ତି ପାଇଁ । ଆନ ଉପାୟ ଆଉ ନାହିଁ ।୧।

ଆତ୍ମା ଅଟଇ ସର୍ବଗତ । ଅତ୍ୟନ୍ତ ସୂକ୍ଷ୍ମ ବିଭୁ ନିତ୍ୟ ॥
ଅନ୍ତର ବାହ୍ୟ ଶୂନ୍ୟମୟ । ଅବର ଅଟେ ଅଦ୍ୱିତୀୟ ॥
ଏହୁ ପ୍ରକାରେ ଆତ୍ମତତ୍ତ୍ୱ । ପ୍ରତ୍ୟକ୍ଷ ହୋଇ ଅବଗତ ॥
ସଂସାର ପାପ-ତାପୁଁ ବର୍ଜେ । ହୃଦୟେ ପୁଣ୍ୟ-ଜ୍ୟୋତି ସଜେ ॥
ଛିଣ୍ଡାଇ ଅବିଦ୍ୟା ବନ୍ଧନ । ମୃତ୍ୟୁକୁ ଲଭେ ନିସ୍ତାରଣ । ୨ ।

ଜୀବ ବ୍ରହ୍ମେ ଅଭିନ୍ନ ଜ୍ଞାନ । ସଂସାର ମୁକ୍ତିର କାରଣ ॥
ସେ ଜ୍ଞାନବଳେ ଜ୍ଞାନୀ ବୃନ୍ଦ । ଲଭନ୍ତି ବ୍ରହ୍ମ ଏକାନନ୍ଦ । ୩ ।

ଯେବଣ ପଣ୍ଡିତ ଭାଗ୍ୟରେ । ବ୍ରହ୍ମ ସ୍ୱରୂପ ଲାଭ କରେ ॥
ତା' ଆତ୍ମା ଆଉ କଦାଚିତେ । ବାହୁଡ଼ି ନ ଆସେ ଜଗତେ ॥
ଏଣୁ ଜୀବ ବ୍ରହ୍ମ ମଧ୍ୟରେ । ପ୍ରଭେଦ ନାହିଁ ପ୍ରକୃତରେ । ୪ ।

ଯଦିଦଂ ସକଲଂ ବିଶ୍ୱଂ ନାନାରୂପଂ ପ୍ରତୀତମଜ୍ଞାନାତ୍ ।
ତତ୍ସର୍ବଂ ବ୍ରହ୍ମୈବଂ ପ୍ରତ୍ୟସ୍ତାଶେଷଭାବନା ଦୋଷମ୍ । ୫ ।

ମୃତ୍କାର୍ଯ୍ୟଭୂତୋଽପି ମୃଦୋ ନ ଭିନ୍ନଃ କୁମ୍ଭୋଽସ୍ତି ସର୍ବତ୍ର ତୁ ମୃତ୍ସ୍ୱରୂପାତ୍ ।
ନ କୁମ୍ଭରୂପଂ ପୃଥଗସ୍ତି କୁମ୍ଭଃ କୁତୋ ମୃଷା କଳ୍ପିତନାମମାତ୍ରଃ । ୬ ।

କେନାପି ମୃଦ୍ଭିନ୍ନତୟା ସ୍ୱରୂପଂ, ଘଟସ୍ୟ ସନ୍ଦର୍ଶୟିତୁଂ ନ ଶକ୍ୟତେ ।
ଅତୋ ଘଟଃ କଳ୍ପିତ ଏବ ମୋହାନ୍ମୃଦେବ ସତ୍ୟଂ ପରମାର୍ଥଭୂତମ୍ । ୭ ।

ସଦ୍ବ୍ରହ୍ମ କାର୍ଯ୍ୟଂ ସକଲଂ ସଦେବ ତନ୍ମାତ୍ରମେତନ୍ନ ତତୋଽନ୍ୟଦସ୍ତି ।
ଅସ୍ତୀତି ଯୋ ବକ୍ତି ନ ତସ୍ୟ ମୋହୋ ବିନିର୍ଗତୋ ନିଦ୍ରିତବତ୍ ପ୍ରଜଳ୍ପଃ । ୮ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଃ କେବଲୋଽହମ୍ ।

ସମାପ୍ତଃ ।

ଏ ବିଶ୍ୱ ଅଜ୍ଞାନତା ବଶେ । ନେତ୍ରକୁ ନାନାରୂପ ଦିଶେ ॥
ସେ ସବୁ ତ ଏକ ବ୍ରହ୍ମ ବିନା । ନୁହଇ ଆନ କିଛି ଭିନା ॥
କଟିଲେ ଅନ୍ୟ ଭାବନା ମାନ । ଅଟଇ ଦୋଷାବହ ଜାଣ । ୫ ।

ମାଟି ପ୍ରସୂତ କାର୍ଯ୍ୟମାନ । ମାଟି ବିନା ନୁହଇ ଆନ ॥
ଯେ କୁମ୍ଭ ରୂପ ଦେଖାଯାଏ । ମୃତ୍ତିକା ଛଡ଼ା ଅନ୍ୟ ନୁହେ ॥
କୁମ୍ଭ ନାମ ହୋଇଛି ଯାହା । ମିଥ୍ୟା କଳ୍ପନା ମାତ୍ର ତାହା । ୬ ।

କୁମ୍ଭକୁ ମାଟିଛଡ଼ା ଆନ । କରି ନ ପାରେ କେ ପ୍ରମାଣ ॥
କେବଳ ମୋହ ବଶେ ଘଟ । ନାମ ହୋଇଛି ପରକଟ ॥
ପରମାର୍ଥ ବିଗ୍ରହେ କିନ୍ତୁ । ମୃତ୍ତିକାହିଁ ପ୍ରକୃତ ବସ୍ତୁ । ୭ ।

ବ୍ରହ୍ମ ନିଶ୍ଚୟ ଅଟେ ସତ । ତାହାର କାର୍ଯ୍ୟ ତେଣୁ ସତ ॥
ବ୍ରହ୍ମରୂପ ବ୍ରହ୍ମାଣ୍ଡ ଜାଣ । ବ୍ରହ୍ମ ବିହୁନେ ନୁହେ ଆନ ॥
ଯେ ବ୍ରହ୍ମ ଛଡ଼ା ଜଗତର । ଅସ୍ତିତ୍ୱ କହଇ ଅନ୍ତର ॥
ତୁଟି ନାହିଁ ମାୟା ତାହାର । ନିଦ୍ରିତ ଜନ ପରକାର ॥
ସେ ଯେସନେ ସ୍ୱପ୍ନ ବଶେ ନାନା । କହଇ କଳ୍ପନା ଜଳ୍ପନା । ୮ ।

ଅପରୋକ୍ଷାନୁଭୂତି

ଶ୍ରୀହରିଂପରମାନନ୍ଦମୁପଦେଷ୍ଟାରମୀଶ୍ୱରଂ
ବ୍ୟାପକଂ ସର୍ବଲୋକାନାଂ କାରଣଂ ତଂ ନମାମ୍ୟହଂ । ୦ ।
ସ୍ୱପ୍ରକାଶସ୍ତ ହେତୁର୍ଯଃ ପରମାତ୍ମା ସଦାଦ୍ୱୟଃ ।
ଅପରୋକ୍ଷାନୁଭୂତ୍ୟାଖ୍ୟଃ ସୋଽହମସ୍ମି ପର ମୁକ୍ତଂ । ୮ ।
ଈଶଜୀବାତ୍ମଭେଦାଦ୍ୟଃ ସକଲବ୍ୟବହାରକୃତ୍ ।
ଉପାଧିକଃ ସ୍ୱତନ୍ତ୍ରଃ ସଃ ସୋଽପରୋକ୍ଷାନୁଭୂତିକଃ । ୨ ।

ଅପରୋକ୍ଷାନୁଭୂତି

(ଗ୍ରନ୍ଥସମାପ୍ତିର ପ୍ରତିବନ୍ଧକୀଭୂତ ଦୁରଦୃଷ୍ଟ ନାଶ ହୋଇ ନିର୍ବିଘ୍ନରେ ଗ୍ରନ୍ଥ ସମାପ୍ତ ହେବ, ଏଥିପାଇଁ ଗ୍ରନ୍ଥାରମ୍ଭରେ ମଙ୍ଗଳାଚରଣ ଆବଶ୍ୟକ ଏବଂ ଅଭିମତ ଦେବତାର ନମସ୍କାର ରୂପ ମଙ୍ଗଳାଚରଣହିଁ ପ୍ରଶସ୍ତ ଉପାୟ; ବିଶେଷତଃ ମୁଁ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଏହି ତ୍ରିବିଧ ଶରୀର-ବିଶିଷ୍ଟ ଅଶୁଦ୍ଧ ଜୀବ, ଅତଏବ ଈଶ୍ୱରଙ୍କର ଆରାଧନା ବିନା ମୋର ଅଭିଳଷିତ କାର୍ଯ୍ୟସିଦ୍ଧିର ସମ୍ଭବ ନାହିଁ; ସୁତରାଂ ଗ୍ରନ୍ଥାରମ୍ଭରେ ତନ୍ନମସ୍କାରରେ ପ୍ରବୃତ୍ତ ହେଉଅଛି ।)

୧ । ଯେ ମାୟା ଓ ମାୟାର କାର୍ଯ୍ୟସବୁ ହରଣ କରେ, ସେହି ବେଦାନ୍ତ-ପ୍ରତିପାଦ୍ୟ ସର୍ବୋତ୍କୃଷ୍ଟ ଈଶ୍ୱରଙ୍କୁ ନମସ୍କାର କରୁଅଛି । ସେ ଶ୍ରୀହରି ଆମ୍ଭମାନଙ୍କୁ ଶ୍ରୀ ପ୍ରଦାନ କରନ୍ତି, ସେହି ପ୍ରଳୟ ସୁଷୁପ୍ତି ସମୟରେ ସର୍ବଭୂତଙ୍କର ଏକମାତ୍ର ଆଶ୍ରୟ ଏବଂ ସେ ଆତ୍ମଜ୍ଞାନ ପ୍ରଦାନ ଦ୍ୱାରା ଜୀବୋପାଧିଭୂତ ଅବିଦ୍ୟା ବିନାଶ କରି ନିରତିଶୟ ସୁଖ ପ୍ରଦାନ କରନ୍ତି । ସେ ଆଚାର୍ଯ୍ୟ * ଦ୍ୱାରା ଆତ୍ମସୁଖର ଉପଦେଶ କରନ୍ତି; ସେ ଚିନ୍ମୟ, ବୈଷୟିକ ବସ୍ତୁ ପରି ଜଡ଼ ନୁହନ୍ତି । ସେ ଈଶ୍ୱର, ସେ ସର୍ବବ୍ୟାପୀ, ସେ ସର୍ବଲୋକର କାରଣ ।

୨ । ମୋକ୍ଷସିଦ୍ଧିହିଁ ଏହି ଗ୍ରନ୍ଥର ପ୍ରୟୋଜନ; ଅର୍ଥାତ୍ ସ୍ୱୀୟ ଅବିଦ୍ୟା-କଳ୍ପିତ ଦେହାଦିର ଆତ୍ମାଭିମାନ ନିବୃତ୍ତ ହୋଇ ଆତ୍ମସ୍ୱରୂପ ପ୍ରାପ୍ତି ହେଲେ ସଂସାର-ମାୟାଦି ସର୍ବପ୍ରକାର ଅନର୍ଥର ନିବୃତ୍ତି ଦ୍ୱାରା ପରମାନନ୍ଦ ଲାଭ ହେବାହିଁ ଏହି ଗ୍ରନ୍ଥର ଉଦ୍ଦେଶ୍ୟ । ଯେଉଁମାନେ ନିତ୍ୟାନିତ୍ୟ ବିବେକାଦି ସାଧନ ଚତୁଷ୍ଟୟ ସମ୍ପନ୍ନ ମୁକ୍ତିକାମୀ ଯୋଗୀ, ସେମାନେହିଁ କେବଳ ଏତଦ୍ଦ୍ୱାରା ଅପରୋକ୍ଷାନୁଭୂତି † ଲାଭ କରି ପାରନ୍ତି । ଯେଉଁମାନେ କର୍ମୋପାସନାଧିକାରୀ, ଅର୍ଥାତ୍ ସ୍ୱର୍ଗଭୋଗାଦି ଫଳର ପ୍ରତ୍ୟାଶାରେ ନିଯୁକ୍ତ କର୍ମମାର୍ଗରେ ଭ୍ରମଣ କରୁଛନ୍ତି, ସେମାନେ ବାହ୍ୟର ଅପରୋକ୍ଷାନୁଭୂତି ଲାଭ କରି ପାରନ୍ତି ନାହିଁ । ମୁମୁକ୍ଷୁ ବ୍ୟକ୍ତିମାନେ ଗୁରୁ ମୁଖରୁ ଉପଦେଶ ପାଇ ଯାବତ୍ ଯତ୍ନପୂର୍ବକ ଦୀର୍ଘକାଳ ନିରନ୍ତର ଅଭ୍ୟାସ କରି ଅପରୋକ୍ଷାନୁଭୂତି ଲାଭ କରି ପାରନ୍ତି ।

---

* ଗୁରୁ, ଶିକ୍ଷକ, ଉପଦେଶକ, । † ପ୍ରତ୍ୟକ୍ଷ ବା ସାକ୍ଷାତ୍ ବୋଧ ।

ତଦେବମନୁସନ୍ଧାୟ ନିର୍ବିଘ୍ନାଂ ସ୍ୱେଷ୍ଟଦେବତାଂ ।
ଅପରୋକ୍ଷାନୁଭୂତ୍ୟାଖ୍ୟାମାଚାର୍ଯ୍ୟୋଽହଂ ପ୍ରକାଶୟେ । ୩ ।
ଯଦ୍ୟପୀୟଂ ସ୍ୱତଃ ସ୍ପଷ୍ଟା ତଥାପି ସ୍ପଷ୍ଟସିଦ୍ଧୟେ ।
ଯତ୍ନୋଽୟଂ ସୋପି ସଂକ୍ଷେପାତ୍ କ୍ରିୟତେଽନର୍ଥନାଶନଃ । ୪ ।
ଜ୍ୱାହମୂଳ୍‌କାଳେଃ ଜ୍ୱାସ୍ତଂ ସୂର୍ଯ୍ୟସ୍ତେଜୋନିଧିଃ କିଳ ।
ତଥାପି ଭକ୍ତିମାନ୍ କଃ କିଂ ନ କୁର୍ଯ୍ୟାତ୍ ସ୍ୱହିତାପ୍ତୟେ । ୫ ।
ଅପରୋକ୍ଷାନୁଭୂତିର୍ବୈ ପ୍ରୋଚ୍ୟତେ ମୋକ୍ଷସିଦ୍ଧୟେ ।
ସଦ୍ଭିରେବ ପ୍ରଯତ୍ନେନ ବୀକ୍ଷଣୀୟା ମୁହୁର୍ମୁହୁଃ । ୬ ।

---

୩ । ବ୍ରାହ୍ମଣାଦି ବର୍ଣ୍ଣ ସମୂହର ନିଜ ନିଜ ଆଶ୍ରମ ବିହିତ ବ୍ରହ୍ମଚର୍ଯ୍ୟାଦି ଧର୍ମାନୁଷ୍ଠାନ କୃଚ୍ଛ୍ର ଚାନ୍ଦ୍ରାୟଣାଦି ପ୍ରାୟଶ୍ଚିତ୍ତରୂପ ତପସ୍ୟା ଏବଂ ସର୍ବଭୂତରେ ଦୟା ପ୍ରକାଶାଦି ଭଗବାନ-ଙ୍କର ପ୍ରୀତିସାଧନ କର୍ମ୍ମ, ଏହି ତ୍ରିବିଧ କାରଣରେ ବୈରାଗ୍ୟାଦି କାରଣ ଚତୁଷ୍ଟୟର ଉତ୍ପତ୍ତି ହୁଏ । ବୈରାଗ୍ୟାଦି ସାଧନ ଚତୁଷ୍ଟୟହିଁ ମୋକ୍ଷର ସାଧନ ଏବଂ ସ୍ୱବର୍ଣ୍ଣାଶ୍ରମ ବିହିତ ଧର୍ମାନୁଷ୍ଠାନ, ତପସ୍ୟା ଓ ଭଗବତ୍ ପ୍ରୀତିସାଧନ ସ୍ୱରୂପ ସର୍ବଭୂତରେ ଦୟା ପ୍ରକାଶାଦି, ଏହି ତ୍ରିବିଧ କାର୍ଯ୍ୟହିଁ ବୈରାଗ୍ୟାଦି ସାଧନ ଚତୁଷ୍ଟୟର କାରଣ ବୋଲି ପ୍ରତିପନ୍ନ ହେଲା ।

୪ । ଏହି ସାଧନ ଚତୁଷ୍ଟୟ ମଧ୍ୟରେ ପ୍ରଥମତଃ ବୈରାଗ୍ୟ ନିର୍ଣ୍ଣୀତ ହେଉଅଛି । ଯେପରି କାକ ବିଷ୍ଠାକୁ କାହାରି ଇଚ୍ଛା ହୁଏ ନାହିଁ, ସେପରି ସତ୍ୟଲୋକାଦି ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ବିଷୟରେ ଯେ ଇଚ୍ଛାଭାବ, ତାହାହିଁ ବୈରାଗ୍ୟ ଶବ୍ଦ ପ୍ରତିପାଦ୍ୟ । ଏହି ବୈରାଗ୍ୟ ଅତି ନିର୍ମ୍ମଳ ପଦାର୍ଥ ।

୫ । କେବଳ ଆତ୍ମାହିଁ ନିତ୍ୟ, କେବେହେଁ ଆତ୍ମାର ବିନାଶ ହୁଏ ନାହିଁ । ଆତ୍ମା ଅନନ୍ତ କାଳ ଏକରୂପରେ ବିଦ୍ୟମାନ ଥାଏ । ତଦ୍ଭିନ୍ନ ଅନ୍ୟାନ୍ୟ ଦୃଶ୍ୟ ବସ୍ତୁ ସମୂହ ଅନିତ୍ୟ, ଅର୍ଥାତ୍ ଆମ୍ଭେମାନେ ଯେ ସମସ୍ତ ବସ୍ତୁ ଦେଖୁଥାଉଁ, ସର୍ବଦା ସେମାନଙ୍କର ଉତ୍ପତ୍ତି ଓ ପ୍ରଳୟ ହେଉଅଛି ଏବଂ ଅବସ୍ଥାନ୍ତର ଘଟୁଛି । ଏହିରୂପେ ବସ୍ତୁର ଯେ ସ୍ୱରୂପ ନିର୍ଣ୍ଣୟ ତାକୁହିଁ ବିବେକ କୁହାଯାଏ ।

୬ । ଅସ୍ଥାନାମ ପଦାର୍ଥର ସ୍ୱରୂପ ପରିଜ୍ଞାନରେ ବିବେକ ଉପସ୍ଥିତ ହୋଇ ବୈରାଗ୍ୟ ଉଦିତ ହେଲେ ସର୍ବଦା ପୂର୍ବକଳନାଦି ସର୍ବପ୍ରକାର ବିଷୟରେ ବାସନା ତ୍ୟାଗ ହୁଏ, ଅର୍ଥାତ୍ ପୂର୍ବ ସଂସ୍କାରର ବିନାଶ ହୋଇଥାଏ ଏବଂ ପୂର୍ବେ ଯେ ପଦାର୍ଥ ପ୍ରତି ଅନ୍ତଃକରଣରେ ଅନୁରାଗ ଥିଲା, ସେହି ଅନୁରାଗର ନିବୃତ୍ତି ହୋଇଯାଏ । ଯେ ସମସ୍ତ ବସ୍ତୁକୁ ପ୍ରିୟ ବୋଲି ଜ୍ଞାନ ଥିଲା, ତାହାର ଆଉ ପ୍ରିୟତ୍ୱ ବୋଧ ଥାଏ ନାହିଁ; ଏହିପରି ଅନ୍ତଃକରଣର ନିଗ୍ରହକୁ "ଶମ" ବୋଲାଯାଏ । ଆଉ ବାହ୍ୟ ବୃତ୍ତି ନିରୋଧ ଅର୍ଥାତ୍ ଶ୍ରବଣ ଚକ୍ଷୁରାଦିର ଯେ ପ୍ରବୃତ୍ତି ନିରୋଧ, ତାକୁହିଁ ପଣ୍ଡିତଗଣ "ଦମ" ବୋଲି ନିର୍ଦ୍ଦେଶ କରିଅଛନ୍ତି ।

ସ୍ୱବର୍ଣ୍ଣାଶ୍ରମଧର୍ମେଣ ତପସା ହରିତୋଷଣାତ୍ ।
ସାଧନଂ ପ୍ରଭବେତ୍ ପୁଂସାଂ ବୈରାଗ୍ୟାଦି ଚତୁଷ୍ଟୟଂ । ୭ ।

ବ୍ରହ୍ମାଦିସ୍ଥାବରାନ୍ତେଷୁ ବୈରାଗ୍ୟଂ ବିଷୟେଷ୍ୱନୁ ।
ଯଥୈବ କାକବିଷ୍ଠାୟାଂ ବୈରାଗ୍ୟଂ ତଦ୍ଧି ନିର୍ମଳଂ । ୮ ।

ନିତ୍ୟମାତ୍ମସ୍ୱରୂପଂ ହି ଦୃଶ୍ୟଂ ତଦ୍‌ବିପରୀତଗଂ ।
ଏବଂ ଯୋ ନିଶ୍ଚୟଃ ସମ୍ୟଗ୍‌ବିବେକୋ ବସ୍ତୁନଃ ସବୈ । ୯ ।

ସଦୈବ ବାସନାତ୍ୟାଗଃ ଶମୋଽୟମିତି ଶବ୍ଦିତଃ ।
ନିଗ୍ରହୋ ବାହ୍ୟ ବୃତ୍ତୀନାଂ ଦମ ଇତ୍ୟଭିଧୀୟତେ । ୧୦ ।

---

୭ । ଶବ୍ଦାଦି ବିଷୟ ଗ୍ରହଣରେ ଅପ୍ରବୃତ୍ତିର ନାମ "ଉପରତି" । ଯେତେବେଳେ ବୀଣାଦି ସୁମଧୁର ଶବ୍ଦ ଶ୍ରବଣରେ କର୍ଣ୍ଣ ପ୍ରବୃତ୍ତ ହୁଏ ନାହିଁ, ନାସିକା ଗନ୍ଧଗ୍ରହଣରେ ବ୍ୟସ୍ତ ହୁଏ ନାହିଁ ଚକ୍ଷୁ ରୂପାଦି ଦର୍ଶନ କରିବାକୁ ଚାହେଁ ନାହିଁ, ବାଗିନ୍ଦ୍ରିୟ ବାକ୍ ପ୍ରୟୋଗରେ ଅନୁରକ୍ତ ହୁଏ ନାହିଁ, ଇତ୍ୟାଦି ପ୍ରକାରରେ ବିଷୟ ଗ୍ରହଣରେ ଅନିଚ୍ଛାକୁ ଉପରତି ବୋଲିଥାନ୍ତି । ଆଉ ସର୍ବ ଦୁଃଖର କାରଣୀଭୂତ ଶୀତ, ଉଷ୍ଣ, ରାଗ, ଦ୍ୱେଷ ଇତ୍ୟାଦି ଦ୍ୱନ୍ଦ୍ୱର ସହନକୁ "ତିତିକ୍ଷା" ବୋଲାଯାଏ ।

୮ । ବେଦ ଓ ଉପନିଷଦାଦି ବାକ୍ୟ ଏବଂ ଗୁରୁଙ୍କ ଉପଦେଶରେ ଯେ ଅଟଳ ବିଶ୍ୱାସ, ତାହାର ନାମ "ଶ୍ରଦ୍ଧା" ଏବଂ ବେଦାନ୍ତ ଓ ଉପନିଷଦାଦି-ପ୍ରତିପାଦ୍ୟ ନିତ୍ୟ ଚୈତନ୍ୟ ସ୍ୱରୂପ ପରଂବ୍ରହ୍ମଠାରେ ଚିତ୍ତର ଏକାଗ୍ରତା ଅର୍ଥାତ୍ ସଙ୍କଳ୍ପ ପରିତ୍ୟାଗ କରି ଯେ ବ୍ରହ୍ମଜିଜ୍ଞାସା ତାହାର ନାମ "ସମାଧାନ" ।

୯ । "ହେ ବିଧେ ! କେବେ ଓ କିରୂପରେ ମୋର ସଂସାର-ବନ୍ଧନରୁ ବିମୁକ୍ତ ହେବ, ଅର୍ଥାତ୍ ନାନାଯୋନିରେ ଭ୍ରମଣ କରି ପୁନଃପୁନ ସଂସାରକୁ ଆଗମନ ନିବୃତ୍ତ ହେବ ?" ଏରୂପ ସୁଦୃଢ଼ ବୁଦ୍ଧିକୁ "ମୁମୁକ୍ଷୁତା" କହନ୍ତି ।

୧୦ । ଯେଉଁମାନେ ସର୍ବମଙ୍ଗଳପ୍ରଦ ଅନନ୍ତ ସୁଖକର ମୋକ୍ଷରୂପ ଆପଣା ଶୁଭଇଚ୍ଛା କରନ୍ତି, ସେହି ମୁମୁକ୍ଷାଗ୍ରଗଣ୍ୟ ଉତ୍ତମାଧିକାରିମାନେ ମୋକ୍ଷର କାରଣୀଭୂତ ଜ୍ଞାନ ଲାଭ ନିମନ୍ତେ ପୂର୍ବୋକ୍ତ ସାଧନଚତୁଷ୍ଟୟ ସମ୍ପନ୍ନ ହୋଇ ପୁନଃପୁନ ବକ୍ଷ୍ୟମାଣ ପ୍ରକାରରେ ଅବଶ୍ୟ ଆତ୍ମତତ୍ତ୍ୱ ବିଚାର କରିବେ ।

ବିଷୟେଭ୍ୟଃ ପରାବୃତ୍ତିଃ ପରମୋପରତିର୍ହି ସା
ସହନଂ ସର୍ବଦୁଃଖାନାଂ ତିତିକ୍ଷା ସା ଶୁଭା ମତା ।୧୧।
ନିଗମାଚାର୍ଯ୍ୟବାକ୍ୟେଷୁ ଭକ୍ତିଃ ଶ୍ରଦ୍ଧେତି ବିଶ୍ରୁତା ।
ଚିତ୍ତୈକାଗ୍ର୍ୟନ୍ତୁ ସଲ୍ଲକ୍ଷ୍ୟେ ସମାଧାନମିତି ସ୍ମୃତଂ ।୧୨।
ସଂସାରବନ୍ଧନିର୍ମୁକ୍ତିଃ କଥଂ ମେ ସ୍ୟାତ୍ କଦା ବିଧେ ।
ଇତି ଯା ସୁଦୃଢ଼ା ବୁଦ୍ଧିର୍ବକ୍ତବ୍ୟା ସା ମୁମୁକ୍ଷୁତା ।୧୩।

---

୧୧ । ଯେପରି କୌଣସି ଦେଶରେ ଓ କୌଣସି କାଳରେ ମଧ୍ୟ ସୂର୍ଯ୍ୟାଦିର ପ୍ରକାଶ ବ୍ୟତିରେକେ ଘଟାଦି କୌଣସି ପଦାର୍ଥର ଜ୍ଞାନ ହୁଏ ନାହିଁ, ସେପରି ଆତ୍ମତତ୍ତ୍ୱ ବିଚାର ବ୍ୟତିରେକେ କେବେ ମଧ୍ୟ ବ୍ରହ୍ମତତ୍ତ୍ୱ ପରିଜ୍ଞାତ ହୋଇପାରେ ନାହିଁ ।

୧୨ । ମୁଁ କିଏ ? ଅର୍ଥାତ୍ ମୋର ସ୍ୱରୂପ କଣ ? ଏହି ସ୍ଥାବର ଜଙ୍ଗମାତ୍ମକ ଜଗତ୍ କିରୂପ ? କେଉଁଠାରୁ ଉତ୍ପନ୍ନ ହୋଇଅଛି ଏବଂ କିଏ ବା ଏହି ଜଗତର ଅଧିଷ୍ଠାତା । ଆମ୍ଭମାନେ ଯେ ଏହି ଜଗତକୁ ସର୍ବଦା ପ୍ରତ୍ୟକ୍ଷ କରୁଅଛୁଁ, ଏହାର କର୍ତ୍ତା ବା କିଏ ? ଆଉ ଏହି ଜଗଦୁତ୍ପତ୍ତିର ପ୍ରକୃତ ଉପାଦାନ ବା କ'ଣ ? ଜୀବର ଅଦୃଷ୍ଟ, ଈଶ୍ୱର କିମ୍ବା ଅନ୍ୟ କୌଣସି ବସ୍ତୁ ଏହିରୂପେ ନାନା ପ୍ରକାର ଅନୁସନ୍ଧାନ ବିଚାର ଏବଂ ଉକ୍ତରୂପ ବିଚାର କରି ଈଶ୍ୱରଙ୍କୁହିଁ ଜଗତ୍ କାରଣରୂପେ ନିର୍ଣ୍ଣୟ କରିବାକୁ ହୁଏ, ଏହି ବିଚାରହିଁ ଜ୍ଞାନର କାରଣ ।

୧୩ । ଅହଂଶବ୍ଦ ପ୍ରତିପାଦ୍ୟ-ଆତ୍ମା, ଭୂତସମଷ୍ଟିରୂପ ଶରୀର ନୁହେ; କାରଣ ଆତ୍ମା ଘଟାଦିର ନ୍ୟାୟ ଦୃଶ୍ୟ ପଦାର୍ଥ ନୁହେ ଏବଂ ଯେ ସମସ୍ତ ପଦାର୍ଥ ଦୃଶ୍ୟ, ସେ ସମସ୍ତ ଅନିତ୍ୟ । ଅତଏବ ଭୂତସମଷ୍ଟିରୂପ ଦେହକୁ ଆତ୍ମା କୁହାଯାଏ ନାହିଁ । କୌଣସି କୌଣସି ଚାର୍ବାକ† ମତାବଲମ୍ବିମାନେ ଯେ ଇନ୍ଦ୍ରିୟଗଣଙ୍କୁ ଆତ୍ମା କହନ୍ତି, ତାହା ମଧ୍ୟ ପ୍ରକୃତ ନୁହେ; ଯେହେତୁ ଇନ୍ଦ୍ରିୟଗଣ ମଧ୍ୟ ଭୂତ ବିକାର ଭିନ୍ନ ଅନ୍ୟ କିଛି ନୁହନ୍ତି । ଯେବେ ଭୂତମାନେ ଆତ୍ମା ହେଲେ ନାହିଁ, ତେବେ ସେହି ଭୂତମାନଙ୍କର ବିକାର ଇନ୍ଦ୍ରିୟଗଣ ମଧ୍ୟ ଆତ୍ମା ହୋଇ ପାରନ୍ତି ନାହିଁ । ତେବେ ଆତ୍ମା କି ଶୂନ୍ୟମୟ ! ତାହାତ ନୁହେ; ଆତ୍ମା ସ୍ଥୂଳ ସୂକ୍ଷ୍ମ ଦେହର ଅତିରିକ୍ତ ଏବଂ ସେମାନଙ୍କର ବିପରୀତ ଧର୍ମଶାଳୀ । ଏହିପରି ଆତ୍ମତତ୍ତ୍ୱାନୁସନ୍ଧାନକୁ ବିଚାର କୁହାଯାଏ ।

---

† ଚାର୍ବାକ (+ଗୁରୁବାକ୍ୟ) ଜଣେ ଦାର୍ଶନିକ । ସେ ଖ୍ରୀଷ୍ଟ ପୂର୍ବ ଶତାବ୍ଦୀରେ ଏକ ନୂତନ ଦର୍ଶନଶାସ୍ତ୍ର ପ୍ରଣୟନ କରିଥିଲେ । ସେ ବୃହସ୍ପତିଙ୍କ ଶିଷ୍ୟ । ବୃହସ୍ପତି ନାସ୍ତିକତାବାଦର ପ୍ରବର୍ତ୍ତକ ଥିଲେ । ଚାର୍ବାକଙ୍କମତରେ ପରଲୋକ ଓ ପୁନର୍ଜନ୍ମ ନାହିଁ । ସୁଖହିଁ ପରମ ପୁରୁଷାର୍ଥ । ପ୍ରତ୍ୟକ୍ଷ ମାତ୍ର ପ୍ରମାଣ । ପୃଥିବୀ, ଜଳ, ବାୟୁ ଓ ଅଗ୍ନି ଏହି ଚାରି ଭୂତରେ ସମସ୍ତ ସୃଷ୍ଟି ହୋଇଛି ।

ଉକ୍ତସାଧନ ଯୁକ୍ତେନ ବିଚାରଃ ପୁରୁଷେଣ ହି ।
କର୍ତ୍ତବ୍ୟୋ ଜ୍ଞାନସିଦ୍ଧ୍ୟର୍ଥମାତ୍ମନଃ ଶୁଭମିଚ୍ଛତା । ୧୪ ।

ନୋତ୍ପଦ୍ୟତେ ବିନା ଜ୍ଞାନଂ ବିଚାରେଣାନ୍ୟ ସାଧନୈଃ ।
ଯଥା ପଦାର୍ଥଭାନଂ ହି ପ୍ରକାଶେନ ବିନା କ୍ୱଚିତ୍ । ୧୫ ।

କୋଽହଂ କଥମିଦଂ ଜାତଂ କୋ ବୈ କର୍ତ୍ତାସ୍ୟ ବିଦ୍ୟତେ ।
ଉପାଦାନଂ କିମସ୍ତୀହ ବିଚାରଃ ସୋଽୟମୀଦୃଶଃ । ୧୬ ।

---

୧୪ । ଏହି ନାମରୂପାତ୍ମକ ଅନନ୍ତ ଜଗତ ଅଜ୍ଞାନ-ଜନ୍ୟ, ଅଜ୍ଞାନ ବଶତଃ ପୂର୍ବୋକ୍ତ ନାନାପ୍ରକାର ବିକଳ୍ପ ହୋଇଥାଏ ଏବଂ ସେହି ଅଜ୍ଞାନ ବିନାଶ ପାଇଲେ ବସ୍ତୁ ସ୍ୱରୂପ ପ୍ରକାଶ ପାଏ । ସୁତରାଂ ସେତେବେଳେ ଆଉ ବିକଳ୍ପ ରହେ ନାହିଁ । ଅତଏବ ବର୍ତ୍ତମାନ ଏହାହିଁ ପ୍ରତିପନ୍ନ ହେଉଛି ଯେ, ସଙ୍କଳ୍ପହିଁ କର୍ତ୍ତା । ତେବେ ସଙ୍କଳ୍ପ ବଶତଃ "ମୁଁ କର୍ତ୍ତା" ଇତ୍ୟାଦି ବ୍ୟବହାର ହୋଇଥାଏ । ଏହିରୂପେ ନାନାମତ ନିର୍ଣ୍ଣୟ କରି ପ୍ରକୃତ ମତ ସ୍ଥାପନକୁହିଁ ବିଚାର ବୋଲାଯାଏ ।

୧୫ । ପୂର୍ବୋକ୍ତ ଅଜ୍ଞାନ ଓ ସଙ୍କଳ୍ପର ଉପାଦାନ, ଅର୍ଥାତ୍ ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ ଯେ କାଳତ୍ରୟସ୍ଥାୟୀ ବ୍ରହ୍ମ, ସେ ଏହି ଜଗତର ଉପାଦାନ । ଏହି ଜଗତର ଉପାଦାନଭୂତ ବ୍ରହ୍ମ ଅବ୍ୟୟ, ତହିଁରେ ଷଡ୍ଭାବାଦି ବିକାର ନାହିଁ । ସେ ଅଦ୍ୱିତୀୟ, ତାହାର କୌଣସି ପ୍ରକାର ସଜାତୀୟ ଭେଦ ନାହିଁ; ସେ ସୂକ୍ଷ୍ମ, ଅର୍ଥାତ୍ ମନବାକ୍ୟ ପ୍ରଭୃତି ଇନ୍ଦ୍ରିୟଗଣର ଅଗୋଚର । ଯେପରି ମୃତ୍ତିକା ଘଟାଦିର ଉପାଦାନ, ସେପରି ବ୍ରହ୍ମ ଜଗତର ଉପାଦାନ । ଏହିରୂପେ କାର୍ଯ୍ୟକାରଣ-ନିରୂପଣ, ବିଚାର ବୋଲି ନିର୍ଦ୍ଧାରିତ ହୋଇଅଛି ।

୧୬ । ଅହଂଶବ୍ଦ-ପ୍ରତିପାଦ୍ୟ ପଦାର୍ଥ ଏକ, ତାହାର ସଜାତୀୟ ବସ୍ତୁ ଆଉ ନାହିଁ; ସେହି ପଦାର୍ଥ ଅତିସୂକ୍ଷ୍ମ କୌଣସି ଇନ୍ଦ୍ରିୟ ଦ୍ୱାରା ତାଙ୍କୁ ପ୍ରତ୍ୟକ୍ଷ କରାଯାଏନାହିଁ । ଯେ ଅହଂଶବ୍ଦ-ପ୍ରତିପାଦ୍ୟ, ସେ ଜ୍ଞାତା; ଅର୍ଥାତ୍ "ମୁଁ ଜାଣେ" ଇତ୍ୟାଦି ଅହଙ୍କାରର ପ୍ରକାଶକତା ହେତୁ ସଚେତନ; ସେ ସର୍ବ ସାକ୍ଷୀ, ଇନ୍ଦ୍ରିୟ ନିଚୟ ବ୍ୟତିରେକେ ସୁଦ୍ଧା ସମସ୍ତ ପଦାର୍ଥ ଦେଖିଅଛି । ସେ ନିତ୍ୟ ଓ ଅବ୍ୟୟ, ଏଥିରେ ଆଉ ସନ୍ଦେହ ନାହିଁ; ଏହିପରି ତତ୍ତ୍ୱନିର୍ଣ୍ଣୟହିଁ ବିଚାର ।

ନାହଂ ଭୂତଗଣୋ ଦେହୋ ନାହଞ୍ଚାକ୍ଷଗଣସ୍ତଥା ।
ଏତଦ୍‌ବିଲକ୍ଷଣଃ କଶ୍ଚିଦ୍‌ବିଚାରଃ ସୋଽୟମୀଦୃଶଃ । ୧୭ ।
ଅଜ୍ଞାନାତ୍ ପ୍ରଭବଂ ଯଦ୍ବା ଜ୍ଞାନେନ ପ୍ରବିଲୀୟତେ ।
ସଙ୍କଳ୍ପୋବିବିଧଃ କର୍ତ୍ତା ବିଚାରଃ ସୋଽୟମୀଦୃଶଃ । ୧୮ ।
ଏତୟୋର୍ଯଦୁପାଦାନମେକଂ ସୂକ୍ଷ୍ମଂ ସଦବ୍ୟୟମ୍ ।
ଯଥୈବ ମୃଦ୍‌ଘଟାଦୀନାଂ ବିଚାରଃ ସୋଽୟମୀଦୃଶଃ । ୧୯ ।
ଅହମେକୋଽପି ସୂକ୍ଷ୍ମଶ୍ଚ ଜ୍ଞାତା ସାକ୍ଷୀ ସଦବ୍ୟୟଃ ।
ତଦହଂ ନାତ୍ର ସନ୍ଦେହୋ ବିଚାରଃ ସୋଽୟମୀଦୃଶଃ । ୨୦ ।

---

୧୭ । ସେ ଅହଂଶବ୍ଦ-ପ୍ରତିପାଦ୍ୟ, ସେହି ଆତ୍ମା; ଅର୍ଥାତ୍ ସେ ଜାଗ୍ରଦାଦି ଅବସ୍ଥାରେ ବର୍ତ୍ତମାନ ଥାଏ । ଏହି ଆତ୍ମା ଅବସ୍ଥାତ୍ରୟର ଭାବାଭାବର ସାକ୍ଷୀ; ସୁତରାଂ ସେ ସତ୍ୟଜ୍ଞାନାଦି ସ୍ୱରୂପ । ସେ ନିଷ୍କଳ, ଅର୍ଥାତ୍ ଅବୟବ ବିହୀନ; ତାଙ୍କୁ ସାବୟବ କହିଲେ ଘଟାଦି ପଦାର୍ଥର ନ୍ୟାୟ ତାଙ୍କୁ ବିନାଶୀ ବୋଲି ସ୍ୱୀକାର କରିବାକୁ ହୁଏ । ଏହି ଆତ୍ମା ଏକ, ଦେହ ଅର୍ଥାତ୍ ଲିଙ୍ଗଶରୀର କର୍ଣ୍ଣ ନାସିକା ପ୍ରଭୃତି ଇନ୍ଦ୍ରିୟ ଦ୍ୱାରା ଅବୃଚି, ଏଣୁ ତାଙ୍କୁ ନିରବୟବ କୁହାଯାଏ ନାହିଁ । ଏହିରୂପେ ଆତ୍ମା ଓ ଦେହର ବୈଲକ୍ଷଣ୍ୟ ସତ୍ତ୍ୱେ ତାର୍କିକମାନେ ଯେ, ଦେହ ଓ ଆତ୍ମାର ଐକ୍ୟ ସ୍ୱୀକାର କରନ୍ତି, ସେମାନେ ନିତାନ୍ତ ଅଜ୍ଞାନ । ଦେହ ଓ ଆତ୍ମାର ଐକ୍ୟ ଦର୍ଶନଠାରୁ ଅଜ୍ଞାନର କାର୍ଯ୍ୟ କି ଅଛି ?

୧୮ । ଆତ୍ମା ଅନ୍ତରସ୍ଥ ଓ ନିୟାମକ ଏବଂ ଦେହ ବାହ୍ୟ ଓ ନିୟମ୍ୟ । ଏହିରୂପେ ଆତ୍ମା ଓ ଦେହର ବୈଲକ୍ଷଣ୍ୟ ସତ୍ତ୍ୱେ ଯେଉଁମାନେ ଆତ୍ମା ଓ ଦେହର ଐକ୍ୟଜ୍ଞାନ କରନ୍ତି, ସେମାନେହିଁ ଅଜ୍ଞାନ । ଦେହ ଓ ଆତ୍ମାର ଐକ୍ୟଜ୍ଞାନର ନ୍ୟାୟ ଅଜ୍ଞାନର କାର୍ଯ୍ୟ ଅଉ କି ଅଛି ?

୧୯ । ଆତ୍ମା ଅଜ୍ଞାନମୟ ଅର୍ଥାତ୍ ସ୍ୱପ୍ରକାଶ ସ୍ୱରୂପ; ଅତଏବ ପବିତ୍ର ଓ ବିଶୁଦ୍ଧ ସ୍ୱଭାବ । ଦେହ ମାଂସାଦି ବିକାରଯୁକ୍ତ; ଅତଏବ ଅଶୁଚି । ଉକ୍ତରୂପେ ଦେହ ଓ ଆତ୍ମାର ପାର୍ଥକ୍ୟ ସତ୍ତ୍ୱେ ଯେଉଁମାନେ ଦେହ ଓ ଆତ୍ମାର ଐକ୍ୟଜ୍ଞାନ କରନ୍ତି ସେମାନେ ନିଶ୍ଚୟ ଅଜ୍ଞାନ । ସୁତରାଂ ଦେହ ଓ ଆତ୍ମାର ଐକ୍ୟଜ୍ଞାନାପେକ୍ଷା ଅଜ୍ଞାନ ଅଉ କି ଅଛି ?

୨୦ । ଯେପରି ସୂର୍ଯ୍ୟାଦି ଜ୍ୟୋତିଷ୍କ ପଦାର୍ଥ ସ୍ୱୟଂ ପ୍ରକାଶିତ ହୋଇ ଅନ୍ୟାନ୍ୟ ସମସ୍ତ ପଦାର୍ଥକୁ ପ୍ରକାଶ କରନ୍ତି । ସେପରି ଆତ୍ମା ମଧ୍ୟ ସ୍ୱପ୍ରକାଶମାନ ହୋଇ ଅପରାପର ସମସ୍ତ ପଦାର୍ଥକୁ ପ୍ରକାଶ କରଥାଏ । ଅତଏବ ଆତ୍ମା ସ୍ୱଚ୍ଛ ଅର୍ଥାତ୍ ପ୍ରକାଶକ ପଦାର୍ଥର ନ୍ୟାୟ ତାହାର ଗୁଣ ଦୋଷର ସମ୍ବନ୍ଧ ନାହିଁ; କିନ୍ତୁ ଦେହ ଘଟାଦି ଜଡ଼ ପଦାର୍ଥର ନ୍ୟାୟ ପ୍ରକାଶ୍ୟ । ଅତଏବ ଯେଉଁମାନେ ଦେହ ଓ ଆତ୍ମାର ଐକ୍ୟଜ୍ଞାନ କରନ୍ତି, ସେମାନେ ନିଶ୍ଚୟ ଅଜ୍ଞାନ । ସୁତରାଂ ଦେହ ଓ ଆତ୍ମାର ଐକ୍ୟଜ୍ଞାନଠାରୁ ଭ୍ରାନ୍ତିର କାର୍ଯ୍ୟ ଅଉ କି ଅଛି ?

ଆତ୍ମା ବିନିଷ୍କଳୋହ୍ୟେକୋ ଦେହୋବହୁଭିରାବୃତଃ ।
ତୟୋରୈକ୍ୟଂ ପ୍ରପଶ୍ୟନ୍ତି କିମଜ୍ଞାନମତଃ ପରଂ । ୨୧ ।

ଆତ୍ମା ନିୟାମକଶ୍ଚାନ୍ତର୍ଦେହୋବାହ୍ୟୋ ନିୟମ୍ୟକଃ ।
ତୟୋରୈକ୍ୟଂ ପ୍ରପଶ୍ୟନ୍ତି କିମଜ୍ଞାନମତଃ ପରଂ । ୨୨ ।

ଆତ୍ମା ଜ୍ଞାନମୟଃ ପୁଣ୍ୟୋ ଦେହୋମାଂସମୟୋଽଶୁଚିଃ ।
ତୟୋରୈକ୍ୟଂ ପ୍ରପଶ୍ୟନ୍ତି କିମଜ୍ଞାନମତଃ ପରଂ । ୨୩ ।

---

୨୧ । ଆତ୍ମା ନିତ୍ୟ, କେବେହେଁ ତାହାର ଧ୍ୱଂସ ନାହିଁ; କାରଣ ଆତ୍ମା ସତ୍‌ସ୍ୱରୂପ । କିନ୍ତୁ ଦେହ ଅସତ୍, ଅତଏବ ଅନିତ୍ୟ; ସର୍ବଦା ଦେହର ଧ୍ୱଂସ ହେଉଛି । ଏହିପରି ଆତ୍ମା ଓ ଦେହର ବୈଲକ୍ଷଣ୍ୟର ପ୍ରତ୍ୟକ୍ଷ ପ୍ରମାଣ ସତ୍ତ୍ୱେ ଯେ ଜୀବଙ୍କର ଐକ୍ୟଜ୍ଞାନ, ତାହା କେବଳ ଅଜ୍ଞାନର କାର୍ଯ୍ୟ । ଏଥିରୁ ଅଜ୍ଞାନର କାର୍ଯ୍ୟ ଆଉ କି ଅଛି ?

୨୨ । ଯେପରି ଘଟପଟାଦି ପଦାର୍ଥର ପ୍ରକାଶ ହୁଏ, ଅର୍ଥାତ୍ ଏହି ଘଟ ଏହି ପଟ ଇତ୍ୟାଦି ରୂପରେ ବିଶେଷ ନିର୍ଦ୍ଦେଶ ହୋଇଥାଏ, ତାହାହିଁ ଆତ୍ମାର ପ୍ରକାଶ । ଅଗ୍ନ୍ୟାଦି ଦୀପ୍ତିର ନ୍ୟାୟ ଆତ୍ମପ୍ରକାଶର ବିକାର ନାହିଁ । ଅଗ୍ନିର ଦୀପ୍ତି ଯେପରି ଏକସ୍ଥାନରେ ଥାଏ, ସେହି ସ୍ଥାନରେହିଁ ଲୋକେ ଦେଖି ପାରନ୍ତି; ଆଉ ଯେଉଁ ସ୍ଥାନରେ ଅଗ୍ନିର ସତ୍ତା ନାହିଁ, ସେହି ସ୍ଥାନରେ ଲୋକମାନେ ଅନ୍ଧବତ୍ ବସ୍ତୁ କିଛି ଦେଖି ପାରନ୍ତି ନାହିଁ; କିନ୍ତୁ ଆତ୍ମାର ଦୀପ୍ତିରେ ଲୋକମାନେ ସର୍ବତ୍ର ସମାନଭାବରେ ଦେଖି ପାରନ୍ତି । ଆତ୍ମାର ପ୍ରକାଶ ସର୍ବତ୍ର ପରିପୂର୍ଣ୍ଣ ହୋଇଅଛି । ଆଉ ଯେଉଁ ସମୟରେ ପ୍ରଦୀପ ଥାଏ, ସେ ସମୟରେହିଁ ଅଗ୍ନିର ପ୍ରକାଶ ହୁଏ, କିନ୍ତୁ ଯେବେ ପ୍ରଦୀପ ନିର୍ବାପିତ ହୁଏ, ତେବେ ଆଉ ପ୍ରକାଶ ଥାଏ ନାହିଁ । ଅତଏବ ଆତ୍ମାର ଦୀପ୍ତି ଅଗ୍ନିର ଦୀପ୍ତିଠାରୁ ଅତିରିକ୍ତ ଏବଂ ଦିବାରାତ୍ର ସବୁକାଳରେ ନିର୍ବିକାର ଥାଏ ।

୨୩ । ମୂଢ଼ବ୍ୟକ୍ତିମାନେ ଆତ୍ମାକୁ ଦେହରୂପରେ କଳ୍ପନା କରି ଘଟାଦିର ନ୍ୟାୟ ପ୍ରତ୍ୟକ୍ଷ ଦେହବୋଲି ସ୍ୱୀକାର କରନ୍ତି; ସେମାନେ ଦ୍ରଷ୍ଟା ଓ ଦୃଶ୍ୟ ପଦାର୍ଥର ଐକ୍ୟଜ୍ଞାନ କରି ସ୍ୱୀୟ ଅଜ୍ଞାନ କାର୍ଯ୍ୟର ବିପର୍ଯ୍ୟୟବଶ ମୁଗ୍ଧ ହୋଇ ଆପଣାକୁ କୃତକୃତ୍ୟ ଜ୍ଞାନରେ ସର୍ବକର୍ମ ପରିତ୍ୟାଗ କରିଥାନ୍ତି । ଏହା ଅତି ଅଜ୍ଞାନର କାର୍ଯ୍ୟ । କାରଣ ଯେଉଁଲୋକ ଘଟ ଦର୍ଶନ କରେ, ସେହି ଲୋକ ଆତ୍ମାର "ଏହି ଘଟ" ଏହିରୂପ ଜାଣିପାରେ; କିନ୍ତୁ ମୁହିଁ ଘଟ ଏରୂପ ଜ୍ଞାନ କରେ ନାହିଁ ।

ଆତ୍ମା ପ୍ରକାଶକଃ ସ୍ୱଚ୍ଛୋ ଦେହସ୍ତାମସ ଉଚ୍ୟତେ ।
ତୟୋରୈକ୍ୟଂ ପ୍ରପଶ୍ୟନ୍ତି କିମଜ୍ଞାନମତଃ ପରଂ । ୨୪ ।

ଆତ୍ମା ନିତ୍ୟୋହି ସଦ୍ରୂପୋ ଦେହୋଽନିତ୍ୟୋହ୍ୟସନ୍ମୟଃ ।
ତୟୋରୈକ୍ୟଂ ପ୍ରପଶ୍ୟନ୍ତି କିମଜ୍ଞାନମତଃ ପରଂ । ୨୫ ।

ଆତ୍ମନସ୍ତତ୍ ପ୍ରକାଶତ୍ୱଂ ଯତ୍ ପଦାର୍ଥାବଭାସନଂ ।
ନାଗ୍ନ୍ୟାଦିଦୀପ୍ତିବଦ୍ଦୀପ୍ତିର୍ଭବତ୍ୟାନ୍ଧ୍ୟଂ ଯତୋ ନିଶି । ୨୬ ।

ଦେହୋଽହମିତ୍ୟୟଂ ମୂଢ଼ୋ ଧୃତ୍ୱା ତିଷ୍ଠତ୍ୟହୋ ଜନଃ ।
ମମାୟମିତ୍ୟପି ଜ୍ଞାତ୍ୱା ଘଟଦ୍ରଷ୍ଟେବ ସର୍ବଦା । ୨୭ ।

---

୨୪ । ଯେ ସତ୍ତ୍ୱ ଓ ପ୍ରକାଶଦ୍ୱାରା ସର୍ବମୟ, ଯେ ସର୍ବପ୍ରକାର ଉପାଧିଶୂନ୍ୟ, ଯାହାର ଉପାଧି ପାଇଁ କୌଣସି ବିକାର ନାହିଁ, ଯେ ସଚ୍ଚିଦାନନ୍ଦସ୍ୱରୂପ, ମୁଁ ସେହି ପରବ୍ରହ୍ମ । ମୁଁ ସଦ୍ରୂପ, ମୋର ଦେହ ନାହିଁ, ପ୍ରାଣ ନାହିଁ, ଇନ୍ଦ୍ରିୟ ନାହିଁ, ମୁଁ ସେହି ପରମାତ୍ମା । ଏରୂପ ଜ୍ଞାନହିଁ ସର୍ବପ୍ରକାର ଅଜ୍ଞାନ ବିନାଶ କରେ । ଏହିପରି ଜ୍ଞାନକୁହିଁ, ପଣ୍ଡିତଗଣ ପ୍ରକୃତ ବ୍ରହ୍ମଜ୍ଞାନ ବୋଲିଥାନ୍ତି ।

୨୫ । ଅହଂଶବ୍ଦ ପ୍ରତିପାଦ୍ୟ ଆତ୍ମା ନିର୍ବିକାର, ତାହାର ଜନ୍ମମରଣାଦି ଧର୍ମ ନାହିଁ, କେବଳ ଦେହର ଜନ୍ମମରଣାଦି ଧର୍ମ ଅଛି । ଯେହେତୁ ସେହି ଆତ୍ମା ନିର୍ବିକାର, ଅତଏବ ତାହାର ଦେହାଦିର ନ୍ୟାୟ ଜନ୍ମମୃତ୍ୟୁ ହୋଇପାରେ ନାହିଁ ଏବଂ ବାତପିତ୍ତାଦି ଜନ୍ୟ ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ତାପତ୍ରୟ ନାହିଁ; ସୁତରାଂ ସେ ଅତ୍ୟୟ । ମୁଁ ସେହି ଆତ୍ମା, ମୁଁ ଅସତ୍ ସ୍ୱରୂପ ଦେହ ନୁହେଁ, ଏହିପରି ଜ୍ଞାନକୁହିଁ ପଣ୍ଡିତଗଣ ବ୍ରହ୍ମଜ୍ଞାନ ବୋଲିଥାନ୍ତି ।

୨୬ । ଯେ ସର୍ବପ୍ରକାର ରୋଗବିହୀନ, ଯେ ଫଳାଫଳ ପରିଶୂନ୍ୟ ଓ କଳ୍ପନା ରହିତ, ମୁଁ ସେହି ପରମାତ୍ମା ପରଂବ୍ରହ୍ମ । ମୁଁ ଅସତ୍‌ସ୍ୱରୂପ ଦେହ ନୁହେଁ, ଏହିରୂପ ଜ୍ଞାନକୁହିଁ ପଣ୍ଡିତଗଣ ବ୍ରହ୍ମଜ୍ଞାନ ବୋଲିଥାନ୍ତି ।

୨୭ । ଯେ ଗୁଣବିହୀନ ଯାହାର କୌଣସି ପ୍ରକାର କ୍ରିୟା ନାହିଁ, ଯେ ନିତ୍ୟ, କେବେହେଁ ଯାହାର ବିନାଶ ହୁଏ ନାହିଁ, ଯେ ନିତ୍ୟମୁକ୍ତ ଅର୍ଥାତ୍ ତ୍ରିକାଳରେ ବନ୍ଧନଶୂନ୍ୟ ଏବଂ ଯେ ଅଚ୍ୟୁତ ମୁଁ ସେହି ପରମାତ୍ମା । ମୁଁ ଅସତ୍ ସ୍ୱରୂପ ଦେହ ନୁହେଁ ଏହିପରି ଜ୍ଞାନକୁହିଁ ପଣ୍ଡିତଗଣ ବ୍ରହ୍ମଜ୍ଞାନ ବୋଲିଥାନ୍ତି ।

ବ୍ରହ୍ମୈବାହଂ ସମଃ ଶାନ୍ତଃ ସଚ୍ଚିଦାନନ୍ଦଲକ୍ଷଣଃ ।
ନାହଂ ଦେହୋହ୍ୟସଦ୍ରୂପୋ ଜ୍ଞାନମିତ୍ୟୁଚ୍ୟତେ ବୁଧୈଃ ।
ନିର୍ବିକାରୋ ନିରାକାରୋ ନିରବଦ୍ୟୋଽହମବ୍ୟୟଃ ।
ନାହଂ ଦେହୋହ୍ୟସଦ୍ରୂପୋ ଜ୍ଞାନମିତ୍ୟୁଚ୍ୟତେ ବୁଧୈଃ । ୨୮ ।

ନିରାମୟୋ ନିରାଭାସୋ ନିର୍ବିକଳ୍ପୋଽହମାତତଃ ।
ନାହଂ ଦେହୋହ୍ୟସଦ୍ରୂପୋ ଜ୍ଞାନମିତ୍ୟୁଚ୍ୟତେ ବୁଧୈଃ । ୨୯ ।

ନିର୍ଗୁଣୋ ନିଷ୍କ୍ରିୟୋ ନିତ୍ୟୋ ନିତ୍ୟମୁକ୍ତୋଽହମଚ୍ୟୁତଃ ।
ନାହଂ ଦେହୋହ୍ୟ ସଦ୍ରୂପୋ ଜ୍ଞାନମିତ୍ୟୁଚ୍ୟତେ ବୁଧୈଃ । ୩୦ ।

ନିର୍ମଳୋ ନିଶ୍ଚଳୋଽନନ୍ତଃ ଶୁଦ୍ଧୋଽହମଜରୋଽମରଃ ।
ନାହଂ ଦେହୋହ୍ୟସଦ୍ରୂପୋ ଜ୍ଞାନମିତ୍ୟୁଚ୍ୟତେ ବୁଧୈଃ । ୩୧ ।

---

୨୮ । ଯେ ନିର୍ମଳ, ଅର୍ଥାତ୍ ଅବିଦ୍ୟା ଓ ଅବିଦ୍ୟାର କାର୍ଯ୍ୟସ୍ୱରୂପ ମଳ-ରହିତ ଯେ ସର୍ବବ୍ୟାପୀ ଆକାଶର ନ୍ୟାୟ ନିଶ୍ଚଳ ଯେ ଅନନ୍ତ ଯେ ଶୁଦ୍ଧ ଯେ ଜରାବିହୀନ †ଏବଂ ମୃତ୍ୟୁଶୂନ୍ୟ, ମୁଁ ସେହି ଅହଂପଦବାଚ୍ୟ ଆତ୍ମା । ମୁଁ ଅସତ୍ ସ୍ୱରୂପ ଦେହ ନୁହେଁ, ଏହିପରି ଜ୍ଞାନକୁ ପଣ୍ଡିତଗଣ ବ୍ରହ୍ମଜ୍ଞାନ ବୋଲିଥାନ୍ତି ।

୨୯ । ହେ ଶୂନ୍ୟବାଦୀ ମୂର୍ଖ ! ଯେ ତୁମ୍ଭର ଶରୀରରେ ବାସ କରୁଅଛନ୍ତି, ଯେ ଏହି ପରମାତ୍ମା ପରମ ବ୍ରହ୍ମରୂପେ ନିର୍ଣ୍ଣୀତ ହୋଇ ଅଛନ୍ତି, ସେହି ସର୍ବମଙ୍ଗଳପ୍ରଦ ପୁରୁଷୋତ୍ତମଙ୍କୁ ଆକାଶ କୁସୁମ *ନ୍ୟାୟ ଅସତ୍ୟ ବୋଲି ଜ୍ଞାନ କରୁଛ ?

୩୦ । ଅହେ ଦେହାତ୍ମବାଦୀ ମୂର୍ଖ ଚାର୍ବାକ୍ ! ତୁମ୍ଭେ ଶ୍ରୁତି ପ୍ରମାଣ ଓ ଯୁକ୍ତି ପ୍ରତି ଦୃଷ୍ଟିପାତ କର ଆତ୍ମା ଯେ ଦେହାତୀତ, ତାହା ଅବଧାରଣ କର । ଆତ୍ମା ସଦାକାର; ସବୁହିଁ ତାହାର ଆକାର । ଯଦି ଆତ୍ମା ଆକାରବାନ ହେଲା, ତେବେ ତାକୁ ଦେଖିବାକୁ ପାଉନାହିଁ କାହିଁକି ? ଏହି ସନ୍ଦେହରେ କହୁଛ । ତୁମ୍ଭମାନଙ୍କ ଭଳି ମନ୍ଦବୁଦ୍ଧିମାନେ ତାକୁ ଦେଖି ନ ପାର ।

୩୧ । ଆତ୍ମା ଦେହାତୀତ, ସେ ଅହଂଶବ୍ଦ ପ୍ରତିପାଦ୍ୟ ଏବଂ ଅହଂ ଇତ୍ୟାକାର ଜ୍ଞାନ ହେଲେ ଯାହାକୁ ବୋଧ କରେ, ସେହି ଆତ୍ମା ବୋଲି ପ୍ରସିଦ୍ଧ । ଆତ୍ମା ଏକ; କିନ୍ତୁ ସ୍ଥୁଳ ଦେହ ଅନେକ ଏବଂ ଦେହ ସବୁ ପରସ୍ପର ବିଭିନ୍ନ । ଆତ୍ମାର ସଜାତୀୟ ଭେଦ ନାହିଁ, ଅତଏବ ଆତ୍ମା କିପରି ଦେହମୟ ହୋଇପାରେ ?

---

† ଯାହାର ବାର୍ଦ୍ଧକ୍ୟ ଦୁଃଖ ନାହିଁ ।
* ଆକାଶରେ ଫୁଲ ଫୁଟିବା କଥା ଅସମ୍ଭବ ।

ସ୍ୱଦେହେ ଶୋଭନଂ ସନ୍ତଂ ପୁରୁଷାଖ୍ୟଞ୍ଚ ସମ୍ମତଂ ।
କିଂ ମୂର୍ଖ ଶୂନ୍ୟମାତ୍ମାନଂ ଦେହାତୀତଂ କରୋଷି ଭୋଃ । ୩୨ ।
ସ୍ୱାତ୍ମାନଂ ଶୃଣୁ ମୂର୍ଖତ୍ୱଂ ଯୁକ୍ତ୍ୟା ଶ୍ରୁତ୍ୟା ଚ ପୂରୁଷଂ ।
ଦେହାତୀତଂ ସଦାକାରଂ ସୁଦୁର୍ଦ୍ଦର୍ଶମ୍ଭବାଦୃଶୈଃ । ୩୩ ।
ଅହଂଶବ୍ଦେନ ବିଖ୍ୟାତଃ ଏକ ଏବ ସ୍ଥିତଃ ପରଃ ।
ସ୍ଥୂଲସ୍ତ୍ୱନେକତାଂ ପ୍ରାପ୍ତଃ କଥଂ ସ୍ୟାଦ୍ଦେହକଃ ପୁମାନ୍ । ୩୪ ।
ଅହଂଦ୍ରଷ୍ଟୃତୟା ସିଦ୍ଧୋ ଦେହୋ ଦୃଶ୍ୟତୟା ସ୍ଥିତଃ ।
ମମାୟମିତି ନିର୍ଦ୍ଦେଶାତ୍ କଥଂ ସ୍ୟାଦ୍ଦେହକଃ ପୁମାନ୍ । ୩୫ ।

---

୩୨ । ଅହଂ ପ୍ରତ୍ୟୟର ଅଲମ୍ବନୀଭୂତ ଆତ୍ମା ବୋଧ ବିଷୟର ଦ୍ରଷ୍ଟାରୂପେ ପ୍ରସିଦ୍ଧ ଏବଂ ଏହି ଦେହ ଦୃଶ୍ୟ, ଅର୍ଥାତ୍ ଶବ୍ଦାଦି ପ୍ରାୟ ପ୍ରକାଶ୍ୟ । ଯେପରି "ମୋର ଘଟ" ଏରୂପ ପ୍ରୟୋଗ କଲେ ଘଟରେ ଆପଣାର ସମ୍ବନ୍ଧ ପ୍ରତୀୟମାନ ହୁଏ, କେବେ ସୁଦ୍ଧା "ମୁଁ ଘଟ" ଏହିପରି ଅଭେଦ ଜ୍ଞାନ ହୁଏ ନାହିଁ; ସେପରି "ମୋର ଦେହ" ଏହି ପ୍ରତୀତି କାଳେଭି ଦେହରେ ନିଜର ସମ୍ବନ୍ଧମାତ୍ର ପ୍ରକାଶ ପାଏ; କିନ୍ତୁ ଦେହର ସହିତ ଆତ୍ମାର ଐକ୍ୟ ପ୍ରତୀତ ହୁଏ ନାହିଁ । ଅତଏବ ଆତ୍ମା କିପରି ଦେହ ହୋଇପାରେ ?

୩୩ । ଅହଂ ଏହିପରି ଜ୍ଞାନର ବିଷୟୀଭୂତ ଆତ୍ମା ବିକାରହୀନ, କିନ୍ତୁ ଦେହ ବିକାରବାନ୍; ସର୍ବଦା ଏହିପ୍ରକାର ସାକ୍ଷାତ୍ ପ୍ରତ୍ୟକ୍ଷ ସତ୍ତ୍ୱେ କିପରି ଆତ୍ମା ଦେହ ହୋଇ ପାରେ ? କଦାଚ ନୁହେ ।

୩୪ । ପୂର୍ବେ ଯୁକ୍ତିଦ୍ୱାରା ଦେହଠାରୁ ଆତ୍ମାର ବୈଲକ୍ଷଣ୍ୟ ପ୍ରଦର୍ଶନ କରି ବର୍ତ୍ତମାନ ଶ୍ରୁତି ପ୍ରମାଣ ବଳରେ ଆତ୍ମା ଓ ଦେହର ପାର୍ଥକ୍ୟ ପ୍ରତିପାଦନ କରୁଅଛନ୍ତି:—"ଯାହାଠାରୁ ଉତ୍କୃଷ୍ଟତର ଅପର କିଛି ନାହିଁ, ଯାହାଠାରୁ ସୂକ୍ଷ୍ମ ନାହିଁ, ଯାହାଠାରୁ କେହି ପ୍ରଧାନ ନୁହେ, ଯେ ଏକ ଆତ୍ମା ବୃକ୍ଷର ନ୍ୟାୟ ସ୍ତମ୍ଭୀଭୂତ ହୋଇ ସ୍ୱର୍ଲୋକରେ ବିଦ୍ୟମାନ ଅଛନ୍ତି ଏବଂ ଏହି ଅନନ୍ତ ଜଗତକୁ ପରିପୂର୍ଣ୍ଣ କରି ରହିଅଛନ୍ତି" ଇତ୍ୟାଦି ପ୍ରସିଦ୍ଧ "ଶ୍ୱେତାଶ୍ୱତର" ଶ୍ରୁତିଦ୍ୱାରା ଶ୍ରୁତି-ତାତ୍ପର୍ଯ୍ୟ-କୁଶଳ, ବିଗତ ମୋହ, ସୁଚତୁର ବିଦ୍ୱଦ୍‌ଗଣ ପରମାତ୍ମାର ଲକ୍ଷଣ ବିସ୍ତାର ପୂର୍ବକ ନିରୂପଣ କରି ଅଛନ୍ତି । ଅତଏବ ସେହି ଆତ୍ମା ଦେହ ସ୍ୱରୂପ କିପରି ହେବେ ?

୩୫ । ଯେହେତୁ "ପୁରୁଷ ସୂକ୍ତ" ଶ୍ରୁତିରେ ଏହି ଅନନ୍ତ ବ୍ରହ୍ମାଣ୍ଡ ଆତ୍ମାସ୍ୱରୂପ ବୋଲି କଥିତ ଅଛି; ଅତଏବ ସେହି ପରମାତ୍ମାଙ୍କୁ କେବେଭି ଦେହ ବୋଲି ସ୍ୱୀକାର କରାଯାଏ ନାହିଁ । ସୁତରାଂ ଯେ ଦେହାତ୍ମବାଦୀ ଚାର୍ବାକ † ତାହାଙ୍କୁ ଦେହ ସ୍ୱରୂପ ସ୍ୱୀକାର କରନ୍ତି, ସେମାନେ ନିଶ୍ଚୟ ମୂର୍ଖ ।

---

† ନାସ୍ତିକମାନେ ।

ଅହଂ ବିକାରହୀନସ୍ତୁ ଦେହୋ ନିତ୍ୟଂ ବିକାରବାନ୍ ।
ଇତି ପ୍ରତୀୟତେ ସାକ୍ଷାତ୍ କଥଂ ସ୍ୟାଦ୍ଦେହକଃ ପୁମାନ୍ । ୩୬ ।

ଯସ୍ମାତ୍ ପରମିତି ଶ୍ରୁତ୍ୟା ତୟା ପୁରୁଷ ଲକ୍ଷଣଂ ।
ବିନିର୍ଣ୍ଣୀତଂ ବିମୂଢେନ କଥଂ ସ୍ୟାଦ୍ଦେହକଃ ପୁମାନ୍ । ୩୭ ।

ସର୍ବଂ ପୁରୁଷ ଏବେତି ସୂକ୍ତେ ପୁରୁଷ ସଂଜ୍ଞିତେ ।
ଅପ୍ୟୁଚ୍ୟତେ ଯତଃ ଶ୍ରୁତ୍ୟା କଥଂ ସ୍ୟାଦ୍ଦେହକଃ ପୁମାନ୍ । ୩୮ ।

ଅସଙ୍ଗଃ ପୁରୁଷଃ ପ୍ରୋକ୍ତୋ ବୃହଦାରଣ୍ୟକେଽପି ଚ ।
ଅନନ୍ତମଲ ସଂଶ୍ଳିଷ୍ଟଃ କଥଂ ସ୍ୟାଦ୍ଦେହକଃ ପୁମାନ । ୩୯ ।

---

୩୬ । "ବୃହଦାରଣ୍ୟକ" ଉପନିଷଦରେ ଉକ୍ତ ହୋଇଅଛି ଯେ, ଆତ୍ମା ଅସଙ୍ଗ- କୌଣସି ବିଷୟରେ ଆତ୍ମାର ଆସକ୍ତି ନାହିଁ ଏବଂ ଦେହ ଅତ୍ୟନ୍ତ ମଳଯୁକ୍ତପୂର୍ଣ୍ଣ, ଅତଏବ କିପରି ପୁରୁଷ (ଆତ୍ମା) ଦେହ ହୋଇପାରେ ?

୩୭ । ଉକ୍ତ ବୃହଦାରଣ୍ୟକ ଶ୍ରୁତିରେ ପୁରୁଷ ଜ୍ୟୋତିର୍ମୟ ବୋଲି କଥିତ ଅଛି । ସେ ସମସ୍ତ ପଦାର୍ଥର ପ୍ରକାଶ କରନ୍ତି ଏବଂ ଦେହ ଘଟପଟାଦିର ନ୍ୟାୟ ଆତ୍ମାର ପ୍ରକାଶ୍ୟ; ସୁତରାଂ ଦେହ ଜଡ଼ ପଦାର୍ଥ । ଅତଏବ ଆତ୍ମାକୁ ଦେହ କୁହାଯାଏ ନାହିଁ ।

୩୮ । "ଜ୍ଞାନକାଣ୍ଡ"ରେ ଯେପରି ଦେହଠାରୁ ଆତ୍ମାର ବୈଲକ୍ଷଣ୍ୟ ଉକ୍ତ ଅଛି, ତାହାର କତିପୟ କାରଣ ଉକ୍ତ ହେଲା । ବର୍ତ୍ତମାନ "କର୍ମକାଣ୍ଡ"ରେ ମଧ୍ୟ ଯେରୂପେ ଦେହଠାରୁ ଆତ୍ମାର ବୈଲକ୍ଷଣ୍ୟ ଉକ୍ତ ଅଛି । ତାହା ଦେଖାଉ ଅଛନ୍ତି । ଯାବଜ୍ଜୀବନ ଅଗ୍ନିହୋତ୍ର, ଯାଗ କରିବ, ଇତ୍ୟାଦି କର୍ମକାଣ୍ଡୀୟ ବେଦ ଭାଗରେ ଆତ୍ମା ଦେହଠାରୁ ସ୍ୱତନ୍ତ୍ର ବୋଲି କଥିତ ଅଛି ଏବଂ ସେହି ଆତ୍ମା ନିତ୍ୟ, କେବେହେଁ ତାହାର ବିନାଶ ନାହିଁ । ଦେହସତ୍ତ୍ୱେ ଯେ ସମସ୍ତ କର୍ମ କରିବ, ଦେହପାତ ପରେ ଆତ୍ମା ସେହି ସମସ୍ତ କର୍ମର ଫଳ ଭୋଗ କରିଥାଏ; ଅତଏବ ଆତ୍ମା ଯେ ଦେହଠାରୁ ଅତିରିକ୍ତ ପଦାର୍ଥ, ତାହା ସବିଶେଷ ପ୍ରତିପନ୍ନ ହେଲା ।

୩୯ । ଲିଙ୍ଗଶରୀର ମଧ୍ୟ କୌଣସିରୂପେ ଆତ୍ମା ହୋଇପାରେ ନାହିଁ । କାରଣ-ଶରୀର ମଧ୍ୟ ଆତ୍ମା ବୋଲାଯାଏ ନାହିଁ । କାରଣ ଉକ୍ତ ଶରୀରଦ୍ୱୟ ଦେବମନୁଷ୍ୟାଦି ନାନାପ୍ରକାର ସ୍ଥୂଳ ଶରୀରର ସମ୍ବନ୍ଧବିଶିଷ୍ଟ ଏବଂ ଏହି ଶରୀରଦ୍ୱୟ ଶ୍ରୋତ୍ରାଦି ବୁଦ୍ଧି ପର୍ଯ୍ୟନ୍ତ ସପ୍ତଦଶ କଳା ସଂଯୁକ୍ତ, ବିଶେଷତଃ ଲିଙ୍ଗଶରୀର ଓ କାରଣ ଶରୀର ଉଭୟ ଚଞ୍ଚଳ ଏହି ଶରୀର ଦ୍ୱୟ "ମେ ରଶ୍ରୋତ" ଏବଂ "ମୋର ଦେହ" ଇତ୍ୟାଦି ମମତାର ଆଧାର ଏବଂ ବିକାରୀ, ଆଉ ଉକ୍ତ ଶରୀର ଅବ୍ୟାପକ, ସୁତରାଂ ଏପରି ଦେହ କଦାଚ ଆତ୍ମା ହୋଇ ପାରେ ନାହିଁ ।

ତଦେବଂ ଚ ସମାଖ୍ୟାତଃ ସ୍ୱୟଂ ଜ୍ୟୋତିର୍ହି ପୂରୁଷଃ ।
ଜଡ଼ଃ ପରପ୍ରକାଶ୍ୟୋଽସୌ କଥଂ ସ୍ୟାଦ୍ଦେହକଃ ପୁମାନ୍ । ୪୦ ।
ପ୍ରୋକ୍ତୋଽପି କର୍ମ୍ମକାଣ୍ଡେନ ହ୍ୟାତ୍ମା ଦେହାଦ୍ ବିଲକ୍ଷଣଃ ।
ନିତ୍ୟଶ୍ଚ ତତ୍ଫଳଂ ଭୁଙ୍କ୍ତେ ଦେହପାତାଦନନ୍ତରଂ । ୪୧ ।
ଲିଙ୍ଗଂ ଚାନେକସଂଯୁକ୍ତଂ ଚଳଂ ଦୃଶ୍ୟଂ ବିକାରି ଚ ।
ଅବ୍ୟାପକମସଦ୍ରୂପଂ ତତ୍ କଥଂ ସ୍ୟାତ୍ ପୁମାନୟଂ । ୪୨ ।
ଏବଂ ଦେହଦ୍ୱୟାଦନ୍ୟ ଆତ୍ମା ପୁରୁଷ ଈଶ୍ୱରଃ ।
ସର୍ବାତ୍ମା ସର୍ବରୂପଶ୍ଚ ସର୍ବାତୀତୋଽହମବ୍ୟୟଃ । ୪୩ ।

---

୪୦ । ଯେ ପୂର୍ବୋକ୍ତ ସ୍ଥୂଳାତ୍ମକ ଓ ସୂକ୍ଷ୍ମାତ୍ମକ ଦେହଠାରୁ ଅତିରିକ୍ତ, ସେ ଶରୀରର ଅଧିଷ୍ଠାତା ଆତ୍ମା । ଏହି ଈଶ୍ୱର । ସେ ସର୍ବାତ୍ମା ଓ ସର୍ବରୂପ । ସୁତରାଂ ଦ୍ୱୈତାଶଙ୍କା ହୋଇପାରେ ନାହିଁ । ସେ ସମସ୍ତଙ୍କର ଅତୀତ, ତାଙ୍କର କୌଣସି ବିକାର ନାହିଁ, ସର୍ବଦା ଅହଂଶବ୍ଦରୂପେ ତାଙ୍କର ଉପଲବ୍ଧି ହୋଇଥାଏ; ସେ ଅବ୍ୟୟ, ଅର୍ଥାତ୍ ଷଡ୍ଭାବ ବିକାରଶୂନ୍ୟ ଓ ଅହଙ୍କାରର ସାକ୍ଷୀ ।

୪୧ । ପୂର୍ବେ ଯେଉଁରୂପେ ଆତ୍ମା ଓ ଦେହର ବିଭାଗ ବର୍ଣ୍ଣିତ ହୋଇଅଛି, ସେଥିରେ ପ୍ରପଞ୍ଚର ସତ୍ୟାହିଁ ପ୍ରତିପନ୍ନ ହେଲା, ଏହାଦ୍ୱାରା କି ପୁରୁଷାର୍ଥ ସାଧିତ ହେବ ? ଏହିପରି କୁତାର୍କିକମାନଙ୍କର ଭ୍ରମ କେବେ ହେଁ ନିବୃତ୍ତ ହୋଇ ପାରେନା । ଶ୍ରୁତି ପ୍ରମାଣରେ ଜଣାଯାଏ ଯେ, ଯାବତ୍ ଅଦ୍ୱୈତଜ୍ଞାନ ଥାଏ, ତାବତ୍ ଲୋକର ଭୟ ଅଛି ।

୪୨ । ପୂର୍ବୋକ୍ତ ପ୍ରକାରରେ ଦେହ ଓ ଆତ୍ମାର ଭେଦ ପ୍ରଦର୍ଶନ ଦ୍ୱାରା ଦେହର ଆତ୍ମତ୍ୱ ନିରାକୃତ ହୋଇଅଛି । ଏହାଦ୍ୱାରା ଦେହାତ୍ମବାଦୀ ଗୁର୍ବାକର ମତ ମଧ୍ୟ ନିରସ୍ତ ହେଲା । ଏବେ ଦେହ ଭେଦର ଅସତ୍ତା ସୂକ୍ଷ୍ମରୂପେ କଥିତ ହେଉଅଛି, ଅର୍ଥାତ୍ ଆତ୍ମାର ସତ୍ତାରେହିଁ ଦେହର ସତ୍ତା ପ୍ରତୀୟମାନ ହୁଏ, ଆତ୍ମସତ୍ତାତିରିକ୍ତ ଦେହର ସତ୍ତା ନାହିଁ; ଏହାହିଁ ପ୍ରସିଦ୍ଧ ଅଛି ।

୪୩ । ଚୈତନ୍ୟର ଏକରୂପତ୍ୱ ହେତୁ ତାହାର ଭେଦ ଯୁକ୍ତିଯୁକ୍ତ ନୁହେ । ତେବେ ଜୀବଭେଦ କି ସତ୍ୟ ! ତାହାଭି ନୁହେ; ଜୀବତ୍ୱ କୁ ମିଥ୍ୟାଜ୍ଞାନ କରିବ । ଯେହେତୁ ଜୀବତ୍ୱର ଉପାଧି ସ୍ୱରୂପ ଅନ୍ତଃକରଣାଦି ମାୟାମୟ । ଯେପରି ମନ୍ଦମନ୍ଦ ଅନ୍ଧକାରରେ ରଜ୍ଜୁରେ ସର୍ପଜ୍ଞାନ ହୁଏ, ସେପରି ଆତ୍ମାରେ ଜୀବଭ୍ରାନ୍ତି ହୋଇଥାଏ, ପରନ୍ତୁ ଯେପରି ଯେଉଁମାନେ ରଜ୍ଜୁବିଚାରରେ ଅଶକ୍ତ, ସେମାନଙ୍କରହିଁ ସର୍ପଭ୍ରାନ୍ତି ହୁଏ, ବିବେକୀ ବ୍ୟକ୍ତିର ସେହିଭ୍ରାନ୍ତି ହୁଏ ନାହିଁ, ସେପରି ଯେଉଁମାନେ ଆତ୍ମାନାତ୍ମ ବିବେକରେ ଅକ୍ଷମ, ସେମାନଙ୍କର ଜୀବତ୍ୱ ଭ୍ରାନ୍ତି ହୋଇଥାଏ, ବିବେକୀ ବ୍ୟକ୍ତିର ଏହି ଭ୍ରମ କଦାଚ ହୋଇ ପାରେନା ।

ଇତ୍ୟାତ୍ମଦେହଭାବେନ ପ୍ରପଞ୍ଚସ୍ୟୈବ ସତ୍ୟତା ।
ଯଥୋକ୍ତା ତର୍କଶାସ୍ତ୍ରେଣ ତତଃ କିଂ ପୁରୁଷାର୍ଥତା । ୪୪ ।

ଇତ୍ୟାତ୍ମଦେହଭେଦେନ ଦେହାତ୍ମତ୍ୱଂ ନିବାରିତଂ ।
ଇଦାନୀଂ ଦେହଭେଦସ୍ୟ ହ୍ୟସତ୍ତ୍ୱଂ ସ୍ଫୁଟମୁଚ୍ୟତେ । ୪୫ ।

ଚୈତନ୍ୟସ୍ୟୈକରୂପତ୍ୱାଦ୍ଭେଦୋ ଯୁକ୍ତୋ ନ କର୍ହିଚିତ୍ ।
ଜୀବତ୍ୱଞ୍ଚ ମୃଷା ଜ୍ଞେୟଂ ରଜ୍ଜୌ ସର୍ପଗ୍ରହୋ ଯଥା । ୪୬ ।

ରଜ୍ଜ୍ୱଜ୍ଞାନାତ୍ କ୍ଷଣେନୈବ ଯଦ୍ୱଦ୍ରଜ୍ଜୁର୍ହି ସର୍ପିଣୀ ।
ଭାତି ତଦ୍ୱଚ୍ଚିତିଃ ସାକ୍ଷାଦ୍ବିଶ୍ୱାକାରେଣ କେବଲା । ୪୭ ।

---

୪୪ । ଯେପରି ରଜ୍ଜୁସ୍ୱରୂପର ଅଜ୍ଞାନ ହେଲେ ସେହି ରଜ୍ଜୁ ସର୍ପରୂପେ ପ୍ରତୀୟମାନ ହୁଏ, ସେପରି ଆତ୍ମାସ୍ୱରୂପରେ ଅଜ୍ଞାନ ବଶତଃ ଆତ୍ମାର ନାନାରୂପ କଳ୍ପନା ହୋଇଥାଏ । ଯେଉଁ କାଳେ ରଜ୍ଜୁରେ ସର୍ପଜ୍ଞାନ ହୁଏ, ସେତେବେଳେ ଯେପରି ରଜ୍ଜୁର ଆକାର ପରିତ୍ୟାଗ ହୁଏ ନାହିଁ, ସେପରି ଆତ୍ମାରେ ଯେ ପ୍ରପଞ୍ଚର ଜ୍ଞାନ ହୁଏ, ସେଥିରେ ଆତ୍ମାସ୍ୱରୂପର ଅନ୍ୟଥା ହୁଏ ନାହିଁ ।

୪୫ । ଯେହେତୁ ବ୍ରହ୍ମହିଁ ଆକାଶାଦି ଦେହାନ୍ତ ଜଗତ୍ ପ୍ରପଞ୍ଚର ଉପାଦାନ; କାରଣ ବ୍ରହ୍ମଭିନ୍ନ ଏହିପରି ଦୃଶ୍ୟମାନ ଜଗତର କାରଣ ଆଉ କିଛି ନାହିଁ । ଅତଏବ ଏହି ସମସ୍ତ ଜଗତ୍ ବ୍ରହ୍ମସ୍ୱରୂପ, ବ୍ରହ୍ମଭିନ୍ନ ଆଉ କିଛି ନୁହେ ।

୪୬ । "ଏହି ସମସ୍ତ ପ୍ରପଞ୍ଚ ଆତ୍ମସ୍ୱରୂପ" ଏହି ଶ୍ରୁତି ଅନୁଶାସନରେ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ, ଆତ୍ମାର ବ୍ୟାପ୍ୟବ୍ୟାପକଭାବ ମିଥ୍ୟା । ଏହିରୂପେ ପରମାତ୍ମତତ୍ତ୍ୱ ପରିଜ୍ଞାତ ହେଲେ ଆଉ ଭେଦଜ୍ଞାନର ଅବସର ଥାଏ ନାହିଁ । ଯେପରି ଆକାଶ ଓ ଘଟାକାଶ ଏ ଉଭୟର ଭେଦଜ୍ଞାନ ମିଥ୍ୟା, ସେପରି ବ୍ୟାପ୍ୟବ୍ୟାପକରୂପେ ଆତ୍ମା ଓ ପ୍ରପଞ୍ଚର ଭେଦଜ୍ଞାନ ମିଥ୍ୟା ।

୪୭ । ଯଦି କହ, ବ୍ୟାପ୍ୟ ବ୍ୟାପକଭାବ ପ୍ରତ୍ୟକ୍ଷ ହେଉଅଛି, ଅତଏବ ତାହା ମିଥ୍ୟା ବୋଲି ମନେ କରି ଯାଇ ପାରେନା, ତେଣୁ କହୁଅଛନ୍ତି — "ଏହି ଜଗତ୍ ନାନା ପ୍ରକାର ନୁହେ, ସମସ୍ତହିଁ ବ୍ରହ୍ମସ୍ୱରୂପ," ଇତ୍ୟାଦି ଶ୍ରୁତି ପ୍ରମାଣ ଦ୍ୱାରା ଜଗତର ନାନାତ୍ୱ ନିବାରିତ ହୋଇଅଛି । ଏହିରୂପେ ନାନାତ୍ୱ ନିବାରଣ ଦ୍ୱାରା ବ୍ରହ୍ମର ଅଦ୍ୱିତୀୟ-କାରଣତା ସ୍ଥିରୀକୃତ ହେଲେ, ଆଉ ଭେଦ ଜ୍ଞାନ ହୋଇ ପାରେ ନାହିଁ । ସମସ୍ତହିଁ ବ୍ରହ୍ମମୟ ଜାଣିବ ।

ଉପାଦାନଂ ପ୍ରପଞ୍ଚସ୍ୟ ବ୍ରହ୍ମଣୋଽନ୍ୟନ୍ନ ବିଦ୍ୟତେ ।
ତସ୍ମାତ୍ ସର୍ବ ପ୍ରପଞ୍ଚୋଽୟଂ ବ୍ରହ୍ମୈବାସ୍ତି ନ ଚେତରତ୍ । ୪୮ ।
ବ୍ୟାପ୍ୟବ୍ୟାପକତା ମିଥ୍ୟା ସର୍ବମାତ୍ମେତି ଶାସନାତ୍ ।
ଇତି ଜ୍ଞାତେ ପରେ ତତ୍ତ୍ୱେ ଭେଦସ୍ୟାବସରଃ କୁତଃ । ୪୯ ।

ଶ୍ରୁତ୍ୟା ନିବାରିତଂ ନୂନଂ ନାନାତ୍ୱଂ ସ୍ୱମୁଖେନ ହି ।
କଥଂ ଭାସୋଽବେଦନ୍ୟଃ ସ୍ଥିତେ ଗ୍ୟଦ୍ୱୟକାରଣେ । ୫୦ ।

ଦୋଷୋଽପି ବିହିତଃ ଶ୍ରୁତ୍ୟା ମୃତ୍ୟୋର୍ମୃତ୍ୟୁଂ ସ ଗଚ୍ଛତି ।
ଇହ ପଶ୍ୟତି ନାନାତ୍ୱଂ ମାୟୟା ବଞ୍ଚିତୋ ନରଃ । ୫୧ ।

---

୪୮ । ପୂର୍ବୋକ୍ତ ପ୍ରକାରରେ ଭେଦଜ୍ଞାନର ଦୋଷ ଶ୍ରବଣ ହେତୁ କାର୍ଯ୍ୟ ଓ କାରଣର ଅଭେଦ ଜ୍ଞାନ ହୋଇଥାଏ । ଅର୍ଥାତ୍ ବ୍ରହ୍ମହିଁ ଜଗତ୍ ସ୍ୱରୂପ ଏହି ଜ୍ଞାନ ହୁଏ । ଏହିରୂପ ଶ୍ରୁତି ପ୍ରମାଣ ଦ୍ୱାରା ନାନାତ୍ୱ ନିବାରିତ ହେଲେ ମଧ୍ୟ ଯେଉଁମାନେ ନାନାରୂପେ ଦର୍ଶନ କରନ୍ତି, ସେମାନେ ନିଶ୍ଚୟ ପୁନଃପୁନ ଏହି ସଂସାରରେ ଜନ୍ମମୃତ୍ୟୁଲାଭ କରିଥାନ୍ତି । ଯେ ଏହି ଜଗତର ନାନାତ୍ୱ ସ୍ୱୀକାର କରେ, ତାକୁ ମାୟା ବଞ୍ଚିତ କରିଅଛି, ସେ ମାୟାର ବଶରେ ରହି ପ୍ରକୃତ ତତ୍ତ୍ୱଜ୍ଞାନର ଅଧିକାରୀ ହୋଇ ପାରେନା ।

୪୯ । ଯେଉଁମାନେ ମାୟାଦ୍ୱାରା ବଞ୍ଚିତ ହୋଇ ପ୍ରକୃତରୂପେ ବ୍ରହ୍ମତତ୍ତ୍ୱ ଜାଣି ପାରନ୍ତି ନାହିଁ ସେମାନେ "ପରମାତ୍ମାଠାରୁ ସର୍ବଭୂତ ଜନ୍ମୁଛନ୍ତି, ବ୍ରହ୍ମର ଅଧିଷ୍ଠାନରେ ବିଦ୍ୟମାନ ଅଛନ୍ତି ଏବଂ ଅନ୍ତ କାଳରେ ପରମାତ୍ମାରେ ସର୍ବଭୂତ ଲୟ ପାଇଥାନ୍ତି, ଅତଏବ ସମସ୍ତ ବ୍ରହ୍ମସ୍ୱରୂପ" ଏହି ପ୍ରକାର ଅଭିନ୍ନ ରୂପେ ବ୍ରହ୍ମ ସ୍ୱରୂପ ନିଶ୍ଚୟ କରିବେ ।

୫୦ । ଶ୍ରୁତିରେ କଥିତ ଅଛି ଯେ "ନାନା ପ୍ରକାର ନାମ, ବିବିଧରୂପ ଓ ସମସ୍ତ କର୍ମ" ଏହି ସମସ୍ତ ଏକମାତ୍ର ବ୍ରହ୍ମହିଁ ଧାରଣ କରୁ ଅଛନ୍ତି । ଆକାଶାଦି ଦେହାନ୍ତ ଯେ ସବୁ ସଂଜ୍ଞା ଅଛି, ସେସବୁ ବ୍ରହ୍ମର ସଂଜ୍ଞା, ବ୍ରହ୍ମଭିନ୍ନ ଅନ୍ୟ କାହାର ନାମ, ରୂପ ଓ କ୍ରିୟା ନାହିଁ । ଅତଏବ ସମସ୍ତହିଁ ବ୍ରହ୍ମମୟ, ଏହି କଥା ଅପ୍ରସିଦ୍ଧ ହେବ ନାହିଁ ।

୫୧ । ଯେପରି ସୁବର୍ଣ୍ଣରୁ ଜାତ କୁଣ୍ଡଳାଦି ସୁବର୍ଣ୍ଣ ଭିନ୍ନ କିଛି ନୁହେ, ସେପରି ବ୍ରହ୍ମଠାରୁ ଉତ୍ପନ୍ନ ବସ୍ତୁ ସବୁ ବ୍ରହ୍ମଭିନ୍ନ ଅନ୍ୟ ନୁହେ । ଅତଏବ ସମସ୍ତ ବସ୍ତୁ ବ୍ରହ୍ମଠାରୁ ଉତ୍ପନ୍ନ ହୋଇଅଛି ବୋଲି ଏହି ଅନନ୍ତ ଜଗତ ସୁଦ୍ଧା ଯେ, ବ୍ରହ୍ମସ୍ୱରୂପ, ସେଥିରେ ସଂଶୟ ନାହିଁ ।

ବ୍ରହ୍ମଣଃ ସର୍ବଭୂତାନି ଜାୟନ୍ତେ ପରମାତ୍ମନଃ
ତସ୍ମାଦେତାନି ବ୍ରହ୍ମୈବ ଭବନ୍ତୀତ୍ୟବଧାରୟେତ୍ । ୫୨ ।

ବ୍ରହ୍ମୈବ ସର୍ବନାମାନି ରୂପାଣି ବିବିଧାନି ଚ ।
କର୍ମାଣ୍ୟପି ସମଗ୍ରାଣି ବିଭର୍ତ୍ତୀତି ଶ୍ରୁତିର୍ଜଗୌ । ୫୩ ।

ସୁବର୍ଣ୍ଣାଜ୍ଜାୟମାନସ୍ୟ ସୁବର୍ଣ୍ଣତ୍ୱଞ୍ଚ ଶାଶ୍ୱତଂ ।
ବ୍ରହ୍ମଣୋଜାୟମାନସ୍ୟ ବ୍ରହ୍ମତ୍ୱଞ୍ଚ ତଥା ଭବେତ୍ । ୫୪ ।

ସ୍ୱଳ୍ପମପ୍ୟନ୍ତରଂ କୃତ୍ୱା ଜୀବାତ୍ମପରମାତ୍ମନୋଃ ।
ଯସ୍ତିଷ୍ଠତି ସ ମୂଢ଼ାତ୍ମା ଭୟନ୍ତସ୍ୟାଭିଭାଷିତଂ । ୫୫ ।

---

୫୨ । ପୂର୍ବୋକ୍ତ ସୂକ୍ତ ଓ ପ୍ରମାଣ ଦ୍ୱାରା ପ୍ରତିପନ୍ନ ହେଉଅଛି ଯେ, ପରଂବ୍ରହ୍ମ ଜଗତର କର୍ତ୍ତା, କର୍ମ, କରଣ, ଅଧିକରଣ, ସମ୍ପ୍ରଦାନ ଓ ଅପାଦାନ; ତଥାପି ଯେଉଁମାନେ ଭେଦଜ୍ଞାନ କରନ୍ତି, ସେମାନେ ସର୍ବଦା ଭୀତ ହୋଇଥାନ୍ତି ।

୫୩ । ଯେଉଁ ସମୟରେ ଅଜ୍ଞାନଦ୍ୱାରା ଦ୍ୱୈତ ବୁଦ୍ଧି ଥାଏ, ସେହି ସମୟରେହିଁ ନାନାପ୍ରକାର ଭେଦଜ୍ଞାନ ହୁଏ ଯେତେବେଳେ ଜ୍ଞାନ ଉପସ୍ଥିତ ହୋଇ ସମସ୍ତ ବ୍ରହ୍ମମୟ ବୋଲି ଜ୍ଞାନ ହେଉଥାଏ, ସେତେବେଳେ ଆଉ କୌଣସି ପ୍ରକାର ଭେଦଜ୍ଞାନ ଥାଏ ନାହିଁ; ସବୁପ୍ରକାର ଭେଦବୁଦ୍ଧି ଦୂରୀଭୂତ ହୋଇଯାଏ । ଦ୍ୱୈତ ଜ୍ଞାନ ସତ୍ତ୍ୱେ ଏକବସ୍ତୁ ଅନ୍ୟ ବସ୍ତୁକୁ ଦର୍ଶନ କରେ; ଏକ ପଦାର୍ଥ ଅନ୍ୟ ପଦାର୍ଥର ଗନ୍ଧଗ୍ରହଣ କରେ, ଇତ୍ୟାଦି ନାନା ପ୍ରକାର ଭେଦବୁଦ୍ଧି ଥାଏ; କିନ୍ତୁ ତତ୍ତ୍ୱଜ୍ଞାନ ଉଦିତ ହୋଇ ଭେଦବୁଦ୍ଧି ନିବାରିତ ହେଲେ କେ ପଦାର୍ଥ ଅନ୍ୟକୁ ଦର୍ଶନ କରେ; ଇତ୍ୟାଦି କୌଣସି ପ୍ରକାର ଭେଦଜ୍ଞାନ ଥାଏ ନାହିଁ ।

୫୪ । ଯେ ଅବସ୍ଥାରେ ସର୍ବଭୂତକୁ ଆତ୍ମସ୍ୱରୂପରେ ଜାଣେ ଅର୍ଥାତ୍ ଅପରୋକ୍ଷଭାବରେ ସର୍ବଭୂତାତ୍ମକ ବ୍ରହ୍ମର ସାକ୍ଷାତ୍କାର ଲାଭ କରିପାରେ, ସେହି ଅବସ୍ଥାରେ ଶୋକମୋହାଦି ଅଜ୍ଞାନର କୌଣସି କାର୍ଯ୍ୟଥାଏ ନାହିଁ । ଯେହେତୁ ଦ୍ୱୈତ ଜ୍ଞାନହିଁ ଶୋକର କାରଣ । ସେହି ଦ୍ୱୈତ ଜ୍ଞାନର ନିବୃତ୍ତି ହେଲେ ଆଉ ଶୋକ ରହିପାରେ ନାହିଁ ।

୫୫ । ବୃହଦାରଣ୍ୟକ ଶ୍ରୁତିରେ ନିର୍ଦ୍ଦିଷ୍ଟ ଅଛି ଯେ, ଏହି ପରମାତ୍ମସ୍ୱରୂପ ପରଂବ୍ରହ୍ମହିଁ ସର୍ବାତ୍ମକରୂପେ ଅବସ୍ଥିତ ଅଛନ୍ତି । ବର୍ତ୍ତମାନ ଏହାହିଁ ଜଣାଯାଉଅଛି ଯେ ସମସ୍ତହିଁ ଆତ୍ମସ୍ୱରୂପ; ତେବେ ଆଉ କାହାପାଇଁ ଶୋକ ହୋଇପାରେ ?

ମହାଜ୍ଞାନାଦ୍ଭବେଦ୍ଦ୍ୱୈତମିତରସ୍ତନ୍ନ ଦୃଶ୍ୟତେ ।
ଅସ୍ୱତ୍ୱେନ ସଦା ସର୍ବଂ ନେତରସ୍ତନ୍ନ ଗୃହ୍ଣପି । ୫୩ ।

ଯସ୍ମିନ୍ ସର୍ବାଣି ଭୂତାନି ହ୍ୟାତ୍ମତ୍ୱେନ ବିଜାନତଃ ।
ନ ବୈ ତସ୍ୟ ଭବେନ୍ମୋହୋ ନ ଚ ଶୋକୋଽଦ୍ୱିତୀୟତଃ ।୫୪।

ଅୟମାତ୍ମା ହି ବ୍ରହ୍ମୈବ ସର୍ବାତ୍ମକତୟା ସ୍ଥିତଃ ।
ଇତି ନିର୍ଦ୍ଧାରିତଂ ଶ୍ରୁତ୍ୟା ବୃହଦାରଣ୍ୟସଂସ୍ଥୟା । ୫୫ ।

ଅନୁଭୂତୋଽପ୍ୟୟଂ ଲୋକୋ ବ୍ୟବହାରକ୍ଷମୋଽପି ସନ୍ ।
ଅସଦ୍ରୂପୋ ଯଥା ସ୍ୱପ୍ନ ଉତ୍ତରକ୍ଷଣବାଧତଃ । ୫୬ ।

---

୫୬ । ଏହି ଲୋକ, ବ୍ୟବହାରଯୋଗ୍ୟ ହେଲେ ହେଁ ଏହାକୁ ଅସତ୍ ବୋଲି ଜ୍ଞାନ କରିବ । ଯେପରି ଯାବତ୍ ସ୍ୱପ୍ନାବସ୍ଥା ଥାଏ, ତାବତ୍ ସ୍ୱପ୍ନ ଦୃଷ୍ଟ ପଦାର୍ଥ ସବୁ ସତ୍ ବୋଲି ବୋଧହୁଏ । ଏବଂ ସ୍ୱପ୍ନାବସ୍ଥାର ପରକ୍ଷଣ ହିଁ ସେ ସବୁର ଅସତ୍ୟତ୍ୱ ଜ୍ଞାନ ହୁଏ । ସେପରି ଏ ଲୋକ ଏହିକ୍ଷଣି ବ୍ୟବହାର ଯୋଗ୍ୟ ଅଟେ, କିନ୍ତୁ ଉତ୍ତର କାଳରେ ଏହାର ଏ ସ୍ଥିତି ରହିବ ନାହିଁ ।

୫୭ । ଜାଗ୍ରଦବସ୍ଥାରେ ସ୍ୱପ୍ନ ଅଳୀକ ଏବଂ ସ୍ୱପ୍ନ କାଳରେ ଜାଗରଣ ମିଥ୍ୟା; କିନ୍ତୁ ସୁଷୁପ୍ତି କାଳର ସ୍ୱପ୍ନ ଜାଗରଣ କିଛିହିଁ ଥାଏ ନାହିଁ ଏବଂ ସ୍ୱପ୍ନ ଓ ଜାଗରଣ କାଳରେ ସୁଷୁପ୍ତି ଅଳୀକ ବୋଲି ପ୍ରତୀତ ହୁଏ ।

୫୮ । ପୂର୍ବଶ୍ଳୋକର ମର୍ମାର୍ଥରୁ ଜଣାଯାଏ ଯେ, ଜାଗ୍ରତ୍ ସ୍ୱପ୍ନ ଓ ସୁଷୁପ୍ତି ଏହି ତିନିହିଁ ମିଥ୍ୟା । ଯେହେତୁ ଉକ୍ତ ଅବସ୍ଥାତ୍ରୟ ଗୁଣତ୍ରୟ-କଳ୍ପିତ ଓ ମାୟା କଳ୍ପିତ । ସୁତରାଂ ଜାଗ୍ରଦାଦି ବିବିଧ ଅବସ୍ଥାହିଁ ଅସତ୍ୟ, କେବଳ ସେହି ଅବସ୍ଥାତ୍ରୟର ସାକ୍ଷୀ, ଗୁଣାତୀତ ଚିତ୍ ସ୍ୱରୂପ ଆତ୍ମାହିଁ ସତ୍ୟ ।

୫୯ । ଯେପରି ମୃତ୍ତିକାରେ ଘଟ ଭ୍ରାନ୍ତି ହୁଏ, ସେହିପରି ବ୍ରହ୍ମରେ ଜୀବଭ୍ରାନ୍ତି ହୋଇଥାଏ । ଯେପରି ଯାବତ୍ ମୃତ୍ତିକା ଓ ଶୁକ୍ତିର ସାକ୍ଷାତ୍କାର ନ ହୁଏ, ତାବତ୍ ଘଟ ଓ ରଜତାଦିର ଭ୍ରମ ଥାଏ । ପରେ ଯେତେବେଳେ ମୃତ୍ତିକା ଓ ଶୁକ୍ତି ବୋଲି ବିଶେଷ ରୂପେ ଜ୍ଞାନ ହୁଏ, ଆଉ ଘଟାଦି ଭ୍ରମ ରହେ ନାହିଁ; ସେପରି ଯାବତ୍ ଆତ୍ମସାକ୍ଷାତ୍କାର ନ ହୁଏ, ତାବତ୍ ଜୀବତ୍ୱ ଜ୍ଞାନ ଥାଏ, ପରେ ଯେତେବେଳେ ଆତ୍ମତତ୍ତ୍ୱ ପରିଜ୍ଞାନ ହୁଏ, ସେତେବେଳେ ଜୀବତ୍ୱ ଜ୍ଞାନ ରହେ ନାହିଁ ।

ସ୍ୱପ୍ନୋ ଜାଗରଣେଽଲୀକଃ ସ୍ୱପ୍ନେଽପି ଜାଗରୋ ନ ହି ।
ଦ୍ୱୟମେବ ଲୟେ ନାସ୍ତି ଲୟୋଽପି ହ୍ୟୁଭୟୋର୍ନ ଚ । ୬୦ ।

ତ୍ରୟମେବ ଭବେନ୍ମିଥ୍ୟା ଗୁଣତ୍ରୟବିନିର୍ମିତମ୍ ।
ଅସ୍ୟ ଦ୍ରଷ୍ଟା ଗୁଣାତୀତୋ ନିତ୍ୟୋହ୍ୟେକଶ୍ଚିଦାତ୍ମକଃ । ୬୧ ।

ଯଦ୍ୱନ୍ମୃଦି ଘଟଭ୍ରାନ୍ତିଂ ଶୁକ୍ତୌ ବା ରଜତସ୍ଥିତିମ୍ ।
ତଦ୍ୱଦ୍ ବ୍ରହ୍ମଣି ଜୀବତ୍ୱଂ ବୀକ୍ଷ୍ୟମାଣେ ନ ପଶ୍ୟତି । ୬୨ ।

ଯଥା ମୃଦି ଘଟୋ ନାମ କନକେ କୁଣ୍ଡଳାଭିଧା ।
ଶୁକ୍ତୌ ହି ରଜତଖ୍ୟାତିର୍ଜୀବଶବ୍ଦସ୍ତଥା ପରେ । ୬୩ ।

---

୬୦ । ଯେପରି ମୃତ୍ତିକାର ଘଟସଂଜ୍ଞା, ସୁବର୍ଣ୍ଣର କୁଣ୍ଡଳ ନାମ ଏବଂ ଶୁକ୍ତିର ରଜତ ଖ୍ୟାତି, ସେପରି ପରମାତ୍ମାରେ ଜୀବସଂଜ୍ଞା ଜାଣିବ । ଘଟାଦି ଯେପରି ମୃତ୍ତିକାରୁ ଭିନ୍ନ ପଦାର୍ଥ ନୁହେ, ଜୀବ ମଧ୍ୟ ସେପରି ଆତ୍ମାଠାରୁ ପୃଥକ୍ ପଦାର୍ଥ ନୁହେ ।

୬୧ । ଯେପରି ଆକାଶର ନୀଳବର୍ଣ୍ଣ, ମରୁଭୂମିର ଜଳ ଏବଂ ସ୍ଥାଣୁରେ * ପୁରୁଷ ଜ୍ଞାନ କେବଳ ନାମ ମାତ୍ର, ସେହିପରି ଚୈତନ୍ୟ ପରମାତ୍ମାରେ ଅନନ୍ତ ବ୍ରହ୍ମାଣ୍ଡ ମଧ୍ୟ ନାମ ମାତ୍ର । ଅନେକ ପରଂବ୍ରହ୍ମଙ୍କୁ ନାନାରୂପ କଳ୍ପନା କରନ୍ତି; ସେସବୁ ଅଳୀକ, କେବଳ ପରଂବ୍ରହ୍ମହିଁ ସତ୍ୟ ।

୬୨ । ଯେପରି ନିର୍ଜନ ପ୍ରଦେଶରେ ଅକସ୍ମାତ୍ କୌଣସି ଭୂତ ବଣେମ ଦେଖାଯାଏ, ସେପରି ଶୂନ୍ୟରେ ଗନ୍ଧର୍ବ-ନଗର ବୋଧ ହୁଏ ଏବଂ ଆକାଶରେ ଦୁଇଟି ଚନ୍ଦ୍ର ଦୃଷ୍ଟ ହୁଏ, ସେପରି ଏହି ଜଗତର ଅସ୍ତିତ୍ୱ ଜାଣିବ । ଯେପରି ନିର୍ଜନ ପ୍ରଦେଶାଦିରେ ଭୂତ ବଣେମର ଦର୍ଶନାଦି ମିଥ୍ୟା, ସେପରି ଏହି ଜଗତ୍ ଭି ମିଥ୍ୟା ।

୬୩ । ଯେପରି ଅସଂଖ୍ୟ ତରଙ୍ଗ ଦେଖିବାକୁ ମିଳେ, ସେହିସବୁ ଜଳ ଏବଂ ଯେପରି ଅନନ୍ତ ପାତ୍ରମଧ୍ୟ ମଧ୍ୟ ତାହୁଁ ଭିନ୍ନ ନୁହେ, ସେପରି ଏହି ଅନନ୍ତ ବ୍ରହ୍ମାଣ୍ଡହିଁ ପରମାତ୍ମା । ଯେପରି ଏହି ଜଳ ଅସଂଖ୍ୟ ତରଙ୍ଗାକାରରେ ଦୃଷ୍ଟ ହୁଏ ଏବଂ ଏକତାମୂ ଦ୍ୱାରାହିଁ ଅନନ୍ତ ନାମ ନିର୍ଣ୍ଣିତ ହୁଏ, ସେପରି ଏକଇ ପରମାତ୍ମା ଅନନ୍ତ ବ୍ରହ୍ମାଣ୍ଡାକାରରେ ବିଦ୍ୟମାନ ଅଛନ୍ତି । ସୁତରାଂ ଆତ୍ମା ଭିନ୍ନ ଅନ୍ୟ ସମସ୍ତହିଁ ମିଥ୍ୟା ।

---

* ସ୍ଥାଣୁ—ଶାଖାହୀନ ବଳଣା ବୃକ୍ଷ ।

ଯଥୈବ ବ୍ୟୋମ୍ନି ନୀଳତ୍ୱଂ ଯଥା ନୀରଂ ମରୁସ୍ଥଳେ ।
ପୁରୁଷତ୍ୱଂ ଯଥା ସ୍ଥାଣୌ ତଦ୍ଵଦ୍ଵିଶ୍ୱଂ ଚିଦାତ୍ମନି । ୬୧ ।

ଯଥୈବ ଶୂନ୍ୟେ ବେତାଳୋ ଗନ୍ଧର୍ବାଣାଂ ପୁରଂ ଯଥା ।
ଯଥାକାଶେ ଦ୍ୱିଚନ୍ଦ୍ରତ୍ୱଂ ତଦ୍ଵତ୍ ସତ୍ୟେ ଜଗତ୍ ସ୍ଥିତିଃ ।

ଯଥା ତରଙ୍ଗ କଲ୍ଲୋଲୈର୍ଜଳମେବ ସ୍ଫୁରତ୍ୟଲଂ ।
ପାତ୍ରରୂପେଣ ତାମ୍ରଂ ହି ବ୍ରହ୍ମାଣ୍ଡୌଘୈସ୍ତଥାତ୍ମତା ।୬୩।

ଘଟନାମ୍ନା ଯଥା ପୃଥ୍ୱୀ ପଟନାମ୍ନା ହି ତନ୍ତବଃ ।
ଜଗନ୍ନାମ୍ନା ଚିଦାଭାତି ଜ୍ଞେୟଂ ତତ୍ତଦଭାବତଃ ॥

ସର୍ବୋଽପି ବ୍ୟବହାରସ୍ତୁ ବ୍ରହ୍ମଣା କ୍ରିୟତେ ଜନୈଃ ।
ଅଜ୍ଞାନାନ୍ନ ବିଜାନନ୍ତି ମୃଦେବ ହି ଘଟାଦିକଂ । ୬୫ ।

କାର୍ଯ୍ୟକାରଣତା ନିତ୍ୟମାସ୍ତେ ଘଟମୃଦୋର୍ୟଥା ।
ତଥୈବ ଶ୍ରୁତିଯୁକ୍ତିଭ୍ୟାଂ ପ୍ରପଞ୍ଚବ୍ରହ୍ମଣୋରିହ । ୬୬ ।

---

୬୪ । ଯେପରି ଘଟନାମରେ ପୃଥିବୀ ଏବଂ ପଟନାମରେ ସୂତ୍ର ପ୍ରକାଶ ପାଏ, ସେପରି ଜଗନ୍ନାମରେ ଚିଦାତ୍ମା ପ୍ରକାଶ ପାଇଥା'ନ୍ତି । ଯେପରି ଘଟର ଅଭାବ ହେଲେ ମୃତ୍ତିକା ଏବଂ ପଟର ଅଭାବରେ ସୂତା ଥାଏ, ସେପରି ଏହି ଜଗତର ବିନାଶରେ କେବଳ ଚିଦାତ୍ମାହିଁ ନାନା ରୂପରେ ଜଗତରେ ପ୍ରକାଶ ପାଉଛନ୍ତି; ଜଗତର ସେସବୁ ବସ୍ତୁର ବିନାଶ ହେଲେହେଁ କେବଳ ଆତ୍ମା ବିଦ୍ୟମାନ ଥା'ନ୍ତି ।

୬୫ । ଲୋକେ ପରଂବ୍ରହ୍ମର ନିୟମାନୁସାରେ ସର୍ବପ୍ରକାର ଲୌକିକ ଓ ବୈଦିକ ବ୍ୟବହାର କରୁଛନ୍ତି; କିନ୍ତୁ ତେବେହେଁ ଅଜ୍ଞାନ ବଶତଃ ସେହି ପରଂବ୍ରହ୍ମଙ୍କୁ ଜାଣୁ ନାହାନ୍ତି ଯେପରି ସମସ୍ତେ ଘଟର ବ୍ୟବହାର କରନ୍ତି, କିନ୍ତୁ ଘଟକୁ ମୃତ୍ତିକା ବୋଲି ଜାଣନ୍ତି ନାହିଁ ।

୬୬ । ଶ୍ରୁତି ପ୍ରମାଣ ଓ ଯୁକ୍ତିଦ୍ୱାରା ଜଣାଯାଉଅଛି ଯେ, ଏହି ପ୍ରପଞ୍ଚ ମଧ୍ୟ ପରଂବ୍ରହ୍ମର କାର୍ଯ୍ୟକାରଣ ଭାବ ଅଛି; ଯେପରି ମୃତ୍ତିକା କାରଣ ଓ ଘଟ ତାହାର କାର୍ଯ୍ୟ, ସେହିପରି ଏହି ପ୍ରପଞ୍ଚ ଜଗତ୍ କାର୍ଯ୍ୟ ଓ ପରବ୍ରହ୍ମ କାରଣ । ଯେହେତୁ କାରଣ ବ୍ୟତିରେକେ କେବେ ମଧ୍ୟ କାର୍ଯ୍ୟୋତ୍ପତ୍ତି ହୋଇପାରେ ନାହିଁ ।

ଦୃଶ୍ୟମାଣେ ଘଟେ ଯଦ୍ବନ୍ମୃତ୍ତିକା ଯାତି ବୈ ବଳାତ୍ ।
ବୀକ୍ଷ୍ୟମାଣେ ପ୍ରପଞ୍ଚେଽପି ବ୍ରହ୍ମୈବାଭାତି ଭାସୁରଂ । ୬୭ ।
ସଦୈବାତ୍ମା ବିଶୁଦ୍ଧୋଽସ୍ତି ହ୍ୟଶୁଦ୍ଧୋ ଭାତି ବୈ ଯଦା ।
ଯଥୈବ ଦ୍ୱିବିଧା ରଜ୍ଜୁର୍ଜ୍ଞାନିନୋଽଜ୍ଞାନିନୋଽନିଶଂ । ୬୮ ।
ଯଥୈବ ମୃଣ୍ମୟଃ କୁମ୍ଭସ୍ତଦ୍ବଦ୍ଦେହୋଽପି ଚିନ୍ମୟଃ ।
ଆତ୍ମାନାତ୍ମବିଭାଗୋଽୟଂ ମୁଧୈବ କ୍ରିୟତେ ବୁଧୈଃ । ୬୯ ।

---

୬୭ । ଯେପରି ଘଟ ଦେଖିଲେ ମୃତ୍ତିକାହିଁ ଘଟର କାରଣ ବୋଲି ପ୍ରତୀତ ହୁଏ, ସେପରି ଏହି ଜଗତ୍ ପ୍ରପଞ୍ଚପ୍ରତି ଦୃଷ୍ଟିପାତ କରି ପର୍ଯ୍ୟାଲୋଚନା କଲେ, ପରଂବ୍ରହ୍ମଙ୍କୁ ଜଗତ୍କାରଣ ବୋଲି ଜ୍ଞାନ ହେବ ।

୬୮ । ପୂର୍ବ ଶ୍ଳୋକର ମର୍ମାର୍ଥରେ ଜଣାଯାଏ ଯେ, ଏହି ବ୍ରହ୍ମାଣ୍ଡରେ କେବଳ ବ୍ରହ୍ମହିଁ ସତ୍ ପଦାର୍ଥ, ଆଉ ଏହି ପ୍ରପଞ୍ଚ ସମୁଦାୟ ମିଥ୍ୟା । ବର୍ତ୍ତମାନ ଏହି ଆଶଙ୍କା ହୋଇପାରେ ଯେ, ଯଦି କେବଳ ବ୍ରହ୍ମହିଁ ସତ୍ ପଦାର୍ଥ ହେଲେ, ତେବେ ସର୍ବଦା ବ୍ରହ୍ମର ପ୍ରକାଶ ହୋଇପାରେ, ଏହି ପ୍ରପଞ୍ଚର ପ୍ରକାଶ ହୋଇପାରେ ନା । ଏହା ମନେ କରି କହୁଅଛନ୍ତି :—ସେହି ପରଂବ୍ରହ୍ମ ସର୍ବଦା ଶୁଦ୍ଧରୂପେ ସୁଦ୍ଧା ପ୍ରକାଶ ପାଉଛନ୍ତି ଏବଂ ଅଶୁଦ୍ଧରୂପେ ସୁଦ୍ଧା ପ୍ରକାଶ ପାଇଥାନ୍ତି । ଯେତେବେଳେ ସେ ଅଜ୍ଞାନ ଅଜ୍ଞାନର କାର୍ଯ୍ୟସ୍ୱରୂପ ପ୍ରପଞ୍ଚରୂପ ମଳରହିତ ହୁଅନ୍ତି, ସେତେବେଳେ ତାଙ୍କୁ ଶୁଦ୍ଧ ଏବଂ ଯେତେବେଳେ ସେହି ବ୍ରହ୍ମ ପ୍ରପଞ୍ଚରୂପେ ପ୍ରକାଶିତ ହୁଅନ୍ତି, ସେତେବେଳେ ତାଙ୍କୁ ଅଶୁଦ୍ଧ କୁହାଯାଏ । ଅବସ୍ଥାଭେଦରେ ଏକବ୍ରହ୍ମହିଁ ଶୁଦ୍ଧ ଓ ଅଶୁଦ୍ଧରୂପେ ପ୍ରକାଶ ପାଇଥାନ୍ତି । ଶୁଦ୍ଧ ବ୍ରହ୍ମହିଁ ସଦାନନ୍ଦ ସ୍ୱରୂପ ଏବଂ ଅଶୁଦ୍ଧ ବ୍ରହ୍ମ ପ୍ରପଞ୍ଚରୂପେ ପ୍ରକାଶିତ । ଯେପରି ଏକ ରଜ୍ଜୁହିଁ ସର୍ପ ଓ ରଜ୍ଜୁ ଉଭୟ ପ୍ରକାରରେ ପ୍ରକାଶ ପାଏ; ଜ୍ଞାନୀମାନେ ରଜ୍ଜୁକୁ ରଜ୍ଜୁରୂପେ ଜାଣନ୍ତି, ସେଥିରେ ଜ୍ଞାନୀମାନଙ୍କର କୌଣସି ଭୟ ହୁଏ ନାହିଁ ଏବଂ ଅଜ୍ଞାନଲୋକ ସେହି ରଜ୍ଜୁକୁ ସର୍ପଜ୍ଞାନ କରି ଭୀତ ହୋଇଥାଏ; ସେପରି ଜ୍ଞାନୀବ୍ୟକ୍ତି ବ୍ରହ୍ମକୁ ଅଦ୍ୱୈତ ଓ ଶୁଦ୍ଧରୂପେ ଜାଣନ୍ତି ଏବଂ ଅଜ୍ଞାନୀମାନେ ସେହି ବ୍ରହ୍ମକୁ ପ୍ରପଞ୍ଚରୂପେ ଜାଣି ସର୍ବଦା ଭୀତ ହୋଇଥାନ୍ତି ।

୬୯ । ଯଦି ସର୍ବଦା ଆତ୍ମା ବିଶ୍ୱପ୍ରପଞ୍ଚରୂପେ ପ୍ରକାଶ ପାଉଥାନ୍ତି, ତେବେ ଆଉ ଆତ୍ମାନାତ୍ମ ମନେ କରିବା ବିଚାରର ପ୍ରୟୋଜନ କି ? ଏହା ମନେ କରି କହୁଅଛନ୍ତି—ଯେପରି କୁମ୍ଭ ମୃଣ୍ମୟ, ସେପରି ଦେହ ଚିନ୍ମୟ; ଅତଏବ ଯେଉଁମାନେ ଜ୍ଞାନୀ, ସେମାନେ ତାହିଁକି ବୃଥା ଆତ୍ମାନାତ୍ମ ବିଚାର କରିବେ ? ଜ୍ଞାନିଗଣଙ୍କ ପକ୍ଷେ ଆତ୍ମାନାତ୍ମ ବିବେକର କୌଣସି ପ୍ରୟୋଜନ ନାହିଁ । ସେମାନେ ଦେହକୁହିଁ ଚିତ୍ସ୍ୱରୂପ ଜ୍ଞାନ କରି ଆତ୍ମତତ୍ତ୍ୱ ଜାଣି ପାରନ୍ତି ।

ସର୍ପତ୍ୱେନ ଯଥା ରଜ୍ଜୁ ରଜତତ୍ୱେନ ଶୁକ୍ତିକା ।
ବିନିର୍ଣ୍ଣୀତା ବିମୂଢ଼େନ ଦେହତ୍ୱେନ ତଥାତ୍ମତା । ୭୦ ।
ଘଟତ୍ୱେନ ଯଥା ପୃଥ୍ୱୀ ପଟତ୍ୱେନୈବ ତନ୍ତବଃ ।
ବିନିର୍ଣ୍ଣୀତା ବିମୂଢ଼େନ ଦେହତ୍ୱେନ ତଥାତ୍ମତା । ୭୧ ।
କନକଂ କୁଣ୍ଡଲତ୍ୱେନ ତରଙ୍ଗତ୍ୱେନ ବୈ ଜଳଂ ।
ବିନିର୍ଣ୍ଣୀତା ବିମୂଢ଼େନ ଦେହତ୍ୱେନ ତଥାତ୍ମତା । ୭୨ ।
ପୁରୁଷତ୍ୱେ ଯଥା ସ୍ଥାଣୁର୍ଜଳତ୍ୱେନ ମରୀଚିକା ।
ବିନିର୍ଣ୍ଣୀତା ବିମୂଢ଼େନ ଦେହତ୍ୱେନ ତଥାତ୍ମତା । ୭୩ ।
ଗୃହତ୍ୱେନୈବ କାଷ୍ଠାନି ଖଡ୍ଗତ୍ୱେନୈବ ଲୌହତା ।
ବିନିର୍ଣ୍ଣୀତା ବିମୂଢ଼େନ ଦେହତ୍ୱେନ ତଥାତ୍ମତା । ୭୪ ।

---

୭୦ । ଜ୍ଞାନମାନେ ଦେହକୁ ଶରୀରସ୍ଥ ଜ୍ଞାନ କରି ଅତ୍ମସ୍ୱରୂପ ପରଜ୍ଞାତ ହୁଅନ୍ତି, ଅଜ୍ଞାନୀଲୋକ ଅତ୍ମାକୁ ଦେହରୂପେ ଜ୍ଞାନ କରି ସଂସାରରେ ବନ୍ଧାଅନ୍ତି ଯେପରି ମନୁଷ୍ୟ ଅଜ୍ଞାନବଶତଃ ରଜ୍ଜୁକୁ ସର୍ପଜ୍ଞାନ କରେ ଏବଂ ରଜତକୁ ଶୁକ୍ତିକା ସ୍ୱରୂପରେ ବୋଧ କରେ, ସେପରି ଅଜ୍ଞାନମାନେ ଅତ୍ମାକୁ ଦେହ ବୋଲି ଜାଣନ୍ତି । ଅବିବେକମାନେ କହୁଥାନ୍ତି ଯେ, ଏହି ଦେହହିଁ ଅତ୍ମା, ଦେହାତିରିକ୍ତ ଅତ୍ମା ନାହିଁ ।

୭୧ । ଯେପରି ଘଟରୂପେ ପୃଥିବୀକୁ ଗ୍ରହଣ କରେ ଏବଂ ବସ୍ତ୍ରରୂପେ ସୂତାର ନିର୍ଣ୍ଣୟ କରେ, ସେପରି ଅଜ୍ଞାନମାନେ ଦେହକୁ ଅତ୍ମା ସ୍ୱୀକାର କରନ୍ତି । ବାସ୍ତବିକ ଘଟ ପୃଥିବୀ ନୁହେ । ତାହା ପୃଥିବୀର କାର୍ଯ୍ୟ, ବସ୍ତ୍ର ସୁଦ୍ଧା ସୂତା ନୁହେ । ତାହା ସୁଦ୍ଧା ସୂତାର କାର୍ଯ୍ୟ ଏବଂ ଦେହ ସୁଦ୍ଧା ଅତ୍ମା ନୁହେ, ତାହା ଅତ୍ମାର କାର୍ଯ୍ୟ ।

୭୨ । ଯେପରି କୁଣ୍ଡଳକୁ ସ୍ୱର୍ଣ୍ଣ ଏବଂ ଜଳକୁ ତରଙ୍ଗ ରୂପେ ଗ୍ରହଣ କରେ, ସେପରି ଅଜ୍ଞାନ ବ୍ୟକ୍ତି ଦେହକୁ ଅତ୍ମା ବୋଲି ଜ୍ଞାନ କରେ । ପ୍ରକୃତ ପକ୍ଷରେ କୁଣ୍ଡଳ ସୁବର୍ଣ୍ଣର ବିକାର, ତରଙ୍ଗ ଜଳର ଅଂଶ ଏବଂ ଦେହ ସୁଦ୍ଧା ଅତ୍ମାର କାର୍ଯ୍ୟ; ଅତଏବ ଦେହକୁ ଅତ୍ମା ବୋଲି ଗ୍ରହଣ କରିବା ନିତାନ୍ତ ଅଜ୍ଞାନର କାର୍ଯ୍ୟ ।

୭୩ । ଯେପରି ସ୍ଥାଣୁକୁ (ଶାଖାବିହୀନ ବୃକ୍ଷ) ପୁରୁଷ ବୋଲି ଏବଂ ମରୀଚିକାକୁ ଜଳ ବୋଲି ନିଶ୍ଚୟ କରେ, ସେପରି ଅଜ୍ଞାନୀ ମନୁଷ୍ୟ ଦେହକୁ ଅତ୍ମା ବୋଲି ଜ୍ଞାନ କରେ ।

୭୪ । ଯେପରି କାଷ୍ଠକୁ ଗୃହରୂପେ ଏବଂ ଲୌହକୁ ଖଡ୍ଗରୂପେ ଗ୍ରହଣ କରେ, ସେପରି ଅଜ୍ଞାନୀ ମନୁଷ୍ୟ ଅତ୍ମାକୁ ଦେହ ରୂପେ ଜ୍ଞାନ କରେ । ବାସ୍ତବିକ ଯେପରି ଗୃହ କାଷ୍ଠର ଏବଂ ଖଡ୍ଗ ଲୌହର କାର୍ଯ୍ୟ, ସେପରି ଦେହ ସୁଦ୍ଧା ଅତ୍ମାର କାର୍ଯ୍ୟ; ଅତଏବ ଦେହ କଦାପି ଅତ୍ମା ନୁହେ ।

ଯଥାବୃକ୍ଷବିପର୍ଯ୍ୟାସୋ ଜଲାଦ୍ଭବତି କସ୍ୟଚିତ୍ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୭୪ ।

ପୋତେନ ଗଚ୍ଛତଃ ପୁଂସଃ ସର୍ବଂ ଭାତୀବ ଚଞ୍ଚଲଂ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୭୫

ପୀତତ୍ୱଂ ହି ଯଥା ଶୁଭ୍ରେ ଦୋଷାଦ୍ଭବତି କସ୍ୟଚିତ୍ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୭୬ ।

ଚକ୍ଷୁର୍ଭ୍ୟାଂ ଭ୍ରମଶୀଲାଭ୍ୟାଂ ସର୍ବଂ ଭାତି ଭ୍ରମାତ୍ମକଂ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୭୮ ।

---

୭୪ । ଜଳରେ ବୃକ୍ଷର ପ୍ରତିବିମ୍ବ ପତିତ ହେଲେ, ତାହା ଦେଖି ଯେପରି ଅଜ୍ଞାନ-ମାନେ ସେହି ପ୍ରତିବିମ୍ବକୁ ପ୍ରକୃତ ବୃକ୍ଷ ବୋଲି ଜ୍ଞାନ କରନ୍ତି, ସେହିପରି ଅଜ୍ଞାନବଶତଃ ଦେହକୁ ଆତ୍ମାବୋଲି ଜ୍ଞାନ କରିଥାନ୍ତି । ବାସ୍ତବିକ ଯେପରି ଜଳମଧ୍ୟଗତ ବୃକ୍ଷ ଯଥାର୍ଥ ବୃକ୍ଷ ନୁହେ, ସେପରି ଦେହ ମଧ୍ୟ ଆତ୍ମା ନୁହେ ।

୭୫ । ଯଦି କୌଣସି କାଳରେ କୌଣସି ଲୋକ ଦ୍ରୁତଗାମୀ ନୌକାରୋହଣ କରେ, ସେତେବେଳେ ଯେପରି ତାହାର ପାର୍ଶ୍ୱସ୍ଥ ନଗରାଦି ଚଞ୍ଚଳ ବୋଲି ଜ୍ଞାନ ହୁଏ, ସେପରି ଅଜ୍ଞାନବଶତଃ ଦେହକୁ ମଧ୍ୟ ଆତ୍ମାବୋଲି ଜ୍ଞାନ କରେ । ପ୍ରକୃତ ପକ୍ଷରେ ଯେପରି ନଗରାଦି ଚଞ୍ଚଳ ନୁହେ, ସେପରି ଦେହ ମଧ୍ୟ ଆତ୍ମା ନୁହେ ।

୭୬ । ଯେପରି କୌଣସି ଲୋକର ପିତ୍ତବୈଗୁଣ୍ୟାଦିଦୋଷ ଉପସ୍ଥିତ ହେଲେ, ଶୁଭ୍ରପଦାର୍ଥକୁ ମଧ୍ୟ ପୀତବର୍ଣ୍ଣ ଦେଖେ, ସେପରି ଅଜ୍ଞାନବଶତଃ ଦେହକୁ ଆତ୍ମା ବୋଲି ଥାଏ । ଶୁଭ୍ର ପଦାର୍ଥର ପୀତ ଦର୍ଶନ ଯେପରି ଦୋଷର କାର୍ଯ୍ୟ, ସେହିପରି ଦେହପ୍ରତି ଆତ୍ମଜ୍ଞାନ ଅଜ୍ଞତାର କାର୍ଯ୍ୟ ।

୭୮ । ଯେପରି ଚକ୍ଷୁକୁ ପରିଭ୍ରାମିତ କରି ଦୃଷ୍ଟିପାତ କଲେ ଦୃଶ୍ୟ ପଦାର୍ଥ ସମୂହ ଭ୍ରମଣ କରୁଥିବା ବୋଧହୁଏ, ସେପରି ଅଜ୍ଞାନବଶତଃ ଦେହକୁ ଆତ୍ମାବୋଲି ଜ୍ଞାନ ହୁଏ । ଯେପରି ଚକ୍ଷୁର ଭ୍ରମଣହିଁ ଦୃଶ୍ୟ ପଦାର୍ଥ ସବୁର ପରିଭ୍ରମଣ ଦର୍ଶନର କାରଣ, ସେପରି ଅଜ୍ଞାନହିଁ ଦେହର ଆତ୍ମବୁଦ୍ଧିର କାରଣ ।

ଅନ୍ତଃ ଭ୍ରମଣେନୈବ ବର୍ତ୍ତୁଳମ୍ଭାତି ସୂର୍ଯ୍ୟବତ୍ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟ ଜ୍ଞାନଯୋଗତଃ । ୭୯ ।
ମହତ୍ତ୍ୱେ ସର୍ବବସ୍ତୂନାମଣୁତ୍ୱଂ ହ୍ୟତିଦୂରତଃ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟ ଜ୍ଞାନଯୋଗତଃ ।୮୦।
ସୂକ୍ଷ୍ମତେ ସର୍ବଭାବାନାଂ ସ୍ଥୂଳତ୍ୱମୁପନେତ୍ରତଃ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୮୧ ।
କାଚଭୂମୌ ଜଲତ୍ୱଂ ବା ଜଲଭୂମୌ ହି କାଚତା ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟ ଜ୍ଞାନଯୋଗତଃ । ୮୨ ।
ଯଦ୍ବଦଗ୍ନୌ ମଣିତ୍ୱଂ ହି ମଣୌ ବା ବହ୍ନିତା ପୁମାନଃ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟ ଜ୍ଞାନଯୋଗତଃ ।୮୩।

---

୭୯ । ଯେପରି ଜଳର ଅଭ୍ୟନ୍ତରଭାଗ ପରିଭ୍ରାମିତ କଲେ ସେହି ଜଳକୁ ସୂର୍ଯ୍ୟବତ୍ ବର୍ତ୍ତୁଳ ବୋଲି ବୋଧହୁଏ, ସେପରି ଅଜ୍ଞାନବଶତଃ ଦେହକୁ ଆତ୍ମାବୋଲି ଜ୍ଞାନ ହୁଏ । ବାସ୍ତବିକ ଜଳର ପରିଭ୍ରମଣହିଁ ଯେପରି ଜଳର ବର୍ତ୍ତୁଳାକାରତ୍ୱର କାରଣ, ସେପରି ଅଜ୍ଞାନହିଁ ଦେହରେ ଆତ୍ମତ୍ୱ ବୋଧର ହେତୁ ।

୮୦ । ଯେପରି ବୃହଦାକାର ବସ୍ତୁ ସବୁଭି ଦୂରସ୍ଥିତ ହେଲେ ଅତି ସୂକ୍ଷ୍ମ ବୋଲି ବୋଧହୁଏ ସେପରି ଅଜ୍ଞାନବଶତଃ ଦେହକୁ ଆତ୍ମାବୋଲି ଜ୍ଞାନ ହୋଇଥାଏ । ଦୂରତ୍ୱହିଁ ଯେପରି ବୃହଦାକାର ବସ୍ତୁରୁ ସୂକ୍ଷ୍ମଦର୍ଶନର କାରଣ ସେପରି ଅଜ୍ଞାନହିଁ ଦେହରେ ଆତ୍ମତ୍ୱ ବୁଦ୍ଧିର କାରଣ ।

୮୧ । ଯେପରି ପ୍ରତଚକ୍ଷୁ ଦ୍ୱାରା ଅତି ସୂକ୍ଷ୍ମ ପଦାର୍ଥକୁ ସ୍ଥୂଳ ବୋଲି ଜ୍ଞାନ ହୁଏ; ସେପରି ଅଜ୍ଞାନତା ଦେହକୁ ଆତ୍ମାବୋଲି ଜ୍ଞାନ ଜନ୍ମାଏ । ସୂକ୍ଷ୍ମବସ୍ତୁର ବୃହଦାକାର ଦର୍ଶନରେ ଯେପରି ପ୍ରତିଚକ୍ଷୁ କାରଣ, ସେପରି ଅଜ୍ଞାନତାହିଁ ଦେହରେ ଆତ୍ମତ୍ୱବୋଧର ହେତୁ ।

୮୨ । ଯେପରି କାଚପୂର୍ଣ୍ଣ ଭୂମିରେ ଜଳଭ୍ରମ ଏବଂ ଜଳରେ କାଚଭ୍ରମ ହୁଏ, ସେପରି ଅଜ୍ଞାନବଶତଃ ଦେହରେ ଆତ୍ମପ୍ରତ୍ୟୟ ହୋଇଥାଏ, ପ୍ରକୃତ ପକ୍ଷରେ କାଚ ଜଳ ନୁହେ ଏବଂ ଜଳ ମଧ୍ୟ କାଚ ନୁହେ, ସେପରି ଦେହ ମଧ୍ୟ ଆତ୍ମା ନୁହେ ।

୮୩ । ଯେପରି ଅଗ୍ନି ଦେଖିଲେ ଅଗ୍ନିକୁ ମଣି ବୋଲି ବୋଧହୁଏ, ଅଥବା କେବେ କେବେ ମଣି ଦେଖିଲେ ମଣିକୁ ଅଗ୍ନି ବୋଲି ମନେ ହୁଏ, ସେପରି ଅଜ୍ଞାନବଶତଃ ଦେହକୁ ଆତ୍ମାବୋଲି ଜ୍ଞାନ ହୁଏ । ବାସ୍ତବିକ୍ ଯେପରି ଅଗ୍ନି, ମଣି ନୁହେ ଏବଂ ମଣି ମଧ୍ୟ ଅଗ୍ନି ନୁହେ, ସେହିପରି ଦେହ ଆତ୍ମା ନୁହେ ।

ଅଭ୍ରେଷୁ ସତ୍ସୁ ଧାବତ୍ସୁ ସୋମୋଧାବତି ଭାତି ବୈ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୮୪ ।
ଯଥୈବ ଦିଗ୍‌ବିପର୍ଯ୍ୟା ସୋ ମୋହାଦ୍ଭବତି କସ୍ୟଚିତ୍ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୮୫ ।
ଯଥା ଶଶୀଜଳେ ଭାତି ଚଞ୍ଚଳତ୍ୱେନ କସ୍ୟଚିତ୍ ।
ତଦ୍ବଦାତ୍ମନି ଦେହତ୍ୱଂ ପଶ୍ୟତ୍ୟଜ୍ଞାନଯୋଗତଃ । ୮୬ ।
ଏବମାତ୍ମନ୍ୟବିଦ୍ୟାତୋ ଦେହାଧ୍ୟାସୋ ହି ଜାୟତେ ।
ସ ଏବାତ୍ମପରିଜ୍ଞାନାଲ୍ଲୀୟତେ ଚ ପରାତ୍ମନି । ୮୭ ।

---

୮୪ । ଯେପରି ମେଘର ଧାବନ ହେତୁ ଚନ୍ଦ୍ରକୁ ମଧ୍ୟ ଧାବମାନ ବୋଲି ମନେ ହୁଏ, ସେପରି ଅଜ୍ଞାନବଶତଃ ଦେହକୁ ଆତ୍ମା ବୋଲି ମନେ ହୁଏ । ଅର୍ଥାତ୍ ଯେପରି ମେଘ ଚାଲିଯାଏ, ଚନ୍ଦ୍ର କେବେଁ ଚଳେ ନାହିଁ, ସେହିପରି ଦେହ କଦାପି ଆତ୍ମା ହୋଇ ପାରେ ନାହିଁ ।

୮୫ । ଯେପରି ମୋହବଶତଃ କୌଣସି କୌଣସି ଲୋକର ଦିଗ ଭ୍ରମ ହୁଏ, ସେପରି ଅଜ୍ଞାନବଶତଃ ଦେହରେ ଆତ୍ମଜ୍ଞାନ ହୋଇଥାଏ । ଯେପରି ମୋହହିଁ ଦିଗ୍‌ଭ୍ରମର କାରଣ, ସେପରି ଅଜ୍ଞାନହିଁ ଦେହରେ ଆତ୍ମଜ୍ଞାନର ହେତୁ ।

୮୬ । ଯେପରି ଜ୍ଞାନର ଶୃଙ୍ଖଳା ବଶତଃ ଜଳରେ ଚନ୍ଦ୍ରସୂର୍ଯ୍ୟଙ୍କୁ *ଚଞ୍ଚଳ ବୋଲି ମନେ ହୁଏ, ସେହିପରି ଅଜ୍ଞାନ ହେତୁ ଦେହରେ ଆତ୍ମବୋଧ ହୋଇଥାଏ । ପ୍ରକୃତପକ୍ଷେ ଯେପରି ଚନ୍ଦ୍ରସୂର୍ଯ୍ୟାଦି ମଧ୍ୟ ଚଞ୍ଚଳ ନୁହେ, ସେହିପରି ଦେହ ମଧ୍ୟ ଆତ୍ମା ନୁହେ ।

୮୭ । ଏହିପରି ଅଜ୍ଞାନବଶତଃ ଦେହରେ ଆତ୍ମତ୍ୱ ବୁଦ୍ଧି ହୁଏ । ଯାବତ୍ ଆତ୍ମତତ୍ତ୍ୱ ପରିଜ୍ଞାନ ନ ହୁଏ, ତାବତ୍ ଉକ୍ତ ପ୍ରକାରରେ ଅଜ୍ଞାନବଶତଃ ଦେହରେ ଆତ୍ମତ୍ୱ ବୁଦ୍ଧି ହୁଏ । ମାତ୍ର ଆତ୍ମତତ୍ତ୍ୱ ପରିଜ୍ଞାନ ହେଲେ, ଦେହର ଆତ୍ମତ୍ୱଜ୍ଞାନ ବିଲୟ ପାଇଯାଏ । ଦେହର ଆତ୍ମତ୍ୱ ଜ୍ଞାନ ବିଲୟ ପାଇ ବ୍ରହ୍ମୈକ୍ୟ ବୋଧ ହେଲେହିଁ ଆତ୍ମସାକ୍ଷାତ୍କାର ହୁଏ ଏବଂ ସେତେବେଳେ ଅଜ୍ଞାନ ଓ ତତ୍କାର୍ଯ୍ୟ ଅଦ୍ୱୈତ ବ୍ରହ୍ମରେ ଲୀନ ହୋଇ ପରଂବ୍ରହ୍ମ ସ୍ୱରୂପରେ ଅବସ୍ଥିତ ହୁଅନ୍ତି ।

---

* ଏଠାରେ କେବଳ ଚନ୍ଦ୍ର ବୋଲି ଯାଇଛି; କିନ୍ତୁ ଚନ୍ଦ୍ର ଉପଲକ୍ଷଣ ମାତ୍ର । ଫଳତଃ ଚନ୍ଦ୍ର ସୂର୍ଯ୍ୟାଦି ସମସ୍ତ ଜ୍ୟୋତିଷ ନିର୍ଦ୍ଦିଷ୍ଟ ହୋଇ ଅଛନ୍ତି । ଜଳରେ ଚନ୍ଦ୍ର ସୂର୍ଯ୍ୟାଦିର ପ୍ରତିବିମ୍ବ ବାୟୁପ୍ରତିଘାତରେ ଚଞ୍ଚଳ ହୋଇଥାଏ, ମୂର୍ଖଲୋକେ ତାହା ଦେଖି ଚନ୍ଦ୍ରସୂର୍ଯ୍ୟାଦିଙ୍କୁ ଚଞ୍ଚଳ ବୋଲି ଜ୍ଞାନ କରିଥାନ୍ତି ।

ସର୍ବମାତ୍ମତୟା ଜ୍ଞାନଂ ଜଗତ୍ ସ୍ଥାବରଜଙ୍ଗମଂ ।
ଅଭାବାତ୍ ସର୍ବ ଭାବାନାଂ ଦେହସ୍ୟ ଚାତ୍ମତା କୁତଃ । ୮୮ ।
ଆତ୍ମାନଂ ସତତଂ ଜାନନ୍ କାଳଂ ନୟ ମହାଦ୍ୟୁତେ ।
ପ୍ରାରବ୍ଧମଖିଳଂ ଭୁଞ୍ଜନ୍ନୋଦ୍‌ବେଗଂ କର୍ତ୍ତୁମର୍ହସି । ୮୯ ।
ଉତ୍ପନ୍ନେଽପ୍ୟାତ୍ମବିଜ୍ଞାନେ ପ୍ରାରବ୍ଧଂ ନୈବ ମୁଞ୍ଚତି ।
ଇତି ଯଚ୍ଛ୍ରୂୟତେ ଶାସ୍ତ୍ରେ ତନ୍ନିରାକ୍ରିୟତେଽଧୁନା । ୯୦ ।
ତତ୍ତ୍ୱଜ୍ଞାନୋଦୟାଦୂର୍ଦ୍ଧ୍ୱଂ ପ୍ରାରବ୍ଧଂ ନୈବ ବିଦ୍ୟତେ ।
ଦେହାଦୀନାମସତ୍ତ୍ୱାତ୍ତୁ ଯଥା ସ୍ୱପ୍ନୋ ବିବୋଧତଃ । ୯୧ ।

---

୮୮ । ଏହି ସ୍ଥାବର ଜଙ୍ଗମ ଯୁକ୍ତ ଅଖିଳ ବ୍ରହ୍ମାଣ୍ଡକୁ ଆତ୍ମସ୍ୱରୂପରେ ଜ୍ଞାନ କରିବ । ଦେହାଦି ଯେ ସବୁ ପଦାର୍ଥ ଦେଖୁଛ, ସେହି ସମୁଦାୟ ଅନିତ୍ୟ; ଅତଏବ କୌଣସି-ରୂପେ ଦେହର ଆତ୍ମତ୍ୱ ହୋଇ ପାରେ ନାହିଁ । ସୁତରାଂ ଯାବତ୍ ଦେହରେ ଅତ୍ମଜ୍ଞାନ ଥାଏ, ତାବତ୍ ଆତ୍ମତତ୍ତ୍ୱ ଜ୍ଞାନ ହୋଇପାରେ ନାହିଁ ।

୮୯ । ହେ ମହାମତେ ! ତୁମ୍ଭେମାନେ କାମାଦି ପରିତ୍ୟାଗ କରି ଆତ୍ମହିତ ସାଧନରେ ଅଗ୍ରସର ହୁଅ । ବେଦାନ୍ତ ବାକ୍ୟ-ବିଚାର ଦ୍ୱାରା ନିଷ୍ପ୍ରପଞ୍ଚ ଆତ୍ମସ୍ୱରୂପ ପରିଜ୍ଞାନ ପୂର୍ବକ କାଳ ଅତିବାହିତ କର । ବେଦାନ୍ତ ବାକ୍ୟ ବିଚାର ଜନିତ ଆତ୍ମଜ୍ଞାନ ହେଲେ ମଧ୍ୟ ଯେ ପ୍ରାରବ୍ଧ କର୍ମର ଫଳଭୋଗ କରିବ, ସେଥିରେ କୌଣସି ଉଦ୍‌ବେଗ କର ନାହିଁ । ଆତ୍ମତତ୍ତ୍ୱ ପର୍ଯ୍ୟାଲୋଚନା ଦ୍ୱାରା ଜ୍ଞାନଲାଭ କରି ପାରିଲେ ତୁମ୍ଭେ ମଧ୍ୟ ଜ୍ଞାନିଗଣଙ୍କ ନ୍ୟାୟ ଫଳଭୋଗ କରି ପାରିବ ।

୯୦ । ପୂର୍ବ ଶ୍ଳୋକରେ କଥିତ ହୋଇଅଛି ଯେ ଆତ୍ମଜ୍ଞାନ ଉପସ୍ଥିତ ହେଲେ ମଧ୍ୟ ପ୍ରାରବ୍ଧ ଥାଏ; କିନ୍ତୁ ସେଥିରେଭି କୌଣସି ଭୟର ସମ୍ଭବ ନାହିଁ; ସୁତରାଂ ତାହାର ଆଉ ଭୋଗ କି ? ଏବଂ ଭୋଗ ନ ଥିଲେ ସେଥିରେ ଉଦ୍‌ବେଗର ସମ୍ଭାବନା କାହିଁ ? ଅତଏବ ସେହି ନିବାରଣାର୍ଥ ଉପଦେଶ ନିଷ୍ପ୍ରୟୋଜନ । ପରନ୍ତୁ ଏହି ବେଦାନ୍ତ ରହସ୍ୟ ପ୍ରକାଶାର୍ଥ, କହୁଅଛନ୍ତି ଯେ, ଆତ୍ମଜ୍ଞାନ ସମ୍ପୂର୍ଣ୍ଣ ହେଲେ ମଧ୍ୟ ପ୍ରାରବ୍ଧ ତାଙ୍କୁ ପରିତ୍ୟାଗ କରେ ନାହିଁ । ଏପରି ବେଦାନ୍ତ ଶାସ୍ତ୍ରରେ ଜଣାଯାଏ । ଅତଏବ ବର୍ତ୍ତମାନ ତାହାକୁ ଖଣ୍ଡନ କରୁଅଛନ୍ତି ।

୯୧ । ଆତ୍ମଜ୍ଞାନ ପରିଜ୍ଞାନ ହେଲେ ସର୍ବପ୍ରକାର ବ୍ୟବହାରର କାରଣୀଭୂତ ଅଜ୍ଞାନର ନିବୃତ୍ତି ହୋଇଥାଏ; ସୁତରାଂ ସେତେବେଳେ ପ୍ରାରବ୍ଧର ମଧ୍ୟ ଅଭାବ ହୋଇଥାଏ । ଯେହେତୁ ଯେପରି ପ୍ରବୋଧ କାଳରେ ସ୍ୱପ୍ନ ଅସତ୍ ହୁଏ, ସେହିପରି ତତ୍ତ୍ୱ-ଜ୍ଞାନ ଜନ୍ମିଲେହିଁ ଦେହାଦିର ଅସତ୍ତ୍ୱ ହୋଇଥାଏ; ସୁତରାଂ ଦେହାଦିର ଅସମ୍ଭବରେ ପ୍ରାରବ୍ଧ ମଧ୍ୟ ରହିପାରେ ନାହିଁ ।

କର୍ମଜନ୍ମାନ୍ତରୀୟଂ ଯତ୍ ପ୍ରାରବ୍ଧମିତି କୀର୍ତ୍ତିତଃ ।
ତତ୍ତୁ ଜନ୍ମାନ୍ତରାଭାବାତ୍ ପୁଂସୋ ନୈବାସ୍ତି କର୍ହିଚିତ୍ । ୯୨ ।
ସ୍ୱପ୍ନଦେହୋ ଯଥାଧ୍ୟସ୍ତ ସ୍ତଥୈବାୟଂ ହି ଦେହକଃ ।
ଅଧ୍ୟସ୍ତସ୍ୟ କୁତୋ ଜନ୍ମ ଜନ୍ମାଭାବେ ହି ତତ୍ କୁତଃ । ୯୩ ।
ଉପାଦାନଂ ପ୍ରପଞ୍ଚସ୍ୟ ମୃଦ୍ଭାଣ୍ଡସ୍ୟେବ ଦୃଶ୍ୟତେ ।
ଅଜ୍ଞାନଂ ଚୈବ ବେଦାନ୍ତୈସ୍ତସ୍ମିନ୍ନଷ୍ଟେ କ୍ୱ ବିଶ୍ୱତା । ୯୪ ।

---

୯୨ । ଏକ ଜନ୍ମରେ ପୁଣ୍ୟାପୁଣ୍ୟ କର୍ମ କଲେ; ଜନ୍ମାନ୍ତରରେ ଶୁଭାଶୁଭ ଫଳ ଭୋଗ ହୋଇ ଥାଏ । ଏହିପରି ଜନ୍ମାନ୍ତରରେ ଫଳପ୍ରଦାୟୀ କର୍ମକୁ ପ୍ରାରବ୍ଧ ବୋଲଯାଏ । ଯାହାର ଜନ୍ମାନ୍ତର ସମ୍ଭବ ଅଛି, ତାହାର ପ୍ରାରବ୍ଧ କର୍ମର ଫଳଭୋଗ ହୋଇପାରେ; କିନ୍ତୁ ତତ୍ତ୍ୱଜ୍ଞାନ ହେଲେ ତାହାର ଜନ୍ମାନ୍ତରଭି ହୁଏ ନାହିଁ, ସୁତରାଂ ଜ୍ଞାନୀ ବ୍ୟକ୍ତିର ପ୍ରାରବ୍ଧ କର୍ମର ଫଳଭୋଗ ସୁଦ୍ଧା ହୋଇ ନ ପାରେ ।

କର୍ମ ତ୍ରିବିଧ—ସଞ୍ଚିତ, କ୍ରିୟମାଣ ଓ ପ୍ରାରବ୍ଧ । ତତ୍ତ୍ୱଜ୍ଞାନଦ୍ୱାରା ପ୍ରାରବ୍ଧ କର୍ମର କ୍ଷୟ ହୋଇପାରେ; କିନ୍ତୁ ସଞ୍ଚିତ କର୍ମଭୋଗ କିଏ ବାରଣ କରିବ ? ଏଥିର ଉତ୍ତର ଏହିଯେ ସଞ୍ଚିତ କର୍ମ ସୁଦ୍ଧା ଭାବୀ ଜନ୍ମ ସମ୍ବନ୍ଧରେ ପ୍ରାରବ୍ଧରୂପେ ପରିଣତ ହୁଏ; ସୁତରାଂ କାଳକ୍ରମରେ ଜ୍ଞାନର ଜନ୍ମାଭାବ ସିଦ୍ଧ ହେଲା ।

୯୩ । ସ୍ୱପ୍ନକାଳୀନ ଦେହର ନ୍ୟାୟ ଏହି ଦେହ ସୁଦ୍ଧା ବିନାଶୀ । ଯେଉଁ ପଦାର୍ଥ ବିନଷ୍ଟ ହୋଇ ଯାଇଛି, ତାହାର ଜନ୍ମ ଅସମ୍ଭବ ଏବଂ ଜନ୍ମ ନ ହେଲେ ମଧ୍ୟ ପ୍ରାରବ୍ଧର ଭୋଗ ହୋଇ ପାରେ ନାହିଁ । ଜ୍ଞାନୀ ବ୍ୟକ୍ତିମାନଙ୍କର ବର୍ତ୍ତମାନ ଦେହ ବିନଷ୍ଟ ହେଲେ, ସେମାନଙ୍କର ଅନ୍ୟ ଦେହାନ୍ତର ପ୍ରାପ୍ତି ହୁଏ ନାହିଁ । ସୁତରାଂ ତତ୍ତ୍ୱଜ୍ଞାନଶୀଳ ବ୍ୟକ୍ତିର ପ୍ରାରବ୍ଧ କର୍ମର ଭୋଗ ହୁଏ ନାହିଁ ।

୯୪ । କାରଣ ଦ୍ୱିବିଧ :— ନିମିତ୍ତ ଓ ଉପାଦାନ । ନିମିତ୍ତ କେବଳ ଉତ୍ପତ୍ତିର ପ୍ରତି-କାରଣ । ବେଦାନ୍ତ ପ୍ରମାଣରେ ଜଣାଯାଏ ଯେ, ଅଜ୍ଞାନ ଓ ବ୍ରହ୍ମ ଉଭୟ ଏହି ପ୍ରପଞ୍ଚର ଉପାଦାନ । ବ୍ରହ୍ମ ନିର୍ବିକାର, ସୁତରାଂ କେବଳ ବ୍ରହ୍ମକୁ ପ୍ରପଞ୍ଚର ଉପାଦାନ ବୋଲଯାଏ ନାହିଁ ଏବଂ ଅଜ୍ଞାନ ଜଡ଼, ଏଣୁ ତାହା ପ୍ରପଞ୍ଚର କାରଣ ହୋଇ ନ ପାରେ । ଘଟାଦି ଭାଣ୍ଡ ପ୍ରତି ଯେପରି ମୃତ୍ତିକା ଓ ଜଳ ଉଭୟ ଉପାଦାନ, ସେପରି ବ୍ରହ୍ମ ଓ ଅଜ୍ଞାନ ଉଭୟ ପ୍ରପଞ୍ଚର ପ୍ରତି ଉପାଦାନ । କେବଳ ଅଜ୍ଞାନ କିମ୍ବା କେବଳ ବ୍ରହ୍ମ ପ୍ରପଞ୍ଚର ଉପାଦାନ-କାରଣ ନୁହେ । ଉଭୟ ମିଳିତ ହୋଇ ପ୍ରପଞ୍ଚ ଉପାଦାନ କରେ; ଅତଏବ ସେହି ଅଜ୍ଞାନର ବିନାଶ ହେଲେହିଁ ପ୍ରପଞ୍ଚର ସୁଦ୍ଧା ବିନାଶ ହୁଏ । ଯେପରି

ଯଥା ରଜ୍ଜୁଂ ପରିତ୍ୟଜ୍ୟ ସର୍ପଂ ଗୃହ୍ଣାତି ବୈ ଭ୍ରମାତ୍ ।
ତଦ୍ୱତ୍ ସତ୍ୟମବିଜ୍ଞାୟ ଜଗତ୍ ପଶ୍ୟତି ମୂଢ଼ଧୀଃ ।୯୫ ।

ରଜ୍ଜୁରୂପେ ପରିଜ୍ଞାତେ ସର୍ପଖଣ୍ଡଂ ନ ତିଷ୍ଠତି ।
ଅଧିଷ୍ଠାନେ ତଥାଜ୍ଞାତେ ପ୍ରପଞ୍ଚଃ ଶୂନ୍ୟତାଙ୍ଗତଃ । ୯୬ ।

ଦେହସ୍ୟାପି ପ୍ରପଞ୍ଚତ୍ୱାତ୍ ପ୍ରାରବ୍ଧାବସ୍ଥିତି କୁତଃ ।
ଅଜ୍ଞାନିଜନବୋଧାର୍ଥଂ ପ୍ରାରବ୍ଧଂ ବକ୍ତି ବୈ ଶ୍ରୁତିଃ । ୯୭ ।

ଜଳ ଓ ମୃତ୍ତିକା ଉଭୟ ମିଳନ ନ ହେଲେ ଘଟାଦି ବସ୍ତୁର ଉତ୍ପତ୍ତି ହୋଇ ନ ପାରେ; ସେହିପରି ଜଳସ୍ଥାନୀୟ ବ୍ରହ୍ମ ଓ ମୃତ୍ତିକା ସ୍ଥାନୀୟ ଅଜ୍ଞାନ ଏହି ଉଭୟର ମିଳନ ବ୍ୟତୀତ କୌଣସି ପ୍ରକାରରେ ସୂକ୍ଷ୍ମ ପ୍ରପଞ୍ଚର ଉତ୍ପତ୍ତିର ସମ୍ଭବ ହୁଏ ନାହିଁ । ଯେପରି ଜଳର ଅଭାବରେ କେବଳ ମୃତ୍ତିକା ଦ୍ୱାରା ଘଟ ଉତ୍ପନ୍ନ ହୁଏ ନାହିଁ, ସେହିପରି ଅଜ୍ଞାନର ଅଭାବରେ ବି ଏହି ପ୍ରପଞ୍ଚର ଉତ୍ପତ୍ତି ହୋଇ ପାରେ ନାହିଁ ।

୯୫ । ଯେପରି ରଜ୍ଜୁ ଦେଖିଲେ ମଧ୍ୟ ଭ୍ରମ ବଶତଃ ରଜ୍ଜୁ ରୂପେ ଜ୍ଞାନ ନ କରି ସେହି ରଜ୍ଜୁକୁହିଁ ସର୍ପରୂପେ ଜ୍ଞାନ କରେ, ସେହିପରି ମୂଢ଼ବ୍ୟକ୍ତି ଅଜ୍ଞାନବଶତଃ ପରଂ-ବ୍ରହ୍ମକୁ ସତ୍ୟରୂପେ ଜାଣି ଏହି ଜଗତକୁ ସତ୍ୟ ବୋଲି ଜ୍ଞାନ କରେ । ଯେପରି ଭ୍ରମହିଁ ରଜ୍ଜୁରେ ସର୍ପଜ୍ଞାନର କାରଣ, ସେହିପରି ଅଜ୍ଞାନହିଁ ପ୍ରପଞ୍ଚର କାରଣ ।

୯୬ । ଯେପରି ସର୍ପ ଭ୍ରାନ୍ତିର ଅଧିଷ୍ଠାନଭୂତ ରଜ୍ଜୁର ସ୍ୱରୂପ ପରିଜ୍ଞାନ ହେଲେ ସର୍ପଜ୍ଞାନ ମିଥ୍ୟା ବୋଲି ପ୍ରତୀତ ହୁଏ, ସେପରି ପ୍ରପଞ୍ଚର ଅଧିଷ୍ଠାନଭୂତ ଆତ୍ମାର ତତ୍ତ୍ୱ-ପରିଜ୍ଞାନ ହେଲେ, ଏହି ପ୍ରପଞ୍ଚ ମିଥ୍ୟା ବୋଲି ବୋଧହୁଏ । ଏହାଦ୍ୱାରା ପ୍ରତିପନ୍ନ ହେଉଅଛି ଯେ, କେବଳ ପରମାତ୍ମାହିଁ ସତ୍ୟ ଏବଂ ଏହି ପ୍ରପଞ୍ଚ ଜଗତ୍ ସମୁଦାୟହିଁ ମିଥ୍ୟା; ଅତଏବ କୌଣସି ରୂପେଭି ଏହି ପ୍ରପଞ୍ଚକୁ ସତ୍ୟଜ୍ଞାନ କରିଯାଇ-ପାରେ ନାହିଁ ।

୯୭ । ଜୀବନ୍ମୁକ୍ତ ଜ୍ଞାନୀ ପୁରୁଷର ପ୍ରାରବ୍ଧ ନାହିଁ । ତେବେ ଶ୍ରୁତିରେ ପ୍ରାରବ୍ଧ ଉକ୍ତ ହୋଇଅଛି କାହିଁକି ? ଏଥିର ଉତ୍ତର କହୁଅଛନ୍ତି—ଅଜ୍ଞାନିମାନଙ୍କର ପ୍ରବୋଧାର୍ଥହିଁ ଶ୍ରୁତିରେ ପ୍ରାରବ୍ଧ କଥିତ ହୋଇଅଛି । ଜ୍ଞାନଦ୍ୱାରା ସର୍ବ ବ୍ୟବହାରର କାରଣୀଭୂତ ଅଜ୍ଞାନ ବିନଷ୍ଟ ହେଲେ ଜ୍ଞାନୀଗଣ ଜଗତକୁ ବ୍ରହ୍ମସ୍ୱରୂପରେ ବ୍ୟବହାର କରନ୍ତି । କିନ୍ତୁ ଅଜ୍ଞାନୀ ବ୍ୟକ୍ତି ତାହା ଜାଣି ପାରେ ନାହିଁ । ଅତଏବ ଶ୍ରୁତି ପ୍ରାରବ୍ଧର ଉଲ୍ଲେଖ କରି ଅଜ୍ଞାନିମାନଙ୍କର ପ୍ରବୋଧ ଦେଉଅଛି ।

ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ।
ବହୁତ୍ୱଂ ତନ୍ନିଷେଧାର୍ଥଂ ଶ୍ରୁତ୍ୟା ଗୀତଞ୍ଚ ଯତ୍ସ୍ଫୁଟଂ । ୯୮ ।

ଉଚ୍ୟତେଽଜ୍ଞୈର୍ବଲାଚ୍ଚୈତତ୍ତଦାନର୍ଥଦ୍ୱୟାଗମଃ ।
ବେଦାନ୍ତମତହାନଞ୍ଚ ଯତୋ ଜ୍ଞାନମିତି ଶ୍ରୁତିଃ । ୯୯ ।

---

୯୮ । ଯଦି ଜ୍ଞାନିମାନଙ୍କର ପ୍ରାରବ୍ଧ କର୍ମର ଭୋଗ ନ ହେଲା, ତେବେ ସେମାନଙ୍କ ପକ୍ଷେ ପ୍ରାରବ୍ଧ କର୍ମର ଉଲ୍ଲେଖ କଲେ କାହିଁକି ? ଏହା ମନେ କରି କହୁଛନ୍ତି:— ଜ୍ଞାନିମାନଙ୍କ ପକ୍ଷେ ଯେ ପ୍ରାରବ୍ଧ କର୍ମର କଥା ରହିଅଛି, ସେଥିରେ ଏହାହିଁ ଜଣାଯାଏ ଯେ, ଜ୍ଞାନିମାନଙ୍କର ପ୍ରାରବ୍ଧ କର୍ମର ଫଳଭୋଗ ହୁଏନାହିଁ ।

ଅତଏବ ଜ୍ଞାନିମାନଙ୍କର ପ୍ରାରବ୍ଧ ଭୋଗର ନିବାରଣାର୍ଥ ଶ୍ରୁତି କହୁଅଛନ୍ତି ଯେ ସେହି ପରାତ୍ପର ପରମାତ୍ମ-ଦର୍ଶନ ହେଲେ ହୃଦୟ ଗ୍ରନ୍ଥି, ଅର୍ଥାତ ସଂସାର ପ୍ରତି ପରିତ୍ୟକ୍ତ ହୋଇ ସର୍ବପ୍ରକାର ସଂଶୟ ବିଦୂରିତ ହୋଇଯାଏ ଏବଂ ପ୍ରାରବ୍ଧ କର୍ମର କ୍ଷୟ ହୋଇଥାଏ ।

୯୯ । ଯେଉଁମାନେ ଶ୍ରୁତି ତାତ୍ପର୍ଯ୍ୟରେ ଅନଭିଜ୍ଞ ସେହି ଅବିବେକୀ ମୂଢ଼ ବ୍ୟକ୍ତି-ମାନେହିଁ ଅବିବେକ ବଶତଃ ପ୍ରାରବ୍ଧକୁ ଯଥାର୍ଥ ବୋଲି ପ୍ରତିପାଦନ କରନ୍ତି, କାରଣ ସେମାନେ ଆତ୍ମାକୁ ଅଦ୍ୱୈତରୂପେ ଜାଣନ୍ତି ନାହିଁ । ଏଥିରେ ସେମାନଙ୍କ ମତରେ ଦୁଇଟି ଦୋଷର ସମ୍ଭବ ହେଉଅଛି । ପ୍ରଥମ ଦୋଷ-ମୋକ୍ଷାଭାବ, ଦ୍ୱିତୀୟ ଦୋଷ-ଜ୍ଞାନର ଉଚ୍ଛେଦ । ଯଦି ପ୍ରାରବ୍ଧରୂପ ଦ୍ୱୈତ ସ୍ୱୀକାର କର, ତାହାହେଲେ କୌଣସି ରୂପେଭି ମୁକ୍ତ ହୋଇ ପାରେ ନାହିଁ । କାରଣ, ପ୍ରାରବ୍ଧ କର୍ମର ଫଳଭୋଗ ନିମିତ୍ତ ଜନ୍ମଗ୍ରହଣ କରିବାକୁ ପଡ଼େ । ଜନ୍ମହେଲେ ପୁନର୍ବାର ପ୍ରାରବ୍ଧ ହୋଇଥାଏ । ଏହିରୂପେ ଚିରକାଳ ପ୍ରାରବ୍ଧ କର୍ମର ଅନୁରୋଧରେ ଆବଦ୍ଧ ରହିବାକୁ ହେବ, ସୁତରାଂ ମୁକ୍ତି ଅସମ୍ଭବ ହୋଇପଡ଼େ । ଆଉ ଯଦି ମୁକ୍ତି ଅସମ୍ଭବ ହେଲା, ତାହାହେଲେ ଜ୍ଞାନର ବା ପ୍ରୟୋଜନ କ'ଣ ? ବିଶେଷତଃ ପ୍ରାରବ୍ଧ ସ୍ୱୀକାର କଲେ ବେଦାନ୍ତର ମତ ମଧ୍ୟ ଅଗ୍ରାହ୍ୟ ହୁଏ । ବେଦାନ୍ତରେ ଅଦ୍ୱୈତ ବ୍ରହ୍ମ ସ୍ୱୀକୃତ ହୋଇଅଛି । ବର୍ତ୍ତମାନ ପ୍ରାରବ୍ଧରୂପ ଦ୍ୱୈତ ସ୍ୱୀକାର କଲେ, ବେଦାନ୍ତର ଅଦ୍ୱୈତ ମତର ହାନି ହୁଏ । ଅତଏବ ଏକଣି ଏହାହିଁ କର୍ତ୍ତବ୍ୟ ବୋଲି ବୋଧ ହେଉଅଛି ଯେ, ସମସ୍ତ ଶ୍ରୁତିରୁ ଅଦ୍ୱୈତ ଜ୍ଞାନରେହିଁ ବ୍ରହ୍ମବିଜ୍ଞାନ ଲାଭ ହୋଇ ପାରେ; ସୁତରାଂ ସେହି ଶ୍ରୁତି ଗ୍ରହଣ କରିବାହିଁ ସର୍ବତୋଭାବରେ ଶ୍ରେୟସ୍କର ।

ତ୍ରିପଞ୍ଚାଙ୍ଗାନ୍ୟଥୋ ବକ୍ଷ୍ୟେ ପୂର୍ବୋକ୍ତସ୍ୟ ହି ଲବ୍ଧୟେ ।
ତୈଶ୍ଚ ସର୍ବୈଃ ସଦା କାର୍ଯ୍ୟଂ ନିଦିଧ୍ୟାସନମେବ ତୁ । ୧୦୦।
ନିତ୍ୟାଭ୍ୟାସାଦୃତେ ପ୍ରାପ୍ତିର୍ନ ଭବେତ୍ ସଚ୍ଚିଦାତ୍ମନଃ ।
ତସ୍ମାଦ୍ ବ୍ରହ୍ମ ନିଦିଧ୍ୟାସେଜ୍ଜିଜ୍ଞାସୁଃ ଶ୍ରେୟସେ ଚିରଂ । ୧୦୧ ।

ଯମୋହି ନିୟମସ୍ତ୍ୟାଗୋ ମୌନଂ ଦେଶଶ୍ଚ କାଳତଃ ।
ଆସନଂ ମୂଳବନ୍ଧଶ୍ଚ ଦେହସାମ୍ୟଞ୍ଚ ଦୃକ୍‌ସ୍ଥିତିଃ । ୧୦୨ ।

ପ୍ରାଣସଂଯମନଞ୍ଚୈବ ପ୍ରତ୍ୟାହାରଶ୍ଚ ଧାରଣା ।
ଆତ୍ମଧ୍ୟାନଂ ସମାଧିଶ୍ଚ ପ୍ରୋକ୍ତାନ୍ୟଙ୍ଗାନି ବୈ କ୍ରମାତ୍ ।୧୦୩।

---

୧୦୦ । ପୂର୍ବେ ବୈରାଗ୍ୟାଦି ସାଧନ ଚତୁଷ୍ଟୟ ପୂର୍ବକ ବେଦାନ୍ତ ବାକ୍ୟର ବିଚାରକୁ ଉତ୍ତମାଧିକାରୀମାନଙ୍କର ମୁଖ୍ୟ ଅପରୋକ୍ଷରୂପେ ବ୍ରହ୍ମଜ୍ଞାନର ହେତୁ ନିର୍ଦ୍ଦେଶ କରିଅଛନ୍ତି । ବର୍ତ୍ତମାନ ଯେଉଁ ମନ୍ଦାଧିକାରୀମାନେ ପୁନଃପୁନ ବିଚାର କରି ବୁଦ୍ଧିମାନ୍ଦ୍ୟ-ବଶତଃ ଏବଂ ବିଷୟାନୁରାଗ ରୂପ ପ୍ରତିବନ୍ଧକ ହେତୁ ଅପରୋକ୍ଷରୂପେ ବ୍ରହ୍ମବିଜ୍ଞାନ ଲାଭ କରିବାକୁ ଅସମର୍ଥ, ସେମାନଙ୍କ ପକ୍ଷେ ନିର୍ଗୁଣ ବ୍ରହ୍ମର ଉପାସନାହିଁ ମୋକ୍ଷଲାଭର ପ୍ରଧାନ କାରଣ, ଏହି ଅଭିପ୍ରାୟରେ ଧ୍ୟାନଯୋଗ ନିର୍ଣ୍ଣୟାର୍ଥ ପ୍ରତିଜ୍ଞା କରୁଅଛନ୍ତି । ଅନନ୍ତର ନିଦିଧ୍ୟାସନର ଅଙ୍ଗୀଭୂତ ପଞ୍ଚଦଶ ସାଧନ କହୁଛୁଁ । ବକ୍ଷ୍ୟମାଣ ପଞ୍ଚଦଶ ସାଧନ ଦ୍ୱାରା ସର୍ବଦା ନିଦିଧ୍ୟାସନ କରିବ । କେବେହେଁ ମୌନାବଲମ୍ବନ କରି ରହିବ ନାହିଁ । ବକ୍ଷ୍ୟମାଣ ପ୍ରକାରରେ ନିଦିଧ୍ୟାସନ କଲେ, ଉତ୍ତମାଧିକାରୀମାନଙ୍କର ନ୍ୟାୟ ଅପରୋକ୍ଷରୂପେ ମୋକ୍ଷର କାରଣୀଭୂତ ବ୍ରହ୍ମବିଜ୍ଞାନ ଲାଭ କରିବାକୁ ସମର୍ଥ ହେବ ।

୧୦୧ । ନିତ୍ୟ ଅଭ୍ୟାସ ବିନା ସଚ୍ଚିଦାନନ୍ଦମୟ ପରଂବ୍ରହ୍ମଙ୍କର ଜ୍ଞାନ ଲାଭ ହୋଇ ପାରେ ନାହିଁ । ଏଣୁ ମନ୍ଦାଧିକାରୀମାନେ ବିଚାରାଦି ଅନ୍ୟାନ୍ୟ ଜ୍ଞାନ ସାଧନ କର୍ମ୍ମ ପରିତ୍ୟାଗ ପୂର୍ବକ ଗୁରୁଙ୍କ ଉପଦେଶାନୁସାରେ ଶ୍ରଦ୍ଧାବାନ୍ ହୋଇ ଆପଣା ଆପଣାର ମଙ୍ଗଳ ସାଧନାର୍ଥ ସର୍ବଦା ନିର୍ଗୁଣ ବ୍ରହ୍ମରେ ନିଦିଧ୍ୟାସନ କରିବେ ।

୧୦୨-୧୦୩ । ପୂର୍ବେ ଯେ ପଞ୍ଚଦଶ ପ୍ରକାର ଯୋଗ ସାଧନର ବିଷୟ ଉଲ୍ଲିଖିତ ହୋଇଅଛି, ବର୍ତ୍ତମାନ ନାମ ନିର୍ଦ୍ଦେଶ ପୂର୍ବକ ସେ ସମସ୍ତ ଯୋଗ ସାଧନ ନିରୂପଣ କରୁଅଛନ୍ତି । ଯମ, ନିୟମ, ତ୍ୟାଗ, ମୌନ, ଦେଶ, କାଳ, ଆସନ, ମୂଳବନ୍ଧ, ଦେହସାମ୍ୟ, ଦୃକ୍‌ସ୍ଥିତି, ପ୍ରାଣସଂଯମ, ପ୍ରତ୍ୟାହାର, ଧାରଣା, ଆତ୍ମଧ୍ୟାନ ଓ ସମାଧି ଏହି ପଞ୍ଚଦଶ ଯୋଗ ସାଧନ ।

ସର୍ବଂ ବ୍ରହ୍ମେତି ବିଜ୍ଞାନାଦିନ୍ଦ୍ରିୟଗ୍ରାମସଂଯମଃ ।
ଯମୋଽୟମିତି ସଂପ୍ରୋକ୍ତୋଽଭ୍ୟସନୀୟୋ ମୁହୁର୍ମୁହୁଃ । ୧୦୪ ।

ସଜାତୀୟପ୍ରବାହଶ୍ଚ ବିଜାତୀୟତିରସ୍କୃତିଃ ।
ନିୟମୋ ହି ପରାନନ୍ଦୋ ନିୟମାତ୍ କ୍ରିୟତେ ବୁଧୈଃ । ୧୦୫ ।

ତ୍ୟାଗଃ ପ୍ରପଞ୍ଚରୂପସ୍ୟ ଚିଦାତ୍ମତ୍ୱାବଲୋକନାତ୍ ।
ତ୍ୟାଗୋ ହି ମହତାଂ ପୂଜ୍ୟଃ ସଦ୍ୟୋମୋକ୍ଷମୟୋ ଯତଃ । ୧୦୬ ।

୧୦୪। ଏକ୍ଷଣି କ୍ରମେ ପଞ୍ଚଦଶ ଯୋଗାଙ୍ଗର ଲକ୍ଷଣ ନିରୂପଣ କରୁଅଛନ୍ତି ।— "ଆକାଶାଦି ଦେହ ପର୍ଯ୍ୟନ୍ତ ସମସ୍ତ ବ୍ରହ୍ମାଣ୍ଡହିଁ ବ୍ରହ୍ମସ୍ୱରୂପ" ଏହିପରି ନିଶ୍ଚୟ କରି ଚକ୍ଷୁ, କର୍ଣ୍ଣ, ନାସିକା ଜିହ୍ୱା, ତ୍ୱକ, ବାକ୍, ପାଣି, ପାଦ, ପାୟୁ, ଉପସ୍ଥ ଓ ମନ ଏହି ଏକାଦଶ ଇନ୍ଦ୍ରିୟଙ୍କୁ ଶବ୍ଦାଦି ସ୍ୱସ୍ୱ ବିଷୟରୁ ନିବାରିତ କରି ରଖିବ । ଏହିପରି ଇନ୍ଦ୍ରିୟ ନିବାରଣ ଯମ (ସଂଯମ) ନାମରେ କଥିତ । ଇନ୍ଦ୍ରିୟଗ୍ରାହ୍ୟ ଶବ୍ଦାଦି ବିଷୟସମୂହ ବିନାଶୀ ଓ ଅତିଶୟ ଦୁଃଖପ୍ରଦ, ଏହିପରି ଦୋଷ ଦର୍ଶନ ଦ୍ୱାରା ଇନ୍ଦ୍ରିୟଗଣଙ୍କୁ ବିଷୟରୁ ନିବାରିତ କରି ପାରିଲେ ଯମ ସାଧନ ହୁଏ । ଅତଏବ ଗୁରୁଙ୍କ ଉପଦେଶାନୁସାରେ ଏହି ଯୋଗ ପୁନଃ-ପୁନ ଅଭ୍ୟାସ କରିବା କର୍ତ୍ତବ୍ୟ ।

୧୦୫ । ଏବେ ନିୟମର ଲକ୍ଷଣ ନିରୂପଣ କରୁଅଛନ୍ତି:— "ମୁଁ ଅସଙ୍ଗ ଓ ନିରଦ୍ୱୟ ପରଂବ୍ରହ୍ମ" ଏହି ଜ୍ଞାନପ୍ରବାହ, ଅର୍ଥାତ୍ ସର୍ବଦା ଉକ୍ତ ପ୍ରକାର ବିଶ୍ୱାସ ଥାଇ ପୂର୍ବସଂସ୍କାର ତ୍ୟାଗପୂର୍ବକ ବ୍ରହ୍ମାତିରିକ୍ତ ଜଗତକୁ ଯେ ମିଥ୍ୟାଜ୍ଞାନ, ତାହାର ନାମ ନିୟମ । କେବଳ ଶୌଚାଦିକୁ ନିୟମ ବୋଲଯାଏ ନାହିଁ । କାରଣ ଏହି ନିୟମ ଦ୍ୱାରା ପରମାନନ୍ଦ ପ୍ରାପ୍ତି ହୁଏ । ଅତଏବ ପଣ୍ଡିତଗଣ ଏହି ନିୟମ ଦ୍ୱାରା ପରମାନନ୍ଦ ଲଭ କରିଥାନ୍ତି ।

୧୦୬ । ଏହି ଘଟ, ଏହି ପଟ ଇତ୍ୟାଦି ନାମରୂପ ଦ୍ୱାରା ଯେସବୁ ପଦାର୍ଥକୁ ବ୍ୟବହାର କରାଯାଏ, ତାହାହିଁ ପ୍ରପଞ୍ଚ । ଚିନ୍ମୟବ୍ରହ୍ମଜ୍ଞାନାନୁସନ୍ଧାନ ଦ୍ୱାରା ଉକ୍ତ ପ୍ରପଞ୍ଚର ଯେ ପରିତ୍ୟାଗ ଅର୍ଥାତ୍ ଘଟପଟାଦି ପଦାର୍ଥ ସବୁର ନାମରୂପର କଳ୍ପନା ପରିତ୍ୟାଗ ପୂର୍ବକ ଯେ ଉପେକ୍ଷା, ତାହାକୁ ତ୍ୟାଗ କହି । ଏରୂପ ତ୍ୟାଗକୁ ମହାତ୍ମା ଜ୍ଞାନୀ ବ୍ୟକ୍ତି ଆଦର କରିଥାନ୍ତି । କାରଣ ଏପରି ତ୍ୟାଗର ଅନୁସନ୍ଧାନ ମାତ୍ରେ ମୋକ୍ଷ ଲାଭ ହୁଏ । ଆତ୍ମତତ୍ତ୍ୱବିତ୍ ପଣ୍ଡିତଗଣ ଏହି ତ୍ୟାଗକୁ ପରମ ହିତକର ମନେ କରନ୍ତି । ଅତଏବ ଆତ୍ମତତ୍ତ୍ୱବିତ୍ ବ୍ୟକ୍ତିର ଅବଶ୍ୟ ଏହା ସାଧନ କରିବା କର୍ତ୍ତବ୍ୟ ।

ଯସ୍ମାଦ୍ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ ।
ଯନ୍ମୌନଂ ଯୋଗିଭିର୍ଗମ୍ୟଂ ତଦ୍ଭବେତ୍ ସର୍ବଦା ବୁଧଃ । ୧୦୭ ।

ବାଚୋ ଯସ୍ମାନ୍ନିବର୍ତ୍ତନ୍ତେ ତଦ୍ବକ୍ତୁଂ କେନ ଶକ୍ୟତେ ।
ପ୍ରପଞ୍ଚୋ ଯଦି ବକ୍ତବ୍ୟଃ ସୋଽପି ଶବ୍ଦବିବର୍ଜ୍ଜିତଃ । ୧୦୮ ।

ଇତି ବା ତଦ୍ଭବେନ୍ମୌନଂ ସତାଂ ସହଜସଂଜ୍ଞିତଂ ।
ଗିରା ମୌନନ୍ତୁ ବାଲାନାଂ ପ୍ରଯୁକ୍ତଂ ବ୍ରହ୍ମବାଦିଭିଃ । ୧୦୯ ।

ଆଦାବନ୍ତେ ଚ ମଧ୍ୟେ ଚ ଜନୋ ଯସ୍ମିନ୍ନ ବିଦ୍ୟତେ ।
ଯେନେଦଂ ସତତଂ ବ୍ୟାପ୍ତଂ ସ ଦେଶୋ ବିଜନଃ ସ୍ମୃତଃ । ୧୧୦ ।

---

୧୦୭ । ଯେ ଶବ୍ଦଜ୍ଞାନର ନିମିତ୍ତୀଭୂତ, ଜାତିକ୍ରିୟାଦିର ଅଭାବହେତୁ ସର୍ବଦା ବାକ୍ୟ ଓ ମନର ଅଗୋଚର, ଅର୍ଥାତ୍ ଯାହାକୁ କେହି ବାକ୍ୟଦ୍ୱାରା ବର୍ଣ୍ଣନା କରି ପାରେ ନାହିଁ, । ସେହି ପରଂବ୍ରହ୍ମଙ୍କୁ ଯୋଗିଗଣ ଲାଭ କରିଥାନ୍ତି । ସେହି ପରଂବ୍ରହ୍ମହିଁ ମୌନ ଶବ୍ଦ ବାଚ୍ୟ । ପଣ୍ଡିତଗଣ "ମୁଁ ସେହି ବ୍ରହ୍ମସ୍ୱରୂପ" ଏହିରୂପେ ବ୍ରହ୍ମାନୁସନ୍ଧାନ କରିବେ ।

୧୦୮ । ପୂର୍ବ ଶ୍ଳୋକରେ ଯେ ବ୍ରହ୍ମାନୁସନ୍ଧାନ ମୌନ ଲକ୍ଷଣ କଥିତ ହୋଇଅଛି । ତାହା ଚତୁର୍ଦ୍ଦଶ ସାଧନାତ୍ମକ ଧ୍ୟାନରୂପେ ପ୍ରତିପନ୍ନ ହେଉଅଛି; ଅତଏବ ଅନ୍ୟପ୍ରକାରରେ ମୌନ ଲକ୍ଷଣ କହୁଛନ୍ତି । ଯାହାଠାରୁ ବାକ୍ୟର ନିବୃତ୍ତି ହୁଏ, ତାଙ୍କୁ କିଏ ବାକ୍ୟଦ୍ୱାରା ବର୍ଣ୍ଣନା କରିପାରେ ? ଯଦି କହ, ପ୍ରପଞ୍ଚକୁହିଁ ବାକ୍ୟଦ୍ୱାରା ବର୍ଣ୍ଣନା କରାଯାଏ ନାହିଁ, ତାହାଭି ଶବ୍ଦର ଅତୀତ; କାରଣ ସତ ଅସତ୍ ପ୍ରଭୃତି ନାନା ପ୍ରକାର ପଦାର୍ଥ ଅଛି, ତାହା କେହି ବାକ୍ୟ ଦ୍ୱାରା ବର୍ଣ୍ଣନା କରି ଶେଷ କରି ପାରେନା । ଏହିପରି ବ୍ରହ୍ମ ଓ ଜଗତର ବାକ୍ୟ ତ୍ୟାଗକୁ ମୌନ ବୋଲାଯାଏ ।

୧୦୯ । ଏହି ମୌନହିଁ ସତ୍ ବ୍ୟକ୍ତିମାନଙ୍କର ସ୍ୱଭାବ ସିଦ୍ଧ । ବାକ୍ୟର ନିରୋଧକୁ ମୌନ କୁହାଯାଏ ନାହିଁ । କାରଣ ଶିଶୁମାନଙ୍କର ବାକ୍ୟହୀନତା କି ବ୍ରହ୍ମବାଦୀ ପଣ୍ଡିତମାନଙ୍କ ନିକଟରେ ମୌନବୋଲି ଗଣ୍ୟ ହୋଇପାରେ ?

୧୧୦ । ଏବେ ଦେଶ ଲକ୍ଷଣ କଥିତ ହେଉଅଛି । ଯେଉଁ ଦେଶରେ ଆଦି, ମଧ୍ୟ ଓ ଅନ୍ତେ ଅର୍ଥାତ୍ କେବେଭି ଲୋକ ନ ଥାନ୍ତି, ସେହି ଦେଶକୁ ନିର୍ଜ୍ଜନ ଦେଶ କହନ୍ତି । ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ଏହି କାଳ ତ୍ରୟରେ ଜନଶୂନ୍ୟ ଦେଶହିଁ ଯୋଗସାଧନାର ଉପଯୁକ୍ତ ଦେଶ ।

କଲ୍ପନାତ୍ ସର୍ବଭୂତାନାଂ ବ୍ରହ୍ମାଦୀନାଂ ନିମେଷତଃ ।
କାଲଶବ୍ଦେନ ନିର୍ଦ୍ଦିଷ୍ଟୋ ହ୍ୟଖଣ୍ଡାନନ୍ଦ ଅଦ୍ୱୟଃ । ୧୧୧ ।
ସୁଖେନୈବ ଭବେଦ୍ ଯସ୍ମିନ୍ନଜସ୍ରଂ ବ୍ରହ୍ମଚିନ୍ତନଂ ।
ଆସନଂ ତଦ୍ ବିଜାନୀୟାନ୍ନେତରତ୍ ସୁଖନାଶନମ୍ । ୧୧୨ ।
ସିଦ୍ଧଂ ଯତ୍ ସର୍ବଭୂତାଦି ବିଶ୍ୱାଧିଷ୍ଠାନମବ୍ୟୟଂ ।
ଯସ୍ମିନ୍ ସିଦ୍ଧାଃ ସମାବିଷ୍ଟାସ୍ତଦ୍ ବୈ ସିଦ୍ଧାସନଂ ବିଦୁଃ । ୧୧୩ ।
ଯନ୍ମୂଲଂ ସର୍ବଭୂତାନାଂ ଯନ୍ମୂଲଂ ଚିତ୍ତବନ୍ଧନଂ ।
ମୂଲବନ୍ଧଃ ସଦା ସେବ୍ୟୋ ଯୋଗ୍ୟୋଽସୌ ରାଜଯୋଗିନାଂ । ୧୧୪ ।
ଅଙ୍ଗାନାଂ ସମତାଂ ବିଦ୍ୟାତ୍ ସମେ ବ୍ରହ୍ମଣି ଲୀୟତେ ।
ନୋ ଚେନ୍ନୈବ ସମାନତ୍ୱମୃଜୁତ୍ୱଂ ଶୁଷ୍କବୃକ୍ଷବତ୍ । ୧୧୫ ।

---

୧୧୧ । ଯେ ନିମେଷ ମଧ୍ୟରେ ବ୍ରହ୍ମାଦି ବ୍ରହ୍ମପର୍ଯ୍ୟନ୍ତ ସର୍ବଭୂତଙ୍କର ସୃଷ୍ଟି, ସ୍ଥିତି, ପ୍ରଳୟ କରୁଛନ୍ତି, ସେହି ସୃଷ୍ଟି, ସ୍ଥିତି, ପ୍ରଳୟର ଆଧାର ଅଖଣ୍ଡାନନ୍ଦସ୍ୱରୂପ ଅଦ୍ୱୟ ବ୍ରହ୍ମଙ୍କୁହିଁ କାଳଶବ୍ଦରେ ନିର୍ଦ୍ଦେଶ କରାଯାଏ ।

୧୧୨ । ଯେ ସୁଖସ୍ୱରୂପ ବ୍ରହ୍ମରେ କଦାପି ବ୍ୟାଘାତ ଚିନ୍ତା ନାହିଁ, ସେହି ତ୍ରିକାଳ ସ୍ଥାୟୀ ବ୍ରହ୍ମଙ୍କୁହିଁ ଆସନ ବୋଲି ଜ୍ଞାନ କରିବ । ଏହି ଆସନରେ ସର୍ବପ୍ରକାର ବୈଷୟିକ ସୁଖର ବିନାଶ ହୋଇ ଲୋକାତୀତ ବ୍ରହ୍ମସୁଖ ଅନୁଭୂତ ହୋଇଥାଏ । ଏହି ବ୍ରହ୍ମ ସୁଖର ଆସ୍ୱାଦ ପାଇଲେ ବିଷୟ ସୁଖର ବିନାଶ ହୁଏ ।

୧୧୩ । ଏବେ ପ୍ରସଙ୍ଗକ୍ରମେ ସିଦ୍ଧାସନ ନିରୂପଣ କରୁଅଛନ୍ତି :—

ଯହିଁରେ ସର୍ବଭୂତ ପ୍ରସିଦ୍ଧ ଅଛନ୍ତି ଏବଂ ସିଦ୍ଧ ପୁରୁଷମାନେ ସମାଧି ଅଭ୍ୟାସ କରି ଯହିଁରେ ଅବସ୍ଥିତ କରନ୍ତି, ସେହି ବିଶ୍ୱର ଅଧିଷ୍ଠାନଭୂତ ବ୍ରହ୍ମଙ୍କୁହିଁ ସିଦ୍ଧାସନ ବୋଲଯାଏ ।

୧୧୪ । ବର୍ତ୍ତମାନ ମୂଳବନ୍ଧ ନିରୂପଣ କରୁଅଛନ୍ତି :—

ଯେ ଆକାଶାଦି ସର୍ବଭୂତର ଆଦି କାରଣ, ଯେ ଚିତ୍ତବନ୍ଧନର କାରଣସ୍ୱରୂପ, ସେହି ବ୍ରହ୍ମହିଁ ମୂଳବନ୍ଧରୂପେ ଉକ୍ତ ହୁଅନ୍ତି । ଏହି ମୂଳବନ୍ଧ ରାଜଯୋଗିମାନଙ୍କ ସେବ୍ୟ ।

୧୧୫ । ଦେହସାମ୍ୟ:—ସର୍ବଭୂତରେ ସମଦୃଷ୍ଟିଦ୍ୱାରା ବ୍ରହ୍ମରେ ଯେ ଦେହର ଲୟ ତାହାହିଁ ଦେହର ସାମ୍ୟାବସ୍ଥା । ବ୍ରହ୍ମରେ ଲୟ ନ ପାଇ ଦେହକୁ ସରଳ ଭାବରେ ରଖିଲେ ଦେହର ସାମ୍ୟାବସ୍ଥା ହୁଏ ନାହିଁ । ତାହା କେବଳ ଶୁଷ୍କ ବୃକ୍ଷର ନ୍ୟାୟ ସରଳତା ମାତ୍ର । ଶୁଷ୍କବୃକ୍ଷ ଯେପରି ସରଳ ଓ ଅଚଞ୍ଚଳ ହେଲେ ବି କୌଣସି କାର୍ଯ୍ୟକ୍ଷମ ନୁହେ, ସେହିପରି ବ୍ରହ୍ମରେ ଅଲୀନଦେହ ସରଳ ଓ ଅଚଞ୍ଚଳ, ହେଲେ ମଧ୍ୟ କୌଣସି କାର୍ଯ୍ୟ ଯୋଗ୍ୟ ନୁହେ ।

ଦୃଷ୍ଟିଂ ଜ୍ଞାନମୟୀଂ କୃତ୍ୱା ପଶ୍ୟେଦ୍‌ବ୍ରହ୍ମମୟଂ ଜଗତ୍ ।
ସା ଦୃଷ୍ଟିଃ ପରମୋଦାରା ନ ନାସାଗ୍ରାବଲୋକିନୀ । ୧୬ ।

ଦୃଷ୍ଟିଦର୍ଶନଦୃଶ୍ୟାନାଂ ବିରାମୋ ଯତ୍ର ବା ଭବେତ୍ ।
ଦୃଷ୍ଟିସ୍ତତ୍ରୈବ କର୍ତ୍ତବ୍ୟା ନ ନାସାଗ୍ରାବଲୋକିନୀ । ୧୧୭ ।

ଚିତ୍ତାଦି ସର୍ବଭାବେଷୁ ବ୍ରହ୍ମତ୍ୱେନୈବ ଭାବନାତ୍ ।
ନିରୋଧଃ ସର୍ବବୃତ୍ତୀନାଂ ପ୍ରାଣାୟାମଃ ସ ଉଚ୍ୟତେ । ୧୧୮ ।

ନିଷେଧନଂ ପ୍ରପଞ୍ଚସ୍ୟ ରେଚକାଖ୍ୟଃ ସମୀରଣଃ ।
ବ୍ରହ୍ମୈବାସ୍ମୀତି ଯା ବୃତ୍ତିଃ ପୂରକୋ ବାୟୁରୀରିତଃ ।୧୧୯ ।

---

୧୧୬ । ଦୃକ୍‌ସ୍ଥିତି ଲକ୍ଷଣ: - ଦୃଷ୍ଟିକୁ ଜ୍ଞାନମୟ କରି ସେହି ଜ୍ଞାନମୟୀ ଦୃଷ୍ଟିଦ୍ୱାରା ଏହି ଜଗତକୁ ବ୍ରହ୍ମମୟ ଅବଲୋକନ କରିବ । ଏହି ଦୃଷ୍ଟିକୁ ପରମ ଉଦାର ଦୃଷ୍ଟି କହନ୍ତି । ଦୃଷ୍ଟିର ଏହିପରି ଅବସ୍ଥାକୁ ଦୃକ୍‌ସ୍ଥିତି ବୋଲାଯାଏ । କେବଳ ଦୃଷ୍ଟିକୁ ନାସାଗ୍ରରେ ବିନ୍ୟସ୍ତ କଲେ ଦୃକ୍‌ସ୍ଥିତି ହୁଏ ନାହିଁ ।

୧୧୭ । ବ୍ରହ୍ମରେ ଇନ୍ଦ୍ରିୟବୃତ୍ତିର କରଣୀଭୂତ ଜାତ୍ୟାଦି ଧର୍ମ ନାହିଁ, ଅତଏବ କି ରୂପରେ ଇନ୍ଦ୍ରିୟାଦିର ପ୍ରତ୍ୟକ୍ଷସିଦ୍ଧ ଏହି ଜଗତର ବ୍ରହ୍ମରୂପେ ଦର୍ଶନ ହୋଇପାରେ ? ଏଥି ସକାଶେ କହୁଅଛନ୍ତି –ଯହିଁରେ ଦ୍ରଷ୍ଟା, ଦର୍ଶନ ଓ ଦୃଶ୍ୟର ବିରାମ ହୁଏ, ଅର୍ଥାତ୍ ଯାହାକୁ ଦେଖିଲେ, ଅନ୍ୟ କୌଣସି ପଦାର୍ଥ ଦେଖିବାକୁ ଇଚ୍ଛା ହୁଏ ନାହିଁ । ସେହି ବ୍ରହ୍ମ ରୂପରେ ଦୃଷ୍ଟି, ଅର୍ଥାତ୍ ଅନ୍ତଃକରଣବୃତ୍ତି ନିବଦ୍ଧ କଲେହିଁ ଦୃକ୍‌ସ୍ଥିତି ହୁଅଇ ନାହିଁ ।

୧୧୮ । ପ୍ରାଣାୟାମର ଲକ୍ଷଣ:— ଚିତ୍ତାଦି ସର୍ବଭାବକୁ ବ୍ରହ୍ମସ୍ୱରୂପରେ ଚିନ୍ତାକରି ସର୍ବପ୍ରକାର ଇନ୍ଦ୍ରିୟବୃତ୍ତିର ନିରୋଧ କରିବ । ଏହିପ୍ରକାର ସର୍ବପ୍ରକାର ଇନ୍ଦ୍ରିୟ ବୃତ୍ତିର ନିରୋଧକୁ ପ୍ରାଣାୟାମ କହି । ପାତଞ୍ଜଳମତର ଅଭିମତ ପ୍ରାଣ ନିରୋଧ ଦ୍ୱାରା ମନର ନିରୋଧ ହୁଏ ନାହିଁ, କାରଣ ମନ ପ୍ରାଣର ଅଧୀନ ନୁହେ ।

୧୧୯ । ପ୍ରାଣାୟାମ-ବିଧି: ରେଚକ ପୂରକ ଓ କୁମ୍ଭକ । ଏହି ପ୍ରପଞ୍ଚର ନିଷେଧ, ଅର୍ଥାତ୍ ମିଥ୍ୟାତ୍ୱ ରୂପେ ପରିଜ୍ଞାନହିଁ ରେଚକ ପ୍ରାଣାୟାମ; ଅଜ ଏକ ବ୍ରହ୍ମହିଁ ମୁଁ ଅଛି, ଏହିପରି ଅଦ୍ୱୈତ ଜ୍ଞାନକୁ ପୂରକ ପ୍ରାଣାୟାମ କହି ।

ତତସ୍ତଦ୍‌ବୃତ୍ତିନୈଶ୍ଚଲ୍ୟଂ କୁମ୍ଭକଃ ପ୍ରାଣସଂଯମଃ ।
ଅୟଞ୍ଚାପି ପ୍ରବୁଦ୍ଧାନାମଜ୍ଞାନାଂ ଘ୍ରାଣପୀଡ଼ନଂ । ୧୨୦ ।

ବିଷୟେଷ୍ୱାତ୍ମତାଂ ଦୃଷ୍ଟ୍ୱା ମନସଶ୍ଚିତ୍ତ ମଜ୍ଜନଂ ।
ପ୍ରତ୍ୟାହାରଃ ସବିଜ୍ଞେୟୋଽଭ୍ୟସନୀୟୋ ମୁମୁକ୍ଷୁଭିଃ । ୧୨୧ ।

ଯତ୍ର ଯତ୍ର ମନୋ ଯାତି ବ୍ରହ୍ମଣସ୍ତତ୍ର ଦର୍ଶନାତ୍ ।
ମନସୋ ଧାରଣଞ୍ଚୈବ ଧାରଣା ସା ପରା ମତା । ୧୨୨ ।

ବ୍ରହ୍ମୈବାସ୍ମୀତି ସଦ୍‌ବୃତ୍ତ୍ୟା ନିରାଲମ୍ବତୟା ସ୍ଥିତିଃ ।
ଧ୍ୟାନଶବ୍ଦେନ ବିଖ୍ୟାତା ପରମାନନ୍ଦଦାୟିନୀ । ୧୨୩ ।

---

୧୨୦ । "ସମସ୍ତହିଁ ବ୍ରହ୍ମମୟ", ଏହିପରି ଅଦ୍ୱୈତ ଜ୍ଞାନ ହୋଇ ଯେଉଁ ଚିତ୍ତନିରୋଧ ହୁଏ, ଅର୍ଥାତ୍ ବିଷୟାଦି ଉପେକ୍ଷା କରି ସର୍ବପ୍ରକାରରେ ସର୍ବବୃତ୍ତିର ସେହି ବ୍ରହ୍ମରେ ନିଶ୍ଚଳ ଭାବରେ ଅବସ୍ଥିତି, କୁମ୍ଭକ ପ୍ରାଣାୟାମ ନାମରେ ପ୍ରସିଦ୍ଧ । ଜ୍ଞାନୀମାନେ ଏହିପରି ରେଚକ, ପୂରକ, କୁମ୍ଭକକୁ ପ୍ରାଣାୟାମ ବୋଲି ନିର୍ଦ୍ଦେଶ କରନ୍ତି । ଯେଉଁମାନେ ଅଜ୍ଞାନ, ସେମାନେ ପ୍ରାଣବାୟୁର ନିରୋଧକୁ ପ୍ରାଣାୟାମ ବୋଲି ସ୍ୱୀକାର କରନ୍ତି ।

୧୨୧ । ଘଟାଦି କାର୍ଯ୍ୟ ଓ ଶବ୍ଦାଦି ବିଷୟରେ ଅନାତ୍ମତ୍ୱ ନିଶ୍ଚୟ କରତଃ ଚିନ୍ମୟ ପରମାତ୍ମାରେ ଯେ ମନୋନିମଜ୍ଜନ ଅର୍ଥାତ୍ ସର୍ବପ୍ରକାରରେ ସେହି ଚିନ୍ମୟ ପରମାତ୍ମାରେ ଯେ ମନଃ ସ୍ଥାପନ, ତାକୁହିଁ ତତ୍ତ୍ୱଦର୍ଶୀ ପଣ୍ଡିତଗଣ ପ୍ରତ୍ୟାହାର ବୋଲି କହନ୍ତି । ମୁମୁକ୍ଷୁ ବ୍ୟକ୍ତିମାନେ ପୁନଃପୁନ ଏହିପରି ପ୍ରତ୍ୟାହାର ଅଭ୍ୟାସ କରିବେ ।

୧୨୨ । ଯେ ଯେ ବିଷୟରେ ମନ ଗମନ କରେ, ସେହି ସେହି ବିଷୟରେ ବ୍ରହ୍ମର ସତ୍ତା ଜାଣି ସେହି ସବୁ ବିଷୟର ନାମ ରୂପାଦି ଉପେକ୍ଷା କରି ବ୍ରହ୍ମସ୍ୱରୂପ ଜ୍ଞାନରେ ମନ ସ୍ଥାପନ କରିବା, ଏହାକୁହିଁ ବେଦାନ୍ତ ବିତ୍ ପଣ୍ଡିତଗଣ ଧାରଣା କହିଥାନ୍ତି । ଏହାହିଁ ପ୍ରଶସ୍ତ ।

୧୨୩ । ଆତ୍ମଧ୍ୟାନ ନିରୂପଣ :—ସର୍ବପ୍ରକାର ବାଧା ଅତିକ୍ରମ କରି ଦେହାନୁସନ୍ଧାନ ପରିତ୍ୟାଗ ପୂର୍ବକ "ମୁହିଁ ବ୍ରହ୍ମ" ଏପରି ଜ୍ଞାନ କରି ବ୍ରହ୍ମରୂପରେ ଯେ ଅବସ୍ଥାନ, ତାକୁ ଆତ୍ମଧ୍ୟାନ କହନ୍ତି । ଏହିପରି ଆତ୍ମଧ୍ୟାନହିଁ ପରମ ଆନନ୍ଦ ପ୍ରଦାନ କରେ ।

ନିର୍ବିକାରତୟା ବୃତ୍ତ୍ୟା ବ୍ରହ୍ମାକାରତୟା ପୁନଃ ।
ବୃତ୍ତିବିସ୍ମରଣଂ ସମ୍ୟକ୍ ସମାଧିର୍ଜ୍ଞାନସଞ୍ଜ୍ଞକଃ । ୧୨୪ ।
ଇମଞ୍ଚାକୃତ୍ରିମାନନ୍ଦଂ ତାବତ୍ ସାଧୁ ସମଭ୍ୟସେତ୍ ।
ବଶ୍ୟୋ ଯାବତ୍ କ୍ଷଣାତ୍ ପୁଂସଃ ପ୍ରଯୁକ୍ତଃ ସନ୍ ଭବେତ୍ ସ୍ୱୟଂ । ୧୨୫ ।
ତତଃ ସାଧନନିର୍ମୁକ୍ତଃ ସିଦ୍ଧୋ ଭବତି ଯୋଗିରାଟ୍ ।
ତତ୍ସ୍ୱରୂପଂ ନ ଚୈତସ୍ୟ ବିଷୟୋ ମନସୋ ଗିରାଂ । ୧୨୬ ।
ସମାଧୌ କ୍ରିୟମାଣେ ତୁ ବିଘ୍ନାନ୍ୟାୟାନ୍ତି ବୈ ବଳାତ୍ ।
ଅନୁସନ୍ଧାନରାହିତ୍ୟମାଳସ୍ୟଂ ଭୋଗଲାଳସଂ । ୧୨୭ ।

---

୧୨୪ । ସମାଧିଃ—ଅନ୍ତଃକରଣରୁ ସର୍ବପ୍ରକାର ବିଷୟାନୁସନ୍ଧାନ ନିରାକରଣ ପୂର୍ବକ ନିର୍ବିକାର ଚିତ୍ତରେ ସର୍ବତୋଭାବରେ ଆପଣାକୁ ବ୍ରହ୍ମସ୍ୱରୂପରେ ସ୍ମରଣ କରିବ ଏବଂ ସର୍ବ ପ୍ରକାରଭାବ ପରିତ୍ୟାଗ କରିବ । "ସେହି ବ୍ରହ୍ମ ମୋହର ଧ୍ୟେୟ, ମୁଁ ତାହାର ଧ୍ୟାନ କରେଁ" ଏହିପରି ଦ୍ୱୈତଭାବ ସୁଦ୍ଧା ରଖିବ ନାହିଁ; ସର୍ବଦା ସର୍ବ ପ୍ରକାରରେ ବ୍ରହ୍ମର ସହିତ ଅଭେଦ ଜ୍ଞାନ କରିବ । ଏହି ପ୍ରକାର ବ୍ରହ୍ମାନୁସ୍ମରଣକୁ ସମାଧି କହନ୍ତି । ଫଳତଃ ଏହି ସମାଧିକୁହିଁ ତତ୍ତ୍ୱଜ୍ଞାନ କହନ୍ତି ।

୧୨୫ । ଯାବତ୍ ପୂର୍ବୋକ୍ତ ଆନନ୍ଦ ପୁରୁଷର ବଶ ହୁଏ, ତାବତ୍ ପଞ୍ଚଦଶ ଯୋଗାଙ୍ଗର ସହିତ ଅଖଣ୍ଡ ଆନନ୍ଦର କାରଣ ସ୍ୱରୂପ ନିଦିଧ୍ୟାସନ ଓ ବେଦାନ୍ତ ବିଚାରର ଅଭ୍ୟାସ କରିବ । ପରେ ଯେବେ ବେଦାନ୍ତ ବିଚାର ଓ ସାଙ୍ଗ ନିଦିଧ୍ୟାସନ ଦ୍ୱାରା ସ୍ୱୟଂ ବ୍ରହ୍ମ ସ୍ୱରୂପ ହେବ, ତେବେ ଆଉ ନିଦିଧ୍ୟାସନ ଅଥବା ବେଦାନ୍ତ ବିଚାରର କୌଣସି ପ୍ରୟୋଜନ ରହିବ ନାହିଁ ।

୧୨୬ । ସାଧନଯୁକ୍ତ ବ୍ୟକ୍ତି ପୂର୍ବୋକ୍ତ ପ୍ରକାରରେ ଯୋଗ ଅଭ୍ୟାସ କରି ସିଦ୍ଧ ହେଲେ, ସର୍ବପ୍ରକାର ସାଧନ ପରିତ୍ୟାଗ କରିବ । ତେବେ ତାହାକୁ ଲୋକେ ଯୋଗୀନ୍ଦ୍ର ବୋଲିବେ । ଫଳପକ୍ଷେ ବ୍ରହ୍ମସ୍ୱରୂପ, ଏତାଦୃଶ ଯୋଗୀ ପୁରୁଷର ମନ-ବାକ୍ୟର ବିଷୟୀଭୂତ ନୁହେଁ ।

୧୨୭ । ଅଖଣ୍ଡାନନ୍ଦକର ବ୍ରହ୍ମରୂପରେ ଅବସ୍ଥାନାତ୍ମକ ସମାଧି ମୋକ୍ଷଫଳ ପ୍ରଦାନ କରେ । ଯାବତ୍ ସମାଧି ନ ହୁଏ, ତାବତ୍ ଗୁରୁଙ୍କ ଆଜ୍ଞାନୁସାରେ ପୂର୍ବୋକ୍ତ ପ୍ରକାରରେ ଯୋଗ ସାଧନ କରିବ । ଯଦିଓ ଗୁରୁଙ୍କ ଆଜ୍ଞାନୁସାରେ ଉକ୍ତ ଯୋଗ ସବୁ ସୁଖକର ତଥାପି ତାହା ଦୁଃଖକର ବୋଲି ଯୋଗ ସାଧନରେ ଅନାଦର କରିବ ନାହିଁ । କାରଣ, ସମାଧି ସାଧନ କାଳରେ ନାନାପ୍ରକାର ବିଘ୍ନ ବଳପୂର୍ବକ ଆସିଥାଏ । ଅନୁସନ୍ଧାନରାହିତ୍ୟ, ଆଳସ୍ୟ, ଭୋଗସ୍ପୃହା—

ଲୟସ୍ତମଶ୍ଚ ବିକ୍ଷେପୋ ରସାସ୍ୱାଦଶ୍ଚ ଶୂନ୍ୟତା ।
ଏବଂ ଯଦ୍ ବିଘ୍ନବାହୁଲ୍ୟଂ ତ୍ୟାଜ୍ୟଂ ବ୍ରହ୍ମବିଦା ଶନୈଃ । ୧୨୮ ।

ଭାବବୃତ୍ତ୍ୟା ହି ଭାବତ୍ୱଂ ଶୂନ୍ୟବୃତ୍ତ୍ୟା ହି ଶୂନ୍ୟତା ।
ବ୍ରହ୍ମବୃତ୍ତ୍ୟା ହି ପୂର୍ଣ୍ଣତ୍ୱଂ ତଥା ପୂର୍ଣ୍ଣତ୍ୱମଭ୍ୟସେତ୍ । ୧୨୯ ।

ଯେ ହି ବୃତ୍ତିଂ ଜହତ୍ୟେନାଂ ବ୍ରହ୍ମାଖ୍ୟାଂ ପାବନୀଂ ପରାଂ ।
ତେ ତୁ ବୃଥୈବ ଜୀବନ୍ତି ପଶୁଭିଶ୍ଚ ସମାନରାଃ । ୧୩୦ ।

ଯେ ହି ବୃତ୍ତିଂ ବିଜାନନ୍ତି ଜ୍ଞାତ୍ୱାପି ବର୍ଦ୍ଧୟନ୍ତି ଯେ ।
ତେ ବୈ ସତ୍ପୁରୁଷା ଧନ୍ୟା ବନ୍ଦ୍ୟାସ୍ତେ ଭୁବନତ୍ରୟେ । ୧୩୧ ।

---

୧୨୮ । ନିଦ୍ରା, କାର୍ଯ୍ୟାକାର୍ଯ୍ୟର ଅବିବେଚନା, ବିଷୟାନୁରାଗ, ରସାସ୍ୱାଦ, ଅର୍ଥାତ୍ ବ୍ରହ୍ମଧ୍ୟାନରେ କିଞ୍ଚିତ୍ ରସବୋଧ ହେଲେ "ମୁଁ ଧନ୍ୟ ହୋଇଅଛି" ବୋଲି ସାଧନ କାର୍ଯ୍ୟରେ ଅନାଦର ଏବଂ ରାଗ, ଦ୍ୱେଷ ଓ ଉତ୍କଟ ବାସନା ଦ୍ୱାରା ଚିତ୍ତର ବୈକଲ୍ୟ ଇତ୍ୟାଦି ନାନାବିଧ ବିଘ୍ନ ସମାଧି ସାଧନର ପ୍ରତିକୂଳତା କରିଥାଏ । ଅତଏବ ବ୍ରହ୍ମବିତ୍ ଯୋଗୀଗଣ ଏହିସବୁ ବାହୁଲ୍ୟ ତ୍ୟାଗ କରିବେ ନାହିଁ ।

୧୨୯ । ବୃତ୍ତି ଅର୍ଥାତ୍ ମାନସିକ ଅନୁରାଗହିଁ ଜୀବର ବନ୍ଧ ଓ ମୋକ୍ଷର କାରଣ । ଯାହାର ବିଷୟାଦିରେ ମନର ଅନୁରାଗ ହୁଏ, ସେହି ବ୍ୟକ୍ତି ଚିରକାଳ ବିଷୟରେ ଆବଦ୍ଧ ଥାଏ ଏବଂ ଯାହାର ମନ ବିଷୟ ପରିତ୍ୟାଗ କରି ବ୍ରହ୍ମଚିନ୍ତନରେ ନିଯୁକ୍ତ ହୁଏ, ତାହାର ମୋକ୍ଷ ହୁଏ । ଯାହାର ଚିତ୍ତବୃତ୍ତି ଘଟାଦି ଭାବରୂପେ ଅନୁଗତ ହୁଏ, ତାହାର ମନରେ ସେହି ସମସ୍ତ ଭାବ ପଦାର୍ଥ ପ୍ରକାଶ ପାଏ । ଯାହାର ଅନ୍ତଃକରଣ ଶୂନ୍ୟବୃତ୍ତି ଆଶ୍ରୟ କରେ, ତାହାର ଚିତ୍ତ ଶୂନ୍ୟମୟ ହୁଏ ଏବଂ ଚିତ୍ତବୃତ୍ତି ବ୍ରହ୍ମସ୍ୱରୂପରେ ଅନୁଗତ ହେଲେ ପୂର୍ଣ୍ଣ ବ୍ରହ୍ମତ୍ୱ ଲାଭ ହୁଏ । ଅତଏବ ଯହିଁରେ ପୂର୍ଣ୍ଣବ୍ରହ୍ମତ୍ୱ ପ୍ରାପ୍ତି ହୋଇପାରେ, ଜ୍ଞାନୀ-ବ୍ୟକ୍ତିମାନେ ସେହିରୂପେ ପୁନଃପୁନ ଅଭ୍ୟାସ କରିବେ ।

୧୩୦ । ବ୍ରହ୍ମବୃତ୍ତି ଅତି ପବିତ୍ର । ଏହି ବୃତ୍ତିହିଁ ଲୋକର ପରମଗତି ପ୍ରଦାନ କରେ । ଯେଉଁମାନେ ଉକ୍ତ ବ୍ରହ୍ମବୃତ୍ତିକୁ ପରିତ୍ୟାଗ କରନ୍ତି, ସେମାନେ ବୃଥା ଜୀବନ ଧାରଣ କରିଥାଆନ୍ତି । ସେହି ସମସ୍ତ ମନୁଷ୍ୟ ମନୁଷ୍ୟ ନୁହନ୍ତି; ସେମାନେ ପଶୁତୁଲ୍ୟ ।

୧୩୧ । ଯେଉଁମାନେ ସର୍ବସମ୍ପତ୍ତି ପ୍ରଦାୟିନୀ ବ୍ରହ୍ମବୃତ୍ତିକୁ ଜାଣି ... ସେହି ବୃତ୍ତିକୁ ବର୍ଦ୍ଧିତ କରନ୍ତି, ସେମାନେହିଁ ସତ୍ପୁରୁଷ ଓ ଧନ୍ୟ ... ତ୍ରିଭୁବନରେ ବନ୍ଦନୀୟ ।

ଯେଷାଂ ବୃତ୍ତିଃ ସମାବୃଦ୍ଧା ପରିପକ୍ୱା ଚ ସା ପୁନଃ ।
ତେ ବୈ ସଦ୍‌ବ୍ରହ୍ମତାଂ ପ୍ରାପ୍ତା ନେତରେ ଶବ୍ଦବାଦିନଃ ।୧୩୨।
କୁଶଳା ବ୍ରହ୍ମବାର୍ତ୍ତାୟାଂ ବୃତ୍ତିହୀନାଃ ସୁରାଗିଣଃ ।
ତେଽପ୍ୟଜ୍ଞାନତୟା ନୂନଂ ପୁନରାୟାନ୍ତି ଯାନ୍ତି ଚ । ୧୩୩ ।
ନିମେଷାର୍ଦ୍ଧଂ ନ ତିଷ୍ଠନ୍ତି ବୃତ୍ତିଂ ବ୍ରହ୍ମମୟୀଂ ବିନା ।
ଯଥା ତିଷ୍ଠନ୍ତି ବ୍ରହ୍ମାଦ୍ୟାଃ ସନକାଦ୍ୟାଃ ଶୁକାଦୟଃ । ୧୩୪ ।
କାର୍ଯ୍ୟେ କାରଣତା ଯାତା କାରଣେ ନ ହି କାର୍ଯ୍ୟତା ।
କାରଣତ୍ୱଂ ତତୋ ଗଚ୍ଛେତ୍ କାର୍ଯ୍ୟାଭାବେ ବିଚାରତଃ । ୧୩୫ ।

---

୧୩୨ । ଯେଉଁମାନଙ୍କର ବ୍ରହ୍ମବୃତ୍ତି ବର୍ଦ୍ଧିତ ହୋଇ ପରିପାକ ପ୍ରାପ୍ତ ହୁଏ, ସେମାନେ ବ୍ରହ୍ମତ୍ୱ ପ୍ରାପ୍ତ ହୋଇଥାନ୍ତି । ଯେଉଁମାନେ କେବଳ ବାକ୍ୟାଡ଼ମ୍ବର କରନ୍ତି, ସେମାନଙ୍କର ବ୍ରହ୍ମତ୍ୱ ଲାଭ ହୁଏ ନାହିଁ ।

୧୩୩ । ଯେଉଁମାନେ ବ୍ରହ୍ମାନୁରାଗ-ବିହୀନ ହୋଇ କେବଳ ବ୍ରହ୍ମବିଦ୍ୟା ବିସ୍ତାରରେ କୌଶଳ ପ୍ରକାଶ କରନ୍ତି ଏବଂ ବାଗ୍ ବିତଣ୍ଡା କରି ନାନାପ୍ରକାର ତର୍କ-ବିତର୍କ ଦ୍ୱାରା ବ୍ରହ୍ମ ବିଷୟରେ ଅନୁରାଗ ପ୍ରଦର୍ଶନ କରନ୍ତି, ସେମାନେ ନିତାନ୍ତ ଅଜ୍ଞାନ, କେବେହେଁ ସେମାନଙ୍କର ମୋକ୍ଷଲାଭ ହୁଏ ନାହିଁ । ବିଚାର-ତତ୍ପର ବ୍ରହ୍ମବାଦୀମାନେ ଏହି ସଂସାରରେ ପୁନଃପୁନ ଯାତାୟାତ କରିଥାନ୍ତି ।

୧୩୪ । ମୁମୁକ୍ଷୁ ବ୍ୟକ୍ତିମାନେ ସର୍ବଦା ବ୍ରହ୍ମଚିନ୍ତାପର ହୋଇ ରହିବେ । କ୍ଷଣକାଳ ସୁଦ୍ଧା ବ୍ରହ୍ମବୃତ୍ତି-ବିହୀନ ହୋଇ ରହିବେ ନାହିଁ । ଯେପରି ବ୍ରହ୍ମାଦିଦେବଗଣ, ସନକାଦି ମୁନିଗଣ ଓ ଶୁକାଦି ବ୍ରହ୍ମପରାୟଣ ବ୍ୟକ୍ତିମାନେ ସର୍ବଦା ବ୍ରହ୍ମନିଷ୍ଠ ଥିଲେ, ସେହିପରି ଯେଉଁମାନେ ମୋକ୍ଷାଭିଳାଷୀ, ସେମାନେ କାୟମନୋବାକ୍ୟରେ ବ୍ରହ୍ମାନୁସନ୍ଧାନ କରିବେ । ନିମେଷାର୍ଦ୍ଧକାଳ ସୁଦ୍ଧା ବ୍ରହ୍ମଚିନ୍ତା ପରିତ୍ୟାଗ କରିବେ ନାହିଁ ।

୧୩୫ । ସ୍ୱାଭିମତ ରାଜଯୋଗ ବର୍ଣ୍ଣନପୂର୍ବକ ପୂର୍ବୋକ୍ତ ସାଂଖ୍ୟ ମତାନୁସାରେ ବେଦାନ୍ତ ବିଚାରର ଉପସଂହାର କରୁଅଛନ୍ତି—ମୃତ୍ତିକାର କାର୍ଯ୍ୟଭୂତ ଘଟାଦି ପଦାର୍ଥରେ ମୃତ୍ତିକାର ଗୁଣ ସବୁ ଅଛି; କିନ୍ତୁ କାରଣୀଭୂତ ମୃତ୍ତିକାଦିରେ ଘଟର କୌଣସି ଗୁଣ ଥାଏ ନାହିଁ ଏବଂ କାର୍ଯ୍ୟର ଅଭାବ ହେଲେ କାରଣତା ପ୍ରାପ୍ତ ହୁଏ । ଅତଏବ ଏହାହିଁ ପ୍ରତିପନ୍ନ ହେଉଅଛି ଯେ, ଯେପରି ଘଟାଦି କାର୍ଯ୍ୟର ଅଭାବ ହେଲେ ମୃତ୍ତିକାର ସ୍ୱରୂପ ପ୍ରାପ୍ତ ହୁଏ, ସେହିପରି ଆକାଶାଦି କାର୍ଯ୍ୟ ସବୁର ବିନାଶ ହେଲେ, ସତ୍ୟଜ୍ଞାନମୟ ବ୍ରହ୍ମହିଁ ପ୍ରକାଶ ପାଇଥାନ୍ତି । ଏହି ପ୍ରକାର ବିଚାର କରି ଆକାଶାଦି କାର୍ଯ୍ୟ ସମୂହ ଅନିତ୍ୟ ଓ କେବଳ ବ୍ରହ୍ମହିଁ ସତ୍ୟ ଏହିରୂପ ଜ୍ଞାନ କରିବ ।

ଅଥ ଶୁଦ୍ଧଂ ଭବେଦ୍‌ବସ୍ତୁ ଯଦ୍‌ବୈ ବାଚାମଗୋଚରଂ ।
ଦ୍ରଷ୍ଟବ୍ୟଂ ମୃଦ୍‌ଘଟେନୈବ ଦୃଷ୍ଟାନ୍ତେନ ପୁନଃପୁନଃ । ୧୩୬ ।

ଅନେନୈବ ପ୍ରକାରେଣ ବୃତ୍ତିର୍ବ୍ରହ୍ମାତ୍ମିକା ଭବେତ୍ ।
ଉଦେତି ଶୁଦ୍ଧଚିତ୍ତାନାଂ ବୃତ୍ତିଜ୍ଞାନଂ ତତଃପରଂ । ୧୩୭ ।

କାରଣଂ ବ୍ୟତିରେକେଣ ପୁମାନାଦୌ ବିଲୋକୟେତ୍ ।
ଅନ୍ୱୟେନ ପୁନସ୍ତଦ୍ଧି କାର୍ଯ୍ୟଂ ନିତ୍ୟଂ ପ୍ରପଶ୍ୟତି । ୧୩୮ ।

କାର୍ଯ୍ୟେ ହି କାରଣଂ ପଶ୍ୟେତ୍ ପଶ୍ଚାତ୍ କାର୍ଯ୍ୟଂ ବିସର୍ଜୟେତ୍ ।
କାରଣତ୍ୱଂ ତତୋ ଗଚ୍ଛେଦବଶିଷ୍ଟଂ ଭବେନ୍ମୁନିଃ । ୧୩୯ ।

---

୧୩୬ । ପୂର୍ବୋକ୍ତ ବିଚାର ଦ୍ୱାରା କାର୍ଯ୍ୟକାରଣ ଭାବ ନିବୃତ୍ତ ହେଲେ ବାକ୍ୟ ମନର ଅଗୋଚର ବ୍ରହ୍ମବସ୍ତୁହିଁ ଅବଶିଷ୍ଟ ରହନ୍ତି । ଯେପରି ଘଟ ବିନଷ୍ଟ ହେଲେ, ମୃତ୍ତିକା ରୁହେ, ସେହିପରି ଅଜ୍ଞାନ ବିନଷ୍ଟ ହେଲେ ପ୍ରପଞ୍ଚର ସତ୍ୟତ୍ୱ ଜ୍ଞାନ ନିବୃତ୍ତ ହୋଇ ବ୍ରହ୍ମପ୍ରାପ୍ତି ହୋଇଥାଏ ।

୧୩୭ । ପୂର୍ବୋକ୍ତ ବିଚାର ଦ୍ୱାରା ଯେ କେବଳ ଜ୍ଞାନ ସାଧନ ହୁଏ, ଏପରି ନୁହେଁ; ଧ୍ୟାନସାଧନ ହୋଇଥାଏ । ପୂର୍ବୋକ୍ତ ପ୍ରକାରରେ ଶୁଦ୍ଧଚିତ୍ତ ବ୍ୟକ୍ତିମାନଙ୍କର ବୃତ୍ତି ଜ୍ଞାନର ଉଦୟ ହୁଏ, ଅନନ୍ତର ବ୍ରହ୍ମାତ୍ମିକା ବୃତ୍ତି ଉତ୍ପନ୍ନ ହୋଇଥାଏ ।

୧୩୮ । ତତ୍ତ୍ୱାନୁସନ୍ଧାନୀ ବ୍ୟକ୍ତିମାନେ ପ୍ରଥମତଃ "କାରଣବ୍ୟତିରେକେ କାର୍ଯ୍ୟର ଉତ୍ପତ୍ତି ହୋଇ ପାରେ ନାହିଁ" ଏରୂପ ବ୍ୟତିରେକାନୁସନ୍ଧାନଦ୍ୱାରା କାରଣ ନିଶ୍ଚୟ କରିବେ, ପରେ କାର୍ଯ୍ୟ ଦର୍ଶନରେ "ଏହି କାର୍ଯ୍ୟର ଅବଶ୍ୟ କୌଣସି କାରଣ ଅଛି" ଏରୂପ ଅନ୍ୱୟାନୁସନ୍ଧାନ କରତଃ ସେହି କାରଣର ନିର୍ଦ୍ଦେଶ କରିବେ । ଏହି ପ୍ରକାର ବିଚାର ଦ୍ୱାରା ଏହି ପ୍ରପଞ୍ଚ କାରଣ ବ୍ୟତିରେକେ ଉତ୍ପନ୍ନ ହୋଇ ନ ପାରେ, ଏହିରୂପ ନିଶ୍ଚୟ କରି ବ୍ରହ୍ମଙ୍କୁ ଏହି ପ୍ରପଞ୍ଚର କାରଣରୂପେ ସ୍ଥିର କରିବେ ।

୧୩୯ । ପକ୍ଷାନ୍ତରରେ କହୁଅଛନ୍ତି:—ପ୍ରଥମତଃ କାର୍ଯ୍ୟ କାରଣ ସ୍ଥିର କରି ପରେ ସେହି କାର୍ଯ୍ୟ ପରିତ୍ୟାଗ କରିବ, ଅର୍ଥାତ୍ କାର୍ଯ୍ୟାନୁସନ୍ଧାନ କରିବ ନାହିଁ । କାର୍ଯ୍ୟ ବିସର୍ଜନ ହେଲେ କାରଣର ଲାଭ ହେବ । ପରେ ପ୍ରପଞ୍ଚର କାରଣସ୍ୱରୂପ ଯେ ବ୍ରହ୍ମ ଅବଶିଷ୍ଟ ଥାନ୍ତି, ମୁନିଗଣ ସ୍ୱୟଂ ସେହି ତନ୍ମୟ ସ୍ୱରୂପ ହୋଇ ପାରିବେ ।

ଭାବିତଂ ତୀବ୍ରବେଗେନ ଯଦ୍‌ବସ୍ତୁ ନିଶ୍ଚୟାତ୍ମନା ।
ପୁମାଂସ୍ତଦ୍ଧି ଭବେଚ୍ଛୀଘ୍ରଂ ଜ୍ଞେୟଂ ଭ୍ରମରକୀଟବତ୍ । ୧୪୦ ।

ଅଦୃଶ୍ୟଂ ଭାବରୂପଞ୍ଚ ସର୍ବମେବ ଚିଦାତ୍ମକମ୍ ।
ସାବଧାନତୟା ନିତ୍ୟଂ ସ୍ୱାତ୍ମାନଂ ଭାବୟେଦ୍‌ବୁଧଃ । ୧୪୧

ଦୃଶ୍ୟଂ ହ୍ୟଦୃଶ୍ୟତାଂ ନୀତ୍ୱା ବ୍ରହ୍ମାକାରେଣ ଚିନ୍ତୟେତ୍ ।
ବିଦ୍ୱାନ୍ନିତ୍ୟସୁଖେ ତିଷ୍ଠେଦ୍ଧିୟା ଚିଦ୍ରସପୂର୍ଣ୍ଣୟା ।୧୪୨ ।

---

୧୪୦ । ବର୍ତ୍ତମାନ ପରୋକ୍ଷଜ୍ଞାନମାନଙ୍କର ବ୍ରହ୍ମତ୍ୱ ନିରୂପଣ କରୁଅଛନ୍ତିଃ—ନିଶ୍ଚୟାତ୍ମା ପୁରୁଷ ଦୃଢ଼ଚିତ୍ତରେ ସର୍ବଦା ଅନନ୍ୟମନରେ ନିଯୁକ୍ତ ସେହି ଚିଦାନନ୍ଦ ବ୍ରହ୍ମସ୍ୱରୂପ ଚିନ୍ତା କରୁ କରୁ ବ୍ରହ୍ମରୂପ ହୋଇପାରେ । ଯେପରି ଭ୍ରମରକୀଟ (କୁମ୍ଭାର ପୋକ)' କୌଣସି ଜୀବନ୍ତ ପୋକକୁ ଅପଣା ଆବାସ ସ୍ଥାନକୁ ଆଣି ଅବଦ୍ଧ କରି ରଖେ, ସେଥିରେ ସେହି ଜୀବନ୍ତ କୀଟ ସର୍ବଦା ଭୀତ ହୋଇ ଭ୍ରମର କୀଟର ରୂପକୁ ଚିନ୍ତା କରି କରି ଭ୍ରମରକୀଟ ହୋଇଯାଏ, ସେହିପରି ନିଯୁକ୍ତ ବ୍ରହ୍ମଚିନ୍ତା କଲେ, ପୁରୁଷ ସୁଦ୍ଧା ବ୍ରହ୍ମରୂପ ହୋଇଯାଏ ।

୧୪୧ । ପୂର୍ବ ଶ୍ଳୋକୋକ୍ତ ଦୃଷ୍ଟାନ୍ତରେ ପ୍ରତିପନ୍ନ ହେଲା ଯେ ନିଯୁକ୍ତ ଭାବନା ଦ୍ୱାରା ଏକବସ୍ତୁ ଅନ୍ୟବସ୍ତୁ ହୋଇଥାଏ । ବର୍ତ୍ତମାନ ଏହି ଅଶଙ୍କା ହୋଇପାରେ ଯେ, ଯେବେ ବ୍ରହ୍ମକୁ ଜଗତ୍ ସ୍ୱରୂପରେ ଚିନ୍ତା କରିବ, ତେବେ ମଧ୍ୟ ବ୍ରହ୍ମର ବିକୃତି ବିଶ୍ୱରୂପ ପ୍ରାପ୍ତି ହୁଏ ନାହିଁ କାହିଁକି ? ଏହା ମନେ କରି କହୁଅଛନ୍ତି :—ଜ୍ଞାନୀ ବ୍ୟକ୍ତିମାନେ ସର୍ବଦା ସାବଧାନ ହୋଇ ବ୍ରହ୍ମଚିନ୍ତା କରିବେ ; କିନ୍ତୁ ବ୍ରହ୍ମସ୍ୱରୂପରେ ଜଗତକୁ କେବେହେଁ ଚିନ୍ତା କରିବେ ନାହିଁ ।

୧୪୨ । ଘଟାଦି ଦୃଶ୍ୟ ବସ୍ତୁରେ ତଦଧିଷ୍ଠାନଭୂତ ଚିନ୍ମୟ ବ୍ରହ୍ମତ୍ୱ ଅବେକ୍ଷିତ କରି ବ୍ରହ୍ମାକାରରେ ଚିନ୍ତା କରିବେ, ଅର୍ଥାତ୍ ଘଟାଦିର କଳ୍ପିତ ନାମରୂପ ଓ ପରିଚ୍ଛିନ୍ନ ଭାବ ନିବୃତ୍ତ କରି ଅପରିଚ୍ଛିନ୍ନ ବୃହଦାକାର ଭାବନା କରିବେ । ତାହାହେଲେ ବିଦ୍ୱାନ ଜ୍ଞାନୀ ବ୍ୟକ୍ତି ଚିନ୍ମୟ ରସପୂର୍ଣ୍ଣ ବୁଦ୍ଧିରେ ସର୍ବଦା ନିତ୍ୟ ସୁଖରେ ଅବସ୍ଥିତ କରି ପାରନ୍ତି, ଏବଂ ତାଙ୍କର କେବେହେଁ ସେହି ନିତ୍ୟ ସୁଖର ହ୍ରାସ ହୁଏ ନାହିଁ ।

ଏଭିରଙ୍ଗୈଃ ସମାଯୁକ୍ତୋ ରାଜଯୋଗ ଉଦାହୃତଃ ।
କିଞ୍ଚିତ୍ ପକ୍ୱକଷାୟାଣାଂ ହଠଯୋଗେନ ସଂଯୁତଃ । ୧୪୩ ।

ପରିପକ୍ୱଂ ମନୋ ଯେଷାଂ କେବଳୋଽୟଞ୍ଚ ସିଦ୍ଧିଦଃ ।
ଗୁରୁଦୈବତଭକ୍ତାନାଂ ସର୍ବେଷାଂ ସୁଲଭୋ ଭବେତ୍ । ୧୪୪ ।

ଇତି ଶ୍ରୀ ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଚ୍ଛଙ୍କର
ଭଗବତା ବିରଚିତା ଅପରୋକ୍ଷାନୁଭୂତିଃ

ସମାପ୍ତା ।

---

୧୪୩ । ପୂର୍ବୋକ୍ତ ପଞ୍ଚଦଶ ଅଙ୍ଗଯୁକ୍ତ ଯୋଗହିଁ ରାଜଯୋଗ ନାମରେ ଉକ୍ତ ହୁଏ । ଅଳ୍ପ ଯେଉଁମାନଙ୍କର ବିଷୟାନୁରାଗ ନିବୃତ୍ତ ହୋଇଅଛି, ସେମାନଙ୍କ ପକ୍ଷେ ପାତଞ୍ଜଳୋକ୍ତ ହଠଯୋଗାଦି ଅଷ୍ଟାଙ୍ଗ ଯୋଗଯୁକ୍ତ ବେଦାନ୍ତୋକ୍ତ ଯୋଗହିଁ ରାଜଯୋଗ ।

୧୪୪ । ଯେଉଁମାନଙ୍କର ମନ ରାଗାଦି ମଳରହିତ ହୋଇ ପରିପକ୍ୱ ହୋଇଅଛି, ସେ ସମସ୍ତ ଷଡ଼ବର୍ଗବିଜୟୀ ପ୍ରଧାନ ପୁରୁଷମାନଙ୍କ ସମ୍ବନ୍ଧେ ଏହି ବେଦାନ୍ତାଭିମତ ରାଜଯୋଗ ସିଦ୍ଧି ପ୍ରଦାନ କରେ; ସେମାନେ ପାତଞ୍ଜଳୋକ୍ତ ଯୋଗର ଅପେକ୍ଷା କରନ୍ତି ନାହିଁ । ଯେଉଁମାନେ ଏହି ଯୋଗାଭ୍ୟାସ କରନ୍ତି, ସେମାନେ ପୂର୍ଣ୍ଣବ୍ରହ୍ମର ଅପରୋକ୍ଷ ଜ୍ଞାନଦ୍ୱାରା ବ୍ରହ୍ମସ୍ୱରୂପାବସ୍ଥାନରୂପ ମୁକ୍ତିଲାଭ କରି ପାରନ୍ତି; କିନ୍ତୁ ଯେଉଁମାନଙ୍କର ମନର ପରିପାକ ହୋଇନାହିଁ, ସେମାନେ ଏହି ଯୋଗଦ୍ୱାରା ମୁକ୍ତିଲାଭ କରି ପାରନ୍ତି ନାହିଁ । ଯେଉଁମାନେ ଗୁରୁ ଓ ଦେବଭକ୍ତ, ସେମାନେହିଁ ଏହି ରାଜଯୋଗରେ ସୁଖ ଲାଭ କରି ପାରିବେ । ଗୁରୁଙ୍କ ଉପଦେଶ ଓ ଦେବଭକ୍ତି ବିନା କାହାରି ମନର ପରିପାକ ଓ ସିଦ୍ଧି ଲାଭ ହୁଏ ନାହିଁ ।

ସାଧନ ପଞ୍ଚକମ୍

ବେଦୋ ନିତ୍ୟମଧୀୟତାଂ ତଦୁଦିତଂ କର୍ମ ସ୍ୱନୁଷ୍ଠୀୟତାମ୍ ।
ତେନେଶସ୍ୟ ବିଧୀୟତାମପଚିତିଃ କାମ୍ୟେ ମତିସ୍ତ୍ୟଜ୍ୟତାମ୍ ।
ପାପୌଘଃ ପରିଧୂୟତାଂ ଭବସୁଖେ ଦୋଷୋଽନୁସନ୍ଧୀୟତା—
ମାତ୍ମେଚ୍ଛା ବ୍ୟବସୀୟତାଂ ନିଜଗୃହାତ୍ତୂର୍ଣ୍ଣଂ ବିନିର୍ଗମ୍ୟତାମ୍ ।୧ ।

ସଙ୍ଗଃ ସତ୍ସୁ ବିଧୀୟତାଂ ଭଗବତୋ ଭକ୍ତିର୍ଦୃଢ଼ା ଧୀୟତାମ୍ ।
ଶାନ୍ତ୍ୟାଦିଃ ପରିଚୀୟତାଂ ଦୃଢ଼ତରଂ କର୍ମାଶୁ ସନ୍ତ୍ୟଜ୍ୟତାମ୍ ।
ସଦ୍ୱିଦ୍ୱାନୁପସର୍ପ୍ୟତାଂ ପ୍ରତିଦିନଂ ତତ୍ପାଦୁକା ସେବ୍ୟତାମ୍ ।
ବ୍ରହ୍ମୈକାକ୍ଷରମର୍ଥ୍ୟତାଂ ଶ୍ରୁତିଶିରୋବାକ୍ୟଂ ସମାକର୍ଣ୍ଣ୍ୟତାମ୍ ।୨।

ସାଧନ ପଞ୍ଚକ

ରାଗ-ଗୁର୍ଜ୍ଜରୀ ।

ନିତ୍ୟ ବେଦ ପଠନ କର । ବେଦ ବିହିତ କାର୍ଯ୍ୟ ଧର ॥
ସେ କାର୍ଯ୍ୟମାନ ଅନୁଷ୍ଠାନେ । ସନ୍ତୁଷ୍ଟ କର ଭଗବାନେ ॥
ବିଷୟ କାମନାରେ ମନ । କ୍ଷଣେ ନ ଦିଅ କଦାଚନ ॥
ପୁଣ୍ୟ-ଜଳେ ପାପନିକର । ବ୍ୟଗ୍ରମନେ ଧଉତ କର ॥
ସଂସାର-ସୁଖ-ଦୋଷମାନ । ଯତ୍ନେ କର ଅନୁସନ୍ଧାନ ॥
ଆତ୍ମଜ୍ଞାନ ଲଭ ନିମିତ୍ତ । ଗୃହରୁ ବାହାର ତୁରିତ । ।୧।

ସର୍ବଦା ସାଧୁ ସଙ୍ଗ କର । ଅସାଧୁ ସଙ୍ଗ ପରିହର ॥
ପ୍ରଭୁଙ୍କଠାରେ ଦୃଢ଼ ଭକ୍ତି । ରଖ ହୋଇଣ ଶୁଦ୍ଧମତି ॥
ଶାନ୍ତି ଆଦି ସୁଗୁଣ ଧର । ସକାମ କର୍ମ ପରିହର ॥
ସୁବିଦ୍ୱାନଙ୍କୁ ଅନୁସରି । ନିତ୍ୟ ପାଦୁକା ପୂଜା କରି ॥
ବ୍ରହ୍ମବାଚକ ଏକାକ୍ଷର । ଯାହାକୁ ବୋଲନ୍ତି ଓଁକାର ॥
ସତତ ଚିନ୍ତା କର ପୁଣି । ଆବର ବେଦ ବାକ୍ୟ ଶୁଣି ।୨।

ବାକ୍ୟାର୍ଥଶ୍ଚ ବିଚାର୍ଯ୍ୟତାଂ ଶ୍ରୁତିଶିରଃ ପକ୍ଷଃ ସମାଶ୍ରୀୟତାମ୍ ।
ଦୁସ୍ତର୍କାତ୍ ସୁବିରମ୍ୟତାଂ ଶ୍ରୁତିମତସ୍ତର୍କୋଽନୁସନ୍ଧୀୟତାମ୍ ।
ବ୍ରହ୍ମୈବାସ୍ମି ବିଭାବ୍ୟତାମହରହର୍ଗର୍ବଃ ପରିତ୍ୟଜ୍ୟତାମ୍ ।
ଦେହେଽହମ୍ମତିରୁଜ୍ଝ୍ୟତାଂ ବୁଧଜନୈର୍ବାଦଃ ପରିତ୍ୟଜ୍ୟତାମ୍ । ୩ ।

କ୍ଷୁଦ୍‌ବ୍ୟାଧିଶ୍ଚ ଚିକିତ୍ସ୍ୟତାଂ ପ୍ରତିଦିନଂ ଭିକ୍ଷୌଷଧଂ ଭୁଜ୍ୟତାମ୍ ।
ସ୍ୱାଦ୍ୱନ୍ନଂ ନ ତୁ ଯାଚ୍ୟତାଂ ବିଧିବଶାତ୍ ପ୍ରାପ୍ତେନ ସନ୍ତୁଷ୍ୟତାମ୍ ।
ଶୀତୋଷ୍ଣାଦି ବିସହ୍ୟତାଂ ନ ତୁ ବୃଥାବାକ୍ୟଂ ସମୁଚ୍ଚାର୍ଯ୍ୟତାମ୍ ॥
ଔଦାସୀନ୍ୟମଭୀପ୍ସ୍ୟତାଂ ଜନକୃପାନୈଷ୍ଠୁର୍ଯ୍ୟମୁତ୍ସୃଜ୍ୟତାମ୍ । ୪ ।

"ତତ୍ତ୍ୱମସି" ଏ ବାକ୍ୟସାର । ସର୍ବଦା ମାନସେ ବିଚାର ॥
ଅନୁଶୀଳ †ବେଦାନ୍ତ ମତ । ବୃଥା ତର୍କୁଁ ହୋଇ ବିରତ ॥
ବେଦସମ୍ମତ ତର୍କମାନ । ସଦାକର ଅନୁସନ୍ଧାନ ॥
"ମୁଁ ବ୍ରହ୍ମ" ଏ ଭାବନାକର । ସର୍ବଦା ଗର୍ବ ପରିହର ॥
"ମୁଁ ଦେହ ମୋର ଦେହ" ତଥା । ଅହଙ୍କାର ତେଜ ସର୍ବଥା ॥
ବିବାଦ ଜ୍ଞାନିଜନ ସହ । ବିସର୍ଜି ଦିଅ ଅହରହ ॥ ୩ ॥

ନିତ୍ୟ ଭିକ୍ଷା ଔଷଧ ଯୋଗେ । ଚିକିତ୍ସା କର କ୍ଷୁଧା ରୋଗେ ॥
ସୁସ୍ୱାଦ ଅନ୍ନ ପ୍ରାପ୍ତି ପାଇଁ । ଆକାଂକ୍ଷା କେବେ କର ନାହିଁ ॥
ଦୈବବଶେ ମିଳିବ ଯାହା । ସନ୍ତୁଷ୍ଟ ହେବ ଭୁଞ୍ଜି ତାହା ॥
ଶୀତ ଉଷ୍ଣ ଆଦି ସହିବ । ବୃଥା ବାକ୍ୟ ନ ଉଚ୍ଚାରିବ ॥
ବାଞ୍ଛି ଉଦାସୀନତା ସଦା । ନୁହ ନିଷ୍ଠୁର ଲୋକେ କଦା ।୪॥

---

† ଆଲୋଚନାକର ।

୧-୩ ସଦ୍‌ବିଦ୍ୟାନୁପ ସର୍ପ୍ୟତାଂ ।

୩-୪-ଦେହେଽହମ୍ମତିରୁଜ୍ଝ୍ୟତାଂ । ପାଠାନ୍ତରଃ ।

ଏକାନ୍ତେ ସୁଖମାସ୍ୟତାଂ ପରତରେ ଚେତଃ ସମାଧୀୟତାମ୍ ।
ପୂର୍ଣ୍ଣାତ୍ମା ସୁସମୀକ୍ଷ୍ୟତାଂ ଜଗଦିଦଂ ତଦ୍‌ବ୍ୟାପିତଂ ଦୃଶ୍ୟତାମ୍ ।
ପ୍ରାକ୍‌କର୍ମ ପ୍ରବିଲାପ୍ୟତାଂ ଚିତିବଲାନ୍ନାପ୍ୟୁତ୍ତରୈଃ ଶ୍ଲିଷ୍ୟତାମ୍ ।
ପ୍ରାରବ୍ଧଂ ତ୍ୱିହ ଭୁଜ୍ୟତାମଥ ପରବ୍ରହ୍ମାତ୍ମନା ସ୍ଥୀୟତାମ୍ ।୫।

ଯଃ ଶ୍ଲୋକପଞ୍ଚକମିଦଂ ପଠତେମନୁଷ୍ୟଃ, ସଞ୍ଚିନ୍ତୟତ୍ୟନୁଦିନଂ ସ୍ଥିରତାମୁପେତ୍ୟ ।
ତସ୍ୟାଶୁ ସଂସୃତିଦାବାନଳତୀବ୍ରଘୋରତାପଃ ପ୍ରଶାନ୍ତିମୁପଯାତି ଚିତ୍ ପ୍ରସାଦାତ୍ ।୬।
ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ସାଧନ-ପଞ୍ଚକମ୍

ସମାପ୍ତମ୍ ।

ସୁଖେ ବାସ କର ନିର୍ଜନେ । ବ୍ରହ୍ମେ ସମାଧି କର ମନେ ॥
ପୂର୍ଣ୍ଣାତ୍ମା ବିରାଜେ ସର୍ବଦା । ଆତ୍ମା ବ୍ୟାପ୍ତି ଦେଖ ଜଗତ ॥
ପୂର୍ବ ସଞ୍ଚିତ କର୍ମଚୟ । ଯତନ କରି କର କ୍ଷୟ ॥
ଭବିଷ୍ୟ କ୍ରିୟା ଅଶକତ । ଜ୍ଞାନ ବଳେ କର ସଂହତ ॥
ପ୍ରାରବ୍ଧ କର୍ମ ଏ ରୂପରେ । ଭୋଗ କର ତଦ ଅନ୍ତରେ ॥
ପରମ ବ୍ରହ୍ମାତ୍ମା ରୂପରେ । ଅବସ୍ଥାନ କର ସୁଖରେ ॥ ୫ ॥

ଏ ପଞ୍ଚଶ୍ଳୋକ ଯେଉଁ ଜନ । ପ୍ରତ୍ୟହ କରଇ ପଠନ ॥
ସ୍ଥିର-ଚିତ୍ତେ ଅର୍ଥ ଏହାର । ସତତ କରଇ ବିଚାର ॥
ସଂସାର-ଦାବାନଳ ତାପ † । ଘୋର ଭୟଙ୍କର ଅମାପ ॥
ଶାନ୍ତିକି ଭଜଇ ବହନେ । ପ୍ରଭୁଙ୍କ ପ୍ରସାଦେ ସୁଜନେ । ୬ ॥

---

† ସଂସାରରୂପକ ବନାଗ୍ନିର ଜ୍ୱାଳା ।

ସାରତତ୍ତ୍ୱୋପଦେଶଃ

ଗୁରୁର୍ବ୍ରହ୍ମା ସ୍ୱୟଂ ସାକ୍ଷାତ୍ ସେବ୍ୟୋ ବନ୍ଦ୍ୟୋ ମୁମୁକ୍ଷୁଭିଃ ।
ନୋଦ୍‌ବେଜନୀୟ ଏବାୟଂ କୃତଜ୍ଞେନ ବିବେକିନା । ୧ ।

ଯାବଦାୟୁସ୍ତ୍ୱୟା ବନ୍ଦ୍ୟୋ ବେଦାନ୍ତୋ ଗୁରୁରୀଶ୍ୱରଃ ।
ମନସା କର୍ମଣା ବାଚା ଶ୍ରୁତିରେବୈଷ ନିଶ୍ଚୟଃ । ୨ ।

ଭାବାଦ୍ୱୈତଂ ସଦା କୁର୍ଯ୍ୟାତ୍ କ୍ରିୟାଦ୍ୱୈତଂ ନ କର୍ହିଚିତ୍ ।
ଅଦ୍ୱୈତଂ ତ୍ରିଷୁ ଲୋକେଷୁ ନାଦ୍ୱୈତଂ ଗୁରୁଣା ସହ । ୩ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଃ ସାରତତ୍ତ୍ୱୋପଦେଶଃ

ସମାପ୍ତଃ ।

ସାରତତ୍ତ୍ୱୋପଦେଶ

ରାଗ-ଗୁର୍ଜ୍ଜରୀ ।

ଗୁରୁ ଯେ ସାକ୍ଷାତେ ଈଶ୍ୱର । ଏଣୁ ମୁକତି କାମୀ ନର ॥
ତାହାଙ୍କ ଚରଣ ବନ୍ଦନା । କରିବ ସେବା ଅର୍ଚ୍ଚନା ॥
ଯେ କୃତଜ୍ଞ ବିବେକୀ ଭକ୍ତ । ଗୁରୁଙ୍କୁ ନ କରେ ବିରକ୍ତ । ୧ ।

ଯାବତ ପ୍ରାଣ ବାୟୁ ବହେ । କାୟମନୋବାକ୍ୟ ଅଟହେ ॥
ବେଦାନ୍ତ-ଗୁରୁ-ପ୍ରଭୁ ସେବା । କାର୍ଯ୍ୟରେ ମନ ପ୍ରାଣ ଦେବା ॥
କରିବା ଅଟେ ନରଙ୍କର । ଏ ଶ୍ରୁତି ବାକ୍ୟ ସ୍ଥିରତର । ୨ ।

ଅଦ୍ୱୈତ ଭାବ ଆଚରଣି । କେବେ ନ କରିବ ପୁଣି ॥
ଅଦ୍ୱୈତ ଭାବନା ଶୀଳନେ । କର ପର ତିନି ଭୁବନେ ॥
କିନ୍ତୁ କେବେ ଗୁରୁ ସହିତ । ନ ଘେନିବ ଭାବ ଅଦ୍ୱୈତ ॥ ୩ ॥

ଆର୍ତ୍ତତ୍ରାଣାଷ୍ଟାଦଶକମ୍

ପ୍ରହ୍ଲାଦ ପ୍ରଭୁରସ୍ତି ଚେତ୍ ତବ ହରିଃ ସର୍ବତ୍ର ମେ ଦର୍ଶୟ,
ସ୍ତମ୍ଭେ ଚୈବମିତି ବ୍ରୁବନ୍ତମସୁରଂ ତତ୍ରାବିରାସୀଦ୍ଧରିଃ ।
ବକ୍ଷସ୍ତସ୍ୟ ବିଦାରୟନ୍ନିଜନଖୈର୍ବାତ୍ସଲ୍ୟମାବେଦୟ—
ନାର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ । ୧ ।
ଶ୍ରୀରାମାତ୍ର ବିଭୀଷଣୋଽୟମନଘୋ ରକ୍ଷୋଭୟାଦାଗତଃ;
ସୁଗ୍ରୀବାନୟ ପାଳୟୈନମଧୁନା ପୌଲସ୍ତ୍ୟମେବାଗତମ୍ ।
ଏବଂ ଯୋଽଭୟମସ୍ୟ ସର୍ବ ବିଦିତଂ ଲଙ୍କାଧିପତ୍ୟଂ ଦଦା—
ବାର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ । ୨ ।

ଆର୍ତ୍ତତ୍ରାଣାଷ୍ଟାଦଶକ

ରାଗ-ଗୁଜ୍ଜରୀ

"ପ୍ରହ୍ଲାଦ ! କହୁ ତୁ କହେ । ସର୍ବତ୍ର ବିଦ୍ୟମାନ ହରି ॥
ତୋର ଏ ବାକ୍ୟ ସତ୍ୟ ଯେବେ । ଏ ସ୍ତମ୍ଭେ ଦେଖା ହେଉ ତେବେ ॥"
ପ୍ରହ୍ଲାଦେ ହିରଣ୍ୟ ଏସନ । କହନ୍ତେ ଯେ ମଧୁସୂଦନ ॥
ତକ୍ଷଣେ ସ୍ତମ୍ଭରୁ ବାହାରି । ନଖାଗ୍ରେ ବକ୍ଷସେ ବିଦାରି ॥
ନିଜ ଭକତ ଜନଠାଇଁ । ବାତ୍ସଲ୍ୟ ଭାବକୁ ଦେଖାଇ ॥
ରଖିଲେ ଭକ୍ତର ଜୀବନ । ସେ ଆର୍ତ୍ତତ୍ରାଣ ପରାୟଣ ॥
ଶ୍ରୀ ଭଗବାନ ନାରାୟଣ । ଚରଣେ ମୋହର ଶରଣ । ୧ ।
ଯେବେ ରାବଣ ମୋହେ ପଡ଼ି । ବିଭୀଷଣଙ୍କୁ ଦେଲା ତଡ଼ି ॥
ସେ କାଳେ ବିଶ୍ରବା ତନୟ । ହୋଇଣ ଅତ୍ୟନ୍ତ ସଭୟ ।
ଅଚିରେ ରାମଙ୍କ ନିକଟ । ଦେଖିଣ ସୁଗ୍ରୀବ ମର୍କଟ ॥
ରାମଙ୍କୁ କହିଲା ଏସନ । "ହେ ପ୍ରଭୁ ଏହି ରକ୍ଷପତି ॥
ହୋଇଣ ବିପଦେ ପତିତ । ଆସିଛି ଶରଣ ନିମିତ୍ତ ॥
ବିଭୀଷଣ ଆସିବା ବାଣୀ । ଶୁଣିବା ମାତ୍ରେ ଚକ୍ରପାଣି ॥
କହିଲେ, "ଅହେ କପୀଶ୍ୱର । ଆଣ ପୁଲସ୍ତ୍ୟଙ୍କ କୁମର ॥
ବିଭୀଷଣଙ୍କୁ ମୋ ପାଖକୁ । ପାଳନ କରିବି ମୁଁ ତାଙ୍କୁ' ॥
ଏହି ପ୍ରକାରେ ଯେଉଁ ହରି । ଭକ୍ତେ ଅଭୟ ଦାନ କରି ॥
ଦେଲେକ ଲଙ୍କା ସିଂହାସନ । ସେ ଆର୍ତ୍ତତ୍ରାଣ ପରାୟଣ ॥
ଶ୍ରୀଭଗବାନ ନାରାୟଣ । ଚରଣେ ମୋହର ଶରଣ । ୨ ।

ନକ୍ରଗ୍ରସ୍ତପଦଂ ସମୁଦ୍ୟତକରଂ ବ୍ରହ୍ମେଶ ଦେବେଶ ମାଂ,
ପଶ୍ୟେତି ପ୍ରଚୁରୋତ୍ଥିତାକରଣଂ ଦେହୋବାଚ ଶକ୍ତୀଶ ଚ ।
ମା ଶୋକାର୍ତ୍ତ ରକ୍ଷ ନକ୍ରବଦନାଚ୍ଚକ୍ରଶ୍ରିୟା ତତ୍କ୍ଷଣା—
ଦାର୍ତ୍ତିଘ୍ନଃ ପରିପୂର୍ଣ୍ଣଃ ସ ଭଗବାନ୍ନାରାୟଣୋ ମେ ଗତିଃ । ୩ ।

ହା କୃଷ୍ଣାଚ୍ୟୁତ ହା କୃପାଜଳନିଧେ ହା ପାଣ୍ଡବାନାଂ ସଖେ
କ୍ୱାସି କ୍ୱାସି ସୁୟୋଧନାଦ୍ୟପହୃତାଂ ହା ରକ୍ଷ ମାଂ ଦ୍ରୌପଦୀମ୍ ।
ଇତ୍ୟୁକ୍ତୋଽକ୍ଷୟବସ୍ତ୍ରରକ୍ଷିତତନୁଂ ଯୋଽରକ୍ଷଦାପଦ୍ଗତା—
ମାର୍ତ୍ତିଘ୍ନଃ ପରିପୂର୍ଣ୍ଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ । ୪ ।

ଗଜନକ୍ର ଯେଉଁ କାଳରେ । ଘୋର ରଣ କଲେ ଜଳରେ ॥
ସେକାଳେ ଗଜର ଚରଣ । ନକ୍ର କରନ୍ତେ ଆକ୍ରମଣ ॥
ବାରଣ ରାଜ ପଡ଼ି ଦୁଃଖେ । ଶୁଣ୍ଢ ଟେକାଇ ଊର୍ଦ୍ଧ୍ୱ ମୁଖେ ॥
ଡାକିଲା, "ହେ ଦେବ ବ୍ରହ୍ମେଶ । ଅହେ ଶକ୍ତୀଶ ହେ ଦେବେଶ ॥

ପଡ଼ି ମୁଁ ମହାବିପଦରେ । ଡାକୁଛି ମୋତେ ରକ୍ଷ ହରେ"
ଗଜର ଶୁଣି ଏ ବଚନ । ଚକ୍ରେ ନକ୍ର କଲ ବାରଣ ॥
ବାରଣ ଯେ କଲେ ତାରଣ । ସେ ଆର୍ତ୍ତିବାଣ ପରିପୂର୍ଣ୍ଣ ।
ଶ୍ରୀଭଗବାନ ନାରାୟଣ । ଚରଣେ ମୋହର ଶରଣ । ୩ ।

"ହା କୃଷ୍ଣାଚ୍ୟୁତ କୃପାମୟ । ହା ପାଣ୍ଡବଙ୍କର ଆଶ୍ରୟ ।
କାହିଁ ଅଛହେ କାହିଁ ଅଛ । ଅବଳେ ଡାକୁଛି ଶୀଘ୍ର ॥
ନିର୍ଲଜ୍ଜ ଦୁର୍ଯ୍ୟୋଧନ ହସ୍ତୁଁ । ଦ୍ରୌପଦୀକି ରକ୍ଷା କରନ୍ତୁ" ॥
ଦ୍ରୌପଦୀ ଯେବେ କଲେ ଏପନ । କଦନେ କଲ ଆଚ୍ଛାଦନ ॥

ସେ ଭକ୍ତ ଶୁଣି ଯେଉଁ ହରି । ଅକ୍ଷୟ ବସ୍ତ୍ର ଦାନ କରି ॥
ବିପନ୍ନା ପାଞ୍ଚାଳ ସୁନ୍ଦରୀ । ବିପଦୁଁ ରକ୍ଷିଲେ ଶ୍ରୀହରି ॥
କଲେ ତା ଲଜ୍ଜା ନିବାରଣ । ସେ ଆର୍ତ୍ତିବାଣ ପରିପୂର୍ଣ୍ଣ ।
ଶ୍ରୀଭଗବାନ ନାରାୟଣ । ଚରଣେ ମୋହର ଶରଣ । ୪ ।

ଯତ୍ପାଦାବ୍ଜନଖୋଦକଂ ତ୍ରିଜଗତାଂ ପାପୌଘବିଧ୍ୱଂସନଂ
ଯନ୍ନାମାମୃତପୂରକଂ ଚ ପିବତାଂ ସନ୍ତାପସଂହାରକମ୍ ।
ପାଷାଣଶ୍ଚ ଯଦଙ୍ଘ୍ରିତୋ ନିଜବଧୂରୂପଂ ମୁନେରାପ୍ତବା—
ନାର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ॥୫॥

ଯନ୍ନାମଶ୍ରୁତିମାତ୍ରତୋଽପରିମିତଂ ସଂସାରବାରାଂନିଧିଂ,
ତ୍ୟକ୍ତ୍ୱା ଗଚ୍ଛତି ଦୁର୍ଜ୍ଜନୋଽପି ପରମଂ ବିଷ୍ଣୋଃ ପଦଂ ଶାଶ୍ୱତମ୍ ।
ତନ୍ନୈବାଦ୍ଭୁତକାରଣସ୍ୟ ଜଗତାଂ ନାନ୍ୟସ୍ୟ ଦାସୋଽସ୍ମ୍ୟହ—
ମାର୍ତ୍ତତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ॥୬॥

ପିତ୍ରା ଭ୍ରାତରମୁତ୍ତମାଙ୍କମିତଂ ଭକ୍ତୋତ୍ତମଂ ଯୋ ଧ୍ରୁବଂ,
ଦୃଷ୍ଟ୍ୱା ତତ୍ସମମାରୁରୁକ୍ଷୁମୁଦିତଂ ମାତ୍ରାବମାନଂ ଗତମ୍ ।
ଯୋଽଦାତ୍ ତତ୍ ଶରଣାଗତଂ ତୁ ତପସା ହେମାଦ୍ରିସିଂହାସନଂ,
ହ୍ୟାର୍ତ୍ତିତ୍ରାଣପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ ॥୭॥

ଯା ପାଦ-ପଦ୍ମ-ନଖ-ତୋୟ । ନାଶେ ତ୍ରିପୁର ପାପଚୟ ॥
ପିଇଲେ ନାମାମୃତ ଯାର । ତୁଅଇ ତିତାପ ସଂହାର ॥
ଯାହାର ଚରଣ ପରଶି । ହୋଇଲା ପାଷାଣ ରୂପସୀ ॥
ମୁନି ଲଭିଲେ ନିଜ ସତୀ । ସେ ମୋର ଅଗତିର ଗତି ॥
ଆର୍ତ୍ତତ୍ରାଣ ପରାୟଣ । ଶ୍ରୀ ଭଗବାନ ନାରାୟଣ । ୫ ।

ଯା ନାମ ଶ୍ରବଣ ମାତ୍ରରେ । ଅନନ୍ତ ସଂସାର-ସାଗରେ ॥
ଦୁର୍ଜ୍ଜନ ସୁଦ୍ଧା ହୋଇ ପାର । ଲଭଇ ପରମ ଉଦ୍ଧାର ॥
ଶାଶ୍ୱତ ବିଷ୍ଣୁଙ୍କ ଚରଣ । ମୁହିଁ ସେ ଅଦ୍ଭୁତ କାରଣ ॥
ଜଗତ ନାଥଙ୍କର ଦାସ । ମୋହର ଗତି ପୀତବାସ ॥
ଆର୍ତ୍ତତ୍ରାଣ ପରାୟଣ । ସେ ଭଗବାନ ନାରାୟଣ । ୬ ।

ଭ୍ରାତା ଉତ୍ତମଙ୍କୁ ପିତାର- । କୋଳରେ ଦେଖି ବସିବାର ।
ପିତାର ଅଙ୍କ ଆରୋହଣେ । ଇଚ୍ଛା କରନ୍ତେ ଧ୍ରୁବ ମନେ ॥
ମାତା କଲା ତିରସ୍କାର । ତେଣୁ ସେ ହେଲେକ ବାହାର ॥
ରାଜଭବନ ତ୍ୟାଗ କରି । କାନନେ ତପସ୍ୟା ଆଚରି ॥

ନାଧୀତି ଶ୍ରୁତୟୋ ନ ତତ୍ତ୍ୱମତୟୋ ଗୋଷ୍ଠସ୍ଥିତା ଗୋପିକା,
କାରୁଣ୍ୟାଃ କୁଳଜାତି ଧର୍ମ ବିମୁଖା ଅଧ୍ୟାତ୍ମରତ୍ନଂ ଯଯୁଃ ।
ଭକ୍ତ୍ୟୈଷାଂ ଦଦାତି ମୁକ୍ତିମତୁଳଂ କାରସ୍ୟ ଯଃ ଦେବତି —
ସ୍ୱାଶ୍ରିତାର୍ଣ ପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ ॥୮॥
କ୍ଷୁତ୍କ୍ଷାମାଶ୍ରିତବାନ୍ ଶିଷ୍ୟସହିତଂ ଦୁର୍ବାସସଂ ସେବିତଂ,
ଦ୍ରୌପଦ୍ୟା ଭୟଭକ୍ତିମୁକ୍ତମନସା ଶାକଂ ସ୍ୱହସ୍ତାର୍ପିତମ୍ ।
ଭୁକ୍ତ୍ୱା ତର୍ପୟଦ ସ୍ୱକ୍ତଅଖିଳାନାତେଦସୂନ୍ ଯଃ ପୁରା—
ନାଶ୍ରିତାଣପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ । ୯ ।

ଶରଣ ପଶିଲା ଈଶ୍ୱରେ । ଯେ ତାଙ୍କୁ ହିମାଦ୍ରି-ଶିଖରେ ॥
ଦେଲେ ଦୁର୍ଲ୍ଲଭ ସିଂହାସନ । ସେ ଆଶ୍ରିତାଣ ପରାୟଣ ॥
ସେ ଭଗବାନ ନାରାୟଣ । ଚରଣେ ମୋହର ଶରଣ । ୭ ।
ବ୍ରଜ ବାସିନୀ ଗୋପୀଗଣ । ନ ଜାଣି ତତ୍ତ୍ୱର କାରଣ ॥
ଜାତିକୁଳ[୧] ଧର୍ମ ବରଜ । ଯାହାକୁ ବିଚାରି ଭଜେ ଭଜ ॥
ପରମ ପଦ ଲଭ କଲେ । ଯାର ପାଦେ ଭଜନ କଲେ ॥
ମିଳେ ମୁକତି ଅତୁଳନ । ସେ ଆଶ୍ରିତାଣ ପରାୟଣ ॥
ସେ ଭଗବାନ ନାରାୟଣ । ଚରଣେ ମୋହର ଶରଣ । ୮ ।
ଦ୍ୱାପରେ ପାଣ୍ଡୁଙ୍କ ନନ୍ଦନେ । ଯେକାଳେ ଥିଲେ ଦ୍ୱୈତ ବନେ ॥
ତହିଁ ଦୁର୍ବାସା ମୁନିବର । ହୋଇ କ୍ଷୁଧା ତୃଷା କାତର ॥
ଅୟୁତେ ଶିଷ୍ୟ ଦେନି ସାଥି । ହେଲେ ପାଣ୍ଡବଙ୍କ ଅତିଥି ॥
ତା ଦେଖି ପାଣ୍ଡୁଙ୍କ ସନ୍ତାନେ । କହିଲେ କୃଷ୍ଣା[୨] ସନ୍ନିଧାନେ ॥
"ଆଜ ଦୁର୍ବାସା ମୁନିବର । ଅତିଥି ହେଲେ ଗୋ ଅମ୍ଭର ॥
ଦଶ ସହସ୍ର ଶିଷ୍ୟ ସହ । କରୁଛି କଳନା ଗୋ କହ ॥
ଆମ୍ଭେ ତ ସାରିଲୁଣି ଖାଇ । ଅଜ ତ କିଛି ଖାଦ୍ୟ ନାହିଁ ॥"
ଦ୍ରୌପଦୀ ଶୁଣି ଏ ବଚନ । କୃଷ୍ଣଙ୍କୁ କଲେକ ସ୍ମରଣ ॥
କୃଷ୍ଣା ଅଛତି କୃଷ୍ଣ ଜାଣି । ତତକ୍ଷଣେ ଶଙ୍ଖ ଚକ୍ରପାଣି
ସେଠାକୁ କରି ଆଗମନ । କୃଷ୍ଣାଙ୍କୁ କହିଲେ ଏସନ ॥
"ଦେଖ ମୁଁ କ୍ଷୁଧାର୍ତ୍ତ ହୋଇଛୁ । ଖାଇବା ପାଇଁ ଦିଅ କିଛୁ ॥"
ତା ଶୁଣି ପାଣ୍ଡବ ଯୁବତୀ । ହେଲେ ଭୟରେ ଭୀତା ଅତି ।

---

୧ । ଜାତକୁଳଧର୍ମ ୨ । ଦ୍ରୌପଦୀ ।

ଯେନାକ୍ଷି ରଘୂତ୍ତମେନ ଜଲଧେସ୍ତୀରେ ଦଶାସ୍ୟାନୁଜ—
ସ୍ତ୍ୱାୟତ୍ତଂ ଶରଣଂ ରଘୂତ୍ତମ ବିଭୋ ରକ୍ଷାତୁରଂ ମାମିତି ।
ପୌଲସ୍ତ୍ୟେନ ନିଗଦ୍ୟତୋଽଥ ସଦପି ଭ୍ରାତା ଚ ଲଙ୍କାପୁରେଃ
ଦ୍ୟାଭିମାନପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ । ୧୦ ।
ଯେନାବାହ୍ଣ ମହାହବେ ବସୁମତୀ ସଂବର୍ତ୍ତକାଲେ ମହା —
ମ୍ଭୋଧେଃ କ୍ରୋଡ଼ବପୁର୍ଦ୍ଧରେଣ ହରିଣା ନାରାୟଣେନ ସ୍ୱୟମ୍ ।
ଯଃ ପାପିବୃନ୍ଦ ହେମ୍ନେତ୍ରମତୁଳଂ ହତ୍ୱା ଚ ଯୋଽଗାତ୍ ପ୍ରିୟ—
ମଭିମାନପରାୟଣଃ ସ ଭଗବାନ୍ ନାରାୟଣୋ ମେ ଗତିଃ । ୧୧ ।

ପତ୍ରକୁ ଦେଖିଲେ ଅନାଇଁ । ତହିଁରେ କିଛି ଖାଦ୍ୟ ନାହିଁ ॥
କଣିକା ମାତ୍ର ଶାକ ପାଇ । କୃଷ୍ଣଙ୍କୁ ସମର୍ପିଲେ ନେଇ ॥
ଭକତଭାବରେ ଆରତରେ । ପ୍ରଭୁ ତା ଖାଇଲେ ପ୍ରେମରେ ॥
ଶ୍ରୀକୃଷ୍ଣ ହୁଅନ୍ତେ ସନ୍ତୃପ୍ତ । ହେଲା ତା ବ୍ରହ୍ମାଣ୍ଡେ ବ୍ୟାପ୍ତ ।
ଶିଷ୍ୟ ସହିତ ମୁନିବର । ଅଭୁତେ ପୂରିଲା ଉଦର ॥
ଏରୂପେ ଯେଉଁ ଦୟାମୟ । ହରନ୍ତି ଭକ୍ତଜନ ଭୟ
ସେ ଅଭିମାନ ପରାୟଣ । ଶ୍ରୀ ଭଗବାନ ନାରାୟଣ ॥
ବିପଦନାଶନ ଶ୍ରୀପଦ । କେବଳ ଅଟନ୍ତି ମୋ ଗତି । ୯ ।
ତଡ଼ିଲା ଯେବେ ଦଶାନନ । ଲଙ୍କାନଗରୁଁ ବିଭୀଷଣ ॥
ପଳାଇ ଆସି ସିନ୍ଧୁକୂଳେ । ରାମଙ୍କୁ କହିଲା ବ୍ୟାକୁଳେ ॥
"ହେ ବନ୍ଧୁ ହେ ରଘୂତ୍ତମ । ମୁଁ ଦୀନ କାତର ଅଧମ ॥
ପଶିଲି ଶ୍ରୀପଦେ ଶରଣ । ମୋତେ ରଖ ହେ ନାରାୟଣ ॥
ସେକାଳେ ଯେଉଁ ରଘୁବର । ରଖିଲେ ରାବଣ ସୋଦର ॥
ସାଗରତୀରେ ବିଭୀଷଣ । ସେ ଅଭିମାନ ପରାୟଣ ॥
ଶ୍ରୀଭଗବାନ ନାରାୟଣ । ଚରଣେ ମୋହର ଶରଣ ॥ ୧୦ ॥
ପ୍ରଳୟ ପୟୋନିଧି ଜଳେ । ଏ ବସା ଯେବେ ରସାତଳେ ॥
ଭାସି ଯାଉଥିଲା ସେତେବେଳେ । ବରାହ ରୂପ ଧରି ହେଲେ ॥
ଦନ୍ତାଗ୍ରେ ଧରଣୀକି ଧରି । ଲୀଳାରେ ରଖିଲେ ଯେ ହରି ॥
ପାପି-ବୃନ୍ଦ ପ୍ରବଳିକାରୀ- । ମାନଙ୍କୁ ଯେ ପ୍ରଭୁ ସଂହାରି ॥
ବିହିଲେ ଧରାର କଲ୍ୟାଣ । ସେ ଅଭିମାନ ପରାୟଣ ॥
ଶ୍ରୀଭଗବାନ ନାରାୟଣ । ଚରଣେ ମୋହର ଶରଣ । ୧୧ ।

୧—ସାଗର

ଯୋଽଭୀତୋ ଭୁବନାବନତ୍ ଦ୍ୟୁମନ୍ତର୍ଭକ୍ତିନାମ୍ନୀଂ କୁତଃ
ରାଧାସ୍ୟା ଅବଲୋକ୍ୟ ତେ ଭକ୍ତମନଃପୂର୍ତିଂ ସୁରେନ୍ଦ୍ରାନ୍ତକଃ ।
ଯୋ ବା ରକ୍ଷତି ଦୀନପାଣ୍ଡୁତନୟାନ୍ ନାଥେତି ଭୀତିଂ ଗତା—
ନାର୍ତ୍ତିତ୍ରାଣପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ ॥ ୧୨ ॥
ଯଃ ସାନ୍ଦୀପନିଦେଶତସ୍ତ୍ୱ ଧନପ୍ୟଂ ଲୋକାନ୍ତରେ ସଙ୍ଗତଂ,
ଗୁର୍ଵାଦ୍ୟଃ ଦ୍ରବ୍ୟାଦ୍ୟ ପୃଥମବର୍ଣାଦୁକ୍ତ୍ୱମାନୋଽର୍ତ୍ତିତ୍ୟେ ।
ସନ୍ତୁଷ୍ଟଂ ଜନୟନ୍ମମେବ୍ୟ ମଦ୍ଭବ ଧୃଥାର୍ଥ ସମ୍ପାଦନା—
ଦାର୍ତ୍ତିତ୍ରାଣପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ ॥ ୧୩ ॥
ଯନ୍ନାମସ୍ମରଣାଦଘୌଘସହିତୋ ବିପ୍ରଃ ପୁରାଜାମିଳଃ,
ପ୍ରାଣାନ୍ତେ ଚ୍ୟୁତଃ ଶେଷିତ ମନୁ ଚ ଦୈଃ ପାପୌଘଦାବାଗ୍ନିଯୁକ୍ ।
ସଦ୍ୟୋ ଭୂଗବତୋଽମ ସ୍ଥାନ ମଦଂ ପ୍ରାଣୀମ୍ନଙ୍ଗେଷାଭୃଥ—
ଷ୍ଵାର୍ତ୍ତିତ୍ରାଣ ପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ ॥ ୧୪ ॥

ଯେଉଁକି ଭୁବନର ବୀର । ଅଧିପତି ମଧୁସୁଦର ॥
ମାନବମାନଙ୍କ ଈଶ୍ୱର । ଯେ ସୁରପତି ସହୋଦର ୧ ॥
ରାଧିକା ମତି ପୂର୍ତ୍ତିକାରୀ । ଦୀନ ପାଣ୍ଡବ ଭୟହାରୀ ॥
ସେ ଆର୍ତ୍ତିତ୍ରାଣ ପରାୟଣ । ଶ୍ରୀ ଭଗବାନ ନାରାୟଣ ।
କେବଳ ମୋହର ଆଶ୍ରୟ । ହରବେ ମୋ ସକଳ ଭୟ । ୧୨ ।
କୃଷ୍ଣଙ୍କ ଗୁରୁ ସାନ୍ଦୀପନ । ଯାଦ୍ୟା କଲେ ସମାପନ ॥
ଦକ୍ଷିଣା ଅର୍ଥେ ସାନ୍ଦୀପନ । କୃଷ୍ଣଙ୍କୁ କଲେ ବନ୍ଦାପନ ॥
ମୃତ ପୁତ୍ର ପାଇବା ପାଇଁ । ତେଣୁ ସେ ଯମ ପୁରେ ଯାଇ ॥
ଆଣି ସେ ଗୁରୁଙ୍କ ନନ୍ଦନେ । ସନ୍ତୁଷ୍ଟ କଲେ ତାଙ୍କ ମନେ ॥
ସେ ଆର୍ତ୍ତିତ୍ରାଣ ପରାୟଣ । ଶ୍ରୀ ଭଗବାନ ନାରାୟଣ ॥
ଚରଣେ ପଶିଲି ଶରଣ । ମୋ ଦୁଃଖ କରବେ ହରଣ ॥ ୧୩ ॥
ପୂର୍ବେ ଯେ ଅଜାମିଳ ନାମେ । ଥିଲା ପାପିଷ୍ଠ ଦ୍ୱିଜ ଜନେ ॥
ସେ ଯାହାଙ୍କର ନାମ ଧରି । ଗଲା ସଂସାର ଜଳୁଁ ତରି ॥
ଲକ୍ଷଣେ ଧର୍ମ ନାମ ନ ଶି । ଅନ୍ତେ ଦେଖିଲା ଲକ୍ଷ୍ମୀପତି ॥
ଆମ୍ବରୀଷ ତା ନାମ ଖ୍ୟାତ । ହେଲା ସେ ପ୍ରୀତି ଭାଗବତ ॥
ଶଙ୍କର ବ୍ରହ୍ମ ଅର୍ଚ୍ଚଣା । ସେ ଆର୍ତ୍ତିତ୍ରାଣ ପରାୟଣ ॥
ଶ୍ରୀ ଭଗବାନ ନାରାୟଣ । ଚରଣେ ମୋହର ଶରଣ ॥ ୧୪ ॥

୩-ଉପେନ୍ଦ୍ର—ଇନ୍ଦ୍ରର ଅନୁଜ । ଇନ୍ଦ୍ର ଓ ବାମନ ଅଦିତିଙ୍କ ପୁତ୍ର ।

ଯୋଽରୋଷଦ୍ଦ୍ରବସନାଦନଶନ୍ୟୋଽହୁଚଂ ବିପ୍ରଂ କୁଚୈଲାଭିଧଂ,
ଧାନାଧାନ ଚଚୋର ପଲନପଦଃ ଶ୍ରୀନନ୍ଦନନ୍ଦନଃ ।
ତସ୍ମୈ ସ୍ୱାତ୍ମବନ୍ଧୁତିମାଦ ପୃଥୁକାନାଦାନ୍ ଭୁକ୍ତ୍ୱା ସ୍ୱୟଂ—
ଦାର୍ଚ୍ଚିରାଣ ପରଃ ପୁଂସ ଭଗବାନାରାଧ୍ୟତେ ମେ ଗତଃ ॥ ୧୫ ॥
ଯତ୍କଳ୍ୟାଣଗୁଣାଭିରାମମମଳଂ ମନ୍ତ୍ରାଣି ଫଣିଷତେ ।
ଯତ୍ଫଣେ ପଦପ୍ରତିଷ୍ଠିତମିଦଂ ବିଶ୍ୱଂ ଗନଚ୍ଛାଗମଃ ।
ଯୋ ଯୋଗୀନ୍ଦ୍ରମନଃ ସରୋରୁହତମଃ ପ୍ରଧ୍ୱଂସବିଭ୍ରାନୁମା—
ନାର୍ଚ୍ଚିରାଣ ପରପୁରୁଷଃ ସ ଭଗବାନାରାଧ୍ୟତେ ମେ ଗତଃ । ୧୬ ।

ପୂର୍ବେ ଯେ କୁଚୈଳା ୧ନାମକ । ଥିଲ ଦରିଦ୍ର ବିପ୍ର ଏକ ॥
ବସ୍ତ୍ରାଦିହୀନ ଅତିଦୀନ । ଭିକ୍ଷା କରି ସେ କାଟେ ଦିନ ॥
ଦିନେ ସେ ବୁଲୁଥିଲି ଦାଣ୍ଡେ । ପିନ୍ଧି ଚଦର ଜନା ଖଣ୍ଡେ ॥
ମୋଟା ଗୁଡ଼ଲ ଏକ ମୁଷ୍ଟି । ଗଣ୍ଠି ଝୁଲୁଛି ତାର ପିଠି ॥
ହରି କହି ଡାକୁଛି ଗୁଲି । ତାହାକୁ ଦେଖି ବନମାଳୀ ॥
ମାୟା ଭିକ୍ଷୁକ ବେଶ ଧରି । ତା ଆଗେ ଜଭା ହୋଇ ହରି ॥
କହିଲେ "ଅହେ ଦ୍ୱିଜ ସାଇଁ । କି ଦ୍ରବ୍ୟ ବାନ୍ଧିଛ ଗଣ୍ଠିଇ ? ॥
ମୋତେ ଦିଅ କିଛି ମାତର । ଦେଖ ମୁଁ କ୍ଷୁଧାରେ କାତର ॥"
ସେ ଦ୍ୱିଜ ସଙ୍କୋଚ ହୃଦୟ । ହୋଇ କହିଲ "ମହାଶୟ ! ॥
ମୁଁ ମହା ଦରିଦ୍ର ଅପାର । କି ଦେବି ତୁମ୍ଭକୁ ଆହାର ॥
ମୁଠାଏ ଏ ମୋଟ ତଣ୍ଡୁଳ । ଦେଖ" ବୋଲି ହେଲା ବ୍ୟାକୁଳ ॥
ତା ଶୁଣି ପ୍ରଭୁ ଦାମୋଦର । ସେ ଗଣ୍ଠି ଫିଟାଇ ସତ୍ୱର ॥
ତାହାରେ ସେ ତଣ୍ଡୁଳ ଧରି । ଗର୍ଭକୁ କ୍ଷେପି ଦେଲେ ହରି ॥
ଉପର ଶୁଦ୍ଧ ଭକ୍ତ ଜାଣି । ତକ୍ଷଣେ ଶଙ୍ଖ ଚକ୍ରପାଣି ॥
ନିଜରୂପ ବିପ୍ରେ ଦେଖାଇ । ଦେଲେ ତା ଦାରିଦ୍ର୍ୟ ଘୁଞ୍ଚାଇ ॥
ଏମନ୍ତେ ଯେଉଁ ଭଗବାନ । କରନ୍ତି ଅର୍ଚ୍ଚିଜନଙ୍କ ତ୍ରାଣ ॥
ସେ ଅର୍ଚ୍ଚିରାଣ ନାରାୟଣ । ଚରଣେ ମୋହର ଶରଣ ।୧୫।
ଯାର ଅନନ୍ତ ଦୟା ବଳେ । ଅନନ୍ତ ବିଶ୍ୱ ସୁଖେ ଚଳେ ॥
ଯାହାର ବଚନ ନ କରେ । ମନ୍ତ୍ରରୂପେ ଶିଖନ୍ତି ନରେ ॥
ବେଦ ଯାକୁ ବିଶ୍ୱକାରଣ । ସ୍ୱରୂପେ କରଇ ବର୍ଣ୍ଣନ ॥
ଯୋଗି-ମନ- ଅନ୍ଧକାର-ତମ । ବିନାଶନେ ଯେ ସୂର୍ଯ୍ୟସମ ॥
ସେ ଅର୍ଚ୍ଚିରାଣ ପ ୍ରଣ । ନାରାୟଣ ମୋର ଶରଣ । ୧୬ ।

୧— ମଳବସ୍ତ୍ରଧାରୀ

କାଳିନ୍ଦୀ ହୃଦୟାଭିରାମପୁଲିନେ ପୂର୍ଣେ ଜଗନ୍ମଙ୍ଗଳେ,
ଚନ୍ଦ୍ରାମ୍ଭୋଜ ବଟେ ସ୍ଫୁଟେ ପଦ୍ମସରେ ଧାତ୍ରା ସମାରାଧିତେ ।
ଶ୍ରୀରଙ୍ଗେ ଭୁଜଗେନ୍ଦ୍ରଭୋଗଶୟନେ ଶେତେ ସଦା ଯଃ ପୁମାନ୍—
ନାଭିବାଣି ପରାୟଣଃ ସ ଭଗବାନ୍ନାରାୟଣୋ ମେ ଗତିଃ । ୭ ।

ବାତ୍ସଲ୍ୟାଦଭୟପ୍ରଦାନସମୟାଦାର୍ତ୍ତାର୍ତ୍ତିନିର୍ବାପଣା-
ଦୌଦାର୍ଯ୍ୟାଦଘଶୋଷଣାଦଗଣିତ ଶ୍ରେୟଃ ପଦପ୍ରାପଣାତ୍ ।
ସେବ୍ୟଃ ଶ୍ରୀପତିରେକ ସର୍ବଜଗତାମେତେ ହି ତତ୍ର ସାକ୍ଷିଣଃ,
ପ୍ରହ୍ଲାଦଶ୍ଚ ବିଭୀଷଣଶ୍ଚ କରିରାଟ୍ ପାଞ୍ଚାଲ୍ୟହଲ୍ୟା ଧ୍ରୁବଃ । ୮ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ
ଅଭୀଷ୍ଟାଷ୍ଟାଦଶକଂ

ସମାପ୍ତମ୍ ।

ସୁନ୍ଦର କାଳିନ୍ଦୀ-ହ୍ରଦୟ । ପୁଳିନ ସର୍ବ ଶୁଭମୟ ॥
ଚନ୍ଦ୍ରକିରଣେ ସମୁଜ୍ଜ୍ୱଳ । ନିତ୍ୟ ଫୁଟେ ଯହିଁ କମଳ ॥
ତହିଁ ଯେ ସତତେ ବିହରେ । ଧାତା ଯାହାକୁ ସେବା କରେ ॥
ଶ୍ରୀରଙ୍ଗ ଭୁଜଙ୍ଗ ଶୟନ । ସେ ଅଭିବାଣୀ ପରାୟଣ ॥ ॥
ସେ ଭଗବାନ ନାରାୟଣ । ଚରଣେ ମୋହର ଶରଣ ।୭।

ଯେହୁ ବାତ୍ସଲ୍ୟ-ପ୍ରଦର୍ଶନ । କରନ୍ତି ଅଭୟ ପ୍ରଦାନ ॥
ଆର୍ତ୍ତିର ଆର୍ତ୍ତି ନିବାରଣ । ଉଦାରତା ଯେ ପ୍ରଦର୍ଶନ ॥
କରନ୍ତି ପାପ ବିନାଶନ । ଅଗଣ୍ୟ ଶ୍ରେୟ ପଦଦାନ ॥
ପ୍ରହ୍ଲାଦ ବିଭୀଷଣ, କରୀ । ଦ୍ରୌପଦୀ ଅହଲ୍ୟା ସୁନ୍ଦରୀ ॥
ଆଉର ଧ୍ରୁବ ତପିବର । ସାକ୍ଷୀ ଏ ସେ କାର୍ଯ୍ୟ ସମୂହର ।
ସେହୁ ଶ୍ରୀପତି ଏକମାତ୍ର । ସର୍ବ ବିଶ୍ୱର ସେବ୍ୟ ପାତ୍ର ।୮।

ବାତ୍ସଲ୍ୟ ଦେଖାଇବାରେ ପ୍ରହ୍ଲାଦ, ଅଭୟ ପ୍ରଦାନରେ ବିଭୀଷଣରେ ଆର୍ତ୍ତି ନିବାରଣରେ କରୀ ।

ଆନନ୍ଦ-ଲହରୀ ।

ଶିବଃ ଶକ୍ତ୍ୟାଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁଂ
ନଚେଦେବଂ ଦେବୋ ନ ଖଲୁ କୁଶଳଃ ସ୍ପନ୍ଦିତୁମପି ।
ଅତସ୍ତ୍ୱାମାରାଧ୍ୟାଂ ହରିହର ବିରିଞ୍ଚ୍ୟାଦିଭିରପି
ପ୍ରଣନ୍ତୁଂ ସ୍ତୋତୁଂ ବା କଥମକୃତପୁଣ୍ୟଃ ପ୍ରଭବତି । ୧ ।

ତନୀୟାଂସଂ ପାଂସୁଂ ତବ ଚରଣପଙ୍କେରୁହଭବଂ ।
ବିରିଞ୍ଚିଃ ସଞ୍ଚିନ୍ୱନ୍ ବିରଚୟତି ଲୋକାନବିକଲମ୍ ।
ବହତ୍ୟେନଂ ଶୌରିଃ କଥମପି ସହସ୍ରେଣ ଶିରସାଂ ।
ହରଃ ସଂକ୍ଷୁଦ୍ୟୈନଂ ଭଜତି ଭସିତୋଦ୍ଧୂଳନବିଧିମ୍ ।୨।

ଆନନ୍ଦଲହରୀ ✝

ରାଗ-ଗୁଜ୍ଜରୀ ।

ଶିବ ଶକ୍ତିଯୁକ୍ତ ଯଦି ହୁଅନ୍ତି ଗୋ ମାତ । ତେବେ ତାଙ୍କ ସର୍ବ ଶକ୍ତି ହୁଅଇ ସଞ୍ଜାତ ॥
ଶକ୍ତି ବିହୀନରେ ସ୍ୱୟଂ ସେ ପୁରୁଷୋତ୍ତମ । ସ୍ପନ୍ଦିତ ହେବାକୁ ମଧ୍ୟା ନୁହନ୍ତି ସକ୍ଷମ ॥
ବ୍ରହ୍ମା ବିଷ୍ଣୁ ଶିବ ଆଦି ଦେବତା ସକଳେ । ତେଣୁ ପୂଜୁଥାନ୍ତି ତବ ଚରଣ କମଳେ ॥
ମୋ ପରି ଅକୃତପୁଣ୍ୟ[୧] କାହିଁକି ପ୍ରକାରେ । ସମର୍ଥ ହେବ ପ୍ରଣାମ ସ୍ତୁତି କରିବାରେ ॥୧॥

କଣମାତ୍ର ଗୋଟାଇ ତୋ ପାଦପଦ୍ମ ରଜ । ସୃଜନ୍ତି ଜଗତକୁ ପଙ୍କଜ ଅଗ୍ରଜ[୨] ॥
ତବ ପଦ ରେଣୁ ଜାତ ବିଶ୍ୱକୁ ଆବରି । ବହନ୍ତି ସହସ୍ର ଶିରେ ବିଷ୍ଣୁ ରମାବର ॥
ଶିବ ନିଜ ତେଜେ ସେହି ବିଶ୍ୱ ଦଗ୍ଧ କରି । ବୋଳିଥାନ୍ତି ସେହି ଭସ୍ମ ସ୍ୱଅଙ୍ଗେ ଆଦର ।୨॥

✝ ଶଙ୍କରାଚାର୍ଯ୍ୟ ପ୍ରଥମତଃ ଏକମାତ୍ର ବ୍ରହ୍ମସ୍ୱରୂପ ଶିବଙ୍କର ଆରାଧନା କରୁଥିଲେ । ସେ ଶକ୍ତିଙ୍କୁ ମାନୁ ନ ଥିଲେ । ପରେ ପ୍ରତ୍ୟକ୍ଷରୂପେ ଶକ୍ତିଙ୍କର ମହିମା ଅନୁଭବ କରି ତାଙ୍କୁ ପ୍ରସନ୍ନ କରିବାପାଇଁ ଏହି ଆନନ୍ଦ ଲହରୀସ୍ତବ ରଚନା କରିଥିଲେ ।

୧ । ଅକୃତପୁଣ୍ୟ ଯେ କିଛି ପୁଣ୍ୟ କରି ନାହିଁ ।

୨ । ଶକ୍ତିଙ୍କର ଅଣୁମାତ୍ର ପାଦଧୂଳି ସୃଷ୍ଟି ସ୍ଥିତି ପ୍ରଳୟର କାରଣ । ବ୍ରହ୍ମା କଣମାତ୍ର ପଦଧୂଳି ଗୋଟାଇ ଏହି ଜଗତ ସର୍ଜନା କରନ୍ତି, ବିଷ୍ଣୁ ସେହି ଜଗତକୁ ଅନନ୍ତସ୍ୱରୂପରେ ଧାରଣ କରନ୍ତି, ଶିବ ଜଗତକୁ ଭସ୍ମ କରି ସେହି ଭସ୍ମ ଅଙ୍ଗରେ ଲେପନ୍ତି ।

ଅବିଦ୍ୟାନାମନ୍ତସ୍ତିମିରମିହିରଦ୍ୱୀପନକରୀ
ଜଡ଼ାନାଂ ଚୈତନ୍ୟସ୍ତବକମକରନ୍ଦସ୍ରୁତିଝରୀ ।
ଦରିଦ୍ରାଣାଂ ଚିନ୍ତାମଣିଗୁଣନିକା ଜନ୍ମଜଲଧୌ ।
ନିମଗ୍ନାନାଂ ଦଂଷ୍ଟ୍ରା ମୁରରିପୁବରାହସ୍ୟ ଭବତି । ୩ ।

ତ୍ୱଦନ୍ୟଃ ପାଣିଭ୍ୟାମଭୟବରଦୋ ଦୈବତଗଣ-
ସ୍ତ୍ୱମେକା ନୈବାସି ପ୍ରକଟିତ ବରାଭୀତ୍ୟଭିନୟା ।
ଭୟାତ୍ ତ୍ରାତୁଂ ଦାତୁଂ ଫଳମପି ଚ ବାଞ୍ଛାସମଧିକଂ
ଶରଣ୍ୟେ ଲୋକାନାଂ ତବ ହି ଚରଣାବେବ ନିପୁଣୌ । ୪ ।

ଅବିଦ୍ୟା ତମସାଚ୍ଛନ୍ନ ଲୋକଙ୍କ ହୃଦୟେ । ଜ୍ଞାନ ଦିବାକର ମାତ, କରୁ ତୁ ଉଦୟେ ॥
ଜଡ଼ମାନଙ୍କର ତୁହି ଅଟୁ ଗୋ ଈଶ୍ୱରି ! । ଚୈତନ୍ୟ-ସ୍ତବକ ମକରନ୍ଦ ସ୍ରୁତ ଝରି
ଦରିଦ୍ରମାନଙ୍କ ତୁହି ଅଟୁ ଚିନ୍ତାମଣି । ଦାନଶକ୍ତି ରୂପା ମାତ, ଦାରିଦ୍ର୍ୟ-ଭଞ୍ଜନୀ ॥
ଭବ-ସିନ୍ଧୁମଗ୍ନଙ୍କର ତୁ ଅଟୁ ଜନନୀ ! ବରାହରୂପୀ ବିଷ୍ଣୁଙ୍କ ଦନ୍ତସ୍ୱରୂପିଣୀ । ୩ ।

ତୋର ବିନା ଆଉ ଯେତେ ଦେବଗଣ ମାତ ! ଦେଖାଆନ୍ତି ବରାଭୟ ମୁଦ୍ରା * ବେନିହାତ
ବରାଭୟ ମୁଦ୍ରା ହସ୍ତେ ନ କର ଧାରଣ । କାର୍ଯ୍ୟରେ ବର ଅଭୟ କରୁ ତୁ ପ୍ରଦାନ ॥
ରକ୍ଷାକର୍ତ୍ତ୍ରୀ ଅଟୁ ମାତ, ସର୍ବ ଲୋକଙ୍କର । ତୋ ପଦେ ଶରଣ ବିନା ନାହିଁ ଗତ୍ୟନ୍ତର ।୪।

---

† ଜ୍ଞାନରୂପକ ପୁଷ୍ପ ଗୁଚ୍ଛର ମଧୁକ୍ଷରଣର ଝରିସ୍ୱରୂପା । * ଦେବଦେବୀମାନଙ୍କ ମଧ୍ୟରେ କେବଳ ଶକ୍ତିଙ୍କ ବରଭୟ ମୁଦ୍ରା ନାହିଁ ।

ହରସ୍ତ୍ୱାମାରାଧ୍ୟ ପ୍ରଣତଜନ ସୌଭାଗ୍ୟଜନନୀଂ;
ପୁରା ନାରୀ ଭୂତ୍ୱା ପୁରରିପୁମପି କ୍ଷୋଭମନୟତ୍ ।
ସ୍ମରୋଽପି ତ୍ୱାଂ ନତ୍ୱା ରତିନୟନଲେହ୍ୟେନ ବପୁଷା
ମୁନୀନାମପ୍ୟନ୍ତଃ ପ୍ରଭବତି ହି ମୋହାୟ ମହତାମ୍ । ୫ ।
ଧନୁଃ ପୌଷ୍ପଂ ମୌର୍ବୀ ମଧୁକରମୟୀ ପଞ୍ଚ ବିଶିଖା
ବସନ୍ତଃ ସାମନ୍ତୋ ମଲୟମରୁଦାୟୋଧନରଥଃ ।
ତଥାପ୍ୟେକଃ ସର୍ବଂ ହିମଗିରିସୁତେ କାମପି କୃପା—
ମପାଙ୍ଗାତ୍ତେ ଲବ୍ଧ୍ୱା ଜଗଦିଦମନଙ୍ଗୋ ବିଜୟତେ । ୬ ।
କ୍ୱଣତ୍ କାଞ୍ଚୀଦାମା † କରିକଲଭ ✽ କୁମ୍ଭସ୍ତନଭରା
ପରିକ୍ଷୀଣା ମଧ୍ୟେ ପରିଣତଶରଚ୍ଚନ୍ଦ୍ରବଦନା ।
ଧନୁର୍ବାଣାନ୍ ପାଶଂ ସୃଣିମପି ଦଧାନା କରତଲୈଃ
ପୁରସ୍ତାଦାସ୍ତାଂ ନଃ ପୁରମଥିତୁରାହୋପୁରୁଷିକା । ୭ ।

ତୁମାତ, ପ୍ରଣତ-ଜନ-ସୌଭାଗ୍ୟ ଦାୟିନୀ । ପୂର୍ବକାଳେ ତୋତେ ସେବା କରି ଚକ୍ରପାଣି ॥
ନାରୀରୂପ ଘେନି ଶିବେ କଲେ ଲଣ୍ଡଭଣ୍ଡ † । ତୋ ଚରଣ ରେଣୁ ବଳେ ମଦନ ଦୁର୍ଦ୍ଦଣ୍ଡ ॥
ରତି ନୟନ ଲେହନ ✽ ନିଜ ଅଙ୍ଗଦ୍ୱାରା । ମୁନିଙ୍କ ମୋହ ଜନ୍ମାଅ କରୁଥାଏ ଭ୍ରମ ।୫।
ହିମଗିରିସୁତେ ସେହିମଦନ ଅତନୁ । ପାଞ୍ଚୋଟି ତା ପୁଷ୍ପଶର ପୁଣି ପୁଷ୍ପଧନୁ ॥
ମଧୁକର-ଶ୍ରେଣୀ ସେହି ଧନୁକର ଗୁଣ । ମଳୟ ପବନ ତାର ଯୁଦ୍ଧରଥ ପୁଣ ॥
ବସନ୍ତ ସାରଥି, କାମ ଏକାକୀ ହୋଇଣ । କରୁଛି ବିଶ୍ୱ ବିଜୟ ତୋ କୃପା ଲଭିଣ ।୬।
କ୍ୱଣତ୍ କାଞ୍ଚୀଦାମ ଶୋଭେ କଟିଦେଶେ ଯାର । କରଭ-କୁମ୍ଭ ସଦୃଶ ସ୍ତନ ଯା ବିସ୍ତାର
ମଧ୍ୟଭାଗ କ୍ଷୀଣତର, ଯା ମୁଖ ମଣ୍ଡଳ । ଶରଦ-ପୂର୍ଣ୍ଣିମା-ଚନ୍ଦ୍ର ସଦୃଶ ନିର୍ମ୍ମଳ ॥
ଧନୁର୍ବାଣ-ପାଶାଙ୍କୁଶ ଶୋଭେ ଚତୁଷ୍କରେ । ଶିବ ଗର୍ବରୂପେ ବିଜେ କର ମୋ ଅଗ୍ରେ ।୭।

ମହାଦେବ କାମକୁ ଭସ୍ମୀଭୂତ କରିବା ପରେ ନିଜର ଉଚ୍ଚତା ପ୍ରକାଶ କରନ୍ତେ ବିଷ୍ଣୁ, ଶିବଙ୍କର ଗର୍ବ ଭାଙ୍ଗିବା ପାଇଁ ମୋହିନୀ ରୂପ ଘେନିଥିଲେ । ଶିବ ସେହି ମୋହିନୀରୂପ ଦେଖି କାମରେ ଆତୁର ହୋଇ ମୋହିନୀର ପଛେ ପଛେ ଦୌଡ଼ାଇ ଥିଲେ । ବିଷ୍ଣୁ "ଇଂ" ଚତୁର୍ଥ ବୀଜାତ୍ମିକା କାମ କଳାରୂପ ଧ୍ୟାନ କରି ସ୍ୱୟଂ ନାରୀରୂପେ ଶିବଙ୍କ ଗର୍ବ ଖର୍ବ କରିବାକୁ ସକ୍ଷମ ହୋଇଥିଲେ । ଉକ୍ତ ଶ୍ଳୋକର ତାତ୍ପର୍ଯ୍ୟ ଏହି ଯେ, ତ୍ରିପୁରଦେବୀଙ୍କ ପୂଜା ସମୟରେ ପ୍ରଥମତଃ ଦ୍ୱାର ଦେଶରେ ରତି ଓ କନ୍ଦର୍ପର ପୂଜା କରିବାକୁ ହେବ । ଏହାର ନାମ ସାଧ୍ୟସିଦ୍ଧାସନ ବିଦ୍ୟା । ଯଥା —ହରି ଶବ୍ଦରେ ହକାର ଓ ରେଫ ଜନନୀ ଶବ୍ଦରେ ଈକାର ଓ ଅନୁସ୍ୱାର ସଂଯୋଗରେ ହ୍ରୀଂବୀଜ ହୋଇଅଛି । ପୁଣି ସ୍ମର ଶବ୍ଦରେ କ୍ଲୀଂ ଲେହ୍ୟେନ ଶବ୍ଦରେ ଲେ, ବପୁ ଶବ୍ଦରେ ବ, ମୁନୀନାଂ ଶବ୍ଦରେ ବିନ୍ଦୁ ଗୃହୀତ ହୋଇ ବ୍ଲେଂ ହୋଇଅଛି । ସୁତରାଂ ଏହି ଶ୍ଳୋକଦ୍ୱାରା ହ୍ରୀଂ, କ୍ଲୀଂ ଓ ବ୍ଲେଂ ବୀଜତ୍ରୟ ସମ୍ପନ୍ନ ହୋଇଅଛି ।

✽ ରତିର ନେତ୍ରାନନ୍ଦକର । † ଶବ୍ଦାୟମାନ ଘୁଙ୍ଘୁରମାଳା । ✽ ହାତୀଛୁଆ ।

ସୁଧାସିନ୍ଧୋର୍ମଧ୍ୟେ ସୁରବିଟପିବାଟୀପରିବୃତେ ।
ମଣିଦ୍ୱୀପେ ନୀପୋପବନବତି ଚିନ୍ତାମଣିଗୃହେ ।
ଶିବାକାରେ ମଞ୍ଚେ ପରମଶିବପର୍ଯ୍ୟଙ୍କନିଲୟାଂ ।
ଭଜନ୍ତି ତ୍ୱାଂ ଧନ୍ୟାଃ କତିଚନ ଚିଦାନନ୍ଦଲହରୀମ୍ ।୮।

ମହୀଂ ମୂଳାଧାରେ କମପି ମଣିପୂରେ ହୁତବହଂ ।
ସ୍ଥିତଂ ସ୍ୱାଧିଷ୍ଠାନେ ହୃଦି ମରୁତମାକାଶମୁପରି ।
ମନୋଽପି ଭ୍ରୂମଧ୍ୟେ ସକଳମପିଭିତ୍ୱା କୁଳପଥଂ ।
ସହସ୍ରାରେ ପଦ୍ମେ ସହ ରହସି ପତ୍ୟା ବିହରସି ।
ସୁଧାଧାରାସାରୈଶ୍ଚରଣଯୁଗଳାନ୍ତର୍ବିଗଳିତୈ ।
ପ୍ରପଞ୍ଚଂ ସିଞ୍ଚନ୍ତୀ ପୁନରପି ରସାମ୍ନାୟମହସା ।
ଅବାପ୍ୟ ସ୍ୱାଂ ଭୂମିଂ ଭୁଜଗନିଭମଧ୍ୟୁଷ୍ଟବଲୟଂ
ସ୍ୱମାତ୍ମାନଂ କୃତ୍ୱା ସ୍ୱପିଷି କୁଳକୁଣ୍ଡେ କୁହରିଣୀ । ୧୦ ।

ସୁଧାର୍ଣ୍ଣବେ ସୁରତରୁ ବାଟୀ ସମାଚ୍ଛନ୍ନେ । ମଣିଦ୍ୱୀପେ † ନୀପାଦ୍ୟ-ଶୋଭିତ ଭବନେ ॥
ପଞ୍ଚଶିବୋପରିଷ୍ଠିତ ପଲ୍ୟଙ୍କେ ସ୍ଥାପିତ ✻ । ପରମ ଶିବାସନେ ମା, ତୁମ୍ଭେ ବିରାଜିତ ॥
ସେ ଚିଦାନନ୍ଦଲହରୀ ରୂପକୁ ତୋହର । ଭଜୁଥାନ୍ତି କେହି କେହି ଭାଗ୍ୟବାନ ନର ।୮।
ମୂଳାଧାର ଚକ୍ରସ୍ଥିତ ପୃଥିବୀ ମଣ୍ଡଳ । ସ୍ୱାଧିଷ୍ଠାନ ଚକ୍ରସ୍ଥିତ ସଲିଳ ମଣ୍ଡଳ ॥
ମଣିପୁର ଚକ୍ରସ୍ଥିତ ଅନଳ ମଣ୍ଡଳ । ଅନାହତ ଚକ୍ରସ୍ଥିତ ପବନ-ମଣ୍ଡଳ ॥
ସେ ବିଶୁଦ୍ଧ ଚକ୍ରସ୍ଥିତ ଆକାଶମଣ୍ଡଳ । ଭ୍ରୂମଧ୍ୟେ ଆଜ୍ଞାଚକ୍ରସ୍ଥ ସେ ମନୋମଣ୍ଡଳ ॥
ଭେଦ କୁଳପଥେ ଯାଇ ସହସ୍ରାର ପୁରେ । ବିହରୁ ଜନନି ! କାନ୍ତ ସହ ଏକାନ୍ତରେ ।୯। †
ତୋ ପାଦ ପଦ୍ମ ଯୁଗଳ ପ୍ରାନ୍ତୁ ସେ କାଳରେ । ଝରଇ ଯେ ଅମୃତଧାରା ଷଡ଼ଚକ୍ରପରେ ॥
ସେହି ଦ୍ରବେ ସହସ୍ରାରୁ ଓହ୍ଲାଇ ସେ ପଥେ । ମୂଳାଧାରେ ବାହୁଡ଼ୁମା କୁଣ୍ଡଳିନୀ ‡ ମତେ ॥
ଚକ୍ର ଚକ୍ରଦେବେ କରି ପୁନରୁଜ୍ଜୀବିତ । ସ୍ୱୟମ୍ଭୁ ଲିଙ୍ଗରେ ହୋଇଥାଅ ତୁ ନିଦ୍ରିତ ।୧୦।

---

† ଚିନ୍ତାମଣି ନାମକ ଭବନରେ । ✻ ଦେବୀଙ୍କ ସିଂହାସନ ପଞ୍ଚଖୁର ବିଶିଷ୍ଟ । ପାଞ୍ଚଶିବ ସିଂହାସନର ପାଦସ୍ୱରୂପ ରହିଛନ୍ତି । ସିଂହାସନରେ ପରମ ଶିବ ଶୟିତ ଅବସ୍ଥାରେ ରହଣା ପର ରହିଛନ୍ତି । ତଦୁପରି ତ୍ରିପୁରା ଦେବୀ ଉପବିଷ୍ଟା ମନୁଷ୍ୟ ଦେହରେ ମୂଳାଧାରପଦ୍ମରେ ବ୍ରହ୍ମା ସ୍ୱାଧିଷ୍ଠାନ ପଦ୍ମରେ ବିଷ୍ଣୁ, ମଣିପୁରରେ ରୁଦ୍ର, ଅନାହତ ଚକ୍ରରେ ନାରାୟଣ ଓ ବିଶୁଦ୍ଧପଦ୍ମରେ ସଦାଶିବ ଏହି ପଞ୍ଚଶିବ ଉପରେ ପଲ୍ୟଙ୍କ କଳ୍ପିତ। † ଶରୀରରେ ମୂଳାଧାର ଚକ୍ର ଭୂଲୋକ ସ୍ୱାଧିଷ୍ଠାନ ଚକ୍ର ଭୁବର୍ଲୋକ, ମଣିପୁର ଚକ୍ର ସ୍ୱର୍ଲୋକ ଅନାହତ ଚକ୍ରମହର୍ଲୋକ, ବିଶୁଦ୍ଧ ଚକ୍ରଜନଲୋକ, ଆଜ୍ଞାଚକ୍ର ତପଲୋକ ଓ ସହସ୍ରାର ସତ୍ୟଲୋକ ବୋଲି କଳ୍ପିତ।

‡ ସର୍ପ ଆକାରରେ ।

ଚତୁର୍ଭିଃ ଶ୍ରୀକଣ୍ଠୈଃ ଶିବଯୁବତିଭିଃ ପଞ୍ଚଭିରପି
ପ୍ରଭିନ୍ନାଭିଃ ଶମ୍ଭୋର୍ନବଭିରପି ମୂଳପ୍ରକୃତିଭିଃ ।
ଚତୁଶ୍ଚତ୍ୱାରିଂଶଦ୍ବସୁଦଳକଳାବ୍ଜ ତ୍ରିବଳୟ—
ତ୍ରିରେଖାଭିଃ ସାର୍ଦ୍ଧଂ ତବ ଭବନ କୋଣାଃ ପରିଣତାଃ ॥ ୧୧ ॥

ତ୍ୱଦୀୟଂ ସୌନ୍ଦର୍ଯ୍ୟଂ ତୁହିନଗିରିକନ୍ୟେ ତୁଳୟିତୁଂ
କବୀନ୍ଦ୍ରାଃ କଳ୍ପନ୍ତେ କଥମପି ବିରିଞ୍ଚିପ୍ରଭୃତୟଃ ।
ଯଦାଲୋକୌତ୍ସୁକ୍ୟାଦମରଲଲନା ଯାନ୍ତି ମନସା
ତପୋଭିର୍ଦ୍ଦୁଷ୍ପ୍ରାପାମପି ଗିରିଶସାୟୁଜ୍ୟପଦବୀମ୍ । ୧୨ ।

ନରଂ ବର୍ଷୀୟାଂସଂ ନୟନବିରସଂ ନର୍ମ୍ମସୁ ଜଡଂ
ତବାପାଙ୍ଗାଲୋକେ ପତିତମନୁଧାବନ୍ତି ଶତଶଃ ।
ଗଳଦ୍ବେଣୀବନ୍ଧାଃ କୁଚକଳସବିସ୍ରସ୍ତସିଚୟା ।
ହଠାତ୍ ତ୍ରୁଟ୍ୟତ୍ କାଞ୍ଚ୍ୟୋ ବିଗଳିତଦୁକୂଳା ଯୁବତୟଃ । ୧୩ ।

ଚାରିଗୋଟି ଊର୍ଦ୍ଧ୍ୱମୁଖ ତ୍ରିକୋଣ ସହିତ । ପାଞ୍ଚଗୋଟି ଅଧୋମୁଖ ତ୍ରିକୋଣ ମିଳିତ ॥
ହେଲେ ଚଉରାଳିଶ କୋଣ ଉତ୍ପନ୍ନ ଯେ ହେବ । ଅଷ୍ଟଦଳ ବୃତ୍ତ ତହିଁ ବାହାରେ ଲିଖିବ
ଷୋଡ଼ଶ ଦଳ ବୃତ୍ତେକ ତାର ବହିର୍ଦ୍ଦେଶେ । ତିନୋଟି ବୃତ୍ତ ଅଙ୍କିଲେ ତା ବାହାରେ ଶେଷେ
ତିନୋଟି ଭୂପୁର ତାର ବାହାରେ ଲିଖିଲେ । ତବ ଶ୍ରୀଚକ୍ରସମ୍ପନ୍ନ ହୁଅଇ ମା, ଭଲେ ।୧୧।

ଗୋ ଶ୍ରୀ ତୁହିନଗିରିସୁତା ୧ସୌନ୍ଦର୍ଯ୍ୟ ତୋହର । ବିରିଞ୍ଚି ୨ପ୍ରଭୃତି ଯେତେ କବିକୁଳେଶ୍ୱର
ତୁଳିବାକୁ-ବର୍ଣ୍ଣିବାକୁ ସମର୍ଥ ନୁହନ୍ତି । ଧ୍ୟାନ କରି ସେ ସୌନ୍ଦର୍ଯ୍ୟ ଅମର ଯୁବତୀ-
ମାନେ ସମୁତ୍ସୁକଚିତ୍ତେ ତପ-ସୁଦୁର୍ଲ୍ଲଭ । ଶିବ ସାୟୁଜ୍ୟ ୩ମୁକତି କରୁଥାନ୍ତି ଲଭ । ୧୨ ।

ତୋର କୃପା-କଟାକ୍ଷେ ଯେ ହୁଅଇ ପତିତ । ୪ହେଉ ପଛେ ବୃଦ୍ଧାକ୍ଷମ ନୟନ-ରହିତ ॥
ଯୁବତୀ ସମ୍ଭୋଗେ ସେହି ହେଲେହେଁ ଅଶକ୍ତ । ଗୋଡ଼ାନ୍ତି ପଛରେ ତାର ନାରୀ ଶତ ଶତ
ଯାର ବେଣୀବନ୍ଧା ପଡ଼େ ଫିଟି କାମାତୁରେ । କୁଚ କଳସୁଁ ଯା ବାସ ପଡ଼େ ଲୋଟି ଭୂରେ ॥
ପଡ଼ିବା ପରି ହୁଏ ଯାଙ୍କଠିରୁ ମେଖଳା ୫ । ଆବର ହୋଇ ଯେ ଧର୍ମ୍ମ-ଗଳିତ-ଦୁକୂଳୀ ୬॥୧୩॥

---

୧ ତୁହିନ-ହିମ, ତୁହିନ ଗିରି=ହିମାଳୟ ପର୍ବତ, ତୁହିନଗିରି କନ୍ୟା-ପାର୍ବତୀ ।
୨ ବ୍ରହ୍ମା । ୩ । ଅଭେଦ, ଏକତ୍ୱ, ସାଦୃଶ୍ୟ । ମୁକ୍ତିବିଶେଷ । ୪ । ଅଣ୍ଟାରଜାସୁତା ।
୫ ହେବଳା ଗାଣ୍ଠିଧାରଣୀ ।

କ୍ଷିତୌ ଷଟ୍‌ପଞ୍ଚାଶଦ୍ ଦ୍ୱିସମଧିକ ପଞ୍ଚାଶଦୁଦକେ
ହୁତାଶେ ଦ୍ୱାଷଷ୍ଟିଶ୍ଚତୁରଧିକପଞ୍ଚାଶଦନିଲେ ।
ଦିବି ଦ୍ୱିଃଷଟ୍‌ତ୍ରିଂଶନ୍ମନସି ଚ ଚତୁଃଷଷ୍ଟିରିତି ଯେ
ମୟୂଖାସ୍ତେଷାମପ୍ୟୁପରି ତବ ପାଦାମ୍ବୁଜଯୁଗମ୍ । ୧୪ ।

ଶରଜ୍ଜ୍ୟୋତ୍ସ୍ନାଶୁଭ୍ରାଂ ଶଶିଯୁତଜଟାଜୁଟମୁକୁଟାଂ
ବର- ତ୍ରାସ ତ୍ରାଣ—ସ୍ଫଟିକଗୁଟିକା-ପୁସ୍ତକକରାମ୍ ।
ସକୃନ୍ନତ୍ୱାନତ୍ୱାଂ କଥମିବ ସତାଂ ସନ୍ନିଦଧତେ
ମଧୁକ୍ଷୀରଦ୍ରାକ୍ଷାମଧୁରି-ମଧୁରୀଣା ଭଣିତୟଃ । ୧୫ ।

କବୀନ୍ଦ୍ରାଣାଂ ଚେତଃ କମଳବନବାଳାତପରୁଚିଂ
ଭଜନ୍ତେ ଯେ ସନ୍ତଃ କତିଚିଦରୁଣାମେବ ଭବତୀମ୍ ।
ବିରିଞ୍ଚିପ୍ରେୟସ୍ୟାସ୍ତରୁଣତରଶୃଙ୍ଗାରଲହରୀ —
ଗଭୀରାଭିର୍ବାଗ୍‌ଭିର୍ବିଦଧତି ସତାଂରଞ୍ଜନମମୀ । ୧୬ ।

ପୃଥିବୀର ଯେ ଛପନ କିରଣ ଅଛଇ । ମୂଳାଧାର ଚକ୍ରରେ ତା ସର୍ବଦା ବସଇ ।
ଜଳର ଯେଉଁ ବାବନ କିରଣ ଅଛଇ । ସ୍ୱାଧିଷ୍ଠାନ ଚକ୍ରେ ତାହା ନିରତ ରହଇ ॥
ତେଜୋମଣ୍ଡଳର ଯେଉଁ ବାଷଠି କିରଣ । ମଣିପୁର ଚକ୍ରେ ସଦା କରିଛି ଆସନ ॥
ଚଉବନ କିରଣ ଯେ ବାୟୁମଣ୍ଡଳର । ଅନାହତ ଚକ୍ରେ ସେହି କରିଅଛି ଘର ॥
ଆକାଶ ମଣ୍ଡଳର ଯେ ବାହତ୍ତରୀ କିରଣ । ରହିଛି ବିଶୁଦ୍ଧି ଚକ୍ରେ ତାହା ଅନୁକ୍ଷଣ ॥
ଆଜ୍ଞାଚକ୍ରେ ଚଉଷଠି କିରଣ ମନର । ଗୋ ଜନନି ! ରହିଅଛି ତାହା ନିରନ୍ତର ॥
ତବପାଦ-ପଦ୍ମଦ୍ୱୟ ଶୋଭେ ତା'ଉପରେ । ''ହଂସ'' ଏ ଅକ୍ଷର ଦ୍ୱୟ ସ୍ୱରୂପ ଯେ ଧରେ ।୧୪।

ଶରଦ ଚନ୍ଦ୍ରିକା ପ୍ରାୟ ତବ କାନ୍ତି ଶୁଭ୍ର । ମୁକୁଟ ଜଟାକଲାପ ଶିରେ ଶଶିନାଭ ।
ବରଭୟ ଅକ୍ଷମାଳା ପୁସ୍ତକ କରରେ । ସାଧୁଏ ତବ ଏ ରୂପ ଧ୍ୟାନ କଲେ ଥରେ ।
ମଧୁ କ୍ଷୀର ଦ୍ରାକ୍ଷା ସମ ମଧୁରତାମୟ । ବାହାରେ ମୁଖରୁ ତାଙ୍କ କାବ୍ୟ ସମୁଦୟ ।୧୫।

କବୀନ୍ଦ୍ରଗଣଙ୍କ ଚିତ୍ତ-କମଳ-ବନରେ । ବିକାଶକମାନ ବାଳଅରୁଣରୂପରେ ॥
ତବ ତନୁବର୍ଣ୍ଣ ନବ ତପନ ସମାନ । ଯେ ସାଧୁଏ ସେ ସ୍ୱରୂପ କରନ୍ତି ଗୋ ଧ୍ୟାନ ॥
ସେମାନେ ଶୃଙ୍ଗାର ରସମୟୀ ୧ ବାଣୀ ବଳେ । ମୋହି ପାରନ୍ତି ସଜ୍ଜନ ମାନବ ସକଳେ
ମଧୁର ବାକ୍ୟ ବିନ୍ୟାସ କରିବା ଶକତି । ଯାହା ପ୍ରସାଦରେ ନର କରଇ ପ୍ରାପତି ॥

୧-ଶୃଙ୍ଗାର ରସମୟୀ—ଆଦ୍ୟରସ ଯୁକ୍ତ ।

ସାବିତ୍ରୀଭିର୍ବାଚାଂ ଶଶିମଣିଶିଳାଭଙ୍ଗରୁଚିଭି —
ର୍ବଶିନ୍ୟାଦ୍ୟାଭିସ୍ତ୍ୱାଂ ସହ ଜନନି ସଞ୍ଚିନ୍ତୟତି ଯଃ ।
ସ କର୍ତ୍ତା କାବ୍ୟାନାଂ ଭବତି ମହତାଂ ଭଙ୍ଗିସୁଭଗୈ —
ର୍ବଚୋଭିର୍ବାଗ୍‌ଦେବୀବଦନକମଳାମୋଦମଧୁରୈଃ । ୧୭ ।

ତନୁଚ୍ଛାୟାଭିସ୍ତେ ତରୁଣ-ତରଣି-ଶ୍ରୀସରଣିଭି —
ର୍ଦିବଂସର୍ବାମୁର୍ବୀମରୁଣମଗ୍ନାଂ ସ୍ମରତି ଯଃ ।
ଭବନ୍ତ୍ୟସ୍ୟ ତ୍ରସ୍ୟଦ୍‌ବନହରିଣଶାଳୀନନୟନାଃ
ସହୋର୍ବଶ୍ୟା ବଶ୍ୟାଃ କତି କତି ନ ଗୀର୍ବାଣଗଣିକାଃ । ୧୮ ।

ମୁଖଂ ବିନ୍ଦୁଂ କୃତ୍ୱା କୁଚଯୁଗମଧସ୍ତସ୍ୟ ତଦଧୋ
ହକାରାର୍ଦ୍ଧଂ ଧ୍ୟାୟେଦ୍ଧରମହିଷି ତେ ମନ୍ମଥକଳାମ୍ ।
ସ ସଦ୍ୟଃ ସଂକ୍ଷୋଭଂ ନୟତି ବନିତା ଇତ୍ୟତିଲଘୁ
ତ୍ରିଲୋକୀମପ୍ୟାଶୁ ଭ୍ରମୟତି ରବୀନ୍ଦୁସ୍ତନଯୁଗାମ୍ । ୧୯ ।

ଚନ୍ଦ୍ରକାନ୍ତ-ମଣିଖଣ୍ଡ ପ୍ରାୟ କଳେବର । — କାନ୍ତି ଦିଶେ ଅତି ଶୁଭ୍ର ଯେଉଁମାନଙ୍କର ॥
ବଶିନୀ ପ୍ରଭୃତି ସେହି ଅଷ୍ଟଶକ୍ତି ୧ ସହ । କରେ ଯେ ଧ୍ୟାନ ତୁମ୍ଭଙ୍କୁ ମାତ ଅହରହ ॥
ସେ ବାଗ୍‌ଦେବୀ-ମୁଖ-ପଦ୍ମ-ସୌରଭ ମଧୁର । ରଚିପାରେ ମହାକାବ୍ୟ ଭଙ୍ଗି-ରୁଚିକର ॥

ମଧ୍ୟାହ୍ନ ତପନ ସମ ତବ ଦେହ କାନ୍ତି । ସୂର୍ଯ୍ୟକାନ୍ତମଣି ବୋଲି ଜନମାଏ ଭ୍ରାନ୍ତି ॥
ସେ ଜ୍ୟୋତିରେ କରଅଛୁ ବ୍ୟାପ୍ତ ଚରାଚର । ହେ ଜନନୀ, ତୋ ସେରୂପ ଧ୍ୟାୟେ ଯେଉଁ ନର ॥
ହୁଅନ୍ତି ତା ବଶୀଭୂତ ଅପସରାମାନେ । ବନହରିଣୀ ସଦୃଶ ଚକିତନୟନେ । ୧୮ ।

ହେ ଗୋ ହର-ମହିଷୀ, ତବ ବଦନ ରୂପରେ । ଊର୍ଦ୍ଧ୍ୱସ୍ଥ ବିନ୍ଦୁକୁ ଯେହୁ କଳପନା କରେ ॥
ଅଧସ୍ଥ ବିନ୍ଦୁଦ୍ୱୟକୁ ସ୍ତନଯୁଗରୂପେ । କଳ୍ପନା କରଇ ପୁଣି ଯେ ଭକ୍ତିରେ ଜପେ ॥
ତାର ନିମ୍ନଦେଶସ୍ଥିତ ହକାରାର୍ଦ୍ଧ ପୁଣି । ବ୍ରହ୍ମା ବସ୍ତୁ ଶିବାତ୍ମିକା ଯୋନି ତିନିଗୁଣ ॥
କାମ କଳାରୂପେ କରେ ତୁମ୍ଭଙ୍କୁ ଭାବନା । ପୂର୍ବ ଉକ୍ତ କଳା ସ୍ୱରୂପେ କରି ତା କଳ୍ପନା ॥
କାମିନୀମାନଙ୍କୁ ମୁଗ୍ଧ କରିବା ତା ପକ୍ଷେ । ନୁହଇ ବିଚିତ୍ର କଥା ସେ ନର ପ୍ରତ୍ୟକ୍ଷେ ॥
ଚନ୍ଦ୍ରସୂର୍ଯ୍ୟରୂପ ସ୍ତନ-ଯୁଗଳ-ଶୋଭିତା । -ନାରୀଗଣେ ମୁଗ୍ଧା କରିପାରେ ପ୍ରଲୋଭିତା ॥ ୧୯ ॥

---

୧ ଅଷ୍ଟଶକ୍ତି ଯଥା :—ବଶିନୀ ୨ କାମେଶ୍ୱରୀ, ୩ ମୋହିନୀ, ୪ ବିମଳା, ୫ ଅରୁଣା, ୬ ଜୟିନୀ, ୭ ସର୍ବେଶ୍ୱରୀ, ୮ କୌଳିନୀ ।

କିରନ୍ତୀମଙ୍ଗେଭ୍ୟଃ କିରଣନିକୁରମ୍ବାମୃତରସଂ
ହୃଦି ତ୍ୱାମାଧତ୍ତେ ହିମକରଶିଳାମୂର୍ତ୍ତିମିବ ଯଃ ।
ସ ସର୍ପାଣାଂ ଦର୍ପଂ ଶମୟତି ଶକୁନ୍ତାଧିପ ଇବ
ଜ୍ୱରପ୍ଲୁଷ୍ଟାନ୍ ଦୃଷ୍ଟ୍ୟା ସୁଖୟତି ସୁଧାଧାରଶିରୟା । ୨୦ ।

ତଡ଼ିଲ୍ଲେଖାତନ୍ୱୀଂ ତପନଶଶିବୈଶ୍ୱାନରମୟୀଂ
ନିଷଣ୍ଣାଂ ଷଣ୍ଣାମପ୍ୟୁପରି କମଲାନାଂ ତବ କଲାମ୍ ।
ମହାପଦ୍ମାଟବ୍ୟାଂ ମୃଦିତମଲମାୟେନ ମନସା
ମହାନ୍ତଃ ପଶ୍ୟନ୍ତୋ ଦଧତି ପରମାହ୍ଲାଦଲହରୀମ୍ । ୨୧ ।

ଭବାନି ତ୍ୱଂ ଦାସେ ମୟି ବିତର ଦୃଷ୍ଟିଂ ସକରୁଣା—
ମିତି ସ୍ତୋତୁଂ ବାଞ୍ଛନ୍ କଥୟତି ଭବାନି ତ୍ୱମିତି ଯଃ ।
ତଦୈବ ତ୍ୱଂ ତସ୍ମୈ ଦିଶସି ନିଜସାୟୁଜ୍ୟପଦବୀଂ
ମୁକୁନ୍ଦବ୍ରହ୍ମେନ୍ଦ୍ରସ୍ଫୁଟମୁକୁଟନୀରାଜିତପଦାମ୍ । ୨୨ ।

କିରାମୃତ ରସ ଅଙ୍ଗୁ ବିସ୍ତାରୁଛୁ ଯେହ୍ନୁ । ହିମଗିରି ଶିଳା ପ୍ରାୟେ ଶୀତଳ ଯା ଦେହ୍ନୁ ॥
ସେହି କୁଳକୁଣ୍ଡଳିନୀ କାମକଳା* ରୂପ । ତୁମ୍ଭେ ମାତ, ଯେହ୍ନୁ ଭଜେ ତୁମ୍ଭ ସେ ସ୍ୱରୂପ ॥
ଗରୁଡ଼ ପରି ସେ ସର୍ପବିଷ ହରିପାରେ । ଜ୍ୱରଗ୍ରସ୍ତେ କରେ ସୁଖୀ ସେ ଦୃଷ୍ଟି ସୁଧାରେ

ଯେଉଁ ମହାତ୍ମା ଯୋଗିଏ ପ୍ରଶାନ୍ତ ହୃଦୟେ । ତବ କାମକଳାରୂପ କରନ୍ତି ଗୋ ଲୟେ ॥
ଯେ ଷଡ଼ଚକ୍ର ଉପରେ ବ୍ରହ୍ମରନ୍ଧ୍ରସ୍ଥିତ । ସହସ୍ର ଦଳପଦ୍ମସ୍ଥ ତଡ଼ିଲ୍ଲେଖା ବତ † ॥—
ସୂକ୍ଷ୍ମତମ, ଯେହ୍ନୁ 'ସୂର୍ଯ୍ୟ ଚନ୍ଦ୍ର ଅଗ୍ନିମୟ । ମହାନନ୍ଦ ସୁଖ ଲଭେ ସେ ଯୋଗୀ ନିଶ୍ଚୟ ।୨୧

"ଭବାନୀ, ମୁଁ ତବ ଦାସ ତୁମ୍ଭେ ମୋ ଉପର । କରୁଣା ପୂରିତ ଦୃଷ୍ଟି ବିତରଣ କର ॥"
ଏମନ୍ତ ସ୍ତବ କରିବେ ଇଚ୍ଛୁକ ହୋଇଣ । "ଭବାନୀ, ତୁମ୍ଭେ" ଏମାତ୍ର କହେ ଯେଉଁ ଜନ
ତାଙ୍କୁ ସାୟୁଜ୍ୟପଦବୀ ଦିଅ ତତକ୍ଷଣ । ବିଧିଦେବ-ମୁକୁଟ-ରତ୍ନ-ବନ୍ଦିତ-ଚରଣ । ୨୨ ।

---

* କାମକଳା = କାମ = କମନୀୟ, କଳା = ଚନ୍ଦ୍ର ଓ ଅଗ୍ନି ସ୍ୱରୂପା । † ବିଜୁଳିରେଖା ପ୍ରାୟ

ତ୍ୱୟା ହୃତ୍ୱା ବାମଂ ବପୁରପରିତୃପ୍ତେନ ମନସା
ଶରୀରାର୍ଦ୍ଧଂ ଶମ୍ଭୋରପରମପି ଶଙ୍କେ ହୃତମଭୂତ୍ ।
ଯଦେତତ୍ ତ୍ୱଦ୍ରୂପଂ ସକଳମରୁଣାଭଂ ତ୍ରିନୟନଂ
କୁଚାଭ୍ୟାମାନମ୍ରଂ କୁଟିଳଶଶିଚୂଡାଳ ମୁକୁଟମ୍ । ୨୩ ।

ଜଗତ୍ ସୂତେ ଧାତା ହରିରବତି ରୁଦ୍ରଃ କ୍ଷପୟତେ
ତିରସ୍କୁର୍ବନ୍ନେତତ୍ ସ୍ୱମପି ବପୁରୀଶସ୍ତିରୟତି ।
ସଦାପୂର୍ବଃ ସର୍ବଂ ତଦିଦମନୁଗୃହ୍ଣାତି ଚ ଶିବ—
ସ୍ତବାଜ୍ଞାମାଲମ୍ବ୍ୟ କ୍ଷଣଚଳିତୟୋର୍ଭ୍ରୂଲତିକୟୋଃ । ୨୪ ।

ତ୍ରୟାଣାଂ ଦେବାନାଂ ତ୍ରିଗୁଣଜନିତାନାଂ ତବ ଶିବେ
ଭବେତ୍ ପୂଜା ପୂଜା ତବ ଚରଣୟୋର୍ଯା ବିରଚିତା ।
ତଥା ହି ତ୍ୱତ୍ପାଦୋଦ୍ୱହନମଣିପୀଠସ୍ୟ ନିକଟେ
ସ୍ଥିତା ହ୍ୟେତେ ଶଶ୍ୱନ୍ମୁକୁଳିତକରୋତ୍ତଂସମୁକୁଟାଃ । ୨୫ ।

ତୁ ଦକ୍ଷିଣାଙ୍ଗେ ଶିବଙ୍କ ବାମ ଅଙ୍ଗ ହରି । ନ ହେଲୁ ତୃପ୍ତ ମାତ ହୋଇ ଅର୍ଦ୍ଧନାରୀ
ଶମ୍ଭୁଙ୍କ ଦକ୍ଷିଣ ଅଙ୍ଗ ହର ଆଣି କରି । ନିଜ ଅଙ୍ଗେ ମିଶାଇଛ ବୋଧ କରେଁ ଶିବା !
ଅର୍ଦ୍ଧନାରୀଶ୍ୱର ରୂପ ଯେବେ ଥିଲ ସେତେବେ । ଥିଲା ତୁମ୍ଭ ଅର୍ଦ୍ଧ ଅଙ୍ଗ ତାମ୍ରବର୍ଣ୍ଣ ତେବେ ।
ତୁମ୍ଭ ସର୍ବାଙ୍ଗ ଏବେ ଅରୁଣ ବରଣ । ଦେଖୁଛୁଁ ଯେଣୁ କଳ୍ପନା ହେଲା ମୋ ଏମନ ॥
ଅବା ଇତି-ନେତ୍ର ପୂର୍ବେ ଦୁଇ ତ ତୁମ୍ଭର । ତିନି ନୟନ ଏବେ ଦେଖୁଛୁଁ ସୁନ୍ଦର ॥
ଏକସ୍ତନ ଅବନତ ଥିଲା ଦେହ ପୂର୍ବେ । ବେନିସ୍ତନ ଅବନତ ଦେଖୁଛୁ ମୁଁ ଏବେ ॥
ଅର୍ଦ୍ଧଚନ୍ଦ୍ରେ ମୁକୁଟାର୍ଦ୍ଧ ଶୋଭୁଥିଲା ମଥା । ଏବେ ସମ୍ପୂର୍ଣ୍ଣ ମୁକୁଟ ପୂର୍ଣ୍ଣଚନ୍ଦ୍ର ତଥା । ୨୩ ।

ଲକ୍ଷିତ ଚଳିତ ତବ ଭ୍ରୂଲତା ଇଙ୍ଗିତେ । ସୃଜନ୍ତି ପାଳନ୍ତି ବ୍ରହ୍ମା ବିଷ୍ଣୁ ଏ ଜଗତେ ॥
କରନ୍ତି ସଂହାର ପୁଣି ତାହା ପଞ୍ଚାନନ । କିନ୍ତୁ ମୁକ୍ତି ହେତୁ ଲୟ କାର୍ଯ୍ୟେ ନାରାୟଣ ॥
ଲିପ୍ତ ନ ହୋଇଣ ନିଜ ତନୁ ଯେତେବେଳେ । ରହୁଛନ୍ତି ସ୍ଥିରଭାବେ ଜନନି! ସମୂଳେ ॥
ତତ ଥାଇ ମଧ୍ୟ ଦୃଷ୍ଟି ସ୍ଥିତ ଲୟ କର୍ମେ । ସଦାଶିବ ଯୋଗେ ଯୁକ୍ତ ହୁଅନ୍ତି ପ୍ରଥମେ । ୨୪ ।

ଗୋ-ଶିବେ, ପୂଜିଲେ ତବ ଚରଣ-କମଳେ । ତହିଁ ତ୍ରିଦେବଙ୍କର ପୂଜା ହୁଏ ଭଲେ ॥
ତେଣୁ ପୃଥକେ ପୂଜିବା ନାହିଁ ପ୍ରୟୋଜନ । ପାଦାଧାର-ମଣିପୀଠ ପାଶେ ଅନୁକ୍ଷଣ ॥
ଯେଣୁ ରହିଥାନ୍ତି ତିନିଦେବେ ଯୁକ୍ତକରେ । ମୁକୁଟ-ଭୂଷଣ କରି ତବ ଶ୍ରୀ ପଦରେ । ୨୫ ।

୧—ତବ ଚରଣ ବନ୍ଦ । ୨୫ ପଦ :— ଦେବୀଙ୍କ ପୂଜା କଲେ ଅନ୍ୟାନ୍ୟ ଦେବତା ପୂଜା କରିବା ଅନାବଶ୍ୟକ ।

ବିରିଞ୍ଚିଃ ପଞ୍ଚତ୍ୱଂ ବ୍ରଜତି ହରିରାପ୍ନୋତି ବିରତିଂ
ବିନାଶଂ କୀନାଶୋ ଭଜତି ଧନଦୋ ଯାତି ନିଧନମ୍ ।
ବିତନ୍ଦ୍ରୀ ମାହେନ୍ଦ୍ରୀ ବିତତିରପି ସମ୍ମୀଳିତ ଦୃଶା
ମହାସଂହାରେଽସ୍ମିନ୍ ବିହରତି ସତି ତ୍ୱତ୍ପତିରସୌ । ୨୬ ।

ସୁଧାମପ୍ୟାସ୍ୱାଦ୍ୟ ପ୍ରତିଭୟଜରାମୃତ୍ୟୁହରିଣୀଂ
ବିପଦ୍ୟନ୍ତେ ବିଶ୍ୱେ ବିଧିଶତମଖାଦ୍ୟା ଦିବିଷଦଃ ।
କରାଳଂ ଯତ୍ କ୍ଷ୍ୱେଳଂ କବଳିତବତଃ କାଳକଳନା
ନ ଶମ୍ଭୋସ୍ତନ୍ମୂଳଂ ଜନନି ତବ ତାଟଙ୍କ ମହିମା । ୨୭ ।

ଜପୋ ଜଳ୍ପଃ ଶିଳ୍ପଂ ସକଳମପି ମୁଦ୍ରାବିରଚନଂ
ଗତିଃ ପ୍ରାଦକ୍ଷିଣ୍ୟଂ ଭ୍ରମଣମଶନାଦ୍ୟାହୁତିବିଧିଃ
ପ୍ରଣାମଃ ସଂବେଶଃ ସୁଖମଖିଳମାତ୍ମାର୍ପଣଦୃଶା
ସପର୍ଯ୍ୟା ପର୍ଯ୍ୟାୟସ୍ତବ ଭବତୁ ଯନ୍ମେ ବିଳସିତମ୍ । ୨୮ ।

ଉପସ୍ଥିତ ହେଲେ ମହାପ୍ରଳୟ ସମୟ । ବ୍ରହ୍ମା ବିଷ୍ଣୁ ଯମ ଇନ୍ଦ୍ର ହୋଇଯାନ୍ତି ଲୟ ॥
କୁବେର ମରନ୍ତି ମାତ୍ର ଅଟଳ ମହାଦେବ ! । ବିହରନ୍ତି ସଦା ମହାକାଳ ତବ ପତି ।୨୬ ।

ଜରା-ମୃତ୍ୟୁ-ଭୟ-ନିବାରିଣୀ-ସୁଧା । ବ୍ରହ୍ମ ଇନ୍ଦ୍ର ଆଦି ଦେବେ ପାନ କରି ସୁଦ୍ଧା ॥
କାଳଗ୍ରାସ ହୋଇ ଥାନ୍ତି ପ୍ରଳୟ କାଳରେ । କିନ୍ତୁ କାଳ ନାଶ କରି ନ ପାରେ ଶଙ୍କରେ ॥
ଭକ୍ଷିଥିଲେ ହେଲେ ସେହି କାଳକୂଟ ପାନ । ଜନନି ! ତବ ତାଟଙ୍କ* ମହିମାରୁ ଜାଣ ।୨୭।

ଗୋମାତ ! ଯେ ସବୁ କର୍ମ କରେଁ ମୁଁ ସଦାରେ । ସେସବୁ ଯେମନ୍ତେ ଲାଗୁ ତବ ଅର୍ଚ୍ଚନାରେ ॥
ମୋ ମୁଖ ବାହାରେ ଯେଉଁ ବଚନ-ଅବଳୀ । ସେ ସମସ୍ତ ହେଉ ତବ ଜପମନ୍ତ୍ର ଭଳି ॥
ଅଙ୍ଗୁଳି ଚାଳନା କରେଁ ଯେବେ ଯେଉଁ ପରି । ମୁଦ୍ରା ବିରଚନା ତାହା ହେଉ ଗୋ ତୁମ୍ଭରି ॥

ଯେବେ ଯେଉଁ ଦିଗେ ମୁହିଁ କରିବି ଗମନ । ସେ ସମସ୍ତ ହେଉ ଦେବି ତବ ପ୍ରଦକ୍ଷିଣ ୧
ଯାହା ମୁଁ ଭକ୍ଷିବି ପୁଣି କରିବି ଯା ପାନ । ତୁମ୍ଭ ଉଦ୍ଦେଶେ ତା ହେଉ ଆହୁତି ପ୍ରଦାନ ॥
ସାଷ୍ଟାଙ୍ଗ ପ୍ରଣାମ କାର୍ଯ୍ୟ ହେଉ ମୋ ଶୟନ । ମୋ ସୁଖ-ଦୁଃଖ ହେଉ ଆତ୍ମ-ସମର୍ପଣ ।୨୮।

---

୨୬ ଶ୍ଳୋ:—ମହାପ୍ରଳୟରେ ଶକ୍ତି ଶିବଙ୍କ ଅଙ୍ଗରେ ମିଶିଯାନ୍ତି । ତେଣୁ ଦେବୀଙ୍କ କର୍ଣ୍ଣଭୂଷଣ ମହିମାରେ ଶିବ ଅମର ହୋଇ ରହନ୍ତି ।

* ତାଟଙ୍କ=କର୍ଣ୍ଣଭୂଷଣ । ମୂଳଗ୍ରନ୍ଥ ଦେଖନ୍ତୁ ।

୧—ପ୍ରଦକ୍ଷିଣା ।

ଦଦାନେ ଦୀନେଭ୍ୟଃ ଶ୍ରିୟମନିଶମାଶାନୁସଦୃଶୀ—
ମମନ୍ଦଂ ସୌନ୍ଦର୍ଯ୍ୟପ୍ରକରମକରନ୍ଦଂ ବିକିରତି ।
ତବାସ୍ମିନ୍ ମନ୍ଦାରସ୍ତବକସୁଭଗେ ଯାତୁ ଚରଣେ
ନିମଜ୍ଜନ୍ ମଜ୍ଜୀବଃ କରଣଚରଣୈଃ ଷଟ୍ଚରଣତାମ୍ । ୨୯ ।

କିରୀଟଂ ବୈରିଞ୍ଚଂ ପରିହର ପୁରଃ କୈଟଭଭିଦଃ
କଠୋରେ କୋଟୀରେ ସ୍ଖଳସି ଜହି ଜମ୍ଭାରିମୁକୁଟମ୍ ।
ପ୍ରଣମ୍ରେଷ୍ୱେତେଷୁ ପ୍ରସଭମୁପଯାତସ୍ୟ ଭବନଂ
ଭବସ୍ୟାଭ୍ୟୁତ୍ଥାନେ ତବ ପରିଜନୋକ୍ତିର୍ବିଜୟତେ । ୩୦ ।

ଚତୁଃଷଷ୍ଟ୍ୟା ତନ୍ତ୍ରୈଃ ସକଳମତିସନ୍ଧାୟ ଭୁବନଂ
ସ୍ଥିତସ୍ତତ୍ତତ୍ସିଦ୍ଧି-ପ୍ରସବପରତନ୍ତ୍ରୈଃ ପଶୁପତିଃ ।
ପୁନସ୍ତ୍ୱନ୍ନିର୍ବନ୍ଧାଦଖିଳପୁରୁଷାର୍ଥୈକଘଟନା
ସ୍ୱତନ୍ତ୍ରଂ ତେ ତନ୍ତ୍ରଂ କ୍ଷିତିତଳମବାତୀତରଦିଦମ୍ । ୩୧ ।

ତୁମ୍ଭ ଯେ ଚରଣ ବେନି ଦୀନଭକ୍ତ ଜନେ । ଗୋ ଜନନୀ! ଅନୁକ୍ଷଣ ଐଶ୍ୱର୍ଯ୍ୟ ପ୍ରଦାନେ ॥
ସୌନ୍ଦର୍ଯ୍ୟ-ପରାଗ[୧] ପୁଞ୍ଜ କ୍ଷରେ ନିରନ୍ତର । ମନ୍ଦାର-ସ୍ତବକ ପ୍ରାୟ ଯାହା ମନୋହର ॥
ସେ ପଦ-ପଙ୍କଜେ ମଜ୍ଜି ମୋ ଅନ୍ତଃକରଣ । କରୁ ଷଡ଼େନ୍ଦ୍ରିୟେ ଅଳିସ୍ୱରୂପ ଧାରଣ ॥ ୨୯ ॥

ସହସା ଉଠି ତୁ ପୁରମଧ୍ୟେ ଯିବାକାଳେ । ଉଠନ୍ତୁ ଅସନ-ରୂପୀ ଶିବ ଅସମ୍ଭାଳେ ॥
ତବ ସାବଧାନ ପାଇଁ ପରିଜନଗଣ । ସେକାଳେ ଜନନୀ ! କହୁଥାନ୍ତି ଗୋ ଏସନ ॥
"ହେଉ ବ୍ରହ୍ମାର କିରୀଟ[୨] ହେ ଦେଖ ତୁମ୍ଭ ଅଗେ । ଚରଣେ ଯେମନ୍ତ ତବ ଅଘାତ ନ ଲଗେ ॥
ଏଣେ ବିଷ୍ଣୁର କଠିଣ ମୁକୁଟ ଅଛଇ । ସତର୍କେ ଅସ ମା, ଯେସନେ ପାଦ ନ ଖସଇ ॥
ଏଠି ଇନ୍ଦ୍ରର ମୁକୁଟ ଅଛି ମାହେଶ୍ୱରୀ । ସାବଧାନେ ଅସ ଗୋ ତା' ଉଲ୍ଲଙ୍ଘନ କରି ॥"
ପରିଜନମାନଙ୍କର ଏ ସକଳ ବାଣୀ । ତବ ଜୟୋଲ୍ଲାସ ପୂର୍ଣ୍ଣ-ହୁଏ ଗୋ ମୃଡାନୀ । ୩୦ ।

ସନାତନ ଚଉଷଠୀ ତନ୍ତ୍ର ରଚି ହର[୩] । ବିଶ୍ୱର ସକଳ ତତ୍ତ୍ୱ କଲେ ସେ ଗୋଚର ॥
ଯେ ତନ୍ତ୍ରେ ଯେଉଁ ସିଦ୍ଧି ମିଳେ ଯେ ପ୍ରକାରେ । ବିଶ୍ୱେ ପ୍ରଚାରିବା ପାଇଁ ଥିଲେ ସେ ଚେଷ୍ଟାରେ ॥
ପରେ ତୁମ୍ଭ ଅତିଶୟ ଅନୁରୋଧ ହେତୁ । ସ୍ୱତନ୍ତ୍ର ତନ୍ତ୍ରକ ଖ୍ୟାତ କଲେ ବୃଷକେତୁ ॥
ସର୍ବ ଚତୁର୍ବର୍ଗ ପୁଣି ତ ସିଦ୍ଧି ଉପାୟ । ତବ ଏହି "କୁଳତନ୍ତ୍ର" ଅଟଇ ସମୁଦାୟ ।୩୧।

---

୧ ମକରନ୍ଦ ବା ପୁଷ୍ପରସ । ୨ ମୁକୁଟ । ୩ ମହାଦେବ ।

ଶିବଃ ଶକ୍ତିଃ କାମଃ କ୍ଷିତିରଥ ରବିଃ ଶୀତକିରଣଃ
ସ୍ମରୋ ହଂସଃ ଶକ୍ରସ୍ତଦନୁ ଚ ପରାମାରହରୟଃ ।
ଅମୀ ହୃଲ୍ଲେଖାଭିସ୍ତିସୃଭିରବସାନେଷୁ ଘଟିତା
ଭଜନ୍ତେ ତେ ବର୍ଣ୍ଣାସ୍ତବ ଜନନି ନାମାବୟବତାମ୍ । ୩୨ ।

ସ୍ମରଂ ଯୋନିଂ ଲକ୍ଷ୍ମୀଂ ତ୍ରିତୟମିଦମାଦୌ ତବ ମନୋ—
ର୍ନିଧାୟୈକେ ନିତ୍ୟେ ନିରବଧି ମହାଭୋଗରସିକାଃ ।
ଭଜନ୍ତି ତ୍ୱାଂ ଚିନ୍ତାମଣିଗୁଣନିବଦ୍ଧାକ୍ଷବଲୟାଃ
ଶିବାଗ୍ନୌ ଜୁହ୍ୱନ୍ତଃ ସୁରଭିଘୃତଧାରାହୁତିଶତୈଃ । ୩୩ ।

ଶିବ, ଶକ୍ତି, କାମ, କ୍ଷିତି ଏ ଚାରି ଶବଦେ । 'ହ', 'ସ' 'କ' 'ଲ' ଚାରିବର୍ଣ୍ଣ ଘେନନ୍ତି
ବୋଧବେ ॥
ହୃଲ୍ଲେଖା ବା ହ୍ରୀଂ ତା ଅନ୍ତେ ହେଲେ ସଂଯୋଜିତ । "ହସକଲହ୍ରୀଂ" ଏମନ୍ତ ହୁଅଇ ଗଠିତ
"ବାଗ୍‌ଭବକୂଟ" ଅଟଇ ଏ ମନ୍ତ୍ରର ନାମ । ରବି, ଶୀତକର, ସ୍ମର, ହଂସ, ଶକ୍ରେ ପୁଣି ॥
'ହ' 'ସ' 'କ', 'ହ', 'ଲ' ଏ ପାଞ୍ଚ ଅକ୍ଷର ପ୍ରକାଶେ । ହ୍ରୀଂ ସଂଯୋଗେ "କାମରାଜକୂଟ"
ମନ୍ତ୍ରସ୍ଥେ ॥

ପରା, ମାର, ହରି ଶବ୍ଦୁଁ ଘେନନ୍ତି ସୁଜନେ । 'ସ', 'କ' 'ଲ' ଏ ତିନିବର୍ଣ୍ଣ ଅର୍ଥିକେ ଯତନେ ॥
ତା ପ୍ରାନ୍ତରେ ହ୍ରୀଂ ସଂଯୋଗେ ମନ୍ତ୍ର "ଶକ୍ତି କୂଟ" । ତ୍ରୈଲୋକ୍ୟ ମୋହିନୀ ନାମ
ତାହାର ପ୍ରକଟ ॥

ଏହି ତ୍ରିକୂଟ ମନ୍ତ୍ରରେ ଥିବା ବର୍ଣ୍ଣମାନ । ତୁମ୍ଭ ନାମର ଶରୀର ଅଟଇ ମା ଜାଣ ॥
"ଲୋପାମୁଦ୍ରା ବିଦ୍ୟା" ନାମ ଅଟଇ ଏହାର । ଏ ବିଦ୍ୟା ସର୍ବ ମନ୍ତ୍ରର ଅଟେ
ବୀଜାଧାର ।୩୨।

ଆକାଂକ୍ଷୀ ଯେ କରିବାକୁ ମହାସୁଖଭୋଗ । ସେ ମନ୍ତ୍ରର ଆଦ୍ୟେ କରି କ୍ଲୀଂ ହ୍ରୀଂ ଶ୍ରୀଂ ସଂଯୋଗ
ଜପି ସଦାନନ୍ଦ ନିତ୍ୟେ ! କୁଣ୍ଡଳିନୀ ମୁଖେ । ଦେଲେ ସୁରଭି ୧ଘୃତ ଧାରାହୁତି ସୁଖେ ॥
ସେ ଜନ ପରମ ବ୍ରହ୍ମେ ହୋଇଯାଏ ଲୀନ । ତ୍ରିଗୁଣମୟୀ ତ୍ରିଭୁବନ ଯେ ବ୍ରହ୍ମ-ଅଧୀନ ।୩୩।
ଶିବଙ୍କ ବିଶ୍ୱବ୍ୟାପକ ଯେବଣ ମୂରତି । ଯହିଁ ସ୍ତନରୂପେ ଚନ୍ଦ୍ର ସବିତା ଶୋଭନ୍ତି ।

୧-ଦେବଗାଈ ।

ଶରୀରଂ ତ୍ୱଂ ଶମ୍ଭୋଃ ଶଶିମିହିରବକ୍ଷୋରୁହଯୁଗଂ
ତବାତ୍ମାନଂ ମନ୍ୟେ ଭଗବତି ଭବାତ୍ମାନମନଘମ୍ ।
ଅତଃ ଶେଷଃ ଶେଷୀତ୍ୟୟମୁଭୟସାଧାରଣତୟା
ସ୍ଥିତଃ ସମ୍ବନ୍ଧୋ ବାଂ ସମରସପରାନନ୍ଦପରୟୋଃ । ୩୪ ।

ମନସ୍ତ୍ୱଂ ବ୍ୟୋମ ତ୍ୱଂ ମରୁଦସି ମରୁତ୍ସାରଥିରସି
ତ୍ୱମାପସ୍ତ୍ୱଂ ଭୂମିସ୍ତ୍ୱୟି † ପରିଣତାୟାଂ ନ ହି ପରମ୍ ।
ତ୍ୱମେବ ସ୍ୱାତ୍ମାନଂ ପରିଣମୟିତୁଂ ବିଶ୍ୱବପୁଷା
ଚିଦାନନ୍ଦାକାରଂ ଶିବଯୁବତି ଭାବେନ ବିଭୃଷେ । ୩୫ ।

ତବାଧାରେ ମୂଲେ ସହ ସମୟୟା ଲାସ୍ୟପରୟା
ଶିବାତ୍ମାନଂ ବନ୍ଦେ ନବରସମହାତାଣ୍ଡବ ନଟମ୍ ।
ଉଭାଭ୍ୟାମେତାଭ୍ୟାମୁଭୟବିଧିମୁଦ୍ଦିଶ୍ୟ ଦୟୟା ।
ସନାଥାଭ୍ୟାଂ ଜଜ୍ଞେ ଜନକଜନନୀମଜ୍ଜଗଦିଦମ୍ । ୩୬ ।

ସେ ବିରାଟ ବିଶ୍ୱମୂର୍ତ୍ତି ତୁମ୍ଭେ ଭଗବତୀ । ତୁମ୍ଭେହିଁ ବ୍ରହ୍ମସ୍ୱରୂପା ବିଶ୍ୱବ୍ୟାପୀ ସତୀ ॥
ଏକମାତ୍ର ତୁମ୍ଭେ ଶିବ ଶକତି ରୂପରେ । ପ୍ରକଷ୍ଟ ମାତ, ଆଧାର ଆଧେୟ ଭାବରେ ॥
ପୁରୁଷ ପ୍ରକୃତି ରୂପ ତୁମ୍ଭେ ଗୋ ଜନନୀ ! । ହୋଇଅଛ ନିରୂପିତ ଜଗତରେ ପୁଣି ॥
ପ୍ରକୃତରେ ତୁମ୍ଭେ ଦୁହେଁ ଅଟ ପରସ୍ପର । ଅଭିନ୍ନ ପରମାନନ୍ଦସ୍ୱରୂପ ଆବର ।୩୪।

ତୁମ୍ଭେ ମନ ତୁମ୍ଭେ ବ୍ୟୋମ, ତୁମ୍ଭେ ପବମାନ । ତୁମ୍ଭେ ଅଗ୍ନି, ତୁମ୍ଭେ ଜଳ, ତୁମ୍ଭେ ଭୂମି ଜାଣ ॥
ସ୍ଥୂଳରୂପେ ପରିଣତ ହେଲେ ତୁମ୍ଭେ ମାଏ । ତୁମ୍ଭ ବିନା ଆଉ ଅନ୍ୟ ବସ୍ତୁହିଁ ନ ଥାଏ ॥
ସେକାଳେ ତୁମ୍ଭେହିଁ ବିଶ୍ୱରୂପେ ଥାଅ ରହି । ତେଣୁ ଚିଦାନନ୍ଦାକାର ତୁମ୍ଭେ ଅଛ ବହି ॥
ଜନକ ଜନନୀ ତୁମ୍ଭେ ଅଟ ଭଗବତୀ ! ପିତାମାତା ସ୍ୱରୂପରେ ତୁମ୍ଭର ବସତି ॥

ତୋ ଅଂଶରୂପା ସାବିତ୍ରୀ ଶକ୍ତିର ସହିତ । ମୂଳାଧାର ଚକ୍ରେ ବ୍ରହ୍ମା ନାମେ ଶିବ ସ୍ଥିତ ॥
ସେ ଶିବଙ୍କୁ କରୁଅଛି ମୁଁ ମୂର୍ତ୍ତି ପ୍ରଣାମ । ନବରସ-ଅଭିନୟେ ଦକ୍ଷ ନଟୀ ସମ † ॥—
ଶ୍ରୀସାବିତ୍ରୀ ନିଜପତି ବ୍ରହ୍ମାଙ୍କର ସଙ୍ଗେ । କରୁଛନ୍ତି ସଦା ନୃତ୍ୟ ବହୁବିଧ ରଙ୍ଗେ ॥
ସେ ବ୍ରହ୍ମା ସାବିତ୍ରୀ ନିଜ ଇଚ୍ଛା ସାଧନରେ । ବହୁଛନ୍ତି ଦୁହିଙ୍କର ଦୁହେଁ ସାହାଯ୍ୟରେ ॥
ପିତୃମାତୃଭାବେ ପରିପୂର୍ଣ୍ଣ ଶ୍ରୀସମ୍ପନ୍ନ । ନିଖିଳ ବିଶ୍ୱକୁ ସୃଷ୍ଟି କରୁଛନ୍ତି ପୁଣ ।୩୬।

---

† ନର୍ତ୍ତିତଶାସ୍ତ୍ୱ ।

ତବ ସ୍ୱାଧିଷ୍ଠାନେ ହୁତବହମଧିଷ୍ଠାୟ ନିୟତଂ
ତମୀଡେ ସମ୍ବର୍ତ୍ତଂ ଜନନି ଜନନୀନ୍ତାଞ୍ଚ ସମୟାମ୍ ।
ଯଦାଲୋକେ ଲୋକାନ୍ ଦହତି ମହତି କ୍ରୋଧକଲିତେ
ଦୟାର୍ଦ୍ରା ଯା ଦୃଷ୍ଟିଃ ଶିଶିରମୁପଚାରଂ ରଚୟତି । ୩୭ ।

ତଟିତ୍ୱନ୍ତଂ ଶକ୍ତ୍ୟା ତିମିରପରିପନ୍ଥିସ୍ଫୁରଣୟା
ସ୍ଫୁରନ୍ନାନାରତ୍ନାଭରଣପରିଣଦ୍ଧେନ୍ଦ୍ରଧନୁଷମ୍ ।
ତମଃ ଶ୍ୟାମଂ ମେଘଂ କମପି ମଣିପୂରୈକଶରଣଂ
ନିଷେବେ ବର୍ଷନ୍ତଂ ହରମିହିରତପ୍ତଂ ତ୍ରିଭୁବନମ୍ । ୩୮ ।

ସମୁନ୍ମୀଲତ୍ ସମ୍ବିତ୍ କମଲମକରନ୍ଦୈକରସିକଂ
ଭଜେଽହଂ ସଦ୍ୱନ୍ଦ୍ୱଂ କିମପି ମହତାଂ ମାନସଚରମ୍ ।
ଯଦାଲାପାଦଷ୍ଟାଦଶଗୁଣିତବିଦ୍ୟା ପରିଣତିଃ
ସମାଦତ୍ତେ ଦୋଷାଦ୍‌ଗୁଣମଖିଳମଦ୍ଭ୍ୟଃ ପୟ ଇବ । ୩୯ ।

ସ୍ୱାଧିଷ୍ଠାନ ଚକ୍ରେ ଯେହୁ ଅଗ୍ନି ରୂପ ଘେନି । କରୁଛନ୍ତି ଅବସ୍ଥାନ ଯେ ଦେବତା ଚେନି ॥
ସେ ରୁଦ୍ର-ରୁଦ୍ରଶକ୍ତିଙ୍କୁ କରେଁ ମୁଁ ବନ୍ଦନ । ଯେବେ ରୁଦ୍ରଙ୍କର କ୍ରୋଧ ଫରିତ ନୟନ ॥
ପ୍ରବର୍ତ୍ତିଲ ଚରାଚର-ଦହନ-କରଣେ । ସେ କାଳରେ ତୁମ୍ଭେ ଅଗୋ କୃପାର୍ଦ୍ରନୟନେ ! ॥
ନିରନ୍ତର ବର୍ଷେ କରି କୃପା ଦୃଷ୍ଟିପାତ । କର ଜଗତକୁ ସ୍ନିଗ୍ଧ ସୁଶୀତଳ ମାତ ! । ୩୭ ।

ମଣିପୁରେ ସ୍ଥିତ ବସ୍ତୁ ଜଳଦ ବରଣ । ତବ ବୈଷ୍ଣବୀ ଶକ୍ତିକୁ କରଇଁ ବନ୍ଦନ ॥
ତମୋରାଶି ବିଧ୍ୱଂସିନୀ ଚପଳା ସମାନ । ସେ ଶକ୍ତି ବସ୍ତୁ ଅଙ୍ଗରେ କି ଶୋଭାୟମାନ ॥
ନାନାରତ୍ନ ବିଜଡ଼ିତ ବହୁ ଆଭରଣ । ଇନ୍ଦ୍ରଧନୁ ପ୍ରାୟ ଶୋଭା କରନ୍ତି ଧାରଣ ॥
ସେ ବସ୍ତୁ ସ୍ୱରୂପୀ ମେଘ ବର୍ଷି କୃପା-ବାରି । ରୁଦ୍ରରୂପୀ ସୂର୍ଯ୍ୟତାପ ଦେଉଛନ୍ତି ନିବାରି ॥

ଅନାହତ ଚକ୍ରେ ସଦା ଯାର ଅଧିଷ୍ଠାନ । କରେ ଯେ ଜ୍ଞାନ କମଳ ମକରନ୍ଦ ପାନ ॥
ହଂସୀ ହଂସ ରୂପୀ ସେହୁ ଈଶ୍ୱରୀଈଶ୍ୱରେ । ଜନନୀ ! ସର୍ବଦା ମୁହିଁ ନମସ୍କାର କରେଁ ।
ଜ୍ଞାନୀ-ମନ ସରୋବରେ ସେ ହଂସଯୁଗଳ । କରନ୍ତି ବିହାର ତାଙ୍କୁ ମୁଁ ଧ୍ୟାଏଁ କେବଳ ॥
ଅଷ୍ଟାଦଶ ବିଦ୍ୟାରେ ସେ ହୁଏ ପାରଦର୍ଶୀ । (ବିଷ୍ଣୁଜନମନ ପୁଣି ପାରଇ ଅକର୍ଷି)॥
ନୀର ବାର କ୍ଷୀର ପାନ କରେ ହଂସ ଯଥା । ଦୋଷ ତେଜି ଗୁଣ ଘେନେ ହଂସଯୁଗ ତଥା ॥

ବିଶୁଦ୍ଧୌ ତେ ଶୁଦ୍ଧସ୍ଫଟିକବିଶଦଂ ବ୍ୟୋମସଦୃଶଂ
ଶିବଂ ସେବେ ଦେବୀମପି ଶିବସମାନବ୍ୟସନିନୀମ୍ ।
ଯୟୋଃ କାନ୍ତ୍ୟା ଯାନ୍ତ୍ୟା ଶଶିକିରଣସାରୂପ୍ୟସରଣିଂ
ବିଧୂତାନ୍ତର୍ଧ୍ୱାନ୍ତା ବିଲସତି ଚକୋରୀବ ଜଗତୀ । ୪୦ ।

ତବାଜ୍ଞାଚକ୍ରସ୍ଥଂ ତପନଶଶିକୋଟିଦ୍ୟୁତି ଧରଂ
ପରଂ ଶମ୍ଭୁଂ ବନ୍ଦେ ପରିମିଳିତପାର୍ଶ୍ୱଂ ପରଚିତା ।
ଯମାରାଧ୍ୟନ୍ ଭକ୍ତ୍ୟା ରବିଶଶିଶୁଚୀନାମବିଷୟେ
ନିରାଲୋକେ ଲୋକେ ନିବସତି ହି ଭାଲୋକ ଭବନେ । ୪୧ ।

ଗତୈର୍ମାଣିକ୍ୟତ୍ୱଂ ଗଗନମଣିଭିଃ ସାନ୍ଦ୍ରଘଟିତ
କିରୀଟନ୍ତେ ହୈମଂ ହିମଗିରିସୁତେ କୀର୍ତ୍ତୟତୁ କଃ ।
ସମୀପେ ଯଚ୍ଛାୟାଚ୍ଛୁରିତକିରଣଂ ଚନ୍ଦ୍ରଶକଲଂ
ଧନୁଃ ଶୌନାଶୀରଂ କିମିଦମିତି ବଧ୍ନାତି ଧିଷଣାମ୍ । ୪୨ ।

ଶୁଦ୍ଧ ସ୍ଫଟିକ ସଦୃଶ ତନୁ କାନ୍ତି ଯାର । ଆକାଶ ସମ ଯା ମୂର୍ତ୍ତି ଅନନ୍ତ ଉଦାର
ସେ ସଦା ଶିବଙ୍କୁ ମୁହିଁ ନମେ ଅହରହ । ବିଶୁଦ୍ଧ ଚକ୍ରରେ ସ୍ଥିତ ଆଦ୍ୟାଶକ୍ତିସହ ॥
ଆଦ୍ୟାଶକ୍ତି ପୂଜ୍ୟା ସଦା ଶିବଙ୍କ ସହିତ । ସମଦୁଃଖୀ ସମସୁଖୀ ହୋଇ କରେ ସ୍ଥିତ ॥
ଅର୍ଦ୍ଧନାରୀଶ୍ୱର-କାନ୍ତି-ଚନ୍ଦ୍ରିକା ଲଭରେ । ଜଗତୀ-ଚକୋରୀ ଶୁଦ୍ଧ ଆନନ୍ଦେ ବିହରେ ।୪୦।

ଆଜ୍ଞାଚକ୍ରସ୍ଥିତ କୋଟିଚନ୍ଦ୍ର ସୂର୍ଯ୍ୟ ସମ । ଦ୍ୟୁତିଧର ଚିଦାନନ୍ଦ ସ୍ୱରୂପ ପରମ ॥
ଶିବ ପ୍ରତି ତାଙ୍କ ପାର୍ଶ୍ୱସ୍ଥିତା ଯେ ଚିତ୍‌ଶକ୍ତି । କରୁଛି ବେନିଙ୍କି ମାତ, ପ୍ରଣାମ ସଭକ୍ତି ॥
ଭକ୍ତି-ସହକାରେ ତାଙ୍କୁ ପୂଜନ୍ତି ସକାଶ । ସାଧକେ କରନ୍ତି ତେଜୋମୟ ଗୃହେ ବାସ ॥
ପାର୍ଥିବ ଆଲୋକ ହୀନ ସେ ଗୃହ ଅଟଇ । ଚନ୍ଦ୍ର ସୂର୍ଯ୍ୟ ଅନଳର ଗୋଚର ନୁହଇ । ୪୧ ।

ତେଜରେ ମାଣିକ୍ୟ ସମ ମଣିମହୋଜ୍ଜ୍ୱଳ । ଆକାଶ ପର୍ଯ୍ୟନ୍ତେ ଯାହା ଅଟେ ସୁବିମଳ ॥
ସେପରି ମଣିରାଜିରେ ଘନ ବିଜଡ଼ିତ । ସୁବର୍ଣ୍ଣ ମୁକୁଟ ତବ ହୋଇଛି ନିର୍ମିତ ॥
ଗୋ ହିମାଦ୍ରି ସୁତା, ସେହି ମୁକୁଟର ଛବି । ବର୍ଣ୍ଣିବାକୁ ସୁସମର୍ଥ ହେବ କେଉଁ କବି ? ॥
ଚନ୍ଦ୍ରର କଳାରେ ହୋଇ ଯା ପ୍ରତିବିମ୍ବିତ । ଇନ୍ଦ୍ରଧନୁ ବୋଲି ଭ୍ରମ ଜନମାଏ ଚିତ୍ତ ।୪୨।

ଧୁନୋତୁ ଧ୍ୱାନ୍ତଂ ନସ୍ତୁଳିତଦଳିତେନ୍ଦୀବରବନଂ
ଘନସ୍ନିଗ୍ଧଶ୍ଳକ୍ଷ୍ଣଂ ଚିକୁରନିକୁରମ୍ବଂ ତବ ଶିବେ ।
ଯଦୀୟଂ ସୌରଭ୍ୟଂ ସହଜମୁପଲବ୍ଧୁଂ ସୁମନସୋ
ବସନ୍ତ୍ୟସ୍ମିନ୍ମନ୍ୟେ ବଳମଥନବାଟୀବିଟପିନାମ୍ । ୪୩ ।

ବହନ୍ତୀ ସିନ୍ଦୂରଂ ପ୍ରବଳକବରୀ-ଭାର ତିମିର—
ଦ୍ୱିଷାଂ ବୃନ୍ଦୈର୍ବନ୍ଦୀକୃତମିବ ନବୀନାର୍କ କିରଣମ୍ ।
ତନୋତୁ କ୍ଷେମଂ ନସ୍ତବ ବଦନସୌନ୍ଦର୍ଯ୍ୟଲହରୀ
ପରୀବାହସ୍ରୋତଃ ସରଣିରିବ ସୀମନ୍ତ ସରଣିଃ । ୪୪ ।

ଅରାଳୈଃ ସ୍ୱାଭାବ୍ୟାଦଳିକଳଭସଶ୍ରୀଭିରଳକୈଃ
ପରୀତନ୍ତେ ବକ୍ତ୍ରଂ ପରିହସତି ପଙ୍କେରୁହରୁଚିମ୍ ।
ଦରସ୍ମେରେ ଯସ୍ମିନ୍ ଦଶନରୁଚିକିଞ୍ଜଳ୍କରୁଚିରେ
ସୁଗନ୍ଧୌ ମାଦ୍ୟନ୍ତି ସ୍ମରଦହନଚକ୍ଷୁର୍ମଧୁଲିହଃ । ୪୫ ।

ବିକଶିତ ନୀଳୋତ୍ପଳ ଦଳେ ଯେ ତୁଳିତ । ଘନ ସ୍ନିଗ୍ଧ ସୁଚିକ୍କଣ ସଉଷ୍ଠବାନ୍ୱିତ୧ ॥
ତୁମ୍ଭର ସେ କେଶଦାମ ୨ଜନନୀ, ମୋହର । ହୃଦର ଅଜ୍ଞାନ ତମ କରୁ ଗୋ ଅନ୍ତର ॥
କେଶ ଦାମର ଅପୂର୍ବ ଦିବ୍ୟ ସୌରଭ । ଆଘ୍ରାଣ କରିବା ମନେ ହୁଏ ଅନୁଭବ ॥
ଇନ୍ଦ୍ରାରାମସ୍ଥିତ ସୁରତରୁ ପୁଷ୍ପରାଶି ୩ । ତବ କେଶ କଳାପରେ ରହିଛନ୍ତି ଗୋ ଆସି ।୪୩।
କେଶଜାଳମଧ୍ୟସ୍ଥିତ ସୀମନ୍ତ-ସରଣି ୪। ଦେଖି ଏ ଉପମା ମନେ ହୁଏ ଗୋ ଜନନୀ !
ପରୀବାହ୫ ସ୍ରୋତପଥ ଅଟଇ କି ଅବା । ମୁଖ-ଶୋଭା-ଲହରୀର ତବ ଅଗୋ ଭବା ! ॥
ସୀମନ୍ତେ ପୂରିଛି ଯେଉଁ ସିନ୍ଦୁରର ରେଖା । ଭକତ ନେତ୍ରେ ଏସନ ପଡ଼େ ସିନା ଦେଖା ॥
ପ୍ରବଳ ଶତ୍ରୁ-କେଶ-କଳାପ ତିମିରେ । ନବଭାନୁ କର କିବା ରହିଛନ୍ତି ବନ୍ଧରେ ॥
ହେ ସୀମନ୍ତ ପଥ କରୁ ମଙ୍ଗଳ ମୋହର । ଏତିକି ଜଣାଣ ମାଗୋ ଚରଣେ ତୋହର ।୪୪।
ସ୍ୱଭାବ-କୁଟିଳ ଅଳି ଶ୍ରେଣୀ ସମ ଶୋଭା । ଚୂର୍ଣ୍ଣକୁନ୍ତଳରେ ବ୍ୟାପ୍ତ ମୁଖ ପଦ୍ମ କିବା ॥
ଇତର ପଦ୍ମ ଶୋଭାକୁ କରେ ଉପହାସ । କେଶର-ସମାନ ଦନ୍ତଶୋଭା ପରକାଶ ॥
ମନ୍ଦହାସ୍ୟ ଯୁକ୍ତ ସେହି ସୌରଭ ସୁନ୍ଦର । ବଦନ କମଳେ ତବ କାମ ଦର୍ପହର ॥
ମହେଶ୍ୱରଙ୍କ ନୟନ ମଧୁକର ବ୍ରାତ ୬। ଉନ୍ମତ୍ତ ହୋଇ ପଶନ୍ତି ହେଉଛନ୍ତି ମାତ ! ୪୫।

---

୧ ସୌନ୍ଦର୍ଯ୍ୟଯୁକ୍ତ । ୨ ସମୂହ । ୩ ନନ୍ଦନବନସ୍ଥ ଦିବ୍ୟବୃକ୍ଷର ଫୁଲସବୁ । ୪ ସୀଁଥିଁତା ମାର୍ଗ ବା ସୀଁଥିଁତାର ରେଖା । ୫ ନଦୀର ବନ୍ୟାଜଳ ଅନ୍ୟପଥ ଦେଇ ନିଃସାରିତ ହେଲେ, ସେହି ନିଃସାରଣ ପଥକୁ ପରୀବାହ କହନ୍ତି । ଏହା ଅପ୍ରସ୍ତୁତାଳଙ୍କାରର ଦୃଷ୍ଟାନ୍ତ । ୬ ଭ୍ରମର ଶ୍ରେଣୀ ।

ଲଲାଟଂ ଲାବଣ୍ୟଦ୍ୟୁତି ବିମଲମାଭାତି ତବ ଯତ୍
ଦ୍ୱିତୀୟଂ ତନ୍ମନ୍ୟେ ମୁକୁଟ ଶଶିଖଣ୍ଡସ୍ୟ ସକଳମ୍ ।
ବିପର୍ଯ୍ୟାସନ୍ୟାସାଦୁଭୟମଭିସନ୍ଧାୟ ମିଳିତଃ
ସୁଧାଲେପସ୍ୟୂତିଃ ପରିଣମତି ରାକାହିମକରଃ । ୪୬ ।

ଭ୍ରୁବୌ ଭୁଗ୍ନେ କିଞ୍ଚିଦ୍ଭୁବନ ଭୟଭଙ୍ଗ ବ୍ୟସନିନି
ତ୍ୱଦୀୟେ ନେତ୍ରାଭ୍ୟାଂ ମଧୁକରରୁଚିଭ୍ୟାଂ ଧୃତଗୁଣେ ।
ଧନୁର୍ମନ୍ୟେ ସବ୍ୟେତରକରଗୃହୀତଂ ରତିପତେଃ
ପ୍ରକୋଷ୍ଠେ ମୁଷ୍ଟୌ ଚ ସ୍ଥଗୟତି ନିଗୂଢାନ୍ତରମିଦମ୍ । ୪୭ ।

ଅହଃ ସୂତେ ସବ୍ୟଂ ତବ ନୟନମର୍କାତ୍ମକତୟା
ତ୍ରିୟାମାଂ ବାମଂତେ ସୃଜତି ରଜନୀନାୟକତୟା ।
ତୃତୀୟା ତେ ଦୃଷ୍ଟିର୍ଦରଦଳିତହେମାମ୍ବୁଜରୁଚିଃ
ସମାଧତ୍ତେ ସନ୍ଧ୍ୟାଂ ଦିବସନିଶୟୋରନ୍ତରଚରୀମ୍ । ୪୮ ।

ଲାବଣ୍ୟ କାନ୍ତିରେ ଦିଶେ ସୁନିର୍ମଳ ତବ । ଲଲାଟଖଣ୍ଡ ଦେଖି ମୁଁ କରେଁ ଅନୁଭବ ॥
ମୁକୁଟ ଚନ୍ଦ୍ରଖଣ୍ଡର ଦ୍ୱିତୀୟ ଖଣ୍ଡକି । ବିପରୀତ ଭାବେ ବେନି ରହିଛନ୍ତି କି ଛକି ? ॥

ଅମୃତ ଲେପନ ଯୋଗେ ହୋଇଣ ମିଳିତ । ପୂର୍ଣ୍ଣଚନ୍ଦ୍ରରୂପେ ତାହା ହେଉଛି ଶୋଭିତ ॥
ଭ୍ରୁମେ ମାତ-ଭବ-ଭୟ ଭଞ୍ଜନ କାରିଣୀ । କାମ ନୃପ ସମ ତବ ବଙ୍କ ଭ୍ରୂରୁ ବେନି ॥
ଭ୍ରମର-କୃଷ୍ଣ [1]ନୟନ ଦ୍ୱୟ ଧନୁର୍ଗୁଣ । ମଧ୍ୟେ କାମ-ମଣିବନ୍ଧ ମୁଷ୍ଟି [2]ଅଛି ପୁଣ । ୪୭ ।

ସୂର୍ଯ୍ୟ ସ୍ୱରୂପ ତୁମ୍ଭର ଦକ୍ଷିଣ ନୟନ । କରୁଅଛି ଜଗତରେ ଦିବସ ସୃଜନ ।
ଚନ୍ଦ୍ର ସ୍ୱରୂପ ଅଟଇ ବାମ ନେତ୍ର ଯେଣୁ । ରାତ୍ରୀ ସମ୍ପାଦନେ ସଦା ଲାଗିଅଛି ତେଣୁ ॥
ଦର ବିକଶିତ ସ୍ୱର୍ଣ୍ଣ କମଳ ସଙ୍କାଶ । ତୃତୀୟ ନୟନ କରେ ଦ୍ୱିସନ୍ଧ୍ୟା ପ୍ରକାଶ । ୪୮ ।

---

୧ । ଭ୍ରମର ପରି କଳାବର୍ଣ୍ଣ ।

୨ । ମଣିବନ୍ଧ—ହତଟି ।

ବିଶାଳା କଲ୍ୟାଣୀ ସ୍ଫୁଟରୁଚିରଯୋଗ୍ୟା କୁବଳୟୈଃ
କୃପାପାରାବାରା କମପି ମଧୁରା ଭୋଗଲତିକା ।
ଅବନ୍ତୀ ଦୃଷ୍ଟିସ୍ତେ ବହୁନଗର ବିସ୍ତାର ବିଜୟା
ଧ୍ରୁବଂ ତତ୍ତନ୍ନାମ ବ୍ୟବହରଣଯୋଗ୍ୟା ବିଜୟତେ । ୪୯ ।

ନଗରୀମାନଙ୍କୁ ଦୃଷ୍ଟି ଜିଣିଅଛି ଯେଣୁ । ବିଖ୍ୟାତ ହୋଇ ଅଛନ୍ତି ନଗରୀଏ ତେଣୁ ॥
ଅତ୍ୟନ୍ତ ବିଶାଳା ବୋଲି ତବ ଦୃଷ୍ଟି ମାତ, । ବିଶାଳା [୧] ନଗରୀ ତେଣୁ ହୋଇଛନ୍ତି ବିଖ୍ୟାତ ॥

କଲ୍ୟାଣୀ ଅଟଇ ପୁଣି ତବ ଦୃଷ୍ଟି ଯେଣୁ । କଲ୍ୟାଣୀ (୨)ନଗରୀ ଖ୍ୟାତି ଲଭିଛି ମା, ତେଣୁ ।
ସ୍ଫୁଟରୁଚି ଅଟେ ଯେଣୁ ସେ ଦୃଷ୍ଟି ତୋହର । ସ୍ଫୁଟରୁଚି (୩) ନାମେ ଖ୍ୟାତ ଅଟଇ ସେ ନଗର ॥

ଅଯୋଗ୍ୟା ଅଟେ ତୋ ଦୃଷ୍ଟି ଯେଣୁ ଭୂମଣ୍ଡଳେ । ଅଯୋଗ୍ୟା (୪) ନଗରୀ ଖ୍ୟାତ ତେଣୁ ଗୋ ସକଳେ !

କୃପାପାରାବାରା ପୁଣି ଅଟଇ ତୋ ଦୃଷ୍ଟି । କୃପାପାତ୍ର ବାରାଣସୀ (୫) ଖ୍ୟାତ କରେ ଦୃଷ୍ଟି
ଅଟେ ଯେଣୁ ତବ ଦୃଷ୍ଟି ଅତ୍ୟନ୍ତ ମଧୁରା । ସେଥିପାଇଁ ସୁବିଖ୍ୟାତ ହୋଇଛି ମଧୁରା । ୬ ।
ଭୋଗ ଲତିକା ଅଟଇ ତବ ଦୃଷ୍ଟି ଯେଣୁ । ଭୋଗଲତିକା (୭)ନଗରୀ ସୁପ୍ରସିଦ୍ଧ ତେଣୁ ॥
ଅବନ୍ତୀ ତୁମ୍ଭର ଦୃଷ୍ଟି ଅଟଇ ଯେହେତୁ । ଅବନ୍ତୀ [୮] ନଗରୀ ଖ୍ୟାତି ଲଭିଛି ସେହେତୁ । ୪୯ ।

---

୧ । ବିଶାଳା=ବିସ୍ତୀର୍ଣ୍ଣା । ବିଶାଳା ନଗରୀ ପ୍ରାଚୀନ ମଗଧରେ ଅଛି । ବୁଦ୍ଧଦେବ ଏହି ନଗରୀରେ ବହୁଦିନ ରହିଥିଲେ ।

୨ । କଲ୍ୟାଣୀ=ମଙ୍ଗଳଦାୟିନୀ । ଆଧୁନିକ କଲ୍ୟାଣ ପୁରକି ?

୩ । ସ୍ଫୁଟରୁଚି=ଅତ୍ୟନ୍ତ ଉଜ୍ଜ୍ୱଳ କାନ୍ତି । ନଗରୀର ବିଶେଷ ।

୪ । ଅଯୋଗ୍ୟ=ଅସଦୃଶୀ । ଅଯୋଗ୍ୟ ନଗରୀ ଚୀନଦେଶରେ ଅଛି । ବୌଦ୍ଧଧର୍ମ ଦମନ ପାଇଁ ଶଙ୍କରାଚାର୍ଯ୍ୟ ବୋଧହୁଏ ଚୀନଦେଶକୁ ମଧ୍ୟ ଯାଇଥିଲେ ।

୫ । କାଶୀ=ବାରଣସୀ । ବରୁଣା ଏବଂ ଅସୀ ଏହି ଦୁଇ ନଦୀର ମଧ୍ୟସ୍ଥଳରେ ରହିଥିବାରୁ ପ୍ରଥମତଃ ନଗରର ନାମ ବରୁଣାସୀ ଥିଲା, ପରେ ବାରଣସୀ ହୋଇଅଛି ।

୬ । ମଧୁରା=ମନୋହାରିଣୀ । ଅପଭ୍ରଂଶରେ "ମଥୁରା" ହୋଇଅଛି ।

୭ । ଭୋଗଲତିକା=କଳ୍ପବୃକ୍ଷର ସ୍ୱରୂପା । ନଗରୀ ବିଶେଷ । (୮) ଅବନ୍ତୀ=ରକ୍ଷାକାରିଣୀ ।

କବୀନାଂ ସନ୍ଦର୍ଭସ୍ତବକମକରନ୍ଦୈକରସିକଂ
କଟାକ୍ଷ ବ୍ୟାକ୍ଷେପଭ୍ରମର କଲଭୌ କର୍ଣ୍ଣଯୁଗଳମ୍ ।
ଅମୁଞ୍ଚନ୍ତୌ ଦୃଷ୍ଟ୍ୱା ତବ ନବରସାସ୍ୱାଦତରଳା—
ଅସୂୟାସଂସର୍ଗାଦଳିକନୟନଂ କିଞ୍ଚିଦରୁଣମ୍ । ୫୦ ।
ଶିବେ ଶୃଙ୍ଗାରାର୍ଦ୍ରା ତଦିତରଜନେ କୁତ୍ସନପରା
ସରୋଷା ଗଙ୍ଗାୟାଂ ଗିରିଶନୟନେ ବିସ୍ମୟବତୀ ।
ହରାହିଭ୍ୟୋ ଭୀତା ସରସିରୁହସୌଭାଗ୍ୟଜୟିନୀ
ସଖୀଷୁ ସ୍ମେରା ତେ ମୟି ଜନନି ଦୃଷ୍ଟିଃ ସକରୁଣା । ୫୧ ।
ଗତେ କର୍ଣ୍ଣାଭ୍ୟର୍ଣ୍ଣଂ ଗରୁତ୍ ଇବ ପକ୍ଷ୍ମାଣି ଦଧତୀ
ପୁରାଂ ଭେତ୍ତୁଶ୍ଚିତ୍ତ ପ୍ରଶମରସ ବିଦ୍ରାବଣ ଫଳେ ।
ଇମେ ନେତ୍ରେ ଗୋତ୍ରାଧରପତିକୁଳୋତ୍ତଂସ କଳିକେ
ତବାକର୍ଣ୍ଣାକୃଷ୍ଟସ୍ମର ଶରବିଳାସଂ କଳୟତଃ । ୫୨ ।

କବିମାନଙ୍କ ରଚିତ ନବରସ ଭରା । କବିତା ସନ୍ଦର୍ଭ ରୂପ ପୁଷ୍ପସ୍ତବକର ॥
ନବରସେ ପ୍ଲୁତ ତବ ଯୁଗଳ ଶ୍ରବଣ । ଦେଖି ନବରସାସ୍ୱାଦେ ଲୋଲୁପ ହୋଇଣ ॥
କଟାକ୍ଷ-ବିକ୍ଷେପ ରୂପୀ ଅଳି ଶିଶୁ ବେନି । କ୍ଷଣେ ଛାଡ଼ୁ ନାହାନ୍ତି ଗୋ ଜନନୀ ! ସେ ଧନି ॥
ତୁମ୍ଭର ଲଲାଟସ୍ଥିତ ତୃତୀୟ ନୟନ । ଈର୍ଷ୍ୟାରେ ହୋଇଛି ଅଳ୍ପ ରକତବରଣ । ୫୦ ।
ଜନନୀ ! ତୁମ୍ଭ ଯେ ଦୃଷ୍ଟି ସଦାଶିବ ପ୍ରତି । ହୋଇଛି ଶୃଙ୍ଗାରରସେ ଆର୍ଦ୍ରୀଭୂତା ଅତି ॥
ଅନ୍ୟପୁରୁଷେ ବୀଭତ୍ସରସ ପ୍ରକାଶିନୀ । ଗଙ୍ଗା ପ୍ରତି ସାପତ୍ନ୍ୟରେ ରୋଷ ବିଧାୟିନୀ ॥
ହୋଇଛି ବିସ୍ମୟବତୀ ଗିରିଶ ନୟନେ । ଭୟଭୀତା ପୁଣି ଶିବ ଭୁଜଙ୍ଗ ଦର୍ଶନେ ॥
ପ୍ରଫୁଲ୍ଲ କମଳ ଶୋଭା ଜୟିନୀ ଆବର । ସଖୀଗଣ ପ୍ରତି ହାସ୍ୟମୟୀ ନିରନ୍ତର ॥
ନାନା ରସମୟୀ ତବ ସେ ଦୃଷ୍ଟି ମୋ ପ୍ରତି । କରୁଣାରସଯୁକତା ହେଉ ଭଗବତୀ । ୫୧ ।
ପର୍ବତ ରାଜକୁଳର ତୁମ୍ଭେ ଗୋ କାଳିକା ! । ମସ୍ତକଭୂଷଣରୂପା କମଳ କଳିକା ॥
ଆକର୍ଣ୍ଣବିସ୍ତୃତ ତବ ସେ ନୟନ ବେନି । ଗରୁଡ଼ ପକ୍ଷ ପରାୟେ ପକ୍ଷ୍ମ † ଅଛି ଘେନି ॥
ଆକର୍ଣ୍ଣ ଆକୃଷ୍ଟ କରେ କାମଦେବ ଶର । ଶିବଙ୍କ ଶାନ୍ତି ଭଞ୍ଜନେ ହୋଇଛି ତତ୍ପର । ୫୨ ।

---

୫୧ ପଦ:-ନବରସ ମଧ୍ୟରେ ଶାନ୍ତରସ ଉକ୍ତ ହୋଇ ନାହିଁ । କାରଣ ଶୃଙ୍ଗାର ଓ ଶାନ୍ତ ରସରେ ସମତା ଅଛି । ଶିବଙ୍କ ପ୍ରତି ଦୃଷ୍ଟିରେ ଶୃଙ୍ଗାର, ଅନ୍ୟପୁରୁଷ ପ୍ରତି ଦୃଷ୍ଟିରେ ବୀଭତ୍ସ, ଗଙ୍ଗା ପ୍ରତି ଦୃଷ୍ଟିରେ ରୌଦ୍ର, ଶିବଙ୍କ ନେତ୍ର ପ୍ରତି ଦୃଷ୍ଟିରେ ଅଦ୍ଭୁତ, ପଦ୍ମର ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟିରେ ବୀର, ସଖୀମାନଙ୍କ ପ୍ରତି ଦୃଷ୍ଟିରେ ହାସ୍ୟ, ଶିବ ଶରୀରସ୍ଥ ସର୍ପ ପ୍ରତି ଦୃଷ୍ଟିରେ ଭୟାନକ ଓ ଭକ୍ତ ପ୍ରତି ଦୃଷ୍ଟିରେ କରୁଣରସ ସୂଚିତ ହେଉଅଛି ।

† ଚକ୍ଷୁର ଲୋମ, ପଲକ, ଚକ୍ଷୁପତା ।

ବିଭକ୍ତତ୍ରୈବର୍ଣ୍ୟବ୍ୟତିକରିତ-ଲୀଲାଞ୍ଜନତୟା
ବିଭାତି ତ୍ୱନ୍ନେତ୍ରତ୍ରିତୟମିଦମୀଶାନଦୟିତେ ।
ପୁନଃ ସ୍ରଷ୍ଟୁଂ ଦେବାନ୍ ଦ୍ରୁହିଣ ହରିରୁଦ୍ରାନୁପରତାନ୍
ରଜଃ ସତ୍ତ୍ୱଂ ବିଭ୍ରତ୍ତମ ଇତି ଗୁଣାନାଂ ତ୍ରୟମିବ । ୫୩ ।

ପବିତ୍ରୀକର୍ତ୍ତୁଂ ନଃ ପଶୁପତିପରାଧୀନ ହୃଦୟେ
ଦୟାମିତ୍ରୈର୍ନେତ୍ରୈରରୁଣଧବଳଶ୍ୟାମରୁଚିଭିଃ ।
ନଦଃ ଶୋଣୋ ଗଙ୍ଗା ତପନତନୟେତି ଧ୍ରୁବମମୁଂ
ତ୍ରୟାଣାଂ ତୀର୍ଥାନାମୁପନୟସି ସମ୍ଭେଦମନଘେ । ୫୪ ।

ତବାପର୍ଣ୍ଣେ କର୍ଣ୍ଣେଜପନୟନପୈଶୁନ୍ୟଚକିତା
ନିଲୀୟନ୍ତେ ତୋୟେ ନିୟତମନିମେଷାଃ ଶଫରିକାଃ ।
ଇୟଂ ଚ ଶ୍ରୀର୍ବଦ୍ଧଚ୍ଛଦପୁଟକବାଟଂ କୁବଲୟଂ
ଜହାତି ପ୍ରତ୍ୟୂଷେ ନିଶି ଚ ବିଘଟଯ୍ୟ ପ୍ରବିଶତି । ୫୫ ।

ଅଗୋ ଈଶାନ-ଦୟିତା, ତବ ତ୍ରିଲୋଚନ । କରିଅଛି ନୀଳପଦ୍ମ ଶୋଭାକୁ ଲଙ୍ଘନ ॥
ଶ୍ୱେତ ଲୋହିତ ସୁନୀଳ ତିନୟନେ ତବ । ପୃଥକେ ଥିବାରୁ ରଙ୍ଗ କରେଁ ଅନୁଭବ ॥
ବ୍ରହ୍ମା ବିଷ୍ଣୁ ରୁଦ୍ରେ ସୃଷ୍ଟି କରିବାକୁ ପୁଣ । ଧରିଛ ନୟନେ ସତ୍ତ୍ୱ ରଜ ତମ ଗୁଣ । ୫୩ ।

ପଶୁପତି ପରାଧୀନ ହୃଦୟା ବିମଳେ ! । ପବିତ୍ର କରିବା ପାଇଁ ଭକତ ସକଳେ ॥
ଦୟାଦାକ୍ଷିଣ୍ୟାଦି* ଗୁଣ ଗଣେ ବିଭୂଷିତ । ରକ୍ତ ଶ୍ୱେତ ଶ୍ୟାମ ନେତ୍ରତ୍ରୟେ ସମ୍ପାଦିତ ।
କରିଛ ମିଳନ ଶୋଣ ଗଙ୍ଗା ଯମୁନାର । ହୋଇଛ ତୀର୍ଥତ୍ରୟର ଏକାନ୍ତ ଆଧାର । ୫୪ ।

ତୁମ୍ଭର କର୍ଣ୍ଣାନ୍ତଗାମୀ ନୟନ ଦ୍ୱୟର । କୁଟିଳତା ଦେଖି ଭୀତ ଶଫରୀ ନିକର ॥
ଅପଲକ ହୋଇ ବୁଡ଼ି ରହିଛନ୍ତି ଜଳେ । ନୟନର ଶୋଭା ଦେଖି ଅପର୍ଣ୍ଣା† ସକଳେ ॥
କୁମୁଦର ସଉନ୍ଦର୍ଯ୍ୟ ଧ୍ୱଂସିତ ସମୟେ । ପାଖୁଡ଼ା-କବାଟ କିଳି ପଳାଏ ବିସ୍ମୟେ ॥
ନିଶାରେ ସେ ପଦ୍ମ-ପୁଟ କବାଟ ପିଟାଇ । କମଳ-ଆଳୟେ ପଶି ନିଶି ମାପୁଥାଇ । ୫୫ ।

---

୫୩ ପଦ — ଦେବୀଙ୍କ ତିନି ନୟନରୁ ତିନିଦେବ ଜାତ ହୋଇଥାନ୍ତି । ଦକ୍ଷିଣନେତ୍ର ସତ୍ତ୍ୱଗୁଣ ଶୁକ୍ଳବର୍ଣ୍ଣ, ବାମ ନେତ୍ର ରଜୋଗୁଣ ରକ୍ତବର୍ଣ୍ଣ, ଲଲାଟସ୍ଥ ନେତ୍ର ତମୋଗୁଣ ନୀଳବର୍ଣ୍ଣ ।

* ଅନୁକୂଳ୍ୟ, ସୌନ୍ଦର୍ଯ୍ୟ ।

† ପାର୍ବତୀ ତପସ୍ୟା କାଳରେ ପର୍ଣ୍ଣ ଅର୍ଥାତ୍ ପତ୍ରଭୁକ୍ତା ଅବସ୍ଥାରୁ ତ୍ୟାଗ କରିଥିଲେ, ତେଣୁ ତାଙ୍କର ନାମ ଅପର୍ଣ୍ଣା ।

ନିମେଷୋନ୍ମେଷାଭ୍ୟାଂ ପ୍ରଳୟମୁଦୟଂ ଯାତି ଜଗତୀ
ତବେତ୍ୟାହୁଃ ସନ୍ତୋ ଧରଣିଧରରାଜନ୍ୟତନୟେ ।
ତ୍ୱଦୁନ୍ମେଷାଜ୍ଜାତଂ ଜଗଦିଦମଶେଷଂ ପ୍ରଳୟତଃ
ପରିତ୍ରାତୁଂ ଶଙ୍କେ ପରିହୃତନିମେଷାସ୍ତବ ଦୃଶଃ ୫୬ ।

ଦୃଶା ଦ୍ରାଘୀୟସ୍ୟା ଦରଦଳିତନୀଳୋତ୍ପଳରୁଚା
ଦବୀୟାଂସଂ ଦୀନଂ ସ୍ନପୟ କୃପୟା ମାମପି ଶିବେ ।
ଅନେନାୟଂ ଧନ୍ୟୋ ଭବତି ନ ଚ ତେ ହାନିରିୟତା
ବନେ ବା ହର୍ମ୍ୟେ ବା ସମକରନିପାତୋ ହିମକରଃ । ୫୭ ।

ଅରାଳଂ ଭ୍ରୂପାଳୀଯୁଗଳମଗରାଜନ୍ୟତନୟେ
ନ କେଷାମାଧତ୍ତେ କୁସୁମଶରକୋଦଣ୍ଡ କୁତୁକମ୍ ।
ତିରଶ୍ଚୀନୋ ଯତ୍ର ଶ୍ରବଣପଥ ମୁଲ୍ଲଙ୍ଘ୍ୟ ବିଲସନ୍
ଅପାଙ୍ଗବ୍ୟାସଙ୍ଗୋ ଦିଶତି ଶରସନ୍ଧାନଧିଷଣାମ୍ । ୫୮ ।

ସ୍ଫୁରଦ୍ଗଣ୍ଡାଭୋଗ ପ୍ରତିଫଳିତତାଟଙ୍କଯୁଗଳଂ
ଚତୁଶ୍ଚକ୍ରଂ ଶଙ୍କେ ତବମୁଖମିଦଂ ମାନ୍ମଥରଥମ୍ ।
ଯମାରୁହ୍ୟ ଦ୍ରୁହ୍ୟତ୍ୟବନିରଥମର୍କେନ୍ଦୁଚରଣଂ
ମହାବୀରୋ ମାରଃ ପ୍ରମଥପତୟେ ସଜ୍ଜିତବତେ । ୫୯ ।

ନିମେଷେ ଉନ୍ମେଷେ ତବ ଗିରିରାଜ କନ୍ୟା । ହୁଏ ବିଶ୍ୱର ପ୍ରଳୟ ସୃଷ୍ଟି ସରଜନା ॥
ଜ୍ଞାନିଗଣ କହୁଥାନ୍ତି ଏମନ୍ତ ଗୋ ମାଏ । ଉନ୍ମେଷ ଯୋଗେ ଜଗତ ସୃଷ୍ଟ ହୋଇଥାଏ ॥
ପ୍ରଳୟୁଁ ରଖିବା ପାଇଁ ବିଶ୍ୱକୁ ଏ କ୍ଷଣେ । ହେତେ ହୁଏ ରହୁ ନାହିଁ ନିମେଷ ନୟନେ ॥
ସଂସାର-ତାପ-ତାପିତ ଅଟଇଁ ମୁଁ ଶିବେ । ଦୂରେ ରହୁଥିଲେ ହେଲେ ଦୀନ ଜନ ଏବେ ॥
ତବ ଦରବିକଶିତ-ନୀଳୋତ୍ପଳ-ଦୃଷ୍ଟି । ପକାଇ ମୋ ପ୍ରତିକର କୃପାମୃତ ବୃଷ୍ଟି ॥
ତବ କୃପା ଦୃଷ୍ଟିମାତ୍ରେ କୃତାର୍ଥ ମୁଁ ହେବି । ଏଥେଁ ନୋହୁବତ ତୁମ୍ଭ ହାନି କିଛୁ ଦେବୀ !
କିବା ବନେ କିବା ହର୍ମ୍ୟେ ସମଭାବେ କର । ପକାଏ ଜନନୀ ! ସୁଧାସିକ୍ତ ହିମକର ॥
କୁଟିଳ ଭ୍ରୂଲତା ତବ କାମ-ଶରାସନ । ବୋଲି କାହା ମନେ ଭ୍ରାନ୍ତି ନ କରେ ଜନନ ?
ଶିବକୁଳେ ! ଆକର୍ଣ୍ଣଗାମୀ-କଟାକ୍ଷ-ବିକ୍ଷେପ । ଭରୁଛି ମଦନ କିବା ଶାୟକ ନିକ୍ଷେପ । ୫୮ ।
ସ୍ଫଟିକ-ଗଣ୍ଡ-ଯୁଗଳେ ତାଟଙ୍କ ଯୁଗଳ । ପ୍ରତିବିମ୍ବିତ ହେବାରେ ତୋ ମୁଖମଣ୍ଡଳ ॥
[illegible]-ଚତୁଶ୍ଚକ୍ର-ରଥ ପରି ହୁଏ ପ୍ରତେ । ଆରୋହୁଛି ମହାବୀର କାମ କି ସେ ରଥେ ॥
ସୂର୍ଯ୍ୟ-ଚନ୍ଦ୍ର-ଚକ୍ର-ଯୁତ-ପୃଥିବୀ-ସ୍ୟନ୍ଦନେ । ଆରୋହୀ ଶଙ୍କରେ ଦେବୀ ! ଜିଣିବାକୁ ମନେ ॥

ସରସ୍ୱତ୍ୟାଃ ସୂକ୍ତୀରମୃତଲହରୀକୌଶଲହରୀଃ
ପିବନ୍ତ୍ୟାଃ ଶର୍ବାଣି ଶ୍ରବଣ ଚୁଲୁକାଭ୍ୟାମବିରଳମ୍ ।
ଚମତ୍କାର ଶ୍ଳାଘାଚଳିତଶିରସଃ କୁଣ୍ଡଳଗଣୋ
ଝଣତ୍କାରୈସ୍ତାରୈଃ ପ୍ରତିବଚନମାଚଷ୍ଟ ଇବ ତେ । ୬୦ ।

ଅସୌ ନାସାବଂଶସ୍ତୁହିନଗିରିବଂଶଧ୍ୱଜପଟେ
ତ୍ୱଦୀୟୋ ନେଦୀୟଃ ଫଳତୁ ଫଳମସ୍ମାକ ମୁଚିତମ୍ ।
ବହନ୍ନନ୍ତର୍ମୁକ୍ତାଃ ଶିଶିରତର ନିଶ୍ୱାସଘଟିତାଃ
ସମୃଦ୍ଧ୍ୟା ଯତ୍ତାସାଂ ବହିରପି ଚ ମୁକ୍ତାମଣିଧରଃ । ୬୧ ।

ପ୍ରକୃତ୍ୟା ରକ୍ତାୟାସ୍ତବ ସୁଦତି ଦନ୍ତଚ୍ଛଦରୁଚେ —
ଃପ୍ରବକ୍ଷ୍ୟେ ସାଦୃଶ୍ୟଂ ଜନୟତୁ କଥଂ ବିଦ୍ରୁମଲତା ।
ନ ବିମ୍ବଂ ତଦ୍‌ବିମ୍ବ ପ୍ରତିଫଳନରାଗାଦରୁଣିତଂ
ତୁଳାମଧ୍ୟାରୋଢୁଂ କଥମପି ବିଲଜ୍ଜେତ କଳୟା । ୬୨ ।

ଶାରଦା-ଭଣିତ-ନବ-ପଦ୍ୟଗଦ୍ୟାବଳୀ । ସୁଧା-ଲହରୀ-ମାଧୁର୍ଯ୍ୟକୁ ଯାହା ପାରେ ଜିଣି ॥
ସେ ରଚନା-ରସ ଯେବେ କର୍ଣ୍ଣାଞ୍ଜଳି ଦ୍ୱାରା । ପାନ କରିବାରେ ରତ ହୁଅ ଗୋ ଶଙ୍କରା !
ଚମତ୍କାର ପ୍ରଶଂସାରେ ମସ୍ତକ ଘୂର୍ଣ୍ଣିତ । ସେ କାଳେ ପରିଚାଳିତ ହୁଏ ନିରନ୍ତର ॥
ତବ କର୍ଣ୍ଣ-କୁଣ୍ଡଳସ୍ଥ ରତ୍ନାବଳୀ ତଥା । ବଜାବଜି ହୋଇ ଧ୍ୱନି ଜନ୍ମାଏ ସର୍ବଥା ॥
ଝଣତ୍କାର ତାରସ୍ୱରେ ସେ ସବୁ ବଚନ । କରେ ପ୍ରଶଂସା-ବାକ୍ୟର କି ଅନୁମୋଦନ ॥
ହେ ଗୋ ହିମାଦ୍ରି-ବଂଶ-ଧ୍ୱଜ ପତାକା ! ତୁମ୍ଭର । ନାସା-ବଂଶେ ଫଳୁ ଶୁଭ୍ର ମୁକୁତା ନିକର ॥
ଭକ୍ତ ଅନୁରୂପ ଆମ୍ଭମାନଙ୍କ ଅଗରେ ଅନୁମିତ ହୁଏ ତବ ଶୀତ ନିଃଶ୍ୱାସରେ ॥
ମୁକ୍ତାଫଳ ଅଛି ନାସା ବଂଶର ଭିତରେ । ସେ ମୁକ୍ତା ଫଳ ଅଧିକ ହେଲେ ତା ଅନ୍ତରେ ॥
ଶ୍ୱାସ-ବାତେ ବହିର୍ଦେଶେ ମୁକୁତା ଉଦ୍ଭବ । ହେବାର ଜନନୀ ! କିଛି ନୁହେ ଅସମ୍ଭବ ॥
ପ୍ରାକୃତିକ ରକ୍ତ ଯେଉଁ ଓଷ୍ଠାଧର-କାନ୍ତି । ବିଦ୍ରୁମ ଲତା ତା ସମ ହେବ କି ସୁଦନ୍ତି !
ଯେ ବିମ୍ବ ଓଷ୍ଠାଧରର ପ୍ରତିବିମ୍ବ ଲଭି । ରଞ୍ଜିନ୍ତି ଅଟଗୋ ଜନନୀ ଅରୁଣିମା ଛବି ॥
ସେ ବିମ୍ବ ଓଷ୍ଠାଧରର ଅଂଶମାତ୍ରସର । ହେବାକୁ ଲଜ୍ଜିତ ହେବ ନାହିଁ କି ? ଶଙ୍କରୀ ॥

୬୧ପଦ:—ବଂଶଶବ୍ଦ ଶ୍ଳେଷାର୍ଥରେ ବ୍ୟବହୃତ ହୋଇଅଛି । ବଂଶର ଶୀର୍ଷ ଦେଶରେ ମୁକ୍ତା ଜନ୍ମିଥାଏ । ପ୍ରମାଣ ଯଥା:—"ଘନ୍ତ୍ରକଂ ବଂଶ ମସ୍ୟାନାଂ ଶୀର୍ଷେ ମୁକ୍ତା ଫଳୋଦ୍ଭବାଃ । ଶମ୍ବୁକ ଶୁକ୍ତ ଶଙ୍ଖାନାଂ ଗର୍ଭେ ମୁକ୍ତା ଫଳୋଦ୍ଭବାଃ ।

ସ୍ମିତଜ୍ୟୋତ୍ସ୍ନାଜାଲଂ ତବ ବଦନଚନ୍ଦ୍ରସ୍ୟ ପିବତାଂ
ଚକୋରାଣାମାସୀଦତିରସତୟା ଚଞ୍ଚୁଜଡ଼ିମା ।
ଅତସ୍ତେ ଶୀତାଂଶୋରମୃତଲହରୀମମ୍ଳରୁଚୟଃ
ପିବନ୍ତି ସ୍ୱଚ୍ଛନ୍ଦଂ ନିଶି ନିଶି ଭୃଶଂ କାଞ୍ଜିକଧିୟା । ୬୩ ।

ଅବିଶ୍ରାନ୍ତଂ ପତ୍ୟୁର୍ଗୁଣଗଣକଥାମ୍ରେଡନ ଜପା
ଜପାପୁଷ୍ପଚ୍ଛାୟା ତବ ଜନନି ଜିହ୍ୱା ଜୟତୁତେ ।
ଯଦଗ୍ରାସୀନାୟାଃ ସ୍ଫଟିକ ଦୃଷଦଚ୍ଛଚ୍ଛବିମୟୀ
ସରସ୍ୱତ୍ୟା ମୂର୍ତ୍ତିଃ ପରିଣମତି ମାଣିକ୍ୟବପୁଷା । ୬୪ ।

ରଣେ ଜିତ୍ୱା ଦୈତ୍ୟାନପହୃତ ଶିରସ୍ତ୍ରୈଃ କବଚିଭିଃ
ନିବୃତ୍ତୈଶ୍ଚଣ୍ଡାଂଶୁତ୍ରିପୁରହରନିର୍ମାଲ୍ୟବିମୁଖୈଃ ।
ବିଶାଖେନ୍ଦ୍ରୋପେନ୍ଦ୍ରୈଃ ଶଶିଶକଲ କର୍ପୂରଧବଳା
ବିଲପ୍ୟନ୍ତେ ମାତସ୍ତବ ବଦନ ତାମ୍ବୂଲକଣିକାଃ । ୬୫

ଚକୋର ନିକର ତବ ମୁଖ ସୁଧାକରୁଁ । ମୃଦୁହାସ୍ୟ ରୂପ ମଧୁ ଜ୍ୟୋତ୍ସ୍ନା ପିଇବାରୁ ॥
ହୋଇଅଛୁ ଜଡ଼ ତାଙ୍କ ଜିହ୍ୱା ମିଷ୍ଟତାରେ । ପିଅନ୍ତି ସେ କାଞ୍ଜୀ ଜ୍ଞାନେ ଚନ୍ଦ୍ରିକା ନିଶାରେ ॥
ବାରବାର ବର୍ଣ୍ଣିବାରେ ପତିଗୁଣଗଣ । ତବ ଜିହ୍ୱା ଜର୍ଜରିତ ଲୋହିତ ବରଣ ।
ଜବାକୁସୁମ-ଆଭକୁ ଜିଣିଛୁ ଜନନୀ । ସେ ଜିହ୍ୱ ତେ ସମାସୀନା ବ୍ରହ୍ମାଙ୍କ ନନ୍ଦନୀ୧ ॥
ସ୍ଫଟିକ ସଦୃଶ ସ୍ୱଚ୍ଛ କାନ୍ତି ଯେଉଁ ଧରେ । ହୋଇଛନ୍ତି ପରିଣତ ମାଣିକ୍ୟ୨ ରୂପରେ ।୬୪।
ସେନାନୀ୩ ବାସବ ବିଷ୍ଣୁ ଜିଣି ଦୈତ୍ୟଗଣେ । ବର୍ମାବୃତଦେହେ୪ ଆସି ତୁମ୍ଭର ଚରଣେ ॥
ପ୍ରଣମନ୍ତି ଶିରସ୍ତ୍ରାଣ୫ ପେଡ଼ି ଗୋ ଶଙ୍କରୀ ! । ସୂର୍ଯ୍ୟ ଶିବଙ୍କ ନିର୍ମାଲ୍ୟ ଗ୍ରହଣ ନ କରି ॥
ତବ ସେ ପ୍ରସାଦ ରୂପ ଉଚ୍ଛିଷ୍ଟ ତାମ୍ବୂଳ । ସେବନ୍ତି ଯା ଚନ୍ଦ୍ରଖଣ୍ଡ-କର୍ପୂରେ ଧବଳ ।୬୫।

୬୩ପଦ:—ଚକୋରଗଣ ଦେବୀଙ୍କ ମୁଖ ଚନ୍ଦ୍ରର ମୃଦୁହାସ୍ୟରୂପ ଅମୃତ ଜ୍ୟୋତ୍ସ୍ନା ପିଇବାରୁ ଅତି ମିଷ୍ଟତାରେ ସେମାନଙ୍କ ଜିହ୍ୱା ଜଡ଼ (ଅସାଡ଼ରେ ଅମୁହାଁ) ହୋଇଯାଇଛି । ତେଣୁ ସେମାନେ ଜିହ୍ୱାର ମଧୁରତା ଦୂର କରିବାପାଇଁ କାଞ୍ଜି ଭାବନାରେ ଚନ୍ଦ୍ରକିରଣ ପାନ କରୁଥାନ୍ତି ।

୧ ସରସ୍ୱତୀ । ୨ ଲାଲବର୍ଣ୍ଣ ମଣି ବିଶେଷ । ୩ କାର୍ତ୍ତିକେଶ୍ୱର । ୪ କବଚ ପିନ୍ଧା ଶରୀରରେ ।
୫ ପଟେଡ଼ ଟୋପି ।

୬୪ ପଦ— ଯେପରି ମନ୍ଦାର ଫୁଲ ପାଖରେ ସ୍ଫଟିକ (ଧଳାବର୍ଣ୍ଣ ମଣି) ରକ୍ତବର୍ଣ୍ଣ ଦିଶେ, ସେପରି ରକ୍ତବର୍ଣ୍ଣ ଜିହ୍ୱା ପାଖରେ ଶୁଭ୍ରଦନ୍ତ ପଂକ୍ତିରୂପିଣୀ ସରସ୍ୱତୀ ମଧ୍ୟ ରକ୍ତବର୍ଣ୍ଣ ଦିଶନ୍ତି ।

ବିପଞ୍ଚ୍ୟା ଗାୟନ୍ତୀ ବିବିଧମପଦାନଂ ପଶୁପତେ—
ସ୍ତ୍ୱୟାରବ୍ଧେ ବକ୍ତୁଂ ଚଳିତଶିରସା ସାଧୁବଚନେ ।
ତଦୀୟୈର୍ମାଧୁର୍ଯ୍ୟୈରପଲପିତତନ୍ତ୍ରୀ କଳରବାଂ
ନିଜାଂ ବୀଣାଂ ବାଣୀ ନିଚୁଳୟତି ଚୋଳେନ ନିଭୃତମ୍ । ୬୬ ।

କରାଗ୍ରେଣ ସ୍ପୃଷ୍ଟଂ ତୁହିନଗିରିଣା ବତ୍ସଳତୟା
ଗିରୀଶେନୋଦସ୍ତଂ ମୁହୁରଧରପାନାକୁଳତୟା ।
କରଗ୍ରାହ୍ୟଂ ଶମ୍ଭୋର୍ମୁଖମୁକୁରବୃନ୍ତଂ ଗିରିସୁତେ
କଥଙ୍କାରଂ ବ୍ରୂମସ୍ତବ ଚିବୁକମୌପମ୍ୟରହିତମ୍ । ୬୭ ।

ଭୁଜାଶ୍ଳେଷାନ୍ନିତ୍ୟଂ ପୁରଦମୟିତୁଃ କଣ୍ଟକବତୀ
ତବ ଗ୍ରୀବାଧତ୍ତେ ମୁଖକମଳନାଳଶ୍ରିୟମିୟମ୍ ।
ସ୍ୱତଃ ଶ୍ୱେତା କାଳାଗୁରୁ ବହୁଳଜମ୍ବାଳମଳିନା
ମୃଣାଳୀନାଂ ନିତ୍ୟଂ ବହତି ଯଦଧୋ ହାରଲତିକା ॥ ୬୮ ।

ବୀଣାଯୋଗେ ବୀଣାପାଣି ଶିବଙ୍କ ମହିମା । ଗାଅନ୍ତେ ସେକାଳେ ଶିର କମ୍ପାଇ ତୁହିମା ॥
ସାଧୁବାଦ କରିବାରେ ତୋ ବାଣୀ-ମାଧୁର୍ଯ୍ୟେ । ନିଜ ବୀଣା ହାରିଯିବା ଜାଣି ବାଣୀ ଲଜ୍ଜେ ॥
କଞ୍ଚୁକ ବସନା[2] ମଧ୍ୟେ ଲୁଚାନ୍ତି ବହନେ । (ହସନ୍ତି ଶଙ୍କର ସେହି ରହସ୍ୟ ଦର୍ଶନେ) ।୬୬।

ଉପମା-ରହିତ ତବ ଚିବୁକ ଗୋ ଶିବା । ଶମ୍ଭୁ-କରଗ୍ରାହ୍ୟ ମୁଖ-ଦର୍ପଣର କବା ॥
ଅଟଇ ସେ ବୃନ୍ତ[3] ଆଗୋ ଗିରିରାଜ ସୁତେ ! । ଅଙ୍ଗୁଳିରେ ଛୁଅନ୍ତି ଯା ମେରୁ ସ୍ନେହଯୁତେ ॥
ଅଧର-ପାନେ ଲୋଲୁପ ହୋଇ ମହେଶ୍ୱର । ଉଠାଇ ଥାନ୍ତି ସ୍ୱକରେ ଯା ଥରକ୍ଥର ॥
ସେ ଗୁରୁ ଚିବୁକ ତବ କିରୂପେ ବର୍ଣ୍ଣନ- । କରିବାକୁ ଜନନି ! ମୁଁ ହେବି ଗୋ ଭାଜନ ।୬୭।

ମୁଖ ପଦ୍ମର ମୃଣାଳ ପ୍ରାୟ ତବ ଗ୍ରୀବା । ଶିବ ଭୁଜାଶ୍ଳେଷେ ନିତ୍ୟ ରୋମାଞ୍ଚିତ ଶିବା ॥
ସ୍ୱଭାବରେ ଶ୍ୱେତବର୍ଣ୍ଣ ମୃଣାଳ ଅଟଇ । ପଙ୍କାଦି ସଂଯୋଗେ ତାହା ମଳିନ ଦିଶଇ ॥
ଅଗୁରୁ କସ୍ତୁରୀ ପଙ୍କେ ଲଭି ମଳିନତା । ମୃଣାଳର ଶୋଭାଧରେ ତବ ହାର ଲତା । ୬୮ ।

---

୧ ସରସ୍ୱତୀ । ୨ ସ୍ତ୍ରୀମାନଙ୍କର କୁର୍ତ୍ତା ବା କାଞ୍ଚୁଳା । ୩ ବୋଟା, ନାଡ, ବେଣ୍ଟ ।
୪ ପଦ୍ମନାଡ ।

୬୮ ପଦ :—ଗ୍ରୀବା ମୁଖ-ପଦ୍ମର ନାଡ ସହିତ ଉପମିତ; ପଦ୍ମନାଡରେ କଣ୍ଟା ଥାଏ, ଦେବୀଙ୍କ ଗ୍ରୀବା ଶିବଙ୍କ ଭୁଜଆଲିଙ୍ଗନ ପାଇ ରୋମାଞ୍ଚିତ ହୋଇ ଥାଏ ।

ଗଳେରେଖାସ୍ତିସ୍ରୋ ଗତିଗମକଗୀତୈକନିପୁଣେ
ବିବାହବ୍ୟାନଦ୍ଧ ପ୍ରଗୁଣ ଗୁଣ ସଂଖ୍ୟା ପ୍ରତିଭୁବଃ
ବିରାଜନ୍ତେ ନାନାବିଧମଧୁରରାଗାକରଭୁବାଂ
ତ୍ରୟାଣାଂ ଗ୍ରାମାଣାଂ ସ୍ଥିତି ନିୟମସୀମାନ ଇବ ତେ । ୬୯ ।

ମୃଣାଳୀ ମୃଦ୍ୱୀନାଂ ତବଭୁଜଲତାନାଂ ଚତସୃଣାଂ
ଚତୁର୍ଭିଃ ସୌନ୍ଦର୍ଯ୍ୟଂ ସରସିଜଭବଃ ସ୍ତୌତି ବଦନୈଃ ।
ନଖେଭ୍ୟଃ ସନ୍ତ୍ରସ୍ୟନ୍ ପ୍ରଥମଦଳନାଦନ୍ଧକରିପୋ—
ଶ୍ଚତୁର୍ଣ୍ଣାଂ ଶୀର୍ଷାଣାଂ ସମମଭୟହସ୍ତାର୍ପଣଧିୟା । ୭୦ ।

ନଖାନାମୁଦ୍ୟୋତୈର୍ନବନଳିନରାଗଂ ବିହସତାଂ
କରାଣାନ୍ତେ କାନ୍ତିଂ କଥୟ କଥୟାମଃ କଥମୁମେ ।
କଦାଚିଦ୍ୱା ସାମ୍ୟଂ ଭଜତୁ କଳୟା ହନ୍ତ କମଳଂ
ଯଦି କ୍ରୀଡଲ୍ଲକ୍ଷ୍ମୀଚରଣତଳଲାକ୍ଷାରୁଣଦଳମ୍ ॥ ୭୧ ॥

ଗତିଗମକ ଯୁକତ ସଙ୍ଗୀତ ଗାୟନେ । ନିପୁଣା ଅଟ ଜନନୀ ! ତୁମ୍ଭେ ଏ ଭୁବନେ ॥
ତବ ଗଳାରେ ଯେତକ ତିନିରେଖା ସ୍ଥିତ । ତା ଦେଖି ମୋ ମନେ ଏହା ହୁଏ ଅନୁମିତ ॥
ବିବାହର ସୂତ୍ର ତିନି ସୂତ୍ରର ସହିତ । ବିବାହ ଲଗାଇ ଯେଣୁ ହେଲେ ପରିଣତ ॥
ଉତ୍କର୍ଷର ପରିମାଣ ଜାଣିବା ନିମିତ୍ତ । ତବ ଗଳାରେ ସେ ରେଖା ହୋଇଛନ୍ତି ଅଙ୍କିତ ॥
'ତାର' 'ଘୋର', 'ମନ୍ଦ୍ର' ଏହି ରାଗଙ୍କ ତ୍ରିଗ୍ରାମ । ରେଖାବନ୍ଧେ ତବ କଣ୍ଠେ କରନ୍ତି ବିଶ୍ରାମ । ୬୯ ।
ପୂର୍ବେ ବ୍ରହ୍ମାଙ୍କର ଥିଲା ପାଞ୍ଚୋଟି ମସ୍ତକ । ନଖେ ଛେଦିଥିଲେ ଏକ ଅନ୍ଧକ ଅନ୍ତକ ✝
ଅବଶିଷ୍ଟ ଚାରିମୁଣ୍ଡ ବଞ୍ଚାଇବା ପାଇଁ । ଚତୁର ବଦନେ ଏକସ୍ୱରେ ବେଦଗାଇଁ ॥
ମୃଣାଳ ସଦୃଶ ତବ ଚତୁର ଭୁଜର । ସୌନ୍ଦର୍ଯ୍ୟ ବର୍ଣ୍ଣନା କରୁଛନ୍ତି ନିରନ୍ତର । ୭୦ ।
ନଖ-ଜ୍ୟୋତି ଯୋଗେ ତବ ଯେ ଭୁଜ ପ୍ରକାଶ । ନବପ୍ରସ୍ଫୁଟିତ ପଦ୍ମେ କରେ ଉପହାସ ।
ସେ ଭୁଜର ଶୋଭା କାହିଁ କରିବି ବର୍ଣ୍ଣନ । ଉପମା ଦେବାକୁ ବିଶ୍ୱେ ନାହିଁ ତାର ସମ ।
ଯେବେ କେବେ ପଦ୍ମଦଳେ ଲକ୍ଷ୍ମୀ କ୍ରୀଡା କରୁଁ । ହୁଏ ରକ୍ତ, ପଦ-ତଳଲାକ୍ଷା ସ୍ପର୍ଶରୁ ।
ତେବେ ହେଲେ ହେବ ଅବା କିଞ୍ଚିତ ମାତର । ତବ ସେ ଭୁଜ-କାନ୍ତିର ଉପମା ଅବର ।୭୧।

✝ ମହାଦେବ ।

୭୦ ପଦ — ପ୍ରଥମତଃ ବ୍ରହ୍ମା ପଞ୍ଚମୁଖ ଥିଲେ । ଶିବ କ୍ରୋଧରେ ନିଜ ନଖଦ୍ୱାରା ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ ଛେଦନ କରିଦେଲେ । ସେହିଦିନରୁ ବ୍ରହ୍ମା ଚତୁର୍ମୁଖ ହୋଇଛନ୍ତି ।

ସମଂ ଦେବି ସ୍କନ୍ଦଦ୍ୱିପବଦନ ପୀତଂ ସ୍ତନଯୁଗଳଂ
ତବେଦଂ ନଃ ଖେଦଂ ହରତୁ ସତତଂ ପ୍ରସ୍ନୁତମୁଖମ୍ ।
ଯଦାଲୋକ୍ୟାଶଙ୍କାକୁଳିତ ହୃଦୟୋ ହାସଜନକଃ
ସ୍ୱକୁମ୍ଭୌ ହେରମ୍ବଃ ପରିମୃଶତି ହସ୍ତେନ ଝଟିତି । ୭୨ ।

ଅମୂ ତେ ବକ୍ଷୋଜାବମୃତରସମାଣିକ୍ୟ କୁତପୌ
ନ ସନ୍ଦେହସ୍ପନ୍ଦୋ ନଗପତିପତାକେ ମନସି ନଃ ।
ପିବନ୍ତୌ ତୌ ଯସ୍ମାଦବିଦିତବଧୂସଙ୍ଗରସିକୌ
କୁମାରାବଦ୍ୟାପି ଦ୍ୱିରଦବଦନକ୍ରୌଞ୍ଚଦଳନୌ । ୭୩ ।

ବହତ୍ୟମ୍ବ ସ୍ତମ୍ବେରମଦନୁଜ କୁମ୍ଭ ପ୍ରକୃତିଭିଃ
ସମାରବ୍ଧାଂ ମୁକ୍ତାମଣିଭିରମଳାଂ ହାରଲତିକାମ୍ ।
କୁଚାଭୋଗୋ ବିମ୍ବାଧରରୁଚିଭିରନ୍ତଃ ଶବଳିତାଂ
ପ୍ରତାପବ୍ୟାମିଶ୍ରାଂ ପୁରଦମୟିତୁଃ କୀର୍ତ୍ତିମିବ ତେ । ୭୪ ।

ତବ ବେନି ସ୍ତନୁ ସ୍ତନ୍ୟ ଝରେ ମାତ ସଦା । ଷଡ଼ାନନ[୧] ଗଜାନନ[୨] ପିଇଥିଲେ ଯଦା ॥
ଭବ-ତୃଷା ହରୁ ମୋର ସେ ସ୍ତନ ଯୁଗଳ । ଗଜାନନ ଯାକୁ ଦେଖି ହୋଇ ଶଙ୍କାକୁଳ ॥
ନିଜ କୁମ୍ଭ ମାତା ବକ୍ଷେ ଆସିଛି କା ବୋଲି । ଲୋଡନ୍ତି ମସ୍ତକେ କୁମ୍ଭ ସ୍ୱହସ୍ତେ ଅନ୍ଦୋଳି ॥

ସେ କାଳରେ ଗଣେଶର ମୁଖର ବିକାର । ଦର୍ଶନେ ସମ୍ଭାଳି ହାସ୍ୟ ହେବ ଗୋ କାହାର ?
ହେ ନଗପତି ପତାକାଏ[୩] ! ତବ ବେନି ସ୍ତନ । ମାଣିକ୍ୟ କୁମ୍ଭେ କି ସୁଧା ହୋଇଛି ପୂରଣ ॥
ଏଥିରେ ସନ୍ଦେହ ମୋର ନାହିଁ କିଛି ମାତା । ଯେଣୁ ଆଜଯାଏ ପିଉଛନ୍ତି ବେନି ଭ୍ରାତା ।[୪]
ନାରୀ-ସଙ୍ଗମ-ରସେ ଯେ ଶର ଅବିଦିତ । ହୋଇଛନ୍ତି ଆଜୀବନ ଯେ ଅବିବାହିତ ।୭୩।

ଗଜ-ଦନୁଜ-କୁମ୍ଭଜ ମୁକ୍ତା ହାରରେ । ତବ ସ୍ତନତଟ ମାତ, ଅତି ଶୋଭାଧରେ ॥
ସ୍ୱଭାବେ ନିର୍ମଳ ଶ୍ୱେତ ସେ ମୁକ୍ତାବଳୀ । ହୋଇଛି ଅରୁଣବର୍ଣ୍ଣ ବିମ୍ବାଧରେ ଝଳି ॥
ତ୍ରିପୁର ଜୟୀ ଶିବଙ୍କ ପ୍ରତାପ-କୀରତି । ମନେ ହୁଏ ବକ୍ଷସ୍ଥଳେ ଧେନିଛ ଗୋ ସତି ! ।୭୪।

---

୧ ଷଡ଼ାନନ=କାର୍ତ୍ତିକ; । ୨ ଗଜାନନ=ଗଣେଶ । ୩ ନଗପତି ପତାକା=ପର୍ବତରାଜ କନ୍ୟା ପାର୍ବତୀ ୪ ଗଣେଶ ଓ କାର୍ତ୍ତିକ । ୫ କାମଦେବ ।

କୁଚୌ ସଦ୍ୟଃ ସ୍ୱିଦ୍ୟତ୍ତଟ ଘଟିତ କୂର୍ପାସଭିଦୁରୌ
କଷନ୍ତୌ ଦୋର୍ମୂଲେ କନକକଳଶାଭୌ କଲୟତା ।
ତବ ତ୍ରାତୁଂ ଭଙ୍ଗାଦଲମିତି ବଲଗ୍ନଂ ତନୁଭୁବା
ତ୍ରିଧା ନଦ୍ଧଂ ଦେବି ତ୍ରିବଳି ଲବଲୀ ବଲ୍ଲିଭିରିବ । ୬୫ ।
ତବ ସ୍ତନ୍ୟଂ ମନ୍ୟେ ଧରଣୀଧରକନ୍ୟେ ହୃଦୟତଃ
ପୟଃପାରାବାରଃ ପରିବହତି ସାରସ୍ୱତ ଇବ ।
ଦୟାବତ୍ୟା ଦତ୍ତଂ ଦ୍ରବିଡ଼ଶିଶୁରାସ୍ୱାଦ୍ୟ ତବ ଯତ୍
କବୀନାଂ ପ୍ରୌଢ଼ାନାମଜନି କମନୀୟଃ କବୟିତା । ୭୦ ।

ସ୍ୱର୍ଣ୍ଣ କୁମ୍ଭ ସମ ତୁଙ୍ଗ ପୀନ ତୋର ସ୍ତନ । କୁଞ୍ଚେ ପୀଡ଼ି ସଦା ସ୍ୱେଦ କରେ ବିସର୍ଜ୍ଜନ ॥
କଞ୍ଚୁଳିକା ଭେଦିବାକୁ ହୁଅନ୍ତି ଉଦ୍ୟତ । କଟି ଭାଙ୍ଗିଯିବା ଭୟେ କିବା ମନମଥ ॥
ବାନ୍ଧି ରଖିଅଛୁ ଦୃଢ଼େ ତ୍ରିବଳୀ[୨] ଲତାରେ । ତବ କଟିଦେଶ ମାତ ତ୍ରିବଳ୍ୟାକାରେ ।୭୫।
ତବ ହୃଦୟରୁ ଅଗୋ ଗିରିରାଜକନ୍ୟା ! । ସାରସ୍ୱତସ୍ରୋତ[୩] ପରି ବହେ ସ୍ତନ୍ୟବନ୍ୟା ॥
ଦ୍ରାବିଡ଼ ଶିଶୁର ପ୍ରତି ହୋଇ ଦୟାବତୀ । ପିଆଇଥିଲ ସେ ସ୍ତନ୍ୟ ତେଣୁ ଭଗବତୀ ।
ସେ କ୍ଷଣି ସେ ଶିଶୁ ପ୍ରୌଢ଼ଶ୍ରେଷ୍ଠ କବି ସମ । କବିତା କରିବା ପାଇଁ ହେଲା ଗୋ ସକ୍ଷମ

---

୧ । ବାମଦେବ ୨ । ତ୍ରିବଳି-ଲତା । ବଳି-ଉଦରପ୍ରଦେଶସ୍ଥ ତରଙ୍ଗିତ ମାଂସ । ତ୍ରିବଳି-କଟିଭାଗର ଭଙ୍ଗରେଖା । ତ୍ରିବଳି-ଲତା—ତ୍ରିବଳିରୂପକ ଲତା ।

୩ । ସାରସ୍ୱତ ପ୍ରସ୍ରବଣ—ଏହା କୈଳାଶ ପର୍ବତ ଉପରେ ଅଛି

୭୬ ପଦ:- ଏକଦା (ଶଙ୍କରଙ୍କ ଛ'ମାସ ବୟସ ସମୟରେ) ତାଙ୍କ ପିତା ତୀର୍ଥାର୍ଥ ଦୂର-ଦେଶକୁ ଯାଇଥିଲେ; ତାଙ୍କ ମାତା ଶିଶୁ ପୁତ୍ରକୁ ଅଗଣାରେ ଶୁଆଇ ଦେଇ ଶାକ ସଂଗ୍ରହ କରିବାପାଇଁ ସ୍ଥାନାନ୍ତରକୁ ଯାଇଥିଲେ । ସେହି ସମୟରେ ଶିଶୁଟି କ୍ଷୁଧାତୁର ହୋଇ ଉଚ୍ଚୈଃସ୍ୱରରେ କାନ୍ଦିବାକୁ ଲାଗିଲା । ଜଗଦମ୍ବା ବାଳକ ପ୍ରତି ଦୟାବତୀ ହୋଇ ତାଙ୍କୁ କୋଳରେ ଧରି ସ୍ତନ୍ୟ ପିଆଇ ଅନ୍ତର୍ହିତା ହେଲେ । ଆଶ୍ଚର୍ଯ୍ୟର ବିଷୟ ଯେ, ବାଳକ ତତ୍କ୍ଷଣାତ୍ ମହାକବି ହୋଇଗଲେ । ସେହି ସମୟରେ ଜଣେ ସନ୍ନ୍ୟାସୀ ଭିକ୍ଷାର୍ଥ ସେହି କୁଟୀରକୁ ଆସିଲେ । ଶିଶୁ ସଂସ୍କୃତ ଶ୍ଳୋକରେ ସନ୍ନ୍ୟାସୀଙ୍କୁ ଉତ୍ତର ଦେଇଥିଲେ । ନିମ୍ନରେ ଉକ୍ତ ଶ୍ଳୋକଟି ଉଦ୍ଧୃତ ହେଲା:—

"ଏକା ମାତା ଶାକାର୍ତ୍ତୀ ତବ କ୍ଷପଣକ ଦଶ ଶାକାର୍ତ୍ତାଃ ।
ତବ କ୍ଷପଣକ-ଦଶ-ଶାକାଶା ତବ କ୍ଷପଣକ ଶାକାଶାକା ।"

ଅର୍ଥ—ହେ କ୍ଷପଣକ ! ମୋର ଜନନୀ ଶାକ ଆହରଣ ପାଇଁ ଯାଇଛନ୍ତି; କିନ୍ତୁ ଏହି ସଂସାରର ଦଶ ଜଣ ଶାକ ପାଇଁ କାତର ହୋଇ ରହିଛନ୍ତି । ଏହି ଦଶ ଜଣ ଗୃହସ୍ଥ ମଧ୍ୟରେ ପ୍ରତ୍ୟେକର ଦଶ ଜଣ କ୍ଷପଣକ । ଅର୍ଥାତ୍ ଦଶ ଇନ୍ଦ୍ରିୟ ଶାକପାଇଁ (ଏଠାରେ ଇନ୍ଦ୍ରିୟମାନଙ୍କ ଭୋଜ୍ୟ ନିଜ ନିଜ ବିଷୟ ପାଇଁ) ଲାଳାୟିତ ହେଉଛନ୍ତି । ଏପରି ଅବସ୍ଥାରେ ଏଠାରେ ତୁମର ଟିକିଏ ଶାକ ଆଶା କରିବା ଉଚିତ ନୁହେଁ ।

ହରକ୍ରୋଧଜ୍ୱାଲାବଳିଭିରବଲୀଢେନ ବପୁଷା
ଗଭୀରେ ତେ ନାଭୀସରସି କୃତସଙ୍ଗୋ ମନସିଜଃ ।
ସମୁତ୍ତସ୍ଥୌ ତସ୍ମାଦଚଳତନୟେ ଧୂମଲତିକା
ଜନସ୍ତାଂ ଜାନୀତେ ଜନନି ତବ ରୋମାବଳିରିତି । ୭୭ ।

ଯଦେତତ୍ କାଳିନ୍ଦୀତନୁତର ତରଙ୍ଗାକୃତି ଶିବେ
କୃଶେମଧ୍ୟେ କିଞ୍ଚିଜ୍ଜନନି ତବ ତଦ୍ଭାତି ସୁଧିୟାମ୍ ।
ବିମର୍ଦ୍ଦାଦନ୍ୟୋନ୍ୟଂ କୁଚକଳସୟୋରନ୍ତରଗତଂ
ତନୁଭୂତଂ ବ୍ୟୋମ ପ୍ରବିଶଦିବ ନାଭିଂ କୁହରଣୀମ୍ । ୭୮ ।

ସ୍ଥିରୋ ଗଙ୍ଗାବର୍ତ୍ତଃ ସ୍ତନମୁକୁଳରୋମାବଳିଲତା —
କଳାସ୍ଥାନଂ କୁଣ୍ଡଂ କୁସୁମଶରତେଜୋହୁତଭୁଜଃ ।
ରତେର୍ଲୀଳାଗାରଂ କିମପି ତବ ନାଭିର୍ଗିରିସୁତେ ।
ବିଳଦ୍ୱାରଂ ସିଦ୍ଧେର୍ଗିରିଶନୟନାନାଂ ବିଜୟତେ । ୭୯ ।

ହର-କୋପାନଳ-ଶିଖା-ସମୂହେ ଅନଙ୍ଗ । ଅଗୋ ଗିରିରାଜସୂତା ! ହୋଇ ଦଗ୍ଧଅଙ୍ଗ ॥
ସ୍ନାନ କରିଥିଲା ତବ ନାଭି-ସରୋବରେ । ଉଠିଲା ଯା ଦେହୁଁ ଧୂମ ଜଳ-ସଂଯୋଗରେ ॥
ଲୋକେ ଜାଣନ୍ତି ଜନନୀ ! ସେହୁ ଧୂମାବଳୀ । ତବ ଅଙ୍ଗପ୍ରତ୍ୟଙ୍ଗର ରୋମାବଳୀ ବୋଲି ॥
କ୍ଷୀଣତର ମଧ୍ୟସ୍ଥଳେ ଜନନୀ ! ତୁମ୍ଭର । କାଳିନ୍ଦୀ-ତରଙ୍ଗ ପ୍ରାୟେ ହୁଏ ଯା ଗୋଚର ॥
ପଣ୍ଡିତେ ସିଦ୍ଧାନ୍ତ କରନ୍ତି ତା ବିଷୟର । ସୂକ୍ଷ୍ମରୂପେ ଏମନ୍ତ ଗୋ ନଗେନ୍ଦ୍ର-କୁମାରୀ ॥
ପୀନକୁଚବେନି ଜନ୍ତାଜନ୍ତି ପରସ୍ପର । ହେବାରୁ ମଧ୍ୟସ୍ଥ ଶୂନ୍ୟ ହୋଇ ସୂକ୍ଷ୍ମତର ॥
ଗଭୀର ନାଭି-ହ୍ରଦରେ କରନ୍ତି ପ୍ରବେଶ । ଶ୍ୟାମବର୍ଣ୍ଣ ରେଖାସମ ହୁଏ ଯା ଅବେଶ ।୭୮।

ଗଙ୍ଗାବର୍ତ୍ତ ସଙ୍ଗେ ନାଭି କରନ୍ତି ଉପମା । କିନ୍ତୁ ତାହା ନୁହେ ସ୍ଥିର ଶିବ ମନୋରମା ! ॥
ସ୍ତନ ମୁକୁଳ ଶୋଭିତା-ରୋମାଳୀ-ଲତାର । ଆଲବାଳ* ବୋଲି କି ବା ନାଭିକି ତୁମ୍ଭର ।
କିନ୍ତୁ ଆଲବାଳ ନୁହେ ନାଭିତ ଗମ୍ଭୀର । ଏଣୁ ଏ ଉପମା ମନେ [illegible] ନେ ମୋହର ॥
କାମର ତେଜ ଅନଳ କୁଣ୍ଡ କହେ ମାଏ । କିନ୍ତୁ ନୁହେ କୁଣ୍ଡ ଯେଣୁ ମେଖଳା ତା ଥାଏ ॥
ରତିର କ୍ରୀଡ଼ା ଭବନ କାହା ସେ ଅଟଇ । କିନ୍ତୁ ଏତ କ୍ରୀଡା-ଗୃହ ପାତାଳ ନୁହଇ ॥
ଶିବଙ୍କ ନେତ୍ରଅଗ୍ନିର ତପସିଦ୍ଧି ପାଇଁ । ପ୍ରକୃତରେ ଗୁହାଦ୍ୱାର ତୋ ନାଭି ଅଟଇ । ୭୯ ।

---

* ଆଲବାଳ = ମଦା ।

ନିସର୍ଗକ୍ଷୀଣସ୍ୟ ସ୍ତନତଟଭରେଣ କ୍ଲମଜୁଷୋ
ନମନ୍ମୂର୍ତ୍ତେର୍ନାରୀତିଳକ ଶନକୈସ୍ତ୍ରୁଟ୍ୟତ ଇବ ।
ଚିରଂ ତେ ମଧ୍ୟସ୍ୟ ତ୍ରୁଟିତ-ତଟିନୀ-ତୀର-ତରୁଣା
ସମାବସ୍ଥାସ୍ଥେମ୍ନୋ ଭବତୁ କୁଶଳଂ ଶୈଳତନୟେ । ୮୦ ।
ଗୁରୁତ୍ୱଂ ବିସ୍ତାରଂ କ୍ଷିତିଧରପତିଃ ପାର୍ବତି ନିଜା—
ନ୍ନିତମ୍ବାଦାଚ୍ଛିଦ୍ୟ ତ୍ୱୟି ହରଣରୂପେଣ ନିଦଧେ ।
ଅତସ୍ତେ ବିସ୍ତୀର୍ଣ୍ଣୋ ଗୁରୁରୟମଶେଷାଂ ବସୁମତୀଂ
ନିତମ୍ବ ପ୍ରାଗ୍ଭାରଃ ସ୍ଥଗୟତି ଲଘୁତ୍ୱଂ ନୟତି ଚ । ୮୧ ।
କରୀନ୍ଦ୍ରାଣାଂ ଶୁଣ୍ଡାଃ କନକକଦଳୀକାଣ୍ଡପଟଳୀ—
ମୁଭାଭ୍ୟାମୂରୁଭ୍ୟାମୁଭୟମପି ନିର୍ଜ୍ଜିତ୍ୟ ଭବତୀ ।
ସୁବୃତ୍ତାଭ୍ୟାଂ ପତ୍ୟୁଃ ପ୍ରଣତିକଠିନାଭ୍ୟାଂ ଗିରିସୁତେ
ବିଧିଜ୍ଞେ ଜାନୁଭ୍ୟାଂ ବିବୁଧ କରିକୁମ୍ଭଦ୍ୱୟମପି । ୮୨ ।
ପରାଜେତୁଂ ରୁଦ୍ରଂ ଦ୍ୱିଗୁଣଶରଗର୍ଭୌ ଗିରିସୁତେ
ନିଷଙ୍ଗୌ ଜଙ୍ଘେ ତେ ବିଷମବିଶିଖୋ ବାଢ଼ମକୃତ ।
ଯଦଗ୍ରେ ଦୃଶ୍ୟନ୍ତେ ଦଶଶରଫଳାଃ ପାଦଯୁଗଳୀ—
ନଖାଗ୍ରଚ୍ଛଦ୍ମାନଃ ସୁରମୁକୁଟଶାଣୈକ ନିଶିତାଃ । ୮୩ ।

ଶୈଳସୁତା ! ତବକଟି କ୍ଷୀଣ ସ୍ୱଭାବରେ । ନାଭି-ହ୍ରଦେ ବୁଡ଼ିବ ବା ସ୍ତନ-ତଟ-ଭରେ ॥
କି ବଳି ଦେଖିଲେ ଏହା ଅଶଙ୍କା ଜନ୍ମଇ । କ୍ରମେ କ୍ରମେ ଯେଣୁ ତାହା ସଙ୍କୀର୍ଣ୍ଣ ହୁଅଇ ॥
ହେଲାଣିତ ଭଗ୍ନ ପ୍ରାୟ ପତନ ଉନ୍ମୁଖ । ନଦୀ-ତୀରବର୍ତ୍ତୀ-ତରୁ ସମାନ ପ୍ରତ୍ୟକ୍ଷ ॥
ତେଣୁ ମୁଁ ପ୍ରାର୍ଥନା ମାତ, କରୁଛୁ ଏ ସ୍ଥଳେ । ଚିରକାଳ କଟିତବ ଥାଉ ଗୋ କୁଶଳେ ॥୮୦॥
ବିବାହ କାଳରେ ତବ ପିତା ମହୀଧର । ଗୁରୁତ୍ୱ ବିସ୍ତାର କାଢ଼ି ନିତମ୍ବୁ ତାଙ୍କର ॥
ଯୌତୁକେ ତବ ନିତମ୍ବେ ଦେଇଥିଲେ ଭବ । ହୋଇଛି ତା ଏଡ଼େ ଗୁରୁ ତେଣୁ ଗୋ ଶଙ୍କରୀ
ଚଳନ୍ତେ ବସୁମତୀକି ଭରାକ୍ରାନ୍ତ କରେ । ବିଶ୍ୱ-ସୌନ୍ଦର୍ଯ୍ୟକୁ ଜଣେ ନିଜ ସୌନ୍ଦର୍ଯ୍ୟକେ ॥
ଗିରିଜା ! ତୁମ୍ଭର ବେନି ଊରୁ ବ୍ରହ୍ମାଣ୍ଡରେ । ଗଜରାଜମାନଙ୍କର ଶୁଣ୍ଡ ହେୟ କରେ ॥
କନକ କଦଳୀ ବୃକ୍ଷେ କରି ପରାଜୟ । ପତି ପ୍ରତି ପ୍ରଣତିରୁ ପୁଣି ଜାନୁଦ୍ୱୟ ॥
କଠିନ ବର୍ତ୍ତୁଳ ହୋଇ ଐରାବତ କୁମ୍ଭେ । କରୁଛି ଗୋ ପରାଭୂତ ଧନ୍ୟ ମାତ ! ତୁମ୍ଭେ ॥
ଶିବେ ଜିଣିବାକୁ ବସେ କାମଦେବ ନିଜେ । କରିଛି ତୂଣୀର ତବ ଜଙ୍ଘାକୁ ଗିରିଜେ ।
ଦ୍ୱିଗୁଣ ଶରେ ପୂର୍ଣ୍ଣ କରିଛି ତୂଣୀର । ନଖାଗ୍ର ଫଳକ କିବା ହୋଇଛି ତହିଁର ॥
ସୁର-ମୁକୁଟ ଶାଣେ ଯା ଶାଣିତ ନିଶିତ । ଦରଶନ ମାତ୍ରେ ରୁଦ୍ର ହେଲେ ପରାଜିତ । ୮୩ ।

ତୂଣୀର—ଶରମୁଣା ।

ଶ୍ରୁତୀନାଂ ମୂର୍ଦ୍ଧାନୋ ଦଧତି ତବ ଯୌ ଶେଖରତୟା
ମମାପ୍ୟେତୌ ମାତଃ ଶିରସି ଦୟୟା ଧେହି ଚରଣୌ ।
ଯୟୋଃ ପାଦ୍ୟଂ ପାଥଃ ପଶୁପତିଜଟାଜୂଟତଟିନୀ
ଯୟୋର୍ଲାକ୍ଷାଲକ୍ଷ୍ମୀରରୁଣ ହରିଚୂଡ଼ାମଣିରୁଚିଃ । ୮୪ ।
ହିମାନୀହନ୍ତବ୍ୟଂ ହିମଗିରିନିବାସୈକଚତୁରୌ
ନିଶାୟାଂ ନିଦ୍ରାଣଂ ନିଶି ଚ ପରଭାଗେ ଚ ବିଶଦୌ ।
ପରଂ ଲକ୍ଷ୍ମୀପାତ୍ରଂ ଶ୍ରିୟମତିସୃଜନ୍ତୌ ସମୟିନାଂ
ସରୋଜଂ ତ୍ୱତ୍ପାଦୌ ଜନନି ଜୟତଶ୍ଚିତ୍ରମିହ କିମ୍ । ୮୫ ।
ନମୋବାକଂ ବ୍ରୂମୋ ନୟନରମଣୀୟାୟ ପଦୟୋ—
ସ୍ତବାସ୍ମୈ ଦ୍ୱନ୍ଦ୍ୱାୟ ସ୍ଫୁଟରୁଚିରସାଲକ୍ତକବତେ ।
ଅସୂୟତ୍ୟତ୍ୟନ୍ତଂ ଯଦଭିହନନାୟ ସ୍ପୃହୟତେ
ପଶୂନାମୀଶାନଃ ପ୍ରମଦବନକଙ୍କେଲିତରବେ । ୮୬ ।

ବେଦ-ସମୂହ ତୁମ୍ଭର ଯେ ଚରଣ ବେନି । ଜନନୀ ! ଭୂଷଣ ସମ ଶିରେ ଥାନ୍ତି ଘେନି ॥
କୃପା କର ମୋ ମସ୍ତକେ ସେ ବେନି ଚରଣ । ମହୀଧର-ରାଜକନ୍ୟା ! କର ଗୋ ଅର୍ପଣ ॥
ଯେ ପାଦଦ୍ୱୟର ପାଦ୍ୟ ଉଦକ ଅବର । ଶିବ-ଶିରେ ଗଙ୍ଗାରୂପେ ବହେ ନିରନ୍ତର ॥
ତବ ପଦ ଅଳତାର ପ୍ରଭାବ ବଶେ । ଶିବ-ଚୂଡ଼ା-ମଣି-ଚନ୍ଦ୍ର ରକ୍ତବର୍ଣ୍ଣ ଦିଶେ । ୮୪ ।
ଚରଣ କମଳ ଦ୍ୱୟ ଜନନୀ ! ତୁମ୍ଭର । କମଳକୁ ପରାଜୟ କରିବ ପ୍ରକାର ॥
ହିମପାତେ କମଳତ ବିଧ୍ୱସ୍ତ ହୁଅଇ । ହିମଗିରି ଶିଖେ ତବ ପଦାବ୍ଜ ୧ ଭ୍ରମଇ ॥
ରାତ୍ରେ କମଳ ନିଦ୍ରିତ ହୁଏ ଗୋ ଅବର । ଦିବାନିଶି ପାଦ-ପଦ୍ମ ପ୍ରଫୁଲ୍ଲ ତୁମ୍ଭର ॥
ଲକ୍ଷ୍ମୀଙ୍କ ନିବାସ ସ୍ଥଳ କମଳ କେବଳ । ତବ ପାଦ ପଦ୍ମେ ଭକ୍ତେ ପାନ୍ତି ଶ୍ରୀ ସକଳ ॥
ତେଣୁ ସବୁରୂପେ ହୀନ କମଳ ନିଶ୍ଚିତ । ଚରଣ କମଳେ ତବ ହେବ ପରାଜିତ । ୮୫ ।
ଚରଣ ପ୍ରହାର ତବ ଲଭିବା କାରଣ । ଅଶୋକ, ପ୍ରମୋଦ ବନେ ଇଚ୍ଛେ ଅନୁକ୍ଷଣ ॥
କଠିନ ବୃକ୍ଷରେ ପାଦେ ହେବ ବୋଲି ବ୍ୟଥା । ହୁଅନ୍ତି ଅସୂୟାବଶ ୨ ତେଣୁ ପଶୁନାଥା ॥
ଘେନିଛନ୍ତି ଅଳତାରସେ ଯେ ସୁନ୍ଦର କାନ୍ତି । ସେ ଚରଣେ ନତଶିରେ ନମେ ତେଜଭ୍ରାନ୍ତି ॥

---

୧ । ପଦାବ୍ଜ=ପାଦରୂପକ ପଦ୍ମ । ୨ । ଅସୂୟାବଶ=ଈର୍ଷାନ୍ୱିତ; ସମ୍ବଲପୁରୀ କଥାରେ ଅଡ଼ଙ୍କାଉଥ ।

୮୬ ପଦ:—ଅଶୋକ ବୃକ୍ଷରେ ପଦାଘାତ କଲେ ଯତୀ କାମିନୀମାନଙ୍କର କାମ ବଢ଼ିଥାଏ । କାମ ଶାସ୍ତ୍ରରେ ଲେଖାଅଛି :—"ପଦାଘାତାଦଶୋକୋ ବଦନ ମଦିରୟା କେଶରଃ କର୍ଣ୍ଣିକାରଃ ।"

ମୃଷା କୃତ୍ୱା ଗୋତ୍ରସ୍ଖଲନମଥ ବୈଲକ୍ଷଣମିତଂ
ଲଲଟେ ଭର୍ତାରଂ ଚରଣଯୁଗଳଂ ତାଡ଼ୟତି ତେ ।
ଚିରାଦନ୍ତଃଶଲ୍ୟଂ ଦହନକୃତମୁନ୍ମୂଳିତବତା
ତୁଲାକୋଟିକ୍ୱାଣୈଃ କିଲକିଲିତମୀଶାନରିପୁଣା ।୮୭

ପଦନ୍ତେ କାନ୍ତୀନାଂ ପ୍ରପଦମପଦଂ ଦେବି ବିପଦାଂ
କଥଂ ନୀତଂ ସଦ୍ଭିଃ କଠିନକମଠୀକର୍ପରତୁଲାମ୍ ।
କଥଂ ବା ବାହୁଭ୍ୟାମୁପଯମନକାଲେ ପୁରଭିଦା
ଯଦାଦାୟ ନ୍ୟସ୍ତଂ ଦୃଷଦି ଦୟମାନେନ ମନସା ।୮୮।

ନଖୈର୍ନାକସ୍ତ୍ରୀଣାଂ କରକମଳସଙ୍କୋଚଶଶିଭି
ସ୍ତରୂଣାଂ ଦିବ୍ୟାନାଂ ହସତ ଇବ ତେ ଚଣ୍ଡି ଚରଣୌ ।
ଫଲାନି ସ୍ୱସ୍ଥେଭ୍ୟଃ କିଶଳୟକରାଗ୍ରେଣ ଦଧତାଂ
ଦରିଦ୍ରେଭ୍ୟୋ ଭଦ୍ରାଂ ଶ୍ରିୟମନିଶମହ୍ନାୟ ଦଦତୌ ।୮୯।

ଅନ୍ୟନାରୀ ନାମେ ଯେବେ ରହସ୍ୟେ ଈଶ୍ୱର । ଡାକନ୍ତେ ତୁମ୍ଭଙ୍କୁ ତାଙ୍କ ଲଜ୍ଜାରେ କାତର ॥
ଈଶ୍ୱର, ସେ ସ୍ଥିତି ଦେଖି ତୁମ୍ଭେ କୋପେ ମାତ ! । କରିଥିଲ ଲଲାଟରେ ତାଙ୍କ ପଦାଘାତ ।
ସେ କାଳେ ନୂପୁର ଧ୍ୱନି ଶୁଣି ହେଲା ମନେ । ହର ବୈରୀ ମଦନ କି ହସିଲା ସଘନେ ॥

ଶୋଭା ଅସ୍ପଦ ତୋ ପଦ ବିପଦ ସଂହାରୀ † । କୂର୍ମପୃଷ୍ଠ ସଙ୍ଗେ ବିଜ୍ଞେ ତୁଳନ୍ତି କିପରି ? ॥
ସେ ପଦ ଉଠାଇ କିହିଁ ତ୍ର୍ୟମ୍ବକ ଶଙ୍କର । ବିବାହ କାଳେ ସ୍ଥାପିଲେ ପାଷାଣ ଉପର ? ॥
କିଶଳୟ କରାଗ୍ରରେ * କଳ୍ପ ବୃକ୍ଷମାନ । ଦେବଙ୍କୁ ବାଞ୍ଛିତ ଫଳ କରୁଥାନ୍ତି ଦାନ ॥

ତବ ପଦଦ୍ୱୟ ଦୀନ ଭକତ ନିକରେ । ଅନନ୍ତ ସୌଭାଗ୍ୟ ଶ୍ରୀ ସଦା ଦାନ କରେ ॥
ଦେବସ୍ତ୍ରୀଏ ତେଣୁ ତୋ ପେ ନଖ ଚନ୍ଦ୍ର ପାଶେ । କର-ପଦ୍ମ ଯୋଡ଼ି କରି ରହିଥାନ୍ତି ଅଶେ
ଚଣ୍ଡିକେ ! ଚରଣ ତବ ମେ ନଖରେ ଟରେ । ସୁରତରୁ-ନିକରେ କି ଉପହାସ କରେ ॥

୮୭ପଦ :—ଭଗବତୀ ପତିର ଲଲାଟରେ ଯେବେ କ୍ରୋଧରେ ପଦାଘାତ କରିଥିଲେ ବୋଲି, ଅଦ୍ୟାପି କୌଣସି କୌଣସି ଦେଶରେ ସେହିପ୍ରଥା ବିବାହ ସମୟରେ ରହିଅଛି । ବିବାହ ଦିନ ବର ଆସିବା ମାତ୍ରେ କନ୍ୟାପକ୍ଷ କୌଶଳରେ ଗୋପନରେ କନ୍ୟାକୁ ଆଣି ବରର ଲଲାଟରେ କନ୍ୟାଙ୍କ ଗୋଡ଼ ପ୍ରହାର କରାଇବା ପରେ ବରକୁ ଘର ଭିତରକୁ ନେଇଥାନ୍ତି ।

† ଆପଦ ନାଶିନୀ ।

* ନବପଲ୍ଲବ ।

କଦା କାଲେ ମାତଃ କଥୟ କଲିତାଲକ୍ତକରସଂ
ପିବେୟଂ ବିଦ୍ୟାର୍ଥୀ ତବ ଚରଣନିର୍ଣ୍ଣେଜନଜଲମ୍ ।
ପ୍ରକୃତ୍ୟା ମୂକାନାମପି ଚ କବିତାକାରଣତୟା
ଯଦାଧତ୍ତେ ବାଣୀ ମୁଖକମଲତାମ୍ବୂଲରସତାମ୍ । ୧୦ ।
ପଦନ୍ୟାସକ୍ରୀଡ଼ାପରିଚୟମିବାଲବ୍ଧୁମନସ—
ଶ୍ଚରନ୍ତସ୍ତେ ଖେଳଂ ଭବନକଳହଂସା ନ ଜହତି ।
ଅତସ୍ତେଷାଂ ଶିକ୍ଷାଂ ସୁଭଗମଣିମଞ୍ଜୀରରଣିତ—
ଚ୍ଛଳାଦାଚକ୍ଷାଣଂ ଚରଣକମଲଂ ଚାରୁ ଚରିତେ । ୧୧ ।
ଅରଳା କେଶେଷୁ ପ୍ରକୃତିସରଳା ମନ୍ଦହସିତେ
ଶିରୀଷାଭା ଚିତ୍ତେ ଦୃଷଦୁପଲଶୋଭା କୁଚତଟେ ।
ଭୃଶଂ ତନ୍ୱୀ ମଧ୍ୟେ ପୃଥୁରୁରସିଜାରୋହବିଷୟେ
ଜଗତ୍ତ୍ରାତୁଂ ଶମ୍ଭୋର୍ଜୟତି କରୁଣା କାଚିଦରୁଣା । ୧୨ ।

ତବ ସେ ଚରଣୋଦକ ଅଳତା ମିଶ୍ରିତ । କହ ମା, କରିବ ପାନ କେବେ ଏ ଆଶ୍ରିତ ? ॥
ଯେଉଁ ପାଦ-ଉଦକ ପାନ କଲେ ମୂକ ଲୋକ । ରଚନେ ସମର୍ଥ ହୁଏ ଦିବ୍ୟ-କାବ୍ୟ ଶ୍ଳୋକ
ସ୍ୱମୁଖ ପଦ୍ମସ୍ଥ ପାନ ରସ ସ୍ଥଳେ ବାଣୀ । କରିଥାନ୍ତି ପାନ ତବ ପାଦୋଦକ ଜାଣି । ୧୦ ।
ପାରନ୍ତେ ଗଗନେ ଉଡ଼ି କଳହଂସମାନେ । କିନ୍ତୁ ରହିଛନ୍ତି ତବ ପଦ ସନ୍ନିଧାନେ ॥
ଶିଖିବାକୁ ତବ ପଦ-ବିନ୍ୟାସ-ପାଠକ ୧ । ରହିଛନ୍ତି କିସେ ପଦ ନିକଟରେ ତବ ॥
ଶିକ୍ଷାଦାନେ କୁଶଳ ତୋ ଚରଣ-କମଳେ । ଦଅନ୍ତି କି ଶିକ୍ଷା ସେହି କଳହଂସ ଦଳେ ॥
ଛଳରେ ନୂପୁର ଧ୍ୱନି ଛଳେ ଉଚ୍ଚୈଃସ୍ୱରେ । ପଦ- ବିନ୍ୟାସ-ଗୁରୁଙ୍କ ପଦ-ବିକ୍ଷେପରେ ॥
କେଶ-କଳାପ ବିଷୟେ ତୁହି ମା କୁଟିଳା । ମୃଦୁହାସ୍ୟ-ପ୍ରସଙ୍ଗେ ତୁ ସହଜ-ସରଳା ॥
ଶିରୀଷ କୁସୁମ ସମ ତୋ ଅଙ୍ଗ କୋମଳ । କଠିନ ପାଷାଣ ସମ କୁଚତଟ ସ୍ଥଳ ॥
ଅତଏବ କ୍ଷୀଣ ତବ ମଧ୍ୟଦେଶମାତ୍ର । କିନ୍ତୁ ଅତି ସ୍ଥୂଳ ଜେନି ଜଘନ ବିଖ୍ୟାତ ॥
ଶିବଙ୍କ କରୁଣା କର ମୂରତି ଧାରଣ । ତୁ ଅରୁଣବର୍ଣ୍ଣା ବିଶ୍ୱରକ୍ଷଣ କାରଣ । ୧୨ ।
ଯଥାବିଧାନରେ ପୂଜା ପରିପାଟୀ ତବ । ଚଞ୍ଚଳ-ଇନ୍ଦ୍ରିୟ ଜନ ୨ ପକ୍ଷେ ସୁଦୁର୍ଲଭ ॥
ତୁମ୍ଭେ ଯେଣୁ ତ୍ରିପୁରାରି ମହେଶ୍ୱର-ନାରୀ । ତ୍ରିପୁରଜୟୀ ତୁମ୍ଭର ପୂଜା ଅଧିକାରୀ ॥
ପୂଜ ତବ ଦ୍ୱାର ସମୀପସ୍ଥ ଅଣିମାଦି ୩ । କରିଛନ୍ତି ସିଦ୍ଧିଲାଭ ଦେବେ ଇନ୍ଦ୍ରଆଦି । ୧୩ ।

୧ ପାଦସଞ୍ଚାଳନ ପଟୁତା ଅର୍ଥାତ୍ ଚଳିବାର କୌଶଳ । ୨ ଯେଉଁମାନଙ୍କର ଇନ୍ଦ୍ରିୟ ବଶୀଭୂତ ନୁହେ । ୩ ଅଣିମା = ଅଣୁତ୍ୱ, ଐଶ୍ୱର୍ଯ୍ୟ ବିଶେଷ, ଅତିସୂକ୍ଷ୍ମାବସ୍ଥା, ଶରୀରକୁ ସୂକ୍ଷ୍ମ କରିବାର କ୍ଷମତା । ଦେବତା ଓ ସିଦ୍ଧମାନେ ଅଣିମା ଶକ୍ତିରେ ଜଡ଼ ନିଜ ଶରୀରକୁ ସ୍ୱେଚ୍ଛାରେ ସୂକ୍ଷ୍ମ କରି ଅଲକ୍ଷ୍ୟ ଭାବରେ ସର୍ବତ୍ର ବୁଲନ୍ତି ।

ପୁରାରାତେରନ୍ତଃ ପୁରମସି ତତସ୍ତ୍ୱଚ୍ଚରଣୟୋଃ
ସପର୍ଯ୍ୟାମର୍ଯ୍ୟାଦା ତରଳକରଣାନାମସୁଲଭା ।
ତଥା ହ୍ୟେତେ ନୀତାଃ ଶତମଖମୁଖାଃ ସିଦ୍ଧିମତୁଲାଂ
ତବ ଦ୍ୱାରୋପାନ୍ତ ସ୍ଥିତିଭିରଣିମାଦ୍ୟାଭିରମରାଃ । ୯୩ ।

ଗତାସ୍ତେ ମଞ୍ଚତ୍ୱଂ ଦ୍ରୁହିଣହରିରୁଦ୍ରେଶ୍ୱର ଶିବାଃ
ଶିବଃ ସ୍ୱଚ୍ଛଚ୍ଛାୟା ଘଟିତକପଟ ପ୍ରଚ୍ଛଦପଟଃ ।
ତ୍ୱଦୀୟାନାଂ ଭାସାଂ ପ୍ରତିଫଳନରାଗାରୁଣତୟା
ଶରୀରୀ ଶୃଙ୍ଗାରୋ ରସ ଇବ ଦୃଶାଂ ଦୋଗଧି କୁତୁକମ୍ । ୯୪ ।

କଳଙ୍କଃ କସ୍ତୂରୀ ରଜନିକରବିମ୍ବଂ ଜଳମୟଂ
କଳାଭିଃ କର୍ପୂରୈର୍ମରକତକରଣ୍ଡଂ ନିବିଡ଼ିତମ୍ ।
ଅତସ୍ତ୍ୱଦ୍ଭୋଗେନ ପ୍ରତିଦିନମିଦଂ ରିକ୍ତକୁହରଂ
ବିଧିର୍ଭୂୟୋ ଭୂୟୋ ନିବିଡ଼ୟତି ନୂନଂ ତବ କୃତେ । ୯୫ ।

ସ୍ୱଦେହୋଦ୍ଭୂତାଭିର୍ଘୃଣିଭିରଣିମାଦ୍ୟାଭିରଭିତୋ
ନିଷେବ୍ୟାଂ ନିତ୍ୟେ ତ୍ୱାମହମିତି ସଦା ଭାବୟତି ଯଃ ।
କିମାଶ୍ଚର୍ଯ୍ୟଂ ତସ୍ୟ ତ୍ରିନୟନସମୃଦ୍ଧିଂ ତୃଣୟତୋ
ମହାସମ୍ବର୍ତ୍ତାଗ୍ନିର୍ବିରଚୟତି ନୀରାଜନବିଧିମ୍ । ୯୬ ।

ବ୍ରହ୍ମା ବିଷ୍ଣୁ, ରୁଦ୍ର ଈଶ ପୁଣି ସଦାଶିବ । ହୋଇଛନ୍ତି ପାଦପୀଠ ସିଂହାସନେ ତବ ॥
ଶୋଇଛନ୍ତି ପରଶିବ ସିଂହାସନୋପର । ସ୍ୱଚ୍ଛ କାନ୍ତି ଦିଶେ ତାଙ୍କ ଶଯ୍ୟା-ବାସ ପର ॥
ତବ କାନ୍ତିରେ ହୋଇଣି ତା ପ୍ରତିବିମ୍ବିତ । ଦିଶୁଛି ଅରୁଣବର୍ଣ୍ଣ ଯା ଦେଖି ମୋହିତ-
ହୁଅନ୍ତି ଦର୍ଶକଗଣ, କୌତୁକେ ଭାବନ୍ତି । ମୂର୍ତ୍ତିମନ୍ତ ଆଦିରସ ବୋଲି ଗୋ ପାର୍ବତୀ ।୯୪।
ଏଣେ ଚନ୍ଦ୍ରମାମଣ୍ଡଳ ତବ ପାଶେ ଦିଶେ । ମରକତମଣିମୟ ସୁଧାପାତ୍ର କି ସେ ॥
ଚନ୍ଦ୍ରିକା-ଅମୃତ ପୁଣି କଳଙ୍କ କସ୍ତୁରୀ । କଳା-କର୍ପୂର ଖଣ୍ଡେ ଯା ସଦା ଥାଏ ପୂରି ॥
ତବ ପୂଜା ପାଇଁ ଧାତା ସଜାଡ଼େ ନିରତେ । ଶୂନ୍ୟପାତ୍ର କରେ ପୂର୍ଣ୍ଣ ତବ ଭୋଗ ଅନ୍ତେ
ଅଗୋ ନିତ୍ୟେ ! ତବ ଦେହଜାତ-ସର୍ବଜ୍ୟୋତି । ଅଣିମାଦି ଆବରଣ ଦେବତା ବୋଲନ୍ତି
"ସେ ଦେବେ ଯାହାକୁ ସେବିଥାନ୍ତି ଭକ୍ତି କରି । ମୁହିଁ ସେହି ଭଗବତୀ ତ୍ରିପୁର[୧] ସୁନ୍ଦରୀ"
ଏମନ୍ତ ସୋଽହଂଭାବେ ଯେ ତୁମ୍ଭଙ୍କୁ ଚିନ୍ତଇ । ଶିବଙ୍କ ସମ୍ପଦେ ତୃଣ ସମ ସେ ମଣଇ ॥
ମହାପ୍ରଳୟରେ ମଧ୍ୟ ସର୍ବସଂହାରକ- । ମହାପ୍ରଳୟାଗ୍ନି ହୁଏ ତାହାର ସେବକ । ୯୬ ।

---

୧ । ଧର୍ମାର୍ଥକାମ ପ୍ରଦାୟିନୀ ଦେବୀ ବିଶେଷ ।

କଲତ୍ରଂ ବୈଧାତ୍ରଂ କତି କତି ଭଜନ୍ତେ ନ କବୟଃ
ଶ୍ରିୟୋ ଦେବ୍ୟାଃ କୋ ବା ନ ଭବତି ପତିଃ କୈରପି ଧନୈଃ ।
ମହାଦେବଂ ହିତ୍ୱା ତବ ସତି ସତୀନାମଚରମେ
କୁଚାଭ୍ୟାମାସଙ୍ଗଃ କୁରୁବକତରୋରପ୍ୟସୁଲଭଃ ।୯୭।
ଗିରାମାହୁର୍ଦେବୀଂ ଦ୍ରୁହିଣଗୃହିଣୀମାଗମବିଦୋ
ହରେଃ ପତ୍ନୀଂ ପଦ୍ମାଂ ହରସହଚରୀମଦ୍ରିତନୟାମ୍ ।
ତୁରୀୟା କାପି ତ୍ୱଂ ଦୁରଧିଗମନିଃସୀମମହିମା
ମହାମାୟା ବିଶ୍ୱଂ ଭ୍ରମୟସି ପରବ୍ରହ୍ମମହିଷି । ୯୮ ।
ସମୁଦ୍ଭୂତ ସ୍ଥୂଲସ୍ତନଭରମୁରଶ୍ଚାରୁ ହସିତଂ
କଟାକ୍ଷେ କନ୍ଦର୍ପାଃ କତି ଚ ନ କଦମ୍ବଦ୍ୟୁତିବପୁଃ ।
ହରସ୍ୟ ତ୍ୱଦ୍ଭ୍ରାନ୍ତିଂ ମନସି ଜନୟାମାସ ମଦନୋ
ଭବତ୍ୟାଂ ଯେ ଭକ୍ତାଃ ପରିଣତିରମୀଷାମିୟମୁମେ । ୯୯ ।

ଅଗୋ ମାତ ! ବାମଦେବ ଦେହାର୍ଦ୍ଧଧାରଣୀ ! । ତୁମ୍ଭେ ଏକା ସତୀ ଅଟ ସକଳ ଧରଣୀ ॥
ସତୀବୋଲି ଜଗତରେ ଅଛି ଯେତେଛନ୍ତି । ସେ ସର୍ବେ ତ କୁରୁବକ ୧ ବୃକ୍ଷେ ଅଲିଙ୍ଗନ୍ତି
କିନ୍ତୁ ତୁମ୍ଭେ ଶିବେ ଛାଡ଼ି କୁରୁବକେ ସୁଦ୍ଧା । ଅଲିଙ୍ଗନ କରି ନାହିଁ ଗୋ ସତୀ ବିଶୁଦ୍ଧା ! ॥
ସରସ୍ୱତୀ ଅଟନ୍ତି ଯେ ବ୍ରହ୍ମାଙ୍କ ବନିତା । ହେଉ ନାହାନ୍ତି ସେ କେଉଁ କବି କଣ୍ଠାଶ୍ରିତା ?
ବିଷ୍ଣୁ-ଭାର୍ଯ୍ୟା ଲକ୍ଷ୍ମୀକଥା କି କହିବି ମାଏ । ଧନ ଯାର ଅଛି ଲକ୍ଷ୍ମୀ ପତି ସେ ବୋଲାଏ ॥
ବେଦଜ୍ଞେ ବ୍ରହ୍ମା ପତ୍ନୀଙ୍କି ବାଗ୍‌ଦେବୀ ବୋଲନ୍ତି । ବିଷ୍ଣୁଙ୍କ ପତ୍ନୀଙ୍କି ଲକ୍ଷ୍ମୀ ସେ କହନ୍ତି
ଗୋ ପରଂବ୍ରହ୍ମ ମହିଷୀ ! ବେଦଙ୍କ ଅବର । ଗିରିସୁତାଙ୍କୁ କହନ୍ତି ପତ୍ନୀ ହରଙ୍କର ॥
ମହାମାୟା ! ତୁମ୍ଭେ ସେହି ତିନି ଶକ୍ତି ନହୁଁ । ଗୁଣତ୍ରୟାତୀତା ତଥା ଅତିରିକ୍ତ ଅହୁଁ ॥
ନିରୂପଣ କରିବାକୁ ସ୍ୱରୂପ ତୁମ୍ଭର । ହେ ବିଶ୍ୱଜନନୀ ! ନାହିଁ ସାମର୍ଥ୍ୟ ମୋହର ॥
ତବ ମହିମାର ସୀମା ନୁହେ ନିରୂପିତ । ବ୍ରହ୍ମାଣ୍ଡ-ମଣ୍ଡଳ ତୁମ୍ଭେ କରୁଛ ମୋହିତ ।୯୮।
ଯେବେ ଅର୍ଦ୍ଧନାରୀଶ୍ୱର ହେଲେ ମହେଶ୍ୱର । ଜନ୍ମାଇ ଦେଲା ବିଭ୍ରମ ତାଙ୍କ ମନେ ସ୍ମର ॥
ଉଠିଲା ହରଙ୍କ ବକ୍ଷେ ପୀନପୟୋଧର । ମୁଖେ ପ୍ରକାଶିଲା ହାସ୍ୟ ମୃଦୁ ମନୋହର ॥
କଟାକ୍ଷେ ରହିଲେ ଶତଶତ ପଞ୍ଚଶର । କଦମ୍ବ କୁସୁମ ସମ ହେଲା କଳେବର ॥
ତେଣୁ ମନେ ମନେ ଶିବ ଭାବିଲେ ଏସନ । ମୁହିଁ ସ୍ୱୟଂ ଭଗବତୀ ତ୍ରିପୁରା ବୋଲିଣ ॥
ଜନନୀ ! ତୁମ୍ଭର ଭକ୍ତ ଯେ ଜନ ଅଟଇ । ଅଭିନ୍ନ ଭାବେ ସେ ଭକ୍ତ ତୁମ୍ଭଙ୍କୁ ଭଜଇ ॥
ଶିବଙ୍କ ପରିଯେ ଗତି ତାହାରି ହୁଅଇ । ଯେ ଭକ୍ତ ଅଭିନ୍ନଭାବେ ତୁମ୍ଭଙ୍କୁ ଭଜଇ ॥
ଶେଷ ଲଭେ ସାରୂପ୍ୟ ମୁକ୍ତି ଆଗୋ ଭଗବତୀ । ଏ ସିଦ୍ଧାନ୍ତବାଣୀ କହୁଛନ୍ତି ସର୍ବଯତି ।୯୯।

---

୧ । ଝିଣ୍ଟୀପୁଷ୍ପବୃକ୍ଷ । କୁରୁବକ ବୃକ୍ଷକୁ ଅଲିଙ୍ଗନ କଲେ ସ୍ତ୍ରୀମାନଙ୍କର କାମ ବଢ଼େ । କାମଶାସ୍ତ୍ରେ ଯଥାଃ—କୁରୁବକତରୁରାଲିଙ୍ଗନତ ସିନ୍ଧୁବାର ଇତ ।"

ସରସ୍ୱତ୍ୟା ଲକ୍ଷ୍ମ୍ୟା ବିଧିହରିସପତ୍ନୋ ବିହରତେ
ରତେଃ ପାତିବ୍ରତ୍ୟଂ ଶିଥିଳୟତି ରମ୍ୟେଣ ବପୁଷା ।
ଚିରଂ ଜୀବନ୍ନେବ କ୍ଷପିତ ପଶୁପାଶବ୍ୟତିକରଃ
ପରଂ ବ୍ରହ୍ମାଭିଖ୍ୟଂ ରସୟତି ରସଂ ତ୍ୱଦ୍ଭଜନବାନ୍ । ୧୦୦

ନିଧେ ନିତ୍ୟସ୍ମେରେ ନିରବଧିଗୁଣେ ନୀତିନିପୁଣେ
ନିରାଘାଟଜ୍ଞାନେ ନିୟମପରଚିତ୍ତୈକନିଲୟେ ।
ନିୟତ୍ୟା ନିର୍ମୁକ୍ତେ ନିଖିଳନିଗମାନ୍ତ ସ୍ତୁତପଦେ
ନିରାତଙ୍କେ ନିତ୍ୟେ ନିଗମୟ ମମାପି ସ୍ତୁତିମିମାମ୍ । ୧୦୧ ।

ପ୍ରଦୀପଜ୍ୱାଲାଭିର୍ଦିବସକରନୀରାଜନବିଧିଃ
ସୁଧାସୂତେଶ୍ଚନ୍ଦ୍ରୋପଲଜଲଲବୈରର୍ଘ୍ୟରଚନା ।
ସ୍ୱକୀୟୈରମ୍ଭୋଭିଃ ସଲିଲନିଧିସୌହିତ୍ୟ ଜନନଂ
ତ୍ୱଦୀୟାଭିର୍ବାଗ୍ଭିସ୍ତବ ଜନନି ବାଚାଂ ସ୍ତୁତିରିୟମ୍ । ୧୦୨ ।

ଜନନୀ ! ଯେଉଁ ସାଧକ ଭକ୍ତି ସହିତରେ । ଅନନ୍ୟ ଗତି ହୋଇଣ ତବ ସେବା କରେ ॥
ବ୍ରହ୍ମା ବିଷ୍ଣୁଙ୍କର ସେହି ସପତ୍ନୀ† ହୁଅଇ । ସରସ୍ୱତୀ ଲକ୍ଷ୍ମୀ ସଙ୍ଗେ ବିହାର କରଇ ॥
ନିଜ ସୌନ୍ଦର୍ଯ୍ୟରେ ସେହି ସାଧକ ତ୍ୱରିତ । ରତିର ପାତିବ୍ରତ୍ୟକୁ କରେ ଶିଥିଳିତ ॥
ଚିରଞ୍ଜୀବୀ ହୋଇ ଅଜ୍ଞାନ ପାଶକୁ ଛିଣ୍ଡାଏ । ପରମବ୍ରହ୍ମାନନ୍ଦ ସେ ସଦା ଭୋଗୁଥାଏ ।୧୦୦।

ଗୋ ନିଧେ ! ଗୋ ନିତ୍ୟହାସ୍ୟେ ! ନିରବଧିଗୁଣେ । ନିରାଘାଟଜ୍ଞାନେ ! ମାତ !
ସୁନୀତିନିପୁଣେ ! ॥
ଗୋ ନିୟମପରାୟଣେ ! ନିୟତି ନିର୍ମୁକ୍ତେ । ଚିତ୍ତୈକ-ନିଳୟେ ! ନିତ୍ୟେ ! ନିରାତଙ୍କେ !
ସୁକ୍ତେ ! ॥
କରିଦିଅ ବେଦସମ ଏ ସ୍ତବକୁ ମମ । ସ୍ତୁବନ୍ତି ଶ୍ରୀପଦେ ତବ ନିଖିଳ ନିଗମ । ୧୦୧ ।

ନିଜ କରେ ଅଗ୍ନି ବ୍ୟାପି ବିଶ୍ୱେ ଯେ ସର୍ବଥା । ସେ ରବିକୁ ପ୍ରଦୀପରେ ପୂଜା କଲେ ଯଥା ।
ଚନ୍ଦ୍ରକାନ୍ତମଣିଜାତ ଅମୃତ ବିନ୍ଦୁରେ । ଯଥା ପୂଜା ହୁଏ ଚନ୍ଦ୍ର ଅମୃତ-ସିନ୍ଧୁରେ ॥
ସମୁଦ୍ର ସଲିଳେ ଯଥା ସମୁଦ୍ର-ତର୍ପଣ । ବାକ୍ୟ-ମାତ ! ତବ ବାକ୍ୟେ ମୋ ସ୍ତବ ତେମନ

---

† ସପତ୍ନୀ=ସମାନ ପତ୍ନୀ ଯାହାର ।

ମଞ୍ଜୀରଶୋଭିତପଦାଂ ବଳିଶୋଭିମଧ୍ୟାଂ
ହାରାଳିରମ୍ୟକୁଚମଣ୍ଡଳହାରିଭାସମ୍
ଲୀଳାଷ୍ଟକଂ ହିମମହୀଧରକନ୍ୟକାୟାଂ
ଜ୍ଞାନପ୍ରଦୀପମିମମୀଶ୍ୱରଦୀପଦାପ୍ତମ୍ । ୧୦୩ ।

ଇତ୍ଥଂ ଶଙ୍କର ମୂର୍ତ୍ତିନା ଭଗବତା ବାଗ୍ଦେବତା ସ୍ପନ୍ଦନା
ଶ୍ରୀସୌନ୍ଦର୍ଯ୍ୟସୁଧାନଦୀସ୍ତୁତିରିୟଂ କୃତ୍ୱା ବଚସା ଗୁଣୈଃ ।
ଅତ୍ରତ୍ୟ ଧୃତଶକ୍ତିଭିର୍ଦ୍ଦଶଶତାବୃତ୍ତ୍ୟାନରୈଃ ସାଧକୈ—
ସ୍ତାନ୍ କୁର୍ବୀତ କବୀନ୍ ନରେନ୍ଦ୍ର ମୁକୁଟୀସଂଘୃଷ୍ଟପାଦାମ୍ବୁଜାନ୍ । ୧୦୪ ।

ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତ ଆନନ୍ଦଲହରୀ

ସମାପ୍ତା ।

ନୂପୁରେ ଶୋଭିତ ପଦ ଯୁଗଳ ଯାହାର । ମଧ୍ୟ ଦେଶ ତ୍ରିବଳିରେ ଦିଶେ ମନୋହର ॥
ସ୍ତନତଟ ହାରାବଳୀ ଯୋଗେ ସୁଶୋଭନ । ବିକଚ-କମଳ ଦଳ ପ୍ରାୟ ଯା ନୟନ ॥
ଏମନ୍ତ ଯେ ଲୀଳାମୟୀ ହିମବନ୍ତ ସୁତା । ହୋଇଛନ୍ତି ଜ୍ଞାନ-ଦୀପ ରୂପେ ଅବତୀର୍ଣ୍ଣା ॥
ଈଶ୍ୱର-ରୂପୀ-ବର୍ତ୍ତିରେ † ସଦା ପ୍ରକାଶିତ । ତାହାଙ୍କର ସେବା ମୁହିଁ କରଇଁ ବିନୀତ ।୧୦୩।

ଶ୍ରୀ ଶଙ୍କର ଭଗବାନ ଶଙ୍କର ମୂରତି । ଶ୍ରୀ ସୌନ୍ଦର୍ଯ୍ୟ-ସୁଧା ନଦୀ ରୂପୀ ଏହି ସ୍ତୁତି ॥
ରଚିଲେ ସାଧକଙ୍କର ମଙ୍ଗଳ କାରଣ । ସହସ୍ର ବାର ଏହା ଯେ କରିବ ପଠନ ॥
ଶ୍ରେଷ୍ଠ କବି ହେବ ସେହି ହେଲେ ଧୃତଶକ୍ତି ✱ । ରାଜାମାନେ ତାର ପ୍ରତି ଦେଖାଇବେ ଭକ୍ତି ।୧୦୪।

—o—

---

† ବଳିତା । ✱ ଯୋଗଶକ୍ତିଧାରଣ ।

ବାକ୍ୟବୃତ୍ତିଃ

ସର୍ଗସ୍ଥିତିପ୍ରଳୟହେତୁମଚିନ୍ତ୍ୟଶକ୍ତିଂ
ବିଶ୍ୱେଶ୍ୱରଂ ବିଦିତବିଶ୍ୱମନନ୍ତ ମୂର୍ତ୍ତିମ୍ ।
ନିର୍ମୁକ୍ତବନ୍ଧନମପାରସୁଖାମ୍ବୁରାଶିଂ
ଶ୍ରୀବଲ୍ଲଭଂ ବିମଲବୋଧଘନଂ ନମାମି । ୧ ।

ଯସ୍ୟ ପ୍ରସାଦାଦହମେବ ବିଷ୍ଣୁର୍ମୟ୍ୟେବ ସର୍ବଂ ପରିକଳ୍ପିତଞ୍ଚ ।
ଇତ୍ଥଂ ବିଜାନାମି ସଦାତ୍ମରୂପଂ ତସ୍ୟାଙ୍ଘ୍ରି ପଦ୍ମ ପ୍ରଣତୋଽସ୍ମି ନିତ୍ୟମ୍ । ୨ ।

ତାପତ୍ରୟାର୍କସନ୍ତପ୍ତଃ କଶ୍ଚିଦୁଦ୍‌ବିଗ୍ନମାନସଃ ।
ଶମାଦିସାଧନୈର୍ଯୁକ୍ତଃ ସଦ୍‌ଗୁରୁଂ ପରିପୃଚ୍ଛତି । ୩ ।

ଅନାୟାସେନ ଯେନାସ୍ମାନ୍ମୁଚ୍ୟେୟଂ ଭବବନ୍ଧନାତ୍ ।
ତନ୍ମେ ସଂକ୍ଷିପ୍ୟ ଭଗବନ୍ କୈବଲ୍ୟଂ କୃପୟା ବଦ । ୪ ।
ସାଧ୍ୱୀ ତେ ବଚନବ୍ୟକ୍ତିଃ ପ୍ରତିଭାତି ବଦାମି ତେ ।
ଇଦଂ ତଦିତି ବିସ୍ପଷ୍ଟଂ ସାବଧାନମନାଃ ଶୃଣୁ । ୫ ।

ବାକ୍ୟବୃତ୍ତିଃ

ସୃଷ୍ଟି-ସ୍ଥିତି-ଲୟ-ହେତୁ ଅଚିନ୍ତ୍ୟ ଶକତି । ବିଶ୍ୱେଶ୍ୱର ବିଶ୍ୱଜ୍ଞାତ ଅନନ୍ତ ମୂରତି ॥
ଭବ-ବନ୍ଧନୁଁ ଯେ ମୁକ୍ତ ସୁଖ ପାରାବାର । ବିମଲ ଚିଦ୍‌ଘନ ଶ୍ରୀଶେ କରେଁ ନମସ୍କାର ।୧।
ଯାହାଙ୍କ ପ୍ରସାଦେ ମୁହିଁ ବିଷ୍ଣୁତ୍ୱ ଲଭୁଛି । ଯେ ଅସ୍ମାରେ ସର୍ବବିଶ୍ୱ କଳ୍ପିତ ହୋଇଛି ॥
ସେ ସଦାତ୍ମା ଜାଣିଛି ମୁଁ ଯାଙ୍କ କୃପାବଳେ । ସଦା ପ୍ରଣମେ ସେ ଗୁରୁ ପାଦ ପଦ୍ମ ତଳେ
ତ୍ରିତାପ ତପନ ତପ୍ତ ହୋଇ ଶିଷ୍ୟ ଜଣେ । ଯୁକତ ସେ ପୁଣି ଶମଦମାଦି ସାଧନେ ॥
ଉଦ୍‌ବିଗ୍ନ ମାନସେ ଦନେ ଯୋଡ଼ି ବେନିପାଣି । ସଦ୍‌ଗୁରୁଙ୍କୁ ପଚାରିଲେ ଭାଷି ମୃଦୁବାଣୀ
"ଅହେ ପ୍ରଭୁ କି ଉପାୟ ଅବଲମ୍ବନରେ । ଭବ ବନ୍ଧୁଁ ମୁକ୍ତିଲାଭ ହୁଏ ସହଜରେ ? ॥
ସେ କୈବଲ୍ୟ ମୁକ୍ତିଲାଭ ଉପାୟ ମୋ ଆଗେ । କହ ସଂକ୍ଷେପରେ କୃପାକରି ଅନୁରାଗେ ॥
ତା ଶୁଣି କହିଲେ ଗୁରୁ "ସାଧୁ ତବ କଥା । ହେ ଶିଷ୍ୟ ମୋ ମାନସକୁ ଘେନିଲା ସର୍ବଥା
ତବ ପ୍ରଶ୍ନର ଉତ୍ତର ସ୍ପଷ୍ଟରୂପେ ପୁଣି । କହୁଛି ମୁଁ ସାବଧାନଚିତ୍ତ ହୋଇ ଶୁଣ । ୫ ।

ଶ୍ରୀଲକ୍ଷ୍ମୀପତିଙ୍କୁ ।

ତତ୍ତ୍ୱମସ୍ୟାଦି ବାକ୍ୟୋତ୍ଥଂ ଯଜ୍ଜୀବପରମାତ୍ମନୋଃ ।
ତାଦାତ୍ମ୍ୟବିଷୟଂ ଜ୍ଞାନଂ ତଦିଦଂ ମୁକ୍ତିସାଧନମ୍ । ୬ ।

କୋ ଜୀବଃ କଃ ପରଶ୍ଚାତ୍ମା ତାଦାତ୍ମ୍ୟଂ ବା କଥନ୍ତୟୋଃ ।
ତତ୍ତ୍ୱମସ୍ୟାଦିବାକ୍ୟଂ ବା କଥଂ ତତ୍ ପ୍ରତିପାଦୟେତ୍ । ୭ ।

ଅତ୍ର ବ୍ରୂମ ସମାଧାନଂ କୋଽନ୍ୟୋ ଜୀବ ସ୍ତ୍ୱମେବ ହି ।
ଯସ୍ତ୍ୱଂ ପୃଚ୍ଛସି ମାଂ କୋଽହଂ ବ୍ରହ୍ମୈବାସି ନ ସଂଶୟଃ । ୮ ।

ପଦାର୍ଥମେବ ଜାନାମି ନାଦ୍ୟାପି ଭଗବନ୍ ସ୍ଫୁଟମ୍ ।
ଅହଂ ବ୍ରହ୍ମେତି ବାକ୍ୟାର୍ଥଂ ପ୍ରତିପଦ୍ୟେ କଥଂ ବଦ । ୯ ।

ସତ୍ୟମାହ ଭବାନତ୍ର ବିଜ୍ଞାନଂ ନୈବ ବିଦ୍ୟତେ ।
ହେତୁଃ ପଦାର୍ଥ ବୋଧୋହି ବାକ୍ୟାର୍ଥାବଗତେରିହ । ୧୦ ।

ଅନ୍ତଃକରଣତଦ୍ଵୃତ୍ତିସାକ୍ଷୀ ଚୈତନ୍ୟବିଗ୍ରହଃ ।
ଆନନ୍ଦରୂପଃ ସତ୍ୟଃ ସନ୍ କିଂ ନାତ୍ମାନଂ ପ୍ରପଦ୍ୟସେ । ୧୧ ।

ସତ୍ୟାନନ୍ଦସ୍ୱରୂପଂ ଧୀସାକ୍ଷିଣଂ ବୋଧବିଗ୍ରହମ୍ ।
ଚିନ୍ତୟାତ୍ମତୟା ନିତ୍ୟଂ ତ୍ୟକ୍ତ୍ୱା ଦେହାଦିଗାଂ ଧିୟମ୍ । ୧୨ ।

ତତ୍ତ୍ୱମସି ଆଦିବାକ୍ୟ କରଣ ବିଗ୍ରହ । ଜୀବାତ୍ମା ପରମାତ୍ମାରେ ଐକ୍ୟଜ୍ଞାନ ଯାର ॥—
ଉପୁଜଇ, ମୁକତିକି ଲଭଇ ସେ ଜନ । ସେହି ଜ୍ଞାନଟି ଅଟଇ ମୁକତି କାରଣ" । ୬ ।
ତା ଶୁଣି ଗୁରୁଙ୍କୁ ପୁଣି କହନ୍ତି ସେ ଶିଷ୍ୟ । ଜୀବ କ'ଣ । ପରମାତ୍ମା କହ ଅଟେ କସ ? ॥
"ତତ୍ତ୍ୱମସି" ଏହିବାକ୍ୟ କହ କି ରୂପରେ । ଜୀବ ପରମାତ୍ମା ଐକ୍ୟ ପ୍ରତିପନ୍ନ କରେ ?,
ଶ୍ରୀଗୁରୁ କହନ୍ତି ଶୁଣ ଏହା ସମାଧାନ । '"ମୁଁ କିଏ ?" ଏ ପ୍ରଶ୍ନ ଯେହୁ କରଇ ବଖାଣ ॥
ସେହି ପ୍ରଶ୍ନକର୍ତ୍ତା ତୁମ୍ଭେ ଜୀବ ବୋଲି ଜାଣ । ତୁମ୍ଭେହିଁ ବ୍ରହ୍ମସ୍ୱରୂପେ ହୋଇଛ ନିଦାନ ॥୮॥
ଶିଷ୍ୟ କହେ ପରସ୍ଫୁଟ ରୂପେ ଭଗବାନ ! । ଏବେ ମଧ୍ୟ ହୋଇନାହିଁ ମୋ ପଦାର୍ଥଜ୍ଞାନ ॥
"ମୁହିଁ ବ୍ରହ୍ମ" ଏ ବାକ୍ୟାର୍ଥ କହ କି ପ୍ରକାରେ । ପ୍ରତିପନ୍ନ ହେବ ଗୁରୋ, କୃପା କରିବାରେ
ଉତ୍ତରଲେ ଗୁରୁ ତୁମ୍ଭେ କହିଲ ନିଦାନ । ଏବେ ଯାଏ ଜାଣିନାହିଁ ତୁମ୍ଭର ବିଜ୍ଞାନ ।
ମନେରଖ ଏହା ତୁମ୍ଭେ ହୋଇ ସାବଧାନ । ପଦାର୍ଥ ଜାଣିଲେ ହୁଏ ବାକ୍ୟାର୍ଥରେ ଜ୍ଞାନ ॥
ଅନ୍ତଃକରଣ ଓ ତାର ବୃତ୍ତି ସମୂହର- । ସାକ୍ଷୀସ୍ୱରୂପ ଚୈତନ୍ୟମୂରତି ଅବର ॥
ଆନନ୍ଦସ୍ୱରୂପ ସତ୍ୟବସ୍ତୁ ଆତ୍ମରୂପ— । ତୁମ୍ଭେ ହୋଇ, ଜାଣୁନାହିଁ ନିଜକୁ କିରୂପ ? ॥
ଦେହାଦିରେ ଆତ୍ମବୁଦ୍ଧି କରି ପରିତ୍ୟାଗ । ସତ୍ୟ ଚିନ୍ମୟ ବସ୍ତୁକୁ କର ଅନୁରାଗ ॥
ଆନନ୍ଦରୂପ ବୁଦ୍ଧିର ସାକ୍ଷୀ ଯେ ଅବର । ଆତ୍ମସ୍ୱରୂପରେ ତାକୁ ଚିନ୍ତ ନିରନ୍ତର । ୧୨ ।

ରୂପାଦିମାନ୍ ଯତଃ ପିଣ୍ଡସ୍ତତୋ ନାତ୍ମା ଘଟାଦିବତ୍ ।
ବିୟଦାଦିମହାଭୂତ ବିକାରତ୍ୱାଚ୍ଚ କୁମ୍ଭବତ୍ । ୧୩ ।
ଅନାତ୍ମା ଯଦି ପିଣ୍ଡୋଽୟମୁକ୍ତ ହେତୁବଳାନ୍ମତଃ ।
କରାମଲକବତ୍ ସାକ୍ଷାଦାତ୍ମାନଂ ପ୍ରତିପାଦୟ । ୧୪

ଘଟଦ୍ରଷ୍ଟା ଘଟାଦ୍ଭିନ୍ନଃ ସର୍ବଥା ନ ଘଟୋ ଯଥା ।
ଦେହଦ୍ରଷ୍ଟା ତଥା ଦେହୋ ନାହମିତ୍ୟବଧାରୟ । ୧୫ ।

ଏବମିନ୍ଦ୍ରିୟଦୃକ୍ ନାହମିନ୍ଦ୍ରିୟାଣୀତି ନିଶ୍ଚିନୁ ।
ମନୋବୁଦ୍ଧିସ୍ତଥା ପ୍ରାଣୋ ନାହମିତ୍ୟବଧାରୟ । ୧୬ ।

ସଙ୍ଘାତୋଽପି ତଥା ନାହମିତି ଦୃଶ୍ୟବିଲକ୍ଷଣମ୍ ।
ଦ୍ରଷ୍ଟାରମନୁମାନେନ ନିପୁଣଂ ସମ୍ପ୍ରଧାରୟ । ୧୭ ।

ଦେହେନ୍ଦ୍ରିୟାଦୟୋ ଭାବା ହାନାଦିବ୍ୟାପୃତିକ୍ଷମାଃ ।
ଯସ୍ୟ ସନ୍ନିଧିମାତ୍ରେଣ ସୋଽହମିତ୍ୟବଧାରୟ । ୧୮ ।

ଘଟଆଦି ପ୍ରାୟ ଦେହ ରୂପାଦି ଯୁକତ [୧] । ଆତ୍ମାର ରୂପାଦି ନାହିଁ ବୁଝ ଏହିମତ ॥
ଏଣୁ ଦେହ କେବେ ଆତ୍ମା ହୋଇ ନ ପାରଇ । ପଞ୍ଚଭୂତର ବିକାର ଏଦେହ ଅଟଇ ॥
ଏଣୁ ଏ ଦେହ ଅନାତ୍ମା ବୋଲି ନିଶ୍ଚେ ଜାଣି । ଆତ୍ମା ଓ ଦେହ କଦାଚ ନୁହଇ ସମାନ ॥
କରସ୍ଥିତ ଅଁଳା ପ୍ରାୟ ଆତ୍ମା ଦେହେ ସ୍ଥିତ । ସାକ୍ଷାତରୂପେ ଆତ୍ମାକୁ କରିବ ନିଶ୍ଚିତ ॥
ଘଟଦ୍ରଷ୍ଟା ଲୋକ [୨] ଘଟଠାରୁ ଭିନ୍ନ ଯଥା । ଆତ୍ମା ଦେହ ଭିନ୍ନଭିନ୍ନ ଅଟଇ ସର୍ବଥା ॥
ସେହିପରି ଦେହଦ୍ରଷ୍ଟା ଆତ୍ମାଟି ଅଟଇ । ଏଣୁ ଦେହ ଆତ୍ମା ଏକ ପଦାର୍ଥ ନୁହଇ । ୧୫ ।
ସେ ରୂପେ ଇନ୍ଦ୍ରିୟ ଦ୍ରଷ୍ଟା ଅଟଇଁ ମୁଁ ଯେଣୁ । ମୁହିଁ (ଆତ୍ମା) ନୁହଇ ଇନ୍ଦ୍ରିୟ ଏହା ଭାବ ତେଣୁ
ମନ ବୁଦ୍ଧି ଜୀବନର ଦ୍ରଷ୍ଟା ମୁହିଁ ଜାଣ । କଦାପି ନୁହଇ ମୁହିଁ ମନ ବୁଦ୍ଧିପ୍ରାଣ । ୧୬ ।
ଦେହ ଇନ୍ଦ୍ରିୟାଦି ଆତ୍ମା ନୁହଇ ଯେପରି । ତା' ସମଷ୍ଟି ମଧ୍ୟ ଆତ୍ମା ନୁହଇ ସେପରି ॥
ଦୃଶ୍ୟ ପଦାର୍ଥରୁ ଆତ୍ମା ପୃଥକ ଅଟଇ । ନିଖିଳ ପଦାର୍ଥକୁ ସେ ସର୍ବଦା ଦେଖଇ । ୧୭ ।
ଦେହଇନ୍ଦ୍ରିୟାଦି ଯାର ସାନ୍ନିଧ୍ୟ-କାରଣ [୩] । ତ୍ୟାଗ ଗ୍ରହଣ ବ୍ୟାପାରେ ହୁଅଇ ଭାଜନ ॥
"ସେହି ଆତ୍ମା ମୁହିଁ" ଏହି ସିଦ୍ଧାନ୍ତ ବଚନ । ହେ ଶିଷ୍ୟ ସର୍ବଦା ଶବ୍ଦେ କରିବ ଧାରଣ

---

୧ ଅକୃତିମନ୍ତ । ମୂର୍ତ୍ତିବିଶିଷ୍ଟ । ୨ କୁମ୍ଭ ଦେଖି ବା ମନୁଷ୍ୟ । ୩ନୈକଟ୍ୟ ହେତୁ, ପାଖରେ ଥିବାରୁ ।

ଅନାପନ୍ନବିକାରଃ ସନ୍ନୟସ୍କାନ୍ତବଦେବ ଯଃ ।
ବୁଦ୍ଧ୍ୟାଦୀଂଶ୍ଚାଳୟେତ୍ ପ୍ରତ୍ୟକ୍ ସୋଽହମିତ୍ୟବଧାରୟ । ୧୯ ।

ଅଜଡ଼ାତ୍ମବଦାଭାନ୍ତି ଯତ୍ସାନ୍ନିଧ୍ୟାଜ୍ଜଡ଼ା ଅପି ।
ଦେହେନ୍ଦ୍ରିୟମନଃ ପ୍ରାଣାଃ ସୋଽହମିତ୍ୟବଧାରୟ । ୨୦ ।

ଅଗମନ୍ମେ ମନୋଽନ୍ୟତ୍ର ସାମ୍ପ୍ରତଂ ଚ ସ୍ଥିରୀକୃତମ୍ ।
ଏବଂ ଯୋ ବେତ୍ତି ଧୀବୃତ୍ତିଂ ସୋଽହମିତ୍ୟବଧାରୟ । ୨୧ ।

ସ୍ୱପ୍ନଜାଗରିତେ ସୁପ୍ତିଂ ଭାବାଭାବୌ ଧିୟାଂ ତଥା ।
ଯୋ ବେତ୍ତ୍ୟବିକ୍ରିୟଃ ସାକ୍ଷାତ୍ ସୋଽହମିତ୍ୟବଧାରୟ । ୨୨ ।

ଘଟାବଭାସକୋ ଦୀପୋ ଘଟାଦନ୍ୟୋ ଯଥେଷ୍ୟତେ ।
ଦେହାବଭାସକୋ ଦେହୀ ତଥାହଂ ବୋଧବିଗ୍ରହଃ । ୨୩ ।

ପୁତ୍ରବିତ୍ତାଦୟୋ ଭାବା ଯସ୍ୟ ଶେଷତୟା ପ୍ରିୟାଃ
ଦ୍ରଷ୍ଟା ସର୍ବପ୍ରିୟତମଃ ସୋଽହମିତ୍ୟବଧାରୟ । ୨୪ ।

ଯେହୁ ପୁଣି ଅୟସ୍କାନ୍ତ ମଣିର † ସମାନ । ଆପେ ନିର୍ବିକାରେ ଥାଇ ବୁଦ୍ଧି ଆଦି ପ୍ରାଣ ॥
ବୁଦ୍ଧି ପ୍ରଭୃତିଙ୍କ କରେ ଯେ ସଞ୍ଚାଳିତ । "ସେହି ଆତ୍ମା ମୁହିଁ" ଏହା ଘେନ ଭବ ଶତ ॥
ଦେହେନ୍ଦ୍ରିୟ ମନ ପ୍ରାଣ ଜଡ଼ବସ୍ତୁ ଜାଣ । ଯାର ସାନ୍ନିଧ୍ୟ ହେତୁରୁ ଅଜଡ଼ ସମାନ ॥—
ହୋଇଥାନ୍ତି ପ୍ରକାଶିତ ଲୋକ-ଲୋଚନରେ । "ମୁହିଁ ସେହି ଆତ୍ମା" ଏହା ରଖ ହେ ମନରେ
"ଅନ୍ୟସ୍ଥାନେ ଯାଇଥିଲା ମାନସ ମୋହର । ବର୍ତ୍ତମାନ ସ୍ଥିର ହୋଇ ରହିଛି ଅବର ॥"
ଏମନ୍ତ ବୁଦ୍ଧିବୃତ୍ତିର ଅଟଇ ଯେ ସାକ୍ଷୀ । "ସେହି ଆତ୍ମା ମୁହିଁ" ଏହା ମନେ ରଖ ଲକ୍ଷି ।୨୧।
ସ୍ୱପ୍ନ ଜାଗ୍ରତ ସୁଷୁପ୍ତି ବୁଦ୍ଧି ଭାବାଭାବ । ସାକ୍ଷାତ ସ୍ୱରୂପେ ସର୍ବ କରେ ଅନୁଭବ ॥
ସ୍ୱୟଂ ଅବିକ୍ରିୟ ହୋଇ ରହିଅଛି ଯେହି । କର ଏ ଅବଧାରଣ "ମୁହିଁ ଆତ୍ମା ସେହି" ॥
ଯେମନ୍ତ ପ୍ରଦୀପ ଅଟେ ଘଟ ପ୍ରକାଶକ । କିନ୍ତୁ ଘଟଠାରୁ ସେହି ଅଟଇ ପୃଥକ ॥
ତେମନ୍ତ ଦେହର ଅଟେ ଆତ୍ମା ପ୍ରକାଶକ । ଦେହଠାରୁ ଦେହୀ ଜାଣ ସ୍ୱତନ୍ତ୍ର ପୃଥକ ॥
ପୁତ୍ରବିତ୍ତାଦିଙ୍କୁ ପ୍ରିୟ ବୋଲି ଯେ ନ ଭାବେ । ସମସ୍ତଙ୍କୁ ଦେଖେ ଯେହୁ ସମାନ ସ୍ୱଭାବେ ॥
ସେହିଟି ଆତ୍ମା ଅଟଇ, ସେ ଆତ୍ମାଟି ମୁହିଁ । ଏହି ସାରକଥା ସଦା ମନେ ଘେନ ତୁହି ॥

---

† ଚୁମ୍ବକ ।

ପରପ୍ରେମାସ୍ପଦତୟା ମାନଭୂତମହଂ ସଦା
ଭୂୟାସମିତି ଯୋ ଦ୍ରଷ୍ଟା ସୋଽହମିତ୍ୟବଧାରୟ । ୨୫ ।

ଯଃ ସାକ୍ଷିଲକ୍ଷଣୋ ବୋଧସ୍ତ୍ୱମ୍ପଦାର୍ଥଃ ସ ଉଚ୍ୟତେ ।
ସାକ୍ଷିତ୍ୱମପି ବୋଦ୍ଧୃତ୍ୱମବିକାରିତୟାତ୍ମନଃ । ୨୬ ।

ଦେହେନ୍ଦ୍ରିୟମନଃ ପ୍ରାଣାହଙ୍କୃତିଭ୍ୟୋ ବିଲକ୍ଷଣଃ ।
ପ୍ରୋଜ୍‌ଝିତା ଶେଷ ଷଡ୍‌ଭାବବିକାରସ୍ତ୍ୱଂ ପଦାଭିଧଃ । ୨୭ ।

ତ୍ୱମର୍ଥମେବଂ ନିଶ୍ଚିତ୍ୟ ତଦର୍ଥଂ ଚିନ୍ତୟେତ୍ ପୁନଃ ।
ଅତଦ୍‌ବ୍ୟାବୃତ୍ତିରୂପେଣ ସାକ୍ଷାଦ୍‌ବିଧିମୁଖେନ ଚ । ୨୮ ।

ନିରସ୍ତାଶେଷସଂସାରଦୋଷୋଽସ୍ଥୂଲାଦିଲକ୍ଷଣଃ ।
ଅଦୃଶ୍ୟତ୍ୱାଦିଗୁଣକଃ ପରାକୃତତମୋମଳଃ । ୨୯ ।

"ହେବ ମୁହିଁ ପ୍ରେମାସ୍ପଦ ପରମ ବ୍ରହ୍ମର" । ଏହି ଜ୍ଞାନ ଜନମଇ ଯାର ନିରନ୍ତର ॥
ଦର୍ଶନାଦି ହେତୁ ଯେହୁ ଜ୍ଞାନର କରତା । ମୁହିଁ ସେହି ଆତ୍ମା ଅବଧାରଣ କର'ତା ।୨୫।

ସର୍ବସାକ୍ଷୀ ସର୍ବଜ୍ଞ ଯେ ଅବର ଅଟଇ । ସେହି ତ୍ୱଂ ପଦାର୍ଥ ବୋଲି କଥିତ ହୁଅଇ ॥
ଯେଣୁ ଆତ୍ମା ନିର୍ବିକାର ତା' ସର୍ବସାକ୍ଷିତ୍ୱ । ଅଟୁ ପୁଣି ସର୍ବବୋଧ କରଣେ କର୍ତ୍ତୃତ୍ୱ ।୨୬।
ଦେହଇନ୍ଦ୍ରିୟମାନସ ପ୍ରାଣ ଅହଙ୍କାର । ଏ ସକଳଠାରୁ ଯେହୁ ଅଟଇ ବାହାର ॥
ଛଅ ବିକାରରୁ † ଏକ ସୁଦ୍ଧା ନାହିଁ ଯାଅଁ । ତ୍ୱଂ ପଦାର୍ଥ ବୋଲି ସେହି ବିଦିତ ସଂସାର ॥
ଏରୂପେ ତ୍ୱଂ ପଦ ଅର୍ଥ କରିଣ ନିଶ୍ଚୟ । ତତ୍ ପଦର ଅର୍ଥ ଚିନ୍ତା କର ପୁନରାୟ ॥
ତଦନ୍ତରେ ଈଶ୍ୱରତ୍ୱ କରିବ ନିର୍ଣ୍ଣୟ । ଅତଦ୍‌ବ୍ୟାବୃତ୍ତି ସୂତ୍ରକୁ କରଣ ଆଶ୍ରୟ ॥
ସୂକ୍ଷ୍ମ ଅନୁସୂକ୍ଷ୍ମରୂପେ ପଦାର୍ଥ ଯାବତ । ପରିତ୍ୟାଗ କରି ଯହିଁ ବୁଦ୍ଧି ସ୍ଥିରୀଭୂତ ॥—
ହେବ, ତାହା ତ୍ୱଂ ବୋଲିଣ କରିବ ଧାରଣ । ଏହାହିଁ ଅତଦ୍‌ବ୍ୟାବୃତ୍ତି ସୂତ୍ରର ଲକ୍ଷଣ
ସଂସାରେ ସମ୍ବନ୍ଧ କିଛି ନାହିଁଟି ଯାହାର । ନୁହଇଟି ସ୍ଥୂଳ ଅବା ସୂକ୍ଷ୍ମ ଯା ଆକାର ॥
ଇନ୍ଦ୍ରିୟ ସମ୍ବନ୍ଧେ ଯେହୁ ନୁହଇ ଜଡ଼ିତ । ପାପପୁଣ୍ୟ କରି ନାହିଁ ଯାହାକୁ ଆଶ୍ରିତ ॥
ତାହାକୁ ତ୍ୱଂ ପଦବୋଲି କରି ନିରୂପଣ । ଅବର କହିବା ଶୁଣ ତାହାର ଲକ୍ଷଣ । ୨୯ ।

---

† ଜନ୍ମ, ବୃଦ୍ଧି, ବାଲ୍ୟ, କୈଶୋର, ଯୌବନ, ଜରା ।

ନିରସ୍ତାତିଶୟାନନ୍ଦଃ ସତ୍ୟପ୍ରଜ୍ଞାନବିଗ୍ରହଃ ।
ସତ୍ତାସ୍ୱଲକ୍ଷଣଃ ପୂର୍ଣ୍ଣଃ ପରମାତ୍ମେତି ଗୀୟତେ । ୩୦ ।
ସର୍ବଜ୍ଞତ୍ୱଂ ପରେଶତ୍ୱଂ ତଥା ସମ୍ପୂର୍ଣ୍ଣଶକ୍ତିତା ।
ବେଦୈଃ ସମର୍ଥ୍ୟତେ ଯସ୍ୟ ତଦ୍‌ବ୍ରହ୍ମେତ୍ୟବଧାରୟ । ୩୧ ।
ଯଜ୍ଜ୍ଞାନାତ୍ ସର୍ବବିଜ୍ଞାନଂ ଶ୍ରୁତିଷୁ ପ୍ରତିପାଦିତମ୍ ।
ମୃଦାଦ୍ୟନେକଦୃଷ୍ଟାନ୍ତୈସ୍ତଦ୍ ବ୍ରହ୍ମେତ୍ୟବଧାରୟ । ୩୨ ।
ଯଦାନନ୍ତ୍ୟଂ ପ୍ରତିଜ୍ଞାୟ ଶ୍ରୁତିସ୍ତତ୍‌ସିଦ୍ଧୟେ ଜଗୌ ।
ତତ୍‌କାର୍ଯ୍ୟତ୍ୱଂ ପ୍ରପଞ୍ଚସ୍ୟ ତଦ୍‌ବ୍ରହ୍ମେତ୍ୟବଧାରୟ ॥ ୩୩ ॥
ବିଜିଜ୍ଞାସ୍ୟତୟା ଯଚ୍ଚ ବେଦାନ୍ତେଷୁ ମୁମୁକ୍ଷୁଭିଃ ।
ସମର୍ଥ୍ୟତେଽତି ଯତ୍ନେନ ତଦ୍ ବ୍ରହ୍ମେତ୍ୟବଧାରୟ ॥ ୩୪ ॥
ଜୀବାତ୍ମନା ପ୍ରବେଶଶ୍ଚ ନିୟନ୍ତୃତ୍ୱଞ୍ଚ ତାନ୍ ପ୍ରତି ।
ଶ୍ରୂୟତେ ଯସ୍ୟ ବେଦେଷୁ ତଦ୍ ବ୍ରହ୍ମେତ୍ୟବଧାରୟ । ୩୫ ॥
କର୍ମଣାଂ ଫଲଦାତୃତ୍ୱଂ ଯସ୍ୟୈବ ଶ୍ରୂୟତେ ଶ୍ରୁତୌ ।
ଜୀବାନାଂ ହେତୁକର୍ତ୍ତୃତ୍ୱଂ ତଦ୍‌ବ୍ରହ୍ମେତ୍ୟବଧାରୟ । ୩୬ ।

ଅନନ୍ତର ଅଧିକ୍ୟ ବା ନ୍ୟୂନତା ଯା ନାହିଁ । ସତ୍ୟ ପ୍ରଜ୍ଞାନ-ବିଗ୍ରହ * ଅଟଇଟି ସେହି ॥
ଯେ ପୂର୍ଣ୍ଣ ସର୍ବଦ ଯାର ସତ୍ତା ବିଦ୍ୟମାନ । ତାକୁ ପରମାତ୍ମା ବୋଲି କର ଅନୁମାନ ।୩୦।
ଯାହାକୁ ସର୍ବଜ୍ଞ ବୋଲି ବେଦ ବଖାଣିଛି । ଯାର ପରମେଶ୍ୱରତ୍ୱ କଥିତ ହୋଇଛି ॥
ପୂର୍ଣ୍ଣ ଶକ୍ତିମାନ ବୋଲି ଯେ ପ୍ରତିପାଦିତ । ତାକୁ ପରଂବ୍ରହ୍ମ ବୋଲି ଧେନ ଚିତ୍ତ ଶତ୍ତ ॥
ନାନା ଦୃଷ୍ଟାନ୍ତ ଦେଖାଇ ବେଦ ସମୁଦୟ । ଏକବାକ୍ୟେ ଏହା କରି ଅଛନ୍ତି ନିର୍ଣ୍ଣୟ ॥
ଯାକୁ ଜାଣିଲେ ଉପୁଜଇ ସକଳ ବିଜ୍ଞାନ । ତାକୁହିଁ ବ୍ରହ୍ମ ବୋଲିଣ କର ଅନୁମାନ ।୩୨।
ଯାର ଅନନ୍ତତା ବେଦ କରିଣ ସିଦ୍ଧାନ୍ତ । ଏ ପ୍ରପଞ୍ଚତାର କାର୍ଯ୍ୟ ବୋଲି କଲ୍ଲ ଖ୍ୟାତ ॥
ସେ ଅନନ୍ତ ଜଗତ କର୍ତ୍ତା ବ୍ରହ୍ମ ବୋଲି ଜାଣ । ସେହିଟି ପରମ ବ୍ରହ୍ମ ପୁରୁଷ ପ୍ରଧାନ ॥
ବେଦାନ୍ତେ ମୁମୁକ୍ଷୁ ଯୋଗିଗଣ କହୁଛନ୍ତି :— "ଅତିଯତ୍ନେ ପରିଜ୍ଞାତହେବ ଯାକୁଚନ୍ତି ॥"
ସେହି ସର୍ବ ପରିଜ୍ଞେୟ ପୁରୁଷ ପ୍ରଧାନ । ପରମବ୍ରହ୍ମ ବୋଲିଣ କର ଅନୁଧ୍ୟାନ ॥ ୩୪ ॥
ଯେହୁ ଜୀବାତ୍ମା ସ୍ୱରୂପେ ସକଳ ଦେହରେ । ପ୍ରବେଶଇ, ବିଶ୍ୱରଲେ ଯାର ନିୟମରେ ॥
ତାହାକୁହିଁ ପରଂବ୍ରହ୍ମ ବୋଲି କର ସ୍ଥିର । ସକଳ ବେଦରେ ଉକ୍ତ ହୋଇଛି ଏ ଗିର ॥
ସମସ୍ତ କର୍ମର ଫଳ ଯେହୁ ପ୍ରଦାନଇ । ଜୀବର ହେତୁ ଥବର କର୍ତ୍ତା ଯେ ଅଟଇ ॥
ତାକୁ ପରଂବ୍ରହ୍ମ ବୋଲି କର ଅବଧାରି † । ଏକଥା ସର୍ବ ବେଦର ସିଦ୍ଧାନ୍ତ ବିଚାର ॥

---

* ସର୍ବାନନ୍ଦମୟ । † ଅବଧାରଣ, ନିଶ୍ଚୟ ।

ତତ୍ତ୍ୱଂ ପଦାର୍ଥୌ ନିର୍ଣ୍ଣୀତୌ ବାକ୍ୟାର୍ଥଶ୍ଚିନ୍ତ୍ୟତେଽଧୁନା ।
ତାଦାତ୍ମ୍ୟମତ୍ର ବାକ୍ୟାର୍ଥସ୍ତୟୋରେବ ପଦାର୍ଥୟୋଃ । ୩୭
ସଂସର୍ଗୋ ବା ବିଶିଷ୍ଟୋ ବା ବାକ୍ୟାର୍ଥୋ ନାତ୍ର ସମ୍ମତଃ ।
ଅଖଣ୍ଡୈକରସତ୍ୱେନ ବାକ୍ୟାର୍ଥୋ ବିଦୁଷାଂ ମତଃ । ୩୮ ।
ପ୍ରତ୍ୟଗ୍‌ବୋଧୋ ଯ ଆଭାତି ସୋଽଦ୍ୱୟାନନ୍ଦଲକ୍ଷଣଃ ।
ଅଦ୍ୱୟାନନ୍ଦରୂପଶ୍ଚ ପ୍ରତ୍ୟଗ୍‌ବୋଧୈକଲକ୍ଷଣଃ । ୩୯ ।
ଇତ୍ଥମନ୍ୟୋନ୍ୟତାଦାତ୍ମ୍ୟ ପ୍ରତିପତ୍ତିର୍ଯଦା ଭବେତ୍
ଅବ୍ରହ୍ମତ୍ୱଂ ତ୍ୱମର୍ଥସ୍ୟ ବ୍ୟାବର୍ତ୍ତେତ ତଦୈବ ହି ॥ ୪୦ ॥
ତଦର୍ଥସ୍ୟ ଚ ପାରୋକ୍ଷ୍ୟଂ ଯଦ୍ୟେବଂ କିଂ ତତଃ ଶୃଣୁ ।
ପୂର୍ଣ୍ଣାନନ୍ଦୈକରୂପେଣ ପ୍ରତ୍ୟଗ୍‌ବୋଧୋଽବତିଷ୍ଠତେ । ୪୧ ।
ତତ୍ତ୍ୱମସ୍ୟାଦିବାକ୍ୟଞ୍ଚ ତାଦାତ୍ମ୍ୟପ୍ରତିପାଦନେ ।
ଲକ୍ଷ୍ୟୌ ତତ୍ତ୍ୱଂ-ପଦାର୍ଥୌ ଦ୍ୱାବୁପାଦାୟ ପ୍ରବର୍ତ୍ତତେ । ୪୨ ।
ହିତ୍ୱା ଦ୍ୱୌ ଶବଳୌ ବାଚ୍ୟୌ ବାକ୍ୟଂ ବାକ୍ୟାର୍ଥବୋଧନେ
ଯଥା ପ୍ରବର୍ତ୍ତତେଽସ୍ମାଭିସ୍ତଥା ବ୍ୟାଖ୍ୟାତମାଦରାତ୍ । ୪୩ ।

ଏ ପ୍ରକାରେ ତତ୍ ତ୍ୱଂ ଅର୍ଥ କରି ନିରୂପଣ । "ତତ୍ତ୍ୱମସି" ଏ ବାକ୍ୟାର୍ଥ କରିବ ଚିନ୍ତନ ।
ସେହି ବାକ୍ୟାର୍ଥରେ ଏହା ଯାଉ ଅଛୁ ଜଣା । ତତ୍ ଆଉ ତ୍ୱଂ ପଦାର୍ଥର ଏକତ୍ୱ ଚିହ୍ନଣା ॥
ଏକ ଅନ୍ୟର ସମ୍ବନ୍ଧ ଏହିପରି ଅର୍ଥ । ଅବା ଅପର ବିଶିଷ୍ଟ ଏମନ୍ତ ବାକ୍ୟାର୍ଥ ॥
"ତତ୍ତ୍ୱମସି" ବାକ୍ୟରେଟି ନ ବୁଝିବ କେବେ । ତତ୍ତ୍ୱ ଶବ୍ଦ ଏକ ଅଟଇ ସ୍ୱଭାବେ ॥
ସେ ଅଖଣ୍ଡ ଏକରସ ଅଟେ ବିଶେଷତ । ଏହାହିଁ ଅଟଇ ସର୍ବ ପଣ୍ଡିତଙ୍କ ମତ ॥ ୩୮ ।
ଯେଉଁ ଦୁଇଟିର ଐକ୍ୟ ହୋଇଅଛୁ ଜ୍ଞାନ । ସେ ଅଦ୍ୱୟାନନ୍ଦ ଏକ ରସାତ୍ମକ ଜାଣ ॥
ସେରୂପ † ଅଦ୍ୱୟାନନ୍ଦ ରୂପ ଅଟେ ଏକ । ଏ ସିଦ୍ଧାନ୍ତ ମାନସରେ କରିହେ ବିବେକ ॥
'ତତ୍' 'ତ୍ୱଂ' 'ତତ୍ତ୍ୱମସି' ବାକ୍ୟ ଅର୍ଥପଢ଼ି ଜଣା । ଯେବେ ସେବେ ନିରୈକ୍ୟ ହୁଅ ଠିକଣା ।
ତେବେ ତ୍ୱଂର ଅବ୍ରହ୍ମତ୍ୱ ହୁଅଇ ନିବୃତ୍ତି । ତତ୍ ପଦକୁ ବ୍ରହ୍ମ ବୋଲି ଜପୁକେ ପ୍ରବୃତ୍ତି ॥
ତତ୍‌ପଦାର୍ଥର ପରୋକ୍ଷଜ୍ଞାନ ✱କଦାଚିତ- । ଜନମିଲେ, ସେ ଦେନିର ଐକ୍ୟ ସମର୍ଥିତ-
କି ରୂପେ ହେବ ତାହା ମୁଁ କହୁଅଛୁ ପୁଣ । ଆହେ ସାଧକ ସକଳ ମନ ଦେଇ ଶୁଣ ।
ପୂର୍ଣ୍ଣାନନ୍ଦରୂପେ ଯେଉଁ ଐକ୍ୟ ଜ୍ଞାନ ହୁଏ । ସେ ଜ୍ଞାନହିଁ ବିଦ୍ୟମାନ ଅଟଳରେ ଥାଏ ॥
ତେଣୁ ଜପୁଜନଲ ମଧ ସେ ପରୋକ୍ଷଜ୍ଞାନ । ଐକ୍ୟବୋଧେ ବ୍ୟତିକ୍ରମ ନ ଘଟଇ ଜାଣ ॥
ଜୀବାତ୍ମା ପରମାତ୍ମାର ଏକତ୍ୱ ପ୍ରମାଣ । କରେ ତତ୍ତ୍ୱମସିଆଦ ବାକ୍ୟାର୍ଥର ଜ୍ଞାନ ॥
କରିଣ ତତ୍ତ୍ୱଂପଦର ଅର୍ଥକୁ ଗ୍ରହଣ । ପ୍ରବର୍ତ୍ତିଛି ସେ ବାକ୍ୟର ଅର୍ଥ ସାଧୁଗଣ ! ॥
ତତ୍‌ପଦ ତ୍ୱଂପଦ ଏହି ଦେନିରେ ବାଚ୍ୟାର୍ଥ- । ଛାଡ଼ିଦେଲେ ପ୍ରବର୍ତ୍ତାଇ ଯେ ଅର୍ଥ ବାକ୍ୟାର୍ଥ
ପ୍ରତିପାଦନ କରିବା ବିଷୟେ ଅବର । ସେ କଥା ଯତନ ବ୍ୟାଖ୍ୟା କଲି ମୁଁ ବିସ୍ତର ।୪୩।

---

† ସେହିପରି । ✱ ଅପ୍ରତ୍ୟେଚ ।

ଅଲମ୍ବନତୟା ଭାତି ଯୋଽସ୍ମତ୍ପ୍ରତ୍ୟୟଶବ୍ଦୟୋଃ ।
ଅନ୍ତଃକରଣସମ୍ଭିନ୍ନବୋଧଃ ସ ତ୍ୱଂ ପଦାଭିଧଃ ॥ ୪୪ ॥

ମାୟୋପାଧିର୍ଜଗଦ୍‌ଯୋନିଃ ସର୍ବଜ୍ଞତ୍ୱାଦିଲକ୍ଷଣଃ ।
ପାରୋକ୍ଷ୍ୟଶବଲଃ ସତ୍ୟାଦ୍ୟାତ୍ମକସ୍ତତ୍ପଦାଭିଧଃ ॥ ୪୫ ॥

ପ୍ରତ୍ୟକ୍‌ପରୋକ୍ଷତୈକସ୍ୟ ସଦ୍ୱିତୀୟତ୍ୱପୂର୍ଣ୍ଣତା ।
ବିରୁଧ୍ୟତେ ଯତସ୍ତସ୍ମାଲ୍ଲକ୍ଷଣା ସମ୍ପ୍ରବର୍ତ୍ତତେ ॥ ୪୬ ॥

ମାନାନ୍ତର ବିରୋଧେ ତୁ ମୁଖ୍ୟାର୍ଥସ୍ୟ ପରିଗ୍ରହେ ।
ମୁଖ୍ୟାର୍ଥେନାବିନାଭୂତେ ପ୍ରତୀତିର୍ଲକ୍ଷଣୋଚ୍ୟତେ ॥ ୪୭ ॥

ତତ୍ତ୍ୱମସ୍ୟାଦିବାକ୍ୟେଷୁ ଲକ୍ଷଣା ଭାଗଲକ୍ଷଣା ।
ସୋଽହମିତ୍ୟାଦିବାକ୍ୟସ୍ଥପଦୟୋରିବ ନାପରା ॥ ୪୮ ॥

'ଅହଂ'ପଦ ପ୍ରୟୋଗରେ ପଦ ଅର୍ଥ ଯାହା- । ବୋଧକ୍ତୁ ଏ, ପରମାତ୍ମାର ଅଭିନ୍ନହିଁ ତାହା ॥
ସେ ପରମାତ୍ମା କେବଳ ଅନ୍ତଃକରଣରେ । ପ୍ରକାଶିତ ହୋଇଥାନ୍ତି ଅହେ ସାଧୁ ନରେ ! ॥
ସେଥିଲାଗି ବୋଧକ୍ତୁ ଏ ତତ୍‌ପଦର ଭେଦ । ପ୍ରତ୍ୟକ୍ଷ ପ୍ରମାଣ ବଳେ ସେ ସଂଶୟଚ୍ଛେଦ ।୪୪।

ମାୟା ଉପାଧି ଆବୃତ ପରମାତ୍ମା ଯେଣୁ । ପ୍ରତ୍ୟକ୍ଷରୂପେ ପ୍ରତୀତ ନୁହଇ ସେ ତେଣୁ ॥
ସର୍ବଜ୍ଞତା ଆଦିଗୁଣେ ଯୁକତ ଅଟଇ । ତେଣୁ ପରୋକ୍ଷଭାବରେ ତା' ବୋଧ ପଡ଼ଇ ॥
ସେହି ସତ୍, ସେହି ଆଦ୍ୟ, ସେହିଟି ତତ୍‌କାଣ । ଅସ୍ମା ପରମାତ୍ମାବେଣ ଅର୍ଥ ନୁହେ ଅନ ॥

ଏକର ପ୍ରତ୍ୟକ୍ଷ ପୁଣି ଅପରୋକ୍ଷ ଜ୍ଞାନ । ସଦ୍ୱିତୀୟତ୍ୱ ପୂର୍ଣ୍ଣତ୍ୱ ଏବିରୋଧ ଜାଣ ॥
ଏଣୁ ତତ୍ତ୍ୱମସି ବାକ୍ୟଲକ୍ଷଣା ବଳରେ । ବିଶୁଦ୍ଧ, ନୋହିଲେଟି ପଡ଼ିବ ଭ୍ରମରେ ॥
ମୁଖ୍ୟାର୍ଥ ପରିଗ୍ରହଣ ନିଶ୍ଚୟରେ ଯେବେ । ଅନ୍ୟ ପ୍ରମାଣ ସହିତ ବିରୋଧ ସମ୍ଭବେ ॥

ଲକ୍ଷଣାକୁ ମାନିବାକୁ ହେବ ତହିଁ ତେବେ । ଲକ୍ଷଣାର ମାହାତ୍ମ୍ୟ ଜାଣିଁ ଶୁଣ ଏବେ ॥
ସମ୍ପର୍କ ରହିଣ ସେହି ମୁଖ୍ୟାର୍ଥ ସହିତ । ଯେଉଁରୂପେ ଅନ୍ୟାର୍ଥ ହୁଅଇ ପ୍ରତୀତ ॥
ତାହାକୁ ଲକ୍ଷଣା ବୋଲି କହନ୍ତି ପଣ୍ଡିତେ । (ତିନିପ୍ରକାର ଲକ୍ଷଣା ଶାସ୍ତ୍ରନିର୍ଦ୍ଦିଷ୍ଟେ) ।୪୭।

(ଜହଲ୍ଲକ୍ଷଣା ଅଜହତ୍ ଲକ୍ଷଣା ଆବର । ଜହ ଜହତ ଲକ୍ଷଣା ନାମ ହେଉ ହର ॥
ଶେଷ ଲକ୍ଷଣାକୁ ଭାଗ ଲକ୍ଷଣା କହନ୍ତି । "ବେଦାନ୍ତ ପରିଭାଷା"ରେ ଦେଖ ତା ସୁମତି)
ତତ୍ତ୍ୱମସ୍ୟାଦି ବାକ୍ୟେ ଯେ ରହିଛନ୍ତି ଲକ୍ଷଣା । ଭାଗ ଲକ୍ଷଣା ଭାବ, ତାକୁ ମହାଜନା ॥
"ସୋଽହଂ" ଏହି ପଦେ ଭାଗ ଲକ୍ଷଣା ଯେମନ୍ତ । ସେହିପରି ତତ୍ତ୍ୱମସି ପଦେ ତ ଲକ୍ଷଣା ॥
ତତ୍ତ୍ୱମସିଆଦି ବାକ୍ୟେ ଯେ ଭାଗ ଲକ୍ଷଣା । ଜାଣିବ, ଅନ ଲକ୍ଷଣା ନୁହେ ସମ୍ଭାବନା ।୪୮।

ଅହଂବ୍ରହ୍ମେତି ବାକ୍ୟାର୍ଥବୋଧୋ ଯାବଦ୍‌ଦୃଢ଼ୀଭବେତ୍ ।
ଶମାଦିସହିତସ୍ତାବଦଭ୍ୟସେଚ୍ଛ୍ରବଣାଦିକମ୍ । ୪୯ ।

ଶ୍ରୁତ୍ୟାଚାର୍ଯ୍ୟପ୍ରସାଦେନ ଦୃଢ଼ୋ ବୋଧୋ ଯଦା ଭବେତ୍ ।
ନିରସ୍ତାଶେଷସଂସାରନିଦାନଃ ପୁରୁଷ ସ୍ତଦା । ୫୦ ।

ବିଶୀର୍ଣ୍ଣକାର୍ଯ୍ୟ କରଣୋ ଭୂତସୂକ୍ଷ୍ମୈରନାବୃତଃ ।
ବିମୁକ୍ତକର୍ମନିଗଡ଼ଃ ସଦ୍ୟ ଏବ ବିମୁଚ୍ୟତେ । ୫୧ ।

ପ୍ରାରବ୍ଧକର୍ମଭୋଗେନ ଜୀବନ୍ମୁକ୍ତୋ ଯଦା ଭବେତ୍ ।
କଞ୍ଚିତ୍କାଳମନାରବ୍ଧକର୍ମବନ୍ଧସ୍ୟ ସଂକ୍ଷୟେ । ୫୨ ।

ନିରସ୍ତାତିଶୟାନନ୍ଦଂ ବୈଷ୍ଣବଂ ପରମଂ ପଦଂ ।
ପୁନରାବୃତ୍ତିରହିତଂ କୈବଲ୍ୟଂ ପ୍ରତିପଦ୍ୟତେ । ୫୩ ।

ଇତି ବାକ୍ୟବୃତ୍ତିଃ ।

ତତ୍ତ୍ୱମସ୍ୟାଦି ବାକ୍ୟର ସ୍ୱରୂପାର୍ଥମାନ । ସମାଲୋଚନେ ଯାବତ ଦୃଢ଼ ନୁହେ ଜ୍ଞାନ ।
"ମୁହିଁ ବ୍ରହ୍ମ" ଏହି ଜ୍ଞାନ ଯେତେବେଳ ଯାଏ । ଦୃଢ଼ରୂପ ହୃଦୟରେ ପ୍ରକାଶ ନ ପାଏ ॥
ଶମ ଦମ ଆଦି ସହ ଶ୍ରବଣ ଆଦିର — । ଅଭ୍ୟାସ କର ତାବତ ନ ହୋଇ ଅଧୀର । ୪୯।
ଶ୍ରବଣାଦିସାଧନର ଦ୍ୱାରା ଯେ କାଳରେ । ଆଚାର୍ଯ୍ୟ ମହାଶୟଙ୍କ ପ୍ରସାଦ ଫଳରେ ॥
"ମୁଁ ବ୍ରହ୍ମ" ଏସନ ଦୃଢ଼ ଜ୍ଞାନ ଉପୁଜଇ । ସେକ୍ଷଣି ନରର ଭବ ସମ୍ବନ୍ଧ ତୁଟଇ ॥ ୫୦ ॥
କେବଣ କାର୍ଯ୍ୟେ ନ ଥାଏ ତାହାର ଆସକ୍ତି । ବାହ୍ୟଅନ୍ତର ଇନ୍ଦ୍ରିୟ କ୍ଷୀଣ ତା ଲଭନ୍ତି ॥
ସୂକ୍ଷ୍ମ ଅବା ସ୍ଥୂଳ ଭୂତେ ନୁହେ ସେ ଆବୃତ । ମାୟା କରି ନ ପାରଇ ତାହାକୁ ବ୍ୟାପୃତ ॥
ତାହାର କର୍ମ-ବନ୍ଧନ ଛୁଟଇ ବହନେ । ସଦ୍ୟମୁକ୍ତି ଲଭି ସେହି ରହେ ସ୍ଥିରମନେ ॥ ୫୧॥
ପାରବ୍ଧ କର୍ମର ଫଳ କରିବାକୁ ଭୋଗ । ତତ୍ତ୍ୱଜ୍ଞାନୀ ହେଲେ ମଧ୍ୟ ନ ଛାଡ଼େ ସେ ଯୋଗ ॥
ତେଣୁ କର୍ମଫଳଭୋଗ-କାଳଶେଷ ଯାଏ । ଜୀବନ୍ମୁକ୍ତ ହୋଇ ସେହି ସଂସାରରେ ଥାଏ ॥
ଏହିଭାବେ କିଛିକାଳ ରହି ଜଗତରେ । ପାରବ୍ଧ କର୍ମର ଫଳଭୋଗିବାର ପରେ ॥
କର୍ମ ବନ୍ଧନ ତାହାର ଛୁଟଇ ବହନ । ସଂସାରୁ ମୁକତ ଲାଭ କରଇ ସେ ଜନ । ୫୨ ।
ବ୍ରହ୍ମତତ୍ତ୍ୱଜ୍ଞାନ ଯାର ହୃଦୟେ ଜନ୍ମଇ । ବିଷ୍ଣୁଙ୍କ ପରମ ପଦେ ସେ ଯାଇ ମିଳଇ ।
ସେହି ନିତ୍ୟାନନ୍ଦ ପଦ ଥରେ ଲଭ କଲେ । ଭବେ ଆସିବାକୁ ଆଉ ନ ପଡ଼ଇ ଭଲେ ।
ସେ ମୁକ୍ତିର ନାମ ଜାଣ କୈବଲ୍ୟ ମୁକତ । ତାହାକୁ ନିର୍ବାଣ ବୋଲି ଜ୍ଞାନିଏ କହନ୍ତି ।୫୩।

ହରିତତ୍ତ୍ୱମୁକ୍ତାବଳୀ

ସ୍ତୋଷ୍ୟେ ଭକ୍ତ୍ୟା ବିଷ୍ଣୁମନାଦିଂ ଜଗଦାଦିଂ,
ଯସ୍ମିନ୍ନେତତ୍ ସଂସୃତିଚକ୍ରଂ ଭ୍ରମତୀତ୍ଥମ୍ ।
ଯସ୍ମିନ୍ ଦୃଷ୍ଟେ ନଶ୍ୟତି ତତ୍ ସଂସୃତିଚକ୍ରଂ,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧ ।
ଯସ୍ୟୈକାଂଶାଦିତ୍ଥମଶେଷଂ ଜଗଦେତତ୍;
ପ୍ରାଦୁର୍ଭୂତଂ ଯେନ ପିନଦ୍ଧଂ ପୁନରିତ୍ଥଂ,
ଯେନବ୍ୟାପ୍ତଂ ଯେନ ବିବୁଦ୍ଧଂ ସୁଖଂ ଦୁଃଖଂ,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨ ।
ସର୍ବଜ୍ଞୋ ଯୋ ଯଶ୍ଚ ହି ସର୍ବଃ ସକଲୋ ଯୋ
ଯଶ୍ଚାନନ୍ଦୋଽନନ୍ତଗୁଣୋ ଯୋ ଗୁଣଧାମା ।
ଯଶ୍ଚାବ୍ୟକ୍ତୋ ବ୍ୟସ୍ତସମସ୍ତଃ ସଦସଦ୍ ଯଃ,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୩ ।
ଯସ୍ମାଦନ୍ୟନ୍ନାସ୍ତ୍ୟପି ନୈବଂ ପରମାର୍ଥଂ,
ଦୃଶ୍ୟାଦନ୍ୟୋ ନିର୍ବିଷୟଜ୍ଞାନମୟତ୍ୱାତ୍ ।
ଜ୍ଞାତୃଜ୍ଞାନଜ୍ଞେୟବିହୀନୋଽପି ସଦାଜ୍ଞ—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୪ ।

ହରିତତ୍ତ୍ୱମୁକ୍ତାବଳୀ

ଯେ ଏହୁ ସଂସାର ଚକ୍ର † ବୁଲୁଅଛି ଏଥି । ବନ୍ଦେ ସେ ଅନାଦି ବିଷ୍ଣୁ ଜଗଦାଦି ହରି ।।
ସଂସାର ଚକ୍ର ‡ ଯାହାର ଦର୍ଶନେ ତୁଟଇ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇ ।୧।
ଯା ଏକ ଅଂଶୁଁ ସମ୍ଭୂତ ଅଖିଳ ସଂସାର । ବିଶ୍ୱକୁ ବେଢିଛି ବାନ୍ଧି ଯେହୁ ପୁନର୍ବାର ।
ଯେ ସର୍ବବ୍ୟାପୀ ଯେ ସୁଖ ଦୁଃଖ ପ୍ରଦାନଇ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇ ।୨।
ଯେ ସର୍ବଜ୍ଞ ସର୍ବସାର ସେହୁ ସମୁଦାୟ । ଯା ଅନନ୍ତଗୁଣ ଯେହୁ ଗୁଣାନନ୍ଦାଳୟ ।
ଯେ ସଦସତ୍ ଅବ୍ୟକ୍ତ ସର୍ବନ୍ଦ ଅଚଳ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇ । ୩ ।
ବ୍ରହ୍ମାଣ୍ଡେ ଯାଠାରୁ ନାହିଁ ପରମାର୍ଥ ଆନ । ନିର୍ବିଷୟ ଜ୍ଞାନହେତୁ ଯେ ଅଦୃଶ୍ୟମାନ ।।
ଜ୍ଞାତା-ଜ୍ଞାନ-ଜ୍ଞେୟହୀନ ଯେ [illegible] ଜ୍ଞ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇ ।୪।

---

† ସଂସାରରୂପକ ଚକ୍ର । ‡ ସଂସାରରୂପକ ଇନ୍ଦ୍ରଜାଲ ବା ମାୟା ।

ଅନୁଦର୍ଶ୍ୟଭେଦ୍ୟା ଲବ୍ଧ୍ୱାସୂକ୍ଷ୍ମାଚ୍ୟୁତତତ୍ତ୍ୱାଦ୍—
ବୈରାଗ୍ୟେଣାଭ୍ୟାସବଲେନୈବ ଦ୍ରଢିମ୍ନା ।
ଭକ୍ତ୍ୟୈକାଗ୍ର୍ୟଧ୍ୟାନପରା ଯଂ ବିଦୁରୀଶଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ ।୫।

ପ୍ରାଣାନାୟମ୍ୟୋମିତି ଚିତ୍ତଂ ହୃଦି ରୁଦ୍ଧ୍ୱା ।
ନାନ୍ୟତ୍ ସ୍ମୃତ୍ୱା ପୁନରତ୍ରୈବ ବିଲପ୍ୟ ।
କ୍ଷୀଣେ ଚିତ୍ତେ ଭାଦୃଶିରସ୍ମୀତି ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୬ ।

ଯଂ ବ୍ରହ୍ମାଖ୍ୟଂ ଦେବମନନ୍ୟଂ ପରିପୂର୍ଣ୍ଣଂ
ହୃତ୍ସ୍ଥଂ ଭକ୍ତୈର୍ଲଭ୍ୟମଜଂ ସୂକ୍ଷ୍ମମତର୍କ୍ୟମ୍ ।
ଧ୍ୟାତ୍ୱାତ୍ମସ୍ଥଂ ବ୍ରହ୍ମବିଦୋ ଯଂ ବିଦୁରୀଶଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୭ ।

ମାୟାତୀତଂ ସ୍ୱାତ୍ମବିକାଶାତ୍ମବିବୋଧଂ
ଜ୍ଞେୟାତୀତଂ ଜ୍ଞାନମୟଂ ହୃଦ୍ୟୁପଲଭ୍ୟମ୍ ।
ଭାବଗ୍ରାହ୍ୟାନନ୍ଦମନନ୍ୟଞ୍ଚ ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୮ ।

ଗୁରୁଠୁଁ ଅଚ୍ୟୁତ ସୂକ୍ଷ୍ମତତ୍ତ୍ୱ ଲଭି କଲେ । ବୈରାଗ୍ୟ, ଅଭ୍ୟାସ, ଦୃଢ଼ଭକ୍ତି ଧ୍ୟାନ ବଳେ ।
ଈଶ୍ୱର ବୋଲିଣ ଜାଣି ଯାହାଙ୍କୁ ହୁଅଇ । ସେ ସଂସାର-ତମୋନାଶୀ ହରିଙ୍କି ସ୍ତବଇଁ ।୫।

ପ୍ରାଣାୟାମେ "ଓଁ" ଉଚ୍ଚାରି ଚିତ୍ତକୁ ହୃଦବେ- । ନିରୋଧି ଅପର ଏକଲୟ ସ୍ମରଣରେ ॥
ଚିତ୍ତବୃତ୍ତି କ୍ଷୀଣ ହେଲେ ଯାଜ୍ୟୋତି ଦିଶଇ । ସେ ସଂସାର ତମୋନାଶୀ ହରିଙ୍କି ସ୍ମରଇଁ ॥
ଯେହୁ ପରିପୂର୍ଣ୍ଣ ସୂକ୍ଷ୍ମ ବ୍ରହ୍ମ ନେ ବୋଲାଇ । ଯେ ହୃଦୟବାସୀ, ଯାକୁ ଭକ୍ତ ବଳେ ପାଇ ।

ଯୁକ୍ତି ତର୍କ କରି ଯାକୁ ଜାଣି ନ ହୁଅଇ । ଯା'ଠାରୁ ଜଗତେ ଆଉ ଅନ୍ୟଦେବ ନାହିଁ ॥
ଆତ୍ମାରେ ଆରୋପି ଯାକୁ ବ୍ରହ୍ମବିଦଜ୍ଞାନୀ । ଈଶ୍ୱର ବୋଲିଣ ଧ୍ୟାନେ ପାରଥାନ୍ତି ଜାଣି ॥
ନାହିଁ ଯାହାର ମରଣ, ଜାତ ଯେ ନୁହଇ । ସେ ସଂସାର ଧ୍ୱାନ୍ତନାଶୀ ହରିଙ୍କି ଚିନ୍ତଇଁ ।୭।

ଯେହୁ ମାୟାତୀତ ଯେବା ସ୍ୱପ୍ରକାଶମାନ । ଆପେ ଆପଣାକୁ ଯେହୁ କରଥାଏ ଜ୍ଞାନ ॥
ଯେ ଅଜ୍ଞେୟ ଭାବଗ୍ରାହୀ ଯେବା ଜ୍ଞାନମୟ । ନାହିଁ ଯାର ଅନ୍ୟ, ପୁଣି ଯେ ଆନନ୍ଦମୟ ॥
ଯାର ସ୍ଥାନ ଏକମାତ୍ର ହୃଦୟ ଅଟଇ । ସେ ସଂସାର ଧ୍ୱାନ୍ତହାରୀ ହରିଙ୍କି ଭାବଇଁ । ୮ ।

ଯଦ୍‌ଯଦ୍‌ବେଦ୍ୟଂବସ୍ତୁ ସତତ୍ତ୍ୱଂ ବିଷୟାଖ୍ୟଂ
ତତ୍ତଦ୍‌ବ୍ରହ୍ମୈବେତି ବିଦିତ୍ୱା ତଦହନ୍ତ ।
ଧ୍ୟାୟନ୍ତ୍ୟେବଂ ଯଂ ସନକାଦ୍ୟା ମୁନୟୋଽଜଂ
ତଂସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୯ ।

ଯଦ୍‌ଯଦ୍‌ବେଦ୍ୟଂ ତତ୍ତଦହଂ ନେତି ବିହାୟ
ସ୍ୱାତ୍ମଜ୍ୟୋତିର୍ଜ୍ଞାନମୟାନନ୍ଦମବାପ୍ୟ ।
ତସ୍ମିନ୍ନସ୍ମୀତ୍ୟାତ୍ମବିଦୋ ଯଂ ବିଦୁରୀଶଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୦

ହିତ୍ୱା ହିତ୍ୱା ଦୃଶ୍ୟମଶେଷଂ ସବିକଳ୍ପଂ
ମତ୍ୱା ଶିଷ୍ଟଂ ଭାଦୃଶିମାତ୍ରଂ ଗଗନାଭମ୍ ।
ତ୍ୟକ୍ତ୍ୱା ଦେହଂ ଯଂ ପ୍ରବିଶନ୍ତ୍ୟଚ୍ୟୁତଭକ୍ତା—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୧ ।

ସର୍ବତ୍ରାସ୍ତେ ସର୍ବଶରୀରୀ ନ ଚ ସର୍ବଃ
ସର୍ବଂ ବେତ୍ତ୍ୟେବେହ ନ ଯଂ ବେତ୍ତି ଚ ସର୍ବଃ ।
ସର୍ବତ୍ରାନ୍ତର୍ଯାମିତୟେତ୍ଥଂ ଯମୟନ୍ ଯ-
ସ୍ତଂସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୨ ।

"ଯେ ସକଳ ବସ୍ତୁଜ୍ଞାନ ବିଷୟ ଗୋଚର । ସେସବୁହିଁ ବ୍ରହ୍ମ, ବ୍ରହ୍ମ ମୁହିଁହିଁ ଅବର ॥"
ଏ ସନ ବିଚାରି ଯାକୁ ସନକାଦି ମୁନି -। ମାନେ ଧ୍ୟାନବଳେ ଜାଣି ପାରୁଥିଲେ ପୁଣି ॥
ଜନ୍ମ ନ ଥିବାରୁ ଅଜ ଯା ନାମ ଅଟଇ । ସେ ସଂସାର ତମୋନାଶୀ ହରିଙ୍କି ଧ୍ୟାଉଁ । ୯ ।
"ଜଣାଥିବା ବସ୍ତୁ ବିଶ୍ୱେ ଯେତେକ ଅଛଇ । ସେସବୁ ମଧ୍ୟରୁ ମୁହିଁ କିଛିହିଁ ନୁହଇଁ ॥"
ଇତ୍ୟାଦିରୂପେ ସେ ସବୁ କ୍ରମେ ବର୍ଜଣି । ଆତ୍ମଜ୍ୟୋତି ଜ୍ଞାନମୟ ଆନନ୍ଦ ଲଭଣି ॥
ଆତ୍ମତତ୍ତ୍ୱ ଜ୍ଞାନୀଗଣ ସର୍ବ ପଦାର୍ଥରେ । ଯାହାକୁ ଈଶ୍ୱର ବୋଲି ଭାବନ୍ତି ମନରେ ॥
ଯେ ବିଶ୍ୱ ଅଜ୍ଞାନ ରୂପ ତମିର ନାଶଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇଁ । ୧୦ ।
ଦୃଶ୍ୟ ପଦାର୍ଥ ଜଗତେ ଯେତେ ଅଛି ହେଜ । ସବିକଳ୍ପ ଜ୍ଞାନେ ସର୍ବ ଏକେ ଏକେ ତେଜ
ଅବଶିଷ୍ଟ ବୋଲି ଯାକୁ ବିଚାରଇ ମନ । ଦେହାନ୍ତେ ମିଳନ୍ତି ଯହିଁ ହରିଭକ୍ତଗଣ ॥
ଯେ ତେଜୋମୟ, ଆକାଶ ସମ ଯେ ଅଟଇ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇଁ ॥
ସର୍ବତ୍ର ଅଛନ୍ତି ରହି ନାନାବିଧ ପ୍ରାଣୀ । ଯାହାଙ୍କୁ ସକଳ ପ୍ରାଣୀ ନ ପାରନ୍ତି ଜାଣି ॥
ସମସ୍ତେ ଯାହାକୁ କେବେ ଜାଣି ନ ପାରନ୍ତି । ଯେହୁ ଅନ୍ତର୍ଯାମୀ ରୂପେ ସର୍ବତ୍ର ଅଛନ୍ତି ॥
କେବଳ ସଂଯମ ବଳେ ଯେ ଜ୍ଞାତ ହୁଅଇ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇଁ ।୧୨।

ସର୍ବଂ ଦୃଷ୍ଟ୍ୱା ସ୍ୱାତ୍ମନି ଯୁକ୍ତ୍ୟା ଜଗଦେତତ୍
ଦୃଷ୍ଟ୍ୱାତ୍ମାନଂ ଚୈବମଜଂ ସର୍ବଜନେଷୁ ।
ସର୍ବାତ୍ମୈକୋଽସ୍ତୀତି ବଦନ୍ତଂ ଗତହନ୍ତଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୩ ।

ସର୍ବତ୍ରୈକଃ ପଶ୍ୟତି ଜିଘ୍ରତ୍ୟଥ ଭୁଙ୍କ୍ତେ
ସ୍ପ୍ରଷ୍ଟା ଶ୍ରୋତା ବୁଧ୍ୟତି ଚେତ୍ୟାହୁରିମଂ ଯମ ।
ସାକ୍ଷୀ ଚାସ୍ତେ କର୍ତୃଷୁ ପଶ୍ୟନ୍ନିତି ଚାନ୍ୟେ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୪

ପଶ୍ୟନ୍ ଶୃଣ୍ୱନ୍ନତ୍ର ବିଜାନନ୍ ରସୟନ୍ ସନ୍
ଜିଘ୍ରନ୍ ବିଭ୍ରଦ୍ଦେହମିମଂ ଜୀବତୟେତ୍ଥମ୍ ।
ଇତ୍ୟାତ୍ମାନଂ ଯଂ ବିଦୁରୀଶଂ ବିଷୟଜ୍ଞଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୫ ।

ଜାଗ୍ରଦ୍ ଦୃଷ୍ଟ୍ୱା ସ୍ଥୂଲପଦାର୍ଥାନଥ ମାୟାଂ
ଦୃଷ୍ଟ୍ୱା ସ୍ୱପ୍ନେଽଥାପି ସୁଷୁପ୍ତୌ ସୁଖନିଦ୍ରାମ୍ ।
ଇତ୍ୟାତ୍ମାନଂ ବୀକ୍ଷ୍ୟ ମୁଦାସ୍ତେ ଚ ତୁରୀୟେ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୧୬ ।

ଦେଖିଲେହେଁ ସର୍ବବିଶ୍ୱ ଅପଣା ଆତ୍ମାରେ । ସକଳର ଆତ୍ମା ବୋଲି ଯେଉଁ ମହାତ୍ମାରେ ॥
"ସର୍ବ ଆତ୍ମା ମୁଁ" ଏମନ୍ତେ ସର୍ବହୃଦୟର । ପରମାତ୍ମା ବୋଲି ଯେହୁ ହେଉଛନ୍ତି ଗୋଚର ॥
ସଂସାର-ଅଜ୍ଞାନ-ତମ ଯେହୁ ବିନାଶଇ । ସେ ହରିଙ୍କି ନିରନ୍ତରେ ସ୍ତବ ମୁଁ କରଇ । ୧୩ ।

ଏକା ଯେ ସର୍ବତ୍ର କରେ ଆଘ୍ରାଣ ଦର୍ଶନ । କରୁଛନ୍ତି ଭୋଜନ ଜ୍ଞାନ ସ୍ପର୍ଶନ ଶ୍ରବଣ ॥
ସକଳର ସାକ୍ଷୀରୂପେ ଯେହୁ ବିଦ୍ୟମାନ । କର୍ତ୍ତାବୋଲି ସର୍ବେ ଯାକୁ କରିଥାନ୍ତି ଜ୍ଞାନ
ଯେହୁ ସଂସାର ଅଜ୍ଞାନ ତିମିର ହରଇ । ସେ ହରିଙ୍କୁ ନିରବଧି ସ୍ତବ ମୁଁ କରଇ । ୧୪ ।

ଦର୍ଶନ ସ୍ପର୍ଶନ ଜ୍ଞାନରସାସ୍ୱାଦନର— । ଆବର ଘ୍ରାଣର ଯେହୁ ଅଟଇ ଈଶ୍ୱର
ଜୀବରୂପେ ଦେହଧରି ଯେ ଅଛଇ ରହି । ଏରୂପେ ଯାହାକୁ ଆତ୍ମା ବୋଲି ଥାନ୍ତି କହି ॥
ସକଳ ବିଷୟ ଏକମାତ୍ର ଯେ ଜାଣଇ । ସେ ସଂସାର ତମୋନାଶୀ ହରିଙ୍କି ସ୍ତବଇ । ୧୫ ।

ଜାଗ୍ରତେ ଯେ ସ୍ଥୂଳବସ୍ତୁ କରେ ଦରଶନ । ସ୍ୱପ୍ନେ କରଇ ମାୟାର ଅଶେଷ ଗ୍ରହଣ ॥
ସୁଷୁପ୍ତିରେ ସୁଖନିଦ୍ରା ଉପଭୋଗ କରେ । ସକଳ ଶ୍ରେଣୀର ଆତ୍ମାରୂପେ ଯେ ବିଚରେ ॥
ଏମନ୍ତେ ତୁରୀୟ ବ୍ରହ୍ମ ଯେ ପୁଣି ଅଟଇ । ସେ ସଂସାର ତମୋନାଶୀ ହରିଙ୍କି ଭଜଇ ।୧୬।

ପଶ୍ୟନ୍ ଶୁଦ୍ଧୋଽପ୍ୟକ୍ଷର ଏକୋ ଗୁଣଭେଦାନ
ନାନାକାରାନ୍ ସ୍ଫଟିକବଦ୍ଭାତି ବିଚିତ୍ରଃ ।
ଭିନ୍ନଶ୍ଛିନ୍ନଶ୍ଚାୟମଜଃ କର୍ମଫଳୈର୍ଯ
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୧୭ ।

ବ୍ରହ୍ମାବିଷ୍ଣୂ ରୁଦ୍ରହୁତାଶୌ ରବିଚନ୍ଦ୍ରା—
ବିନ୍ଦ୍ରୋବାୟୁର୍ଯଜ୍ଞ ଇତୀଦଂ ପରିକଳ୍ପ୍ୟ ।
ଏକଂ ଶାନ୍ତଂ ଯଂ ବହୁଧାହୁସ୍ତଦ୍ଭେଦାତ୍
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୧୮ ।

ସତ୍ୟଂ ଜ୍ଞାନଂ ଶୁଦ୍ଧମନନ୍ତଂ ବ୍ୟତିରିକ୍ତଂ
ଶାନ୍ତଂ ଗୂଢଂ ନିଷ୍କଳମାନନ୍ଦମନନ୍ୟମ୍ ।
ଇତ୍ୟାହାଦୌ ଯଂ ବରୁଣୋଽସୌ ଭୃଗବେଽଜଂ
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୧୯ ।

କୋଷାନେତାନ୍ ପଞ୍ଚରସାଦୀନତିହାୟ
ବ୍ରହ୍ମାସ୍ମୀତି ସ୍ୱାତ୍ମନି ନିଶ୍ଚିତ୍ୟ ଦୃଶିସ୍ଥଃ ।
ପିତ୍ରାଦିଷ୍ଟୋ ବେଦ ଭୃଗୁର୍ଯଂ ଯଜୁରନ୍ତେ
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୨୦ ।

ଏକହିଁ ସ୍ଫଟିକ ଥାଇ ନାନାବର୍ଣ୍ଣ ପାଶେ । ଯେସନେ ବିବିଧ ବର୍ଣ୍ଣ ମଣି ପ୍ରାୟ ଦିଶେ ॥
ତେସନେ ଯେଉଁ ପୁରୁଷ ଗୁଣ ଅନୁସାରେ । ନାନାରୂପେ ପ୍ରକାଶିତ ହୁଅଇ ସଂସାରେ ॥
ଜନ୍ମ-ରହିତ ହୋଇ ଯେ କର୍ମଫଳ କ୍ରମେ । ଭିନ୍ନ ଭିନ୍ନ ରୂପ ବହି ଜଗତରେ ଭ୍ରମେ ॥
ସଂସାର ଅଜ୍ଞାନ ତମ ଯେହୁ ଯେ ନାଶଇ । ସେ ହରିଙ୍କି ଭକ୍ତିଭାବେ ସଦା ପ୍ରଣମଇ ।୧୭।
ଯାଙ୍କୁ ମର୍ତ୍ତ୍ୟଲୋକେ ନିଜ ମତ ଅନୁସାରେ । ନାନାରୂପେ କଳପନା କରନ୍ତି ସଂସାରେ ॥
ବ୍ରହ୍ମା ବିଷ୍ଣୁ ଶିବ ଅଗ୍ନି ସୂର୍ଯ୍ୟ ଚନ୍ଦ୍ର ବାୟୁ । ଇନ୍ଦ୍ରଆଦିରୂପେ ପୂଜା କରୁଥାନ୍ତି ଆଉ ॥
କିନ୍ତୁ ଯେ ଶାନ୍ତ ପୁରୁଷ ଅଟଇ ଏକଇଁ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇଁ ।୧୮।
ବରୁଣ ଆପଣା ପୁତ୍ର ଭୃଗୁଙ୍କ ଆଗରେ । କହିଛନ୍ତି ନିରୂପଣ ଯାଙ୍କୁ ଏ ରୂପରେ ॥ :—
"ଯେ ସତ୍ୟ ଯେ ଜ୍ଞାନମୟ ଯେ ଶୁଦ୍ଧ ଅନନ୍ତ । ବିଶେଷେ ଯେ ଅତିରିକ୍ତ ଯେ ଗୂଢ଼ ଯେ ଶାନ୍ତ
ନିଷ୍କଳ ଆନନ୍ଦମୟ ଏକ ଯେ ଅଟଇ । ସେ ସଂସାର ତମୋନାଶୀ ହରିଙ୍କି ବନ୍ଦଇଁ । ୧୯ ।
ପିତାଠାରୁ ବେଦ ଶିକ୍ଷା ପାଇ ଭୃଗୁମୁନି । ଆତ୍ମାକୁ ନିଶ୍ଚୟ କଲେ ଏହିରୂପେ ପୁଣି :—
"ମୁଁ କୋଷ ରହିତ ରସ ଆଦି ଅତିରିକ୍ତ । ପରଂ ବ୍ରହ୍ମ" ବୋଲି ଯାଙ୍କୁ ହେଲେ ପରିଜ୍ଞାତ ॥
ଯେ ସଂସାର-ଅଜ୍ଞାନତା-ତିମିର ଧ୍ୱଂସକ । ସେ ହରିଙ୍କୁ ଭକ୍ତିଭାବେ ନିତ ମୁଁ ଭାବଇଁ ।୨୦।

ଯେନାବିଷ୍ଟୋ ଯସ୍ୟ ଚ ଶକ୍ତ୍ୟା ଯଦଧୀନଃ
କ୍ଷେତ୍ରଜ୍ଞୋଽୟଂ କାରୟିତା ଜନ୍ତୁଷୁ କର୍ତ୍ତୃଃ ।
କର୍ତ୍ତା ଭୋକ୍ତାତ୍ମାତ୍ର ହି ଯଚ୍ଛକ୍ତ୍ୟଧିରୂଢ଼ଃ—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୧ ।
ସୃଷ୍ଟ୍ୱା ସର୍ବଂ ସ୍ୱାତ୍ମତୟୈବେତ୍ଥମତର୍କ୍ୟଂ
ବ୍ୟାପ୍ୟାଥାନ୍ତଃ କୃତ୍ସ୍ନମିଦଂ ସୃଷ୍ଟମଶେଷମ୍ ।
ସଚ୍ଚ ତ୍ୟଚ୍ଚାଭୂତ୍ ପରମାତ୍ମା ସ ଯ ଏକ—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୨ ।
ବେଦାନ୍ତୈଶ୍ଚାଧ୍ୟାତ୍ମିକଶାସ୍ତ୍ରୈଶ୍ଚ ପୁରାଣୈଃ
ଶାସ୍ତ୍ରୈଶ୍ଚାନ୍ୟୈଃ ସାତ୍ୱତ ତନ୍ତ୍ରୈଶ୍ଚ ଯମୀଶମ୍ ।
ଦୃଷ୍ଟ୍ୱାଽଥାନ୍ତଶ୍ଚେତସି ବୁଦ୍ଧ୍ୱା ବିବିଶୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୩ ।
ଶ୍ରଦ୍ଧାଭକ୍ତିଧ୍ୟାନଶମାଦ୍ୟୈର୍ଯତମାନୈ—
ର୍ଜ୍ଞାତୁଂ ଶକ୍ୟୋ ଦେବ ଇହୈବାଶୁ ଯ ଈଶଃ ॥
ଦୁର୍ବିଜ୍ଞେୟୋ ଜନ୍ମଶତୈଶ୍ଚାପି ବିନା ତୈ—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୪ ।

ଜୀବକୁ କରିଛନ୍ତି ଯେହୁ ଆବିଷ୍ଟ ଦେହରେ । ରହଇ ଆବର ଜୀବ ଯାହାର ବଳରେ ॥
ଯାହାର ଅଧୀନ ହୋଇ ଆତ୍ମା ଅଛି ରହି । ପ୍ରାଣିମାନଙ୍କ ମଧ୍ୟେ ଯେ କର୍ତ୍ତାକୁ ପେଷଇ ॥
ସ୍ୱଭାବରେ ଯେହୁ କର୍ତ୍ତା ଯେ ଭୋକ୍ତା ଅଟଇ । ଚିତ୍ତ ଶକ୍ତିରେ ଯେହୁ ଆରୂଢ଼ ରହଇ ॥
ଯେ ସଂସାର-ପାପ-ତାପ-ତିମିର ହରଇ । ସେ ହରିଙ୍କି ନିରନ୍ତରେ ଧ୍ୟାନ ମୁଁ କରଇ । ୨୧ ।
ଯେହୁ ସମୁଦାୟ ବିଶ୍ୱ ରଚନା କରିଛି । ଆତ୍ମାରୂପେ ସମସ୍ତଙ୍କ ଦେହେ ଯେ ରହିଛି ॥
ଯେହୁ ସର୍ବବ୍ୟାପୀ ଯେହୁ ଅତର୍କ୍ୟ ଅଟଇ । ସତ୍ୟ ପରମାତ୍ମା ପୁଣି ଅଦ୍ୱିତୀୟ ଯେହୁ ॥
ଯେ ସଂସାର-ଅଜ୍ଞାନତା ତିମିର ନାଶଇ । ସେ ହରିଙ୍କି ଅବିରତ ସ୍ତବ ମୁଁ କରଇ । ୨୨ ।
ବେଦାନ୍ତ ପୁରାଣ ଶାସ୍ତ୍ର ଆଧ୍ୟାତ୍ମିକ ଶାସ୍ତ୍ରେ । ଅନ୍ୟାନ୍ୟ ସାତ୍ୱତ ତନ୍ତ୍ର ଆଦି ସର୍ବଶାସ୍ତ୍ରେ ॥
ଈଶ୍ୱର ବୋଲି ଯେହୁ ହୋଇଛନ୍ତି କୀର୍ତ୍ତିତ । ଯାହାଙ୍କୁ ଜାଣି ପାରିଲେ ପଶିଯାଏ ଚିତ୍ତ ॥
ସଂସାର ଅଜ୍ଞାନତମ ଯେ ଦୂର କରଇ । ସେ ହରିଙ୍କି ନିରନ୍ତରେ ସ୍ତବ ମୁଁ କରଇ । ୨୩ ।
ଶ୍ରଦ୍ଧା ଭକ୍ତି ଜ୍ଞାନ ଶମ ଦମ ଆଦି ପଣ । ସାଧନ କରି ଯତନେ ଚିହ୍ନିଲେ ଯା' ଗୁଣ ॥
ଈଶ୍ୱର ବୋଲି ଯାହାଙ୍କୁ ଜାଣିମାନେ ନର । କିନ୍ତୁ ଶ୍ରଦ୍ଧା ଭକ୍ତି ବିନା ନୁହେ ସେ ଗୋଚର ॥
ଶତଜନ୍ମେ ସୁଦ୍ଧା ଶ୍ରଦ୍ଧା ଭକ୍ତି ଆଦି ବିନା । ଯାହାର ଅସ୍ତିତ୍ୱ ନର ନ ଜାଣଇ ସିନା ॥
ସଂସାର ଅଜ୍ଞାନ ତମ ରବି ଯେ ନାଶଇ । ସେ ହରିଙ୍କି ଭକ୍ତିଭାବେ ସ୍ତବ ମୁଁ କରଇ । ୨୪ ।

ଯସ୍ୟାତର୍କ୍ୟଂ ସ୍ୱାତ୍ମବିଭୂତେଃ ପରମାର୍ଥଂ
ସର୍ବଂ ଖଲ୍ୱିତ୍ୟତ୍ର ନିରୁକ୍ତଂ ଶ୍ରୁତିବିଦ୍ଭିଃ
ତଜ୍ଜାଦତ୍ୱାଦବ୍ଧିତରଙ୍ଗାଭମଭିନ୍ନଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ ॥ ୨୫

ଦୃଷ୍ଟ୍ୱା ଗୀତାସ୍ୱକ୍ଷରତତ୍ତ୍ୱଂ ବିଧିନାଽଜଂ
ଭକ୍ତ୍ୟାଗୁର୍ବ୍ୟା ଲବ୍ୟ ହୃଦସ୍ଥଂ ଦୃଶିମାତ୍ରମ୍ ।
ଧ୍ୟାତ୍ୱା ତସ୍ମିନ୍ନସ୍ମ୍ୟ ହମିତ୍ୟତ୍ର ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୬ ।

କ୍ଷେତ୍ରଜ୍ଞତ୍ୱଂ ପ୍ରାପ୍ୟ ବିଭୁଃ ପଞ୍ଚମୁଖୈର୍ଯୋ
ଭୁଙ୍କ୍ତେଽଜସ୍ରଂ ଭୋଗ୍ୟପଦାର୍ଥାନ୍ ପ୍ରକୃତିସ୍ଥଃ ।
କ୍ଷେତ୍ରେ କ୍ଷେତ୍ରେଽପ୍ସ୍ୱିନ୍ଦୁବଦେକୋ ବହୁଧାସ୍ତେ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୭ ।

ଯୁକ୍ତ୍ୟାଲୋଡ୍ୟ ବ୍ୟାସବଚାଂସ୍ୟତ୍ର ହି ଲଭ୍ୟଃ
କ୍ଷେତ୍ରକ୍ଷେତ୍ରଜ୍ଞାନ୍ତରବିଦ୍ଭିଃ ପୁରୁଷାଖ୍ୟଃ ।
ଯୋଽହଂ ସୋଽସୌ ସୋଽସ୍ମ୍ୟହମେବେତି ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡେ । ୨୮ ।

ଯାହାର ସ୍ୱରୂପ ତର୍କେ ନିରୂପିତ ନୁହେ । ଯାହାଙ୍କୁ ବେଦପାରଗ ତପସ୍ୱି-ସମୂହେ ॥
"ସର୍ବଂଖଳ୍ୱିଦଂ ବ୍ରହ୍ମ" ବୋଲି କଲେ ସ୍ଥିର । ସକଳ ଶ୍ରୁତିରେ ଖ୍ୟାତ ହୋଇଛନ୍ତି ଏଗିର ।
ସେ ଓ ତାଙ୍କଠାରୁ ଜାତ ବସ୍ତୁ ସମୁଦାୟ । ଅଭିନ୍ନ ଅଟେ ସିନ୍ଧୁ ଓ ତରଙ୍ଗର ନ୍ୟାୟ ॥
ସଂସାର-ଧ୍ୱାନ୍ତରାଶିଯେ ବିନାଶ କରଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇଁ ॥ ୨୫ ॥
ଗୀତାରେ ଅକ୍ଷର ତତ୍ତ୍ୱ କଲେ ଦରଶନ । ହୃଦେ ଲବ୍ଧ ହୁଏ ଯେଉଁ ବ୍ରହ୍ମସନାତନ ॥
ନିରନ୍ତର ଭକ୍ତି ସହ କଲେ ଯାକୁ ଧ୍ୟାନ । ମୁଁ ସେହି ପରମ ବ୍ରହ୍ମ ବୋଲି ହୁଏ ଜ୍ଞାନ ॥
ସଂସାର-ଅଜ୍ଞାନ-ତମ ବିନାଶ ଯେ କରେ । ସେହି ହରିଙ୍କ ସ୍ତବ ମୁହିଁ କରେଁ ଭକ୍ତିଭରେ । ୨୬
ଯେ ବିଭୁ କ୍ଷେତ୍ରଜ୍ଞ ଭାବ ହୋଇଣ ପ୍ରାପତ । ପଞ୍ଚମୁଖେ ଭୋଗ୍ୟ ଦ୍ରବ୍ୟ ଭୁଞ୍ଜଇ ସତତ ।
ଏକଚନ୍ଦ୍ର ଯଥା ଜଳେ ବିଭିନ୍ନ ଦିଶଇ । ସମସ୍ତଙ୍କ ଦେହେ ତଥା ସେହୁ ପ୍ରକାଶଇ ।
ସଂସାର-ତମରାଶି ଯେ ବିନାଶ କରଇ । ସେ ହରିଙ୍କ ଭକ୍ତିଭାବେ ସ୍ତବ ମୁଁ କରଇଁ । ୨୭ ।
ଦେହ ଆତ୍ମା ଭେଦାଭିଜ୍ଞ ସାଧକନିକରେ । ବ୍ୟାସବାକ୍ୟ ଆଲୋଡିଣି ଯୁକ୍ତି ସହିତରେ ।
ଲଭି ପାରନ୍ତି ଯେବଣ ପରମ ଆତ୍ମାକୁ । "ସୋଽହମସ୍ମି" ଶବ୍ଦବାକ୍ୟେ ଜାଣିହୁଏ ଯାକୁ ॥
ଭବର ଅଜ୍ଞାନତମରାଶି ଯେ ନାଶଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇଁ । ୨୮ ।

ଏକାକୃତ୍ୟାନେକଶରୀରସ୍ଥମିମଂ ଜ୍ଞଂ
ଯଂ ବିଜ୍ଞାୟେହୈବତ ଏବାଶୁ ଭବନ୍ତି ।
ଯସ୍ମିନ୍ ଲୀନା ନେହ ପୁନର୍ଜନ୍ମ ଲଭନ୍ତେ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୨୯ ।

ଦ୍ୱନ୍ଦ୍ୱୈକତ୍ୱଂ ଯଚ୍ଚ ମଧୁବ୍ରାହ୍ମଣବାକ୍ୟୈଃ,
କୃତ୍ୱା ଶକ୍ରୋପାସନମାସାଦ୍ୟ ବିଭୂତ୍ୟା ।
ଯୋଽସୌ ସୋଽହଂ ସୋଽସ୍ମ୍ୟହମେବେତି ବିଦୁର୍ଯଂ,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୦ ।

ଯୋଽୟଂ ଦେହେ ଚେଷ୍ଟୟିତାନ୍ତଃକରଣସ୍ଥଃ
ସୂର୍ଯ୍ୟେ ଚାସୌ ତାପୟିତା ସୋଽସ୍ମ୍ୟହମେବ ।
ଇତ୍ୟାତ୍ମୈକ୍ୟୋପାସନୟା ଯଂ ବିଦୁରୀଶଂ,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୧ ।

ବିଜ୍ଞାନାଂଶୋ ଯସ୍ୟ ସ୍ୱତଃ ଶକ୍ତ୍ୟଧିରୂଢ଼ା
ବୁଦ୍ଧିର୍ବୁଧ୍ୟତ୍ୟତ୍ର ବହିର୍ବୋଧ୍ୟପଦାର୍ଥାନ୍ ।
ନୈବାନ୍ତଃସ୍ଥଂ ବୁଧ୍ୟତି ଯଂ ବୋଧୟିତାରଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୨ ।

ଜ୍ଞାନୀଏ ବହୁ ଦେହସ୍ଥ ଯେ ଆତ୍ମାକୁ ଏକ — । ଆତ୍ମା ବୋଲି କରି ଦୃଢ଼େ କଲେ ଏ ବିବେକ
ଇହଜନ୍ମେ ତତ୍ତ୍ୱଜ୍ଞାନୀ ସେ ହୋଇ ପାରନ୍ତି । ପରେ ଲୀନ ହେଲେ ପୁଣି ଜାତ ନ ହୁଅନ୍ତି ।
ସଂସାର-ଧ୍ୱାନ୍ତରାଶିକୁ ଯେ ନାଶ କରଇ । ନିରନ୍ତର ସେ ହରିଙ୍କି ସ୍ତୁତ ମୁଁ କରଇଁ । ୨୯ ।

ବେଦାନ୍ତ 'ବାକ୍ୟକୁ ଯେହୁ ବିଶ୍ୱାସ କରନ୍ତି । ଜୀବାତ୍ମା ପରମାତ୍ମା ଏକ ବୋଲି ବିଚାରନ୍ତି ॥
ଶକ୍ରାଦିଙ୍କୁ ଆରାଧନା କରନ୍ତି ଏମନେ । 'ମୁଁ ସେ ଆତ୍ମା' 'ସେ ଆତ୍ମା ମୁଁ' ବୋଲି ବୁଝନ୍ତି ମନେ
ସଂସାର-ଅଜ୍ଞାନରୂପ ତମ ଯେ ହରଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇଁ । ୩୦ ।

ଦେହେ ବେଢ଼ି ରହିଛି ଯେ ଅନ୍ତଃକରଣରେ । ସୂର୍ଯ୍ୟଙ୍କୁ ଉତ୍ତାପ ଯେହୁ ପ୍ରଦାନ କରେ ॥
'ମୁଁ ସେ ଆତ୍ମା' ଏହିପରି ଉପାସନାବଳେ । ଯାହାକୁ ଈଶ୍ୱର ବୋଲି ଜାଣି ହୁଏ ଭକ୍ତେ ॥
ସଂସାର-ତମରାଶିକୁ ଯେ ଦୂର କରଇ । ସେ ହରିଙ୍କି ଭକ୍ତିଭରେ ସଦା ମୁଁ ସ୍ତବଇଁ । ୩୧ ।

ଯାହାର ଶକ୍ତିରୁ ଜାତ ହୋଇଛି ବିଜ୍ଞାନ । ଯାଙ୍କ ମଧ୍ୟରେ ବୁଦ୍ଧି କରି ଅଧିଷ୍ଠାନ ॥
ବାହ୍ୟବୋଧ ପଦାର୍ଥର ବୋଧ ଜନମାଏ । କିନ୍ତୁ ଅନ୍ତଃସ୍ଥ ପୁରୁଷେ ତାହା ନ ଜଣାଏ ॥
ସଂସାର-ତମସମୂହ ଯେ ନାଶ କରଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇ । ୩୨ ।

କୋଽୟଂ ଦେହେ ଦେବ ଇତୀଥଂ ସୁବର୍ଯ୍ୟ
ଜ୍ଞାତାଶ୍ରୋତା ନନ୍ଦୟିତା ଚ ଏଷ ହି ଦେବଃ ।
ଇତ୍ୟାଲୋଚ୍ୟ ଜ୍ଞାଂଶ ଇହାସ୍ମୀତି ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୩ ।

କୋ ହ୍ୟେବାନ୍ୟାଦାତ୍ମନି ସ୍ୟାଦୟମେଷ,
ହ୍ୟେବାନନ୍ଦଃ ପ୍ରାଣିତି ଗୂପାନିତି ଚେତ୍,
ଇତ୍ୟସ୍ତିତ୍ୱଂ ବକ୍ତ୍ର୍ୟୁପପତ୍ତ୍ୟା ଶ୍ରୁତିରେଷା,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୪ ।

ପ୍ରାଣୋ ବାହଂ ବାକ୍‌ଶ୍ରବଣାଦୀନି ମନୋ ବା,
ବୁଦ୍ଧିର୍ବାହଂ ବ୍ୟସ୍ତ ଉତାହୋଽପି ସମସ୍ତଃ ।
ଇତ୍ୟାଲୋଚ୍ୟ ଜ୍ଞପ୍ତିରିହାସ୍ମୀତି ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୫ ।

'ଅଛନ୍ତି କୌଣସି ଦେବ ଦେହେ ବାସକରି ? ।' ଏହା ସୁବର୍ଗୃର କଲେ ମାନସେ ଭ୍ରମୁର
ଯେହୁ ଜ୍ଞାତା ଶ୍ରୋତା ପୁଣି ଆନନ୍ଦିତ ହେବ । ସେହିଟି ଏ ଶରୀରର ଅଧିଷ୍ଠିତ ଦେବ ॥
ଏହିପରି ଆଲୋଚନା କରି ମନେ ମନେ । "ମୁହିଁ ସେହି ପରମାତ୍ମା" ବୋଲି ଯାକୁ ମଣେ
ସଂସାର-ତିମିର ଯେହୁ ବିନାଶ କରଇ । ସେ ହରିଙ୍କ ନିରନ୍ତର ସ୍ତବ ମୁଁ କରଇଁ । ୩୩ ।

ଆତ୍ମା ବିନା ଆଉ କେବା ଏମନ୍ତ ଅଛଇ । ପ୍ରାଣାଦି ବାୟୁର କାର୍ଯ୍ୟ-ଚାଳକ ଅଟଇ ?
ଆତ୍ମାହିଁ ଆନନ୍ଦମୟ ଅଟଇ ଦେହରେ । ପ୍ରାଣାଦି ବାୟୁର କାର୍ଯ୍ୟ ଚଳାଚଳ କରେ ॥
ଏହିପରି ଉପପତ୍ତି ୧ କରି ପ୍ରଦର୍ଶନ । କରନ୍ତି ଅସ୍ତିତ୍ୱ ଶ୍ରୁତି ଯା ପ୍ରତିପାଦନ ॥
ସଂସାର ତିମିରରାଶି ନାଶ ଯେ କରଇ । ସେ ହରିଙ୍କ ନିରନ୍ତର ସ୍ତବ ମୁଁ କରଇଁ । ୩୪ ।

"ମୁଁ ପ୍ରାଣ, ମୁଁ ବାକ୍ୟ, ମୁହିଁ କର୍ଣ୍ଣାଦି ଇନ୍ଦ୍ରିୟ । ମୁଁ ମନ, ମୁଁ ବୁଦ୍ଧି, ମୁହିଁ ସମସ୍ତ ଆଶ୍ରୟ ॥
ପ୍ରାଣାଦି ପୃଥକରୂପେ ଓ ସମସ୍ତ ରୂପେ । ମୁହିଁ ବାଦ୍ୟମାନ ଅଟୁଁ ।" ଭାବି ଏହିରୂପେ ॥
ଯାହାକୁ ଆତ୍ମା ବୋଲିଣ ହୁଏ ପରିଜ୍ଞାତ । ସେ ହରିଙ୍କି ଭଜେଁ ଯେହୁ ହରେ ଭବ-ଧ୍ୱାନ୍ତ ॥

---

୧ ଯୁକ୍ତି, ସିଦ୍ଧାନ୍ତ, ହେତୁ ।

ନାହଂ ପ୍ରାଣୋ ନୈବ ଶରୀରଂ ନ ମନୋଽହଂ,
ବୁଦ୍ଧିର୍ନାହଂ ନାହମହଙ୍କାରଧିୟୌ ଚ ।
ଯୋଽବ ଜ୍ଞାଂଶଃ ସୋଽସ୍ମ୍ୟହମେବେତି ବଦନ୍ତୀଂ,
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୬ ।

ସତ୍ତାମାତ୍ରଂ କେବଲବିଜ୍ଞାନମଜଂ ସତ୍,
ସୂକ୍ଷ୍ମଂ ନିତ୍ୟଂ ତତ୍ତ୍ୱମସୀତ୍ୟାତ୍ମସୁତାୟ ।
ସାମ୍ନାମନ୍ତେ ପ୍ରାହ ପିତା ଯଂ ବିଭୁମାଦ୍ୟଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୭ ।

ମୂର୍ତ୍ତାମୂର୍ତ୍ତେ ପୂର୍ବମପୋହ୍ୟାଥ ସମାଧୌ
ଦୃଶ୍ୟଂ ସର୍ବଂ ନେତି ଚ ନେତୀତି ବିହାୟ ।
ଚୈତନ୍ୟାଂଶେ ସ୍ୱାତ୍ମନି ସନ୍ତଶ୍ଚ ବଦନ୍ତୀଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୮ ।

"ନୁହେଁ ମୁହିଁ ପ୍ରାଣ, ନୁହେଁ ଦେହ, ନୁହେଁ ମନ । ନୁହେଁ ବୁଦ୍ଧି, ଅହଙ୍କାର, ଚିତ୍ତବୃତ୍ତି ପୁଣ ॥
ପ୍ରାଣାଦି ଭୌତିକ ଦ୍ରବ୍ୟ ଘଟାଦିପରିଏ । ଉତ୍ପତ୍ତିବିନାଶ ଆଦି ଯେଣୁ ହୋଇଥାଏ ॥
ଏଣୁ କରି ଦୃଶ୍ୟତ୍ୱାଦି ଧର୍ମ୍ମ ଯାର ନାହିଁ । ପ୍ରାଣାଦିର ସାକ୍ଷୀ ତଥା ଜ୍ଞାନମୟ ଯେହୁ ।
ସେହୁଟି ମୁହିଁ" ଏରୂପେ ଯାକୁ ହୁଏ ଜ୍ଞାନ । ସେ ହରିଙ୍କି ଭଜେଁ ଯେହୁ ହରେ ଭବ-ଧ୍ୱାନ୍ତ

"ସତ୍ତାମାତ୍ର ଉପଲବ୍ଧି ଯାହାର ହୁଅଇ । ଅଦ୍ୱିତୀୟ, ଜ୍ଞାନମୟ, ଅଜ ଯେ ଅଟଇ ॥
ଯେହୁ ସତ୍ ସ୍ୱରୂପ ସୂକ୍ଷ୍ମ ଅବିନାଶୀ ଅଜ । ତତ୍ତ୍ୱମସ୍ୟାଦି ବାକ୍ୟର ବିଷୟହିଁ ଯେହୁ ॥"
ଏହିମତେ ଉଦ୍ଦାଳକ ଆପଣା ନନ୍ଦନ- । ଶ୍ୱେତକେତୁଙ୍କୁ ଦେଇଥିଲେ ଶିକ୍ଷାପଣ ॥
ପରମାତ୍ମା ବୋଲି ଯେଉଁ ବିଭୁଙ୍କୁ ସେ ମୁନି । ନିର୍ଦ୍ଦେଶ କରି ପୁତ୍ରକୁ କହିଥିଲେ ପୁଣି ॥
ସଂସାର-ଅଜ୍ଞାନ-ତମ ଯେ ନାଶ କରଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇ । ୩୭ ।

ଆତ୍ମତତ୍ତ୍ୱ-ସନ୍ଧାନେଚ୍ଛୁ ଯୋଗିଗଣ ଆଗେ । ମୂର୍ତ୍ତାମୂର୍ତ୍ତ ସମୁଦାୟ ବସ୍ତୁ ପରିତ୍ୟାଗେ ॥
ସମାଧିରେ ସୁଦ୍ଧା ଦୃଶ୍ୟ ପଦାର୍ଥେ ବହନ । "ନେତି ନେତି" ବୋଲି ସର୍ବ କରି ବରଜନ ॥
ଚୈତନ୍ୟମୟ ବୋଲିଣ ଯାକୁ ଚିତ୍ତେ ଜାଣି । ବ୍ରହ୍ମାଣ୍ଡେ ଯେ ଏକମାତ୍ର ସତ୍ ସ୍ୱରୂପ ପୁଣି ॥
ସଂସାର-ଅଜ୍ଞାନ-ତମ ଯେ ଦୂର କରଇ । ସେ ହରିଙ୍କି ଭକ୍ତିଭରେ ସ୍ତବ ମୁଁ କରଇ ॥୩୮।

ଓତଂପ୍ରୋତଂ ଯତ୍ର ଚ ସର୍ବଂ ଗଗନାନ୍ତଂ
ଯୋଽ ସ୍ଥୂଲାନଣ୍ୱାଦପୁ ସିଦ୍ଧୋଽକ୍ଷରସଙ୍ଜ୍ଞଃ ।
ଜ୍ଞାତାଽତୋଽନ୍ୟୋ ନେତ୍ୟୁପଲଭ୍ୟୋ ନ ଚ ବେଦ୍ୟ—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୩୯ ।

ତାବତ୍ ସର୍ବଂ ସତ୍ୟମିବାଭାତି ଯଦେତତ୍
ଯାବତ୍ ସୋଽସ୍ମିନ୍ନାତ୍ମନି ଯୋ ଜ୍ଞୋ ନ ହି ଦୃଷ୍ଟଃ ।
ଦୃଷ୍ଟେ ତସ୍ମିନ୍ ସର୍ବମସତ୍ୟଂ ଭବତୀଦଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୪୦ ।

ରାଗାମୁକ୍ତଂ ଲୌହଯୁତଂ ହେମ ଯଥାଗ୍ନୌ
ଯୋଗାଷ୍ଟାଙ୍ଗୈରୁଜ୍ଜ୍ୱଲିତଜ୍ଞାନମୟାଗ୍ନୌ ।
ଦଗ୍ଧ୍ୱାତ୍ମାନଂ ଜ୍ଞଂ ପରିଶିଷ୍ଟଞ୍ଚ ବିଦୁର୍ଯଂ
ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୪୧ ।

ପୃଥ୍ୱୀ ଜଳ ତେଜ ବାୟୁ ଅକାଶ ଯେଉଁଠାରେ । ପରିବ୍ୟାପ୍ତ ହୋଇଛନ୍ତି ¹ ଓତପ୍ରୋତ ଭାବେ ॥
"ଯେ ସ୍ଥୂଳ ବା ସୂକ୍ଷ୍ମ ନୁହେ" ଇତ୍ୟାଦି ବାକ୍ୟରେ । ପ୍ରମାଣିତ ହୋଇଛନ୍ତି ବେଦ
ବେଦାନ୍ତରେ ॥
ନାହିଁ ଯତ୍ପ୍ରୋଦପ୍ୟ ଯାର ଯେହୁ ସର୍ବଜ୍ଞତା । କେହୁ ଲଭି ପାରେ ନାହିଁ କେବେ ଯାର ସତ୍ତା ॥
ଯେହୁ ଜ୍ଞାନଗମ୍ୟ, ଯେହୁ ଭବ-ତମ ହରେ । ସେ ହରିଙ୍କି ସ୍ତବ ମୁହିଁ କରେଁ ନିରନ୍ତରେ ॥୩୯॥

"ମୁହିଁ ସେହି ପରମାତ୍ମା" ଏହି ଭ୍ରମେ ଯାବତ । ଜ୍ଞାନୀ ତା ହୃଦେ ଦର୍ଶନ ନ କରେ ତାବତ ॥
ସବୁ ବସ୍ତୁ ସତ୍ୟବୋଲି ଜଣାପଡୁଥାଏ । ପରମାର୍ଥ ଦରଶନେ ମିଥ୍ୟା ଜଣାଯାଏ ॥
ସଂସାର-ଅଜ୍ଞାନ-ତମ ନାଶ ଯେ କରଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇଁ । ୪୦ ।

ସୁରଞ୍ଜିତ ଲୌହଯୁକ୍ତ ସ୍ୱର୍ଣ୍ଣକୁ ଯେସନ୍ତ । ପୋଡ଼ିଦେଲେ ରାଗ-ଲୌହ ହୋଇ ଭସ୍ମୀଭୂତ ॥
ରହଇ କେବଳ ମାତ୍ର ଅବଶିଷ୍ଟ ସ୍ୱର୍ଣ୍ଣ । ଅଷ୍ଟାଙ୍ଗ ଯୋଗ ସାଧନେ ଆତ୍ମାକୁ ତେସନ ॥
ସମୁଜ୍ଜ୍ୱଳ ଜ୍ଞାନାନଳେ ଯେବେ କେହି ଦହେ । କେବଳ ପରମାତ୍ମା ଅବଶିଷ୍ଟ ରହେ ॥
ଏରୂପେ ଯେ ପରମାତ୍ମା ବିଦ୍ଧ୍ୱ ଧରାପୃଷ୍ଠେ । ପରିଜ୍ଞାତ କରଥାନ୍ତି ସାଧକ ନିକରେ ॥
ସଂସାର-ଅଜ୍ଞାନ-ତମ ଯେ କରେ ହରଣ । ସେ ହରିଙ୍କି ସ୍ତବ ମୁହିଁ କରେଁ ଅନୁକ୍ଷଣ । ୪୧ ।

---

¹ ସମସ୍ତ ସ୍ଥାନ ପୂର୍ଣ୍ଣ କରି ।

ଯଂ ବିଜ୍ଞାନଂ ଜ୍ୟୋତିଷମାଦ୍ୟଂ ସୁବିଭାନ୍ତଂ
ହୃଦ୍ୟର୍କେନ୍ଦ୍ୱଗ୍ନ୍ୟୋକସମୀଡ୍ୟଂ ତଡ଼ିଦାଭମ୍ ।
ଭକ୍ତ୍ୟାରାଧ୍ୟେହୈବ ବିଶନ୍ତ୍ୟାତ୍ମନି ସନ୍ତ-
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୪୨ ।

ପାଶ୍ୟାଦ୍‌ଭକ୍ତଂ ସ୍ୱାତ୍ମନି ସନ୍ତଂ ପୁରୁଷୋ ଯୋ
ଭକ୍ତ୍ୟାସ୍ତୌତୀତ୍ୟାଙ୍ଗିରସଂ ବିଷ୍ଣୁରିମଂ ମାମ୍ ।
ଇତ୍ୟାତ୍ମାନଂ ସ୍ୱାତ୍ମନି ସଂହୃତ୍ୟ ସଦୈକ—
ସ୍ତଂ ସଂସାରଧ୍ୱାନ୍ତବିନାଶଂ ହରିମୀଡ଼େ । ୪୩ ।

ଇତ୍ଥଂ ସ୍ତୋତ୍ରଂ ଭକ୍ତଜନେଡ଼୍ୟଂ ଭବଭୀତି
ଧ୍ୱାନ୍ତାର୍କାଭଂ ଭଗବତ୍‌ପାଦୀୟମିଦଂ ଯଃ ।
ବିଷ୍ଣୋର୍ଲୋକଂ ପଠତି ଶୃଣୋତି ବ୍ରଜତି ଜ୍ଞୋ
ଜ୍ଞାନଂ ଜ୍ଞେୟଂ ସ୍ୱାତ୍ମନି ଚାପ୍ନୋତି ମନୁଷ୍ୟଃ । ୪୪ ।

ଇତି ଶ୍ରୀମତ୍ ପରମହଂସ-ପରିବ୍ରାଜକାଚାର୍ଯ୍ୟ- ଭଗବତ୍ ଗୋବିନ୍ଦ
ପାଦପୂଜ୍ୟଶିଷ୍ୟ ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ସ୍ୱାମିକୃତ ହରିତତ୍ତ୍ୱମୁକ୍ତାବଳୀ

ସମାପ୍ତା ।

ଯେ ବିଜ୍ଞାନମୟ ମୂର୍ତ୍ତି ଯେହୁ ଜ୍ୟୋତିଷ୍ମାନ । ସକଳ ଆଦ-କାରଣ ଯେ ପ୍ରଭୁ ମହାନ ॥
ଯେ କେବଳ ହୃଦମଧ୍ୟେ ପ୍ରକାଶ ହୁଅଇ । ଚନ୍ଦ୍ର ସୂର୍ଯ୍ୟ ଅଗ୍ନିକୁ ଯେ ତେଜ ପ୍ରଦାନଇ ॥
ତଡ଼ିତ ସଦୃଶ ଯେହୁ ପ୍ରକାଶ ସଂସାରେ । ଆରାଧନା କଲେ ଭକ୍ତ ଭକ୍ତି ସହକାରେ ॥
ଇହକାଳେ ହୃଦୟେ ଯେ ପ୍ରବିଷ୍ଟ ହୁଅଇ । ସେ ହରିଙ୍କି ଭକ୍ତିଭରେ ସଦା ମୁଁ ସ୍ତବଇଁ । ୪୨ ।

ଯେ ସତ୍ ପୁରୁଷ ଭକ୍ତକୁ ଆପଣା ଆତ୍ମାରେ । ସ୍ଥାନ ପ୍ରଦାନି ରଖଇ ସର୍ବ ଅବସ୍ଥାରେ ॥
ହୃଦୟ ନିରୋଧି "ମୁହିଁ ବିଷ୍ଣୁ" ଏ ରୂପରେ । ଅଭେଦ ଜ୍ଞାନରେ ପୁଣି ଆତ୍ମସ୍ୱରୂପରେ ॥
ଭକ୍ତି ସହ ଚିନ୍ତିଲେ ଯେ ପୁରୁଷ କେବଳ । ଅବଶିଷ୍ଟ ବୋଲି ପ୍ରତେ ହୁଏ ହୃଦ ସ୍ଥଳ ॥
ସଂସାର-ଅଜ୍ଞାନ-ତମ ଯେ ଦୂର କରଇ । ସେ ହରିଙ୍କି ନିରନ୍ତର ସ୍ତବ ମୁଁ କରଇଁ । ୦୩ ।

ଭଗବତ୍ ଶଙ୍କରାଚାର୍ଯ୍ୟ-ରଚିତ ଏ ସ୍ତବ । ଭକ୍ତଜନମାନଙ୍କର ପଠନ-ବିଭବ ॥
ଭବ-ଭୟ ଅନ୍ଧକାରେ ତପନ ଯେସନ । ଯେ ଏହା କରେ ପଠନ କିଅବା ଶ୍ରବଣ ॥
ହୁଅଇ ସେ ବିଷ୍ଣୁଲୋକ ଗମନେ ସମର୍ଥ । ପୁଣି ଯେ ପଢ଼ଇ ବୁଝି ଏ ସ୍ତବର ଅର୍ଥ ॥
ଲଭିପାରେ ସ୍ୱୟଂ ସେହି ବ୍ରହ୍ମ ପଦାର୍ଥକୁ । ଅର୍ଥ ବୁଝି ଭକ୍ତିସହ ପଢ଼ିଲେ ସ୍ତବକୁ । ୪୪ ।

ତତ୍ତ୍ୱୋପଦେଶ

ତତ୍ତ୍ୱଂ ପଦାର୍ଥଶୁଦ୍ଧ୍ୟର୍ଥଂ ଗୁରୁଃ ଶିଷ୍ୟଂ ବଚୋଽବ୍ରବୀତ୍ ।
ବାକ୍ୟେ ତତ୍ତ୍ୱମସୀତ୍ୟର୍ଥେ ତ୍ୱଂ ପଦାର୍ଥଂ ବିବେଚୟ । ୧ ।
ନ ତ୍ୱଂ ଦେହୋଽସି ଦୃଶ୍ୟତ୍ୱାତ୍ ଉପଜାତ୍ୟାଦିମତ୍ତ୍ୱତଃ ।
ଭୌତିକତ୍ୱାଦଶୁଦ୍ଧତ୍ୱାଦନିତ୍ୟତ୍ୱାତ୍ତଥୈବ ଚ । ୨ ।
ଅଦୃଶ୍ୟୋ ରୂପହୀନସ୍ତ୍ୱଂ ଜାତିହୀନୋଽପ୍ୟଭୌତିକଃ
ଶୁଦ୍ଧନିତ୍ୟୋଽସି ଦୃଗ୍ରୂପୋ ଘଟୋ ଯଦ୍ୱନ୍ନ ଦୃଗ୍‌ଭବେତ୍ । ୩ ।

ତତ୍ତ୍ୱୋପଦେଶ

ଭଗବାନ ଶଙ୍କରାଚାର୍ଯ୍ୟ ସ୍ୱୀୟ ଶିଷ୍ୟ ମଣ୍ଡନ ମିଶ୍ରଙ୍କୁ ତତ୍ତ୍ୱପଦାର୍ଥ ପରିଜ୍ଞାନାର୍ଥ କହୁଅଛନ୍ତି—

୧ । ହେ ଶିଷ୍ୟ ! ଯଦି ତୁମ୍ଭେ ତତ୍ତ୍ୱଂ ପଦାର୍ଥ ଜାଣିବାକୁ ଇଚ୍ଛାକର, ତେବେ 'ତତ୍ତ୍ୱମସି' ବାକ୍ୟାନ୍ତର୍ଗତ ତ୍ୱଂ ପଦାର୍ଥ ବିବେଚନା କର । 'ତତ୍ତ୍ୱମସି' ବାକ୍ୟ-ତତ୍, ତ୍ୱଂ ଓ ଅସି ପଦତ୍ରୟଦ୍ୱାରା ଗଠିତ । ତେଣୁ 'ତତ୍ତ୍ୱମସି' ବାକ୍ୟର ଅର୍ଥ ବିଚାର କଲେ, ତତ୍ତ୍ୱଂ ପଦାର୍ଥ ଜାଣି ପାରିବ ।

୨ । ପ୍ରଥମତଃ ତ୍ୱଂ ପଦର ଅର୍ଥ ବିଚାର କର । ତ୍ୱଂ ଶବ୍ଦର ଅର୍ଥ ତୁମ୍ଭେ । ତୁମ୍ଭେ କିଏ ? ଏହି ଯେ ସ୍ଥୂଳ ଦେହ ଦୃଷ୍ଟ ହେଉଅଛି, ଏହା ତ୍ୱଂ ଶବ୍ଦର ଅର୍ଥ ନୁହେ । କାରଣ, ଶରୀର ଦୃଶ୍ୟ; ଆଉ ଯେ ତ୍ୱଂ ପ୍ରତିପାଦ୍ୟ ସେ ଅଦୃଶ୍ୟ । ଅପିଚ ଏହି ଶରୀର ଜାତିମାନ୍ । 'ଏହି ମନୁଷ୍ୟ' 'ଏହି ପଶୁ' ଇତ୍ୟାଦି ପ୍ରକାରରେ ଦେହର ଜାତି ବ୍ୟବହାର ହୋଇଥାଏ । ବିଶେଷତଃ ଏହି ଦେହ ଭୌତିକ, ଅଶୁଦ୍ଧ ଓ ଅନିତ୍ୟ । କିନ୍ତୁ ଯେ ତ୍ୱଂ ପଦ-ପ୍ରତିପାଦ୍ୟ, ସେ ଜାତିମାନ୍, ଭୌତିକ, ଅଶୁଦ୍ଧ ବା ଅନିତ୍ୟ ନୁହେ। ଅତଏବ କୌଣସି ପ୍ରକାରରେ ଦେହ ତ୍ୱଂ ପଦବାଚ୍ୟ ହୋଇ ନ ପାରେ ।

୩ । ଯେ ତ୍ୱଂ ପଦବାଚ୍ୟ, ସେ ଦୃଶ୍ୟ ନୁହେ; ଯେହେତୁ ସେ ରୂପହୀନ । ସୁତରାଂ ତାହାକୁ କେହି ଦେଖି ପାରନ୍ତି ନାହିଁ । ତାହାର ଜାତି ନାହିଁ, ସେ ଭୌତିକ ପଦାର୍ଥ ନୁହେ, ସେ ଶୁଦ୍ଧ ଓ ନିତ୍ୟ । ଯେଉଁ ପଦାର୍ଥ ଦୃଶ୍ୟ, ତାହା କଦାଚ ଦ୍ରଷ୍ଟା ହୁଏ ନାହିଁ; ଅଉ ଯାହା ଦ୍ରଷ୍ଟା, ତାହା କେବେ ଦୃଶ୍ୟ ହୁଏ ନାହିଁ। ଯେପରି ଘଟାଦି ପଦାର୍ଥକୁ ସମସ୍ତେ ଦେଖି ପାରନ୍ତି; କିନ୍ତୁ ସେହି ଘଟାଦି ପଦାର୍ଥ କେବେ ଦେଖି ପାରେ ନାହିଁ । ସେପରି ତ୍ୱଂ ପଦାର୍ଥ ଦ୍ରଷ୍ଟା, ତାହା ଦୃଶ୍ୟ ନୁହେ ।

ନ ଭବାନ୍ ଇନ୍ଦ୍ରିୟାଣ୍ୟେଷାଂ କରଣତ୍ୱେନ ଯା ଶ୍ରୁତଃ ।
ପ୍ରେରକସ୍ତ୍ୱଂ ପୃଥକ୍ ତେଭ୍ୟୋ ନ କର୍ତ୍ତା କରଣଂ ଭବେତ୍ ॥ ୪ ॥

ନାନୈତାନ୍ୟେକରୂପସ୍ତ୍ୱଂ ଭିନ୍ନସ୍ତେଭ୍ୟଃ କୁତଃ ଶୃଣୁ
ନ ଚୈକେନ୍ଦ୍ରିୟରୂପସ୍ତ୍ୱଂ ସର୍ବତ୍ରାହଂ ପ୍ରତୀତିତଃ ॥ ୫ ॥

ନ ତେଷାଂ ସମୁଦାୟୋଽପି ତେଷାମନ୍ୟ ତମସ୍ୟ ଚ ।
ବିନାଶେଽପ୍ୟାତ୍ମଧୀସ୍ତାବଦସ୍ତି ସ୍ୟାନ୍ନୈବମନ୍ୟଥା । ୬ ।

---

୪ । (ପୂର୍ବୋକ୍ତ ରୂପେ ସ୍ଥୂଳ ଦେହ ବାଦ୍ ଦେଇ ସୂକ୍ଷ୍ମ ଦେହ ମଧ୍ୟ ଯେ ତ୍ୱଂ ପଦ ବାଚ୍ୟ ନୁହେ, ଇଦାନୀଂ ତାହା ପ୍ରତିପାଦନ କରୁଅଛନ୍ତି) ।

ଇନ୍ଦ୍ରିୟାଦି ସୂକ୍ଷ୍ମଦେହ ମଧ୍ୟ ତ୍ୱଂ ପଦ—ପ୍ରତିପାଦ୍ୟ ନୁହେ; କାରଣ, ଶ୍ରୁତିରେ ଇନ୍ଦ୍ରିୟାଦି କରଣ ବୋଲି କଥିତ ହୋଇଅଛି । ତ୍ୱଂପଦ ପ୍ରତିପାଦ୍ୟ କର୍ତ୍ତା, କରଣ ନୁହେ; ଯେ କର୍ତ୍ତା, ସେ କଦାଚ କରଣ ହୋଇ ପାରେ ନାହିଁ । ତୁମେ ଇନ୍ଦ୍ରିୟାଦି କରଣଠାରୁ ପୃଥକ ଏବଂ ତୁମ୍ଭେ ସେହି ଇନ୍ଦ୍ରିୟାଦି କରଣର ପ୍ରେରୟିତା । ସୁତରାଂ ସୂକ୍ଷ୍ମ ଦେହକୁ ସୁଦ୍ଧା ତ୍ୱଂ ପଦ-ବାଚ୍ୟ କୁହାଯାଏ ନାହିଁ ।

୫ । ଇନ୍ଦ୍ରିୟାଦି କରଣ ନାନାପ୍ରକାର; ତୁମ୍ଭେ ଏକରୂପ । ସୁତରାଂ ଏହି ସମସ୍ତ କରଣ ରୂପ ଇନ୍ଦ୍ରିୟଠାରୁ ତୁମ୍ଭର ପାର୍ଥକ୍ୟ ସ୍ପଷ୍ଟ ପ୍ରତୀୟମାନ ହୁଏ । ସର୍ବତ୍ର ଅହଂ, ଏହିପରି ପ୍ରତୀତି ହୋଇଥାଏ । ଏହାଦ୍ୱାରା ଜଣାଯାଉଅଛି ଯେ, ତୁମ୍ଭେ ଅନେକ ନୁହେ । ଅତଏବ ଯେଉଁ ବସ୍ତୁ ଏକ, ତାହା କେବେ ଅନେକ ହୋଇ ପାରେ ନାହିଁ ।

୬ । ଯଦି କହ, ଇନ୍ଦ୍ରିୟ ଅନେକ ପ୍ରକାର ହେତୁ ତାହା ତ୍ୱଂ ପଦବାଚ୍ୟ ନୁହେ; କିନ୍ତୁ ଇନ୍ଦ୍ରିୟ ସମୁଦାୟତ ଅନେକ ନୁହେ । ସୁତରାଂ ଇନ୍ଦ୍ରିୟ ସମୁଦାୟ ତ୍ୱଂ ପଦ-ବାଚ୍ୟ ହେଉ; କିନ୍ତୁ ତାହା ସୁଦ୍ଧା ନୁହେ । କାରଣ, ଇନ୍ଦ୍ରିୟ ସମୁଦାୟ ମଧ୍ୟରୁ ଗୋଟିଏ ବିନଷ୍ଟ ହେଲେ, ସେହି ଲୋକର ବିନାଶ ହୁଏ ନାହିଁ । ଯଦି ଇନ୍ଦ୍ରିୟ ସମୂହ ତ୍ୱଂ ପଦ ପ୍ରତିପାଦ୍ୟ ହୁଅନ୍ତା, ତେବେ ଗୋଟିଏ ଇନ୍ଦ୍ରିୟର ବିନାଶରେ 'ଅହଂ' ଏହିପରି ପ୍ରତୀତି ହୋଇପାରନ୍ତା ନାହିଁ ।

ପ୍ରତ୍ୟେକମପି ତାନ୍ୟାତ୍ମା ନୈବ ତଦ୍ ନୟଂ ଶୃଣୁ ।
ନାନା ସ୍ୱାମିକଦେହୋଽୟଂ ନଶ୍ୟେନ୍ଦ୍ରିୟମଣ୍ଡଳାଶ୍ରୟଃ । ୭ ।
ନାନାସ୍ୱାମିମତଂ ନୈବ ବହୁଳଦ୍ୱୟସମୁଦ୍ଭବଃ ।
ସ୍ୱର୍ଗେ ଚୈକ୍ୟେ ତୁ ବ୍ୟବସ୍ଥା ସ୍ୟାଦ୍ୱେଳ ପାର୍ଥିବ ଦେଶବତ୍ । ୮ ।
ନ ଅନସ୍ତ୍ୟଂ ନ ବା ପ୍ରାଣୋ ଜଡ଼ତ୍ୱାଦେବ ଚୈତୟୋଃ ।
ଗତମନ୍ୟତ୍ର ମେ ଚିତ୍ତମିତ୍ୟନ୍ୟତ୍ୱାନୁଭୂତିତଃ । ୯ ।
କ୍ଷୁତ୍ପିପାସାଦିଭିଃ ପ୍ରାଣୋ ମମାସ୍ମା ଚେତ ଭେଦତଃ ।
ତସ୍ୟୋର୍ଦ୍ରଷ୍ଟା ପୃଥକ୍ ଭାବ୍ୟା ଘଟଦ୍ରଷ୍ଟା ଘଟାଦ୍ୟଥା । ୧୦ ।

---

୭ । (ପୂର୍ବୋକ୍ତ ଶ୍ଳୋକରେ କୁହାଯାଇଅଛି ଯେ, ଇନ୍ଦ୍ରିୟସମୂହ ତ୍ୱଂ ପଦ ପ୍ରତିପାଦ୍ୟ ନୁହେ । ତାହାହେଲେ ଇନ୍ଦ୍ରିୟଗଣର ପ୍ରତ୍ୟେକକୁ ଆତ୍ମା କହନ୍ତୁ; ଏହି ସନ୍ଦେହ ନିରାକରଣ ପାଇଁ କହୁଅଛନ୍ତି :—)

ଏହି ଦେହ ନାନାସ୍ୱାମିକ, ଅର୍ଥାତ୍ ମନ, ବୁଦ୍ଧି, ଅହଙ୍କାର, ଇନ୍ଦ୍ରିୟ ଏମାନେ ସମସ୍ତେ ଦେହର ସ୍ୱାମୀ ସ୍ୱରୂପ । ଏହି ମନ ବୁଦ୍ଧି ପ୍ରଭୃତିର ସୁଦ୍ଧା ଐକ୍ୟ ନାହିଁ । ଯେହେତୁ ଏକ ଇନ୍ଦ୍ରିୟର ଏକ ଦିଗରେ ଗତି ହେଲେ, ଅନ୍ୟ ଇନ୍ଦ୍ରିୟ ଅପର ଦିଗରେ ଗତି କରେ । ସୁତରାଂ ଇନ୍ଦ୍ରିୟମାନେ ଯେତେବେଳେ ସର୍ବତୋଭାବରେ ବିଭିନ୍ନ ଦୃଷ୍ଟ ହେଉଛନ୍ତି, ସେତେବେଳେ ସେହି ସମସ୍ତ ଇନ୍ଦ୍ରିୟଙ୍କୁ ସ୍ୱତନ୍ତ୍ର ସ୍ୱତନ୍ତ୍ର ରୂପେ ସୁଦ୍ଧା ଆତ୍ମା ବୋଲିହୁଏ ନାହିଁ ।

୮ । ବହୁଳଦ୍ୱୟସମୂହ ପ୍ରଯୁକ୍ତ ଆତ୍ମାର ବହୁତ୍ୱ ସୁଦ୍ଧା ସ୍ୱୀକାର କରାଯାଏ ନାହିଁ । ପୂର୍ବେ ଆତ୍ମା ଏକବୋଲି ପ୍ରତିପନ୍ନ ହୋଇଅଛି । ବର୍ତ୍ତମାନ ତାକୁ ନାନାମଧ୍ୟ କୁହାଯାଇ ନ ପାରେ । କାରଣ, ଏକତ୍ୱ ଓ ବହୁତ୍ୱ ଏ ଦୁଇଟି ପରସ୍ପର ବିରୁଦ୍ଧଧର୍ମ । ଯେପରି ଏହି ପୃଥିବୀର ରାଜା ଜଣେ ହେଲେ ମଧ୍ୟ ତାଙ୍କର ଅଧୀନ ଅନେକ ରାଜା ଅଛନ୍ତି, ସେପରି ଏକମାତ୍ର ଆତ୍ମାହିଁ ଦେହର ସ୍ୱାମୀ, ଇନ୍ଦ୍ରିୟଗଣ ସେହି ଆତ୍ମାର ଅଧୀନ ।

୯ । ମନ ବା ପ୍ରାଣ କେହି ତ୍ୱଂ ପଦ ପ୍ରତିପାଦ୍ୟ ନୁହେଁ; କାରଣ, ସେମାନେ ଉଭୟେ ଜଡ଼ । ବିଶେଷତଃ 'ମୋର ମନ ଅନ୍ୟତ୍ର ଗମନ କରିଅଛି ।" ଏହି ପ୍ରକାର ପ୍ରତୀତି ସର୍ବଦା ହୋଇଥାଏ । ଏଥିରେ ମନ ଓ ମୁଁ ଏହି ଦୁଇ ପଦାର୍ଥ ଯେ, ବିଭିନ୍ନ, ତାହା ବିଶେଷରୂପେ ବୁଝାଯାଏ । ସୁତରାଂ ମନ ଓ ଆତ୍ମା ଏକ ପଦାର୍ଥ ନୁହନ୍ତି । ଅତଏବ ମନୁଷ୍ୟଙ୍କୁ ତ୍ୱଂ ପଦ-ପ୍ରତିପାଦ୍ୟ କୁହାଯାଇନପାରେ ।

୧୦ । "ମୋହର ପ୍ରାଣ କ୍ଷୁଧା ତୃଷାରେ ପୀଡ଼ିତ ହେଉଛି ।" ଏହି ପ୍ରକାର ପ୍ରତୀତି ସର୍ବଦା ହୋଇଥାଏ, ଯଦ୍ଦ୍ୱାରା ଜଣାଯାଏ ମେ ଆତ୍ମା ପ୍ରାଣରୁ ପୃଥକ୍ ; ସୁତରାଂ ପ୍ରାଣକୁ ଆତ୍ମା ବୋଲି ସ୍ୱୀକାର କରାଯାଏ ନାହିଁ । ଅତଏବ ମନ ଓ ପ୍ରାଣର ଦ୍ରଷ୍ଟା କେହି ଅନ୍ୟ ଅଛି । ଯେପରି ଘଟ ଓ ଘଟର ଦ୍ରଷ୍ଟା ଏହି ଉଭୟ ଏକ ନୁହନ୍ତି, ତଦ୍ରୂପ ମନ ଓ ପ୍ରାଣର ଦ୍ରଷ୍ଟା ଏବଂ ମନ ଓ ପ୍ରାଣ ଏମାନେ ଏକ ହୋଇ ନପାରନ୍ତି ।

ସୁପ୍ତୌ ଲୀନାସ୍ତି ଯା ବୋଧେ ସର୍ବଂ ବ୍ୟାପ୍ନୋତି ଦେହକଂ ।
ତଚ୍ଛାୟସ୍ଥା ଚ ସମ୍ବନ୍ଧା ନ ସା ବୁଦ୍ଧିଭବାନ୍ ଦ୍ୱିଜ । ୧୧ ।
ନାନାରୂପବତୀ ବୋଧେ ସୁପ୍ତୌ ଲୀନାତିଚଞ୍ଚଲା ।
ଯତୋ ଦୃଶେକରୂପସ୍ତାଂ ପୃଥକ୍ ତସ୍ୟ ପ୍ରକାଶକଃ । ୧୨ ।
ସୁପ୍ତୌ ଦେହାଦ୍ୟଭାବେଽପି ସାକ୍ଷୀ ତେଷାଂ ଭବାନ ଯତଃ ।
ସ୍ୱାନୁଭୂତସ୍ୱରୂପତ୍ୱାନ୍ନାନ୍ୟତସ୍ୟାସ୍ତି ଭାସକଃ । ୧୩ ।
ପ୍ରମାଣଂ ବୋଧୟନ୍ତଂ ବୋଧଂ ମାନେନ ଯେ ଜନାଃ ।
ବୁଭୁତ୍ସ୍ୟନ୍ତେ ତେ ଏଧୋଭିର୍ଦଗ୍ଧୁଂ ବାଞ୍ଛନ୍ତି ପାବକଂ । ୧୪ ।

---

୧୧ । ହେ ଦ୍ୱିଜ ! ବୁଦ୍ଧିଭିଂ ତ୍ୱଂ ପଦ-ପ୍ରତିପାଦ୍ୟ ନୁହେଁ । କାରଣ, ବୁଦ୍ଧି ନିଦ୍ରା ଅବସ୍ଥାରେ ଲୀନ ଥାଏ ଏବଂ ଜାଗ୍ରଦବସ୍ଥାରେ ସମସ୍ତ ଦେହକୁ ଆବୃତ କରେ ଏବଂ ଏହି ବୁଦ୍ଧିହିଁ ସେହି ଚୈତନ୍ୟର ସହିତ ମିଳିତ ଥାଏ; ସୁତରାଂ ବୁଦ୍ଧିଭ ଅସ୍ମା ନୁହେଁ। ବୁଦ୍ଧି ମଧ ଅସ୍ମା ହୁଅନ୍ତା, ତେବେ ତାହାର ଅବସ୍ଥାଭେଦ ଦେଖା ଯାଆନ୍ତା ନାହିଁ ।

୧୨ । (ବର୍ତ୍ତମାନ ତ୍ୱଂ ପ୍ରତିପାଦ୍ୟ (ତୁମ୍ଭେ) କିଏ ? ତାହା ନିରୂପଣ କରୁଅଛନ୍ତି ।) ବୁଦ୍ଧି ଚଞ୍ଚଳା, ଅର୍ଥାତ୍ ନାନାରୂପଧାରିଣୀ । ସେହି ବୁଦ୍ଧି ଜାଗ୍ରତ ସମୟରେ ନାନାପ୍ରକାର ହୁଏ ଏବଂ ନିଦ୍ରାକାଳରେ ବିଲୀନ ଥାଏ । ତୁମ୍ଭେ ସେହି ବୁଦ୍ଧିର ଦ୍ରଷ୍ଟା ଅର୍ଥାତ୍ ତୁମ୍ଭେହିଁ ସେହି ବୁଦ୍ଧିକୁ କ୍ରମସ୍ତରେ ନିୟୋଜିତ କରି ତାହାର ନାନାରୂପ ଉତ୍ପାଦନ କରିଥାଅ । ବୁଦ୍ଧିର ଶୃଙ୍ଖଳା, ବହୁରୂପ ଓ ବିଲୀନତା ଏହି ସମସ୍ତ ତୁମ୍ଭେ ଦେଖୁଛ । ସୁତରାଂ ତୁମ୍ଭେହିଁ ସେହି ବୁଦ୍ଧିଠାରୁ ସ୍ୱତନ୍ତ୍ର ।

୧୩ । ସୁଷୁପ୍ତି କାଳରେ ଏବଂ ଦେହାଦିର ଅଭାବରେ ସୁଦ୍ଧା ତୁମ୍ଭେ ତାହାର ସାକ୍ଷୀରୂପେ ବିରାଜମାନ ଥାଅ; ଯେହେତୁ ସୁଷୁପ୍ତି ଓ ଦେହାଦିର ଅଭାବ ତୁମ୍ଭର ଅନୁଭୂତ ହୁଏ, ଅତଏବ ତୁମ୍ଭ ବ୍ୟତୀତ ସେମାନଙ୍କର ପ୍ରକାଶକ ନାହିଁ ।

୧୪ । ବୁଦ୍ଧିହିଁ ପ୍ରମାଣ ଜାଣି ପାରେ; କିନ୍ତୁ ପ୍ରମାଣଦ୍ୱାରା କଦାଚ ବୁଦ୍ଧି ଜାଣି ହୁଏ ନାହିଁ । ଯେଉଁମାନେ କହନ୍ତି, ପ୍ରମାଣଦ୍ୱାରା ବୁଦ୍ଧି ପରିଜ୍ଞାତ ହୋଇଥାଏ, ସେମାନେ ନିତାନ୍ତ ଭ୍ରାନ୍ତ । କାରଣ, ସେମାନଙ୍କ ମତରେ କାଷ୍ଠ ବହ୍ନିକୁ ଦଗ୍ଧ କରିପାରେ । ଯେପରି ଅଗ୍ନିହିଁ କାଷ୍ଠକୁ ଦଗ୍ଧ କରେ, କିନ୍ତୁ କାଷ୍ଠ କଦାଚ ଅଗ୍ନିକୁ ଦଗ୍ଧ କରିବାକୁ ସକ୍ଷମ ହୁଏ ନାହିଁ, ସେପରି ପ୍ରମାଣ ଦ୍ୱାରା କେତେବେଳେ ବୁଦ୍ଧି ଉତ୍ପନ୍ନ ହୁଏ ନାହିଁ ।

ବିଶ୍ୱମାତ୍ମାନୁଭବତି ତେନାସୌ ନାନୁଭୂୟତେ ।
ବିଶ୍ୱଂ ପ୍ରକାଶୟତ୍ୟାତ୍ମା ତେନାସୌ ନ ପ୍ରକାଶତେ । ୧୫ ।
ଇଦୃଶଂ ତାଦୃଶଂ ନୋଽୟଂ ନ ପରୋକ୍ଷଂ ସଦୈବ ଯତ୍ ।
ତଦ୍ ବ୍ରହ୍ମ ତ୍ୱଂ ନ ଦେହାଦି ଦୃଶ୍ୟରୂପୋଽପି ସର୍ବଦୃକ୍ । ୧୬ ।

ଇଦମନ୍ୟେନୈବ ଯଦ୍ଭାତି ସର୍ବଂ ତତ୍ର ନିଷିଧ୍ୟତେ ।
ଅବାଚ୍ୟତତ୍ତ୍ୱମନିଦଂ ନ ବେଦ୍ୟଂ ସ୍ୱପ୍ରକାଶତଃ । ୧୭ ।

ସତ୍ୟଂ ଜ୍ଞାନମନନ୍ତଞ୍ଚ ବ୍ରହ୍ମଲକ୍ଷଣମୁଚ୍ୟତେ ।
ସତ୍ୟତ୍ୱାତ୍ ଜ୍ଞାନରୂପତ୍ୱାଦନନ୍ତତ୍ୱାତ୍ତ୍ୱମେବ ହି । ୧୮ ।

୧୫-୧୬ । ଆତ୍ମା ହିଁ ଏହି ଅସତ ବିଶ୍ୱକୁ ଅନୁଭବ କରୁଅଛି ; କେବେହେଁ ବିଶ୍ୱ ଆତ୍ମାକୁ ଅନୁଭବ କରିପାରୁନାହିଁ । ଆତ୍ମା ଏହି ବିଶ୍ୱକୁ ପ୍ରକାଶ କରୁଅଛି; କିନ୍ତୁ ବିଶ୍ୱ ଆତ୍ମାକୁ ପ୍ରକାଶ କରିପାରି ନାହିଁ । ଯେ ସତ୍ ଯାହାଙ୍କୁ "ଏହିପରି ସେହିପରି" ବୋଲି ନିର୍ଣ୍ଣୟ କରି ହୁଏ ନାହିଁ ଏବଂ ଯେ ପରୋକ୍ଷ ନୁହେଁ, ଅର୍ଥାତ୍ ଯେ ଇନ୍ଦ୍ରିୟଗ୍ରାହ୍ୟ ନୁହେଁ, ସେହି ବ୍ରହ୍ମହିଁ ତୁମ୍ଭେ । ତୁମ୍ଭେ ସମସ୍ତର ଦ୍ରଷ୍ଟା; କିନ୍ତୁ ତୁମ୍ଭେ ଦେହାଦି ଭଳି ଦୃଶ୍ୟ ନୁହଁ ଅର୍ଥାତ୍ ତୁମ୍ଭଙ୍କୁ କେହି ଦର୍ଶନ କରି ପାରନ୍ତି ନାହିଁ ।

୧୭ । ଯେଉଁ ସମସ୍ତ ଦ୍ରବ୍ୟ ଆପଣାଠାରୁ ସ୍ୱତନ୍ତ୍ର ଅର୍ଥାତ୍ ସମ୍ମୁଖରେ ଉପସ୍ଥିତ, ସେମାନେହିଁ ଇଦଂ-ଶବ୍ଦ-ପ୍ରତିପାଦ୍ୟ । ସୁତରାଂ ସମ୍ମୁଖସ୍ଥିତ ପଦାର୍ଥରେ ତୁମ୍ଭେ ନୁହଁ । କାରଣ, ତତ୍ସମସ୍ତହିଁ ତୁମ୍ଭଠାରୁ ଭିନ୍ନ । ଯେଉଁ ସବୁ ପଦାର୍ଥକୁ ଇଦଂ (ଏହିପରି) ଶବ୍ଦରେ ଉଲ୍ଲେଖ କରାଯାଏ, ତତ୍ସମସ୍ତକୁ ମଧ୍ୟ ତୁମ୍ଭର ସ୍ୱରୂପ ବୋଲି ଯାଇପାରେ ନାହିଁ । ବିଶେଷତଃ ତୁମ୍ଭେ ସ୍ୱପ୍ରକାଶକ; ସୁତରାଂ ସମସ୍ତଙ୍କ ଅଜ୍ଞେୟ, ଅର୍ଥାତ୍ ତୁମ୍ଭେ ସ୍ୱୟଂ ପରିଜ୍ଞାତ ନ ହେଲେ କେହି ତୁମ୍ଭଙ୍କୁ ଜାଣି ପାରନ୍ତି ନାହିଁ ।

୧୮ । କୌଣସି ଗୋଟାଏ ଉପଲକ୍ଷ୍ୟ ଦ୍ୱାରା ଲକ୍ଷ୍ୟ କଥନକୁ ତଟସ୍ଥ ଲକ୍ଷଣ ବୋଲିଯାଏ । ଯେପରି ଆକାଶକୁ ବୁଝାଇବାପାଇଁ ଯଦି କୁହାଯାଏ ଯେ ଏହି କାନ୍ଥ ଆଡ଼କୁ ଦୃଷ୍ଟି କର, ଯେଉଁଠାରେ ଏହି କାନ୍ଥର ଶେଷ ହୋଇଅଛି, ତାହାହିଁ ଆକାଶ ।" ଏଠାରେ ଏହି କାନ୍ଥର ସାହାଯ୍ୟରେ ଆକାଶ ଲକ୍ଷିତ ହେଲା, ସୁତରାଂ ଏହି କାନ୍ଥଟି ଆକାଶର ତଟସ୍ଥ ଲକ୍ଷଣ ବିଶେଷ ହେଲା । ଏହିପରି ବ୍ରହ୍ମକୁ ମଧ୍ୟ ତଟସ୍ଥ ଲକ୍ଷଣ ଦ୍ୱାରା ଜାଣି ହୋଇପାରେ ଯେ ସତ୍ୟ, ଜ୍ଞାନମୟ, ଅନନ୍ତ, ସେହି ବ୍ରହ୍ମ । ତୁମ୍ଭେହିଁ ସତ୍ୟତ୍ୱ, ଜ୍ଞାନମୟତ୍ୱ ପ୍ରଯୁକ୍ତ ସେହି ବ୍ରହ୍ମସ୍ୱରୂପ । ଯେହେତୁ ବ୍ରହ୍ମଠାରେ ଯେ ସତ୍ୟତ୍ୱ-ଜ୍ଞାନମୟତ୍ୱାଦି ଲକ୍ଷଣ ଅଛି, ତାହା ତୁମ୍ଭଠାରେ ମଧ୍ୟ ବିଦ୍ୟମାନ ରହିଅଛି । ସୁତରାଂ ତୁମ୍ଭେ ମଧ୍ୟ ବ୍ରହ୍ମସ୍ୱରୂପ ।

ଯତୋ ଦେହାଦ୍ୟୁପାଧୌ ସ୍ୟାଜ୍ଜୀବସ୍ତସ୍ୟ ନିୟାମକଃ ।
ଈଶ୍ୱରଃ ଶକ୍ତ୍ୟୁପାଧିତ୍ୱାଦୁଭୟୋର୍ବାଧେ ସ୍ୱୟଂ—ପ୍ରଭଃ । ୧୯ ।

ଅପରୋକ୍ଷ୍ୟତେଽପି ଲୌକିକୈର୍ନୟନଂ ମାନମୀକ୍ଷ୍ୟତେ ।
ବେଦବାକ୍ୟଂ ପ୍ରମାଣଂ ତତ୍ ବ୍ରହ୍ମାତ୍ମାବଗତୌ ମତଂ । ୨୦ ।

ଅତୋ ହି ତତ୍ତ୍ୱମସ୍ୟାଦି ବେଦବାକ୍ୟ ପ୍ରମାଣତଃ ।
ବ୍ରହ୍ମଣୋଽସ୍ତି ଯଥା ଯୁକ୍ତ୍ୟା ସମ୍ୟଗସ୍ମାଭିଃ କୀର୍ତ୍ତ୍ୟତେ । ୨୧ ।

---

୧୯ । (ପୂର୍ବୋକ୍ତ ପ୍ରକାରରେ ତ୍ୱଂ ଓ ବ୍ରହ୍ମର ଏକତ୍ୱ ପ୍ରତିପାଦିତ ହେଲେ ମଧ୍ୟ ଜୀବ ଓ ଈଶ୍ୱର ଏହି ଉଭୟର ପରସ୍ପର ବିରୁଦ୍ଧଧର୍ମ ପ୍ରଯୁକ୍ତ କିରୂପେ ସେମାନଙ୍କର ଐକ୍ୟ ହୋଇପାରେ ? ଏହି ଆଶଙ୍କା ନିରାକରଣାର୍ଥ ଜୀବ ଓ ଈଶ୍ୱରର ଉପାଧିଭେଦ କହୁଅଛନ୍ତି) ଏକମାତ୍ର ଚୈତନ୍ୟହିଁ ସଦ୍‌ବସ୍ତୁ, ଜୀବ ସେହି ଚୈତନ୍ୟର ନିୟାମକ, ଦେହାଦି ସେହି ଜୀବର ଉପାଧି । ଈଶ୍ୱରଙ୍କ ଉପାଧି ମାୟା, ସେ ସେହି ମାୟାର ନିୟନ୍ତା । ସୁତରାଂ ଯେ ଦେହାଦିଉପାଧିଯୁକ୍ତ, ସେ ଜୀବ ଏବଂ ଯେ ମାୟାଦି ଉପାଧିଯୁକ୍ତ ସେହି ଈଶ୍ୱର । ଏହି ଉପାଧିଦ୍ୱାରା ଜୀବ ଓ ଈଶ୍ୱରଙ୍କ ପୃଥକ୍ ଜ୍ଞାନ ହୋଇଥାଏ । ଯେତେବେଳେ ସେହି ପଞ୍ଚକୋଷମୟ ଦେହରୂପୀ ଜୀବୋପାଧି ଏବଂ ମାୟାରୂପୀ ଈଶ୍ୱରୋପାଧିର ଜ୍ଞାନ ହୁଏ, ସେତେବେଳେ ସେହି ଉଭୟୋପାଧିର ଅବରୋଧକ ଏକମାତ୍ର ସ୍ୱପ୍ରକାଶମାନ ଚୈତନ୍ୟ-ରୂପୀ ପରମବ୍ରହ୍ମ ପ୍ରକାଶ ପାନ୍ତି ।

୨୦ । ଲୌକିକ ବସ୍ତୁ ପରିଜ୍ଞାନରେ ଯେପରି ନୟନାଦି କାରଣ, ତଦ୍ରୂପ ବ୍ରହ୍ମତ୍ୱ ପରିଜ୍ଞାନରେ ଏକମାତ୍ର ବେଦବାକ୍ୟହିଁ ପ୍ରଧାନ କାରଣ । ବେଦବାକ୍ୟ ଦ୍ୱାରାହିଁ ଉପାଧିର ବୋଧ ହୋଇ ବ୍ରହ୍ମର ଜ୍ଞାନ ହୋଇଥାଏ । ଏଥିର ଅନ୍ୟଥା ହୁଏ ନାହିଁ । ଲୌକିକ ବସ୍ତୁ ସମସ୍ତ ନୟନାଦିଦ୍ୱାରା ପ୍ରତ୍ୟକ୍ଷ କରି ତଦ୍‌ବିଷୟରେ ଜ୍ଞାନ ଲାଭ କରାଯାଏ; କିନ୍ତୁ ବ୍ରହ୍ମ କେବେହେଁ ନୟନାଦିଦ୍ୱାରା ପ୍ରତ୍ୟକ୍ଷୀଭୂତ ହୁଅନ୍ତି ନାହିଁ । ସୁତରାଂ ତାଙ୍କର ପରିଜ୍ଞାନ ବିଷୟରେ ଏକମାତ୍ର ବେଦବାକ୍ୟ ବ୍ୟତୀତ ଅନ୍ୟ ଉପାୟ ନାହିଁ ।

୨୧ । ("ତତ୍ତ୍ୱମସି" ପ୍ରଭୃତି ବେଦବାକ୍ୟ-ପ୍ରମାଣ ଓ ଯୁକ୍ତିଦ୍ୱାରା ଯେପରି ବ୍ରହ୍ମ ପଦାର୍ଥର ଜ୍ଞାନ ହୋଇଥାଏ, ଅଧୁନା ତାହା ବିଶେଷ ରୂପେ କଥିତ ହେଉଅଛି ।) ଅର୍ଥାତ୍ "ତତ୍ତ୍ୱମସି" ପ୍ରଭୃତି ବେଦବାକ୍ୟ ନିର୍ଣ୍ଣୟ ଓ ଯୁକ୍ତି ପ୍ରଦର୍ଶନପୂର୍ବକ ସମ୍ୟକ୍‌ରୂପେ ବ୍ରହ୍ମପଦାର୍ଥ ପ୍ରତିପାଦନ କରୁଅଛନ୍ତି ।

ଶୋଧିତେ ତ୍ୱଂ ପଦାର୍ଥେ ହି ତତ୍ତ୍ୱମସ୍ୟାଦି ଜନ୍ମତଂ ।
ସମ୍ୟବୋଧାନ୍ୟଥା ତସ୍ମାଚ୍ଛୋଧନଂ କ୍ରିୟତାମିତଃ । ୨୨ ।

ଦେହେନ୍ଦ୍ରିୟାଦିଧର୍ମାନ୍ୟଃ ସ୍ୱାତ୍ମନ୍ୟାରୋପୟନ୍ ମୃଷା
କର୍ତ୍ତୃତ୍ୱାଦ୍ୟଭିମାନୀ ଚ ବାଚ୍ୟାର୍ଥସ୍ତ୍ୱଂ ପଦସ୍ୟ ଚ । ୨୩ ।

ଦେହେନ୍ଦ୍ରିୟାଦିସାକ୍ଷୀ ଯସ୍ତେଭ୍ୟୋ ଭାତି ବିଲକ୍ଷଣଃ ।
ସ୍ୱୟଂ ବୋଧସ୍ୱରୂପତ୍ୱାଲ୍ଲକ୍ଷ୍ୟାର୍ଥସ୍ତ୍ୱଂ ପଦସ୍ୟ ଚ । ୨୪ ।

ବେଦାନ୍ତବାକ୍ୟସମ୍ବେଦ୍ୟବିଶ୍ୱାତୀତାକ୍ଷରଦ୍ୱୟଂ ।
ବିଶୁଦ୍ଧଂ ଯତ୍ ସ୍ୱସଂବେଦ୍ୟ ଲକ୍ଷ୍ୟାର୍ଥସ୍ତତ୍ ପଦସ୍ୟ ସଃ । ୨୫ ।

---

୨୨ । "ତତ୍ତ୍ୱମସି" ଏହି ବାକ୍ୟାର୍ଥ ନିର୍ଣ୍ଣୟ କରିବାକୁ ତ୍ୱଂ ପଦାର୍ଥ ପରିଜ୍ଞାନ ଆବଶ୍ୟକ । ବାକ୍ୟାନ୍ତର୍ଗତ ଶବ୍ଦସମୂହ ପରିଜ୍ଞାତ ନ ହେଲେ ବାକ୍ୟାର୍ଥ ବୋଧ ହୁଏ ନାହିଁ । ଏଥିପାଇଁ ପ୍ରଥମତଃ ତ୍ୱଂ ପଦାର୍ଥ ନିରୂପିତ ହୋଇଅଛି । ଏହି ପ୍ରକାରରେ "ତତ୍ତ୍ୱମସି" ଏହି ବାକ୍ୟର ଅନ୍ତର୍ଗତ "ତତ୍ ଓ ଅସି" ଏହି ଶବ୍ଦ ଦ୍ୱୟର ଅର୍ଥ ନିରୂପିତ ହେଲେ "ତତ୍ତ୍ୱମସି" ବାକ୍ୟର ଅର୍ଥ ପରିଜ୍ଞାନ ହେଲେ ବ୍ରହ୍ମ ପଦାର୍ଥ ପରିଜ୍ଞାତ ହେବ ।

୨୩ । (ଅଧୁନା ତ୍ୱଂ ପଦର ବାଚ୍ୟାର୍ଥ ନିରୂପଣ କରୁଅଛନ୍ତି ।) ଯେ ତ୍ୱଂ ଶବ୍ଦ-ପ୍ରତିପାଦ୍ୟ, ସେ ଶରୀର ଓ ଇନ୍ଦ୍ରିୟାଦିଠାରୁ ଅତିରିକ୍ତ । ଆତ୍ମାରେ ଉକ୍ତ ଶରୀର ଓ ଇନ୍ଦ୍ରିୟାଦି ଧର୍ମର ମିଥ୍ୟା ଆରୋପ କରି ଲୋକମାନେ କର୍ତ୍ତୃତ୍ୱାଦି ଅଭିମାନୀ ହୁଅନ୍ତି । ଅଜ୍ଞାନମାନେ "ମୁଁ କର୍ତ୍ତା, ମୁଁ ଭୋକ୍ତା" ଇତ୍ୟାଦି ପ୍ରକାରରେ ଦେହାଦି ଉପାଧି ସ୍ୱୀକାର କରିତଃ ଅଭିମାନ ପ୍ରକାଶ କରନ୍ତି ଏବଂ ସେହି ଉପାଧି ସୂଚକ ଧର୍ମଯୁକ୍ତ ଶରୀରାଦିକୁ ତ୍ୱଂ ପଦର ବାଚ୍ୟାର୍ଥରୂପେ ଜ୍ଞାନ କରନ୍ତି । ଅର୍ଥାତ୍ ଦେହକୁ ତ୍ୱଂ ଶବ୍ଦର ନିର୍ଦ୍ଦେଶ କରିଥାନ୍ତି ।

୨୪ । (ଇଦାନୀଂ ତ୍ୱଂ ଶବ୍ଦର ଲକ୍ଷ୍ୟାର୍ଥ ନିର୍ଣ୍ଣୟ କରୁଅଛନ୍ତି ।) ଯେ ସ୍ୱୟଂ ବୋଧ ସ୍ୱରୂପ, ଦେହେନ୍ଦ୍ରିୟାଦିର ସାକ୍ଷୀ ଅଥଚ ଦେହେନ୍ଦ୍ରିୟାଦିଠାରୁ ପୃଥକ, ତାହାକୁ ତ୍ୱଂ ଶବ୍ଦର ଲକ୍ଷ୍ୟାର୍ଥ ବୋଲି ନିରୂପଣ କରାଯାଏ । ଯେପରି ପ୍ରଦୀପର ପ୍ରୟୋଜନ ହେଲେ ଅଗ୍ନିଶିଖାକୁହିଁ ଲୋକେ ଲକ୍ଷ୍ୟ କରିଥାନ୍ତି । ଦୀପାଧାର, ବର୍ତ୍ତି ପ୍ରଭୃତି ଲକ୍ଷିତ ହୁଏ ନାହିଁ; ତଦ୍ରୂପ ତ୍ୱଂ ପଦାର୍ଥ ନିରୂପଣ କରିବାକୁ ହେଲେ, ଯେ ଦେହେନ୍ଦ୍ରିୟାଦିର ଅତୀତ, ତାକୁହିଁ ଲକ୍ଷ୍ୟ କରିବାକୁ ହୁଏ ।

୨୫ । (ବର୍ତ୍ତମାନ ତତ୍ ପଦାର୍ଥର ଲକ୍ଷ୍ୟାର୍ଥ କୀର୍ତ୍ତିତ ହେଉଅଛି ।) ଯେ ବେଦାନ୍ତ-ବାକ୍ୟ-ପ୍ରତିପାଦ୍ୟ, ଏହି ଅନନ୍ତ ବିଶ୍ୱର ଅତୀତ, ଅବିନାଶୀ, ଅଦ୍ୱୟ, ବିଶୁଦ୍ଧ (ସର୍ବ ପ୍ରକାର ବିକାରହୀନ), ଆଉ ଯେ ସ୍ୱୟଂ ପରିଜ୍ଞେୟ ହୁଅନ୍ତି, ସେ ତତ୍-ପଦର ଲକ୍ଷ୍ୟାର୍ଥ ।

ସାମାନ୍ୟାଧିକରଣ୍ୟଂ ହି ପଦୟୋସ୍ତତ୍ତ୍ୱମୋର୍ଦ୍ୱୟୋଃ ।
ସମ୍ବନ୍ଧସ୍ତେନ ବେଦାନ୍ତୈର୍ବ୍ରହ୍ମୈକ୍ୟଂ ପ୍ରତିପାଦ୍ୟତେ । ୨୬ ।
ଭିନ୍ନପ୍ରବୃତ୍ତିହେତୁତ୍ୱେ ପଦୟୋରେକବସ୍ତୁନି ।
ବୃତ୍ତିତ୍ୱଂ ଯତ୍ତଥୈବୈକ୍ୟଂ ବିଭକ୍ତ୍ୟନ୍ତକୟୋସ୍ତୟୋଃ । ୨୭ ।
ସାମାନ୍ୟାଧିକରଣଂ ତତ୍ ସମ୍ପ୍ରଦାୟିଭିରୀରିତଂ ।
ତଥା ପଦାର୍ଥୟୋରେବ ବିଶେଷଣ ବିଶେଷ୍ୟତା । ୨୮ ।
ଅୟଂ ସଃ ସୋଽୟମିତିବତ୍ ସମ୍ବନ୍ଧୋ ଭବତି ଦ୍ୱୟୋଃ ।
ପ୍ରତୀଚ୍ୟାଂ ସଦ୍ୱିତୀୟତ୍ୱପରୋକ୍ଷତ୍ୱେ ଚ ପୂର୍ଣ୍ଣତା । ୨୯ ।
ପରସ୍ପରବିରୁଦ୍ଧଂ ସ୍ୟାତ୍ତତୋ ଭବତି ଲକ୍ଷଣା ।
ଲକ୍ଷ୍ୟଲକ୍ଷଣସମ୍ବନ୍ଧ ପଦାର୍ଥପ୍ରତ୍ୟଗାତ୍ମନୋଃ । ୩୦ ।

---

୨୬ । ତତ୍ ଓ ତ୍ୱଂ ଏହି ଉଭୟ ପଦର ସାମାନ୍ୟାଧିକରଣ୍ୟ ସମ୍ବନ୍ଧ; ଏହି ସମ୍ବନ୍ଧ ଦ୍ୱାରା ତତ୍ ଓ ତ୍ୱଂ ଏହି ଉଭୟ ପଦାର୍ଥର ଐକ୍ୟପ୍ରତିପାଦନ କରିତଃ ବେଦାନ୍ତ ଶାସ୍ତ୍ରରେ ବ୍ରହ୍ମାତ୍ମୈକ୍ୟ ପ୍ରତିପାଦନ କରିଅଛନ୍ତି ।

୨୭ । ଦୁଇଟି ପଦ ଭିନ୍ନାର୍ଥବୋଧକ ହେଲେ ମଧ୍ୟ ଯଦି ସମାନ ବିଭକ୍ତିକ ହୋଇ ଏକବସ୍ତୁରେ ପ୍ରବୃତ୍ତ ହୁଏ, ତାହାହେଲେ ଉକ୍ତ ପଦଦ୍ୱୟର ଯେ ଐକ୍ୟରୂପ ସମ୍ବନ୍ଧ ତାହାକୁହିଁ ସାମାନ୍ୟାଧିକରଣ୍ୟ ସମ୍ବନ୍ଧ କହନ୍ତି । ଯେପରି "ନୀଳୋତ୍ପଳ" ଏ ସ୍ଥଳରେ ନୀଳ ଓ ଉତ୍ପଳ ଏହି ଉଭୟ ଶବ୍ଦର ସମ୍ବନ୍ଧହିଁ ସାମାନ୍ୟାଧିକରଣ୍ୟ ବୋଲି ପ୍ରସିଦ୍ଧ ଅଛି ।

୨୮ । ସାମ୍ପ୍ରଦାୟିକଗଣ (ଶାସ୍ତ୍ରମୀମାଂସକମାନେ) ଉକ୍ତ ପ୍ରକାର ସମ୍ବନ୍ଧକୁ ସାମାନ୍ୟାଧିକରଣ୍ୟ ସମ୍ବନ୍ଧବୋଲି ନିର୍ଦ୍ଦେଶ କରିଅଛନ୍ତି ଏବଂ ଉକ୍ତ ପଦାର୍ଥଦ୍ୱୟକୁ ବିଶେଷ୍ୟ ଓ ବିଶେଷଣ ବୋଲି କହିଥାନ୍ତି । ଯେଯେ ପଦରେ ସାମାନ୍ୟାଧିକରଣ୍ୟ ସମ୍ବନ୍ଧ ଥାଏ, ସେମାନଙ୍କର ଗୋଟିଏ ବିଶେଷଣ ଓ ଅପରଟି ବିଶେଷ୍ୟରୂପେ ବ୍ୟବହୃତ ହୋଇଥାଏ ।

୨୯-୩୦ । "ଅୟଂ ସଃ = ସୋଽୟଂ" ଅର୍ଥାତ୍ ଏହି ସେହି ପଦାର୍ଥ ଏବଂ ସେହି ଏହି ପଦାର୍ଥ, ଇତ୍ୟାଦି ସ୍ଥଳରେ 'ସେହି' ଓ 'ଏହି' ଉଭୟ ଶବ୍ଦର ବିଶେଷ୍ୟ-ବିଶେଷଣତା ଅଛି ଅର୍ଥାତ୍ ସେହି ପଦଟି ବିଶେଷଣ ଏବଂ ଏହି ପଦଟି ବିଶେଷ୍ୟ; କିନ୍ତୁ ଉକ୍ତ ଶବ୍ଦ ଦୁଇଟି ଏକ ପଦାର୍ଥରେ ପ୍ରବୃତ୍ତ ହୋଇଅଛି । ସୁତରାଂ ଅପରୋକ୍ଷତ୍ୱ ପରୋକ୍ଷତ୍ୱ, ସଦ୍ୱିତୀୟତ୍ୱ ଓ ପୂର୍ଣ୍ଣତା ଏହି ସମସ୍ତ ପରସ୍ପର ବିରୁଦ୍ଧ ପ୍ରଯୁକ୍ତ ଲକ୍ଷଣା ଦ୍ୱାରା ଉପପତ୍ତି କରିବାକୁ ହୁଏ । "ସେହି ଏହି" ସ୍ଥଳରେ 'ସେହି ପଦାର୍ଥ', ପରୋକ୍ଷ ଏବଂ ଏହି ପଦାର୍ଥ ଅପରୋକ୍ଷ । ଉଭୟର ଐକ୍ୟ ପ୍ରତିପାଦନ କରୁଅଛନ୍ତି, କାରଣ, କୌଣସି ପ୍ରକାର ଅର୍ଥ କୌଶଳ ନ କଲେ, ଅର୍ଥ ସୁସଙ୍ଗତ ହୋଇ ପାରେ ନାହିଁ । "ତତ୍ତ୍ୱଂ ସ୍ଥଳରେ ମଧ୍ୟ ତତ୍ ପଦାର୍ଥ ପୂର୍ଣ୍ଣ ଏବଂ" ତ୍ୱଂ ପଦାର୍ଥ ସଦ୍ୱିତୀୟ; ଅତଏବ ଉଭୟର ଐକ୍ୟରୂପ ଅର୍ଥସଙ୍ଗତି ଅସମ୍ଭବ । ସୁତରାଂ ଅର୍ଥ ସଙ୍ଗତି ପାଇଁ ଲକ୍ଷଣା ସ୍ୱୀକାର କରିବାକୁ ହୁଏ ।

ମାନାନ୍ତରୋପରୋଧାଚ୍ଚ ମୁଖ୍ୟାର୍ଥସ୍ୟାପରିଗ୍ରହେ ।
ମୁଖ୍ୟାର୍ଥସ୍ୟ ବିନାଭୂତେ ପ୍ରବୃତ୍ତିର୍ଲକ୍ଷଣୋଚ୍ୟତେ । ୩୦ ।

ତ୍ରିବିଧା ଲକ୍ଷଣା ଜ୍ଞେୟା ଜହତ୍ୟଜହତୀ ତଥା ।
ଅନ୍ୟୋଭୟାତ୍ମିକା ଜ୍ଞେୟା ତତ୍ରାଦ୍ୟା ନୈବ ସମ୍ଭବେତ୍ । ୩୧ ।

ବାକ୍ୟାର୍ଥମଖିଳଂ ତ୍ୟକ୍ତ୍ୱା ବୃତ୍ତିଃ ସ୍ୟାଦ୍ୟା ତଦାନ୍ୱିତେ ।
ଗଙ୍ଗାୟାଂ ଘୋଷ ଇତ୍ୟତ୍ର ଜହତୀ ଲକ୍ଷଣା ହି ସା । ୩୨ ।

---

୩୧ । ଯେ ସ୍ଥଳରେ ପ୍ରମାଣାନ୍ତରର ଉପରୋଧ ହେତୁ ମୁଖ୍ୟାର୍ଥର ପରିଗ୍ରହ ହୁଏ ନାହିଁ, ସେହି ସ୍ଥଳରେ ଅର୍ଥର ଉପପତ୍ତି ନିମିତ୍ତ ଶବ୍ଦାର୍ଥର ଅନ୍ୟଥାତ୍ୱ କଳ୍ପନା କରିବାକୁ ହୁଏ; ଏ ପ୍ରକାର ଅର୍ଥ କଳ୍ପନାର ନାମ ଲକ୍ଷଣା । ଯେପରି "ରକ୍ତବସ୍ତ୍ର" । ଏ ସ୍ଥଳରେ ରକ୍ତ ଶବ୍ଦରେ ରକ୍ତଗୁଣବିଶିଷ୍ଟ ଅର୍ଥ କଳ୍ପନା କରିବାକୁ ହୁଏ, ସୁତରାଂ ରକ୍ତଗୁଣ-ବିଶିଷ୍ଟରୂପ ଅର୍ଥ-କଳ୍ପନାହିଁ ଲକ୍ଷଣା ।

୩୨ । ଲକ୍ଷଣା ତ୍ରିବିଧ :—ଜହତ୍ ସ୍ୱାର୍ଥା, ଅଜହତ୍ ସ୍ୱାର୍ଥା ଏବଂ ଜହତ୍ ଓ ଅଜହତ୍ ମିଶ୍ରିତ । ଉକ୍ତ ତିନି ପ୍ରକାର ଲକ୍ଷଣା ମଧ୍ୟରେ ଏ ସ୍ଥଳରେ ପ୍ରଥମା ଜହତ୍ ସ୍ୱାର୍ଥ-ଲକ୍ଷଣାର ସମ୍ଭବ ହୁଏ ନାହିଁ । କାରଣ, ଜହତ୍ ଶବ୍ଦ ତ୍ୟାଗାର୍ଥକ; ତତ୍ ଓ ତ୍ୱଂ ଶବ୍ଦର ଅର୍ଥ ପ୍ରତିପାଦନରେ କୌଣସି ପ୍ରକାର ତ୍ୟାଗ ସ୍ୱୀକାର କରିବାକୁ ପଡ଼େ ନାହିଁ ।

୩୩ । ଯେଉଁ ସ୍ଥଳରେ ବାକ୍ୟାର୍ଥର ଅନୁପପତ୍ତିବଶତଃ ମୁଖ୍ୟାର୍ଥ ପରିତ୍ୟାଗ କରି ଅନ୍ୟାର୍ଥ ପରିକଳ୍ପିତ ହୁଏ, ସେ ସ୍ଥଳରେ ଜହତ୍ ସ୍ୱାର୍ଥ-ଲକ୍ଷଣା ହୋଇଥାଏ । ଯେପରି "ଗଙ୍ଗାୟାଂ ଘୋଷଃ" (ଗଙ୍ଗାରେ ଘୋଷ ଅର୍ଥାତ୍ ଗୋପ ବାସ କରୁଅଛି) ଏ ସ୍ଥଳରେ ଜଳ ପ୍ରବାହରୂପ ଗଙ୍ଗାରେ ଘୋଷର ବାସ ଅସମ୍ଭବ ହେତୁ ଗଙ୍ଗା ଶବ୍ଦରେ ଗଙ୍ଗା-ତୀର ଅର୍ଥ କଳ୍ପନା କରିବାକୁ ହୁଏ; ଫଳତଃ ଏ ସ୍ଥଳରେ ଗଙ୍ଗା ଶବ୍ଦର ଜଳପ୍ରବାହରୂପ ମୁଖ୍ୟାର୍ଥ ପରିତ୍ୟାଗ କରି ତୀର ରୂପ ଅର୍ଥ ପରିଗ୍ରହ କରିବାକୁ ହୁଏ; ସୁତରାଂ ଏଠାରେ ତାହାକୁ ଜହତ୍ ସ୍ୱାର୍ଥ-ଲକ୍ଷଣା କୁହାଯାଏ; କିନ୍ତୁ "ତତ୍ତ୍ୱମସି" ଏହି ବାକ୍ୟରେ ଉକ୍ତ ରୂପ ଲକ୍ଷଣା ହୋଇ ନ ପାରେ । କାରଣ, ଏହି ସ୍ଥଳରେ କୌଣସି ପ୍ରକାର ଅର୍ଥ ପରିତ୍ୟାଗ କରିବାକୁ ହୁଏ ନାହିଁ । ପରନ୍ତୁ ସମ୍ପ୍ରଦାୟ ବିରୋଧ ହୁଏ ।

ବାକ୍ୟାର୍ଥସ୍ୟୈକଦେଶସ୍ୟ ପ୍ରକୃତେ ତ୍ୟାଗ ଦୃଶ୍ୟତେ ।
ଜହତୀ ସମ୍ଭବେନ୍ନୈବ ସମ୍ପ୍ରଦାୟବିରୋଧତଃ । ୩୪ ।

ବାଚ୍ୟାର୍ଥମପରିତ୍ୟଜ୍ୟ ବୃତ୍ତିରନ୍ୟାର୍ଥକେ ତୁ ଯା
କଥିତେୟମଜହତୀ ଶୋଣୋଽୟଂ ଧାବତୀତିବତ୍ । ୩୫ ।

ନ ସମ୍ଭବତି ସାପ୍ୟତ୍ର ବାଚ୍ୟାର୍ଥେତି ବିରୋଧତଃ ।
ବିରୋଧାଂଶପରିତ୍ୟାଗୋ ଦୃଶ୍ୟତେ ପ୍ରକୃତେ ଯତଃ । ୩୬ ।

ବାଚ୍ୟାର୍ଥସ୍ୟୈକଦେଶଞ୍ଚ ପରିତ୍ୟଜ୍ୟୈକଦେଶକଂ ।
ଯା ବୋଧୟତି ସା ଜ୍ଞେୟା ତୃତୀୟା ଭାଗଲକ୍ଷଣା । ୩୭ ।

---

୩୪ । "ତତ୍ତ୍ୱମସି" ଏହି ବାକ୍ୟରେ ବାକ୍ୟାର୍ଥର ଏକଦେଶ ମାତ୍ର ଦୃଷ୍ଟ ହୁଏ । ସୁତରାଂ ଜହତ୍ ସ୍ୱାର୍ଥ ଲକ୍ଷଣା ସମ୍ଭବ ହୁଏ ନାହିଁ । ଯେହେତୁ ଏହି ସ୍ଥଳରେ ସମୁଦାୟ ମୁଖ୍ୟାର୍ଥର ତ୍ୟାଗ ହୁଏ ନାହିଁ । ପରନ୍ତୁ ସମ୍ପ୍ରଦାୟ ବିରୋଧ ହୁଏ ।

୩୫ । ଯେଉଁ ସ୍ଥଳରେ ବାକ୍ୟାର୍ଥର ତାତ୍ପର୍ଯ୍ୟର ଅନୁପପତ୍ତି ପ୍ରଯୁକ୍ତ ବାକ୍ୟାନ୍ତର୍ଗତ ଶବ୍ଦର ସମୁଦାୟ ମୁଖ୍ୟାର୍ଥ ପରିତ୍ୟାଗ ନ କରି ଅର୍ଥାନ୍ତର ସ୍ୱୀକାର କରିବାକୁ ହୁଏ, ସେହି ସ୍ଥଳରେ ଅଜହତ୍ ସ୍ୱାର୍ଥଲକ୍ଷଣା ବୋଲଯାଏ । ଯେପରି "ଶୋଣୋଽୟଂ-ଧାବତି"-ଅର୍ଥାତ୍ ଏହି ରକ୍ତବର୍ଣ୍ଣ ଧାବିତ ହେଉଅଛି । ଏହି ସ୍ଥଳରେ ରକ୍ତବର୍ଣ୍ଣର ଗମନ ଅସମ୍ଭବ; ସୁତରାଂ ରକ୍ତବର୍ଣ୍ଣ ଶବ୍ଦରେ ଅଶ୍ୱହିଁ ଅର୍ଥ କରିବାକୁ ହୁଏ । ଏଷଣି ଦେଖାଯାଉଅଛି ଯେ, ରକ୍ତବର୍ଣ୍ଣରୂପ ପ୍ରକୃତ ଅର୍ଥ ପରିତ୍ୟକ୍ତ ହୋଇନାହିଁ; ଅଥଚ ରକ୍ତବର୍ଣ୍ଣବିଶିଷ୍ଟ ଅଶ୍ୱ ଏହିପରି ଅର୍ଥ କରାଯାଇଅଛି । ଅତଏବ ଏ ସ୍ଥଳରେ ଅଜହତ୍ ସ୍ୱାର୍ଥଲକ୍ଷଣା ବୋଲଯାଏ ।

୩୬ । "ତତ୍ତ୍ୱମସି" ଏହି ବାକ୍ୟରେ ଅଜହତ୍ସ୍ୱାର୍ଥ-ଲକ୍ଷଣାର ମଧ୍ୟ ସମ୍ଭବ ହୁଏ ନାହିଁ; ଯେହେତୁ ମୁଖ୍ୟାର୍ଥର ବିରୋଧ ହୁଏ । ପରନ୍ତୁ ଏ ସ୍ଥଳରେ ବିରୁଦ୍ଧାଂଶର ପରିତ୍ୟାଗ ଦେଖାଯାଉଅଛି । ସୁତରାଂ ସଦ୍ୱିତୀୟତ୍ୱ ପରିତ୍ୟାଗ ନ କଲେ ଅର୍ଥ ସଙ୍ଗତ ହୋଇପାରେ ନାହିଁ । ତାହା ପରିତ୍ୟାଗ କରି ତତ୍ ଓ ତ୍ୱଂ ପଦଦ୍ୱୟର ସାମାନାଧିକରଣ୍ୟ ହୋଇଅଛି; ଅତଏବ ଏକାଂଶମାତ୍ର ପରିତ୍ୟାଗରେ ଅଜହତ୍ସ୍ୱାର୍ଥ-ଲକ୍ଷଣା ସୁଦ୍ଧା ହୋଇପାରେ ନାହିଁ ।

୩୭ । ଯେଉଁ ସ୍ଥାନରେ ମୁଖ୍ୟାର୍ଥର ଏକଦେଶମାତ୍ର ପରିତ୍ୟାଗ କରି ଏକାଂଶର ଅର୍ଥ ବଳବତ୍ ଥାଏ, ସେହି ସ୍ଥାନରେହିଁ ଜହତ୍-ଅଜହତ ମିଶ୍ରିତ ଲକ୍ଷଣା-ବୃତ୍ତି ସ୍ୱୀକାର ହୋଇଥାଏ ।

ସୋଽୟଂ ବିପ୍ର ଇଦଂ ବାକ୍ୟଂ ବୋଧୟତ୍ୟାଦିତୋ ଯଥା ।
ତତ୍‌କାଲତ୍ୱ ବିଶିଷ୍ଟଂ ତଥୈତତ୍‌କାଲସଂଯୁତମ୍ । ୩୮ ।
ଅତସ୍ତୟୋର୍ବିରୁଦ୍ଧଂ ତତ୍ ତତ୍ କାଲତ୍ୱାଦିଧର୍ମକଂ ।
ତ୍ୟକ୍ତ୍ୱା ବାକ୍ୟଂ ଯଥା ବିପ୍ର ପିଣ୍ଡଂ ବୋଧୟତୀରିତଂ ।
ତଥୈବ ପ୍ରକୃତେତ୍ତ୍ୱମସୀତ୍ୟନ ଶ୍ରୁତୌ ଶୃଣୁ । ୩୯ ।
ପ୍ରତ୍ୟକ୍ତ୍ୱାଦୀନ୍ ପରିତ୍ୟଜ୍ୟ ଜୀବଧର୍ମାଂସ୍ତ୍ୱମଃପଦାତ୍ ।
ସର୍ବଜ୍ଞତ୍ୱ ପରୋକ୍ଷାଦୀନ୍ ପରିତ୍ୟଜ୍ୟ ତତଃ ପଦାତ୍ । ୪୦ ।
ଶୁଦ୍ଧଂ କୂଟସ୍ଥମଦ୍ୱୈତଂ ବୋଧୟତ୍ୟାଦରାତ ପରଂ ।
ତତ୍ତ୍ୱମୋଃ ପଦୟୋରୈକ୍ୟମେବ ତତ୍ତ୍ୱମସୀତ୍ୟାଲଂ । ୪୧ ।

---

୩୮ । "ସୋଽୟଂ ବିପ୍ରଃ" (ସେହି ଏହି ବିପ୍ର)—ଅର୍ଥାତ୍ "ଯାହାଙ୍କୁ ପୂର୍ବେ ଦେଖିଅଛୁଁ, ସେ ଏହି ।" ଏହାହିଁ ଭାଗ ଲକ୍ଷଣାର ସ୍ଥଳ । ଏଠାରେ ବିରୁଦ୍ଧାଂଶ ତତ୍‌କାଲବିଶିଷ୍ଟରୂପେ ଅର୍ଥ ପରିବର୍ଜନ କରି ବିପ୍ରରୂପ ଅଂଶରେ ବାକ୍ୟାର୍ଥର ଉପପତ୍ତି ହୋଇଅଛି । ସୁତରାଂ କୌଣସି ଅଂଶର ପରିବର୍ଜନ ଏବଂ କୌଣସି ଅଂଶର ଅପରିବର୍ଜନ ଅଛି ॥ ବିରୁଦ୍ଧାଂଶ ତତ୍‌କାଲବିଶିଷ୍ଟରୂପେ ଅର୍ଥର ପରିତ୍ୟାଗ ଓ ଅବିରୁଦ୍ଧାଂଶ ବିପ୍ରାର୍ଥର ସ୍ୱୀକାର ଦୃଷ୍ଟ ହୁଏ; ସୁତରାଂ ଭାଗଲକ୍ଷଣା ଦ୍ୱାରାହିଁ ଏଠାରେ ଅର୍ଥର ଉପପତ୍ତି ହୋଇଅଛି ।

୩୯ । ତତ୍‌କାଲବିଶିଷ୍ଟତ୍ୱ ଓ ଏତତ୍‌କାଲ ବିଶିଷ୍ଟତ୍ୱ ଏ ଦୁଇ ବିରୁଦ୍ଧାଂଶ । କାରଣ, ତତ୍‌କାଳ ଓ ଏତତ୍‌କାଳ ଏକସମୟରେ ସମ୍ଭବେ ନାହିଁ । ଏପରି ସ୍ଥଳ ବିଶେଷରେ ବିରୁଦ୍ଧାଂଶ ଲକ୍ଷଣା ହୋଇଥାଏ । ଏହି ପ୍ରକୃତ ବିଷୟରେ ଅ... "ତତ୍ତ୍ୱମସି" ବାକ୍ୟରେ ଶ୍ରୁତି ଯେ ପ୍ରକାର ମୀମାଂସା କରିତଃ ଅର୍ଥ ନିଷ୍ପତ୍ତି ... ଅଛି, ତାହା ଶ୍ରବଣ କର ।

୪୦ । "ତତ୍ତ୍ୱମସି" ଏହି ବାକ୍ୟ ପୁଣି ଭାଗଲକ୍ଷଣା ଦ୍ୱାରା ଅର୍ଥୋପଲବ୍ଧି ହୋଇଅଛି । ତ୍ୱଂ ପଦଠାରୁ ବିରୁଦ୍ଧ ପ୍ରତ୍ୟକ୍ତ୍ୱାଦି ବିରୁଦ୍ଧ ଜୀବଧର୍ମ ଏବଂ ତତ୍ ପଦଠାରୁ ସର୍ବଜ୍ଞତ୍ୱ ପରୋକ୍ଷତ୍ୱାଦି ଧର୍ମ ପରିବର୍ଜନ କରି "ତତ୍ତ୍ୱଂ" ଏହି ପଦର ଅର୍ଥ କରିବାକୁ ହୁଏ ।

୪୧ । ଉକ୍ତ ତତ୍ ପଦରେ ଶୁଦ୍ଧ କୂଟସ୍ଥ ଅଦ୍ୱୈତ ପରମବ୍ରହ୍ମ ବୁଝାଏ । ଅଭ ତତ୍ ଓ ତ୍ୱଂ ଏହି ପଦଦ୍ୱୟର ମୀମାଂସା ହେଲେ, "ତୁମ୍ଭେ ସେହି ଶୁଦ୍ଧ କୂଟସ୍ଥ ଅଦ୍ୱୈତ ପରବ୍ରହ୍ମ ଏବଂ ଶୁଦ୍ଧ କୂଟସ୍ଥ ଅଦ୍ୱୈତ ପରବ୍ରହ୍ମହିଁ ତୁମ୍ଭେ" ଏହି ପ୍ରକାର ଅର୍ଥ ହୋଇଥାଏ । ଅତଏବ "ତତ୍ତ୍ୱମସି" ଏହି ବାକ୍ୟର ପ୍ରକୃତାର୍ଥ ବିବେଚନା କଲେ, "ତୁମ୍ଭେହିଁ ବ୍ରହ୍ମ" ଏପ୍ରକାର ଅଭେଦ ଜ୍ଞାନ ହେବ । ସୁତରାଂ ଜୀବ ଓ ବ୍ରହ୍ମର ଐକ୍ୟ ଜ୍ଞାନହିଁ "ତତ୍ତ୍ୱମସି" ଇତ୍ୟାଦି ଶ୍ରୁତି ବାକ୍ୟର ଅର୍ଥ ।

ଇତ୍ୟୈକ୍ୟାବବୋଧେନ ସମ୍ୟଗ୍‌ଜ୍ଞାତଂ ଦୃଢ଼ଂ ନରୈଃ ।
ଅହଂ ବ୍ରହ୍ମେତି ବିଜ୍ଞାନଂ ସମ୍ୟା ଶୋକଂ ତରନ୍ତ୍ୟମୀ । ୪୨ ।

ଆତ୍ମା ପ୍ରକାଶମାନୋଽପି ମହାବାକ୍ୟୈସ୍ତଥୈକତା ।
ତତ୍ତ୍ୱମୋର୍ବୋଧ୍ୟତେଽଥାପି ପୌର୍ବାପର୍ଯ୍ୟାନୁସାରତଃ । ୪୩ ।

ତଥାପି ଶକ୍ୟତେ ନୈବ ଶ୍ରୀଗୁରୋଃ କରୁଣାଂ ବିନା ।
ଅପରୋକ୍ଷୟିତୁଂ ଲୋକେ ମୂଢ଼ୈଃ ପଣ୍ଡିତମାନିଭିଃ । ୪୪ ।
ଅନ୍ତଃକରଣସଂଶୁଦ୍ଧୌ ସ୍ୱୟଂ ଜ୍ଞାନଂ ପ୍ରକାଶତେ ।
ବେଦବାକ୍ୟୈରତଃ କିଂ ସ୍ୟାଦ୍‌ଗୁରୁଣେତି ନ ସାମ୍ପ୍ରତଂ । ୪୫ ।

---

୪୨ । ଯାହାର ପୂର୍ବୋକ୍ତରୂପେ "ତତ୍ତ୍ୱମସି" ଇତ୍ୟାଦି ଶ୍ରୁତି ବାକ୍ୟର ଅର୍ଥବୋଧ ଦ୍ୱାରା ସୁନ୍ଦରଭାବରେ "ଅହଂବ୍ରହ୍ମ" (ମୁଁ ବ୍ରହ୍ମ) ଏପରି ଦୃଢ଼ଜ୍ଞାନ ଜନ୍ମେ, ସେ ବ୍ୟକ୍ତି ଶୋକ-ସାଗରରୁ ଉତ୍ତୀର୍ଣ୍ଣ ହୋଇପାରେ ।

୪୩ । ଆତ୍ମତତ୍ତ୍ୱ ପରିଜ୍ଞାନ ହେଲେ ମଧ୍ୟ "ତତ୍ତ୍ୱମସି" ଏହି ମହାବାକ୍ୟଦ୍ୱାରା ପୌର୍ବାପର୍ଯ୍ୟକ୍ରମେ ତତ୍ ଓ ତ୍ୱଂ ଏହି ଉଭୟର ଏକତ୍ୱ ଜ୍ଞାନ କରିବାକୁ ହୁଏ । ଅର୍ଥାତ୍ ପ୍ରଥମତଃ ଜୀବର ପରିଜ୍ଞାନ ହୋଇ ସେହି ଜୀବହିଁ ବ୍ରହ୍ମସ୍ୱରୂପରେ ପ୍ରକାଶିତ ହୁଏ । କାରଣ, ଜୀବର ମାୟାଦି ପରିତ୍ୟାଗ ହେଲେ, "ମୁଁ ବ୍ରହ୍ମ" ଏ ପ୍ରକାର ଅଭେଦ ଜ୍ଞାନ ହୋଇଥାଏ ।

୪୪ । ଯଦ୍ୟପି ଜୀବ-ବ୍ରହ୍ମର ଐକ୍ୟଜ୍ଞାନ ବିଷୟରେ ନାନାପ୍ରକାର ଶାସ୍ତ୍ର ବେଦ ପ୍ରମାଣାଦି ବିଦ୍ୟମାନ ଅଛି, ତଥାପି ଶ୍ରୀଗୁରୁଙ୍କ କୃପା ବ୍ୟତୀତ ପଣ୍ଡିତାଭିମାନୀ ମୂଢ଼ମାନେ କଦାଚ ଅପରୋକ୍ଷ ବ୍ରହ୍ମବିଜ୍ଞାନ ଲାଭ କରି ପାରନ୍ତି ନାହିଁ ।

୪୫ । ଯଦି କହ, "ଅନ୍ତଃକରଣ ଶୁଦ୍ଧ ହେଲେହିଁ ପରବ୍ରହ୍ମର ତତ୍ତ୍ୱ ପରିଜ୍ଞାନ ହୋଇ ପାରେ । ତାହାହେଲେ ବେଦବାକ୍ୟ ଓ ଗୁରୁଙ୍କ କୃପାର ଆବଶ୍ୟକତା କି ?" ଏହା ସଜ୍ଜନମାନଙ୍କର ଅଭିମତ ନୁହେ । କେବଳ ପଣ୍ଡିତାଭିମାନୀ ତତ୍ତ୍ୱଜ୍ଞାନ-ବିହୀନ ବ୍ୟକ୍ତି-ମାନେ କହିଥାନ୍ତି ଯେ, ଏକମାତ୍ର ବେଦ ବାକ୍ୟାର୍ଥ ଆଲୋଚନା କଲେହିଁ ପରବ୍ରହ୍ମ ସ୍ୱୟଂ ପ୍ରକାଶ ପାଇଥାନ୍ତି । କିନ୍ତୁ ଯେଉଁମାନେ ବ୍ରହ୍ମ ବିଜ୍ଞାନ ପାରଦର୍ଶୀ, ସେମାନେ କଦାଚ ଏହା ସ୍ୱୀକାର କରନ୍ତି ନାହିଁ ।

ଆଚାର୍ଯ୍ୟବାନ୍ ପୁରୁଷୋ ହି ବେଦେତ୍ୟେବଂ ଶ୍ରୁତିର୍ଜଗୌ ।
ଅନାଦାବିହ ସଂସାରେ ବୋଧକୋ ଗୁରୁରେବ ହି । ୪୬ ।

ଅତୋ ବ୍ରହ୍ମାତ୍ମବସ୍ତ୍ୱୈକ୍ୟଂ ଜ୍ଞାତ୍ୱା ଦୃଶ୍ୟମସତ୍ତୟା ।
ଅଦ୍ୱୈତେ ବ୍ରହ୍ମଣି ସ୍ଥେୟଂ ପ୍ରତ୍ୟଗ୍ ବ୍ରହ୍ମାତ୍ମନା ସଦା । ୪୭ ।

ଯତ୍ ପ୍ରତ୍ୟକ୍ଷାତ୍ ପରଜ୍ଞାତମଦ୍ୱୈତ ବ୍ରହ୍ମଚିଦ୍ ଘନଂ ।
ପ୍ରତିପାଦ୍ୟଂ ତଦେବାତ୍ର ବେଦାନ୍ତୈର୍ନ ଦ୍ୱୟଂ ଜଡ଼ଂ । ୪୮ ।

ସୁଖରୂପଂ ଚିଦଦ୍ୱୈତଂ ଦୁଃଖରୂପମସଜ୍ଜଡ଼ଂ ।
ବେଦାନ୍ତୈସ୍ତଦ୍ଦ୍ୱୟଂ ସମ୍ୟକ୍ ନିର୍ଣ୍ଣୀତଂ ବସ୍ତୁତୋ ନୟାତ୍ । ୪୯ ।

---

୪୬ । ଶ୍ରୁତିରେ କଥିତ ହୋଇଅଛି ଯେ, ଏହି ଅନାଦ୍ୟ ସଂସାରରେ ଏକମାତ୍ର ଗୁରୁହିଁ ଜ୍ଞାନଦାତା; ଗୁରୁବ୍ୟତୀତ ଅନ୍ୟ କେହି ଜ୍ଞାନ ଦେଇ ପାରନ୍ତି ନାହିଁ । ଆଚାର୍ଯ୍ୟ ବାନ୍ ପୁରୁଷହିଁ ବେଦ ଅର୍ଥାତ୍ ବ୍ରହ୍ମବିଜ୍ଞାନ ବିଷୟରେ ଯେ ସଦୁପଦେଶ ପ୍ରଦାନ କରିବାକୁ ସକ୍ଷମ, ସେ ବ୍ରହ୍ମବିଜ୍ଞାନ ଲାଭର କାରଣ । ଯେହେତୁ ଗୁରୁହିଁ ବେଦବାକ୍ୟାର୍ଥର ବୋଧକ । ବେଦବାକ୍ୟାର୍ଥର ଅର୍ଥାବଗତି ନ ହେଲେ କୌଣସି ଫଳ ହୁଏ ନାହିଁ ଏବଂ ଗୁରୁବ୍ୟତୀତ ତାହାର ପ୍ରକୃତ ମର୍ମ ବୋଧ ସୁଦ୍ଧା ହୋଇପାରେ ନାହିଁ । ସୁତରାଂ ଏହି ଅନାଦ୍ୟ ସଂସାରରେ ଗୁରୁହିଁ ବ୍ରହ୍ମବିଜ୍ଞାନ ଲାଭର ଏକମାତ୍ର କାରଣ ।

୪୭ । ଅତଏବ ଶ୍ରୀଗୁରୁଙ୍କ ଉପଦେଶରେ ବ୍ରହ୍ମ ଓ ଆତ୍ମାର ଐକ୍ୟ ଜ୍ଞାନ କରି ଏହି ଦୃଶ୍ୟମାନ୍ ଅନାଦି ସଂସାରକୁ ଅସତ୍ୟରୂପେ ଜ୍ଞାନ କରିବ । ତେବେ ଅଦ୍ୱୈତ ବ୍ରହ୍ମରୂପରେ ଅବସ୍ଥିତ ହେବ । ଯେତେବେଳେ ଏହି ଅସାର ସଂସାରର ମିଥ୍ୟାତ୍ୱ ଜ୍ଞାନ ହୋଇ ଆତ୍ମ ବ୍ରହ୍ମର ଐକ୍ୟ ଜ୍ଞାନ ହୁଏ, ସେତେବେଳେ "ଅହଂବ୍ରହ୍ମ" (ମୁଁ ବ୍ରହ୍ମ) ଏହିପରି ଜ୍ଞାନ ହୋଇଥାଏ ।

୪୮ । ଯାହାର ପ୍ରତ୍ୟକ୍ଷ ହେଲେ, ଅଦ୍ୱୈତ ଚିନ୍ମୟ ବ୍ରହ୍ମର ପରଜ୍ଞାନ ହୁଏ, ସେହି ବେଦାନ୍ତ ଶାସ୍ତ୍ରରେ ତାହାହିଁ ପ୍ରତିପାଦିତ ହୋଇଅଛି । ଦ୍ୱୈତ ଜଡ଼ ପଦାର୍ଥ ବେଦାନ୍ତ-ପ୍ରତିପାଦ୍ୟ ନୁହେ ।

୪୯ । ଯେ ଅଦ୍ୱୈତ ଚିନ୍ମୟ ପରବ୍ରହ୍ମ, ସେ ସୁଖସ୍ୱରୂପ, ଆଉ ଅସତ୍ ଜଡ଼ମୟ ଏହି ଅଦ୍ୱୈତ ସଂସାର ଦୁଃଖସ୍ୱରୂପ । ବେଦାନ୍ତ ଶାସ୍ତ୍ରରେ ଯୁକ୍ତି ପ୍ରଦର୍ଶନ ପୂର୍ବକ ଏହି ଉଭୟହିଁ ନିରୂପିତ ହୋଇଅଛି ।

ଅଦ୍ୱୈତମେବ ସତ୍ୟଂ ତ୍ୱଂ ବିଦ୍ଧି ଦ୍ୱୈତମସତ୍ ସଦା ।
ଶୁଦ୍ଧେ କଥମଶୁଦ୍ଧଃ ସ୍ୟାତ୍ ଦୃଶ୍ୟଂ ମାୟାମୟଂ ତତଃ । ୫୦ ।

ଶୁକ୍ତୌ ରୂପ୍ୟଂ ମୃଷା ଯଦ୍ୱତ୍ ତଥା ବିଶ୍ୱଂ ପରାତ୍ମନି ।
ବିଦ୍ୟତେ ନ ସ୍ୱତଃ ସତ୍ତ୍ୱଂ ନାସତଃ ସତ୍ତ୍ୱମସ୍ତି ବା । ୫୧ ।

ବାଧତ୍ୱାନ୍ନୈବ ସଦ୍ଦୃଷ୍ଟଂ ନାସତ୍ପ୍ରତ୍ୟକ୍ଷଭାନତଃ
ନ ଚ ସତ୍ ସଦ୍ୱିରୁଦ୍ଧତ୍ୱାଦତୋଽନିର୍ବାଚ୍ୟମେବ ତତ୍ । ୫୨ ।
ଯଃ ପୂର୍ବମେକ ଏବାସୀତ୍ ସୃଷ୍ଟ୍ୱା ପଶ୍ଚାଦିଦଂ ଜଗତ୍ ।
ପ୍ରବିଷ୍ଟୋ ଜୀବରୂପେଣ ସ ଏ ବାତ୍ମା ଭବାନ୍ ପରଃ । ୫୩ ।

---

୫୦ । ଯେ ଅଦ୍ୱୈତ ସଚ୍ଚିଦାନନ୍ଦମୟ ପରବ୍ରହ୍ମ ସେ ସତ୍ ଏବଂ ଜଡ଼ମୟ । ଏହି ଦ୍ୱୈତ ସଂସାରହିଁ ଅସତ୍; ସର୍ବଦା ଏ ପ୍ରକାର ଜ୍ଞାନ କର । ଶୁଦ୍ଧ ବ୍ରହ୍ମବିଜ୍ଞାନ ହେଲେ, ଅଶୁଦ୍ଧ ମାୟାମୟ ସଂସାରଜ୍ଞାନ ରହିପାରେ ନାହିଁ । ଯେ ପର୍ଯ୍ୟନ୍ତ ବ୍ରହ୍ମବିଜ୍ଞାନ ନ ଜନ୍ମେ, ସେ ପର୍ଯ୍ୟନ୍ତ ଲୋକେ ଅନିତ୍ୟ ସଂସାରକୁ ସଦ୍ରୂପେ ଜ୍ଞାନ କରି ତହିଁରେହିଁ ଅସକ୍ତ ଥାନ୍ତି ।

୫୧ । ଯେପରି ଶୁକ୍ତିରେ ରଜତ ଭ୍ରମ ହୋଇଥାଏ, ତଦ୍ରୂପ ପରମାତ୍ମାରେ ମଧ୍ୟ ସଂସାର ଭ୍ରମ ହୁଏ । ପରମାତ୍ମା ସର୍ବଦା ସତ୍ତ୍ୱବାନ୍ ଏବଂ ଜଗତ୍ ଅସତ୍ୟ । ଯେଉଁମାନେ ଶୁକ୍ତିରେ ରଜତ-ଜ୍ଞାନ-ନ୍ୟାୟ ସନାତନ ପରବ୍ରହ୍ମରେ ଅସତ୍ ଜଗତ୍ କଳ୍ପନା କରନ୍ତି, ସେମାନେ ନିତାନ୍ତ ଭ୍ରାନ୍ତ । ଯେହେତୁ ସତ୍ୟରୂପୀ ପରବ୍ରହ୍ମରେ କଦାଚ ଏ ଅସତ୍ୟ ଜଗତର ସମ୍ଭବ ହୋଇପାରେ ନାହିଁ ।

୫୨ । ଜଗତର ସତ୍ୟତ୍ୱ ବିଷୟରେ ବହୁପ୍ରକାର ପ୍ରତିବନ୍ଧକ ଦୃଷ୍ଟ ହୁଏ; ସୁତରାଂ ତାହା ସତ୍ ବୋଲିଯାଇପାରେ ନାହିଁ । ଆଉ ସର୍ବଦା ଏହି ଜଗତ୍ ପ୍ରତ୍ୟକ୍ଷ କରାଯାଉ ଅଛୁ; ଏଣୁ ତାକୁ ଅସତ୍ ମଧ୍ୟ କୁହାଯାଏ ନାହିଁ । ସୁତରାଂ ଏହି ଜଗତ୍ ସତ୍ କି ଅସତ୍ ତହିଁର କିଛି ନିର୍ବାଚନ କରାଯାଇ ପାରେ ନାହିଁ ।

୫୩ । ଯେ ପୂର୍ବେ ଏକମାତ୍ର ସତ୍ ଥିଲେ, ସେ ଏହି ଜଗତ୍ ସୃଷ୍ଟି କରି ଜୀବରୂପେ ସ୍ୱୟଂ ସେହି ଜଗତରେ ପ୍ରବିଷ୍ଟ ହୋଇଅଛନ୍ତି । ସେହି ପରମାତ୍ମା ଏବଂ ପରମାତ୍ମାହିଁ ତୁମ୍ଭେ ।

ସଚ୍ଚିଦାନନ୍ଦ ଏବ ତ୍ୱଂ ବିସ୍ମୃତ୍ୟାତ୍ମତୟା ପରଂ ।
ଜୀବଭାବମନୁପ୍ରାପ୍ତଃ ସ ଏବାତ୍ମାପି ବୋଧତଃ ॥
ଅଦ୍ୱୟାନନ୍ଦଚିନ୍ମାତ୍ରଃ ଶୁଦ୍ଧଃ ସାମ୍ରାଜ୍ୟମାଗତଃ । ୫୦ ।

କର୍ତ୍ତୃତ୍ୱାଦୀନି ଯାନ୍ୟାସଂସ୍ତ୍ୱୟି ବ୍ରହ୍ମାଦ୍ୱୟେ ପରେ ।
ତାନୀଦାନୀଂ ବିଚାର୍ଯ୍ୟ ତ୍ୱଂ କିଂ ସ୍ୱରୂପାଣି ବସ୍ତୁତଃ । ୫୫

ଅତ୍ରୈବ ଶୃଣୁ ବୃତ୍ତାନ୍ତମପୂର୍ବଂ ଶ୍ରୁତିଭାଷିତଂ ।
କଶ୍ଚିଦ୍ ଗାନ୍ଧାରଦେଶୀୟମହାରତ୍ନବିଭୂଷିତଃ । ୫୬ ।

---

୫୪ । ତୁମ୍ଭେହିଁ ସଚ୍ଚିଦାନନ୍ଦମୟ ପରମାତ୍ମା । କାରଣ, ତୁମ୍ଭେହିଁ ସ୍ୱୀୟ ରୂପ ବିସ୍ମୃତ ହୋଇ ଜୀବଭାବ ପ୍ରାପ୍ତ ହୋଇଅଛ । ଏହି ବିସ୍ମୃତିରୂପ ମୋହର ନିବୃତ୍ତି ହୋଇ ତତ୍ତ୍ୱଜ୍ଞାନ ସମୁଦିତ ହେଲେ ପୁନର୍ବାର ତୁମ୍ଭେ ଅଦ୍ୱୟାନନ୍ଦ ଶୁଦ୍ଧ ଚିନ୍ମୟରୂପେ ପ୍ରକାଶ ପାଇବ । ଜୀବ ଭାବ ପରିତ୍ୟକ୍ତ ହେଲେ ଆତ୍ମସ୍ୱଭାବ ରୂପ ସାମ୍ରାଜ୍ୟ ହୁଏ – ଅର୍ଥାତ୍ ଯେ ପର୍ଯ୍ୟନ୍ତ ଜୀବ ଆତ୍ମସ୍ୱରୂପ ବିସ୍ମୃତ ହୋଇ ସଂସାର ମଧ୍ୟରେ ବିମୋହିତ ଥାଏ, ସେ ପର୍ଯ୍ୟନ୍ତ ନିଜେ ନିଜକୁ ଚିହ୍ନି ପାରେ ନାହିଁ । ଆତ୍ମ-ବିସ୍ମୃତି ଅପନୋଦିତ ହେଲେ, "ଅହଂବ୍ରହ୍ମ" (ମୁଁ ବ୍ରହ୍ମ) ଇତ୍ୟାକାର ଜ୍ଞାନ ଜନ୍ମେ ।

୫୫ । ତୁମ୍ଭେ ଅଦ୍ୱୟ ପରବ୍ରହ୍ମସ୍ୱରୂପ । ତୁମ୍ଭଠାରେ କର୍ତ୍ତୃତ୍ୱାଦି ଆରୋପିତ ହୋଇ ଥିଲା । ଅଧୁନା ବିଚାର କରି ଦେଖ, ବାସ୍ତବପକ୍ଷେ ତୁମ୍ଭେ କି ସ୍ୱରୂପ ? ଯେପର୍ଯ୍ୟନ୍ତ ତୁମ୍ଭେ ଅଜ୍ଞାନାନ୍ଧକାରରେ ସମାଚ୍ଛନ୍ନ ଥିଲ, ସେ ପର୍ଯ୍ୟନ୍ତ ତୁମ୍ଭର "ମୁଁ କର୍ତ୍ତା, ମୁଁ ଭୋକ୍ତା" ଏ ପ୍ରକାର ଜ୍ଞାନ ଥିଲା, ବର୍ତ୍ତମାନ ଅଜ୍ଞାନାନ୍ଧକାର ବିଦୂରିତ ହୋଇ ପ୍ରକୃତ ଜ୍ଞାନ ସମୁଦିତ ହୋଇଅଛି ଏବଂ ସେହି କର୍ତ୍ତୃତ୍ୱାଦି ଜ୍ଞାନସମୂହ ଅନ୍ତର୍ହିତ ହୋଇଅଛି; ସୁତରାଂ ବିଚାର କରି ଦେଖିଲେ, ଅନାୟାସରେ ନିଜ ସ୍ୱରୂପ ଉପଲବ୍ଧି କରିପାରିବ ।

୫୬-୬୨ । ଏ ବିଷୟରେ ଶ୍ରୁତିରେ ଏକ ଅପୂର୍ବ ବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି । ଏ ସ୍ଥଳରେ ସେହି ଇତିବୃତ୍ତଟି ବିବୃତ ହେଉଅଛି, ଶ୍ରବଣ କର । ଏକଦା ଗାନ୍ଧାର-ଦେଶୀୟ କୌଣସି ବ୍ୟକ୍ତି ମହାରତ୍ନଭୂଷଣରେ ବିଭୂଷିତ ହୋଇ ଅନବଧାନଭାବରେ ସ୍ୱୀୟ ଗୃହପ୍ରାଙ୍ଗଣରେ ଶୋଇଥିଲା । ନିଶାକାଳରେ ଚୋରମାନେ ଅଳଙ୍କାର ଲୋଭରେ ସେଠାରେ ଉପସ୍ଥିତ ହୋଇ ତାକୁ ବନ୍ଧନ କରି ଦେଶାନ୍ତରକୁ ନେଇଗଲେ ଏବଂ ଅଳଙ୍କାର ସବୁ କାଢ଼ି ତାହାର ହାତ ଗୋଡ଼ ଆଖି ବାନ୍ଧି ଦେଇ କୁଶ କଣ୍ଟକ ସମାଚ୍ଛନ୍ନ, ବୃଶ୍ଚିକ-ସମାକୀର୍ଣ୍ଣ, ବ୍ୟାଘ୍ରାଦି ହିଂସ୍ର-ଶ୍ୱାପଦ-ସଙ୍କୁଳ, ନିବିଡ଼ତରୁରାଜି ବିରାଜିତ-ଗହନ କାନନ ମଧ୍ୟରେ ନିକ୍ଷେପ କରି ସେମାନେ ସେଠାରୁ ଚାଲିଗଲେ । ମହାରଣ୍ୟ ମଧ୍ୟରେ

ସ୍ୱଗୃହେ ସ୍ୱାଙ୍ଗଣେ ସୁପ୍ତଃ ପ୍ରମତ୍ତଃ ସନ୍ କଦାଚନ ।
ଗୃହୀ ଚୌରୈଃ ସମାଗତ୍ୟ ଭୂଷଣାନାଂ ପ୍ରଲୋଭିତୈଃ । ୫୭ ।
ନୀତ୍ୱା ଦେଶାନ୍ତରଂ ଚୌରୈର୍ନୀତଃ ସନ୍ ଗହନେ ବନେ ।
ଭୂଷଣାନ୍ୟପହୃତ୍ୟାପି ବଦ୍ଧାକ୍ଷକରପାଦକଃ । ୫୮ ।
ନିକ୍ଷିପ୍ତୋ ବିପିନେଽତୀବ କୁଶକଣ୍ଟକଦୃଷ୍ଟକୈଃ ।
ବ୍ୟାଳବ୍ୟାଘ୍ରାଦିଭିଶ୍ଚୈବ ସଙ୍କୁଳତରୁ ସଙ୍କଟେ । ୫୯ ।
ବ୍ୟାଳାଦିଦୁଷ୍ଟସତ୍ତ୍ୱେଭ୍ୟୋ ମହାରଣ୍ୟେ ଭୟାତୁରଃ ।
ଶିଳାକଣ୍ଟକଦର୍ଭାଦ୍ୟୈର୍ଦେହସ୍ୟ ପ୍ରତିକୂଳକୈଃ । ୬୦ ।
ଛିଦ୍ୟମାନେ ବିଲୁଠନେ ବିଶୀର୍ଣ୍ଣାଙ୍ଗୋଽସମର୍ଥକଃ ।
କ୍ଷୁତ୍ତୃଷାତପ ବାୟ୍ୱଗ୍ନ୍ୟାଦିଭିସ୍ତପ୍ତୋଽତିତାପକୈଃ । ୬୧ ।
ବନ୍ଧମୁକ୍ତୌ ତଥା ଦେଶପ୍ରାପ୍ତାବେବ ସୁଦୁଃଖଧୀଃ ।
ଦଦୃଶେଽଶ୍ରୁଜଳାକ୍ରୋଶେ ନୈକଂ ତଦ୍ୱୈବ ତସ୍ଥିବାନ୍ । ୬୨ ।
ତଥା ରାଗାଦିଭିର୍ବର୍ଗୈଃ ଶତ୍ରୁଭିର୍ଦୁଃଖଦାୟିଭିଃ ।
ଚୌରୈର୍ଦେହାଭିମାନାଦ୍ୟୈଃ ସ୍ୱାନନ୍ଦଧନହାରିଭିଃ । ୬୩ ।
ବ୍ରହ୍ମାନନ୍ଦେ ପ୍ରମତ୍ତଃ ସ୍ୱାଜ୍ଞାନନିଦ୍ରାବଶୀକୃତଃ ।
ବଦ୍ଧସ୍ତ୍ୱଂ ବନ୍ଧନୈର୍ଭୋଗତୃଷ୍ଣାଜ୍ୱରାଦିଭିର୍ଦୃଢ଼ଃ । ୬୪ ।

ସର୍ପାଦି ଦୁଷ୍ଟ ଜନ୍ତୁଗଣ ଭୟରେ ଭୀତ ହୋଇ ମୃତ୍ତିକାରେ ବିଲୁଣ୍ଠିତ ହେବାରେ କୁଶାଙ୍କୁର, ଶିଳା ଓ କଣ୍ଟକାଦିରେ ତାହାର ଦେହ କ୍ଷତବିକ୍ଷତ ହୋଇଗଲା । ଫଳତଃ ତାହାର ଶରୀର ଶୀର୍ଣ୍ଣ ଓ ସାମର୍ଥ୍ୟହୀନ ହେଲା ଏବଂ ସେ କ୍ଷୁଧା, ତୃଷା, ପ୍ରଖର ବାୟୁ, ଅଗ୍ନି ସନ୍ତାପ ଓ ଅତପ ତାପରେ ପରିତପ୍ତ ହୋଇ ପଡ଼ିଲା । ସେହି ନିବିଡ଼ ଅରଣ୍ୟ ମଧ୍ୟରେ ସେ ଜାହାରିକୁ ନ ଦେଖି ବନ୍ଧନ ମୁକ୍ତ ଓ ସ୍ୱଦେଶ ପ୍ରାପ୍ତିର ଅଭିଳାଷରେ ସକାତରରେ ମୁକ୍ତ କଣ୍ଠରେ ରୋଦନ କରିବାକୁ ଲାଗିଲା ।

୬୩ । ଧନୀବ୍ୟକ୍ତି ଯେପରି ଚୋରମାନଙ୍କ ହସ୍ତରେ ପତିତ ହୋଇ ନାନାପ୍ରକାର ଦୁଃଖ ଭୋଗ କରିଥିଲା, ତଦ୍ରୂପ ତୁମ୍ଭର ଶରୀର ମଧ୍ୟରେ ମଧ୍ୟ ଅଶେଷ ଦୁଃଖଦାୟୀ ଶତ୍ରୁଗଣ ବାସ କରୁଅଛନ୍ତି । ଦେହାଭିମାନରୂପ ତସ୍କର, ଆତ୍ମାନନ୍ଦରୂପ ଧନ ଅପହରଣ ପୂର୍ବକ ତୁମ୍ଭଙ୍କୁ ଧନହୀନ କରିବେ ଏବଂ ରାଗାଦିରୂପ ଅରିଗଣ ବହୁଳ କାୟିକ ଯନ୍ତ୍ରଣା ପ୍ରଦାନ କରିବେ ।

୬୪ । ତୁମ୍ଭେ ବ୍ରହ୍ମାନନ୍ଦ ଲାଭରେ ପ୍ରମତ୍ତ ହେଲେ ମଧ୍ୟ ଉକ୍ତ ଶତ୍ରୁବର୍ଗ ତୁମ୍ଭଙ୍କୁ ଅଜ୍ଞାନ ନିଦ୍ରାରେ ଅଭିଭୂତ କରି ଭୋଗ ତୃଷ୍ଣାରୂପ ରଜ୍ଜୁଦ୍ୱାରା ଦୃଢ଼ରୂପେ ବନ୍ଧନ କରିବେ ।

ଅଦ୍ୱୟାନନ୍ଦରୂପତ୍ୱାଂ ପ୍ରତ୍ୟାବର୍ତ୍ତାବଧୂର୍ତ୍ତିକୈଃ ।
ଦୂରନୀତୋଽସି ଦେହେଷୁ ସଂସାରାରଣ୍ୟଭୂମିଷୁ । ୬୫ ।
ସର୍ବଦୁଃଖନିଦାନେଷୁ ଶରୀରପିଞ୍ଜରେଷୁ ଚ ।
ନାନାଯୋନିଷୁ କର୍ମାଦିବାସନା ନିର୍ମିତାସୁ ଚ । ୬୬ ।
ପ୍ରବେଶିତୋ ବିସ୍ମୃତୋଽସି ବଦ୍ଧସ୍ୱାନନ୍ଦଦୃଷ୍ଟିତଃ ।
ଅନାଦିକାଲମାରଭ୍ୟ ଦୁଃଖଂ ଭୁଞ୍ଜନ୍ ଭବନ୍ ସଦା । ୬୭ ।
ଜନ୍ମମୃତ୍ୟୁଜରାଦୋଷନରକାଦି ପରମ୍ପରାଂ ।
ନିରନ୍ତରଂ ବିଷଣ୍ଣୋଽନୁଭବନ୍ନତ୍ୟନ୍ତ ଶୋଚବାନ୍ । ୬୮ ।
ଅବିଦ୍ୟାଭୂତ ବନ୍ଧସ୍ୟ ନିବୃତ୍ତୌ ଦୁଃଖଦସ୍ୟ ଚ ।
ସ୍ୱରୂପାନନ୍ଦସଂପ୍ରାପ୍ତୌ ସତ୍ୟୋପାୟୋ ନ ଲବ୍ଧବାନ୍ । ୬୯ ।
ଯଥା ଗାନ୍ଧାରଦେଶୀୟଶ୍ଚିରଂ ଦୈବାଦ୍ୟଦୃଚ୍ଛୟା ॥
କୈଶ୍ଚିତ୍ ପାନ୍ଥୈଃ ପରିପ୍ରାପ୍ତୈର୍ମୁକ୍ତବନ୍ଧ୍ୟାଦିବନ୍ଧନଃ । ୭୦ ।

---

୬୫ । ଯେପରି ତସ୍କରଗଣ ଗାନ୍ଧାରଦେଶବାସିକୁ ଦୂରଦେଶକୁ ନେଇ ଯାଇଥିଲେ, ସେପରି ଦେହସ୍ଥ ଧୂର୍ତ୍ତଗଣ ମଧ୍ୟ ତୁମ୍ଭଙ୍କୁ ଅଦ୍ୱୈତ ବ୍ରହ୍ମାନନ୍ଦଠାରୁ ଅନେକ ଦୂରବର୍ତ୍ତୀ ଏହି ସଂସାରାରଣ୍ୟ ଭୂମିକୁ ଆଣିଛନ୍ତି ।

୬୬ । ସ୍ଥୂଳଦେହ, ସୂକ୍ଷ୍ମଦେହ ଓ କାରଣଦେହ, ଏହି ଶରୀରତ୍ରୟ ସର୍ବଦୁଃଖର ଆକର ଓ ବାସନା ନିର୍ମିତ । କର୍ମାଦି-ମାନବ ଏହି ତ୍ରିବିଧ ଶରୀରର ଅନୁରୋଧରେ ନାନାଯୋନିରେ ଭ୍ରମଣ କରିଥାଏ ।

୬୭ । ତୁମ୍ଭେ ଏକବାର ଏହି ଶରୀରରେ (ଶତ୍ରୁଗଣ କର୍ତ୍ତୃକ) ପ୍ରବିଷ୍ଟ ହେଉଅଛ, ଏବଂ ଏକବାର ବହିର୍ଗତ ହେଉଛ । ତୁମ୍ଭର ଜ୍ଞାନ-ଦୃଷ୍ଟି ଆବଦ୍ଧ ହୋଇଅଛି, ଅତେବ ମଧ୍ୟ ସେହି ବ୍ରହ୍ମାନନ୍ଦ ପ୍ରତି ଦୃଷ୍ଟି କରି ପାରୁନାହିଁ । ଏହି ପ୍ରକାରରେ ତୁମ୍ଭେ ଅନାଦିକାଳରୁ ସର୍ବଦା ଦୁଃଖଭୋଗ କରୁଛ ।

୬୮ । ତୁମ୍ଭେ କ୍ରମଶଃ ଜନ୍ମ, ମୃତ୍ୟୁ, ଜରା, ଦୋଷ ଏବଂ ନରକାଦି ଉପଭୋଗ କରି ନିରନ୍ତର ବିଷଣ୍ଣ ଓ ଶୋକାଭିଭୂତ ହେଉଛ ।

୬୯ । ତୁମ୍ଭେ ଅବିଦ୍ୟା ଜନିତ ସଂସାର ବନ୍ଧନରେ ଆବଦ୍ଧ ହୋଇ ନାନା ଦୁଃଖ ଭୋଗ କରୁଛ; କିନ୍ତୁ ଯହିଁରେ ସେହି ଦୁଃଖ ନିବୃତ୍ତିର କାରଣ ପରବ୍ରହ୍ମାନନ୍ଦ ଲାଭ ହୋଇପାରେ, ତହିଁର କୌଣସି ଉପାୟଭିତ ଚେଷ୍ଟା କରୁ ନାହିଁ ।

୭୦ । ଯେପରି ଗାନ୍ଧାର ଦେଶବାସୀ ବ୍ୟକ୍ତି ବହୁକ୍ଳେଶ ଭୋଗକରି ବହୁକାଳପରେ କୌଣସି ଦୟାଳୁ ପଥିକର ସାକ୍ଷାତ ପାଇଥିଲା ଏବଂ ତତପରାତ୍ ସେହି ପଥିକ ତାହାର ଚକ୍ଷୁ ପ୍ରଭୃତିର ବନ୍ଧନ ଉନ୍ମୁକ୍ତ କରିଦେବାରେ ସେ ସୁସ୍ଥ ହୋଇଥିଲା ;

ତଃ ମୁକ୍ତୈସ୍ତମଦସ୍ତ୍ରୁଷ୍ଟଃ ପଣ୍ଡିତୋ ନିଷ୍ଠିତାସ୍ମକଃ ।
ଗ୍ରାମାଦ୍-ଗ୍ରାମାନ୍ତରଂ ଗଚ୍ଛନ୍ନେଧାବୀ ମାର୍ଗତତ୍ପରଃ । ୭୧ ।
ଗତ୍ୱା ଗାନ୍ଧାରଦେଶଂ ସ ସ୍ୱଗୃହଂ ପ୍ରାପ୍ୟ ପୂର୍ବବତ୍ ।
ବାନ୍ଧବୈଃ ସପରଷ୍ୱକ୍ତଃ ସୁଖୀ ଭୂତ୍ୱା ସ୍ଥିତୋଽଭବତ୍ । ୭୨ ।
ତ୍ୱମପ୍ୟେବମନେକେଷୁ ଦୁଃଖାଦାସ୍ୱିଷୁ ଜନ୍ମସୁ ।
ଭ୍ରାନ୍ତୋ ଦୈବାଚ୍ଛୁଭେ ମାର୍ଗେ ଜାତଶ୍ରଦ୍ଧଃ ସୁକର୍ମକୃତ୍ । ୭୩ ।
ବର୍ଣ୍ଣାଶ୍ରମାଚାରପରୋଽବ୍ୟାପ୍ତପୁଣ୍ୟମହୋଦୟଃ ।
ଈଶ୍ୱରାନୁଗ୍ରହାଲ୍ଲବ୍ଧୋ ବ୍ରହ୍ମବିଦ୍ ଗୁରୁସତ୍ତମଃ । ୭୪ ।
ବିଧିବତ୍ କୃତସନ୍ନ୍ୟାସୋ ବିବେକାଦଯୁତଃ ସୁଧୀଃ ।
ପ୍ରାପ୍ତୋ ବ୍ରହ୍ମୋପଦେଶୋଽଦ୍ୟ ବୈରାଗ୍ୟା ଭ୍ୟସତଃ ପରଂ । ୭୫ । ୭୫ ।
ପଣ୍ଡିତସ୍ତ୍ୱଂ ମେଧାବୀ ଯୁକ୍ତ୍ୟା ବସ୍ତୁ ବିଚାରୟନ୍ ।
ନିଦିଧ୍ୟାସନସମ୍ପନ୍ନଃ ପ୍ରାପ୍ତୋ ହି ତ୍ୱଂ ପରଂ ପଦଂ । ୭୬ ।

---

୭୧ । ତା'ପରେ ସେହି ପଥିକ ଗାନ୍ଧାର ଦେଶୀୟ ବ୍ୟକ୍ତିକୁ ମୁକ୍ତ ଦେଖି ପଥ ଦେଖାଇଦେଲା । ସେହି ସମୟରେ ସେହି ମେଧାବୀ ସ୍ୱଦେଶ ଗମନୋପଯୋଗୀ ପଥଜ୍ଞାତ ହୋଇ ସେହି ପନ୍ଥାବଲମ୍ବନରେ କ୍ରମଶଃ ଗ୍ରାମରୁ ଗ୍ରାମାନ୍ତରରେ ଉପସ୍ଥିତ ହେବାକୁ ଲାଗିଲା;

୭୨ । ଏହି ପ୍ରକାରରେ ସେ ଗାନ୍ଧାର ଦେଶକୁ ଗମନ କରି ସ୍ୱୀୟ ଗୃହରେ ଉପସ୍ଥିତ ହୋଇ ପୂର୍ବବତ୍ ବାନ୍ଧବମାନଙ୍କ ସହିତ ସମ୍ମିଳିତ ହୋଇ ସୁଖରେ ଅବସ୍ଥିତ କରିବାକୁ ଲାଗିଲା;

୭୩-୭୪ । ସେହିପରି ତୁମ୍ଭେଭ ଗାନ୍ଧାର ଦେଶୀୟ ଲୋକପରି ପ୍ରାୟ ବହୁ ବହୁ ଜନ୍ମରେ ଅନ୍ତରେ ଅନନ୍ତ ଯୋନିରେ ଭ୍ରମଣ କରତଃ ବହୁ ଦୁଃଖ ଭୋଗ କରିଅଛ । ଅଧୁନା ତୁମ୍ଭର ଶୁଭ ଦୃଷ୍ଟର ଫଳରେ ଈଶ୍ୱର ଅନୁଗ୍ରହ ବଶତଃ ଶ୍ରଦ୍ଧାବାନ୍, ସତ୍କର୍ମାନ୍ୱିତ, ବର୍ଣ୍ଣାଶ୍ରମାଚାରତତ୍ପର, ପୁଣ୍ୟଶୀଳ, ମହାତ୍ମା ଓ ବ୍ରହ୍ମ ବିଜ୍ଞାନବିତ୍ ସଦ୍‌ଗୁରୁ ପ୍ରାପ୍ତ ହୋଇଅଛ

୭୫ । ତୁମ୍ଭେ ଅତି ସୁବୁଦ୍ଧି । ବିବେକାଦି ଯୁକ୍ତ ହୋଇ ବୈରାଗ୍ୟ ଅଭ୍ୟାସରେ ତତ୍ପର ହୁଅ ଏବଂ ଯଥାବିଧି ସନ୍ନ୍ୟାସ କରି ବ୍ରହ୍ମୋପଦେଶ ପ୍ରାପ୍ତ ହୁଅ ।

୭୬ । ତୁମ୍ଭେ ଅତି ସୁପଣ୍ଡିତ ମେଧାବୀ; ଅଧୁନା ଯୁକ୍ତି ଦ୍ୱାରା ବସ୍ତୁ-ବିଚାର ପୂର୍ବକ (ସଂସାର ସଦ ସଦ୍ ବସ୍ତୁ ନିରୂପଣ କରି) ନିଦିଧ୍ୟାସନ କରତଃ ପରମପଦ ପ୍ରାପ୍ତ ହୁଅ ।

ଅତୋ ବ୍ରହ୍ମାତ୍ମବିଜ୍ଞାନଂ ଉପଦାନ୍ତ ଯଥାବିଧି ।
ମଚ୍ଛାସ୍ତ୍ରାର୍ଯେ୍ୟଣ ତେ ଧୀର ସମ୍ୟକ୍ ତତ୍ର ପ୍ରଯତ୍ନବାନ୍ । ୭୭ ।

ଭୂତ୍ୱା ବିମୁକ୍ତବନ୍ଧସ୍ତ୍ୱଂ ଛିନ୍ନଦ୍ୱୈତାତ୍ମସଂଶୟଃ ।
ନିର୍ଦ୍ୱନ୍ଦ୍ୱୋ ନିଃସ୍ପୃହୋ ଭୂତ୍ୱା ବିଚରସ୍ୱ ଯଥାସୁଖଂ । ୭୮ ।

ବସ୍ତୁତୋ ନିଷ୍ପ୍ରପଞ୍ଚୋଽସି ନିତ୍ୟମୁକ୍ତଃ ସ୍ୱଭାବତଃ ।
ନ ତେ ବନ୍ଧ ବିମୋକ୍ଷୌ ସ୍ତଃ କଳ୍ପିତୌ ତୌ ମତସ୍ତ୍ୱୟି ।୭୯

ନ ନିରୋଧୋ ନ ଚୋତ୍ପତ୍ତିର୍ନ ବନ୍ଧୋ ନ ଚ ସାଧକଃ ।
ନ ମୁମୁକ୍ଷୁର୍ନ ବୈ ମୁକ୍ତ ଇତ୍ୟେଷା ପରମାର୍ଥତା । ୮୦ ।

ଶ୍ରୁତିସିଦ୍ଧାନ୍ତସାରୋଽୟଂ ତଥୈବ ତ୍ୱଂ ସ୍ୱୟା ଧିୟା ।
ସଂ ବିମୃଶ୍ୟ ନିଦଧ୍ୟାସ୍ୟ ନିଜାନନ୍ଦାତ୍ମକଂ ପରଂ । ୮୧ ।

ସାକ୍ଷାତ୍କୃତ୍ୟ ପରିଚ୍ଛିନ୍ନାଦ୍ୱୈତବ୍ରହ୍ମାକ୍ଷରଂ ସ୍ୱୟଂ ।
ଜୀବନ୍ନେବ ବିନିର୍ମୁକ୍ତୋ ବିଶ୍ରାନ୍ତଶାନ୍ତିମାଶ୍ରୟ । ୮୨ ।

---

୭୭ । ତୁମ୍ଭେ ମୋହର ସୁବୁଦ୍ଧି ଶିଷ୍ୟ; ମୁଁ ତୁମ୍ଭର ବ୍ରହ୍ମୋପଦେଶକ ଆଚାର୍ଯ୍ୟ । ସୁତରାଂ ତୁମ୍ଭେ ଏବେ ମୋଠାରୁ ଯଥାବିଧି ବ୍ରହ୍ମାତ୍ମ ବିଜ୍ଞାନ ବିଷୟରେ ଉପଦେଶ ଗ୍ରହଣ କରି ପରବ୍ରହ୍ମତତ୍ତ୍ୱ ଲାଭରେ ଯତ୍ନବାନ୍ ହୁଅ ।

୭୮ । ହେ ଧୀର ! ମୋଠାରୁ ଉପଦିଷ୍ଟ ହୋଇ ସଂସାର-ବନ୍ଧନରୁ ବିମୁକ୍ତ ହୁଅ ଏବଂ ଦ୍ୱୈତାତ୍ମ-ସଂଶୟ ଛେଦନ କରି ସୁଖ ଦୁଃଖ ରାଗଦ୍ୱେଷାଦି ଦ୍ୱନ୍ଦ୍ୱ ପରିତ୍ୟାଗ ପୂର୍ବକ ସାଂସାରିକ ସ୍ପୃହା ପରିତ୍ୟାଗ କରିତଃ ଯଥାସୁଖରେ ବିଚରଣ କରୁଥାଅ ।

୭୯ । ବସ୍ତୁତଃ ତୁମ୍ଭେ ନିଷ୍ପ୍ରପଞ୍ଚ (ଘଟ ପଟାଦି ପରି ଆକାର ବିହୀନ), ତୁମ୍ଭେ ସ୍ୱଭାବତଃ ନିତ୍ୟମୁକ୍ତ ସ୍ୱରୂପ; ସୁତରାଂ ତୁମ୍ଭର ବନ୍ଧ ବା ମୋକ୍ଷ କିଛି ନାହିଁ । ତୁମ୍ଭର ଏହି ମୋକ୍ଷ କଳ୍ପନା ମାତ୍ର; କାରଣ, ମିଥ୍ୟା କଳ୍ପନାଦ୍ୱାରା "ମୁଁ ବଦ୍ଧ ଓ ମୁକ୍ତ" ଏ ପ୍ରକାର ବ୍ୟବହାର ହୋଇଥାଏ ।

୮୦ । ଶ୍ରୁତି ପ୍ରମାଣରେ ଜଣାଯାଏ ଯେ, ତୁମ୍ଭର କୌଣସି ପ୍ରକାର ବନ୍ଧନ ନାହିଁ, ଉତ୍ପତ୍ତି ନାହିଁ, ସୁତରାଂ ତୁମ୍ଭେ ବନ୍ଧ ବା କୌଣସି କାର୍ଯ୍ୟର ସାଧକ ନୁହ । ତୁମ୍ଭେ ମୁମୁକ୍ଷୁ ବା ମୁକ୍ତ ନୁହ; ଏହାହିଁ ପରମାର୍ଥତା ।

୮୧-୮୨ । ଏହାହିଁ ଶ୍ରୁତିର ସାର ସିଦ୍ଧାନ୍ତ ଯେ, ତୁମ୍ଭେ ସ୍ୱୀୟ ବୁଦ୍ଧି ଦ୍ୱାରା ବିଚାର କରି ନିଦଧ୍ୟାସନ ପୂର୍ବକ ଅବିଚ୍ଛିନ୍ନ, ଅକ୍ଷୟ, ଅଦ୍ୱୈତ, ନିଜାନନ୍ଦ ସ୍ୱରୂପ ପରବ୍ରହ୍ମର ସାକ୍ଷାତ୍କାର ଲାଭ କରି ଜୀବନ୍ମୁକ୍ତ ହୁଅ ଏବଂ ବିଶ୍ରାନ୍ତ ହୋଇ ଶାନ୍ତି ସୁଖ ଉପଭୋଗ କର ।

ବିଚାରଣୀୟା ବେଦାନ୍ତା ବନ୍ଦନୀୟୋ ଗୁରୁଃ ସଦା ।
ଗୁରୂଣାଂ ବଚନଂ ପଥ୍ୟଂ ଦର୍ଶନଂ ସେବନଂ ନୃଣାଂ । ୮୩ ।

ଗୁରୁର୍ବ୍ରହ୍ମ ସ୍ୱୟଂ ସାକ୍ଷାତ୍ ସେବ୍ୟୋ ବନ୍ଦ୍ୟୋ ମୁମୁକ୍ଷୁଭିଃ ।
ନୋଦ୍‌ବେଜନୀୟ ଏବାୟଂ କୃତଜ୍ଞେନ ବିବେକିନା । ୮୪ ।

ଯାବଦାୟୁସ୍ତ୍ୱୟା ବନ୍ଦ୍ୟୋ ବେଦାନ୍ତୋ ଗୁରୁରୀଶ୍ୱରଃ ।
ମନସା କର୍ମଣା ବାଚା ଶ୍ରୁତିରେବୈଷ ନିଶ୍ଚୟଃ । ୮୫ ।

ଭାବାଦ୍ୱୈତଂ ସଦା କୁର୍ଯ୍ୟାତ୍ କ୍ରିୟାଦ୍ୱୈତଂ ନ କର୍ହିଚିତ୍ ।
ଅଦ୍ୱୈତଂ ତ୍ରିଷୁ ଲୋକେଷୁ ନାଦ୍ୱୈତଂ ଗୁରୁଣା ସହ । ୮୬ ।

ଇତ୍ୟେବଂ ବୋଧିତୋ ବ୍ରହ୍ମାମୃତବୋଧାତ୍ମନା ଦ୍ୱିଜଃ ।
ଗୁରୁଣା ଭାଷ୍ୟକାରେଣ ମଣ୍ଡନାଖ୍ୟକବିର୍ମହାନ୍ । ୮୭ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟକୃତତତ୍ତ୍ୱୋପଦେଶଃ ।
ସମାପ୍ତଃ

---

୮୩ । ସର୍ବଦା ବେଦାନ୍ତ ଶାସ୍ତ୍ରର ବିଚାର ଏବଂ ଶ୍ରୀ ଗୁରୁଦେବଙ୍କ ବନ୍ଦନା କରିବ । ଗୁରୁଦେବଙ୍କ ବାକ୍ୟହିଁ ମାନବମାତ୍ରର ପଥ୍ୟ ଏବଂ ଗୁରୁଙ୍କ ଦର୍ଶନ ଏବଂ ସେବନ ଏକାନ୍ତ କର୍ତ୍ତବ୍ୟ ।

୮୪ । ସ୍ୱୟଂ ଗୁରୁଦେବ ସାକ୍ଷାତ୍ ବ୍ରହ୍ମସ୍ୱରୂପ । ମୋକ୍ଷକାମୀ ବ୍ୟକ୍ତି ଶ୍ରୀଗୁରୁଙ୍କ ସେବା ଓ ବନ୍ଦନା କରିବ । କୃତଜ୍ଞ ଓ ବିବେକ ସମ୍ପନ୍ନ ବ୍ୟକ୍ତି କଦାଚ ଏଥିର ଅନ୍ୟଥା କରିବ ନାହିଁ ।

୮୫ । ଶ୍ରୁତିରେ କୁହାଯାଇଅଛି ଯେ, ମନୁଷ୍ୟ ଯାବତ୍ ଜୀବିତ ଥିବ, ତାବତ୍ ବାକ୍ୟ, ମନ ଓ କର୍ମ ଦ୍ୱାରା ବେଦାନ୍ତ, ଗୁରୁ ଈଶ୍ୱର ଏହି ତିନିଙ୍କର ବନ୍ଦନା କରିବ ।

୮୬ । ସର୍ବଦା ଅଦ୍ୱୈତରୂପେ ଈଶ୍ୱରଙ୍କର ଭାବନା କରିବ; କଦାଚ ସଦାସର୍ବ କ୍ରିୟାରୁ ଅଦ୍ୱୈତ ଜ୍ଞାନ କରିବ ନାହିଁ । ତିନିଲୋକକୁ ଅଦ୍ୱୈତ ଜ୍ଞାନ କରାଯାଇପାରେ; କିନ୍ତୁ ଗୁରୁଙ୍କ ସହିତ ଅଦ୍ୱୈତ ଭାବନା କରଣୀୟ ନୁହେ ।

୮୭ । ଦ୍ୱିଜ କବିବର ମଣ୍ଡନ ମିଶ୍ର ଏହିରୂପେ ପରମ କାରୁଣିକ ଭାଷ୍ୟକାର ଆଚାର୍ଯ୍ୟ-ପ୍ରବର ଗୁରୁଙ୍କ ଉପଦେଶରେ ବ୍ରହ୍ମ ବିଜ୍ଞାନରୂପ ଅମୃତ ପ୍ରାପ୍ତ ହୋଇ ପ୍ରବୋଧିତ ହେଲେ ।

ଗୁର୍ବଷ୍ଟକମ୍ ।

ଶରୀରଂ ସୁରୂପଂ ତଥା ବା କଳତ୍ରଂ, ଯଶଶ୍ଚାରୁଚିତ୍ରଂ ଧନଂ ମେରୁତୁଲ୍ୟଂ ।
ମନଶ୍ଚେନ୍ନ ଲଗ୍ନଂ ଗୁରୋରଙ୍ଘ୍ରିପଦ୍ମେ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୧।
କଳତ୍ରଂ ଧନଂ ପୁତ୍ରପୌତ୍ରାଦି ସର୍ବଂ ଗୃହଂ ବାନ୍ଧବାଃ ସର୍ବମେତଦ୍ଧି ଜାତମ୍ ।
ଗୁରୋରଙ୍ଘ୍ରିପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୨।
ଷଡଙ୍ଗାଦିବେଦୋ ମୁଖେ ଶାସ୍ତ୍ରବିଦ୍ୟା, କବିତ୍ୱାଦି ଗଦ୍ୟଂ ସୁପଦ୍ୟଂ କରୋତି ।
ଗୁରୋରଙ୍ଘ୍ରିପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୩

ଗୁର୍ବଷ୍ଟକ

ରାଗ-କୌଶିକ ।

(ଟୀକା :— ୩ୟ, ୪ର୍ଥ ଓ ୫ମ ପାଦ ସମସ୍ତ ପଦର ସାଧାରଣ ପାଦ)

ପାଇଛିଁ ସୁଚର   ଦୁର୍ଲ୍ଲଭ ଶରୀର
ସୁନ୍ଦରୀ ରମଣୀ ଆଦର ।
ବିମଳ ସୁଯଶ   ବ୍ୟାପିଲାଣି ଦେଶ
ମେରୁସମ ଧନ ମୋହର ॥
ଗୁରୁପଦାବ୍ଜେ । ନ ରହିଲା ମନ ମୋ ଯେବେ ।
କି କରିବ ତାହିଁ-   ଯିବ କି ପାଇବ
କି ଭୋଗ ଭୁଞ୍ଜିବଇଁ ତେବେ ॥ ୧ ॥

ପାଇଛୁଁ କଳତ୍ର   ଧନ ପୁତ୍ର ପୌତ୍ର
ଲଭିଛୁଁ ଉତ୍ତମ ସଦନ ।
ବାନ୍ଧବଙ୍କ ସଙ୍ଗେ   ନାନାସୁଖ ରଙ୍ଗେ
ଦିନ କାଟୁଛୁ ତ ରଜନି ॥ ୨ ॥

ଷଡଙ୍ଗାଦି ବେଦ   ନାନାଶାସ୍ତ୍ର ଭେଦ
ମୋ ମୁଖେ କରୁଛନ୍ତି ନର୍ତ୍ତନ ।
କବିତ୍ୱ-ଶକତି   କରଛି ପ୍ରାପତି
ସୁଗଦ୍ୟ ସୁପଦ୍ୟ ବର୍ଣ୍ଣନ ॥ ୩ ॥

ବିଦେଶେଷୁ ମାନ୍ୟଃ ସ୍ୱଦେଶେଷୁ ଧନ୍ୟଃ, ସଦାଚାରବୃତ୍ତେଷୁ ମତ୍ତୋ ନ ଚାନ୍ୟଃ ।
ଗୁରୋରଙ୍ଘ୍ରିପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୪।
କ୍ଷମାମଣ୍ଡଳେ ଭୂପ ଭୂପାଳ ବୃନ୍ଦୈଃ, ସଦାସେବିତଂ ଯସ୍ୟ ପଦାରବିନ୍ଦଂ ।
ଗୁରୋରଙ୍ଘ୍ରି ପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୫।
ଯଶୋ ମେ ଗତଂ ଦିକ୍ଷୁ ଦାନ ପ୍ରତାପାଜ୍ଜଗଦ୍‌ବସ୍ତୁ ସର୍ବଂ କରେ ଯତ୍ ପ୍ରସାଦାତ୍ ।
ଗୁରୋରଙ୍ଘ୍ରି ପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୬।
ନ ଭୋଗେ ନ ଯୋଗେ ନ ବା ବାଜିରାଜୌ, ନ କାନ୍ତାସୁଖେ ନୈବ ବିତ୍ତେଷୁ ଚିତ୍ତମ୍ ।
ଗୁରୋରଙ୍ଘ୍ରି ପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ।୭।

ବିଦେଶେ ସମ୍ମାନ ଲଭନ୍ତି ମୁଁ ଜାଣ
ହୋଇଛନ୍ତି ତ ସ୍ୱଦେଶେ ଧନ୍ୟ ।
ସଦା ସଦାଚାରେ ରହୁଛନ୍ତି ସଂସାରେ
କର ନାହିଁ କରମ ଅନ୍ୟ ॥ ୪ ॥

ଧରଣୀ ମଣ୍ଡଳେ ନୃପତି ସକଳେ
ରାଜରାଜେଶ୍ୱର ସହିତ ।
ମୋହର ଚରଣ କମଳ ଅର୍ଚ୍ଚନ
କରୁଛନ୍ତି ଯଥା ବିହିତ ॥
ଗୁରୁପଦାବ୍ଜେ ।
ନ ରହିଲା ମନ ମୋ ଯେବେ
କି କରିବ, କାହିଁ-ଯିବ କି ପାଇବ
କି ଭୋଗ ଭୁଞ୍ଜିବଇଁ ତେବେ ॥ ୫ ॥

ଦାନ ପ୍ରତାପରେ ଦିଗ ଦିଗନ୍ତରେ
ଯଶ ପୂରିଲାଣି ମୋହର ।
ବିଶ୍ୱର ସମସ୍ତ ବସ୍ତୁ କର-ଗତ
ହୋଇଛି ପ୍ରସାଦେ ଯାଙ୍କର ॥ ୬ ॥

ଶ୍ରଦ୍ଧା ନାହିଁ ଭୋଗେ ଇଚ୍ଛା ନାହିଁ ଯୋଗେ
ବାଞ୍ଛା ନାହିଁ ବାଜି-ବାରଣେ ।
ବନିତା ବିଳାସେ ସୁଖ ଅଭିଳାଷେ
ନାହିଁ ମନ ଧନ-ଅର୍ଜ୍ଜନେ ॥ ୭ ॥

ଅରଣ୍ୟେ ନ ବା ସ୍ୱସ୍ୟ ଗେହେ ନ କାର୍ଯ୍ୟେ, ନ ଦେହେ ମନୋବର୍ତ୍ତତେ ମେ ତ୍ୱନର୍ଘ୍ୟେ ।
ଗୁରୋରଙ୍ଘ୍ରି ପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତଃ କିଂ ତତଃ କିଂ ତତଃ କିଂ ॥ ୮॥
ଅନର୍ଘ୍ୟାନି ରତ୍ନାନି ଭୁକ୍ତାନି ସମ୍ୟକ୍, ସମାଲିଙ୍ଗିତା କାମିନୀ ଯାମିନୀଷୁ ।
ଗୁରୋରଙ୍ଘ୍ରି ପଦ୍ମେ ମନଶ୍ଚେନ୍ନ ଲଗ୍ନଂ, ତତଃ କିଂ ତତ· କିଂ ତତଃ କିଂ ତତଃ କିଂ । ୯।
ଗୁରୋରଷ୍ଟକଂ ଯଃ ପଠେତ୍ ପୁଣ୍ୟଦେହୀ, ଯତିର୍ଭୂପତିର୍ବ୍ରହ୍ମଚାରୀ ଚ ଗେହୀ ।
ଲଭେତ୍ ବାଞ୍ଛିତାର୍ଥଂ ପଦଂ ବ୍ରହ୍ମସଂଜ୍ଞଂ, ଗୁରୋରୁକ୍ତବାକ୍ୟେ ମନୋ ଯସ୍ୟ ଲଗ୍ନଂ । ୧୦ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଗୁର୍ବଷ୍ଟକଂ ।

—ସମାପ୍ତମ୍—

ଅରଣ୍ୟ-ନିବାସେ କିବା ନିଜ ବାସେ
ନାହିଁ ଇଚ୍ଛା କାହିଁ ମୋହର ।
କାର୍ଯ୍ୟରେ ଦେହରେ ମନ ନାହିଁ ଥରେ
ସକଳ କଳୁଷି ଅନ୍ତର ॥
ଗୁରୁପଦାବ୍ଜେ ।
ନ ରହିଲା ମନ ମୋ ଯେବେ ।
କି କରିବି କାହିଁ— ଯିବି କି ପାଇବି
କି ଭୋଗ ଭୁଞ୍ଜିବଇଁ ତେବେ ॥ ୮ ॥

ଅମୂଲ୍ୟ ରତନ ଆଦ ମହାଧନ
କରନ୍ତୁ ସମ୍ଭୋଗ ଅପାର ।
ଯାମିନୀ ଯୋଗରେ କାମିନୀ ସଙ୍ଗରେ
ଲଭନ୍ତୁ ସୁଖ ବହୁବାର ।
ଗୁରୁପଦାବ୍ଜେ ।
ନ ରହିଲା ମନ ମୋ ଯେବେ ।
କି କରିବ କାହିଁ— ଯିବ କି ପାଇବ
କି ଭୋଗ ଭୁଞ୍ଜିବଇଁ ତେବେ । ୯ ।

ବ୍ରହ୍ମଚାରୀ ଯତି ଗୃହୀ ବା ଭୂପତି
ପାପାତ୍ମା କିମ୍ବା ପୁଣ୍ୟବାନ ।
ଏ ଗୁରୁ ଅଷ୍ଟକ କଷ୍ଟ ବିନାଶକ
ପଢ଼େ ଯେ କରି ପ୍ରଣିଧାନ ।
ଗୁରୁ ବଚନେ ।
ମନ ଅନୁରତ ଯାହାର ।
ମନୋରଥ ପୂର୍ଣ୍ଣ ହୁଅଇ ତା' ତୂର୍ଣ୍ଣ
ଲଭେ ବ୍ରହ୍ମପଦ ଉଦାର । ୧୦ ।

ଭଗବଦ୍ଧ୍ୟାନସ ପୂଜା

ହୃଦମ୍ଭୋଜେ କୃଷ୍ଣଂ ସଜଳ-ଜଳଦ-ଶ୍ୟାମଳ-ତନୁଃ,
ସରୋଜାକ୍ଷଃ-ସ୍ରଗ୍ବୀ ମୁକୁଟକଟକାଦ୍ୟାଭରଣବାନ୍ ।
ଶରଦ୍ରାକାନାଥ-ପ୍ରତିମବଦନଃ ଶ୍ରୀମୁରଳିକାଂ,
ବହନ୍ ଧ୍ୟେୟୋ ଗୋପୀଗଣପରିବୃତଃ କୁଙ୍କୁମଚିତଃ । ୧ ।

ପୟୋଽମ୍ଭୋଧେର୍ଦ୍ୱୀପାନ୍ମମ ହୃଦୟମାୟାହି ଭଗବନ୍—
ମଣିଭ୍ରାଜତ୍ ଦବାଂ କନକବରପୀଠଂ ଭଜ ହରେ ।
ସୁଚିହ୍ନୌ ତେ ପାଦୌ ଯଦୁକୁଳଜନେନେନେଜ୍ମି ସୁଜଲେ—
ଗୃହାଣେଦଂ ଦୂର୍ବାଫଳଜଳବଦର୍ଘ୍ୟଂ ମୁରରିପୋ । ୨ ।

ଭଗବଦ୍ଧ୍ୟାନସ ପୂଜା

ହୃ ସଜଳ-ଜଳଦଶ୍ୟାମ — **ଯାଁ**ଅଙ୍ଗ ଯା ଅଭିରାମ
ସରସିଜନେତ୍ର, ମାଳାଧର ।
ଶରଦ ପର୍ବଣଶାଙ୍କ ୧ — ନିନ୍ଦେ ବଦନ ଯାହାଙ୍କ
ଶିରେ ଶୋଭେ ମୁକୁଟ ସୁନ୍ଦର । ସେ
ଶ୍ରୀକୃଷ୍ଣଙ୍କୁ । ସରୋଜ-ହୃଦୟେ ୨ ଧ୍ୟାନ କର ।
ସୁନ୍ଦରୀ ଅଭୀରୀଗଣ—୩ — ପରିବୃତ ସୁଶୋଭନ
ସୁକୁଙ୍କୁମଲିପ୍ତ-କଳେବର । ୧ ।

ପ ପୟଅମ୍ବୁନିଧିଦ୍ୱୀପୁଁ ୪ — **ଅସି ଅହେ ମୁରରିପୁ**
ପ୍ରେମେ ମମ ହୃଦୟ ଆସନେ ।
ପ୍ରଭାମୟମଣି ଯୁକ୍ତ — ଦିବ୍ୟ କନକେ ନିର୍ମିତ—
ପୀଠପରେ ବିରାଜ ବହନେ । ହେ
ପରମେଶ ! । ପାଦଯୁଗ ସୁଜଳେ ପ୍ରକ୍ଷ୍ୟାଳ ।
ପୂତ ଦୁର୍ବାଦଳ ଫଳ— — ଯୁକତ ଅର୍ଘ୍ୟ କମଳ
ପ୍ରଦାନୁଚ୍ଛି ଘେନ ଯଦୁବାଳ । ୨ ।

---

୧ **ଶରଦ ପୂର୍ଣ୍ଣିମା** । ୨ **ହୃଦପଦ୍ମରେ** । ୩ **ଗୋପୀସମୂହ** । ୪ **କ୍ଷୀରସାଗରସ୍ଥ-ଦ୍ୱୀପରୁ** ।

ତ୍ୱମାଗ୍ନମୋପେନ୍ଦ୍ର-ତ୍ରିଦଶ-ସରଦମ୍ଭୋଜଶିଶିରଂ,
ଭଜସ୍ୱେମଂ ପଞ୍ଚାମୃତରଚିତମାପ୍ଲାବମଘହନ୍ ।
ଦ୍ୟୁନଦ୍ୟାଃ କାଳିନ୍ଦ୍ୟା ଅପି କନକକୁମ୍ଭସ୍ଥିତମିଦଂ,
ଜଲଂ ତେନ ସ୍ନାନଂ କୁରୁ କୁରୁ କୁରୁଷ୍ୱାଚମନକଂ । ୩ ।

ତଡିଦ୍‌ବର୍ଣ୍ଣେ ବସ୍ତ୍ରେ ଭଜ ବିଜୟକାନ୍ତାଧିହରଣ,
ପ୍ରଲମ୍ବାରିଭ୍ରାତର୍ମୃଦୁଲମୁପବୀତଂ କୁରୁ ଗଲେ ।
ଲଲାଟେ ପାଟୀରଂ ମୃଗମଦଯୁତଂ ଧାରୟ ହରେ,
ଗୃହାଣେଦଂ ମାଲ୍ୟଂ ଶତଦଲତୁଲସ୍ୟାଦିରଚିତଂ । ୪ ।

ଦଶାଙ୍ଗଂ ଧୂପଂ ସଦ୍‌ବରଦ ଚରଣାଗ୍ରେଽର୍ପିତମୟେ,
ମୁଖଂ ଦୀପେନେନ୍ଦୁ ପ୍ରଭବରଜସା ଦେବକଲୟେ ।
ଇମୌ ପାଣୀ ବାଣୀପତିନୁତ ସକର୍ପୂରରଜସା,
ବିଶୋଧ୍ୟାଗ୍ରେ ଦତ୍ତଂ ସଲିଲମିଦମାଚାମ ନୃହରେ ॥ ୫ ॥

ନ ନିର୍ଝର-ତଟିନୀ-ନୀର ୧ ଜଣେ ଶୀତଳେ ଶିଶିର
ନିବେଦୁଛୁଁ କର ଆଚମନ ।
ନଦୀ ଯମୁନା ଜାହ୍ନବୀ— ନୀର ପଞ୍ଚାମୃତ ପ୍ଲାବୀ
ନବହେମ-କଳସେ ବହନ । ହେ
ନନ୍ଦସୁତ ! । ନାଥ ଦେଲି ସ୍ନାନାର୍ଥେ ତୁମ୍ଭର ।
ନରକ-ଯାତନା-ହାରୀ— ହେ ଉପେନ୍ଦ୍ର ପୂତବାରି ୨
ନେଇ ସ୍ନାନ ଆଚମନ କର ହେ । ୩ ।

ଦ। ଦାନବେ କର ଦମନ କାନ୍ତା କରିଛ ହରଣ
ଦେଲି ତଡିଦ୍‌ବର୍ଣ୍ଣ ବେନି ବାସ ।
ଦୈତ୍ୟ ପ୍ରଲମ୍ବାରି ଭ୍ରାତ ! ୩ ଯତ୍ନଧାନ ଉପବୀତ
ଦୟାକର ଭର ପୀତବାସ ! ହେ
ଦୀନବନ୍ଧୁ ! ଦିବ୍ୟ କସ୍ତୁରୀ ମିଶା ଚନ୍ଦନ ।
ଦେଉଛୁଁ ମାଲ୍ୟ କମଳ ରଚିତ ତୁଳସୀ ଦଳ
ଦଇତାରି ଘେନ ହେ ବହନ ହେ । ୪ ।

---

୧ ଝରଣାଜଳ । ୨ ପବିତ୍ରଜଳ । ୩ ବଳରାମଙ୍କ ଅନୁଜ ।

ସଦାତ୍ପ୍ରାନ୍ନଂ ଷଡ୍ରସବଦଖିଲ ବ୍ୟଞ୍ଜନ ଯୁତଂ,
ସୁବର୍ଣ୍ଣପାତ୍ରେ ଗୋଘୃତଚଷକଯୁକ୍ତେ ସ୍ଥିତମିଦଂ ।
ଯଶୋଦାସୂନୋ ତତ୍ପରମଦୟାଶାନ ସଖିଭିଃ,
ପ୍ରସାଦଂ ବାଞ୍ଛିଭିଃ ସହତଦନୁ ନୀରଂ ପିବ ବିଭୋ ॥ ୬ ॥

ସଚନ୍ଦ୍ରଂ ତାମ୍ବୂଲଂ ମୁଖରୁଚିକରଂ ଭକ୍ଷୟ ହରେ,
ଫଳଂ ସ୍ୱାଦୁ ପ୍ରୀତ୍ୟା ପରିମଳବଦାସ୍ୱାଦୟ ଚିରମ୍ ।
ସପର୍ଯ୍ୟାପର୍ଯ୍ୟାପ୍ତ୍ୟୈ କନକମଣିଜାତଂ ସ୍ଥିତମିଦଂ,
ପ୍ରଦୀପୈରାରାର୍ତ୍ତିଂ ଜଲଧିତନୟାଶ୍ଳିଷ୍ଟ ରଚୟେ । ୭ ।

ଶ ସପ୍ରେମେ ଦଶାଙ୍ଗ ଧୂପ ତବ ଚରଣ ସମୀପ
ସମର୍ପେ ଶଶିପ୍ରଭ-ପ୍ରଦୀପ ।
ଶଶାଙ୍କ ବଦନ ଅଗେ ନୈବେଦ୍ୟୁଛି ଅନୁରାଗେ
ସୁଦୃଷ୍ଟି କର ବିଶ୍ୱ-ଅଧିପ ହେ ॥
ସାରସାକ୍ଷ ! ୧ । ଶୋଧି ନରହରି ବେନିକର ।
ସଲିଳେ କର୍ପୂରରଜ ଗୋଳି ହେ ନନ୍ଦ ଅତ୍ମଜ
ସମର୍ପୁଛି ଅଚମନ କର ହେ ॥ ୫ ॥

ଭ ରସଷଡ଼ ସୁବ୍ୟଞ୍ଜନ ସଘୃତରେ ଶାଳିଅନ୍ନ
ରସପାକ କରି ଟକ୍ୟଘୃତେ ।
ରଖି ସୁବର୍ଣ୍ଣ ପାତ୍ରରେ ପିନପାତ୍ର ସଘୃତରେ
ସ୍ୱାମ ଭୁଞ୍ଜ ଦେଲି ତବ ତୃପ୍ତେ ॥ ହେ
ରମାପତି ! । ରଖି କୃପା ଯଶୋଦା କୁମର ।
ରସ ପ୍ରସାଦ-ଅକାଂକ୍ଷୀ ଭୁଞ୍ଜ ଘେନି ସର୍ବସଖି
ରାଜୀବାକ୍ଷ ! ୨ ଜଳପାନ କର ହେ ॥ ୬ ॥

ବ ବନ୍ଧୁ ! ମୁଖରୁଚିକର ତାମ୍ବୂଳ ଭକ୍ଷଣ କର
ବିଧୁକମିଶାଇ ଦେଉଛି ହରି ।
ବିସ୍ୱାଦ ୪ ଫଳ ପ୍ରୀତିରେ ଅସ୍ୱାଦ୍ଧ ଘେନ ହେ ଧୀରେ
ବିଶ୍ୱପତି ! ଦୀନେ କୃପା କରି ହେ ॥
ବିଶ୍ୱମ୍ଭର ! । ବହୁବିଧ ମଣି-ଜଡ଼ିତ ।
ବିଧାନେ ଆରତି ପାଇଁ ପ୍ରଦୀପ ଅଛି ସଜାଇ
ବିଧୁ ହେ ଘେନ ଲକ୍ଷ୍ମୀ ସହିତ ହେ ॥ ୭ ॥

---

୧ ପଦ୍ମନେତ୍ର । ୨ ପଦ୍ମଲୋଚନ । ୩ କର୍ପୂର । ୪ ଅତିସ୍ୱାଦୁ ।

ବିଜାତୀୟୈଃ ପୁଷ୍ପୈରତିସୁରଭିଭିର୍ବିଲ୍ୱତୁଳସୀ—
ଯୁତୈଶ୍ଚେମଂ ପୁଷ୍ପାଞ୍ଜଲିମଜିତ ତେ ମୂର୍ଦ୍ଧ୍ନି ନିଦଧେ ।
ତବ ପ୍ରାଦକ୍ଷିଣ୍ୟକ୍ରମଣମଘବିଧ୍ୱଂସି ରଚିତଂ,
ଚତୁର୍ବାରଂ ବିଷ୍ଣୋ ଜନିପଥଗତିଶ୍ରାନ୍ତ ବିଦୁଷା ।୮।

ନମସ୍କାରୋଽଷ୍ଟାଙ୍ଗଃ ସକଳଦୁରିତଧ୍ୱଂସନ ପଟୁଃ,
କୃତଂ ନୃତ୍ୟଂ ଗୀତଂ ସ୍ତୁତିରପି ରମାକାନ୍ତ ତ ଇୟମ୍ ।
ତବ ପ୍ରୀତ୍ୟୈ ଭୂୟାଦହମପି ଚ ଦାସସ୍ତବ ବିଭୋ,
କୃତଂ ଛିଦ୍ରଂ ପୂର୍ଣ୍ଣଂ କୁରୁ କୁରୁ ନମୋଽସ୍ତୁ ଭଗବନ୍ ।୯।

ସଦା ସେବ୍ୟଃ କୃଷ୍ଣଃ ସଜଳଘନନୀଳଃ କରତଳେ,
ଦଧାନୋ ଦଧ୍ୟନ୍ନଂ ତଦନୁ ନବନୀତଂ ମୁରଳିକାଂ ।
କଦାଚିତ କାନ୍ତାନାଂ କୁଚକଳସପତ୍ରାଳିରଚନା,
ସମାସକ୍ତଃ ସ୍ନିଗ୍ଧୈଃ ସହ ଶିଶୁବିହାରଂ ବିରଚୟନ୍ ।୧୦

ପ ପରମ ଆନନ୍ଦ ଦାୟୀ   ତବ ପ୍ରୀତି ଅର୍ଥେ ଅଣି
ପୁଷ୍ପନାନା ସଉରଭମୟ ।
ପୂତ ଦୂର୍ବା ବିଲ୍ୱଦଳ   ତୁଳସୀ ସହ ମଞ୍ଜୁଳ
ପୁଷ୍ପାଞ୍ଜଳି ଦେଉ ଅନାମୟ[୧] ହେ ॥
ପଦ୍ମନାଭ ! । ପ୍ରଦକ୍ଷିଣ କଲି ଚଉବାର ।
ପାପ-ଜନମ-ମରଣ   ପାଇବାକୁ ପରିତ୍ରାଣ
ପାପନାଶୀ ତୁମ୍ଭେ ମହୋଦାର ହେ ।୮।

ଦ ଦୟାମୟ ଭଗବାନ   ଦେଉ ସାଷ୍ଟାଙ୍ଗ ପ୍ରଣାମ
ଦୁରିତ ଧ୍ୱଂସୀ ହେ ରମାକାନ୍ତ ।
ଦୀନ ନୃତ୍ୟ ଗୀତ ସ୍ତବ   କରୁଛି ଯାହା କେଶବ
ଦେଉ ପ୍ରୀତି ଶ୍ରୀ ପଦେ ଏକାନ୍ତ ହେ ॥
ଦାଉତାରି ! । ଦାସକୃତ ତ୍ରୁଟି କ୍ଷମାକର ।
ଦଣ୍ଡପ୍ରଣିପାତ କରି   କରୁଛି ଚରଣ ଧରି
ଦେବଦେବ ବ୍ରହ୍ମାଣ୍ଡ ଈଶ୍ୱର ହେ ॥ ୯ ॥

---

୧ । ଆରୋଗ ।

ମଦ୍ଭକ୍ତିଭୂମ୍ନା ଜାତମିଦଂ ମାନସପୂଜନମ୍ ।
ଯଃ କୁର୍ବୀତୋଷସି ପ୍ରାଜ୍ଞସ୍ତସ୍ୟ କୃଷ୍ଣଃ ପ୍ରସୀଦତି । ୧୧

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତା ଭଗବନ୍ମାନସ ପୂଜା ।

ଯା । ଯାର କରତଳ ଦଧି   ଅନ୍ନ ଶୋଭେ ନିରବଧି
ତହିଁପରେ ଧୃତ ନବନୀତ ୧ ।
ଯଶୋଦାନନ୍ଦ ବର୍ଦ୍ଧନ   ତା'ପରେ ବଂଶୀ ଶୋଭନ
ଯୋଗିଙ୍କି ଯେ କରନ୍ତି ମୋହିତ ସେ ॥
ଯେଉଁ କୃଷ୍ଣ । ଯମୁନାରେ ଖେଳନ୍ତି ଶିଶୁସଙ୍ଗେ ।
ଯୁବତୀ-କୁଚ-କୁମ୍ଭରେ   ପତ୍ରାବଳୀ ରଚନାରେ
ଯଦୁପତି ରତି କେବେ ରଙ୍ଗେ ॥ ସେ । ୧୦ ।

ଉ ଉପମା ରହିତ ସେହି   ସଜଳ-ଜଳଦ-ଦେହି
କୃଷ୍ଣଙ୍କୁ ପୂଜା କର ନିରତେ ।
ଉଷାରେ ଯେ ପ୍ରାଜ୍ଞଜନ   ସନ୍ତତ କରଣ ମନ
ମାନସେ ପୂଜଇ ବିଧିମତେ ସେ ॥
ଉପଇନ୍ଦ୍ର୨ ଉଷାପତି-ଜନକ-ପିତୃବର; ୩
ଉପକୃତ ତାର ପ୍ରତି   ପ୍ରସନ୍ନ ହୁଅନ୍ତି ଅତି
ଶ୍ଳୋକବନ୍ଧେ ଭାଷିଲେ ଶଙ୍କର ସେ । ୧୧ ।

---

୧ ଲବଣୀ, ଲହୁଣୀ । ୨ ବିଷ୍ଣୁ । ୩ ଉଷା = ବାଣାସୁରର କନ୍ୟା, ଅନିରୁଦ୍ଧର ଭାର୍ଯ୍ୟା; ଉଷାପତି = ଅନିରୁଦ୍ଧ, ଉଷାପତିଜନକ = ପ୍ରଦ୍ୟୁମ୍ନ, ଉଷାପତି ଜନକ ପିତୃବର = ଶ୍ରୀକୃଷ୍ଣ ।

ଷଟ୍‌ପଦୀ—ସ୍ତୋତ୍ରମ୍ ।

ଅବିନୟମପନୟ ବିଷ୍ଣୋ ଦମୟ ମନଃ ଶମୟ ବିଷୟମୃଗତୃଷ୍ଣାମ୍ ।
ଭୂତଦୟାଂ ବିସ୍ତାରୟ ତାରୟ ସଂସାରସାଗରତଃ । ୧ ।

ଦିବ୍ୟଧୁନୀମକରନ୍ଦେ ପରିମଳପରିଭୋଗ ସଚ୍ଚିଦାନନ୍ଦେ ।
ଶ୍ରୀପତିପଦାରବିନ୍ଦେ ଭବଭୟଖେଦଚ୍ଛିଦେ ବନ୍ଦେ । ୨ ।

ସତ୍ୟପି ଭେଦାପଗମେ ନାଥ ତବାହଂ ନ ମାମକୀନସ୍ତ୍ୱମ୍ ।
ସାମୁଦ୍ରୋ ହି ତରଙ୍ଗଃ କ୍ୱଚନ ସମୁଦ୍ରୋ ନ ତାରଙ୍ଗଃ । ୩ ।

ଉଦ୍ଧୃତନଗନଗଭିଦନୁଜ ଦନୁଜକୁଳାମିତ୍ର ମିତ୍ରଶଶିଦୃଷ୍ଟେ ।
ଦୃଷ୍ଟେ ଭବତି ପ୍ରଭବତି ନ ଭବତି କିଂ ଭବତିରସ୍କାରଃ । ୪ ।

ଷଟ୍‌ପଦୀ ସ୍ତୋତ୍ର ।

ରାଗ—ମଙ୍ଗଳଗୁଜ୍ଜରୀ

ଅବିନୟ ସମୁଦାୟ ଅପନୟ କର । ବିଷୟ-ମୃଗତୃଷ୍ଣା ମୋ ଶମ କ୍ଷମଙ୍କର ।
ଦମ ମନ, ସର୍ବଭୂତେ ସୁଦୟା ବିସ୍ତାର । ଏ ସଂସାର-ପାରାବାରୁଁ ବିଷ୍ଣୁ ମୋତେ ତାର ।୧।
ମନ୍ଦାକିନୀ ଯେ ପଦାରବିନ୍ଦେ ମକରନ୍ଦ । ପରିମଳ ଭୋଗ ମିଳେ ସେ ସଚ୍ଚିଦାନନ୍ଦ ।
କରଇ ଯେ ଭବଭୟ-ଖେଦକୁ ଛେଦନ । ସେ ହରି ପଦାରବିନ୍ଦ କରଇଁ ବନ୍ଦନ । ୨ ।

'ମୁଁ ତୁମ୍ଭର' 'ତୁମ୍ଭେ ମୋର' ଏ ପ୍ରଭେଦ ଜ୍ଞାନ । ଭେଦ ବୁଦ୍ଧି ଦୂର ହେଲେ ନ ରହଇ ଜାଣ ।
ସିନ୍ଧୁର ତରଙ୍ଗ ତରଙ୍ଗର ସିନ୍ଧୁ ଯଥା । ନୁହେ ଏ ବାଗୁର; ତୁମ୍ଭେ ମୁହିଁ ଏକତଥା । ୩ ।

ନଗାରି-ଅନୁଜ ୧ ନଗଧାରୀ ୨ ଜନାର୍ଦ୍ଦନ । ଦନୁଜ-ଅମିତ୍ର ୩ ମିତ୍ର ୪ ଶଶାଙ୍କ ନୟନ ।
ତବ ଦରଶନେ ଦେବ ! ଭବ-ତିରସ୍କାର । ରହୁ ନ ପାରଇ ଅନ୍ତେ ବ୍ରହ୍ମାଣ୍ଡ-ଆଧାର ।୪।

---

୧ ନଗାରି-ଅନୁଜ=ନଗ-ପର୍ବତ, ନଗାରି-ଇନ୍ଦ୍ର, ନଗାରି-ଅନୁଜ=ଶ୍ରୀକୃଷ୍ଣ ।

୨ ନଗଧାରୀ=ଗିରିଧାରୀ ।

୩ ଅମିତ୍ର = ଶତ୍ରୁ ।

୪ ମିତ୍ର = ସୂର୍ଯ୍ୟ ।

ମତ୍ସ୍ୟାଦିଭିରବତାରୈରବତାରବତାଽବତାସଦା ବସୁଧାମ୍ ।
ପରମେଶ୍ୱର ପରିପାଲ୍ୟୋ ଭବତା ଭବତାପଭୀତୋଽହମ୍ । ୪ ।

ଦାମୋଦର ଗୁଣମନ୍ଦିର ସୁନ୍ଦରବଦନାରବିନ୍ଦ ଗୋବିନ୍ଦ ।
ଭବଜଲଧିମଥନମନ୍ଦର ପରମଂ ଦରମପନୟ ତ୍ୱଂ ମେ । ୫ ।

ନାରାୟଣ କରୁଣାମୟ ଶରଣଂ କରବାଣି ତାବକୌ ଚରଣୌ ।
ଇତି ଷଟ୍‌ପଦୀମଦୀୟେ ବଦନସରୋଜେ ସଦାବସତୁ । ୬ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଷଟ୍‌ପଦୀସ୍ତୋତ୍ରମ୍ ।

ମତ୍ସ୍ୟ ଆଦି ଅବତାରେ ଲଭି ଅବତାର । ଗଦାକର ୧ ସଦାକର ସଂସାର ନିସ୍ତାର ।
ତବ ପରିପାଳିତ ମୁଁ ହେ ପରମେଶ୍ୱର । ଭବ-ତାପୁଁ ଭବ-ବନ୍ଧୁ! ମୋତେ ତ୍ରାଣ କର ।୪।

ଅହେ ଦାମୋଦର ଗୁଣ-ମନ୍ଦିର ଗୋବିନ୍ଦ । ଜୟ ଜୟ ହେ ସୁନ୍ଦର ମୁଖ-ଅରବିନ୍ଦ ।
ନମସ୍ତେ ଭବ-ଜଳଧି-ମଥନ-ମନ୍ଦର ୨ । ପରମ ଦର ମୋହର ଅପନୟ କର । ୫ ।

ହେ କରୁଣାମୟ ତବ ଚରଣେ ଶରଣ । ଅଗତି ମୁଁ, ନାରାୟଣ କର ହେ ତାରଣ ।
ଏ ଷଟ୍‌ପଦୀ-ସ୍ତୋତ୍ର ମମ ବଦନ-କମଳେ । ସଦା ବସୁ, କୃପାମୟ ତବ କୃପାବଳେ ।୬।

---

୧ ଗଦାକର = ଗଦାଧର ।
୨ ସଂସାରରୂପ ସମୁଦ୍ର ମନ୍ଥନରେ ମନ୍ଦରଗିରି ରୂପୀ ।

ଦକ୍ଷିଣାମୂର୍ତ୍ତି ସ୍ତୋତ୍ରମ୍ ।

ବିଶ୍ୱଂ ଦର୍ପଣ ଦୃଶ୍ୟମାନ ନଗରୀତୁଲ୍ୟଂ ନିଜାନ୍ତର୍ଗତଂ,
ପଶ୍ୟନ୍ନାତ୍ମନି ମାୟୟା ବହିରିବୋଦ୍ଭୂତଂ ଯଥା ନିଦ୍ରୟା ।
ଯଃ ସାକ୍ଷାତ୍କୁରୁତେ ପ୍ରବୋଧ ସମୟେ ସ୍ୱାତ୍ମାନ ମେବାଦ୍ୱୟଂ
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୧ ।

ବୀଜସ୍ୟାନ୍ତରିବାଙ୍କୁରୋ ଜଗଦିଦଂ ପ୍ରାଙ୍ନିର୍ବିକଳ୍ପଂ ପୁନ—
ର୍ମାୟା କଳ୍ପିତ ଦେଶକାଳ କଳନାବୈଚିତ୍ର୍ୟ ଚିତ୍ରୀକୃତମ୍ ।
ମାୟାବୀବ ବିଜୃମ୍ଭୟତ୍ୟପି ମହାଯୋଗୀବ ଯଃ ସ୍ୱେଚ୍ଛୟା,
ତସ୍ମୈ ଶ୍ରୀଗୁରୁ ମୂର୍ତ୍ତୟେ ନମଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୨ ।

ଦକ୍ଷିଣାମୂର୍ତ୍ତି ସ୍ତୋତ୍ର ।

ରାଗ-ଶୋକକାମୋଦୀ ।

ଦର୍ପଣେ ନଗରୀ ପ୍ରାୟେ ବସ୍ତୁଜାତ
ଦେଖନ୍ତି ଯେ ନିଜ ଅନ୍ତର୍ଗତ ।
ବିଶ୍ୱକୁ ଆତ୍ମାରେ ରହି ଯେ ମାୟାରେ
ପ୍ରକାଶେ ବାହାରେ ନିଦ୍ରାବତ ॥
ସେ ଦକ୍ଷିଣା ମୂର୍ତ୍ତି । ଶ୍ରୀଗୁରୁଙ୍କୁ କରେଁ ନମସ୍କାର ।
ପ୍ରବୋଧ ସମୟେ ଯେ ଆତ୍ମା ଅଦ୍ୱୟେ
କରୁଥାନ୍ତି ନିତ୍ୟ ସାକ୍ଷାତ୍କାର । ୧ ।

ବୀଜର ଅଙ୍କୁର ଭଳି ଯେ ଅନ୍ତର
ନିର୍ବିକଳ୍ପ ମାୟା ପ୍ରଭାବରେ ।
କଳ୍ପିତ ଜଗତେ ଦେଶକାଳ ମତେ
ଯେ ବିଶ୍ୱ-ବୈଚିତ୍ର୍ୟ ରଚ କରେ ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀଗୁରୁଙ୍କୁ କରେଁ ନମସ୍କାର ।
ମାୟାବୀ ପ୍ରକାରେ ପ୍ରକାଶି ସ୍ୱେଚ୍ଛାରେ
ବିହରେ ଯେ ଯୋଗୀ ପରକାର । ୨ ।

ଯସ୍ୟୈବ ସ୍ଫୁରଣଂ ସଦାତ୍ମକମସତ୍‌କଳ୍ପାର୍ଥକଂ ଭାସତେ,
ସାକ୍ଷାତ୍ତତ୍ତ୍ୱମସୀତି ବେଦବଚସା ଯୋ ବୋଧୟତ୍ୟାଶ୍ରିତାନ୍ ।
ଯତ୍‌ସାକ୍ଷାତ୍ କରଣାଦ୍ଭବେନ୍ନ ପୁନରାବୃତ୍ତିର୍ଭବାମ୍ଭୋନିଧୌ,
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୩ ।

ନାନାଚ୍ଛିଦ୍ରଘଟୋଦରସ୍ଥିତମହାଦୀପପ୍ରଭାଭାସ୍ୱରଂ,
ଜ୍ଞାନଂ ଯସ୍ୟ ତୁ ଚକ୍ଷୁରାଦିକରଣଦ୍ୱାରା ବହିଃ ସ୍ପନ୍ଦତେ ।
ଜାନାମୀତି ତମେବ ଭାନ୍ତମନୁଭାତ୍ୟେତତ୍ ସମସ୍ତଂ ଜଗତ୍—
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୪

ଦେହଂ ପ୍ରାଣମପୀନ୍ଦ୍ରିୟାଣ୍ୟପି ଚଳାଂ ବୁଦ୍ଧିଂ ଚ ଶୂନ୍ୟଂ ବିଦୁଃ,
ସ୍ତ୍ରୀବାଳାନ୍ଧଜଡୋପମାସ୍ତ୍ୱହମିତି ଭ୍ରାନ୍ତା ଭୃଶଂ ବାଦିନଃ ।

ବିଶ୍ୱ ସଦାତ୍ମକ ଅସତ୍ କଳ୍ପାର୍ଥକ
ହୋଇଅଛି ଯାର ପ୍ରକାଶରେ ।
"ତତ୍ତ୍ୱମସି" ଏହି ବେଦବାକ୍ୟେ ଯେହି
ସାକ୍ଷାତଭାବେ ଅଶ୍ରିତ କରେ ॥
ସେ ଦକ୍ଷିଣା ମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ଯା ଦରଶନରେ ନର ଅଜ୍ଞ ଥରେ
ନ ଦେଖଇ ଭବ ପାରାବାର । ୩ ।

ଜ୍ୟୋତି ପ୍ରଦୀପର ବହୁଛିଦ୍ରଘଟର—
ଛିଦ୍ରବାଟେ ଗଳି ଫୁଟେ ଯଥା ।
ନେତ୍ରାଦି ଇନ୍ଦ୍ରିୟ ଯୋଗେ ପ୍ରଭାମୟ
ଜ୍ଞାନ ପ୍ରକାଶଇ ଯାର ତଥା ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ନିଖିଳ ଜଗତ ହୁଏ ପ୍ରକାଶିତ
ଲଭିଣ ଭାସ୍ୱର ପ୍ରଭା ଯାର । ୪ ।

ଦେହ ବୁଦ୍ଧି ପ୍ରାଣ ଇନ୍ଦ୍ରିୟାଦି ଜାଣ
ସକଳ ଚଞ୍ଚଳ ଶୂନ୍ୟମୟ ।
"ମୁଁ ସ୍ତ୍ରୀ ମୁଁ ବାଳ ଅନ୍ଧ ଜଡ଼ କାଲ"
ବୋଲୁଥାନ୍ତି ଭ୍ରାନ୍ତ ନରଚୟ ॥

ମାୟାଶକ୍ତି ବିଳାସକଳ୍ପିତମହାବ୍ୟାମୋହ ସଂହାରିଣେ
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୫ ।

ରାହୁଗ୍ରସ୍ତ ଦିବାକରେନ୍ଦୁସଦୃଶୀ ମାୟାସମାଚ୍ଛାଦନାତ୍
ସନ୍ମାତ୍ରଃ କରଣୋପସଂହରଣତୋ ପୋଽଭୂତ୍ ସୁଷୁପ୍ତଃ ପୁମାନ୍ ।
ପ୍ରାଗସ୍ୱାପ୍ସମିତି ପ୍ରବୋଧସମୟେ ଯଃ ପ୍ରତ୍ୟଭିଜ୍ଞାୟତେ,
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୬ ।

ବାଲ୍ୟାଦିଷ୍ୱପି ଜାଗ୍ରଦାଦିଷୁ ତଥା ସର୍ବାସ୍ୱବସ୍ଥାସ୍ୱପି,
ବ୍ୟାବୃତ୍ତାସ୍ୱନୁ ବର୍ତ୍ତମାନମହମିତ୍ୟନ୍ତଃ ସ୍ଫୁରନ୍ତଂ ସଦା ।
ସ୍ୱାତ୍ମାନଂ ପ୍ରକଟୀକରୋତି ଭଜତାଂ ଯୋ ମୁଦ୍ରୟା ଭଦ୍ରୟା,
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣା ମୂର୍ତ୍ତୟେ । ୭ ।

ଯେ ମାୟା ବିଳାସ ।- କଳ୍ପିଲା ମହାମୋହ ସଂହାର ।
ଗୁରୁଦେବ ଯେଣୁ କରଥାନ୍ତି ତେଣୁ
କରେଁ ସେ ଗୁରୁଙ୍କୁ ନମସ୍କାର । ୫ ।

ଗ୍ରାସେ ରାହୁ ଯେହ୍ନେ ଚନ୍ଦ୍ରମା ତପନେ
ମାୟା ଆଚ୍ଛାଦନ୍ତି ଅତ୍ମାତଥା ।
ଇନ୍ଦ୍ରିୟ ସଂଯତ କରଣ ନିଦ୍ରିତ
ହୁଏ ଯେହ୍ନେ ଜାଣି ସେହ୍ନେ କଥା ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ପ୍ରବୋଧ ସମୟେ ହୁଅଇ ହୃଦୟେ
ନିଦ୍ରିତ ଅବସ୍ଥା-ସ୍ମୃତି ଯାର । ୬ ।
ବାଲ୍ୟାଦି କାଳରେ 'ଜାଗ୍ରତ୍ ସୁଷୁପ୍ତିରେ
ସର୍ବାବସ୍ଥାରେ ଯେ ବର୍ତ୍ତମାନ ।

"ମୁହିଁ" ଏହି ଭାବ ଅନ୍ତରେ ଯା ଠାବ
ନିରନ୍ତର ପ୍ରକାଶିତ ଜାଣ ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ଯାହାଙ୍କୁ ଭଜନା କଲେ ଆରାଧନା
ହୁଅଇ ପରକାଶ ଅତ୍ମାର । ୭ ।

ବିଶ୍ୱଂ ପଶ୍ୟତି କାର୍ଯ୍ୟକାରଣତୟା ସ୍ୱସ୍ୱାମିସମ୍ବନ୍ଧତଃ,
ଶିଷ୍ୟାଚାର୍ଯ୍ୟତୟା ତଥୈବ ପିତୃ ପୁତ୍ରାଦ୍ୟାତ୍ମନା ଭେଦତଃ ।
ସ୍ୱପ୍ନେ ଜାଗ୍ରତି ବା ଯ ଏଷ ପୁରୁଷୋମାୟା ପରିଭ୍ରମିତ—
ତସ୍ମୈ ଶ୍ରୀଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ । ୮ ।

ଭୂରମ୍ଭାଂସ୍ୟନଲୋଽନିଲାମ୍ବରମହର୍ନାଥୋ ହିମାଂଶୁଃ-ପୁମା—
ନିତ୍ୟାଭାତିଚରାଚରାତ୍ମକମିଦଂ ଯସ୍ୟୈବ ମୂର୍ତ୍ତ୍ୟଷ୍ଟକଂ ।
ନାନ୍ୟତ୍ କିଞ୍ଚନ ବିଦ୍ୟତେ ବିମୃଶତାଂ ଯସ୍ମାତ୍ ପରସ୍ମାଦ୍ ବିଭୋ—
ତସ୍ମୈ ଶ୍ରୀ ଗୁରୁମୂର୍ତ୍ତୟେ ନମ ଇଦଂ ଶ୍ରୀ ଦକ୍ଷିଣାମୂର୍ତ୍ତୟେ । ୯ ।

ସର୍ବାତ୍ମତ୍ୱମିତି ସ୍ଫୁଟୀକୃତମିଦଂ ଯସ୍ମାଦମୁଷ୍ମିଂସ୍ତବେ,
ତେନାସ୍ୟ ଶ୍ରବଣା ତ୍ତଦର୍ଥମନନାଦ୍ଧ୍ୟାନାଚ୍ଚ ସଂକୀର୍ତ୍ତନାତ୍ ।

କା'କୁ ସ୍ୱାମୀ-ଭୃତ୍ୟ   କା'କୁ ପିତା, ପୁତ୍ର
କା'କୁ ଗୁରୁ-ଶିଷ୍ୟ ସମ୍ବନ୍ଧରେ ।
ଏରୂପେ ଜଗତ   ଯେତୁ ଅବିରତ
ଦେଖେ କାର୍ଯ୍ୟ କାରଣ ଭେଦରେ ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀଗୁରୁଙ୍କୁ କରେଁ ନମସ୍କାର ।
ଜାଗ୍ରତ ସ୍ୱପନ   ଏ ବେନି କାରଣ
ଘଟଇ ମାୟାବଳେ ଯାହାର । ୮ ।

ଭୂମି ଅଗ୍ନି ଜଳ   ଆକାଶ ଅନିଳ
ରବି ଶଶୀ ପୁରୁଷ ଅବର ।
ଏ ଅଷ୍ଟ ମୂରତ   ଯେନି ଜଗପତି
କରିଛନ୍ତି ଯେତୁ ଚରାଚର ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ପରମାତ୍ମା ବିନା   ଅନ୍ୟ କିଛୁ ସିନା
ବୋଲି ମୁଁ ନ କରଇଁ ବିଚାର । ୯ ।

ଏ ସ୍ତବେ ଯାହାଙ୍କୁ   ସର୍ବାତ୍ମା ବୋଲିଣ
କରିଅଛୁ ମୁହିଁ ସୁକୀର୍ତ୍ତିତ ।
ଯାହାଙ୍କ ଶ୍ରବଣ   ମନନ କୀର୍ତ୍ତନ
ଧ୍ୟାନ ଈଶ୍ୱରତ୍ୱ ପ୍ରକାଶିତ ॥

ସର୍ବାତ୍ମତ୍ୱମହାବିଭୂତିସହିତଂ ସ୍ୟାଦୀଶ୍ୱରତ୍ୱଂ ସ୍ୱତଃ,
ସିଦ୍ଧ୍ୟେତ୍ତତ୍ ପୁନରଷ୍ଟଧାପରିଣତଂ ଚୈଶ୍ୱର୍ଯ୍ୟମବ୍ୟାହତମ୍ । ୧୦ ।

ବଟବିଟପିସମୀପେ ଭୂମିଭାଗେ ନିଷଣ୍ଣଂ,
ସକଳମୁନିଜନାନାଂ ଜ୍ଞାନଦାତାରମାରାତ୍ ।
ତ୍ରିଭୁବନ ଗୁରୁମୀଶଂ ଦକ୍ଷିଣାମୂର୍ତ୍ତିଦେବଂ,
ଜନନମରଣଦୁଃଖଚ୍ଛେଦଦକ୍ଷଂ ନମାମି ॥ ୧୧ ॥

ଚିତ୍ରଂ ବଟତରୋର୍ମୂଲେ ବୃଦ୍ଧାଃ ଶିଷ୍ୟା ଗୁରୁର୍ଯୁବା ।
ଗୁରୋସ୍ତୁ ମୌନଂ ବ୍ୟାଖ୍ୟାନଂ ଶିଷ୍ୟାସ୍ତୁ ଛିନ୍ନସଂଶୟାଃ ॥ ୧୨ ॥

ଓଁ ନମଃ ପ୍ରଣବାର୍ଥାୟ ଶୁଦ୍ଧଜ୍ଞାନୈକମୂର୍ତ୍ତୟେ ।
ନିର୍ମ୍ମଳାୟ ପ୍ରଶାନ୍ତାୟ ଦକ୍ଷିଣାମୂର୍ତ୍ତୟେ ନମଃ । ୧୩ ।

ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ଅଖଣ୍ଡ ଅବାଧ ଅଷ୍ଟ ଐଶ୍ୱର୍ଯ୍ୟ
ବିନଷ୍ଟ ନୁହେ କଦାଚ ଯାର । ୧୦ ।

ବଟ ବିଟପିର ନିକଟ ଭୂମିର
ତଳେ କରି ଯେହୁ ଉପବେଶ ।
ସର୍ବମୁନି ପତି ଧେନି ମହାମତି
ଦେଲେ ବହୁଜ୍ଞାନ ଉପଦେଶ ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀଗୁରୁଙ୍କୁ କରେଁ ନମସ୍କାର ।
ଜନମ ମରଣ ଜନିତ କଷଣ
ଛେଦନ୍ତି ଯେ ବିଶ୍ୱଗୁରୁ ସାର । ୦ ।

ବଟ ତରୁତଳ ସେ ଶିଷ୍ୟ ସକଳେ
ବୟସେ ବୃଦ୍ଧ, ଶ୍ରୀଗୁରୁ ଯୁବା ।
ମୌନ ଉପଦେଶେ ସଂଶୟ ବିନାଶେ
ଏଥୁଁ ବିଚିତ୍ର କି ଅଛି ଅବା ? ॥
ସେ ଦକ୍ଷିଣା ମୂର୍ତ୍ତି । ଶ୍ରୀଗୁରୁଙ୍କୁ କରେଁ ନମସ୍କାର ।
ନିର୍ମ୍ମଳ ପ୍ରଶାନ୍ତ ଏକ, ପରମାର୍ଥ
ଶୁଦ୍ଧ ଜ୍ଞାନମୟ ଯେ ଉଦାର । ୧୨-୧୩ ।

ନିଧୟେ ସର୍ବ ବିଦ୍ୟାନାଂ ଭିଷଜେ ଭବରୋଗିଣାମ୍ ।
ଗୁରବେ ସର୍ବଲୋକାନାଂ ଦକ୍ଷିଣାମୂର୍ତ୍ତୟେ ନମଃ । ୧୪ ।

ମୌନବ୍ୟାଖ୍ୟା ପ୍ରକଟିତ ପରବ୍ରହ୍ମତତ୍ତ୍ୱଂ ଯୁବାନଂ,
ବର୍ଷିଷ୍ଠାନ୍ତେବସଦୃଷିଗଣୈରାବୃତଂ ବ୍ରହ୍ମନିଷ୍ଠୈଃ ।
ଆଚାର୍ଯ୍ୟେନ୍ଦ୍ରଂ କରକଳିତ ଚିନ୍ମୁଦ୍ରମାନନ୍ଦରୂପଂ,
ସ୍ୱାତ୍ମାରାମଂ ମୁଦିତବଦନଂ ଦକ୍ଷିଣାମୂର୍ତ୍ତିମୀଡ଼େ । ୧୫ ।

ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଶ୍ରୀ ଦକ୍ଷିଣାମୂର୍ତ୍ତିସ୍ତୋତ୍ରମ୍ ।

ସମାପ୍ତମ୍ ।

ସକଳ ବିଦ୍ୟାର ଯେହୁଁ ପାରାବାର
ଭବ-ରୋଗର ଯେ ବୈଦ୍ୟରାଜ ।
ସକଳ ଲୋକଙ୍କ ଗୁରୁ ଅଟନ୍ତି
ଚରଣେ ଶରଣ ପଶି ଆଜ ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ମୌନାବଲମ୍ବନେ ବୃନ୍ଦ ଶିଷ୍ୟଗଣେ
ପ୍ରକାଶେ ଯେ ବ୍ରହ୍ମତତ୍ତ୍ୱସାର । ୧୪ ।

ଯାର ଚଉପାଶେ ବେଢ଼ି ଶିଷ୍ୟ ଅଶେଷ
ଥାନ୍ତି ବ୍ରହ୍ମନିଷ୍ଠ ମୁନିଗଣ ।
ଯାର କରଗତ ଚିଦାତ୍ମା ଶାଶ୍ୱତ
ଯେହୁ ଆତ୍ମାରାମ ସନାତନ ॥
ସେ ଦକ୍ଷିଣାମୂର୍ତ୍ତି । ଶ୍ରୀ ଗୁରୁଙ୍କୁ କରେଁ ନମସ୍କାର ।
ମୁଦିତ-ବଦନ ଆନନ୍ଦ-ସଦନ
କରନ୍ତି ଆତ୍ମାରେ ଯେ ବିହାର । ୧୫ ।

ଅଜ୍ଞାନବୋଧିନୀ

ଚିତ୍ ସଦାନନ୍ଦରୂପାୟ ସର୍ବଧୀବୃତ୍ତି ସାକ୍ଷିଣେ ।
ନମୋ ବେଦାନ୍ତ ବେଦ୍ୟାୟ ବ୍ରହ୍ମଣେଽନନ୍ତ ରୂପିଣେ । ୧ ।

ଯଦଜ୍ଞାନାଦିଦଂ ଭାତି ଯଜ୍ଜ୍ଞାନାଦ୍ବିନ ବର୍ତ୍ତତେ ।
ନମସ୍ତସ୍ମୈ ଚିଦାନନ୍ଦବପୁଷେ ପରମାତ୍ମନେ । ୨ ।

ଅଥାଧ୍ୟାତ୍ମବିଦ୍ୟୋପଦେଶବିଧିଂ ବ୍ୟାଖ୍ୟାସ୍ୟାମଃ : —
ତପୋଭିଃ କ୍ଷୀଣପାପାନାଂ ଶାନ୍ତାନାଂ ବୀତରାଗିଣାମ୍ ।
ମୁମୁକ୍ଷୂଣାମପେକ୍ଷ୍ୟୋଽୟମାତ୍ମବୋଧୋ ବିଧୀୟତେ । ୩ ।

ଅନାତ୍ମଭୂତେ ଦେହାଦାବାତ୍ମବୁଦ୍ଧିସ୍ତୁ ଦେହିନାମ୍ ।
ସାବିଦ୍ୟା ତତ୍କୃତେ ବନ୍ଧସ୍ତନ୍ନାଶୋ ମୋକ୍ଷ ଉଚ୍ୟତେ । ୪ ।

ଅନାଦିଃ ଶାସ୍ତ୍ରୋ ନୈସର୍ଗିକୋଽଧ୍ୟାସଃ । ମିଥ୍ୟା ପ୍ରତ୍ୟୟରୂପଃ ସର୍ବଲୋକ ପ୍ରତ୍ୟକ୍ଷଃ । ଅସ୍ୟାନର୍ଥହେତୋଃ ପ୍ରହାଣାୟାତ୍ମୈକତ୍ୱଜ୍ଞାନଂ ଶିଷ୍ୟଂ ଶ୍ରୀଗୁରୁଂ ପରିପୃଚ୍ଛତି । ହେ-ଭଗବନ୍ ! ସ ଆତ୍ମା କୀଦୃଶଃ ? ତତ୍ ଶୃଣୁ, ଚିତ୍ ସଦାନନ୍ଦାଦ୍ୱିତୀୟମଖଣ୍ଡମଚଳମଜମବ୍ୟୟ

ଅଜ୍ଞାନବୋଧିନୀ

ସଚ୍ଚିଦାନନ୍ଦସ୍ୱରୂପ ଅଟନ୍ତି ଯେହୁ । ସମସ୍ତ ବୁଦ୍ଧି ବୃତ୍ତିର ସାକ୍ଷୀ ପୁଣି ଯେହୁ ॥
ଯେ ଅନନ୍ତରୂପଧାରୀ ଯେ ବେଦାନ୍ତ ବେଦ୍ୟ । ସେ ବ୍ରହ୍ମଙ୍କୁ ନମସ୍କାର କରୁଛୁଁ ମୁଁ ଅଦ୍ୟ ॥
ଯାହାର ଅଜ୍ଞାନ ହେତୁ ବିଶ୍ୱ ପ୍ରକାଶଇ । ଯାର ଜ୍ଞାନ ହେଲେ ବିଶ୍ୱସତ୍ତା ନ ଦିଶଇ ॥
ଯେହୁ ଜ୍ଞାନ ଆନନ୍ଦର ମୂରତି ଅଟଇ । ସେ ପରମାତ୍ମାଙ୍କୁ ମୁହିଁ ସଦା ପ୍ରଣମଇ । ୨ ।

ଅଥ ଅଧ୍ୟାତ୍ମ ବିଦ୍ୟା ଉପଦେଶ ପ୍ରଣାଳୀ ।

ତପ ଯୋଗେ ପାପ ଯାର ହୋଇଅଛି କ୍ଷୀଣ । ଶମଗୁଣ ସମ୍ପନ୍ନ ଯେ ଅଟନ୍ତି ପ୍ରବୀଣ ॥
ଯାହାର ସଂସାରସକ୍ତି ହୋଇଛି ବିଗତ । ଯେ ମୁମୁକ୍ଷୁ ହେ ଶିଷ୍ୟ ତାହାଙ୍କ ନିମିତ୍ତ । ୩ ।

ଦେହଇନ୍ଦ୍ରିୟାଦିରେ ଯେ ମୁଁ ମୋହର ଜ୍ଞାନ । ତାହାକୁ ଅବିଦ୍ୟା ବୋଲି କହନ୍ତି ବିଦ୍ୱାନ ॥
ଏହି ଅବିଦ୍ୟା ନିମନ୍ତେ ପ୍ରାଣୀଙ୍କ ବନ୍ଧନ । ଅବିଦ୍ୟାର ନାଶ ନାମ ମୋକ୍ଷ ବୋଲି ଜାଣ । ୪

ଅନାଦି ନୈସର୍ଗିକ ଯେ ଅବିଦ୍ୟା ଅଟଇ । ମିଥ୍ୟାଜ୍ଞାନ ହେଲେ ହେଁ ନିତ୍ୟ ପ୍ରତ୍ୟକ୍ଷ ଦିଶଇ ॥
ଅଧ୍ୟାସ * ଅଟଇ ସର୍ବ ଅନର୍ଥ କାରଣ । କେଉଁ ଉପାୟରେ ତାର ହେବ ନିବାରଣ ॥
ତାହା ଜାଣିବା ନିମନ୍ତେ ଗୁରୁଙ୍କ ନିକଟେ । ପଚାରୁ ଅଛନ୍ତି ଶିଷ୍ୟ ଅତ୍ୟନ୍ତ ଆକଟେ ॥

---

* ଅଧ୍ୟାସ — ଅବିଦ୍ୟା ।

କୂଟସ୍ଥାନନ୍ତ ସ୍ୱୟଂ ଜ୍ୟୋତିଃ ସ୍ୱରୂପଂ ସ୍ୱ ପ୍ରକାଶଂ ବ୍ରହ୍ମ ସ ଆତ୍ମା । ହେ ଭଗବନ୍ ! ତର୍ହି ପ୍ରାଧ୍ୱେଽସ୍ମିନ୍ ସଂସାରେ ସଂସୃତିଃ କସ୍ୟ ତସ୍ୟୈବ ସ୍ୱାଭାବିକୀ ନୈମିତ୍ତିକୀ ବା । ଯଦୀଦୃଶଃ ସ୍ୱଭାବଃ ତର୍ହି ଅବର୍ଜ୍ଜନୀୟତ୍ୱାତ୍ ମମ ମୋକ୍ଷାଶାନାସ୍ତି । ୫ ।

ଶିଷ୍ୟ ଉବାଚ ।

ହେ ଗୁରୁ, ଯେ ଆତ୍ମାକଥା କହିଲେ ଆପଣ । କି ପ୍ରକାର ଅଟଇ ସେ ଅହେ ଭଗବାନ !

ଗୁରୁରୁବାଚ ।

କହୁଛି ଆତ୍ମା ସ୍ୱରୂପ ଅହେ ଶିଷ୍ୟ ଶୁଣ । ଯେ ବ୍ରହ୍ମ ସଚ୍ଚିଦାନନ୍ଦ ଅଦ୍ୱିତୀୟ ପୁଣ ।
ଜନ୍ମ-ରହିତ ଅଖଣ୍ଡ ଅଚଳ କୂଟସ୍ଥ । ସ୍ୱୟଂ ଜ୍ୟୋତି ସ୍ୱ ପ୍ରକାଶ ନିଷ୍କ୍ରିୟ ଅନନ୍ତ ॥
ସେହିଟି ଆତ୍ମା ଅଟଇ କର ହେ ବିବେକ । ବ୍ରହ୍ମ ଆଉ ଆତ୍ମା ଏହା ଅଟନ୍ତି ଏକ ॥

ଶିଷ୍ୟ ଉବାଚ ।

ହେ ଗୁରୁ ସେ ଆତ୍ମା ଯଦି ଅଟଇ ଏସନ । କାହାର ଅଟଇ ତେବେ ସଂସାର-ବନ୍ଧନ ?
ସେହି ଆତ୍ମାର ବନ୍ଧନ ହୋଇଥାଏ ଯେବେ । ତାହା ସ୍ୱାଭାବିକ କିବା ନୈମିତ୍ତିକ ତେବେ ?
ଯେବେ ତାହା ସ୍ୱାଭାବିକ ଅଟଇ ଅବର । ତେବେ ମୁକ୍ତ ଆଶା ଭବେ କାହିଁକା ମୋହର ।
ସ୍ୱଭାବର ପରିତ୍ୟାଗ ସମ୍ଭବ ନୁହଇ । ଯେଣୁ ଅବର୍ଜ୍ଜନୀୟ ସେ ସ୍ୱଭାବ ଅଟଇ । ୫ ।

ଗୁରୁରୁବାଚ

ହେ ବତ୍ସ ! ପୁଚ୍ଛିଲ ଯାହା ଶୁଣ ଦେଇ ମନ । ସ୍ୱାଭାବିକ ନୁହେ ଜାଣ ଜୀବର ବନ୍ଧନ ॥
ନୈମିତ୍ତିକ ସେ ବନ୍ଧନ ଘେନ ସ୍ଥିରଚିତ୍ତେ । ଶୁଣ କହୁଛି ବନ୍ଧନ ହୁଏ ଯେ ନିମିତ୍ତେ ॥୬
ଅବିଦ୍ୟା ନାମରେ ଏକ ବସ୍ତୁ ଯେ ଅଛଇ । ଆତ୍ମାକୁ ଆଶ୍ରୟ କରି ସଦା ସେ ରହଇ ।
ଆତ୍ମାର ବିଷୟ ତାହା ଆତ୍ମାର ଗୋଚର । ଆତ୍ମା ଦ୍ୱାରା ପ୍ରକାଶ୍ୟ ସେ ଅଟଇ ଅବର ॥
ଅନିର୍ବଚନୀୟ ଅଟେ ସେ ଅବିଦ୍ୟା ବସ୍ତୁ । ସତ କି ଅସତ ବୋଲି ଜାଣି ନୁହେ କିନ୍ତୁ
ଆତ୍ମାର ବିଷୟ ପୁଣି ଆତ୍ମାର ଆଶ୍ରିତ । ଅନନ୍ତ ଆନନ୍ଦ ସତ ଅଦ୍ୱିତୀୟ ଚିତ
ସ୍ୱଭାବ ଆତ୍ମାକୁ ସଦା ଆବୃତ କରଇ । ମିଥ୍ୟା ଜ୍ଞାନ ସ୍ୱରୂପ ସେ ଅବିଦ୍ୟା ଅଟଇ ॥
ଗୃହର ଅନ୍ଧାର ଦ୍ୱାରା ଗୃହର ଭିତର । ସମାଚ୍ଛନ୍ନ ହୁଏ ଯଥା ଅବିଦ୍ୟା ଅବର ॥
ଚିତ୍ ସ୍ୱରୂପ କୂଟସ୍ଥ ସେ ଆତ୍ମାକୁ ତେସନ । ରଖଇ ବିକ୍ଷିପ୍ତ କରି କରି ଆଚ୍ଛାଦନ ॥

ଶ୍ରୀଗୁରୁରୁବାଚ । ନହି ବତ୍ସ ! ନୈମିତ୍ତିକୀ । ତର୍ହି କିଂ ନିମିତ୍ତଂ ତତ୍ ସାବଧାନମନାଃ ଶୃଣୁ । ଗୁରୁରୁବାଚ । ସ୍ୱାଶ୍ରୟା ସ୍ୱବିଷୟା ସ୍ୱାନୁଭବଗମ୍ୟା ସ୍ୱଭାସ୍ୟା ଅବସ୍ତୁ ଅନିର୍ବାଚ୍ୟା ଅବିଦ୍ୟା ଅସ୍ତି । ସା ତଦାଶ୍ରୟତ୍ୱବିଷୟତ୍ୱବଲେନ ଶୁଦ୍ଧସଦାନନ୍ଦାନନ୍ତାଦ୍ୱିତୀୟସ୍ୱସ୍ୱଭାବମାବୃଣୋତି । ଯଥା ଗର୍ଭ ହକାରେଣାଟାରଂ ଦର୍ପମାଚ୍ଛାଦ୍ୟତେ ତଥା ଶୁଦ୍ଧଂ କୂଟସ୍ଥମାତ୍ମାନଂ ସ୍ୱସ୍ୱରୂପମାଚ୍ଛାଦ୍ୟମିବ ବିକ୍ଷିପତି । ଅନାତ୍ମନି ଦେହାଦୌ ଅହଂତ୍ୱେନାଭିମନ୍ୟମାନୋଽପ୍ୟ-ପ୍ରାପ୍ତାଶେଷପୁରୁଷାର୍ଥଃ ପ୍ରାପ୍ତାଶେଷାନର୍ଥଃ ଅବିଦ୍ୟା ପ୍ରକଳ୍ପିତୈରେବ ସାଧନୈରିଷ୍ଟ-ପ୍ରାପ୍ତିମନିଷ୍ଟନିବୃତ୍ତିଂ ହୃଦି ଆକାଙ୍କ୍ଷନ୍ ଲୌକିକବୈଦିକସ୍ୱାଭାବିକୈରନୁଷ୍ଠିତୈରପି ବିଷୟସୁଖାର୍ଥଂ ମୋକ୍ଷାକାଂକ୍ଷାମଲଭମାନଃ ଅଲାବୁବନ୍ନକ୍ରାଦିଭିରିବ ରାଗଦ୍ୱେଷାଦିଭି-ରିତସ୍ତତ ଆକୃଷ୍ୟମାଣଃ ସୁରନରତିର୍ଯ୍ୟଗାଦିପ୍ରଭେଦଭିନ୍ନାସୁ ନାନା ଯୋନିଷୁ ପରିବର୍ତ୍ତି-ମାନୋ ମୋହେନ ମୁହ୍ୟମାନଃ ସଂସରତି । ତଥା ଚ ଶ୍ରୁତିଃ —ନିତ୍ୟଂ ବିଦାଥ ଯଇମା ଜଜାନାନ୍ୟତ୍ ଯୁଷ୍ମାକମନ୍ତରଂ ବଭୂବ । ନୀହାରେଣ ପ୍ରାବୃତା ଜଲ୍ପ୍ୟାଃ ଚାସୁ-ତୃପଉକ୍ଥଶାସଶ୍ଚରନ୍ତି । ସ୍ମୃତିରପି :—ପୁରୁଷଃ ପ୍ରକୃତିସ୍ଥୋଽପି ଭୁଙ୍କ୍ତେ ପ୍ରକୃତିଜାନ୍ ଗୁଣାନ୍ । କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍ଯୋନିଜନ୍ମସୁ । ୬ ।

ଦେହ-ଇନ୍ଦ୍ରିୟ ଆଦିକୁ ଆତ୍ମା ବୋଲି ଜ୍ଞାନ । କରଇ ମାନବ ଯେଣୁ ବହୁ ଅଭିମାନ ॥
ସକଳ ପୁରୁଷାର୍ଥରୁ ହୋଇ ସେ ବଞ୍ଚିତ । ବିଷମ ଅନର୍ଥ ଜାଲେ ହୁଅଇ ଜଡ଼ିତ ॥
ଅବିଦ୍ୟା-କଳ୍ପିତ ନାନା ସାଧନା ବଳରେ । ଆପଣା ଇଷ୍ଟ ବିଷୟ ପ୍ରାପ୍ତି ସକାଶରେ ॥
ଅନିଷ୍ଟ ବାରଣ ପାଇଁ ହୋଇ ଆକାଂକ୍ଷିତ । କରଇ ନାନା ଅନୁଷ୍ଠାନ ସ୍ୱସୁଖ ନିମିତ୍ତ ॥
ଲୌକିକ ବୈଦିକ ତଥା ସ୍ୱାଭାବିକ ମତେ । ତେଣୁ ମୋକ୍ଷବାସନା ନ କରେ ହୃଦଗତେ
ଅଲାବୁ ଫଳକୁ ଜଳେ ମକରାଦି ଯେସନ୍ତେ । ଟଣାଟଣି କରଥାନ୍ତି ସେ ମାନବ ତେସନ୍ତେ ॥
ରାଗଦ୍ୱେଷ ଆଦି ଦ୍ୱାରା ଆକୃଷ୍ଟ ହୋଇଣ । ଦେବ ନର ପଶୁ ଆଦି ଜନମ ଲଭିଣ ॥
ମୋହ-ମୁଗ୍ଧ ହୋଇ ସେହୁ ସଂସାରୀ ହୁଅଇ । ଶ୍ରୁତି-ସ୍ମୃତି ଏ ବିଷୟେ ଏମନ୍ତ କହଇ ॥
ପ୍ରକୃତି ସହିତ ଆତ୍ମା ହୋଇ ସଂଯୁକତ । ପ୍ରକୃତି-ଜନିତ ଗୁଣ ହୁଅଇ ପ୍ରାପତ ॥
ପ୍ରକୃତି-ଉତ୍ପନ୍ନ ଗୁଣ ସଙ୍ଗତି କାରଣେ । ସତ ଅସତ ଯୋନିରେ ପୁରୁଷ † ଜନମେ ।୬।

---

† ଆତ୍ମା ।

ସ୍ୱାମିନ୍ ଯୁଷ୍ମଦ୍‌ବଚନମସଙ୍ଗତମିଦଂ ଭାତି । କଥମିତ୍ୟଂ ? କୂଟସ୍ଥଶୁଦ୍ଧଘନୈକରସସ୍ୟାତ୍ମନଃ ଶଶବିଷାଣସଦୃଶାବିଦ୍ୟାବରଣବିକ୍ଷେପରୂପତ୍ୱଂ କଥଂ ସମ୍ଭାବ୍ୟତେ । ଗଗନାରବିନ୍ଦମସତ୍ ତସ୍ୟ ସୁରଭିତ୍ୱଂ କୁତଃ । ଅସମ୍ଭାବନୀୟା ମାୟା । ସାଧୁ ସାଧୁ, ଅରେ ! ଆତ୍ମାବିବେକ ଭ୍ରମମାତ୍ର ସିଦ୍ଧମ୍ । ୭ ।

ହେ ଭଗବନ୍ ! ଯଦ୍ ଭ୍ରମମାତ୍ର ସିଦ୍ଧଂ ତତ୍ କିଂ ସତ୍ୟମ୍ ? ଅରେ ଯଥା ଇନ୍ଦ୍ରଜାଲଂ ପଶ୍ୟନ୍ତି ଜନାଃ, ବ୍ୟାଘ୍ରଜଳତଡ଼ାଗାଦି ଅସତ୍ୟତୟା ପ୍ରତିଭାତି କିମ୍ । ଇନ୍ଦ୍ରଜାଲ ଭ୍ରମେ ନିବୃତ୍ତେ ସର୍ବଂ ମିଥ୍ୟେତି ଜାନାତି । ଇଦନ୍ତୁ ସର୍ବେଷାମନୁଭବ ସିଦ୍ଧମ୍ । ଯଥା ରଜ୍ଜାବହି ଭ୍ରମେ ନିବୃତ୍ତେ ରଜ୍ଜୁରେବ ସର୍ପୋନାନ୍ୟତ୍ କିଞ୍ଚିଦପି ତଥା ଅବିବେକ ଭ୍ରମେ ନିବୃତ୍ତେ ତଦନନ୍ତରଂ ସର୍ବଂ ମିଥ୍ୟେତି ଜ୍ଞାୟତେ । ଇଦନ୍ତୁ ସର୍ବେଷାମନୁଭବସିଦ୍ଧମ୍ । ହେ ଭଗବନ୍ ! ତର୍ହି ଅସ୍ୟ ଭ୍ରମସ୍ୟ ନିବୃତ୍ତିଃ କଥମ୍ ? । ।

ଶିଷ୍ୟଉବାଚ ।

ହେ ସ୍ୱାମୀ, ଆପଣଙ୍କର କଥା ପରସ୍ପର । ବିସମ୍ବାଦୀ ବୋଲି ମନେ ହେଉଛି ମୋହର ॥
କହିଲେ ଅବିଦ୍ୟା ଦ୍ୱାରା ଆତ୍ମା-ଆବରଣ । ପୁଣି ଅବିଦ୍ୟାର ଦ୍ୱାରା ଆତ୍ମା ବିକ୍ଷେପଣ ॥
ଶଶଶୃଙ୍ଗ ପରି ଏହା ଅସମ୍ଭବ କଥା । ଆକାଶ-କୁସୁମେ ଗନ୍ଧ ନ ସମ୍ଭବେ ଯଥା ॥

ଗୁରୁରୁବାଚ ।

ଅରେ ବତ୍ସ ! ସାଧୁ ସାଧୁ ବିବେକ ତୋହର । ଶୁଣ କହୁଅଛି ଏଥିର ଉଚିତ ଉତ୍ତର ॥
ଆତ୍ମା-ଆବରଣ ତଥା ଆତ୍ମା-ବିକ୍ଷେପଣ । ଅବିବେକ-ଜନିତ ସବୁ ଭ୍ରମ ମାତ୍ର ଜାଣ । ୭ ।

ଶିଷ୍ୟଉବାଚ ।

ହେ ଭଗବନ୍ ! ଯାହା ଭ୍ରମ-କଳ୍ପିତ ଅଟଇ । ତାହା କେଉଁ ବେଳେ ସତ୍ୟ ହୋଇ କି ପାରଇ ॥

ଗୁରୁରୁବାଚ ।

ରେ ବତ୍ସ ! ଯେସନ ଇନ୍ଦ୍ରଜାଲ ଦେଖାଇଲେ । ବ୍ୟାଘ୍ରଜଳତଡ଼ାଗାଦି ଦେଖେ ଲୋକ ହେଲେ ॥
ସେକାଳେ ଅସତ୍ୟ ବୋଲି ବୁଝିବେ କି ତାହା । ଇନ୍ଦ୍ରଜାଲ ଭ୍ରମ ଗଲେ ମିଥ୍ୟା ବୁଝେ ଯାହା ॥
ରଜ୍ଜୁ ଦେଖି ସର୍ପ ବୋଲି ଲୋକ ଭାବେ ମନେ । ସର୍ପଭ୍ରମ ଦୂର ହେଲେ ରଜ୍ଜୁ ବୋଲି ମଣେ ॥
ସେହିପରି ଅବିବେକ-ଭ୍ରମ ହେଲେ ଗତ । ଅସତ୍ୟ ବୋଲି ପ୍ରତୀତ ହୁଅଇ ସମସ୍ତ ॥

ଶିଷ୍ୟଉବାଚ ।

ହେ ଭଗବନ ! ଏହି ଭ୍ରମ କେମନ୍ତେ ନିବୃତ୍ତ । ହୋଇ ପାରେ କୃପା କରି କହନ୍ତୁ ବିବୃତ ।

ଟୀକ୍ ଶୃଣୁ । ଜନ୍ମାନ୍ତର ସଞ୍ଚିତ ପୁଣ୍ୟବଶାତ୍ ବେଦୋଦିତେନେଶ୍ୱରାର୍ଥଂ କର୍ମାନୁଷ୍ଠାନେନାପଗତରାଗାଦିମଳଃ ଅନିତ୍ୟାଦିଦର୍ଶନେ ଇହାମୁତ୍ରଫଳଭୋଗବିରକ୍ତେ ବେଦାନ୍ତେ ପ୍ରଶସ୍ୟମାନ ବ୍ରହ୍ମାତ୍ମାନୁଭବଂ ବୁଭୁତ୍ସୁଃ ଆତ୍ମାନଂ ଜ୍ଞାତୁମିଚ୍ଛତି । ଜ୍ଞାନାଦେବ ହି କୈବଲ୍ୟମିତି ଶ୍ରୁତେଃ । ଜ୍ଞାନନ୍ତୁ ଶ୍ରବଣମନନନିଦିଧ୍ୟାସନମନ୍ତରେଣ ନ ସମ୍ଭବତି । ତଥା ଚ ଶ୍ରୁତିଃ :—ଆତ୍ମାବାରେ ଦ୍ରଷ୍ଟବ୍ୟଃ ଶ୍ରୋତବ୍ୟୋ ମନ୍ତବ୍ୟୋ ନିଦିଧ୍ୟାସିତବ୍ୟଃ । ତ୍ୱଂ-ପଦାର୍ଥ ବିବେକାୟ ସନ୍ନ୍ୟାସଃ ସର୍ବକର୍ମଣାମ୍ । ଶ୍ରୁତ୍ୟା ବିଧୀୟତେ ଯସ୍ମାଦନ୍ୟଥା ପତିତୋ ଭବେତ୍ । ତସ୍ମାଦେବାଚାର୍ଯ୍ୟାଦ୍ ବ୍ରହ୍ମଜ୍ଞାନାବାପ୍ତିଃ । କଥମାଚାର୍ଯ୍ୟୋଽଜ୍ଞୋ ବା ସ୍ୟାତ୍ । ଯଦ୍ୟଜ୍ଞୋ ନ ବ୍ରହ୍ମାତ୍ମୈକତ୍ୱଜ୍ଞାନମୁପଦେଷ୍ଟୁଂ ଶକ୍ନୁୟାତ୍ । ଅଥ ବିଜ୍ଞଃ ତଦା ବ୍ରହ୍ମାତ୍ମଜ୍ଞାନେନ ବ୍ରହ୍ମୈବ ଭବତି । ତତଃ ଅଜ୍ଞାନଂ ତତ୍କାର୍ଯ୍ୟଦେହଦ୍ୱୟ ନିବୃତ୍ତେଃ । ତଦାଦେହାଦି ସମ୍ବନ୍ଧାଭାବାନ୍ନ ଶିଷ୍ୟାଦି ଶାସନଂ ହ୍ୟୁପପଦ୍ୟତେ । ଅଥାନବଗତୋ ବ୍ରହ୍ମାତ୍ମତ୍ୱଂ ସ୍ୟାତ୍ । ତସ୍ମାଦ୍ଦେହାଦିସମ୍ବନ୍ଧୋଽଙ୍ଗୀକର୍ତ୍ତବ୍ୟୋଽଭ୍ୟୁପେତବ୍ୟଃ । ତଦା

ଗୁରୁନିବାଚ ।

ଶୁଣ ବତ୍ସ ! ଜନ୍ମାନ୍ତ ପୁଣ୍ୟବଶେ ଜନେ । ଈଶ୍ୱରାର୍ଥ ବେଦୋଦିତ କର୍ମ-ଅନୁଷ୍ଠାନେ ॥
ରାଗ ଆଦି ମଳଶୂନ୍ୟ ହେଲେ ତା ଅନ୍ତର । ସଂସାରର ଅନିତ୍ୟାଦି କରଇ ଗୋଚର ॥
ଇହପରଲୋକ ଫଳେ ନ ଜନ୍ମେ ଆସକ୍ତି । ଯେକାଳେ ବେଦାନ୍ତ ଶାସ୍ତ୍ରେ ହୁଏ ଭାବ ମତି ॥
ବ୍ରହ୍ମାତ୍ମା ଅନୁଭବରେ ହୋଇ ଅଭିଳାଷୀ । ଆତ୍ମାକୁ ଜାଣିବା ପାଇଁ ଇଚ୍ଛାକରେ ଅସି ॥
ବେଦରେ ଏକଥା ମଧ୍ୟ ହୋଇଅଛି ବିଦିତ । ଜ୍ଞାନଦ୍ୱାରା କୈବଲ୍ୟ ହୁଅଇ ସାଧିତ ॥
ନିଦିଧ୍ୟାସନ ମନନ ଶ୍ରବଣ ବ୍ୟତୀତ । କେବେହେଁ କାହାର ଜ୍ଞାନ ନ ହୁଏ ଉଦିତ ॥
ଆଗେ କରିବାକୁ ହେବ ଆତ୍ମାକୁ ଶ୍ରବଣ । ତଦୁତ୍ତରେ କରିବାକୁ ହେବ ଯେ ମନନ ॥
ତା'ପରେ ନିଦିଧ୍ୟାସନ କରଣ ସାକ୍ଷାତ । କରିବାକୁ ହେବ ଏହା ଶ୍ରୁତିରେ ଆଖ୍ୟାତ ॥
ଜୀବ-ପରମ-ବିବେକ ଜ୍ଞାନର କାରଣ । ସର୍ବ କର୍ମରେ ସନ୍ନ୍ୟାସ କରିବ ସାଧନ ॥
ଏ ଶ୍ରୁତି-ଉକ୍ତ-ପ୍ରଣାଳୀ ଛାଡ଼ି ଯେଉଁ ନର । ଉଦ୍ୟମ କରଇ ହୁଏ ସେ ଭ୍ରଷ୍ଟ ନିକର ॥
ଆତ୍ମ ବିବେକ ସକାଶେ ଚେଷ୍ଟା ଯେ କରିବ । ଗୁରୁଙ୍କଠାରୁ ବ୍ରହ୍ମାତ୍ମ ଜ୍ଞାନ ସେ ଲଭିବ ॥
ବ୍ରହ୍ମାତ୍ମୈକତ୍ୱ ଜ୍ଞାନର ଶିକ୍ଷା ଦେବା ଲାଗି । ଅଜ୍ଞ ଆଚାର୍ଯ୍ୟ ନୁହନ୍ତି ତେଣେ ଉପଯୋଗୀ ॥
ହୋଇଥାନ୍ତି ବିଜ୍ଞ ପୁଣି ସେ ଆଚାର୍ଯ୍ୟ ଯେବେ । ବ୍ରହ୍ମାତ୍ମଜ୍ଞାନ ହେତୁରୁ ତାହାଙ୍କର ତେବେ ।
ସାକ୍ଷାତେ ବ୍ରହ୍ମରୂପ ସେ ହୋଇଛନ୍ତି ଯେଣୁ । ଦେହ ସମ୍ବନ୍ଧ ତାଙ୍କର ନ ରହଇ ତେଣୁ ॥
ସେପରି ଆଚାର୍ଯ୍ୟ ଶିଷ୍ୟେ ଶିକ୍ଷାଦେବା ଲାଗି । ହେ ପ୍ରିୟବତ୍ସ ! ନୁହନ୍ତି ସୁଦ୍ଧା ଉପଯୋଗୀ ॥
ପ୍ରାପ୍ତ ହୋଇ ନ ଥିବେ ଯେ ବ୍ରହ୍ମାତ୍ମ ଭାବକୁ । ଅଟନ୍ତି ସମର୍ଥ ଶିଷ୍ୟେ ସେ ଶିକ୍ଷାଦେବାକୁ ॥

ଜ୍ଞାନାଦଜ୍ଞାନତତ୍କୃତ କାର୍ଯ୍ୟନିବୃତ୍ତିଃ ତସ୍ମାଦାଚାର୍ଯ୍ୟାଧୀନଂ ଜ୍ଞାନମପେକ୍ଷତେ ଇତ୍ୟାଦି ନାସ୍ତି ଦୋଷଃ । ଜ୍ଞାନିନୋ ବ୍ରହ୍ମାତ୍ମଜ୍ଞାନେ ଜାତେ ତେନ ନାଶିତସ୍ୟାପି ପ୍ରାରବ୍ଧ ଫଳସ୍ୟ କର୍ମଣୋ ନ ବାଧିତତ୍ୱଂ ଅତଏବ ଜ୍ଞାନିନାନ୍ତୁ ପ୍ରାରବ୍ଧବେଗବଶାତ୍ ଦେହାଦି ପ୍ରତିଭାସତେ । ୯ ।

ଅଥାଗତ ବ୍ରହ୍ମାତ୍ମଜ୍ଞାନଃ ସମ୍ପ୍ରଦାୟକ୍ରମମେବୋପଦଶତି । ତସ୍ମାଦାଚାର୍ଯ୍ୟାଧୀନଂ ଜ୍ଞାନଂ ଜ୍ଞାନାନ୍ମୋକ୍ଷ ଇତି ସିଦ୍ଧମ୍ । ତସ୍ମାଦ୍ବେଦୋକ୍ତ ଶମଦମାଦିସାଧନଚତୁଷ୍ଟୟ ସମ୍ପନ୍ନୋବ୍ରହ୍ମବିଦାଚାର୍ଯ୍ୟମୁପେତ୍ୟ ସାଷ୍ଟାଙ୍ଗପ୍ରଣିପାତଂ କୃତ୍ୱା ସମିତ୍ପାଣିଃ ପୁନଶ୍ଚ ଉପଚରଣ୍ୟ ବାକ୍ୟପୂର୍ବ୍ବ । ତଥା ଚ ଶ୍ରୁତିଃ :—ସମିତ୍ପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠଂ ଗୁରୁଂ ତଦ୍ବିଜ୍ଞାନାର୍ଥମଭିଗଚ୍ଛେତ୍ । ହେ ଭଗବନ୍ ! ସଂସାରତାପତ୍ରୟାର୍କସନ୍ତପ୍ତୋଽହଂ ଅସ୍ୟ ତାପସ୍ୟ ନିବୃତ୍ତିଂ କୁରୁ ମମେତି ବାଞ୍ଛିତଃ ସନ୍ ଗୁରୁରୁପଦଶତି । ୧୦ ।

କଥମ୍ ଇତ୍ଥମ୍ । ତବ ବ୍ରହ୍ମାତ୍ମୈକତ୍ୱଭାବେ ଜ୍ଞାନେ ଜାତେ ସଂସାର ନିବୃତ୍ତିର୍ଭବିଷ୍ୟତି । ନାନ୍ୟଥା । ହେ ଭଗବନ୍ । ତତ୍ କେନ ଭବତି । ତତ୍ ଶୃଣୁ । ଅଦ୍ୱୈତତ୍ୱଂ ପଦ ଶୋଧନେନ ଜୀବତ୍ୱଂ ନିରସ୍ୟାତି ଶୁଦ୍ଧୋ ଭବିଷ୍ୟସି । ତଦା ବ୍ରହ୍ମାତ୍ମୈକତ୍ୱଭାବୋ-ଭବତି । ଯଥା ଗ୍ରାମାଦସ୍ଥିତଂ ଚନ୍ଦନବୃକ୍ଷଂ ପ୍ରତି ଅଜ୍ଞସ୍ୟ ସମ୍ଭାବନା ଭବତ୍ୟେବ ନେହ

ଦେହାଦି ସମ୍ବନ୍ଧ ତାଙ୍କ ନଷ୍ଟପ୍ରାୟ ମାନିବ । ସେ ଆଚାର୍ଯ୍ୟଙ୍କଠାରୁ ଜ୍ଞାନକୁ ଲଭିବ ॥
ଅଜ୍ଞାନ ଓ ତାର କାର୍ଯ୍ୟ ନିବୃତ୍ତ ହୁଅଇ । ତାଙ୍କଠାରୁ ଶିଖିନେଲେ ଦୋଷ ନ ଘଟଇ ॥
ଜ୍ଞାନୀ ଲୋକର ବ୍ରହ୍ମାତ୍ମ ଜ୍ଞାନ ଜନମିଲେ । ତେଣେ ପ୍ରାରବ୍ଧ ଫଳର ବାଧା ନୁହେ ଭଲେ
ଜ୍ଞାନୀମାନଙ୍କ ପ୍ରାରବ୍ଧ କର୍ମ୍ମ ବଶେ ଜାଣ । ଦେହାଦି ପ୍ରତିଭାସିତ ହୋଇଥାଏ ପୁଣ । ୯ ।

ଅନନ୍ତର ଅବଗତ ସେ ବ୍ରହ୍ମାତ୍ମଜ୍ଞାନ । କରନ୍ତେ ଆଚାର୍ଯ୍ୟ ଶିଷ୍ୟେ ଉପଦେଶ ଦାନ ॥
ଜ୍ଞାନୋତ୍ପତ୍ତି ଆଚାର୍ଯ୍ୟଙ୍କ ଅଟଇ ଅଧୀନ । ମୋକ୍ଷର ସାଧକ ସେହୁ ଜ୍ଞାନଟି ନିଦାନ ॥
ତେଣୁ ବେଦୋଦିତ ଶମ ଦମାଦି ସାଧନ । କରି ଶିଷ୍ୟ ଗୁରୁ ପାଶେ କରିବ ଗମନ ॥
ସମିଧହସ୍ତେ କରଣ ସାଷ୍ଟାଙ୍ଗ ପ୍ରଣାମ । କହିବ ସ୍ୱ ଅଭିପ୍ରାୟ ତାଙ୍କୁ ନିବେଦନ ॥
ଶ୍ରୁତି କହନ୍ତି ଏମନ୍ତ :—"ଶିଷ୍ୟ ସମିଦ୍ଧସ୍ତେ । ବେଦବିଦ୍ୟା ବ୍ରହ୍ମନିଷ୍ଠ ଗୁରୁଙ୍କ ଅଗ୍ରତେ ॥
ତତ୍ତ୍ୱଜ୍ଞାନ ଲଭ ପାଇଁ କରନ୍ତି ଗମନ । ଏରୂପେ କରିବ ତାଙ୍କଠାରେ ନିବେଦନ ॥ :—
ହେ ଭଗବାନ୍ ! ଗୁରେ ମୁହିଁ ତ୍ରିତାପ-ତାପିତ । ଏହାର ଉପାୟ ଦେବ କରନ୍ତୁ ଉଚିତ।୧୦।

ଗୁରୁରୁବାଚ ।

ହେ ବତ୍ସ ! ବ୍ରହ୍ମାତ୍ମୈକତ୍ୱ ଜ୍ଞାନ ହେଲେ ତବ । ସଂସାରର ତ୍ରୟ ତାପ ନିବୃତ୍ତ ଯେ ହେବ ।
ଏହା ବିନା ବ୍ରହ୍ମାଣ୍ଡରେ ଅନ୍ୟୋପାୟ ନାହିଁ । ସର୍ବ ଶ୍ରୁତିସନ୍ତି ଏହା କହୁଥାଇ ॥

ଚନ୍ଦନମିତି । ଅନେନ୍ୟାୟୁକ୍ତ୍ୟା ପ୍ରତିବୋଧଯୁତ । କଣ୍ଠସୂତ୍ରହୀନଂ ଚନ୍ଦନମିତି । ତଥା ଶ୍ରୁତ୍ୟାବଧାରିତସ୍ୟ ତତ୍ତ୍ୱଂ ବ୍ରହ୍ମମହାବାକ୍ୟାର୍ଥସ୍ୟ ତାତ୍ପର୍ଯ୍ୟଂ ଗୁରୁର୍ଯୁକ୍ତ୍ୟା ପ୍ରତିବୋଧ-ଯୁତ । ସଚ୍ଚିଦାନନ୍ଦସ୍ୱରୂପସ୍ତ୍ୱଂ ତଦା ସମ୍ଭବପୃଚ୍ଛ । ହେ ଭଗବନ୍! ସା ଶୋଧନ-ଯୁକ୍ତିଃ କଥମ୍ । ଇଥମ୍ । ଅରେ ଶିଷ୍ୟ ! ଇଦଂ ଶରୀରଂ ଦୃଶ୍ୟଂ ଜଡମନିତ୍ୟମମଙ୍ଗଳଂ ତ୍ୱଂ ନ ଭବସି । ହେ ଭଗବନ୍ ! ଦୃଶ୍ୟଂ ଜଡମନିତ୍ୟମମଙ୍ଗଳଂ କଥଂ । ୧୧ ।

ଶିଷ୍ୟ ଉବାଚ ।

ହେ ଗୁରୋ ! ବହୁତ ବାର କହନ୍ତୁ ମୋତେ । ସେ ବ୍ରହ୍ମାତ୍ମୈକତ୍ୱ ଜ୍ଞାନ ହୁଏ କି ପ୍ରକାରେ

ଗୁରୁରୁବାଚ ।

ଆଗେ ତ୍ୱଂ ପଦର ଶୁଦ୍ଧି କର ସମ୍ପାଦନ । ଅତି ଶୁଦ୍ଧ ହେବ କର ଜୀବତ୍ୱ ବର୍ଜ୍ଜନ ॥
ବ୍ରହ୍ମ ଜୀବର ଏକତ୍ୱ ଭାବ ଉପୁଜିବ । ଦେହାଦିରେ ଆତ୍ମଭାବ ତୁମ୍ଭ ନ ରହିବ ॥
ଯେପରି ଚନ୍ଦନ ବୃକ୍ଷ ପଲ୍ଲୀ ଗ୍ରାମେ ଥିଲେ । ଚନ୍ଦନ ବୋଲିଣ ଅଜ୍ଞେ ନ ଜାଣନ୍ତି ତଳେ ॥
କିନ୍ତୁ ଯଦି ଦିଏ କେହି ତାହାଙ୍କୁ ବୁଝାଇ । ଚନ୍ଦନର ଗୁଣାଗୁଣ ସେ ବୃକ୍ଷେ ଦେଖାଇ ॥
ତେବେ ସେହି ଅଜ୍ଞଙ୍କର ହୁଅଇ ଧାରଣା । ଚନ୍ଦନ ବୃକ୍ଷ ବୋଲିଣ ସେ ବୃକ୍ଷକୁ ଚିନା ॥
ସେପରି ଶ୍ରୁତିସିଦ୍ଧାନ୍ତ "ତତ୍ତ୍ୱଂ ବ୍ରହ୍ମଣି" ଏହି- । ମହାବାକ୍ୟାର୍ଥ ଯୁକ୍ତିରେ ଦେବେ ସେ ବୁଝାଇ ॥
ତୁମ୍ଭେ ଚିତ ସତ ତଥା ଆନନ୍ଦସ୍ୱରୂପ । ଶ୍ରୁତିର ଅବଧାରିତ ତତ୍ତ୍ୱଂ ବ୍ରହ୍ମରୂପ ॥

ଶିଷ୍ୟ ଉବାଚ ।

ହେ ଗୁରୋ, କହିଲେ ଯେଉଁ ଶୋଧନ ଯୁକତି । କିପ୍ରକାର ହେବ ତାହା କହନ୍ତୁ ମୋ ପ୍ରତି ।

ଗୁରୁରୁବାଚ ।

ଏ ଶରୀର ଦୃଶ୍ୟ ଜଡ ଅନିତ୍ୟ ଆକାର । ଅମଙ୍ଗଳ ତେଣୁ ତୁମ୍ଭେ ନୁହ ଏ ଶରୀର ॥

ଶିଷ୍ୟ ଉବାଚ ।

ହେ ଭଗବନ୍! ଏ ଶରୀର ଦୃଶ୍ୟ ଜଡାନିତ୍ୟ । ଅମଙ୍ଗଳ କିହିଁ ହେଲା କହନ୍ତୁ ବାସ୍ତବ ।୧୧।

---

† ତୁମ୍ଭେ ସେହି ବ୍ରହ୍ମ ।

ଇତ୍ଥଂ । ଏତଚ୍ଛରୀରୋତ୍ପତ୍ତେଃ ପ୍ରାଗେତଚ୍ଛରୀରଂ ତବ ନାସ୍ତି ! ଯତ ଇଦଂ ଶରୀରଂ ତ୍ୱଂ ନ ଭବସି । ଏତଚ୍ଛରୀରନାଶାଦୂର୍ଦ୍ଧ୍ୱଂ ଏତଚ୍ଛରୀରଂ ତବନାସ୍ତି ଯତ ଇଦଂ ଶରୀରଂ ତ୍ୱଂ ନ ଭବସି । ଅତୋ ଆଦ୍ୟନ୍ତେ ଚ ଯତ ଇଦଂ ଶରୀରଂ ତବ ନାସ୍ତି । ଇଦଂ ଶରୀରଂ ତ୍ୱଂ ନ ଭବସି । ୧୨ ।

ଅତୋ ବର୍ତ୍ତମାନତୋଽପି ଇଦଂ ଦୃଶ୍ୟଂ ଶରୀରଂ ତ୍ୱଂ ନ ଭବସି । କଞ୍ଚମମେଦମ୍ମିନ୍ ଶରୀରଂ ପ୍ରତୀୟତେ । ଅତସ୍ତ୍ୱତ୍ସକାଶାଦ୍ଭିନ୍ନଂ ତ୍ୱଂ ଦ୍ରଷ୍ଟା ଇଦଂ ତବ ଦୃଶ୍ୟଂ ଶରୀରଂ ତ୍ୱଂ ନ ଭବସି । ଯଥା ଦାହ୍ୟାତ୍ କାଷ୍ଠାଦ୍ବ୍ୟତିରିକ୍ତୋ ଦାହକଃ ପ୍ରକାଶକାଗ୍ନିଃ । ତଥା ଦୃଶ୍ୟାତ୍ ଦେହାତ୍ ଦ୍ରଷ୍ଟା ତ୍ୱଂ ବ୍ୟତିରିକ୍ତ ଇତି ସିଦ୍ଧମ୍ । ୧୩ ।

ଅନ୍ୟଚ୍ଚ । ସ୍ୱପ୍ନାନ୍ତେ ଦିବ୍ୟଶରୀରଂ ଲବ୍ଧ୍ୱା ସ୍ୱର୍ଗାଦ୍ ତତ୍ରତ୍ୟାନ୍ ଭୋଗାନ୍ଭୁଞ୍ଜାନ୍ ଏବଂ ପ୍ରବୃତ୍ତେ ମନୁଷ୍ୟଶରୀରମାତ୍ମାନଂ ପଶ୍ୟନ୍ନାହ, ଦେବୋ ମନୁଷ୍ୟୋ ଯୋ ବେତ୍ତି ଦେବଶରୀରେ ବାଧ୍ୟମାନେଽପି ଅହମିତ୍ୟିଦଂ ବାଧମାନଂ ଅତସ୍ତ୍ୱଂ ଶରୀରଭିନ୍ନ ଏବ ସ୍ୱପ୍ନ-ମରଣାଦୌ ଦର୍ଶନାତ୍ । ଅପି ଚ ଯୋଽହଂ କୌମାରେ ନାନା କ୍ରୀଡ଼ାମନୁଭବନ୍ ସୋଽହଂ

ଗୁରୁରୁବାଚ

ଶରୀର ଉତ୍ପତ୍ତି ପୂର୍ବେ ନ ଥିଲା ଶରୀର । କିନ୍ତୁ ତୁମ୍ଭେ [୧] ତେବେ ସୁଦ୍ଧା ଥିଲତ ଆବର ॥
ଶରୀର ବିନାଶ ଅନ୍ତେ ଏ ଶରୀର ତବ । ବିବେଚନା କର ଦେଖ, କେବେ ନ ରହିବ ॥
ଦେହର ଉତ୍ପତ୍ତି ପୂର୍ବେ ଆଉ ନାଶ ଅନ୍ତେ । ଥିଲ ନାହିଁ; ଥିବ ନାହିଁ ଏ ଶରୀର ସତେ ॥
ଏଣୁ ଏ ଶରୀର ତୁମ୍ଭେ ନୁହଁ କଦାଚନ । ବ୍ୟତିରେକୀ[୨] ଯୁକ୍ତିଦ୍ୱାରା କର ବିଗ୍ରହଣ ॥ ୧୨ ॥
ଦେହୋତ୍ପତ୍ତି ପୂର୍ବେ ତଥା ଦେହ ନାଶପରେ । ଏ ଦେହ ନ ରହେ ତୁମ୍ଭ ତେଣୁ ଏ କାଳରେ
ତୁମ୍ଭେ ଏହି ଦୃଶ୍ୟ ଦେହ ନୁହ କଦାଚନ । ବିଶେଷେ ମୋ ଦେହ ବୋଲି ହୁଏ ଭେଦ ଜ୍ଞାନ ॥
ତେଣୁ ତୁମ୍ଭଠାରୁ ଭିନ୍ନ ଏ ଦେହ ଅଟଇ । ତୁମ୍ଭେ ଦ୍ରଷ୍ଟା, ଦେହଦୃଶ୍ୟ, ତେଣୁ ମୁଁ କହଇ ॥
ଦାହ୍ୟ କାଷ୍ଠ ଠାରୁ ଯେସନେ ଦାହକ ଅନଳ । ଭିନ୍ନ ଅଟେ, ତଥା ତୁମ୍ଭେ ଦ୍ରଷ୍ଟା ଟି କେବଳ ॥
ଦୃଶ୍ୟ ଦେହଠାରୁ ଭିନ୍ନ ଅଟ;–ଏ ସିଦ୍ଧାନ୍ତ । ତୁମ୍ଭେ ଏ ଶରୀର ନୁହ; ଏମୁକ୍ତ ଅଭ୍ରାନ୍ତ ॥
ମନୁଷ୍ୟ ସ୍ୱପ୍ନରେ ଦିବ୍ୟ ଶରୀର ଧାରଣ । ଦେବତା ଭୋଗ୍ୟ ବିଷୟ ସମସ୍ତ ଭୋଗିଣ ।
ସ୍ୱପ୍ନ ଭଙ୍ଗଗଲେ ଦେଖେ ମନୁଷ୍ୟ ଶରୀର । ମନେକରେ ବାଧା ହୋଇ ନାହିଁ ତ ମୋହର ॥—
ନିଜଭିତ୍ର; ବାଧାହେଲେ ମଧ୍ୟ ଦିବ୍ୟ ଦେହେ । ସ୍ୱପ୍ନେ ମୃତ୍ୟୁରେ ଆତ୍ମାର ବାଧା କିଛି ନୁହେ ॥

୧-ଆତ୍ମା । ୨ ପ୍ରଭେଦକ, ଅଭାବ ବିଶିଷ୍ଟ ।

ସ୍ଥବିରେଣ ଅନୁବୃତ୍ତିଃ ସ୍ଥିତ ଏବଂ ବଦତି । ତଥା ସ୍ଥବିରକୌମାରଶରୀରଦ୍ରଷ୍ଟୃ ତସ୍ୟ ବ୍ୟବହାରଦ୍ରଷ୍ଟା ଇଦଂ ଶରୀରଂ ତ୍ୱଂ ନ ଭବସି, ଦ୍ରଷ୍ଟା ଦୃଶ୍ୟାଦନ୍ୟ ଇତି ପ୍ରସିଦ୍ଧୋ ନ୍ୟାୟୋ ଲୋକେ ଦୃଶ୍ୟତେ ଘଟାଦିବତ୍ । ଯଥା ଘଟାଦୟୋ ରୂପାଦିମନ୍ତଶ୍ଚକ୍ଷୁରାଦିଭିଃ କରଣୈରୁପଲଭ୍ୟନ୍ତେ; ତଥା ଦେହୋରୂପାଦିମାନ୍ ଚକ୍ଷୁରାଦିଭିଃ କରଣୈରୁପଲଭ୍ୟତେ । ଅତ ଇଦଂ ଶରୀରଂ ତବ ଦୃଶ୍ୟଂ ତ୍ୱଂ ଦ୍ରଷ୍ଟା ଇତି ସିଦ୍ଧମ୍ । ୧୪ ।

ଅପି ଚ ଜଡତ୍ୱଂ ପ୍ରଦର୍ଶୟତି । ପଞ୍ଚୀକୃତ ପଞ୍ଚମହାଭୂତାନି ତ୍ୱମେବ ଜାନାସି । ତାନି ସ୍ୱାତ୍ମାନଂ ନ ଜାନନ୍ତି, ପରସ୍ପରମପି ନ ଜାନନ୍ତି ଅତ୍ୟନ୍ତ ଜଡାନି ତାନି ତ୍ୱଂ ନ ଭବସି । ଇଦଂ ଶୋଣିତମିଦଂ ଶରୀରଂ ଅପି ତ୍ୱଂ ନ ଭବସି । ୧୫ ।

ସ୍ୱାମିନ୍ ! ଇଦଂ ଶୋଣିତମିଦଂ ଶରୀରଂ କଥମ୍, ଇତ୍ଥଂ, ଯତ୍ କାଠିନ୍ୟଂ ସା ପୃଥିବୀ, ଯଦ୍‌ଦ୍ରବଂ ତଦାପଃ, ଯତ୍ ଉଷ୍ଣଂ ତତ୍ତେଜଃ, ଯଃ ସଞ୍ଚରତି ସ ବାୟୁଃ, ଯତ୍ ସୁଷିରଂ ତଦାକାଶମିତି । ଯତ୍ସ୍ଥାନି ସର୍ବାଣି ଭୂତାନି ଅସ୍ମିନ୍ ଶରୀରେ ଦୃଶ୍ୟନ୍ତେ । ତାନି ସୂକ୍ଷ୍ମାଣି ଅସ୍ଥି-ମାଂସ ପ୍ରଭୃତୀନି ପଞ୍ଚବିଂଶତି ଗୁଣାନି ପଞ୍ଚମହାଭୂତାନି ତେଷାଂ ସମୂହା । ଏବ ଇଦଂ ଶରୀରଂ ଜଡଂ ତ୍ୱଂ ନ ଭବସି । ୧୬ ।

ପରିବର୍ତ୍ତିତ ହୁଅଇ ଦେହର କେବଳ । ଦେହଠାରୁ ଭିନ୍ନ ତୁମ୍ଭେ ଏ ସିଦ୍ଧାନ୍ତ ଫଳ ॥
କୁମାର ବୟସେ ଦେଖ ଏହୁ ଅଆତ୍ମା ଶିବ । କରୁଛୁ ନାନା ପ୍ରକାର କ୍ରୀଡ଼ା ଅନୁଭବ ॥
ସେହି ଆତ୍ମାହିଁ ସ୍ଥବିର ଅବସ୍ଥାରେ ଅଜ । ଅପରିବର୍ତ୍ତିତ ରୂପେ ବହିଛୁ ସହଜ ।
କୌମାର ସ୍ଥବିର ଏହି ଦେହ ଅବସ୍ଥାର-। ବ୍ୟବହାର-ଦ୍ରଷ୍ଟା ତୁମ୍ଭେ ଶରୀର ଦ୍ୱୟର ॥
ଦୃଶ୍ୟ ପଦାର୍ଥରୁ ଦ୍ରଷ୍ଟା ପୃଥକ ଅଟଇ । ଲୋକରେ ଏକଥା ମଧ୍ୟ ପ୍ରସିଦ୍ଧ ଅଛଇ ॥
ଶରୀର ତୁମ୍ଭର ଦୃଶ୍ୟ ତୁମ୍ଭେ ଦ୍ରଷ୍ଟାତାର । ଏ ସିଦ୍ଧାନ୍ତ କ ॥ ବତ୍ସ ! ମନେ ସ୍ଥିରକର ।୧୪।
ପଞ୍ଚମହାଭୂତେ ଜାଣ ତୁମ୍ଭେ ଅନୁମାନ । କିନ୍ତୁ ସେମାନେ ଆତ୍ମାକୁ ନ ଜାଣନ୍ତି ଲବ ॥
ପରସ୍ପରକୁ ଆଦର ଜାଣି ନପାରନ୍ତି । ଯେହେତୁ ସେମାନେ ଜଡ଼ ସ୍ୱଭାବ ଅଟନ୍ତି ॥
ତୁମ୍ଭେ ହୋଇ ପାରନାହିଁ ପଞ୍ଚମହାଭୂତ । ଏ ଦେହ ପଞ୍ଚଭୂତ ଅଂଶରୁ ଉଦ୍ଭୂତ ॥
ଏହି ଏ ସିଦ୍ଧାନ୍ତ କଥା ହେ ଶିଷ୍ୟ ପ୍ରବର । ଦେହସ୍ୱରୂପ ନୁହ ତୁମ୍ଭେ ଏହା ହେତୁ କର ॥

ଶିଷ୍ୟଉବାଚ ।

ହେ ଗୁରୋ, ଏ କଥା ମୋତେ ଲାଗିଲା ସନ୍ଦେହ । ପଞ୍ଚଭୂତ ଅଂଶୁ ଜାତ କିରୂପେ ଏ ଦେହ ?

ଗୁରୁରୁବାଚ ।

ଯେ କଠିନ ଦ୍ରବ୍ୟ ଅଛୁ ପ୍ରାଣୀଙ୍କ ଦେହରେ । ପୃଥିବୀର ଅଂଶ ତାହା; ଜଳ ସେ ରୂପରେ ॥
ଏ ଦେହର ଦ୍ରବ୍ୟ ଅଂଶ; ତେଜ ଉଷ୍ଣ ଭାବ । ଦେହେ ଯେ କରେ ସଞ୍ଚାର ସେବସ୍ତୁ ବାୟବ ॥
ଦେହେ ପୁଣି ଅଛୁ ଯେଉଁ ଶୂନ୍ୟ ସ୍ଥାନ ମାନ । ଆକାଶର ଅଂଶ ତାହା ଅଟେ ଶିଷ୍ୟ ଜାଣ ॥
ଲକ୍ଷଣ ଗୁଣ ଧରନ୍ତି ପଞ୍ଚମହାଭୂତ । ସୂକ୍ଷ୍ମରୂପେ ଅସ୍ଥିମାଂସ ହୋଇଛୁ ସମ୍ଭୂତ ॥
ପଞ୍ଚଭୂତର ସମଷ୍ଟି ଦେହ ଅଟେ ଯେଣୁ । ହୋଇପାରନାହିଁ କେବେ ଦେହ ତୁମ୍ଭେ ତେଣୁ ॥

ହେ ଭଗବନ୍ ! ସ୍ଥୂଳ ଶରୀରେ ପଞ୍ଚମହାଭୂତାନି ପଞ୍ଚୀକରଣାନି ଦୃଶ୍ୟନ୍ତେ, ପଞ୍ଚ-ଦୃଶ୍ୟନ୍ତେ; ତାନିକାନି ପଞ୍ଚବିଂଶତିଗୁଣାନି ଉଚ୍ୟନ୍ତେ । ଅସ୍ଥିମାଂସ ନଖନାଡ୍ୟସ୍ତ୍ୱକ୍ ରୋମାଣି ପୃଥ୍ୱୀ ପଞ୍ଚଧା ଭବତି । "ରେତଃ ପିତ୍ତଂ ତଥା ସ୍ୱେଦୋ ଲାଳାରକ୍ତଂ ତଥୈବ ଚ ।" ଏବଂ ଆପଃ ପଞ୍ଚବିଧା ଭବନ୍ତି । କ୍ଷୁଧା ତୃଷ୍ଣା ନିଦ୍ରା କାନ୍ତିରାଳସ୍ୟଂ । ଏବଂ ତେଜଃ ପଞ୍ଚଧା ଭବତି । ଧାରଣଂ ପ୍ରସାରଣଂ ଉତ୍କ୍ରମଣଂ ଚଳନଂ ସଙ୍କୋଚନ ଏବଂ ବାୟୁଃ ପଞ୍ଚଧା ଭବତି । କଟି-ଉଦର ହୃଦୟ କଣ୍ଠଶିରଃ, ଏବମାକାଶଂ ପଞ୍ଚବିଧଂ ଭବତି । ଭୟଂ ପୃଥିବୀ, ମୋହ ଉଦକଂ, କ୍ରୋଧୋଽଗ୍ନିଃ କାମୋବାୟୁଃ, ଲୋଭ ଆକାଶମିତି । ୧୬ ।

ମହାନ୍ତରେ ! ହେ ଭଗବାନ୍ ! ଏକୈକଭୂତଂ ପଞ୍ଚଧା କଥିତ ଚେତ୍ ଉଚ୍ୟତେ; ପରସ୍ପରାନୁପ୍ରବେଶାତ୍ ପଞ୍ଚୀକରଣମ୍ ! ହେ ଭଗବନ୍ ! କସ୍ୟଭୂତସ୍ୟ କୋ ବା ଅଂଶଃ କସ୍ମିନ୍ ଭୂତେ ପ୍ରବିଷ୍ଟଃ ନାସ୍ତିତଃ । ଉଚ୍ୟତେ ଅସ୍ଥିମୁଖ୍ୟା ପୃଥିବୀ ବର୍ତ୍ତୁରବଲାତ୍ କଠିନଂ ପୀତବର୍ଣ୍ଣଂ । ମାଂସମୁଦକଂ ସଦ୍ରବତ୍ୱାତ୍ । ସ୍ନାୟୁସ୍ତେଜଃ ଜଡ଼ସ୍ୟ ପରିପଣତ୍ୱାତ୍ । ତ୍ୱକ୍ ବାୟୁଃ ସ୍ପର୍ଶ ଧର୍ମ୍ମତ୍ୱାତ୍ । ରୋମ ଆକାଶଂ, ଛେଦନେ ଦୁଃଖାଭାବାତ୍; ରେତୋ ମୁଖ୍ୟମୁଦକଂ, ଗର୍ଭେ ପୃଥ୍ୱୀ ଶୁକ୍ଳବର୍ଣ୍ଣଂ । ପିତ୍ତଂ ତେଜ ଉଷ୍ଣାଙ୍ଗତ୍ୱାତ୍, ସ୍ୱେଦୋ ବାୟୁଃ

ଶିଷ୍ୟ ଉବାଚ ।

ସ୍ଥୂଳଦେହେ ପଞ୍ଚୀକୃତ ପଞ୍ଚମହାଭୂତ । କେ କେଉଁ ପାଞ୍ଚ ପ୍ରକାରେ କରେ ଅବସ୍ଥିତ ?

ଗୁରୁରୁବାଚ ।

ଅସ୍ଥି ମାଂସ ସ୍ନାୟୁ ଚର୍ମ୍ମ ରୋମ ରୂପେ ଜାଣ । ପ୍ରାଣୀର ଶରୀରେ ପୃଥ୍ୱୀ କରେ ଅବସ୍ଥାନ ॥
ଶୁକ୍ରପିତ୍ତ ଘର୍ମ୍ମ ଲାଳା ରକତ ରୂପରେ । ଏହି ଶରୀରରେ ଜଳ ଅବସ୍ଥିତ କରେ ॥
କ୍ଷୁଧା ତୃଷା ନିଦ୍ରା କ୍ଳାନ୍ତି ଆଳସ୍ୟ ରୂପରେ । ହୋଇଅଛି ଅବସ୍ଥିତ ତେଜ ଏ ଦେହରେ ॥
ଧାରଣ ସଂପ୍ରସାରଣ ପୁଣି ଊର୍ଦ୍ଧ୍ୱଗତି । ଚଳନ ସଙ୍କୋଚରୂପେ ବାୟୁର ବସତି ॥
କଟି ଉଦର ହୃଦୟ କଣ୍ଠ ତଥା ଶିର । ଏ ପଞ୍ଚସ୍ଥାନେ ଆକାଶ ରହିଛି ହେ ଧୀର ॥
ଭୟ ପୃଥିବୀର ଗୁଣ, ମୋହ ସଲିଳର । କ୍ରୋଧ, ଅଗ୍ନି, କାମବାୟୁ, ଲୋଭ ଆକାଶର ।୧୬।

ଶିଷ୍ୟଉବାଚ ।

ପ୍ରତ୍ୟେକ ଭୂତ କି ରୂପେ ହୁଏ ପଞ୍ଚୀକୃତ[୧] । ବିସ୍ତାରି କହନ୍ତୁ ଶୁଣି ହେବି ଉପକୃତ ॥

ଗୁରୁରୁବାଚ ।

ପ୍ରତ୍ୟେକ ଭୂତ ଅପର ଚାରିଭୂତଙ୍କରେ । ପଞ୍ଚୀକରଣ ଅଟଇ ଅନୁପ୍ରବେଶରେ[୨] ॥
ପ୍ରତ୍ୟେକ ଭୂତହିଁ ତେଣୁ ଅଟେ ପଞ୍ଚାତ୍ମକ । ପଞ୍ଚବିଂଶ ଗୁଣ ତାହା କର ହେ ବିବେକ ॥

୧ ପାଞ୍ଚଟି ମିଶି ଏକାଠି ହେବା । ୨ ସଙ୍ଗେ ମିଶିବା ।

ଶ୍ରମ ପ୍ରସଙ୍ଗିତ୍ୱାତ୍; ନାସାକାଶଂ ଊର୍ଦ୍ଧ୍ୱାଦାଗମତ୍ୱାତ୍ । ରକ୍ତଂ ପୃଥିବୀ ଲୋହିତତ୍ୱାତ୍; କ୍ଷୁଧା ମୁଖ୍ୟାଗ୍ନିଃ ପଚନସମର୍ଥତ୍ୱାତ୍ ପ୍ରସନ୍ନତ୍ୱାତ୍; ତୃଷ୍ଣା ବାୟୁଃ ଓଷ୍ଠୌଷ୍ଠ ଶୋଷକତ୍ୱାତ୍; ନିଦ୍ରା ଆକାଶଂ ଶୂନ୍ୟ ସ୍ୱଭାବତ୍ୱାତ୍; କାନ୍ତିରୁଦକଂ ଶୀତସ୍ପର୍ଶବତ୍ୱାତ୍ କୃଷ୍ଣଲୋହିତତ୍ୱଂ ଭବତି । ଆଳସ୍ୟଂ ପୃଥିବୀ ଜାଡ୍ୟତ୍ୱାତ୍, ଧାବନଂ ମୁଖ୍ୟୋ ବାୟୁଃ ସବଳତ୍ୱାତ୍; ପ୍ରସାରଣମାକାଶଂ ବ୍ୟାପକତ୍ୱାତ୍ । ଉତ୍କ୍ରମଣଂ ତେଜଃ ଉତ୍କୃଷ୍ଟବ୍ୟାପାରତ୍ୱାତ୍; ଚଳନମୁଦକଂ ଶିଥିଳତ୍ୱାତ୍, ଦ୍ରବଞ୍ଚ ସଙ୍କୋଚନଂ ପୃଥିବୀ ଜାଡ୍ୟତ୍ୱାତ୍; ଶିରସି ଅବକାଶଂ

ଶିଷ୍ୟଉବାଚ ।

କେବଣ ଭୂତର କେଉଁ ଅଂଶ କେଉଁ ଭୂତେ । ପ୍ରବେଶ କରଇ ପୁଣି ରହେ କେଉଁ ମତେ ? ।

ଗୁରୁରୁବାଚ ।

ପୃଥିବୀର ମୁଖ୍ୟ ଅଂଶ ଅସ୍ଥି ରୂପେ ସ୍ଥିତ । ସ୍ୱଭାବେ କଠିନ ପୁଣି ବର୍ଣ୍ଣ ତାର ପୀତ [1] ।
ତ୍ୱକତ ମାଂସ ସ୍ୱରୂପେ ଜଳ ଅବସ୍ଥିତ । ଜଡ଼-ପଞ୍ଚାଂଶକ-ତେଜ ସ୍ନାୟୁ [2] ରୂପେ ସ୍ଥିତ ॥
ସ୍ପର୍ଶଧର୍ମ [3]-ବାୟୁ ଚର୍ମ ରୂପେ ଅଛି ରହି । ରହିଛି ଅକାଶ ଦେହେ ରୋମ ରୂପ ବହି ॥
ଶୂନ୍ୟର ଅଂଶ ବୋଲି ସେ ରୋମର ଛେଦନେ । ଦୁଃଖ ଅନୁଭବ କିଛି ନ ହୁଏ ଜୀବନେ ॥
ପୁଣି କେହି କହି ଥାନ୍ତି ଜଳ ଅଟେ ରେତଃ । ଗର୍ଭେ ପ୍ରଉ ପୂର୍ବେ ତାର ବର୍ଣ୍ଣ ଥାଏ ଶ୍ୱେତ ॥
ପିତ୍ତର ଧର୍ମ ଅଟଇ ଉଷ୍ଣତା ଅବର । ତେଜର ଅଂଶ ତେଣୁ ତା ମନେ ହେତୁ କର ॥
ଶ୍ରମରୁ ଉପୁଜେ ସ୍ୱେଦ, ଏହା ବାୟୁ ଅଂଶ । ଶରୀର ମଧ୍ୟେ ନାସିକା ଅଟଇ ଆକାଶ ॥
ପୁଣି କେହି କହି ଥାନ୍ତି ଲଲବର୍ଣ୍ଣ ରକ୍ତ । ତେଣୁ ତାହା ଅଟେ ଜାଣ ପୃଥ୍ୱୀ-ଅଂଶ-ଗତ ॥
ପାକ କରିବାକୁ କ୍ଷମ କ୍ଷୁଧା ଅଟେ ଯେଣୁ । ଅଗ୍ନିର ତା ମୁଖ୍ୟ ଅଂଶ ଏ ଶରୀରେ ତେଣୁ ॥
କଣ୍ଠ-ଓଷ୍ଠକୁ ଶୁଖାଇ ଦିଏ ତୃଷ୍ଣା ପୁଣି । ତେଣୁ ତାହା ବାୟୁ ଅଂଶ ବାୟୁର ସେ ଗୁଣ ॥
ଶୂନ୍ୟ ସ୍ୱଭାବ ନିଦ୍ରାର ଆକାଶ ଅଟେ ସେ । କାନ୍ତି, ଜଳ ଶୀତ ଉଷ୍ଣ ସମ୍ବନ୍ଧର ବଶେ ॥
କୃଷ୍ଣ ଲୋହିତ ବରଣ ଅଟଇ କାନ୍ତିର । ପୁଣି ଶୁଣ କେହି କେହି କହନ୍ତି ଯା' ଧୀର !
ଜଡ଼ତ୍ୱ ହେତୁ ଆଳସ୍ୟ ପୃଥିବୀ ଅଟଇ । ସରଳତା ହେତୁ ବାୟୁ ଶରୀରେ ବସଇ ॥
ବ୍ୟାପକତା ବୋଲି ଦେହେ ଆକାଶର ଗୁଣ । ଉତ୍କୃଷ୍ଟ ବ୍ୟାପାରବନ୍ତ ତେଜଉତ୍କ୍ରମଣ ॥
ଶିଥିଳ ଧରମ ହେତୁ ଚଳନହିଁ ଜଳ । ଶୁଣ ଅନ୍ୟମତ ମତି କରଣ ନିଶ୍ଚଳ ॥

---

୧ ହଳଦିବର୍ଣ୍ଣ ।
୨ ନାଡ଼ୀ-ଶିରା ପ୍ରଭୃତି ୩ । ସ୍ପର୍ଶ ।

ମୁଖାକାଶ ଅନାହତଶବ୍ଦସ୍ଥାନତ୍ୱାତ୍; କଣ୍ଠସ୍ୟାବକାଶଂ ବାୟୁଃ ମୁଖନାସିକୟୋଃ ସଞ୍ଚରଣତ୍ୱାତ୍; ହୃଦଅବକାଶସ୍ୟାଗ୍ନିଃ ସର୍ବଦା ଉଷ୍ଣସ୍ଥିତଃ । ଉଦରସ୍ୟାବକାଶଂ ଜଲଂ ଜଲାଶୟତ୍ୱାତ୍ କଟି-ଅବକାଶଂ ପୃଥିବୀ ଗନ୍ଧ ସ୍ଥାନତ୍ୱାତ; ଏବଂ ସମୁଦାୟତ୍ୱଂ ଜଡ଼ଂତ୍ୱଂ ନ ଭବସି । ୧୮ ।

ହେ ଭଗବନ୍! ସୁଖଦୁଃଖ ଜାନନ୍ କଥଂ ଶରୀରଂ ଜଡ଼ମ୍ । ଏତତ୍ ଶୃଣୁ । ଦେହୋ ନ ଜାନାତି ସୁଖ ଦୁଃଖୌ ଯତୋ ଭୌତିକେ ଦୃଶ୍ୟୋ ଜଡ଼ଶ୍ଚ । ଭୂତାନି କଦାଚିଦପି ନ ଜାନନ୍ତି । ପଞ୍ଚୀକୃତାନି ପଞ୍ଚବିଂଶତ୍ୟଂଶାନି ତଦଂଶା ଅପି ନ ଜାନନ୍ତି ଅତସ୍ତଦଂଶସଂଜାତୋ ଦେହଃ କଥଂ ଜାନୀୟାତ୍ । ଅପି ଚ ଦେହଃ ସନ୍ନପି ଉତ୍ଥିତଂ ପତିତଂ ବା ନ ଜାନାତି । ସୁଷୁପ୍ତୌ ଚୌରେ ଗୃହଂ ପ୍ରବିଶ୍ୟାପହୃତାଂ ଆଭରଣାନି ଯାନ୍ତି ଇତି ନ ଜାନାତି । ଅତୋଽଚେତନଜଡ଼ ଘଟୋ ଯଥା ଦୃଶ୍ୟୋ ଜଡ଼ଶ୍ଚେତି ତଥା ଦେହ ଇତି । ୧୯ ।

ସଙ୍କୋଚନହିଁ ପୃଥିବୀ ଜଡ଼ତ୍ୱ ଧର୍ମର । ଶିରସ୍ଥ ଅବକାଶହିଁ ମୁଖ୍ୟ ଆକାଶର ॥
ଅନାହତ ଶବଦର ସ୍ଥାନ ତାହା ତେଣୁ । ମୁଖନାସିକାରେ ବାୟୁ ସଞ୍ଚରଇ ଯେଣୁ ॥
କଣ୍ଠର ଅବକାଶହିଁ ଅଟଇ ପବନ । ହୃଦୟର ଅବକାଶ ଅଟଇ ଦହନ ॥
ତେଣୁ ହୃଦୟ ସର୍ବଦା ଉଷ୍ମ ଥାଏ ରହି । ଉଦର-ଅବକାଶକୁ ଜଳାଶୟ କହି ॥
ଉଦର ଜଳର ଅଂଶ ଶୁଣ ଆନ ମତ । କଟିର ଅବକାଶହିଁ ପୃଥିବୀ ଉକତ ॥
ପୃଥିବୀର ଗନ୍ଧ ହେତୁ କଟି ଗନ୍ଧ ସ୍ଥାନ । ପଞ୍ଚଭୂତ ଜଡ଼ ଦେହ ତୁମ୍ଭେ ନୁହ ଜାଣ । ୧୮ ।

ଶିଷ୍ୟଉବାଚ ।

ସୁଖ ଦୁଃଖ ଅନୁଭବ ଶରୀର କରଇ । ଏପରି ହେଲେ ସେ ଜଡ଼ କି ରୂପେ ଅଟଇ ? ॥

ଗୁରୁରୁବାଚ ।

ଏ ଦେହ ଭୌତିକ ଦୃଶ୍ୟ ଜଡ଼ ଅଟେ ଯେଣୁ । କରି ନ ପାରଇ ସୁଖ ଦୁଃଖ ବୋଧ ତେଣୁ ॥
ପଞ୍ଚୀକୃତ ପଞ୍ଚଭୂତ ତାର ଅଂଶମାନ । କରି ନ ପାରନ୍ତି କେବେ ସୁଖ ଦୁଃଖ ଜ୍ଞାନ ॥
ପଞ୍ଚଭୂତ-ଅଂଶଜାତ ଏ ଦେହ କିପରି । ପାରିବ ସୁଖଦୁଃଖାଦି ଅନୁଭବ କରି ? ॥
ଏ ଶରୀର ବର୍ତ୍ତମାନ ଥିଲେ ମଧ୍ୟ ଜାଣ । ଜାଣି ନ ପାରଇ ନିଜ ପତନ ଉତ୍ଥାନ ॥
ସୁଷୁପ୍ତି କାଳରେ ଦେହ ଥାଏ ବିଦ୍ୟମାନ । ଘରେ ପଶି ଚୋର ନେଲେ ଅଙ୍ଗୁ ଆଭରଣ ॥
ଜାଣି ନ ପାରଇ ତାହା ଏ ଦେହ ଅଜ୍ଞର । ଘଟ ପରି ଜଡ଼ ଦୃଶ୍ୟ ଶରୀର ମାତର । ୧୯ ।

ନନୁ ଘଟୋ ଜାତସ୍ତ ତଥୈବ ତିଷ୍ଠତି ଦେହସ୍ତୁ ବର୍ଦ୍ଧତେ ଅତୋ ଘଟବଦ୍ଦେହୋ ବକ୍ତୁଂ ନ ଶକ୍ୟତେ ଇତି ପୃଷ୍ଟେ ଗୁରୁରୁପଦିଶତି :—

ବର୍ଦ୍ଧମାନ ଇତି ଦେହଃ କିଂ ଚୈତନ୍ୟଂ ଭବତି । ବୃଦ୍ଧିତ୍ୱମପି ଚୈତନ୍ୟଂ ନାସ୍ତ୍ୟେବ ତ୍ୱୟା ଭୂଷ ଦୃଷ୍ଟଃ କେନୋକ୍ତମ୍ । ଅତୋ ଦୃଷ୍ଟାନ୍ତାତ୍ ପରିହରତି ଯଥା ତୃଣ ଗୋମୟୃଞ୍ଜ ଯତ୍ର ନିକ୍ଷିପ୍ୟତେ ସ ରାଶିଃ କିଂ ଚୈତନ୍ୟଂ ଭବତି; କିଂ ବା ଘଟୀଯନ୍ତ୍ରକୂପେ ଉତ୍କ୍ଷିପ୍ୟମାଣମୃଦ ବର୍ଦ୍ଧମାନତାରେ କିଂ ଚୈତନ୍ୟଂ ଭବତି । କୂପାଦନନ୍ତ୍ରମୋ ମୃତ୍ତୁପୁଞ୍ଜ ନିକ୍ଷିପ୍ୟମାଣ ମୃଦ୍ଵର୍ଦ୍ଧମାନ ବେଦିକା କିଂ ଚୈତନ୍ୟଂ ଭବତି । ଏବଂ ଘଟଦେଦନମନୁରୂପେଣ ସମର୍ପ୍ୟମାଣୋ ଦେହରୂପୋ ମୃତ୍ ସଞ୍ଚୟଃ ସମ୍ୟଗ୍ ବର୍ଦ୍ଧମାନୋଽପ୍ୟତ୍ୟନ୍ତ ଜଡ଼ଏବ । ଅତସ୍ତ୍ୱଂ ଜଡ଼ୋ ନ ଭବସି ଦେହଃ, ଚୈତନ୍ୟ ଏବ । ୨୦ ।

ଅନାତ୍ମତ୍ୱଂ ପ୍ରଦର୍ଶୟତି । ଆକାଶମବକାଶଂ ଦଦାତୁମର୍ହତି । ପବନୋ ଧାବିତୁ-ମେବ ଯତତେ ଅଗ୍ନିର୍ଜ୍ୱଳିତୁମେବ ଦହତେ । ଉଦକଂ ଦ୍ରବିତୁଂ ଜଗମିଷତି । ପୃଥିବୀ ବିଦୀର୍ଣ୍ଣା ଭବିତୁମିଚ୍ଛତି, ଏବଂ ସର୍ବାଣି ଭୂତାନି ସ୍ୱସ୍ୱମାର୍ଗମନୁଗନ୍ତୁମିଚ୍ଛନ୍ତି । ଅତଃ ଶରୀର-ସ୍ୟାନିତ୍ୟତା ତବ ନାସ୍ତି । ୨୧ ।

ଶିଷ୍ୟଉବାଚ ।

ଘଟ ଜନ୍ମି ଶରକାଳ ସେ ଦଶାରେ ଥାଏ । ଶରୀର ତ ଦିନୁଦିନୁ ବର୍ଦ୍ଧମାନ ହୁଏ ॥
ତେବେ ଘଟସହ ଦେହ ତୁଳିଲେ କିମନ୍ତ ? । ଏ ସନ୍ଦେହ ଫେଡ଼ ମୋର ଅନୁକମ୍ପା କରି ॥

ଗୁରୁରୁବାଚ ।

ଦେହ ବୃଦ୍ଧି ପ୍ରାପ୍ତ ହୁଏ କିନ୍ତୁ ଚୈତନ୍ୟ । କେବେହେଁ ଦେହ ସହିତ ନୁହେ ବର୍ଦ୍ଧମାନ ॥
ଯେରୂପେ ତୃଣ ଗୋମୟ ଯେ ସ୍ଥାନେ ପଡ଼ଇ । ସେଠାରେ ତାହାର ଗଦା କେବଳ ବଢ଼ଇ ॥
କିନ୍ତୁ ସେ ଗଦାରେ କେବେ ହୁଏ କି ଚୈତନ୍ୟ ? । ଏଥିକି ଶୁଣ ଦୃଷ୍ଟାନ୍ତ ଦେଉଛୁଁ ଅନ୍ୟ
ଯେସନେ ଘଟୀଯନ୍ତ୍ର କୂପେ ମୃତ୍ତିକା ଫେଲିଲେ । ମୃତ୍ତିକାର ଗଦାସିନା ବଢ଼େ ତଳେ ତଳେ ॥
କିନ୍ତୁ କୂପର କି ତହିଁ ଚୈତନ୍ୟ ଜନ୍ମଇ ? । ତଥା ମାଟିଗଦାସମ ଶରୀର ବଢ଼ଇ ॥
କିନ୍ତୁ ଚୈତନ୍ୟ କଦାଚ ନୁହେ ବର୍ଦ୍ଧମାନ । ତୁମ୍ଭେ ନୁହ ଜଡ଼, ଅଟ ଚୈତନ୍ୟ ନିଦାନ ॥
ଏ ଦେହସ୍ଥ ପଞ୍ଚଭୂତ ମଧ୍ୟରୁ ଆକାଶ । ଲମ୍ଭିବାକୁ ଚେଷ୍ଟାକରେ ନିତ ଅବକାଶ ॥
ଗମନ କରିବା ପାଇଁ ବାୟୁ ଇଚ୍ଛା କରେ । ଜ୍ୱଳିବାକୁ କରେ ଚେଷ୍ଟା ଅଗ୍ନି ନିରନ୍ତରେ ॥
ଜଳ ଦ୍ରବ ହେବା ଲାଗି ଧାବିତ ହୁଅଇ । ବିଦୀର୍ଣ୍ଣ ହେବାକୁ ଚେଷ୍ଟା ପୃଥିବୀ କରଇ ॥
ଏହିରୂପେ ପଞ୍ଚଭୂତେ ନିଜ ନିଜ ପଥ । ଅନୁସରଣରେ ସଦା ହୋଇଥାନ୍ତି ରତ ॥
ଏଣୁ ଏହି ପଞ୍ଚଭୂତ ପ୍ରସୂତ ଶରୀର । ଅନିତ୍ୟ ଅଟଇ ଜାଣ ଆହେ ଶିଷ୍ୟ ଧୀର ! ।୨୧ ।

ଅମଙ୍ଗଳତ୍ୱଂ ପ୍ରଦର୍ଶୟନ୍ତି । ଜନ୍ମକାଲେ ମଳଦୂଷ୍ୟମାନୋ ଦେହୋ ମଳାତ୍ୟନ୍ତା ଶୁଦ୍ଧ ଏବ । ଅତଏବ ଦ୍ୱାଦଶଦୋଷ ଦୁଷ୍ଟୋ ଦେହସ୍ତ୍ୱଂ ନ ଭବସି ଇତ ସିଦ୍ଧମ୍ । ୨୨ ।

ହେ ଭଗବନ୍ ! କୋଽସୌ ଦୋଷାଃ ! ତତ୍ ଶୃଣୁ । ଅଶୁଦ୍ଧ ଶୋଚ୍ୟଂ ଦୁର୍ଗନ୍ଧ ସ୍ଥିତଂ ମଳଂ ଭୁଳଂ ଖଣ୍ଡଂ ଦଗ୍ଧଂ ଶିଥିଳଂ ନାନାରୋଗଗ୍ରସ୍ତଂ ଅଧ୍ରୁବଂ ଆମିଷମ୍ । ଅତୋ ହେତୋଃ ସ୍ଥୂଳ ଶରୀରଂ ତ୍ୱଂ ନ ଭବସି ଏତତ୍ ସତ୍ୟମ୍ । ୨୩ ।

ହେ ଭଗବନ୍ ! ଇଦଂ ସ୍ଥୂଳଶରୀରଂ ଅହଂ ନ ଭବାମି । ଏତାବତା ମମ କିଂ ଜାତଂ[1] ଭବତମ୍ । ସାଧୁ ସାଧୁ, ଅରେ ସାବଧାନମତଃ ଶୃଣୁ । ଯଦା ଇଦଂ ଶରୀରଂ ତ୍ୱଂ ନ ଭବସି ତଦା ନିତ୍ୟ ଜାତି ବର୍ଣ୍ଣାଶ୍ରମାଶ୍ଚ ତ୍ୱଂ ନ ଭବସି । ଷଡ୍‌ଭାବବିକାରାସ୍ତବ ନ ସନ୍ତି । ଜାୟତେ, ଅସ୍ତି, ବର୍ଦ୍ଧତେ, ବିପରିଣମତେ, ଅପକ୍ଷୀୟତେ, ନଶ୍ୟତି ।

ଏ ଦେହର ଅମଙ୍ଗଳ କହୁଅଛୁଁ ପୁଣ । ମୋ କଥାକୁ ମନ ଦେଇ ପ୍ରିୟ ବତ୍ସ ! ଶୁଣ ॥
ଉତ୍ପତ୍ତି କାଳରେ ମଳ ଲିପ୍ତ ହେତୁ ଦେହ । ସଦା ଅପବିତ୍ର ଏଥେଁ ନାହିଁନା ସନ୍ଦେହ ॥
ଦ୍ୱାଦଶ ଦୋଷ ରହିଛି ଶରୀରେ ଅପର । ତେଣୁ ଏ ଶରୀର ତୁମ୍ଭେ ନୁହ ଶିଷ୍ୟବର । ୨୨ ।

ଶିଷ୍ୟଉବାଚ ।

ଦ୍ୱାଦଶ ଦୋଷର ନାମ କହନ୍ତୁ ହେ ଦେବ । ଯେରୂପେ ମୋହର ମନେ ପରବୋଧ ହେବ ॥

ଗୁରୁରୁବାଚ ।

ଅପବିତ୍ରତା ଶୋକର ବିଷୟୀଭୂତତା । ଦୁର୍ଗନ୍ଧ ସ୍ଥିତ ମଳରେ ପୂର୍ଣ୍ଣ ଖଣ୍ଡୀକୃତା ॥
ଭୁଳାଂ ଦଗ୍ଧ ଶିଥିଳ ଯେ ନାନା ପୀଡ଼ାଗ୍ରସ୍ତ । ଅନିତ୍ୟ ଓ ମାଂସମୟ ଏ ଦ୍ୱାଦଶ ଦୋଷ ॥
ଦ୍ୱାଦଶ ଦୋଷରେ ଦେହ ସତତ ଦୂଷିତ । ଏଣୁ ସ୍ଥୂଳ ଦେହ ତୁମ୍ଭେ ନୁହ କଦାଚିତ । ୨୩ ।

ଶିଷ୍ୟଉବାଚ ।

ହେ ଭଗବନ୍ ! ନୋହିଲେ ମୁଁ ଏ ସ୍ଥୂଳ ଶରୀର । ଏଥିରେ କେଉଁଣ ହିତ ହୋଇଲା ମୋହର ?

ଗୁରୁରୁବାଚ ।

ସାଧୁ ସାଧୁ ବତ୍ସ ତୁମ୍ଭେ ସାବଧାନେ ଶୁଣ । ଯଦ୍ୟପି ଏ ସ୍ଥୂଳ ଦେହ ନୁହ ତୁମ୍ଭେ ପୁଣ ॥
ଜାତିବର୍ଣ୍ଣ ଆଶ୍ରମାଦି ନାହିଁ ତୁମ୍ଭ ତେବେ । ଷଡ଼୍‌ଭାବ ବିକାର ସୁଦ୍ଧା ନାହିଁ ତୁମ୍ଭ କେବେ ॥
ଜନ୍ମ ସ୍ଥିତି ବୃଦ୍ଧି ପୁଣି ସେ ବିପରିଣାମ । ଅପକ୍ଷୟ ବିନାଶ ଏ ଷଡ଼୍‌ଭାବ ଜାଣ ॥
ବର୍ଣ୍ଣ ଧର୍ମ୍ମ ଆଶ୍ରମ ଯେ ଆଗୁର ଯେ କହୁ । ଶାସ୍ତ୍ର ଯନ୍ତ ଦ୍ୱାରା ଦେହ ନିବଦ୍ଧ ହୋଇଛୁ ॥

---

[1] ମାଷିମଧ୍ୟ ।

"ବର୍ଣ୍ଣଧର୍ମାଶ୍ରମାଗ୍ରଚ୍ଚ ଶାସ୍ତ୍ରପରୋକ୍ଷ ଯୋଜତଃ ।
ନିର୍ଗତୋଽସି ଜଗଜ୍ଜାଲାତ୍ ପିଞ୍ଜରାଦିବ କେଶରୀ ॥"
ବର୍ଣ୍ଣାଶ୍ରମୌ ଧର୍ମାଧର୍ମୌ ଅପି ତବ ନସ୍ତଃ ।
"ବର୍ଣ୍ଣାଶ୍ରମାଭିମାନେନ ଶ୍ରୁତିଦାସୋ ଭବେନ୍ନରଃ ।
ବର୍ଣ୍ଣାଶ୍ରମବହିର୍ଭୂତୋ ବର୍ତ୍ତତେ ଶ୍ରୁତିମୂର୍ଦ୍ଧନି ॥"

ଯତଃ ଶାସ୍ତ୍ରମାହ—"ଯାବଦ୍ଦେହାତ୍ମବିଜ୍ଞାନଂ ବାଧ୍ୟତେ ନ ପ୍ରମାଣତଃ ।
ପ୍ରାମାଣ୍ୟଂ କର୍ମଶାସ୍ତ୍ରାଣାଂ ତାବଦେବୋପଲଭ୍ୟତେ ॥" ଇତି ॥

"ଅହଂ ଦେହୋ ନ ଭବାମି" ଇତି ଯଦାଜ୍ଞାନଂ ଜାତଂ ତଦା ସର୍ବକର୍ତ୍ତୃତ୍ୱମପି ତବ ନାସ୍ତି ।

ହେ ଭଗବନ୍ ! ଇଦଂ ସ୍ଥୂଳଶରୀରଂ ଅହଂ ନ ଭବାମି, ତ୍ୱଦାଜ୍ଞୟାଜ୍ଞାସିଷଂ ସ୍ଥୂଳ-ଶରୀର ସମ୍ବନ୍ଧାଭାବାତ୍ ବର୍ଣ୍ଣାଶ୍ରମକୁଳଗୋତ୍ର ଜାତି ସ୍ତ୍ରୀପୁରୁଷ ନାମ ରୂପ ଷଡ୍‌ଭାବ ବିକାର ଧର୍ମାଧର୍ମ ମମ ନ ସନ୍ତ୍ୟେବ ତବକୃପାକଟାକ୍ଷ ନିରୀକ୍ଷଣାତ୍ ସମ୍ୟକ୍ ମୟା ଜ୍ଞାତମ୍ । ୨୫ ।

ପିଞ୍ଜରୁ କେଶରୀ ପ୍ରାୟ ଯେ ହେ ପ୍ରିୟ ବତ୍ସ । ଜଗତ ଜାଲରୁ ତୁମ୍ଭେ ନିର୍ଗତ ହୋଇଛ ॥
ବର୍ଣ୍ଣାଶ୍ରମ ଧର୍ମାଧର୍ମ ନାହିଁଟି ତୁମ୍ଭର । ଶ୍ରୁତି ନିରୂପିତ ପଥେ ନାହିଁ ତୁମ୍ଭ ଡର ॥
ଯେ ଯାଏ ଲୋକର ଥାଏ ଜାତି ଅଭିମାନ । ଆଉର ଥାଏ ତାହାର ଆଶ୍ରମାଭିମାନ ॥
ସେ ଯାଏ ଲୋକ ଶ୍ରୁତିର ଦାସ ହୋଇ ରହେ । ଶ୍ରୁତି ନିରୂପିତ ପଥେ ଚଳିବାକୁ ହୁଏ ॥
ବର୍ଣ୍ଣାଶ୍ରମ ଅଭିମାନ ଛାଡ଼ି ଦିଏ ଯେବେ । ଶ୍ରୁତିର ମସ୍ତକେ କରେ ବିଚରଣ ତେବେ ॥
ଯାବତ ପ୍ରମାଣ ଦ୍ୱାରା ଦେହେ ଆତ୍ମଜ୍ଞାନ । ବାଧିତ ନୁହେ ତାବତ ଶାସ୍ତ୍ରର ପ୍ରମାଣ ॥
ଉପଲବ୍ଧ ହୋଇଥାଏ ଏହା ଶାସ୍ତ୍ର କଥା । କର୍ମ ପ୍ରବର୍ତ୍ତିକ ଶାସ୍ତ୍ର, ନୁହେ ଏ ଅନ୍ୟଥା ॥
ହେବେ "ମୁଁ ଦେହ ନୁହଇ" ଜ୍ଞାନ ଜନ୍ମିବ । ତୁମ୍ଭର ସର୍ବ କର୍ତ୍ତୃତ୍ୱ ବିନାଶ ଲଭିବ । ୨୪

ଶିଷ୍ୟଉବାଚ ।

ହେ ଭଗବନ୍ ! ନୁହେଁ ମୁହିଁ ଏ ସ୍ଥୂଳ ଶରୀର । ଏହା ସହିତ ସମ୍ବନ୍ଧ ନାହିଁଟି ମୋହର ॥
ଆପଣଙ୍କ ଆଦେଶେ ମୁଁ ଏହା ଅଛି ଜାଣି । ନାହିଁ ମୋ ବର୍ଣ୍ଣ ଆଶ୍ରମ କୁଳ ଗୋତ୍ର ପୁଣି ॥
ଜାତି ସ୍ତ୍ରୀ ପୁରୁଷ ନାମ ରୂପ ଧର୍ମାଧର୍ମ । ଷଡ଼୍‌ଭାବ ବିକାର କିଛି ମନେ ନାହିଁ ମମ ॥
ତବ କୃପାକଟାକ୍ଷରେ ବୁଝିଅଛି ତାହା । ଆଉର କହନ୍ତୁ ଗୁରୁ ପଚାରୁଛି ଯାହା । ୨୫ ।

ଅନ୍ୟଚ୍ଚ, ହେ ଭଗବନ୍ ! ଇନ୍ଦ୍ରିୟପ୍ରାଣୋମନ୍ତ୍ରାଦିଷୁ ଶରୀରଚଳନ ଭାବାତ୍ କାଣୋଽହଂ ବଧିରୋଽହମିତ୍ୟାଦ୍ୟନୁଭବାଚ୍ଚ ଇନ୍ଦ୍ରିୟାଣ୍ୟହମିତି ପୃଷ୍ଟୋ ଗୁରୁସ୍ତଦ୍ଧ-ତ୍ଵନ୍ନ ଭବସି କଥମ୍, ଇତ୍ଥଂ, ତଦ୍ଭୂତକାର୍ଯ୍ୟମେବ । ୨୬ ।

ହେ ଭଗବନ୍ ! କସ୍ୟ ଭୂତସ୍ୟ କିଂ କାର୍ଯ୍ୟଂ ଉଚ୍ୟତେ, ନଭସଃ ସକାଶାତ୍ ଶ୍ରୋତ୍ରବାକ୍ ଦ୍ଵେ କରଣେ ସମୁତ୍ପନ୍ନେ, ବାୟୁସକାଶାତ୍ ତ୍ଵକ୍‌ପାଣୀ ଦ୍ଵେ କରଣେ ସମୁତ୍ପନ୍ନେ, ତେଜଃସକାଶାତ୍ ଚକ୍ଷୁଃପାଦୌ ଦ୍ଵେ କରଣେ ସମୁତ୍ପନ୍ନେ, ଉଦକସକାଶାତ୍ ରସନୋପସ୍ଥେ ଦ୍ଵେ କରଣେ ସମୁତ୍ପନ୍ନେ, ପୃଥିବୀ ସକାଶାତ୍ ଘ୍ରାଣପାୟୂ ଦ୍ଵେ କରଣେ ସମୁତ୍ପନ୍ନେ । ସର୍ବାଂଶେନ ସହ ମନୋ ଜାତଂ; ବୁଦ୍ଧିସ୍ତୁ ନୋକ୍ତବିଶେଷ ଏବ । ଏତଦେବ ବିବୃଣୋତି । ବାକ୍‌ଶ୍ରୋତ୍ରେ ଆକାଶ କାର୍ଯ୍ୟ ଏବ ବଗୃରପ୍ରାଧାନ୍ୟେ ସତି ଶବ୍ଦାଦବ୍ୟଞ୍ଜକତ୍ଵାତ୍ ପ୍ରାଚ୍ୟେତି ଶବ୍ଦୋପୃତ୍ତିବ୍ୟାତ । ତ୍ଵକ୍‌ପାଣୀ ବାୟୁବିକାରୌ ସ୍ପର୍ଶଗ୍ରହଣସାଧନତ୍ଵାତ୍ ସ୍ପର୍ଶବଦେବ ଦ୍ରବ୍ୟସ୍ୟ ହସ୍ତେନୋପାଦାତୁଂ ଶକ୍ୟତ୍ଵାତ । ଚକ୍ଷୁଃ ପାଦୌ ତେଜୋବିକାରୌ ରୂପସ୍ୟ ଗ୍ରାହକତ୍ଵାତ୍ । ପ୍ରାଚ୍ୟେଣୋକ୍ତତ୍ଵଂ ପାଦୟୋଃ କ୍ରମଣେନାପି ଗୃହ୍ନୁମେୟଂ । ଉପସ୍ଥଜିହ୍ୱେ

ଇନ୍ଦ୍ରିୟ ନ ଥିଲେ ନ ଚଳଇ ଏ ଶରୀର । ତେଣୁ ବୋଧହୁଏ "ମୁହିଁ ଅନ୍ଧ" ମୁଁ ବଧିର ।
ଏଣୁ ମୁଁ ଇନ୍ଦ୍ରିୟ ବୋଲି କଲେ ଏ ନିଶ୍ଚୟ । ଯଥାର୍ଥ ହେବ କି ଏହା ଅହେ ମହାଶୟ ॥

ଗୁରୁରୁବାଚ ।

ହେ ବତ୍ସ ! ଇନ୍ଦ୍ରିୟ ନୁହ ତୁମ୍ଭେ ଜାଣ ଭଲେ । ଭୂତଙ୍କର କାର୍ଯ୍ୟସେଣୁ ଇନ୍ଦ୍ରିୟ ସକଳେ ॥

ଶିଷ୍ୟଉବାଚ ।

କହନ୍ତୁ କରୁଣା କରି ତାହା ହେ ଆଚାର୍ଯ୍ୟ ! କେଉଁ ଇନ୍ଦ୍ରିୟ ଅଟଇ କେଉଁ ଭୂତ କାର୍ଯ୍ୟ ?

ଗୁରୁରୁବାଚ ।

ଆକାଶରୁ କର୍ଣ୍ଣ ବାଣୀ ଜନମ ହୁଅଇ । ଚର୍ମ-ହସ୍ତ ଏହି ବେନି ବାୟୁରୁ ଜନ୍ମଇ ॥
ତେଜରୁ ସମ୍ଭବ ହୁଏ ଚକ୍ଷୁ ଓ ଚରଣ । ରସନା ଉପସ୍ଥ ହୁଏ ଜଳରୁ ଉତ୍ପନ୍ନ ॥
ପୃଥିବୀରୁ ଘ୍ରାଣପାୟୁ[୧] ଲଭଇ ଜନମ । ପଞ୍ଚଭୂତ ପଞ୍ଚଅଂଶେ ଜନମଇ ମନ ॥
ଅବଶିଷ୍ଟ ବିଶେଷ ମାତ୍ରେ ବୁଦ୍ଧିହିଁ ମନନ । ଶାସ୍ତ୍ରେ ବର୍ଣ୍ଣିତ ଅଛି ଏରୂପେ ଆବର ॥
ଆକାଶଦ୍ୱାରା ହୁଅଇ ଶବ୍ଦ ଅଭିବ୍ୟକ୍ତ । ତେଣୁ ଆକାଶ କାର୍ଯ୍ୟ ବାକ୍ କର୍ଣ୍ଣେ କଥନ୍ତି
ବାୟୁର ବିକାର ଅଟେ ଚର୍ମ ଆଉ ପାଣି । ଚର୍ମହସ୍ତ ଦ୍ୱାରା ହୁଏ ସ୍ପର୍ଶବସ୍ତୁ ଜାଣି ॥

---

୧ ଘ୍ରାଣ—ନାସା, ପାୟୁ—ମଳଦ୍ୱାର ବା ଗୁହ୍ୟ ।

ତ୍ତୃପ୍ତି ଉଦକବିକାରେ । ରସଗ୍ରାହକତ୍ୱାତ୍ ସ୍ନିଗ୍ଧତ୍ୱାତ୍ । ପ୍ରାଣେନ୍ଦ୍ରିୟଞ୍ଚୋପସ୍ଥେ ଆନନ୍ଦତ୍ୱାତ୍ । ଘ୍ରାଣପାୟୂ ଚ ପାର୍ଥିବେ ଗନ୍ଧଗ୍ରାହକତ୍ୱାତ୍ ପାୟୋର୍ମଳସର୍ଗାତ୍ । ମନଃସାଧାରଣଂ ପଞ୍ଚାନାଂ କାର୍ଯ୍ୟଂ ପଞ୍ଚବୃତ୍ତିଗ୍ରାହକତ୍ୱାତ୍ । ବୁଦ୍ଧେର୍ମନୋବିଶେଷ ଏବ ମାତ୍ରକତ୍ୱାତ୍ ପଞ୍ଚପ୍ରାଣବୃତ୍ତିର୍ବାୟୁବିକାର ଏବ ତଦାତ୍ମକତ୍ୱେ ନୋପଲଭ୍ୟମାନତ୍ୱାତ୍ । ଏବଂ ଭୂତାନି ଜଡ଼ାନି ତଦଂଶଯୋଗେ ଇନ୍ଦ୍ରିୟାଣି ଜଡାନି । ୨୭ ।

ହେ ଭଗବନ୍ ! ସ୍ୱସ୍ୱବିଷୟଂ ଜାନନ୍ତି କଥମିନ୍ଦ୍ରିୟାଣି ଜଡ଼ାନି, ତତ୍ ନୁ ! ଅରେ ଶ୍ରୋତ୍ରମାତ୍ମାନଂ ନ ଜାନାତି । ସ୍ୱରସ୍ୱରମପି ନ ଜାନାତି; ସ୍ୱବିଷୟଂ ଶବ୍ଦଂ ଜ୍ଞାତୁଂ ନେଷ୍ଟେ ଅନ୍ୟବିଷୟମପି ଜ୍ଞାତୁଂ ନ ସମର୍ଥଂ ଉଭୟଥା ଜଡ଼ଂ କିନ୍ତୁ କେବଳଂ ସାଧନ-ମିତ୍ୟର୍ଥଃ । ପ୍ରଦୀପବତ୍, ଯଥା ଦୀପଂ ରୂପାଦିଜ୍ଞାନସାଧନଂ ଯଥା ଦୀପେନ ରୂପାଦି ଗୃହ୍ୟତେ ତଥା ଶ୍ରୋତ୍ରେଣ ଶବ୍ଦ ଇତି ଏବମିତରାଣ୍ୟପି କରଣାନି କର୍ମେନ୍ଦ୍ରିୟାଣି କ୍ରିୟାସାଧନାନ୍ୟେବ ଯଥା ଦର୍ବୀବତ୍ ଅତ୍ୟନ୍ତ ଜଡ଼ାନି ତ୍ୱଂ ନ ଭବସୀତି ସିଦ୍ଧଂ ତ୍ୱନ୍ତୁ ଜ୍ଞାନମେବ । ୨୮ ।

ଚକ୍ଷୁ ଅଟେ ପାଦ ଅଟେ ତେଜର ବିକାର । ଚକ୍ଷୁ ଯେଣୁ ପାରେ ତେଣୁ ରୂପର ପ୍ରକାର ॥
ଜସ୍ତୁତାର ଅନୁଭବ ପାଦର ଗମନେ ୧ । ହୁଅଇ ସେ ଲାଗି ଏହା ବୁଝିତବ ମନେ ॥
ଜଳ୍ପୁସ୍ଥ ଜିହ୍ୱା ଜଳର ବିକୃତି ମାତର । ସେ ହେତୁ ରସଗ୍ରାହକ ରସନା ଆବର ॥
ସ୍ନିଗ୍ଧତ୍ୱଭାବ ଅଟଇ; ହେ ଶିଷ୍ୟ ପ୍ରବର । ଏ ଉଭୟ ଗୁଣ ସୂଚ୍ଚା ଅଛି ଉପସ୍ଥର ॥
ଉପସ୍ଥ ଆନନ୍ଦପ୍ରଦ, ସେ କାର୍ଯ୍ୟ ଜଳର । ପୃଥିବୀର କାର୍ଯ୍ୟ ଘ୍ରାଣପାୟୂ ହେତୁ କର ॥
ସେ ସକାଶୁଁ ନାସା ଗନ୍ଧ କରଇ ଗ୍ରହଣ । ପାୟୂ ଅଟଇ ମଳର ନିର୍ଗମ-କାରଣ ॥
ପଞ୍ଚଭୂତର ମିଶ୍ରିତ କାର୍ଯ୍ୟ ମନ ଯେଣୁ । ପଞ୍ଚପ୍ରବୃତ୍ତି ଗ୍ରହଣ କରିଥାଏ ତେଣୁ ।
ବୁଦ୍ଧି ମନର ଅବସ୍ଥା ବିଶେଷ ମାତର । ପ୍ରାଣର ବୃତ୍ତି ବାୟୁର ବିକୃତି ଆବର ॥
ବାୟୁରୂପେ ବୋଧହୁଏ ପ୍ରାଣ ମେ ସକାଶେ । ପଞ୍ଚଭୂତ ଜଡ଼ ଅଟେ ସେମାନଙ୍କ ଅଂଶେ ॥—
ଉତ୍ପନ୍ନ ଇନ୍ଦ୍ରିୟଗଣ ଜଡ଼ହିଁ ଅଟନ୍ତି । ଏଣୁ ତୁମ୍ଭେ ସେ ଇନ୍ଦ୍ରିୟ ନୁହ ହେ ସୁମତି । ୨୭ ।

ଶିଷ୍ୟଉବାଚ ।

ଇନ୍ଦ୍ରିୟଗଣତ ନିଜ ନିଜ ବିଷୟରେ । ଉପଲବ୍ଧି କରନ୍ତି ଜଡ଼କି ରୂପରେ ? ॥

ଗୁରୁରୁବାଚ ।

କର୍ଣ୍ଣ ନିଜେ ନିଜକୁ ତ ଜାଣି ନ ପାରଇ । ସ୍ୱବିଷୟ ୨ ଜାଣିବାକୁ ସୁଦ୍ଧା ନ ଇଚ୍ଛଇ ॥
ଅନ୍ୟ ବିଷୟ ଜ୍ଞାନେ ସେ ସମର୍ଥ ନୁହଇ । କେବଳ ଶବ୍ଦ ଗ୍ରହଣେ ସକ୍ଷମ ଅଟଇ ॥
ଯଥା ଦୀପଦ୍ୱାର ହୁଏ ରୂପାଦି ଗୃହୀତ । ତଥା କର୍ଣ୍ଣ ଯୋଗେ ଶବ୍ଦ ହୁଅଇ ଗୃହୀତ ॥
ଅତି ଜଡ଼ ଦ୍ରବ୍ୟ ଦର୍ବୀ ୩ ଅଟଇ ଯେସନ । କିନ୍ତୁ କରଥାଏ ପାକ କାର୍ଯ୍ୟ ସେ ସାଧନ ॥
ଅତ୍ୟନ୍ତ ଜଡ଼ ହେଲେହେଁ ଇନ୍ଦ୍ରିୟେ ତେସନ । କରନ୍ତି ନିଜ ନିଜ କାର୍ଯ୍ୟ ସମ୍ପାଦନ ॥
ଏଣୁ ସେ ଇନ୍ଦ୍ରିୟ ତୁମ୍ଭେ ନୁହ କଦାଚନ । ତୁମ୍ଭେହିଁ ଜ୍ଞାନ ସ୍ୱରୂପ ବ୍ରହ୍ମ ସନାତନ ॥ ୨୮ ॥

୧ ସଞ୍ଚରଣେ । ୨ କର୍ଣ୍ଣର ବିଷୟ ଶବ୍ଦ । ୩ ଦର୍ବୀ—ଚଟୁ ।

ଶ୍ଳୋ.—ଭଗବନ ! ପ୍ରାଣେ ସତି ଦେହଶ୍ଚେଷ୍ଟତେ ଇନ୍ଦ୍ରିୟାଣ୍ୟପି ଚେଷ୍ଟନ୍ତେ; ପ୍ରାଣେ ଗତେ ଦେହଃ ଚେଷ୍ଟାହୀନୋ ଭବତି, ଇନ୍ଦ୍ରିୟାଣ୍ୟପି ତାଦୃଶାନି ଭବନ୍ତି । ଅହଂ କ୍ଷୁଧାବାନ୍ ଅହଂ ପିପାସାବାନିତ୍ୟାଦ୍ୟନୁଭବାଚ୍ଚ ଅତଃ ପ୍ରାଣ ଏବାହଂ ଭବନ୍ ଭବସି କଥଂ [ଚୈତନ୍ୟାଭାବାତ୍ ସୁଷୁପ୍ତୌ ସ୍ୱପ୍ନେ ଉଚ୍ଛ୍ୱାସନିଶ୍ୱାସରୂପେଣ ବର୍ତ୍ତମାନୋଽପ୍ୟୟମନ୍ତଃ ବହିଶ୍ଚ ନ ଜାନାତି । ଚୌରୈ ଗୃହଂ ପ୍ରବିଶ୍ୟାପହୃତାନ୍ୟାଭରଣାନି ଗଚ୍ଛତ୍ସୁ ସତ୍ସୁ ନ ଜାନାତି ଅତୋଽତ୍ୟନ୍ତ ଜଡ଼ ଏବ ପ୍ରାଣୋଽପ୍ୟୟଂ ଦେହବଦେବ । ଅପିଚ ଏକସ୍ମିନ୍ ପର୍ଯ୍ୟଙ୍କେ ଶୟାନେ ସତି ସ୍ତ୍ରୀପୁରୁଷେ ସତି କସ୍ମିଂଶ୍ଚିଦ୍ଭାଗରେ ଆଗତ୍ୟ ସ୍ତ୍ରୀସହ ଭୂଷଣାନି ଅପହୃତ୍ୟ ଗଚ୍ଛତି ସତି ଇତ୍ଥଂ ନ କର୍ତ୍ତବ୍ୟମିତି ଯତୋ ନ ନିବାରୟତି ଅତୋଽତ୍ୟନ୍ତ ଜଡ଼ଃ ପ୍ରବୁଦ୍ଧୋ ଜାଗ୍ରତି ଚେତ୍ ସର୍ବାବସ୍ଥାସୁ ଉଚ୍ଛ୍ୱାସନିଃଶ୍ୱାସରୂପେଣାସ୍ୟାପରିବର୍ତ୍ତନ ତ୍ୱେତ୍ୟେବ ସ୍ଥିତ୍ୱାପ୍ୟସୌ ନ ଜାନାତି । କଥମିତ୍ଥଂ ଇଦାନୀଂ କସ୍ମିନ୍ ଭାଗେ ଶ୍ୱାସୋ ବର୍ତ୍ତତେ ଇତି ପୃଷ୍ଟୋଽପି ଅସ୍ମିନ ଭାଗେ ଅହଂ ବର୍ତ୍ତେ ଇତି ପ୍ରତିବକ୍ତୁଂ ନ ଜାନାତି । ଅତଃ ସ୍ଥିତାପିନ ଜାନାତି ତସ୍ମାଦପ୍ୟନର୍ଥଃ । ୨୯ ।

ଶିଷ୍ୟଉବାଚ ।

ପ୍ରାଣଥିଲେ ଦେହ ଅଉ ଇନ୍ଦ୍ରିୟ ସକଳ । ହୁଅନ୍ତି ହେ ଗୁରୋ ସ୍ୱସ୍ୱକର୍ମେ ଚେଷ୍ଟାଶୀଳ ॥
ପ୍ରାଣ ନ ଥିଲେ ଦେହ ଓ ଇନ୍ଦ୍ରିୟ ସମସ୍ତ । ଚେଷ୍ଟା ହୀନ ହୋଇଥାନ୍ତି ଏ କଥାତ ସତ୍ୟ ॥
"ମୁହିଁ କ୍ଷୁଧାଯୁକ୍ତ" "ମୁହିଁ ପିପାସା ଯୁକତ" । ଇତ୍ୟାଦି ଅନୁଭବକୁ ଆସଇ ସତତ ॥
ଏଣୁ ମୁହିଁ ପ୍ରାଣବୋଲି ଏରୂପ ନିଶ୍ଚୟ । କଲେ ଅସଙ୍ଗତ କିପାଁ ହେବ ମହାଶୟ ? ॥

ଗୁରୁରୁବାଚ ।

ଅହେ ବତ୍ସ ! ତୁମ୍ଭେ ପ୍ରାଣ ନୁହଟି ଅବର । ଯେଣୁ ନାହିଁ ଚଇତନ୍ୟ କଦାପି ପ୍ରାଣର ॥
ସ୍ୱପ୍ନ ଓ ସୁଷୁପ୍ତି କାଳେ ନିଃଶ୍ୱାସ ପ୍ରଶ୍ୱାସ । ସ୍ୱରୂପେ ପ୍ରାଣ ଶରୀରେ ଥିଲେହେଁ ପ୍ରକାଶ ॥
ଭିତରେ ବାହାରେ ଥିବା କୌଣସି ପଦାର୍ଥ । ଜାଣିବାକୁ ସେ ପ୍ରାଣତ ନ ହୁଏ ସମର୍ଥ ॥
ଚୋର ଗୃହେ ପଶି ଅଳଙ୍କାରାଦି ଚୋରାଇ । ନେଇଗଲେ ସୁଦ୍ଧା ପ୍ରାଣ ଜାଣି ନ ପାରଇ ॥
ସ୍ତ୍ରୀ ପୁରୁଷ ଏକାସନେ ଶୋଇଥିବାବେଳେ । ଚୋରପଶି ସ୍ତ୍ରୀ ସହିତ ଅଳଙ୍କାର ନେଲେ ॥
ତେବେ ସୁଦ୍ଧା ସେ ପୁରୁଷ ନ କରେ ବାରଣ । ପ୍ରାଣ ଯେଣୁ ଜଡ଼ବସ୍ତୁ ଦେହାଦି ଯେସନ ॥
ଜାଗ୍ରତ ହେଲେ ସମସ୍ତ ଜାଣି ନ ପାରଇ । ଏଣୁ ପ୍ରାଣ ଅତି ଜଡ଼ ପଦାର୍ଥ ଅଟଇ ॥
ପୁଣି କାହାରିକି ଯେବେ ଏକଥା ଜିଜ୍ଞାସ[1] । "କେବଣ ଭାଗରେ ଅଛୁ ବର୍ତ୍ତମାନ ଶ୍ୱାସ ॥"

[1] ପ୍ରଶ୍ନକର, ପଚାର ।

ନନୁ ଜଡସ୍ୟୈବ ପ୍ରାଣଃ କଥଂ ଜଡଂ ଶରୀରଂ ଚେଷ୍ଟୟତି । ଉଚ୍ୟତେ । ଜାଡ୍ୟେଽପି ଜଡଂ ଚେଷ୍ଟୟନ ଲୋକେ ଦୃଶ୍ୟତେ । କୁତଃ ପ୍ରଚଣ୍ଡମାରୁତୋ ବୃହଦ୍ଦେଶ୍ୟାପରଚ୍ଛାଦନପର୍ଣ୍ଣ ଶାଖା ଦୃଷ୍ଟଂ ଅନ୍ୟତ୍ର ଖାତସ୍ଥିତ ଜଡସ୍ୟାପ୍ୟପ୍ରବେଶ ଦ୍ରଷ୍ଟା । ନିତ୍ୟା ବିତୃଷ୍ଣା ଭବତି । ପ୍ରାଣସ୍ୟ ସ୍ୱଚେଷ୍ଟା ନ ସ୍ୱତନ୍ତ୍ରା କର୍ମାଧୀନୈବ କଥମିତ୍ୟଂ ଜାଗ୍ରତ ସ୍ଥିତି ନିମିତ୍ତଂ କର୍ମ୍ମ ଭୁକ୍ତଂ ଭବତି । ତତୁଃଖସ୍ୟ ସର୍ବାଣି କରଣାନି ଗ୍ରହୀତ୍ୱା ବୁଦ୍ଧ୍ୟାପ୍ୟୁପମର୍କ ଜନିତ ବାସନାମୟ ସ୍ୱପ୍ନଂ ସୁଷୁପ୍ତଂ ବା ଗଚ୍ଛତି, ଏବଂ ସ୍ଥାନତ୍ରୟମନବରତଂ ଗଚ୍ଛତି । କର୍ମନିମିତ୍ତଂ ଦେହାନ୍ତଗମନାଽଽସ୍ତ ପ୍ରାଣୋଽପି ତତ୍କର୍ମବଶାଦେବ ଶରୀରଂ ପରିପାଲୟନ୍ ବର୍ତ୍ତତେ । ଅନ୍ୟସ୍ୟ ହି ବ୍ୟାପାରଚେଷ୍ଟା କର୍ତ୍ତୁଂ ନ ସମର୍ଥଃ । ଅତୋ ଜଡ଼ା ଏବ ପ୍ରାଣାଦୟଃ । ଏବମିନ୍ଦ୍ରିୟସମୂହାତ୍ମକଂ ସପ୍ତଦଶକଂ ଲିଙ୍ଗଶରୀରଂ ତ୍ୱଂ ନ ଭବସି ଇତି ସିଦ୍ଧମ୍ । ୩୦ ।

ତେବେ "ଏହାଙ୍କେ ମୁହିଁ ଅଛୁ ବର୍ତ୍ତମାନ" । ଏମନ୍ତ ଉତ୍ତର କେହି ନ ଦିଅଇ ଜାଣ ॥
ଏଣୁ ତୁମ୍ଭେ ପ୍ରାଣ ନୁହ ହେଲା ଏ ସିଦ୍ଧାନ୍ତ । ପୁନଶ୍ଚ କେଉଁ କଥାରେ ତୁମ୍ଭେ ହୁଅ ଭ୍ରାନ୍ତ ?

ଶିଷ୍ୟଉବାଚ ।

ପ୍ରାଣ ଯଦି ଜଡ଼, ତେବେ ଏ ଜଡ଼ ଶରୀରେ । ପରିଚାଳିତ କରୁଛି କେଉଁ ରୂପରେ ?

ଗୁରୁରୁବାଚ

ଜଡ଼କୁ ପରିଚାଳିତ ଜଡ଼ କରଇ ପ୍ରକାରେ । ଜଗତେ ଏ ରୀତି ନିତି ଅଛି ଦେଖିବାରେ ॥
ପ୍ରଚଣ୍ଡ ପବନ ବୃକ୍ଷ ଉଚ୍ଚ ସ୍ଥାନେ । ପତ୍ର ଶାଖା ତୃଣାଦିକୁ ଫିଙ୍ଗେ ଏଣେତେଣେ ॥
ଜଡ଼ର ସ୍ୱଭାବ ଏହା ବୁଝ ଦେଖିମନ । ଏହା ବୋଲି ପ୍ରାଣ ନୁହେ ଆତ୍ମା କଦାଚନ ॥
ପ୍ରାଣର ଚେଷ୍ଟା କଦାପି ସ୍ୱାଧୀନ ନୁହଇ । ସେ ଚେଷ୍ଟା ସବୁ କର୍ମର ଅଧୀନ ଅଟଇ ॥
ଜାଗ୍ରତ୍ ସ୍ଥିତି ପାଇଁ କର୍ମ ଅଭୁକ୍ତ ପ୍ରକାରେ । ପ୍ରବୃତ୍ତି ହୁଅଇ ଦେହୀ ପ୍ରାଣୀ ସବୁଠାରେ ॥
କର୍ମର କ୍ଷୟ ଦଶାରେ ସେ ଆତ୍ମା ତୁରିତ । କରଣମାନଙ୍କୁ ଘେନି ବାସନା ସହିତ ॥
ବୁଦ୍ଧିରୂପୀ ଉପାଧିର ସମ୍ପର୍କ କାରଣେ ସ୍ୱପ୍ନ ବା ସୁଷୁପ୍ତି ଦଶା ଲଭଇ ଆପଣେ ॥
ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଏହି ତିନି ସ୍ଥାନେ । ଅନବରତ ଗମନ କରେ ହେଜ ମନେ ॥
ଆତ୍ମାର ଏ ଯତାୟାତ କର୍ମର ସକାଶେ । ପ୍ରାଣ ସୁଦ୍ଧା ଦେହେ ପାଳଥାଏ କର୍ମବଶେ ॥
ଅନ୍ୟର ବ୍ୟାପାରେ ଚେଷ୍ଟା କରି ନ ପାରଇ । ପ୍ରାଣ ଆଦି ଜଡ଼ବସ୍ତୁ ନିଶ୍ଚୟ ଅଟଇ ॥
କିବା ଇନ୍ଦ୍ରିୟ ସମୂହ କି ଲିଙ୍ଗ ଶରୀର । ତୁମ୍ଭେ ହୋଇ ପାରନାହିଁ ଏହା ହେଲା ସ୍ଥିର ।୩୦

ଶିଷ୍ୟଉବାଚ ।

ଆଜଠାରୁ ମୁଁ ଲିଙ୍ଗ ଦେହ ନୁହେଁ ବୁଝୁଁଛି । "ମନ ମୁଁ" ବୋଇଲେ ଏଥେଁ କିବା
ବାଧା ହେବ ?

ମାଭୂତ୍ ଭଗବନ୍ ! ମନସି ସୁପ୍ତେ ପଶ୍ୟତି, ଶୃଣୋତି, ଅହଂ ସଙ୍କଳ୍ପବାନ୍ ବିକଳ୍ପବାନ୍ ଇତ୍ୟନୁଭବାଚ୍ଚ । ମନସି ବ୍ୟଗ୍ରେ ନ ପଶ୍ୟତି ନ ଶୃଣୋତି ଅତୋ ମନ ଏବାହଂ । ତ୍ୱଂ ନ ଭବସି, ଇଦାନୀଂ ମେ ମନୋଽନ୍ୟତ୍ର ଇଦାନୀଂ ସ୍ଥିରୀଭୂତଂ ଇତ୍ୟନୁ ବୃତ୍ତିଂ ଯୋ ବେତ୍ତି ସ ମନୋ ନ ଭବସି ମନଃ ପ୍ରକାଶାତ୍ ତ୍ୱଂ ଦ୍ରଷ୍ଟା ଭିନ୍ନ ଏବ । ଅପି ଚ ତନ୍ମନଃସା ବୁଦ୍ଧିଶ୍ଚ ନାମ ଚେତ୍ ପ୍ରଶ୍ନଷଣଂ ବିଲ୍‌ପଣେ ଅନୁଗ୍ରପଲ୍ଭାବନୀୟଂ ଦ୍ୱୟୋରେକସ୍ୟ ନାଶେ ଅନ୍ୟ ସ୍ୟୋତ୍ପତ୍ତିଃ । ମନ ଉତ୍ପତ୍ତିର୍ବିନାଶଃ ସ୍ୱପ୍ନସୁଷୁପ୍ତ୍ୟାଦୌ ତବୈବାନୁଭବଃ । ଅତ ଶ୍ରୁତିରପି ଆତ୍ମନୋ ମନୋଜାତମିତି ତସ୍ମିନ୍ ବିଲୀୟତେ ଚେତି ଅତୋ ମନସ୍ତ୍ୱଂ ନ ଭବସୀତି ସିଦ୍ଧମ୍ । ଏବମିତ୍ୟୁପସଂହାରଃ ସପ୍ତଦଶାଙ୍କଂ ଲିଙ୍ଗ 'ସ୍ୱାଙ୍ଗଂ' ତ୍ୱଂ ନ ଭବସୀତି ସିଦ୍ଧମ୍ । ୩୧ ।

ଏହି ମନ ସ୍ୱସ୍ଥ ଥିଲେ ଦର୍ଶନ ଶ୍ରବଣ— । ଇତ୍ୟାଦି କାର୍ଯ୍ୟ ସାଧନେ ହୁଏ ମୁଁ ଭାଜନ ॥
"ମୁଁ ସଙ୍କଳ୍ପବାନ" ପୁଣି "ମୁଁ ବିକଳ୍ପବାନ" । ଏ ଭାବେତ ଅନୁଭବ ହୁଏ ଅନୁକ୍ଷଣ ॥
ସେ ମନ ହେଲେକ ବ୍ୟଗ୍ର ଦର୍ଶନ ଶ୍ରବଣ । ଆଦି କାର୍ଯ୍ୟ କରିବାକୁ ନୁହେଁ ମୁଁ ଭାଜନ ॥

ଗୁରୁରୁବାଚ ।

ଧୀମା ଶିଷ୍ୟ ! ନୁହ ତୁମ୍ଭେ ମନ କଦାଚନ । ତୁମ୍ଭେଟି ମନର ଦ୍ରଷ୍ଟା, ମନଠାରୁ ଭିନ୍ନ ॥
"ଏବେ ମୋର ମନ ଆନଠାରେ ରହିଅଛି" । "ଏବେ ମୋର ମନ ସ୍ଥିରୀଭୂତ ହୋଇଅଛି ॥"
ଏହେନ ବୃତ୍ତିକୁ ଯେହି ନିଶ୍ଚୟେ ଜାଣଇ । ସେ କଦାପି ମନ ହୋଇ ନ ପାରଇ ॥
ସେହି ମନ ସେହି ବୁଦ୍ଧି ଏମନ୍ତ କହିଲେ । ମନ ବୁଦ୍ଧିର ପାର୍ଥକ୍ୟ ଭାବ ଜନ୍ମେ ଭଲେ ॥
ମନ ବୁଦ୍ଧି ବେନି ମଧ୍ୟେ ବିରୁଦ୍ଧ ସୁମତ । ଏକର ବିନାଶେ ହୁଏ ଅନ୍ୟର ଉତ୍ପତ୍ତି ॥
ମନର ଉତ୍ପତ୍ତି ତଥା ମନର ବିନାଶ । ଅନୁଭବ କରୁଥାଅ ତୁମ୍ଭେ ଅହର୍ନିଶ ॥
ସୁଷୁପ୍ତି କାଳେ ମନର ବିନାଶ ହେବାର । ଜାଗ୍ରତ କାଳେ ମନର ଉତ୍ପତ୍ତି ଆବର ॥
ଏହା ଅନୁଭବ ସିଦ୍ଧ ଅଟଇତ ପୁତ୍ର । ଶ୍ରୁତି ମଧ୍ୟ ଏ ପ୍ରସଙ୍ଗେ କହଇ ଯା ଶୁଣ ॥
ଆତ୍ମାଠାରୁହିଁ ମନର ଉତ୍ପତ୍ତି ହୁଅଇ । ପୁଣି ସେ ଆତ୍ମାରେ ମନ ବିଲୟ ଲଭଇ ॥
ଏଣୁ ତୁମ୍ଭେ ମନ ହୋଇ ନ ପାର କଦାଚ । ନୁହ ତୁମ୍ଭେ ଲିଙ୍ଗ ଦେହ ଏହାତ ନିଶ୍ଚିନ୍ତ ॥

ଶିଷ୍ୟଉବାଚ ।

ମୁଁ ନୁହେ ଲିଙ୍ଗଶରୀର ସତ୍ୟ ଗୁରୁଦେବ ! କିନ୍ତୁ ଏହା ଜାଣି ମୋର କିବା ଲାଭ ହେବ ?

ଗୁରୁରୁବାଚ ।

ହେ ଶିଷ୍ୟ, ସେକଥା ଶୁଣ ସାବଧାନେ ଏବେ । "ଲିଙ୍ଗଦେହ ନୁହେ ଏହି ଜ୍ଞାନ ହେବ ଯେବେ ॥

ହେ ଭଗବନ୍ ! ଏତତ୍ ସତ୍ୟଂ ଲିଙ୍ଗଶରୀରଂ ଅହଂ ନ ଭବାମି, ଅନେନ ଜ୍ଞାନେନ ମମ କୋ ଲାଭୋ ଭବିଷ୍ୟତି । ଅରେ ସାବଧାନମନାଃ ଶୃଣୁ । ଯଦା ଲିଙ୍ଗଶରୀରଂ ତ୍ୱଂ ନ ଭବସି ତଦା ଗମନାଗମନେ ସ୍ୱର୍ଗନରକାଦି ଭୋଗୋଽପି ତବ ନାସ୍ତ୍ୟେବ ଯଥାଜାନୁନିଭଗ୍ନେ ପଙ୍ଗୁର୍ଭବ, ତଥା ଲିଙ୍ଗଶରୀରନାଶେ ଗମନାଗମନ ତବ ନାସ୍ତ୍ୟେବ । ଅପି ଚ ପ୍ରାରବ୍ଧ ଫଲଭୋଗୋଽପି ତବ ନାସ୍ତ୍ୟେବ । ହେ ଭଗବନ୍ ! ତତ୍ କଥଂ ! ଇତ୍ଥଂ ଦେହୋ ଭୋଗାୟତନଂ ବିଷୟାନ୍ ଭୋଗ୍ୟାନି । ଭୋଗ ସାଧନାନି ଏତତ୍ତ୍ରୟଂ ତ୍ୱଂ ନ ଭବସି । ତସ୍ମାତ୍ ପ୍ରାରବ୍ଧ କର୍ମଫଲଭୋଗସ୍ତବ ନାସ୍ତ୍ୟେବ । ହେ ଭଗବନ୍ ! ଜାଗ୍ରତ ସ୍ୱପ୍ନେ ସୁଖ ଦୁଃଖ ମହଂ ଅନୁଭବନ୍ କଥଂ ସୁଖଦୁଃଖଂ ମମ ନାସ୍ତି । ତଚ୍ଛୃଣୁ । ଅରେ ଶରୀରଗତ ଚକ୍ଷୁଃ ଶୂଳଜ୍ୱର ବେଦନାଦୟଃ ସୁଷୁପ୍ତ୍ୟବସ୍ଥାପନ୍ନସ୍ୟ ବୁଦ୍ଧିରହିତସ୍ୟ ତବ ନ ପ୍ରତୀୟନ୍ତେ ଅତସ୍ତେ ତବ ଧର୍ମା ନ ଭବନ୍ତି କ୍ଷେତ୍ରସ୍ୟୈବ । ଆତ୍ମନି ଭ୍ରମନ୍ତି ମନ୍ୟନ୍ତେ ମୂଢ଼ା ଯଥା ଜଳସ୍ଥ ଚନ୍ଦ୍ରେ । ଯତଃ ଶାସ୍ତ୍ରମାହ । ନହ ବୈ ସଶରୀରସ୍ୟ ସତଃ ପ୍ରିୟାପ୍ରିୟୟୋରପହତିରସ୍ତି । ଅଶରୀରଂ ବାବ ସନ୍ତଂ ପ୍ରିୟାପ୍ରିୟେ ନ ସ୍ପୃଶତ ଇତି । ଶ୍ରୁତି ଶାଖା । କାମଃ ସଙ୍କଳ୍ପୋ ବିଚିକିତ୍ସା ଶ୍ରଦ୍ଧା ଅଶ୍ରଦ୍ଧା ଧୃତିରଧୃତିର୍ହ୍ରୀର୍ଧୀର୍ଭୀରିତ୍ୟେତତ୍ ସର୍ବଂ ମନ ଏବ ।୩୨।

ସ୍ୱର୍ଗ ନରକାଦି ଭୋଗ, ଗମନାଗମନ । ନ ରହିବ ଆଉ, ଜାନୁ ଭାଙ୍ଗିଲେ ଯେସନ ॥
ପଙ୍ଗୁ ହୋଇ ଯାତାଯାତେ ହୁଅନ୍ତି ଅଶକ୍ତ । ତା ଲିଙ୍ଗ ଦେହେ ଅଭିମାନ ନ ହେଲେ ହତ ॥
ଗମନାଗମନ ତବ ମଧ୍ୟ ନ ରହିବ । ପ୍ରାରବ୍ଧ କର୍ମର ଫଳ ଭୋଗହିଁ ନଥିବ ॥

ଶିଷ୍ୟଉବାଚ ।

ହେ ଭଗବନ୍ ! କି ପ୍ରକାରେ ଏହି କଥା ହେବ ? ଅନୁକମ୍ପା କରି ତାହା କହି ବୁଝାଇଦେବ

ଗୁରୁରୁବାଚ ।

ଏହି ଦେହଟି ଅଟଇ ଭୋଗ-ଆୟତନ । ଇନ୍ଦ୍ରିୟ ସମୂହ ତହିଁ ଭୋଗର ସାଧନ ॥
ବିଷୟ ସକଳ ଭୋଗ୍ୟ, ଭୋକ୍ତା ବୁଦ୍ଧି ମନ । ତୁମ୍ଭେ ସେହି ତିନିହେଁ ନୁହଁ କଦାଚନ ॥
ଅତଏବ କର୍ମର ଫଳଭୋଗ ତୁମ୍ଭ ନାହିଁ । ହେ ଶିଷ୍ୟ ! ତୁମ୍ଭ ଆଉ କି ସଂଶୟ ଅଛଇ ? ॥

ଶିଷ୍ୟଉବାଚ ।

ହେ ଗୁରୋ ଜାଗ୍ରତ ପୁଣି ସ୍ୱପ୍ନ ଅବସ୍ଥାରେ । ସୁଖ ଦୁଃଖ ଅନୁଭବ କରୁଛୁଁ ସଂସାରେ ॥
ଏଣୁ ମୋର ସୁଖ ଦୁଃଖ ନାହିଁ, ଏ ସଂଶୟ । କି ପ୍ରକାରେ ହୋଇପାରେ କହ ମହାଶୟ ॥

ଗୁରୁରୁବାଚ ।

ମଗ୍ନ ଥାଅ ଯେବେ ତୁମ୍ଭେ ସୁଷୁପ୍ତି ନିଦ୍ରାରେ । ଯେତେବେଳେ ବୁଦ୍ଧି ତବ ନ ଥାଏ କାର୍ଯ୍ୟରେ ॥
ତାହା ଦେହଗତ ଚକ୍ଷୁଃଶୂଳ ଯେତେ ବାଧା । ଆଦି ବେଦନା ଜଣା ନ ପଡ଼ଇ ତଥା ॥
ଅତଏବ ଦୁଃଖ ଆଦି ନୁହେ ତୁମ୍ଭ ଧର୍ମ । ସେ ସମୂହ ଅଟେ ଜାଣ ବୁଦ୍ଧିରହିଁ ଧର୍ମ ॥

ଶ୍ରୀ ଭଗବଦ୍ ବଚନମ୍ :—"ଇଚ୍ଛାଦ୍ୱେଷଂ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ । ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ।" ଶ୍ରୁତିରପି :—ରାଗେଚ୍ଛା ସୁଖ-ଦୁଃଖାଦି ଯେ ବୁଦ୍ଧୌ ପ୍ରବର୍ତ୍ତତେ । ସୁଷୁପ୍ତୌ ନାସ୍ତି ତନ୍ନାଶେ ତସ୍ମାଦ୍ ବୁଦ୍ଧେସ୍ତୁ ନାତ୍ମନଃ ।" ଅନ୍ତଃକରଣସ୍ୟ ଧର୍ମମିତ୍ୟର୍ଥଃ । ଇତି ଶ୍ରୁତି ସ୍ମୃତି । ଗୁରୁଣାନୁଭବାତ୍ ଶରୀରମହଂ ନ ଭବାମି ଇତି ଯଦାଜ୍ଞାନଂ ଜାତଂ ତଦା ନାନାଯୋନି ଭ୍ରମଣେଭ୍ୟଃ । ବନ୍ଧରହିତୋ ଭବସି । ୩୮ ।

ହେ ଭଗବନ୍ ! ତେ ଗୁଣାଃ କେ ? ବୁଦ୍ଧେଃ ରାଗେଚ୍ଛା ପ୍ରଯତ୍ନୋ ଦ୍ୱେଷଃ ସଂସ୍କାରଃ ଧର୍ମାଧର୍ମୌ ସୁଖଦୁଃଖଂ ଚେତି । ହେ ଭଗବନ୍ ! ଅନ୍ତଃକରଣ ବାହ୍ୟ ପୂର୍ବଶେଷଣି ଅହମନୁସନ୍ଧାନାଦ୍ଦେହୋଽହଂ ନ ଭବାମି ଇନ୍ଦ୍ରିୟାଣ୍ୟହଂ ନ ଭବାମି; ପ୍ରାଣୋଽପ୍ୟହଂ ନ ଭବାମି । ମନୋବୁଦ୍ଧିରହଂ ନ ଭବାମି ଏତତ୍ସର୍ବସ୍ୟାନୁସନ୍ଧାନାତ୍ ମାମହଂ ନ ଜାନାମି ଇତି ତ୍ୱମଃ ବ୍ରବୀଷି । ଅତଃ କୋଽହଂ ଦେହାନ୍ତଃ ନିଃସ୍ୱଦେହଂ ଭଗବନ୍ ବ୍ରୂହି ମଦନ୍ତ ବନ୍ଧୁପିତଃ ସଦ୍ଗୁରୁରୁପଦିଶତି, ତତ୍ କଥମ୍ ? ଇଦଂ କିଂ ନ ଜାନାସୀତି ତବ କାରଣ ଶରୀରମ ବ୍ୟାକୃତ-ମଜ୍ଞାନସଂଜ୍ଞକମସ୍ତି । ତତ୍ କଥମ ? ଯଥା ଇଦଂ ସର୍ବଂ ଦୃଶ୍ୟଂ ପୃଥକ୍ ପୃଥକ୍ ରୂପଂ ତ୍ୱଂ ନ ଜାନାସି । ଅଜ୍ଞାନମେବ ନ ଜାନାମି ଇତି ବଦସି । ଏତଦେବ ତବାଜ୍ଞାନମ୍ । ଇଦମେବ କାରଣ ଶରୀରମ୍ । ଅସ୍ୟା ପ୍ରବୃତ୍ତିମେବ । ତତ୍ କଥମ୍ ?

ଜଳଗତ ଚନ୍ଦ୍ରମାକୁ ଯେସନେ ଦୂନରେ । ବକ୍ର ଚନ୍ଦ୍ର ବୋଲି ଭାବୁଥାନ୍ତି ମାନବରେ ॥
ତେସନେ ଆତ୍ମ ରେ ସେ ମୂଢ଼ ଲୋକେ ଅଜ୍ଞାନରେ । ଦୁଃଖାଦିକ କଳପନା କରନ୍ତି ନିଶ୍ଚୟରେ ॥
ଶାସ୍ତ୍ରେ ଅଛି-ଯେତେ ପର୍ଯ୍ୟନ୍ତ ଶରୀର ସହିତ । ସମ୍ବନ୍ଧ ଥାଏ ସେ ଦେହାତ୍ମେ ମୋହିତ ॥
ପ୍ରିୟ ଅପ୍ରିୟ ବୋଧ ତେଣେ ରହିଥାଏ । ଦେହ ସମ୍ବନ୍ଧ ଛୁଟିଲେ ସବୁ କେଣେ ଯାଏ ॥
ଶ୍ରୁତି ଶାଖା ସୁଦ୍ଧା କହେ-ସଂକଳ୍ପ କାମନା । ସଂଶୟ, ଶ୍ରଦ୍ଧା, ଅଶ୍ରଦ୍ଧା ଲଜ୍ଜାଧୀ-ଧୃତି ଧାରଣା ॥
ଅଧାରଣା ଭୟ ଆଦି ମନର ଧରମ । ଅତଏବ ଆତ୍ମେ ଶିଷ୍ୟ ନୁହଇ ଏଥେଁ ଭ୍ରମ ॥
ଯେ ଯାଏ ମନ ସହିତ ସମ୍ବନ୍ଧ ରହିବ । ସେ ଯାଏ ସବୁ ଦୁଷ୍ଟ ରୂପେ ରହିଥିବ । ୩୯ ।
ପ୍ରଭୁଙ୍କ ଶ୍ରୀମୁଖ ବାକ୍ୟ ଶୁଣି ଧୀର ମତ । ଇଚ୍ଛା ଦ୍ୱେଷ ସୁଖ ଦୁଃଖ ଚେତନା ଯେ ଧୃତି ॥
ଏମାନଙ୍କର ସମଷ୍ଟିରୂପୀ ଆତ୍ମା-ଦେହ । ଆତ୍ମାର ବୋଲାଇଛନ୍ତି ଏ ବସ୍ତୁ ସନ୍ଦେହ ॥
ଯାଣୁ ଏମାନଙ୍କୁ ମୋର ବୋଲି ନାହିଁପାରେ । ପୁଣି ଶ୍ରୁତି ଲେଖା ଅଛି ସ୍ମୃତି-ସମ୍ମତରେ ॥
ରାଗ ଇଚ୍ଛା ସୁଖ ଦୁଃଖ ବୁଦ୍ଧି ଥିବା ପାଏ । ପ୍ରବୃତ୍ତ ହୁଅଇ ୧ଶେଷେ ବୁଦ୍ଧି ଯାଏ ॥
ସୁଷୁପ୍ତିଦଶାରେ ଆଉ କିଛି ନ ରହଇ । ସେ ସବୁ ବୁଦ୍ଧିର ଧର୍ମ ୨ ଆତ୍ମାର ନୁହଇ ॥
ଶ୍ରୁତି-ସ୍ମୃତି ପୁଣି ଗୁରୁଙ୍କର ଅନୁଭବେ । "ଏ ଦେହ ମୁଁ ନୁହେଁ" ଏହି ଜ୍ଞାନ ଜାତ ଯେବେ ॥
ନାନା ଯୋନିରେ ଜନମ ନ ହେବ ଆଉରେ । ନବଗୁଣଙ୍କୁ ମୁକ୍ତ ହେବଟି ତୁମ୍ଭେ । ୪୦ ।

---

୧ ବୁଦ୍ଧି । ୨ ଅନ୍ତଃକରଣର ଧର୍ମ ।

ଇତ୍ଥଂ ତଦନ୍ୟଃ କୋଽପି ନ ଜାନାତି ଇତି । ତ୍ୱମେବ ବଦସି ମାମହଂ ନ ଜାନାମୀତି । ଅତୋଽସ୍ୟା ଜ୍ଞାନସ୍ୟ ତ୍ୱମେବାଶ୍ରୟଃ ଅଜ୍ଞାନଭ୍ରମଞ୍ଚ ତ୍ୱଂ ସମ୍ୟକ୍ ବେତ୍ସି । ଅତସ୍ତ୍ୱଂ ଜ୍ଞାନଂ ତସ୍ୟାଜ୍ଞାନସ୍ୟାନ୍ୟଃ କଂ ଜ୍ଞାନଂ ତବ ଜ୍ଞାନମପି ତ୍ୱମେବ ତ୍ୱୟି ସ୍ଥିତମଜ୍ଞାନଂ ଯତୋ ଜାନାସି । ଅତସ୍ତସ୍ୟ ପୃଥକ୍‌ସାକ୍ଷିସ୍ୱରୂପସ୍ତ୍ୱଂ ତବ ଦୃଶ୍ୟମାନଂ ତ୍ୱଂ ନ ଭବସି । ସ୍ଥୂଳସୂକ୍ଷ୍ମ ଶରୀରବତ୍ ଅତଃ କାରଣଶରୀରାଦ୍ଭିନ୍ନସ୍ତ୍ୱଂ ଏବମାଶ୍ରୟ ବାଲକଶଙ୍କାନମାଜସାକ୍ଷିସ୍ୱରୂପସ୍ତ୍ୱଂ ଏବଂ ମାଂ ବୋଽହମିତି ବଦସି । ଅନବଚ୍ଛିନ୍ନାଖଣ୍ଡଦଣ୍ଡାୟମାନଜ୍ଞାନସ୍ୱରୂପୋ ଭବାନ୍ ବୋ ହମିତି ବଦସି । ତତ୍ ନିଃସଂଶୟଂ ଶୃଣୁ । ଇନ୍ଦ୍ରିୟାଣି ସ୍ୱାତ୍ମାନଂ ସ୍ୱରୂପଞ୍ଚ ନ ଜାନାନ୍ତି । ପରସ୍ୱରମପି ନ ଜାନାନ୍ତି । ଅତୋ ଜଡ଼ାନି ତ୍ୱନ୍ତୁ ଇନ୍ଦ୍ରିୟାଣି ଇନ୍ଦ୍ରିୟ ବୃତ୍ତଞ୍ଚ ସଦା ଜାନାସି

ଶିଷ୍ୟଉବାଚ

ହେ ଗୁରୁ କରୁଣା କର ବଖାଣନ୍ତୁ ପୁଣି । ସନ୍ଦେହ ମୋ ଯିବ ଶୁଣି ବାକ୍ୟ ନବଗୁଣି ॥

ଗୁରୁରୁବାଚ

ବୁଦ୍ଧି, ଅନୁରାଗ, ଦ୍ୱେଷ, ପ୍ରପଞ୍ଚ ଯେ ସୁଖ । ସଂସାର, ଧର୍ମ୍ମ ଅଧର୍ମ୍ମ ନରକରେ ଦୁଃଖ ॥

ଶିଷ୍ୟଉବାଚ

ଅନ୍ତଃକରଣ ଓ ବାହ୍ୟ କରଣ ବିଷୟ । ଅନୁସନ୍ଧାନେ ବୁଝିଲି ଏହି ସମୁଦାୟ ॥
ମୁଁ ଦେହ ନୁହଇ ନୁହେଁ ଇନ୍ଦ୍ରିୟ ବା ପ୍ରାଣ । ମୁଁ ନୁହଇଁ ବୁଦ୍ଧି ମୁହିଁ ନୁହଇଁ ମୁଁ ମନ ॥
ପରନ୍ତୁ ଅନୁସନ୍ଧାନ କରି ସବୁ କଥା । ଜାଣିପାରୁ ନାହିଁ ମୁହିଁ ମୋତେ ପୁଣି ତଥା ॥
"ମୁଁ କିଏ ?" ଏହି ପ୍ରଶ୍ନର ଉତ୍ତର ଆପଣ । କୃପାକରି କହି ଭ୍ରାନ୍ତି କରନ୍ତୁ ହରଣ ॥

ଗୁରୁ—(ଗଦ୍ୟ) ବତ୍ସ ! ଅଜ୍ଞାନ ସଞ୍ଜ୍ଞକ ଅବ୍ୟାକୃତ (ଅବ୍ୟକ୍ତ) ହିଁ ତୁମ୍ଭର କାରଣ ଶରୀର । ଏହି ସମସ୍ତ ଦୃଶ୍ୟବସ୍ତୁଙ୍କୁ ତୁମ୍ଭେ ପୃଥକ୍ ପୃଥକ୍ ରୂପେ ଜାଣି ପାରୁ ନାହଁ ଏବଂ ଆତ୍ମାକୁ ସୁଦ୍ଧା ଜାଣୁ ନାହଁ, ଏହିପରି କହୁଛ । ଏହାହିଁ ତୁମ୍ଭର ଆତ୍ମ ବିଷୟରେ ଅଜ୍ଞାନ, ଏହାକୁହିଁ କାରଣ ଶରୀର କହନ୍ତି । ଏହାର ଆଶ୍ରୟ ତୁମ୍ଭେ । ତୁମ୍ଭେ କହୁଛ ମୁଁ ମୋତେ ଜାଣେନା; ଅତଏବ ଏହି ଅଜ୍ଞାନର ଆଶ୍ରୟ ହେଉଛ ତୁମ୍ଭେ । ଅଜ୍ଞାନଭ୍ରମ ତୁମ୍ଭେ ସମ୍ୟଗ୍‌ରୂପେ ଅବଗତ ହେଉଛ, ଅତଏବ ତୁମ୍ଭେ ଜ୍ଞାନସ୍ୱରୂପ ଏବଂ ସେହି ଅଜ୍ଞାନର ଆତ୍ମ ଜ୍ଞାନ । ପରନ୍ତୁ ତୁମ୍ଭର ଜ୍ଞାନ ସୁଦ୍ଧା ତୁମ୍ଭେ । ଅର୍ଥାତ୍ ତୁମ୍ଭର ଜ୍ଞାନ ଓ ତୁମ୍ଭେ ଏକ; ଯେହେତୁ ତୁମ୍ଭଠାରେ ଅବସ୍ଥିତ ଅଜ୍ଞାନକୁ ତୁମ୍ଭେ ଜାଣୁଛ । ଅତଏବ ସେହି ଅଜ୍ଞାନର ସାକ୍ଷୀସ୍ୱରୂପ ତୁମ୍ଭେ ପୃଥକ୍ ପଦାର୍ଥ ।

ମନଃ ସ୍ୱସ୍ୱାନଂ ନ ଜାନନ୍ତି । ମଦସ୍ମିନ୍ନଦ୍ଧ୍ୟାଦପାର୍ବଂ କର୍ତ୍ତୁଂ ନ ସମର୍ଥଂ । ଅତୋ ଜଡ଼ାନ । ତ୍ୱନ୍ତୁ ମନୋବୁଦ୍ଧ୍ୟାଦୀନ ସଦା ଜାନାସି । ଅତସ୍ତ୍ୱବ ସ୍ୱରୂପଂ ଜ୍ଞାନମେବ । ଯଥା ରାହୋଃ ଶିରଃ ଶିର ଏବ ବହ୍ମଃତଥା ତବଜ୍ଞନଂ ଜ୍ଞାନମେବ ତ୍ୱଂ । ତଥା ଚ ଶ୍ରୁତିଃ :— ଯେନ ବା ପଶ୍ୟତି, ଯେନ ବା ଶୃଣୋତି, ଯେନ ବା ଗନ୍ଧାନ୍ ଜିଘ୍ରତି, ଯେନ ବା ବାଚଂ ବ୍ୟାକରୋତି, ଯେନ ବା ସ୍ୱାଦୁ ବାସ୍ୱାଦୁ ଚ ବିଜାନାତି, ତଦ୍‌ବିଜ୍ଞାନଂ ବ୍ରହ୍ମ । ଯୋ ବେଦ୍ୟ ବିଶ୍ୱଂ ନ ଚ ତସ୍ୟ ବେତ୍ତା ତମାହୁରଗ୍ର୍ୟଂ ପୁରୁଷଂ ପୁରାଣମ୍ । ଯସ୍ୟ ଭାସା ସର୍ବମିଦଂ ବିଭାତି । ସ୍ମୃତିରପି:—ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ । ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ । ଜ୍ଞାନମାତ୍ରସ୍ୱମିତି ଭାବଃ । ୩୪ ।

ତୁମ୍ଭେ ତୁମ୍ଭର ଦୃଶ୍ୟମାନ୍ ନୁହ । ତୁମ୍ଭେ ଯେପରି ସ୍ଥୂଳ ଓ ସୂକ୍ଷ୍ମଶରୀରଠାରୁ ଭିନ୍ନ, ସେପରି କାରଣଶରୀରଠାରୁ ମୁଦ୍ଧା ଭିନ୍ନ । ଏହି ପ୍ରକାରରେ ଅଶରୀର ବିଲକ୍ଷଣ, ଜ୍ଞାନ-ମାତ୍ର ଦୃଷ୍ଟି-ସ୍ୱରୂପ ତୁମ୍ଭେ 'କୋଽହଂ' ମୁଁ କିଏ? ଏହି ପ୍ରଶ୍ନ କରୁଅଛ । ଅନବଚ୍ଛିନ୍ନ ଅଖଣ୍ଡ ଦଣ୍ଡାୟମାନ ଜ୍ଞାନସ୍ୱରୂପ ତୁମ୍ଭେ 'କୋଽହଂ' ମୁଁ କିଏ ! ଜିଜ୍ଞାସା କରୁଛ । ଅତଏବ ତୁମ୍ଭେ ନିଃସନ୍ଦେହରେ ଶୁଣ; ଇନ୍ଦ୍ରିୟଗଣ ନିଜକୁ ଏବଂ ନିଜର ବୃତ୍ତିକୁ ଜାଣି ପାରନ୍ତି ନାହିଁ ଏବଂ ଇନ୍ଦ୍ରିୟଗଣ ପରସ୍ପର ସ୍ୱଭାବକୁ ଜାଣନ୍ତି ନାହିଁ; ଅତଏବ ସେମାନେ ଜଡ଼ । ତୁମ୍ଭେ ଇନ୍ଦ୍ରିୟଗଣଙ୍କୁ ଏବଂ ତଦୀୟ ବୃତ୍ତିକୁ ସର୍ବଦା ଜାଣୁଛ । ଏହି ପ୍ରକାର ମନ ମୁଦ୍ଧା ନିଜକୁ ଜାଣେ ନାହିଁ, ବୁଦ୍ଧି ମଧ୍ୟ ନିଜକୁ ଜାଣେ ନାହିଁ, ଅତଏବ ଏ ସମସ୍ତେ ଜଡ଼ । ତୁମ୍ଭେ ସର୍ବଦା ମନ, ବୁଦ୍ଧି ଆଦିକୁ ଜାଣୁଛ, ଅତଏବ ଜ୍ଞାନହିଁ ତୁମ୍ଭର ସ୍ୱରୂପ । ଲୋକେ ଯେପରି ଶିରୋମାତ୍ର ରାହୁକୁହିଁ ଲକ୍ଷ୍ୟ କରି "ରାହୁର ଶିର, ଶିରହିଁ ରାହୁ" ଏହି ଦୁଇ ପ୍ରକାର କଥା ବ୍ୟବହାର କରଥାନ୍ତି, ସେପରି 'ତୁମ୍ଭର ଜ୍ଞାନ, ତୁମ୍ଭେହିଁ ଜ୍ଞାନସ୍ୱରୂପ' ଏହି ଦୁଇ ପ୍ରକାର ବ୍ୟବହାର କରନ୍ତି; ଫଳତଃ ଜ୍ଞାନସ୍ୱରୂପହିଁ ତୁମ୍ଭେ । ତେଣୁ ଶ୍ରୁତି କହିଅଛନ୍ତି,— ଯଦ୍ଦ୍ୱାରା ଦର୍ଶନ, ଶ୍ରବଣ, ଘ୍ରାଣଗ୍ରହଣ, ବାକ୍ୟକଥନ, ସ୍ୱାଦୁ ଅସ୍ୱାଦ ଜ୍ଞାନ ଜନ୍ମେ, ସେହି ବିଜ୍ଞାନସ୍ୱରୂପହିଁ ବ୍ରହ୍ମ । ଯେ ବିଶ୍ୱକୁ ଜାଣୁଛନ୍ତି, ତାଙ୍କର ବେତ୍ତା ନାହିଁ, ତାଙ୍କୁହିଁ ଜ୍ଞାନୀମାନେ ପ୍ରଧାନ ପୁରାତନ ପୁରୁଷ ବୋଲି ନିର୍ଣ୍ଣୟ କରଥାନ୍ତି । ଯାହାର ଜ୍ଞାନରେ ଏହି ଅନନ୍ତ ବ୍ରହ୍ମାଣ୍ଡ ଉଦ୍ଭାସିତ ହେଉଅଛି । ସ୍ମୃତି ମୁଦ୍ଧା କହିଅଛି-ଦେହଠାରୁ ଇନ୍ଦ୍ରିୟ ଶ୍ରେଷ୍ଠ, ଇନ୍ଦ୍ରିୟଠାରୁ ମନ, ମନଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ଯେ ବୁଦ୍ଧି ଉପରେ ବିଦ୍ୟମାନ ଅଛନ୍ତି, ସେହି ପରମ ପୁରୁଷ ବ୍ରହ୍ମ । ଅତଏବ ତୁମ୍ଭେ ଜ୍ଞାନମାତ୍ର ସ୍ୱରୂପ, ଏହା ସୁସ୍ଥିରକୃତ ହେଲା । ୩୪ ।

ଅଥ ବଧିରମୂଢଶେନ ପ୍ରତିବୋଧୟତି । ଯତୋ ଜ୍ଞପ୍ତି ସ୍ୱରୂପସ୍ତ୍ୱଂ ଅତସ୍ତବାଜ୍ଞାନଂ ନାସ୍ତି । ଯଥା ସୂର୍ଯ୍ୟେ ତମଃ ଅତସ୍ତସ୍ୟାଜ୍ଞାନସ୍ୟ ନିବର୍ତ୍ତିକଂ ଜ୍ଞାନମପି ତବ ନାସ୍ତି ଜ୍ଞାନ-ସ୍ୱରୂପତ୍ୱାତ୍ । ଯଥା ଦୀପସ୍ୟାନ୍ୟଦୀପେଚ୍ଛା ନାସ୍ତି ଏବ ପ୍ରକାଶସ୍ୱରୂପତ୍ୱାତ୍ । ତସ୍ମାଦଜ୍ଞାନୋ ଭବୌ ବନ୍ଧମୋକ୍ଷାବପି ତବ ନାସ୍ତି । ଅତୋ ନିତ୍ୟମୁକ୍ତ ଏବ ତ୍ୱମ୍ । ଯତଃ ଶାସ୍ତ୍ରମାହ:— "ଅନାତ୍ମନ୍ୟାତ୍ମଧୀର୍ବନ୍ଧସ୍ତନ୍ନାଶୋ ମୋକ୍ଷ ଉଚ୍ୟତେ । ବନ୍ଧମୋକ୍ଷୌ ନ ବଦ୍ଧ୍ୟେତେ ନିତ୍ୟ ମୁକ୍ତସ୍ୟ ଗୃହ୍ମନଃ ॥" ଅତସ୍ତ୍ୱଂ ଶବ୍ଦରୂପମ୍ । ସଦ୍ରୂପତ୍ୱଂ ଦର୍ଶୟତି । ଚକ୍ଷୁରାଦୀନି କରଣାନି । ଦିତ୍ୟାଦ୍ୟାନୁଗୃହୀତାନି ସ୍ୱସ୍ୱବିଷୟେଷୁ ପ୍ରବର୍ତ୍ତନ୍ତେ । ତଦା ବୁଦ୍ଧିଃ କରଣବ୍ୟାପାରମନୁଭବତି । ତ୍ୱଂ ଚୈତନ୍ୟେନାନ୍ତଃକରଣୋଭୟାତ୍ମକଦ୍ରଷ୍ଟୃଦୃଶ୍ୟାକାରଂ ବିପରିଣମତେ ତଜ୍ଜାଗରଣଂ ଭବତି । ତସ୍ୟ ସାକ୍ଷୀ ତ୍ୱଂ ଚୈତନ୍ୟେନାନ୍ତଃକରଣୋଭୟାତ୍ମକଦ୍ରଷ୍ଟୃଦୃଶ୍ୟାକାରଂ ବିପରିଣମତେ ତତ୍ସ୍ୱପ୍ନଂ ଭବତି । ଯଥା ପଟେ ଚିତ୍ରପଟବତ୍ ତସ୍ୟ ପୃଥକ୍ ଭୂତଂ ସାକ୍ଷୀ ତ୍ୱମେବ । ଜାଗ୍ରତ୍ସ୍ୱପ୍ନାବସ୍ଥାସର୍ବସଂସ୍କାରୈଃ ସହ ବୁଦ୍ଧିଃ ସ୍ୱାଜ୍ଞାନମୂଳାବିଦ୍ୟାୟାଂ ଲୀନାସାବିଦ୍ୟା

ଅତଃପର ଶୁଣ, ହେ ବତ୍ସ ! ତୁମ୍ଭେ ଜ୍ଞାନସ୍ୱରୂପ, ଅତଏବ ସୂର୍ଯ୍ୟଠାରେ ଯେପରି ଅନ୍ଧକାର ଥାଏ ନାହିଁ, ସେପରି ତୁମ୍ଭଠାରେ ମଧ୍ୟ ଅଜ୍ଞାନ ନାହିଁ, ଅତଏବ ସେହି ଅଜ୍ଞାନର ନିବର୍ତ୍ତିକ ଜ୍ଞାନ ମଧ୍ୟ ତୁମ୍ଭର ନାହିଁ । ଯେପରି ପ୍ରକାଶସ୍ୱରୂପ ବୋଲି ପ୍ରଦୀପର ଅନ୍ୟ ପ୍ରଦୀପର ଇଚ୍ଛା ନ ଥାଏ, ସେପରି ତୁମ୍ଭେ ଜ୍ଞାନସ୍ୱରୂପ, ଅତଏବ ଅଜ୍ଞାନ ନିବର୍ତ୍ତିକ ଜ୍ଞାନ ମଧ୍ୟ ତୁମ୍ଭର ନାହିଁ । ସୁତରାଂ ଅଜ୍ଞାନ ଯଦି ତୁମ୍ଭର ରହିଲା ନାହିଁ, ତେବେ ଅଜ୍ଞାନ ସମ୍ଭୂତ ବନ୍ଧ ବା ମୁକ୍ତ ମଧ୍ୟ ତୁମ୍ଭର ସମ୍ଭବେ ନାହିଁ । ଅତଏବ ତୁମ୍ଭେ ନିତ୍ୟମୁକ୍ତସ୍ୱରୂପ । ତେଣୁ ଶାସ୍ତ୍ର କହୁଅଛି:—ଅନାତ୍ମସ୍ୱରୂପ ଦେହାଦିରେ ଯେ ଆତ୍ମା ବୁଦ୍ଧି, ତାକୁହିଁ ବନ୍ଧ କହନ୍ତି, ଏହି ବନ୍ଧର ନାଶହିଁ ମୁକ୍ତି ନାମରେ ଅଭିହିତ; କିନ୍ତୁ ନିତ୍ୟମୁକ୍ତ ଆତ୍ମାର ବନ୍ଧ ବା ମୁକ୍ତ ନାହିଁ । ଅତଏବ ତୁମ୍ଭେ ଶବ୍ଦ ବା ଚୈତନ୍ୟ ସ୍ୱରୂପ । ପୁନଶ୍ଚ ସତ୍ ସ୍ୱରୂପ ମଧ୍ୟ ତୁମ୍ଭେ । ଚକ୍ଷୁରାଦି ଇନ୍ଦ୍ରିୟାଦି ଆଦିତ୍ୟାଦିଦ୍ୱାରା ଅନୁଗୃହୀତ ହୋଇ ସ୍ୱସ୍ୱ ବିଷୟରେ ପ୍ରବୃତ୍ତ ହୁଅନ୍ତି, ସେତେବେଳେ ବୁଦ୍ଧି, ଇନ୍ଦ୍ରିୟଗଣର ବ୍ୟାପାର ଅନୁଭବ କରେ, ଆଉ ତୁମ୍ଭେ ଚୈତନ୍ୟ ବୃତ୍ତିଦ୍ୱାରା ଉଦ୍ଭାସିତ ଦ୍ରଷ୍ଟା ଓ ଦୃଶ୍ୟ ଏହି ଉଭୟ ଆକାରରେ ପରିଣତ ହୁଅ; ଏହାକୁହିଁ ଜାଗରଣ ବା ଜାଗ୍ରତ ଅବସ୍ଥା କହନ୍ତି । ଆଉ ଯେତେବେଳେ ପଟରେ ଚିତ୍ରିତ ଚିତ୍ର ପୁତ୍ତଳିକାବତ୍ ତାହାଠାରୁ ପୃଥକ୍ଭୂତ ହୁଅ, ସେତେବେଳେ ତୁମ୍ଭେହିଁ ସେମାନଙ୍କର ସାକ୍ଷୀ ସ୍ୱରୂପରେ ପ୍ରତିଭାତ ହୋଇଥାଅ । ଆଉ ଯେତେବେଳେ ବୁଦ୍ଧି ଜାଗ୍ରତ୍ ଓ ସ୍ୱପ୍ନ କାଳୀନ ସର୍ବସଂସ୍କାର ସହିତ ମୂଳ ଅବିଦ୍ୟାରେ ଲୀନ ହୋଇଥାଏ; ସେହି ସଂସ୍କାରମାତ୍ର ବିଶିଷ୍ଟା ଅବିଦ୍ୟା ତୁମ୍ଭଠାରେ ବିଶ୍ରାମ ଲାଭ କରି ନିର୍ବିକଳ୍ପ ସ୍ୱରୂପତା ପ୍ରାପ୍ତ ହୁଏ, ଏହାକୁହିଁ ସୁଷୁପ୍ତି ଅବସ୍ଥା କହନ୍ତି ଯେତେବେଳେ କୌଣସି ପ୍ରକାର କାମନା ଥାଏ ନାହିଁ,

ସଂସ୍କାରମାତ୍ରାବଶିଷ୍ଟା ବୃତ୍ତି ବିଶ୍ରାମ୍ୟ ନିର୍ବିକଲ୍ପାନୁଭବୋ ଭୂତ୍ୱାତିଷ୍ଠତି । ଇୟଂ ସୁଷୁପ୍ତ୍ୟବସ୍ଥା । ଯତ୍ର ନ କଞ୍ଚନ କାମଂ କାମୟତେ ନ କଞ୍ଚନ ସ୍ୱପ୍ନଂ ପଶ୍ୟତି । ତତ୍ ସୁଷୁପ୍ତଂ ଯୋ ବେତ୍ତି ତସ୍ୟ ସାକ୍ଷିସ୍ୱରୂପତ୍ୱମ୍ । ଏବମବସ୍ଥାତ୍ରୟସ୍ୱଭାବାଭାବସାକ୍ଷୀ ଅନୁଭୂତଂ ପୃଥକ୍ଭୂତଂ ଚୈତନ୍ୟଂ ତ୍ୱମ୍ । ଅତଃ କାଲତ୍ରୟସ୍ଥାୟୀ ସର୍ବଦା ଭାବସ୍ୱରୂପମିତ୍ୟର୍ଥଃ । ଅନ୍ୟସ୍ୟ ସତ୍ତ୍ୱମସତ୍ତ୍ୱଞ୍ଚ ସ୍ୱୟଂ ଜାନାସି । ସ୍ୱସତ୍ତ୍ୱେ ସ୍ୱତଏବ ପ୍ରମାଣମ୍ । ସ୍ୱସତ୍ତ୍ୱା ଜ୍ଞାନାଶ୍ରୟଂ ବିନା ନ ସମ୍ଭବତି । ଅତଃ ସ୍ୱସତ୍ତ୍ୱାନୁଭବସିଦ୍ଧା ଅତସ୍ତବ ସ୍ୱରୂପଂ ସଦ୍ରୂପମ୍ । ୩୫ ।

ଆନନ୍ଦରୂପତାଂ ଦର୍ଶୟତି । ବ୍ୟାବୃତ୍ତେଷୁ ଇନ୍ଦ୍ରିୟେଷୁ ସ୍ୱବିଷୟାଦନ୍ୟତ୍ର ଶ୍ରମିତଃ ସନ୍ ବୃତ୍ତି ସୁଖସ୍ୱରୂପେ ବିଶ୍ରାମ୍ୟ ତେନ ସୁଖଂ ରୂପଂ ପୁନଃ ସୁଖସ୍ୱରୂପବତ୍ କଥ୍ୟତାନି କୋଽର୍ଥଃ । ସ୍ୱବ୍ୟାପାରେ ସମର୍ଥାନି ଭବନ୍ତୀତ୍ୟର୍ଥଃ । ଯଥା ପଟେ ସୁଗନ୍ଧବତ୍ ଅତସ୍ତବ ସ୍ୱରୂପଂ ଆନନ୍ଦରୂପମ୍ । ଅଥାଦ୍ୱିତୀୟତାଂ ଦର୍ଶୟତି-ଆବ୍ରହ୍ମାଦିପିପୀଲିକାନ୍ତମନୁସ୍ୟୂତମନ୍ତ

ଯେତେବେଳେ ସ୍ୱପ୍ନାବସ୍ଥା ମଧ୍ୟ ନାହିଁ, ତାହାର ନାମ ସୁଷୁପ୍ତି ଅବସ୍ଥା । ଏହି ସୁଷୁପ୍ତି (ଗାଢ଼ ନିଦ୍ରା) ଅବସ୍ଥାକୁ ଯେ ଜାଣେ, ସେହି ସାକ୍ଷୀସ୍ୱରୂପ । ଏହିପ୍ରକାର ଅବସ୍ଥାତ୍ରୟର ସାକ୍ଷୀ ଅନୁଭୂତ ପୃଥକ ଭୂତ ଚୈତନ୍ୟ ସ୍ୱରୂପହିଁ ତୁମ୍ଭେ । ଅତଏବ ତୁମ୍ଭେ ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଏହି କାଳତ୍ରୟ ସ୍ଥାୟୀ ସର୍ବଦା ଭାବସ୍ୱରୂପ; ତୁମ୍ଭେ ଅନ୍ୟର ସତ୍ତ୍ୱ † ବା ଅସତ୍ତ୍ୱ ସ୍ୱୟଂ ଜାଣୁଛ, ଅତଏବ ତୁମ୍ଭର ସ୍ୱସତ୍ତ୍ୱର ସ୍ୱତଃ ପ୍ରମାଣ ହୋଇଅଛୁ । ଜ୍ଞାନର ଆଶ୍ରୟ ବ୍ୟତୀତ ସ୍ୱସତ୍ତ୍ୱର ସମ୍ଭାବନା ନାହିଁ; ଅତଏବ ତୁମ୍ଭର ସ୍ୱସତ୍ତ୍ୱ ଅନୁଭବ ସିଦ୍ଧ ହୋଇଅଛି । ଅତଏବ ତୁମ୍ଭର ସ୍ୱରୂପ ସନ୍ମୟ । ୩୫ ।

ଇନ୍ଦ୍ରିୟସମୂହ ସ୍ୱ ସ୍ୱ ବିଷୟରୁ ନିବୃତ୍ତ ହେଲେ, ଆତ୍ମା ସ୍ୱୟଂ ସ୍ୱୀୟ ସୁଖ ରୂପରେ ଅବସ୍ଥାନ କରେ; ଅତଏବ ତୁମ୍ଭର ଆନନ୍ଦସ୍ୱରୂପତ୍ୱ ସିଦ୍ଧ ହେଲା । ଅତଃପର ଅଦ୍ୱୈତତ୍ୱ ପ୍ରଦର୍ଶିତ ହେଉଅଛି ।—ବ୍ରହ୍ମଠାରୁ ଆରମ୍ଭ କରି ପିପୀଲିକା (ପିମ୍ପୁଡ଼ି) ପର୍ଯ୍ୟନ୍ତ ସମସ୍ତ ପଦାର୍ଥରେ ଅନ୍ତର୍ଯ୍ୟାମୀ ଏକ ଆତ୍ମାହିଁ ସାକ୍ଷିରୂପେ ବିଦ୍ୟମାନ ରହିଅଛନ୍ତି, ଅତଏବ ତୁମ୍ଭର ସ୍ୱରୂପ ଅଦ୍ୱିତୀୟ ଶ୍ରୁତିରେ ମଧ୍ୟ ଲେଖାଅଛି :—ଏକଦେବ (ଆତ୍ମା) ସର୍ବଭୂତରେ ଗୂଢ଼ ଭାବରେ ଅବସ୍ଥିତ ଅଛନ୍ତି, ସେ ସର୍ବବ୍ୟାପୀ, ସର୍ବଭୂତର ଅନ୍ତରାତ୍ମସ୍ୱରୂପ କର୍ମର ଅଧ୍ୟକ୍ଷ ଏବଂ ସର୍ବଭୂତର ଆଶ୍ରୟ; ସେ ସାକ୍ଷୀ, ଚୈତନ୍ୟସ୍ୱରୂପ, କେବଳ ଏବଂ ନିର୍ଗୁଣ ସ୍ୱଭାବ । ଏଠାରେ ଜିଜ୍ଞାସ୍ୟ ଏହି ଯେ, ଯେ ସାକ୍ଷୀ ଅଟନ୍ତି, ସେ ଦୃଶ୍ୟପ୍ରପଞ୍ଚଦ୍ୱାରା ସଦ୍ୱିତୀୟ ଅଟନ୍ତି, ଅତଏବ ଆତ୍ମାର ଅଦ୍ୱିତୀୟତ୍ୱ କିପରି ସାଧିତ ହେବ ।

---

† ଅସ୍ତିତ୍ୱ ।

ର୍ଯ୍ୟାମୀ ସାକ୍ଷୀ ଏକ ଏବ ଅତସ୍ତବ ସ୍ୱରୂପମଦ୍ୱିତୀୟମ୍ । ତଥା ଚ ଶ୍ରୁତିଃ—ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା । କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ ସାକ୍ଷୀ ଚେତା କେବଲୋ ନିର୍ଗୁଣଶ୍ଚେତି । ସାକ୍ଷୀ ପ୍ରପଞ୍ଚସଦ୍ୱିତୀୟଃ କିଂ ନ ଭବତି ଶୃଣୁ । ମୃଦ୍‌ବିକାରେଷୁ ମୃଦ୍‌ବଲ୍ଲ ସୁବର୍ଣ୍ଣବିକାରେଷୁ ସୁବର୍ଣ୍ଣମେବ ତନ୍ତୁବିକାରେଷୁ ତନ୍ତୁରେବ ଶଦ ବିବର୍ତ୍ତଃ ଶଦେବ ରଜ୍ଜୁସର୍ପବତ୍ ଶୁକ୍ତିକାରଜତବତ୍ ଅତସ୍ତ୍ୱମଦ୍ୱିତୀୟଃ । ୩୬ ।

ଅଖଣ୍ଡତ୍ୱଂ ଦର୍ଶୟତି :—ବିଜାତୀୟସ୍ୱଜାତୀୟସ୍ୱଗତଭେଦରହିତତ୍ୱାତ୍ । ଏକରସ ଅଖଣ୍ଡସ୍ତ୍ୱଂ ସୈନ୍ଧବଘନବତ୍ । ଅଚଲତ୍ୱଂ ଦର୍ଶୟତି, ଜନ୍ମମୃତ୍ୟୁରହିତତ୍ୱାତ୍ ତ୍ୱମଚଳଃ । ଅଜତ୍ୱଂ ଦର୍ଶୟତି । ଅନାଦିତ୍ୱାତ୍ କାରଣରହିତତ୍ୱାତ୍ ତ୍ୱମଜଃ । ୩୭ ।

ଅକ୍ରିୟତ୍ୱଂ ଦର୍ଶୟତି :—ଯଥା ଭ୍ରାମକସନ୍ନିଧିସତ୍ତାମାତ୍ରେଣ ଜଡ଼ମପି ଲୌହଂ ଚେଷ୍ଟତେ ତଥା ଅହଙ୍କାରମମକାରେଚ୍ଛାପ୍ରଯତ୍ନରହିତସ୍ୟ ସଚ୍ଚିଦାନନ୍ଦରୂପସ୍ୟ ତବ ସତ୍ତା-ସନ୍ନିଧିମାତ୍ରେଣ ଦେହେନ୍ଦ୍ରିୟ ପ୍ରାଣମନୋବୁଦ୍ଧିସକାଶାତ୍ ସଦସତ୍‌କ୍ରିୟା ଉତ୍ପଦ୍ୟନ୍ତେ ଅତସ୍ତବସ୍ୱରୂପମକ୍ରିୟମ୍ । ତଥା ଚ ଆତ୍ମଚୈତନ୍ୟମାଶ୍ରିତା ଦେହେନ୍ଦ୍ରିୟମନୋଧିୟଃ । ସ୍ୱକୀୟାର୍ଥେଷୁ ବର୍ତ୍ତନ୍ତେ ସୂର୍ଯ୍ୟାଲୋକେ ଜନା ଇବ । ଅତ ଶ୍ରୀଭଗବାନାହ—"ଶରୀରବାଙ୍-

---

ଏଥିପାଇଁ କହୁଅଛନ୍ତି :—ମୃତ୍ତିକାର ବିକାର ଘଟାଦି ଯେପରି ମୃତ୍ତିକାହିଁ, ସୁବର୍ଣ୍ଣର ବିକାର କଟକାଦି ଯେପରି ସୁବର୍ଣ୍ଣହିଁ, ତନ୍ତୁର ବିକୃତି ବସ୍ତ୍ର ଯେପରି ତନ୍ତୁହିଁ, ସେପରି ଶତ୍ ବିବର୍ତ୍ତ ଶତ୍‌ହିଁ । ଯେପରି ରଜ୍ଜୁରେ କଳ୍ପିତ ସର୍ପ ବା ଶୁକ୍ତିରେ କଳ୍ପିତ ରଜତ ରଜ୍ଜୁ ବା ଶୁକ୍ତି ବ୍ୟତୀତ ଅନ୍ୟ କିଛି ନୁହେ, ସେପରି ଶତ ସ୍ୱରୂପରେ କଳ୍ପିତ ବିଶ୍ୱ ଶତଭିନ୍ନ ଅନ୍ୟ କିଛିହିଁ ନୁହେ; ଅତଏବ ତୁମ୍ଭେ ଅଦ୍ୱିତୀୟ ଏହା ସ୍ଥିରୀକୃତ ହେଲା ।୩୬।

ଆତ୍ମା ସଜାତୀୟ, ବିଜାତୀୟ ଏବଂ ସ୍ୱଗତଭେଦରହିତ ହେତୁ ଏକରସ ଏବଂ ସୈନ୍ଧବ ଘନବତ୍ ଅଖଣ୍ଡ । ପରନ୍ତୁ ଆତ୍ମା ଜନ୍ମ ଓ ମୃତ୍ୟୁରହିତ ଅତଏବ ଅଚଳ । ଆତ୍ମା ଅନାଦି ଏବଂ କାରଣ ରହିତ; ଅତଏବ ଆତ୍ମା ଅଜ ନାମରେ ଅଭିହିତ । ୩୭ ।

ଯେପରି ଚୁମ୍ବକ ଲୌହର ନୈକଟ୍ୟ ହେତୁ ଜଡ଼ ଲୌହ ଚେଷ୍ଟାସମ୍ପନ୍ନ ହୁଏ, ସେପରି ଅହଙ୍କାର ମମକାର ଇଚ୍ଛା, ଏବଂ ପ୍ରଯତ୍ନାଦି ରହିତ ସଚ୍ଚିଦାନନ୍ଦରୂପ ତୁମ୍ଭର ସତ୍ତା ସନ୍ନିଧି ମାତ୍ରହିଁ ଦେହ, ଇନ୍ଦ୍ରିୟ, ପ୍ରାଣ ଏବଂ ବୁଦ୍ଧିଦ୍ୱାରା ସତ୍ ଓ ଅସତ୍ କ୍ରିୟାର ଉତ୍ପତ୍ତି ହୋଇଥାଏ । ଅତଏବ ତୁମ୍ଭର ସ୍ୱରୂପ ଅକ୍ରିୟ, ଏହା ସିଦ୍ଧ ହେଲା । ସୂର୍ଯ୍ୟାଲୋକରେ ମାନବଗଣ ଯେପରି ସ୍ୱ ସ୍ୱ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି, ସେପରି ଆତ୍ମା ଚୈତନ୍ୟକୁ ଆଶ୍ରା କରି ଦେହ, ଇନ୍ଦ୍ରିୟ, ମନ ଓ ବୁଦ୍ଧି ସ୍ୱ ସ୍ୱ ବିଷୟରେ ପ୍ରବୃତ୍ତ ହୁଅନ୍ତି । ଭଗବାନ କହୁଅଛନ୍ତି

ନୋଽର୍ଥିତ୍ କର୍ମ ପ୍ରାରଭତେ ନରଃ । ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ॥" ସଚ୍ଚିଦାନନ୍ଦମକ୍ରିୟଂ ସ୍ୱରୂପଂ ତବ ସତ୍ୟସ୍ୱଭାବଃ । ଯଥାଗ୍ନେରୁଷ୍ଣତ୍ୱବତ୍ ସବିତୁଃ ପ୍ରକାଶବତ୍ । ୩୮ ।

ଅଥ କୂଟସ୍ଥସ୍ୱରୂପତ୍ୱଂ ଦର୍ଶୟତି :—କୂଟସ୍ଥମବିକାର କୂଟବତ୍ ତିଷ୍ଠତି କୂଟସ୍ଥଃ ଅତସ୍ତ୍ୱଂ କୂଟସ୍ଥ । ୩୯ ।

ଅନନ୍ତତାଂ ଦର୍ଶୟତି :—ଅବ୍ୟକ୍ତାଦୀନି ପୃଥିବୀ ପର୍ଯ୍ୟନ୍ତଂ ସର୍ବତତ୍ତ୍ୱେଷୁ ପୂର୍ବଂ ବ୍ୟାପକଂ ଚୈତନ୍ୟମ୍ । ଯଥା ଘଟୋଦ୍ଭବେଷୁ ପୂର୍ବଂ ବ୍ୟାପକଂ ନଭଃ ଅତସ୍ତ୍ୱମନନ୍ତ-ସ୍ୱରୂପଃ । ୪୦ ।

ସ୍ୱପ୍ରକାଶତ୍ୱଂ ଦର୍ଶୟତି :—ତବ ଦୃଶ୍ୟମାନମିଦଂ ସର୍ବଂ ତ୍ୱଂ ନ ଭବସି । ଇତି ଲବୈବାନୁଭବଃ । ସଚ୍ଚିଦାନନ୍ଦସ୍ୱରୂପସ୍ତ୍ୱଂ ଭବସି । ତବୈବ ସ୍ୱସଂବେଦ୍ୟମ୍, ଅତସ୍ତ୍ୱଂ ସ୍ୱୟଂ ଜ୍ୟୋତିଃସ୍ୱରୂପଃ । ୪୧ ।

ବ୍ରହ୍ମତ୍ୱଂ ଦର୍ଶୟତି :—ବୃହତ୍ତ୍ୱାଦ୍ ବୃଂହଣତ୍ୱାଦ୍ୱା ପ୍ରତ୍ୟଗାତ୍ମୈବ ଚୋଚ୍ୟତେ । ତଚ୍ଚଂ ବ୍ରହ୍ମ ପର ରୂପଂ ଗୀୟତେ ବହୁଧା ଶ୍ରୁତିଃ । ଅତସ୍ତ୍ୱଂ ବ୍ରହ୍ମ । ଅତସ୍ତ୍ୱଂ ସଦାନନ୍ଦା-ଦ୍ୱିତୀୟମଖଣ୍ଡମଚଲମଜମକ୍ରିୟ କୂଟସ୍ଥାନନ୍ତସ୍ୱରୂପଂ ସ୍ୱପ୍ରକାଶଂ ବ୍ରହ୍ମ । ଏବଂ ଦ୍ୱାଦଶତ୍ୱା

ଶରୀର, ବାକ୍ୟ ଏବଂ ମନଦ୍ୱାରା ନ୍ୟାଯ୍ୟ ବା ଅନ୍ୟାଯ୍ୟ ଯାହା କିଛି କାର୍ଯ୍ୟ ଆରମ୍ଭ କରେ, ଇତ୍ୟାଦି ପାଞ୍ଚୋଟିହିଁ ତହିଁର ହେତୁ । ତୁମ୍ଭର ସ୍ୱରୂପ ସଚ୍ଚିଦାନନ୍ଦମୟ ଅକ୍ରିୟ । ଯେପରି ଅଗ୍ନିର ଉଷ୍ଣ ସ୍ୱଭାବ, ସୂର୍ଯ୍ୟର ପ୍ରକାଶସ୍ୱଭାବ, ସେପରି ତୁମ୍ଭର ସତ୍ୟସ୍ୱଭାବ ।୩୮।

କୂଟସ୍ଥ ବୋଇଲେ ଅବିକାରୀ । କୂଟବତ୍ ଆତ୍ମା ଅବସ୍ଥିତ ଅଛି, ଏହିହେତୁ ଆତ୍ମାକୁ କୂଟସ୍ଥ କହନ୍ତି । ୩୯ ।

ଆତ୍ମା ଅନନ୍ତ, କାରଣ ଅବ୍ୟକ୍ତଠାରୁ ପୃଥିବୀ ପର୍ଯ୍ୟନ୍ତ ସର୍ବତତ୍ତ୍ୱରେହିଁ ଚୈତନ୍ୟ ବ୍ୟାପକ ଭାବରେ ଅବସ୍ଥିତ । ଯେପରି ଘଟାଦିପୃତ୍ତିର ପୂର୍ବେହିଁ ବ୍ୟାପକ ଆକାଶ ସର୍ବତ୍ର ବ୍ୟାପି ବିଦ୍ୟମାନ ଅଛି, ସେପରି ବ୍ୟାପକ ଆତ୍ମା ସର୍ବବ୍ୟାପି ଅବସ୍ଥିତ ଅଛି । ଅତଏବ ତୁମ୍ଭେ ଅନନ୍ତ ଏହା ସିଦ୍ଧ ହେଲା । ୪୦ ।

ତୁମ୍ଭର ଦୃଶ୍ୟମାନ ଏହି ସମସ୍ତ, ଅତଏବ ତୁମ୍ଭେ ଏତତ୍ ସ୍ୱରୂପ ନୁହ, ଏହା ତୁମ୍ଭର ଅନୁଭୂୟମାନ ବିଷୟ । ପରନ୍ତୁ ତୁମ୍ଭେ ସଚ୍ଚିଦାନନ୍ଦସ୍ୱରୂପ । ତୁମ୍ଭେ ଯେ ସଚ୍ଚିଦା-ନନ୍ଦ ସ୍ୱରୂପ, ଏହା ତୁମ୍ଭରହିଁ ଅନୁଭବ୍ୟ । ଅତଏବ ତୁମ୍ଭେ ସ୍ୱୟଂ ଜ୍ୟୋତିଃସ୍ୱରୂପ ।୪୧ ।

ପ୍ରତ୍ୟଗାତ୍ମା ବୃହତ୍ ଅଥବା ବୃଦ୍ଧିସମ୍ପନ୍ନ, ଏହିହେତୁ ଏହାକୁ ବ୍ରହ୍ମ କହନ୍ତି । ଶ୍ରୁତି ଏହାଙ୍କୁ ତତ୍ତ୍ୱ, ପରବ୍ରହ୍ମ ଇତ୍ୟାଦି ବହୁ ପ୍ରକାରରେ ଅଭିହିତ କରିଅଛନ୍ତି । ଅତଏବ ତୁମ୍ଭେ

ବିଶେଷଣୈର୍ବିଶେଷିତଂ ପରଂବ୍ରହ୍ମ ତଦେବାଽହମସ୍ମୀତି ପ୍ରତିପଦ୍ୟତେ । ତେନ ନିର୍ମଳମହା-ସୁଖାନ୍ଦ୍ରପ୍ରକାଶାତ୍ମା ଏବଂ ନିତ୍ୟଶୁଦ୍ଧବୁଦ୍ଧ ମୁକ୍ତସ୍ୱଭାବଂ ଇତି ତଦ୍ବିଜ୍ଞାନାଦ୍ଭବୋ ଜାତଃ । ତତ୍ର ଶ୍ରୁତି ପ୍ରମାଣମ୍ :—ପ୍ରଜ୍ଞାନସ୍ୟ ନାମଧେୟାନି ଇତି ଆତ୍ମା ବା ଇଦମେକମେ-ବାଗ୍ର ଆସୀତ୍ । ତତ୍ ସୃଷ୍ଟ୍ୱା ତଦେବାନୁପ୍ରାବିଶତ୍ । ଅନ୍ତଃ ପ୍ରବିଷ୍ଟଃ ଶାସ୍ତା ଜନାନାମନ୍ତର-ମବାହ୍ୟମ୍ । ସ ବାହ୍ୟାଭ୍ୟନ୍ତରୋହ୍ୟଜଃ । ଅଶରୀରେଷୁ ଜ୍ଞାନାଦେବ ସର୍ବପାପହାନିଃ ଅୟମ୍ପୁରୁଷଃ ସ୍ୱୟଂ ଜ୍ୟୋତିର୍ଭବତି । ଯୋଽୟଂ ପ୍ରଜ୍ଞାନମୟଃ ପୁରୁଷଃ ଯୋଽୟମସଙ୍ଗୋହ୍ୟୟଂ ପୁରୁଷଃ ଯୋଽୟମବିନାଶୀ ପୁରୁଷଃ ପ୍ରତ୍ୟାନନ୍ଦମୟଃ ପୁରୁଷଃ । ସହସ୍ରଶୀର୍ଷାୟଂ ପୁରୁଷଃ ସୋଽମୃ ସମୃତମୟଃ ପୁରୁଷଃ ବିଜ୍ଞାନମାନନ୍ଦଂ ବ୍ରହ୍ମ ପ୍ରଜ୍ଞଂ ପ୍ରତିଷ୍ଠିତା ବ୍ରହ୍ମ ସତ୍ୟଂ ଜ୍ଞାନ-ମନନ୍ତଂ ବ୍ରହ୍ମ ଏକମେବାଦ୍ୱିତୀୟଂ ବ୍ରହ୍ମ ଅୟମାତ୍ମା ବ୍ରହ୍ମ । ୪୦ ।

ସ୍ମୃତୟୋଽପି:—କ୍ଷେତ୍ରଜ୍ଞଞ୍ଚାପି ମାଂ ବିଦ୍ଧି ନବଦ୍ୱାରେ ପୁରେ ଦେହୀ । ଅନାଦିତ୍ୱାତ୍ ନିର୍ଗୁଣତ୍ୱାତ୍ ସମଂ ସର୍ବେଷୁ ଭୂତେଷୁ । ଜନ୍ମତଃ ପୁରୁଷସ୍ତୁନଂଃ ନ ଜାୟତେ ନ ମ୍ରିୟତେ ନାଦତ୍ତେ କସ୍ୟଚିତ୍ ପାପମ୍ ଅବିଭକ୍ତଂ ବିଭକ୍ତେଷୁ, ବହୂନାଂ ଜନ୍ମନାମନ୍ତେ, ବାସୁଦେବଃ ସର୍ବମିତି ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ସର୍ବେନ୍ଦ୍ରିୟଗୁଣାଭାସଂ ଅନ୍ତୈବ ଦେବତାଃ ସର୍ବା ଏତୈରନ୍ୟୈଶ୍ଚ ବିଶେଷଣୈ ର୍ବିଶେଷିତଂ ପରଂବ୍ରହ୍ମ ତଦ୍ବୋଽସ୍ମି ତତ ତ୍ୱମସି ଇତି ସ୍ୱାନୁଭବଃ ବ୍ରହ୍ମାହମସ୍ମୀତି ଶ୍ରୁତଂ ମହାତ୍ମା ଶ୍ରୀଗୁରୋରାଜ୍ଞୟା ଏବଂ ବେଦ ବାକ୍ୟତଃ ଶ୍ରୀଗୁରୁତଃ ସ୍ୱତଃ ବିପ୍ରକାରେଣ ବ୍ରହ୍ମାହମସ୍ମି ଅହଂ ବ୍ରହ୍ମୀତି ଜ୍ଞାତ୍ୱା ମୁକ୍ତ ଇତି ।

ବ୍ରହ୍ମ ସ୍ୱରୂପ । ବ୍ରହ୍ମ ସତ୍, ସଦାନନ୍ଦ, ଅଦ୍ୱିତୀୟ, ଅଖଣ୍ଡ, ଅଚଳ, ଅଜ, ଅକ୍ଷୟ, କୂଟସ୍ଥ, ଅନନ୍ତ ଏବଂ ସ୍ୱପ୍ରକାଶବାନ୍ । ଏହିପରି "ବ୍ରହ୍ମାନ ବିଶେଷଣ ବଶିଷ୍ଟ ପରଂବ୍ରହ୍ମ ମୁଁ" ଏରୂପ ଜ୍ଞାନ ଯେତେବେଳେ ଉତ୍ପନ୍ନ ହେବ, ସେତେବେଳେ ଆତ୍ମା ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ଏବଂ ଅନନ୍ତ ତଦ୍ରୂପ ବୋଲି ତୁମ୍ଭର ଅନୁଭବ ହେବ । ଏ ବିଷୟରେ ବିବିଧ ଶ୍ରୁତି ପ୍ରମାଣ ଅଛି । ମୂଳକୁ ଦୃଷ୍ଟି କର । ୪୨ ।

ସ୍ମୃତି କହୁଅଛି:— ଏହି ନବଦ୍ୱାର ବିଶିଷ୍ଟ ପୁରରେ ଅର୍ଥାତ୍ ଶରୀରରେ ମୋତେ କ୍ଷେତ୍ରଜ୍ଞ ବୋଲି ଜାଣ । ମୁଁ ଅନାଦି ଏବଂ ନିର୍ଗୁଣ । ଅନେକ ସର୍ବଭୂତରେ ମୁଁ ସମ । ଇତ୍ୟାଦି ବହୁ ସ୍ମୃତି-ବାକ୍ୟ ଦ୍ୱାରା ବିଶେଷିତ ପରବ୍ରହ୍ମ "ତତ୍ତ୍ୱମସି" "ଅହଂ ବ୍ରହ୍ମାସ୍ମି" ଇତ୍ୟାଦି ପ୍ରକାରରେ ତୁମ୍ଭର ଅନୁଭବଗମ୍ୟ, ଅତଏବ "ତତ୍ତ୍ୱମସି" ଇତ୍ୟାଦି ଶ୍ରୁତିବାକ୍ୟ ବଳରେ ଶ୍ରୀଗୁରୁଙ୍କ ଆଜ୍ଞା ନାମେ ବେଦବାକ୍ୟ, ଶ୍ରୀଗୁରୁ ଏବଂ ସ୍ୱତଃ "ବ୍ରହ୍ମାହମସ୍ମି" "ଅହଂ ବ୍ରହ୍ମାସ୍ମି" ଏହି ପ୍ରକାରରେ ଆତ୍ମାକୁ ଜାଣି ମନୁଷ୍ୟ ମୁକ୍ତ ହୋଇଥାଏ । ଶ୍ରୁତି କହୁଅଛି:—ମୁଁ ମହତ ଆଦିତ୍ୟବର୍ଣ୍ଣ, ଅର୍ଥାତ୍ ଜ୍ୟୋତିର୍ମୟ, ପ୍ରକୃତିର ଅତୀତ

ତଥା ଚ ଶ୍ରୁତିଃ —ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟ ବର୍ଣ୍ଣଂ ତମସଃ ପରସ୍ତାତ୍ । ତମେବ ବିଦିତ୍ୱା ତିମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ । ଅହମେତଂ ପୁରୁଷଂ ପୁରୁଷୋତ୍ତମଂ ଦେବଂ ଜାନାମି । ମହାନ୍ତଂ ବ୍ୟାପକଂ ଆଦିତ୍ୟ ବର୍ଣ୍ଣଂ ଜ୍ୟୋତିଷ୍ମନ୍ତଂ ତମସଃ ପ୍ରକୃତେଃ ପରସ୍ତାତ୍ ପରିପୂର୍ଣ୍ଣଂ ଭକ୍ତାନ୍ତଂ ପୁରୁଷମେବଂ ବିଦିତ୍ୱା ଜ୍ଞାତ୍ୱା ମୃତ୍ୟୁମତି ଜନା ପ୍ରତିଗଚ୍ଛନ୍ତି । ଅପୁନରାବୃତ୍ତୟେ ଅୟନାୟ ଅଗମନାୟ ଅନ୍ୟଃ ପନ୍ଥା ନ ବିଦ୍ୟତେ । ୧୩ ।

ତଦାହ:—"ଅନ୍ୟଥା ଶାସ୍ତ୍ରଗର୍ତ୍ତେଷୁ ଲୁଠତାଂ ଭବତାମିହ । ଭବତାଂକ୍ଷତ ପ୍ରଜ୍ଞାନାଂ କଲ୍ପୈରପି ନ ନିବୃତ୍ତିଃ । ଯାବଦଜ୍ଞାନଭାବଃ ସ୍ୟାତ୍ତାବଦ୍ ଦ୍ୱୈତଂସ୍ତି ଭାବନା । ଭେଦଭାବାତ୍ୟେ ହ୍ୟତ ସର୍ବସ୍ମିନ୍ନେକତାନସ୍ତଃ । ଜ୍ଞାନଂ ଭକ୍ତିଶ୍ଚ ବୈରାଗ୍ୟମେତ ଦେବ ନ ସଂଶୟଃ ଜ୍ଞାତ୍ୱୈବ ସହଜଂ ପ୍ରେମ ବିବେକେନୈବ ନାନ୍ୟତଃ ॥" ତସ୍ମାତ୍ ସାଧନାନ୍ତରଂ ନାସ୍ତି ।

ଅଥ ଶ୍ରୀ ଭଗବଦ୍ବଚନମ୍:—"ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଞ୍ଚ ଗୁଣୈଃସହ । ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ । ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ । ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲ୍ଲଭଃ ।" ତସ୍ମାତ୍ ସର୍ବମହଂ

ପୁରୁଷୋତ୍ତମଙ୍କୁ ଜାଣୁ ଅଛୁ । ଏହି ପୁରୁଷଙ୍କୁ ଜାଣି ମୃତ୍ୟୁ ଅତିକ୍ରମ ପୂର୍ବକ ମାନବ ଗମନ କରିପାରେ । ଅପୁନରାବୃତ୍ତିର ଆଉ ଅନ୍ୟ ପନ୍ଥା ନାହିଁ ॥ ୧୩ ॥

ଶାସ୍ତ୍ର କହୁଅଛି:— ଶାସ୍ତ୍ରଗର୍ତ୍ତେ ଅର୍ଥାତ୍ ଶାସ୍ତ୍ରୀୟ ନିଷେଧ ବିଧି ବାକ୍ୟର ପାଳନ-ତତ୍ପର ଅଜ୍ଞାନ ପ୍ରାଣୀମାନଙ୍କର କଳ୍ପକାଳ ପର୍ଯ୍ୟନ୍ତ ମଧ୍ୟ ନିବୃତ୍ତି ଅର୍ଥାତ୍ ମୁକ୍ତି ହେବ-ନାହିଁ । ଯାବତ୍ ପର୍ଯ୍ୟନ୍ତ ଅଜ୍ଞାନ ଭାବଥିବ, ତାବତ୍ତହିଁ ଦ୍ୱୈତଭାବନା ଅବଶ୍ୟମ୍ଭାବୀ ଏବଂ-ଦ୍ୱୈତ ଜ୍ଞାନର ଫଳ ଏହି ଯେ, ସର୍ବତ୍ର ଭୟ ରହିଥିବ । ଜ୍ଞାନ, ଭକ୍ତି ଏବଂ ବୈରାଗ୍ୟ ଏ ସମସ୍ତ ଜ୍ଞାନର ସାଧକ । ପ୍ରଥମରେ ଜ୍ଞାନ ହେଲେ, ତହିଁରେ ବିବେକ ଦ୍ୱାରା ସହଜ ପ୍ରେମ ସମ୍ପନ୍ନ ହେବ, ଏହା ବ୍ୟତୀତ ଆଉ ଉପାୟ ନାହିଁ । ଅତଏବ ଅନ୍ୟ ସାଧନ ନାହିଁ, ଏହା ପ୍ରତିପନ୍ନ ହେଲା । ଏ ବିଷୟରେ ଭଗବାନ ସ୍ୱୟଂ କହିଅଛନ୍ତି—ଯେ ଗୁଣସହିତ ପ୍ରକୃତି ଏବଂ ପୁରୁଷଙ୍କୁ ଜାଣେ, ସେ ସର୍ବଥା ବର୍ତ୍ତମାନ ଥାଇ ପୁଣି ପୁନର୍ଜନ୍ମ ଲାଭ କରେ ନାହିଁ । ବହୁ ଜନ୍ମ ପରେ "ବାସୁଦେବ ଅର୍ଥାତ ପରମାତ୍ମାହିଁ ସର୍ବମ୍" ଏହି ପ୍ରକାର ଜ୍ଞାନ ହୋଇଥାଏ । ଏତାଦୃଶ ମହାତ୍ମା ବ୍ୟକ୍ତି ଅତୀବ ଦୁର୍ଲ୍ଲଭ । ଅତଏବ ବାସୁଦେବାଖ୍ୟ ଅବାଂସୁ ଆତ୍ମସ୍ୱରୂପ ମୁଁ ଏହି ସର୍ବମନ୍, ଏହା ଜ୍ଞାନ କରିବାକୁ ହେବ । ଏହାହିଁ ନିତ୍ୟ

ବାସୁଦେବାଖ୍ୟମବ୍ୟୟଂ ଜ୍ଞାତବ୍ୟଂ ଏତଜ୍ଜ୍ଞେୟଂ ନିତ୍ୟମେବାତ୍ମସଂସ୍ଥଂ ନାତଃ ପରଂ ବେଦିତବ୍ୟଂ ହି କିଞ୍ଚିତ୍ ଏକ ଏବ ଆତ୍ମା ପରଂବ୍ରହ୍ମ ସଂସାରଧର୍ମବିମୁକ୍ତୋ୍ଽସ୍ମୀତି ସିଦ୍ଧମ୍ । ଏବଂ ତ୍ୱମଭୟଂ ପ୍ରାପ୍ସ୍ୟସି ସଂସାରଦୁଃଖାନ୍ମୁକ୍ତୋ ଭବିଷ୍ୟସି । ୪୪ ।

ଏତତ୍ ସର୍ବଂ ବ୍ୟାଖ୍ୟାତମ୍ ଯଥେଚ୍ଛସି ତଥା କୁରୁ । ଅତସ୍ତ୍ୱଂ ବେଦବନ୍ଧନେ ନ ଭବସି । ଯତଃ ଶାସ୍ତ୍ରମାହ:—"ଆତ୍ମାନମବ୍ୟୟଂ କଶ୍ଚିଜ୍ଜ୍ଞାନାତି ଜଗଦୀଶ୍ୱରମ୍ । ଯୋ ବେତ୍ତି ତତ୍ ନ କୁରୁତେ ନ ଭୟଂ ତସ୍ୟ କୁତଶ୍ଚନ । ଅଶେଷମେବଂ ଜଗତ୍‌ସର୍ବଂ ଜ୍ଞାତଂ ଯେନ ମହାତ୍ମନା । ଯଦାଜ୍ଞୟା ବର୍ତ୍ତିମାନଂ ତତ ନିଷେଦ୍ଧୁଂ ସମେତ କଃ ॥"୪୫ ॥

ହେ ଭଗବନ୍ ! ଯଦ୍ୟପି ଜ୍ଞାନୋତ୍ପତ୍ୟନନ୍ତରଂ ପୁନର୍ଜନ୍ମାଭାବ ଉକ୍ତଃ, ତଥାପି ପ୍ରାକ୍ ଜ୍ଞାନୋତ୍ପତ୍ତେରସ୍ୟ ଜନ୍ମନି କୃତାନାଂ କର୍ମଣାମୁତ୍ତରକାଳଭାବିନାଞ୍ଚ ଯାନି ଗୃହୀ-ତାନ୍ୟାନ୍ୟନେକ ଜନ୍ମକୃତାନି ତେଷାଞ୍ଚ ଫଳମଦତ୍ତ୍ୱାନାଶୋ ନ ଯୁକ୍ତ ଇତି । ତସ୍ମାତ୍ ଏପ୍ରକାରେଣାପି ତ୍ରୀଣି ଜନ୍ମାନି ପ୍ରାରଭେତ୍ । ସଂହିତାନି ବା ସର୍ବାଣ୍ୟେବ ଜନ୍ମାନିଭବେତ୍ । ଅନ୍ୟଥା କୃତବିନାଶେ ସର୍ବସ୍ୟାନାଶ୍ୱାସ ପ୍ରସଙ୍ଗଃ । ଶାସ୍ତ୍ରାନର୍ଥକ୍ୟଂ ସ୍ୟାଦିତି ।

ଜ୍ଞାତବ୍ୟ ବିଷୟ, ଏହା ଭିନ୍ନ ଆଉ କିଛି ଜ୍ଞାତବ୍ୟ ନାହିଁ । ସଂସାରଧର୍ମ ବିମୁକ୍ତ ଏକ ପରମାତ୍ମା ପରଂବ୍ରହ୍ମହିଁ ତୁମ୍ଭେ, ଏହା ସିଦ୍ଧ ହେଲା । ତୁମ୍ଭେ ଏହି ପ୍ରକାର ଜ୍ଞାନସମ୍ପନ୍ନ ହୋଇ ଅଭୟପ୍ରାପ୍ତ ହେବ । ଏବଂ ସଂସାର ଦୁଃଖରୁ ମୁକ୍ତ ହେବ ॥ ୪୪ ॥

ଏହି ସବୁ ବିସ୍ତୃତ ଭାବରେ କହିଲି ତୁମ୍ଭର ଯେପରି ଇଚ୍ଛା ହୁଏ, ସେପରି କର । ପୂର୍ବୋକ୍ତ ପ୍ରକାରରେ ତୁମ୍ଭେ ଜ୍ଞାନସମ୍ପନ୍ନ ହେଲେ, ତୁମ୍ଭଙ୍କୁ ଆଉ ବେଦର ଦାସ ହୋଇ ଅର୍ଥାତ୍ ବିଧି-ନିଷେଧର ଅଧୀନ ହୋଇ ରହିବାକୁ ହେବ ନାହିଁ । ଶାସ୍ତ୍ର କହୁଅଛି:—କୌଣସି ଲୋକ ଜଗଦୀଶ୍ୱର ଅବ୍ୟୟ ଆତ୍ମାକୁ ଜାଣି ପାରେ । ଯେ ଆତ୍ମାକୁ ଜାଣେ, ସେ କୁତ୍ରାପି ଭୟ କରେ ନାହିଁ । ଅର୍ଥାତ୍ ତାହାର ଆଉ ସଂସାରରେ ଭୟ ରହେ ନାହିଁ । ଯେଉଁ ମହାତ୍ମା ବ୍ୟକ୍ତି ଏହି ସମସ୍ତ ଜଗତକୁ ଆତ୍ମମୟ ଜ୍ଞାନ କରେ, ସେ ସ୍ୱେଚ୍ଛା-ବିଚରଣ କରିଥାଏ । ତାଙ୍କୁ ନିଷେଧ କରିବାକୁ କିଏ ସମର୍ଥ ହେବ ? । ୪୫ ।

ଶିଷ୍ୟୋବାଚ

ହେ ଭଗବନ୍ ! ଯଦି ଜ୍ଞାନୋତ୍ପତ୍ତି ପରେ ପୁନର୍ଜନ୍ମ ହୁଏ ନାହିଁ ବୋଲି କୁହା-ଯାଇଅଛି, ତଥାପି ଜ୍ଞାନୋତ୍ପତ୍ତି ପୂର୍ବେ ଇହଜନ୍ମ-କୃତକର୍ମ, ଉତ୍ତରକାଳଭାବୀକର୍ମ ଏବଂ ଅନେକ ଜନ୍ମାର୍ଜିତ ଅତୀତ କର୍ମର ଫଳ ସମ୍ପନ୍ନ ନ ହୋଇ ତାହା ସବୁର ବିନାଶ ହେବା ସମ୍ଭବ ନୁହେ । ଅତଏବ ତିନି ପ୍ରକାରରେ ତିନିଜନ୍ମ ଅଥବା ଏକତ୍ର ମିଳିତ ହୋଇ ଜନ୍ମାନ୍ତର କରିବା ଅବଶ୍ୟମ୍ଭାବୀ । ଯେବେ ଏହା ସ୍ୱୀକାର ନ କରି କୃତ କର୍ମର ବିନାଶ ସ୍ୱୀକାର କରାଯାଏ, ତେବେ ସର୍ବସ୍ୱହିଁ ଅନାଶ୍ୱାସ ଆସିପଡ଼େ ଏବଂ ଶାସ୍ତ୍ର ମଧ୍ୟ ଅନର୍ଥକ ହୁଏ ।

ଅବଶ୍ୟମେବ ଭୋକ୍ତବ୍ୟଂ କୃତଂ କର୍ମ୍ମ ଶୁଭାଶୁଭମ୍ । ଇତି ନ ଜନ୍ମ କାସମ୍ଭବ ଇତ୍ୟଯୁକ୍ତମ୍ ।

ତତ୍ତ୍ୱଜ୍ଞାନାଗ୍ନ୍ୟପସ୍ଥାନ ସର୍ବକର୍ମ୍ମବୀଜାନି ଦହ୍ୟନ୍ତେ ନାଙ୍କୁରୟନ୍ତି । ତଥାଚ ଶ୍ରୁତେଃ—"ବୀଜାନ୍ୟଗ୍ନ୍ୟୁପଦଗ୍ଧାନି ନାରୋହନ୍ତି ଯଥା ପୁନଃ । ଜ୍ଞାନଦଗ୍ଧୈସ୍ତଥା କ୍ଲେଶୈର୍ନାତ୍ମା ସମ୍ପଦ୍ୟତେ ପୁନଃ ॥" ଇତି ॥ ୪୬ ॥

ଅସ୍ତୁ ତାବତ୍ ଜ୍ଞାନୋତ୍ପତ୍ତ୍ୟୁତ୍ତରକାଳକୃତାନାଂ କର୍ମ୍ମଣାଂ ଜ୍ଞାନେନ ଦାହୋଽସି ଜ୍ଞାନସହଭାବବତ୍ତ୍ୱାତ୍ ନ ତ୍ୱିହ ଜନ୍ମାନି ଜ୍ଞାନୋତ୍ପତ୍ତେଃ ପ୍ରାକ୍‌କୃତାନାଂ ଅତୀତାନେକଜନ୍ମାନ୍ତକୃତାନାଂ କର୍ମ୍ମଣାଂ ଦାହୋ ନ ଯୁକ୍ତସ୍ତତ୍ର ତସ୍ୟ ତାବଦେବ ଚିରଂ ଯାବନ୍ନ ବିମୋକ୍ଷ ଇଷୀକାତୂଲବତ୍ ସର୍ବାଣି କର୍ମ୍ମାଣି ପ୍ରଦହ୍ୟନ୍ତେ । ସ୍ମୃତେରପି—ଜ୍ଞାନାଗ୍ନିଃ ସର୍ବକର୍ମ୍ମାଣି ଭସ୍ମସାତ୍ କୁରୁତେ ତଥା ॥ ୪୭ ॥

ଶାସ୍ତ୍ର କହୁଅଛି—ଶୁଭ ବା ଅଶୁଭ ଯେକୌଣସି ପ୍ରକାର କର୍ମ୍ମ ହେଉ ପଛକେ ସେଥିର ଫଳ ଅବଶ୍ୟ ଭୋଗ କରିବାକୁ ହେବ । ଅତଏବ ଜନ୍ମ ହେବ ନାହିଁ, ଏହା ଅସଙ୍ଗତ ।

ଗୁରୁରୁବାଚ

ବତ୍ସ ! ସମସ୍ତ କର୍ମ୍ମବୀଜହିଁ ତତ୍ତ୍ୱଜ୍ଞାନାଗ୍ନି ଦ୍ୱାରା ଏକବାର ଉପସ୍ପୃଷ୍ଟ ହେଲେ, ଦଗ୍ଧ ହୋଇଯାଏ, ତାହା ଆଉ ଅଙ୍କୁରିତ ହୁଏ ନାହିଁ । ତେଣୁ ଶ୍ରୁତି କହୁଅଛି—"ବୀଜସବୁ ଯେପରି ଦଗ୍ଧ ହେଲେ, ଅଙ୍କୁରୋତ୍ପତ୍ତିର ଯୋଗ୍ୟ ହୁଏ ନାହିଁ, ସେପରି କ୍ଲେଶ—ଅର୍ଥାତ୍‌-ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଏବଂ ଅଭିନିବେଶ ଏସବୁ ଜ୍ଞାନଦଗ୍ଧ ହୋଇ ସେମାନଙ୍କ ଦ୍ୱାରା ଆତ୍ମା ପୁନରପି ଜନ୍ମ ଲାଭ କରେ ନାହିଁ" ॥ ୪୬ ॥

ଶିଷ୍ୟ ଉବାଚ

ଜ୍ଞାନୋତ୍ପତ୍ତି ପରେ କୃତକର୍ମ୍ମ ସମୂହର ଦାହ ଯୁକ୍ତ ହୋଇପାରେ, କାରଣ ସେ ସବୁ ଜ୍ଞାନସହକୃତ; କିନ୍ତୁ ଇହଜନ୍ମରେ ଜ୍ଞାନୋତ୍ପତ୍ତି ପୂର୍ବେ କୃତକର୍ମ୍ମ ଏବଂ ଅତୀତ ଅନେକ ଜନ୍ମକୃତକର୍ମ୍ମ ଦାହ ହେବା ଯୁକ୍ତ ନୁହେ ।

ଗୁରୁରୁବାଚ

ତୁମ୍ଭର ଆପତ୍ତି ସଙ୍ଗତ ନୁହେ । ଜ୍ଞାନ ହେଲେହେଁ ଇଷୀକା-ତୁଳା ୧ ପ୍ରାୟ ସବୁକର୍ମ୍ମ ଦଗ୍ଧ ହୋଇଯାଏ । ତେଣୁ ସ୍ମୃତିସୁଦ୍ଧା କହୁଅଛି—ଜ୍ଞାନାଗ୍ନି ସମସ୍ତ କର୍ମ୍ମକୁ ଭସ୍ମୀଭୂତ କରେ ॥ ୪୭ ॥

---

୧ କାଈଶତୂଳ ।

ଭଗବନ୍ ! ସର୍ବାଣି କର୍ମାଣି ଇତି ବିଶେଷଣାତ୍ ଯଥା ବର୍ତ୍ତମାନ ଜନ୍ମାରମ୍ଭକର୍ମାଣି ନ କ୍ଷୀୟନ୍ତେ ଫଳଦାନାୟ ପ୍ରବୃତ୍ତାନ୍ୟେବ ସତ୍ୟପି ଜ୍ଞାନେ ତଥା ନାରବ୍ଧଫଳାନାମପି କର୍ମଣାଂ କ୍ଷୟୋ ନ ଯୁକ୍ତ ଇତି ।

ତଦସତ୍ । ଯଥା ତେଷାଂ ମୁକ୍ତେଷୁବତ୍ ପ୍ରବୃତ୍ତଫଳତ୍ୱାତ୍ ଯଥା ପୂର୍ବଂ ଲକ୍ଷ୍ୟବେଧାୟ ମୁକ୍ତ ଇଷୁର୍ଧନୁଷୋ ଲକ୍ଷ୍ୟବେଧୋତ୍ତର କାଳମପ୍ୟାରବ୍ଧବେଗକ୍ଷୟାତ୍ ପତନେନୈବ ନିବର୍ତ୍ତତେ, ଏବଂ ଶରୀରାରମ୍ଭକକର୍ମ ଶରୀରସ୍ଥିତି ପ୍ରୟୋଜନେ ନିବୃତ୍ତେଽପି ଆସଂସ୍କାରବେଗକ୍ଷୟାତ୍ ପୂର୍ବବତ୍ ବର୍ତ୍ତତ ଏବ । କିଂ ବହୁନା ଅୟଂ ଦେହଯାତ୍ରାମାତ୍ରାର୍ଥମିଚ୍ଛାନିଚ୍ଛାପରେଚ୍ଛା ପ୍ରାପ୍ତାନ୍ୟାରୋପିତ ସୁଖଦୁଃଖ ଲକ୍ଷଣାନି ଆରବ୍ଧଫଳାନୁଭବନ୍ ଅନ୍ତଃକରଣାଭାସାଦୀନାମ ବଭାସକଃ ସନ୍ ତିଷ୍ଠତ୍ୟେବ । ପ୍ରାରବ୍ଧ କର୍ମକ୍ଷୟାଜ୍ଜୀବନ୍ମୁକ୍ତାନାଂ ପୁନର୍ଜନ୍ମାଭାବଃ । ତଥା ଚ "ଶାସ୍ତ୍ରେଣ ନଶ୍ୟେତ୍ ପରମାର୍ଥବୁଦ୍ଧିଃ କାର୍ଯ୍ୟକ୍ଷମଂ ନଶ୍ୟତି ଚାପରୋକ୍ଷାତ୍ । ପ୍ରାରବ୍ଧନାଶାତ୍ ପ୍ରତିଭାସନାଶ ଏବଂ ତ୍ରିଧା ନଶ୍ୟତି ଚାତ୍ମମାୟା ॥" କର୍ମଣୋ ମାୟାମୂଲତ୍ୱାତ୍ ମାୟାନାଶେ ସର୍ବଂ କର୍ମ ଭସ୍ମସାଦ୍ଭବେତ୍ । ୪୮ ।

ଭଗବନ୍ ! କର୍ମର ସମସ୍ତ ବିଶେଷଣ ଥିଲେ ସୁଦ୍ଧା ଯେପରି ବର୍ତ୍ତମାନ ଜନ୍ମାରମ୍ଭକ କର୍ମ ଫଳଦାନ ନିମିତ୍ତ ପ୍ରବୃତ୍ତ, ସୁତରାଂ ସେ ସବୁର କ୍ଷୟ ହୁଏ ନାହିଁ, ସେପରି ଜ୍ଞାନ ହେଲେହେଁ ଅନାରବ୍ଧ କର୍ମର ଫଳ କ୍ଷୟଯୁକ୍ତ ନୁହେ ।

ଗୁରୁରୁବାଚ ।

ଏହା ଠିକ୍ ନୁହେଁ; ଯେପରି ଲକ୍ଷ୍ୟଭେଦାର୍ଥ ନିକ୍ଷିପ୍ତବାଣ ଲକ୍ଷ୍ୟ ଭେଦ କରି ମଧ୍ୟ ପ୍ରାରବ୍ଧ ବେଗବଶତଃ ବେଗ ସମାପ୍ତି ପର୍ଯ୍ୟନ୍ତ ଗମନ କରି ପତିତ ହୋଇ ନିବୃତ୍ତ ହୁଏ, ସେପରି ଶରୀରର ପ୍ରାରବ୍ଧ କର୍ମ ଶରୀରର ସ୍ଥିତି ପ୍ରୟୋଜନ ନିବୃତ୍ତ ହେଲେ ମଧ୍ୟ ସଂସ୍କାରବେଗକ୍ଷୟ ପର୍ଯ୍ୟନ୍ତ ପୂର୍ବବତ୍ ପ୍ରବୃତ୍ତ ହେବ । ଅଧିକ ଆଉ କି କହିବୁଁ, ଏହି ଆତ୍ମା ଦେହଯାତ୍ରାମାତ୍ର ନିର୍ବାହ ପାଇଁ ଇଚ୍ଛା, ଅନିଚ୍ଛା ଏବଂ ପରେଚ୍ଛା ପ୍ରାପ୍ତ ଆରୋପିତ ସୁଖ ଓ ଦୁଃଖ ସ୍ୱରୂପ ପ୍ରାରବ୍ଧ ଫଳ ଅନୁଭବ କରନ୍ତଃ ଅନ୍ତଃକରଣାଦିର ଅବଭାସକ ହୋଇ ବିଦ୍ୟମାନ ଥାଏ । ତତ୍ପରେ ପ୍ରାରବ୍ଧ କର୍ମର କ୍ଷୟ ହୋଇଗଲେ, ଜୀବନ୍ମୁକ୍ତମାନଙ୍କର ଆଉ ପୁନର୍ଜନ୍ମ ହୁଏ ନାହିଁ । ତେଣୁ ଶାସ୍ତ୍ର କହୁଅଛି—ଶାସ୍ତ୍ରଜ୍ଞାନ ଦ୍ୱାରା ପରମାର୍ଥ ବୁଦ୍ଧି ବିନଷ୍ଟ ହୁଏ, ଆଉ ପ୍ରତ୍ୟକ୍ଷ ଜ୍ଞାନଦ୍ୱାରା କାର୍ଯ୍ୟରେ ଅକ୍ଷମତା ଜନ୍ମେ । ପ୍ରାରବ୍ଧ ନାଶ ହେଲେ, ପ୍ରତିଭାସ ରହେ ନାହିଁ । ସେତେବେଳେ ଆତ୍ମମାୟା, କ୍ରମେ ବିନଷ୍ଟ ହୋଇଯାଏ । କର୍ମସମୂହ ମାୟାମୂଳ, ସୁତରାଂ ମାୟାର ନାଶ ହେଲେ, ସମସ୍ତ କର୍ମ ଭସ୍ମସାତ୍ ହୋଇଯାଏ । ୪୮ ।

ନନୁ ସ୍ୱେଚ୍ଛୟା କୃତାନାଂ କର୍ମଣାଂ ଶରୀରାନ୍ତରେଣାପି ଭୋଗୋ ଭବତ୍ୱିତ୍ୟେତତ୍ ତନ୍ନ ତସ୍ୟ କର୍ମଫଳୋପଚୟକର୍ତୃତ୍ୱାଭିମାନୋ ନାସ୍ତ୍ୟେବ । ଅସଙ୍ଗୋ ନ ହି ସଜ୍ଜତେ । ଏତେ ଇଚ୍ଛାଦୟଃ ଅନ୍ତଃକରଣୋପାଧ୍ୟନ୍ତଃ କ୍ଷେତ୍ରଧର୍ମାଃ । "ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।" ଧ୍ୟାୟତୀବେତି ଶ୍ରୁତେଃ, ଗୁଣାଗୁଣେଷୁ ବର୍ତ୍ତନ୍ତେ ଇତ୍ୟନୁସନ୍ଧାନେନ ଶରୀରଯାତ୍ରାନିର୍ବର୍ତ୍ତନଂ ପ୍ରସିଦ୍ଧେଶ୍ଚ ।

ତଥା ଚ—"ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ।" ଜୀବନ୍ମୁକ୍ତସ୍ୟ ପ୍ରାରବ୍ଧକ୍ଷୟେ ଶରୀରପାତାତ୍ ପୂର୍ବଂ ଲିଙ୍ଗ ଭଗ୍ନଂ ତଦଧିଗମେ ଉତ୍ତର ପୂର୍ବାଘୟୋର ଶ୍ଳେଷବିନାଶୌ ତସ୍ୟ ପୁତ୍ରା ଦାୟମୁପଯନ୍ତି ସୁହୃଦଃ ସାଧୁକୃତ୍ୟାଂ ଦ୍ୱିଷନ୍ତଃ ପାପକୃତ୍ୟାଂ ନ ତସ୍ୟ ପ୍ରାଣା ଉତ୍କ୍ରାମନ୍ତ୍ୟତ୍ରୈବ ସମବଲୀୟନ୍ତେ । ଅନ୍ୟ—"ପ୍ରାରବ୍ଧ ନିଷ୍ଠତ୍ୱାଦ୍ ଭୁକ୍ତଂ ଶେଷଂ ଜ୍ଞାନେନ ଦହ୍ୟତେ । ଶାରୀରସ୍ତ୍ୱିତରତ୍ କର୍ମ ତଦ୍ଦ୍ୱେଷି ପ୍ରିୟବାଦିନୋଃ । ଅନାରବ୍ଧଂ ହି ଜ୍ଞାନେନ ନିର୍ବୀର୍ଯ୍ୟଂ କ୍ରିୟତେ ତଥା" । ୪୯ ।

ଶିଷ୍ୟଉବାଚ

ଭଗବନ୍ ! ସ୍ୱେଚ୍ଛାକୃତ କର୍ମର ଅନ୍ୟଶରୀରରେ ମଧ୍ୟ ଭୋଗ ହେବ ?

ଗୁରୁରୁବାଚ

ତାହା ହୁଏ ନାହିଁ । କାରଣ ତାହାର କର୍ମଫଳର ଉପଚୟକାରୀ ଅଭିମାନ ନାହିଁ । ସେ ଅସଙ୍ଗ; ଅସଙ୍ଗ କୌଣସିଠି ସମାସକ୍ତ ହୁଏ ନାହିଁ । ଏହି ଇଚ୍ଛାଦି କ୍ଷେତ୍ରଧର୍ମ, ଏଗୁଡ଼ିକ ଆତ୍ମାରେ ଆରୋପିତ ହୋଇଥାଏ । ତେଣୁ ଶାସ୍ତ୍ର କହୁଅଛି—"ଜ୍ଞାନବାନ୍ ବ୍ୟକ୍ତି ମଧ୍ୟ ସ୍ୱୀୟ ପ୍ରକୃତିର ଅନୁରୂପ କର୍ମ କରିଥାଏ ।" ଶ୍ରୁତି ସୁଦ୍ଧା କହୁଅଛି—"ଜ୍ଞାନବାନ୍ ବ୍ୟକ୍ତି ଯେପରି କେତେବେଳେ ଧ୍ୟାନ କରୁଛି ପୁଣି କେତେବେଳେ ଯେପରି ବିଷୟ ଆସ୍ୱାଦ କରୁଛି, ଇତ୍ୟାଦି ଗୁଣଗୁଡ଼ିକ ଗୁଣକାର୍ଯ୍ୟରେ ପ୍ରବୃତ୍ତ ହୁଏ ।" ଇତ୍ୟାଦି ଶାସ୍ତ୍ରର ଅନୁସନ୍ଧାନ ଦ୍ୱାରା ଶରୀର ଯାତ୍ରା ନିର୍ବାହ ହୁଏ, ଏହା ପ୍ରତିପନ୍ନ ହେଲା । ଅନ୍ୟଥା ଶରୀର ଯାତ୍ରାସ୍ଥିତି ହୋଇପାରେ ନାହିଁ । ତେଣୁ ଶାସ୍ତ୍ର କହୁଅଛି ଜ୍ଞାନାବସ୍ଥିତ ଚିତ୍ତ ବିଗତାସକ୍ତି ମୁକ୍ତ ପୁରୁଷର ଈଶ୍ୱରାର୍ଥ କର୍ମ ଆଚରଣ କରୁଁ କରୁଁ ସମସ୍ତ କର୍ମ ବିଲୀନ ହୋଇଯାଏ । ଜୀବନ୍ମୁକ୍ତ ବ୍ୟକ୍ତିର ପ୍ରାରବ୍ଧ କ୍ଷୟ ହେଲେ, ଶରୀର ପାତର ପୂର୍ବେ ଲିଙ୍ଗଦେହ ଭଗ୍ନ ହୋଇଯାଏ । ଏହା ଶ୍ରୁତିରେ କୁହାଯାଇଅଛି । ଅନ୍ୟତ୍ର ମଧ୍ୟ କୁହାଯାଇଛି—ଜ୍ଞାନବାନ୍ ବ୍ୟକ୍ତିର ସୁଦ୍ଧା ପ୍ରାରବ୍ଧ କର୍ମର ଭୋଗ କରିବାକୁ ହୁଏ । ଅବଶିଷ୍ଟ ଶରୀର ଏବଂ ମାନସକର୍ମ ଜ୍ଞାନଦ୍ୱାରା ଦଗ୍ଧ ହୋଇଯାଏ । ଅନାରବ୍ଧକର୍ମ ଜ୍ଞାନଦ୍ୱାରା ନିର୍ବୀର୍ଯ୍ୟୀକୃତ ହୁଏ । ୪୯ ।

ଅପି ଚ ଅସ୍ୟ ଜୀବନ୍ମୁକ୍ତସ୍ୟ ପ୍ରାରବ୍ଧ ଭୋଗାର୍ଥଂ ଶରୀରଧାରଣେ କୋ ଦୋଷଃ ଯଥା ଉଦ୍ଧୃତଦଂଷ୍ଟ୍ରୋରଗବତ୍ ଅବାଧ୍ୟାକାର୍ଯ୍ୟ ଦେହଦ୍ୱୟମସ୍ତି ତତ୍ କିଂକରିଷ୍ୟତି । ସ୍ୱାମିନ୍ । କାରଣ ନାଶେ କାର୍ଯ୍ୟନାସ୍ତୀତି ତନ୍ନାଶେ ପତୋଽସ୍ତୀତି କୁତ ଦୃଷ୍ଟମ୍ ।

ଉଚ୍ୟତେ । କାରଣନାଶେ କାର୍ଯ୍ୟମସ୍ତୀତି ଲୋକେ ଦୃଶ୍ୟତେ । ଯଥା ରଜ୍ଜୁସ୍ୱରୂପେ ଜ୍ଞାତେ ସର୍ପଜ୍ଞାନଂ ନିବର୍ତ୍ତତେ । ତଥାପି ଭୟଜନିତଂ କମ୍ପାଦିକଂ ବର୍ତ୍ତତେ । ତଥା ଚ ଶ୍ରୁତିଃ :—ଯଥାହ୍ୟନଲ୍ପମୃନୀ ବଲ୍ମିକେ ମୃତା ପ୍ରେତ୍ୟସ୍ତାଶମ୍ପିତୈବମେବେଦଂ ଶରୀରଂ ଅସ୍ମିନ୍ ନିର୍ଭଞ୍ଜନରେ ମତିତେ ଯୁଁତେ ବା ମୁକ୍ତ ଇତି । ଶ୍ରୁତିରପି—ସଦେବ ମୁକ୍ତ ଇତି । ବୁଦ୍ଧୈବ ସନ୍ ବ୍ରହ୍ମାପ୍ୟେତି ବିମୁକ୍ତଶ୍ଚ ବିମୁଚ୍ୟତେ । ସ୍ୱଭାବତସ୍ତ୍ୱଂ ନିତ୍ୟମୁକ୍ତ ଏବ । ଇଦାନୀମପି ଯଥା ସ୍ୱପ୍ନଦ୍ରଷ୍ଟା ସ୍ୱପ୍ନଗତଭୟେନୈବ ପ୍ରବୁଦ୍ଧଃ ସ୍ୱପ୍ନବ୍ୟବହାରେ ସର୍ବସ୍ମିନ୍ ମିଥ୍ୟାଭୂତେ ନିରସ୍ତେ ସତ୍ୟ ସ୍ୱରୂପଂ ସ୍ୱୟମେବାବଶିଷ୍ୟତେ ତଥୈବ ଭ୍ରାନ୍ତ-ମୂଲ ସଂସାରମହାସ୍ୱପ୍ନବ୍ୟବହାରେ ସର୍ବସ୍ମିନ୍ ମିଥ୍ୟାଭୂତେ ନିରସ୍ତେ ସତ୍ୟସ୍ୱରୂପଂ ସ୍ୱୟମେ-ବାବଶିଷ୍ୟତେ । ୫୦ ।

ଏହି ଜୀବନ୍ମୁକ୍ତ ବ୍ୟକ୍ତିର ପ୍ରାରବ୍ଧ କର୍ମର ଭୋଗାର୍ଥ ଶରୀର ଧାରଣ, ଏହା ସ୍ୱୀକାର କଲେ କି ଦୋଷ ହୋଇପାରେ ? ଯେପରି ଉଦ୍ଧୃତ-ଦଂଷ୍ଟ୍ର ସର୍ପ † ଦଂଶନ କରିବାକୁ ଅସମର୍ଥ, ସେପରି ଜୀବନ୍ମୁକ୍ତର ଅବାଧ୍ୟ କାର୍ଯ୍ୟଦେହ ଦ୍ୱୟ ଥିଲେ, ତାହା କି କରିପାରେ ?

ଶିଷ୍ୟଉବାଚ

ସ୍ୱାମିନ୍ ! କାରଣ ନାଶ ହେଲେ କାର୍ଯ୍ୟ ବିଦ୍ୟମାନ ଥାଏ, ମୂଳନାଶ ହେଲେ ନଷ୍ଟ ଥାଏ, ଏହା କେଉଁଠାରେ ଦେଖାଯାଇଅଛି

ଗୁରୁରୁବାଚ

କାରଣ ନାଶରେ ମଧ୍ୟ କାର୍ଯ୍ୟଥାଏ, ଏହା ଲୋକରେ ଦେଖାଯାଏ । ଯେପରି ରଜ୍ଜୁର ସ୍ୱରୂପର ଜ୍ଞାନ ହେଲେ ସର୍ପଜ୍ଞାନ ନିବୃତ୍ତ ହୋଇଯାଏ, ତଥାପି ଭୟ ଜନିତ କମ୍ପାଦିର ନିବୃତ୍ତି ହୁଏ ନାହିଁ । ଏହା ଶ୍ରୁତିରେ ମଧ୍ୟ ଉକ୍ତ ହୋଇଅଛି ।

ତୁମ୍ଭେ ସ୍ୱଭାବତଃ ନିତ୍ୟମୁକ୍ତ । ଯେପରି ସ୍ୱପ୍ନ ଦ୍ରଷ୍ଟା ପୁରୁଷ ଇଦାନୀଂ ସ୍ୱପ୍ନ-ଗତ ଭୟଦ୍ୱାରା ଜାଗ୍ରତ ହୋଇ ସମସ୍ତ ମିଥ୍ୟାଭୂତ ସ୍ୱପ୍ନବ୍ୟବହାର ନିରସ୍ତ ହୋଇଗଲେ ସତ୍ୟ ସ୍ୱରୂପ ସ୍ୱୟଂ ଅବଶିଷ୍ଟ ଥାଏ; ସେପରି ଭ୍ରାନ୍ତିମୂଳକ ମିଥ୍ୟାଭୂତ ସମସ୍ତ ସଂସାର ମହାସ୍ୱପ୍ନ ବ୍ୟବହାର ନିରସ୍ତ ହୋଇଗଲେ ସତ୍ୟସ୍ୱରୂପ ସ୍ୱୟଂ ଅବଶିଷ୍ଟ ଥାଏ । ୫୦ ।

---

† ଯେଉଁ ସାପର ଦନ୍ତ ଉପୁଡ଼ା ଯାଇଥାଏ ।

ନନୁ ପ୍ରାରବ୍ଧ କର୍ମକ୍ଷୟାତ୍ ଶରୀରନାଶାଃ ଶରୀରନାଶାତ୍ ପୁନର୍ଜନ୍ମାଭାବଃ । ସର୍ବ ବିଶେଷରହିତଂ ଶୂନ୍ୟ ମେବ ଜାତମ୍ । ତର୍ହି ନୈବାସ୍ମିତି ଜଚ୍ୟତେ । ସ୍ୱଭାବତସ୍ତ୍ୱଂ ନିତ୍ୟମୁକ୍ତ ଏବ ।

କିନ୍ତୁ ପ୍ରମାଣାବିଷୟତ୍ୱାନ୍ନାସ୍ତି ପ୍ରସଜ୍ୟତେ । ଅଥବେଦ ପ୍ରଶସ୍ତଂ ସତ୍ୟସ୍ୱରୂପଂ ସ୍ୱୟ-ମେବାବଶିଷ୍ୟତେ। ତତ୍ କିମର୍ଥମଙ୍ଗୀକରଣୀୟମ୍ । ତଦସତ୍ ଶୃଣୁ ।—କିନ୍ତୁ ଚ୍ୟାପି ତ୍ୱଚଂ ସର୍ପଃ ସ୍ୱସ୍ୱରୂପଂ ନ ମୁଞ୍ଚତି । ନାସ୍ତ୍ୟା ସ୍ୱେଳି ଚ ଯୋ ହେତୁରତ ବକ୍ତୁ ନ ଯୁଜ୍ୟତେ । କିନ୍ତୁ—"ଯଥା ଚନ୍ଦ୍ରେ ଭାବନେ ମଳିନତ୍ୱାନ ଦୃଶ୍ୟତେ । ଅମାବସ୍ୟାଂ ଯଥା ଚନ୍ଦ୍ରଃ କର୍ମଯୋଗାତ୍ ନ ଦୃଶ୍ୟତେ । ମାୟାଯୋଗାତ୍ ତଥା ଦ୍ରଷ୍ଟୁର୍ବ୍ୟହାରେ ନ ଦୃଶ୍ୟତେ ।" ଅଥାତ୍ମାଦେଶୋ ନେତି ନେତି ଅସ୍ଥୁଲମନଣ୍ୱହ୍ରସ୍ୱମଦୀର୍ଘମଦେ ।ହିତମିତି ଶ୍ରୁତେଃ ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ ।

ନଚାତ୍ର ନାସ୍ତ୍ୟାଦିତମିତ୍ୟାଦ ନିଷେଧସ୍ୟ ସିଦ୍ଧିର୍ନାସ୍ତି । ସର୍ବସ୍ୟ ନିଷେଧସ୍ୟ ସାବ ଧିତ୍ୱାତ୍ । ଅତଏବ ସତ୍ୟସ୍ୱରୂପେ ବିଶିଷ୍ୟତେ । ଯନ୍ନିଷେଧଦ୍ୱାରାସଦୁକ୍ତଂ ତତ୍ସର୍ବଂ ପ୍ରପଞ୍ଚସ୍ୟ ନତ୍ୱାତ୍ମନଃ । ଯଦ୍ୟାତ୍ମନଃ ଅସଦୁକ୍ତଂ ଭବତି, ବନ୍ଧ୍ୟାପୁତ୍ରେଣ କାର୍ଯ୍ୟଂ କଥଂ ନିର୍ବହତି । ଅତଏବ ସଦେବ ପ୍ରମାଣମାତ୍ମନଃ । ଯତ୍ ସମତଃ ସଦ୍ଭାବେ ଶ୍ରୁତିଃ ପ୍ରମାଣମ୍ । ସଦେବ ସୌମ୍ୟେଦମଗ୍ର ଆସୀତ୍ ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ । ସ୍ମୃତେରପି ।—ଅବିନାଶି ତୁ ତଦ୍ବିଦ୍ଧି ଯେନ ସର୍ବମିଦଂ ତତମ୍ । ଇତ୍ୟାଦ ।

ଶିଷ୍ୟଉବାଚ

ପ୍ରାରବ୍ଧ କର୍ମ କ୍ଷୟ ହେଲେ, ଶରୀରର ନାଶ ଏବଂ ଶରୀରର ନାଶ ହେଲେ ଅଉ ପୁନର୍ଜନ୍ମ ହୁଏ ନାହିଁ । ସେତେବେଳେ ସମସ୍ତ ବିଶେଷଣ ରହିତ ଶୂନ୍ୟହିଁ ଅବଶିଷ୍ଟ ଥାଏ । ସେତେବେଳେ "ଅସ୍ମି"—ମୁହିଁ, ଏହିପରି ଭେଦଜ୍ଞାନ ଥାଏ ନାହିଁ ।

ଗୁରୁରୁବାଚ ।

ତୁମ୍ଭେ ସ୍ୱଭାବତଃ ନିତ୍ୟମୁକ୍ତ ।

ଶିଷ୍ୟଉବାଚ ।

ବ୍ରହ୍ମପ୍ରମାଣର ଅବିଷୟୀଭୂତ ପଦାର୍ଥ; ଅତଏବ ବ୍ରହ୍ମର ନାସ୍ତିତ୍ୱହିଁ ପ୍ରସକ୍ତ ହୋଇ-ପାରେ । ବେଦ ପ୍ରଶସ୍ତ ସତ୍ୟସ୍ୱରୂପ ସ୍ୱୟଂ ଅବଶିଷ୍ଟ ଥାଏ; ଅତଏବ ବ୍ରହ୍ମ ସ୍ୱୀକାର କରିବାର ପ୍ରୟୋଜନ କ'ଣ ?

ଗୁରୁରୁବାଚ ।

ଏହା କହିବା ଅସଙ୍ଗତ । ସର୍ପ ତ୍ୱକ ପରିତ୍ୟାଗ କରି ମଧ୍ୟ ସ୍ୱସ୍ୱରୂପ ପରିତ୍ୟାଗ କରିପାରେ ନାହିଁ । ଅଜ ଦେଖ, ଅଜ୍ଞାବରଣତଃ ବା ମଳିନତା ବଶତଃ

କିଞ୍ଚ ବ୍ରହ୍ମସଦ୍ଭାବେ ପ୍ରମାଣାନ୍ତରାପେକ୍ଷା ନାସ୍ତି, ସ୍ୱତଃ ପ୍ରମାଣଂ ବ୍ରହ୍ମ, ଜାଗ୍ରଦବସ୍ଥାସ୍ୱପ୍ନେଷୁ ପ୍ରମାତୃତ୍ୱା ବ୍ୟଭିଚରତି । କୂଟସ୍ଥ ନିତ୍ୟତ୍ୱାତ୍ ସିଦ୍ଧିଃ ସୁଷୁପ୍ତୌ ବ୍ୟଭିଚରତୀତି ଚେତ୍ ନ ତତ୍ରାପି ପ୍ରମେୟତ୍ୱମେବ ନିବାର୍ଯ୍ୟତେ । ସର୍ବୋ ଲୋକଃ କଥଂ ନାହମସ୍ମି ସୁଷୁପ୍ତେ କିଞ୍ଚିଦୁପଲବ୍ଧବାନିତି ପ୍ରମାତୃତ୍ୱାତ୍ । ଅସିଦ୍ଧସ୍ୟ ହି ବସ୍ତୁନଃ ପରିଚ୍ଛିନ୍ନଂ ପ୍ରତି ପ୍ରମାଣାପେକ୍ଷା ନ ତ୍ୱାତ୍ମନଃ । ଆତ୍ମନଶ୍ଚେତ୍ ପ୍ରମାଣାପେକ୍ଷସିଦ୍ଧିଃ । କସ୍ୟ ପ୍ରମାତୃତ୍ୱଂ ସ୍ୟାତ୍ । ଯସ୍ୟ ପ୍ରମାତୃତ୍ୱଂ ସ ଏବାତ୍ମା ଇତି ନିଶ୍ଚୀୟତେ, ଅତଃ ସ୍ୱତଃସିଦ୍ଧ ଏବାତ୍ମା ନ ପ୍ରମାଣାପେକ୍ଷା । ଯଦିଦଂ ଦୃଶ୍ୟଜାତଂ ତଦବିଦ୍ୟାସ୍ୱାକୃତଂ ପ୍ରତୀତମାତ୍ରଂ କୂଟସ୍ଥନିତ୍ୟତାସିଦ୍ଧତ୍ୱାଦାତ୍ମସତ୍ତ୍ୱସାମାନ୍ୟମନୁସ୍ୟୂତଂ ବର୍ତ୍ତିତ ଏବ । ନାଭାବୋ ବିଦ୍ୟତେ ସତଃ । ଅତଃ ସତ୍ ସ୍ଥୂଳଂ କାର୍ଯ୍ୟଂ ଅସତ୍ ସୂକ୍ଷ୍ମଂ କାରଣମ୍ । ତତ୍ ସର୍ବଂ ତଦ୍ଭାବବର୍ତ୍ତିତରୂପେଣ ବ୍ରହ୍ମୈବ ଭାତି ତଥାଚ—"ବିସ୍ତାରଃ ସର୍ବଭୂତସ୍ୟ ବିଷ୍ଣୋର୍ବିଶ୍ୱମିଦଂ ଜଗତ୍ । ଦ୍ରଷ୍ଟବ୍ୟମାତ୍ମବତ୍—ତସ୍ମାଦଭେଦେନ ବିଚକ୍ଷଣୈଃ ।" ଯସ୍ମାଜ୍ ଜ୍ଞାନାଦୃତେ ନାସ୍ତ୍ୟର୍ଥସ୍ତସ୍ୟାଜ୍ଞ ଜ୍ଞାନନ୍ତୁ କଥମେକଂ ବହ୍ୱାକାରମ୍ ? ।

ଅମାବାସ୍ୟାରେ ଚନ୍ଦ୍ର ଦୃଷ୍ଟ ହୁଏ ନାହିଁ । ସେଥିପାଇଁ ଚନ୍ଦ୍ର ନାହିଁ, ଏହା ଯେପରି କୁହାଯାଏ ନାହିଁ; ସେପରି ମାୟାଯୋଗ ବଶତଃ ଦ୍ରଷ୍ଟାର ବ୍ୟବହାର ଦୃଷ୍ଟିବିଷୟ ନ ହେଲେ ମଧ୍ୟ ଦ୍ରଷ୍ଟା ନାହିଁ, ଏହା କୁହାଯାଏ ନାହିଁ । ଶ୍ରୁତିରେ କଥିତ ଅଛି—"ନେତି ନେତି" ଏହା ନୁହେ, ଏହା ନୁହେ । ଏହିପରି ନିଷେଧମୁଖରେ ଆତ୍ମ ପ୍ରତିପାଦନ କରିଅଛନ୍ତି । ଅର୍ଥାତ୍ ସମସ୍ତ ନିଷେଧ ପରେ ଯାହା, ତାହାହିଁ ଆତ୍ମା । ପୁନଶ୍ଚ ଅନ୍ୟତ୍ର କହିଅଛନ୍ତି-ଆତ୍ମା ସ୍ଥୂଳ ନୁହେ, ସୂକ୍ଷ୍ମ ନୁହେ, ହ୍ରସ୍ୱ ନୁହେ, ଦୀର୍ଘ ନୁହେ, ଲୋହିତ ନୁହେ ଇତ୍ୟାଦି । ମନର ସହିତ ବାକ୍ୟ ଯାହାକୁ ପ୍ରାପ୍ତ ନ ହୋଇ ନିବୃତ୍ତ ହୁଏ, ବାକ୍ୟଦ୍ୱାରା ଯାହାକୁ କୁହାଯାଏ ନାହିଁ, ତାହାହିଁ ବ୍ରହ୍ମ । ଇତ୍ୟାଦି ନିଷେଧର ଅନ୍ତ ସିଦ୍ଧି ନାହିଁ । ଅତଏବ ସମସ୍ତ ନିଷେଧର ଅବଧୀଭୂତ ସତ୍ୟସ୍ୱରୂପ ଅବଶିଷ୍ଟ ଅଛନ୍ତି ।

ଏହି ନିଷେଧଦ୍ୱାରା ପ୍ରପଞ୍ଚର ଅସତ୍ତ୍ୱ ପ୍ରତିପାଦିତ ହୋଇଅଛି, ଆତ୍ମାର ନୁହେ । ଯଦି ଆତ୍ମାର ମଧ୍ୟ ଅସତ୍ତ୍ୱ ଉକ୍ତ ହୁଏ, ତେବେ ତଦ୍ଦ୍ୱାରା କିପରି କାର୍ଯ୍ୟ ନିର୍ବାହିତ ହୋଇପାରେ ? ବନ୍ଧ୍ୟାପୁତ୍ର ଦ୍ୱାରା କି ତେବେ କୌଣସି କାର୍ଯ୍ୟ ହୋଇପାରେ ? ଅତଏବ ସତ୍ତାହିଁ ଆତ୍ମାର ପ୍ରମାଣ । ତେଣୁ ଶ୍ରୁତି କହୁଅଛନ୍ତି :—ହେ ସୌମ୍ୟ ! ପ୍ରଥମରେ ସତ୍ ମାତ୍ର ଥିଲା । ସେହି ସତ୍ ହିଁ ସତ୍ୟ, ଜ୍ଞାନ ଏବଂ ଅନନ୍ତ ସ୍ୱରୂପ ବ୍ରହ୍ମ । ସ୍ମୃତିରେ ସୁଦ୍ଧା ଉକ୍ତ ହୋଇଅଛି—ଯଦ୍ଦ୍ୱାରା ଏହି ଅନନ୍ତ ବ୍ରହ୍ମାଣ୍ଡ ପରିବ୍ୟାପ୍ତ ରହିଅଛି, ସେହି ବ୍ରହ୍ମକୁ ଅବିନାଶୀ ବୋଲି ଜାଣ, ଇତ୍ୟାଦି । ପରନ୍ତୁ ବ୍ରହ୍ମର ସତ୍ତ୍ୱ ବିଷୟରେ ପ୍ରମାଣର ଅପେକ୍ଷା ନାହିଁ । ବ୍ରହ୍ମ ସ୍ୱତଃ ପ୍ରମାଣସିଦ୍ଧ ପଦାର୍ଥ । ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଏହି ଅବସ୍ଥାତ୍ରୟରେ

ଶ୍ରୁତିଃ— ଅନିର୍ବାଚ୍ୟ ମହତ୍ତା ମାୟାଲକ୍ଷଣା ଶକ୍ତିଃ, ଯା ନାନାଭାବଂ ନୟତି । ତଥା ଚ ଶ୍ରୁତିଃ—ଇନ୍ଦ୍ରୋ ମାୟାଭିଃ ପୁରୁରୂପ ଈୟତେ । ନନୁ ଦ୍ୱାବେତୌ ବ୍ରହ୍ମଣୋ ରୂପ ଇତ୍ୟୁକ୍ତତ୍ୱାତ୍ ବାସ୍ତବଂ ଦ୍ୱୈତଂ ଭବତୁ । ନୈବଂ ଅବିଦ୍ୟୟା କୃତତ୍ୱାଦ୍ଦ୍ୱୈତମେବ ନ ବାସ୍ତବମ୍ । ତଥା ଚ— ଯତ୍ର ହି ଦ୍ୱୈତମିବ ଭବତି ତଦିତର ଇତରଂ ପଶ୍ୟତି, ଇତର ଇତରଂ ଜିଘ୍ରତି, ଯତ୍ର ତ୍ୱସ୍ୟ ସର୍ବଂ ଆତ୍ମୈବାଭୂତ୍ ତତ୍ କେନ କଂ ପଶ୍ୟେତ୍, କେନ କଂ ଜିଘ୍ରେତ୍, ଯେନେଦଂ ସର୍ବଂ ବିଜାନାତି ତତ୍ କେନ ବିଜାନୀୟାତ୍ । ନାନ୍ୟୋଽସ୍ତି ଶ୍ରୋତା ନାନ୍ୟୋଽସ୍ତି ଦ୍ରଷ୍ଟା ନାନ୍ୟୋଽସ୍ତି ବିଜ୍ଞାତା ଯଦମୁଂ ସର୍ବମାତ୍ମା ବିଜ୍ଞାତାରମେବ କେନ ବିଜାନୀୟାଦିତି । ଏତତ୍ ସର୍ବମଖିଲମାତ୍ମୈବ ଅତଃ ସ୍ୱପ୍ରକାଶଂ ନିତ୍ୟଶୁଦ୍ଧବୁଦ୍ଧମୁକ୍ତସତ୍ୟ ସ୍ୱଭାବଂ ପ୍ରତ୍ୟକଚୈତନ୍ୟମେବାତ୍ମା ତଥ୍ୟମିତି ବେଦାନ୍ତବାଦନୁଭବ । ଅତିଗୁହ୍ୟ-

---

ପ୍ରମାଣତ୍ୱର ଅବ୍ୟକ୍ତ ତୁରୀୟହିଁ ଆତ୍ମାର ପ୍ରମାଣ । ଯଦି କହ ସୁଷୁପ୍ତି ଦଶାରେ ପ୍ରମାତୃତ୍ୱର ବ୍ୟଭିଚାର ଦୃଷ୍ଟ ହୁଏ, ତାହା ନୁହେ । ସେତେବେଳେ ପ୍ରମେୟତ୍ୱହିଁ ନିବାରିତ ହୋଇଅଛି । ସୁଷୁପ୍ତି ଅବସ୍ଥା ଭଙ୍ଗରେ ସମସ୍ତଙ୍କର ଏହିପରି ପ୍ରତ୍ୟଭିଜ୍ଞା ହୋଇଥାଏ ଯେ, ମୁଁ ସୁଷୁପ୍ତି ଦଶାରେ କିଛିହିଁ ଉପଲବ୍ଧି କରି ନାହିଁ; ସୁତରାଂ ପ୍ରମାତୃତ୍ୱର ଅବ୍ୟଭିଚରିତହିଁ ରହିଅଛି । ଅସିଦ୍ଧ ବସ୍ତୁର ସ୍ଥିତି ବିଷୟରେ ପ୍ରମାଣର ଅପେକ୍ଷା କରେ, ଆତ୍ମା ସେପରି ନୁହେ । ଯଦି ଆତ୍ମାର ମଧ୍ୟ ପ୍ରମାଣାପେକ୍ଷା ସିଦ୍ଧି କହ, ତେବେ ତାହାର ପ୍ରମାତୃତ୍ୱ କିଏ ହେବ? ଯାହାର ପ୍ରମାତୃତ୍ୱ ସେହି ଆତ୍ମା, ଏହା ନିଶ୍ଚିତ ହୋଇଅଛି । ଅତଏବ ସ୍ୱତଃସିଦ୍ଧହିଁ ଆତ୍ମା, ଆତ୍ମାବିଷୟରେ ପ୍ରମାଣର ଅପେକ୍ଷା ନାହିଁ । ଏହି ଦୃଶ୍ୟମାନ ପଦାର୍ଥ, ଏହି ସମସ୍ତହିଁ ଅବିଦ୍ୟା କଳ୍ପିତ ପ୍ରତୀତମାତ୍ର; ଆତ୍ମାର ସାମାନ୍ୟ ସତ୍ତାମାତ୍ର ଅନୁସ୍ୟୂତ ହୋଇ ବର୍ତ୍ତମାନ ଅଛି । ଏଣୁ କଥିତଅଛି-"ହେତୁର କେବେ ଅଭାବ ନାହିଁ । ସ୍ଥୂଳ କାର୍ଯ୍ୟ ଏବଂ ସୂକ୍ଷ୍ମ କାରଣ ସମସ୍ତହିଁ ସତ୍ ବିବର୍ତ୍ତିତ ଭାବେ ବ୍ରହ୍ମରୂପରେ ପ୍ରକାଶ ପାଉଅଛି । ଏହି ସମସ୍ତ ଜଗତହିଁ ବସ୍ତୁର ବିସ୍ତାର ମାତ୍ର । ବିଚକ୍ଷଣ ବ୍ୟକ୍ତିମାନେ ଏହି ବିଶ୍ୱକୁ ଆତ୍ମସ୍ୱରୂପରେ ଦର୍ଶନ କରନ୍ତି; ଆତ୍ମାର ସହିତ ଏହାର ଭେଦ ନାହିଁ ।" ଯେତେବେଳେ ଜ୍ଞାନ ବ୍ୟତୀତ ଅପର ପଦାର୍ଥର ସତ୍ତା ନାହିଁ, ତେତେବେଳେ ଏକ ଜ୍ଞାନହିଁ କିପରି ବହୁପ୍ରକାର ଦୃଷ୍ଟ ହୁଏ ? (ଶିଷ୍ୟ) ।

ଗୁରୁ—ଶୁଣ, ଜ୍ଞାନ ଏକ ହେଲେ ମଧ୍ୟ ଅନିର୍ବଚନୀୟ ମହତୀ ମାୟାରୂପିଣୀ ଶକ୍ତି ନାନାଭାବ ପାଏ । ତେଣୁ ଶ୍ରୁତି କହୁଅଛି:— ଇନ୍ଦ୍ର ଅର୍ଥାତ୍ ପରମେଶ୍ୱର ମାୟାଦ୍ୱାରା ଅର୍ଥାତ୍ ମାୟାକଳ୍ପିତ ବିକ୍ଷେପ ଶକ୍ତିଦ୍ୱାରା ବିବିଧ ଦେହ ନଦ୍ୟାଦି ଅନ୍ତଃକରଣରେ ପ୍ରତିବିମ୍ବିତ ହୋଇ ପୁରୁରୂପ ଅର୍ଥାତ୍ ବହୁ ଆକାରରେ ପ୍ରକାଶିତ ହୁଅନ୍ତି । ବ୍ରହ୍ମର ଦୁଇ ପ୍ରକାର ରୂପ କଥିତ ହୋଇଅଛି । ଅତଏବ ବାସ୍ତବିକ ପକ୍ଷେ ଦ୍ୱୈତହିଁ ପ୍ରସକ୍ତ ହୁଏ ? ଏହାର ଉତ୍ତରରେ କହୁଅଛନ୍ତି-ଅବିଦ୍ୟାକୃତହିଁ ଦ୍ୱୈତ, ବାସ୍ତବିକ ନୁହେ । ତେଣୁ ଶ୍ରୁତି

ଶ୍ରୁତିପ୍ରସାଦେନ ଜୀବନ୍ମୁକ୍ତ ସ୍ତୁତ୍ୱା ନାଶେଷବସ୍ତୁଭାସମାନମଜନ ନମନ୍ତବ୍ୟ । ମନସି ଆତ୍ମନୋ ଅଶ୍ରଦ୍ଧେୟମ୍ ସ୍ୱରୂପମେବାଶିଷ୍ୟତେ । ମାୟାଶକ୍ତ୍ୟାତ୍ତଃ ସ୍ଥୂଳଃସକଳ ଜୀବନ୍ମୁକ୍ତଃ ସ୍ୱାନୁଭବସ୍ୱରୂପକଳିତ-ଫଳାବଧି ଲୋକମନୁଗୃହ୍ଣନ୍ ସ୍ୱବଶସ୍ଥିତଃ । ଅତ୍ର ଶ୍ରୁତିଃ—“ଆତ୍ମାଦର୍ଶସର୍ପଂ ସର୍ପୋଽପି ଯଥାକଞ୍ଚ ନ ମୁହ୍ୟତି । ଏବଂ ବ୍ରହ୍ମବିଦ୍ ଜ୍ଞାନମାତ୍ରେଣ ମୋକ୍ଷଂ ଗଚ୍ଛତି ତଥାତ୍ମନା” । ୫୧ ।

ଅସ୍ୟ ଜୀବନ୍ମୁକ୍ତସ୍ୟ ଦେହଧାରଣଂ କେବଲଲୋକାନୁଗ୍ରହାର୍ଥମ୍ । ଇତି ଶ୍ରୁତେଃ । ପ୍ରସନ୍ନାତ୍ମଜ୍ଞାନସ୍ୱରୂପଂ ନୋପଲଭେତାର୍ଥମ୍ ଚ ପରାଗତେତି ।

ହେ ଭଗବନ୍ ! କେନ ଲୋକାଃ । । ଜୀବନ୍ମୁକ୍ତ ଶ୍ରୁତ୍ୱା ତତ୍ କଥମ୍ । ତଥ୍ୟଂ । ଦର୍ଶନଂ ଶ୍ରବଣଂ ଅନୁଭବସ୍ୱରୂପଃ ତନ୍ନତ୍ୱା । ଦର୍ଶନେନ ଚାପଚ୍ଛେଧ୍ୟା ନ ବାର୍ତ୍ତା, ଶ୍ରବଣେନ ଚ ନୂତନ ଶୋଭନଂ ଶ୍ରେୟସ୍କରଂ ଭବତି, ଅସ୍ମାକଂ ମୋକ୍ଷୋ ଭବତୁ । ଏବଂ ଜୀବନ୍ମୁକ୍ତଃ

କହୁଅଛନ୍ତି:— ଯେତେବେଳେ ଦ୍ୱୈତ ଜ୍ଞାନ ହୁଏ, ସେତେବେଳେ ଅନ୍ୟକୁ ଦେଖେ, ଅନ୍ୟଅନ୍ୟ ବସ୍ତୁର ଗନ୍ଧ ଗ୍ରହଣ କରେ; ଯେତେବେଳେ ସମସ୍ତହିଁ ଆତ୍ମରୂପେ ଜ୍ଞାତ ହୁଏ, ସେତେବେଳେ କିଏ କାହାକୁ ଦେଖିବ, କିଏ କାହାର ଆଘ୍ରାଣ କରିବ ଇତ୍ୟାଦି । ଯାହାଦ୍ୱାରା ଏହି ସମସ୍ତ ବିଜ୍ଞାତ ହୋଇଥାଏ, ତାଙ୍କୁ କାହାଦ୍ୱାରା ଜଣାଯିବ । ଆନ୍ୟ ଶ୍ରୋତା, ଦ୍ରଷ୍ଟା ବା ବିଜ୍ଞାତ ନାହିଁ; ଯେହେତୁ ସମସ୍ତହିଁ ଆତ୍ମସ୍ୱରୂପ । ଯେ ଅନନ୍ତ ବ୍ରହ୍ମାଣ୍ଡର ବିଜ୍ଞାତା, ତାଙ୍କୁ କାହାଦ୍ୱାରା ଜାଣିବ, ଇତ୍ୟାଦି ଶ୍ରୁତି । ଏହି ସମସ୍ତହିଁ ଆତ୍ମସ୍ୱରୂପ, ଅତଏବ ନିତ୍ୟ ଶୁଦ୍ଧ, ବୁଦ୍ଧ, ମୁକ୍ତ ଏବଂ ନିରଂଶସ୍ୱଭାବ ନିଖିଳ ବ୍ରହ୍ମାଣ୍ଡର ପ୍ରକାଶକ ପ୍ରତ୍ୟକ ଚୈତନ୍ୟହିଁ ଆତ୍ମା; ଇହାହିଁ ତଥ୍ୟ । ଏହିପ୍ରକାର ବେଦାନ୍ତସିଦ୍ଧାନ୍ତକର ଅନୁଭବ । ଗୁରୁ-ପ୍ରସାଦରେ ବ୍ରହ୍ମର ପ୍ରତ୍ୟଗ ଜ୍ଞାନ ଜନ୍ମିଲେ ଜୀବନ୍ମୁକ୍ତ ବାକ୍ତି ମୁକ୍ତ ହୋଇ ମିଥ୍ୟାଭୂତ ଏହି ସମସ୍ତ ମଧ୍ୟରେ ଅପ୍ରମେୟ ସ୍ୱରୂପ ହୋଇହିଁ ଅବସ୍ଥାନ କରନ୍ତି । ଯେତେବେଳେ ଜୀବନ୍ମୁକ୍ତ ବ୍ୟକ୍ତି ମାୟା-ନିଦ୍ରାରୁ ପ୍ରବୁଦ୍ଧ ହୋଇ ପ୍ରାରବ୍ଧ କର୍ମଫଳଭୋଗା-ବଧି ଲୋକମାନଙ୍କୁ ପୂର୍ବବତ୍ ଅନୁଗ୍ରହୀତ କରିବାର ନିମନ୍ତେ ଥାଆନ୍ତି, ଶାସ୍ତ୍ରକର୍ତ୍ତା କହୁଅଛନ୍ତି:—ଯେପରି ରଜ୍ଜୁରେ ଅସର୍ପଜ୍ଞାନ ଜନ୍ମିଲେ ପୁଣି ସର୍ପଜ୍ଞାନ ଜନିତ ଭୟାଦି ଉଦ୍ଭବ ହୁଏ ନାହିଁ, ସେପରି ଆତ୍ମଜ୍ଞାନ ହେଲେ ମଧ୍ୟ ସମସ୍ତ ମୋହ ବାଧିତ ହୋଇଗଲେ ପୁଣି ପୂର୍ବମୋହ ଜନିତ କାର୍ଯ୍ୟ ଉତ୍ପନ୍ନ ହୁଏ ନାହିଁ ॥ ୫୧ ॥

ଏହି ଜୀବନ୍ମୁକ୍ତ ବ୍ୟକ୍ତିର ଦେହ ଧାରଣ କେବଳମାତ୍ର ପରର ଉପକାରାର୍ଥ । ଶ୍ରୁତି କହୁଛନ୍ତି ଜୀବନ୍ମୁକ୍ତର ଅନ୍ତଃକରଣ, ଅହ୍ଲାଦିତ ଏବଂ ସ୍ୱଭାବର ଉପଲବ୍ଧିର ସକାଶେ ନୁହେ ।

ମୃତ୍ୟୁଶ୍ଚୈଶ୍ୱର୍ଯ୍ୟମ୍ ଭବତ୍ୟୁପୋହତମ୍ । ଏବଂ ବିଦ୍ୟା ବୋଧଃ । **ଆଚାର୍ଯ୍ୟପ୍ରସାଦାଦଜ୍ଞାନପ୍ରବୁଦ୍ଧଃ** ସଂସାରବିନିର୍ମୁକ୍ତୋ ଭବତି । ଶ୍ରୁତିରପି । **ଆଚାର୍ଯ୍ୟବାନ୍ ପୁରୁଷୋ** ବେଦ, ଆଚାର୍ଯ୍ୟାଦ୍ଧୈବ ବିଦ୍ୟା ବିଦିତା ତରତି ଶୋକମାତ୍ମବିତ୍ । "କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ । ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା" । ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି ॥ ୫୨ ॥

ଇଦାନୀମନ୍ୟବିଦ୍ୟୋପାସନେ ଦୋଷମାହ:— ଅନ୍ୟବିଦ୍ୟାଃ କ୍ରିୟା ଉପଦିଶନ୍ତି, କାଳାନ୍ତରେ **ଅନିତ୍ୟଫଳତାଂ** ଦର୍ଶୟନ୍ତି । ଶ୍ରୁତିରପି ।— ସର୍ବବିଦ୍ୟା କ୍ରିୟାପରା ଯଦି କ୍ରିୟାଫଳଂ ମୋକ୍ଷୋ ଭବେଦନିତ୍ୟତ୍ୱଂ ନ ପ୍ରସଜ୍ୟତେ ଘଟବତ୍ ସ୍ୱର୍ଗାଦେର୍ନ ସ୍ୟାଦିତି ଅନୁମେୟାର୍ଥଃ । ଶ୍ରୁତିରପ୍ୟାହ:— ତଦ୍ୟଥେହ କର୍ମଜିତୋ ଲୋକଃ କ୍ଷୀୟତେ ଏବ—

ଶିଷ୍ୟଉବାଚ ।

ହେ ଭଗବନ୍ ! ଲୋକର କି ଉପକାର ?

ଗୁରୁରୁବାଚ

ଉପକାର ତିନିପ୍ରକାର ।— ଦର୍ଶନ, ଭଜନ ଓ ସମ୍ଭାଷଣ । ଦର୍ଶନ ଦ୍ୱାରା ଲୋକର ପାପକ୍ଷୟ, ଭଜନ ଦ୍ୱାରା ଉତ୍ତରୋତ୍ତର ମଙ୍ଗଳ ବୃଦ୍ଧି ଏବଂ ସମ୍ଭାଷଣଦ୍ୱାରା ମୋକ୍ଷ ଲାଭ ହୁଏ । ମୁଁ ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ଏବଂ ସତ୍ୟସ୍ୱଭାବ, ଏହିପରି ଜ୍ଞାନ ହୋଇ ଆଚାର୍ଯ୍ୟଙ୍କର ପ୍ରସାଦରେ ଅଜ୍ଞାନରୁ ପ୍ରବୁଦ୍ଧମାନବ ସଂସାର-ମୁକ୍ତ ହୁଏ । ତେଣୁ ଶ୍ରୁତି କହିଅଛି, ଇତ୍ୟାଚାର୍ଯ୍ୟବାନ୍ ଆତ୍ମାକୁ ଜାଣିପାରେ । ଆଚାର୍ଯ୍ୟଙ୍କଠାରୁ ବିଦ୍ୟାବିଦିତ ହୋଇଯାଏ । ଆତ୍ମବିତ୍ ବ୍ୟକ୍ତି ଶୋକ ଅତିକ୍ରମ କରେ: ଇତ୍ୟାଦି । ସେହି ଆତ୍ମାକୁ ଜାଣି ପାରିଲେ, ସମସ୍ତ କର୍ମ କ୍ଷୀଣ ହୋଇଯାଏ । ଜ୍ଞାନାଗ୍ନି ସମସ୍ତ କର୍ମକୁ ଭସ୍ମୀଭୂତ କରେ । ବ୍ରହ୍ମବିଦ୍‌ବ୍ୟକ୍ତି ବ୍ରହ୍ମ ସ୍ୱରୂପହିଁ ହୁଏ ॥ ୫୨ ॥

ବର୍ତ୍ତମାନ ଅନ୍ୟବିଦ୍ୟା ଉପାସନାର ଦୋଷ କହୁଅଛନ୍ତି ।— ଅନ୍ୟ ବିଦ୍ୟା କ୍ରିୟାର ଉପଦେଶ କରେ ଏବଂ କାଳାନ୍ତରରେ ତାହାର **ଅନିତ୍ୟ ଫଳ** ପ୍ରଦର୍ଶନ କରେ । ଶ୍ରୁତିରେ ମଧ୍ୟ ଲେଖାଅଛି:— ସମସ୍ତ ବିଦ୍ୟାହିଁ କ୍ରିୟାପର, ଯଦି କ୍ରିୟାଫଳ ମୋକ୍ଷଲାଭ ହୁଏ, ତେବେ **ତାହାର** ଅନିତ୍ୟତ୍ୱ ପ୍ରସକ୍ତ ହୁଏ ନାହିଁ । ଅର୍ଥାତ୍ ଘଟାଦିର ନ୍ୟାୟ ଯଦି କ୍ରିୟାଫଳ ସ୍ୱର୍ଗାଦିଜନକ ନ ହୁଏ, ତେବେ ଆଉ ଅନିତ୍ୟ ହେବ କାହିଁକି ? ଶ୍ରୁତି କହୁଅଛି:—

ମେବାମୁତ୍ର ପୁଣ୍ୟଶେଷୋ ଲୋକଃ କ୍ଷୀୟତେ ଇତି । ସ୍ମୃତିରପି ।— କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି । ଅତ ଆରମ୍ଭଣେ ଦୁଃଖଂ ଫଳେ ମୂର୍ଚ୍ଛା ଦୁଃଖଂ ଭୋଗାନ୍ତେ ପତନଂ ଦୁଃଖମେବମନ୍ୟବିଦ୍ୟୋପାସନେ ଦୁଃଖାତ୍ ଦୁଃଖମାପ୍ନୋତି ॥

ଶ୍ରୁତିରପି :—ମର୍ତ୍ତ୍ୟଃ ସ ମୃତ୍ୟୁମାପ୍ନୋତି ଯ ଇହ ନାନେବ ପଶ୍ୟତି ଯୋଽନ୍ୟାଂ ଦେବତା-ମୁପାସତେ ସ ଦେବାନାଂ ପଶୁଃ । ଅନ୍ୟୋଽସାବନ୍ୟୋଽହମସ୍ମୀତ୍ୟୁପାସତେ, ନ ସ ବେଦ ଯଥା ପଶୁଃ । ତସ୍ମାଦନ୍ୟବିଦ୍ୟାଂ ପରିତ୍ୟଜ୍ୟ ଇମାମଧ୍ୟାତ୍ମବିଦ୍ୟାମାଶ୍ରୟ । ସା ବିଦ୍ୟା କୀଦୃଶୀ,—ଅତ୍ର ଶ୍ରୀଭଗବତୋକ୍ତମ୍ :—"ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ । ପ୍ରତ୍ୟକ୍ଷାବଗମଂ ଧର୍ମ୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ।" କିଞ୍ଚ—ଯଥା ଅଗ୍ନିହୋତ୍ରାଦୀନାଂ ସ୍ୱର୍ଗାଦିଫଳଂ ଦର୍ଶୟତି । ଶ୍ରୁତିରପି :—ତଥା ବ୍ରହ୍ମବିଦ୍ୟାବିଜ୍ଞାନାଦପି ପରମପୁରୁଷାର୍ଥଂ ଦର୍ଶୟତି । ଶ୍ରୁତିରପି—ଶ୍ରୁତୟୋ ବ୍ରହ୍ମବିଦ୍ୟାନନ୍ତରଂ ମୋକ୍ଷଂ ପ୍ରଦର୍ଶୟନ୍ତି । ମଧ୍ୟେ କାର୍ଯ୍ୟାନ୍ତରଂ ବାରୟନ୍ତି । ବ୍ରହ୍ମବିଦାପ୍ନୋତି ପରମିତି ବେଦାନୁଶାସନମ୍ । ବେଦାନୁଶାସନମିତି ।

ଯେପରି କର୍ମ୍ମ ସଞ୍ଚିତ ସ୍ୱର୍ଗାଦିଲୋକ କ୍ଷୟଶୀଳ, ସେପରି ପୁଣ୍ୟାର୍ଜ୍ଜିତ ପରଲୋକ ସୁଦ୍ଧା କ୍ଷୟଶୀଳ । ସ୍ମୃତି ସୁଦ୍ଧା କହୁଅଛି– ପୁଣ୍ୟକ୍ଷୀଣ ହେଲେହିଁ ମର୍ତ୍ତ୍ୟଲୋକରେ ପ୍ରବେଶ କରେ । ଅତଏବ ଅନ୍ୟ ବିଦ୍ୟା ଉପାସନାର ପ୍ରାରମ୍ଭରେ ଦୁଃଖ, ଫଳରେ ମୂର୍ଚ୍ଛାରୂପ ଦୁଃଖ, ଭୋଗାବସାନରେ ପତନରୂପ ଦୁଃଖ; ସୁତରାଂ ଦୁଃଖରୁ ଦୁଃଖପ୍ରାପ୍ତି ହୋଇଥାଏ ।

ଶ୍ରୁତିରେ ସୁଦ୍ଧା ଅଛି—ଯେ ଇହ ସଂସାରରେ ନାନାଜ୍ଞାନ ଅର୍ଥାତ୍ ଭେଦଜ୍ଞାନଶାଳୀ, ସେ ମୃତ୍ୟୁ ପ୍ରାପ୍ତ ହୁଏ । ଯେ ଆତ୍ମା ଭିନ୍ନ ଅନ୍ୟ ଦେବତାର ଉପାସକ, ସେ ଦେବତାଙ୍କ ପଶୁସ୍ୱରୂପ । ଏ ଅନ୍ୟ, ମୁଁ ଅନ୍ୟ, ଏହିପରି ଭେଦଜ୍ଞାନରେ ଯେ ଉପାସନା କରେ, ସେ ପଶୁବତ୍ ଆତ୍ମାକୁ ଜାଣି ପାରେ ନାହିଁ । ଅତଏବ ଅନ୍ୟ ବିଦ୍ୟା ପରିତ୍ୟାଗ ପୂର୍ବକ ଏକମାତ୍ର ଅଧ୍ୟାତ୍ମ ବିଦ୍ୟାର ଆଶ୍ରୟ କର । ସେହି ବିଦ୍ୟା କିପ୍ରକାର, ଏ ବିଷୟରେ ଭଗବାନ କହିଅଛନ୍ତି:—ଏହି ବିଦ୍ୟା ବିଦ୍ୟାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଅତିଗୁହ୍ୟ, ପବିତ୍ର, ଅତ୍ୟୁତ୍ତମ ବସ୍ତୁ, ଏହା ପ୍ରତ୍ୟକ୍ଷ ଫଳପ୍ରଦ, ଧର୍ମ୍ମଯୁକ୍ତ, ଅବିନାଶୀ ଏବଂ ସୁଖକର । ଶ୍ରୁତି ଯେପରି ଅଗ୍ନିହୋତ୍ରାଦି କ୍ରିୟାର ସ୍ୱର୍ଗାଦି ଫଳ ଦର୍ଶନ କରିଅଛି, ସେହି ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ପରମ ପୁରୁଷାର୍ଥ ସୁଦ୍ଧା ପ୍ରତିପାଦନ କରିଅଛି । ଶ୍ରୁତି ବ୍ରହ୍ମବିଦ୍ୟା ଲାଭାନନ୍ତରହିଁ ମୋକ୍ଷ ପ୍ରଦର୍ଶନ କରିଅଛି । ଏଥିମଧ୍ୟରେ ଆଉ କାର୍ଯ୍ୟାନ୍ତର ନାହିଁ । ବ୍ରହ୍ମବିତ୍ ପରମାତ୍ମାକୁ ଲାଭ କରେ, ଏହାହିଁ ବେଦର ଅନୁଶାସନ । ଯେଉଁମାନେ ଶଠ, ଧୂର୍ତ୍ତ,

ଅଥ ଶଠାନାଂ ଧୂର୍ତ୍ତାନାଂ ଅଶ୍ରଦ୍ଧାନାନାଂ ନାସ୍ତିକାନାମୁତ୍ପଥଗାମିନାମେତାଂ ବିଦ୍ୟାଂ ନ ପ୍ରକାଶୟେତ୍ ।

ଯସ୍ୟ ଦେବେ ପରା ଭକ୍ତିଃ ଯଥା ଦେବେ ତଥା ଗୁରୌ ।
ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ॥ ଇତି ଶ୍ରୁତେଃ ॥ ୨୩ ॥

ଇତି ଶ୍ରୀ ସଂକ୍ଷିପ୍ତବେଦାନ୍ତଶାସ୍ତ୍ର ପ୍ରକ୍ରିୟାୟାଂ ଶ୍ରୀମତ୍ ପରମହଂସ
ପରିବ୍ରାଜକାଚାର୍ଯ୍ୟ ଶ୍ରୀମଚ୍ଛଙ୍କର କୃତାୟାଂ ବହ୍ୱର୍ଥ ଶ୍ରୁତାନ୍ତଃ
ପ୍ରକରଣମଜ୍ଞାନ ବୋଧିନୀ-ଅଧ୍ୟାତ୍ମ
ବିଦ୍ୟୋପଦେଶବିଧିଃ

ସମାପ୍ତଃ ।

ଅଶ୍ରଦ୍ଧାପରାୟଣ ଏବଂ ଉତ୍ପଥଗାମୀ, ସେମାନଙ୍କଠାରେ ଏହି ଅଧ୍ୟାତ୍ମବିଦ୍ୟା ପ୍ରକାଶ କରନ୍ତୁ ନାହିଁ । ଯେଉଁମାନଙ୍କର ଦେବ, ଈଶ୍ୱରଙ୍କ ପ୍ରତି ପରମା ଭକ୍ତି ଅଛି ଏବଂ ଗୁରୁଙ୍କ ଠାରେ ଅଚଳିତା ଭକ୍ତି ଅଛି, ମହାତ୍ମା ବ୍ୟକ୍ତି ସେମାନଙ୍କୁ ଆପଣହିଁ ଏହି ଅଧ୍ୟାତ୍ମବିଦ୍ୟା ପ୍ରକାଶ କରିବେ । ଏହାହିଁ ଶ୍ରୁତିର ଆଦେଶ । ୨୩ ।

ହସ୍ତାମଳକମ୍

କସ୍ତ୍ୱଂ ଶିଶୋ କସ୍ୟ କୁତୋଽସି ଗନ୍ତା, କିଂ ନାମ ତେ ତ୍ୱଂ କୁତ ଆଗତୋଽସି ।
ଏତଦ୍ ବଦ ତ୍ୱଂ ମମସୁପ୍ରସିଦ୍ଧଂ, ମତ୍ ପ୍ରୀତୟେ ପ୍ରୀତିବିବର୍ଦ୍ଧନୋଽସି ।୧।
ନାହଂ ମନୁଷ୍ୟୋ ନ ଚ ଦେବ-ଯକ୍ଷୌ, ନ ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ରାଃ ॥
ନ ବ୍ରହ୍ମଚାରୀ ନ ଗୃହୀ ବନସ୍ଥୋ ଭିକ୍ଷୁର୍ନ ଚାହଂ ନିଜବୋଧରୂପଃ ।୨।
ନିମିତ୍ତଂ ମନଶ୍ଚକ୍ଷୁରାଦିପ୍ରବୃତ୍ତୌ, ନିରସ୍ତାଖିଲୋପାଧିରାକାଶକଳ୍ପଃ ॥
ରବିର୍ଲୋକ ଚେଷ୍ଟାନିମିତ୍ତଂ ଯଥାର୍ଥଂ, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୩। *
ଯମଗ୍ନ୍ୟୁଷ୍ଣବନ୍ନିତ୍ୟବୋଧସ୍ୱରୂପଂ, ମନଶ୍ଚକ୍ଷୁରାଦୀନ୍ୟବୋଧାତ୍ମକାନି ॥
ପ୍ରବର୍ତ୍ତନ୍ତ ଆଶ୍ରିତ୍ୟ ନିଷ୍କମ୍ପମେକଂ, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୪।

ହସ୍ତାମଳକ

ଗୀତ-ଗୁଚ୍ଛ ।

ଗୁରୁରୁବାଚ

ହେ ଶିଶୁ କେ ତୁମ୍ଭେ କା'ପୁଅ । କି ନାମ କେଉଁଠାକୁ ଯାଅ ॥ କାହୁଁ କରିଛ ଆଗମନ । କହ ମୋ ପ୍ରୀତିବରଧନ ॥ ମୋହର ଆନନ୍ଦ ସକାଶ । ସ୍ପଷ୍ଟ କରଣ ସର୍ବ ଭାଷ ।୧। ହସ୍ତାମଳକ ଉବାଚ ॥ ମୁଁ ନୁହେଁ ମନୁଷ୍ୟ ଅବର । ଦେବତା ଯକ୍ଷ ବା କିନ୍ନର ॥ ମୁଁ ପୁଣି ନୁହଇଁ ବ୍ରାହ୍ମଣ । କ୍ଷତ୍ରିୟ ବୈଶ୍ୟ ଶୂଦ୍ରଜନ ॥ ମୁହିଁ ନୁହଇଁ ବ୍ରହ୍ମଚାରୀ । ଗୃହସ୍ଥ ବାନପ୍ରସ୍ଥ ଭିକାରି ॥ ମୁଁ ସେହି ସ୍ୱୟଂ ପ୍ରକାଶକେ । ଆତ୍ମା ସ୍ୱରୂପ ସ୍ୱବୋଧକ ।୨। ମାନସ ନୟନ ଆଦିର । ଯେହୁ କାରଣ ପ୍ରବୃତ୍ତିର ॥ ଅଟଇ ଯେସନେ ତପନ । ଲୋକଙ୍କ ଚେଷ୍ଟାର-କାରଣ ॥ ଯେ ସର୍ବଉପାଧିବିହୀନ । ଆକାଶ ପ୍ରାୟ ଉଦାସୀନ ॥ ମୁଁ ସେହି ନିତ୍ୟଉପଲବ୍ଧି ସ୍ୱରୂପ ଆତ୍ମା ପରସିଦ୍ଧି ।୩। ଅଗ୍ନିର ଉତ୍ତାପ ପ୍ରାୟକ । ଯେ ନିତ୍ୟ ଜ୍ଞାନ ସ୍ୱରୂପକ ॥ ମାନସ ନୟନ ପ୍ରଭୃତି । ଜଡ଼ହେଁ ଯେ ଜ୍ଞାନ ମଣ୍ଡିତ ॥ ଲଭନ୍ତି ଯାହାର ସାହାଯ୍ୟ । ସାଧନ୍ତି ନିଜ ନିଜ କାର୍ଯ୍ୟ । ଯେହୁ ନିଶ୍ଚଳ ଅଦ୍ୱିତୀୟ । (ଅନନ୍ତ ଅନାଦି ନିତ୍ୟ) । ମୁଁ ସେହି ନିତ୍ୟ ଉପଲବ୍ଧି । ସ୍ୱରୂପ ଆତ୍ମା ପରସିଦ୍ଧି ।୪। ମୁଖର ପ୍ରତିବିମ୍ବ ଯଥା । ଦର୍ପଣେ ଦିଶେ ଯା ସର୍ବଥା । ଦର୍ପଣ ଅଟଇ ମୁଖର । ଅବଭାସକ ସେ ମାତର ॥

---

* ଶଙ୍କରାଚାର୍ଯ୍ୟ [illegible] ଭାଷ୍ୟ (ଟୀକା) ଅଛି । ଏହି ଶ୍ଳୋକରୁ ଭାଷ୍ୟ ଆରମ୍ଭ ।

ମୁଖାଭାସକୋ ଦର୍ପଣେ ଦୃଶ୍ୟମାନୋ, ମୁଖତ୍ୱାତ୍ ପୃଥକ୍ତ୍ୱେନ ନୈବାସ୍ତି ବସ୍ତୁ ।
ଚିଦାଭାସକୋ ଧୀଷୁ ଜୀବୋଽପି ତଦ୍ୱତ୍, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୫।
ଯଥା ଦର୍ପଣାଭାବ ଆଭାସହାନୌ, ମୁଖଂ ବିଦ୍ୟତେ କଳ୍ପନାହୀନମେକଂ ॥
ତଥା ଧୀବିୟୋଗେ ନିରାଭାସକୋ ଯଃ ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୬।
ମନଶ୍ଚକ୍ଷୁରାଦେର୍ବିୟୁକ୍ତଃ ସ୍ୱୟଂ ଯୋ, ମନଶ୍ଚକ୍ଷୁରାଦେର୍ମନଶ୍ଚକ୍ଷୁରାଦିଃ ॥
ମନଶ୍ଚକ୍ଷୁରାଦେରଗମ୍ୟସ୍ୱରୂପଃ, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୭।
ଯ ଏକୋ ବିଭାତି ସ୍ୱତଃ ଶୁଦ୍ଧଚେତାଃ, ପ୍ରକାଶସ୍ୱରୂପୋଽପି ନାନେବ ଧୀଷୁ ।
ଶରାବୋଦକସ୍ଥୋ ଯଥା ଭାନୁରେକଃ, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୮।
ଯଥାନେକଚକ୍ଷୁଃ ପ୍ରକାଶୋ ରବିର୍ନ, କ୍ରମେଣ ପ୍ରକାଶୀ କରୋତି ପ୍ରକାଶ୍ୟମ୍ ।
ଅନେକାଧିୟୋ ଯସ୍ତଥୈକ ପ୍ରବୋଧଂ, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୯।
ବିବସ୍ୱତ୍ପ୍ରଭାତଂ ଯଥାରୂପମକ୍ଷଂ ପ୍ରଗୃହ୍ଣାତି ନାଭାତମେବଂ ବିବସ୍ୱାନ୍ ।
ତଥାଭାତ ଆଭାସୟତ୍ୟକ୍ଷମେକଃ, ସ ନିତ୍ୟୋପଲବ୍ଧିସ୍ୱରୂପୋଽହମାତ୍ମା ।୧୦।

ବୁଦ୍ଧି ଅଟଇ ଚିଦାତ୍ମାର । ଅବଭାସକ ସେ ପ୍ରକାର ॥ ଯେ ଚିଦାତ୍ମା ବୁଦ୍ଧି ଦର୍ପଣେ । ଜୀବନାମେ ଖ୍ୟାତ ଭୁବନେ ॥ ମୁଁ ସେହି ନିତ୍ୟ ଉପଲବ୍ଧି । ସ୍ୱରୂପ ଆତ୍ମା ପରସିଦ୍ଧି । ୫ । ଯେମନ୍ତ ଦର୍ପଣ ଅଭାବରେ । ପ୍ରତିବିମ୍ବ ଅଭାବ ଧରେ ॥ କେବଳ ଥାଏ ବିଦ୍ୟମାନ । କଳ୍ପନାହୀନ ମୁଖ ଜାଣ ॥ ତେସନେ ବୁଦ୍ଧି ଅଭାବରେ । ଯେ ରହେ ଅଭାସ ଜୀବରେ ॥ ମୁଁ ସେହି ନିତ୍ୟ ଉପଲବ୍ଧି । — ସ୍ୱରୂପ ଆତ୍ମା ପରସିଦ୍ଧି । ୬ । ଯେମନ ନେତ୍ରାଦରୁମୁକ୍ତ । ଅଟଇ ମନନେତ୍ର ଯୁକ୍ତ ॥ ମନ ନେତ୍ରାଦିର ଈଶ୍ୱର । ମନୋନେତ୍ରାଦି ଅଗୋଚର ॥ ମୁହିଁ ସେ ନିତ୍ୟ ବୋଧରୂପୀ । ଅଟଇ ଆତ୍ମା ସର୍ବବ୍ୟାପୀ । ୭ ।

ଯେ ଶୁଦ୍ଧଚେତା ଏକରୂପ । ଯେ ନିଜ ପ୍ରକାଶର ହେତୁ ॥ ଯେହ୍ନେ ନାନା ପାତ୍ରସ୍ଥ ଜଳେ । ରବିର ପ୍ରତିବିମ୍ବ ଦିଶେ । ଯେ ଏକ ପ୍ରକାଶ ସ୍ୱରୂପେ । ନାନା ବୁଦ୍ଧିରେ ନାନା ରୂପେ ॥ ତେହ୍ନେ ହୁଏ ପ୍ରତୀୟମାନ । ଆକାଶେ ତପନ ସମାନ ॥ ମୁହିଁ ସେ ନିତ୍ୟବୋଧରୂପୀ । ଅଟଇ ଆତ୍ମା ସର୍ବବ୍ୟାପୀ । ୮ । ଚକ୍ଷୁଚୟ ପ୍ରକାଶ କର । ଯେସନେ ଏକ ଦିବାକର । ତେସନେ ହୋଇ ଯେତୁ ଏକ । ପ୍ରକାଶଇ ବୁଦ୍ଧି ଅନେକ ॥ ମୁହିଁ ସେ ନିତ୍ୟ ବୋଧରୂପୀ । ଅଟଇ ଆତ୍ମା ସର୍ବବ୍ୟାପୀ । ୯ । ଆଦିତ୍ୟ କାରଣେ ଯେସନ । ପ୍ରକାଶିତ ହୋଇ ନୟନ । ଯେନଇ ନାନା ବିଧରୂପ । ଯାହାଙ୍କ କୋଷରେ ସେ ରୂପ ॥ ଆଦିତ୍ୟ ହୋଇ ଅଚଳିତ । ଚକ୍ଷୁକୁ କରେ ପ୍ରକାଶିତ ॥ ମୁଁ ସେ ନିତ୍ୟ ବୋଧସ୍ୱରୂପୀ । ଅଟଇ ଆତ୍ମା ସର୍ବବ୍ୟାପୀ । ୧୦ । ନାନାପ୍ରକାର ଜଳଗତ । ପ୍ରତିବିମ୍ବିତ ରବିବତ ॥ ନାନା ବୁଦ୍ଧିରେ ନାନାମତେ । ଯେ ବୋଧ ହୁଅଇ ନିରତେ । ମୁହିଁ ସେ ନିତ୍ୟ ଜ୍ଞାନରୂପୀ ।

ଯଥା ସୂର୍ଯ୍ୟ ଏକୋଽପ୍ସ୍ୱନେକଶ୍ଚଳାସୁ, ସ୍ଥିରାସ୍ୱପ୍ୟନନ୍ୟଦ୍ ବିଭାବ୍ୟସ୍ୱରୂପଃ ।
ଚଳାସୁ ପ୍ରଭିନ୍ନାସୁ ଧୀଷ୍ୱେବମେକଃ, ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା ।୧୧ ।
ଘନଚ୍ଛନ୍ନ ଦୃଷ୍ଟିର୍ଘନଚ୍ଛନ୍ନମର୍କଂ, ଯଥା ନିଷ୍ପ୍ରଭଂ ମନ୍ୟତେ ମୂଢ଼ମୂଢ଼ଃ ।
ତଥା ବଦ୍ଧବଦ୍ଭାତି ଯୋ ମୂଢ଼ଦୃଷ୍ଟେଃ, ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା ।୧୨।
ସମସ୍ତେଷୁ ବସ୍ତୁଷ୍ୱନୁସ୍ୟୂତମେକଂ, ସମସ୍ତାନି ବସ୍ତୂନି ଯନ୍ନ ସ୍ପୃଶନ୍ତି ।
ବିୟଦ୍ୱତ୍ ସଦା ଶୁଦ୍ଧମଚ୍ଛ ସ୍ୱରୂପଂ, ସ ନିତ୍ୟୋପଲବ୍ଧି ସ୍ୱରୂପୋଽହମାତ୍ମା ।୧୩।
ଉପାଧୌ ଯଥା ଭେଦତା ସନ୍ମଣୀନାଂ, ତଥା ଭେଦତା ବୁଦ୍ଧିଭେଦେଷୁ ତେଽପି ।
ଯଥା ଚନ୍ଦ୍ରିକାଣାଂ ଜଳେ ଚଞ୍ଚଳତ୍ୱଂ ତଥା ଚଞ୍ଚଳତ୍ୱଂ ତବାପୀହ ବିଷ୍ଣୋ । ୧୪ ।

ଇତି ଶ୍ରୀ ଗୋବିନ୍ଦ ଭଗବତ୍ ପୂଜ୍ୟପାଦଶିଷ୍ୟ ପରମହଂସ ପରିବ୍ରାଜକାଚାର୍ଯ୍ୟ
ଶ୍ରୀଶଙ୍କର ଭଗବତ୍ କୃତୌ ହସ୍ତାମଳକମ୍ ସମାପ୍ତମ୍ ।

ଅଟଇ ଆତ୍ମା ସର୍ବବ୍ୟାପୀ ।୧୧। ଯେସନେ ମହା ମୂର୍ଚ୍ଛନାରେ । ମେଘ ଅଚ୍ଛନ୍ନ ନୟନରେ । ରବିକୁ ଦେଖି ମେଘାଚ୍ଛନ୍ନ । ମଣନ୍ତି ମୂଢ଼ି ପ୍ରଭାହୀନ । ମୂଢ଼ ଦୃଷ୍ଟି ବ୍ୟକ୍ତ ତେସନେ । ଯାହାକୁ ବଦ୍ଧ ବୋଲି ମଣେ । ମୁହିଁ ସେ ନିତ୍ୟ ଜ୍ଞାନରୂପୀ । ଅଟଇ ଆତ୍ମା ସର୍ବବ୍ୟାପୀ ॥ ଯେ ଏକା ସମସ୍ତ ଜଗତେ । ବ୍ୟାପି ବହିଛନ୍ତି ଅବିରତେ ॥ କେବଣ ବସ୍ତୁ ଯାହାକୁହିଁ । କଦାଚ ନ ପାରଇ ଛୁଇଁ ॥ ଆକାଶ ପ୍ରାଏ ଯେ ନିର୍ମଳ । ଶୁଦ୍ଧ ସ୍ୱରୂପ ଯେ କେବଳ ॥ ମୁହିଁ ସେ ନିତ୍ୟ ବୋଧରୂପୀ । ଅଟଇ ଆତ୍ମା ସର୍ବବ୍ୟାପୀ । ୧୩ ସ୍ୱଚ୍ଛ ସ୍ଫଟିକ ମଣି ଯେହ୍ନେ । ରଞ୍ଜିତ ଦିଶେ ନାନାବର୍ଣ୍ଣେ । ପାର୍ଶ୍ୱସ୍ଥ ଦ୍ରବ୍ୟ ବର୍ଣ୍ଣ ଭେଦେ । ତେସନେ ବୁଦ୍ଧିଙ୍କ ଭେଦେ ॥ ଯାହାର ଭେଦ କଳପନା । କରନ୍ତି ଅଜ୍ଞାନୀଏ ସିନା । ଚଞ୍ଚଳ ଜଳେ ଚନ୍ଦ୍ର ଛାଇ । ଯେସନେ ଚଞ୍ଚଳ ଦିଶଇ ॥ ତେମନ୍ତେ ହେ ବିଷ୍ଣୁ ତୁମ୍ଭର । ଚଞ୍ଚଳ ହୁଅଇ ଗୋଚର । ବୁଦ୍ଧି ଭେଦରେ ନାନାମତେ । କଳ୍ପିତ ତୁମ୍ଭେ ଏ ଜଗତେ । ୧୪ ।

—o—

ଆନନ୍ଦଲହରୀ ସ୍ତୋତ୍ରଂ

(ପ୍ରକାରାନ୍ତରଂ)

ଭବାନି ସ୍ତୋତୁଂ ତ୍ୱାଂ ପ୍ରଭବତି ଚତୁର୍ଭିର୍ନ ବଦନୈଃ
ପ୍ରଜାନାମୀଶାନସ୍ତ୍ରିପୁରମଥନଃ ପଞ୍ଚଭିରପି ।
ନ ଷଡ୍ଭିଃ ସେନାନୀର୍ଦଶଶତମୁଖୈରପ୍ୟହିପତି—
ସ୍ତଦାନ୍ୟେଷାଂ କେଷାଂ କଥୟ କଥମସ୍ମିନ୍ନବସରଃ ॥ ୧ ॥
ଘୃତକ୍ଷୀରଦ୍ରାକ୍ଷାମଧୁମଧୁରିମା କୈରପି ପଦୈ—
ର୍ବିଶିଷ୍ୟାନାଖ୍ୟେୟୋ ଭବତି ରସନାମାତ୍ରବିଷୟଃ ।
ତଥା ତେ ସୌନ୍ଦର୍ଯ୍ୟଂ ପରମଶିବଦୃଙ୍ମାତ୍ରବିଷୟଃ,
କଥଙ୍କାରଂ ବ୍ରୂମଃ ସକଲନିଗମାଗୋଚରଗୁଣେ । ୨ ।
ମୁଖେ ତେ ତାମ୍ବୂଲଂ ନୟନଯୁଗଳେ କଜ୍ଜଳକଳା,
ଲଲାଟେ କାଶ୍ମୀରଂ ବିଲସତି ଗଳେ ମୌକ୍ତିକଲତା ।
ସ୍ଫୁରତ୍କାଞ୍ଚୀଶାଟୀ ପୃଥୁକଟିତଟେ ହାଟକମୟୀ,
ଭଜାମସ୍ତ୍ୱାଂ ଗୌରୀଂ ନଗପତିକିଶୋରୀମବିରତମ୍ । ୩ ।

ଆନନ୍ଦଲହରୀ ସ୍ତୋତ୍ର

(ଅନ୍ୟପ୍ରକାର)

ରାଗ-ମଙ୍ଗଳ ଗୁର୍ଜରୀ

ସ୍ୱୟଂ ପ୍ରଜାପତି ଚତୁର୍ମୁଖେ ଗୋ ଭବାନି । ତ୍ରିପୁର ମଥନ [1] ପଞ୍ଚମୁଖେ ଶୂଳପାଣି ॥
ସେହି ଅନନ୍ତ ସେନାନୀ [2] ଷଡ଼ମୁଖେ ଯେବେ । ଅନନ୍ତ ସହସ୍ର ମୁଖେ ତୁମ୍ଭ ସ୍ତବ କେବେ—
କରିବାକୁ ସମର୍ଥ ଗୋ ନୁହନ୍ତି ଶଙ୍କରି । ଅନ୍ୟ କିଏ ଅଛି ମା ଗୋ ତୁମ୍ଭ ସ୍ତବ କର ? ॥୧॥
ଘୃତ କ୍ଷୀର ଦ୍ରାକ୍ଷା ମଧୁ-ମଧୁରତା ଯଥା । ପଦ ବାକ୍ୟ ଦ୍ୱାରା କହି ନୁହଇ ସର୍ବଥା ॥
କେବଳ ରସନା ବିନା କରେ ତା' ଗୋଚର । ତେସନେ ତୁମ୍ଭ ସୌନ୍ଦର୍ଯ୍ୟ ବାକ୍ୟ-
ଅଗୋଚର ॥
ପରମ ଶିବଙ୍କୁ ଏକା ଜଣା ସେ ମହିମା । ନିଗମ ସକଳ [3] ଯାର ନ ପାଆନ୍ତି ସୀମା ॥
ମୁଁ କ୍ଷୁଦ୍ର ପାମର ନର ସେ ଗୁଣ ଜାଣିନ— । ବର୍ଣ୍ଣିବାକୁ କି ପ୍ରକାରେ ହେବି ଗୋ ଭାଜନ ?
ମୁଖେ ତାମ୍ବୂଳ ନୟନେ କଜ୍ଜଳର କଳା । ଲଲାଟେ କସ୍ତୁରୀ, ମୁକ୍ତାମାଳ [4] ଶୋଭେ ଗଳା ।
ପୃଥୁ କଟିତଟେ ଶୋଭେ ଶୁଭ୍ର ହେମଶାଢ଼ୀ [5] କନକ ରଚିତ କାଞ୍ଚୀ [6] ଦିଶେ ମଣିପାଟୀ
ଗିରିରାଜସୁତା-ଗୌରୀ ଭଜେଁ ଅବିରତେ । (କୃପାମୟି ! କ୍ଷମାକର ଅଧମ ଭକତେ) ॥୩॥

୧ ତ୍ରିପୁର ନାମକ ଅସୁର ନାଶକାରୀ । ୨ କାର୍ତ୍ତିକେୟ । ୩ ବେଦମାନେ । ୪ ମୁକ୍ତା । ୫ ଶାଢ଼ୀ

ବିରାଜନ୍ମନ୍ଦାରଦ୍ରୁମକୁସୁମହାରସ୍ତନତଟୀ
ନଦଦ୍ୱୀଣାନାଦ ଶ୍ରବଣବିଲସତ୍ କୁଣ୍ଡଳଗୁଣା ।
ନତାଙ୍ଗୀମାତଙ୍ଗୀରୁଚିରଗତିଭଙ୍ଗୀ ଭଗବତୀ,
ସତୀ ଶମ୍ଭୋରମ୍ଭୋରୁହଚଟୁଲଚକ୍ଷୁର୍ବିଜୟତେ । ୪ ।

ନବୀନାର୍କଭ୍ରାଜନ୍ମଣିକନକଭୂଷାପରିକରୈ—
ର୍ବୃତାଙ୍ଗୀ ସାରଙ୍ଗୀରୁଚିରନୟନାଙ୍ଗୀକୃତଶିବା ।
ତଡ଼ିତ୍‌ପୀତା ପୀତାମ୍ବରଲଳିତମଞ୍ଜୀରସୁଭଗା,
ମମାପର୍ଣ୍ଣା ପୂର୍ଣ୍ଣା ନିରବଧି ସୁଖୈରସ୍ତୁ ସୁମୁଖୀ । ୫ ।

ହିମାଦ୍ରେଃ ସମ୍ଭୂତା ସୁଲଳିତକରୈଃ ପଲ୍ଲବଯୁତା,
ସୁପୁଷ୍ପା ମୁକ୍ତାଭିର୍ଭ୍ରମରକଳିତା ଚାଳକଭରୈଃ ।
କୃତସ୍ଥାଣୁସ୍ଥାନାକୁଚଫଳନତା ସୂକ୍ତିସରସା,
ରୁଜାଂ ହନ୍ତ୍ରୀ ଗନ୍ତ୍ରୀ ବିଲସତି ଚିଦାନନ୍ଦଲତିକା । ୬ ।

ମନ୍ଦାର କୁସୁମ-ହାର କୁଚପରେ ରାଜେ । ସ୍ୱର ଅନୁକରି ୧ସ୍ୱେଚ୍ଛାକ୍ରମେ ବୀଣା ବାଜେ ॥
ଦୋଳେ ମକର କୁଣ୍ଡଳ ଶ୍ରବଣ ଯୁଗଳେ । ନତାଙ୍ଗି ! ୨ତୋ ଗତି ଭଙ୍ଗି ମାତଙ୍ଗୀକୁ ବଳେ
ଅମ୍ବୁରୁହ-ନେତ୍ରେ ୪ଶମ୍ଭୁ ମନ କଲୁ ବଶ । ଆସ, ସତୀ ଭଗବତୀ ! ମୋ ହୃଦୟେ ବସ ।୪।

ତରୁଣ-ଅରୁଣ-ନିଭ-ମଣି ବିଜଡ଼ିତ —। କନକ-ଭୂଷଣେ ତବ ଅଙ୍ଗ ସୁଶୋଭିତ ॥
ସାରଙ୍ଗି ! ୫ସାରଙ୍ଗନେତ୍ରା ଶିବା ଶିବ-ଦାତ୍ରୀ ୬ । ତଡ଼ିତ-ବିଜିତ-ପୀତାମ୍ବର କୃପା-ପାଣି
ଶୋଭେ ଲଳିତ ନୂପୁର ଚରଣେ ସୁନ୍ଦର । ଅପର୍ଣ୍ଣା ୭ପୂର୍ଣ୍ଣା, ନିରନ୍ତେ ସୁଖଦାନ କର । ୫ ।

ହିମାଦ୍ରିଜା ! ସୁଲଳିତ ତବ କରଦ୍ୱୟ । ଦିଶେ ରମଣୀୟ ଜଣି ନବ କିଶଳୟ ॥
ମୁକୁତା-ସୁପୁଷ୍ପେ ତବ ଅଙ୍ଗ ବିମଣ୍ଡିତ । ଅଳକାବଳି କି ଅଳି-ଅଳି ଆକୁଳିତ ॥
ସ୍ଥାଣୁଙ୍କ ଆଶ୍ରମ୍ଭୂତା ସ୍ତନଭରେ ନତା । ରୋଗହାରିଣୀ ତାରିଣୀ ଚିଦାନନ୍ଦଲତା । ୬ ।

---

୧ ଅନୁସରଣକରି । ୨ ଅବନତ ଦେହା । ୩ ହସ୍ତିନୀକୁ ଜିଣେ । ୪ ପଦ୍ମନୟନରେ ।
୫ ସାରଙ୍ଗୀ=ହରିଣୀ । ସାରଙ୍ଗନେତ୍ରା=ମୃଗନେତ୍ରା । ୬ ଶିବଦାତ୍ରୀ=ମଙ୍ଗଳଦାୟିନୀ ।
୭ ଅପର୍ଣ୍ଣା=ପାର୍ବତୀ । ପାର୍ବତୀ ଶିବଙ୍କୁ ପାଇବାପାଇଁ ପର୍ଣ୍ଣ ଅର୍ଥାତ୍ ପତ୍ରମାତ୍ର ଖାଇ ତପସ୍ୟା କରୁଥିଲେ, ପରେ ପର୍ଣ୍ଣାଶନ ମଧ୍ୟ ତ୍ୟାଗକରି ତପ କଲେ, ଏଣୁ ତାଙ୍କର ନାମ ଅପର୍ଣ୍ଣା ।

ସପର୍ଣ୍ଣାମାକୀର୍ଣ୍ଣାଂ କତିପୟଗୁଣୈଃ ସାଦରମିହ,
ଶ୍ରୟନ୍ତ୍ୟନ୍ୟେ ବଲ୍ଲୀଂ ମମ ତୁ ମତିରେବଂ ବିଲସତି ।
ଅପର୍ଣ୍ଣୈକା ସେବ୍ୟା ଜଗତି ସକଲୈର୍ଯତ୍ ପରିବୃତଃ,
ପୁରାଣୋଽପି ସ୍ଥାଣୁଃ ଫଲତି କିଲ କୈବଲ୍ୟ ପଦବୀଂ । ୭ ।

ବିଧାତ୍ରୀ ଧର୍ମ୍ମାଣାଂ ତ୍ୱମସି ସକଲାମ୍ନାୟଜନନୀ, ।
ତ୍ୱମର୍ଥାନାଂ ମୂଲଂ ଧନଦନମନୀୟାଙ୍ଘ୍ରି-କମଲେ ।
ତ୍ୱମାଦିଃ କାମାନାଂ ଜନନି କୃତକନ୍ଦର୍ପବିଜୟେ,
ସତାଂ ମୁକ୍ତେର୍ବୀଜଂ ତ୍ୱମସି ପରମବ୍ରହ୍ମମହିଷୀ । ୮ ।

ପ୍ରଭୂତା ଭକ୍ତିସ୍ତେ ଯଦପି ନ ମମାଲୋଲମନସ—
ସ୍ତ୍ୱୟା ତୁ ଶ୍ରୀମତ୍ୟା ସଦୟମବଲୋକ୍ୟୋଽହମଧୁନା ।
ପୟୋଦଃ ପାନୀୟଂ ଦିଶତି ମଧୁରଂ ଚାତକମୁଖେ,
ଭୃଶଂ ଶଙ୍କେ କୈର୍ବା ବିଧିଭିରନୁନୀତା ମମ ମତିଃ । ୯ ।

ସପର୍ଣ୍ଣା ଲତାର ୧ଦେଖି କତିପୟ ଗୁଣ । ସାଦରେ ପୂଜନ୍ତି ତାକୁ କେତେ ଲୋକ ପୁଣ ॥
କିନ୍ତୁ ଅପର୍ଣ୍ଣା ଲତିକା ସେବ୍ୟା ମୋ କେବଳ । ପୁରାଣ ସ୍ଥାଣୁ ୨ପ୍ରଦାନେ କୈବଲ୍ୟ ଫଳ ॥
ତୁମ୍ଭେ ସକଳ ଧର୍ମ୍ମର ବିଧାନକାରିଣୀ । ସର୍ବାର୍ଥମୂଳ ବେଦର ଜନନୀରୂପିଣୀ ॥

କୁବେର-ବନ୍ଦିତ ତବ କମଳଚରଣ । ସର୍ବକାମନାର ତୁମ୍ଭେ ପ୍ରଥମ କାରଣ ॥
ଜିଣିଛ ବ୍ରହ୍ମ ମହିଷି ! ତୁମ୍ଭେ ମନସିଜ । ତୁମ୍ଭେ ମାତ, ସାଧୁଙ୍କର ଅଟ ମୁକ୍ତି-ବୀଜ । ୮ ।
ଚଞ୍ଚଳ ମନ ମୋହର ଅଟଇ ଗୋ ଯେଣୁ । ତବ ପାଦ-ପଦ୍ମେ ପୂର୍ଣ୍ଣ ଭକ୍ତି ନାହିଁ ତେଣୁ ॥

ନ ଦେଖି ସୁଦ୍ଧା ମୋହର ବିଶେଷ ଭକତି । ଅନାଇଛ କୃପାନେତ୍ରେ ସଦା ମମ ପ୍ରତି ॥
ନ କରେ ଚାତକ ମେଘେ ଭକ୍ତି କଦାଚନ । ତଥାପି ତା ମୁଖେ କରେ ଅମୃତ ବର୍ଷଣ ॥
ଅଶଙ୍କା କରୁଛି ବିଧିବଶେ ମମ ମତି । ଭ୍ରମୁଛି ଯେଣୁ ନୁହଇ ତବ ପଦେ ଭକ୍ତି । ୯ ।

---

୧ ସପର୍ଣ୍ଣା ଲତା = [illegible] । ୨ ସ୍ଥାଣୁ = ଲଣ୍ଡାବୃକ୍ଷ ଓ ମହାଦେବ ।

କୃପାପାଙ୍ଗାଲୋକଂ ବିତର ତରସା ସାଧୁ ଚରିତେ,
ନ ତେ ଯୁକ୍ତୋପେକ୍ଷା ମୟି ଶରଣଦୀକ୍ଷାମୁପଗତେ ।
ନଚେଦିଷ୍ଟଂ ଦଦ୍ୟାଦନୁପଦମହୋ କଳ୍ପଲତିକା,
ବିଶେଷଃ ସାମାନ୍ୟୈଃ କଥମିତରବଲ୍ଲୀପରିକରୈଃ । ୧୦ ।
ମହାନ୍ତଂ ବିଶ୍ୱାସଂ ତବ ଚରଣପଙ୍କେରୁହଯୁଗେ,
ନିଧାୟାନ୍ୟନ୍ନୈବାଶ୍ରିତମିହ ମୟା ଦୈବତମୁମେ,
ତଥାପି ତ୍ୱଚ୍ଚେତୋ ଯଦି ମୟି ନ ଜାୟେତ ସଦୟଂ,
ନିରାଲମ୍ବୋ ଲମ୍ବୋଦରଜନନି କଂ ଯାମି ଶରଣମ୍ । ୧୧ ।
ଅୟଃ ସ୍ପର୍ଶେ ଲଗ୍ନଂ ସପଦି ଲଭତେ ହୈମପଦବୀଂ,
ଯଥା ରଥ୍ୟାପାଥଃ ଶୁଚିଭବତି ଗଙ୍ଗୌଘମିଳିତମ୍ ।
ତଥା ତତ୍ତତ୍ ପାପୈରତିମଳିନମନ୍ତର୍ମମ ଯଦି,
ତ୍ୱୟି ପ୍ରେମ୍ଣାସକ୍ତଂ କଥମିବ ନ ଜାୟେତ ବିମଳମ୍ । ୧୨ ।
ତ୍ୱଦନ୍ୟସ୍ମାଦିଚ୍ଛାବିଷୟଫଳଲାଭେନ ନିୟମ—
ସ୍ତ୍ୱମର୍ଥାନାମିଚ୍ଛାଧିକମପି ସମର୍ଥା ବିତରଣେ ।
ଇତି ପ୍ରାହୁଃ ପ୍ରାଞ୍ଚଃ କମଲଭବନାଦ୍ୟାସ୍ତ୍ୱୟି ମନ—
ସ୍ତ୍ୱଦାସକ୍ତଂ ନକ୍ତଂ ଦିବମୁଚିତମୀଶାନି କୁରୁ ତତ୍ । ୧୩ ।

କୃପା-ଅପାଙ୍ଗ ବିତର, ଗୋ ସାଧୁ ଚରିତେ ! । ନ ତେଜ ଶରଣାଗତେ ଜନନି ! କହୁଁତେ
ମାଗୁଛୁଁ ଶରଣ-ଭିକ୍ଷା ତୋ ପାଦେ ମୂର୍ଚ୍ଛିତ । ମୋତେ ଉପେକ୍ଷା କରିବା ନୁହଇ ବିହିତ ॥
ନ ପୂରଇବ ଅଭୀଷ୍ଟ କଳ୍ପଲତା ଯେବେ । ଅନଲତାଠାରୁ ତାର କି ବିଶେଷ ତେବେ ॥୧୦॥
ତବ ପାଦ ପଦ୍ମେ ରଖି ସମ୍ପୂର୍ଣ୍ଣ ପ୍ରତୀତ । କରିନାହିଁ ଆନ ଦେବଙ୍କଠାରେ ଭକ୍ତି ପ୍ରୀତ ॥
ତଥାପି ତବ କରୁଣା ନୋହିଲେ ମୋ ପ୍ରତି । ପଶିବି ଶରଣ କାହାଠାରେ ଭଗବତି ! ॥
ଲମ୍ବୋଦର ଜନନି ! ମୁଁ ନିରାଲମ୍ବ † ଏବେ । ହେଲୁଣିତ ତୁମ୍ଭ ବିନା କେ ରଖିବ ମୋତେ ? ॥
ସ୍ପର୍ଶ-ମଣି ସ୍ପର୍ଶେ ଲୌହ ହୁଏ ସ୍ୱର୍ଣ୍ଣ ଯଥା । ମାର୍ଗଜଳ ଗଙ୍ଗାସ୍ରୋତେ ମିଳି ଶୁଦ୍ଧ ଯଥା ॥
ତଥା ନାନା ପାପେ ମ୍ଳାନ ଯେବେ ମୋ ଅନ୍ତର । ତବ ଚିନ୍ତାର-ସ ହେବା ଆସକ୍ତ ଅବର ॥
କିପାଁ ନ ହେବ ବିମଳ ଆଗୋ ମାହେଶ୍ୱରି ! । ଏଣୁ ତୁମ୍ଭ ଭରସା ମୋ ହୃଦେ ଅଛି ଭରି ॥
ଅନ୍ୟାନ୍ୟ ଦେବଦେବୀଙ୍କୁ କଲେ ଆରାଧନା । ବାଞ୍ଛିତ ବିଷୟ ଫଳ ମିଳିଥାଏ ସିନା ॥
ତୁମ୍ଭେ ଇଚ୍ଛାଧିକ ଫଳ କରିଥାଅ ଦାନ । କହନ୍ତି ବିରଞ୍ଚି ଆଦି ଦେବେ ଏ ବିଧାନ ॥
ତବ ଚରଣ କମଳେ ଯେରୂପେ ମୋ ମନ । ଅନୁରତ ହେବ ମାତ, କରଗୋ ତେସନ ॥

---

† ନିରାଶ୍ରୟ ।

ସ୍ଫୁରନ୍ନାନାରତ୍ନସ୍ଫଟିକମୟଭିତ୍ତି ପ୍ରତିଫଳ—
ତ୍ୱଦାକାରଂ ଚଞ୍ଚଚ୍ଛଶଧରକଳାସୌଧଶିଖରମ୍ ।
ମୁକୁନ୍ଦବ୍ରହ୍ମେନ୍ଦ୍ର ପ୍ରଭୃତିପରିବାରଂ ବିଜୟତେ,
ତବାଗାରଂ ରମ୍ୟଂ ତ୍ରିଭୁବନମହାରାଜ ଗୃହିଣୀ । ୧୪ ।

ନିବାସଃ କୈଳାସେ ବିଧିଶତମଖାଦ୍ୟାଃ ସ୍ତୁତିକରାଂ,
କୁଟୁମ୍ବଂ ତ୍ରୈଲୋକ୍ୟଂ କୃତଃକରପୁଟଃ ସିଦ୍ଧିନିକରଃ ।
ମହେଶଃ ପ୍ରାଣେଶସ୍ତଦବନିଧରାଧୀଶ ତନୟେ,
ନ ତେ ସୌଭାଗ୍ୟସ୍ୟ କ୍ୱଚିଦପି ମନାଗସ୍ତି ତୁଳନା । ୧୫ ।

ବୃଷୋ ବୃଦ୍ଧୋ-ଯାନଂ ବିଷମଶନମାଶାନିବସନଂ,
ଶ୍ମଶାନଂ କ୍ରୀଡାଭୂର୍ଭୁଜଗନିବହୋ ଭୂଷଣବିଧିଃ ।
ସମଗ୍ରା ସାମଗ୍ରୀ ଜଗତି ବିଦିତୈବ ସ୍ମରରିପୋ—
ର୍ଯଦେତସ୍ୟୈଶ୍ୱର୍ଯ୍ୟଂ ତବ ଜନନି ସୌଭାଗ୍ୟମହିମା । ୧୬ ।

ମନୋହର ନାନାବିଧ ରତନ-ଜଡ଼ିତ । ତୁମ୍ଭର ଆଳୟ ଭିତ୍ତି ସ୍ଫଟିକେ ନିର୍ମିତ ॥
ସେ କାନ୍ଥେ ପ୍ରତିଫଳିତ ଆକୃତି ତୁମ୍ଭର । ସୌଧ-ଶିଖରେ ବିଳାସେ ସଦା ଶଶଧର ॥
ତବ ଗୃହଦ୍ୱାରେ ବ୍ରହ୍ମା ବିଷ୍ଣୁ ପୁରନ୍ଦର । ପରିଜନ ରୂପେ ରହିଛନ୍ତି ନିରନ୍ତର ॥
ତୁମ୍ଭେ ତ୍ରିଭୁବନ ମହାରାଜଙ୍କ ଗୃହିଣୀ । ତହିଁ ବିରାଜିତ ବର ଅଭୟ ଦାୟିନୀ । ୧୪ ।

କୈଳାସ ଭବନେ ଦେବି ! ନିବାସ ତୁମ୍ଭର । କରୁଛନ୍ତି ବ୍ରହ୍ମେନ୍ଦ୍ରାଦି ସ୍ତବ ନିରନ୍ତର
କୁଟୁମ୍ବ-ତୋହର ମାଗୋ ଏତିନି ଭୁବନ । ରହିଛନ୍ତି କରଯୋଡ଼ି ଋଦ୍ଧିସିଦ୍ଧିଗଣ ୧ ।
ମହେଶ ପ୍ରାଣେଶ ତବ ପିତା, ନଗପତି ୨ । କେ ଅଛି ବ୍ରହ୍ମାଣ୍ଡେ ତବ ସମ ଭାଗ୍ୟବତୀ ? । ୧୫

ବୃଦ୍ଧ ବୃଷଭ ଗୋଟିଏ ଯାହାର ବାହନ । ବିଷ ଅଶନ, ସକଳ ଦିଗ ଯା ବସନ ॥
ଶ୍ମଶାନେ ବିହାର ସ୍ଥୂଳ ଭୁଜଙ୍ଗ ୩ ଭୂଷଣ । ଶିବଙ୍କ ସାମଗ୍ରୀ ସର୍ବ ବିଦିତ ଭୁବନ ॥
ସେ ସ୍ମର-ରିପୁଙ୍କ ୪ ଦୃଷ୍ଟି ବିପୁଳ ସମ୍ପତ୍ତି । ତବ ସୌଭାଗ୍ୟ ମହିମା ବିନା ଭଗବତି !। ୧୬ ।

---

୧ ଋଦ୍ଧି-ସମ୍ପତ୍ତି, ବୃଦ୍ଧି, ମାତୃକା ବିଶେଷ । ସିଦ୍ଧି—ଅଣିମାଦି ଅଷ୍ଟଐଶ୍ୱର୍ଯ୍ୟ ।
୨ ହିମବନ୍ତ, ହିମାଳୟ । ୩ ସର୍ପ ୪ କନ୍ଦର୍ପର ଶତ୍ରୁ, ମହାଦେବ ।

ଅଶେଷ ବ୍ରହ୍ମାଣ୍ଡ ପ୍ରଳୟବିଧିନୈସର୍ଗିକମତିଃ,
ଶ୍ମଶାନେଷ୍ୱାସୀନଃ କୃତଭସିତଲେପଃ ପଶୁପତିଃ ।
ଦଧୌ କଣ୍ଠେ ହାଲାହଳମଖିଳଭୂଗୋଳକୃପୟା,
ଭବତ୍ୟାଃ ସଙ୍ଗତ୍ୟାଃ ଫଳମିତି ଚ କଲ୍ୟାଣି କଲୟେ । ୧୭ ।
ତ୍ୱଦୀୟଂ ସୌନ୍ଦର୍ଯ୍ୟଂ ନିରତିଶୟମାଲୋକ୍ୟପରୟା,
ଭିୟୈବାସୀଦ୍ ଗଙ୍ଗା ଜଳମୟତନୁଃ ଶୈଳତନୟେ ।
ତଦେତସ୍ୟାଃ ସ୍ତ୍ରାମ୍ୟଦ୍ ବଦନକମଲଂ ବୀକ୍ଷ୍ୟ କୃପୟା,
ପ୍ରତିଷ୍ଠାମାତେନେ ନିଜଶିରସି ବାସେନ ଗିରିଶଃ । ୧୮ ।
ବିଶାଲ ଶ୍ରୀଖଣ୍ଡ ଦ୍ରବ ମୃଗମଦାକୀର୍ଣ୍ଣ-ଘୁସୃଣ—
ପ୍ରସୂନବ୍ୟାମିଶ୍ରଂ ଭଗବତି ତବାଭ୍ୟଙ୍ଗ ସଲିଳଂ ।
ସମାଦାୟ ସ୍ରଷ୍ଟା ଚଲିତ ପଦପାଂଶୂନ୍ ନିଜକରୈଃ,
ସମାଧତ୍ତେ ସୃଷ୍ଟିଂ ବିବୁଧପୁରପଙ୍କେରୁହଦୃଶାଂ । ୧୯ ।
ବସନ୍ତେ ସାନନ୍ଦେ କୁସୁମିତ ଲତାଭିଃ ପରିବୃତେ,
ସ୍ଫୁରନ୍ନାନାପଦ୍ମେ ସରସି କଳହଂସାଲି ସୁଭଗେ ।
ସଖୀଭିଃ ଖେଳନ୍ତୀଂ ମଳୟପବନାନ୍ଦୋଳିତ ଜଲେ,
ସ୍ମରେଦ୍ ଯସ୍ତ୍ୱାଂ ତସ୍ୟ ଜ୍ୱରଜନିତ ପୀଡ଼ାପସରତି । ୨୦ ।
ଇତି ଶ୍ରୀଶଙ୍କରାଚାର୍ଯ୍ୟବିରଚିତ ଅନନ୍ଦଲହରୀ ସ୍ତୋତ୍ରମ୍ ॥

ବ୍ରହ୍ମାଣ୍ଡ ପ୍ରଳୟ କାର୍ଯ୍ୟେ ରତ ନିରନ୍ତର । ଶ୍ମଶାନ-ନିବାସୀ ଭସ୍ମବୋଳା କଳେବର ॥
ବିଶ୍ୱହିତେ କଣ୍ଠେ ବିଷ କଲେ ଯେ ଧାରଣ । କଲ୍ୟାଣି ! ଏ ସବୁ ତବ ସଙ୍ଗତି-କାରଣ । ୧୭
ଦେଖି ତବ ଗୁରୁରୂପ ଗୋ ଶୈଳ ତନୟେ ! ହେଲେ ତନୁ ଜଳମୟ ଗଙ୍ଗା ଲଜ୍ଜାଭୟେ ॥
ଜାହ୍ନବୀଙ୍କ ସେ ଅବସ୍ଥା କରି ବିବେଚନ । କରୁଣାରେ ହେଲ ଅଧୋ ତବ ପଦ୍ମାନନ ॥
ତବ କୃପାଭାବ ଦେଖି ଦେବ ତ୍ରିଲୋଚନ । କରିଛନ୍ତି ମସ୍ତକରେ ଗଙ୍ଗାଙ୍କୁ ଧାରଣ ।୧୮।
[illegible]ଳ ଚନ୍ଦନ ମିଶ୍ରିତ କୁଙ୍କୁମ କସ୍ତୁରୀ । ଶ୍ରୀଅଙ୍ଗେ ଲେପନ କର ଚଳନ୍ତେ ଶଙ୍କରୀ ॥
ଚରଣାରବିନ୍ଦୁଁ ଖସି ପଡ଼େ ଯେଉଁ ରଜ । ନିଜ କରେ ଗୋଟାଇ ତା କମଳ ଅଗ୍ରଜ ॥
ସୁର-ସୁନ୍ଦରୀଗଣଙ୍କୁ ଗଢ଼ିଲ ଯତନେ । ତବ ସେ ରେଣୁରେ ବଡ଼ ହରଷିତ ମନେ ।୧୯।
ପୁଷ୍ପିତ ଲତାବଳୀରେ ବନ ଉପବନ । ମଧୁର ବସନ୍ତେ ଯେବେ ଦିଶେ ସୁଶୋଭନ ॥
କମଳ ଫୁଟିବା ଦେଖି ସରୋବର ଜଳ । କଳହଂସକେଳିରତ ଯେବେ ଦଳ ଦଳେ ॥
ମଳୟ ମୃଦୁ ପବନେ ଅନ୍ଦୋଳିତ ନୀରେ । ବିହର ସଖୀଙ୍କ ସଙ୍ଗେ ଭଗବତି ! ଧୀରେ ॥
ତୁମ୍ଭ ସେ ମୂରତି ଯେହୁ ମାନସେ ମନାସେ । ଜ୍ୱର-ଜନିତ-ଯାତନା ନ ରହେ ତା ପାଶେ ॥

ଆତ୍ମଷଟ୍କମ୍ ।

ନାହଂ ଦେହୋ ନେନ୍ଦ୍ରିୟାଣ୍ୟନ୍ତରଙ୍ଗଂ, ନାହଙ୍କାରଃ ପ୍ରାଣବର୍ଗୋ ନ ବୁଦ୍ଧିଃ ।
ଦାରାପତ୍ୟକ୍ଷେତ୍ର ବିତ୍ତାଦିଦୂରଃ ସାକ୍ଷୀ ନିତ୍ୟଃ ପ୍ରତ୍ୟଗାତ୍ମା ଶିବୋଽହମ୍ । ୧ ।

ରଜ୍ଜ୍ୱଜ୍ଞାନାଦ୍ଭାତି ରଜ୍ଜୁର୍ଯଥାଽହିଃ ସ୍ୱାତ୍ମାଜ୍ଞାନାଦାତ୍ମନୋ ଜୀବଭାବଃ ।
ଆପ୍ତୋକ୍ତ୍ୟା ହି ଭ୍ରାନ୍ତିନାଶେ ସ ରଜ୍ଜୁର୍ଜୀବୋ ନାହଂ ଦେଶିକୋକ୍ତ୍ୟା ଶିବୋଽହମ୍ ।୨।

ମତ୍ତୋ ନାନ୍ୟତ୍ କିଞ୍ଚିଦତ୍ରାସ୍ତି ବିଶ୍ୱଂ ସତ୍ୟଂ ବାହ୍ୟଂ ବସ୍ତୁ ମାୟୋପକ୍ଳୃପ୍ତମ୍ ।
ଆଦର୍ଶାନ୍ତର୍ଭାସମାନସ୍ୟ ତୁଲ୍ୟଂ, ମୟ୍ୟଦ୍ୱୈତେ ଭାତି ତସ୍ମାଚ୍ଛିବୋଽହମ୍ । ୩ ।

ଅବ୍ୟକ୍ତାଦଂ ବିଶ୍ୱମାତ୍ମନ୍ୟସତ୍ୟଂ, ସତ୍ୟଜ୍ଞାନାନନ୍ଦରୂପେ ବିମୋହାତ୍ ।
ନିଦ୍ରାମୋହାତ୍ ସ୍ୱପ୍ନବତ୍ତନ୍ନ ସତ୍ୟଂ, ଶୁଦ୍ଧଃ ପୂର୍ଣ୍ଣୋ ନିତ୍ୟ ଏକଃ ଶିବୋଽହମ୍ । ୪ ।

ଆତ୍ମଷଟ୍କ

ରାଗ-ନଟବର

ମୁଁ ନୁହଇଁ ଦେହ ଅବୟବଧର । ନାହିଁ ମୋ ଇନ୍ଦ୍ରିୟ ବାହ୍ୟ ଅଭ୍ୟନ୍ତର ॥
ନୁହେଁ ଅହଙ୍କାର ବୁଦ୍ଧି ପ୍ରାଣ ନାହିଁ । ଦାରାସୁତକ୍ଷେତ୍ରଠାରୁ ଦୂରେ ଥାଇଁ ॥
ସର୍ବସାକ୍ଷୀ ମୁହିଁ ଦେଖଇ ସକଳ । ନିତ୍ୟ ପ୍ରତ୍ୟଗାତ୍ମା ଶିବ ମୁଁ କେବଳ । ୧ ।

ରଜ୍ଜୁ ଦେଖି ସର୍ପ-ଜ୍ଞାନଭ୍ରମେ ଯଥା । ମଣେ ପରମ ସ୍ୱେ ଜୀବଭାବ ତଥା ॥
ବିଶ୍ୱାସୀ ଲୋକର ବଚନ ପ୍ରମାଣେ । ସେ ଭ୍ରାନ୍ତି ତୁଟିଲେ ରଜ୍ଜୁ ବୋଲି ଜାଣେ ॥
ଗୁରୁ- ଉପଦେଶ ମାନବ ତେସନେ । ଆତ୍ମାକୁ ପରମ ଆତ୍ମା ବୋଲି ମଣେ । ୨ ।

ଆତ୍ମଜ୍ଞାନ ଜାତ ନୁହଇ ଯାବତ । ଜଗତକୁ ସତ୍ୟ କଳ୍ପଇ ତାବତ ॥
ସେହି ପରମାତ୍ମା ପୂର୍ଣ୍ଣାନନ୍ଦେ ଯେବେ । ଚିହ୍ନି ପାରେ ମୋହ ତେଜ ନର ତେବେ ॥
ଦେଖଇ ଅନିତ୍ୟ ଅସତ୍ୟ ସଂସାର । ନିଦ୍ରାନ୍ତର ସ୍ୱପ୍ନ-ଦର୍ଶନ ପ୍ରକାର ॥
ତେଣୁ ମୁଁ କେବଳ ଏକ ଶିବମୟ । ପୂର୍ଣ୍ଣ ପରମାତ୍ମ ସ୍ୱରୂପ ନିଶ୍ଚୟ । ୩ ।

ସତ୍ୟ ଏକା ମୁହିଁ ଅସତ୍ୟ ମୋ ବିନା । ବାହ୍ୟ କଳପିତ ସମୁଦାୟ ସିନା ॥
ବାହ୍ୟେ ନାନାଦ୍ରବ୍ୟ ଦିଶେ ଯେ ସମସ୍ତ । ଦର୍ପଣ ମଧ୍ୟସ୍ଥ ପ୍ରତିବିମ୍ବ ବତ ॥
ଅଟଇ ଅନିତ୍ୟ ଅଳୀକ ସକଳ । ପ୍ରକାଶିତ ସର୍ବ ମୋଠାରୁ କେବଳ ॥
ମୁଁ ଅଟେଁ ଅଦ୍ୱୈତ ସର୍ବଶିବମୟ । ପୂର୍ଣ୍ଣ ପରମାତ୍ମ ସ୍ୱରୂପ ନିଶ୍ଚୟ । ୪ ।

ନାହଂ ଜାତୋ ନ ପ୍ରବୃଦ୍ଧୋ ନ ନଷ୍ଟୋ ଦେହସ୍ୟୋକ୍ତାଃ ପ୍ରାକୃତାଃ ସର୍ବଧର୍ମାଃ ।
କର୍ତ୍ତୃତ୍ୱାଦିଶ୍ଚିନ୍ମୟସ୍ୟାସ୍ତି ନାହଙ୍କାରସ୍ୟୈବ ହ୍ୟାତ୍ମନୋ ମେ ଶିବୋଽହମ୍ । ୫ ।

ନାହଂ ଦେହୋ ଜନ୍ମମୃତ୍ୟୁ କୁତୋ ମେ, ନାହଂ ପ୍ରାଣଃ କ୍ଷୁତ୍ ପିପାସେ କୁତୋ ମେ
ନାହଂ ଚିତ୍ତଂ ଶୋକମୋହୌ କୁତୋ ମେ, ନାହଂ କର୍ତ୍ତା ବନ୍ଧମୋକ୍ଷୌ କୁତୋ ମେ ।୬

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଆତ୍ମପଞ୍ଚକସ୍ତୋତ୍ରଂ ॥

ସମାପ୍ତମ୍

ନାହିଁ ମୋର ଜନ୍ମ ବୃଦ୍ଧି ଅବା କ୍ଷୟ । ଦେହ ପକ୍ଷେ ଘଟେ ସେହି ସମୁଦାୟ ॥
ଉତ୍ପତ୍ତି ପ୍ରଳୟ ସ୍ଥିତି ଆଦି କର୍ମ । ଅଟଇ ଦେହର ପ୍ରାକୃତିକ ଧର୍ମ ॥
ଏ ଆତ୍ମା ଚିନ୍ମୟ ଅଟଇ ଯେଣୁ । ନାହିଁ ତାର ଜାଣ କର୍ତ୍ତୃତ୍ୱାଦି ତେଣୁ ।
ଅହଙ୍କାର ପ୍ରତି ସେ ସର୍ବ ସମ୍ଭବେ । ଶିବମୟ ଆତ୍ମା ରୂପୀ ମୁହିଁ ଭବେ । ୫ ।
ଦେହ ନାହିଁ ତେବେ ଜନ୍ମମୃତ୍ୟୁ କାହିଁ ? । ପ୍ରାଣ ନାହିଁ କ୍ଷୁଧା ପିପାସା କି ଥାଇ ?॥
ଚିତ୍ତ ନୁହେଁ ଶୋକ ମୋହ କାହିଁ ତେବେ । କର୍ତ୍ତା ନୁହେଁ ବନ୍ଧ ମୋକ୍ଷ ନ ଘଟିବେ ।୬।

ଅନ୍ନପୂର୍ଣ୍ଣା ସ୍ତୋତ୍ରମ୍

ନିତ୍ୟାନନ୍ଦକରୀ ବରାଭୟକରୀ ସୌନ୍ଦର୍ଯ୍ୟରତ୍ନାକରୀ, **ନିର୍ଦ୍ଧୂତାଖିଳଘୋର-**ପାବନକରୀ **ପ୍ରତ୍ୟକ୍ଷମାହେଶ୍ୱରୀ** । ପ୍ରାଲେୟାଚଳବଂଶପାବନକରୀ **କାଶୀପୁରାଧୀଶ୍ୱରୀ,** ଭିକ୍ଷାଂ ଦେହି **କୃପାବଲମ୍ବନକରୀ** ମାତାନ୍ନପୂର୍ଣ୍ଣେଶ୍ୱରୀ । ୧ । ନାନାରତ୍ନ ବିଚିତ୍ର**ଭୂଷଣକରୀ** ହେମାମ୍ବରାଡମ୍ବରୀ, **ମୁକ୍ତାହାର** ବିଲମ୍ବମାନ ବିଲସତ୍ ବକ୍ଷୋଜକୁମ୍ଭାନ୍ତରୀ । କାଶ୍ମୀରାଗୁରୁ ବାସିତା **ରୁଚିକରୀ** କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି **କୃପାବଲମ୍ବନକରୀ** ମାତାନ୍ନପୂର୍ଣ୍ଣେଶ୍ୱରୀ । ୨ । ଯୋଗାନନ୍ଦକରୀ ରିପୁକ୍ଷୟକରୀ ଧର୍ମାର୍ଥନିଷ୍ଠାକରୀ, ଚନ୍ଦ୍ରାର୍କାନଳ ଭାସମାନଲହରୀ ତ୍ରୈଲୋକ୍ୟରକ୍ଷାକରୀ । ସର୍ବୈଶ୍ୱର୍ଯ୍ୟସମସ୍ତବାଞ୍ଛିତକରୀ **କାଶୀପୁରାଧୀଶ୍ୱରୀ,** ଭିକ୍ଷାଂ ଦେହି **କୃପାବଲମ୍ବନକରୀ** ମାତାନ୍ନପୂର୍ଣ୍ଣେଶ୍ୱରୀ । ୩। କୈଳାସାଚଳକନ୍ଦରାଳୟକରୀ **ଗୌରୀ ଉମାଶଙ୍କରୀ,** କୌମାରୀ ନିଗମାର୍ଥଗୋଚରକରୀ ଓଁକାରବୀଜାକ୍ଷରୀ । ମୋକ୍ଷଦ୍ୱାରକବାଟ **ପାଟନକରୀ** କାଶୀପୁରାଧୀଶ୍ୱରୀ ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ।୪।

ଅନ୍ନପୂର୍ଣ୍ଣା ସ୍ତୋତ୍ର

ରାଗ-କାମୋଦୀ

ନିତ୍ୟ ଆନନ୍ଦକରୀ ବରଅଭୟକରୀ ସୌନ୍ଦର୍ଯ୍ୟ-ରତନ-ଆକରୀ ।
ଘୋର-କଲୁଷ-ହରୀ ଭକ୍ତ ପାବନ କରୀ ପ୍ରତ୍ୟକ୍ଷେ ତୁହି **ମାହେଶ୍ୱରୀ** ଗୋ ॥
ଅନ୍ନପୂର୍ଣ୍ଣା ! ହିମାଦ୍ରି-ବଂଶ ପୂତ କରୀ । ତୁ କାଶୀପୁରୀ ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କହୁଁଛି ମୋତେ କୃପାକର ଗୋ । ୧ ।
ନାନାରତ୍ନେ **ଜଡ଼ିତ ଭୂଷଣେ** ବିଭୂଷିତ କନକ ବାସ-ପରିହରୀ ।
ମୁକ୍ତାହାର-ଲମ୍ବିତ କୁଚ ଦେଶେ ଶୋଭିତ କୁଙ୍କୁମ ଅଗୁରୁ ଆଦରୀ ଗୋ ॥
ଅନ୍ନପୂର୍ଣ୍ଣା ! ଶ୍ରୀଅଙ୍ଗ ତୋର ରୁଚିକରୀ । ତୁ କାଶୀପୁରୀ ଅଧୀଶ୍ୱରୀ ।
ମା **ଅନ୍ନପୂର୍ଣ୍ଣେଶ୍ୱରୀ** ଦିଅ ଭିକ୍ଷା ଶଙ୍କରୀ କହୁଁଛି ମୋତେ କୃପା କରି ଗୋ ॥ ୨ ॥
ଯୋଗାନନ୍ଦ-ଦାୟିନୀ ରିପୁକ୍ଷୟ କାରିଣୀ ଧର୍ମଅର୍ଥ ପରାୟଣୀ ।
ଚନ୍ଦ୍ର ସୂର୍ଯ୍ୟ **ଅନଳ ପ୍ରଭା ଦେନି** ଉଜ୍ଜ୍ୱଳ ରଖୁ ତୁ ସକଳ ଅବନୀ ଗୋ ।
ଅନ୍ନପୂର୍ଣ୍ଣା ! **ସର୍ବ ଐଶ୍ୱର୍ଯ୍ୟ-**ଲାଭକରୀ । ତୁ କାଶୀପୁରୀ-ଅଧୀଶ୍ୱରୀ ॥
ମା ଅନ୍ନପୂର୍ଣ୍ଣେଶ୍ୱରୀ **ଦିଅ** ଭିକ୍ଷା ଶଙ୍କରୀ କହୁଁଛି ମୋତେ କୃପା କରି ଗୋ । ୩ ।
କଇଲାସ କନ୍ଦରେ ବିଲସୁ ଆନନ୍ଦରେ ମାଗୋ ଗୌରୀ ଉମା ଶଙ୍କରୀ ।
କୁମାରୀ, ନିଗମର ଅର୍ଥ କରୁ ଗୋଚର ତୁହି ଓଁକାର ବୀଜାକ୍ଷରୀ ଗୋ ॥
ଅନ୍ନପୂର୍ଣ୍ଣା ! **ମୋକ୍ଷମାର୍ଗ-ମୋଚନ-**କରୀ । ତୁ କାଶୀପୁରୀ-ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କହୁଁଛି ମୋତେ କୃପା କରି ଗୋ । ୪ ।

ଦୃଶ୍ୟାଦୃଶ୍ୟ ପ୍ରଭୂତ ବାହନକରୀ ବ୍ରହ୍ମାଣ୍ଡଭାଣ୍ଡୋଦରୀ, ଲୀଳାନାଟକସୂତ୍ର ଭେଦନକରୀ ବିଜ୍ଞାନଦୀପାଙ୍କୁରୀ । ଶ୍ରୀବିଶ୍ୱେଶମନଃ ପ୍ରସାଦନକରୀ କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ॥ ୫ ॥ ଉର୍ବୀ-ସର୍ବ ଜନେଶ୍ୱରୀ ଭଗବତୀ ମାତାନ୍ନପୂର୍ଣ୍ଣେଶ୍ୱରୀ, ବେଣୀନୀଳସମାନକୁନ୍ତଳ ହରୀ ନିତ୍ୟାନ୍ନଦାନେଶ୍ୱରୀ । ସର୍ବାନନ୍ଦକରୀ ଦଶାଶୁଭକରୀ କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ । ୬ । ଆଦିକ୍ଷାନ୍ତସମସ୍ତବର୍ଣ୍ଣନକରୀ ଶମ୍ଭୋସ୍ତ୍ରିଭାବାକରୀ, କାଶ୍ମୀ ତ୍ରିଜଗନେଶ୍ୱରୀ ତ୍ରିଲହରୀ ନିତ୍ୟାଙ୍କୁରା ଶର୍ବରୀ । କାମାକାଙ୍କ୍ଷକରୀ ଜନୋଦୟକରୀ କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ॥ ୭ ॥ ଦେବୀସର୍ବବିଚିତ୍ରରତ୍ନରଚିତା ଦାକ୍ଷାୟଣୀ ସୁନ୍ଦରୀ, ବାମସ୍ୱାଦୁପୟୋଧରପ୍ରିୟକରୀ ସୌଭାଗ୍ୟ ମାହେଶ୍ୱରୀ । ଭକ୍ତାଭୀଷ୍ଟକରୀ ଦଶାଶୁଭକରୀ କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ॥ ୮ ॥ ଚନ୍ଦ୍ରାର୍କାନଳ କୋଟିକୋଟି ସଦୃଶୀ ଚନ୍ଦ୍ରାଂଶୁବିମ୍ବାଧରୀ, ଚନ୍ଦ୍ରାର୍କାଗ୍ନିସମାନକୁଣ୍ଡଳଧରୀ ଚନ୍ଦ୍ରାର୍କବର୍ଣ୍ଣେଶ୍ୱରୀ । ମାଳା

ଦୃଶ୍ୟାଦୃଶ୍ୟ † ସମସ୍ତ ପାଳନ କରୁଅଛ ମାଗୋ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ ।
ଲୀଳା ନାଟକ ସୂତ୍ର ଧରନ୍ତୁ ଅଦଭୁତ ତୁହି ବିଜ୍ଞାନ ଦୀପାଙ୍କୁରୀ ଗୋ ॥
ଅନ୍ନପୂର୍ଣ୍ଣା ! ବିଶ୍ୱେଶ * ମନ ତୋଷ-କରୀ । ତୁ କାଶୀପୁରୀ ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କାନ୍ଦୁଛି ମୋତେ କୃପାକର ଗୋ । ୫ ।

ନିଖିଳ ଜନେଶ୍ୱରୀ ଭଗବତୀ ତୋହର କୁନ୍ତଳ ଶୋହେ ବେଣୀ ପରି ।
ନିତ୍ୟାନ୍ନଦାନେଶ୍ୱରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ତୁହିମା ସର୍ବାନନ୍ଦକରୀ ଗୋ ॥
ଅନ୍ନପୂର୍ଣ୍ଣା । ଜନଙ୍କ ଦଶା ଶୁଭ-କରୀ । ତୁ କାଶୀପୁରୀ ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କାନ୍ଦୁଛି ମୋତେ କୃପା କର ଗୋ ।୬।

ଶିକ୍ଷା-ଦୀକ୍ଷା-ଦାମିନୀ ଭବ ମୋଦ-କାରିଣୀ କାଶ୍ମୀର ତ୍ରିଭୁବନେଶ୍ୱରୀ ।
ନିତ୍ୟାଙ୍କୁର ଶର୍ବରୀ ତୁ ଅଟୁ ତ୍ରିଲହରୀ ଭକ୍ତ କାମନା-ପୂର୍ଣ୍ଣ-କରୀ ଗୋ ॥
ଅନ୍ନପୂର୍ଣ୍ଣା ! । ଜନେ ଉନ୍ନତି ଦାନ କରୀ । ତୁ କାଶୀପୁରୀ ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କାନ୍ଦୁଛି ମୋତେ କୃପା କର ଗୋ । ୭ ।

ନାନା ରତ୍ନେ ଖଚିତ ଭୂଷଣେ ବିଭୂଷିତ ସୁନ୍ଦର ତନୁ ତବ ଗୋ ସୁନ୍ଦରୀ ।
ସୌଭାଗ୍ୟ ଦାକ୍ଷାୟଣୀ ତ୍ରୈଲୋକ୍ୟ ଜନନୀ ଅଭୀଷ୍ଟଦାୟୀ ମାହେଶ୍ୱରୀ ଗୋ ॥
ଅନ୍ନପୂର୍ଣ୍ଣା ! । ଦୀନ-ଦୁର୍ଦ୍ଦଶା-ଶୁଭକରୀ ତୁ କାଶୀପୁରୀ-ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କାନ୍ଦୁଛି ମୋତେ କୃପା କର ଗୋ ।୮।

---

† ସ୍ଥୂଳ ସୂକ୍ଷ୍ମ । * ମହାଦେବ ।

ପୁସ୍ତକ ପାଶାଙ୍କୁଶଧରୀ କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ **ମାତାନ୍ନ-ପୂର୍ଣ୍ଣେଶ୍ୱରୀ** ॥ **କ୍ଷତ୍ରତ୍ରା**ଣକରୀ **ମହା**ଭୟକରୀ ମାତା କୃପାସାଗରୀ, ସାକ୍ଷାତ୍ ମୋକ୍ଷକରୀ ସଦା **ଶିବକରୀ** ବିଶ୍ୱେଶ୍ୱରଶ୍ରୀଧରୀ । ଦକ୍ଷାକ୍ରନ୍ଦକରୀ ନିରାମୟକରୀ କାଶୀପୁରାଧୀଶ୍ୱରୀ, ଭିକ୍ଷାଂ ଦେହି କୃପାବଲମ୍ବନକରୀ ମାତାନ୍ନପୂର୍ଣ୍ଣେଶ୍ୱରୀ ॥ ଅନ୍ନପୂର୍ଣ୍ଣେ ସଦାପୂର୍ଣ୍ଣେ **ଶଙ୍କର-ପ୍ରାଣବଲ୍ଲଭେ** । **ଜ୍ଞାନବୈରାଗ୍ୟସିଦ୍ଧ୍ୟର୍ଥଂ** ଭିକ୍ଷାଂ ଦେହି ଚ ପାର୍ବତି ।୧୧। ମାତା ଚ ପାର୍ବତୀ ଦେବୀ ପିତା ଦେବୋ ମହେଶ୍ୱରଃ । ବାନ୍ଧବାଃ ଶିବଭକ୍ତାଶ୍ଚ ସ୍ୱଦେଶୋ ଭୁବନତ୍ରୟମ୍ ।୧୨।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଅନ୍ନପୂର୍ଣ୍ଣା ସ୍ତୋତ୍ରମ୍ ।

ଚନ୍ଦ୍ର ଅର୍କ ଅନଳ **କୋଟିସମ** ଉଜ୍ଜ୍ୱଳ ଚନ୍ଦ୍ରାଂଶୁଧରୀ ବିମ୍ବାଧରୀ ।
ଚନ୍ଦ୍ର **ଅର୍କ** ଅନଳ ସମବର୍ଣ୍ଣେ କୁଣ୍ଡଳ ଚନ୍ଦ୍ରାର୍କକାନ୍ତି ମାଳାଧର ଗୋ ॥
ଅନ୍ନପୂର୍ଣ୍ଣା ! । ପୁସ୍ତକପାଶାଙ୍କୁଶ-ଧରୀ । ତୁ କାଶୀପୁରୀ-ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ କହୁଛେ ମୋତେ କୃପା କର ଗୋ । ୯ ।
କ୍ଷତ୍ରିୟ-ତ୍ରାଣକରୀ ମହାଅଭୟ-କରୀ ଗୋ ମାତ କରୁଣା-ସାଗରୀ ।
ସାକ୍ଷାତେ **ମୋକ୍ଷ-କରୀ ସତତେ** ଶିବ-କରୀ ତୁ ବିଶ୍ୱେଶ୍ୱର-କାନ୍ତ-ଧରୀ ଗୋ ॥
ଅନ୍ନପୂର୍ଣ୍ଣା ! । ଦକ୍ଷ-ଯଜ୍ଞ-ବିନାଶ-କରୀ । ତୁ କାଶୀପୁରୀ-ଅଧୀଶ୍ୱରୀ ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା **ଶଙ୍କରୀ** କହୁଛେ **ମୋତେ** କୃପାକର ଗୋ । ୧୦ ।

ଭକ୍ତେ ନୀରୋଗ କର ସର୍ବସ୍ୱ ଅନ୍ନ ପୂର
ଲୋକ-ଜନନୀ ଶାକମ୍ଭରୀ !
ଶଙ୍କର - ପ୍ରାଣପ୍ରିୟା ମୋତେ କର ସୁଦୟା
ମୋ ଦୁଃଖ ଫେଡ଼ ମାହେଶ୍ୱରୀ ଗୋ । ଅନ୍ନପୂର୍ଣ୍ଣା ! ।
ଜ୍ଞାନ ବୈରାଗ୍ୟ ସିଦ୍ଧ ହେବା । ପାଇଁ କରୁଛି ତୋତେ ସେବା ।
ମା **ଅନ୍ନପୂର୍ଣ୍ଣେଶ୍ୱରୀ** ଦିଅ ଭିକ୍ଷା ଶଙ୍କରୀ
ପ୍ରାଲେୟ-ଅଚଳ-ସମ୍ଭବା† ଗୋ ।୧୧।
ମାତା ମମ ପାର୍ବତୀ ପିତା ମୋ ପଶୁପତି
ଦେବାଦିଦେବ ତ୍ରିଲୋଚନ ।
ଶିବ-ଭକ୍ତ-ନିକର ବାନ୍ଧବ ସେ ମୋହର
ସ୍ୱଦେଶ ମୋର ତ୍ରିଭୁବନ ଗୋ ॥ ଅନ୍ନପୂର୍ଣ୍ଣା ! ।
ଏ ଭାବ ମୋ ମାନସ-ପଟେ । ଯେମନ୍ତେ ସତତେ **ପ୍ରକଟେ** ।
ମା ଅନ୍ନପୂର୍ଣ୍ଣେଶ୍ୱରୀ ଦିଅ ଭିକ୍ଷା ଶଙ୍କରୀ
ଗୁହାରି ଏତେ ତୋ ନିକଟେ ଗୋ । ୧୨ ।

---

† ପ୍ରାଲେୟ-ହିମ; ଅଚଳ-ପର୍ବତ; ସମ୍ଭବା-ଜାତା = ପ୍ରାଲେୟାଚଳସମ୍ଭବା = ପାର୍ବତୀ ।

ତ୍ରିପୁରସୁନ୍ଦରୀ ସ୍ତୋତ୍ରମ୍

କଦମ୍ବବନଚାରିଣୀଂ ମୁନିକଦମ୍ବ-କାଦମ୍ବିନୀଂ,
ନିତମ୍ବଜିତଭୂଧରାଂ ସୁରନିତମ୍ବିନୀସେବିତାଂ ।
ନବାମ୍ବୁରୁହଲୋଚନାମଭିନବାମ୍ବୁଦଶ୍ୟାମଳାଂ;
ତ୍ରିଲୋଚନକୁଟୁମ୍ବିନୀଂ ତ୍ରିପୁରସୁନ୍ଦରୀମାଶ୍ରୟେ । ୧ ।

କଦମ୍ବବନବାସିନୀଂ କନକବଲ୍ଲକୀ ଧାରିଣୀଂ,
ମହାର୍ହମଣିହାରିଣୀଂ ମୁଖସମୁଲ୍ଲସଦ୍‌ବାରୁଣୀଂ ।
ଦୟାବିଭବକାରିଣୀଂ ବିଶଦଲୋଚନୀଂ ଚାରିଣୀଂ,
ତ୍ରିଲୋଚନ କୁଟୁମ୍ବିନୀଂ ତ୍ରିପୁର ସୁନ୍ଦରୀ ମାଶ୍ରୟେ । ୨ ।

ତ୍ରିପୁରସୁନ୍ଦରୀ ସ୍ତୋତ୍ର

ରାଗ-ବସନ୍ତଲୀଳା ।

ନମସ୍ତେ କଦମ୍ବ-ବନ-ଚାରିଣୀ ୧ ।
ନମୋ ମୁନିକଦମ୍ବ-କାଦମ୍ବିନୀ ୨ ।
ନିତମ୍ବେ ଜିତ ଭୋ ଭୂଧର-ଜାତ ।
ସୁର ନିତମ୍ବିନୀଗଣ-ସେବିତ ୩ ଗୋ ॥
ନବାମ୍ବୁରୁହ ଲୋଚନୀ ୪ ଗୋ ।
ନବାମ୍ବୁଦଶ୍ୟାମା ତ୍ରିଲୋଚନ-ବାମା
ରଖ ମା ତ୍ରିପୁର ରମା ଗୋ । ୧ ।

ନମାମି କଦମ୍ବ ବନ ବାସିନୀ ।
ମାଗୋ କନକ-ବଲ୍ଲକୀ ଧାରିଣୀ ୫ ।
ଜୟମା ମହାର୍ହ ମଣି-ହାରିଣୀ ୬ ।
ମୁଖ-ମଣ୍ଡଳେ ଉଲ୍ଲସେ ବାରୁଣୀ ଗୋ ॥
ଦୟା ବିଭବ-କାରିଣୀ ଗୋ ।
ବିଶଦ ଲୋଚନୀ ତ୍ରିପୁର-ରମଣୀ
ତ୍ରିଲୋଚନ—କୁଟୁମ୍ବିନୀ ଗୋ । ୨ ।

---

୧ ଯେ କଦମ୍ବବନରେ ବାସ କରନ୍ତି । ୨ । ବଜୁଲୀ, ୩ ସୁରଙ୍ଗନା ସେବିତା । ୪ ପଦ୍ମନୟନା, ୫ ବୀଣା । ୬ ଅଲଙ୍କୃତା ।

ତ୍ରିପୁରସୁନ୍ଦରୀ ସ୍ତୋତ୍ରମ୍

କଦମ୍ବବନ ଶାଳୟା କୁଚଭରୋଲ୍ଲସନ୍ମାଳୟା,
କୁଚୋପମିତ ଶୈଳୟା ଗୁରୁକୃପାଲସଦ୍‌ବେଳୟା ।
ମଦାରୁଣ କପୋଳୟା ମଧୁରଗୀତବାଚାଳୟା,
କୟାପିଘନ ନୀଳୟା କବଚିତା ବୟଂ ଲୀଳୟା ।୩।

କଦମ୍ବବନମଧ୍ୟଗାଂ କନକମଣ୍ଡଳୋପସ୍ଥିତାଂ;
ଷଡମ୍ବୁରୁହବାସିନୀଂ ସତତସିଦ୍ଧି ସୌଦାମିନୀମ୍ ।
ବିଡମ୍ବିତ ଜବାରୁଚିଂ ବିକଚଚନ୍ଦ୍ରଚୂଡାମଣିଂ,
ତ୍ରିଲୋଚନ କୁଟୁମ୍ବିନୀ ତ୍ରିପୁର ସୁନ୍ଦରୀମାଶ୍ରୟେ ।୪।

କୁଚାଞ୍ଚିତବିପଞ୍ଚିକାଂ କୁଟିଳକୁନ୍ତଳାଲଙ୍କୃତାଂ,
କୁଶେଶୟନିବାସିନୀଂ କୁଟିଳଚିତ୍ତ ବିଦ୍ୱେଷିଣୀଂ ।
ମଦାରୁଣ ବିଲୋଚନାଂ ମନସିଜାରି ସମ୍ମୋହିନୀଂ,
ମତଙ୍ଗମୁନିକନ୍ୟକାଂ ମଧୁରଭାଷିଣୀମାଶ୍ରୟେ ।୫।

କଦମ୍ବ-କାନନ ତୋହର ଶାଳା ୧ ।
କୁଚ ଭୂଧରେ ଶୋଭେ ରତ୍ନମାଳା ।
ସଦା କୃପାପୂର୍ଣ୍ଣ ମୁଖ-ମଣ୍ଡଳ ।
ମଦାରୁଣ ୨ ଦଶେ ଗଣ୍ଡ-ଯୁଗଳ ଗୋ ।
ରକ୍ଷ ତ୍ରିପୁର ସୁନ୍ଦରୀ ଗୋ ।
ଘନ ନୀଳଗାତ୍ରା, କବଚ ଶୋଭିତା, ଲୀଳାମୟୀ ଭୟଙ୍କରୀ ଗୋ ।୩।

କଦମ୍ବ କାନନେ ବିରାଜମାନ ।
କନକ ମଣ୍ଡଳେ ତୋ ଅଧିଷ୍ଠାନ ॥
ଜନ୍ମମା ଷଡମ୍ବୁରୁହ-ବାସିନୀ ୩ ।
ତୁ ସଦା ଭକ୍ତ ସିଦ୍ଧି ସୌଦାମିନୀ ୪ ଗୋ
ରକ୍ଷ ତ୍ରିପୁର ସୁନ୍ଦରୀ ଗୋ ।
ଶିରେ ଚନ୍ଦ୍ରମଣି, ଜବାରୁଚ ଜିଣି, କାନ୍ତି ଝଲକେ ତୋହର ଗୋ ।୪।

କମନୀୟ-ଦିବ୍ୟ-ବୀଣାଧାରିଣୀ ।
କୁଟିଳ-ନୀଳ-କୁନ୍ତଳ-ଶୋଭିନୀ ॥
କୁଶେଶୟ ନିବାସିନୀ ତୁ ମାତ ।
କୁଟିଳ ଚିତ୍ତଙ୍କୁ କରୁ ନିପାତ ଗୋ ।
ମଦାରୁଣ-ବିଲୋଚନା ଗୋ ।
ମାତଙ୍ଗ-ନନ୍ଦିନୀ, ମହେଶ-ମୋହିନୀ, ମଧୁ-କୋକିଳ ବଚନା ଗୋ ।୫।

୧-ଅଧିଷ୍ଠାନ, ୨-ମତ୍ତର ରକ୍ତବର୍ଣ୍ଣ; ୩-ଷଡ଼ଦଳପଦ୍ମରେ ବାସକରନ୍ତ, ୪-ବିଜୁଳି ।

ସ୍ମରେତ୍ ପ୍ରଥମପୁଷ୍ପିଣୀଂ ରୁଧିରବିନ୍ଦୁନୀଳାମ୍ବରାଂ,
ଗୃହୀତ ମଧୁ ପାତ୍ରିକାଂ ମଧୁ ବିଘୂର୍ଣ୍ଣନେତ୍ରାଞ୍ଚଳାମ୍ ।
ଘନସ୍ତନଭରୋନ୍ନତାଂ ଗଳିତଚୂଳିକାଂ ଶ୍ୟାମଳାଂ
ତ୍ରିଲୋଚନକୁଟୁମ୍ବିନୀଂ ତ୍ରିପୁରସୁନ୍ଦରୀମାଶ୍ରୟେ । ୬ ।
ସକୁଙ୍କୁମବିଲେପନାମଳକଚୁମ୍ବିକସ୍ତୂରିକାଂ
ସମନ୍ଦ ହସିତେକ୍ଷଣାଂ ସଶରଚାପପାଶାଙ୍କୁଶାଂ ।
ଅଶେଷଜନମୋହିନୀମରୁଣମାଲ୍ୟଭୂଷାମ୍ବରାଂ,
ଜବାକୁସୁମଭାସୁରାଂ ଜପବିଧୌସ୍ମରାମ୍ୟମ୍ବିକାଂ । ୭ ।
ପୁରନ୍ଦରପୁରନ୍ଧ୍ରିକାଂ ଚିକୁରବନ୍ଧସୈରନ୍ଧ୍ରିକାଂ,
ପିତାମହପତିବ୍ରତାଂ ପଟୁପଟୀର ଚର୍ଚ୍ଚାରତାଂ ।
ମୁକୁନ୍ଦରମଣୀଂ ମନୋଲସଦଲକ୍ରିୟା କାରିଣୀଂ,
ଭଜାମି ଭୁବନାମ୍ବିକାଂ ସୁରବଧୂଟିକାଚେଟିକାମ୍ । ୮ ।
ଇତି ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତଂ ତ୍ରିପୁରସୁନ୍ଦରୀ ସ୍ତୋତ୍ରମ୍ ।

ପ୍ରଥମ ପୁଷ୍ପିଣୀ ! ତୋପାଦ ସ୍ମରେ ।
ରୁଧିର ବିନ୍ଦୁ ଶୋହେ ନୀଳାମ୍ବରେ ॥
କରେ ମଧୁପାତ୍ର ଦିଶେ ଶୋଭନ ।
ମଧୁ-ବିଘୂର୍ଣ୍ଣିତ ବେନି ନୟନ ଗୋ ।
ରଖ ତ୍ରିପୁର ସୁନ୍ଦରୀ ଗୋ ।
ଚ୍ୟୁତ କୁନ୍ତଳା, ତମାଳ ଶ୍ୟାମଳା, ତ୍ରିଲୋଚନ-ଚିତ୍ତ-ହରୀ ଗୋ । ୬ ।
କୁଙ୍କୁମ ବିଲେପିତ-କଳେବର ।
କସ୍ତୁରୀ-ରଞ୍ଜା ! ଅଳକା ତୋହର ॥
ମନ୍ଦହାସ ଶୋଭେ ମୃଗ ନେତ୍ରରେ ।
ଧନୁଶର ପାଶ ଅଙ୍କୁଶ-କର ଗୋ ।
ଅଶେଷ ଜନ ମୋହିନୀ ଗୋ ।
ରକ୍ତ ମାଲ୍ୟାମ୍ବରା, ଜବାକାନ୍ତି ଧରା, ଜପେ ସ୍ମରେ କାତ୍ୟାୟିନୀ ଗୋ । ୭ ।
ପୁରନ୍ଦରପୁରେ ତୁହି ପୁରନ୍ଧ୍ରୀ * ।
ଚିକୁର ବନ୍ଧନେ ଅଟୁ ସୈରନ୍ଧ୍ରୀ * ॥
ପିତାମହପୁରେ ତୁ ପତିବ୍ରତା ।
ମଞ୍ଜୁଳ-ଭୂଷଣ-ଚନ୍ଦନ-ରତା ଗୋ ।
ମୁକୁନ୍ଦଙ୍କର ନାୟିକା ଗୋ ।
ସୁର ବିଭୂଷିତା, ଅପ୍ସରା ସେବିତା, ବନ୍ଦେ ଭୁବନ-ଅମ୍ବିକା ଗୋ । ୮ ।

---

* ଗୃହିଣୀ, ପତିପୁତ୍ରବତୀ ସ୍ତ୍ରୀ । + ପରଗୃହସ୍ଥିତା, କେଶକାରିଣୀ, ଦାସୀ ।

ଦେବ୍ୟପରାଧକ୍ଷମାପଣ ସ୍ତୋତ୍ରମ୍

ନ ମନ୍ତ୍ରଂ ନୋ ଯନ୍ତ୍ରଂ ତଦପି ଚ ନ ଜାନେ ସ୍ତୁତିମହୋ,
ନ ଚାହ୍ଵାନଂ ଧ୍ୟାନଂ ତଦପି ଚ ନଜାନେ ସ୍ତୁତିକଥାଃ ।
ନ ଜାନେ ମୁଦ୍ରାସ୍ତେ ତଦପି ଚ ନଜାନେ ବିଲେପନଂ,
ପରଂ ଜାନେ ମାତସ୍ତ୍ଵଦନୁସରଣଂ କ୍ଲେଶହରଣମ୍ ।୧।
ବିଧେରଜ୍ଞାନେନ ଦ୍ରବିଣ ବିରହେଣାଲସତୟା,
ବିଧେୟାଶକ୍ୟତ୍ଵାତ୍ତବ ଚରଣୟୋର୍ଯା ଚ୍ୟୁତିରଭୂତ୍ ।
ତଦେତତ୍ କ୍ଷନ୍ତବ୍ୟଂ ଜନନି ସକଲୋଦ୍ଧାରିଣୀଶିବେ,
କୁପୁତ୍ରୋ ଜାୟେତ କ୍ଵଚିଦପି କୁମାତା ନ ଭବତି । ୨ ।
ପୃଥିବ୍ୟାଂ ପୁତ୍ରାସ୍ତେ ଜନନି ବହବଃ ସନ୍ତି ସରଳାଃ,
ପରଂ ତେଷାଂ ମଧ୍ୟେ ବିରଳତରଳୋଽହଂ ତବ ସୁତଃ ।
ମଦୀୟୋଽୟଂ ତ୍ୟାଗଃ ସମୁଚିତମିଦଂ ନୋ ତବ ଶିବେ,
କୁପୁତ୍ରୋ ଜାୟେତେ କ୍ଵଚିଦପି କୁମାତା ନ ଭବତି । ୩ ।

ଦେବ୍ୟପରାଧକ୍ଷମାପଣ ସ୍ତୋତ୍ର

ରାଗ-ବଙ୍ଗଳାଶ୍ରୀ

ନ ଜାଣଇଁ ମନ୍ତ୍ର ନ ଜାଣେ ମୁଁ ଯନ୍ତ୍ର ନ ଜାଣଇଁ ସ୍ତୁତି ତଥା ।
ନ ଜାଣଇଁ ଧ୍ୟାନ ନ ଜାଣେ ଆହ୍ଵାନ ଜାଣେ ନାହିଁ ସ୍ତୁତି କଥା ॥
ନ ଜାଣଇଁ ମୁଦ୍ରା ନ ଜାଣେ ବିଳାପ କରିବି ଦୁଃଖେ କିପରି ?
କେବଳ ଜାଣେ ମା ତବକ୍ଲେଶହାରି- ଅନୁସରଣ ମୁଁ କରି । ୧ ।
ତୋ ପୂଜା ବିଧାନ ନ ଥିବାରୁ ଜ୍ଞାନ ବୁଦ୍ଧି ଥିବାରୁ ଆଳସ୍ୟ ।
ଅସାମର୍ଥ୍ୟ ହେତୁ ଯେବା ଅପରାଧ କରିଛି ପଦ ସାରସେ ଣ ॥
ସେ ସକଳ ମମ କ୍ଷମାକର ମାତ ଶିବା ସକଳୋଦ୍ଧାରିଣୀ ।
କୁପୁତ୍ର ଦେଖିକି କଦାଚିତ ନାହିଁ କୁମାତା ହୁଏ ଜନନୀ । ୨ ।
ଅଛନ୍ତି ଜଗତେ ତବପୁତ୍ର ଯେତେ ସେ ସମସ୍ତେ ତ ସରଳ ।
ତୋ ପୁତ୍ରଙ୍କ ମଧ୍ୟେ ମୁଁ ଏକାକ ଜନନି ! କୁଟିଳ ମତି ତରଳ ॥
କୁପୁତ୍ର ବିଚାରି ମୋତେ ମାଗୋ ତୋର ତେଜିବା ନୁହେ ଉଚିତ ।
ସଂସାରେ କୁପୁତ୍ର ହୁଅନ୍ତି କୁମାତା ନ ହୁଅନ୍ତି କଦାଚିତ । ୩ ।

ଣ ସଂସ୍କୃତେ ।

ଜଗନ୍ମାତର୍ମାତସ୍ତବ ଚରଣସେବା ନ ରଚିତା,
ନ ବା ଦତ୍ତଂ ଦେବି ଦ୍ରବିଣମପି ଭୂୟସ୍ତବ ମୟା ।
ତଥାପି ତ୍ୱଂ ସ୍ନେହଂ ମୟି ନିରୁପମଂ ଯତ୍ ପ୍ରକୁରୁଷେ,
କୁପୁତ୍ରୋ ଜାୟେତ କ୍ୱଚିଦପି କୁମାତା ନ ଭବତି । ୪ ।

ପରିତ୍ୟକ୍ତା ଦେବା ବିବିଧବିଧି ସେବାକୁଳତୟା,
ମୟା ପଞ୍ଚାଶୀତେରଧିକମପନୀତେ ତୁ ବୟସି ।
ଇଦାନୀଂ ଚେନ୍ମାତସ୍ତବ ଯଦି କୃପାନାପି ଭବିତା,
ନିରାଲମ୍ବୋ ଲମ୍ବୋଦର ଜନନି କଂ ଯାମି ଶରଣମ୍ । ୫ ।

ଶ୍ୱପାକୋ ଜଳ୍ପାକୋ ଭବତି ମଧୁପାକୋପମଗିରା,
ନିରାତଙ୍କୋ ରଙ୍କୋ ବିହରତି ଚିରଂ କୋଟିକନକୈଃ ।
ତବାପର୍ଣେ କର୍ଣେ ବିଶତି ମନୁବର୍ଣେ ଫଳମିଦଂ,
ଜନଃ କୋ ଜାନୀତେ ଜନନି ଜପନୀୟଂ ଜପବିଧୌ । ୬ ।

ଜଗଦମ୍ବା ତବ ଚରଣ ଅର୍ଚ୍ଚନା କରିନାହିଁ କଦାଚନ ।
ଅଥବା ଜନନି ! କେବେଁ ମୁହିଁ ତୋତେ ଦେଇ ନାହିଁ ବହୁଧନ ॥
ତଥାପି ତୋହର ଅନୁପମ ସ୍ନେହ ମୋଠାରେ ଅଛି ଅର୍ପିତ ।
କୁପୁତ୍ର ସବୁ ହୁଅନ୍ତି କୁମାତା ନ ହୁଅନ୍ତି କଦାଚିତ । ୪ ।

ଦେବତାଙ୍କ ସେବା ନାନାବିଧିଯୁକ୍ତ ବୋଲି କରିଛି ବର୍ଜିତ ।
ପଞ୍ଚାଶୀ ଅତି-କମି ମୋ ବୟସ † ଆସି ହେଲା ଉପଗତ ॥
ନିରାଲମ୍ବ ମୁହିଁ ହେଲିଣି ନ କଲେ ଏବେ କୃପା ବିତରଣ ।
ଲମ୍ବୋଦର ମାତା ! ତେବେ କାହା ଆଗେ କହ ପଶିବି ଶରଣ ? ॥ ୫ ॥

ଶ୍ୱପଚ ବଦ ଅନ୍ତ୍ୟ ଜାତି ସୁଦ୍ଧା ତବ ମଧୁର ବଚନେ ସ୍ତବ ।
କରି ନିରାତଙ୍କ ହୋଇଛନ୍ତି ରଙ୍କ ଲଭନ୍ତି କୋଟି ବିଭବ ॥
ମନ୍ତ୍ର-ବର୍ଣ୍ଣ କର୍ଣ୍ଣେ ପଶି ଗୋ ଅପର୍ଣ୍ଣେ ! ଦିଏ ଯେବେ ଫଳ ଏତେ ।
କେ ଜାଣିବ ତେବେ ତୋର ମନ୍ତ୍ର ଜପ କଲେ ଫଳ ହେବ କେତେ ? ॥ ୬ ॥

---

† ପଞ୍ଚାଶୀବର୍ଷାଧିକ—ଶଙ୍କରାଚାର୍ଯ୍ୟ ୩୨ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ; କିନ୍ତୁ ଏଠାରେ ୮୫ ବର୍ଷ ଉପରର ବୟସ ବର୍ଣ୍ଣିତ ହୋଇଅଛି । ବୋଧହୁଏ ଶଙ୍କରାଚାର୍ଯ୍ୟଙ୍କର କୌଣସି ଶିଷ୍ୟ ଉକ୍ତ ସ୍ତୋତ୍ର ରଚନା କରି ଅଛନ୍ତି ।

ଚିତାଭସ୍ମାଲେପୋ ଗରଳମଶନଂ ଦିକ୍ପଟଧରୋ,
ଜଟାଧାରୀ କଣ୍ଠେ ଭୁଜଗପତିହାରୀ ପଶୁପତିଃ ।
କପାଳୀ ଭୂତେଶୋ ଭଜତି ଜଗଦୀଶୈକପଦବୀଂ,
ଭବାନି ତ୍ୱତ୍ପାଣିଗ୍ରହଣପରିପାଟୀ-ଫଳମିଦଂ । ୭ ।

ନ ମୋକ୍ଷସ୍ୟାକାଙ୍‌କ୍ଷା ନ ଚ ବିଭବବାଞ୍ଛାପି ନ ଚ ମେ,
ନ ବିଜ୍ଞାନାପେକ୍ଷା ଶଶିମୁଖି ସୁଖେଚ୍ଛାପି ନ ପୁନଃ ।
ଅତସ୍ତ୍ୱାଂ ସଂଯାଚେ ଜନନି ଜନନଂ ଯାତୁ ମମ ବୈ,
ମୃଡାନୀ ରୁଦ୍ରାଣୀ ଶିବ ଶିବ ଭବାନୀତି ଜପତଃ । ୮ ।

ନାରାଧିତାସି ବିଧିନା ବିବିଧୋପଚାରୈଃ,
କିଂ ରୁକ୍ଷଚିନ୍ତନପରୈର୍ନ କୃତଂ ବଚୋଭିଃ ।
ଶ୍ୟାମେ ତ୍ୱମେବ ଯଦି କିଞ୍ଚନ ମଯ୍ୟନାଥେ,
ଧତ୍ସେ କୃପାମୁଚିତମମ୍ବ ପରଂ ତବୈବ ॥ ୯ ॥

ଚିତାଭସ୍ମ-ଲିପ୍ତ ଗରଳ-ଅଶନ ଦିଗମ୍ବର ଜଟାଧାରୀ ।
କପାଳୀ ଭୂତେଶ ପଶୁପତି ପୁଣି ହୋଇ ଯେ ଭୁଜଙ୍ଗ-ହାରୀ ॥
ସେ ଶିବ ଗୋ ମାତ ! ଘେନି ତବ ହସ୍ତ ବୋଲାଇଲେ ଜଗଦୀଶ ।
ତୋର ଅନୁକମ୍ପା ଜଗତେ ଅଦ୍ଭୁତ ନ ଘଟାଏ ଫଳ କିସ ? ॥ ୭ ॥

କରି ନାହିଁ ମୁଁ ତ ମୁକତି କାମନା ବାଞ୍ଛି ନାହିଁ ସୁଖଧନ ।
ଇଚ୍ଛି ନାହିଁ ମାତ ପାଇବାକୁ ଜ୍ଞାନ ମୋ ମାନସେ କଦାଚନ ॥
କେବଳ ମୃଡାନୀ ରୁଦ୍ରାଣୀ ଭବାନୀ ଶିବ ଶିବ ନିରନ୍ତର ।
ବୋଲୁ ମୋ ରସନା + ଏତିକି ବାସନା ମାତ, ଚରଣେ ତୋହର ॥ ୮ ॥

କରି ନାହିଁ ମାତ ! ନାନା ଉପଚାରେ ତୋର ପୂଜା କଦାଚନ ।
କହି ନାହିଁ ଅବା ତତେ କେତେ ମତେ କେତେ କର୍କଶ ବଚନ ! ॥
ହେଲିଣି ତ ଏବେ ନିରାଶ୍ରୟ ମୋତେ କର କରୁଣା କିଞ୍ଚିତ ।
ତୁମ୍ଭ ଜଗଦମ୍ବା ତୋ ଅଧମ ସୁତେ କୃପା କରିବା ଉଚିତ । ୯ ।

+ ଜିହ୍ୱା ।

ଆପତ୍ସୁ ମଗ୍ନଃ ସ୍ମରଣଂ ତ୍ୱଦୀୟଂ,
କରୋମି ଦୁର୍ଗେ କରୁଣାର୍ଣ୍ଣବେଶି ।
ନୈତଚ୍ଛଠତ୍ୱଂ ମମଭାବ ୟେଥାଃ,'
କ୍ଷୁଧାତୃଷାର୍ତ୍ତା ଜନନୀଂ ସ୍ମରନ୍ତି । ୧୦ ।

ଜଗଦମ୍ବ ! ବିଚିତ୍ରମତ୍ରକିଂ ପରିପୂର୍ଣ୍ଣା କରୁଣାସ୍ତି ଚେନ୍ମୟି ।
ଅପରାଧଶତୈଃ ପରିବୃତଂ ନହି ମାତା ସମୁପେକ୍ଷତେ ସୁତଂ । ୧୧ ।

ମତ୍ସମ ପାତକୀ ନାସ୍ତି ପାପଘ୍ନୀ ତତ୍ସମା ନହି ।
ଏବଂ ଜ୍ଞାତ୍ୱା ମହାଦେବି ! ଯଥାଯୋଗ୍ୟଂ ତଥା କୁରୁ ।' ୧୨ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ।
ଦେବ୍ୟପରାଧକ୍ଷମାପଣସ୍ତୋତ୍ରଂ ।

ସମାପ୍ତମ୍

ବିପଦେ ନିମଗ୍ନ ହୋଇ ମୁଁ ସ୍ମରଣ କରୁଛି କରୁଣାର୍ଣ୍ଣବେ !
ନ ବିଚାର ମାତ ! ଶଠତା ମୋ ଏହା ବୋଲି ତୋ ମାନସେ ଲଭେ ॥
ଯେତେବେଳେ କ୍ଷୁଧା ତୃଷାରେ କାତର ହୁଅଇ ଶିଶୁ ନନ୍ଦନ ।
ସେତେବେଳେ ପିତା ମାତାଙ୍କୁ ଗୋ ଦୁର୍ଗେ ! କରିଥାଏ ସୁମରଣ । ୧୦ ।

ଜଗଦମ୍ବା ଏହା ନୁହଇ ବିଚିତ୍ର କରୁଣାପୂର୍ଣ୍ଣ ମୋଠାରେ ।
ଶତ ଅପରାଧୀ ସୁତକୁ ଜନନୀ କଦାପି ଛାଡ଼ି ନ ପାରେ । ୧୧ ।

ମୋ ସମ ପାତକୀ ନାହିଁ ଭବ ସମ ପାପ ହାରିଣୀ ଜଗତେ ।
ଏ କଥା ବିଚାରି ଯେ ଉଚିତ ମଣି କର ମା ଜନନୀ ମତେ । ୧୨ ।

ଚର୍ପଟପଞ୍ଜରିକା ସ୍ତୋତ୍ରମ୍

ଦିନମପି ରଜନୀ ସାୟଂ ପ୍ରାତୌ ଶିଶିର-ବସନ୍ତୌ ପୁନରାୟାତୌ ।
କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁସ୍ତଦପି ନ ମୁଞ୍ଚତ୍ୟାଶାବାୟୁଃ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ ।୧।
ଅଗ୍ରେ ବହ୍ନିଃ ପୃଷ୍ଠେ ଭାନୂ ରାତ୍ରୌ ଚିବୁକସମର୍ପିତଜାନୁଃ ।
କରତଳଭିକ୍ଷା ତରୁତଳବାସସ୍ତଦପି ନ ମୁଞ୍ଚତ୍ୟାଶାପାଶଃ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ ।
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୨ ।
ଯାବଦ୍‌ବିତ୍ତୋପାର୍ଜନଶକ୍ତସ୍ତାବନ୍ନିଜ ପରିବାରୋ ରକ୍ତଃ ।
ପଶ୍ଚାଦ୍ ଯାବତି ଜର୍ଜର ଦେହେ ବାର୍ତ୍ତାଂ ପୃଚ୍ଛତି କୋଽପି ନ ଗେହେ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ ॥ ୩ ।

ଚର୍ପଟପଞ୍ଜରିକା ସ୍ତୋତ୍ର

କୃଷ୍ଣସିଂହମହାପାତ୍ର—କୃତେ ।

ଦିବସ ସାୟଂକାଳ ରଜନୀ ପରଭାତ । ଶିଶିର ମଧୁକାଳ କରଇ ଗତାୟାତ ॥
କରଇ କାଳ କ୍ରୀଡ଼ା ହୁଅଇ କ୍ଷୟ ଆୟୁ । ତଥାପି ମୂଢ଼ମତି ! ନ ତେଜୁ ଆଶା-ବାୟୁ ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ'* ମୃତ୍ୟୁକାଳେ
ସମ୍ମୁଖେ ହୁତାଶନ ପୃଷ୍ଠଦେଶେ ଭାନୁ । କରକୃତ ଚିବୁକ ସହିତ ଯୁକ୍ତ ଜାନୁ ॥
ହସ୍ତେ ତୋ ଭିକ୍ଷାପାତ୍ର ତରୁତଳେ ବାସ । ତଥାପି ମୂଢ଼ମତି ନ ଛାଡ଼ୁ ଆଶା-ପାଶ ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ' ମୃତ୍ୟୁକାଳେ?।୨
ଧନ ଉପାର୍ଜନେ ତୋ ଥିବା ଯାଏ ବ । ଅନୁଗତ ଥିବେଟି କୁଟୁମ୍ବ ସକଳ ॥
ଯେବେ ହେବ ଜରାରେ ଜର୍ଜ୍ଜର କଳେବର । ତେବେ ବାରତା କେହ୍ନ ନ ପୁଚ୍ଛିବେ ତୋହର
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ' ମୃତ୍ୟୁକାଳେ ?
କେବେ ଜଟିଳ କେବେ ମୁଣ୍ଡିତ ଲୁଞ୍ଚିତକେଶ । କଷାୟବାସ ଯେଣୁ ରଚୁଛୁ ବହୁ ବେଶ ॥
ଉଦର ପୋଷା ପାଇଁ କି ମୂଢ଼ ମତେ ! । ଦେଖି ମଧ୍ୟ ଦେଖୁ ତ ନାହୁଁ ଏ ଜଗତେ
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ' ମୃତ୍ୟୁକାଳେ ?॥

* ବ୍ୟାକରଣର ଧାତୁସାଧନ ବିଶେଷ । କୌଣସି ବ୍ୟାକରଣ ଅଧ୍ୟେତାଙ୍କ ପ୍ରତି ନିର୍ଦ୍ଦେଶ କରି ଶଙ୍କରାଚାର୍ଯ୍ୟ ଉକ୍ତ ସ୍ତବଟି ରଚନା କରିଥିଲେ ।

ଜଟିଲମୁଣ୍ଡୀ ଲୁଞ୍ଚିତକେଶଃ କାଷାୟାମ୍ବର ବହୁକୃତ ବେଶଃ ।
ପଶ୍ୟନ୍ନପି ଚ ନ ପଶ୍ୟତି ମୂଢ଼ ! ଉଦର ନିମିତ୍ତଂ ବହୁକୃତବେଶଃ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୪ ।
ଭଗବଦ୍ଗୀତା କିଞ୍ଚିଦଧୀତା ଗଙ୍ଗାଜଲଲବ କଣିକା ପୀତା ।
ସକୃଦପି ଯସ୍ୟ ମୁରାରି ସମର୍ଚ୍ଚା ତସ୍ୟ ଯମଃ କିଂ କୁରୁତେ ଚର୍ଚ୍ଚାଂ ।
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢ଼ମତେ ।
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୫ ।
ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ ଦଶନ ବିହୀନଂ ଜାତଂ ତୁଣ୍ଡମ୍ ।
ବୃଦ୍ଧୋଯାତି ଗୃହୀତ୍ୱା ଦଣ୍ଡଂ ତଦପି ନ ମୁଞ୍ଚତ୍ୟାଶାପିଣ୍ଡମ୍ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୬ ।
ବାଲସ୍ତାବତ୍ କ୍ରୀଡ଼ାସକ୍ତ ସ୍ତାରୁଣସ୍ତାବତ୍ତରୁଣୀ ରକ୍ତଃ
ବୃଦ୍ଧସ୍ତାବଚ୍ଚିନ୍ତାମଗ୍ନଃ ପରମେ ବ୍ରହ୍ମଣି କୋଽପି ନ ଲଗ୍ନଃ
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୭ ।

ଭଗବତ ଗୀତାରୁ କିଞ୍ଚିତ ଯେଉଁ ଜନ । କରିଥାଏ ଭକତି ଭାବରେ ଅଧ୍ୟୟନ ॥
କି ଅବା ଗଙ୍ଗାଜଳ କଣିକା ସମାନ । ସ୍ୱଚ୍ଛ ହୃଦୟ ହୋଇ କରିଥାଏ ପାନ ॥
ଅବା ବିଷ୍ଣୁ ସେବାକୁ କରିଥାଏ ବାରେ । ତାକୁ କି ଯମ ରାଜା କିଛି କରି ପାରେ ? ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ନ ରଖିବ "ଡୁକୃଞ୍କରଣେ" ମୃତ୍ୟୁକାଳେ
ଅଙ୍ଗ ହେଲା ଗଳିତ† ପଳିତ* ହେଲା ମୁଣ୍ଡ । ଦନ୍ତପନ୍ତି ବିହୀନ ହେଲାଣିଟି ତୁଣ୍ଡ ॥
ବୁଲଇ ଅହା ବୃଦ୍ଧ ହସ୍ତେ ଧରି ଦଣ୍ଡ । ତଥାପି ମୂଢ଼ମତି ନ ଛାଡ଼େ ଆଶା ପିଣ୍ଡ ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି "ଡୁକୃଞ୍ କରଣେ" ମୃତ୍ୟୁକାଳେ ?
ଦେଖ ଏ ସଂସାରରେ ବାଳକ ଯାବତ । ସମସ୍ତେ ହୋଇଛନ୍ତି କ୍ରୀଡ଼ାରେ ଆସକତ ॥
ଆଉର ଅଛନ୍ତି ଯେ ତରୁଣ ଯାବତ । ରହିଛନ୍ତି ହୋଇଣ ତରୁଣୀ ଅନୁରତ ॥
ବୃଦ୍ଧ ସକଳେ ପୁଣି ଚିନ୍ତାରେ ସଦା ମଗ୍ନ । ହେଉ ନାହାନ୍ତି କେହି ପରମ ବ୍ରହ୍ମେ ଲଗ୍ନ+ ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି "ଡୁକୃଞ୍ କରଣେ" ଜୀବଗଲେ ?

---

† ଶିଥିଳ । * ପକ୍ୱ + ଅର୍ପିତ ।

ପୁନରପି ଜନନଂ ପୁନରପି ମରଣଂ ପୁନରପି ଜନନୀ ଜଠରେ ଶୟନମ୍
ଇହ ସଂସାରେ ଖଲୁ ଦୁସ୍ତାରେ କୃପା-ପାରବାରେ ପାହି ମୁରାରେ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୮ ।
ପୁନରପି ରଜନୀ ପୁନରପି ଦିବସଃ ପୁନରପି ପକ୍ଷଃ ପୁନରପି ମାସଃ ।
ପୁନରପ୍ୟୟନଂ ପୁନରପି ବର୍ଷଂ ତଦପି ନ ମୁଞ୍ଚତ୍ୟାଶାମର୍ଷମ୍ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୯ ।
ବୟସି ଗତେ କଃ କାମ ବିକାରଃ ଶୁଷ୍କେ ନୀରେ କଃ କାସାରଃ ।
ନଷ୍ଟେ ଦ୍ରବ୍ୟେ କଃ ପରିବାରୋ ଜ୍ଞାତେ ତତ୍ତ୍ୱେ କଃ ସଂସାରଃ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୦ ।
ନାରୀ ସ୍ତନଭରନାଭି ନିବେଶଂ ମିଥ୍ୟାମାୟା ମୋହାବେଶମ୍ ।
ଏତନ୍ମାଂସବସାଦି ବିକାରଂ ମନସି ବିଚିନ୍ତୟ ବାରମ୍ବାରଂ ।
ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୧ ।

ପୁନରପି ଜନମ ପୁନରପି ମରଣ । ପୁନରପି ଜନନୀ ଜଠରେ ୧ ଶୟନ ॥
ଏହିରୂପେ ଜୀବର ଘଟେ ବାର ବାର । ଦୁସ୍ତର ଭବାର୍ଣ୍ଣବୁଁ ମୁରାରି କରପାର ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ନ ରଖିବ "ଡୁକୃଞ୍ କରଣ" ମୃତ୍ୟୁକାଳେ ॥
ପୁନରପି ରଜନୀ ପୁନରପି ଦିବସ । ପୁନରପି ପକ୍ଷ ଯେ ପୁନରପି ମାସ ॥
ହୁଅଇ ପୁଣି ଋତୁ ପୁନଶ୍ଚ ଅୟନ ୨ । ତଥାପି ମୂଢ଼ ଆଶା ନ କରେ ବରଜନ ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍‌କରଣ' ମୃତ୍ୟୁକାଳେ ?।୯।
ବୟସ ହେଲେ ଗତ କି କାମ ବିକାର । ହେଲେ ଦ୍ରବ୍ୟ ବିହୀନ କି କାର୍ଯ୍ୟ ପରିବାର ॥
ନୀର ଶୁଷ୍କ ହେଲେ ବା କି ହେବ କାସାର ୩। ତତ୍ତ୍ୱଜ୍ଞାନ ଲଭିଲେ ଥାଏ କି ସଂସାର ? ॥
ଭଜ ଗୋବିନ୍ଦ ଭଜଗୋବିନ୍ଦ ଭଜ ଭଲେ । ନ ରଖିବ 'ଡୁକୃଞ୍ କରଣ' ମୃତ୍ୟୁକାଳେ ।୧୦
ରମଣୀ ସ୍ତନେ ମନ କରିବା ନିବେଶ । ଏ ହାଡ଼ ଅଟେ ମିଥ୍ୟା ମାୟା ମୋହାବେଶ ॥
ତାହା କେବଳ ମାଂସ ବସାଦି ବିକାର । ରେ ମୂଢ଼ମତି ଚିନ୍ତେ ବିଚାର ବାରମ୍ବାର ॥
ଭଜ ଗୋବିନ୍ଦ ଭଜଗୋବିନ୍ଦ ଭଜ ଭଲେ । ନ ରଖିବ "ଡୁକୃଞ୍ କରଣ" ମୃତ୍ୟୁକାଳେ

---

୧ ଗର୍ଭରେ ୨ ବର୍ଷ । ୩ ପୁଷ୍କରିଣୀ, ଜଳାଶୟ ।

କସ୍ତ୍ୱଂ କୋଽହଂ କୁତ ଆୟାତଃ କା ମେ ଜନନୀ କୋ ମେ ତାତଃ ।
ଇତି ପରିଭାବୟ ସର୍ବମସାରଂ ବିଶ୍ୱଂ ତ୍ୟକ୍ତ୍ୱା ସ୍ୱପ୍ନ ବିଚାରମ୍ ।
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ ।୧୨।
ଗେୟଂ ଗୀତା ନାମ ସହସ୍ରଂ ଧ୍ୟେୟଂ ଶ୍ରୀପତିରୂପମଜସ୍ରମ୍ ।
ନେୟଂ ସଜ୍ଜନସଙ୍ଗେ ଚିତ୍ତଂ ଦେୟଂ ଦୀନଜନାୟ ଚ ବିତ୍ତମ୍ ।
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୩ ।
ଯାବଜ୍ଜୀବୋ ନିବସତି ଦେହେ କୁଶଳଂ ତାବତ୍ ପୃଚ୍ଛତି ଗେହେ ।
ଗତବତି-ବାୟୌ ଦେହାପାୟେ ଭାର୍ଯ୍ୟା ବିଭ୍ୟତି ତସ୍ମିନ୍ କାୟେ ।
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୪ ।
ସୁଖତଃ କ୍ରିୟତେ ରାମାଭୋଗଃ ପଶ୍ଚାଦ୍ଧନ୍ତ ଶରୀରେ ରୋଗଃ ।
ଯଦ୍ୟପି ଲୋକେ ମରଣଂ ଶରଣଂ ତଦପି ନ ମୁଞ୍ଚତି ପାପାଚରଣମ୍ ।
ଭଜଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢ଼ମତେ !
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୫ ।

କିଏ ତୁମ୍ଭେ କିଏ ମୁଁ ଅସିଲୁଁ କେଉଁଠାରୁଁ । କିଏ ବା ପିତାମାତା ଏରୂପେ ଭାବୁଁ ।
ଜାଣିବ ଏ ସଂସାର ଅଟଇ ଅସାର । ସ୍ୱପ୍ନ ଭାବନା ପରି କରିବ ପରିହାର ।।
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି "ଡୁକୃଞ୍ କରଣ" ମୃତ୍ୟୁକାଳେ ।।
ଗାଇବ ଶ୍ରୀହରିଙ୍କ ସହସ୍ର ନାମ ଗୀତା । ଧ୍ୟାୟିବ ଶ୍ରୀପତିଙ୍କ ସ୍ୱରୂପ କରି ଚିନ୍ତା ।।
ନେବ ସଜ୍ଜନ ସଙ୍ଗେ ଲଗାଇ ଦୃଢ଼େ ଚିତ୍ତ । ଦେବ ଦୀନଜନଙ୍କୁ ସାଦରେ ବହୁ ବିତ୍ତ ।।
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ' ମୃତ୍ୟୁକାଳେ !
ଯେ ପର୍ଯ୍ୟନ୍ତ ପରାଣ ରହିଥାଏ ଦେହେ । ପୁଚ୍ଛୁ ଥାନ୍ତି କୁଶଳ ଲୋକେ ମିଳି ଗେହେ ।।†
ପ୍ରାଣ-ବାୟୁ ଦେହରୁ ହେଲେ ଅନ୍ତରହିତ । ଭାର୍ଯ୍ୟା ସୁଦ୍ଧା ସେ ଦେହ ଦେଖି ହୁଏ ଭୀତ
ଭଜ ଗୋବିନ୍ଦ ଭଜଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ' ମୃତ୍ୟୁକାଳେ ।।
ସୁଖ ସକାଶେ ଲୋକେ କରନ୍ତି ରମାଭୋଗ । ପଛନ୍ତେ ସେଥି ଯୋଗୁଁ ଭୁଞ୍ଜନ୍ତି ନାନାରୋଗ
ହେଲେ ହେଲେ ଏ ରୂପେ ମରଣ ଶରଣ *। ତଥାପି ନ ଛାଡ଼ନ୍ତି ପାପ ଆଚରଣ ।।
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣ' ମୃତ୍ୟୁକାଳେ ।।

---

† ଘରରେ । * ମୃତ୍ୟୁକୁ ଆଶ୍ରୟ କରିବା ।

ରଥ୍ୟାଚର୍ପଟବିରଚିତକନ୍ଥଃ ପୁଣ୍ୟାପୁଣ୍ୟବିବର୍ଜିତପନ୍ଥଃ ।
ନାହଂ ନ ତ୍ୱଂ ନାୟଂ ଲୋକସ୍ତଦପି କିମର୍ଥଂ କ୍ରିୟତେ ଶୋକଃ ।
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢମତେ ।
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୬ ।

କୁରୁତେ ଗଙ୍ଗାସାଗରଗମନଂ ବ୍ରତପରିପାଳନମଥବା ଦାନମ୍ ।
ଜ୍ଞାନବିହୀନେ ସର୍ବମନେନ ମୁକ୍ତିର୍ନ ଭବତି ଜନ୍ମଶତେନ ।
ଭଜ ଗୋବିନ୍ଦଂ ଭଜଗୋବିନ୍ଦଂ ଭଜଗୋବିନ୍ଦଂ ମୂଢମତେ ।
ପ୍ରାପ୍ତେ ସନ୍ନିହିତେ ମରଣେ ନହି ନହି ରକ୍ଷତି ଡୁକୃଞ୍ କରଣେ । ୧୭ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଚର୍ପଟପଞ୍ଜରିକା ସ୍ତୋତ୍ରମ୍ ।

ମାର୍ଗର ଜୀର୍ଣ୍ଣବସ୍ତ୍ର ରଚିତ କନ୍ଥା ଧରି । ଚଳ ହେ ପାପ ପୁଣ୍ୟ ବର୍ଜିତ ପଥ ସ୍ମରି ॥
'ତୁମ୍ଭେ' 'ଅମ୍ଭେ' ଏ ଅଦ୍ଦ ଭାବରି ଯାହା ଲୋକ । ସେ ସବୁ ମିଥ୍ୟା ତେବେ କିପାଇଁ
 କର ଶୋକ ?
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି 'ଡୁକୃଞ୍ କରଣେ' ମୃତ୍ୟୁକାଳେ ?
ଗଙ୍ଗା-ସିନ୍ଧୁ ସଙ୍ଗମେ କଲେହେଁ ପ୍ରୟାଣ । ଅଥବା ନାନା ବ୍ରତ ପାଳି କଲେ ଦାନ ॥
ଜ୍ଞାନ ବିନା ମୁକତି ନ ମିଳେ କଦାଚନ । ଶତଜନ୍ମେ; ଜ୍ଞାନହିଁ ମୁକ୍ତିର କାରଣ ॥
ଭଜ ଗୋବିନ୍ଦ ଭଜ ଗୋବିନ୍ଦ ଭଜ ଭଲେ । ରଖିବ କି ଡୁକୃଞ୍ କରଣେ' ମୃତ୍ୟୁକାଳେ ?

ଚର୍ପଟ=ମାର୍ଗର ଜୀର୍ଣ୍ଣବସ୍ତ୍ର; ପଞ୍ଜରିକା=କନ୍ଥା

ହରିନାମ-ମାଳା-ସ୍ତୋତ୍ରମ୍

ଗୋବିନ୍ଦଂ ଗୋକୁଳାନନ୍ଦଂ ଗୋପାଳଂ ଗୋପୀବଲ୍ଲଭଂ ॥
ଗୋବର୍ଦ୍ଧନୋଦ୍ଧରଂ ଧୀରଂ ତଂ ବନ୍ଦେ ଗୋମତୀ-ପ୍ରିୟମ୍ । ୧ ।
ନାରାୟଣଂ ନିରାକାରଂ ନରବୀରଂ ନରୋତ୍ତମଂ ॥
ନୃସିଂହଂ ଜଗନ୍ନାଥଞ୍ଚ ତଂ ବନ୍ଦେ ନରକାନ୍ତକଂ । ୨ ।
ପୀତାମ୍ବରଂ ପଦ୍ମନାଭଂ ପଦ୍ମାକ୍ଷଂ ପୁରୁଷୋତ୍ତମଂ ॥
ପବିତ୍ରଂ ପରମାନନ୍ଦଂ ତଂ ବନ୍ଦେ ପରମେଶ୍ୱରଂ । ୩ ।
ରାଘବଂ ରାମଚନ୍ଦ୍ରଞ୍ଚ ରାବଣାରିଂ ରମାପତିଂ ॥
ରାଜୀବଲୋଚନଂ ରାମଂ ତଂ ବନ୍ଦେ ରଘୁନନ୍ଦନମ୍ । ୪ ।
ବାମନଂ ବିଶ୍ୱରୂପଞ୍ଚ ବାସୁଦେବଞ୍ଚ ବିଠ୍ଠଳଂ ॥
ବିଶ୍ୱେଶ୍ୱରଂ ବିଭୁଂ ବ୍ୟାସଂ ତଂ ବନ୍ଦେ ଦେବ-ବଲ୍ଲଭଂ । ୫ ।
ଦାମୋଦରଂ ଦିବ୍ୟସିଂହଂ ଦୟାଳୁଂ ଦୀନନାୟକଂ ॥
ଦୈତ୍ୟାରିଂ ଦେବଦେବେଶଂ ତଂ ବନ୍ଦେ ଦେବକୀସୁତଂ । ୬ ।

ହରିନାମମାଳା-ସ୍ତୋତ୍ର

ରାଗ-ରାମକେରୀ

ଗୋବିନ୍ଦ-ଶ୍ରୀଗୋକୁଳାନନ୍ଦ   ଗୋପାଳ ଗୋପୀପ୍ରିୟ ॥
ଗୋବର୍ଦ୍ଧନଧର ଧୀର ହେ   ବନ୍ଦେ ଗୋମତୀ-ପ୍ରିୟ । ୧ ।
ନରୋତ୍ତମ ନିରାକାର ହେ   ନରେଶ ନାରାୟଣ ॥
ନୃସିଂହ ଜଗନ୍ନାଥ ବନ୍ଦେ   ନରକ-ନିବାରଣ । ୨ ।
ପୁରୁଷୋତ୍ତମ ପଦ୍ମନାଭ   ପଦ୍ମାକ୍ଷ ପୀତାମ୍ବର ॥
ପବିତ୍ର ପରମାନନ୍ଦ ହେ   ବନ୍ଦେ ପରମେଶ୍ୱର । ୩ ।
ରାଘବ ରାମଚନ୍ଦ୍ର ରମା-   ପତି ରଘୁ-ନନ୍ଦନ ॥
ରାମ ରାବଣାରି ବନ୍ଦଇଁ   ଶ୍ରୀ ରାଜୀବ-ଲୋଚନ । ୪ ।
ବିଷ୍ଣୁ-ବାମନ ବିଶ୍ୱରୂପ   ବାସୁଦେବ ବିଠ୍ଠଳ ॥
ବନ୍ଦେ ବିବୁଧେଶ ବିଶ୍ୱେଶ   କୃଷ୍ଣବ୍ୟାସ କେଶବ ।   ।
ଦିବ୍ୟସିଂହ ଦୀନ-ନାୟକ   ଦୟାଳୁ ଦାମୋଦର ॥
ବନ୍ଦେ ସେ ଦୈତ୍ୟାରି ଦେବେଶ ଦେବକୀର କୁମର । ୬ ।

ମୁରାରିଂ ମାଧବଂ ମତ୍ସ୍ୟଂ ମୁକୁନ୍ଦଂ ମୁଷ୍ଟିମର୍ଦ୍ଦନଂ ॥
ମୁଞ୍ଜକେଶଂ ମହାବାହୁଂ ତଂ ବନ୍ଦେ ମଧୁସୂଦନମ୍ । ୭ ।

କେଶବଂ କମଳାକାନ୍ତଂ କାମେଶଂ କୌସ୍ତୁଭ-ପ୍ରିୟଂ ॥
କୌମୋଦକୀଧରଂ କୃଷ୍ଣଂ ତଂ ବନ୍ଦେ କୌରବାନ୍ତକମ୍ । ୮ ।

ଭୂଧରଂ ଭୁବନାନନ୍ଦଂ ଭୂତେଶଂ ଭୂତନାୟକଂ ।
ଭାବନୈକଂ ଭୁଜଙ୍ଗେଶଂ ତଂ ବନ୍ଦେ ଭବନାଶନମ୍ । ୯ ।

ଜନାର୍ଦ୍ଦନଂ ଜଗନ୍ନାଥଂ ଜଗଜ୍ଜାଡ୍ୟ-ବିନାଶକମ୍ ।
ଜାମଦଗ୍ନିଂ ବରଂ ଜ୍ୟୋତିସ୍ତଂ ବନ୍ଦେ ଜଳଶାୟିନମ୍ । ୧୦ ।

ଚତୁର୍ଭୁଜଂ ସଦାନନ୍ଦଂ ମଲ୍ଲଗୃଣ୍ଠୂର-ମର୍ଦ୍ଦନମ୍ ।
ଚରାଚରଗତଂ ଦେବଂ ତଂ ବନ୍ଦେ ଚକ୍ର-(ଧାବଣଂ)ପାଣିନଂ । ୧୧ ।

ଶ୍ରୀଯଃକରଂ ଶ୍ରିୟୋ ନାଥଂ ଶ୍ରୀଧରଂ ଶ୍ରୀବରପ୍ରଦଂ ।
ଶ୍ରୀବତ୍ସଲଧରଂ ସୌମ୍ୟଂ ତଂ ବନ୍ଦେ ଶ୍ରୀସୁରେଶ୍ୱରଂ ।୧୨ ।

ଯୋଗୀଶ୍ୱରଂ ଯଜ୍ଞପତିଂ ଯଶୋଦାନନ୍ଦଦାୟକଂ ।
ଯମୁନାଜଳକଲ୍ଲୋଲଂ ତଂ ବନ୍ଦେ ଯଦୁନାୟକଂ ।୧୩ ।

ମୁକୁନ୍ଦ ମୁରାରି ମାଧବ   ମତ୍ସ୍ୟ ମୁଷ୍ଟି-ମର୍ଦ୍ଦନ ॥
ମହାବାହୁ ଶ୍ରୀ ମଞ୍ଜୁ-କେଶ   ବନ୍ଦେ ମଧୁସୂଦନ । ୭ ।
କେଶବ କାମେଶ କୌସ୍ତୁଭ-   ପ୍ରିୟ କମଳାବର ॥
ବନ୍ଦେ କୌରବାନ୍ତକ କୃଷ୍ଣ   କଉମୋଦକୀ-ଧର । ୮ ।
ଭୂଧର ଭୂତେଶ ଭୁବନ-   ପତି ଭୂତ-ନାୟକ
ଭାବନା ଏକ ଭୁଜଙ୍ଗେଶ   ବନ୍ଦେ ଭବ-ନାଶକ ।୯ ।
ଜନାର୍ଦ୍ଦନ ଜଗତ-ନାଥ   ଜଗଜ୍ଜାଡ୍ୟ-ବିନାଶୀ ।
ବନ୍ଦେ ଜାମଦଗ୍ନ୍ୟ ଜ୍ୟୋତିଷ୍ମ   ଜଳନିଧି-ନିବାସୀ ।୧୦
ଚତୁରଭୁଜ ସଦାନନ୍ଦ   ଗୃଣ୍ଠୂର-ବିମର୍ଦ୍ଦନ
ବନ୍ଦଇଁ ଚରାଚର-ନାଥ   ଚକ୍ରପାଣି-ଚରଣ ।୧୧ ।
ଶ୍ରୀକର ଶ୍ରୀନାଥ ଶ୍ରୀଧର   ଶ୍ରୀବର ଦାମୋଦର ।
ବତ୍ସ-ଚିହ୍ନ-ଧର ସୌମ୍ୟ   ବନ୍ଦଇଁ ସୁରେଶ୍ୱର । ୧୨ ।
ଯୋଗୀ-ଈଶ୍ୱର ଯଜ୍ଞପତି   ଯଶୋଦାନନ୍ଦ-ଦାୟୀ ।
ଯମୁନା-ଜଳ-କେଳୀ ରତ   ବନ୍ଦେ ଯାଦବ ସାଇଁ ।୧୩।

ଶାଳଗ୍ରାମଶିଳାଶୁଦ୍ଧଂ ଶଙ୍ଖଚକ୍ରୋପଶୋଭିତଂ ।
ସୁରାସୁରୈଃ ସଦାସେବ୍ୟଂ ତଂ ବନ୍ଦେ ସାଧୁବାନ୍ଧବଂ ।୧୪ ।
ତ୍ରିବିକ୍ରମଂ ତପୋମୂର୍ତ୍ତିଂ ତ୍ରିବିଧାଘୌଘନାଶନମ୍ ।
ତ୍ରିସ୍ଥଳଂ ତୀର୍ଥରାଜେନ୍ଦ୍ରଂ ତଂ ବନ୍ଦେ ତୁଳସୀପ୍ରିୟଂ ।୧୫।
ଅନନ୍ତମାଦ୍ୟପୁରୁଷମଚ୍ୟୁତଞ୍ଚ ବରପ୍ରଦଂ ।
ଆନନ୍ଦଞ୍ଚ ସଦାନନ୍ଦଂ ତଂ ବନ୍ଦେ ଗୃଘନାଶନଂ ।୧୬ ।
ଲୀଳୟାଧୃତଭୂଭାରଂ ଲୋକସତ୍ତ୍ୱୈକ-ବନ୍ଦିତଂ ।।
ଲୋକେଶ୍ୱରଞ୍ଚ ଶ୍ରୀକାନ୍ତଂ ତଂ ବନ୍ଦେ ଲକ୍ଷ୍ମଣପ୍ରିୟଂ । ୧୭ ।
ହରଞ୍ଚ ହରିଣାକ୍ଷଞ୍ଚ ହରିନାଥଂ ହରପ୍ରିୟଂ ।।
ହଳାୟୁଧସହାୟଞ୍ଚ ତଂ ବନ୍ଦେ ହନୁମତ୍ ପତିଂ । ୧୮ ।
ହରିନାମାକୃତାମାଳା ପବିତ୍ରା ପାପନାଶିନୀ ।।
ବଳିରାଜେନ୍ଦ୍ରେଣ ଚୋକ୍ତା କଣ୍ଠେ ଧାର୍ଯ୍ୟା ପ୍ରଯତ୍ନତଃ । ୧୯ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ହରିନାମମାଳା ସ୍ତୋତ୍ରଂ ।

ଶାଳଗ୍ରାମଶିଳାସ୍ୱରୂପୀ	ଶଙ୍ଖଚକ୍ରଧାରକ ।
ସୁର-ଅସୁର-ବନ୍ଦନୀୟ	ବନ୍ଦେ ସାଧୁବାନ୍ଧବ ।୧୪ ।
ତ୍ରିବିକ୍ରମ ତପମୂରତି	ତ୍ରିବିଧ-ପାପ-ନାଶୀ ।
ତ୍ରିସ୍ଥଳ ତୀର୍ଥରାଜ-ଇନ୍ଦ୍ର	ବନ୍ଦେ ତୁଳସୀ-ବାସୀ † ।୧୫।
ଅନନ୍ତ ଅନାଦି ଅଚ୍ୟୁତ	ଅଭୟ -ବର-ପ୍ରଦ ।
ଆନନ୍ଦ ସଦାନନ୍ଦ ବନ୍ଦେ	ଅଘ-ନାଶନ-ପଦ । ୧୬।
ଲୀଳାରେ ଭୂଭାର-ଧାରକ	ଲୋକ-ସର୍ବ-ବନ୍ଦିତ ।।
ବନ୍ଦେ ଲୋକେଶ୍ୱର ଲକ୍ଷ୍ମଣ-	ପ୍ରିୟ ଲକ୍ଷ୍ମୀ-ସେବିତ । ୧୭ ।
ହରଙ୍କ ପ୍ରିୟ ✱ ହରିଣାକ୍ଷ	ହରି ହର-ଆଶ୍ରୟ ।।
ବନ୍ଦଇଁ ହନୁମାନ-ପତି	ହଳାୟୁଧ-ସହାୟ । ୧୮ ।
ବଳିରାଜେନ୍ଦ୍ର-ଉକତ	ଏ ହରି ନାମମାଳା ।।
ପାପନାଶିନୀ ସୁପବିତ୍ରା	ପଢନ୍ତୁ ଧରିକି ଗଳା । ୧୯ ।

---

† ତୁଳସୀପ୍ରିୟ । ✱ କପିପ୍ରିୟ ।

ଶିବାପରାଧ-କ୍ଷମାପଣ ସ୍ତୋତ୍ରମ୍

ଆଦୌ କର୍ମପ୍ରସଙ୍ଗାତ୍ କଲୟତି କଲୁଷଂ ମାତୃକୁକ୍ଷୌ ସ୍ଥିତଂ ମାଂ,
ବିଣ୍ମୂତ୍ରାମେଧ୍ୟମଧ୍ୟେ କ୍ୱଥୟତି ନିତରାଂ ଜାଠରୋ ଜାତବେଦାଃ ।
ଯଦ୍ୟଦ୍ୱୈ ତତ୍ର ଦୁଃଖଂ ବ୍ୟଥୟତି ନିତରାଂ ଶକ୍ୟତେ କେନ ବକ୍ତୁଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ । ୧ ।
ବାଲ୍ୟେ ଦୁଃଖାତିରେକୋ ମଲଲୁଳିତବପୁଃ ସ୍ତନ୍ୟପାନେ ପିପାସା
ନୋ ଶକ୍ତଶ୍ଚେନ୍ଦ୍ରିୟେଭ୍ୟୋ ଭବଗୁଣଜନିତା ଜନ୍ତବୋ ମାଂ ତୁଦନ୍ତି ।
ନାନାରୋଗାଦିଦୁଃଖାଦ୍ରୁଦନପରବଶଃ ଶଙ୍କରଂ ନ ସ୍ମରାମି ।
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ ।୨।
ପ୍ରୌଢୋଽହଂ ଯୌବନସ୍ଥୋ ବିଷୟବିଷଧରୈଃ ପଞ୍ଚଭିର୍ମର୍ମସନ୍ଧୌ
ଦଷ୍ଟୋ ନଷ୍ଟୋ ବିବେକଃ ସୁତଧନଯୁବତୀସ୍ୱାଦୁସୌଖ୍ୟେ ନିଷଣ୍ଣଃ ।
ଶୈବୀ-ଚିନ୍ତାବିହୀନଂ ମମ ହୃଦୟମହୋ ମାନଗର୍ବାଧିରୂଢଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ ।୩।

ଶିବାପରାଧ-କ୍ଷମାପଣ ସ୍ତୋତ୍ର ।

(ରାଗ-ଶଙ୍କରାଭରଣ)

ଅପରାଧ କ୍ଷମା କର ।
ଶିବ ଶିବ ଶିବ ଶମ୍ଭୁ ମହାଦେବ ହର ହେ । ଘୋଷା । *
ସହିଛି କର୍ମ ପ୍ରସଙ୍ଗେ କଳୁଷ ଅଶେଷ ॥
ଭୁଞ୍ଜିଛି ଜନନୀ-ଗର୍ଭେ ବିଷ୍ଠାମୂତ୍ରକ୍ଲେଶ ।
ଦେଇଛି ଜଠରାନଳ ମୋତେ ଯେ ଯାତନା ॥
କେ ତାହା ନିଶ୍ଚିତ କରି ପାରିବ ବର୍ଣ୍ଣନା । ୧ ।

ବାଲ୍ୟେ ଲଭିଅଛି କେତେ କଷ୍ଟ ଭୟଙ୍କର । ସ୍ତନ୍ୟ ପିଇବାକୁ ବଳ ନ ଥିଲା ମୋହର ॥
ବୋଳିଥିଲି ଅଙ୍ଗେ ସଦା ନିଜ ମୂତ୍ରମଳ । ନ ଥିଲା ଅଙ୍ଗୁ ମଶକ ତଡ଼ିବାକୁ ବଳ ॥
ନାନାରୋଗେ ଦୁଃଖେ ପଡ଼ି ରୋଦନ ବଶରେ । ରହିଲି, ଶଙ୍କର ନାମ ସ୍ମରି ନାହିଁ ଥରେ ॥
ବିଷୟ-ବିଷଧର ମୋ ଯୌବନ ପ୍ରୌଢ଼ରେ । ଦଂଶିଲେ ପଞ୍ଚଇନ୍ଦ୍ରିୟ ମର୍ମେ ଦୃଢ଼ତରେ ॥
ବିବେକ ହୁଅନ୍ତେ ନଷ୍ଟ ହର୍ଷ ମୋହ ମୁଖେ । ମଜ୍ଜିଲି ଯୁବତୀ-ସୁତ ଧନ ସ୍ୱାଦୁ ସୁଖେ ॥
ମୋ ହୃଦୟ ହୋଇ ଶିବ ଚିନ୍ତାରେ ବିହୀନ । ହୋଇଥିଲା ଅହୋ ! ମାନ ଗରବ ଅଧୀନ ॥

---

* ପ୍ରତ୍ୟେକ ପଦରେ ଉକ୍ତ ଘୋଷା ପାଦଟି ଲାଗିବ ।

ବାର୍ଦ୍ଧକ୍ୟେ ଚେନ୍ଦ୍ରିୟାଣାଂ ବିଗତଗତିମତିଶ୍ଚାଧିଦୈବାଦିତାପୈଃ,
ପାପୈ ରୋଗୈର୍ବିୟୋଗୈସ୍ତ୍ୱନବସିତ ବପୁଃ ପ୍ରୌଢ଼ିହୀନଂ ଚ ଦୀନଂ ।
ମିଥ୍ୟାମୋହାଭିଳାଷୈର୍ଭ୍ରମତି ମମ ମନୋ ଧୂର୍ଜଟେର୍ଧ୍ୟାନଶୂନ୍ୟଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ । ୪ ।

ନୋ ଶକ୍ୟଃ ସ୍ମାର୍ତ୍ତକର୍ମ ପ୍ରତିପଦଗହନ ପ୍ରତ୍ୟବାୟାକୁଳାଖ୍ୟଂ
ଶ୍ରୌତେ ବାର୍ତ୍ତା କଥଂ ମେ ଦ୍ୱିଜକୁଳବିହିତେ ବ୍ରହ୍ମମାର୍ଗେ ଚ ସାରେ ।
ନାସ୍ଥା ଧର୍ମେ ବିଚାରଃ ଶ୍ରବଣମନନୟୋଃ କିଂ ନିଦିଧ୍ୟାସିତବ୍ୟଂ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ ।୫।

ସ୍ନାତ୍ୱା ପ୍ରତ୍ୟୂଷ କାଳେ ସ୍ନପନ ବିଧିବିଧୌ ନାହୃତଂ ଗାଙ୍ଗତୋୟଂ
ପୂଜାର୍ଥଂ ବା କଦାଚିଦ୍ ବହୁତରଗହନାତ୍ ଖଣ୍ଡ ବିଲ୍ୱୀ ଦଳାନି ।
ନାନୀତା ପଦ୍ମମାଳା ସରସି ବିକସିତା ଗନ୍ଧପୁଷ୍ପୈସ୍ତ୍ୱଦର୍ଥଂ
କ୍ଷନ୍ତବ୍ୟୋ ମେଽ ପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ ।୬।

ଏ ବାର୍ଦ୍ଧକ୍ୟେ ମୋର ସେହୁ ଇନ୍ଦ୍ରିୟ ସକଳ । କ୍ରମେ କ୍ରମେ ହେଉଛନ୍ତି ଶିଥିଳ ବିକଳ ॥
ମତିଗତି ହ୍ରାସ ପାଇ ହୋଇଅଛି ଦୀନ । ତାପ ତ୍ରୟେ + ଯୋଗେ ଦେହ ହେଲାଣି ତ କ୍ଷୀଣ ॥
ପାପ ରୋଗ ବିୟୋଗରେ ପୂର୍ଣ୍ଣ ଅବସନ୍ନ । ମିଥ୍ୟା ମୋହ ଅଭିଳାଷେ ହୋଇଣ ସମ୍ପନ୍ନ ॥
ଭ୍ରମନ୍ତି ଭ୍ରମପୂରିତ ବଶେ ମନ ସଦା । ଧୂର୍ଜଟୀଙ୍କ ଧ୍ୟାନ ଚିନ୍ତା କଲି ନାହିଁ କଦା । ୪ ।
ଶକ୍ତ ଥିବା କାଳେ ସ୍ମୃତି ଉକ୍ତ କର୍ମ ହେଜ । ବାର୍ତ୍ତା ଶ୍ରମସାଧ୍ୟ ଦେବାଲି ଅଛନ୍ତି ତେଜ ॥
ଦ୍ୱିଜକୁଳର ବିହିତ ବ୍ରହ୍ମମାର୍ଗ ସାର । ଯେତେକ ବୈଦିକ କର୍ମ ବାଧିତ ସଂସାର ॥
ଲଭିଛି ତ ପୂର୍ବେ ସ୍ମୃତି କର୍ମରୁ * ନିବୃତ୍ତି । ବୈଦିକ କର୍ମେ କାହୁଁ ହେବ ଜନ୍ମିବ ପ୍ରବୃତ୍ତି ॥
ବିଚାର ଶକତ ନାହିଁ ଶ୍ରବଣ ମନନେ । ନାହିଁ ଆସ୍ଥା ଧର୍ମେ ଧ୍ୟାନ କରିବା କେସନେ ॥୫।
ପ୍ରତ୍ୟୂଷରେ + ସ୍ନାନ ପାଇ ତବ ସ୍ନାନ ପାଇଁ । ପବିତ୍ର ଗଙ୍ଗାର ଜଳ ଦେଇବା ଅଣି ନାହିଁ ॥
ତବ ପୂଜା ଅର୍ଥେ ବିଲ୍ୱଦଳ ଆହରଣ । ନାହିଁ, କରି ଯାଇବା ବନକୁ ଗମନ ॥
ତବ ପୂଜା କରିବାକୁ ମନେ ମନ ପାଇଁ । ସରୋବରେ ବିକଶିତ ପଦ୍ମ ଅଣି ନାହିଁ ॥
ତବ ପୂଜା ଲାଗି ଅହେ ପାର୍ବତୀ-ରମଣ । କରି ନାହିଁ କେବେ ଧୂପ ଦୀପ ଆହରଣ । ୬ ।

+ ତ୍ରିତାପ :—ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ । ଆଧ୍ୟାତ୍ମିକ—ରୋଗାଦି
ଆଧିଦୈବିକ ବଜ୍ରପାତ, ବୃକ୍ଷରୁ ପତନ ଇତ୍ୟାଦି । ଆଧିଭୌତିକ-ସର୍ପାଘାତ ବ୍ୟାଘ୍ର, ଚୋର ଇତ୍ୟାଦି
* ସ୍ମୃତି—ମନୁ ଯାଜ୍ଞବଲ୍କ୍ୟ ପ୍ରଭୃତି ବ୍ୟବସ୍ଥା ଶାସ୍ତ୍ର ବା ଧର୍ମଶାସ୍ତ୍ର । + ପାହାନ୍ତିଆ ।

ଦୁଗ୍ଧୈର୍ମଧ୍ୱାଜ୍ୟଯୁକ୍ତୈର୍ଦ୍ଧିସିତ ସହିତୈଃ ସ୍ନାପିତଂ ନୈବ ଲିଙ୍ଗଂ
ନୋ ଲିପ୍ତଂ ଚନ୍ଦନାଦ୍ୟୈଃ କନକ ବିରଚିତୈଃ ପୂଜିତଂ ନ ପ୍ରସୂନୈଃ ।
ଧୂପୈଃ କର୍ପୂରଦୀପୈର୍ବିବିଧରସଯୁତୈର୍ନୈବ ଭକ୍ଷ୍ୟୋପହାରୈଃ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ । ୭ ।

ଧ୍ୟାତ୍ୱା ଚିତ୍ତେ ଶିବାଖ୍ୟଂ ପ୍ରଚୁରତରଧନଂ ନୈବ ଦତ୍ତଂ ଦ୍ୱିଜେଭ୍ୟୋ
ହବ୍ୟଂ ତେ ଲକ୍ଷସଂଖ୍ୟୈର୍ହୁତବହବଦନେ ନାର୍ପିତଂ ବୀଜମନ୍ତ୍ରୈଃ ।
ନୋ ତପ୍ତଂ ଗାଙ୍ଗତୀରେ ବ୍ରତଜପନିୟମୈ ରୁଦ୍ରଜାପ୍ୟୈର୍ନ ବେଦୈଃ
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ । ୮ ।

ସ୍ଥିତ୍ୱା ସ୍ଥାନେ ସରୋଜେ ପ୍ରଣବମୟମରୁତ୍ କୁମ୍ଭକେ ସୂକ୍ଷ୍ମମାର୍ଗେ
ସ୍ୱାନ୍ତେ ଶାନ୍ତ ପ୍ରଲୀନେ ପ୍ରକଟିତ ବିଭବେ ଜ୍ୟୋତିରୂପେ ପରାଖ୍ୟେ ।
ଲିଙ୍ଗଂତୋ ବ୍ରହ୍ମବାଚ୍ୟଂ ସକଳ ତନୁଗତଂ ଶଙ୍କରଂ ନ ସ୍ମରାମି
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀ ମହାଦେବ ଶମ୍ଭୋ । ୯ ।

ନଗ୍ନୋ ନିଃସଙ୍ଗଶୁଦ୍ଧସ୍ତ୍ରିଗୁଣବିରହିତୋ ଧ୍ୱସ୍ତମୋହାନ୍ଧକାରୋ
ନାସାଗ୍ରେନ୍ୟସ୍ତଦୃଷ୍ଟିର୍ବିଦିତଭବଗୁଣୋ ନୈବ ଦୃଷ୍ଟଃ କଦାଚିତ୍ ।
ଉନ୍ମନ୍ୟବସ୍ଥୟା ତ୍ୱଂ ବିଗତକଲିମଲଂ ଶଙ୍କରଂ ନ ସ୍ମରାମି
କ୍ଷନ୍ତବ୍ୟୋ ମେଽପରାଧଃ ଶିବ ଶିବ ଶିବ ଭୋଃ ଶ୍ରୀମହାଦେବ ଶମ୍ଭୋ । ୧୦ ।

ଦୁଗ୍ଧ ମଧୁ ଘୃତ ଦଧି ଶର୍କରା ମିଶାଇ । ଶିବଲିଙ୍ଗେ କେବେ ସ୍ନାନ କରାଇ ମୁଁ ନାହିଁ ॥
ଲେପିନାହିଁ ଦିନେ ସ୍ୱର୍ଣ୍ଣ ଲିଙ୍ଗରେ ଚନ୍ଦନ। ପୂଜି ନାହିଁ ଅର୍ପି କେବେ ସୁଗନ୍ଧ ସୁମନ ॥
ଧୂପ କର୍ପୂର ପ୍ରଦୀପ କରି ନାହିଁ ଦାନ । ନାନାରସଯୁକ୍ତ ଭକ୍ଷ୍ୟ ଉପହାର ମାନ । ୭ ।
ତୁମ୍ଭ ନାମ ଧ୍ୟାଇ ଚିତ୍ତେ ତୁମ୍ଭ ପ୍ରୀତି ପାଇ । ବ୍ରାହ୍ମଣମାନଙ୍କୁ କେବେ ଧନ ଦେଇ ନାହିଁ ॥
ଅବା ବୀଜମନ୍ତ୍ରେ ଅଗ୍ନିମୁଖେ ନିକ୍ଷେପନ । ଲକ୍ଷେକ ଆହୁତି ଦେଇ ନାହିଁ କଦାଚନ ॥
କରି ନାହିଁ ଗଙ୍ଗାତୀରେ କେବେ ବ୍ରତତପ । ବେଦୋକ୍ତ-ରୁଦ୍ରସୂକ୍ତରେ କରି ନାହିଁ ଜପ ॥
ଷଡ଼ଚକ୍ର ପଦ୍ମେ କରି ନାହିଁ ଧ୍ୟାନ ତବ । ପ୍ରଣବମୟ ମରୁତ କୁଣ୍ଡଳୀରେ ଭବ । ॥
ପରମବ୍ରହ୍ମସ୍ୱରୂପ ତୁମ୍ଭେ ଜ୍ୟୋତିର୍ମୟ । ସୂକ୍ଷ୍ମମାର୍ଗେ ମୁହିଁ କେବେ କରି ନାହିଁ ଲୟ ॥
ତୁମ୍ଭେ ସର୍ବ ଘଟେ ଅଛ ନ ଜାଣେ ଅଜ୍ଞାନ । ବ୍ରହ୍ମବାକ୍ୟେ ଲିଙ୍ଗଅଗ୍ରେ କରି ନାହିଁ ଧ୍ୟାନ
ଦିଗମ୍ବର ନିଃସଙ୍ଗ-ଶୁଦ୍ଧ ନିର୍ଗୁଣ-ରହିତ । ନାହିଁ ତୁମ୍ଭ ତହିଁ ମୋହ ଅନ୍ଧାର କଳୁଷ ॥
ଜାଣି ସୁଦ୍ଧା ତୁମ୍ଭ ଧ୍ୟାନ କରି ନାହିଁ ଥରେ । ନାସାଗ୍ରେ ଦୃଷ୍ଟି ରଖିଣ ଏକାଗ୍ର ଚିତ୍ତରେ ॥
ବୃଷଭସ୍ଥ ଉନ୍ମତ୍ତ ହୋଇ କଳିମଳ-ହୀନ । ଶଙ୍କର ଚରଣେ କେବେ କାହିଁ ନାହିଁ ମନ ।୧୦।

ଚନ୍ଦ୍ରୋଦ୍ଭାସିତଶେଖରେ ସ୍ମରହରେ ଗଙ୍ଗାଧରେ ଶଙ୍କରେ
ସର୍ପୈର୍ଭୂଷିତ କଣ୍ଠବିବରେନେତ୍ରୋତ୍ଥ-ବୈଶ୍ୱାନରେ ।
ଦନ୍ତିତ୍ୱକ୍ କୃତସୁନ୍ଦରାମ୍ବରଧରେ ତ୍ରୈଲୋକ୍ୟସାରେ ହରେ
ମୋକ୍ଷାର୍ଥଂ କୁରୁ ଚିତ୍ତବୃତ୍ତିମଖିଳାମନ୍ୟୈସ୍ତୁ କିଂ କର୍ମଭିଃ । ୧୧ ।

କିଂ ଦାନେନ ଧନେନ ବାଜିକରିଭିଃ ପ୍ରାପ୍ତେନ ରାଜ୍ୟେନ କିଂ
କିଂ ବା ପୁତ୍ର-କଳତ୍ର ମିତ୍ର-ପଶୁଭିର୍ଦ୍ଦେହେନ ଗେହେନ କିଂ ।
ଜ୍ଞାତ୍ୱୈତତ୍ କ୍ଷଣଭଙ୍ଗୁରଂ ସପଦିରେ ତ୍ୟାଜ୍ୟଂ ମନୋ ଦୂରତଃ
ସ୍ୱାତ୍ମାର୍ଥଂ ଗୁରୁ-ବାକ୍ୟତୋ ଭଜ ଭଜ ଶ୍ରୀ ପାର୍ବତୀବଲ୍ଲଭମ୍ । ୧୨ ।

ଆୟୁର୍ନଶ୍ୟତି ପଶ୍ୟତାଂ ପ୍ରତିଦିନଂ ଯାତି କ୍ଷୟଂ ଯୌବନଂ
ପ୍ରତ୍ୟାୟାନ୍ତି ଗତାଃ ପୁନର୍ନ ଦିବସାଃ କାଳୋ ଜଗଦ୍ଭକ୍ଷକଃ ।
ଲକ୍ଷ୍ମୀସ୍ତୋୟତରଙ୍ଗଭଙ୍ଗଚପଳା ବିଦ୍ୟୁଚ୍ଚଳଂ ଜୀବିତଂ
ତସ୍ମାତ୍ତ୍ୱାଂ ଶରଣାଗତଂ ଶରଣଦ ତ୍ୱଂ ରକ୍ଷାଧୁନା । ୧୩ ।

ଚନ୍ଦ୍ରୋଦ୍ଭାସିତ ଶେଖର ସ୍ମର-ହର ହର । ସର୍ପଭୂଷିତ-ବିବର-କଣ୍ଠ-ଗଙ୍ଗାଧର ॥
ନୟନୁଁ ଉଦ୍ଭବ ଯାର ଜ୍ୱାଳ ବୈଶ୍ୱାନର । ଦନ୍ତି-ଗୃହ୍ଣ-ଚର୍ମାମ୍ବର-ଧାରକ ଶଙ୍କର ॥
ତ୍ରିଭୁବନ-ସାର ଠାରେ ମୁକତି କାରଣ । କର ହେ ନିଖିଳ ଚିତ୍ତବୃତ୍ତି ସମର୍ପଣ ॥
ଏ ବେଦ ବଚନ କର ମାନସେ ଗ୍ରହଣ ॥ ଅନ୍ୟକର୍ମ କରିବାର କିସ ପ୍ରୟୋଜନ ।୧୧।

କି ଫଳ ଦାନେ ବା ଧନେ ଏବଶ୍ୱ-ଆଳୟେ । କିଫଳ ପାଇଲେ ହେଲେ ରାଜ୍ୟ-ଗଜ-ହୟେ ॥
ପୁତ୍ର-କଳତ୍ର-ମିତ୍ରରେ କିବା ପ୍ରୟୋଜନ । ଦେହ ଗୃହ ପଶୁ ଇହିଁ ଅଛି କି କାରଣ ॥
ଜାଣି ଏ ତଥ୍ୟବଚନ ସେ କ୍ଷଣଭଙ୍ଗୁର । ତେଣୁ ମେ ସକଳ ମନୁଁ ବେଗେ କର ଦୂର ॥
ଭକ୍ତିଭାବେ ଅନୁସର ଗୁରୁଙ୍କ ବଚନ । ଭଜ ଭଜ ଭ୍ରମତେଜି ପାର୍ବତୀ-ରମଣ । ୧୨ ।

ଦେଖ,ଦିନୁଦିନ ନାଶ ଲଭେ ପରମାୟୁ । ହେଉଛି ତ ଯଉବନ କ୍ଷୟ ଗୃହିଁ ଗୃହିଁ ॥
ଫେରି ନ ଆସିବ ଆଉ ଗତଦିନ ଯାହା । ଜଗତ ଭକ୍ଷକ କାଳ ସର୍ବ ଭକ୍ଷେ ଆହା ! ॥
ଜଳ-ତରଙ୍ଗ ସମାନ କମଳା ଚଞ୍ଚଳା । ଜୀବନ ଅଟଇ ଚପଳ ଯେସନେ ଚପଳା ॥
ତେଣୁ ହେ ଶରଣାଗତ-ଶରଣ-ଦାୟକ । ହେଲି ମୁଁ ଶରଣାଗତ ହୁଅ ମୋ ରକ୍ଷକ । ୧୩ ।

କରଚରଣ କୃତଂ ବାକ୍‌କାୟଜଂ କର୍ମଜଂ ବା,
ଶ୍ରବଣ- ନୟନଜଂ ବା ମାନସଂ ବାଽପରାଧଂ ।
ବିହିତମବିହିତଂ ବା ସର୍ବମେତତ୍ କ୍ଷମସ୍ୱ,
ଜୟ ଜୟ କରୁଣାବ୍‌ଧେ ଶ୍ରୀମହାଦେବ ଶମ୍ଭୋ । ୧୪ ।

ଗାତ୍ରଂ ଭସ୍ମସିତଂ ସିତଂ ଚ ହସିତଂ ହସ୍ତେ କପାଲଂ ସିତଂ
ଖଟ୍ବାଙ୍ଗଞ୍ଚ ସିତଂ ସିତଶ୍ଚ ବୃଷଭଃ କର୍ଣ୍ଣେ ସିତେ କୁଣ୍ଡଳେ ।
ଗଙ୍ଗା ଫେନ ସିତା ଜଟା ପଶୁପତେଶ୍ଚନ୍ଦ୍ରଃ ସିତୋ ମୂର୍ଦ୍ଧନି
ସୋଽୟଂ ସର୍ବସିତୋ ଦଦାତୁ ବିଭବଂ ପାପ କ୍ଷୟଂ ଶଙ୍କରଃ । ୧୫ ।
ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଶିବାପରାଧକ୍ଷମାପଣ ସ୍ତୋତ୍ରଂ ।

କର-ଚରଣ-ମାନସ-ବାକ୍ୟ-କାୟା-କୃତ । କର୍ଣ୍ଣ-ଶ୍ରବଣ- ନୟନ-ଜନିତ-ଦୁଷ୍କୃତ ॥
ବିହିତ ବା ଅବିହିତ ଅପରାଧ ସର୍ବ । କ୍ଷମ, କରୁଣାବ୍ଧି ଶମ୍ଭୁ ମହାଦେବ ଶର୍ବ । ୧୪ ।
ଅଙ୍ଗ ଶ୍ୱେତଂ ଚିତାଭସ୍ମେ ଶ୍ୱେତ ଯାର ହାସ । ହସ୍ତେ ଯା ଶ୍ୱେତ କପାଳ ଶ୍ୱେତ ଯାର ବୃଷ ।
ଖଟ୍ବାଙ୍ଗ କୁଣ୍ଡଳ ଶ୍ୱେତ ଶ୍ୱେତ ଜଟାଭାର । ଗଙ୍ଗା ଫେନ ଯୋଗେ ଶିରେ ଶ୍ୱେତ ଚନ୍ଦ୍ର ଯାର
ସର୍ବଶ୍ୱେତ ସେ ଶଙ୍କର ପ୍ରଦାନନ୍ତୁ ବିତ । ବାହନେ କରନ୍ତୁ କ୍ଷୟ ସମସ୍ତ ଦୁରିତ । ୧୫ ।

ଶିବନାମାବଲ୍ୟଷ୍ଟକମ୍

ହେ ଚନ୍ଦ୍ରଚୂଡ଼ ମଦନାନ୍ତକ ଶୂଲପାଣେ, ସ୍ଥାଣୋ ଗିରୀଶେ ବେଶ ମହେଶ ଶମ୍ଭୋ
ଭୂତେଶ ଭୀତଭୟସୂଦନ ମାମନାଥଂ, ସଂସାର-ଦୁଃଖ-ଗହନାଜ୍ଜଗଦୀଶ ରକ୍ଷ । ୧ ।

ହେ ପାର୍ବତୀହୃଦୟବଲ୍ଲଭ ଚନ୍ଦ୍ରମୌଳେ, ଭୂତାଧିପ ପ୍ରମଥନାଥ ଗିରୀଶଚାପ ॥
ହେ ବାମଦେବ ଭବ ରୁଦ୍ର ପିନାକପାଣେ, ସଂସାର-ଦୁଃଖ-ଗହନାଜ୍ଜଗଦୀଶ ରକ୍ଷ । ୨

ହେ ନୀଳକଣ୍ଠ ବୃଷଧ୍ୱଜ ପଞ୍ଚବକ୍ତ୍ର, ଲୋକେଶ ଶେଷବଳୟ ପ୍ରମଥେଶ ଶର୍ବ ॥
ହେ ଧୂର୍ଜଟେ ପଶୁପତେ ଗିରିଜାପତେ ମାଂ, ସଂସାର-ଦୁଃଖ-ଗହନାଜ୍ଜଗଦୀଶ ରକ୍ଷ । ୩

ହେ ବିଶ୍ୱନାଥ ଶିବ ଶଙ୍କର ଦେବଦେବ, ଗଙ୍ଗାଧର ପ୍ରମଥନାୟକ ନନ୍ଦିକେଶ ॥
ବାଣେଶ୍ୱରାନ୍ଧକରିପୋ ହର ଲୋକନାଥ, ସଂସାର ଦୁଃଖଗହନାଜ୍ଜଗଦୀଶ ରକ୍ଷ । ୪ ।

ଶିବନାମାବଳୀ-ଅଷ୍ଟକ

ରାଗ-ଧନାଶ୍ରୀ

ଚନ୍ଦ୍ରଚୂଡ଼ ଶୂଳପାଣି ଗିରିଜେଶ ମଦନାନ୍ତକ ଭୂତେଶ ।
ଭୟ-ଭୀତ-ନିବାରଣ ଜଗଦୀଶ ସ୍ଥାଣୁ ଶମ୍ଭୁ ଶ୍ରୀ ମହେଶ ହେ ॥
ଭବ-ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୧ ।

ଗିରୀଶଚାପ† ପ୍ରମଥନାଥ ରୁଦ୍ର ପାର୍ବତୀ-ହୃଦ-ବଲ୍ଲଭ ।
ଭୂତାଧିପ ଚନ୍ଦ୍ରମୌଳୀ ବାମଦେବ ଶ୍ରୀପିନାକ-ପାଣି ଭବ ହେ ॥
ଭବ-ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୨ ।

ନୀଳକଣ୍ଠ ବୃଷଧ୍ୱଜ ପଞ୍ଚବକ୍ତ୍ର ଶେଷ-ବଳୟ ଲୋକେଶ ।
ଗିରିଜାପତି ଧୂର୍ଜଟୀ ପଶୁପତି ସର୍ବବ୍ୟାପୀ ପ୍ରମଥେଶ ହେ ॥
ଭବ-ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୩ ।

ବିଶ୍ୱନାଥ ନନ୍ଦିକେଶ ଦେବଦେବ ଶ୍ରୀଶଙ୍କର ଗଙ୍ଗାଧର ।
ପ୍ରମଥ ନାୟକ ଲୋକନାଥ ହର ଅନ୍ଧକାରି ବାଣେଶ୍ୱର ହେ ॥
ଭବ-ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୪ ।

---

† ଯେ ଗିରିଗୁହାରେ ଶୟନ କରି ଜପ କରୁଛନ୍ତି । ଅଥବା ଗିରୀଶ = ପର୍ବତରାଜ = ହିମାଳୟ, ଗିରିଶଜା – ପାର୍ବତୀ, ଗିରୀଶଚାପ = ପାର୍ବତୀଙ୍କର ପତି = ମହାଦେବ ।

ବାରଣସୀ ପୁରପତେ ମଣିକର୍ଣ୍ଣିକେଶ, ବୀରେଶ ଦକ୍ଷମଖକାଳ ବିଭୋ ଗଣେଶ ।
ସର୍ବଜ୍ଞ ସର୍ବହୃଦୟୈକନିବାସ ନାଥ, ସଂସାର ଦୁଃଖଗହନାଜ୍ଜଗଦୀଶ ରକ୍ଷ ।୫।
ଶ୍ରୀମନ୍ମହେଶ୍ୱର କୃପାମୟ ହେ ଦୟାଳୋ, ହେ ବ୍ୟୋମକେଶ ଶିତିକଣ୍ଠ ଗଣାଧିନାଥ ।
ଭସ୍ମାଙ୍ଗରାଗନୃକପାଳ କଳାପମାଳ, ସଂସାର ଦୁଃଖଗହନାଜ୍ଜଗଦୀଶ ରକ୍ଷ । ୬ ।
କୈଳାସଶୈଳ ବିନିବାସ ବୃଷାକପେ ହେ, ମୃତ୍ୟୁଞ୍ଜୟ ତ୍ରିନୟନ ତ୍ରିଜଗନ୍ନିବାସ ।
ନାରାୟଣପ୍ରିୟ ମଦାପହ ଶକ୍ତିନାଥ, ସଂସାର ଦୁଃଖ ଗହନାଜ୍ଜଗଦୀଶ ରକ୍ଷ । ୭ ।
ବିଶ୍ୱେଶ ବିଶ୍ୱଭବନାଶିତ ବିଶ୍ୱରୂପ, ବିଶ୍ୱାତ୍ମକ ତ୍ରିଭୁବନୈକଗୁଣାଭିବେଶ ।
ହେ ବିଶ୍ୱବନ୍ଦ୍ୟ କରୁଣାମୟ ଦୀନବନ୍ଧୋ, ସଂସାର ଦୁଃଖଗହନାଜ୍ଜଗଦୀଶ ରକ୍ଷ । ୮ ।
ଗୌରୀବିଳାସ ଭବନାୟ ମହେଶ୍ୱରାୟ, ପଞ୍ଚାନନାୟ ଶରଣାଗତକଳ୍ପକାୟ ।
ଶର୍ବାୟ ସର୍ବଜଗତାମଧିପାୟ ତସ୍ମୈ, ଦାରିଦ୍ର୍ୟଦୁଃଖଦହନାୟ ନମଃ ଶିବାୟ ।୯।
ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଶିବନାମାବଲ୍ୟଷ୍ଟକଂ ସମାପ୍ତଂ ।

ବାରାଣସୀ ପତି ମଣିକର୍ଣ୍ଣିକେଶ ବିଭୁ ସର୍ବଜ୍ଞ ଗଣେଶ ।
ସର୍ବହୃଦବାସୀ ଦକ୍ଷ-ମଖ-କାଳ † ହେ ନାଥ ଶିବ ବୀରେଶ ହେ ॥
ଭବ-ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୫ ।
ଶିତିକଣ୍ଠ କୃପାମୟ ବ୍ୟୋମକେଶ ଶ୍ରୀମାନ ହେ ମହେଶ୍ୱର ।
ଭସ୍ମାଙ୍ଗରାଗ ନର-କପାଳ-ମାଳ ଦୟାଳୁ ଗଣାଧୀଶ୍ୱର ହେ ॥
ଭବ ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୬ ।
କୈଳାସ ଶୈଳନିବାସୀ ବୃଷକେତୁ ତ୍ରିଲୋଚନ ମୃତ୍ୟୁଞ୍ଜୟ ।
ତ୍ରି ଜଗନ୍ନିବାସ ନାରାୟଣ ପ୍ରିୟ ଶକ୍ତିନାଥ ମଦାପହ * ହେ ॥
ଭବ ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୭ ।
ବିଶ୍ୱରୂପ ବିଶ୍ୱାତ୍ମକ ବିଶ୍ୱବନ୍ଦ୍ୟ ବିଶ୍ୱ-ତ୍ରିଗୁଣ ଧର ।
ବିଶ୍ୱେଶ ବିଶ୍ୱଭବନାଶିତ × ଦୀନ—ବନ୍ଧୁ କରୁଣା ସାଗର ହେ ॥
ଭବ ଦୁଃଖ ଗହନ । ରଖ ପ୍ରଭୁ ଅନାଥେ ବହନ ଯେ । ୮ ।
ଗୌରୀ ବିଳାସ ଭବନ ପଞ୍ଚାନନ ସର୍ବ ଜଗତ ଈଶ୍ୱର ।
ଶରଣାଗତ କଳ୍ପ ପାଦପ ଶର୍ବ ଦାରିଦ୍ର୍ୟ ଦୁଃଖ ସଂହର ହେ ।
ଶିବ ତବ ପଦ୍ୟରେ । ନମେ ଅନାଥ ଭକତଭରେ ହେ । ୯ ।

---

† ଦକ୍ଷଯଜ୍ଞ ନାଶକାରୀ । * ମତ୍ତତା ଅପହରଣକାରୀ

× ଯେ ବିଶ୍ୱର ଜନ୍ମକୁ ନାଶ କରେ ।

ବେଦସାର ଶିବ ସ୍ତୋତ୍ରମ୍

ପଶୂନାଂ ପତିଂ ପାପନାଶଂ ପରେଶଂ, ଗଜେନ୍ଦ୍ରସ୍ୟ କୃତ୍ତିଂ ବସାନଂ ବରେଣ୍ୟଂ ।
ଜଟାଜୂଟମଧ୍ୟେ ସ୍ଫୁରଦ୍‌ଗାଙ୍ଗବାରିଂ, ମହାଦେବମେକଂ ସ୍ମରାମି ସ୍ମରାରିମ୍ । ୧ ।
ମହେଶଂ ସୁରେଶଂ ସୁରାରାତିନାଶଂ, ବିଭୁଂ ବିଶ୍ୱନାଥଂ ବିଭୂତ୍ୟଙ୍ଗଭୂଷମ୍ ।
ବିରୂପାକ୍ଷମିନ୍ଦ୍ୱର୍କବହ୍ନି ତ୍ରିନେତ୍ରଂ, ସଦାନନ୍ଦମୀଡେ ପ୍ରଭୁଂ ପଞ୍ଚବକ୍ତ୍ରମ୍ । ୨ ।
ଗିରୀଶଂ ଗଣେଶଂ ଗଳେ ନୀଳବର୍ଣ୍ଣଂ, ଗବେନ୍ଦ୍ରାଧିରୂଢଂ ଗୁଣାତୀତରୂପମ୍ ।
ଭବଂ ଭାସ୍ୱରଂ, ଭସ୍ମନା ଭୂଷିତାଙ୍ଗଂ ଭବାନୀକଳତ୍ରଂ ଭଜେ ପଞ୍ଚବକ୍ତ୍ରମ୍ । ୩ ।

ବେଦସାର ଶିବସ୍ତୋତ୍ର

ରାଗ-ଚୈତି

ପଶୁପତି ପାପ ନାଶ ପରେଶ ଗଜେନ୍ଦ୍ର-ବାସ
ମହେଶ୍ୱର ମହାଶୂଳ-ପିନାକ-ଧାରୀ ।
ଜଟାଜୂଟ ମଧ୍ୟେ ଯାର ଫେନ ତରଙ୍ଗ-ସମ୍ଭାର
ଆନନ୍ଦେ ବହରେ ସଦା ଜାହ୍ନବୀ-ବାରି ॥
ସେହି ମହାଦେବ-ଚରଣ ।
ଭକ୍ତିଭରେ କରେ ପୁନଃ ପୁନଃ ସ୍ମରଣ । ୧ ।
ମହେଶ୍ୱର ସୁରେଶ୍ୱର ସୁରାରାତି-ନାଶକର
ବିଭୁ ବିଭୂତି-ଭୂଷଣ ହେ ବିଶ୍ୱନାଥ ।
ବିରୂପାକ୍ଷ ତ୍ରିନୟନ ଚନ୍ଦ୍ର ସୂର୍ଯ୍ୟ ହୁତାଶନ
ହୋଇ ରହିଛନ୍ତି ସଦା ହେ ପଞ୍ଚନାଥ ॥
ସଦାନନ୍ଦ ସଦା ମୁଁ ସ୍ମରେ ।
ମୋ ପାପ ଆତ୍ମାକୁ ଦିଅ ସ୍ଥାନ ପଦ୍ମରେ । ୨ ।
ଗିରୀଶ ଗଣେଶ ଗଳେ ଗାଢ଼ [illegible]
ଗବେନ୍ଦ୍ରାଧିରୂଢ଼ [illegible]
ଭବ ଭସ୍ମ ବିଭୂ[illegible]
[illegible]-କଳତ୍ର [illegible]
[illegible]
[illegible] । ୩ ।

ଶିବାକାନ୍ତ ଶମ୍ଭୋ ଶଶାଙ୍କାର୍ଦ୍ଧମୌଳେ, ମହେଶାନ ଶୂଲିନ୍ ଜଟାଜୂଟଧାରିନ୍ ।
ତ୍ୱମେକୋ ଜଗଦ୍‌ବ୍ୟାପକୋ ବିଶ୍ୱରୂପଃ, ପ୍ରସୀଦ ପ୍ରସୀଦ ପ୍ରଭୋ ପୂର୍ଣ୍ଣରୂପଃ । ୪ ।

ପରାତ୍ମାନମେକଂ ଜଗଦ୍‌ବୀଜମାଦ୍ୟଂ, ନିରୀହଂ ନିରାକାରମୋଙ୍କାରବେଦ୍ୟମ୍ ।
ଯତୋ ଜାୟତେ ପାଲ୍ୟତେ ଯେନ ବିଶ୍ୱଂ, ତମୀଶଂ ଭଜେ ଲୀୟତେ ଯତ୍ର ବିଶ୍ୱମ୍ ।୫

ନ ଭୂମିର୍ନ ଚାପୋ ନ ବହ୍ନିର୍ନ ବାୟୁର୍ନ ଚାକାଶମାସ୍ତେ ନ ତନ୍ଦ୍ରା ନ ନିଦ୍ରା ।
ନ ଗ୍ରୀଷ୍ମୋ ନ ଶୀତଂ ନ ଦେଶୋ ନ ବେଶୋ, ନ ଯସ୍ୟାସ୍ତି ମୂର୍ତ୍ତିସ୍ତ୍ରିମୂର୍ତ୍ତିଂ ତମୀଡେ ମହେଶଂ ।୬

ଶିବା ସତୀ ପ୍ରାଣେଶ୍ୱର ଶମ୍ଭୁ ଶଶାଙ୍କ-ଶେଖର
ଶୂଳୀ ହେ ମହାଈଶାନ ଡମରୁ-ଧର ।
ଜଟାଜୂଟ ଧାରୀ ତୁମ୍ଭେ ଏକା ବ୍ୟାପିଅଛ ଭବେ
ବିଶ୍ୱରୂପ ବିଶ୍ୱନାଥ ବିଶ୍ୱେଶ ହର ।
ପ୍ରଭୁ ପୂର୍ଣ୍ଣ ବ୍ରହ୍ମ ମୂରତି ।
ପ୍ରସନ୍ନ ହୁଅ ପ୍ରସନ୍ନ ହୁଅ ମୋ ପ୍ରତି । ୪ ।

ଜଗତର ମୂଳବୀଜ ତୁମ୍ଭେ କାଳ ମନସିଜ ୧
ଏକ ପରମାତ୍ମା ନିରୀହ ନିରାକାର ।
ସର୍ଜ୍ଜନା ପାଳନ ଲୟ ତୁମ୍ଭେ କର ଲୀଳାମୟ
ତୁମ୍ଭେ ବିନା ଅଛି ପ୍ରତିପାଦ୍ୟ ଓଁକାର ॥
ହେ କୈଳାସ-ବିଳାସ-କାରୀ ।
ଅରକ୍ଷ ଜନର ପ୍ରଭୁ ଶୁଣ ଗୁହାରି । ୫ ।

ନୁହ ତୁମ୍ଭେ ଭୂମି ଜଳ ନୁହ ଅନିଳ ଅନଳ
(ନୁହ ରସାତଳ) ନୁହ ପୁଣି ଆକାଶ ।
ନାହିଁଟି ତନ୍ଦ୍ରା ୨ ତୁମ୍ଭର ନିଦ୍ରା ନାହିଁ ଯୋଗେଶ୍ୱର
ନାହିଁ ତବ ଶୀତ ନାହିଁ ଗ୍ରୀଷ୍ମ ପ୍ରକାଶ ॥
ନାହିଁ ମୂର୍ତ୍ତି ଦେଶ ବା ବେଶ ।
ବନ୍ଦେ ହେ ତ୍ରିମୂର୍ତ୍ତିଧାରୀ ମହାମହେଶ । ୬ ।

---

୧ କାମ ଅନଙ୍ଗ ୨ ପୂର୍ଣ୍ଣ ବା ସ୍ୱପନର ।

ଅଜଂ ଶାଶ୍ୱତଂ କାରଣଂ କାରଣାନାଂ, ଶିବଂ କେବଳଂ ଭାସକଂ ଭାସକାନାମ୍ ।
ତୁରୀୟଂ ତମଃ ପାରମାଦ୍ୟନ୍ତହୀନଂ, ପ୍ରପଦ୍ୟେ ପରଂ ପାବନଂ ଦ୍ୱୈତହୀନମ୍ । ୭ ।

ନମସ୍ତେ ନମସ୍ତେ ବିଭୋ ବିଶ୍ୱମୂର୍ତ୍ତେ, ନମସ୍ତେ ନମସ୍ତେ ଚିଦାନନ୍ଦମୂର୍ତ୍ତେ ।
ନମସ୍ତେ ନମସ୍ତେ ତପୋଯୋଗଗମ୍ୟ, ନମସ୍ତେ ନମସ୍ତେ ଶ୍ରୁତିଜ୍ଞାନଗମ୍ୟ । ୮ ।

ପ୍ରଭୋ ଶୂଲପାଣେ ବିଭୋ ବିଶ୍ୱନାଥ, ମହାଦେବ ଶମ୍ଭୋ ମହେଶ ତ୍ରିନେତ୍ର ।
ଶିବାକାନ୍ତ ଶାନ୍ତ ସ୍ମରାରେ ପୁରାରେ, ତ୍ୱଦନ୍ୟୋ ବରେଣ୍ୟୋ ନ ମାନ୍ୟୋ ନ ଗଣ୍ୟଃ

ତୁମ୍ଭେ ଅଜ ସନାତନ ଅକାରଣର କାରଣ
ତୁମ୍ଭେ ପ୍ରକାଶକରଙ୍କ ପ୍ରକାଶକର ।
ତୁମ୍ଭେ ତୁରୀୟ ପରମ ଅଦ୍ୱୈତ ବିଶ୍ୱ-ପାବନ,
ତୁମ୍ଭେ ସକଳ ଭୁବନ ମଙ୍ଗଳ-କର ॥
ନାହିଁ ଆଦି ଅନ୍ତ ତୁମ୍ଭର ।
ବନ୍ଦୁଛି ହେ ମାୟାତୀତ ତୁମ୍ଭ ପୟର । ୭ ।

ନମସ୍ତେ ନମସ୍ତେ ପ୍ରଭୁ ନମୋ ବିଶ୍ୱମୂର୍ତ୍ତି ଶମ୍ଭୁ
ନମସ୍ତେ ନମସ୍ତେ ଚିଦାନନ୍ଦ ମୂରତି ।
ନମସ୍ତେ ନମସ୍ତେ ଭୀମ ନମୋ ତପ ଯୋଗଗମ୍ୟ
ନମୋ ଶ୍ରୁତି-ଜ୍ଞାନଗମ୍ୟ ଗିରିଜାପତି ॥
ନମସ୍ତେ ନମସ୍ତେ ଶଙ୍କର ।
ନମୋ ମହାଯୋଗିବର ଅନଙ୍ଗ-ପର । ୮ ।

ମହେଶ ତ୍ରିନେତ୍ର ଶମ୍ଭୁ ବିଶ୍ୱନାଥ ମହାପ୍ରଭୁ
ବିଭୁ ମହାଦେବ ଶୂଲପାଣି ସ୍ମରାର † ।
ତୁମ୍ଭ ବିନା ମାନ୍ୟଗଣ୍ୟ ବରେଣ୍ୟ ନୁହେଁକେ ଅନ୍ୟ
ସକଳ ଭୁବନ ମଧ୍ୟେ ହେ ତ୍ରିପୁରାର ॥
ଶାନ୍ତ ଶିବାକାନ୍ତ ତୁମ୍ଭର ।
ଆଶ୍ରୟ ଚରଣ ତଳେ ମୁହିଁ କିଂକର । ୯ ।

---

† କନ୍ଦର୍ପର ଶତ୍ରୁ ।

ଶମ୍ଭୋ ମହେଶ କରୁଣାମୟ ଶୂଲପାଣେ, ଗୌରୀପତେ ପଶୁପତେ ପଶୁପାଶନାଶିନ୍ ।
କାଶୀପତେ କରୁଣୟା ଜଗଦେତଦେକସ୍ତ୍ୱଂ ହଂସି ପାସି ବିଦଧାସି ମହେଶ୍ୱରୋଽସି
ତ୍ୱତ୍ତୋ ଜଗଦ୍ଭବତି ଦେବ ଭବ ସ୍ମରାରେ, ତ୍ୱୟ୍ୟେବ ତିଷ୍ଠତି ଜଗନ୍ମୃଡ଼ ବିଶ୍ୱନାଥ ।
ତ୍ୱୟ୍ୟେବ ଗଚ୍ଛତି ଲୟଂ ଜଗଦେତଦୀଶ, ଲିଙ୍ଗାତ୍ମକେ ହର ଚରାଚର ବିଶ୍ୱରୂପିନ୍ ॥

ଇତି ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ
ବେଦସାର ଶିବସ୍ତୋତ୍ରମ୍ ॥

ମହେଶ ଗଉରୀ ପତି   ଶୂଳପାଣି ପଶୁପତି
କରୁଣା ବରୁଣାଳୟ ଶମ୍ଭୁ ଶାଶ୍ୱତ ।
ପଶୁସ୍ୱଭବ ବିନାଶୀ   ଅହେ ଦେବ କାଶୀବାସୀ
ଏକା ତୁମ୍ଭେ କୃପାକରି ଏହି ଜଗତ ॥
କରୁଛ ସୃଷ୍ଟି ସ୍ଥିତି ନାଶ ।
ତେଣୁ ମହେଶ୍ୱର ତୁମ୍ଭ ନାମ ପ୍ରକାଶ । ୧୦ ।

ତୁମ୍ଭଠାରୁ ଅହେ ଭବ   ଜଗତ ହୁଏ ଉଦ୍ଭବ
ତୁମ୍ଭଠାରୁ ହୋଇଛି ତା ସ୍ଥିତି ଅଧାର ।
ବାମଦେବ ଅନ୍ତକାରୀ   ବାମଦେବ ଅନ୍ଧକାର †
ହୁଏ ତୁମ୍ଭଠାରୁ ପୁଣି ତାର ସଂହାର ॥
ଲିଙ୍ଗ ଅଟ୍ଟା ଏ ଚରାଚରେ ।
ବିଶ୍ୱରୂପ ତେଣୁ ନମେଁ ତୁମ୍ଭ ପୟର । ୧୧ ।

---

† ଅନ୍ଧକ, ଅସୁରର ଶତ୍ରୁ ।

ଶିବ ପଞ୍ଚାକ୍ଷର ସ୍ତୋତ୍ରମ୍

ନାଗେନ୍ଦ୍ରହାରାୟ ତ୍ରିଲୋଚନାୟ, ଭସ୍ମାଙ୍ଗରାଗାୟ ମହେଶ୍ୱରାୟ ।
ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ, ତସ୍ମୈ ନକାରାୟ ନମଃ ଶିବାୟ । ୧ ।

ମନ୍ଦାକିନୀ-ସଲିଳ-ଚନ୍ଦନ-ଚର୍ଚ୍ଚିତାୟ, ନନ୍ଦୀଶ୍ୱରାୟ ପ୍ରମଥନାଥମହେଶ୍ୱରାୟ ।
ମନ୍ଦାରପୁଷ୍ପ-ବହୁପୁଷ୍ପ ସୁପୂଜିତାୟ, ତସ୍ମୈ ମକାରାୟ ନମଃ ଶିବାୟ । ୨ ।

ଶିବାୟ ଗୌରୀ-ବଦନାବ୍ଜବୃନ୍ଦ-ସୂର୍ଯ୍ୟାୟ ଦକ୍ଷାଧ୍ୱରନାଶକାୟ ।
ଶ୍ରୀନୀଳକଣ୍ଠାୟ ବୃଷଧ୍ୱଜାୟ, ତସ୍ମୈ ଶକାରାୟ ନମଃଶିବାୟ । ୩ ।

ବଶିଷ୍ଠ-କୁମ୍ଭୋଦ୍ଭବ-ଗୌତମାର୍ଯ୍ୟ-ମୁନୀନ୍ଦ୍ର-ଦେବାର୍ଚ୍ଚିତ-ଶେଖରାୟ ।
ଚନ୍ଦ୍ରାର୍କବୈଶ୍ୱାନର-ଲୋଚନାୟ ତସ୍ମୈ ବକାରାୟ ନମଃ ଶିବାୟ । ୪ ।

ଶିବ ପଞ୍ଚାକ୍ଷର ସ୍ତୋତ୍ର

ରାଗ-ଅଷାଢ଼ଶୁକ୍ଳ

ନାଗେନ୍ଦ୍ରହାର ତ୍ରିଲୋଚନ ହର । ନର-ଭସ୍ମାଙ୍ଗରାଗ ମହେଶ୍ୱର ।
ନିତ୍ୟ ଶାଶ୍ୱତ ଶୁଦ୍ଧ ଦିଗମ୍ବର । ନୀଲଲୋହିତ ପାଶାଙ୍କୁଶ-ଧର ।
ନକାରସ୍ୱକାୟ । ନନ୍ଦୀ-ଈଶ୍ୱରାୟ-ନମଃଶିବାୟ । ୧ ।

ମନ୍ଦାକିନୀର ସଲିଳ ପବିତ୍ର— । ମିଶାଚନ୍ଦନେ ଶ୍ରୀଅଙ୍ଗ ଚର୍ଚ୍ଚିତ ।
ମନ୍ଦାରପୁଷ୍ପ-ପୂଜିତ ନନ୍ଦୀଶ । ମହେଶ୍ୱର ହେ ପ୍ରମଥ-ଅଧୀଶ ।
ମକାରସ୍ୱକାୟ । ମଦନାନ୍ତକାୟ ନମଃ ଶିବାୟ । ୨ ।

ଶିବ, ଗଉରୀ-ବଦନାବ୍ଜ-ବନ୍ଧୁ । ଖଣ୍ଡନ-ଦକ୍ଷ-ଯଜ୍ଞ-ଗର୍ବ-ପଦ ।
ଶିତିକଣ୍ଠ ଶ୍ରୀବୃଷଭ-ବାହନ । ଶଙ୍କର,ଭବ-ବନ-ହୁତାଶନ ।
ଶକାରସ୍ୱକାୟ । ଶଶି-ଶେଖରାୟ ନମଃ ଶିବାୟ । ୩ ।

ବଶିଷ୍ଠ-କୁମ୍ଭସମ୍ଭବ-ଗୌତମ- । ବନ୍ଦିତ-ଶିର, ଯୋଗିଙ୍କ ଉତ୍ତମ ।
ବିଧୁ-ଦିବାକର-ବହ୍ନି-ନୟନ । କାମଦେବ ହେ ବିବୁଧ-ବଦନ ।
ବକାରସ୍ୱକାୟ । ବୃଷଭ-ଧ୍ୱଜାୟ ନମଃ ଶିବାୟ । ୪ ।

ଯକ୍ଷସ୍ୱରୂପାୟ ଜଟାଧରାୟ ପିନାକହସ୍ତାୟ, ସନାତନାୟ ।
ଦିବ୍ୟାୟ ଦେବାୟ ଦିଗମ୍ବରାୟ, ତସ୍ମୈ ଯକାରାୟ ନମଃ ଶିବାୟ । ୫ ।

ପଞ୍ଚାକ୍ଷରମିଦଂ ପୁଣ୍ୟଂ ଯଃ ପଠେତ୍ ଶିବସନ୍ନିଧୌ ।
ଶିବଲୋକମବାପ୍ନୋତି ଶିବେନ ସହ ମୋଦତେ । ୬ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ-ବିରଚିତଂ ଶିବପଞ୍ଚାକ୍ଷରସ୍ତୋତ୍ରମ୍ ॥

ଯକ୍ଷସ୍ୱରୂପୀ ଜଟାଜୁଟଧର । ଯକ୍ଷବିନାଶୀ ଦେବ ଦିଗମ୍ବର ।
ଯକ୍ଷ-ପୂଜିତ ଦିବ୍ୟ ସନାତନ । ଯା କରେ ଶୋଭେ ଶରଶରାସନ ।
ଯକାରାତ୍ମକାୟ । ଯୋଗୀ-ଈଶ୍ୱରାୟ ନମଃ ଶିବାୟ । ୫ ।

ଏ ମହାପୁଣ୍ୟଦାୟୀ ପଞ୍ଚାକ୍ଷର- । ସ୍ତୋତ୍ରକୁ ପଢ଼େ ଯତ୍ନେ ଯେଉଁ ନର ॥
ଶିବ ସମ୍ମୁଖେ ଣୟୂତ ହୋଇଣ । ଶିବଲୋକକୁ ସେଜନ ଯାଇଣ ।
ବିହରେ ସୁଖରେ । ସତତ ରହୁ ଶିବଙ୍କ ପାଖରେ । ୬ ।

କାଳଭୈରବାଷ୍ଟକମ୍

ଦେବରାଜସେବ୍ୟମାନପାବନାଙ୍ଘ୍ରି ପଙ୍କଜଂ, ବ୍ୟାଳଯଜ୍ଞସୂତ୍ରମିନ୍ଦୁଶେଖରଂ କୃପାକରମ୍ ।
ନାରଦାଦିଯୋଗିବୃନ୍ଦ ବନ୍ଦିତଂ ଦିଗମ୍ବରଂ, କାଶିକାପୁରାଧିନାଥକାଳଭୈରବଂ ଭଜେ । ୧ ।
ଭାନୁକୋଟି ଭାସ୍ୱରଂ ଭବାବ୍ଧିତାରକଂ ପରଂ, ନୀଳକଣ୍ଠମୀପ୍ସିତାର୍ଥଦାୟକଂ ତ୍ରିଲୋଚନମ୍ ।
କାଳକାଳମମ୍ବୁଜାକ୍ଷମ ଶୂଳମକ୍ଷରଂ, କାଶିକାପୁରାଧିନାଥକାଳଭୈରବଂ ଭଜେ । ୨ ।
ଶୂଳଟଙ୍କ ପାଶଦଣ୍ଡପାଣିମାଦି କାରଣଂ, ଶ୍ୟାମକାୟମାଦିଦେବମକ୍ଷରଂ ନିରାମୟମ୍ ।
ଭୀମବିକ୍ରମଂ ପ୍ରଭୁଂ ବିଚିତ୍ରତାଣ୍ଡବପ୍ରିୟଂ, କାଶିକାପୁରାଧିନାଥ କାଳଭୈରବଂ ଭଜେ । ୩ ।
ଭୁକ୍ତି ମୁକ୍ତିଦାୟକଂ ପ୍ରଶସ୍ତଚାରୁବିଗ୍ରହଂ, ଭକ୍ତବତ୍ସଳଂ ସ୍ଥିତଂ ସମସ୍ତଲୋକ ବିଗ୍ରହମ୍ ।
ନିକ୍ୱଣନ୍ମନୋଜ୍ଞହେମ କିଙ୍କିଣୀଲସତ୍କଟିଂ, କାଶିକାପୁରାଧିନାଥ କାଳଭୈରବଂ ଭଜେ ।୪।

କାଳଭୈରବାଷ୍ଟକ

ରାଗ-ବସନ୍ତ

ଇନ୍ଦ୍ର ସେବିତ ପବିତ୍ର ପାଦପଦ୍ମ ବ୍ୟାଳ ୧ ଯଜ୍ଞସୂତ୍ରଧର ।
ନାରଦ ଆଦି ବନ୍ଦିତ କୃପାକର ୨ ଇନ୍ଦୁମୌଳୀ ଦିଗମ୍ବର ହେ ॥
କାଶୀପୁର ଅଧୀଶ୍ୱର ।
ଭଜେଁ କାଳଭୈରବ ପଦ୍ମୁର ହେ । ୧ ।
କୋଟିଭାନୁଚ୍ଛବି ଭବାବ୍ଧି ତାରକ ନୀଳକଣ୍ଠ ତ୍ରିଅମ୍ବକ ।
ଅକ୍ଷଶୂଳ-ଧର ପଦ୍ମାକ୍ଷ ଅକ୍ଷର ଇଷ୍ଟଦାତା କାଳାନ୍ତକ ହେ ॥
କାଶୀପୁର ଅଧୀଶ୍ୱର ।
ଭଜେଁ କାଳଭୈରବ ପଦ୍ମୁର ହେ । ୨ ।
ଶୂଳପାଶ-ଟଙ୍କ-ଦଣ୍ଡ-ପାଣି ଆଦ୍ୟ ଶ୍ୟାମକାୟ ନିରାମୟ ।
ଭୀମ-ବିକ୍ରମ ଅକ୍ଷର ଆଦିମୂଳ ବିଚିତ୍ରତାଣ୍ଡବ-ପ୍ରିୟ ହେ ॥
କାଶୀପୁର-ଅଧୀଶ୍ୱର ।
ଭଜେଁ କାଳଭୈରବ ପଦ୍ମୁର ହେ । ୩ ।
କଟିରେ ଶୋଭେ ଚାରୁ ହେମ କିଙ୍କିଣୀ ସମସ୍ତ ଲୋକ-ବିଗ୍ରହ ।
ଭୁକ୍ତି ୩ମୁକ୍ତିଦାୟୀ ୪ଭକ୍ତ ବତ୍ସଳ ପ୍ରଶସ୍ତ ଚାରୁ ବିଗ୍ରହ ହେ ॥
କାଶୀପୁର-ଅଧୀଶ୍ୱର ।
ଭଜେଁ କାଳଭୈରବ-ପଦ୍ମୁର ହେ । ୪ ।

୧ ସର୍ପ । ୨ କରୁଣାର ଖଣି ବା ଆଧାର । ୩ ଶ୍ରେଷ୍ଠ । ୪ ମଦ୍ୟଦାସ୍ୟ ମୂର୍ତ୍ତିମୁକ୍ତ ।

ଧର୍ମ୍ମସେତୁପାଳକଂ ତ୍ୱଧର୍ମ୍ମମାର୍ଗନାଶକଂ, କର୍ମ୍ମପାଶମୋଚକଂ ସୁଶର୍ମ୍ମଦାୟକଂ ବିଭୁମ୍ ।
ସ୍ୱର୍ଣ୍ଣବର୍ଣ୍ଣଶେଷପାଶଶୋଭିତାଙ୍ଗମଣ୍ଡଳଂ; କାଶିକାପୁରାଧିନାଥ କାଳଭୈରବଂ ଭଜେ । ୫ ।
ରତ୍ନପାଦୁକା ପ୍ରଭାଭିରାମପାଦଯୁଗ୍ମକଂ, ନିତ୍ୟମଦ୍ୱିତୀୟମିଷ୍ଟ ଦୈବତଂ ନିରଞ୍ଜନମ୍ ।
ମୃତ୍ୟୁଦର୍ପନାଶନଂ କରାଳଦଂଷ୍ଟ୍ରମୋକ୍ଷଣଂ, କାଶିକାପୁରାଧିନାଥକାଳଭୈରବଂ ଭଜେ । ୬ ।
ଅଟ୍ଟହାସଭିନ୍ନପଦ୍ମଜାଣ୍ଡକୋଷସନ୍ତତି, ଦୃଷ୍ଟିପାତନଷ୍ଟପାପଜାଲମୁଗ୍ର ଶାସନମ୍ ।
ଅଷ୍ଟସିଦ୍ଧିଦାୟକଂ କପାଳମାଲ କନ୍ଧରଂ, କାଶିକାପୁରାଧିନାଥକାଳଭୈରବଂ ଭଜେ । ୭ ।
ଭୂତସଙ୍ଘନାୟକଂ ବିଶାଳକୀର୍ତ୍ତିଦାୟକଂ, କାଶିବାସଲୋକ ପୁଣ୍ୟପାପଶୋଧକଂ ବିଭୁମ୍ ।
ନୀତିମାର୍ଗକୋବିଦଂ ପୁରାତନଂ ଜଗତ୍ପତିଂ, କାଶିକାପୁରାଧିନାଥ କାଳଭୈରବଂ ଭଜେ ॥
କାଳଭୈରବାଷ୍ଟକଂ ପଠନ୍ତି ଯେ ମନୋହରଂ, ଜ୍ଞାନମୁକ୍ତିସାଧନଂ ବିଚିତ୍ରପୁଣ୍ୟ ବର୍ଦ୍ଧନମ୍ ।
ଶୋକମୋହଦୈନ୍ୟଲୋଭ କୋପତାପନାଶନଂ, ତେ ପ୍ରୟାନ୍ତି କାଳଭୈରବାଙ୍ଘ୍ରି ସନ୍ନିଧିଂ ଧ୍ରୁବମ୍ ।

ଇତି ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତଂ କାଳଭୈରବାଷ୍ଟକମ୍ ।

ଧର୍ମ୍ମ-ସଂରକ୍ଷକ ଅଧର୍ମ୍ମନାଶକ କର୍ମ୍ମ-ପାଶ-ବିମୋଚକ ।
ସ୍ୱର୍ଣ୍ଣବର୍ଣ୍ଣ-ଶେଷ-ପାଶ-ଶୋଭିତାଙ୍ଗ ବିଭୁ ସୁଶର୍ମ୍ମ-ଦାୟକ ୧ ହେ ॥
କାଶୀପୁର ଅଧୀଶ୍ୱର ।
ଭଜେଁ କାଳଭୈରବ ପୟର ହେ । ୫ ।

ରତ୍ନ-ପାଦୁକାଶୋଭିତ ପାଦ-ଯୁଗ ଅଦ୍ୱିତୀୟ ନିରଞ୍ଜନ ।
ମୃତ୍ୟୁ ଦର୍ପ ନାଶୀ ନିତ୍ୟ, ଇଷ୍ଟଦେବ କରାଳ-ଦଂଷ୍ଟ୍ର-ମୋକ୍ଷଣ ହେ ॥
କାଶୀପୁର ଅଧୀଶ୍ୱର ।
ଭଜେଁ କାଳଭୈରବ ପୟର ହେ । ୬ ।

ଅଟ୍ଟହାସେ ଭିନ୍ନ ବ୍ରହ୍ମାଣ୍ଡ ଯା ଦୃଷ୍ଟି ପାତେ ନଷ୍ଟ କଷ୍ଟଜାଲ ।
ଦୁଷ୍ଟ ଶାସନ ଅଷ୍ଟସିଦ୍ଧି ଦାୟକ କଣ୍ଠେ ଶୋଭେ ମୁଣ୍ଡମାଳ ହେ ॥
କାଶୀପୁର ଅଧୀଶ୍ୱର !
ଭଜେଁ କାଳଭୈରବ ପୟର ହେ । ୭ ।

ଭୂତଙ୍କ ନାୟକ ବରକୀର୍ତ୍ତିଦାତା ବିଶ୍ୱପତି ପୁରାତନ ।
ବିଭୁ କାଶୀବାସୀ ପାପ ପୁଣ୍ୟ ଶୋଧୀ ନୀତିମାର୍ଗ ବିଚକ୍ଷଣ ହେ ॥
କାଶୀପୁର ଅଧୀଶ୍ୱର ।
ଭଜେଁ କାଳଭୈରବ ପୟର ହେ । ୮ ।

କାଳଭୈରବ ଅଷ୍ଟକ ମନୋହର ଜ୍ଞାନ-ମୁକତି-ସାଧନ ।
ପଢ଼େ ଯେହୁ ଭକ୍ତିଭାବେ ତା' ହୁଅଇ ବିଚିତ୍ର ପୁଣ୍ୟ ବର୍ଦ୍ଧନ ॥
ଶୋକ ମୋହ ଦୈନ୍ୟ ଲୋଭ କୋପ ତାପ ହୁଏ ତାର ବିନାଶନ ।
ନିଶ୍ଚୟ ସେ କାଳଭୈରବ ଚରଣ ନିକଟେ କରେ ଗମନ ॥
କାଶୀପୁର ଅଧୀଶ୍ୱର । ଭଜେଁ କାଳଭୈରବ ପୟର ।୯।

୧—ଉତ୍ତମ ସୁଖଦାତା । ଶର୍ମ୍ମ—ସୁଖ ।

ଶିବଭୁଜଙ୍ଗପ୍ରୟାତ ସ୍ତୋତ୍ରମ୍

ଗଳଦ୍ଦାନଗଣ୍ଡଂ ମିଳଦ୍ଭୃଙ୍ଗଷଣ୍ଡଂ, ଚଳଚ୍ଚାରୁଶୁଣ୍ଡଂ ଜଗତ୍ତ୍ରାଣଶୌଣ୍ଡଂ ॥
କନଦ୍ଦନ୍ତକାଣ୍ଡଂ ବିପଦ୍ଭଙ୍ଗଚଣ୍ଡଂ, ଶିବପ୍ରେମପିଣ୍ଡଂ ଭଜେ ବକ୍ରତୁଣ୍ଡମ୍ ।୧।

ଅନାଦ୍ୟନ୍ତମାଦ୍ୟଂ ପରଂ ତତ୍ତ୍ୱମର୍ଥଂ, ଚିଦାକାରମେକଂ ତୁରୀୟଂ ତ୍ୱମେୟଂ ॥
ହରିବ୍ରହ୍ମମୃଗ୍ୟଂ ପରବ୍ରହ୍ମରୂପଂ, ମନୋବାଗତୀତଂ ମହଃ ଶୈବମୀଡେ ।୨।

ସ୍ୱଶକ୍ତ୍ୟାଦିଶକ୍ତ୍ୟନ୍ତସିଂହାସନସ୍ଥଂ, ମନୋହାରିସର୍ବାଙ୍ଗରତ୍ନୋରୁଭୂଷମ୍ ॥
ଜଟାହୀନ୍ଦୁଗଙ୍ଗାସ୍ଥିଶମ୍ୟାକମୌଳିଂ, ପରଂ ଶକ୍ତିମିତ୍ରଂ ନମଃ ପଞ୍ଚବକ୍ତ୍ରମ୍ ।୩।

ଶିବେଶାନତତ୍ପୂରୁଷାଘୋରବାମାଦିଭି ବ୍ରହ୍ମଭିର୍ହୃନ୍ମୁଖୈଃ ଷଡ୍‌ଭିରଙ୍ଗୈଃ ॥
ଅନୌପମ୍ୟଷଟ୍‌ତ୍ରିଂଶତଂ ତତ୍ତ୍ୱବିଦ୍ୟାମତୀତଂ ପରଂ ତ୍ୱାଂ କଥଂ ବେତ୍ତି କୋ ବା ।୪।

ଶିବଭୁଜଙ୍ଗପ୍ରୟାତ ସ୍ତୋତ୍ର

ଗଳିତ-ମଦ-ବାରି-ଗଣ୍ଡ । ଛନ୍ତି ମିଳିତ ଭୃଙ୍ଗଷଣ୍ଡ ॥ ନିତ୍ୟଚଳିତ-ଚାରୁ-ଶୁଣ୍ଡ । ଜଗତତ୍ରାଣ-ଶୌଣ୍ଡ । ବିରାଜିତ ଧବଳ ଦନ୍ତକାଣ୍ଡ । ବିପଦ ନାଶନେ ପ୍ରଚଣ୍ଡ ॥ ସଦାଶିବଙ୍କ ପ୍ରେମ ପିଣ୍ଡ । ସଦା ଭଜେ ସେହି ବକ୍ରତୁଣ୍ଡ ॥ ଯାହାର ଆଦିଅନ୍ତ ନାହିଁ । ସକଳ ଆଦ୍ୟ ଯେ ବୋଲାଇ ॥ ପରମ ତତ୍ତ୍ୱାର୍ଥ ତୁରୀୟ । ଚିନ୍ମୟ ବ୍ରହ୍ମ ଅଦ୍ୱିତୀୟ ॥ ଯାହାଙ୍କୁ ହରି ପଦ୍ମାସନ । କରନ୍ତି ନିତି ଅନ୍ୱେଷଣ ॥ ପରମ ବ୍ରହ୍ମରୂପଧର । ମନ-ବଚନ-ଅଗୋଚର ॥ ସେ ଶିବ-ଚରଣ-ପଙ୍କଜେ । ସଦା ଭଜନ୍ତି ଭାବେ ଭଜେ ॥ ବସେ ଯେ ସ୍ୱଶକ୍ତିବଳରେ । ଅନଶକ୍ତି ସିଂହାସନରେ ॥ ମନୋହର ରତ୍ନାଳଙ୍କାରେ । ଯାର ସର୍ବାଙ୍ଗ ଶୋଭାଧରେ ॥ ଶିରେ ଶୋଭିତ ଜଟାଭାର । ଗଳେ ନାଗ ସର୍ପହାର ॥ ମସ୍ତକ ଶୋଭେ ଗଙ୍ଗାଜଳେ । ଅସ୍ଥିମାଳା ଲମ୍ବିତ ଗଳେ ॥ କପାଳେ ଦୀପ୍ତ ରବି ଇନ୍ଦୁ । ପରମ ଶକ୍ତିଙ୍କ ବନ୍ଧୁ ॥ ସେ ପଞ୍ଚମୁଖଙ୍କ ପୟରେ । ସର୍ବଦା ନମସ୍କାର କରେ ।୩। ଶିବ ଈଶାନ ତତ୍ପୁରୁଷ । ଅଘୋର ବାମଦେବ ଈଶ ॥ ଏ ଆଦି ନାମେ ଷଡ଼ଙ୍ଗରେ । ଯାହାଙ୍କୁ ବ୍ରହ୍ମା ଅମରେ ॥ କରନ୍ତି ନିତି ଆରାଧନା । ଜଗତେ ନାହିଁ ଯା ଉପମା ॥ ଛତିଶ ତତ୍ତ୍ୱ ବିଦ୍ୟାତୀତ । ତୁମ୍ଭେ ସେହି [illegible] । ପରମ ବ୍ରହ୍ମ ମହେଶ୍ୱର । କେ କହି ପାରିବ ଗୋଚର ।୪। ନବଧୂମ୍ରବାଳ ସମରଙ୍ଗ । ରକ୍ତବର୍ଣ୍ଣ ଯା ଅର୍ଦ୍ଧ ଅଙ୍ଗ ॥ ବାସବ-ମଣି-କାନ୍ତିସମ । ଯା ଅପରାର୍ଦ୍ଧ ମନୋରମ ॥ ତିନିଭୁବନ ଯେ ପୂଜିତ । ସେ ତିନିଗୁଣରୁ ଅତୀତ ॥ ତାମର ନପଦ ବିନାଶ । କାରଣ ରୂପେ ଯେ ପ୍ରକାଶ ॥

ପ୍ରବାଳପ୍ରବାହପ୍ରଭାଶୋଣମର୍ଦ୍ଧଂ, ମରୁତ୍ୱନ୍ମଣି ଶ୍ରୀମହଃଶ୍ୟାମମର୍ଦ୍ଧମ୍ ॥
ଗୁଣସ୍ୟୂତମେତଂ ବପୁଶ୍ଚୈକମନ୍ତଃ, ସ୍ମରାମି ସ୍ମରାପତ୍ତିସମ୍ପତ୍ତିହେତୁମ୍ ।୫।
ସ୍ୱସେବାସମାୟାତଦେବାସୁରେନ୍ଦ୍ରା, ନମନ୍ମୌଳିମନ୍ଦାରମାଳାଭିଷିକ୍ତଂ ॥
ନମସ୍ୟାମି ଶମ୍ଭୋ ପଦାମ୍ଭୋରୁହଂ ତେ, ଭବାମ୍ଭୋଧିପୋତଂ ଭବାନୀ ବିଭାବ୍ୟମ୍ ।୬।
ଜଗନ୍ନାଥ ମନ୍ନାଥ ଗୌରୀସନାଥ, ପ୍ରପନ୍ନାନୁକମ୍ପିନ୍ ବିପନ୍ନାର୍ତ୍ତିହାରିନ୍ ॥
ମହଃସ୍ତୋମମୂର୍ତ୍ତେ ସମସ୍ତୈକବନ୍ଧୋ, ନମସ୍ତେ ନମସ୍ତେ ପୁନସ୍ତେ ନମୋଽସ୍ତୁ ।୭।
ମହାଦେବ ଦେବେଶ ଦେବାଦିଦେବ, ସ୍ମରାରେ ପୁରାରେ ଯମାରେ ହରେତି ।
ବ୍ରୁବାଣଃ ସ୍ମରିଷ୍ୟାମି ଭକ୍ତ୍ୟା ଭବନ୍ତଂ, ତତୋ ମେ ଦୟାଶୀଳ ଦେବ ପ୍ରସୀଦ ।୮।
ବିରୂପାକ୍ଷ ବିଶ୍ୱେଶ ବିଶ୍ୱାଦିଦେବେଶ, ତ୍ରୟୀମୂଳ ଶମ୍ଭୋ ଶିବ ତ୍ର୍ୟମ୍ବକ ତ୍ୱଂ ।
ପ୍ରସୀଦ ସ୍ମରାରେ ତ୍ରାହି ପଶ୍ୟାବନତ୍ୟୈ, କ୍ଷମସ୍ୱାପ୍ନୁହି ତ୍ୱଂ କ୍ଷମା ତ୍ୱ କ୍ଷମାମଃ ।୯।
ତ୍ୱଦନ୍ୟଃ ଶରଣ୍ୟଃ ପ୍ରପନ୍ନସ୍ୟ ନେତି, ପ୍ରସୀଦ ସ୍ମରନ୍ନେବ ହନ୍ୟାସ୍ତୁ ଦୈନ୍ୟମ୍ ।
ନ ଚେତ୍ତେ ଭବେ ଭକ୍ତବାତ୍ସଲ୍ୟହାନିସ୍ତତୋ ମେ ଦୟାଳୋ ଦୟାଂ ସନ୍ନିଧେହି ।୧୦।
ଅୟଂ ଦାନକାଲସ୍ତ୍ୱହଂ ଦାନପାତ୍ରଂ ଭବାନ୍ନାଥଦାତା ତ୍ୱଦନ୍ୟଂ ନ ଯାଚେ ।
ଭବଦ୍ଭକ୍ତିମେବ ସ୍ଥିରାଂ ଦେହି ମହ୍ୟଂ, କୃପାଶୀଳ ଶମ୍ଭୋ କୃତାର୍ଥୋଽସ୍ମି ତସ୍ମାତ୍ ।୧୧।

ସେ ପରଂ ବ୍ରହ୍ମ ସନାତନ— । ଶିବଙ୍କୁ କରଇଁ ସ୍ମରଣ ।୫। ଯେବେ ତୁମ୍ଭ ସେବା କାରଣେ । ସୁର-ଅସୁର ଇନ୍ଦ୍ରମାନେ ॥ ଅର୍ପିଣ ତୁମ୍ଭ ଶ୍ରୀଚରଣେ । ମସ୍ତକ ଲଗାନ୍ତି ବହନେ ॥ ସେ କାଳେ ତାଙ୍କ ଶିର ସ୍ଥିତ । ମନ୍ଦାର କୁସୁମେ ରଞ୍ଜିତ ॥ ଦଶଇ ଚରଣ ତୁମ୍ଭର । ଭବସିନ୍ଧୁକୁ ଯେହ୍ନେ ତରି ॥ ଉମା ଯେ ପଦ ନିତ ଭଜେ । ନମେଁ ମୁଁ ସେ ପଦ-ପଙ୍କଜେ ।୬। ହେ ଜଗନ୍ନାଥ ଗୌରୀନାଥ । ହେ ଶମ୍ଭୁ ତୁମ୍ଭେ ମମ ନାଥ ॥ ପ୍ରପନ୍ନଅନୁ-କମ୍ପାକାରୀ ବିପନ୍ନ-ବିପଦ ସଂହାରୀ । ତୁମ୍ଭେ ନିଜ ତେଜ ବଳରେ । ବନ୍ଧୁ ବୋଲାଅ ବ୍ରହ୍ମାଣ୍ଡରେ ॥ ତବ ଚରଣେ ବାରମ୍ବାର ॥ ହେ ପ୍ରଭୁ କରେଁ ନମସ୍କାର ।୭। ଅହେ ଦେବେଶ ମହାଦେବ । ସ୍ମରାରି, ହେ ଦେବାଦିଦେବ ॥ପୁରାରି ଯମାରି ହେ ହର । ନମେ ଭକ୍ତରେ ଶ୍ରୀ ପଯ଼ର ॥ ପ୍ରସନ୍ନ ହୁଅ ମମପ୍ରତି । ହେ ଦୟାମୟ ପଶୁପତି ।୮। ଶମ୍ଭୁ ବିରୂପାକ୍ଷ ବିଶ୍ୱେଶ । ତ୍ରୟୀମୂଳ ବିଶ୍ୱାଦିଦେବେଶ ॥ ସ୍ମରଇଁ ଶିବ ତ୍ରିଲୋଚନ । ମୋଠାରେ ହୋଇ ସୁପ୍ରସନ୍ନ । କରୁଣା ଦୃଷ୍ଟି କରି ଦାନ । କର ହେ ମୋତେ ପରିତ୍ରାଣ । କ୍ଷମ ଅପରାଧ ଶତତେ । ରକ୍ଷାପେକ୍ଷଣ କର ମୋତେ ।୯। "ବିପନ୍ନଜନ ତ୍ରାଣକାରୀ । ତୁମ୍ଭ ବିନା ନାହିଁ କାହାରି ॥ ମୋଠାରେ ହୁଅ ପରସନ୍ନ ।" କହି ଯେ କରଇ ସ୍ମରଣ ॥ ତତ୍କ୍ଷଣେ ତାର ଦୁଃଖଚୟ । ହରଣ କର ଦୟାମୟ ॥ ଭକ୍ତ ବାତ୍ସଲ୍ୟ ଦୀନା ତବ । ହାନି ନୁହଇ ଗଙ୍ଗା-ଧର ॥ ଅହେ ଦୟାଳୁ ମହେଶ୍ୱର । ମୋ ପ୍ରତି କୃପାଦାନ କର । ୧୦ । ଏଦାନ କାଳେ ତ୍ର୍ୟମ୍ବକେଶ୍ୱର । ମୁହିଁ ଦାନପାତ୍ର ତୁମ୍ଭର ॥ ତୁମ୍ଭେ ଦାତା ବୋଲି ଜାଣିଛୁଁ । ମାଗୁଁ ନାହିଁ ମୁଁ

ବୃଷଂ ବେତ୍ସି ଚେତ୍ତ୍ୱାଂ ତ୍ୱମେବାଧିରୂଢ଼ଃ, କଳଙ୍କୀତି ବା ମୂର୍ଦ୍ଧ୍ନି ଧତ୍ସେ ତ୍ୱମେବ ।
ଦ୍ୱିଜିହ୍ୱଃ ପୁନଃ ସୋଽପି ତେ କଣ୍ଠଭୂଷା, ତ୍ୱଦଙ୍ଗୀକୃତାଃ ଶର୍ବ ସର୍ବେଽପି ଧନ୍ୟାଃ । ୧୨ ।

ନ ଶକ୍ନୋମି କର୍ତ୍ତୁଂ ପରଦ୍ରୋହଲେଶଂ, କଥଂ ପ୍ରୀୟସେ ତ୍ୱଂ ନ ଜାନେ ଗିରୀଶ ।
ତଦା ହି ପ୍ରସନ୍ନୋଽସି କସ୍ୟାପି କାନ୍ତାସୁତ ଦ୍ରୋହିଣୋ ବା ପିତୃଦ୍ରୋହିଣୋ ବା ।୧୩।

ସ୍ତୁତିଂ ଧ୍ୟାନମର୍ଚ୍ଚାଂ ଯଥାବଦ୍ୱିଧାତୁଂ, ଭଜନ୍ନପ୍ୟଜାନନ୍ମହେଶାବଲମ୍ବେ
ତ୍ରସନ୍ତଂ ସୁତଂ ତ୍ରାତୁମଗ୍ରେ ମୃକଣ୍ଡୋର୍ଯମପ୍ରାଣନିର୍ବାପଣଂ ତ୍ୱତ୍ ପଦାବ୍ଜଂ । ୧୪ ।

ଅକଣ୍ଠେ କଳଙ୍କାଦନଙ୍ଗେ ଭୁଜଙ୍ଗାଦପାଣୌ କପାଲାଦଭାଲେଽନଲାକ୍ଷାତ୍ ।
ଅମୌଳୌ ଶଶାଙ୍କାଦବାମେ କଳତ୍ରାଦହଂ ଦେବମନ୍ୟଂ ନ ମନ୍ୟେ ନ ମନ୍ୟେ । ୧୫ ।

ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଶ୍ରୀ ଶିବଭୁଜଙ୍ଗପ୍ରୟାତ ସ୍ତୋତ୍ରମ୍ ।

ଅନୁ କହୁ ॥ ତୁମ୍ଭ ଅଚଳା ଭକ୍ତି ମତେ । ପ୍ରଦାନ କର ବିଶ୍ୱପତେ । କୃପାକ୍ଷି ତବ କୃପା
ଦୃଷ୍ଟିରେ । କୃତାର୍ଥ ହେବି ମୁହିଁ ହେଲେ । ୧୧ । ପଶୁ ମଣୁଛ ମତେ ଯେବେ । ମୋ ପୃଷ୍ଠେ
ବସ ନାଥ ତେବେ ॥ ମୁଁ ଯେବେ କଳଙ୍କୀ ଅଟଇ । ତେବେ ମସ୍ତକେ ମୋତେ ଧର ।
ସର୍ପ ଭାବୁଛ ଯେବେ ମତେ । ଦେନ ତୁମ୍ଭର କଣ୍ଠଗତେ ॥ ତୁମ୍ଭ ଅଙ୍ଗରେ ଯେ ବସନ୍ତି ।
ଜଗତେ ଧନ୍ୟ ସେ ଅଟନ୍ତି । ୧୨ । ପରଦ୍ରୋହ କରିବା ପାଇଁ । ମୋର ଶକତି ଲେଶେ
ନାହିଁ । କି ପ୍ରକାରେ ହେବ ପ୍ରସନ୍ନ । ତାହା ନ ଜାଣେ ଗିରୀଶନ ॥ କେ କାନ୍ତା ଦ୍ରୋହୀ
ସୁତ ଦ୍ରୋହୀ । କେଏବା ଅଟେ ପିତୃଦ୍ରୋହୀ । ହେଲ ପ୍ରସନ୍ନ ତାଙ୍କୁ ଜିନା । କେ ସମର୍ଥ ତୁମ୍ଭ
ବିନା । ୧୩ । ନ ଜାଣଇଁ ମୁଁ ସ୍ତୁତି ଧ୍ୟାନ । ନ ଜାଣେ ଅର୍ଚ୍ଚନା ବିଧାନ । ଯଥାବିଧି
ଜାଣିବା ପାଇଁ । ତୁମ୍ଭଙ୍କୁ ଆଶ୍ରିଲୁଁ ଗୋସାଇଁ ॥ ତ୍ରାସିତ ମୃକଣ୍ଡୁ ନନ୍ଦନେ । ତ୍ରାଣ କଲ
ପ୍ରସନ୍ନ ବଦନେ ॥ ତୁମ୍ଭ ପାଦ ପଦ୍ମ ଭରସୁ । ନିବାରେ ଯମରାଜ ଦସ୍ୟୁ ॥ ପ୍ରାଣର
ନିର୍ବାପଣକାରୀ । ଜୟ ହେ ଭବ ଭୟ-ହାରୀ ।୧୪। କଣ୍ଠେ ନୀଳିମା ନାହିଁ ଯାର । ଅଙ୍ଗେ
ନାହିଁ ଯା ଅହି ହାର ନୃମୁଣ୍ଡ ଧର ନାହିଁ କରେ । ଅଗ୍ନି ନେତ୍ର ନାହିଁ ଭାଲରେ ॥
ମସ୍ତକେ ନାହିଁ ନିଶାପତି । ବାମାଙ୍ଗେ ନାହିଁ ଯା ଯୁବତୀ ॥ ଏମନ୍ତ ମରତେ କ ମୁହିଁ ।
ଦେବତା ବୋଲି ନ ମଣଇଁ ॥ ୧୫ ।

ପାଣ୍ଡୁରଙ୍ଗାଷ୍ଟକମ୍

ମହାଯୋଗପୀଠେ ତଟେ ଭୀମରଥ୍ୟା, ବରଂ ପୁଣ୍ଡରୀକାୟ ଦାତୁଂ ମୁନୀନ୍ଦ୍ରୈଃ ।
ସମାଗତ୍ୟ ତିଷ୍ଠନ୍ତମାନନ୍ଦକନ୍ଦଂ, ପରବ୍ରହ୍ମଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୧ ।
ତଡିଦ୍ୱାସସଂ, ନୀଳମେଘାବଭାସଂ, ରମାମନ୍ଦିରଂ ସୁନ୍ଦରଂ ଚିତ୍ ପ୍ରକାଶଂ ।
ବରାନ୍ତ୍ୱିଷ୍ଟକାୟାଂ ସମନ୍ୟସ୍ତପାଦଂ, ପରବ୍ରହ୍ମଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୨ ।
ପ୍ରମାଣଂ ଭବାବ୍ଧେରିଦଂ ମାମକାନାଂ, ନିତମ୍ବଃ କରାଭ୍ୟାଂ ଧୃତୋ ଯେନ ତସ୍ମାତ୍
ବିଧାତୁର୍ବସତ୍ୟୈ ଧୃତୋ ନାଭି କୋଷଃ, ପରବ୍ରହ୍ମଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୩ ।
ସ୍ଫୁରତ୍ କୌସ୍ତୁଭାଲଙ୍କୃତଂ କଣ୍ଠଦେଶେ, ଶ୍ରିୟାଜୁଷ୍ଟକେୟୂରକଂ ଶ୍ରୀନିବାସମ୍ ।
ଶିବଂ ଶାନ୍ତମୀଡ୍ୟଂ ବରଂ ଲୋକପାଳଂ, ପରବ୍ରହ୍ମଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୪ ।

ପାଣ୍ଡୁରଙ୍ଗାଷ୍ଟକ

ରାଗ-ଚକ୍ରକେଳୀ

ଭୀମରଥୀ-ନଦୀ-ରମ୍ୟ-ତଟରେ । ପୁଣ୍ଡରୀକମହାଯୋଗ-ପୀଠରେ ॥
ଅବରନ୍ତେ ତପ ଏକମନରେ । ବରଦେବା ପାଇଁ ମୁନିମେଳରେ ॥
ଯେହୁ ହୋଇଛନ୍ତି ବିରାଜମାନ । ସେହୁ ପରଂବ୍ରହ୍ମ ମଙ୍ଗଳଧାମ ।—
ପାଣ୍ଡୁରଙ୍ଗନାମେ ଲିଙ୍ଗରୂପରେ । ଭଜନ୍ତି ସତତ ଭକତ ଭରେ । ୧ ।
ତଡ଼ିତ ବରଣ ଯାର ବସନ । ନୀଳମେଘ ସମ ଯା ଅପଘନ[1] ॥
ଜ୍ଞାନ-ପ୍ରକାଶକ ତନୁ ସୁନ୍ଦର । ଯେହୁ କମଳାର ଲୀଳା-ମନ୍ଦିର ॥
ପୁରୁଷୋତ୍ତମ ମୂର୍ତ୍ତି-ସମ୍ପଦ । ଇଷ୍ଟକ ଉପରେ ଦେଇଣି ପଦ ॥
ହୋଇଛନ୍ତି ଯେହୁ ବିରାଜମାନ । ସେହୁ ପରଂବ୍ରହ୍ମ ମଙ୍ଗଳଧାମ ॥—
ପାଣ୍ଡୁରଙ୍ଗନାମେ ଲିଙ୍ଗ ରୂପରେ । ଭଜନ୍ତି ସତତ ଭକତଭରେ । ୨ ।
ଯେ କାଳେ ପ୍ରଳୟ-ପୟୋଧି-ଜଳେ । ବୁଡ଼ିଥିଲେ ସବୁ, ହସ୍ତଯୁଗଳେ ॥—
ଧରିଥିଲେ, ଯେହୁ ନାଭି-କୋଷରେ । ଦେଇଥିଲେ ସ୍ଥାନ ପଦ୍ମ କୁଣରେ[2] ॥
(ସେହୁ ପରଂବ୍ରହ୍ମଲିଙ୍ଗ ପାଣ୍ଡୁରଙ୍ଗଙ୍କୁ । ଭଜନ୍ତି ସତତ ଯୋଡ଼ି କରକୁ ।୩।
ଝଳ୍କନ କୌସ୍ତୁଭମଣି ଭୂଷଣ । ଯେଣି ଯାର କଣ୍ଠ ଦେଶେ ଶୋଭନ ॥
ଶ୍ରୀୟା-ସେବିତ ଯା କେୟୂରଦ୍ୱୟ । ଅଟନ୍ତି ଯେ ପୁଣି ଲକ୍ଷ୍ମୀ ଆଳୟ ॥
ଶିବ ଶାନ୍ତ ସର୍ବ ଲୋକ ବନ୍ଦିତ । ଲୋକପାଳ, ଲୋକ ଅଗ୍ର-ଗଣିତ ॥
ପରଂ ବ୍ରହ୍ମଲିଙ୍ଗ ସେ ପାଣ୍ଡୁରଙ୍ଗେ । ଭଜନ୍ତି ସତତ ଭକ୍ତ-ସାରଙ୍ଗେ । ୪ ।

---

୧. ଦେହ । ୨ ବ୍ରହ୍ମାଙ୍କୁ ।

ଶରଚ୍ଚନ୍ଦ୍ରବିମ୍ବାନନଂ ଚାରୁହାସଂ, ଲସତ୍କୁଣ୍ଡଳାକ୍ରାନ୍ତଗଣ୍ଡସ୍ଥଳାଙ୍ଗମ୍ ।
ଜବାରାଗବିମ୍ବାଧରଂ କଞ୍ଜନେତ୍ରଂ, ପରବ୍ରହ୍ମଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୫ ।
କିରୀଟୋଜ୍ଜ୍ୱଳତ୍ ସର୍ବଦିକ୍ ପ୍ରାନ୍ତଭାଗଂ, ସୁରୈରର୍ଚ୍ଚିତଂ ଦିବ୍ୟରତ୍ନୈରନର୍ଘୈଃ ।
ତ୍ରିଭଙ୍ଗାକୃତିଂ ବର୍ହିମାଲ୍ୟାବତଂସଂ, ପରବ୍ରହ୍ମ ଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୬ ।
ବିଭୁଂ ବେଣୁନାଦଂ ଚରନ୍ତଂ ଦୁରନ୍ତଂ, ସ୍ୱୟଂ ଲୀଳୟା ଗୋପବେଶଂ ଦଧାନଂ ।
ଗବାଂ ବୃନ୍ଦକାନନ୍ଦଦଂ ଚାରୁହାସଂ ପରବ୍ରହ୍ମଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ୭ ।
ଅଜଂ ରୁକ୍ମିଣୀ ପ୍ରାଣସଞ୍ଜୀବନଂ ତଂ, ପରନ୍ଧାମ କୈବଲ୍ୟମେକଂ ତୁରୀୟମ୍ ।
ପ୍ରସନ୍ନଂ ପ୍ରପନ୍ନାର୍ତ୍ତିହଂ ଦେବଦେବଂ, ପରବ୍ରହ୍ମ ଲିଙ୍ଗଂ ଭଜେ ପାଣ୍ଡୁରଙ୍ଗମ୍ । ।
ସ୍ତବଂ ପାଣ୍ଡୁରଙ୍ଗସ୍ୟ ବୈ ପୁଣ୍ୟଦଂ ଯେ, ପଠନ୍ତ୍ୟେକଚିତ୍ତେନ ଭକ୍ତ୍ୟା ଚ ନିତ୍ୟମ୍ ।
ଭବାମ୍ଭୋନିଧିଂ ତେଽପି ତୀର୍ତ୍ତ୍ୱାନ୍ତକାଲେ, ହରେରାଳୟଂ ଶାଶ୍ୱତଂ ପ୍ରାପ୍ନୁବନ୍ତି । ୯ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଶ୍ରୀ ପାଣ୍ଡୁରଙ୍ଗାଷ୍ଟକସ୍ତୋତ୍ରଂ ।

ଶରଦ-ଚନ୍ଦ୍ରମା-ବିମ୍ବ-ଆନନ । ତହିଁ ଚାରୁହାସ ଦିଶେ ଶୋଭନ ॥
କୁଣ୍ଡଳ-ଲମ୍ବିତ-ଗଣ୍ଡ-ସୁନ୍ଦର । ଜବାବିମ୍ବ ସମରଙ୍ଗ ଅଧର ॥
ସେହି ପାଣ୍ଡୁରଙ୍ଗ କଞ୍ଜ-ନୟନ । ପରଂବ୍ରହ୍ମ ଲିଙ୍ଗେ କରେଁ ସ୍ମରଣ ।୫।
ଦଶ ଦିଗନ୍ତର ସକଳ ସ୍ଥଳେ । ଯାହାର କିରୀଟ † କାନ୍ତି ଉଜ୍ଜ୍ୱଳେ ॥
ଦେବତାଏ ଯାର ପଦ୍ମ ଚରଣେ । ପୂଜନ୍ତି ଅମୂଲ୍ୟ ଦିବ୍ୟ-ରତନେ ॥
ତ୍ରିଭଙ୍ଗରେ ଯେହୁ ହୋଇଣ ଉଭା । ଚନ୍ଦ୍ରିକା ମାଳାରେ ଦିଶନ୍ତି ଶୋଭା ॥
ସେହୁ ପାଣ୍ଡୁରଙ୍ଗ ଦୁଃଖି-ଶରଣ । ପରଂବ୍ରହ୍ମ ଲିଙ୍ଗେ କରେଁ ପୂଜନ । ୬ ।
ବେଣୁ ବଜାଇ ଯେ ସଦା ବିଳାସେ । ଦୁର୍ଲକ୍ଷ୍ୟ ଭୂମାନନ୍ଦ ଲୀଳା ପ୍ରକାଶେ ॥
କରେକ ଗୋପାଳ ବେଶ ଧାରଣ । କଲେ ଯେ ଗୋବତ୍ସ ହର୍ଷବର୍ଦ୍ଧନ ॥
ମନ୍ଦହାସ ଶୋହେ ଚାରୁବଦନେ । ସେହି ପରଂବ୍ରହ୍ମ ଲିଙ୍ଗ ଆସନେ ॥
ଭଜେ ପାଣ୍ଡୁରଙ୍ଗ ଶ୍ରୀ ନାରାୟଣେ । ତରିବାକୁ ଭବ ଜଳଧି ବନ୍ଧନେ ।୭।
ରୁକ୍ମିଣୀ ଦେବୀ ପ୍ରାଣ ସଞ୍ଜୀବନ । ପରମ ଧାମ ଯେ ଅଜ ବାମନ ॥
କୈବଲ୍ୟ ଦାତା ନିତ୍ୟ ତୁରୀୟ । ବ୍ରହ୍ମାଣ୍ଡ ମଧ୍ୟରେ ଯେ ଅଦ୍ୱିତୀୟ ॥
ଶରଣାଗତର କଷ୍ଟ ନାଶନ । ହୁଅନ୍ତି, ଯେ ହେଲେ ସୁପ୍ରସନ୍ନ ॥
ସେହି ଦେବଦେବ ପରମ ବ୍ରହ୍ମେ । ପାଣ୍ଡୁରଙ୍ଗ ଲିଙ୍ଗେ ସତତ ନମେଁ ॥
ଯେହୁ ପ୍ରତିଦିନ ଏକ ମନରେ । ପଢ଼ଇ ଏ ସ୍ତବ ଭକତି ଭରେ ॥
ଅନ୍ତକାଳେ ତରି ଭବ-ସାଗର । ବୈକୁଣ୍ଠେ ସେହି ଗମେ ସତ୍ୱର । ୯ ।

---

† ମୁକୁଟ ।

ନାରାୟଣ ସ୍ତୋତ୍ରମ୍

କରୁଣା ପାରାବାର । ବରୁଣାଳୟଗମ୍ଭୀର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧ । ଘନ ନୀରଦ ସଙ୍କାଶ । କୃତକଲି କଲ୍ମଷ ନାଶ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୨ । ଯମୁନାତୀର ବିହାର ଧୃତ କୌସ୍ତୁଭ ମଣିହାର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥୩॥ ପୀତାମ୍ବର ପରିଧାନ ସୁର କଲ୍ୟାଣ ନିଧାନ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ।୪। ମଞ୍ଜୁଳ ଗୁଞ୍ଜାଭୂଷା ମାୟାମାନୁଷ ବେଶ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ।୫। ରାଧାଧର ମଧୁ ରସିକା ରଜନୀ କର କୁଳତିଳକା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥ ୬ ॥ ମୁରଳୀ ଗାନ ବିନୋଦା ବେଦସ୍ତୁତଭୂ ପାଦା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥

ନାରାୟଣ ସ୍ତୋତ୍ର

ରାଗ-ରାମକେରୀ ।

କରୁଣା ପାରାବାର ତବ ବରୁଣାଳୟ ସମ ।
କଳି କଲ୍ମଷ ବିନାଶନ ନବଘନ ବରଣ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ ॥ ୧ । ୨॥

ଯମୁନା ତଟ ବିହାରୀ ହେ ପୀତଅମ୍ବର ଧାରୀ ।
କଉସ୍ତୁଭ ମଣି ହାରୀ ହେ ସୁର କଲ୍ୟାଣ-କାରୀ ।
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ ॥ ୩ । ୪ ॥

ମାୟା ମନୁଷ୍ୟ ବେଶ ଧାରୀ ମଞ୍ଜୁ ଗୁଞ୍ଜ ଭୂଷକ ।
ରାଧାଧର-ମଧୁ ରସିକ ବିଧୁ-କୁଳ-ତିଳକ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୫ । ୬ ॥

ବର୍ହିନିବର୍ହାପୀଡ଼ା ନଟନାଟକ ଫଣିକ୍ରୀଡ଼ା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥ ୮ ॥ ବାରିଜ ଭୂଷାଭରଣା ରାଧାରୁକ୍ମିଣୀ
ରମଣା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ
ଗୋପାଳ ହରେ । ୯ । ଜଳରୁହଦଳନିଭନେତ୍ରା ଜଗଦାରମ୍ଭକ ସୂତ୍ରା । ନାରାୟଣ
ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୦ ।
ପାତକରଜଂ ସଂହର କରୁଣାଳୟମାମୁଦ୍ଧର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ଜୟ ଗୋପାଳ ହରେ ।୧୧ । ଅଘବକକ୍ଷୟ-କଂସାରେ କେଶବ
କୃଷ୍ଣ ମୁରାରେ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ
ଗୋପାଳ ହରେ । ୧୨ । ହାଟକନିଭପୀତାମ୍ବର ଅଭୟଂ କୁରୁ ମେ ମାଧବ । ନାରାୟଣ
ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୩ ।
ଦଶରଥରାଜକୁମାର ଦାନବମଦସଂହାର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ଜୟ ଗୋପାଳ ହରେ ।୧୪। ଗୋବର୍ଦ୍ଧନଗିରିରମଣା । ଗୋପୀମାନସ

ମୁରଲୀ ଗାନ ବିନୋଦିଆ ବର୍ହି ବର୍ହ ଚୂଳିଆ † ।
ବେଦ-ବିବନ୍ଦିତ ପଦଅ ଫଣୀ ନାଟ ନାଟିଆ ✽
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ॥ ୭ । ୮ ॥
ହେ ରାଧା ରୁକ୍ମିଣୀ ରମଣ ବାରିଜ ବିଭୂଷଣ ।
ବ୍ରହ୍ମାଣ୍ଡ ଉତ୍ପତ୍ତି କାରଣ ଜଳରୁହ ଲୋଚନ ॥ ×
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ ॥ ୯ । ୧୦ ॥
ପାପ ନାଶୀ କରୁଣାଳୟ କୃଷ୍ଣ ମୋତେ ଉଦ୍ଧର ।
କେଶବ କଂସାରି ମୁରାରି ଅଘ-ବକ-ସଂହର ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୧୧ । ୧୨
ହାଟକ-ନିଭ-ପୀତାମ୍ବର + ମୋତେ ଅଭୟ କର ।
ଦଶରଥ-ରାଜକୁମାର ଦାନବ-ମଦହର ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୧୩ । ୧୪ ।

---

† ମୟୂରପୁଚ୍ଛଧାରୀ । ✽ କାଳୀୟ ଶିରରେ ଯେ ନୃତ୍ୟ କରିଥିଲେ । × ପଦ୍ମନେତ୍ର ।
+ ସ୍ୱର୍ଣ୍ଣ ବର୍ଣ୍ଣ ପରି ଉଜ୍ଜ୍ୱଳ ବସ୍ତ୍ରଧାରୀ ।

ହରଣା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ।୧୫। ସରଯୂତୀରବିହାରୀ ସଜ୍ଜନଋଷିମନ୍ଦାରୀ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୬ । ବିଶ୍ୱାମିତ୍ରମଖତ୍ରା ବିବିଧପରାସୁଚରିତ୍ରା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୭ । ଧ୍ୱଜବଜ୍ରାଙ୍କୁଶପାଦା ଧରଣୀସୁତାସହମୋଦା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୮ । ଜନକସୁତା ପ୍ରତିପାଳ ଜୟ ଜୟ ସଂସ୍ମୃତିଲୀଳା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ ॥ ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୯ । ଦଶରଥବାଗ୍ ଧୃତଭାର ଦଣ୍ଡକ ବନ ସଞ୍ଚାର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୨୦ । ମୁଷ୍ଟିକଚାଣୂରସଂହାର ମୁନିମାନସ ବିହାର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ।୨୧। ବାଲୀନିଗ୍ରହଶୌର୍ଯ୍ୟା ବରସୁଗ୍ରୀବହିତାର୍ଯ୍ୟା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥

ଗୋବର୍ଦ୍ଧନ ଗିରିଧାରୀ ହେ ଗୋପୀ ମାନସ ହାରୀ ।
ସରଯୂ-ପୁଳିନ-ବିହାରୀ- ଜନକ-ତୋଷକାରୀ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୧୫ । ୧୬

ବିଶ୍ୱାମିତ୍ର-ମଖ-ରକ୍ଷକ ବିବିଧ-ଆଚରଣ ।
ଧ୍ୱଜ-ବଜ୍ରାଙ୍କୁଶ-ଚରଣ ଧରାସୁତା-ରମଣ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ॥
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୧୭ । ୧ ।

ଜନକ-ସୁତା-ପ୍ରତିପାଳ ଜଗତ-ଲୀଳାକାରୀ ।
ଦଶରଥ-ବଚନ-ଧାରୀ ଦଣ୍ଡକ-ବନ-ଗୃହୀ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୧୯ ।। ୨୦ ।

---

୧ ବିଶ୍ୱାମିତ୍ର ଯଜ୍ଞ ରକ୍ଷାକାରୀ ।

ମାଂ ମୁରଲୀକର ଧୀବର ପାଳୟ ପାଳୟ ଶ୍ରୀଧର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ ! ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥୨୩ । ଜଳନିଧି-ବନ୍ଧନଧୀର ରାବଣକଣ୍ଠବିଦାର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥ ୨୪ ॥ ତାଳୀଦଳଦଳନାଶ୍ୟ ନଟଗୁଣ ବିବିଧଧନାଢ୍ୟ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ ॥୨୫ ॥ ଗୌତମପତ୍ନୀ ପୂଜନ କରୁଣାଘନାବଲୋକନ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ସମ୍ଭ୍ରମସୀତାହାର ସାକେତପୁର ବିହାର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୨୭ । ଅଚଳୋଦ୍ଧୃତଚଞ୍ଚତ୍କର ଭକ୍ତାନୁଗ୍ରହ ତତ୍ପର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୨୮ ।

ମୁଷ୍ଟିକ-ଚୂର୍ଣ୍ଣକ-ସଂହାରୀ ମୁନି-ମନ-ବିହାରୀ ।
ବାନର-ସୁଗ୍ରୀବ-ହିତୈଷୀ ବାଲୀ-ନିଗ୍ରହ-କାରୀ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ ॥୨୧।୨୨॥

ଶ୍ରୀଧର ଧୀବର ମୁରଲୀ-କର କର ପାଳନ ।
ଜଳନିଧି-ବନ୍ଧନ-କର ଦଶକନ୍ଧର-ଦାରଣ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୨୩ । ୨୪ ।

ତାଳ-ବନ-ଧ୍ୱଂଶୀ-ଧେନୁକା-ନାଶୀ ହେ ନଟବର ।
ଗୌତମ-ନାରୀ-ପୂଜାଧାରୀ ମୋତେ କରୁଣା କର ।
ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୨୫ । ୨୬ ।

× ଅଧୋକ୍ଷଜ = ୧ଅଧୋକ୍ଷ = ନିମ୍ନସ୍ଥ ଇନ୍ଦ୍ରିୟ = ପାଦ, ଅଧୋକ୍ଷଜ = ପାଦରୁ ଯେ ଜାତ ହୋଇଥିଲା । ବସ୍ତୁ ମହାଦେବଙ୍କ ପାଦରୁ ଜନ୍ମିଥିଲେ । ଅଧୋକ୍ଷ = ଜଡେନ୍ଦ୍ରିୟ, ଅଧୋକ୍ଷଜ = ଯେ ଜଡେନ୍ଦ୍ରିୟମାନଙ୍କ ପ୍ରତ୍ୟକ୍ଷୀଭୂତ ହୁଅନ୍ତି । ୩ ଅଧଃ ପ୍ରଦେଶରେ କୃଷ୍ଣଙ୍କର କ୍ଷୟ ନାହିଁ । (ମୋହାଦ୍ଗର) ୪ ଅତନ୍ଦ୍ରିୟ

ନୈଗମଗାନବିନୋଦ ରକ୍ଷଃସୁତ ପ୍ରହ୍ଲାଦା । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୨୯। ଭାରତ ଯତବର ଶଙ୍କର ନାମାମୃତମଖିଳାନ୍ତର । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ । ନାରାୟଣ ନାରାୟଣ ଜୟ ଗୋପାଳ ହରେ । ୩୦ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ନାରାୟଣ ସ୍ତୋତ୍ରଂମ୍

ହେ ସାକେତପୁର-ବିହାରୀ † ସୀତା-ସମ୍ଭ୍ରମ-ହାରୀ ।
ଅଚଳ-ଗୋବର୍ଦ୍ଧନ-ଧାରୀ ଭକ୍ତାନୁଗ୍ରହ-କାରୀ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ।
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ ॥ ୨୭ । ୨୮ ॥
ନିଗମ-ଗାନ-ବିନୋଦଅ ରକ୍ଷ-ସୁତ-ପ୍ରହ୍ଲାଦ❋ ।
ଭାରତ-ଯତୀଶ-ଶଂକର × ନାମାମୃତ ତୋଷଦ ॥
ନାରାୟଣ ନାରାୟଣ ହେ ଜୟ ଗୋବିନ୍ଦ ହରେ ॥
ନାରାୟଣ ନାରାୟଣ ହେ ଜୟ ଗୋପାଳ ହରେ । ୨୯ । ୩୦ ॥

---

† ଅଯୋଧ୍ୟାପୁର ବିହାରକାରୀ । ❋ରକ୍ଷସମାନଙ୍କର ନାଶକର୍ତ୍ତା । × ଭାରତ ଅଧ ମୁଖ ଶ୍ରେଷ୍ଠମାନଙ୍କର ମଙ୍ଗଳକାରୀ ।

ଅଚ୍ୟୁତାଷ୍ଟକମ୍

ଅଚ୍ୟୁତଂ କେଶବଂ ରାମନାରାୟଣଂ କୃଷ୍ଣ ଦାମୋଦରଂ ବାସୁଦେବଂ ହରିଂ ।
ଶ୍ରୀଧରଂ ମାଧବଂ ଗୋପିକାବଲ୍ଲଭଂ ଜାନକୀନାୟକଂ ରାମଚନ୍ଦ୍ରଂ ଭଜେ । ୧ ।
ଅଚ୍ୟୁତଂ କେଶବଂ ସତ୍ୟଭାମାଧବଂ ମାଧବଂ ଶ୍ରୀଧରଂ ରାଧିକାରାଧିତମ୍ ।
ଇନ୍ଦିରାମନ୍ଦିରଂ ଚେତସା ସୁନ୍ଦରଂ ଦେବକୀନନ୍ଦନଂ ନନ୍ଦଜଂ ସନ୍ଦଧେ । ୨ ।
ବିଷ୍ଣବେ ଜିଷ୍ଣବେ ଶଙ୍ଖିନେ ଚକ୍ରିଣେ ରୁକ୍ମିଣୀରାଗିଣେ ଜାନକୀଜାନୟେ ।
ବଲ୍ଲବୀବଲ୍ଲଭାୟାର୍ଚ୍ଚିତାୟାତ୍ମନେ କଂସବିଧ୍ୱଂସିନେ ବଂଶିନେ ତେ ନମଃ ॥ ୩ ॥
କୃଷ୍ଣ ଗୋବିନ୍ଦ ହେ ରାମନାରାୟଣ ଶ୍ରୀପତେ ବାସୁଦେବାଜିତ ଶ୍ରୀନିଧେ ।
ଅଚ୍ୟୁତାନନ୍ତ ହେ ମାଧବାଧୋକ୍ଷଜ ଦ୍ୱାରକାନାୟକ ଦ୍ରୌପଦୀ ରକ୍ଷକ । ୪ ।
ରାକ୍ଷସକ୍ଷୋଭିତଃ ସୀତୟା ଶୋଭିତୋ ଦଣ୍ଡକାରଣ୍ୟଭୂପୁଣ୍ୟତା କାରଣମ୍ ॥
ଲକ୍ଷ୍ମଣେନାନ୍ୱିତୋ ବାନରୈଃ ସେବିତୋଽଗସ୍ତ୍ୟସମ୍ପୂଜିତୋ ରାଘବଃ ପାତୁମାମ୍ ।
ଧେନୁକାରିଷ୍ଟକୋଽନିଷ୍ଟକୃଦ୍ଦ୍ୱେଷିଣାଂ କେଶିହା କଂସହୃଦ୍ବଂଶିକାବାଦକଃ ।
ପୂତନାକୋପକଃ ସୂରଜାଖେଲନୋ ବାଲଗୋପାଲକଃ ପାତୁମାଂ ସର୍ବଦା ୬ ।

ଅଚ୍ୟୁତାଷ୍ଟକ

ରାଗ—ଯୋଇ

କୃଷ୍ଣ, ଅଚ୍ୟୁତ, କେଶବ, ହରି ବାସୁଦେବ, ରାମନାରାୟଣ ଦାମୋଦର ।
ଭଜେଁ, ଶ୍ରୀଧର ମାଧବ, ଗୋପିକା-ବଲ୍ଲଭ, ଜାନକୀ-ନାୟକ ରଘୁବର । ୧ ।
ବନ୍ଦେଁ, ଅଚ୍ୟୁତ କେଶବ, ସତ୍ୟଭାମାଧବ, ଶ୍ରୀଧର ରାଧିକାରାଧିତଙ୍କୁ ।
ବନ୍ଦେଁ ଇନ୍ଦିରା ମନ୍ଦିର, ଜଗତ ସୁନ୍ଦର, ଦେବକୀ-ନନ୍ଦନ ନନ୍ଦଜଙ୍କୁ । ୨ ।
ନମେଁ ଜାନକୀ-ନାୟକ ରୁକ୍ମିଣୀ ରଞ୍ଜକ ବିଷ୍ଣୁ, ଜିଷ୍ଣୁ, ଶଙ୍ଖ ଚକ୍ରଧାରୀ ।
ବଲ୍ଲବୀ ପ୍ରାଣବଲ୍ଲଭ ୟା ଅପାର ଦ୍ରଷ୍ଟ୍ରି, ବଂଶୀଧର କଂସ-ଧ୍ୱଂସକାରୀ । ୩ ।
କୃଷ୍ଣ ଗୋବିନ୍ଦ ଅଚ୍ୟୁତ, ଶ୍ରୀପତି ଅଜିତ, ଶ୍ରୀନିଧି, ଶ୍ରୀରାମ, ନାରାୟଣ ।
ଦ୍ରୌପଦୀ-ମାନରକ୍ଷକ, ଦ୍ୱାରକା-ନାୟକ, ଅଧୋକ୍ଷଜ ଅନନ୍ତ ବାମନ । ୪ ।
ରଘୁ, ରାକ୍ଷସ କ୍ଷୋଭକ, ଜାନକୀ ସେବିତ, ଦଣ୍ଡକାରଣ୍ୟ ପୁଣ୍ୟ-କାରଣ ।
ସଉମିତ୍ରି-ସମନ୍ୱିତ, ବାନର ସେବିତ, ଅଗସ୍ତ୍ୟ, ପୂଜିତ ଶ୍ରୀ ରମଣ । ୫ ।
ରିପୁ-ଅନିଷ୍ଟ-କାରକ, ଧେନୁକା, ହାରକ କଂସ-କେଶୀ, ନାଶୀ, ବଂଶୀଧର ।
ପୂତନା-ପରାଣ-ହାରୀ କାଳିନ୍ଦୀ ବିହାରୀ, ବାଳଗୋପାଳକ ରକ୍ଷାକର । ୬ ।

୍ୟା ଗୋପୀନାଥ ।

ବଦ୍ୟୁଦୁଦ୍ୟୋତବତ୍ ପ୍ରସ୍ଫୁରଦ୍‌ବାସସଂ ପ୍ରାବୃଡମ୍ଭୋଦବତ୍ ପ୍ରୋଲ୍ଲସଦ୍‌ବିଗ୍ରହମ୍ ॥
ବନ୍ୟୟା ମାଲୟା ଶୋଭିତୋରଃସ୍ଥଳଂ ଲୋହିତାଙ୍ଘ୍ରିଦ୍ୱୟଂ ବାରିଜାକ୍ଷଂ ଭଜେ ।୭।
କୁଞ୍ଚିତୈଃ କୁନ୍ତଳୈର୍ଭ୍ରାଜମାନାନନଂ ରତ୍ନମୌଳିଂ ଲସତ୍ କୁଣ୍ଡଳଂ ଗଣ୍ଡୟୋଃ ।
ହାରକେୟୂରକଂ କଙ୍କଣ ପ୍ରୋଜ୍ଜ୍ୱଳଂ କିଙ୍କିଣୀମଞ୍ଜୁଳଂ ଶ୍ୟାମଳନ୍ତଂ ଭଜେ । ୮ ।

ଅଚ୍ୟୁତସ୍ୟାଷ୍ଟକଂ ଯଃ ପଠେଦିଷ୍ଟଦଂ ପ୍ରେମତଃ ପ୍ରତ୍ୟହଂ ପୂରୁଷଃ ସସ୍ପୃହମ୍ ।
ବୃତ୍ତତଃ ସୁନ୍ଦରଂ କର୍ତୃବିଶ୍ୱମ୍ଭରଂ ତସ୍ୟ ବଶ୍ୟୋ ହରିର୍ଜାୟତେ ସତ୍ୱରମ୍ । ୯ ।

ଇତି ଶ୍ରୀଶଙ୍କରାଚାର୍ଯ୍ୟ ବିରଚିତଂ ଅଚ୍ୟୁତାଷ୍ଟକମ୍ ।

ଏଣକାନ୍ତି[1] ଜଢ଼-ବସନ ଶୋଭିତ, ପ୍ରାବୃଟ୍[2]-ନୀରଦ-ନିଭ ଅଙ୍ଗ ।
ବନମାଳା-ଶୋଭି-ବକ୍ଷ, ବନଜାକ୍ଷ ରକ୍ଷ, ଚରଣ ଦ୍ୱୟ ଲୋହିତରଙ୍ଗ । ୭ ।

ଶୋଭେ, କୁଞ୍ଚିତ କୁନ୍ତଳ ବଦନ-ମଣ୍ଡଳ ରତ୍ନମୌଳୀ ଶ୍ରବଣେ କୁଣ୍ଡଳ ।
ହାର-କେୟୂର କଙ୍କଣ, କିଙ୍କିଣୀ-ମଣ୍ଡନ, ଭଜେଁ ସେ ଶ୍ୟାମଳ ସମୁଜ୍ଜ୍ୱଳ । ୮ ।

ଅଚ୍ୟୁତ ଅଷ୍ଟକେ ଏହୁ, ଭକ୍ତିପ୍ରେମେ ଯେହୁ, ପଢ଼େ ପ୍ରତିଦିନ ଇଷ୍ଟ-ପ୍ରଦ ।
ପାଠମାନେ ବଶୀଭୂତ, ହୁଅନ୍ତି ଅଚ୍ୟୁତ, ନାଶନ୍ତି ତାର ପାପ ବିପଦ । ୯ ।

---

୧ । ବିଜୁଳୀ । ୨ । ବର୍ଷାକାଳ ।

ଦଶାବତାର ସ୍ତୋତ୍ରମ୍ ।

ଚଳକ୍ଷୋଳ କଲ୍ଲୋଳ କଲ୍ଲୋଳିନୀଶ ସ୍ଫୁରନ୍ନକ୍ରଚକ୍ରାକୁଳକ୍ଷ୍ମାମ୍ବୁଲୀନଃ ।
ହୃତୋ ଯେନ ମୀନାବତାରେଣ ଶଙ୍ଖଃ, ସ ପାୟାଦପାୟାଜ୍ଜଗଦ୍ୱାସୁଦେବଃ । ୧ ।
ଧରାନିର୍ଜ୍ଜରାରାତିଭାରାଦ ପାରାଦକୂପାର ନୀରା ତୁରାଧଃ ପତନ୍ତୀ ।
ଧୃତା କୂର୍ମ୍ମରୂପେଣ ପୃଷ୍ଠୋପରିଷ୍ଟେ, ସ ଦେବୋଽମୃତେ ବୋଽସ୍ତୁ ଶେଷାଙ୍ଗଶାୟୀ ॥
ଜଗଦ୍ଗ୍ରେ ରଦାଗ୍ରେ ସତୋଽହ୍ନାପି ଯେନା, ସ୍ଥିତା ତସ୍ଥୁଷଃ କେ ଛଟାଗ୍ରେ ଖଡ୍ଗନେତ୍ରଃ ।
ତନୋତୁ ଶ୍ରିୟଂ ସଶ୍ରିୟଂ ନମ୍ରନେତୁ ପ୍ରଭୁଃ ଶ୍ରୀ ବରାହାବତାରୋ ମୁରାରିଃ । ୩ ।
ଜଠରଦାର ଆରମ୍ଭସଂରମ୍ଭିଶୋଣେକ୍ଷଣୌ, ରମାସମ୍ଭ୍ରମାଭଙ୍ଗୁରାଗ୍ରୈର୍ନଖାଗ୍ରୈଃ ।
ସ୍ୱଭକ୍ତାତିଭକ୍ତ୍ୟାଭିବ୍ୟକ୍ତେନ କାରୁଣ୍ୟଯୌଗେ ସଦା ନଃ ସ ହ୍ୟଂ ସ୍ୟାନ୍ନୃସିଂହଃ । ୪ ।
ଛଳାଦାକଳଯ୍ୟା ତ୍ରିଲୋକୀଂ ବଲୀୟାନ୍, ବଳିଂ ସଂବବନ୍ଧ ତ୍ରିଲୋକୀବଳୀୟଃ ।
ତନୁତ୍ୱଂ ଦଧାନାଂ ତନୁଂ ସନ୍ଦଧାନୋ, ହରନ୍ମୋହଂ ମନୋ ବାମନୋ ବଃ ସ କୁର୍ଯ୍ୟାତ୍ । ୫ ।

ଦଶାବତାର ସ୍ତୋତ୍ର

ମଙ୍ଗଳ-ଗୁଜ୍ଜରୀ

ଯେ ଚଳ-କ୍ଷୋଳ-କଲ୍ଲୋଳ କଲ୍ଲୋଳିନୀ ପତି ୧ ବାହାରନ୍ତି ନକ୍ର ଚକ୍ର ୨ ଯହିଁ ନିରନ୍ତର ॥
ସେହି ଯେଉଁ ହରି ଘେନି ମୀନ ଅବତାର । ମାରି ଶଙ୍ଖାସୁର, କଲେ ନିଗମ ୩ଉଦ୍ଧାର ॥
ସେହି ଶଙ୍ଖ ଚକ୍ର ହସ୍ତ ବାସୁଦେବ ହରି । ଜଗତକୁ ବିପଦରୁ ନିଅନ୍ତୁ ଉଦ୍ଧାରି । ୧ ।
ମର ଅମର-ଅରାତି୪ ଭାରାଭରେ ଯେବେ । ଅପାର-କୂପାର ନୀରେ ୫ବୁଡ଼ୁଥିଲ ତେବେ ॥
ଯେଉଁ ନାରାୟଣ ଘେନି କୂର୍ମ୍ମ କଳେବର । ପୃଷ୍ଠୋପରି ଧୃତ କଲେ ଅବନୀ ଆବର ॥
ସେ ଅନନ୍ତ ଶଯ୍ୟାଶାୟୀ ଦେବ ନାରାୟଣ । କରନ୍ତୁ ସକଳଙ୍କର ଆନନ୍ଦ ବର୍ଦ୍ଧନ । ୨ ।
ବର ବରାହ ସ୍ୱରୂପ ଧରି ଯେଉଁ ହରି । ଦରଦ-ରଦ-ଅଗ୍ରରେ ୬ ଧର-ଧରା ୭ଧରି ॥
ତାରି ପୁଣ୍ୟଜନ ୮ମାରି ପୁଣ୍ୟ ଜନ ୯ଗଣ । ଅବନୀ ବନିତା ୧୦ଦୁଃଖ କଲେ ଯେ ହରଣ
ଆଶ୍ରିତ ଶ୍ରେୟଃ ତାରକ ସେ ଦେବ ମୁରାରି । କରନ୍ତୁ କୁଶଳ ସଦା କ୍ରୂ-ଖଳ ୧୧ ସଂହାରି ॥
ନିଜ ଭକ୍ତ ଭକ୍ତି ବଳେ ସ୍ତମ୍ଭରୁ ବାହାରି । ଦୁଷ୍ଟ ବକ୍ଷସ୍ଥଳ ୧୨ ନଖାଗ୍ରେ ବିଦାରି ॥
ନରସିଂହ ୧୩ ନରସିଂହ ରୂପେ ଯେଉଁ ହରି । ପ୍ରହ୍ଲାଦେ ଆହ୍ଲାଦେ ଘେନ ସାଧୁଙ୍କୁ ଉଦ୍ଧାର ॥
ଦୈତ୍ୟ-ଗର୍ବ-ସର୍ବ ଖର୍ବ କଲେ କ୍ଷଣକରେ । ପାପ-ତାପ-ଦୈନ୍ୟ ନାଶ କରନ୍ତୁ ସେ ଖରେ ॥
ତ୍ରିଲୋକ ତ୍ରିଲୋକୀବଳୀ ମହାବଳୀ ବଳି । ସୁମନା ୧୪ ହିତେ ବାମନରୂପେ ମନଛଳି ॥
ଚରଣରେ ଚରାଚର କରି ସମାଚ୍ଛନ୍ନ । ରଖିଲେ ଅଖିଳ ତଳେ ୧୫ କରି ଯେ ବନ୍ଧନ ॥
ସେ ବାମନ ତନୁଧାରୀ ଦେବ ନାରାୟଣ । ମାନବ ମାନଙ୍କୁ ମୋହ କରନ୍ତୁ ହରଣ । ୫ ।

---

୧ ଚଞ୍ଚଳ ତରଙ୍ଗାଯୁକ୍ତ ନଦୀପତି ସମୁଦ୍ର । ୨ କୁମ୍ଭୀର ସମୂହ । ୩ ବେଦ । ୪ ଅସୁର । ୫ ଅତଳ ସମୁଦ୍ରର ଜଳମଧ୍ୟେ । ୬ ବସୁଙ୍କର ଦନ୍ତରେ । ୭ ପର୍ବତସହ ପୃଥିବୀ । ୮ ଦେବତା । ୯ ଅସୁର । ୧୦ ପୃଥିବୀରୂପକ ସ୍ତ୍ରୀ । ୧୧ ପୃଥିବୀର କଣ୍ଟକ । ୧୨ ଅସୁରରାଜ ହିରଣ୍ୟ କଶିପୁ । ୧୩ ମନୁଷ୍ୟ ଓ ସିଂହ ରୂପୀ । ୧୪ ଦେବତା । ୧୫ ପାତାଳରେ ।

ହତକ୍ଷତ୍ରିୟାସୃକ୍ ପ୍ରପାନ ପ୍ରମତ୍ତ ପ୍ରନୃତ୍ୟତ୍ ପିଶାଚ ପ୍ରଣୀତ ପ୍ରତାପଃ ।
ଧରାକାର ଯେନାଗ୍ରଜନ୍ମା ଗ୍ରହାରଂ ବିହାରଂ କିମ୍ବାତ୍ମାନସେ ବଃ ସ ରାମଃ । ୬ ।
ନତଗ୍ରୀବ ସୁଗ୍ରୀବ ସାମ୍ରାଜ୍ୟହେତୁର୍ଦଶଗ୍ରୀବସନ୍ତାନସଂହାର କେତୁଃ ।
ଧନୁର୍ଯେନ ଭଗ୍ନଂ ମହତ୍‌କାମହନ୍ତୁଃ, ସ ମେ ଜାନକୀଜାନିରେନାଂସି ହନ୍ତୁ । ୭ ।
ଧନାଦ୍ ଗୋଧନଂ ଯେନ ଗୋବର୍ଦ୍ଧନେନ, ବ୍ୟରକ୍ଷି ପ୍ରତାପେନ ଗୋବର୍ଦ୍ଧନେନ ।
ହୃତାରାତିଚକ୍ରୀ ରଣଧ୍ୱାନ୍ତଚକ୍ରୀ, ପଦଧ୍ୱସ୍ତଚକ୍ରୀ ସ ନଃ ପାତୁ ଚକ୍ରୀ । ୮ ।
ଧରାବଦ୍ଧ ପଦ୍ମାସନସ୍ଥାଙ୍ଘ୍ରି ଯଷ୍ଟିର୍ନିୟମ୍ୟାନିଳଂ ନ୍ୟସ୍ତ ନାସାଗ୍ରଦୃଷ୍ଟିଃ ।
ଯା ଅସ୍ତେ କଲୌ ଯୋଗିନୀ ଚକ୍ରବର୍ତ୍ତୀ, ସ ବୁଦ୍ଧଃ ପ୍ରବୁଦ୍ଧୋଽସ୍ତୁ ନଶ୍ଚିତ୍ତବର୍ତ୍ତୀ । ୯ ।
ଦୁରା ପାରସଂସାର ସଂହାରକାରୀ, ଭବତ୍ୟଶ୍ୱରୁଢଃ କୃପାଣପ୍ରହାରୀ ।
ମୁରାରର୍ଦ୍ଧଶାକାରଧାରୀହ କଲ୍କୀ କରୋତୁ ଦ୍ୱିଷାଂ ଧ୍ୱଂସନଂ ବଃ ସ କଲ୍କୀ ॥
ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟବିରଚିତଂ ଦଶାବତାର ସ୍ତୋତ୍ରମ୍॥

ମହୀରେ ମହୀ ଅମର ୧ ବଂଶେ ଅବତଂସ । କୃତ ବୀର୍ଯ୍ୟ ୨ କାର୍ତ୍ତିବୀର୍ଯ୍ୟ ଆଦି କ୍ଷାତ୍ରବଂଶ ॥
ବଧି, ରୁଧିର ପାନେ ଯେ ନାଚଲେ ପ୍ରମତ୍ତେ । (ଏକବିଂଶ ବାର ବୀର ବିହୀନ ଜଗତ
କରି) ପ୍ରବଳ ଧରଣୀ ମଧ୍ୟେ କୀର୍ତ୍ତିଯାର । ସେ ପରଶୁରାମ ହୃଦେ କରନ୍ତୁ ବିହାର । ୫ ।
ନତଗ୍ରୀବ ୩ ସୁଗ୍ରୀବର ଯେହୁ ରାଜ୍ୟଦାତା । ରାବଣ ଦଶ ଗ୍ରୀବର ୪ ସଂହାର କରତା ॥
ପୁଷ୍କରେ-ପର ବର ଶରାସନ ଭଞ୍ଜା ୫ । ଜନକ-କାନ୍ତ-ଜନକ-ଜେମା ଚିତ୍ତରଞ୍ଜା ॥
ଅବଧ-ଅବଧ-ପତି-ଚତ୍ୱର ବିହାରୀ ୬ । ସତ୍ୱର ନାଶନ୍ତୁ ପାପ ଶ୍ରେଣୀ ମୋ ଗୃହାର । ୭ ।
ବଳେ ଯେହୁ ଗୋବର୍ଦ୍ଧନ ଗୋବର୍ଦ୍ଧନ ୭ ଧର । ଚକ୍ର ଅନ୍ତକାରୀ ଦୁଷ୍ଟ ଚକ୍ର ୮ ଅନ୍ତ କର ॥
ଇନ୍ଦ୍ରାବରଜ ୯ ନୀରଜରାଜାତ୍ମଜ ୧୦ ରୂପେ । କଳାପି କଳାପଧର ୧୧ ଚକ୍ରଧର ଗୋପେ ॥
ସେହୁ କଦମ୍ବ ମୂଳସ୍ଥ ପୀତ ଦୁକୂଳସ୍ଥ । ରଖନ୍ତୁ ବିପଦୁଁ ସଦା ବଂଶୀ-ବଦନସ୍ଥ । ୮ ।
ଅବନୀରେ ଅବତରି ବଦ୍ଧ ପଦ୍ମାସନେ । ସମାଧିରେ ସମାସୀନ ନାସାଗ୍ର ନୟନେ ॥
କଳିଯୁଗେ ଯୋଗୀଙ୍କର ହୋଇ ଚକ୍ରବର୍ତ୍ତୀ । ସ୍ୱଗୁଣବଳେ ସାମ୍ୟନୀତି ଯେ ନିଶ୍ଚିନ୍ତବର୍ତ୍ତୀ ॥
ସେ ପ୍ରବୁଦ୍ଧ ବୁଦ୍ଧରୂପୀ ଦେବ ଭଗବାନ । କରନ୍ତୁ ହୃଦୟ ପଦ୍ମେ ସଦା ଅଧିଷ୍ଠାନ । ୯ ।
ଅଖିଳ ନିଖିଳ ଧର୍ମଦ୍ୱେଷୀ ଦୁଷ୍ଟହାରୀ । ବିଶ୍ୱାଧାର, ଅଶ୍ୱାରୋହୀ କୃପାଣ ପ୍ରହାରୀ ॥
ସତ୍ୟ ଧର୍ମ ପରଗୃହୀ ନିତ୍ୟ ସନାତନ । ସେ କଳକୀ କରନ୍ତୁ ଶତ୍ରୁ ସମୂଳେ ଛେଦନ ।୧୦।

---

୧ ବ୍ରାହ୍ମଣକୁଳରେ ୨-ବଳସ୍ତୁ । ୩ ଯାହାର ଗ୍ରୀବା ଲଇଁ ପାଉଛି । ୪ ଦଶସ୍କନ୍ଧ ରାବଣ
୫ ଶିବଧନୁ ଭଙ୍ଗକାରୀ । ୬ ଦଶରଥଙ୍କ ପ୍ରାଙ୍ଗଣରେ ଖେଳ ବିହାର କରୁଥିଲେ । ଅବଧ=ଯେ
କାହାଦ୍ୱାରା ବଧ ନୁହେଁ, ଅଯୋଧ୍ୟା ୭ ଗୋବର୍ଦ୍ଧନ=ଗୋରୁବଢ଼ାଇବା ଓ ପର୍ବତ ବିଶେଷ ।
୮ ଚକ୍ରାନ୍ତ=ଷଡ଼ଯନ୍ତ୍ର କୁମନ୍ତ୍ରଣା, ଚକ୍ରାନ୍ତକାରୀ=ଯେ କୁମନ୍ତ୍ରଣା କରେ । ଚକ୍ର=ସମୂହ ।
୯ ଇନ୍ଦ୍ର ର ସାନଭାଇ ଇନ୍ଦ୍ର ଓ ବାମନ ଦୁହେଁ ଅଦିତିଙ୍କ ପୁତ୍ର । ୧୦ ନନ୍ଦର ପୁଅ ରୂପରେ ।
୧୧ ମୟୂର ପୁଚ୍ଛଧାରୀ ।

ସଙ୍କଟନାଶନ-ଲକ୍ଷ୍ମୀନୃସିଂହସ୍ତୋତ୍ରମ୍ ।

ଶ୍ରୀମତ୍ ପୟୋନିଧିନିକେତନ ଚକ୍ରପାଣେ, ଭୋଗୀନ୍ଦ୍ରଭୋଗମଣିରଞ୍ଜିତ ପୁଣ୍ୟମୂର୍ତ୍ତେ ।
ଯୋଗୀଶ ଶାଶ୍ୱତ ଶରଣ୍ୟ ଭବାବ୍ଧିପୋତ, ଲକ୍ଷ୍ମୀ-ନୃସିଂହ ମମ ଦେହି କରାବଲମ୍ବମ୍ ।୧।

ବ୍ରହ୍ମେନ୍ଦ୍ରରୁଦ୍ରମରୁଦର୍କ କିରୀଟକୋଟିସଂଘଟ୍ଟିତାଂଘ୍ରିକମଲାମଲକାନ୍ତିକାନ୍ତ ।
ଲକ୍ଷ୍ମୀ ଲସତ୍ କୁଚସରୋରୁହରାଜହଂସ, ଲକ୍ଷ୍ମୀ-ନୃସିଂହ ମମ ଦେହି କରାବଲମ୍ବମ୍ । ୨ ।

ସଂସାରଘୋର ଗହନେ ଚରତୋ ମୁରାରେ, ମାରୋଗ୍ରଭୀକରମୃଗପ୍ରବରାର୍ଦ୍ଦିତସ୍ୟ ।
ଆର୍ତ୍ତସ୍ୟ ମତ୍ସରନିଦାଘନିପୀଡିତସ୍ୟ, ଲକ୍ଷ୍ମୀ-ନୃସିଂହ ମମଦେହି କରାବଲମ୍ବଂ । ୩ ।

ସଂସାରକୂପମତିଘୋରମଗାଧମୂଲଂ, ସଂପ୍ରାପ୍ୟ ଦୁଃଖଶତସର୍ପସମାକୁଳସ୍ୟ ।
ଦୀନସ୍ୟ ଦେବ କୃପଣାପଦମାଗତସ୍ୟ, ଲକ୍ଷ୍ମୀ ନୃସିଂହ ମମ ଦେହି କରାବଲମ୍ବ । ୪ ।

ସଙ୍କଟନାଶନ-ଲକ୍ଷ୍ମୀ ନୃସିଂହ ସ୍ତୋତ୍ର

ରାଗ-ଗୁଜ୍ଜରୀ

ଶ୍ରୀପୟୋନିଧି ନିକେତନ ୧ । ଚକ୍ରପାଣି ଲକ୍ଷ୍ମୀ ରମଣ ॥ ଭୋଗି-ଭୋଗ-ମଣି ରଞ୍ଜିତ ୨, ପୁଣ୍ୟମୂର୍ତ୍ତି ଦଶେ ଦୀପିତ ॥ ଯୋଗୀଶ ଶରଣ୍ୟ ଶାଶ୍ୱତ । ଭବ ସିନ୍ଧୁକୁ ତୁମ୍ଭେ ପୋତ ॥ ଲକ୍ଷ୍ମୀ ନୃସିଂହ ଅବତରେ । କରାବଲମ୍ବ ଦିଅ ମତେ । ୧। ବ୍ରହ୍ମା ରୁଦ୍ର ଇନ୍ଦ୍ର ପବନ । ବରୁଣ ଶଶାଙ୍କ ତପନ ॥ ଏହାଙ୍କ ମୁକୁଟ ତେଜରେ । ତୁମ୍ଭ ପଦାବ୍ଜ ୩ ଶୋଭା ଧରେ ॥ ବିମଳକାନ୍ତି ମନୋହର । ଧର ଶୋଭନ କଳେବର ॥ କମଳା କୁଚ ତାମରସ ୪ । ତହିଁକି ତୁମ୍ଭେ ରାଜହଂସ ॥ ଲକ୍ଷ୍ମୀ-ନୃସିଂହ ଅବତରେ । କରାବଲମ୍ବ ଦିଅ ମତେ ।୨। ଏ ଘୋର ସଂସାର ଗହନେ । ମୁହିଁ ଭ୍ରମଇଁ ଅନୁକ୍ଷଣେ ॥ ବ୍ୟାଧିରୂପେ ଜନ୍ତୁ ନିକର । ପୀଡ଼ନ୍ତି ମୋତେ ଭୟଙ୍କର ॥ ମାତ୍ସର୍ଯ୍ୟ ନିଦାଘ ପୀଡ଼ାରେ ୫। ବ୍ୟାକୁଳ ମୁହିଁ ହେମୁବାରେ ॥ ହେ ଲକ୍ଷ୍ମୀ ନୃସିଂହ ନରତେ । କରାବଲମ୍ବ ଦିଅ ମତେ । ୩ । ଅଗାଧ ଏ ସଂସାର କୂପେ । ସେ ଭୟଙ୍କର ଅପ-ରୂପେ ॥ ପତିତ ହୋଇଛି ମୁଁ ତହିଁ । ପୀଡ଼ନ୍ତି ଶତ ଦୁଃଖ ଅହି ॥ ମୁଁ ଦୀନ ବିପଦ ପତିତ । କରୁଣା କରଣ କାମ୍ପିତ ॥ ଲକ୍ଷ୍ମୀ ନୃସିଂହ ଅବତରେ । କରାବଲମ୍ବ ଦିଅ ମତେ । ୪ । ସଂସାର ସାଗର ବିଶାଳ । ନକ୍ର ଗ୍ରହ କାଳ କରାଳ ॥ ଗ୍ରାସଇ କରଣ ନିଗ୍ରହ । ବ୍ୟଗ୍ରରେ

---

୧. କ୍ଷୀରସମୁଦ୍ରବାସୀ । ୨ ସର୍ପଫଣାଜାତ ମଣିରେ ଭୂଷିତ । ୩ ପାଦପଦ୍ମ । ୪ ପଦ୍ମ ।
୫ ପରଶ୍ରୀକାତରତା ରୂପ ଗ୍ରୀଷ୍ମତାପରେ ।

ସଂସାର ସାଗର ବିଶାଳକରାଳକାଳ, ନକ୍ରଗ୍ରହଗ୍ରସନ ନିଗ୍ରହ ବିଗ୍ରହସ୍ୟ ।
ବ୍ୟଗ୍ରସ୍ୟରାଗରସନୋର୍ମି ନିପୀଡ଼ିତସ୍ୟ, ଲକ୍ଷ୍ମୀ-ନୃସିଂହ ମମ ଦେହି କରାବଲମ୍ବଂ । ୫ ।

ସଂସାରବୃକ୍ଷମଘବୀଜମନନ୍ତ କର୍ମ୍ମଶାଖାଶତଂ କରଣପତ୍ରମନଙ୍ଗପୁଷ୍ପଂ ।
ଆରୁହ୍ୟ ଦୁଃଖଫଳିତଂ ପତତୋ ଦୟାଳୋ, ଲକ୍ଷ୍ମୀ-ନୃସିଂହ ମମ ଦେହି କରାବଲମ୍ବଂ । ୬ ।

ସଂସାର ସର୍ପଘନବକ୍ତ୍ରଭୟୋଗ୍ରତୀବ୍ର ଦଂଷ୍ଟ୍ରାକରାଳ ବିଷଦଗ୍ଧ ବିନଷ୍ଟମୂର୍ତ୍ତେ ।
ନାଗାରି ବାହନ ସୁଧାବ୍ଧି ନିବାସଶୌରେ, ଲକ୍ଷ୍ମୀ ନୃସିଂହ ମମଦେହି କରାବଲମ୍ବଂ । ୭ ।

ସଂସାରଦାବଦହନାତୁରଭୀକରୋରୁ-ଜ୍ୱାଳା ବଳୀଭିରତି ଦଗ୍ଧତନୂରୁହସ୍ୟ ।
ତ୍ୱତ୍ପାଦପଦ୍ମ-ସରସୀ-ଶରଣାଗତସ୍ୟ ଲକ୍ଷ୍ମୀ ନୃସିଂହ ମମ ଦେହି କରାବଲମ୍ବଂ । ୮ ।

ସଂସାରଜାଲପତିତସ୍ୟ ଜଗନ୍ନିବାସ, ସର୍ବେନ୍ଦ୍ରିୟାର୍ଥ ବଡ଼ିଶାର୍ଥଝଷୋପମସ୍ୟ ।
ପ୍ରୋତ୍ଖଣ୍ଡିତ ପ୍ରଚୁରତାଳୁକମସ୍ତକସ୍ୟ, ଲକ୍ଷ୍ମୀନୃସିଂହ ମମଦେହି କରାବଲମ୍ବଂ । ୯ ।

ସଂସାରଭୀକର କରୀନ୍ଦ୍ର କରାଭିଘାତ, ନିଷ୍ପିଷ୍ଟ ମର୍ମ୍ମବପୁଷଃ ସକଳାର୍ତ୍ତିନାଶ ।
ପ୍ରାଣପ୍ରୟାଣ ଭବଭୀତିସମାକୁଳସ୍ୟ, ଲକ୍ଷ୍ମୀନୃସିଂହ ମମ ଦେହି କରାବଲମ୍ବଂ । ୧୦ ।

ମୋହର ବିଗ୍ରହ ୧ । ରାଗ ରସନା ଊର୍ମ୍ମି ମୁଖେ । ପଡ଼ିଛୁ ପ୍ରଭୁ ମହାଦୁଃଖେ ॥ ହେ ଲକ୍ଷ୍ମୀ ନୃସିଂହ ସତତେ । କରାବଲମ୍ବ ଦିଅ ମତେ । ୫ । ବୀଜ ଯାହାର ପାପ କୁଳ । ଅନନ୍ତ କର୍ମ୍ମ-ଶାଖା ମୂଳ ॥ ପତ୍ର ଯାର ଇନ୍ଦ୍ରିୟଗଣ । ପୁଷ୍ପ ଯାର ସ୍ୱୟଂ ମଦନ ॥ ଫଳ ଯାର ଦୁଃଖ ପ୍ରତ୍ୟକ୍ଷେ । ଆରୋହି ସେ ସଂସାର ବୃକ୍ଷେ ॥ ତହୁଁ ମୁଁ ହେଉଅଛି ପତିତ । କୃପା କରି କୃପା ସତତ ॥ ହେ ଲକ୍ଷ୍ମୀ ନୃସିଂହ ବହନ । କର ମୋତେ କରେ ଗ୍ରହଣ । ୬ । ଏ ଯେ ସଂସାର ବିଷଧର । ବିସ୍ତାର ମୁଖ ଭୟଙ୍କର ॥ ଭୟରୂପି-ଉଗ୍ର-ଦଂଶନେ । ଦଂଶିଲା ମୋତେ ଅପଘନେ । ମୋ ଦେହେ ସେ ବିଷ ଉତ୍କଟ । ଦଗ୍ଧ କରି କରୁଛି ନଷ୍ଟ ॥ ହେ ଶୌରି ୨ନାଗାରି ବାହନ । ହେ ସୁଧା ସିନ୍ଧୁ ନିକେତନ ॥ ହେ ଲକ୍ଷ୍ମୀ ନୃସିଂହ ବହନ । କରତୋଳି କର ଗ୍ରହଣ । ୭ । ସଂସାର ଘୋର ଦାବାନଳ ୪ ଦହନେ ହେଉଛି ବିକଳ ॥ ତାହାର ଶିଖା ଭୟଙ୍କର । ଦହିଲାଣି ରୋମ ନିକର ॥ ତୁମ୍ଭ ପାଦ ପଦ୍ମ ସରସୀ ୫ ଅଛିଲି ତେଣୁ ମୁଁ ଭରସି ॥ ହେ ଲକ୍ଷ୍ମୀ ନୃସିଂହ ହସ୍ତରେ । ଘେନ ମୋତେ ତବ ଶ୍ରୀକରେ । ୮ । ଏ ସଂସାର ଜାଲେ ବିଷମ । ପଡ଼ିଛି ମୁହିଁ ମୀନ ସମ ॥ ବଡ଼ିଶ ୬ ଇନ୍ଦ୍ରିୟ ନିକରେ । ଭେଦ ମୋତାଳୁ ମସ୍ତକର ॥ ଦେଉଛି ଖଣ୍ଡ ଖଣ୍ଡ କରି । ହେ ଜଗନ୍ନିବାସ ଶ୍ରୀହରି ॥ ହେ ଲକ୍ଷ୍ମୀ ନୃସିଂହ ହସ୍ତରୁ ଘେନ ମୋତେ ତବ ଶ୍ରୀକରେ । ୯ । ଭୀଷଣ ସଂସାର କରୀନ୍ଦ୍ର । ଶୁଣ୍ଡ ଆଘାତେ ମୋ ଶରୀର ॥

---

୧ ଶରୀର । ୨ ବିଷ୍ଣୁ (ଗୁରୁ-ଶାର+ଅ) । ୩ ଗରୁଡ଼ଧ୍ୱଜ । ୪ ଦାବାଗ୍ନି । ୫ ପାଦପଦ୍ମ ରୂପକ୍ ପୁଷ୍କରିଣୀ । ୬ ମାଛଧରା କଣ୍ଟା ବା ଗଳକଣ୍ଟା ।

ଅନ୍ଧସ୍ୟ ମେ ହୃତବିବେକମହାଧନସ୍ୟ, ଚୌରୈଃ ପ୍ରଭୋ ବଳିଭିରିନ୍ଦ୍ରିୟନାମଧେୟୈଃ ।
ମୋହାନ୍ଧକୂପକୁହରେ ବିନିପାତିତସ୍ୟ, ଲକ୍ଷ୍ମୀ ନୃସିଂହ ମମଦେହି କରାବଲମ୍ବଂ । ୧୨ ।

ଲକ୍ଷ୍ମୀପତେ କମଲନାଭ ସୁରେଶ ବିଷ୍ଣୋ, ବୈକୁଣ୍ଠ କୃଷ୍ଣ ମଧୁସୂଦନ ପୁଷ୍କରାକ୍ଷ ।
ବ୍ରହ୍ମଣ୍ୟ କେଶବ ଜନାର୍ଦ୍ଦନ ବାସୁଦେବ, ଦେବେଶ ଦେହି କୃପଣସ୍ୟ କରାବଲମ୍ବଂ ॥

ଯନ୍ମାୟୟୋର୍ଜ୍ଜିତବପୁଃ ପ୍ରଚୁର ପ୍ରବାହ ମଗ୍ନାର୍ଥମାତ୍ରନିବହୋରୁ କରାବଲମ୍ବମ୍ ।
ଲକ୍ଷ୍ମୀ ନୃସିଂହ ଚରଣାବ୍ଜମଧୁବ୍ରତେନ ସ୍ତୋତ୍ରଂକୃତଂ ସୁଖକରଂ ଭୁବିଶଙ୍କରେଣ । ୧୩ ।

ଇତି ଶ୍ରୀ ଶଙ୍କରାଚାର୍ଯ୍ୟ ବିରଚିତଂ ସଙ୍କଟ ନାଶନ ଲକ୍ଷ୍ମୀ-ନୃସିଂହ-ସ୍ତୋତ୍ରମ୍ ।

ଯେପରି ହୋଇଛୁ ମର୍ମସ୍ଥାନ । ହେ ଆର୍ତ୍ତିନାଶ ଭଗବାନ ॥ ପ୍ରାଣପ୍ରୟାଣେ ଭୟାକୁଳ । ହୋଇଛୁଁ ମୁହିଁ ଅଦମଳ । ହେ ଲକ୍ଷ୍ମୀ ନୃସିଂହ ହସ୍ତରେ । କରାବଲମ୍ବ ଦିଅ ଥରେ ।୧୦। ମୁଁ ହୃତାହୃତ ଜ୍ଞାନ ଅନ୍ଧ । ଅଟଇଁ ଯେଣୁ ଅଦକନ୍ଦ ॥ ବଳୀ ଇନ୍ଦ୍ରିୟ ଚୌରଗଣ । ହରି ବିବେକ ମହାଧନ । ମୋହ ଅନ୍ଧକୂପ ବିବରେ । ପକାଇଛନ୍ତି ମୋତେ ଘୋରେ ॥ ହେ ଲକ୍ଷ୍ମୀ ନୃସିଂହ ବହନ । ଦିଅ କର ଅବଲମ୍ବନ । ୧୧ । ହେ ପଦ୍ମନାଭ ଲକ୍ଷ୍ମୀପତି । ବୈକୁଣ୍ଠ ବିଷ୍ଣୁ ସୁରପତି । ହେ କୃଷ୍ଣ ହେ ମଧୁସୂଦନ । ପୁଣ୍ଡରୀକାକ୍ଷ ଜନାର୍ଦ୍ଦନ ॥ ହେ ବ୍ରହ୍ମ ଦେବେଶ କେଶବ । ଦୀନଜନକୁ ବାସୁଦେବ । ଦିଅ କର ଅବଲମ୍ବନ । ହେ ପ୍ରଭୁ ପତିତ ପାବନ । ୧୨ । ଯା ମାୟାଁ ଚଳେ କଳେବର । ଧରନ୍ତି ସର୍ବ ଚରାଚର ॥ ସେହି ଲକ୍ଷ୍ମୀ ନୃସିଂହଙ୍କର । ଏ ସ୍ତୋତ୍ର ଅଟେ ସୁଖକର ॥ ଲକ୍ଷ୍ମୀ ନୃସିଂହ ପଦ ଅବଜେ । ଶଙ୍କର ମଧୁକର ଭଜେ ॥ ସେ ଶ୍ଳୋକ କର ଅନୁବାଦ । ସ୍ୱଚ୍ଛନ୍ଦ ନବୋ ପ୍ରସାଦ । ୧୩ ।

ବ୍ରହ୍ମସୂତ୍ର ଶଙ୍କରଭାଷ୍ୟ

କୃଷ୍ଣାଷ୍ଟକସ୍ତୋତ୍ରମ୍

ଶ୍ରିୟାଶ୍ଳିଷ୍ଟୋ ବିଷ୍ଣୁ ସ୍ଥିରଚରଗୁରୁର୍ବେଦବିଷୟୋ, ଧିୟାଂ ସାକ୍ଷୀ ଶୁଦ୍ଧୋ ହରିରସୁରହନ୍ତାବ୍ଜନୟନଃ । ଗଦୀ ଶଙ୍ଖୀ ଚକ୍ରୀ ବିମଳବନମାଳୀ ସ୍ଥିରରୁଚିଃ, ଶରଣ୍ୟୋ ଲୋକେଶୋ ମମ ଭବତୁ କୃଷ୍ଣୋଽକ୍ଷିବିଷୟଃ ।୧। ଯତଃ ସର୍ବଂ ଜାତଂ ବିୟଦନିଲମୁଖ୍ୟଂ ଜଗଦିଦଂ, ସ୍ଥିତୌ ନିଃଶେଷଂ ଯୋଽବତି ନିଜ ସୁଖାଂଶେନ ମଧୁହା । ଲୟେ ସର୍ବଂ ସ୍ୱସ୍ମିନ୍ ହରତି କଳୟା ଯସ୍ତୁ ସ ବିଭୁଃ, ଶରଣ୍ୟୋ ଲୋକେଶୋ [illegible] ବିଷୟଃ ।୨। ଅସୂନାୟମ୍ୟାଦୌ, ଯମନିୟମମୁଖୈଃ ସୁକରଣୈ [illegible] ସକଳମ୍ । ଯମୀଡ୍ୟଂ ପଶ୍ୟନ୍ତି, ପ୍ରବରମତୟୋ ମାୟିନ [illegible] ଲୋକେଶୋ ମମ ଭବତୁ କୃଷ୍ଣୋଽକ୍ଷି-ବିଷୟଃ ।୩। ପୃଥିବ୍ୟା ତିଷ୍ଠନ [illegible], ଯାମିତ୍ୟାଦୌ ବେଦୋ

କୃଷ୍ଣାଷ୍ଟକ ସ୍ତୋତ୍ର

କମଳା [illegible] ନୟନ-ଗୋଚର

[illegible]

ଘେନି [illegible] ବନମାଳୀ ଦଇତାର

[illegible]

[illegible]

ହେଉନ୍ତୁ ସେ କୃଷ୍ଣ ମମନେତ୍ର-ଗୋଚରେ । ୧ ।

ଆକାଶ-ପବନ-ଆଦ [illegible] ବିଶ୍ୱ ଯେ ଅଛି ସମ୍ପାଦ

ପାଳଇ ସ୍ଥିତି କାଳରେ ସୁଖ ଅଂଶରେ ।

ଲୟରେ ଯେ ମଧୁ-ହାରୀ — ବିଭୁ ବିଶ୍ୱ-ଅଧିକାରୀ

ନିଜଅଙ୍ଗେ ସର୍ବବିଶ୍ୱ ସଂହାର କରେ ॥

ଶରଣାଶ୍ରୟ ଲୋକେଶ୍ୱର ।

ହେଉନ୍ତୁ ସେ କୃଷ୍ଣମମ ନେତ୍ର-ଗୋଚର । ୨ ।

ମାନସ କରି ନିର୍ମଳ ଯାହାକୁ ମୁନି ସକଳ

ଯପତପେ ଯମନିୟମ କରି ସାଧନ ।

ନିରୋଧି ଚିତ୍ତବୃତ୍ତିଯ ହୃଦୟେ ଚିତ୍ତବଳୟ

ଦରନ୍ତିମାୟା-ଦେହ-ଧାରୀଙ୍କୁ ଦର୍ଶନ ॥

ଶରଣାଶ୍ରୟ ଲୋକେଶ୍ୱର ।

ହେଉନ୍ତୁ ସେ କୃଷ୍ଣ ମମନେତ୍ର-ଗୋଚର । ୩ ।

*ହୃଦତ ଜଗତାମୀଶମମଲଂ । ଶମ୍ଭୁନାଭ୍ରଂ ଧ୍ୟେୟଂ ମୁନିପୁରନ୍ଦରାଣାଂ ଯୋଗୀନ୍ଦ୍ର ମନ୍ଦୌ, ଶରଣ୍ୟୋ ଲୋକେଶୋ ମମଭବତୁ କୃଷ୍ଣୋଽକ୍ଷିବିଷୟଃ । ୪ । ମହେନ୍ଦ୍ରାଦଣ୍ଡେବୋ ଜୟତ ଦତଜାନ୍ ଯସ୍ୟ ବଳତୋ, ନ ଜସ୍ୟ ସ୍ୱାତନ୍ତ୍ର୍ୟଂ କ୍ୱଚଦପି କୃତୌ ଯଜ୍ଞକୃତ ମୃତେ । ଜବାଚ୍ଚାଦେର୍ଗର୍ବଂ ଶରହରତ ଯୋଽସୌ ବିଳସିନଃ, ଶରଣ୍ୟୋ ଲୋକେଶୋ ମମଭବତୁ କୃଷ୍ଣୋଽକ୍ଷିବିଷୟଃ । ୫ । ବିନା ଯସ୍ୟଧ୍ୟାନଂ ବ୍ରଜତ ପଶୁତାଂ ଶୂକରମୁଖାଂ, ବିନା ଯସ୍ୟ ଜ୍ଞାନଂ ଜନିମୃତିଭୟଂ ଯାତି ଜନତା । ବିନା ଯସ୍ୟ ସ୍ମୃତ୍ୟା କୃମି ଶତଜନିଂ ଯାତି ସ ବିଭୁଃ, ଶରଣ୍ୟୋ ଲୋକେଶୋ ମମଭବତୁ କୃଷ୍ଣୋଽକ୍ଷିବିଷୟଃ । ୬ । ନରାତଙ୍କୋ-ତ୍ତଙ୍କଃ ଶରଣଶରଣୋ ଭ୍ରାନ୍ତିହରଣୋ, ଘନଶ୍ୟାମ ବାମୋ ବ୍ରଜଶିଶୁବୟସ୍ୟୋ ଽର୍ଜୁନସଖଃ । ସ୍ୱୟମ୍ଭୂ ର୍ଭୂତାନାଂ ଜନକ ଉଚିତାଚାରସୁଖଦଃ, ଶରଣ୍ୟୋ ଲୋକେଶୋ ମମଭବତୁ

ବକ୍ଷେ ଅବତର ଯେହୁ ଙ୍ଗଂଯତ ଭବନ୍ତୁ ମହା
ନ ଜାଣେ ଧର୍ମ ଯେ ବେଦ-ବନ୍ଦିତ-ପଦେ ।
ଦେବ-ମୁନି-ନର-ଗଣ ଧ୍ୟାନ୍ତିଛନ୍ତି ଯା ଚରଣ
ସଦା [illegible] ନିର୍ବିକାର [illegible] ॥
[illegible]
ହେଉନ୍ତୁ [illegible] ଗୋଚର । ୪ ।

ମହେନ୍ଦ୍ରାଦ ଦେବ [illegible] ଦୈତ୍ୟ-ନନ୍ଦନେ
[illegible] ବିଜୟୀ, [illegible] ।
ନାହିଁ ଚେଷ୍ଟା [illegible] ପରାକ୍ରମ ଦା'ର
[illegible] ॥
[illegible]
ହେଉନ୍ତୁ [illegible] ଗୋଚର । ୫ ।

ନର ଯାର ଧ୍ୟାନ ବିନା [illegible] ଶୂକରାଦ ସନା
ଜନ୍ମମୃତ୍ୟୁ ଭୟେ ପଡ଼େ ମା ଜ୍ଞାନ ବିନେ ।
ଶତ ଶତ ଜନ୍ମ ଧରି ଏ କୃମି ଯୋନି ଲଭୁ ଥାଏ
ମାନବ [illegible] ପ୍ରଭୁ-ସ୍ମରଣେ ॥
[illegible] ଲୋକେଶ୍ୱର ।
ହେଉନ୍ତୁ ସେ କୃଷ୍ଣ ମମ ନେତ୍ର-ଗୋଚର । ୬ ।

କୃଷ୍ଣୋଽକ୍ଷିବିଷୟଃ ।୭। ଯଦା ଧର୍ମଗ୍ଲାନିର୍ଭବତି ଜଗତାଂ କ୍ଷୋଭକରଣୀ, ତଦା ଲୋକସ୍ୱାମୀ ପ୍ରକଟିତବପୁଃ ସେତୁଧୃଗଜଃ । ସତାଂ ଧାତା ସ୍ୱଚ୍ଛୋ ନିଗମଗୁଣଗୀତୋ ବ୍ରଜପତିଃ, ଶରଣ୍ୟୋ ଲୋକେଶୋ ମମଭବତୁ କୃଷ୍ଣୋଽକ୍ଷିବିଷୟଃ ।୮। ଇତି ହରବରଶୀଲାଦ୍ଭୁ ରାଧିତଃ ଶଙ୍କରେଣ, ଯୁଷ୍ଟି-ଶରଦ ଗୁଣୋଽପୌ ମ.ଦ୍ଦୋଷାର୍ଥମାଦ୍ୟଃ । ପଞ୍ଚବର ନିକଟେ ଶ୍ରୀପୃକ୍ତ ଅବବଭୂବ, ସ୍ୱଗୁଣକୃତଜନ୍ଦାରଃ ଶଙ୍ଖ-ଚକ୍ରାବ୍ଜହସ୍ତଃ ।୯।

ଇତି ଶ୍ରୀ ଶଙ୍କରାଚାର୍ଯ୍ୟ-ବିରଚିତଂ କୃଷ୍ଣାଷ୍ଟକମ୍ ।

ନର-ଅତଙ୍କ-ଜଣ୍ଡକ [୧] ନରକ-ଭ୍ରାନ୍ତି-ନାଶକ
ଶରଣି-ଶରଣି ଶ୍ୟାମ ଜଳଦ-ଶ୍ୟାମ ।
ସ୍ୱୟମ୍ଭୂ [୨] ଭୂତ-ଜନକ [୩] ଜଗତ ସୁଖ-ଦାୟକ
ଅର୍ଜୁନଙ୍କ ସଖା ବ୍ରଜବାଳକ ଧାମ [୪] ॥
ଶରଣାଗତ ଲୋକେଶ୍ୱର ।
ହେଉନ୍ତୁ ସେ କୃଷ୍ଣ ମମନେତ୍ର-ଗୋଚର ।୭।

ଯେଉଁ କାଳେ ଧର୍ମ ହାନି ହୋଇ ବିଶ୍ୱେ କରେ ଗ୍ଲାନି
ସେ କାଳେ ଧର୍ମରକ୍ଷାର୍ଥେ ଯେ ଦେହ ଧରେ ।
ଦୁଷ୍ଟେ କର ବିନାଶନ ସନ୍ତେ କରଇ ପାଳନ
ବେଦ ଯେ ବ୍ରଜେଶଗୁଣ ଗାୟନ କରେ ॥
ଶରଣାଗତ ଲୋକେଶ୍ୱର ।
ହେଉନ୍ତୁ ସେ କୃଷ୍ଣ ମମନେତ୍ର-ଗୋଚର ।୮।

ଅଖିଳ ଆତ୍ମାରାଧିତ ବେଦେ ଯା ଗୁଣ ବର୍ଣ୍ଣିତ
ଶଙ୍କରାଚାର୍ଯ୍ୟଙ୍କ ସ୍ତବେ ମାତୃ ମୋକ୍ଷଣେ ।
ଶଙ୍ଖ ଚକ୍ର ପଦ୍ମ ଧର ଲକ୍ଷ୍ମୀସହ ବିଜେ କର
ତୋଷିଲେ ଯତିବରଙ୍କ ମତ ବଚନେ ॥
ଶରଣାଗତ ଲୋକେଶ୍ୱର ।
ହେଉନ୍ତୁ ସେ କୃଷ୍ଣ ମମନେତ୍ର ଗୋଚର । ୯ ।

---

୧ ମନୁଷ୍ୟମାନଙ୍କ ବସ୍ତୁ ହରଣକାରୀ । ୨ ଯେ ଜଳେ ଜନ୍ମ ହୋଇଛି । ୩ ପ୍ରାଣୀମାନଙ୍କର ପିତା । ୪ ସକଳ ଜିବମାନଙ୍କର ଅଧିପତି ।

ଅଚ୍ୟୁତାଷ୍ଟକମ୍

ଅଚ୍ୟୁତାଚ୍ୟୁତ ହରେ ପରମାତ୍ମନ୍, ରାମକୃଷ୍ଣ ପୁରୁଷୋତ୍ତମ ବିଷ୍ଣୋ ।
ବାସୁଦେବ ଭଗବନ୍ନନିରୁଦ୍ଧ, ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୧ ।

ବିଶ୍ୱମଙ୍ଗଳ ବିଭୋ ଜଗଦୀଶ, ନନ୍ଦନନ୍ଦନ ନୃସିଂହ ନରେନ୍ଦ୍ର ।
ମୁକ୍ତିଦାୟକ ମୁକୁନ୍ଦ ମୁରାରେ, ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୨ ।

ରାମଚନ୍ଦ୍ର ରଘୁନାୟକ ଦେବ, ଦୀନନାଥ ଦୁରିତ କ୍ଷୟକାରିନ୍ ।
ଯାଦବେନ୍ଦ୍ର ଯଦୁଭୂଷଣ ଯଜ୍ଞ, ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୩ ।

ଦେବକୀତନୟ ଦୁଃଖଦାବାଗ୍ନେ, ରାଧିକାରମଣ ରମ୍ୟ ସୁମୂର୍ତ୍ତେ ।
ଦୁଃଖମୋଚନ ଦୟାର୍ଣ୍ଣବ ନାଥ, ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୪ ।

ଅଚ୍ୟୁତାଷ୍ଟକ

ପ୍ରକାରାନ୍ତର ।

ରାଗ-କଲ୍ୟାଣ ଝମ୍ପତାଳ[1]

ଅଚ୍ୟୁତାଚ୍ୟୁତ ହର ବାସୁଦେବ । ପରମାତ୍ମା ପୁରୁଷୋତ୍ତମ ଦେବ ॥
ରାମକୃଷ୍ଣ ଶ୍ରୀପତି ଭଗବାନ । ଅନିରୁଦ୍ଧ ଅବ୍ୟୟ ପରିତ୍ରାଣ ॥
ଶ୍ରୀପତି । ନାଶ ଦୁଃଖ ଦୁସ୍ତର ।
ବିଷ୍ଣୁ ଯଦୁପତି ଅଖିଳେଶ୍ୱର । ୧ ।
ବିଶ୍ୱ-ମଙ୍ଗଳ ବିଭୋ ବ୍ରହ୍ମାଣ୍ଡେଶ । ନନ୍ଦ-ନନ୍ଦନ ନୃସିଂହ ନରେଶ ॥
ମୁକ୍ତି-ଦାୟକ ମୁକୁନ୍ଦ ମୁରାରି । ମଧୁସୂଦନ ମଧୁକୈଟଭାରି ॥
ଶ୍ରୀପତି । ନାଶ ଦୁଃଖ ଦୁସ୍ତର । ଜଗତ ଈଶ୍ୱର ଜାନକୀ-ବର । ୨ ।
ରାମଚନ୍ଦ୍ର ରଘୁବଂଶ ବିହାରୀ । ଦୀନନାଥ ଦୁରିତ କ୍ଷୟକାରୀ ॥
ଯାଦବେନ୍ଦ୍ର ଯଦୁକୁଳ ଭୂଷଣ । ଯଜ୍ଞ ବରାହ ରୂପୀ ନାରାୟଣ ॥
ଶ୍ରୀପତି ! ନାଶ ଦୁଃଖ ଦୁସ୍ତର । କମଳା-ନାୟକ କମଳାଧର । ୩ ।
ଦୁଃଖ ଦାବାଗ୍ନି, ଦେବକୀ ନନ୍ଦନ । ରମ୍ୟ ମୂରତି ରାଧିକା-ରମଣ ॥
ଦୁଃଖ-ମୋଚନ କରୁଣା ଦୟାର୍ଣ୍ଣବ । ଦାଶରଥି ଦୀନବନ୍ଧୁ ମାଧବ ॥
ଶ୍ରୀପତି ! ନାଶ ଦୁଃଖ ଦୁସ୍ତର । ସୁଗ୍ରୀବ ସଖା ଦଶଗ୍ରୀବ-ପର । ୪ ।

---

[1] ବୃହଦ୍ ଗୀତାବଳୀ ।

ଗୋପିକାବଦନଚନ୍ଦ୍ର ଚକୋର, ନିତ୍ୟ-ନିର୍ଗୁଣ ନିରଞ୍ଜନ ଜିଷ୍ଣୋ ।
ପୂର୍ଣ୍ଣରୂପ ଜୟ ଶଙ୍କର ଶର୍ବ, ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୫ ।
ଗୋକୁଳେଶ ଗିରିଧାରଣଧୀର, ବୀର ଯମୁନାକଚ୍ଛତଟ-କେଳିନବୀର ।
ନାରଦାଦି ମୁନି ବନ୍ଦିତପଦ, ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୬ ।
ଦ୍ୱାରକାଧିପ ଦୁରନ୍ତଗୁଣାବ୍ଧେ, ପ୍ରାଣନାଥ ପରିପୂର୍ଣ୍ଣ ଭବାରେ ।
ଜ୍ଞାନଗମ୍ୟ ଗୁଣସାଗର ବ୍ରହ୍ମନ୍ ଶ୍ରୀପତେ ଶମୟ ଦୁଃଖମଶେଷମ୍ । ୭ ।
ଦୁଷ୍ଟନିର୍ଦ୍ଦଳନ ଦେବ ଦୟାଳୋ, ପଦ୍ମନାଭ ଧରଣୀଧର ଧୀମନ୍ !
ରାବଣାନ୍ତକ ରମେଶ ମୁରାରେ, ଶ୍ରୀପତେ ଶମୟ ଦୁଃଖମଶେଷମ୍ ।
ଅଚ୍ୟୁତାଷ୍ଟକମିଦଂ ରମଣୀୟଂ ନିର୍ମିତଂ ଭବଭୟଂ ବିନିହନ୍ତୁଂ ।
ଯଃ ପଠେଦ୍ବିଷୟବୃତ୍ତିନିବୃତ୍ତିର୍ଜନ୍ମଦୁଃଖମଖିଳଂ ସ ଜହାତି । ୯ ।
ଇତି ଶ୍ରୀ ଶଙ୍କରାଚାର୍ଯ୍ୟ ବିରଚିତଂ ଅଚ୍ୟୁତାଷ୍ଟକମ୍ ॥

ଗୋପିକା ବଦନ ଚନ୍ଦ୍ର ଚକୋର । ଗୋବର୍ଦ୍ଧନ ଧର ଗୋପ କିଶୋର ॥
ନିତ୍ୟ ନିର୍ଗୁଣ ବିଷ୍ଣୁ ନିରଞ୍ଜନ । ପୂର୍ଣ୍ଣରୂପ ଜୟ ସର୍ବଜୀବନ ॥
ଶ୍ରୀପତି ! ନାଶ ଦୁଃଖ ଦୁସ୍ତର । ଶମନ-ତାପ-ଶମନ ଶଙ୍କର୧ । ୫ ।
ଗୋକୁଳେଶ ଗିରିଧାରଣ ଧୀର । ଯମୁନାପୁଳିନ ଖେଳନ ବୀର ॥
ନାରଦାଦି ମୁନି-ବନ୍ଦିତ-ପଦ । ନାରକୀ-ନରକ-ମୁକତି-ପ୍ରଦ ॥
ଶ୍ରୀପତି ! ନାଶ ଦୁଃଖ ଦୁସ୍ତର । ହର ହରଣାକ୍ଷ ହଳୀ୩ ସୋଦର । ୬ ।
ଦ୍ୱାରକା-ନାଥ ଗୁଣ-ପାରାବାର । ପ୍ରାଣନାଥ ପରିପୂର୍ଣ୍ଣ ଅପାର ॥
ଗୁଣ-ଗମ୍ୟ ବ୍ରହ୍ମ ଗୁଣ-ସାଗର । ପତିତ-ପାବନ ପରମେଶ୍ୱର ॥
ଶ୍ରୀପତି ! ନାଶ ଦୁଃଖ ଦୁସ୍ତର । ଜନାର୍ଦ୍ଦନ ଜନ-କଂକାଳ-ହର । ୭ ।
ଦୁଷ୍ଟ-ଦଳନ ଦେବ ଦୟାକର । ପଦ୍ମନାଭ ଧୀମାନ ଧରାଧର ॥
ରାବଣାନ୍ତକ ରମେଶ ମୁରାରି । ଦୀନ-ପାଣ୍ଡବ-କୁଳ-ରକ୍ଷାକାରୀ ॥
ଶ୍ରୀପତି ! ନାଶ ଦୁଃଖ ଦୁସ୍ତର । ଶକଟ-ସଙ୍କଟ-ନାଶୀ ଶ୍ରୀଧର । ୮ ।
ବିଷୟ-ନିବୃତ୍ତି-ଚିତ୍ତେ ଯେ ନର । ଏହି ଅଚ୍ୟୁତାଷ୍ଟକ ମନୋହର ॥
ପଢ଼େ, ଭବ-ଦୁଃଖ ତା'ର ବିନାଶ । ହୁଏ, ଅନ୍ତେ ବିଷ୍ଣୁ-ଚରଣେ ବାସ ॥
କରଇ, ଏ ବେଦାନ୍ତ-ବଚନ । ନ ଲଭେ ଜନ୍ମ-ଦୁଃଖ କଦାଚନ । ୯ ।

---

୧ ଦୁଃଖହାରୀ ଅବତାର । ୨ ମଙ୍ଗଳଦାତା । ୩ ବଳରାମ ।

ଗଙ୍ଗାସ୍ତୋତ୍ରମ୍

ଦେବି ସୁରେଶ୍ୱରି ଭଗବତି ଗଙ୍ଗେ, ତ୍ରିଭୁବନତାରିଣି ତରଳତରଙ୍ଗେ ।
ଶଙ୍କରମୌଳିବିହାରିଣି ବିମଲେ, ମମ ମତିରାସ୍ତାଂ ତବ ପଦକମଲେ । ୧ ।

ଭାଗୀରଥି ସୁଖଦାୟିନି ମାତସ୍ତବ ଜଳମହିମା ନିଗମେ ଖ୍ୟାତଃ ।
ନାହଂ ଜାନେ ତବ ମହିମାନଂ, ପାହି କୃପାମୟି ମାମଜ୍ଞାନଂ । ୨ ।

ହରିପାଦପଦ୍ମତରଙ୍ଗିଣି ଗଙ୍ଗେ, ହିମବିଧୁମୁକ୍ତାଧବଳତରଙ୍ଗେ ।
ଦୂରୀକୁରୁ ମମ ଦୁଷ୍କୃତିଭାରଂ, କୁରୁ କୃପୟା ଭବସାଗରପାରଂ । ୩ ।

ତବ ଜଳମମଳଂ ଯେନ ନିପୀତଂ, ପରମପଦଂ ଖଲୁ ତେନ ଗୃହୀତଂ ।
ମାତର୍ଗଙ୍ଗେ ତ୍ୱୟି ଯୋ ଭକ୍ତଃ କିଲ ତଂ ଦ୍ରଷ୍ଟୁଂ ନ ଯମଃ ଶକ୍ତଃ । ୪ ।

ପତିତୋଦ୍ଧାରିଣି ଜାହ୍ନବି ଗଙ୍ଗେ, ଖଣ୍ଡିତଗିରିବରମଣ୍ଡିତଭଙ୍ଗେ ।
ଭୀଷ୍ମଜନନି ହେ ମୁନିବରକନ୍ୟେ, ପତିତନିବାରିଣି ତ୍ରିଭୁବନଧନ୍ୟେ । ୫ ।

ଗଙ୍ଗାସ୍ତୋତ୍ର

ରାଗ—ମଙ୍ଗଳ

ଜୟ ଦେବୀ ସୁରେଶ୍ୱରି ଭଗବତି ଗଙ୍ଗେ । ତ୍ରିଭୁବନ-ତାରିଣୀ ଗୋ ତରଳ ତରଙ୍ଗେ ॥
ଶିବ-ମୌଳି-ବିହାରିଣୀ ବିମଳ-କମଳେ । ମମ ମତି ରହୁ ସଦା ତୋ ପଦ-କମଳେ ॥୧॥

ଭାଗୀରଥି, ବରସୁଖ-ଦାୟିନୀ ଗୋ ମାତ । ତୋହର ଜଳ ମହିମା ନିଗମେ ବିଖ୍ୟାତ ॥
ତୋର ଅନନ୍ତ ମହିମା କିଛି ମୁଁ ନ ଜାଣେ । ରଖ, କୃପାମୟି କୃପା କର ଏ ଅଜ୍ଞାନେ ॥୨॥
ହରି-ଚରଣ-ପଦ୍ମ-ତରଙ୍ଗିଣି ୨ ଗଙ୍ଗେ । ହିମ-ବିଧୁ-ମୁକ୍ତା-ସୁଧାଧବଳ-ତରଙ୍ଗେ ୩ ॥
ଦୂର କର ଜାହ୍ନବି ୪ ଗୋ ମୋ ଦୁଷ୍କୃତ ଭାର । କର କୃପାମୟି ଭବ-ସାଗରରୁ ପାର ॥୩॥

ତୋ ବିମଳ ଜଳ ପାନ କରେ ଯେଉଁ ଜନ । ପରମ ପଦ ଲଭିବେ ହିଁ ଏ ସେ ସୁଜନ ॥
ମାତା ଗଙ୍ଗାଦେବୀ ଯେହୁ ତବ ଭକ୍ତ ଜନ । କଦାଚ ଶମନ ତାକୁ ନ କରେ ଦର୍ଶନ ॥

ହିମାଦ୍ରି-ଖଣ୍ଡ-କାରିଣୀ ଭଙ୍ଗି-ବିମଣ୍ଡିତେ । ପତିତ-ତାରିଣୀ ଗଙ୍ଗା ଗୋ ଜହ୍ନୁ-ଦୁହିତେ ॥
ଭୀଷ୍ମ ଦେବଙ୍କ ଜନନୀ ମୁନିବର କନ୍ୟା । କଳୁଷ-ନିବାରିଣୀ ଗୋ ତ୍ରିଭୁବନ ଧନ୍ୟା ॥୫॥

---

୧ ନିର୍ମଳଜଳ ପ୍ରବାହ । ୨ ନଦୀ । ୩ ଗଙ୍ଗାଙ୍କର ଲହରୀମାନ ବରଫ, ଚନ୍ଦ୍ର, ମୁକ୍ତା ଓ ଅମୃତପରି ଶୁଭ୍ରବର୍ଣ୍ଣ । ୪ ଜହ୍ନୁ ମୁନିଙ୍କ ଜାନୁରୁ ବାହାରିଥିବା ହେତୁ ଗଙ୍ଗାଙ୍କର ନାମ ଜାହ୍ନବୀ

କଳ୍ପଲତାମିବ ଫଳଦାଂ ଲୋକେ, ପ୍ରଣମତି ଯସ୍ତ୍ୱାଂ ନ ପତତି ଶୋକେ ।
ପାରାବାରବିହାରିଣି ଗଙ୍ଗେ, ବିମୁଖବନିତା କୃତତରଳାପାଙ୍ଗେ ।୬।

ତବ ଚେନ୍ମାତଃ ସ୍ରୋତଃ ସ୍ନାତଃ, ପୁନରପି ଜଠରେ ସୋଽପି ନ ଜାତଃ ।
ନରକନିବାରିଣି ଜାହ୍ନବି ଗଙ୍ଗେ, କଳୁଷବିନାଶିନି ମହିମୋତ୍ତୁଙ୍ଗେ ।୭।

ପୁନରସଦଙ୍ଗେ ପୁଣ୍ୟତରଙ୍ଗେ, ଜୟ ଜୟ ଜାହ୍ନବି କରୁଣାପାଙ୍ଗେ ।
ଇନ୍ଦ୍ରମୁକୁଟମଣିରାଜିତଚରଣେ, ସୁଖଦେ ଶୁଭଦେ ସେବକ ଶରଣ୍ୟେ ।୮।

ରୋଗଂ ଶୋକଂ ତାପଂ ପାପଂ, ହର ମେ ଭଗବତି କୁମତିକଳାପଂ ।
ତ୍ରିଭୁବନସାରେ ବସୁଧାହାରେ, ତ୍ୱମସି ଗତିର୍ମମ ଖଳୁ ସଂସାରେ ।୯।

ଅଳକାନନ୍ଦେ ପରମାନନ୍ଦେ, କୁରୁ କୃପାମୟି କାତରବନ୍ଦ୍ୟେ ।
ତବ ତଟନିକଟେ ଯସ୍ୟ ନିବାସଃ, ଖଳୁ ବୈକୁଣ୍ଠେ ତସ୍ୟ ନିବାସଃ ।୧୦।

କଳ୍ପଲତା ସମ ଫଳ ପ୍ରଦାନ୍ତୁ ତୁ ଲୋକେ । ଯେ ତୋତେ ପ୍ରଣମେ ସେହୁ ପଡ଼ନ୍ତ ନାହିଁ ଶୋକେ ॥
ପାରାବାର ବିହାରିଣୀ ଭଗୀରଥୀ[୧] ଗଙ୍ଗେ । ବିମୁଖ ବନିତା କୃତ ତରଳ ଅପାଙ୍ଗେ[୨]
ଯେଉଁ ଲୋକ ତବ ଜଳେ ଥରେ ସ୍ନାନ କରେ । ସେ ଲୋକ ପୁନଶ୍ଚ ଜାତ ନ ହୁଏ ଜଠରେ
ନରକ ନିବାରିଣି ଗୋ ଶ୍ରୀଜାହ୍ନବି ଗଙ୍ଗେ । କଳୁଷ ବିନାଶିନୀ ଗୋ ମହିମା[୩] ଉତ୍ତୁଙ୍ଗେ ॥
ପୁଣ୍ୟ ତରଙ୍ଗ ମାଳିନ ଦେହଙ୍ଗ ଧାରିଣୀ[୪] । ଜୟ ଜୟ ଜାହ୍ନବି ଗୋ କରୁଣା ଶାଳିନୀ ॥
ରାଜିତ ଇନ୍ଦ୍ରମୁକୁଟ ମଣି ତୋ ଚରଣେ । ଦେଇ ସୁଖ ଦେଇ ଶୁଭ ସେବକ ଶରଣେ ।୮।
ଦୁଶ୍ଚିନ୍ତା ବିମୋହ ରୋଗ ଶୋକ ତାପ ପାପ । ହର ଭଗବତି ମୋର କୁମତି କଳାପ ॥
ତୁମ୍ଭେ ତ୍ରିଭୁବନ ସାର, ବସୁଧାର ହାର । ତବ ବିନା ମମ ଗତି ବିଶ୍ୱେ ନାହିଁ ଆର ।୯।
ପରମାନନ୍ଦରୂପିଣି ଗୋ ଅଳକା ନନ୍ଦେ[୫] । କର କୃପା କୃପାମୟି କାତରେ ମୁଁ ବନ୍ଦେ ॥
ତୋହର ତଟ ନିକଟେ ନିବାସ ଯାହାର । ନିଶ୍ଚୟ ବୈକୁଣ୍ଠ ପୁରେ ନିବାସ ତାହାର ।୧୦।

---

୧ ଭଗୀରଥଙ୍କ ଦ୍ୱାରା ଆନୀତା ହୋଇଥିବାରୁ ଗଙ୍ଗାଙ୍କ ଆଉ ଏକ ନାମ ଭଗୀରଥୀ । ୨ ଗଙ୍ଗାଙ୍କର ଅପାଙ୍ଗ ଅଭିମାନୀ ସ୍ତ୍ରୀର କଟାକ୍ଷପରି । ୩ ଗଙ୍ଗାଙ୍କର ମାହାତ୍ମ୍ୟ ଅତ୍ୟୁଚ୍ଚ । ୪ ଶ୍ରେଷ୍ଠ ଦେହ ଧାରଣକର । ୫ ଗୋ ଅଳକା ଅର୍ଥାତ୍ କୈଳାସପୁରୀର ଆନନ୍ଦ ବଢ଼ାଉଥିବାରୁ ତାଙ୍କର ନାମ ଅଳକାନନ୍ଦା ।

ବରମିହନୀରେ କମ[illegible]ନଃ, କିଂବା ତୀରେ ଶରଟଃ କ୍ଷୀଣଃ ।
ଅଥବା ଶ୍ୱପଚୋ ମ[illegible] ଦୀ[illegible] ନ ହି ଦୂରେ [illegible]କୁଲୀନଃ । ୧୧ ।

ଭୋ ଭୁବ[illegible], ଦେବି ଦ୍ରବମୟି ମୁନିବରକନ୍ୟେ ।
ଗଙ୍ଗାସ୍ତବମିମ[illegible]ନିତ୍ୟ[illegible]ତି ନରୋ ଯଃ ସ ଜୟତି ସତ୍ୟମ୍ । ୧୨ ।

ଯେଷାଂ ହୃଦୟେ ଗଙ୍ଗାଭକ୍ତିସ୍ତେଷାଂ ଭବତି ସଦା ସୁଖମୁକ୍ତିଃ ।
ମଧୁରାକାନ୍ତାପଞ୍ଝଟିକାଭିଃ ପରମାନନ୍ଦକଳିତଲଳିତାଭିଃ । ୧୩ ।

ଗଙ୍ଗାସ୍ତୋତ୍ରମିଦଂ ଭବସାରଂ ବାଞ୍ଛିତ ଫଳଦଂ ବିମଳଂ ସାରମ୍ ।
ଶଙ୍କର ସେବକ-ଶଙ୍କର ରଚିତଂ ପଠତି ବିଷୟୀମୁକ୍ତ ଇତି ଚ ସମାପ୍ତଂ । ୧୪ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଗଙ୍ଗାସ୍ତୋତ୍ରମ୍ ।

ଟଳା ନୀରେ କମଠ ମୀନ ହେବା ପଛେ ଭଲ । କୃକଳାସରୂପେ୧ ତୀରେ ରହିବା ମଙ୍ଗଳ ॥
ପାମ୍ପର ଦରିଦ୍ର ଗୃଣ୍ଡାଳ ହେବା ବରଂ ଭଲ । ଦୂରେ ରହି ରାଜା ହେବା ନାହିଁ କିଛି ଫଳ ॥
ଜୟ ହେ ଭୁବନେଶ୍ୱରୀ ପୁଣ୍ୟମୟୀ ଧନ୍ୟେ । ଜୟ ଦେବି ଦ୍ରବମୟି ମୁନିବର କନ୍ୟେ ॥
ଏ ଅମଳ ଗଙ୍ଗାସ୍ତୁତି ନିତି ଯେ ପଢ଼ଇ । ସେହି ପୁଣ୍ୟବନ୍ତ ନିଶ୍ଚେ ସଂସାର ଜିଣଇ ।୧୨।
ଯାର-ହୃଦେ ଉପୁଜଇ ଗଙ୍ଗାଙ୍କ ଭକତି । ମିଳେ ତାକୁ ସଦା ସୁଖ ଅବର ମୁକତି ॥
ସୁମଧୁର-ପଜ୍‌ଝଟିକା ଛନ୍ଦେ ବିରଚିତ । ପରମାନନ୍ଦେ ଗଙ୍ଗାସ୍ତବ ସୁଲଳିତ । ୧୩ ।
ଏହୁ ଅସାର ସଂସାରେ ଗଙ୍ଗା ସ୍ତୋତ୍ର ସାର । ପ୍ରଦାନେ ବାଞ୍ଛିତ ଫଳ ବିମୁକ୍ତ ଉଦ୍ଧାର ॥
ଦେବ-ଶଙ୍କର-ସେବକ-ଶଙ୍କର-ରଚିତ । ସ୍ୱପ୍ନେଶ୍ୱର-ଦାଶ୨ ସ୍ୱପ୍ନେଶ୍ୱର ଅନୂଦିତ । ୧୪ ।

---

୧ ଏଣ୍ଡୁଅ, ସମ୍ବଲପୁର ଅଞ୍ଚଳରେ "ଟେଙ୍ଗଣା" କହନ୍ତି । ୨ ମହାଦେବଙ୍କର ସେବକ ।

ମଣିକର୍ଣ୍ଣିକାଷ୍ଟକ ସ୍ତୋତ୍ରମ୍ ।

ତ୍ୱତ୍ତୀରେ ମଣି କର୍ଣ୍ଣିକେ ! ହରିହରୌ ସାୟୁଜ୍ୟମୁକ୍ତିପ୍ରଦୌ,
ବାଦନ୍ତୌ କୁରୁତଃ ପରସ୍ପରମୁଭୌ ଜନ୍ତୋଃ ପ୍ରୟାଣୋତ୍ସବେ ।
ମଦ୍ରୂପୋ ମନୁଜୋଽୟମସ୍ତୁ ହରିଣା ପ୍ରୋକ୍ତଃ ଶିବସ୍ତତ୍କ୍ଷଣା—
ତ୍ତନ୍ମଧ୍ୟାଦ୍ଭୃଗୁଲାଞ୍ଛନୋ ଗରୁଡ଼ଗଃ ପୀତାମ୍ବରୋ ନିର୍ଗତଃ । ୧ ।
ଇନ୍ଦ୍ରାଦ୍ୟାସ୍ତ୍ରିଦଶାଃ ପତନ୍ତି ନିୟତଂ ଭୋଗକ୍ଷୟେ ଯେ ପୁନ-
ର୍ଜ୍ଜାୟନ୍ତେ ମନୁଜାସ୍ତତୋଽପି ପଶବଃ କୀଟାଃ ପତଙ୍ଗାଦୟଃ ॥
ଯେ ମାତର୍ମ୍ମଣି କର୍ଣ୍ଣିକେ ! ତବ ଜଲେ ମଜ୍ଜନ୍ତି ନିଷ୍କଲ୍ମଷାଃ,
ସାୟୁଜ୍ୟେଽପି କିରୀଟକୌସ୍ତୁଭଧରା ନାରାୟଣାଃ ସ୍ୟୁର୍ନରାଃ । ୨ ।
କାଶୀ ଧନ୍ୟତମା ବିମୁକ୍ତନଗରୀ ସାଲଙ୍କୃତା ଗଙ୍ଗୟା,
ତତ୍ରେୟଂ ମଣିକର୍ଣ୍ଣିକା ସୁଖକରୀ ମୁକ୍ତିର୍ହି ତତ୍କିଙ୍କରୀ ॥
ସ୍ୱର୍ଲୋକସ୍ତୁଲିତଃ ସହୈବ ବିବୁଧୈଃ କାଶ୍ୟା ସମଂ ବ୍ରହ୍ମଣା,
କାଶୀ କ୍ଷୌଣିତଲେ ସ୍ଥିତା ଗୁରୁତରା ସ୍ୱର୍ଗୋ ଲଘୁଃ ଖେ ଗତଃ । ୩ ।

ମଣିକର୍ଣ୍ଣିକାଷ୍ଟକ ସ୍ତୋତ୍ର

ରାଗ—ସଙ୍କରାଭରଣ ଆହାରୀ

ମଣି କର୍ଣ୍ଣିକେ, ତୋ ତୀରେ କେହୁ ମରନ୍ତେ । ହରିହରଙ୍କ ବିବାଦ ଲାଗେ ଏମନ୍ତେ ॥
ହରି ବୋଲନ୍ତି "ହୋଇବୁ ଦେବ ମୁକତି" । ହର ବୋଲନ୍ତି "ଛାଡ଼ିବ କପାଁ ମୋ ଭକତି"? ॥
ଏରୂପେ ବିବାଦ ହେଉଁ ଭାଷନ୍ତି ହରି । "ଏ ଜୀବ ମୋ ରୂପ ଧରି ପାଉ ନିସ୍ତରି" ॥
ଶିବଙ୍କ ବଚନ କ୍ରମେ ମୃତ ଦେହରେ । ବିଷ୍ଣୁ-ସ୍ୱରୂପୀ ପୁରୁଷ ଜାତ ସତ୍ୱରେ ॥
ଭୃଗୁ-ପଦ-ଲାଞ୍ଛନରେ ବକ୍ଷ ସୁନ୍ଦର । ଚତୁର୍ଭୁଜ ଦିବ୍ୟତେଜ ପୀତ-ଅମ୍ବର ॥
ଗରୁଡ଼-ବାହନ [illegible] । ହର ଗୃହୁଁ ଗୃହୁଁ ପଶିଯାଏ ବେଗ ରଙ୍ଗେ । ୧ ।
ଭୋଗ ଅନ୍ତେ ଇନ୍ଦ୍ର [illegible] । [illegible] ଅସି ଲଭନ୍ତି ପୁନର୍ଜ୍ଜନମ ।
ବର୍ତ୍ତବଳେ ମନୁଷ୍ୟ [illegible] । [illegible] ପତଙ୍ଗର ତନୁ ଧରନ୍ତି ॥
ଜନ୍ମ ଗୋ [illegible] । [illegible] ଜନ ଭକ୍ତିଭାବେ ମଜ୍ଜନ କରେ ॥
ନିଷ୍ପାପ ୨ ହୋଇ [illegible] ଲଭେ [illegible] କୌସ୍ତୁଭ ବିଷ୍ଣୁ ରୂପ ଧରଇ । ୨ ।
ଧନ୍ୟତମା କାଶୀ [illegible] ଭୁବତଳେ ଜାହ୍ନବୀ ଧର ।
ତନ୍ମଧ୍ୟରେ ମଣିକର୍ଣ୍ଣିକା ସେ ସୁଖ-ଦାୟୀ । [illegible] ଅଟଇ ଯାର ନିତ୍ୟକିଙ୍କରୀ ॥
ଏକଦା କମଳାସନ [illegible] ଦେବଙ୍କ [illegible] ଦଣ୍ଡେ [illegible] କାଶୀ, ସ୍ୱର୍ଗ ତୁଳିଲେ ତେଣୁ ॥
ଗୁରୁ ହୋଇ [illegible] କାଶୀ [illegible] ଲଘୁବୋଲି ସ୍ୱର୍ଗ ଶୂନ୍ୟ ପଥେ ଉଠିଲା । ୩ ।

---

୧ ଶ୍ରୀବତ୍ସ ଚିହ୍ନ କି ବା । ୨ ପାପରହିତ । ନିର୍ମଳ ବା ପବିତ୍ର ।

ଗଙ୍ଗାତୀରମନୁତ୍ତମଂ ହି ସକଳଂ ତତ୍ରାପି କାଶ୍ୟୁତ୍ତମା,
ତସ୍ୟାଂ ସା ମଣିକର୍ଣ୍ଣିକୋତ୍ତମତମା ଯତ୍ରେଶ୍ୱରୋ ମୁକ୍ତିଦଃ ।।
ଦେବାନାମପି ଦୁର୍ଲ୍ଲଭଂ ସ୍ଥଳମିଦଂ ପାପୌଘନାଶକ୍ଷମଂ,
ପୂର୍ବୋପାର୍ଜ୍ଜିତପୁଣ୍ୟପୁଞ୍ଜଗମକଂ ପୁଣ୍ୟୈର୍ଜନୈଃ ପ୍ରାପ୍ୟତେ । ୪ ।

ଦୁଃଖାମ୍ଭୋନିଧିମଗ୍ନଜନ୍ତୁନିବହାସ୍ତେଷାଂ କଥଂ ନିଷ୍କୃତି—
ର୍ଜ୍ଞାତ୍ୱା ତଦ୍ଧି ବିରଞ୍ଚିନା ବିରଚିତା ବାରାଣସୀ ଶର୍ମ୍ମଦା ।।
ଲୋକାଃ ସ୍ୱର୍ଗସୁଖାସ୍ତତୋଽପି ଲଘବୋ ଭୋଗାନ୍ତପାତପ୍ରଦାଃ,
କାଶୀ ମୁକ୍ତିପୁରୀ ସଦା ଶିବକରୀ ଧର୍ମ୍ମାର୍ଥକାମୋତ୍ତରା । ୫

ଏକୋ ବେଣୁଧରୋ ଧରାଧରଧରଃ ଶ୍ରୀ ବତ୍ସଭୂଷାଧରୋ ।।
ଯୋଽପ୍ୟେକଃ କିଲ ଶଙ୍କରୋ ବିଷଧରୋ ଗଙ୍ଗାଧରୋ ମାଧବଃ ।
ଯେ ମାତର୍ମଣିକର୍ଣ୍ଣିକେ ! ତବ ଜଲେ ମଜ୍ଜନ୍ତି ତେ ମାନବା
ରୁଦ୍ରା ବା ହରୟୋ ଭବନ୍ତି ବହବସ୍ତେଷାଂ ବହୁତ୍ୱଂ କଥମ୍ । ୬ ।

ସବୁଠାରୁ ଗଙ୍ଗା-ତୀର ଉତ୍ତମ ସ୍ଥାନ । ସେ ଗଙ୍ଗା-ତଟୁଁ ଉତ୍ତମ ଶ୍ରୀକାଶୀଧାମ ।
ସେ କାଶୀଧାମୁଁ ଉତ୍ତମ ମଣିକର୍ଣ୍ଣିକା । ଯହିଁ ଈଶ୍ୱର ମୁକତି ଦଅନ୍ତି ଠିକା ।।
ଦେବଗଣଙ୍କ ଦୁର୍ଲ୍ଲଭ ଅଟେ ସେ ସ୍ଥଳ । ସୁଦକ୍ଷ ୧ ବିନାଶନେ ଯେ ପାପ ସକଳ ।
ପୂର୍ବ-ଉପାର୍ଜ୍ଜିତ ପୁଣ୍ୟ-ପୁଞ୍ଜ-ବଳରେ । ପୁଣ୍ୟାତ୍ମା ସେଠାକୁ ଯାଇ ତା ସେବ କରେ ।୪।

ଦୁଃଖାର୍ଣ୍ଣବେ ମଗ୍ନ ଜନ୍ତୁ ତରିବେ କହିଁ । ଏଣୁ ସୁଖପ୍ରଦା-କାଶୀ ବିଧିଲେ ବିହି ।
ସେପୁରି ଯାଉ ସ୍ୱରଗ ବାଞ୍ଛନ୍ତି ଯେହୁ । ଯଥାର୍ଥରେ ଲଘୁମନା ୨ ଅଟନ୍ତି ସେହୁ ।।
ଭୋଗାନ୍ତେ ସ୍ୱରଗୁଁ ହୁଏ ପତନ ଯୋଗ । କିନ୍ତୁ କାଶୀ ଦିଏ ନିତ୍ୟସୁଖ-ସମ୍ଭୋଗ ।
ଧର୍ମ୍ମ ଅର୍ଥ କାମ ଦେଇ ମୁକ୍ତି ପ୍ରଦାନେ । ତ୍ରିଭୁବନେ ନାହିଁପୁରୀ କାଶୀ ସମାନେ ।୫।

ଧରାଧର ୩ ଧରି ଥିଲେ ଯେ ବେଣୁଧର । ଏକମାତ୍ର ଅଟନ୍ତି ସେ ଶ୍ରୀବତ୍ସ-ଧର ।।
ଗଙ୍ଗାଧର ବିଷଧର ଯେଉଁ ଶଙ୍କର । ବ୍ରହ୍ମାଣ୍ଡେ ଅଟନ୍ତି ଏକସିନା ସେ ହର ।।
କିନ୍ତୁ ମା ମଣିକର୍ଣ୍ଣିକେ ! ତୁମ୍ଭ ଜଳରେ । ମଜ୍ଜନ୍ତି ଥରେ ମାନବ ଯେତେକ ନରେ ।।
ସେ ସମସ୍ତେ ହରିହର ରୂପ ଧେନନ୍ତି । ବହୁତ୍ୱ ହରିବା ଅଛି ତୋର ଶକତି ।।
କିନ୍ତୁ ହରିହରଙ୍କର କାହିଁ ବହୁତ୍ୱ ? । ତୁମ୍ଭ ଜଳର ମହିମା ଅଟେ ଅଦ୍ଭୁତ । ୬।

---

୧ ସୁଦକ୍ଷ । ୨ ନୀଚମନା । ୩ ପର୍ବତ ।

ଦୃଷ୍ଟୀରେ ମରଣନ୍ତୁ ମଙ୍ଗଳକରଂ ଦେବୈରପି ଶ୍ଳାଘ୍ୟତେ,
ଶକ୍ରସ୍ତଂ ମନୁଜଂ ସହସ୍ରନୟନୈର୍ଦ୍ରଷ୍ଟୁଂ ସଦା ତତ୍ପରଃ
ଅପ୍ୟାନ୍ତଂ ସବିତା ସହସ୍ରକିରଣୈଃ ପ୍ରତ୍ୟୁଦ୍ଗତୋଽଭୂତ୍ ସଦା,
ପୁଣ୍ୟୋଽସୌ ବୃଷଗୋଽଥ ବା ଗରୁଡ଼ଗଃ କଂ ମନ୍ଦିରଂ ଯାସ୍ୟତି । ୭ ।

ମଧ୍ୟାହ୍ନେ ମଣିକର୍ଣ୍ଣିକାସ୍ନପନଜଂ ପୁଣ୍ୟଂ ନ ବକ୍ତୁଂ କ୍ଷମଃ,
ସ୍ୱୀୟୈରବ୍ଦଶତୈଶ୍ଚତୁର୍ମୁଖଧରୋ ବେଦାର୍ଥ ଦୀକ୍ଷାଗୁରୁଃ ।
ଯୋଗାଭ୍ୟାସ ବଳେନ ଚନ୍ଦ୍ରଶିଖରସ୍ତତ୍ପୁଣ୍ୟପାରଂ ଗତ—
ସ୍ତ୍ୱତ୍ତୀରେ ପ୍ରକରୋତି ସୁପ୍ତପୁରୁଷଂ ନାରାୟଣଂ ବାଥିବମ୍ । ୮ ।

କୃଚ୍ଛ୍ରୈଃ କୋଟିଶତୈଃ ସ୍ୱପାପନିଧନଂ ଯଚ୍ଚାଶ୍ୱମେଧୈଃ ଫଳଂ,
ତତ୍ ସର୍ବଂ ମଣିକର୍ଣ୍ଣିକାସ୍ନପନଜେ ପୁଣ୍ୟେ ପ୍ରବିଷ୍ଟଂ ଭବେତ୍ ।
ସ୍ନାତ୍ୱା ସ୍ତୋତ୍ରମିଦଂ ନରଃ ପଠତି ଚେତ୍ ସଂସାରପାଥୋନିଧିଂ,
ତୀର୍ତ୍ୱା ପଲ୍ୱଲବତ୍ ପ୍ରୟାତି ସଦନଂ ତେଜୋମୟଂ ବ୍ରହ୍ମଣଃ । ୯ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ମଣିକର୍ଣ୍ଣିକାଷ୍ଟକସ୍ତୋତ୍ରଂ ।

ତବ ତୀରେ ମରଣହିଁ ମଙ୍ଗଳ-କର । ପ୍ରଶଂସନ୍ତି ସେ ମୃତ୍ୟୁକୁ ଦେବ ନିକର ॥
ଯେଉଁ ଲୋକ ତୁମ୍ଭ ତୀରେ ତେଜେ ଜୀବନ । କରନ୍ତି ସହସ୍ର-ନେତ୍ରେ-ଇନ୍ଦ୍ର ଦର୍ଶନ ॥
ସହସ୍ର କର ପ୍ରସାରି ଆପେ ତପନ । କରନ୍ତି ସେ ପୁଣ୍ୟାତ୍ମାଙ୍କୁ ପ୍ରତ୍ୟୁଦ୍ଗମନ [1] ॥
ସେ ପୁଣ୍ୟାତ୍ମା ବୃଷେ କମ୍ବା ଗରୁଡ଼େ ବସି । ଚଳଇ କୈଳାସେ ଅବା ବୈକୁଣ୍ଠେ ହସି ॥
ବେଦ-ଅର୍ଥ-ଦୀକ୍ଷା-ଗୁରୁ ଚତୁରାନନ । ନିଜ ଶତ ବର୍ଷ ଯାଏ କଲେ ବର୍ଣ୍ଣନ ॥
ମଧ୍ୟାହ୍ନେ ମଣିକର୍ଣ୍ଣିକା ସ୍ନାନର ଫଳ । ଶେଷ କରି ନ ପାରନ୍ତି ସାତ କେବଳ ॥
ଯୋଗାଭ୍ୟାସ ବଳେ ସିନା ଚନ୍ଦ୍ରଶେଖର । ତୁମ୍ଭ ମହିମା ମାହାତ୍ମ୍ୟ କରି ଗୋଚର ॥
ତବ ତୀରେ ମୃତ ଲୋକେ ଦେଇ ଈଶାନ । ବିଷ୍ଣୁ ଅବା ଶିବତ୍ୱ କରନ୍ତି ଦାନ । ୮ ।
କୋଟି କୋଟି ଅଶ୍ୱମେଧ କୃଚ୍ଛ୍ର କଲେ । ଯେ ଯେ ସିଦ୍ଧି ହୋଇ ହେଥେ ସୁଫଳ ମିଳେ ॥
ସେ ସବୁ ମିଳଇ ମଣିକର୍ଣ୍ଣିକା ସ୍ନାନେ । ପୁଣ୍ୟାତ୍ମା ଏହି ଯେ ଥାଆନ୍ତି ଧ୍ୟାନେ ॥
ସ୍ନାନ ସାରି ଯେଉଁ ନର ସ୍ତୋତ୍ର ପଢ଼ଇ । ସଂସାର ସିନ୍ଧୁ ଗୋଷ୍ପଦ ସମ ତରଇ ॥
ଚଳଇ ସେ ତେଜୋମୟ ବ୍ରହ୍ମ ସଦନେ । ... ଶିବ ବଚନେ ॥
ଶ୍ରୀ ସୁରେନ୍ଦ୍ର ... କୃତ ମଣିକର୍ଣ୍ଣିକାଷ୍ଟକ ସ୍ତୋତ୍ରର ପଦ୍ୟାନୁବାଦ ସମାପ୍ତ ।

---

[1] ... ।

କାଶୀପଞ୍ଚକ ସ୍ତୋତ୍ରମ୍

ମନୋନିବୃତ୍ତି ପରମୋପଶାନ୍ତିଃ ସା ତୀର୍ଥବର୍ଯ୍ୟା ମଣିକର୍ଣ୍ଣିକା ଚ ।
ଜ୍ଞାନପ୍ରବାହା ବିମଲାଦିଗଙ୍ଗା ସା କାଶିକାହଂ ନିଜବୋଧରୂପା ।୧।
ଯସ୍ୟାମିଦଂ କଳ୍ପିତମିନ୍ଦ୍ରଜାଲଂ ଚରାଚରଂ ଭାତି ମନୋବିଳାସଂ ।
ସଚ୍ଚିତ୍ ସୁଖୈକା ପରମାତ୍ମରୂପା, ସା କାଶିକାହଂ ନିଜ ବୋଧରୂପା ।୨।
କୋଶେଷୁ ପଞ୍ଚସ୍ୱଧିରାଜମାନା, ବୁଦ୍ଧିର୍ଭବାନୀ ପ୍ରତିଦେହଗେହମ୍ ।
ସାକ୍ଷୀ ଶିବାଃ ସର୍ବଗତୋଽନ୍ତରାତ୍ମା, ସା କାଶିକାହଂ ନିଜବୋଧରୂପା ।୩।
କାଶ୍ୟାଂହି କାଶତେ କାଶୀ କାଶୀ ସର୍ବପ୍ରକାଶିକା ।
ସା କାଶୀ ବିଦିତା ଯେନ ତେନ ପ୍ରାପ୍ତା ହି କାଶିକା ।୪।

କାଶୀପଞ୍ଚକ ସ୍ତୋତ୍ର

ରାଗ-ବଡ଼ଶ୍ରୀ

ମନ-ନିବୃତ୍ତି-କାରଣୀ   ପରମ-ଶାନ୍ତି-ଦାୟିନୀ
ଯହିଁ ସକେ ତୀର୍ଥବର ସେ ମଣିକର୍ଣ୍ଣିକା ।
ଜ୍ଞାନ ପ୍ରବାହକୁ ବହି   ବିମଳାଦି ଗଙ୍ଗା ଯହିଁ
ମୁହିଁ ସେହି ସ୍ୱୟଂ ବୋଧରୂପିଣୀ କାଶିକା ।୧।
ଯାର ଯୋଗେ ଚରାଚର   ଇନ୍ଦ୍ରଜାଲ ପରକାର
କଳ୍ପିତ ମନୋବିଳାସ ଯେ ତୀର୍ଥନାୟିକା ।
ସଚ୍ଚିତ-ସୁଖ-ଦାୟିନୀ   ପରମାତ୍ମ-ସ୍ୱରୂପିଣୀ
ମୁହିଁ ସେହି ସ୍ୱୟଂ ବୋଧରୂପିଣୀ କାଶିକା ।୨।
ଦେହ-ଗେହ-ପଞ୍ଚକୋଷେ   ଯେ ବୁଦ୍ଧି-ଭବାନୀ ବସେ
ସର୍ବଅନ୍ତର୍ଯ୍ୟାମୀ ସର୍ବସାକ୍ଷୀ ସେହି ଏକା ।
ସେହି ଶିବ ଶକ୍ତିମୟୀ   ସଂଘାତେ କାଶୀ ଅଟଇ
ମୁହିଁ ସେହି ସ୍ୱୟଂ ବୋଧରୂପିଣୀ କାଶିକା ।୩।
ଜ୍ଞାନର ତେଜେ ବିକାଶ   କାଶୀର ହୁଏ ପ୍ରକାଶ
ସେହି କାଶୀହିଁ ଅଟଇ ସର୍ବ ପ୍ରକାଶିକା
ଯେ ଜ୍ଞାନ-କୌଶିକା ସେହି   ସୁଯୋଗେ ଜାଣି ପାରଇ
ସେ ଜନ ନିଶ୍ଚୟରେ ସିନା ମିଳଇ କାଶିକା ।୪।

କାଶୀକ୍ଷେତ୍ରଂ ଶରୀରଂ ତ୍ରିଭୁବନ ଜନନୀ ବ୍ୟାପିନୀ ଜ୍ଞାନଗଙ୍ଗା,
ଭକ୍ତିଃ ଶ୍ରଦ୍ଧା ଗୟେୟଂ ନିଜଗୁରୁଚରଣଧ୍ୟାନଯୋଗଃ ପ୍ରୟାଗଃ ।
ବିଶ୍ୱେଶୋ ଯଂ ତୁରୀୟଃ ସକଳ ଜନମନଃସାକ୍ଷୀଭୂତୋଽନ୍ତରାତ୍ମା;
ଦେହେ ସର୍ବଂ ମଦୀୟେ ଯଦି ବସତି ପୁନସ୍ତୀର୍ଥମନ୍ୟତ୍ କିମସ୍ତି । ୫ ।

ଶ୍ରୀମଚ୍ଛଙ୍କରାଚାର୍ଯ୍ୟ-ବିରଚିତଂ କାଶୀ ପଞ୍ଚକ ସ୍ତୋତ୍ରଂ ସମାପ୍ତଂ ।

କାଶୀକ୍ଷେତ୍ର ଏ ଶରୀର ଜ୍ଞାନ-ଭାଗୀରଥୀ-ନୀର
ତ୍ରିଭୁବନର ଜନନୀ ଯେ ସର୍ବବ୍ୟାପିନୀ ।
ସ୍ୱଗୁରୁ ଚରଣେ ଧ୍ୟାନ ପ୍ରୟାଗ ଅଟେ ସେ ଜାଣ
ଭକତି ଶରଧା ବେନି ଗୟା ସ୍ୱରୂପିଣୀ
ବିଶ୍ୱ-ସର୍ବଜନ-ମନ ସାକ୍ଷୀଭୂତ ସନାତନ
ଆତ୍ମା ଅନ୍ତର ତୁରୀୟ ବ୍ରହ୍ମ ବିଶ୍ୱେଶ୍ୱର ।
ମୋ ଦେହେ ଏ ସର୍ବ ଯେବେ ରହିଛନ୍ତି କହ ତେବେ
କିବା ପ୍ରୟୋଜନ ଅନ୍ୟ ତୀର୍ଥରେ ମୋହର । ୫ ।

ଯମୁନାଷ୍ଟକ ସ୍ତୋତ୍ରମ୍

କୃପାପାରବାର ତପନତନୟାଂ ତାପଶମନୀଂ
ମୁରାରେ ପ୍ରେୟସ୍ୟାଂ ଭବଭୟଦବାଂ ଭକ୍ତବରଦାଂ,
ବିୟଜ୍ଜ୍ୱାଲାଂ ମୁକ୍ତାଂ ଶ୍ରିୟମପି ସୁଖାପ୍ତେଃ ପରଦିନଂ,
ସଦାଧୀରେ ନୂନଂ ଭଜତ ଯମୁନାଂ ନିତ୍ୟଫଳଦାଂ । ୧ ।
ମଧୁବନଚାରିଣି ଭାସ୍କରବାହିନି ଜାହ୍ନବୀସଙ୍ଗିନି ସିନ୍ଧୁସୁତେ,
ମଧୁରିପୁଭୂଷିଣି ମାଧବତୋଷିଣି ଗୋକୁଳଭୀତିବିନାଶକୃତେ ।
ଜଗଦଘମୋଚନି ମାନସଦାୟିନି କେଶବକେଳିନିଦାନଗତେ,
ଜୟ ଯମୁନେ ଜୟ ଭୀତିନିବାରିଣି ସଙ୍କଟନାଶିନି ପାବୟମାମ୍ । ୨ ।
ଅୟି ମଧୁରେ ମଧୁମୋଦବିଳାସିନି ଶୈଳବିଦାରିଣି ବେଗପରେ,
ପରିଜନପାଳିନି ଦୁଷ୍ଟନିସୂଦିନି ବାଞ୍ଛିତକାମବିଳାସ ଧରେ ।
ବ୍ରଜପୁରବାସି ଜନାର୍ଜିତ-ପାତକହାରିଣି ବିଶ୍ୱଜନୋଦ୍ଧାରକେ,
ଜୟ ଯମୁନେ ଜୟଭୀତିନିବାରିଣି ସଙ୍କଟନାଶିନି ପାବୟମାମ୍ । ୩ ।

ଯମୁନାଷ୍ଟକ ସ୍ତୋତ୍ର

ରାଗ-କାମୋଦୀ

କୃପାବରୁଣାଳୟା ୧ କରମାଳୀ ତନୟା ୨ କଳୁଷ-ତାପ-ବିନାଶିନୀ ।
କୃଷ୍ଣ-ମନୋହାରିଣୀ କାମନା-ପ୍ରଦାୟିନୀ କଷ୍ଟ ଭବକ ସଂହାରିଣୀ ସେ ॥
ଯାର ପ୍ରଭା । ଜିଣୁଛେ ଗଗନ-ମଣ୍ଡଳ । ପ୍ରଦାନେ ଯେତୁ ନିତ୍ୟଫଳ ।
ସେ ସୁଖମୂଳହେତୁ ଭବ-ସାଗର-ସେତୁ ଭଜନ୍ତି ପଣ୍ଡିତେ କେବଳ ଯେ । ୧ ।
ମଧୁବନ-ଚାରିଣି ୩ ପ୍ରଭାକର-ବାହିନି ୪ ସିନ୍ଧୁ-ସୁତା, ଗଙ୍ଗା-ସଙ୍ଗିନି ।
ମଧୁରିପୁ-ଭୂଷିଣି ୫ ମାଧବ-ସନ୍ତୋଷିଣି ଗୋକୁଳ-ଭୀତି-ବିନାଶିନି ଗୋ ॥
କର ତ୍ରାଣ । ଜଗତ-ପାପ-ବିମୋଚନି । ଭକତ-ବାଞ୍ଛିତ-ଦାୟିନି ।
ଭବ-ଭୟ-ହାରିଣି ସଙ୍କଟ-ନିବାରିଣି କେଶବ-କେଳି-ସଞ୍ଚାରିଣି ଗୋ । ୨ ।
ମଧୁରମ୍ବୁ-ଧାରିଣି ମହୀଧର -ଦାରିଣି ୬ ମଧୁ-ପ୍ରମୋଦ ବିଳାସିନି ୭ ।
ପରିଜନ-ପାଳିନି ପରଜନ ଦଳନି ଭକତ ବାଞ୍ଛିତ ଦାୟିନି ଗୋ ॥
ବେଗବତି । ବ୍ରଜ ବାସି ପାପ ହାରିଣି । ବିଶ୍ୱଜନଙ୍କ ଉଦ୍ଧାରିଣି ।
ଭବ-ଭୟ-ହାରିଣି ସଙ୍କଟ-ନିବାରିଣି ପବିତ୍ରକର, ୮ ରବି ନନ୍ଦିନି ଗୋ । ୩ ।

---

୧ କରୁଣା ସାଗର । ୨ ସୂର୍ଯ୍ୟସୁତା । ୩ ମଧୁବନରେ ଚାଲି ଯାଉଥିବା । ୪ ସେ ସୂର୍ଯ୍ୟଙ୍କୁ ବାହନ କରୁଅଛି । ୫ ଶ୍ରୀ କୃଷ୍ଣଙ୍କର ଅଳଙ୍କାର ସ୍ୱରୂପା । ୬ ପର୍ବତ ବିଦାରଣକାରିଣୀ । ୭ ବସନ୍ତ-କାଳୀନ ଆମୋଦ ଓ ବିଳାସ ଦେବାକୁ ଥିବା । ୮ ପବିତ୍ର-କର ।

ଅଭବପଦାମ୍ବୁଧିମଗ୍ନଜନଂ ଭବତାପଶତାକୁଳମାନସକଂ,
ଗତମତିହୀନମଶେଷଭୟାକୁଳ [illegible] ।
ଋଣଭୟଭୀତିନିଷ୍କୃତିପାତକ [illegible] ରଂ
ଜୟ ଯମୁନେ ଜୟ ଭୀତିନିବାରିଣି ସଙ୍କଟନାଶିନି ପାବୟମାମ୍ । ୪ ।

ନବଜଲଦଦ୍ୟୁତି କୋଟିଲସତ୍ତନୁହେମମୟାଭରଣାଞ୍ଚିତକେ,
ତଡ଼ିଦବହେଳି ପଦାଞ୍ଚଳ ଚଞ୍ଚଳ ଶୋଭିତ ପୀତ ସୁଚେଲଧରେ
ମଣିମୟ ଭୂଷଣ-ଚିତ୍ରପଟାସନ ରଞ୍ଜିତ ଗଞ୍ଜିତ ଭାନୁକରେ,
ଜୟ ଯମୁନେ ଜୟ ଭୀତନିବାରିଣୀ ସଙ୍କଟନାଶିନି ପାବୟମାମ୍ । ୫ ।

ଶୁଭ ପୁଳିନେ ମଧୁମତ୍ତଯଦୂଦ୍ଭବରାସମହୋତ୍ସବକେଳିଭରେ,
ଉଚ୍ଚକୁଳାଚଳରାଜିତମୌକ୍ତିକହାରମୟାଭରରୋଦସିକେ ।
ନବମଣିକୋଟିକ ଭାସ୍କର କଞ୍ଚୁକି ଶୋଭିତ ତାରକହାରଯୁତେ,
ଜୟ ଯମୁନେ ଜୟ ଭୀତ ନିବାରିଣୀ ସଙ୍କଟନାଶିନି ପାବୟମାମ୍ । ୬ ।

ବିପଦ ମହାର୍ଣ୍ଣବେ ବୁଡ଼ି ରହିଛନ୍ତି ଭବେ ଗତ ମତି ବିହୀନ ଜନ ।
ଭବ ତାପ ସଙ୍କୁଳ କରେ ସଦା ଆକୁଳ ଅଶେଷ ଭୟାକୁଳ ମନ ଗୋ ॥
ରବିସୁତା ! ତେଣୁ ଭୟେ ମୁହିଁ କାତର । ସେବିଛି ପାଦ ଭୟଙ୍କର ।
ଭବ ଭୟ ହାରିଣୀ ସଙ୍କଟ ନିବାରିଣୀ ଶରଣାଗତେ ତ୍ରାଣ କର ଗୋ । ୪ ।

ନବଜଳଦ ଦ୍ୟୁତି ୧ କୋଟିକେ ତବ କାନ୍ତି ଶୋହେ ହେମମୟ ଭୂଷଣ ।
ତଡ଼ିତନିନ୍ଦ-ପୀତ-ବସନେ ସୁଶୋଭିତ ଧରଇ ତୋ'ର ଅପଘନ ଗୋ ॥
ରବିସୁତା ! ମଣିରତନେ ସୁରଞ୍ଜିତ ୨ । ତପନ-କରେ ଉଦ୍ଦୀପିତ ॥
ଭବ-ଭୟ ହାରିଣୀ ସଙ୍କଟ ନିବାରିଣୀ ପବିତ୍ର କର ମୁଁ ପତିତ ଗୋ । ୫ ।

ଶୁଭ ପୁଳିନେ ୩ ତବ ମଧୁମତ୍ତ-ଯାଦବ ବିଳସେ ରାସ-ମହୋତ୍ସବେ ।
ଉଚ୍ଚ-ଅଚଳ-ବାର ୪ ଯେସନେ ମୁକ୍ତାହାର ତୋ ଗୃହବଢ-ସଙ୍କଷ୍ଟେ ୫ ଜଗା ॥
ରବିସୁତା ! ତୋ ନବମଣି ରବି-କର । ଲଭି ରଞ୍ଜଇ ତାରା-ହାର ॥
ଜୟ ଭୟ-ନାଶିନି ସଙ୍କଟ ନିବାରିଣୀ ଯମୁନେ ମୋତେ ତ୍ରାଣ କର ଗୋ । ୬ ।

---

୧ ନୂଆ ମେଘର କାନ୍ତିପରି ଯାହାର ଦେହର କାନ୍ତି । ୨ ମନୋହର । ୩ ତଟରେ, ୪ [illegible] ପର୍ବତ ସମୂହ । ୫ ସ୍ୱର୍ଗମର୍ତ୍ତ୍ୟ ସମ୍ପାଦନ କରେ ।

ନବଲମୌକ୍ତିକନାସିକା ଭୂଷଣକାନ୍ତ ଚମତ୍କୃତ ଚଞ୍ଚଳକେ,
ମୁଖକମଲାମଲ-ସୌରଭଚଞ୍ଚଲମତ୍ତମଧୁବ୍ରତଲୋଚନିକେ ।
ମଣିଗଣକୁଣ୍ଡଲଲୋଲପରସ୍ଫୁରଦାକୁଳ ଗଣ୍ଡଯୁଗାମଲକେ,
ଜୟ ଯମୁନେ ଜୟ ଭୀତିନିବାରିଣି ସଙ୍କଟନାଶିନି ପାବୟମାମ୍ । ୭ ।

କଲରବ ନୂପୁର ହେମମୟାଚିତପାଦ ସରୋରୁହ ସାରୁଣିକେ,
ଧିମିଧିମିଧିମିଧିମିତାଲବିନୋଦିତମାନସମଞ୍ଜୁଲ ପାଦଗତେ ।
ତବପଦପଙ୍କଜମାଶ୍ରିତମାନବଚିତ୍ତସଦାଖିଳ ତାପହରେ,
ଜୟ ଯମୁନେ ଜୟ ଭୀତିନିବାରିଣି ସଙ୍କଟନାଶିନି ପାବୟମାମ୍ ।

ଭବୋତ୍ତାପାମ୍ଭୋଧୌ ନିମଗ୍ନୋ ଜନୋ ଦୁର୍ଗତିଯୁକ୍ତୋ
ଯଦି ସ୍ତୌତି ପ୍ରାତଃ ପ୍ରତିଦିନମନନ୍ୟାଶ୍ରୟତୟା ।
ହୟାହ୍ରେଷୈଃ କାମଂ କରକୁସୁମପୁଞ୍ଜୈ ରବିସୁତାଂ,
ସଦା ଭୁକ୍ତ୍ୱା ଭୋଗାନ୍ମରଣ ସମୟେ ଯାତି ହରିତାମ୍ । ୯ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଯମୁନାଷ୍ଟକସ୍ତୋତ୍ରମ୍ ।

ବାଜେ କମ୍ପାୟମାନ ଗଜମୁକ୍ତାମାନ ନାସିକା-ଶୋଭା-ପରକାଶେ ।
ମୁଖ-ପଦ୍ମ-ସୌରଭେ ମତ୍ତ ଅଳି-ସବୁବେ ନୟନ ଗୃହ୍ଣନ୍ତି ବିକାଶେ ଗୋ ।
ରବି-ସୁତା ! ଦୋହଲ କୁଣ୍ଡଳ ଯୁଗଳ । ଗଣ୍ଡଦ୍ୱୟ କରେ ଉଜ୍ଜ୍ୱଳ ।
ଜୟ ଭୟ-ନାଶିନି ସଙ୍କଟ ନିବାରିଣି ପବିତ୍ର କର ହୃଦ-ସ୍ଥଳ ଗୋ । ୭ ।
ଶୋହଇ କୋକନଦ ୧ ପୟର ଜମ୍ବୁନଦ ୨ ନୂପୁର ଲାଗି କଳରବେ ।
ମଞ୍ଜୁଳ ପାଦଗତେ ତାଳ ଲୟ ପରତେ ଧିମି ଧିମି ଧ୍ୱନି ସମ୍ଭବେ ଗୋ ॥
ରବିସୁତା ! ଆଶ୍ରିତ-ଜନ ମନ-ବ୍ୟଥା । ଯମୁନେ ହରୁ ତୁ ସର୍ବଥା ॥
ଜୟ ଭୟ ନାଶିନି ସଙ୍କଟ ନିବାରିଣି ପବିତ୍ର କର ମୋତେ ତଥା । ୮ ।
ଦୁର୍ଗତିଯୁତ ନରେ ପଡ଼ି ଭବ ସାଗରେ ନିତ ପ୍ରାନ୍ତ ସ୍ତୁତି ଯେବେ ।
କୁସୁମାଞ୍ଜଳି କରେ ପୂଜନ୍ତି ତୋ ପୟରେ ପ୍ରଭାତେ ଏକଚିତ୍ତେ ସେବେ ଗୋ ।
ରବିସୁତା ! ବିବିଧ ଭୋଗ ସେ କରନ୍ତି । ଅନ୍ତକାଳେ ମୁକ୍ତି ଲଭନ୍ତି ॥
ଶ୍ରୀହରିଙ୍କ ଚରଣେ ଲୀନ ହୋଇ ବହନେ ସକଳ କଳୁଷ ଖଣ୍ଡନ୍ତି ଗୋ । ୯ ।

---

୧ ରକ୍ତପଦ୍ମ । ୨ । ସ୍ୱର୍ଣ୍ଣ ।

ନର୍ମ୍ମଦାଷ୍ଟକସ୍ତୋତ୍ରମ୍

ସବିନ୍ଦୁସିନ୍ଧୁସୁସ୍ଖଲତ୍ତରଙ୍ଗ ଭଙ୍ଗ ରଞ୍ଜିତଂ, ଦ୍ୱିଷତ୍ସୁ ପାପଜାତଜାତକାରିବାରି ସଂଯୁତମ୍ ।
କୃତାନ୍ତ ଦୂତକାଳଭୂତ ଭୀତିହାରି ଶର୍ମ୍ମଦେ, ତ୍ୱଦୀୟପାଦ ପଙ୍କଜଂ ନମାମି ଦେବି ନର୍ମ୍ମଦେ ॥
ତ୍ୱଦମ୍ବୁଲୀନ ଦୀନମୀନ ଦିବ୍ୟସମ୍ପ୍ରଦାୟକଂ, କଲୌମଲୌଘଭାରହାରି ସର୍ବତୀର୍ଥ ନାୟକମ୍ ।
ସୁମଚ୍ଛକଚ୍ଛନକ୍ରନକ୍ରଚକ୍ରବାକ ଶର୍ମ୍ମଦେ, ତ୍ୱଦୀୟପାଦପଙ୍କଜଂ ନମାମି ଦେବି ନର୍ମ୍ମଦେ ।୨।
ମହାଗଭୀର ନୀରପୂରପାପ ଧୂତ ଭୂତଳଂ, ଧ୍ୱନତ୍ ସମସ୍ତ ପାତକାରି ଦାରିତାପଦାଚଳମ୍ ।
ଜଗଲ୍ଲୟେ ମହାଭୟେ ମୃକଣ୍ଡୁସୂନୁଶର୍ମ୍ମଦେ, ତ୍ୱଦୀୟପାଦ ପଙ୍କଜଂ ନମାମି ଦେବି ନର୍ମ୍ମଦେ ।୩।
ଗତଂ ତଦୈବ ମେ ଭୟଂ ତ୍ୱଦମ୍ବୁ ବୀକ୍ଷିତଂଯଦା ମୃକଣ୍ଡୁସୂନୁଶୌନକାସୁରାରିସେବି ସର୍ବଦା ।
ପୁନର୍ଭବାବ୍ଧିଜନ୍ମଜଂଭବାବ୍ଧିଦୁଃଖଶର୍ମ୍ମଦେ,ତ୍ୱଦୀୟ ପାଦପଙ୍କଜଂ ନମାମି ଦେବି ନର୍ମ୍ମଦେ ॥
ଅଲକ୍ଷଲକ୍ଷ କିନ୍ନରାମରାସୁରାଦିପୂଜିତଂ, ସୁଲକ୍ଷନୀରତୀରଧୀରପକ୍ଷିଲକ୍ଷକୂଜିତଂ,

---

ନର୍ମ୍ମଦାଷ୍ଟକ ସ୍ତୋତ୍ର

ରାଗ-ମଙ୍ଗଳ ଗୁର୍ଜ୍ଜରୀ ।

ମାତ ପବିତ୍ର ସଲିଳେ ! ୧ ସଲିଳେ ୨ ତୋ'ପଯ୍ୟ । ସାଗର ସଙ୍ଗତେ ରହେ ତରଙ୍ଗ କରୟ ॥ ସେମେଭିବା ୩ ! ତବବାରି ଯେହୁ ସ୍ମରଇ । ପାପ-ଜାତ-ଭବେ ୪ ଜନ୍ମ ତାର ନ ହୁଅଇ ॥ ଯମଦୂତ-ଭୂତ-ଭୀତି-ନାଶିନି ଶର୍ମ୍ମଦେ ୫ । ତବ ପାଦ-ପଦ୍ମେ ଦେବି ! ନମାମି ନର୍ମ୍ମଦେ । ୧ । ତବ ଜଳେ ମୀନ ଆଦ ଜଳଚର-ଚୟ । ସୁଖେ ରହି କରୁଛନ୍ତି ଦିବ୍ୟ ସମ୍ପ୍ରଦାୟ ॥ କଳିମଳ-ବିନାଶନ କରେ ତବ ବାରି । ସର୍ବ ତୀର୍ଥଙ୍କ ନାୟିକା ମେଖଳ- କୁମାରୀ୬ ! ॥ କେବାକଚନ-ମତ୍ସ୍ୟ-କଚ୍ଛପ-ଶର୍ମ୍ମଦେ ୭ । ତବପାଦ-ପଦ୍ମେ ଦେବି ନମାମି ନର୍ମ୍ମଦେ । ୨ । ତୁମ୍ଭର ମହା ଗମ୍ଭୀର ସ୍ୱଚ୍ଛ ଜଳସ୍ରୋତ । ମହୀର ନିଷ୍ପାପ କରେ ଧରା କରି ଧୌତ ॥ ପରଶି ତୁମ୍ଭ କମଳ ୮ସକଳ ପାତକ। ମହାଭୟେ ପାଇଣ ତେଣେ ହୁଏ ପଳାତକ ॥ ହେ ଦେବି ! ତୁମ୍ଭର ନୀର ଅପଦ-ଦାରୀ । ସଦା ଭବ-ଭୟ ହାରୀ ମହାପାତହାରୀ ୯ । ମହାପ୍ରଳୟେ ମାର୍କଣ୍ଡ-ମୁନି ସୁଖ ପ୍ରଦେ ୧୦ । ତବ ପାଦ ପଦ୍ମେ ଦେବି ! ନମାମି ନର୍ମ୍ମଦେ ।୩। ଦରଶନମାତ୍ରେ ତୁମ୍ଭ ପବିତ୍ର କମଳ । ଛାଡ଼ିଗଲା ଭୟ ତାପ ମାନସୁଁ ସକଳ ॥ ମାର୍କଣ୍ଡେୟ ଶୌନକ ଆଦି ମୁନିଗଣ । ସେବନ୍ତି ସୁର ଅସୁର ତବ ଶ୍ରୀଚରଣ ॥ ତୁମ୍ଭ ପାଦ ଭକ୍ତିଭାବେ ଆଶା କରେ ଯେହୁ । ପୁଣି ଏ ଭବସାଗରେ ନ ଜନ୍ମଇ ସେହୁ । ତୁମ୍ଭେ ଭବ-ପାରାବାର-କ୍ଲେଶ-ଶର୍ମ୍ମଦେ୧୧ । ତବ ପାଦ-ପଦ୍ମେ ଦେବି ! ନମାମି ନର୍ମ୍ମଦେ । ୪ । ଅଲକ୍ଷ-ଲକ୍ଷ ୧୨ ଅସୁର-ଅମରକିନ୍ନର । ପୂଜନ୍ତି ନିରନ୍ତେ ମାତ ଚରଣେ ତୁମ୍ଭର ॥

---

୧ ଯାହାର ପାଣି ବିଶୁଦ୍ଧ । ୨ ଭଙ୍ଗି ସହିତ । ୩ ଚନ୍ଦ୍ରପୁତ୍ରୀ । ୪ ସଂସାରରେ । ୫ ସୁଖ ଦାୟିନୀ । ୬ ମେଖଳ ପର୍ବତରୁ ନର୍ମ୍ମଦା ନଦୀ ଜାତ ହୋଇଅଛି । ଉକ୍ତ ପର୍ବତଟି ବିଳାସପୁର ଜିଲ୍ଲାରେ ଅଛି । ୭ ସୁଖ ଦାୟିନୀ । ୮ ଜଳ । ୯ ପାପନାଶୀ । ୧୦ଦାନ କାରିଣୀ। ୧୧ ନାଶିନୀ । ୧୨ ଅସଂଖ୍ୟ ।

ବଶିଷ୍ଠଶିଷ୍ୟପିପ୍ପଳାଦକର୍ଦ୍ଦମାଦ୍ୟ ଶମ୍ଭ ଦେ, ଭ୍ଵଦୀୟ ପାଦପଙ୍କଜଂ ନମାମି ଦେବ ନର୍ମ୍ମଦେ । ୫ । ସନତ୍କୁମାରନାଚିକେତକଶ୍ୟପାତ୍ରିଷଟ୍ପଦୈର୍ଧୃତଂ ସ୍ଵକୀୟ ମାନସେଷୁ ନାରଦାଦିଷଟ୍ପଦୈଃ । ରବୀନ୍ଦୁରନ୍ତିଦେବଦେବରାଜକର୍ମ୍ମ ଶମ୍ଭ ଦେ ଭ୍ଵଦୀୟ ପାଦ ପଙ୍କଜଂ ନମାମି ଦେବ ନର୍ମ୍ମଦେ ୬॥ ଲକ୍ଷ ଲକ୍ଷଲକ୍ଷପାପଲକ୍ଷସାରସାୟୁଧଂ, ତତସ୍ତୁ ଜୀବଜନ୍ତୁ ତନ୍ତୁଭୁକ୍ତିମୁକ୍ତିଦାୟକମ୍ । ବିରଞ୍ଚିବିଷ୍ଣୁଶଙ୍କର-ସ୍ଵକୀୟ-ଧାମ-ଶମ୍ଭ ଦେ, ଭ୍ଵଦୀୟ ପାଦପଙ୍କଜଂ ନମାମି ଦେବନର୍ମ୍ମଦେ । ୭ । ଅହୋଽମୃତଂ ସ୍ଵନଂ ମହେଶକେଶଜାତଟେ, କିରାତ-ସୂତବାଡବେଷୁ ପଣ୍ଡିତେ ଶଠେ ନଟେ ଶ୍ରୁତଂ ଦୁରନ୍ତପାପତାପହାରି ସର୍ବଜନ୍ତୁଶମ୍ଭ ଦେ, ଭ୍ଵଦୀୟ ପାଦପଙ୍କଜଂ ନମାମି ଦେବ ନର୍ମ୍ମଦେ ।୮। ଇଦନ୍ତୁ ନର୍ମ୍ମଦାଷ୍ଟକଂ ତ୍ରିକାଳମେବ ମେ ସଦା, ପଠନ୍ତି ଯେ ନିରନ୍ତରଂ ନ ଯାନ୍ତି ଦୁର୍ଗତିଂ କଦା । ସୁଲଭ୍ୟ ଦେହଦୁର୍ଲ୍ଲଭଂ ମହେଶଧାମଗୌରବଂ ପୁନର୍ଭବ ନରା ନ ବୈ ବିଲୋକୟନ୍ତି ରୌରବମ୍ । ୯ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ-ବିରଚିତଂ ନର୍ମ୍ମଦାଷ୍ଟକ ସ୍ତୋତ୍ରମ୍ ॥

ଲକ୍ଷ ଲକ୍ଷ-ଧୀର ୧ପକ୍ଷୀ ନୀଡ଼ ୨ ତଟଗାରେ । ମୂଲକ୍ଷ ୩ କରି କୂଜନ କରନ୍ତି ମଧୁରେ ॥ ବଶିଷ୍ଠ-ପିପ୍ପଳା-ଦାଦ ଶିଷ୍ୟ-ମୁନିଗଣ । ତବ କର୍ଦ୍ଦମରେ ଅଙ୍ଗ କରନ୍ତି ଲେପନ ॥ ପତିତ-ପାବନି ସୁର-ଅସୁର ଶମ୍ଭ ଦେ । ତବପାଦ ପଦ୍ମେ ଦେବ ! ନମାମି ନର୍ମ୍ମଦେ । ୫ । ସନତ୍କୁମାର ଅତ୍ରି କଶ୍ୟପ ନାରଦ । ନାଚିକେତ ଆଦି କେତେ ମୁନି ଷଟ୍‌ପଦ ୪ ॥ ତବପାଦ ପଦ୍ମେ ଧ୍ୟାନ କରୁଥାନ୍ତି ସଦା । ତୁମ୍ଭେ ଭଗବତି ! ଶୁଭ-ଚତୁ-ର୍ବ୍ବର୍ଗ ପ୍ରଦା ॥ ରବିଶଶୀ ବାସବାଦି ସ୍ଵକର୍ମ୍ମ ଶମ୍ଭ ଦେ । ତବପାଦ ପଦ୍ମେ ଦେବ ! ନମାମି ନର୍ମ୍ମଦେ । ୬ । ଲକ୍ଷ ଅଲକ୍ଷ ପାତକ ଲକ୍ଷ ଲକ୍ଷ ପ୍ରତି । ତୁମ୍ଭ ପଦ୍ମ ମଦ ମାତ ଅମୋଘ ଶ-ଞ୍ଚ ॥ ଆତର ବର ଅଭୟ ଭୁକତି ମୁକତି । ପ୍ରଦାନି ଜୀବଜନ୍ତୁଙ୍କ ବିନାଶେ ଦୁର୍ଗତି ॥ ବିରଞ୍ଚି ବିଷ୍ଣୁ ଶଙ୍କର ସ୍ଵଧାମ ଶମ୍ଭ ଦେ । ତବ ପଦ ପଦ୍ମେ ଦେବ ! ନମାମି ନର୍ମ୍ମଦେ ।୭। ମହେଶ କେଶଜା ତଟେ ୭ ତୁମ୍ଭ ଧ୍ଵନି ଶ୍ରୁତ । ହୋଇ ବର୍ତ୍ତିକୁ ପ୍ରଦାନ କରେ ସୁଖାମୃତ ॥ କିରାତ, ସୂତ, ୯ ବାଡ଼ବ ୧୦ ବିଜ୍ଞ, ଶଠ, ନଟ । ଆଦିଙ୍କ ପାପ ସନ୍ତାପ ବିନାଶ ଉତ୍କଟ ॥ ଚରାଚର ଜୀବଜନ୍ତୁ ସକଳ ଶମ୍ଭ ଦେ । ତବ ପାଦପଦ୍ମେ ଦେବ ! ନମାମି ନର୍ମ୍ମଦେ ।୮। ଏ ନର୍ମ୍ମଦାଷ୍ଟକ ଯେହୁ ନିତ ଭକ୍ତିଭରେ । ପ୍ରଭାତ ମଧ୍ୟାହ୍ନ ସାୟଂକାଳେ ପାଠ କରେ ॥ ସକଳ କଳୁଷ ତାର ହୁଅଇ ଖଣ୍ଡନ । ଦୁର୍ଗତି ଭୋଗ ତାହାର ନୁହେ କଦାଚନ ॥ ମହେଶ୍ଵରଙ୍କ ଆବାସ ଗୌରବ ଦୁର୍ଲ୍ଲଭ । ଏ ଦେହରେ ହୋଇଥାଏ ତାହାଙ୍କୁ ସୁଲଭ ॥ ସଂସାରେ ଜନ୍ମ ଯାତନା ଆଉ ନ ଲଭଇ । ନରକ ଦର୍ଶନ ସ୍ଵପ୍ନେ ସୁଦ୍ଧା ନ ହୁଅଇ । ୯ ।

---

୧ କ୍ରୀଡ଼ା । ୨ ବସା । ୩ ସସ୍ଥାପନ । ୪ ଭ୍ରମର । ୫ ଜ୍ଞାତାଜ୍ଞାତ । ୬ ଅବ୍ୟଥ । ୭ ଗଙ୍ଗାକୂଳରେ (?) । ୮ ଭଣ୍ଡ ଏଜାତି । ୯ ବ୍ରାହ୍ମଣ ଘାସାରଥି । ୧୦ ସାମୁଦ୍ରିକଜାତି ଅର୍ଥାତ ଧିବର ।

ଯମୁନାଷ୍ଟକ ସ୍ତୋତ୍ରମ୍

[ପ୍ରକାରାନ୍ତର]

ମୁରାରିକାୟକାଲିମାଲଲାମବାରିଧାରିଣୀ, ତୃଣୀକୃତାତ୍ରିବିଷ୍ଟପା ତ୍ରିଲୋକଶୋକହାରିଣୀ । ମନୋଽନୁକୂଲକୂଲକୁଞ୍ଜପୁଞ୍ଜଧୂତଦୁର୍ମଦା, ଧୁନୋତୁ ମେ ମନୋମଲଂ କଳିନ୍ଦନନ୍ଦିନୀ ସଦା । ୧ । ମଲାପହାରିବାରିପୂରିଭୂରିମଣ୍ଡିତାମୃତା, ଭୃଶଂ ପ୍ରପାତକପ୍ରପଞ୍ଚନାତିପଣ୍ଡିତାନିଶା ସୁନନ୍ଦନନ୍ଦନାଙ୍ଗସଙ୍ଗରାଗରଞ୍ଜିତା ହିତା ଧୁନୋତୁ ମେ ମନୋମଲଂ କଳିନ୍ଦନନ୍ଦିନୀ ସଦା ।୨। ଲସତ୍ତରଙ୍ଗସଙ୍ଗଧୂତଭୂତଜାତପାତକା ନବୀନମାଧୁରୀଧୁରୀଣଭକ୍ତିଜାତଚାତକା—ତଟାନ୍ତବାସଦାସହଂସସଂସୃତାହ୍ନିକାମଦା, ଧୁନୋତୁ ମେ ମନୋମଲଂ କଳିନ୍ଦନନ୍ଦିନୀ ସଦା ।୩। ବିହାରରାସଖେଦଭେଦଧୀରତୀରମାରୁତା ଗତାଗିରାମଗୋଚରେ ଯଦୀୟନୀରଚାରୁତା । ପ୍ରବାହ ସାହଚର୍ଯ୍ୟ ପୂତମେଦିନୀ ନଦୀ ନଦା, ଧୁନୋତୁ ମେ ମନୋମଲଂ କଳିନ୍ଦନନ୍ଦିନୀ ସଦା । ୪ । ତରଙ୍ଗସଙ୍ଗ ସୈକତାନ୍ତରାନ୍ତିତଂ ସଦାସିତା ଶରନ୍ନିଶାକରାଂ

ଯମୁନାଷ୍ଟକସ୍ତୋତ୍ର । (୨ୟ)

ରାଗ-ବଙ୍ଗଳାଶ୍ରୀ ।

ମୁରାରି ଶ୍ରୀଅଙ୍ଗ ସମକୃଷ୍ଣରଙ୍ଗ ଲଲମବାରି-ଧାରିଣୀ ।
ଯାର ସରସମ ନୁହେ ସ୍ୱର୍ଗ ଧାମ ତ୍ରିଲୋକ-ଶୋକ-ହାରିଣୀ ॥
ମନୋରମ ତୀର-ଅଗମ ଶ୍ରେଣୀର ମଳ ପ୍ରକ୍ଷାଳୁ ଦୁର୍ମଦା ।
ମମ ମନୋମଳ ଧୋଅଟୋ ସକଳ କଳିନ୍ଦ-ନନ୍ଦିନୀ ସଦା ।୨।
ପାପ-ଅପହାରୀ [illegible] ଅମାପ ବାରି ଜଳ-ସମ୍ପଦ-ମଣ୍ଡିତା ।
ନିଶି ଦିନି ମାନ [illegible] ପ୍ରପଞ୍ଚ-ନାଶ ପଣ୍ଡିତା ॥
କୃଷ୍ଣ-ଅଙ୍ଗ ସଙ୍ଗୀ— [illegible] ଅନୁପା ହିତ୍ୱା ସ୍ୱମ୍ବଦା ।
ମମ ମନୋମଳ [illegible] ଗୋ ସକଳ କଳିନ୍ଦ ନନ୍ଦିନୀ ସଦା ।୨।
ତରଙ୍ଗ ନିକର [illegible] ଧୂତ କରେ ପାତକ ।
ଶୋଭା ନବୀନ ମାଧୁରୀ [illegible] ଭକ୍ତ ମୂକେ ଚାତକ ॥
କଛଛର ବାସ ହଂସବଳା ଦାସ [illegible] କାମଦା ।
ମମ ମନୋମଳ [illegible] ସକଳ କଳିନ୍ଦ-ନନ୍ଦିନୀ ସଦା । ୩ ।
ବହୁ ଧୀର ନୀର ସମୀରଣ ତୀର—ବିହାର-ତାପ ବହରେ ।
ଚଳିଲ ସମ୍ଭାର ଶୋଭାର ଅପାର କାହା ନୁହେ ବଚନରେ ॥
ତୋ ପ୍ରବାହ ସଙ୍ଗେ ମିଶି ମହାରଙ୍ଗେ ପୂତ ବହୁ ନଦୀନଦା ॥
ମମ ମନୋମଳ ଧୋଅବୋ ସକଳ କଳିନ୍ଦ ନନ୍ଦିନୀ ସଦା । ୪ ।

ସ୍ମିମଞ୍ଜୁମଞ୍ଜରୀ ସଭାଶିତା । ଭବାର୍ଚ୍ଚନା ପ୍ରଚୁରତୋୟା ମୃନାଧନାଶାରଦା, ଧୂନୋତୁ ମେ ମନୋମଳଂ କଳିନ୍ଦ ନନ୍ଦିନୀ ସଦା ।୫।
ଜଳାନ୍ତ କେଳିକାରି ଚାରୁରାଧିକାଙ୍ଗରାଗିଣୀ ସ୍ୱଭର୍ତ୍ତୁରନ୍ୟଦୁର୍ଲ୍ଲଭାଙ୍ଗସଙ୍ଗତାଂଶଭାଗିନି ସ୍ୱଦତ୍ତସୁପ୍ତସପ୍ତ ସିନ୍ଧୁଭେଦନା ତିକୋବିଦା ଧୂନୋତୁ ମେ ମନୋମଳଂ କଳିନ୍ଦ ନନ୍ଦିନୀ ସଦା । ୬ । ଜଳଚ୍ୟୁତାଚ୍ୟୁତାଙ୍ଗରାଗଲମ୍ପଟାଳିଶାଳିନୀ ବିଲୋଲରାଧିକାକଚାନ୍ତଚମ୍ପକାଳିମାଳିନୀ । ସଦାବଗାହନାବତୀର୍ଣ୍ଣଭର୍ତ୍ତୃଭୃତ୍ୟନାରଦା, ଧୂନୋତୁ ମେ ମନୋମଳଂ କଳିନ୍ଦ ନନ୍ଦିନୀ ସଦା । ୭ । ସଦୈବନନ୍ଦନନ୍ଦକେଳିକୁଞ୍ଜମଞ୍ଜୁଳା ତଟୋତ୍ଥଫୁଲ୍ଲମଲ୍ଲିକାକଦମ୍ବରେଣୁସୁଜ୍ଜ୍ୱଳା ଜଳାବଗାହିନାଂ ନୃଣାଂ ଭବାବ୍ଧିସିନ୍ଧୁପାରଦା, ଧୂନୋତୁ ମେ ମନୋମଳଂ କଳିନ୍ଦ ନନ୍ଦିନୀ ସଦା । ୮ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଯମୁନାଷ୍ଟକ ସ୍ତୋତ୍ରମ୍ ।

ସୁରକତସଙ୍ଗ ଲଭିଣି ତରଙ୍ଗ ଉଜ୍ଜ୍ୱଳେ ସର୍ବ ଭୁବନ ।
ଶରଦ ଶଶାଙ୍କ ମଞ୍ଜୁଳ ଚନ୍ଦ୍ରିକା ପ୍ରାୟେ ଦିଶୁ ଶୋଭାବନ ॥
ତବ ଜଳେ ଭବ ପୂଜାକଲେ ଭବ ପାପ ନ ରହଇ କଦା ।
ମମ ମନୋମଳ ଧୋଅଗୋ ସକଳ କଳିନ୍ଦ ନନ୍ଦିନୀ ସଦା ।୫।
ରାଧିକା ତୋ ଜଳେ କେଳି କରି ହେଲେ ଉଜ୍ଜ୍ୱଳ ଅଙ୍ଗ ରାଗିଣୀ ।
ତୁହି ପତିବ୍ରତା ସଦା ଶିରୋମଣୀ ସ୍ୱାମୀ ଅର୍ଦ୍ଧାଂଶ ଭାଗିନୀ ॥
ସପ୍ତ ପାରାବାର ତୋ ଜଳ ଉଦାର ଦେଖି ଶୋଭଇ କୋବିଦା ।
ମମ ମନୋମଳ ଧୋଅଗୋ ସକଳ କଳିନ୍ଦ ନନ୍ଦିନୀ ସଦା । ୬ ।
ଅଚ୍ୟୁତଙ୍କ ଅଙ୍ଗ ଚ୍ୟୁତଅଙ୍ଗରାଗ ଲିଭି ଯଥା ଉନ୍ମାଦିନୀ ।
ତୁ ପୁଣି ବିଲୋଳ ରାଧିକା କଚାନ୍ତ ଚମ୍ପକ ପୁଷ୍ପ ମାଳିନୀ ॥
ଭର୍ତ୍ତୃଭୃତ୍ୟ ଭେଦ ନ ରଖି ତୋ ଜଳେ ସ୍ନାନ କଲେ ବିଶାରଦା ।
ମମ ମନୋମଳ ଧୋଅଗୋ ସକଳ କଳିନ୍ଦ ନନ୍ଦିନୀ ସଦା । ୭ ।
କେଳୀ-ରତ-ଜନ ଆନନ୍ଦେ ମଗନ କଳ୍ପିତ କୁଞ୍ଜେ ମଞ୍ଜୁଳ ।
ପ୍ରଫୁଲ୍ଲମଲ୍ଲିକା କଦମ୍ବ ରେଣୁରେ ଦିଶୁ ସଦା ସମୁଜ୍ଜ୍ୱଳ ॥
ତୋ ପବିତ୍ରଜଳ ସ୍ନାନକାରିଙ୍କ ତୁ ଅଟୁ ଭବାବ୍ଧି ପାରଦା ।
ମମ ମନୋମଳ ଧୋଅଗୋ ସକଳ କଳିନ୍ଦ ନନ୍ଦିନୀ ସଦା । ୮ ।

ମଣିରତ୍ନମାଳା

ଅପାର ସଂସାର ସମୁଦ୍ରମଧ୍ୟେ, ସମ୍ମଜ୍ଜତୋ ମେ ଶରଣଂ କିମସ୍ତି ॥
ଗୁରୋ କୃପାଲୋ କୃପୟା ବଦୈତଦ୍ ବିଶ୍ୱେଶପାଦାମ୍ବୁଜଦୀର୍ଘନୌକା । ୧ ।

ବଦ୍ଧୋ ହି କୋ ଯୋ ବିଷୟାନୁରାଗୀ, କା ବା ବିମୁକ୍ତିର୍ବିଷୟେ ବିରକ୍ତିଃ ।
କୋ ବାସ୍ତି ଘୋରୋ ନରକଃ ସ୍ୱଦେହସ୍ତୃଷ୍ଣାକ୍ଷୟଃ ସ୍ୱର୍ଗପଦଂ କିମସ୍ତି ।୨।

ସଂସାର ହୃତ୍ କଃ ଶ୍ରୁତିଜାତ୍ମବୋଧଃ କୋ ମୋକ୍ଷହେତୁଃ କଥିତଃ ସ ଏବ ॥
ଦ୍ୱାରଂ କିମେକଂ ନରକସ୍ୟ ନାରୀ, କା ସ୍ୱର୍ଗଦା ପ୍ରାଣଭୃତାମହିଂସା । ୩ ।

ଶେତେ ସୁଖଂ କସ୍ତୁ ସମାଧିନିଷ୍ଠୋ, ଜାଗର୍ତ୍ତି କୋ ବା ସଦସଦ୍ ବିବେକୀ ॥
କେ ଶତ୍ରବଃ ସନ୍ତି ନିଜେନ୍ଦ୍ରିୟାଣି, ତାନ୍ୟେବ ମିତ୍ରାଣି ଜିତାନି ଯାନି । ୪ ।

କୋ ବା ଦରିଦ୍ରୋ ହି ବିଶାଳତୃଷ୍ଣଃ, ଶ୍ରୀ ମାଂଶ୍ଚ କୋ ଯସ୍ୟ ସମସ୍ତତୋଷଃ ॥
ଜୀବନ୍ମୃତଃ କସ୍ତୁ ନିରୁଦ୍ୟମୋ ଯଃ, କୋ ବାଽମୃତଃ ସ୍ୟାତ୍ ସୁଖଦା ନିରାଶା । ୫

ମଣିରତ୍ନମାଳା

ଅପାର ସଂସାର ସାଗରେ । ବୁଡ଼ି ରହିଛନ୍ତି ନିରନ୍ତରେ ॥ ଏଥୁଁ କେ କରିବ ତାରଣ ॥ କା ଠାରେ ପଶିବି ଶରଣ ? । ହେ ଗୁରୁ କୃପାଜଳପତେ ! । କରୁଣା କରି କହ ମତେ ॥ (ହେ ଶିଷ୍ୟ ପଚାରିଲ ଯାହା । କହୁଛନ୍ତି ଶୁଣ ଧୀରେ ତାହା ॥) "ବିଶ୍ୱେଶ ଚରଣ କମଳ । ସେ ଦୀର୍ଘ ନଉକା" କେବଳ । ୧ । ବଦ୍ଧ କେ ? "ଯେ ବିଷୟସ୍ନେହୀ ।" କିଏ ମୁକ୍ତ ? "ବିରାଗୀ ଯେହି" ॥ ଭୟାନକ ନରକ କିସ ? । "ଅପଣା ଶରୀର" ହେ ଶିଷ ॥ କାହାକୁ ସ୍ୱର୍ଗପୁର କହି ? । "ତୃଷ୍ଣାକ୍ଷୟକୁ" ଜାଣ ତହିଁ ।୨। କେ ହରେ ସଂସାର ବନ୍ଧନ ? ॥ "ଶ୍ରୁତି ଜନିତ ଆତ୍ମଜ୍ଞାନ" ॥ କେ ପୁଣି ମୁକତି ନିଦାନ ? । "ସେ ଶ୍ରୁତି ଜାତ ଆତ୍ମଜ୍ଞାନ" ॥ କେ ଅଟେ ନରକର ଦ୍ୱାର ? । "କେବଳ ନାରୀଟି" ବିଚାର ॥ କେକରେ ସ୍ୱରଗ ପ୍ରାପତି ? । "ଅହିଂସା ସର୍ବଜୀବ ପ୍ରତି" । ୩ । କେ ସୁଖେ କରଇ ଶୟନ ? "ସମାଧିନିଷ୍ଠ ଯେଉଁ ଜନ" । ଜାଗ୍ରତ ଏ ବିଶ୍ୱରେ କେହି ? । "ସଦସତ ବିବେକୀ ଯେହି" ॥ ଶତ୍ରୁଗଣ କେ ତ୍ରିଭୁବନେ ? "ନିଜ ଇନ୍ଦ୍ରିୟ" ରଖ ମନେ ॥ ଇନ୍ଦ୍ରିୟେ ହୋଇଲେ ପରାଜିତ ॥ ମିତ୍ର ସେ ହୁଅନ୍ତି ତୁରିତ ।୪। କିଏ ଦରିଦ୍ର ଜଗତରେ ? "ବିଶାଳ ତୃଷ୍ଣା ଯା ଚିତ୍ତରେ" ॥ ଅବର ଧନୀ କେ ଅଟଇ ? । "ଯେ ସଦା ସନ୍ତୋଷେ ରହଇ" ॥ ଜୀବନ୍ମୃତ କେ ବୋଲାଉଛି ? । "ଉଦ୍ୟମ ନାହିଁ ଯାର କିଛି" ॥ ଅମୃତ କି ? କହ ବୁଝାଇ । "ନିରାଶା ସୁଖଶାନ୍ତିଦାୟୀ" । ୫ ।

ପାଶୋ ହି କୋ ଯୋ ମମତାଭିମାନଃ, ସମ୍ମୋହୟତ୍ୟେବ ସୁରେବ କା ସ୍ତ୍ରୀ ॥
କୋ ବା ମହାନ୍ଧୋ ମଦନାତୁରୋ ଯୋ, ମୃତ୍ୟୁଶ୍ଚ କୋ ବାପଯଶଃ ସ୍ୱକୀୟଂ । ୬ ।
କୋ ବା ଗୁରୁର୍ଯୋ ହି ହିତୋପଦେଷ୍ଟା, ଶିଷ୍ୟସ୍ତୁ କୋ ଯୋ ଗୁରୁଭକ୍ତ ଏବ ।
କୋ ଦୀର୍ଘରୋଗୋ ଭବ ଏବ ସାଧୋ, କିମୌଷଧନ୍ତସ୍ୟ ବିଚାର ଏବ । ୭ ।
କିଂ ଭୂଷଣାଦ୍ ଭୂଷଣମସ୍ତି ଶୀଳଂ, ତୀର୍ଥମ୍ପରଂ କିଂ ସ୍ୱମନୋ ବିଶୁଦ୍ଧଂ ॥
କିମତ୍ର ହେୟଂ କନକଞ୍ଚ କାନ୍ତା, ଶ୍ରାବ୍ୟଂ ସଦା କିଂ ଗୁରୁବେଦବାକ୍ୟଂ । ୮ ।
କେ ହେତବୋ ବ୍ରହ୍ମଗତେସ୍ତୁ ସନ୍ତି, ସତ୍ ସଙ୍ଗତିଦାନ ବିଚାର ତୋଷାଃ ।
କେ ସନ୍ତି ସନ୍ତୋଽଖିଲବୀତରାଗା, ଅପାସ୍ତମୋହା ଶିବତତ୍ତ୍ୱନିଷ୍ଠାଃ । ୯ ।
କୋ ବା ଜ୍ୱରଃ ପ୍ରାଣଭୃତାଂ ହି ଚିନ୍ତା, ମୂର୍ଖୋଽସ୍ତି କୋ ଯସ୍ତୁ ବିବେକ ହୀନଃ ।
କାର୍ଯ୍ୟା ପ୍ରିୟା କା ଶିବବିଷ୍ଣୁଭକ୍ତିଃ, କିଂ ଜୀବନଂ ଦୋଷ ବିବର୍ଜ୍ଜିତଂ ଯତ୍ । ୧୦ ।
ବିଦ୍ୟା ହି କା ବ୍ରହ୍ମଗତିପ୍ରଦା ଯା, ବୋଧୋ ହି କୋ ଯସ୍ତୁ ବିମୁକ୍ତିହେତୁଃ ।
କୋ ଲାଭ ଆତ୍ମାବଗମୋ ହି ଯୋ ବୈ, ଜିତଂ ଜଗତ୍ କେନ ମନୋହି ଯେନ ।୧୧

ବନ୍ଧନ-ପାଶ କାହା ପାଇଁ ? । "ଯେ ଅଭିମାନମମତାରେ" ॥ ସୁରାପାନ୍ ମତ୍ତ କେ କରେ ? "ନାରୀ" ନପଡ଼ ତା ମୋହରେ ॥ କେ ମହାନ୍ଧ ? "ଯେ କାମାତୁର" । ମୃତ୍ୟୁ କି ? "ଅପଯଶ ନିଜର" । ୬ । ଜଗତ ମଧ୍ୟେ ଗୁରୁ କିଏ ? । "ଯେ ହିତଉପଦେଶ ଦିଏ ॥" ଶିଷ୍ୟ କେ ? କରନ୍ତୁ ବ୍ୟକତ । "ଯେ ସରଳ ଗୁରୁଭକତ ॥" କି ରୋଗ ଚିରସ୍ଥାୟୀ ପୁଣି ? "ଭବେ ଜନମ ପୁନଃପୁନ" ॥ ଔଷଧ କିବା ଅଛି ତାର ? "ଏକମାତ୍ର ବ୍ରହ୍ମ ବିଚାର ॥ ଭୂଷଣରୁଁ ଶ୍ରେଷ୍ଠ କି ଭୂଷଣ ? "ସଚ୍ଚରିତ୍ରତା" ହେ ସୁମନ ॥ ହେୟ ଦ୍ରବ୍ୟ ଅଟେ କେବଣ ? "କାମିନୀ ଆଉର କାଞ୍ଚନ" ॥ * କେ ଅଟେ ତୀର୍ଥଙ୍କ ରାଜନ ? "ଅପଣାର ବିଶୁଦ୍ଧ ମନ" ॥ କିବା ଉଚିତ ଶୁଣିବାର ? ଗୁରୁ-ବେଦ-ବଚନ ସାର" । ୮ । କି ଲଭି ବ୍ରହ୍ମ ହେତୁମାନ ? "ତୋଷ, ବିଚାର, ସଙ୍ଗ, ଦାନ" ॥ ସଂସାରେ କେ ସାଧୁ ବୋଲାଏ ? "ବିଷୟେ ଶ୍ରଦ୍ଧା ଯା ନ ଥାଏ" ॥ ଅଉର ମୋହଶୂନ୍ୟ ଯେହୁ । ଯେ ବ୍ରହ୍ମନିଷ୍ଠ ସାଧୁ ସେହୁ" ।୯। ଜ୍ୱର କି ପ୍ରାଣିମାନଙ୍କର ? "ଚିନ୍ତା" ଏମନେ ହେତୁକର ॥ କାହାକୁ ମୂର୍ଖବୋଲି କହ ? । "ଯାର ବିବେକ କିଛି ନାହିଁ ॥" ଜଗତେ କିସ ପ୍ରିୟ ଅତି ? । ଶିବ ଓ ବିଷ୍ଣୁଙ୍କ ଭକତି ॥" କିଏ ସେ ପ୍ରକୃତ ଜୀବିତ ? । "ହୋଇଛି ଯେ ଦୋଷ ବର୍ଜ୍ଜିତ" ? ।୧୦। ବିଦ୍ୟା କି ବୋଲାଏ ବିଶ୍ୱରେ ? । "ଯେ ବ୍ରହ୍ମଗତି ଦାନ କରେ ॥" କାହାକୁ କହନ୍ତି ଜ୍ଞାନ ? । "ଯେ ବୋଧ ମୁକ୍ତିର ନିଦାନ" ॥ କାହାକୁ ଲାଭ ବୋଲି କହି ? "ଆତ୍ମତତ୍ତ୍ୱଜ୍ଞାନ" ଅଟଇ ॥ ଜଗତ ଜିଣି ଅଛି କେହୁ ? । "ନିଜମନ ଜିଣିଛି ଯେହୁ" । ୧୧ ।କେ ବୀରଠାରୁ ମହାବୀର ! "ଯେ ନୁହେ କାମାସ୍ତ୍ରେ

---

* ସୁବର୍ଣ୍ଣ । ** କନ୍ଦର୍ପ ଶରରେ ।

ଶୂରାନ୍ମହାଶୂରତମୋଽସ୍ତି କୋ ବା, ମନୋଜବାଣୈର୍ବ୍ୟଥିତୋ ନ ଯସ୍ତୁ ।
ପ୍ରାଜ୍ଞୋଽତିଧୀରଶ୍ଚ ସମୋଽସ୍ତି କୋ ବା, ପ୍ରାପ୍ତୋ ନ ମୋହଂ ଲଳନାକଟାକ୍ଷୈଃ । ୧୨ ।
ବିଷାଦ୍ୱିଷଂ କିଂ ବିଷୟାଃ ସମସ୍ତା, ଦୁଃଖୀ ସଦା କୋ ବିଷୟାନୁରାଗୀ ।
ଧନ୍ୟୋଽସ୍ତି କୋ ଯସ୍ତୁ ପରୋପକାରୀ, କଃ ପୂଜନୀୟଃ ଶିବତତ୍ତ୍ୱନିଷ୍ଠଃ । ୧୩ ।
ସର୍ବାସ୍ୱବସ୍ଥାସ୍ୱପି କିଂ ନ କାର୍ଯ୍ୟଂ, କିଂ ବା ବିଧେୟଂ ବିଦୁଷା ପ୍ରଯତ୍ନାତ୍ ।
ସ୍ନେହଂ ଚ ପାପଂ ପଠନଂ ଚ ଧର୍ମଃ, ସଂସାରମୂଳଂ ହି କିମସ୍ତି ଚିନ୍ତା । ୧୪ ।
ବିଜ୍ଞାନ୍ମହାବିଜ୍ଞତମୋଽସ୍ତି କୋ ବା, ନାର୍ଯ୍ୟା ପିଶାଚ୍ୟା ନ ଚ ବଞ୍ଚିତୋ ଯଃ ।
କା ଶୃଙ୍ଖଳା ପ୍ରାଣଭୃତାଂ ହି ନାରୀ, ଦିବ୍ୟଂ ବ୍ରତଂ କିଞ୍ଚ ସମସ୍ତଦୈନ୍ୟଂ । ୧୫ ।
ଜ୍ଞାତୁଂ ନ ଶକ୍ୟଂ ଚ କିମସ୍ତି ସର୍ବୈ, ର୍ଯୋଷିନ୍ମନୋ ଯଚ୍ଚରିତଂ ତଦୀୟଂ ।
କା ଦୁସ୍ତ୍ୟଜା ସର୍ବଜନୈର୍ଦୁରାଶା, ବିଦ୍ୟାବିହୀନଃ ପଶୁରସ୍ତି କୋ ବା । ୧୬ ।
ବାସୋ ନ ସଙ୍ଗଃ ସହ କୈର୍ବିଧେୟୋ, ମୂର୍ଖୈଶ୍ଚ ନୀଚୈଶ୍ଚ ଖଳୈଶ୍ଚ ପାପୈଃ ।
ମୁମୁକ୍ଷୁଣା କିଂ ତ୍ୱରିତଂ ବିଧେୟଂ, ସତ୍ସଙ୍ଗତିର୍ନିର୍ମମତେଶଭକ୍ତିଃ । ୧୭ ।

ଅଧୀର'' ॥ କେ ପ୍ରାଜ୍ଞ ଧୀର ସମଦର୍ଶୀ ? ''ଯେ ନୁହେ କଟାକ୍ଷେ ଆକର୍ଷୀ × [illegible] ଲଳନାର'' ହେ ସାଧୁଗଣ । ମୋହିତ ନୁହେ କଦାଚନ । ୧୨। ବିଷଠାରୁ କେ ଅତିଶୟ ! । ''ସକଳ ପ୍ରକାର ବିଷୟ'' ॥ କିଏ ସର୍ବଦା ଦୁଃଖଭାଗୀ ! ''ଯେହୁ ବିଷୟେ ଅନୁରାଗୀ'' ॥ ଧନ୍ୟ କେ ? ''ଯେ ପରୋପକାରୀ'' । ''ପୂଜ୍ୟ କେ ? ''ଶିବତତ୍ତ୍ୱଧାରୀ ।।'' । ୧୩ । କି ନ କରିବେ ଜ୍ଞାନିଜନ । ''ସ୍ନେହ ଓ ପାପ ଆଚରଣ।।'' କର୍ତ୍ତବ୍ୟ କିବା ଜ୍ଞାନିଙ୍କର ? ''ବେଦ-ପଠନ ଧର୍ମାଚାର'' ॥ କି ଅଟଇ ସଂସାରର ଶୂଳ ? । ''ଚିନ୍ତା'' ସେ ଜୀବନର ମୂଳ । ୧୪ । ବିଜ୍ଞମାନଙ୍କ ମଧ୍ୟେ କିଏ । —ମହାବିଜ୍ଞତମ ବୋଲାଏ ? ॥ ''ପିଶାଚୀ-ନାରୀ ପ୍ରବଞ୍ଚନେ । ଯେ ଜନ ପଡ଼ି ନାହିଁ ଯତନେ । ପ୍ରାଣିମାନଙ୍କ କେ ଶୃଙ୍ଖଳ ? ''ରମଣୀ'' ଅଟଇ କେବଳ ॥ କି ବ୍ରତ ଦିବ୍ୟ ବ୍ରତ ଅଟେ ! । ''ଦୈନ୍ୟଭାବ ସର୍ବ ନିକଟେ'' । ୧୫ । କିଏ ଜାଣିବାରେ ବିଚକ୍ଷ ? ''ନାରୀ-ମନ, ନାରୀ ଚରିତ'' ॥ କି ଛାଡ଼ି ନୁହେ ସହଜରେ ! ''ଦୁରାଶା'' ନର ସମାଜରେ ॥ ପଶୁ କାହାକୁ ଲୋକେ କହ ? । ''ଯେ ବିଦ୍ୟା-ବିହୀନ'' ଅଟଇ । ୧୬। କା ସଙ୍ଗ, ବାସ କା'ସହିତ ? । କରିବା ଅଟେ ଅବିହିତ ?॥ ''ମୂର୍ଖ-ନୀଚ-ପାପୀ-ଖଳର- । ସଙ୍ଗ-ବାସ ଅନିଷ୍ଟକର'', ॥ ମୁକତି-ଇଚ୍ଛୁକ ଯେ ଜନେ । କି କାର୍ଯ୍ୟ କରିବେ ତରିତେ ? ॥ ''ନିର୍ମମତା ଯେ ସତ୍ସଙ୍ଗତ । ଆଉରି ଈଶ୍ୱର ଭକତି'' । ୧୭ ।

× ଯେଉଁ ପୁରୁଷ ସ୍ତ୍ରୀର କଟାକ୍ଷରେ ମୋହିତ ହୁଏ ନାହିଁ ।

ଲଘୁତ୍ୱମୂଳଞ୍ଚ କିମର୍ଥିତୈବ, ଗୁରୁତ୍ୱମୂଳଂ ଯଦଯାଚନଞ୍ଚ ।
ଜାତୋ ହି କୋ ଯସ୍ୟ ପୁନର୍ନ ଜନ୍ମ, କୋ ବା ମୃତୋ ଯସ୍ୟ ପୁନର୍ନ ମୃତ୍ୟୁଃ ॥୧୮॥

ମୂକୋଽସ୍ତି କୋ ବା, ବଧିରଶ୍ଚ କୋ ବା, ବକ୍ତୁଂ ନ ଯୁକ୍ତଂ ସମୟେ ସମର୍ଥଂ ।
ତଥ୍ୟଂ ସୁପଥ୍ୟଂ ନ ଶୃଣୋତି ବାକ୍ୟଂ, ବିଶ୍ୱାସପାତ୍ରଂ ନ କିମସ୍ତି ନାରୀ ॥

ତତ୍ତ୍ୱଂ କିମେକଂ ଶିବମଦ୍ୱିତୀୟଂ, କିମୁତ୍ତମଂ ସଚ୍ଚରିତଂ ଯଦସ୍ତି ।
ତ୍ୟାଜ୍ୟଂ ସୁଖଂ କିଂ ସ୍ତ୍ରିୟମେବ ସମ୍ୟକ୍, ଦେୟଂ ପରଂ କିଂ ତ୍ୱଭୟଂ ସଦୈବ ॥୨୦॥

ଶତ୍ରୋର୍ମହାଶତ୍ରୁତମୋଽସ୍ତି କୋ ବା, କାମଃ ସକୋପାନୃତଲୋଭତୃଷ୍ଣଃ ।
ନ ପୂର୍ଯ୍ୟତେ କୋ ବିଷୟୈଃ ସ ଏବ, କିଂ ଦୁଃଖମୂଳଂ ମମତାଭିଧାନଂ । ୨୧

କିଂ ମଣ୍ଡନଂ ସାକ୍ଷରତା ମୁଖସ୍ୟ, ସତ୍ୟଞ୍ଚ କିଂ ଭୂତହିତଂ ସଦୈବ ॥
କିଂ କର୍ମ କୃତ୍ୱା ନ ହି ଶୋଚନୀୟଂ କାମାରିକଂସାରିସମର୍ଚ୍ଚନାଖ୍ୟଂ ।୨୨।

ଲଘୁତାର ମୂଳ କଅଣ ? । "ଯାଚ୍ଞା" ଯା ନାମ ମାଗିବା) ॥ ମହତ୍ତ୍ୱର ମୂଳ କି
ଅଟେ ? । "ଅଯାଚନା" ଜାଣି ମାନବେ ॥ ସଫଳ ଜନମ କାହାର ? । "ପୁନର୍ଜନ୍ମ ନାହିଁ
ଯାହାର" ॥ ପ୍ରକୃତେ ମୃତ କେ ବୋଲାଇ ? । "ପୁଣି ଯା ମୃତ୍ୟୁ ହେବ ନାହିଁ । ୧୮ ।
ମୂକ କେ ? । "ଯେ ଠିକ କାଳରେ । ଯଥାକଥା କହି ନ ପାରେ" ॥ କିଏ ବା ବଧିର
ଅଟଇ ? ।"ଯେ ହିତ କଥା ନ ଶୁଣଇ" ॥ କିଏ ବିଶ୍ୱାସପାତ୍ର ନୁହେ ? । "ରମଣୀ"
ଖଳ ଏହା ବୁଝିବୋ॥ ତତ୍ତ୍ୱ କି ଏକମାତ୍ର ଅଟଇ ? । "ଅଦ୍ୱିତୀୟ ଶଙ୍କର ଅଟଇ" ॥ କେଉଁଶ୍ରେଷ୍ଠ
ପ୍ରଶଂସା-ଭଜନ ? । "ସାଧୁ-ଚରିତ ଯେତେ ଜନ ॥ ତ୍ୟାଜ୍ୟ କି ଯୋଗ୍ୟ ସୁଖ କିସ ? "କାମିନୀ
ସଙ୍ଗ ସୁଖ ଯିଏ" ॥ ଦେବାର ଉପଯୁକ୍ତ କିସ ? । "ପରକୁ ଅଭୟ କରିବା" । ୨୦ ।
କେଉଁ ଶତ୍ରୁମାନଙ୍କ ମଧ୍ୟରେ । ମହାଶତ୍ରୁ ଅଟେ ବିଶ୍ୱରେ ? ॥ "କାମ, କ୍ରୋଧ, ଲୋଭ
ଅପର । ଅସତ୍ୟ, ତୃଷ୍ଣା ହେତୁକର" ... କିଏ ନିରନ୍ତର ? "ଆଶା, ବିଷୟ-
ମାନଙ୍କର" ॥ ଦୁଃଖର କାରଣ କି ପୁଣି । "ମମତା" ବୋଲି ଅଛି ଜାଣି ॥ ମୁଖମଣ୍ଡନ
କିସ ଅଟେ ? । "ପାଣ୍ଡିତ୍ୟ" ବୁଝ ... ॥ କିବା ପ୍ରାଣୀଙ୍କ ...ର ? । "ସତ୍ୟ"
ଠାରୁ ନାହିଁ ଅପର ॥ କି କର୍ତ୍ତବ୍ୟ [illegible] ? । ( ) † କଂସାରି *
"ଅର୍ଚ୍ଚନା" ।୨୨। ତାହା ବିନା ଶେଷ [illegible] ? । "ବିଷ୍ଣୁ [illegible]" ॥ ତାହିଁ

---

† ଶିବ । * ଶ୍ରୀକୃଷ୍ଣ ।

କସ୍ୟାସ୍ତି ନାଶେ ମନସୋ ହି ମୋକ୍ଷଃ, କ୍ୱ ସର୍ବଥା ନାସ୍ତି ଭୟଂ ବିମୁକ୍ତୌ ॥
ଶଲ୍ୟଂ ପରଂ କିଂ ନିଜମୂର୍ଖତୈବ, କେ କେ ହ୍ୟୁପାସ୍ୟା ଗୁରୁଦେବବୃଦ୍ଧାଃ ।୨୩।

ଉପସ୍ଥିତେ ପ୍ରାଣହରେ କୃତାନ୍ତେ, କିମାଶୁ କାର୍ଯ୍ୟଂ ସୁଧିୟା ପ୍ରୟତ୍ନାତ୍ ॥
ବାକ୍କାୟଚିତ୍ତୈଃ ସୁଖଦଂ ଯମଘ୍ନଂ, ମୁରାରିପାଦାମ୍ବୁଜଚିନ୍ତନଞ୍ଚ । ୨୪ ।

କେ ଦସ୍ୟବଃ ସନ୍ତି କୁବାସନାଖ୍ୟାଃ, କଃ ଶୋଭତେ ଯଃ ସଦସି ପ୍ରବିଦ୍ୟଃ ॥
ମାତେବ କା ବା ସୁଖଦା ସୁବିଦ୍ୟା, କିମେଧତେ ଦାନବଶାତ୍ ସୁବିଦ୍ୟା ।୨୫।
କୁତୋ ହି ଭୀତିଃ ସତତଂ ବିଧେୟା, ଲୋକାପବାଦାଦ୍ଭବକାନନାଚ୍ଚ ॥
କୋ ବାତିବନ୍ଧୁଃ ପିତରଶ୍ଚ କେ ବା, ବିପତ୍ସହାୟାଃ ପରିପାଳକା ଯେ । ୨୬ ।
ବୁଦ୍ଧ୍ୱା ନ ବୋଧ୍ୟଂ ପରିଶିଷ୍ୟତେ କିଂ, ଶିବପ୍ରସାଦଂ ସୁଖବୋଧରୂପଂ ।
ଜ୍ଞାତେ ତୁ କସ୍ମିନ୍ ବିଦିତଂ ଜଗତ୍ସ୍ୟାତ୍ ସର୍ବାତ୍ମକେ ବ୍ରହ୍ମଣି ପୂର୍ଣ୍ଣରୂପେ । ୨୭ ।

କିଂ ଦୁର୍ଲଭଂ ସଦ୍‌ଗୁରୁରସ୍ତି ଲୋକେ, ସତ୍‌ସଙ୍ଗତି ବ୍ରହ୍ମବିଚାରଣା ଚ ।
ତ୍ୟାଗୋ ହି ସର୍ବସ୍ୟ ଶିବାତ୍ମବୋଧଃ, କୋ ଦୁର୍ଜୟଃ ସର୍ବଜନୈର୍ମନୋଜଃ । ୨୮ ।

କେଉଁଠି ନାହିଁ ଭୟ ? "ବିମୁକ୍ତିରେ" କର ନିଶ୍ଚୟ ॥ ଦେଖ ଅଟେ ଯେ କିବା ଶଲ୍ୟ† "ନିଜର ମୂର୍ଖତା" କେବଳ ॥ ସେବିବା ଉଚିତ କାହାଙ୍କୁ ? । "ଗୁରୁ, ବୃଦ୍ଧ ଓ ଦେବତାଙ୍କୁ" ॥ ମରଣକାଳ ଉପସ୍ଥିତେ । ଜ୍ଞାନୀ କି କରିବ ତ୍ୱରିତେ ? ॥ "ଶରୀର, ମାନସ ବଚନେ । ହରିପାଦ ପଦ୍ମ ଚିନ୍ତନେ" ॥ ସୁଖଦ ଯେ ଦୋନି ଚରଣ । ଯମ-ଯାତନା ନିବାରଣ" ।୨୪। କେ ଦସ୍ୟୁ, ଚୋର ନୀଚାଶୟ ? । "ନିଜର କୁବାସନଚୟ" ॥ କେ ଶୋଭାପାନ୍ତି ସଭା-ସ୍ଥଳେ ? । "ଉତ୍ତମ ବିଦ୍ୱାନ ସକଳେ" ॥ ମାତା ପ୍ରାୟେ କିଏ ସୁଖଦା ? । "ସୁବିଦ୍ୟା" ମାନବେ ସର୍ବଦା ॥ କ୍ଷୟ କି ନୁହେ ଦାନ କଲେ ? । ସେହି "ସୁବିଦ୍ୟା" ଜାଣ ଭଲେ ।୨୫। ଡରିବ କା'କୁ ଅନୁକ୍ଷଣେ ? । "ଲୋକନିନ୍ଦା, ସଂସାର- ବନେ" ॥ କେବନ୍ତ ପ୍ରିୟ ଅତିଶୟ ? । "ବିପଦେ ଯେ ହୁଅ ସହାୟ" ॥ କେଉଁମାନେ ପିତା ଅଟନ୍ତି ? । "ପ୍ରତିପାଳନ ଯେ କରନ୍ତି" କି ଜ୍ଞାନ ହେଲେ ଅନ୍ୟ ଜ୍ଞାନ- । ବୁଝିବା ନାହିଁ ପ୍ରୟୋଜନ ॥ "ଶିବପ୍ରସାଦ ସୁଖବୋଧ" । (ସେ ଜ୍ଞାନ ଭବେ ଅବରୋଧ) ॥ କାହାକୁ ପାରିଲେ ଜାଣି । ଜ୍ଞାତ ନୁହେ ବିଶ୍ୱବାଣୀ? ॥ "ସର୍ବାତ୍ମା ପୂର୍ଣ୍ଣ ବ୍ରହ୍ମେ ଯେବେ- । ଜାଣି ପାରିଲେ" ବୋଲେ ବେଦେ । ୨୭ । କି ଦୁର୍ଲଭ ? "ସଦ୍‌ଗୁରୁ ଜନ,- । ସତ୍‌ସଙ୍ଗ, ବ୍ରହ୍ମ-ବିଚାରଣ" ॥ ସର୍ବତ୍ୟାଗର କି ନିଦାନ ? । "ମୁଁ ସ୍ୱୟଂ ଶିବ, ଏହି ଜ୍ଞାନ" ॥ ଦୁର୍ଜୟ କେ ଜଗତଜନେ ? । "ମଦନ" ଏଥି ଯୋ ମନେ । ୨୮ ।

---

† କଣ୍ଟକ ବା ଦୁଃଖ ।

ପଶୋଃ ପଶୁଃ କୋ ନ କରୋତି ଧର୍ମଂ, ପ୍ରାଚୀନ ଶାସ୍ତ୍ରେଽପି ନ ଚାତ୍ମବୋଧଃ ।
କିନ୍ତଦ୍ୱିଷମ୍ଭାତି ସୁଧୋପମଂ ସ୍ତ୍ରୀ, କେ ଶତ୍ରବୋ ମିତ୍ରବଦାତ୍ମଜାଦ୍ୟାଃ । ୨୯ ।

ବିଦ୍ୟୁଚ୍ଚଳଂ କିଂ ଧନଯୌବନାୟୁର୍ଦ୍ଦାନଂ ପରଂ କିଂ ଚ ସୁପାତ୍ରଦତ୍ତଂ ।
କଣ୍ଠଂ ଗତୈରପ୍ୟସୁଭିର୍ନ କାର୍ଯ୍ୟଂ, କିଂ କିଂ ବିଧେୟଂ ମଳିନଂ ଶିବାର୍ଚ୍ଚା । ୩୦ ।

ଅହର୍ନିଶଂ କିଂ ପରିଚିନ୍ତନୀୟଂ, ସଂସାରମିଥ୍ୟାତ୍ୱଶିବାତ୍ମତତ୍ତ୍ୱଂ ।
କିଂ କର୍ମ ଯତ୍ ପ୍ରୀତିକରଂ ମୁରାରେଃ, କ୍ୱାସ୍ଥା ନ କାର୍ଯ୍ୟା ସତତଂ ଭବାବ୍ଧୌ । ୩୧ ।

କଣ୍ଠଂ ଗତା ବା ଶ୍ରବଣଂ ଗତା ବା, ପ୍ରଶ୍ନୋତ୍ତରାଖ୍ୟା ମଣିରତ୍ନମାଳା ।
ତନୋତୁ ମୋଦଂ ବିଦୁଷାଂ ସୁରମ୍ୟଂ, ରମେଶଗୌରୀଶକଥେବ ସଦ୍ୟଃ । ୩୨ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ-ବିରଚିତା ମଣି ରତ୍ନମାଳା ।

ପଶୁଠୁଁ ମହାପଶୁ କେହୁ ? । "ଯାହାର ଅନୁଷ୍ଠାନ ନାହିଁ" ॥ ପ୍ରାଚୀନ ଶାସ୍ତ୍ର ଅନୁସାରେ । ଯେ [illegible] କର୍ମ ନ ଆଚରେ" ॥ କେଉଁଟି ବିଷ ସୁଧାମତ ୧ । ବୋଧ ହୁଅଇ ? ସେ "ସ୍ତ୍ରୀଜାତି" ॥ ମିତ୍ରତୁଲ୍ୟ କେକେ ଅରାତି ? "ପୁତ୍ରକନ୍ୟାକାନ୍ତା ପ୍ରଭୃତି" । ୨୯ । ଚଞ୍ଚଳ କି ଚପଳାବତ "ଜୀବନ, ଯୌବନ ବିତ୍ତ" ॥ ଦାନମଧ୍ୟେ କି ମହାଦାନ ? । "ସୁପାତ୍ରେ ଦାନ" ଏହା ଜାଣ ॥ ପ୍ରାଣ ହେଲେହେଁ କଣ୍ଠଗତା କିବା କରିବା ଅନୁଚିତ ? ॥ "ଯହିଁ ଅଧର୍ମ ହେବ ଜାତ । ସେ କର୍ମେ ଦେବ ନାହିଁ ହାତ" ॥ ପାପିର ଉଚିତ କି କର୍ମ ? । "ଶିବ-ଅର୍ଚ୍ଚନା ମୁଖ୍ୟଧର୍ମ" । ୩୦ । ଦିବାରଜନୀ ନିରନ୍ତର-। କି ଚିନ୍ତା କରୁଥିବ ନର ? ॥ "ଅଟଇ ସଂସାର ଅସତ୍ୟ । ଏକା ଶିବାତ୍ମା ବୋଧ ସତ୍ୟ" ॥ କର୍ମ କି ? "ଯାହା ପ୍ରୀତିକର-। ଅଟଇ ମୁରରିପୁଙ୍କର" ୩ ॥ ଅନାସ୍ଥା ୪ ସଦା ଲୋକର କର୍ମେ ? । "ଭବ-ସିନ୍ଧୁ-ଲୌକିକ ଧର୍ମେ" । ୩୧ । ପ୍ରଶ୍ନୋତ୍ତର କ୍ରମରେ ଗୁନ୍ଥା-। ଏ ମଣିରତ୍ନମାଳା ତଥା ॥ ହୋଇ କଣ୍ଠ ବା କର୍ଣ୍ଣଗତ । ହରିହରଙ୍କ କଥାବତ ॥ ଜ୍ଞାନୀଙ୍କ ଚିତ୍ତ କରୁ ମୋଦ । (ଅନୁବାଦିତ ବତିଶ ପଦ) । ୩୨ ।

---

୧ ଅମୃତ ୨ ବିଜୁଳି ୩ ଶ୍ରୀକୃଷ୍ଣ, ମୁରାରି ୪ ବିତୃଷ୍ଣା

ଆତ୍ମଜ୍ଞାନ କଥନମ୍

ଆତ୍ମଜ୍ଞାନଂ ପ୍ରବକ୍ଷ୍ୟାମି ଶୃଣୁ ନାରଦ ତତ୍ତ୍ୱତଃ ।
ଅଦ୍ୱୈତଂ ସାଂଖ୍ୟମିତ୍ୟାହୁର୍ଯୋଗସ୍ତତ୍ରୈକଚିତ୍ତତା ।୧।

ଅଦ୍ୱୈତଯୋଗସମ୍ପନ୍ନାଧ୍ୱେ ମୁଚ୍ୟନ୍ତେ ଭବବନ୍ଧନାତ୍ ।
ଅପ୍ରାରବ୍ଧମାଗାମି କର୍ମ ନଶ୍ୟତି ବୋଧତଃ ।୨।

ସଦ୍ବିଚାରକୁଠାରେଣ ଛିନ୍ନସଂସାରପାଦପଃ ।
ଜ୍ଞାନବୈରାଗ୍ୟତୀର୍ଥେନ ଲଭତେ ବୈଷ୍ଣବଂ ପଦଂ ।୩।

ଜାଗ୍ରତ୍ସ୍ୱପ୍ନସୁଷୁପ୍ତ୍ୟସ୍ତୁ ମାୟା ନିତ୍ୟମୁଚ୍ୟତେ ।
ଅନୈକାନ୍ତଗତଂ ସର୍ବଂ ଶାଶ୍ୱତେନାବ୍ୟୟେ ପଦେ ।୪।

ନାମରୂପକ୍ରିୟାହୀନଂ ସର୍ବଂ ତତ୍ପରମଂ ପଦଂ ।
ଜୀବଭକ୍ତେଶ୍ୱରୋଽନନ୍ତଂ ମୁଦ୍ଧ ଏ ଧ୍ରୁବସ୍ଥବାନ୍ ।୫।

ବେଦାହମେତଂ ପୁରୁଷଂ ବେଦ୍ୟଂ ତମସଃ ପରଂ ।
ତେନୈବମମୃତୀ ଯୋଷାଦ୍ୱ ନାନ୍ୟଃ ପନ୍ଥା ବିମୁକ୍ତୟେ ।୬।

ଆତ୍ମଜ୍ଞାନକଥନ ।

କୃଷ୍ଣ କହନ୍ତି ହେ ନାରଦ । ଶୁଣ ଆତ୍ମଜ୍ଞାନ ବିଶଦ ॥ ପରମାତ୍ମାରେ ଚିତ୍ତ ଲୟେ । ଏହାହିଁ ଯୋଗନାମ କହେ ॥ ମନ କରିବନ୍ତି ସଂଯୋଗ । ତାହାର ନାମ ସିନା ଯୋଗ ॥ ଅଦ୍ୱୈତ ଜ୍ଞାନକୁ ସ୍ମରନ୍ତେ । ସାଂଖ୍ୟ ଯୋଗ ବୋଲନ୍ତି ମନେ ।୧। ଯେହୁ ଅଦ୍ୱୈତ ଯୋଗଯୁକ୍ତ । ସେ ଭବ-ବନ୍ଧନୁଁ ବିମୁକ୍ତ ॥ ତିନିକାଳ କର୍ମ ଫଳମାନ । ତାର ବିନାଶ ହୁଏ ଜାଣ ॥ ଭୂତ ଭବିଷ୍ୟ ବର୍ତ୍ତମାନ । ଏହାହିଁ ତିନି କାଳ ଜାଣି ।୨। ସତ ବିଚାର-କୁଠାରକୁ । ଛେଦ ସଂସାର-ତରୁ ବର ॥ ଜ୍ଞାନବୈରାଗ୍ୟ-ତୀର୍ଥବଳେ । ବୈଷ୍ଣବ ପଦ ଲଭି ଭଲେ ।୩। ଜାଗ୍ରତ ସ୍ୱପ୍ନ ଓ ସୁଷୁପ୍ତି । ଏ ତିନି ଅବସ୍ଥା ଅଛନ୍ତି ॥ ଏ ତିନି ଅବସ୍ଥା ସମ୍ବନ୍ଧ । ମାୟା କହଇ ଅନୁବନ୍ଧ ॥ ସେ ମାୟା ସଂସାରର ମୂଳ । ମାୟା ଜଡ଼ିତ ଜୀବକୁଳ ॥ ସେ ମାୟା ରହିଥିବା ଯାଏ । ସଂସାର ସତ୍ୟ ଜଣାଏ ॥ ପରମ ପଦ ଯେ ଅବ୍ୟୟ । ଲଭିଲେ ନ ରହେ ସଂଶୟ ।୪। ନାମରୂପ କ୍ରିୟା ଅତୀତ । ନାହିଁ କିଛି ପରଂ ବ୍ରହ୍ମର ॥ ଏ ବିଶ୍ୱ ସୃଜଣେ ଈଶ୍ୱର । ପ୍ରଭୁ ଅଛନ୍ତି ତା ଭିତରେ ।୫। "ମାୟା ଅତୀତ ମୁଁ ଅଟଇଁ । ତଦ୍ରୂପ ପୁରୁଷେ ଜାଣଇଁ ॥ ଏହି ସେହି ଆତ୍ମା ପୁରୁଷ । ଯେବେ ଜ୍ଞାନ ହେବ ଏରୂପ ॥ ସେ ଜ୍ଞାନ ମୁକତିର ପନ୍ଥା । ତାହା ବିନା ନାହିଁ ଅନ୍ୟଥା ।୬। ଧ୍ୟାନ, ମନନ ଓ ଶ୍ରବଣ ।

ଶ୍ରବଣଂ ମନନଂ ଧ୍ୟାନଂ ଜ୍ଞାନାନାଞ୍ଚୈବ ସାଧନଂ ।
ଯଜ୍ଞଦାନତପସ୍ତୀର୍ଥ ବେଦୈ ର୍ମୁକ୍ତିର୍ନ ଲଭ୍ୟତେ । ୭ ।

ତ୍ୟାଗେନ କେନଚିଦ୍ଧ୍ୟାନଂ ପୂଜାକର୍ମାଦିଭିର୍ଯଥା ।
ଦ୍ୱିବିଧଂ ବେଦବଚନଂ କୁରୁ କର୍ମ ତ୍ୱକେ ବଚୌ । ୮ ।

ଯଜ୍ଞାଦୟୋ ହ୍ୟମୁକ୍ତାନାଂ ନିଷ୍କାମାନାଂ ବିମୁକ୍ତୟେ ।
ଅନ୍ତଃକରଣ-ଶୁଦ୍ଧ୍ୟର୍ଥଂ ଭବନ୍ତୁରେବାସ କେବଳ । ୯ ।

ଏତେନ କଳ୍ପନା ଜ୍ଞାନାତ୍ ମୁକ୍ତିର୍ନ ଦ୍ୱୈତଭାବନା ।
ଯୋଗଭ୍ରଷ୍ଟାଃ କୁଯୋଗାଶ୍ଚ ବିପ୍ରା ଯୋଗିକୁଳୋଦ୍ଭବାଃ । ୧୦ ।

କର୍ମଣା ବାଧ୍ୟତେ ଜନ୍ତୁର୍ଜ୍ଞାନାନ୍ମୁକ୍ତୋ ଭବାଦ୍ଭବେତ୍ ।
ଆତ୍ମଜ୍ଞାନମାଶ୍ରୟେଦ୍ବୈ ଅଜ୍ଞାନଂ ବନ୍ଧତୋଽନ୍ୟଥା । ୧୧ ।

ଏ ସର୍ବ ଜ୍ଞାନର ସାଧନ ॥ ପ୍ରାଣୀଏ ସେହି ଜ୍ଞାନ ବଳେ । ମୁକତି ଲଭନ୍ତି ସମୂଳେ ॥ ତପସ୍ୟା ବେଦ ଅଧ୍ୟୟନ । ଯଜ୍ଞ ଦାନ ତୀର୍ଥ ଅର୍ଚ୍ଚନ ॥ ଏହି ମୁକତି ନୁହେ ପ୍ରାଣୀ । ଯେବେ ନ ଥାଏ ବ୍ରହ୍ମେ ଜାଣି । ୭ । ସଂସାର-ମାୟା ପରିହରି । ଧ୍ୟାନ ପୂଜାଦି କର୍ମ କରି ॥ ଏ ବେନି ବେଦର ବଚନ । ଯତନେ କରିବ ପାଳନ ॥ ବ୍ରହ୍ମ-ଉଦ୍ଦେଶ୍ୟେ କର୍ମ କରି । ଭବ-ସାଗରୁ ଯାଅ ତରି । ୮ । କେହି ବନ୍ଧିଥାନ୍ତି ଏମନ । ଯଜ୍ଞାଦି କଲେ ଆଚରଣ ॥ ଶୁଦ୍ଧ ହୁଏ ଅନ୍ତଃକରଣ । ତେଣୁ ନିଷ୍କାମ ବ୍ୟକ୍ତିଗଣ ॥ ଲଭନ୍ତି ମୁକତି ଅଚିର । ଏଣୁ ଯଜ୍ଞାଦି କର୍ମ କର । ୯ । ଅଦ୍ୱୈତ ଜ୍ଞାନ ଜନମିଲେ । ଏକଇ ଜନ୍ମେ ମୁକ୍ତି ମିଳେ ॥ ସକଳ ଆତ୍ମା ବ୍ରହ୍ମମୟ । ଏ ଜ୍ଞାନ ଅଦ୍ୱୈତ ନିଶ୍ଚୟ ॥ ବ୍ରହ୍ମ ଆତ୍ମାରେ ନାହିଁ ଭେଦ । ଏହା ଅଦ୍ୱୈତ କହେ ବେଦ ॥ ଈଶ୍ୱର ପୃଥକ ଅଟନ୍ତି । ପରମ ଜୀବାତ୍ମା ନୁହନ୍ତି ॥ ବ୍ରହ୍ମ ଆତ୍ମା ଏକ ନୁହଇ । ଏହାକୁ ଦ୍ୱୈତ ଜ୍ଞାନ କହି ॥ ଯେ ଦ୍ୱୈତଭାବ ଆଚରଇ । ଜନ୍ମକେ ମୁକ୍ତ ସେ ନୁହଇ ॥ ସେ ଯୋଗଭ୍ରଷ୍ଟ ହୋଇ ପୁଣ । ଭବରେ ହୁଏ ଉତପନ୍ନ ॥ ବିପ୍ର ସ୍ୱରୂପେ ଯୋଗିକୁଳେ । ସେ ନର ଜନ୍ମଇ ଭୂତଳେ । ୧୦ । କର୍ମ ବନ୍ଧନେ ପ୍ରାଣୀ ସର୍ବେ । ଆବଦ୍ଧ ହୋଇଥାନ୍ତି ଭବେ ॥ ଜ୍ଞାନ ଉଦୟେ ମୁକ୍ତି ଲଭ । ହସି କହନ୍ତି ପଦ୍ମନାଭ ॥ ତେଣୁ ଆତ୍ମଜ୍ଞାନ ଆଶ୍ରୟ । କରି ବ୍ରହ୍ମକୁ କର ଲୟ ॥ ଆତ୍ମଜ୍ଞାନ ବିନା ଯେ ଜ୍ଞାନ । ତାହା ଅଜ୍ଞାନ ବୋଲି ଜାଣ । ୧୧ । ହୃଦୟୁଁ କାମନା ନାଶନ୍ତୁ ।

ଅତ୍ମଜ୍ଞାନ କଥନଂ

ଯଦା ସର୍ବେ ବିମୁଚ୍ୟନ୍ତେ କାମା ଯସ୍ୟ ହୃଦି ସ୍ଥିତାଃ ।
ତଦାମୃତତ୍ୱମାପ୍ନୋତି ଜୀବନ୍ନେବ ନ ସଂଶୟଃ । ୧୨ ।

ବ୍ୟାପକତ୍ୱାତ୍ କଥଂ ମୋକ୍ଷ କୋ ଯାତି କ୍ୱ ସ ଯାତି ଚ ।
ଅନନ୍ତତ୍ୱାନ୍ନ ଦେଶୋଽସ୍ତି ଅମୂର୍ତ୍ତତ୍ୱାଦ୍‌ଗତିଃ କୁତଃ । ୧୩ ।

ଅଦ୍ୱୟତ୍ୱାନ୍ନ କୋଽପ୍ୟସ୍ତି ବୋଧତ୍ୱାଜ୍ଜଡ଼ତାଙ୍ଗତ ॥
ଏକୋଽଦ୍ୱିତ୍ୱଂ ଯଦନ୍ୟସ୍ୟ ମତ୍ତ୍ୱାଗତସଂସ୍ଥିତଃ । ୧୪ ।

ଅଥବା କାଶକଲ୍ପାସ୍ୟ ଗତିରାକାଶସଂସ୍ଥିତିଃ ॥
ଜାଗ୍ରତ୍ସ୍ୱପ୍ନସୁଷୁପ୍ତିଞ୍ଚ ମାୟୟା ପରିକଳ୍ପିତଂ । ୧୫ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଅତ୍ମଜ୍ଞାନକଥନଂ ।

ଯେକାଳେ ହୋଇଯାଏ କ୍ଷୟ ॥ ସେ ବ୍ୟକ୍ତି ଜୀବନ୍ତ ଦଶାରେ । ଅମରତା ଲଭେ ସଂସାରେ ॥
ତାହାକୁ ଜୀବନ୍ମୁକ୍ତ କହି । ଅନ୍ତେ ସେ ବ୍ରହ୍ମେ ଯାଏ ରହି । ୧୨ । ପରମବ୍ରହ୍ମ ସର୍ବବ୍ୟାପୀ ।
ଗତି ନ ସମ୍ଭବେ କଦାପି ॥ ସେ ଯେଣୁ ଅନନ୍ତ ଈଶ୍ୱର । ନାହିଁ ତାହାର ଦେଶାନ୍ତର ॥
ଯେମୂର୍ତ୍ତିହୀନ ତାର ଗତି । କିରୂପେ ହେବ ତା ଯୁକତି ? ।୧୩। ଅଦ୍ୱୟ ପରଂବ୍ରହ୍ମ ଯେଣୁ ।
ତା ବିନା ଅନ୍ୟ ନାହିଁ ତେଣୁ ॥ ସେ ପୂର୍ଣ୍ଣବୋଧ ଅଦ୍ୱିତୀୟ । ତେଣୁ ସେ ଅଟନ୍ତି ନିଷ୍କ୍ରିୟ ॥
ଇଦେଣୀ ଏକବସ୍ତୁ ସତ । ନ ହୁଏ ଅନ୍ୟର ସଂସ୍ଥିତ ? ।୧୪। ଅବା ଆକାଶ-କଳ୍ପଗତି ।
ହୁଏ ଆକାଶର ସଂସ୍ଥିତି ॥ ଜାଗ୍ରତ ସ୍ୱପ୍ନ ଓ ସୁଷୁପ୍ତି । ମାୟାରେ କଳ୍ପିତ ଅଟନ୍ତି । ୧୫ ।

ଦ୍ୱାଦଶ ପଞ୍ଜରିକା ସ୍ତୋତ୍ରମ୍

ମୂଢ଼ ଜହୀହି ଧନାଗମ ତୃଷ୍ଣାଂ, କୁରୁ ସଦ୍‌ବୁଦ୍ଧିଂ ମନସି ବିତୃଷ୍ଣାଂ ।
ଯଲ୍ଲଭସେ ନିଜ କର୍ମୋପାତ୍ତଂ, ବିତ୍ତଂ ତେନ ବିନୋଦୟ ଚିତ୍ତଂ । ୧ ।

ଅର୍ଥମନର୍ଥଂ ଭାବୟ ନିତ୍ୟଂ, ନାସ୍ତି ତତଃ ସୁଖଲେଶଃ ସତ୍ୟମ୍ ।
ପୁତ୍ରାଦପି ଧନଭାଜ୍ୟଂ ଭୀତିଃ, ସର୍ବତ୍ରୈଷ ବିହିତା ରୀତିଃ । ୨ ।

କା ତେ କାନ୍ତା କସ୍ତେ ପୁତ୍ରଃ, ସଂସାରୋଽୟମତୀବ ବିଚିତ୍ରଃ ।
କସ୍ୟ ତ୍ୱଂ ବା କୁତ ଆୟାତ ସ୍ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ । ୩ ।

ମାଂକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳଃ ସର୍ବଂ ।
ମାୟାମୟ ମିଦମଖିଳଂ ହିତ୍ୱା, ବ୍ରହ୍ମ ପଦ ପ୍ରବିଶାଶୁ ବିଦିତ୍ୱା । ୪ ।

କାମଂକ୍ରୋଧଂ ଲୋଭଂ ମୋହଂ, ତ୍ୟକ୍ତ୍ୱାତ୍ମାନଂ, ଭାବୟ କୋଽହଂ
ଆତ୍ମଜ୍ଞାନ ବିହୀନା ମୂଢ଼ା ସ୍ତେ ପଚ୍ୟନ୍ତେ ନରକେ ନିଗୂଢ଼ାଃ । ୫ ।

ସୁର ବର ମନ୍ଦିର ତରୁତଳ ବାସଃ, ଶଯ୍ୟା ଭୂତଳ ମଜିନଂ ବାସଃ ।
ସର୍ବ ପରିଗ୍ରହ ଭୋଗ ତ୍ୟାଗଃ, କସ୍ୟ ସୁଖଂ ନକରୋତି ବିରାଗଃ । ୬ ।

ଦ୍ୱାଦଶ ପଞ୍ଜରିକା ସ୍ତୋତ୍ର

ରେ ମୂଢ଼, ଧନ ଆଶା ତେଜ । ମନରେ ବିତୃଷ୍ଣାକୁ ଭଜ ॥
ନିଜ କରମ ଉପାର୍ଜିତ । ବିତ୍ତରେ ସୁଖୀ କର ଚିତ୍ତ । ୧ ।
ଅର୍ଥଟି ସର୍ବଦା ଅନର୍ଥ । ଏଥିରେ ସୁଖ ନାହିଁ ସତ୍ୟ ।
ଧନୀକ ପୁତ୍ରେ କରେ ଭୀତି । ଏହିତ ସଂସାର ରୀତି । ୨ ।
କିଏ ତୋ କାନ୍ତା କେବା ପୁତ୍ର । ସଂସାର ଅଟେ ଅଦଭୁତ ।
ତୁ ବା କାହାର କେଉଁଠାର । ହେ ଭାଇ ତତ୍ତ୍ୱ ଚିନ୍ତାକର । ୩ ।
ଧନ ଜନ ଯୌବନ ଗର୍ବ । ନ କର, କାଳ ହରେ ସର୍ବ ।
ଅଖିଳ ଦୃଷ୍ଟ ମାୟାମୟ । ବ୍ରହ୍ମ ପଦେ ନିଅ ଆଶ୍ରୟ । ୪ ।
କାମ କ୍ରୋଧ ମୋହ ଲୋଭଟା । ତେଜି, ତୁ କିଏ କର ଚିନ୍ତା ।
ଆତ୍ମଜ୍ଞାନ ବିହୀନ ମୂଢ଼େ । ପଡ଼ନ୍ତି ନରକ ନିଗୂଢ଼େ । ୫ ।
ଦେବ ମନ୍ଦିର-ତରୁତଳେ । ନିବାସ ଶୟନ ଭୂତଳେ ।
ଅଜୀନ-ବସ୍ତ୍ର[୧] ଭୋଗତ୍ୟାଗୀ । କା ସୁଖ ନ ଲଭେ ବୈରାଗୀ । ୬ ।

---

୧ ଚର୍ମ ପରିଧାନ କରି

ଶତ୍ରୌ, ମିତ୍ରେ ପୁତ୍ରେ ବନ୍ଧୌ, ମା କୁରୁ ଯତ୍ନଂ ବିଗ୍ରହସନ୍ଧୌ ।
ଭବ ସମଚିତ୍ତଃ ସର୍ବତ୍ର ତ୍ୱଂ, ବାଞ୍ଛସ୍ୟଚିରାଦ୍ ଯଦି ବିଷ୍ଣୁତ୍ୱଂ । ୭
ତ୍ୱୟି ମୟି ଚାନ୍ୟତ୍ରୈକୋ ବିଷ୍ଣୁର୍ବ୍ୟର୍ଥଂ କୁପ୍ୟସି ମୟ୍ୟସହିଷ୍ଣୁଃ ।
ସର୍ବସ୍ମିନ୍ନପି ପଶ୍ୟାତ୍ମାନଂ, ସର୍ବତ୍ରୋତ୍ସୃଜ ଭେଦଜ୍ଞାନଂ । ୮ ।
ପ୍ରାଣାୟାମଂ ପ୍ରତ୍ୟାହାରଂ, ନିତ୍ୟାନିତ୍ୟଂ ବିବେକ ବିଚାରଂ ।
ଜାପ୍ୟ ସମେତ ସମାଧି ବିଧାନଂ, କୁର୍ବବଧାନ ମହଦବଧାନଂ । ୯ ।
ନଳିନୀ ଦଳଗତ ସଲିଳଂ ତରଳଂ, ତଦ୍ବଜ୍ଜୀବନମତିଶୟ ଚପଳଂ ।
ବିଦ୍ଧି ବ୍ୟାଧ୍ୟଭିମାନ ଗ୍ରସ୍ତଂ, ଲୋକଂ ଶୋକହତଞ୍ଚ ସମସ୍ତଂ । ୧୦ ।
କାତେଽଷ୍ଟାଦଶ ଦେଶେ ଚିନ୍ତା, ବାତୁଳ ତବ କିଂ ନାସ୍ତି ନିୟନ୍ତା ।
ଯସ୍ତ୍ୱାଂ ହସ୍ତେ ସୁଦୃଢ଼ନିବଦ୍ଧଂ, ବୋଧୟତି ପ୍ରଭବାଦି ବିରୁଦ୍ଧଂ । ୧୧ ।
ଗୁରୁ ଚରଣାମ୍ବୁଜ ନିର୍ଭର ଭକ୍ତଃ, ସଂସାରାଦଚିରାଦ୍ଭବ ମୁକ୍ତଃ ।
ଇନ୍ଦ୍ରିୟ ମାନସ ନିୟମାଦେବଂ, ଦ୍ରକ୍ଷ୍ୟସି ନିଜ ହୃଦୟସ୍ଥଂ ଦେବଂ । ୧୨ ।
ଦ୍ୱାଦଶ ପଞ୍ଜରିକାମୟ ଏଷଃ, ଶିଷ୍ୟାଣାଂ କଥିତୋହ୍ୟୁପଦେଶଃ ।
ଯେଷାଂ ଚିତ୍ତେ ନୈବ ବିବେକସ୍ତେ ପଚ୍ୟନ୍ତେ ନରକ ମନେକଂ । ୧୩ ।

ଇତି ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଦ୍ୱାଦଶ ପଞ୍ଜରିକା ସ୍ତୋତ୍ରଂ ।

ଶତ୍ରୁ ମିତ୍ର ବନ୍ଧୁ ତନୟେ । ନ କର ଦ୍ୱେଷ ବା ପ୍ରଣୟେ ।
ସର୍ବତ୍ର ହୁଅ ସମଚିତ୍ତ । ବିଷ୍ଣୁତ୍ୱ ଯଦି ତୋ ବାଞ୍ଛିତ । ୭ ।
ମୋଠି ତୋଠାରେ ଅନ୍ୟ ବିଷ୍ଣୁ । ବୃଥା କୋପୁଛ ଅସହିଷ୍ଣୁ ।
ସଭିଙ୍କୁ ନିଜର ସମାନ । ଦେଖ ହେ ତେଜ ଭେଦ ଜ୍ଞାନ । ୮ ।
ପ୍ରାଣାୟାମ ଯେ ପ୍ରତ୍ୟାହାର । ନିତ୍ୟାନିତ୍ୟ ଜ୍ଞାନ ବିଚାର ।
ଜପିଣ ସମାଧି ବିଧାନ । ଯତନେ କର ଅନୁଷ୍ଠାନ । ୯ ।
ଚଞ୍ଚଳ ପଦ୍ମ ପତ୍ରେ ଜଳ । ସେପରି ଏ ପ୍ରାଣ ଚପଳ ।
ବ୍ୟାଧି ଯେ ଅଭିମାନ ଶୋକ । ଗ୍ରାସିଛି ଏ ସମସ୍ତ ଲୋକ । ୧୦
କିପାଇଁ ନାନାବିଧ ଚିନ୍ତା । ବାଇ, ତୋ' ନାହିଁ କି ନିୟନ୍ତା ?
ବନ୍ଧା ତୁ ସୁଦୃଢ଼େ ଯା ହସ୍ତେ । ବୋଧିବେ ସେହୁ ଜାତି ଗତେ । ୧୧ ।
ଶ୍ରୀଗୁରୁ ପାଦେ ଆଶ୍ରାକର । ସଂସାରୁ ଯାଅ ବେଗେ ତରି ।
ସଂଯମେ ଇନ୍ଦ୍ରିୟ ମନକୁ । ଦେଖିବ ସ୍ୱହୃଦ ଦେବଙ୍କୁ । ୧୨ ।
ଦ୍ୱାଦଶ ପଞ୍ଜରିକା ସ୍ତୋତ୍ରେ । ଶିଷ୍ୟଙ୍କୁ ଉପଦେଶ ସୂତ୍ରେ ।
ଚିତ୍ତଲ ନୋହିଲେ ବିବେକ । ଭୋଗିବ ନରକ ଅନେକ । ୧୩ ।

ଶିବଭୁଜଙ୍ଗ ପ୍ରୟାତ ସ୍ତୋତ୍ରମ୍ । *

(୧)

ଶିବଂ ଶଙ୍କରଂ ଭୈରବଂ ଭୂତନାଥଂ ଭବଂ ଭୁକ୍ତିଦଂ ଭୁମିଦଂ ଭସ୍ମଭୂଷଂ ।
ହରଂ ହାରକଂ ତାରକଂ କଳ୍ପସିନ୍ଧୁଂ ଭଜେଽହଂ ସଦା ପାର୍ବତୀ ପ୍ରାଣନାଥମ୍ ।।

(୨)

ଶିବଂ ଶୁଦ୍ଧଭସ୍ମଂ ଶୁଭସ୍ନଂ ସୁଦ୍ରଷ୍ଟଂ ଶିବଂ ଶୁକ୍ଳକେଶଂ ସ୍ୱଚନ୍ଦ୍ରାବତଂସଂ ।
ଶିବଂ ନାଗପାଶଂ ଦାରିଦ୍ର୍ୟବିନାଶଂ ଭଜେଽହଂ ସଦା ପାର୍ବତୀ ପ୍ରାଣନାଥମ୍ ।

(୩)

ଶିବଂ ଦାନଦଂ ମାନଦଂ ମାନଶୀଳଂ ଶିବଂ କର୍ମ୍ମଦଂ ଧର୍ମ୍ମଦଂ ଧର୍ମସାରଂ ।
ଶିବଂ ବୁଦ୍ଧିଦଂ ସିଦ୍ଧିଦଂ ସିଦ୍ଧିମୂଲଂ ଭଜେଽହଂ ସଦା ପାର୍ବତୀ ପ୍ରାଣନାଥମ୍ ।।

(୪)

ଶିବଂ ଚନ୍ଦ୍ରଭାଳଂ ଗଳେ ମୁଣ୍ଡମାଳଂ ତନୁ ସର୍ପଜାଲଂ କରେ ମୃକପୋଲଂ
ଶିବଂ ଭୁକ୍ତିଦଂ ଭୁମିଦଂ ଶୀକରାଭଂ ଭଜେଽହଂ ସଦା ପାର୍ବତୀ ପ୍ରାଣନାଥମ୍ ।।

(୫)

ଶିବଂ ବାମଦେବଂ ଭବାବ୍ଧ୍ୟମ୍ବୁବାହଂ ଶିବଂ ନାଗହାରଂ ପିନାକପ୍ରହାରଂ ।
ଶିବଂ ଦୁଃଖ ଦାରିଦ୍ର୍ୟ ବିଧ୍ୱଂ ସହାରଂ ଭଜେଽହଂ ସଦା ପାର୍ବତୀ ପ୍ରାଣନାଥମ୍ ।।

---

* ଏହା ମୁଁ ଯୌବନର ପ୍ରାକ୍‌କାଳରେ ତାଳପତ୍ର ପୋଥିରୁ ମୁଖସ୍ଥ କରି ପ୍ରତ୍ୟହ ୨ଥର ପାଠ କରୁଥିଲି । ଶୁଣି ଶୁଣି ତାହା ମୋର ସ୍ତ୍ରୀଙ୍କ ମୁଖସ୍ଥ ହୋଇଯାଇଥିଲା । ଉକ୍ତ ପୋଥି ଖଣ୍ଡିକ ବନ୍ୟାକାଳରୁ ଆଉ ପାଖେ ନାହିଁ । ବାର୍ଦ୍ଧକ୍ୟ ଓ ଅନଭ୍ୟାସ ନିବନ୍ଧନ ସେଥିର କେତେକ ବିଶୁଦ୍ଧ ଶ୍ଳୋକ ବର୍ତ୍ତମାନ ଭୁଲିଗଲିଣି । କେତେକ ବା ସେମ ବିଲୋମ ହୋଇ ଯାଇଛି । ମୋର ସ୍ତ୍ରୀ ତ ଏବେ ମୋ ଅପେକ୍ଷା ବେଶୀ ପାସୋରି ଦେଲେଣି । ସେ ଯାହାହେଉ ଉକ୍ତ ସ୍ତୋତ୍ରଟି ମୋତେ ଏହି ଗ୍ରନ୍ଥାବଳୀ ଅନୁବାଦରେ ସହାୟକ ଥିଲା ଏବଂ ସେଥିପାଇଁ ମୋର ସ୍ତ୍ରୀଙ୍କ କଣ୍ଠ ମୁଖ୍ୟତଃ ଦାୟୀ ।

(୬)

ଶିବ ଶୂଳୀନଂ ଚାଟୀନଂ ଦଣ୍ଡହସ୍ତଂ ଶିବ ଖଡ୍ଗଖଟ୍ୱାପାଶହସ୍ତଂ ପ୍ରକର୍ଷଂ ।
ଶିବ ସାଧୁବାଦଂ ପ୍ରସଙ୍ଗଂ ପ୍ରସନ୍ନଂ ଭଜେହଂ ସଦା ପାର୍ବତୀ ପ୍ରାଣନାଥମ୍ ॥

(୭)

ଶିବଂ କାଳକାଳଂ କରାଳଂ ବିଶାଳଂ ଶିବଂ ବିଶ୍ୱପାଳଂ ରସଜ୍ଞଂ ରସାଳଂ ।
ଶିବଂ ପାର୍ବତୀ ବଲ୍ଲଭଂ ଦେବପାଳଂ ଭଜେହଂ ସଦା ପାର୍ବତୀ ପ୍ରାଣନାଥମ୍ ॥

(୮)

ଭୁଜଙ୍ଗ ପ୍ରୟାତେ ଶିବଂ ସ୍ତୋତ୍ରମେତଦ୍‌ତ୍ରିସନ୍ଧ୍ୟା ପଠେତ୍ ଯଃ ସମାଧାନ ଶକ୍ତଂ ।
ଭବେତ୍ ଦୃଶ୍ୟତାଂ ସଚ୍ଚିଦାନନ୍ଦଯୁକ୍ତଂ ଭଜେହଂ ସଦା ପାର୍ବତୀ ପ୍ରାଣନାଥମ୍ ॥
ଶ୍ରୀମଚ୍ଛଙ୍କରାଚାର୍ଯ୍ୟ ବିରଚିତଂ ଶିବଭୁଜଙ୍ଗ ପ୍ରୟାତ ସ୍ତୋତ୍ରମ୍ ।

ସ ମା ପ୍ତ ।

ମୁଦ୍ରାକର—ମହମ୍ମଦ ଅବ୍ଦୁଲ ହାଦ, ଲକ୍ଷ୍ମୀନାରାୟଣ ପ୍ରେସ, କଟକ—୧